# ଗୋଧର ଗ୍ରନ୍ଥାଳୀ

odia.org

ଗୋଧର ଗ୍ରନ୍ଥାଳୀ

# ଗଙ୍ଗାଧର ଗ୍ରନ୍ଥାବଳୀ

୰ ଗଙ୍ଗାଧର ମେହେର

ପରିମାର୍ଜିତ ଦ୍ୱିତୀୟ ସଂସ୍କରଣ

ପ୍ରକାଶକ :—

ବ୍ରହ୍ମପୁର : କଟକ : ସମ୍ବଲପୁର

ମୂଲ୍ୟ ଟ ୮। (ଟ ୮.୫୦ ନୂଆ ପଇସା)

ବନ୍ଧାଇ ଟ ୧୦ (ଦଶ ଟଙ୍କା)

EXTRA 25%.

ତୃତୀୟ ମୁଦ୍ରଣ—୧୯୬୧

ମୁଦ୍ରାକର :—

ଶ୍ରୀ ଉପେନ୍ଦ୍ରନାଥ ବେହେରା

ସତ୍ୟବାଦୀ ପ୍ରେସ୍, କଟକ-୧

୧୯୬୧

# ସୂଚିପତ୍ର


| ବିଷୟ | ପୃଷ୍ଠା |
|---|---|
| ମେହେରଙ୍କ ମହତ୍ତ୍ୱ | |
| ମେହେରଙ୍କ ସଂକ୍ଷିପ୍ତ ଜୀବନଚରିତ | |
| ତପସ୍ୱିନୀ ... ... | ୧ |
| ପ୍ରଣୟ-ବଲ୍ଲରୀ ... ... | ୬୩ |
| କୀଚକ ବଧ ... ... | ୧୨୯ |
| ଇନ୍ଦୁମତୀ ... ... | ୧୬୫ |
| ଉତ୍କଳ-ଲକ୍ଷ୍ମୀ ... ... | ୧୯୧ |
| ଅଯୋଧ୍ୟା ଦୃଶ୍ୟ ... ... | ୨୦୯ |
| କବିତା କଲ୍ଲୋଳ ... ... | ୨୭୧ |
| ଅର୍ଘ୍ୟଥାଳୀ ... ... | ୨୮୯ |
| ଅହଲ୍ୟା ସ୍ତବ ... ... | ୨୯୬ |
| ମହିମା ... ... | ୩୦୨ |
| ଭାରତୀ ଭାବନା ... ... | ୩୦୬ |
| କୁମାର ଜନ୍ମୋତ୍ସବ ... ... | ୩୦୯ |
| ଭକ୍ତି ଉପହାର ... ... | ୩୧୩ |
| ପଦ୍ମିନୀ ... ... | ୩୧୯ |
| କବିତାମାଳା ... ... | ୩୩୯ |
| କୃଷକ ସଙ୍ଗୀତ ... ... | ୩୬୫ |
| ଗଦ୍ୟ ରଚନାବଳୀ— | |
| ଆତ୍ମଜୀବନୀ ... ... | ୪୦୯ |
| ଶ୍ରୀ ନୃପରାଜ ସିଂହ ... ... | ୪୧୬ |
| ସୁପ୍ରସିଦ୍ଧ ଫକୀରମୋହନ ... ... | ୪୩୧ |
| ସ୍ୱର୍ଗୀୟ କାଶୀନାଥ ପଣ୍ଡା ... ... | ୪୩୪ |
| ଏଡ଼ା କି ପୃଥିବୀର ଶବ ... ... | ୪୩୭ |
| ଶିକ୍ଷିତ, ଅଶିକ୍ଷିତ ଓ ଶିକ୍ଷାଭିମାନୀ ... ... | ୪୩୯ |
| ପରିଶିଷ୍ଟ— | |
| ବିରହବ୍ୟଥିତ ପ୍ରାଣ ... ... | ୪୪୫ |
| ସ୍ୱତବାଦୀମାନର ନବ ବର୍ଷୋତ୍ସବରେ ଲିଖିତ ... | ୪୪୬ |
| ପ୍ରବାରମ୍ଭ ... ... | ୪୪୯ |



ସ୍ୱଭାବକବି ସ୍ୱର୍ଗୀୟ ଗଙ୍ଗାଧର ମେହେର

# ପ୍ରଥମ ସଂସ୍କରଣର ଭୂମିକା

ପିତୃଦେବଙ୍କ ମହାପ୍ରୟାଣର ସୁଦୀର୍ଘ ଛବିଶ ବର୍ଷ ପରେ ଆଜି ତାଙ୍କ ରଚିତ ରଚନାରାଜି ସୁନ୍ଦର କଳେବର ଧାରଣ କରି "ଗଙ୍ଗାଧର-ଗ୍ରନ୍ଥାବଳୀ"ରୂପେ ପ୍ରକାଶିତ ହେଲା ! ଏଥିପାଇଁ ଆମ୍ଭମାନଙ୍କୁ ଦୁରନ୍ତ ଚିନ୍ତାର ଶରବ୍ୟ ହୋଇ ବହୁକାଳ ଯାବତ୍ କିଂକର୍ତ୍ତବ୍ୟବିମୂଢ଼ ଅବସ୍ଥାରେ ରହିବାକୁ ପଡ଼ିଥିଲା । କାଳକ୍ରମେ ସମୟର ଗତି-ସ୍ରୋତରେ ସମସ୍ତ ବାଧାବିଘ୍ନ ଅପସୃତ ହୋଇ ଆଶାର ଉଜ୍ଜ୍ୱଳ ଆଲୋକରେଖା ସହସା ଆମ୍ଭମାନଙ୍କର ଦୃଷ୍ଟିଗୋଚର ହେଲା । ବର୍ତ୍ତମାନ ସେହି ଦିବ୍ୟପୁରୁଷର ପୁଣ୍ୟ ପ୍ରଭାବରେ ଗ୍ରନ୍ଥାବଳୀର ପ୍ରକାଶ-ପଥ ସୁଗମ ହୋଇଅଛି ।

ଦୁର୍ଭାଗ୍ୟର ବିଷୟ, ମୋର ପରମପୂଜ୍ୟ ପିତୃଦେବ ଆଜି ଇହଜଗତରେ ନାହାନ୍ତି । ତାଙ୍କ ଜୀବଦ୍ଦଶାରେ ଏହି କାର୍ଯ୍ୟ ସମ୍ପନ୍ନ ହୋଇଥିଲେ ଏହା ଆହୁରି ମହନୀୟ ତଥା ଗୌରବମୟ ହୋଇଥାନ୍ତା ଓ ସେ ସ୍ୱୀୟ ଅବଦାନନିଚୟର ଏକତ୍ର ସମାବେଶ ଦେଖି ନିଶ୍ଚୟ ଖୁସି ହୋଇଥାନ୍ତେ; କିନ୍ତୁ ହାୟ ! ବିଧିନିର୍ବନ୍ଧ ଜନିତ ଥିବାରୁ ସେ ସେହି ଗୁରୁ-ଦାୟିତ୍ୱ ମୋ ଉପରେ ଅର୍ପଣ କରି ଚାଲିଯାଇଅଛନ୍ତି । ସୁତରାଂ ତାଙ୍କ ଆଶୀର୍ବାଦ ଘେନି ଇଦାନୀଂ ମୁଁ ଗ୍ରନ୍ଥାବଳୀ ପ୍ରକାଶ-ଭାର ବହନ କରି ନିଜକୁ କୃତାର୍ଥ ବୋଧ କରୁଅଛି । ଏହା ମୋ ପରି ଅକ୍ଷମ ବ୍ୟକ୍ତି ପକ୍ଷରେ ଅବଶ୍ୟ ଦୁରୂହ ବ୍ୟାପାର ବୋଲିବାକୁ ହେବ ! ତଥାପି ପିତୃ-ପ୍ରସାଦରେ ତାଙ୍କ ଦତ୍ତ ଦାୟିତ୍ୱ ତୁଲାଇବାକୁ ଯଥାସାଧ୍ୟ ଯତ୍ନ କରିଅଛି । ଆଶାକରେଁ, ଏଥିରେ ମୋର ଯାହା କିଛି ତ୍ରୁଟିବିଚ୍ୟୁତି ପରିଲକ୍ଷିତ ହେବ, ସହୃଦୟ ସଜ୍ଜନବୃନ୍ଦ ନିଜ ଉଦାର-ଗୁଣରେ ମାର୍ଜନା କରିବା ହେବେ ।

ଗ୍ରନ୍ଥାବଳୀ ପ୍ରକାଶର ଶୁଭ ସଙ୍କଳ୍ପ ସର୍ବପ୍ରଥମେ ବୋଣ୍ଡାସମ୍ବର ଦେବାନ ସାହେବ ଅନିରୁଦ୍ଧ ମିଶ୍ର, ଏମ୍. ଏ., ବି. ଏଲ୍. ମହାଶୟଙ୍କ ମନରେ ଉଦିତ ହୋଇ ତାହା ସମ୍ବଲପୁରର ତତ୍କାଳୀନ ଡେପୁଟି କମିଶନର ଅମରସତା ଏମ୍. ଅଜଫର, ଆଇ. ସି. ଏସ୍. ଙ୍କ ନିକଟରେ ପ୍ରକଟିତ ହୋଇଥିଲା । ଉକ୍ତ ମହୋଦୟ ଭିନ୍ନ ଭାଷାଭାଷୀ ଓ ପ୍ରଦେଶାନ୍ତରବାସୀ ହୋଇଥିଲେ ସୁଦ୍ଧା ଗ୍ରନ୍ଥାବଳୀ ପ୍ରକାଶର ଅପରିହାର୍ଯ୍ୟ ଆବଶ୍ୟକତା ହୃଦୟଙ୍ଗମ କରି ଏକକାଳୀନ ପାଞ୍ଚଶତ ମୁଦ୍ରା ପ୍ରଦାନପୂର୍ବକ ତହିଁର ମୂଳଭିତ୍ତି ସ୍ଥାପନ କରିଥିବାରୁ ସେ ଆମ୍ଭମାନଙ୍କ ଚିରସ୍ମରଣୀୟ ହୋଇଅଛନ୍ତି । ତତ୍ପରେ ତଦାସୀ ପଦାଧିଷ୍ଠିତ ମହାଶୟ ଡ. ରାମନାଥନ୍, ଆଇ. ସି. ଏସ୍. ମହୋଦୟ ଉକ୍ତ କାର୍ଯ୍ୟର

ବଂଶବାତ୍ସଲ୍ୟ ଦୃଷ୍ଟିରେ ଆଉ ପାଞ୍ଚଶହ ଟଙ୍କା ପ୍ରଦାନ କରି ସ୍ୱକୀୟ ମହାପ୍ରାଣତାର ପରିଚୟ ଦେଇ ସାରିଅଛନ୍ତି । ଏହାପରେ ପିତୃଦେବଙ୍କ ପ୍ରକୃତ ଗୁଣପୂଜକ, ଗୁଣଗ୍ରାହୀ ବୋଡ଼ାସମ୍ବର ରାଜବଂଶର ଆନନ୍ଦ-ପ୍ରତିମ-ନନ୍ଦନ ଟିକାୟତ ଶ୍ରୀ ସଦାନନ୍ଦ ସିଂହ ମହୋଦୟ ସ୍ୱୀୟ ପିତୃପ୍ରତିଷ୍ଠାର ଅଭିବୃଦ୍ଧି କଳ୍ପେ ଉଦାରଭାବରେ ତନ୍ନିମିତ୍ତ ଦୁଇ ସହସ୍ର ମୁଦ୍ରା ଦାନ କରି ଅଶେଷ ପ୍ରଶଂସାଭାଜନ ହୋଇଅଛନ୍ତି ଏବଂ ତତ୍କାଳୀନ ବରଗଡ଼ ସବ୍‌ଡିଭିଜନାଲ୍ ଅଫିସର ଶ୍ରୀଯୁକ୍ତ ଦୁର୍ଗାଚରଣ ରାୟ, ବି. ଏ. ତିନି ଶତ ଟଙ୍କା ପ୍ରଦାନ କରି ସ୍ୱୀୟ ମହତ୍ତ୍ୱ ଗୁଣରେ ଆମ୍ଭମାନଙ୍କୁ ଉପକୃତ କରିଅଛନ୍ତି । ଏସବୁ ଅର୍ଥ ଗଙ୍ଗାଧର ଗ୍ରନ୍ଥାବଳୀ ଆଡ୍‌ଭାଇଜରୀ କମିଟି କର୍ତ୍ତୃକ ଅନୁମତ ହୋଇ ଗ୍ରନ୍ଥାବଳୀ ପ୍ରକାଶାର୍ଥ ମୋ ହସ୍ତରେ ଅର୍ପିତ ହୋଇଅଛି । ଏଥିପାଇଁ ଉକ୍ତ ସାଧୁହୃଦୟ ବ୍ୟକ୍ତିବର୍ଗଙ୍କ ଏହି ତ୍ୟାଗମୂଳ ମନୋବୃତ୍ତିକୁ ମୁଁ ଆନ୍ତରିକ ଅଭିନନ୍ଦନ କରୁଅଛି ।

କହିବା ବାହୁଲ୍ୟ ଯେ ପିତୃଦେବଙ୍କ ଆଦର୍ଶଗୁଣାନୁରକ୍ତ ଭକ୍ତ ଓ ତାଙ୍କ ସ୍ମୃତିପୂଜାର ପ୍ରବର୍ତ୍ତକ ମୋର ଚିରମଙ୍ଗଳୈଷୀ ସୁହୃଦ୍ ପଣ୍ଡିତ ଶ୍ରୀ ମାଧବ ମିଶ୍ର (‘ମେହେର ଜୀବ’, ‘କୃଷ୍ଣ ଭକ୍ତିରସାମୃତ’, ‘ବାଳଭକ୍ତି’ ଆଦି ଗ୍ରନ୍ଥର ପ୍ରଣେତା, ବରପାଲି ହାଇ ସ୍କୁଲ ଶିକ୍ଷକ) ମହୋଦୟ ଉକ୍ତ କମିଟିର ସମ୍ପାଦକ ଭାବରେ ଗ୍ରନ୍ଥାବଳୀ ପ୍ରକାଶ ବିଷୟରେ ପ୍ରଭୂତ ପ୍ରୟାସ କରି ଚିର ଧନ୍ୟବାଦାର୍ହ ହୋଇଅଛନ୍ତି । ଏ କ୍ଷେତ୍ରରେ ଆହୁରି ମଧ୍ୟ ଉଲ୍ଲେଖଯୋଗ୍ୟ ଯେ ପ୍ରାକ୍ତନ ପୂର୍ତ୍ତବିଭାଗ ମନ୍ତ୍ରୀ ମାନ୍ୟବର ଶ୍ରୀଯୁକ୍ତ ରଣଜିତ୍ ସିଂହ ବରିହା ମହୋଦୟ ଗ୍ରନ୍ଥାବଳୀର ମୁଦ୍ରଣ ବ୍ୟୟ ସକାଶେ ପାଞ୍ଚ ଶହ ଟଙ୍କା ପ୍ରଦାନ କରିଥିବାରୁ ତାଙ୍କ ନିକଟରେ ମୁଁ ସଭକ୍ତି କୃତଜ୍ଞତା ନିବେଦନ କରୁଅଛି । ଏହାଛଡ଼ା ବୋଡ଼ାସମ୍ବରର ବର୍ତ୍ତମାନ ଯୁବରାଜ ଶ୍ରୀ ଭଞ୍ଜମାଦିତ୍ୟ ସିଂହ, ଅନରାରୀ ମାଜିଷ୍ଟ୍ରେଟ୍, ଭୂତପୂର୍ବ ଓ୍ୱାର୍ଡସ୍ ଡେପୁଟି କଲେକ୍ଟର ବାବୁ ଚନ୍ଦ୍ରନାଥ ଦାସ, ପ୍ରଶଂସିତ [illegible] ଅନନ୍ତ ମିଶ୍ର ପ୍ରମୁଖ ମହାନୁଭବ ପୃଷ୍ଠପୋଷକମାନେ ଗ୍ରନ୍ଥାବଳୀ ପ୍ରକାଶ କାର୍ଯ୍ୟରେ ଅନନ୍ୟଦୁର୍ଲଭ ଆନୁକୂଲ୍ୟ ପ୍ରଦର୍ଶନ କରିଥିବାରୁ ସେମାନଙ୍କ ପ୍ରତି ଆନ୍ତରିକ ଶ୍ରଦ୍ଧା, ସମ୍ମାନ ନିବେଦନ କରୁଅଛି ।

ଏଥି ସହିତ ଏହା ମଧ୍ୟ ମୁକ୍ତକଣ୍ଠରେ ସ୍ୱୀକାର କରୁଅଛି ଯେ ପିତୃଦେବଙ୍କ ପ୍ରତିଭାର ଭବ୍ୟ-ଉପାସକ ପଣ୍ଡିତ ଶ୍ରୀ ଲକ୍ଷ୍ମୀନାରାୟଣ ମିଶ୍ର, ଏମ୍. ଏଲ୍. ଏ. ତଥା ମୋର ସହୋଦରପ୍ରତିମ ବାବୁ ଲିଙ୍ଗରାଜ ମେହେର ଏ ସମ୍ପର୍କରେ ଯଥେଷ୍ଟ ସହାନୁଭୂତି ଦେଖାଇ ସେମାନଙ୍କ ସୌଜନ୍ୟତାରେ ମୋତେ ମୁଗ୍ଧ କରିଅଛନ୍ତି ।

ମୋର କଲ୍ୟାଣକାମୀ ବାବୁ ନବୀନକୁମାର ସାହୁ, ଏମ୍. ଏ. ( ଭୂତପୂର୍ବ କଟକ ରେଭେନ୍ସା କଲେଜର ଅଧ୍ୟାପକ ), ବାବୁ ଦେବାର୍ଚ୍ଚନ ବେହେରା, ଏମ୍. ଏ. ଓ ବାବୁ ଜଗନ୍ନାଥ ଗର୍ଡ଼ିଆ, ବି. ଏ. ( ବରପାଲି ହାଇସ୍କୁଲର ପୂର୍ବତନ ଓ ବର୍ତ୍ତମାନ ହେଡ୍-ମାଷ୍ଟରଦ୍ୱୟ ), ପୂର୍ବ ଓ୍ୱାର୍ଡସ୍ ସୁପରିଣ୍ଟେଣ୍ଡେଣ୍ଟ ବାବୁ ଯୋଗେନ୍ଦ୍ର ଦାସ, ବାବୁ ଭଗୀରଥି

ଦୂରାହାଶ ପ୍ରମୁଖ ବନ୍ଧୁବର୍ଗ ଏହି ପ୍ରକାଶନେ ନାନାଭାବରେ ମୋତେ ସାହାଯ୍ୟ ଦାନ କରିଥିଲେ, ସେଥିପାଇଁ ସେମାନଙ୍କୁ ଓ ଗ୍ରନ୍ଥାବଳୀ ମୁଦ୍ରଣାଦି ସମ୍ପର୍କରେ ବହୁ ଶ୍ରମ ସ୍ୱୀକାର କରିଥିବାରୁ ଶ୍ରୀ ବ୍ରଜବନ୍ଧୁ ଦାସଙ୍କୁ ସାହ୍ଲାଦ କୃତଜ୍ଞତା ଜ୍ଞାପନ କରୁଅଛି ।

ପରିଶେଷରେ ପୂର୍ବୋକ୍ତ ବୋଡ଼ାସମ୍ବର ଯୁବରାଜ ମହୋଦୟ ସ୍ୱର୍ଗୀୟା ସୁବର୍ଣ୍ଣଙ୍କ ସ୍ମୃତିରକ୍ଷା ଉଦ୍ଦେଶ୍ୟରେ ଏହିରେ ଥିବା ଚିତ୍ରଗୁଡ଼ିକର ବ୍ୟୟଭାର ବହନ କରିଥିବାରୁ ତାଙ୍କ ପ୍ରତି ଆନ୍ତରିକ ସଦ୍ଭାବ-ସମ୍ଭାର ଅର୍ପଣ କରୁଅଛି ।

ଆଉ ମଧ୍ୟ ଦୁଃଖର ସହିତ ପ୍ରକାଶ କରୁଅଛି ଯେ ଗ୍ରନ୍ଥାବଳୀରେ ଯେଉଁଥିକୁ ଲେଖା ଦେବା ପାଇଁ ସୁଧୀବର୍ଗଙ୍କୁ ଉପଦେଶ ଦାଇଥିଲି, ଅର୍ଥାଭାବବଶତଃ ତାହା ଦେବାକୁ ଅକ୍ଷମ ହୋଇ ସେମାନଙ୍କୁ ସବିନୟ କ୍ଷମାଭିକ୍ଷା କରୁଅଛି ।

ବରପାଲି
ତା ୨୦ । ୩ । ୧୯୫୧

ବିନୀତ ପ୍ରକାଶକ
**ଭଗବାନ ମେହେର**

# ଦ୍ୱିତୀୟ ସଂସ୍କରଣର ଭୂମିକା

ପ୍ରକାଶ ପାଇବାର ଅଳ୍ପ କେତୋଟି ବର୍ଷ ମଧ୍ୟରେ ଗଙ୍ଗାଧର-ଗ୍ରନ୍ଥାବଳୀର ପ୍ରଥମ ସଂସ୍କରଣ ନିଃଶେଷ ହୋଇଯାଇଛି । ଗଙ୍ଗାଧରଙ୍କ କାବ୍ୟ-ପ୍ରତିଭା ଯେ ଓଡ଼ିଶାର ପାଠକପାଠିକାଙ୍କ ମନରେ ଅଶେଷ ପ୍ରଭାବ ବିସ୍ତାର କରିଛି, ଏହାହିଁ ହେଉଛି ତାର ପ୍ରମାଣ । ବର୍ତ୍ତମାନ ସେଥିପାଇଁ ଗଙ୍ଗାଧର-ଗ୍ରନ୍ଥାବଳୀର ପରିବର୍ଦ୍ଧିତ, ପରିମାର୍ଜିତ ଦ୍ୱିତୀୟ ସଂସ୍କରଣ ସୁଧୀବୃନ୍ଦ ଓ ପାଠକପାଠିକାମାନଙ୍କ ହାତରେ ତୋଳିଦେଲାବେଳେ ଆମେ ଗୌରବ ଅନୁଭବ କରୁଅଛୁଁ ।

ଓଡ଼ିଶାର ପ୍ରଖ୍ୟାତନାମା ସାହିତ୍ୟିକ ଡକ୍ଟର ମାୟାଧର ମାନସିଂହ 'ମେହେରଙ୍କ ମହତ୍ତ୍ୱ' ଶୀର୍ଷକ ଏକ ପ୍ରବନ୍ଧ ଏଥିପାଇଁ ଲେଖିଦେଇଥିବା ହେତୁ, କବିଙ୍କ ସୁଯୋଗ୍ୟ ଦାୟାଦ ଶ୍ରୀ ଭଗବାନ ମେହେର ଏହି ସଂସ୍କରଣରେ ଗଙ୍ଗାଧରଙ୍କ କେତେକ ଅପ୍ରକାଶିତ ରଚନା ସଂଯୋଜନରେ ଉଲ୍ଲେଖଯୋଗ୍ୟ ସହାୟତା କରିଥିବାରୁ ଏବଂ ଶ୍ରୀ କେଶବଚନ୍ଦ୍ର ମେହେର ଗ୍ରନ୍ଥାବଳୀକୁ ଅଧିକ ଉପାଦେୟ କରିବାକୁ କେତେକ ମୂଲ୍ୟବାନ୍ ପରାମର୍ଶ ଦେଇଥିବାରୁ ଆମେ ସେମାନଙ୍କ ନିକଟରେ କୃତଜ୍ଞ ।

ଗ୍ରନ୍ଥାବଳୀର ପ୍ରକାଶନ ଓ ମୁଦ୍ରଣ ବିଷୟରେ ଆମ ସମ୍ବଲପୁର ଶାଖାର ପରିଚାଳକ ନମା ଭାଇ ଶ୍ରୀ ଗୋପବନ୍ଧୁ ଦାସ, କଟକ ଶାଖାର ପରିଚାଳକ ଶ୍ରୀ ଗୋବର୍ଦ୍ଧନଚରଣ ପାଣି ଏବଂ ସତ୍ୟବାଦୀ ପ୍ରେସର ସହକର୍ମୀଗଣ ଅକୁଣ୍ଠିତ ସହଯୋଗ କରିଛନ୍ତି; ସେ ସମସ୍ତଙ୍କୁ ଧନ୍ୟବାଦ ଜଣାଉଛୁ ।

ଗଙ୍ଗାଧରଙ୍କ ସାହିତ୍ୟସମ୍ଭାର ଉତ୍କଳବାଣୀଭଣ୍ଡାରରେ ଅମୂଲ୍ୟ ସମ୍ପଦ । ପ୍ରଥମ ସଂସ୍କରଣ ଭଳି ଗ୍ରନ୍ଥାବଳୀର ଦ୍ୱିତୀୟ ସଂସ୍କରଣ ପାଠକପାଠିକାମାନଙ୍କୁ ଯଥାର୍ଥ ପରିବେଷଣ କରିପାରିଲେ ଆମର ଶ୍ରମ ସାର୍ଥକ ହେବ ।

ବିଜୟାଦଶମୀ

ତା ୩ । ୧୦ । ୧୯୬୧

ବିନୀତ
ଶ୍ରୀ ପୂର୍ଣ୍ଣଚନ୍ଦ୍ର ଦାସ
ଦାସ ବ୍ରଦର୍ସ
ଭୁବନେଶ୍ୱର : କଟକ : ସମ୍ବଲପୁର

# ମେହେରଙ୍କ ମହତ୍ତ୍ୱ

ଉତ୍କଳର ଗଙ୍ଗାଧର ! ଯାହା ସେ ହାତକୁ ନେଇଛନ୍ତି, ନିଜ ତୂଳିକାର ବର୍ଣ୍ଣବୈଭବରେ ତାକୁ ମହିମାନ୍ୱିତ, ମାଧୁର୍ଯ୍ୟମଣ୍ଡିତ କରି ରଖିଯାଇଅଛନ୍ତି । ସେ ପ୍ରକୃତରେ ବାଣୀ-ପଦ-ପଦ୍ମ-ବନ-ଜଳ-ରାଜହଂସ । ଦାରିଦ୍ର୍ୟର ପଙ୍କିଳ ପଲ୍ୱଳ ତାଙ୍କୁ ଆଶ୍ରା କରିବାକୁ ଯତ୍ନ କଲେହେଁ ତାଙ୍କର ସ୍ୱର୍ଗୀୟ, ନିଷ୍କାମ, ଅମଳିନ ଶୁଭ୍ରତା ସେ କେବେହେଲେ ମଉଳି ନାହାନ୍ତି ଓ ତାଙ୍କ ସୃଷ୍ଟିରେ ମଧ୍ୟ ଅମ୍ଳାନ ରହିଁ ବାଣୀପଦ କମଳଦଳର ବର୍ଣ୍ଣ ଓ ସୌରଭ, ଯାହା ଏକାଧାରରେ ଦୂର ଓ ମନୋହର । ପୁଣି ଯାହାଙ୍କ ଜୀବନର ସକଳ ଜଞ୍ଜାଳ, ସକଳ ଲାଞ୍ଛନା, ସକଳ ପ୍ରବଞ୍ଚନା ମଧ୍ୟରେ ସେହି ସୁଧାସ୍ୱାଦ ଦୁର୍ଲଭ ଅମୃତସନ୍ଧାନ, ବୃହତ୍ ଜଗତର ଅନ୍ତରାଳରେ ଯେଉଁ ସାର୍ବଭୌମ ଆନନ୍ଦର ମହିମାମୟ ଚେତନା, ଯୁଗ ଯୁଗ ଋଷି, ସାଧକ, କବି ଓ ଶିଳ୍ପୀବୃନ୍ଦ ଯାହାର ସନ୍ଧାନ ପାଇଛନ୍ତି, ତା'ର ଆସ୍ୱାଦନରୁ ସେ କେବେହେଲେ ବଞ୍ଚିତ ହୋଇ ନ ଥିଲେ । ସେଥିପାଇଁ ସିନା ଦାରିଦ୍ର୍ୟନିଷ୍ପେଷିତ କବି ଜୀବିକାର୍ଜ୍ଜନଜନିତ ଶ୍ରମରେ ବ୍ୟସ୍ତ ଥାଇ ମଧ୍ୟ ଉଦାତ୍ତକଣ୍ଠରେ ଗାଇ ପାରିଛନ୍ତି—

"ଧନ୍ୟ ଦେଖ ମଧୁ- ମୟ ରେ ଜୀବନ
ଧନ୍ୟ ଦେଖ ମଧୁମୟ,
ମଧୁର ସ୍ମରଣ କରିବ ହରଣ
ତୋ ପାପ ମରଣ ଭୟ ରେ ଜୀବନ ।

× × ×

ବିଶ୍ୱନାଥଙ୍କର କରୁଣା କନ୍ଦର
ମଧୁପୁର ଜନ୍ମସ୍ଥଳ,
ଶୁଦ୍ଧି ପରି ଗୁଣ ଉଦେ କଲେ ଜନ
ଟାଳିବୁ କଳୁଷ ଜାଲ ରେ ଜୀବନ ।
ନେନକଳନ୍ଦିଁ ତୁ ପାନ କରୁଣା ନିଧାନ
ଶ୍ରୀଅଙ୍ଗର କରିଛୁ ବାସ,
ତାଙ୍କାଙ୍କ ନିଜ ତାଙ୍କ ଶ୍ରୀପଦର
ଲଭିବ ନ ଦେବୁ ନିରାଶ ରେ ଜୀବନ ।"

ସମସ୍ତ ଓଡ଼ିଆ ସାହିତ୍ୟରେ ପାରମାର୍ଥିକ ସ୍ୱଚ୍ଛତା ଓ ସରଳତାକୁ ସମ୍ପୂର୍ଣ୍ଣରୂପେ ପାଦପାଶ୍ୱରେ ଦେଇ ବା ଉପେକ୍ଷା କରି କେଉଁ ଅନୁସନ୍ଧାନୀ କବି ଏପରି ଆନନ୍ଦର, ମଧୁମୟ ସଂବାଦ ପ୍ରଚାର କରନ୍ତି ? ଆମର ଅଧିକାଂଶଙ୍କର ଜନ୍ମସ୍ଥଳ ଦାରିଦ୍ର୍ୟର ଭଙ୍ଗାମାଟି; କିନ୍ତୁ କିଏ ଏପରି ନିଜ ଆତ୍ମାରେ ଟଙ୍କାର କୌଣସି ହେଲେ ଚନ୍ଦ୍ରବର୍ଣ୍ଣି ନ ରଖି ପ୍ରତିଷ୍ଠିତ, ଦିବ୍ୟସୁନ୍ଦର ଟଙ୍କାର ଉଜ୍ଜ୍ୱଳ ସୌରାଲୋକ ଆତ୍ମାକୁ ବୁଝିଲା ପରି ଦିବ୍ୟମୂର୍ତ୍ତିର ମୁକୁଟ ତଳେ ସଙ୍କଳିତ ହୋଇପାରନ୍ତି ?

କିନ୍ତୁ ସେହି ସ୍ୱପ୍ନଦର୍ଶୀ କବି ଏବେ ପୁଣି ଦେଶବାସୀଙ୍କୁ ଦୈନନ୍ଦିନ ଜୀବନରେ, ଗ୍ରାମରେ ଓ ନଗରରେ ପଞ୍ଚାୟତ ଶାସନର ଉପକାର ବୁଝାଇ କି ସୁନ୍ଦର ଉପଦେଶ ଦେଉଛନ୍ତି—

"ବାଛି ବାଛି ଧାର୍ମିକ ପାଞ୍ଚଜଣୁ ଜନ
ହେବ ଯହିଁ ପଞ୍ଚାୟତ ଗଠନ, ସୃଜନ,
ଶିକ୍ଷା ଦିଆଯାଉଥିବ ଶାସ୍ତ୍ରବିଧାନ
କରାଯାଉଥିବ ବାରବାର ସାବଧାନ,
ପଞ୍ଚାୟତେ ନ୍ୟସ୍ତ ହେଲେ କିଛୁ ଅଧିକାର
ଅବଶ୍ୟ ଦେଶର ହେବ ବହୁ ଉପକାର ।
ବହୁ ଅର୍ଥ ଲୋକଙ୍କର ବଞ୍ଚି ଯିବ ରହି
ନ ପାରିବ ଜାଳିଆଙ୍କ କୋପାନଳ ଦହି ।
× × ×
ଯେଉଁ ରାଜ୍ୟ ଧରମର ଦୃଷ୍ଟି ହୁଏ ନାଶ
ପାପ-ଅନାଚାର ତାକୁ କରିଦିଏ ଗ୍ରାସ ।
× × ×
ଯହିଁ ଧର୍ମ ତହିଁ ଜୟ କହେ ବେଦ ପୁରାଣ
ହେଉନାଶେ ପୁଣ୍ୟପୂର୍ଣ୍ଣ ଧର୍ମପରାୟଣ ।
× × ×
ଚଳଣର ଜନକ ଧନ, ଧନକୁ ସେ ସ୍ଥିର
ମଣନ୍ତି, ସେ କରିଥାନ୍ତି କର୍ମକୁ ବଧିର ।"

( ପଞ୍ଚାମୃତ—ଅର୍ଘ୍ୟଥାଳି )

ମନେପଡ଼େ ଇଂରେଜ କବି ଓ୍ୱାର୍ଡ୍ସ୍‌ଓ୍ୱାର୍ଥଙ୍କ ଏକ ଉପମା । କବି ଗଙ୍ଗାଧର ଇଂରେଜ କବିଙ୍କର ଭରତ ପକ୍ଷୀ ପରି ସ୍ୱର୍ଗ ଓ ମର୍ତ୍ତ୍ୟ ଏହି ଉଭୟ ସମଧର୍ମୀ ବାନ୍ଧି ସେଥିରେ ମଧୁର ସମ୍ପର୍କ ରଖିପାରିଥିଲେ । ଅବଶ୍ୟ ସ୍ୱର୍ଗ ଓ ମର୍ତ୍ତ୍ୟ ସମଧର୍ମୀ ସେହିମାନଙ୍କ ନିକଟରେ, ଯେଉଁମାନେ ସ୍କାଇଲାର୍କ ପରି ଭୂମିରେ ବସା

ବାନ୍ଧିଥିଲେ ମଧ୍ୟ ଇଚ୍ଛାମାତ୍ରେ ଉପରକୁ ଉଡ଼ିଯାଇପାରନ୍ତି—ଅଦୃଶ୍ୟ ଅନ୍ତରୀକ୍ଷର ଶାନ୍ତ, ଶୁଭ୍ର ଶାନ୍ତିମୟ ଜଗତକୁ ଏବଂ ପୁଣି ଫେରିଆସିପାରନ୍ତି ଗୃହସଂସାରର ମୂଳଦୁଆକୁ । ଗଙ୍ଗାଧର ସାମାଜିକ ମନୁଷ୍ୟ ଭାବରେ ଗରିବ, ଅର୍ଦ୍ଧଶିକ୍ଷିତ ଗ୍ରାମ୍ୟବାସୀ ଥିଲେହେଁ ଆତ୍ମାରେ ଥିଲେ ସୁସଂସ୍କୃତ ଅଭିଜାତ ! ସେଥିପାଇଁ ତାଙ୍କ ରଚନାରେ ଆମେ ତାଙ୍କ ଆର୍ଥିକ ଦାରିଦ୍ର୍ୟର କୌଣସି ଚିହ୍ନ ହିଁ ଦେଖିବାକୁ ପାଉନା । ତାହା ଦର୍ଶନ ଓ ଅନୁଭୂତିର ସୌନ୍ଦର୍ଯ୍ୟସମ୍ପଦରେ ଋଦ୍ଧିମନ୍ତ, ବାଣୀଙ୍କର ଅଦ୍ଭୁତ ଝଙ୍କାରର ସ୍ୱରମାଧୁର୍ଯ୍ୟରେ ତାହା ଏକାନ୍ତ ଶ୍ରବଣ-ସୁଖଦାୟୀ !

ଏମାନଙ୍କର କବି ରାଧାନାଥଙ୍କ ପ୍ରତିପତ୍ତିକାଳ ଭିତରେ ଜନ୍ମ ହୋଇଥିଲେ ବୋଲି ଅନ୍ୟମାନଙ୍କ ପରି ତାଙ୍କୁ ମଧ୍ୟ ରାଧାନାଥଙ୍କର ଉପଗ୍ରହ ମାତ୍ର କହିବା ଏକାନ୍ତ ଅଯୌକ୍ତିକ । ରାଧାନାଥ ଓ ଗଙ୍ଗାଧରଙ୍କ ମଧ୍ୟରେ ସାମ୍ୟ ସତ୍ତ୍ୱେ, କିନ୍ତୁ ଭିନ୍ନତା ପ୍ରଚୁର । ଦୁଇ କବି-ପ୍ରତିଭାର ଉପାଦାନ ଭିନ୍ନ ଏବଂ ତେଣୁ ବିକାଶ ମଧ୍ୟ ଭିନ୍ନ । ରାଧାନାଥ ଯଦି ଏକ ସୁଦୃଶ୍ୟ ପର୍ବତ ବୋଲି ଧରାଯାଆନ୍ତି, ଗଙ୍ଗାଧରଙ୍କୁ ତାହାରି ତଳସ୍ଥ ହ୍ରଦଜଳରେ ସେହି ପାହାଡ଼ର ପ୍ରତିବିମ୍ବ ବୋଲି ଧରାଯାଇ ନ ପାରେ । ଗଙ୍ଗାଧର ସ୍ୱତନ୍ତ୍ର ହୋଇଥିଲେ ବରଂ, ରାଧାନାଥଙ୍କ ପରି ଆଉ ଏକ ସୁଦୃଶ୍ୟ ପର୍ବତ । ବରଂ କର୍ମପ୍ରଭାବରେ ଏହି ପର୍ବତ ବହୁ ଉଚ୍ଚତମ ପର୍ବତଠାରୁ ଅଧିକ ଭକ୍ତିଭାଜନ ।

ସାହିତ୍ୟର ଇତିହାସରେ ଦେଖାଯାଇଛି ଯେ ଅପେକ୍ଷାକୃତ ନ୍ୟୂନ ପ୍ରତିଭା-ଦ୍ୱାରା ନୂତନ ସାହିତ୍ୟିକ ସମ୍ପ୍ରଦାୟଙ୍କର ପ୍ରବର୍ତ୍ତନ ହୋଇଛି; ଅଥଚ ଉଚ୍ଚତର ମୌଳିକ ପ୍ରତିଭା ପୂର୍ବଗାମୀମାନଙ୍କର ଅନୁକରଣ ଭିତରେ ହିଁ ଫୁଟିଉଠିଛି । ସେକ୍ସପିୟରଙ୍କର କୌଣସି ଶୈଳୀ ତାଙ୍କର ନିଜସ୍ୱ ନୁହେଁ । ସେ ଯାହା ଲେଖିଛନ୍ତି, ତାଙ୍କର ଠିକ୍ ପୂର୍ବରୁ ଅନ୍ୟମାନେ ପ୍ରଥମ କରି ସେସବୁ ଇଂରାଜୀ ସାହିତ୍ୟରେ ପ୍ରବର୍ତ୍ତନ କରି ଯାଇଥିଲେ । ଅସାଧାରଣ ପ୍ରତିଭା ଫଳରେ ସେକ୍ସପିୟର କିନ୍ତୁ ଯେଉଁଥିରେ ହାତ ଦେଲେ, ତାର ଉତ୍କର୍ଷ ଅନ୍ୟ ସମସ୍ତଙ୍କଠାରୁ ବଳିଯାଇଛି । ମାର୍ଲୋ ଓ ଗ୍ରୀନ୍ ନବ ପ୍ରବର୍ତ୍ତକ ସତ, କିନ୍ତୁ ପ୍ରତିଭା ହିସାବରେ ସେକ୍ସପିୟରଙ୍କଠାରୁ ବହୁତ ନ୍ୟୂନ ।

ରାଧାନାଥ ଓଡ଼ିଆ କାବ୍ୟ-ସାହିତ୍ୟରେ ନବଯୁଗର ପ୍ରବର୍ତ୍ତକ ହେଲେହେଁ ମୁଁ ମନେକରେ ଯେ ପ୍ରତିଭାର ନିଛକ୍ ମୌଳିକତାର ବିଚାରରେ ଗଙ୍ଗାଧର ଉଚ୍ଚତର ଆସନର ଯୋଗ୍ୟ । ସେ ପ୍ରତିଭା ତାର ପ୍ରକୃଷ୍ଟ ବିକାଶ ପାଇଁ ଅବକାଶ ପାଇପାରିଲାନି, ତେଣୁ ତାର ସିଦ୍ଧି ଏତେ ଅଳ୍ପ । କିନ୍ତୁ ସେଇ ସ୍ୱଳ୍ପ କୃତି ଭିତରେ ଆମେମାନେ ଉଜ୍ଜ୍ୱଳ ମୌଳିକତାର ଯେଉଁ ପରିଚୟ ପାଉ, ସେଥିରେ ମୁଗ୍ଧ ହୋଇ ଏତିକି ହିଁ କହୁଛୁ, "ଉପଯୁକ୍ତ ଭାବରେ ବର୍ଦ୍ଧିତ ହୋଇଥିଲେ ଏ ବୃକ୍ଷ ନ ଜାଣୁ କି ଫଳ ପ୍ରସବ କରିପାରିଥାନ୍ତା !"

ରାଧାନାଥ, ମଧୁସୂଦନ, ନନ୍ଦକିଶୋର ପ୍ରଭୃତି ଗଙ୍ଗାଧରଙ୍କ ସମସାମୟିକ ଲବ୍ଧପ୍ରତିଷ୍ଠ ସାହିତ୍ୟିକମାନେ ନାନା ଭାଷା, ବିଶେଷତଃ ଇଂରାଜୀ ଭାଷାରେ ସୁପଣ୍ଡିତ ଥିଲେ । ସମସ୍ତଙ୍କ ଭିତରେ ଗଙ୍ଗାଧର ଶିକ୍ଷାରେ ଓ ଧନରେ ନ୍ୟୂନତମ । ଗାଈଗୋରୁ ପାଳି ତନ୍ତ-ଚର୍ଚ୍ଚା ବିଦଯାକ କରି ଗ୍ରନ୍ଥଚର୍ଚ୍ଚା ପାଇଁ କେତେ ଅବସର ବା ମିଳନ୍ତା ? ପ୍ରତିଭାର ଅନୁର୍ବରାଭୂମି ଓଡ଼ିଶାରେ ଗଙ୍ଗାଧରଙ୍କର ପ୍ରତିଭା ସବୁଠାରୁ ଅଧିକ ଉତ୍ତମ ।

ଓଡ଼ିଆ ଭାଷାରେ ଯାହା କିଛି ପ୍ରାଚୀନ ବା ନବୀନ କାବ୍ୟକବିତା, ତାହା ହିଁ ଥିଲା ଗଙ୍ଗାଧରଙ୍କ ମାନସିକ କ୍ଷୁଧାର ପ୍ରଧାନ ଖାଦ୍ୟ । ଭଞ୍ଜ, ଅଭିମନ୍ୟୁଙ୍କ ସଙ୍ଗେ ରାଧାନାଥ ଓ ମଧୁସୂଦନଙ୍କଠାରୁ ରସ ସଞ୍ଚୟ କରି ହିଁ ତାଙ୍କର ଯାହା କିଛି ମାନସିକ ଅଭିବୃଦ୍ଧି ଘଟିଥିଲା । ତେଣୁ ତାଙ୍କର ପ୍ରତିଭା ଯାହା କିଛି ଦେଇପାରିଛି, ତାହା କେବଳ ଏହି ସଂକୀର୍ଣ୍ଣ ସୀମା ଭିତରେ ହିଁ ଆବଦ୍ଧ । ସେ ଯଦି ଉଦାରତର ଆକାଶକୁ ଉଡ଼ିବାର ଅବକାଶ ପାଇଥାନ୍ତେ, ଓଡ଼ିଆ ସାହିତ୍ୟ ଆହୁରି ବହୁଭାବରେ ତାଙ୍କଠାରେ ଋଣୀ ହୋଇଥାନ୍ତା ।

ସିନ୍ଧି ସ୍ୱଳ୍ପ ହେଲେହେଁ, ପରିସର ସଂକୀର୍ଣ୍ଣ ହେଲେହେଁ ଗଙ୍ଗାଧରଙ୍କ ପ୍ରତିଭାର ମୌଳିକତା ଫଳରେ ସେଥିରେ ଆମ୍ଭେମାନେ ଦେଖିବାକୁ ପାଉଁ ଓଡ଼ିଆ ସାହିତ୍ୟର ପ୍ରାଚୀନ ଓ ନବୀନ ଯୁଗର ଅପୂର୍ବ ସମନ୍ୱୟ । ରାଧାନାଥ ଅର୍ଥର ପ୍ରାଞ୍ଜଳତା ସଙ୍ଗେ ଉପେନ୍ଦ୍ର ଛନ୍ଦମାଧୁର୍ଯ୍ୟର ମଧୁର ମିଳନ ଘଟିଛି ମେଧାବୀଙ୍କ ଲେଖାରେ । ଶବ୍ଦଚାତୁର୍ଯ୍ୟ ଅଛି, ଅଥଚ ଅକାରଣ ଶବ୍ଦାଡ଼ମ୍ବର ନାହିଁ; ଉପମା ଉପମାନର ପ୍ରାଚୀନ ବାହୁଲ୍ୟ ଅଛି, ଅଥଚ ସେ ସମସ୍ତ ତାଙ୍କର ନିଜସ୍ୱ, ପ୍ରାଚୀନ ଲେଖନଶୈଳୀ ଭିତରେ ନବଯୁଗର ଆଦର୍ଶର ମନୋଜ୍ଞ ବିକାଶ ଏବଂ ପ୍ରାଚୀନ ଆଦର୍ଶକୁ ନବଯୁଗର ରୁଚି-ଅନୁକୂଳ କରି ପରିସ୍ଫୁଟନ, ଏ ସମସ୍ତ ଗଙ୍ଗାଧରଙ୍କ ମୌଳିକତାର ଚିହ୍ନ । ଏସବୁ ଦିଗରେ ସେ ନିଜେ ହିଁ ନିଜର ଗୁରୁ । ସୁତରାଂ ରାଧାନାଥ ତେଣୁ କବିଗୁରୁ ବୋଲି ସମ୍ମାନିତ ହେଉଥିଲେହେଁ ସମ୍ବଲପୁରୀ ଚନ୍ଦ୍ରୀର ପ୍ରତିଭାକୁ ବାରମ୍ବାର ନମସ୍କାର ଜଣାଉଥିଲେ ।

ଗଙ୍ଗାଧରଙ୍କ ରଚନା ସଙ୍ଗୀତମୟ, ଶ୍ରୁତିସୁଖକର, ଅଳଙ୍କୃତ । ଏହି ଗୁଣରେ ତାଙ୍କର କାବ୍ୟକବିତା ଉତ୍କଳ ଦେଶରେ ସୁପ୍ରଚଳିତ । ଏ ଗୁଣର ଆଲୋଚନା ପ୍ରାୟ ନିଷ୍ପ୍ରୟୋଜନ । କିନ୍ତୁ କବିର ପ୍ରକୃତ ନିକଟରୁ ଆଶା ମିଠା କଥା ଶୁଣାଇବାର ନୁହେଁ, ତାର ପ୍ରକୃତ ବିଚାର ଏହି ଯେ ତାଙ୍କର ସମଗ୍ର ରଚନା ଭିତରେ ଆମ୍ଭେମାନେ କି ପ୍ରକାର ବ୍ୟକ୍ତିତ୍ୱର ସନ୍ଧାନ ପାଉ ? ଜଗତଟାକୁ କବି ନିଜ ଆଖିରେ ଦେଖିବାକୁ ଚେଷ୍ଟା କରିଛି, ନା କେବଳ ଶୁଣାକଥାର ଆବୃତ୍ତି ମାତ୍ର କରିଯାଇଛି ? ନାନା ବାଧାବିପଦ ଭିତରେ ଗତି କରି ମଧ୍ୟ ଜୀବନରେ ସେ କିଛି ସତ୍ୟ, କିଛି ଚିରନ୍ତନ ସନ୍ଧାନ ପାଇଛି, ନା କେବଳ ବିରାଟ ବର୍ତ୍ତମାନ ଭବିଷ୍ୟତ ଓ କ୍ଷଣସ୍ଥାୟୀ ଦୈନନ୍ଦିନ ଘଟଣାପ୍ରବାହରେ ସେ ଆମ୍ଭମାନଙ୍କ ପରି ମୁହ୍ୟମାନ ହୋଇପଡ଼ିଛି ? ସୌନ୍ଦର୍ଯ୍ୟ ଓ ମାଧୁର୍ଯ୍ୟ ଭିତର ଦେଇ କବି ସତ୍ୟର ସନ୍ଧାନ ଆମକୁ ଦେବାକୁ ଚେଷ୍ଟା କରିଛି ନା ନାହିଁ ?

ଭାବସମୃଦ୍ଧିଶାଳୀ ଛନ୍ଦ-ଶିଳ୍ପୀ ଭାବରେ ଗଙ୍ଗାଧରଙ୍କ ସ୍ଥାନ ତ ଅବିସମ୍ବାଦ, ଉଚ୍ଚାଦର୍ଶବାଦୀ, ସତ୍ୟଦ୍ରଷ୍ଟା, ଋଷିତୁଲ୍ୟ ଭାବରେ ମଧ୍ୟ ତାଙ୍କର ସ୍ଥାନ ତାଙ୍କର ସମସ୍ତ ସମସାମୟିକମାନଙ୍କ ମଧ୍ୟରେ ଉଚ୍ଚତର । ତାଙ୍କର କାବ୍ୟାବଳୀ ଓ କବିତାବଳୀକୁ ସମଗ୍ର ଭାବରେ ବିଚାର କରି ବସିଲେ ସେସବୁର ତଳେ ଆମ୍ଭେମାନେ ଏପରି ଏକ ଶୁଦ୍ଧ-ସଚେତନ ବ୍ୟକ୍ତିତ୍ୱର ପରିଚୟ ପାଉଁ, ଯାହା କି ଜାତିର ସମ୍ମାନର ଯୋଗ୍ୟ । କବିଙ୍କ ଜୀବନୀ ଆମ୍ଭମାନଙ୍କୁ ପରିକଳ୍ପିତ କରେ । ସେଥିରେ ମଧ୍ୟ ଆମ୍ଭେମାନେ . ଏହି ଭକ୍ତିଭାଜନ ବ୍ୟକ୍ତିତ୍ୱର ସ୍ପଷ୍ଟ ବିକାଶ ଦେଖିବାକୁ ପାଉଁ । ଦରିଦ୍ର ହେଲେହେଁ ଗଙ୍ଗାଧର କେବେହେଲେ କାହାରି ଅନୁଗ୍ରହପ୍ରାର୍ଥୀ ହୋଇ ନ ଥିଲେ, ଅସାଧାରଣ ପ୍ରତିଭାର ଅଧିକାରୀ ହୋଇଥିବାରୁ ସେ ନିତାନ୍ତ ବିନୟୀ ଥିଲେ, ଘୋର ଅସୁବିଧାସତ୍ତ୍ୱେ ସେ ସୁଲଭ ଓ ସର୍ବବାଞ୍ଛିତ ଯଶ ପ୍ରଲୋଭନସବୁକୁ ପଦାଘାତ କରିପାରିଥିଲେ । ନିଜ ରଚିତ ପୁସ୍ତକାବଳୀ ଲେଖାପତ୍ର ପରେ ବର୍ଷ ବର୍ଷ ଧରି ଘରେ ପଡ଼ିରହିଥିଲେ ମଧ୍ୟ କେବେ କେଉଁ ରାଜା ବା ଧନୀଙ୍କର ମିଥ୍ୟା ପ୍ରଶସ୍ତି ଗାଇ ସେସବୁକୁ ଛପାଇଦେବାର ଇତର ଅନୁରୋଧ ସେ କରି ନାହାନ୍ତି । ଦରିଦ୍ର ହେଲେହେଁ ସେ ସ୍ପଷ୍ଟବକ୍ତା, ଅକୁତୋଭୟ, ନିଜର ଜାତି ଓ ଦେଶର ହିତୈଷୀ । ମାନବସମାଜର ବହୁବିଧ ବୀରମାନଙ୍କ ଭିତରେ କାର୍ଲାଇଲ ସାହିତ୍ୟିକ-ବୀରର ମଧ୍ୟ ବର୍ଣ୍ଣନା କରିଛନ୍ତି । ଆମର ପ୍ରିୟକବି ଗଙ୍ଗାଧର ମେହେର ଦରିଦ୍ର ହେଲେହେଁ ସେହିପରି ଏକ ସାହିତ୍ୟିକ ବୀର । ଧନାଭାବ ଓ ଶିକ୍ଷାଭାବର ଜୀବନବ୍ୟାପୀ ଦ୍ୱିମୁଖୀ ସଂଗ୍ରାମ ଏହି ସାରସ୍ୱତଙ୍କର ବ୍ୟକ୍ତିତ୍ୱକୁ ଦବେଇ ପାରି ନାହିଁ । ତାହା ତାଙ୍କର ସାମାଜିକ ଓ ସାହିତ୍ୟିକ ଉଭୟ ଜୀବନରେ ପରିବ୍ୟାପ୍ତ ହୋଇଉଠିଛି ।

ଗଙ୍ଗାଧରଙ୍କ କାବ୍ୟସୃଷ୍ଟି ଭିତରେ ଆମେ ତାଙ୍କର ବ୍ୟକ୍ତିତ୍ୱର ସନ୍ଧାନ କେଉଁଠି ପାଉଁ ? ତାହା କୌଣସି ନିର୍ଦ୍ଦିଷ୍ଟ ସ୍ଥାନରେ ନାହିଁ । ତାହା ତାଙ୍କ କାବ୍ୟାବଳୀ ଓ କବିତାବଳୀରେ ଓତପ୍ରୋତ ଭାବରେ ମିଶିରହିଛି । ତାହା କାବ୍ୟ ଓ କବିତାର ବିଷୟବସ୍ତୁରେ ନାହିଁ, ଅଛି କବିଙ୍କ ଲେଖନୀରେ, ସେସବୁର ଅନ୍ୟଠାରୁ ବିଭିନ୍ନ ଉପସ୍ଥାପନରେ, ସେସବୁକୁ କବି କି ଭାବରେ ତାଙ୍କର ନିଜର ଦୃଷ୍ଟିକୋଣରୁ ଦେଖିପାରିଛନ୍ତି ତାହା ଜାଣିବାରେ ।

ତାଙ୍କ କାବ୍ୟ-କବିତାବଳୀର ସମଗ୍ର ବିଚାର କରି ଦେଖୁଁ ସେ ଗଙ୍ଗାଧର ବିଦଗ୍ଧ ଛନ୍ଦ-ଶିଳ୍ପୀ ତ ଥିଲେ, ତାହା ଛଡ଼ା ସେ ଥିଲେ ଈଶ୍ୱରଭକ୍ତ, ଦେଶପ୍ରେମୀ, ସମାଜର ସୂକ୍ଷ୍ମ ସମାଲୋଚକ, ଉଚ୍ଚକୋଟିର ନୈତିକ ଆଦର୍ଶବାଦୀ, ପ୍ରାଣିଜଗତର ମାନବ, ପ୍ରଗତିଶୀଳ ନାରୀବାଦୀ ଓ ଈଶ୍ୱରଙ୍କ ଏକାନ୍ତ ଭକ୍ତ । ସର୍ବକ୍ଷେତ୍ରରେ ତାଙ୍କ ଲେଖା ସଂଯତ, ସ୍ମିତହାସ୍ୟ । ତାହା ଯେତିକି ଦରକାର ସେତିକି କହେ, ସତ୍ୟ କଥାଟି କହେ, ଅଥଚ ସୁନ୍ଦର କରି କହେ ।

କବି ନିଜ ଜନ୍ମଭୂମି ଓଡ଼ିଶାକୁ ଯେ ଆସନ ଦେଇ ପାଉଥିଲେ, ତାହା 'ଉତ୍କଳଲକ୍ଷ୍ମୀ'ରେ ପରିସ୍ଫୁଟ । ତାହା ଏକ କାଳ୍ପନିକ କାବ୍ୟ । କଳ୍ପ-ଜଗତରେ କବିଙ୍କ ଆଖିକୁ ଉତ୍କଳ ସର୍ବ-ସୁନ୍ଦର ଦିଶିଲେହେଁ ଓଡ଼ିଆ ଜାତି କେଉଁ ନିମ୍ନସ୍ତରରେ ପଡ଼ିରହିଥିଲା, କବି ତାହା ଜାଣିଥିଲେ ଓ ଅନେକ କବିତାରେ ଦେଶବାସୀଙ୍କୁ ତାଙ୍କର ଦୋଷ ଦେଖାଇବାକୁ ଛାଡ଼ି ନାହାନ୍ତି । 'ଉଦ୍‌ବୋଧନ' କବିତାରେ ତେଣୁ କବି ଓଡ଼ିଆ ଜାତିକୁ ଲକ୍ଷ୍ୟକରି କହିଛନ୍ତି —

"ଉଚ୍ଚପଦ ପାଇଁ ଡାକଲେ ସ୍ୱଜନ,
କେତେ ଜଣ ଅଛୁ ତହିଁକି ଭାଜନ ?
ପ୍ରତିବେଶୀଙ୍କର ସହିତ ତୁଳନା
କରି କର ନିଜ ମନରେ କଳନା ।
ତହିଁରୁ ବୁଝିବ ନିଜେ କେତେ ହୀନ,
କଣଅଛ ପୁଣି ମାତୃଭାଷା ହୀନ ।
ମାତୃଭାଷା ଯୋଗୁଁ ଛୁଇଁବାକୁ କରେ,
ଅନ୍ୟ କେଉଁ ଜାତି ଲଜ୍ଜା ବୋଧ କରେ ?"

ଓଡ଼ିଆମାନଙ୍କର ବିଦ୍ୟାହୀନତା ଓ ଆଳସ୍ୟକୁ କବି ବାରମ୍ବାର ନାନା ସ୍ଥାନରେ ଲକ୍ଷ୍ୟକରି ବାଣ ଛୁଡ଼ିଛନ୍ତି—

"କର୍ମ-ବାଷ୍ପରଥ ଧାଇଁ ଶଙ୍ଖସ୍ୱନେ
ଆସି ଏବେ ଲାଗିଗଲାଣି ଷ୍ଟେସନେ,
ଚଢ଼ିବା ସମୟ ହେଲାଣି ନିକଟ
ଶୋଇ ରହିଅଛ ନ କରି ଟିକଟ ?"
(ଉଦ୍‌ବୋଧନ, ଅର୍ଘ୍ୟଥାଳୀ)

ଅନ୍ୟ ସ୍ଥାନରେ—

"ଦେଖ ବହୁଛି ରେ ଈଶ୍ୱର-ଆଶିଷଧାର
ଜ୍ଞାନ, କର୍ମ ଗଙ୍ଗା ଯମୁନା ପରାଏ
ଭକ୍ତ କରିବାକୁ ପାର ।
ଦୁହିଁଙ୍କର ମଝିଁ ସଙ୍ଗମ ତୀର୍ଥବର
ବାଞ୍ଛିବଟ ହୁଏ ଜାତ,
ମିଳଇ ସେ ବଟ— ତଳେ ବସି ଯାହା
ବାଞ୍ଛି ବଳାଇବ ହାତ ।
ସେ ଧାର ମୁହାଣ ଉତ୍କଳ-ଭୂମିର
ବହୁଦୂରେ ଅଛି ରହି,
କୁଲ୍ୟା ଖୋଳିବାର ପ୍ରୟାସ ନ କଲେ
ଆସି ନ ପାରିବ ବହି ।"
(ଅର୍ଘ୍ୟଥାଳୀ)

ଏ ସ୍ୱପ୍ନର ଯଥାର୍ଥତା କେବଳ କବିଙ୍କ ମନସ୍ତରେ ସତ୍ୟ ନ ଥିଲା, ତାହା ସବୁଦିନରେ ହିଁ ସତ୍ୟ । ନବଜାଗ୍ରତ ଉତ୍କଳରେ କବିଙ୍କର ଜ୍ଞାନ ଓ କର୍ମର ମଧୁର ମିଳନର ସ୍ୱପ୍ନ ବାସ୍ତବକୁ ଆସିଲା ପରି ଲାଗୁଛି ।

କବିଙ୍କର ଏହି ଦେଶ-ପ୍ରୀତି ପରାକାଷ୍ଠା ବେଳେ କପରି ସାର୍ବଜନୀନ ବିଶ୍ୱ-ପ୍ରୀତିରେ ରୂପାନ୍ତରିତ ହୋଇଯାଉଥିଲା, ତାହା ନିମ୍ନ କବିତାଂଶରେ ମଧୁରଭାବରେ ପ୍ରକାଶିତ ହୋଇଛି—

"ଜ୍ଞାନବଳେ ଯେବେ ଜାଣେ ସମସ୍ତଙ୍କ
ଜନକ, ଜଗତପତି
ସହୋଦର ଜ୍ଞାନ କରେ ଅବନୀର
ମାନବସମାଜ ପ୍ରତି ।
ତେବେ ସେ ଜାଣଇ ଯେ କରଇ ଯେତେ
ଲୋକଙ୍କର ଉପକାର
ବିଶ୍ୱପତିଙ୍କର ବିଶ୍ୱଗୃହେ ଅଟେ
ସେ ତେତେ ଯୋଗ୍ୟ କୁମର ।"
(ମାତୃଭୂମି, ଅର୍ଘ୍ୟଥାଳୀ)

ଏପରି ଉଦାରମନା କବିଙ୍କ ଆଗିରେ ନିଜ ଦେଶ ଓ ଜାତିର ଅନ୍ୟାୟ ଅନାଚାର ମଧ୍ୟ ଯେ ଅସହ୍ୟ ହେବ, ଏଥିରେ ସନ୍ଦେହ କଅଣ ? କବି ସାମାଜିକ ଜୀବନରେ ଅତ୍ୟନ୍ତ ବିନମ୍ର ଓ ଅମାୟିକ ଥିଲେ ବୋଲି ଜାଣୁ । କିନ୍ତୁ ତା ବୋଲି କେଉଁ କେଉଁ ଲୋକ ଭଣ୍ଡ-ପ୍ରାଧାନ୍ୟର ଆବରଣ ତଳେ ସମାଜର କଣ୍ଟକ ସ୍ୱରୂପ, ତାହା କି ସେ ଜାଣୁ ନ ଥିଲେ ? ଏବଂ ଜାଣି ମଧ୍ୟ ସେ କି ଚୁପ୍ ହୋଇ ରହିବା ଲୋକ ? "ତାଙ୍କୁ ମଧ୍ୟ ବୋଲଥାନ୍ତି ଧର୍ମ ଅବତାର" ଓ ଅନ୍ୟାନ୍ୟ କବିତାରେ ସମାଜର ଏହି ବ୍ୟାଧିଗୁଡ଼ିକ ପ୍ରତି କବି ତୀକ୍ଷ୍ଣ ବାଣ ପ୍ରୟୋଗ କରିଥିବାର ଆମେ ଦେଖୁଁ—

"ଶୋଷିଲା ଯା ଲକ୍ଷ ଲକ୍ଷ ଲୋକଙ୍କର ଘର,
ତାଙ୍କୁ ମଧ୍ୟ ବୋଲିଥାନ୍ତି ଧର୍ମ-ଅବତାର ।"

ନିମ୍ନଲିଖିତ ଶ୍ଳୋକଟି ଠକ ଓ ଅତ୍ୟାଚାରୀ ସରକାରୀ କର୍ମଚାରୀମାନଙ୍କ ପ୍ରତି କିପରି ପ୍ରଯୁଜ୍ୟ ଦେଖନ୍ତୁ—

"ଭ୍ରମଣ ଖରଚ ପାଇଁ ଚାହିଥାଏ ଭତ୍ତା
ଖାଉଥାଏ ମୋଡ଼ି ଏଣେ ଦରିଦ୍ରଙ୍କ ମଥା,
କରୁଥାଏ ଜମିଦାର ଅସଦ୍‌ବ୍ୟବହାର
ତାଙ୍କୁ ମଧ୍ୟ ବୋଲୁଥାନ୍ତି ଧର୍ମ-ଅବତାର ।"

ଏ 'ଧର୍ମାବତାର'ଗୁଡ଼ିକ ବହୁ ସ୍ଥଳରେ ଦେଖାଯାଏ; ତେଣୁ କବିଙ୍କର ବାକ୍ୟବାଣର ମୂଲ୍ୟ ଚିରନ୍ତନ।

କବି ପରାଧୀନ ଭାରତରେ ଜନ୍ମଗ୍ରହଣ କରିଥିଲେ। ତାଙ୍କର ପ୍ରୌଢ଼ ବୟସ ବେଳକୁ ଦେଶରେ ଗାନ୍ଧିଜୀଙ୍କ ନେତୃତ୍ୱରେ ସ୍ୱାଧୀନତା ଆନ୍ଦୋଳନ ଆରମ୍ଭ ହେଲା। କବି ତରୁଣ ଥିଲେ ହୁଏତ ସେ ଆନ୍ଦୋଳନରେ ଯୋଗ ଦେଇଥାନ୍ତେ। କିନ୍ତୁ ଦାରିଦ୍ର୍ୟ ଭିତରେ, ପ୍ରୌଢ଼ ବୟସରେ, କୁଟୁମ୍ବର ଭାର ମୁଣ୍ଡରେ ନେଇ ଦେଶ ପାଇଁ ଅଧିକ ଦୁଃଖ ବରଣ କରିବା ତାଙ୍କ ପକ୍ଷରେ ସମ୍ଭବ ନ ଥିଲା। କିନ୍ତୁ ତାଙ୍କର ଜନ୍ମଭୂମିର ସ୍ୱାଧୀନତା-ସ୍ୱପ୍ନ ଓ ବିଦେଶୀ ରାଜା ପ୍ରତି ବିଦ୍ୱେଷ 'ଭରତ-ଭାବନା'ରେ ଛଦ୍ମଭାବରେ ବର୍ଣ୍ଣିତ ହେଲେହେଁ ସୁସ୍ପଷ୍ଟ। ବ୍ରିଟିଶ ପୋଲିସ ଭୟରେ ଦରିଦ୍ର କବି ପ୍ରକାଶ୍ୟରେ ରାଜଦ୍ରୋହ କରିପାରି ନାହାନ୍ତି। କିନ୍ତୁ କବିଙ୍କର ଧର୍ମକଥା ଆଜି ଦେଶବାସୀଙ୍କ ନିକଟରେ ସୁସ୍ପଷ୍ଟ।

୧୧

"ତୁମ୍ଭର ଆଗରେ ତୁମ୍ଭର ପରିଏ
ମୁସଲମାନ ଥିଲେ ଆସି
କୋପନ ସ୍ୱଭାବ ହେଲେହେଁ ଆମ୍ଭର
ସମସ୍ତ ଥିଲେ ନାହିଁ ଗ୍ରାସି;
କାହିଁ ସେ, ନ ଥିଲେ ବସନ ହରନ୍ତି,
ଦୂର ପଦ ଦୂରା ଶାନ୍ତି କାର ପାଶ
କାହିଁ ନ ଥିଲେ ସେ ପ୍ରେରଣୀ।

୧୨

ଆମ୍ଭ କର ଧରି ଶୃଙ୍ଖଳି ହୁଳି ଏବେ
ତୁମ୍ଭ ଦ୍ରୋହମ ବଢ଼ିଲା
ତୁମ୍ଭ ବିନା ଅନ୍ୟକୁ ଡାକି ନ ପାରୁଁ
କଥା ଶୁଣିବାକୁ ପଡ଼ିଲା,
ଜୀବନ, ଜୀବିକା ତୁମ୍ଭରି ହାତରେ
ଦେଇ ତୁମ୍ଭ ପଦ ଆଶାରେ ରହିଲୁଁ
କାଳ ମରୁଅଛୁଁ କାତରେ।"

(ଭରତ-ଭାବନା)

ଏହି ପଦଗୁଡ଼ିକରେ ଇଂରେଜମାନଙ୍କର ଭାରତବର୍ଷରେ ସବୁପ୍ରକାର ଆର୍ଥିକ ଶୋଷଣ କି ସୁନ୍ଦରଭାବରେ ବର୍ଣ୍ଣିତ ହୋଇଛି, ପାଠକେ ଦେଖନ୍ତୁ। "ଦେୟସ୍କୁ ଜାତିର ଅନ୍ତର୍ନିର ଧନଶୋଷ" କବିତାରେ ସାମ୍ରାଜ୍ୟବାଦର ନିନ୍ଦା କରି ଗଙ୍ଗାଧର ସମଗ୍ର ମାନବ ଜାତିର କବି ହୋଇଉଠିଛନ୍ତି।

ମେହେର-ପ୍ରତିଭାର ଜାଗ୍ରତ ଚକ୍ଷୁ କେବଳ ଦେଶ ବା ସମାଜରେ ଆବଦ୍ଧ ନ ଥିଲା । ମନୁଷ୍ୟର ଦୃଷ୍ଟି ଯେତେଦୂର ଓ ଯେଉଁଆଡ଼େ ଯାଇପାରେ, ତାହା ସେ ସ୍ଥାନକୁ ଯାଇଥିଲା ଓ ସେ ସେ ସ୍ଥାନରୁ ତତ୍ତ୍ୱ ସଂଗ୍ରହ କରିବାକୁ ଚେଷ୍ଟା କରିଥିଲା । 'ତାରାସୂର୍ଯ୍ୟ', 'ମହାନ୍ଧକାର' ପ୍ରଭୃତି କବିତାମାନଙ୍କରେ କବିଙ୍କର ଦୃଷ୍ଟି ବିଜ୍ଞାନ-ପ୍ରକଟିତ ରହସ୍ୟାନନ୍ତ ବିଶ୍ୱ ଉପରେ ପତିତ ହୋଇଥିବାର ଦେଖୁଁ । 'ତାରାସୂର୍ଯ୍ୟ' କବିତାରେ ତାରା ଓ ସୂର୍ଯ୍ୟର ତୁଳନା କରି କବି ଯେଉଁ ହାସ୍ୟରସର ସୃଷ୍ଟି କରିଛନ୍ତି, ତାହା ବଡ଼ ଉପଭୋଗ୍ୟ ।

"ତୁମ୍ଭ ସାମ୍ରାଜ୍ୟ ବିଶ୍ୱ ତୁମ୍ଭେ ପ୍ରଚୁର କିରଣ,
ତେଣୁ ପୃଥ୍ୱୀଠାରେ ଦୂର ତୁମ୍ଭ ଭବନେ ।
ଆମ୍ଭ ସାମ୍ରାଜ୍ୟ ଅଳ୍ପ ଭବ କରେ ତମ ଶମ୍ଭୁ,
ଏଣୁ ଆମ୍ଭେ ଦୁହେଁ ଅଛୁଁ ତାଙ୍କର ଉଦରେ ।
ତୁମ୍ଭେ କେତେ ବଡ଼ ହେଲେ ଆମ୍ଭର କି ଲାଭ ?
ଅଳ୍ପ ତମ ନାଶିବାକୁ ନାହିଁ ତ ପ୍ରଭାବ ?
ଯେ ଯାହାର ହିତ କରେ ନ ହେଲେ ତା' ନାମ,
ଅନ୍ୟ ଦେଶେ କହୁଁ ତାକୁ ନମସ୍କାରନ ।"

(ଅର୍ଘ୍ୟଥାଳୀ)

ଗଙ୍ଗାଧରଙ୍କ ପ୍ରଥମ ଲେଖା ହେଉଛି 'ଅହଲ୍ୟାସ୍ତବ' । ଏହି ଜୀବନ ଓ ଏ ବିଶ୍ୱର ପରମାତ୍ମାଙ୍କ ନିକଟରେ ପତିତ ହେବାର ଫଳ ତାଙ୍କର ରଚନାରେ । ପରେ ଅନନ୍ତତାର ବୁଦ୍ଧି ସହିତ କବି ଓ ଈଶ୍ୱରଙ୍କର ସମ୍ବନ୍ଧ ଏତେ ଏକ ସୂକ୍ଷ୍ମ ଅଦୈହିକ ସ୍ତର, ବିନୟ ଓ ଭକ୍ତିର ସ୍ତରରେ ଗଢ଼ିଥିଲା, ଯାର ମନୋରମ ପ୍ରକାଶ ଘଟିଛି 'ଭକ୍ତି' କବିତାରେ । ସମଗ୍ର ଓଡ଼ିଆ ସାହିତ୍ୟରେ ଏ କବିତାଟି ଗୋଟିଏ ବିଶିଷ୍ଟ ରତ୍ନ । ଏ କବିତାରେ ଆମେ କବିଙ୍କି ଈଶ୍ୱରଙ୍କର କେବଳ ଗତାନୁଗତିକ ଦୂରଦର୍ଶୀ ଭକ୍ତ-ଭାବରେ ଦେଖୁନା, ଆମେ ଦେଖୁ, କବି ଈଶ୍ୱର-ତତ୍ତ୍ୱରେ କେତେଦୂର ପରିଚିତ ହୋଇ ସେଗୁଡ଼ିକର ଉପଲବ୍ଧି କରିପାରିଥିଲେ । ନିରାକାରବାଦୀମାନେ ପୌତ୍ତଳିକତାକୁ ନିନ୍ଦାକରିବା ପରେ ସଗୁଣ ବ୍ରହ୍ମର 'ଚରଣ' ଭଜନ କରିବାର ଆତ୍ମ-ପ୍ରତାରଣା ଏଠି ନାହିଁ । ଗଙ୍ଗାଧରଙ୍କ ଈଶ୍ୱର ସାକାର ବି ନୁହେଁ, ନିରାକାର ବି ନୁହେଁ । ସେ ସାର୍ବଭୌମ । ବିଶ୍ୱର ବିରାଟ ସମଗ୍ରତା ହିଁ ତାଙ୍କର ରୂପ । କବି ତେଣୁ ଗତାନୁଗତିକ ଭାବରେ ଈଶ୍ୱରଙ୍କୁ 'କରୁଣାସିନ୍ଧୁ' କହିବାକୁ କୁଣ୍ଠିତ; କାରଣ ବିରାଟ ଈଶ୍ୱରଙ୍କର ନିକଟରେ ପୃଥିବୀର ସମୁଦ୍ରଟା ଏକ ଅଞ୍ଜୁଳା ପାଣି ମଧ୍ୟ ନୁହେଁ । ଭକ୍ତମାନେ କହନ୍ତି, "ପ୍ରଭୁ ! ତମର ପଦଧୂଳି ମୋ ମଥାରେ ପଡ଼ୁ ।" ମେହେର-ପ୍ରତିଭାର ଦିବ୍ୟଚକ୍ଷୁ କିନ୍ତୁ ବିଧାତାର ବିଶ୍ୱରୂପ ଦେଖିପାରିଛି । ତେଣୁ କବି ସେ ଧୂଳି ମାଗିବାକୁ ଆତଙ୍କିତ; କାରଣ ସେ ଧୂଳିରେ ଯେ କୋଟି କୋଟି ରବି ଚଳୁଣ୍ଡି, ତାକୁ ମୁଣ୍ଡରେ ନେବା

କାଏ ? ଈଶ୍ୱରଙ୍କର ଏହି ସାର୍ବଭୌମିକ ସମୀପରେ କବି କେବଳ ଦେଖୁଛନ୍ତି ଯେ ନିଜର 'ମୁଁ-କାର' ବା 'ଅହଂକାର'ର କୌଣସି ଅର୍ଥ ନାହିଁ ଏବଂ ଭକ୍ତଙ୍କର ଏକମାତ୍ର ପ୍ରାର୍ଥନା ଯେ ଈଶ୍ୱର ତାଙ୍କଠାରୁ ସେଇତକ ନେଇଯାନ୍ତୁ, ବାକି ଯାହା କିଛି ସବୁ ତ ଈଶ୍ୱରଙ୍କର ଦାନ ।

ଉଦ୍ଧାରଣରୁ ସ୍ପଷ୍ଟ ଦର୍ଶନ ଭକ୍ତି ଓ ମଧୁର ସଙ୍ଗୀତର ତ୍ରିବେଣୀ ସଙ୍ଗମରେ ଏଇ 'ଭକ୍ତି' କବିତାଟି ଏକ ଅମୂଲ୍ୟ ସମ୍ପଦ ହୋଇଉଠିଛି ।

ଦର୍ଶନର ଆଧ୍ୟାତ୍ମିକ ଯୋଗୁଁ ଜୀବନର ସମସ୍ତ ଅଭାବ, ଅଶାନ୍ତି ସତ୍ତ୍ୱେ କବି ନିଜକୁ ଅମୃତ-ସନ୍ତାନ ବୋଲି ମନେକରି ଆତ୍ମହରାପ୍ରାୟ ହୋଇପାରିଛନ୍ତି ।

"ମୁଁ ତ ଅମୃତ-ସାଗରବିନ୍ଦୁ
ନଭେ ଉଠିଥିଲି ଟେକି ବିନ୍ଦୁ
ଖସି ମିଶିବି ଅମୃତ ଧାରେ
ଗତି କରୁଛି ସେ ଅକୂଳରେ
ପଥେ ଛୁଟିଗଲି ତାପ ତାପରେ
ହୋଇ ଶିଶିର ଖସିବି ତା' ପରେ
ଅମୃତରସ ଅମୃତମୟ
ସହିତ ମିଶିବ ସାଗରେ ।"

ସ୍ତବର ଶବ୍ଦ ପ୍ରଭାବରେ ନିଜ ଜୀବନର ସକଳ ଦୁଃଖ-ନିର୍ଯ୍ୟାତନା ବେଦନାର ପରିକୁ ଧୂଇଯାଇ ଭକ୍ତଙ୍କ ଚକ୍ଷୁରେ ଜୀବନ ଓ ଜଗତ ଈଶ୍ୱରମୟ; ତେଣୁ ଅମୃତମୟ, ଆନନ୍ଦମୟ ବୋଧ ହୋଇଥାଏନ୍ତି ।

ଏହା କେବଳ ଭକ୍ତକୋଟୀର କବି ପକ୍ଷରେ ସମ୍ଭବ ହୋଇଥାଏ । ଏସବୁ ଗଲା ଖଣ୍ଡ କବିତାର କଥା ।

ବର୍ତ୍ତମାନ ପ୍ରଶ୍ନ ହୋଇପାରେ, ଗଙ୍ଗାଧରଙ୍କ କାବ୍ୟାବଳୀରେ କ'ଣ ତାଙ୍କର ମହାନ୍ ବ୍ୟକ୍ତିତ୍ୱର ଏଇପରି ପରିଚୟ ମିଳିବ ? କାବ୍ୟ ପାଇଁ ତ ଗଙ୍ଗାଧର ପ୍ରସିଦ୍ଧ, ଖଣ୍ଡ କବିତା ପାଇଁ ନୁହନ୍ତି ।

ଗଙ୍ଗାଧରଙ୍କ କାବ୍ୟାବଳୀର ସମସ୍ତ କାବ୍ୟର ଆଲୋଚନା କଲେ ମଧ୍ୟ ଆମେ କେବଳ ଏକ ଉଚ୍ଚ ବ୍ୟକ୍ତିତ୍ୱର ପରିଚୟ ହିଁ ପାଉଁ ତା ନୁହେଁ, ଆମେ ସେ ବ୍ୟକ୍ତିତ୍ୱର ଅଭିବ୍ୟକ୍ତିର ଇତିହାସ ମଧ୍ୟ ତହିଁରେ ପାଉଁ । 'ମେଘଦୂତ' ଲେଖକ

ରାଧାନାଥ ଓ 'ପାର୍ବତୀ' ଲେଖକ ରାଧାନାଥ ଏକ, ଯଦିଓ ଦୁଇ ଲେଖା ଭିତରେ ଦଶବର୍ଷର ବ୍ୟବଧାନ । ରାଧାନାଥ ଆରମ୍ଭରୁ ସମ୍ପୂର୍ଣ୍ଣ । କିନ୍ତୁ 'କୀଚକବଧ'ର ଗଙ୍ଗାଧର, 'ତପସ୍ୱିନୀ'ର ଗଙ୍ଗାଧର ସମାନ ସ୍ୱତନ୍ତ୍ର । ଦୁଇର ତୁଳନା କଲେ ଯେ କେହି ସ୍ପଷ୍ଟ ଦେଖିପାରିବ, ସମସ୍ତ ସତ୍ତ୍ୱେ କବିଙ୍କର ଜୀବନର କପରି ମତବାଦର, ଉଦାର ଅନୁଭୂତି ଓ ସମ୍ପ୍ରସାରଣ ଘଟିଛି । ବୁଦ୍ଧି, ଜୀବନ ଓ ଜାଗରଣର ଲକ୍ଷଣ ଏବଂ ଏହି ବୁଦ୍ଧିର ଇତିହାସ ଦେଖିଲେ ଆମମାନଙ୍କର ଚିତ୍ତ ଚରିତ୍ରଗ୍ରନ୍ଥରେ ମଗ୍ନ ହୋଇପଡ଼େ ଏହା ଭାବି ଯେ, ଆହା ! ଜୀବନ ପାଇଥିଲେ ଏହି ବର୍ଷିଷ୍ଠ ପ୍ରତିଭା ଯେ କପରି ବଢ଼ିଥାନ୍ତା କିଏ କହିବ !

ପୂର୍ବରୁ କହିଛି ଯେ ଗଙ୍ଗାଧର-ପ୍ରତିଭାର ଖାଦ୍ୟ ଥିଲା ପ୍ରାଚୀନ ଓ ରାଧାନାଥୀ ଓଡ଼ିଆ କାବ୍ୟ କବିତା । କବି ଯେତେବେଳେ ଲେଖନୀ ଧାରଣ କରନ୍ତି, ଏହି ସବୁ ଥିଲା ତାଙ୍କର ସମ୍ମୁଖ ଆଦର୍ଶ । ଏହି ଆଦର୍ଶ ଭିତରେ କିନ୍ତୁ ଅନେକ କିଛି ଅଧମ ଥାଉଁ, ଯାହା ଆଦୌ କବିତା ନୁହେଁ । ଅନୁପ୍ରାସର ଶବ୍ଦଯନ୍ତ୍ରକୁ ନେଇ ବଚନ-ଶୃଙ୍ଖଳ ଗଢ଼ିବା ଏହି ଆଦର୍ଶର ଏକ ଅଂଶ । ନଗର, ପ୍ରାସାଦ, ବଣ ଓ ଋତୁମାନଙ୍କର ବର୍ଣ୍ଣନା ଏହି ଆଦର୍ଶର ଏକ ଗତାନୁଗତିକ ଚିହ୍ନ ଧରିବାର ଅଧମ ଦେଖୁଁ । ରାଧାନାଥ କବିତାକୁ ଏସବୁରୁ ଅନେକ ପରିମାଣରେ ମୁକ୍ତ କରି ଉତ୍କଳ ଜନମଙ୍କୁ ଅନ୍ତଃକରଣ ସୁଷମା ଦେଇଗଲେ । କିନ୍ତୁ ଉତ୍କଳୀୟ ପାଠକମାନଙ୍କ ନିକଟରେ ପ୍ରାଚୀନ କାବ୍ୟମାନଙ୍କର ବଚନ-ବୈଦଗ୍ଧ୍ୟର ସମ୍ମାନ କେବେହେଲେ ତୁଟିନି । ଜନସ୍ୱରରେ ମଧ୍ୟ ଗଙ୍ଗାଧରଙ୍କ କାବ୍ୟର ଜନପ୍ରିୟତା ଏହା ହିଁ ପ୍ରମାଣ କରୁଛି । କାରଣ ତାଙ୍କର କବିତାରେ ହିଁ ଅଧମ ଭାବରେ ରାଧାନାଥୀୟ ପ୍ରସାଦଗୁଣ ସହିତ ସଙ୍ଗେ ପ୍ରାଚୀନ କାବ୍ୟର ବଚନ-ଶୃଙ୍ଖଳ ମଧ୍ୟ ପାଉଁ ।

କିନ୍ତୁ ଗଙ୍ଗାଧରଙ୍କର ପ୍ରକୃଷ୍ଟ ବିକାଶ ଘଟିଛି ଯେଉଁଠି ଓ ତାହା ହିଁ ତାଙ୍କର ଭାଷାକୁ ପ୍ରକୃତ ଦାନ, ଯେଉଁଠି ସେ ନିଜକୁ ଗତାନୁଗତିକତାରୁ ମୁକ୍ତ କରି ରଚନାରେ ନିଜର ସ୍ୱକୀୟ ଅନୁଭୂତି ଓ ପ୍ରତ୍ୟକ୍ଷ ଦର୍ଶନକୁ ପୂରାଇବାକୁ ପାଇଛନ୍ତି । ପ୍ରଥମ ପ୍ରଥମେ ଦୁଏକ ନିଜର ଉପମାଟିଏ, କି ଯାହା ଦୈନନ୍ଦିନ ଘଟୁଛି ତା'ର ଚିତ୍ରଟିଏ କାବ୍ୟ ଭିତରେ ପୂରାଇବାକୁ କବି ସାହସ କରି ନ ଥିବେ । ଶୀତଳତାର ଉପମା ହିମ—ଏହା କାବ୍ୟପ୍ରସିଦ୍ଧ । କିନ୍ତୁ ଏଥିର ଉପମା ସ୍ୱରୂପ—

"ଅନାବୃତ ସ୍ଥାନେ, ଥିଲେ ଯଥା ଶୀତ-
ନିବାରକ ଲୋହିତ ଶାବକ ।"

କହିବା ପାଇଁ ସାହସ ଦରକାର କରେ । ପରେ ରାଧାନାଥ ପ୍ରଭୃତି ରସଗ୍ରାହୀମାନଙ୍କ ମୁଖରୁ କବିଙ୍କର ଏହି ପ୍ରକାର ମୌଳିକ ଦାନମାନଙ୍କର ପ୍ରଶଂସା ହେବାରୁ କ୍ରମେ କ୍ରମେ କବିଙ୍କ କାବ୍ୟମାନଙ୍କରେ ଗତାନୁଗତିକତା କମିଛି ଓ ସ୍ୱକୀୟତା ବୃଦ୍ଧି ପାଇଛି ।

"ବିରାଟ ନଗର ମଧ୍ୟ ମଧ୍ୟେ ମନୋହର
ଚନ୍ଦ୍ରମନୋରମା ରମା ଦେବୀ ଦେଉଳର ।
ଚଉଣୀ ସକଳ ଶୁଭ୍ର ସଉଧମାଳିନୀ ।
ରଜତ ପର୍ବତ ସମ ସୁଷମାଶାଳିନୀ ।"

ଏହି ଭାବରେ 'କୀଚକବଧ' କାବ୍ୟର ଆରମ୍ଭ; କିନ୍ତୁ ଏପରି ଲେଖା ଅନ୍ୟ କବି ମଧ୍ୟ ଲେଖିପାରନ୍ତେ । ପ୍ରଥମ ଦୁଇ ଧାଡ଼ିରେ ରାଧାନାଥଙ୍କ ଚିଲିକାର ପ୍ରଥମ ଦୁଇ ପଂକ୍ତିର ସ୍ପଷ୍ଟ ଅନୁକରଣ । ପ୍ରକୃତ ଗଙ୍ଗାଧର ଏଣୁ ଲୁପ୍ତ; କିନ୍ତୁ କାବ୍ୟର ଗତିକ୍ରମେ ମେହେର-ପ୍ରତିଭା କ୍ରମେ ଉପରକୁ ନିଜସ୍ୱ ବେଶରେ ଫୁଟି ବାହାରନ୍ତି । ଚପଳା ଦାସୀର ଗମନ ଓ ସୈରିନ୍ଧ୍ରୀ ସହିତ କଥୋପକଥନରେ, ସୈରିନ୍ଧ୍ରୀଙ୍କର କୀଚକ ନିକଟକୁ ମଦ୍ୟପାନ ପାଇଁ ଯିବା ଓ କୀଚକଦ୍ୱାରା ଅନୁଗମିତା ହୋଇ ପଳାୟନ ପ୍ରଭୃତି ଯେପରି ଭାବରେ ବର୍ଣ୍ଣିତ, ତାହା ନିତାନ୍ତସ୍ୱଭାବରେ ମେହେରଙ୍କ ରଚନା, ଅନ୍ୟ କା'ର ହୋଇ ନ ପାରେ । ଚପଳା କୀଚକକୁ ଯେତେବେଳେ କହୁଛି—

"କିନ୍ତୁ ଏ ପ୍ରସଙ୍ଗ ଲବ ମାତ୍ର ଜାଣି
ନ ପାରିବେ ସାଆନ୍ତାଣୀ
ତାଙ୍କ କର୍ଣ୍ଣେ ଏହା ପଡ଼ିଲେ ମୋହର
ଉଠିଯିବ ଦାନା ପାଣି ।
ଅଳଙ୍କାର କିଛି ନ ନେବ ସ୍ୱାମୀରୁ
ନ ପିନ୍ଧିବ ପାଟ ଶାଢ଼ୀ
ସାଆନ୍ତାଣୀ ଯଦି ଏ ବେଶ ଦେଖିବେ
ମୋ ମୁଣ୍ଡେ ପଡ଼ିବ ବାଡ଼ି ।"

କାବ୍ୟର ଏପରି ସ୍ୱାଭାବିକ ଚିତ୍ର ରାଧାନାଥ ସ୍କୁଲରେ କେବଳ ମେହେରଙ୍କ ଦେବାର ହିଁ ଆମେ ଜାଣୁ । ସୈରିନ୍ଧ୍ରୀ ନିକଟରୁ ବିଫଳମନୋରଥା ଚପଳା ଫେରିବାବେଳେ

"ଭୁଜଙ୍ଗୀ-ଚଳଗ୍ରସ୍ତ ଲମ୍ଫାଇନୀ ମୃଗ
ଯେସନେ ଚଳି ପଳାଇ ।"

ସେତେବେଳେ ଉପମାର ନୂତନତ୍ୱ ଓ ଚିତ୍ରର ସ୍ୱାଭାବିକତାରେ ମେହେର-ପ୍ରତିଭାଠାରୁ ଆମେ କ'ଣ ଆଶା କରିପାରିବା, ତାର ସମ୍ୟକ୍ ଧାରଣା ହୁଏ ।

କବିଙ୍କର ସବୁ କାବ୍ୟ ମଧ୍ୟରେ 'ତପସ୍ୱିନୀ' ସବୁଠୁ ମୌଳିକ । ବର୍ଣ୍ଣନୀୟବସ୍ତୁ ନୂତନ ନୁହେଁ; କିନ୍ତୁ ପୁରୁଣା ଜିନିଷରେ ଯେ ଅପୂର୍ବ କାବ୍ୟ ରଚିତ ହୋଇପାରିଛି, ତାହା ହିଁ ନୂତନ । ଭବଭୂତିଙ୍କ ଉତ୍ତରରାମଚରିତ ନାଟକର ଛାୟା ଏଥିରେ ରହିଥିଲା ପରି ମଧ୍ୟ ମନେହୁଏ; କିନ୍ତୁ ସମସ୍ତ ଧାରଉଧାର ଭିତରେ କବିଙ୍କର ସ୍ୱୋପାର୍ଜିତ

ସମ୍ପଦ ଏତେ ବେଶୀ ଯେ, ଏହାକୁ ତାଙ୍କର ନିଜସ୍ୱ ରଚନା କହିବାରେ ଦ୍ୱିମତ ନ ଆସିପାରେ । ମେହେର-ପ୍ରତିଭାର ସମସ୍ତ ଗୁଣ 'ତପସ୍ୱିନୀ'ରେ ଚରମୋତ୍କର୍ଷ ଲାଭ କରିଛି । ଭାଷାର ସାବଲୀଳତା, ଶବ୍ଦୈଶ୍ୱର୍ଯ୍ୟ ଓ ମାଧୁର୍ଯ୍ୟ, ଛନ୍ଦର ଗୌରବ, ଚିନ୍ତା, କଳ୍ପନା ଓ ଆଦର୍ଶର ମଧୁର ସମ୍ମିଶ୍ରଣରେ ଏ କାବ୍ୟ ସମଗ୍ର ଓଡ଼ିଆ-ସାହିତ୍ୟରେ ଏକ ଅପୂର୍ବ ସାମଗ୍ରୀ—ଶ୍ରବଣ ଓ ମନନ, ଉଭୟର ପରମ ଉପଯୋଗୀ ।

ପୂର୍ବରୁ କହିଛି ଯେ ମେହେର-ଲେଖନୀ ସ୍ମୃତିଭକ୍ତ । ତାହା କେବଳ ଯାହା ଚିରନ୍ତନ ଓ କଲ୍ୟାଣକର, ତାହା ହିଁ ଦେବାକୁ ଯାଇଛି ଏବଂ ତାହା ପରିବେଷିତ ହୋଇଛି ଶାନ୍ତ, ସରଳ ଅଥଚ ସୁନ୍ଦର ଭାଷାରେ । ଭାବପ୍ରବଣତାରେ ତାହା ଗଣ-ମନୋରଞ୍ଜନ ପଦେ ଚଟୁଳ କଥା କେବେହେଲେ କହିବାକୁ ଚେଷ୍ଟା କରି ନାହିଁ ! ଦେଶକୁ ଭଲ ପାଇଲେ ମଧ୍ୟ ତାହା କେବେ କହିବାକୁ ଯାଇନ ଯେ ଏ ଦେଶ ଓ ଏ ଜାତି ଜଗତରେ ଶ୍ରେଷ୍ଠ ବା ଆମର ଅନ୍ୟଠୁ କିଛି ଶିଖିବାର ନାହିଁ ! ବରଂ ତାହା ଦେଶ ଓ ଜାତିର ଅଭାବ, ଦୁର୍ବଳତା ବାରମ୍ବାର ଦେଖାଇ ଜାତି-ଦୁର୍ଗତିର ଠିକ୍ ସ୍ଥଳକୁ ଅଙ୍ଗୁଳି ନିର୍ଦ୍ଦେଶ କରିଆସିଛି ।

ମେହେରଙ୍କ ସବୁ କାବ୍ୟର କେନ୍ଦ୍ରବସ୍ତୁ ପ୍ରେମ । କିନ୍ତୁ ସେ ପ୍ରେମ ସଂଯତ, ମହତ୍, ଉଚ୍ଚସ୍ତରାଶ୍ରିତ । ଯୌବନ ସୁଲଭ ମୋହଗ୍ରସ୍ତ ତଥାକଥିତ ପ୍ରେମର ଉନ୍ମତ୍ତତା ଏଥିରେ ନାହିଁ; କିନ୍ତୁ ଏଥିରେ ମାଧୁର୍ଯ୍ୟ ଅଛି, ତ୍ୟାଗ ଅଛି, ଶକ୍ତି ଅଛି । ଏହା ନୈତିକତାର ଖଡ୍ଗଧାର ଉପରେ ଦଣ୍ଡାୟମାନ ; ତେଣୁ ଅସାଧାରଣ ହେଲେହେଁ ମନୋହର, ନମସ୍ୟ, ବନ୍ଦ୍ୟସୁନ୍ଦର । କବି ବାରମ୍ବାର ସେହିପରି କଥାବସ୍ତୁ ତାଙ୍କ କାବ୍ୟମାନଙ୍କ ପାଇଁ ବାଛିଛନ୍ତି, ଯେଉଁଥିରେ ପ୍ରେମର ଭୋଗ ଅପେକ୍ଷା ଦୁଃଖ ବେଶୀ, ମିଳନ ଅପେକ୍ଷା ବିରହ ବେଶୀ, ଯେଉଁଥିରେ ପ୍ରଣୟୀ ଓ ପ୍ରଣୟିନୀଙ୍କର କରୁଣ ହୃଦୟ-ମନ୍ଥନ ହିଁ କାବ୍ୟର ପ୍ରଧାନ ଚର୍ଚ୍ଚା ।

ଏହି ହୃଦୟ-ମନ୍ଥନ ରାମାୟଣର ଉତ୍ତରକାଣ୍ଡରେ ଯେପରି ଆକସ୍ମିକଭାବରେ ଘଟି ସେ କାବ୍ୟକୁ କାରୁଣ୍ୟ ରସରେ ପ୍ଲାବିତ କରିଛି, ପୃଥିବୀ-ସାହିତ୍ୟରେ ତାହାର ଯୋଡ଼ି ପାଇବା ଦୁଷ୍କର । ଯେଉଁ ପୁରୁଷୋତ୍ତମ ବନବାସକାଳରେ ପ୍ରାଣସଖୀ ଜାନକୀଙ୍କୁ ହରାଇ ସାଧାରଣ ଲୋକ ପରି ବିଳାପରେ ମୁହ୍ୟମାନ ହୋଇପଡ଼ିଥିଲେ, ସେହି ରାମଚନ୍ଦ୍ର ଆଜି କଠୋର ରାଜକର୍ତ୍ତବ୍ୟ ଅନୁରୋଧରେ ଚିରକଣ୍ଟକିତପ୍ରେମପୂର୍ଣ୍ଣା ପ୍ରାଣେଶ୍ୱରୀଙ୍କୁ ଜାଣି ଜାଣି ନିଜର ପାର୍ଶ୍ୱଦେଶରୁ ଉପାଡ଼ି ନେଇ ଦୂରକୁ ଫିଙ୍ଗିଦେଲେ ! ଏ ବିରହ ନିଜକୃତ । ରାମଚନ୍ଦ୍ର ଜାଣନ୍ତି, କୋମଳପ୍ରାଣା ରାମଗତହୃଦୟା ବୈଦେହୀଙ୍କର ମାନସିକ ଅବସ୍ଥା କିପରି ହେବ । ବାଲ୍ମୀକି ଆଶ୍ରମର ପର୍ଣ୍ଣକୁଟୀରରେ କୁଶଶଯ୍ୟାରେ ଶୋଇ ସେଦିନର ରାଜନନ୍ଦିନୀ ବୈଦେହୀ ମଧ୍ୟ ଅଯୋଧ୍ୟା ରାଜପ୍ରାସାଦର ତ୍ରିପୁଷ୍ପଗନ୍ଧର ମଧୁର ଛବିସବୁ ସ୍ମରଣ କରି କରି ଉଷ୍ଣ ଅଶ୍ରୁଧାରାରେ ନିଜର ବାହୁ ସିକ୍ତ କଲାବେଳେ

କ'ଣ ମନେ କରୁ ନ ଥିବେ ଯେ, ପୁରରେ ଅଯୋଧ୍ୟାରେ ମଧ୍ୟ ଆଉ ଜଣେ ଲୋକ ତାଙ୍କ ପାଇଁ 'ସେହିପରି ଅଶ୍ରୁତ୍ୟାଗ କରୁଛି ? ସମୁଚ୍ଚ ନୈତିକ ଆଦର୍ଶ ଅନୁରୋଧରେ ସ୍ୱୀକୃତ ବିଚ୍ଛେଦ-ସାଗରର ଦୁଇ କୂଳରେ ପରସ୍ପରଠାରୁ ନିର୍ବାସିତ ରହି ଦୁଇ ପ୍ରଣୟୀ ଏପରି ମର୍ମଦାହୀ ହୃଦୟ-ମନ୍ଥନ ଶୋକକାହାଣୀ ବିଶ୍ୱସାହିତ୍ୟରେ ଅନନ୍ୟ ନାହିଁ ।

ଦ୍ୱିତୀୟ ତରଙ୍ଗର ଏଇ ବାରଟି ବର୍ଷରେ ରାଜା ରାମଚନ୍ଦ୍ରଙ୍କ ଜୀବନରେ ବହୁ ଘଟଣା ଘଟିଥିଲାହେଁ ସୀତାଙ୍କ ଜୀବନର ଏହି ବାର ବର୍ଷ ଘଟଣାହୀନ, ନିରାନନ୍ଦ, ଶାନ୍ତ, ସରଳ । ତାଙ୍କ ଜୀବନରେ ଏହା ହିଁ ପ୍ରକୃତ ଅଗ୍ନିପରୀକ୍ଷା । ଏହି ବାରଟି ବର୍ଷ ବୈଦେହୀଙ୍କର ଏକ ନିରାଡ଼ମ୍ବର ଅବିଚ୍ଛିନ୍ନ ଅଧ୍ୟାତ୍ମଯଜ୍ଞ ।

କାବ୍ୟରେ ଏ ଜୀବନବର୍ଣ୍ଣନା ଅତ୍ୟନ୍ତ କଠିଣ । ଭବଭୂତିଙ୍କ ନାଟକରେ ରାମଙ୍କ ଅଶ୍ୱମେଧ ଯଜ୍ଞ କେନ୍ଦ୍ର-ଘଟଣା ଥିବାରୁ ତାହା ଘଟଣାବହୁଳ । ଗଙ୍ଗାଧରଙ୍କ ଚକ୍ଷୁରେ କିନ୍ତୁ ସୀତାଙ୍କ ତପସ୍ୟା ରାମଙ୍କ ଅଶ୍ୱମେଧ ଅପେକ୍ଷା ମହତ୍ତର ଓ ଅଧିକ ବସ୍ତୁମୂଳକ ବ୍ୟାପାର । ସେ ଘଟଣାର ବାହ୍ୟାଡ଼ମ୍ବରସବୁକୁ ଲୁଚାଇ ରାମ-ସୀତାଙ୍କର ହୃଦୟରେ ଜଳୁଥିବା ପ୍ରେମ-ଯଜ୍ଞକୁ ହିଁ ଦେଖିବାକୁ ଇଚ୍ଛା କରନ୍ତି । ଏପରି ଦୃଷ୍ଟିର କାର୍ଯ୍ୟ ଯେ ତାଙ୍କ ଲେଖନୀରେ ସୁସିଦ୍ଧ ହୋଇପାରିଛି, ତାହା ହିଁ ରସଦେବତ-ପ୍ରତିଭାର ମହତ୍ତ୍ୱର ସୂଚକ ।

ଏଣେ ସୀତାଙ୍କର ବାଲ୍ମୀକି ଆଶ୍ରମରେ ଯାପିତ ଏଇ ବର୍ଷ, ତପୋଜ୍ଜ୍ୱଳ ଅଥଚ ମଧୁର ମହିମାମଣ୍ଡିତ ଶେଷ ଜୀବନ ଗଙ୍ଗାଧର 'ତପସ୍ୱିନୀ' କାବ୍ୟରେ ଏଗାରଟି ପରିଚ୍ଛେଦରେ କିପରି ବର୍ଣ୍ଣନା କରିଛନ୍ତି, ତାହା କାବ୍ୟଟି ନ ପଢ଼ିଲେ ଦୁଇ କଥାରେ କିପରି ବୁଝାଇହେବ ? କାବ୍ୟଟି ପଢ଼ୁ ପଢ଼ୁ ସୀତାଙ୍କର କାରୁଣ୍ୟରେ ଚକ୍ଷୁ ଅଶ୍ରୁସିକ୍ତ ହୋଇଆସେ, ପୁଣି ତାଙ୍କର ପବିତ୍ର-ମହିମାରେ ପ୍ରାଣ ଉଲ୍ଲସିତ ହୋଇଉଠେ । ତୃତୀୟ ଅଧ୍ୟାୟରେ ରାମଚନ୍ଦ୍ରଙ୍କର ଅନୁଶୋଚନା, ଚତୁର୍ଥ ଅଧ୍ୟାୟରେ ବୈଦେହୀଙ୍କର ବାଲ୍ମୀକି ଆଶ୍ରମରେ ପ୍ରଥମ ପ୍ରଭାତର ବର୍ଣ୍ଣନା, ଷଷ୍ଠ ଓ ସପ୍ତମ ଅଧ୍ୟାୟରେ ସୀତାଙ୍କ ମୁଖରେ ପ୍ରାୟ ସମଗ୍ର ରାମ ଚରିତର ସ୍ମୃତି, ମଧୁର, କରୁଣ ରସ, ଏକାଦଶ ବା ଶେଷ ଅଧ୍ୟାୟରେ ସୀତାଙ୍କର ସ୍ୱାମୀଙ୍କ ଅଶ୍ୱମେଧ ଯଜ୍ଞର ଖବର ପାଇବା ଓ ତାର ମାନସିକ ପ୍ରତିକ୍ରିୟାସବୁ ଯେପରି ଭାବରେ ବର୍ଣ୍ଣିତ ହୋଇଛି, ତାହା କେବଳ ପ୍ରଥମ ଶ୍ରେଣୀର କବିମାନେ ହିଁ ପାରନ୍ତି । ଉତ୍କଳ-ସାହିତ୍ୟଭଣ୍ଡାରରେ ଏଗୁଡ଼ିକ ଅମୂଲ୍ୟ ମଣିମାଣିକ୍ୟ ।

'ପ୍ରଣୟବଲ୍ଲରୀ' ସମ୍ବନ୍ଧରେ ଏତିକି କହିଲେ ଯଥେଷ୍ଟ ହେବ ଯେ କାଳିଦାସଙ୍କ ଯାଦୁବିଦ୍ୟାକୁ ମଧ୍ୟ ଯେ ଆହୁରି ମନୋହର କରିପାରିଛନ୍ତି, ସେ କବି ଆମର ବାର ବାର ନମସ୍ୟ । 'ପଦ୍ମିନୀ' କାବ୍ୟ ଆରବ୍ଧ ମାତ୍ର ହୋଇଥିଲେହେଁ, ଫୁଲ-ପତ୍ର ଦେଖୁ ତୁଳସୀର ସୌରଭ ବିତରଣ ପରି ଏହି କ୍ଷୀଣ ଆରମ୍ଭ ଆମ୍ଭମାନଙ୍କ ଚିତ୍ତକୁ

ଉପପ୍ଲାବିତ କରିବା ସଙ୍ଗେ ସଙ୍ଗେ ଅପୂର୍ବ ଭାବନାର ଗୈରିଗନ୍ଧରେ ବୁଡ଼ାଇଦିଏ । 'କବିତା-କଲ୍ଲୋଳ' ଓ 'ଅର୍ଘ୍ୟଥାଳୀ'ର ଅଧିକାଂଶ କବିତା ଏପରି ମନୋଜ୍ଞ ହୋଇଛନ୍ତି ଯେ, ପ୍ରତ୍ୟେକଟିକୁ ମୁଖସ୍ଥ ଓ ଉଦ୍ଧାର କରିବାକୁ ଇଚ୍ଛା ହୁଏ ।

ଗଙ୍ଗାଧର କବି । କିନ୍ତୁ ପାଠକେ, ତାଙ୍କ କାବ୍ୟଗୁଡ଼ିକର ଗଦ୍ୟ-ଭୂମିକା-ସବୁକୁ ଲକ୍ଷ୍ୟ କରିଅଛନ୍ତି କି ? ଓଡ଼ିଆଭାଷାରେ ଗଦ୍ୟଶୈଳୀର ଏଗୁଡ଼ିକ ଗୋଟିଏ ଗୋଟିଏ ପୁଷ୍ପ-କୁଞ୍ଜ । ଏଗୁଡ଼ିକ ମୁଁ ଯେ କେତେ ଥର ମୁଗ୍ଧହୋଇ ପାଠ କରିଛି, ତା'ର ସଂଖ୍ୟା ନାହିଁ । ଗଙ୍ଗାଧର ଗଦ୍ୟରେ କୌଣସି ପୁସ୍ତକ ଲେଖିଯାଇ ନାହାନ୍ତି । ଯା ଫଳରେ ଓଡ଼ିଆ-ସାହିତ୍ୟ ଦରିଦ୍ର ହିଁ ରହିଲା ।

ଆମେ ସମସ୍ତେ ଜାଣୁ ଯେ, ଗଙ୍ଗାଧର ଉତ୍କଳରେ ବେଶୀ ଜନପ୍ରିୟ ତାଙ୍କ କାବ୍ୟର ଛନ୍ଦମାଧୁର୍ଯ୍ୟ ଯୋଗୁଁ । ସେ ବିଷୟରେ ମୁଁ ବେଶୀ କିଛି କହୁ ନାହିଁ; କାରଣ ମୁଁ କହୁଛି ଯେ, କାବ୍ୟକବିତାରେ ତାହା ଗୌଣ ଉପାଦାନ ଏବଂ ତାର ମାଧୁର୍ଯ୍ୟ ସମସ୍ତେ ସେତେବେଳେ ଉପଲବ୍ଧି କରୁଛନ୍ତି, ଆଉ ଆଲୋଚନା କରି ଦେଖାଇଦେବାର ଚେଷ୍ଟା କରିବା କି ପ୍ରୟୋଜନ ? ତେବେ ମେହେରଙ୍କ ଛନ୍ଦକୌଶଳ କିପରି ସ୍ୱତଃଜାତ ଥିଲା, ତାହା ତାଙ୍କର ସର୍ବପ୍ରଥମ ରଚନା 'ଅହଲ୍ୟାସ୍ତବ'ରୁ ଦୃଷ୍ଟାନ୍ତ ଦେଇ ପାଠକମାନଙ୍କଠାରୁ ବିଦାୟ ନିଏ ! ଏ କାବ୍ୟଟି ଖାଣ୍ଟି ସଂସ୍କୃତ ଛନ୍ଦ ( ଶାର୍ଦ୍ଦୂଳ ବିକ୍ରୀଡ଼ିତ )ରେ ଲେଖା, ଅଥଚ ଭାଷା ଓଡ଼ିଆ । ପାଠକେ, ସଂସ୍କୃତ ଗୁରୁ ଲଘୁ ନିୟମ ଧରି ପଢ଼ିଲେ ଛନ୍ଦର ନିଖୁଣ ମାଧୁରୀ ଉପଲବ୍ଧି କରିବେ ।

"ପୃଥ୍ୱୀମଣ୍ଡନ ଚିତ୍ତ          ଜଗତ୍ରି ବନ୍ଦ୍ୟ
ଭକ୍ତଙ୍କ ମୁକ୍ତି ଦେଣୀ,
ସଂସାରାର୍ଣ୍ଣବ          ପାରକାରକୁ ଚିନ୍ତୁ
ଦୈବଜ୍ଞ ଚୂଡ଼ାମଣି ।
ସାଧୁ ପାଳକ          ଦୁଷ୍ଟନାଶ କରଣେ
ସମ୍ଭୂତ ଏ ଭୂତଳେ
କୁମ୍ଭ ଶ୍ରୀଚରଣା-          ମ୍ବୁଜ ରହୁ ସଦା
ଶିରକ ମୋ ନିଶ୍ଚଳେ ।"

ନୀଚକୁଳଜାତ, ଦରିଦ୍ର ସ୍ୱଳ୍ପଶିକ୍ଷିତ ଗଙ୍ଗାଧରଙ୍କୁ ଜାଣି କରି ନ ଦେଇଥିଲେ ମଧ୍ୟ ସେ ଓଡ଼ିଆ ଜାତିକୁ ନାଶହୀନ ସମ୍ପଦ ଦେଇ ଯାଇଅଛନ୍ତି । ଯାହାହେଉ, ଏ ଓଡ଼ିଆ ଜାତି ଏବେ ଏ ମହତ୍ତ୍ୱଦାନର ଋଣୀତ୍ୱର ସଚେତନ ଥିବା ବୋଧହେଉଛି ।

**ଡକ୍ଟର ମାୟାଧର ମାନସିଂହ**, ଏମ୍. ଏ., ପିଏଚ୍. ଡ଼ି.

## ସ୍ୱଭାବ-କବି

# ଗଙ୍ଗାଧର ମେହେରଙ୍କ

## ସଂକ୍ଷିପ୍ତ ଜୀବନ-ଚରିତ

ଊନବିଂଶ ଶତାବ୍ଦୀର ଶେଷ ପାଦରେ କବିବର ରାଧାନାଥ ଉତ୍କଳ-ସାହିତ୍ୟ-ରାଜ୍ୟରେ ଏକ ଅଭିନବ ଯୁଗ ଆନୟନ କରିଥିଲେ । ସେତେବେଳେ ଇଂରାଜୀ ଶିକ୍ଷା-ସଭ୍ୟତାର ପ୍ରଭାବରେ ଶିକ୍ଷିତ ସମାଜର ପଠନ-ମନୋବୃତ୍ତିର ପରିବର୍ତ୍ତନ ଘଟିଥିଲା । ସାରଳା ଯୁଗର ପୌରାଣିକ ରଚନା, ମଧ୍ୟ ଯୁଗ ବା ଭଞ୍ଜ ଯୁଗର ଶୃଙ୍ଗାରାତ୍ମକ ବର୍ଣ୍ଣନା, ଶବ୍ଦ-ପାଣ୍ଡିତ୍ୟପୂର୍ଣ୍ଣ ଆଳଙ୍କାରିକ ରଚନା ନବ୍ୟ ସମାଜର ଆଉ ରୁଚିକର ହୋଇପାରିଲା ନାହିଁ । ପ୍ରାଦେଶିକ ସାହିତ୍ୟମାନଙ୍କ ପ୍ରଭାବ ବିଶେଷତଃ ପ୍ରତିବେଶୀ ବଙ୍ଗଳା ସାହିତ୍ୟର ପ୍ରଗତି ଦର୍ଶନ କରି ଓଡ଼ିଆ ସାହିତ୍ୟିକମାନଙ୍କ ପ୍ରାଣରେ ନବୀନ ଜାଗ୍ରତ ଉଦ୍ଦୀପିତ ହେଲା । ଫଳତଃ ପଦ୍ୟ-ସାହିତ୍ୟ ମର୍ଦ୍ଦିଭୂତ ହୋଇ ଗଦ୍ୟର ଆଦର ବଢ଼ିବାକୁ ଲାଗିଲା । ସେତେବେଳେ ଗୌରୀଶଙ୍କର, ବିଶ୍ୱାନନ୍ଦ, ବିଚ୍ଛନ୍ଦ ପଟ୍ଟନାୟକ, ଗୋବିନ୍ଦ ରଥ, ଜଗମୋହନ, ରାମକୃଷ୍ଣ, ନୀଳମଣି, ବିଶ୍ୱନାଥ, ଫକୀରମୋହନ, ମଧୁସୂଦନ ପ୍ରମୁଖ ନୂତନ ଧରଣର ଗଦ୍ୟ, ପଦ୍ୟ, ଗଳ୍ପ, ଇତିହାସ, ନାଟକ, ଉପନ୍ୟାସାଦି ଲେଖିବାକୁ ଲାଗିଲେ । ଏହି ସମୟରେ କବିବର ରାଧାନାଥ କାବ୍ୟ-ରାଜ୍ୟରେ ଅଭ୍ୟୁଦିତ ହୋଇ ସ୍ୱୀୟ ବିଲକ୍ଷଣ କବି-ପ୍ରତିଭାରେ ବିଷୟବସ୍ତୁ ସଂଗ୍ରହ, ବର୍ଣ୍ଣନାଶୈଳୀ, ଶବ୍ଦବିନ୍ୟାସରୀତି, ଛନ୍ଦ, ରସ, ଅଳଙ୍କାର ଆଦିରେ ପରିବର୍ତ୍ତନ ଆଣି ଆଧୁନିକ ଓଡ଼ିଆ ସାହିତ୍ୟର ନିର୍ମାତା ଓ ପ୍ରାଣପ୍ରତିଷ୍ଠାତାରୂପେ ଜାତି ଓ ଦେଶର ନମସ୍ୟ ହୋଇଅଛନ୍ତି । ଗଙ୍ଗାଧର ଏହି ରାଧାନାଥ ପ୍ରବର୍ତ୍ତିତ ନବଯୁଗର ବିଶିଷ୍ଟ କବି । ଆଜି ତାଙ୍କର ରଚିତ 'ଉତ୍କଳଲକ୍ଷ୍ମୀ, କୀଚକବଧ, ତପସ୍ୱିନୀ, ପ୍ରଣୟବଲ୍ଲରୀ' ପ୍ରଭୃତି କାବ୍ୟମାନ ସମଗ୍ର ଓଡ଼ିଶାରେ ସମାଦୃତ । ସୁରୁଚିର ବିଶୁଦ୍ଧ ସାହିତ୍ୟ-ସୃଷ୍ଟିରେ, ରଚନାର ମୌଳିକତାରେ, ପଦଲାଳିତ୍ୟରେ, ମାନବ-ଚରିତ୍ର-ଚିତ୍ରଣରେ ଗଙ୍ଗାଧରଙ୍କ ଅମର ଲେଖନୀରୁ ଅମୃତର ଧାରା ନିଃସୃତ ହୋଇଅଛି । କେବଳ କାବ୍ୟରେ ନୁହେଁ, ଜୀବନରେ କବିବର ଉପଦେଶଦ୍ୱାରା ତାହାଙ୍କର ମାନବ-ମହତ୍ତ୍ୱ ପ୍ରକଟିତ ହୋଇ କବି-ମର୍ଯ୍ୟାଦାକୁ ବହୁଗୁଣିତ କରିଅଛି ।

ଗଙ୍ଗାଧର ସମ୍ବଲପୁର ଜିଲ୍ଲାର ବରପାଲିର ଏକ ସାଧାରଣ ତନ୍ତ୍ରୀ-ପରିବାରରେ ଜନ୍ମଗ୍ରହଣ କରିଥିଲେ । ସେତେବେଳେ କିଏ ଜାଣିଥିଲା ଯେ, ଏହି ଶିଶୁର ଜୀବନ-ଚରିତ ଲିପିବଦ୍ଧ ହୋଇ-ରହିବ ! ଅନେକଙ୍କୁ ବିଦିତ ଥିବ ଯେ ଏହାଙ୍କର ତିରୋଭାବ ସମୟ ତା ୪ । ୪ । ୧୯୨୪ ଚୈତ୍ର ଅମାବାସ୍ୟା; କିନ୍ତୁ ଆବିର୍ଭାବ ସମୟ ତା ୯।୮।୧୮୬୨ ଶ୍ରାବଣ ପୂର୍ଣ୍ଣିମା ଥିବାରୁ ବେଶ ଜଣାପଡ଼େ । ଆଗମନବେଳେ ପୂର୍ଣ୍ଣିମାରେ ଏହି ମାନବ-ଶିଶୁ ନିଜ ଜନ୍ମକୁ ଆନନ୍ଦାଲୋକରେ ଭସାଇଥିଲେ; କିନ୍ତୁ ପ୍ରତିଗମନବେଳେ ଅମାବାସ୍ୟାରେ ସମଗ୍ର ଦେଶକୁ ବିଷାଦ-ତିମିରରେ ଅନ୍ଧକାରମୟ କରିଦେଇ ଚାଲିଗଲେ । ତାହାଙ୍କ ଜନ୍ମ ଓ ମୃତ୍ୟୁକାଳ ମଧ୍ୟରେ ଏହି ପାର୍ଥକ୍ୟ ତଥା ବିଶେଷତ୍ୱ ପରିଲକ୍ଷିତ ହେଲା । ଗଙ୍ଗାଧରଙ୍କ ପିତାଙ୍କ ନାମ ଚୈତନ୍ୟ ଓ ମାତାଙ୍କ ନାମ ସେବତୀ ଥିଲା । ଚୈତନ୍ୟ ସାମାନ୍ୟ ଅବସ୍ଥାପନ୍ନ ଓ ସାଧାରଣ ଜୀବନ-ଯାପନକ୍ଷମ ବ୍ୟକ୍ତି ଥିଲେ ।

**ଶିକ୍ଷା:**—ଗଙ୍ଗାଧର ଛଅ ବର୍ଷ ବୟସରେ ଗାଆଁର ଗୋଟିଏ ଚାଟଶାଳୀରେ ପ୍ରବିଷ୍ଟ ହୋଇ କିଛି କାଳ ଅଧ୍ୟୟନ କଲେ । ତାହା ପସନ୍ଦ ନ ହେବାରୁ ତାଙ୍କ ପିତା ତାଙ୍କର ଶିକ୍ଷାଭାର ଗ୍ରହଣ କରିଥିଲେ । ସେ ଭାଗବତ ପାଠ, କିଛି ଗୁରୁଙ୍କଠାରୁ ଅଙ୍କୁଡ଼ି ଓ ୨୫ ଖଣ୍ଡା ଚଣକିଆ ପର୍ଯ୍ୟନ୍ତ ପଢ଼ିଲେ । ଏପରି ସମୟରେ ତାଙ୍କ ପିତାଙ୍କର କେତେକ ପାରିବାରିକ ଅସୁବିଧା ହେତୁ କିଛି ସମୟ ଶିକ୍ଷାରୁ ନିବୃତ୍ତ ରହିଲେ । ତତ୍ପରେ ତାଙ୍କୁ ବରପାଲି ବ୍ରାଞ୍ଚ ସ୍କୁଲରେ ଅଧ୍ୟୟନ କରିବାକୁ ହେଲା । ସେତେବେଳେ ବ୍ରାଞ୍ଚ ସ୍କୁଲରେ ଦ୍ୱିତୀୟ ଶ୍ରେଣୀଯାଏ ଶିକ୍ଷା ଦିଆଯାଉଥିଲା । ସେଠାରୁ ଶିକ୍ଷା ଶେଷ କରି ସେ ସ୍ଥାନୀୟ ମଧ୍ୟ ଭର୍ଣ୍ଣାକୁଲର ବିଦ୍ୟାଳୟରେ ପ୍ରତି ଛଅ ମାସରେ ଗୋଟିଏ ଲେଖାଏଁ ଶ୍ରେଣୀ ଉତ୍ତୀର୍ଣ୍ଣ ହୋଇ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଅଧ୍ୟୟନ କରିଥିଲେ । ପିତାଙ୍କ ଅବସ୍ଥା ଅସ୍ୱଚ୍ଛଳ ଥିବାରୁ ସେ ଶିକ୍ଷା ବିଷୟରେ ଅଧିକ ସମୟ ଓ ଅର୍ଥବ୍ୟୟ କରିପାରୁ ନ ଥିଲେ । ଦ୍ୱିତୀୟ ଶ୍ରେଣୀରୁ ପଞ୍ଚମ ଶ୍ରେଣୀ ଅଧ୍ୟୟନ କରିବା ପର୍ଯ୍ୟନ୍ତ ସେ ପିତାଙ୍କୁ ଓଳିଏ ବସ୍ତ୍ରବୟନରେ ସାହାଯ୍ୟ କରି ନିଜେ ତାହା ଶିକ୍ଷା କରୁଥିଲେ ଏବଂ ସେଥିରୁ କିଛି ସମୟ ରଖି ନିଜ ପାଠ ପ୍ରସ୍ତୁତ କରୁଥିଲେ । ତାଙ୍କର ସମଗ୍ର ଛାତ୍ରଜୀବନ ମଧ୍ୟରେ ପୁସ୍ତକ ଓ କାଗଜ ବିଷୟରେ ଟଙ୍କାଏ ମାତ୍ର ବ୍ୟୟିତ ହୋଇଥିଲା । ସେ ଆବଶ୍ୟକ ପୁସ୍ତକମାନ ସହାଧ୍ୟାୟୀମାନଙ୍କଠାରୁ ମାଗିଆଣି ପଢ଼ିସାରି ସେମାନଙ୍କୁ ପ୍ରତ୍ୟର୍ପଣ କରୁଥିଲେ ।

କଟକ ଜିଲ୍ଲାନ୍ତର୍ଗତ ମୂଳବସନ୍ତ ଗ୍ରାମନିବାସୀ ସ୍ୱର୍ଗତ ଘନଶ୍ୟାମ ମିଶ୍ର ସେତେବେଳେ ବରପାଲି ମଧ୍ୟ ଭର୍ଣ୍ଣାକୁଲର ବିଦ୍ୟାଳୟର ହେଡ୍‌ପଣ୍ଡିତ ଥିଲେ । ନିଜ ବ୍ୟକ୍ତିଗତ ଯୋଗ୍ୟତା, ସାଧୁତା, ଛାତ୍ର ପ୍ରତି ସ୍ନେହ ସହାନୁଭୂତି ଓ ଯତ୍ନ, ନିଃସ୍ୱାର୍ଥପର ଓ କର୍ତ୍ତବ୍ୟନିଷ୍ଠା ଯୋଗୁଁ ସେ ଛାତ୍ରମାନଙ୍କର ତଥା ସାଧାରଣଙ୍କର ବଡ଼ ପ୍ରିୟ ଓ ଭକ୍ତିଭାଜନ ହୋଇପାରିଥିଲେ । ଗଙ୍ଗାଧର ତାଙ୍କ ପାଖରେ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ି ସ୍କୁଲ ଶିକ୍ଷା-ସମାପ୍ତି ପରେ ତାଙ୍କର ସୌଜନ୍ୟ ଲଭିକରି ଅନ୍ୟ କେତେକଙ୍କ ସହିତ ବାହାରିଆ ଛାତ୍ର ଭାବରେ କିଛି ସମୟ ଉଚ୍ଚ ଶ୍ରେଣୀର ପାଠ—ରଘୁବଂଶ, ମେଘଦୂତ,

ବୀଜଗଣିତ ଆଦି ପଢ଼ିଥିଲେ ଓ ସାମାନ୍ୟ ସଂସ୍କୃତ ଶିକ୍ଷା ପାଇ କେତେକ ଚରିମଣ୍ଡଳର ମନରେ ଉତ୍କର୍ଷ ସାଧନ କରିଥିଲେ । ପରବର୍ତ୍ତୀ ସମୟରେ ଇଂରାଜୀ ଭାଷାରେ ମଧ୍ୟ ସ୍ୱଳ୍ପ ଜ୍ଞାନ ଅର୍ଜ୍ଜନ କରିଥିଲେ; କିନ୍ତୁ ହିନ୍ଦୀ ଓ ବଙ୍ଗଳା ଭାଷାରେ ତାଙ୍କର ଉତ୍ତମ ପ୍ରବେଶ ଥିଲା । ବାଲ୍ୟକାଳରୁ ଗଙ୍ଗାଧର ଶାନ୍ତସ୍ୱଭାବ ଓ ଧର୍ମାନୁରାଗୀ ଥିଲେ । ପ୍ରାତଃ ସ୍ନାନ କରି ପିତାମହଙ୍କ ସଙ୍ଗରେ ମନ୍ଦିରକୁ ଯାଇ ଜଗନ୍ନାଥ ଦର୍ଶନ, ସନ୍ଧ୍ୟାରେ ହରିସଙ୍କୀର୍ତ୍ତନରେ ଯୋଗଦାନ, ଦ୍ୱିପହରେ ଭାଗବତ ପାଠ, ରାତ୍ରିରେ ରାମାୟଣାଦି ପୁରାଣ ଶ୍ରବଣ କରିବାକୁ ସେ ବଡ଼ ଆଗ୍ରହ ପ୍ରକାଶ କରୁଥିଲେ । କୋମଳ ବାଲ୍ୟକାଳର ଏବମ୍ବିଧ ଧର୍ମାନୁଗତ ରୁଚି, ଶିକ୍ଷା ଓ ଅଭ୍ୟାସ ଚରିତ୍ରରୂପ ଦେବାରୁ ତାଙ୍କର ଜୀବନ-ସୌଧ ମୂଳରୁ ସୁଦୃଢ଼ ହୋଇଥିବା ଅନୁମାନ କରାଯାଇପାରେ । ଗଙ୍ଗାଧର ଯେତେବେଳେ ପାଠ୍ୟ ଅଧ୍ୟୟନ କରୁଥିଲେ, ଗମ୍ଭୀର ମନୋନିବେଶ, ସୂକ୍ଷ୍ମ ବୁଦ୍ଧି ଓ ସୁସ୍ଥ ଧାରଣାଶକ୍ତି ଯୋଗୁ ତାହାକୁ ଉତ୍ତମରୂପେ ହୃଦୟଙ୍ଗମ କରିପାରୁଥିଲେ । ତେଣୁ ସେ ଶିକ୍ଷକମାନଙ୍କର ପ୍ରିୟତମ ଛାତ୍ରରୂପେ ପରିଗଣିତ ହୋଇଥିଲେ ।

ପଣ୍ଡିତ ଘନଶ୍ୟାମ ମିଶ୍ରଙ୍କ ପରେ ବନମାଳୀ ଆଚାର୍ଯ୍ୟ ଏବଂ ତାଙ୍କ ପରେ ପଣ୍ଡିତ ଲକ୍ଷ୍ମଣ ମିଶ୍ର ବରପାଲି ସ୍କୁଲର ହେଡ଼୍‌ପଣ୍ଡିତ କାର୍ଯ୍ୟରେ ନିଯୁକ୍ତ ହୋଇ-ଥିଲେ । ଏହି ସମୟରେ ସମ୍ବଲପୁରରେ ମିଡ଼ିଲ୍ ପରୀକ୍ଷା ବନ୍ଦ ହୋଇ ଭିଲେଜ୍ ଓ ଟାଉନ୍ ପରୀକ୍ଷାର ଆରମ୍ଭ ହେଲା । ଗଙ୍ଗାଧର ପଣ୍ଡିତ ଲକ୍ଷ୍ମଣ ମିଶ୍ରଙ୍କ ପ୍ରୋତ୍ସାହନରେ ଭିଲେଜ୍ ପରୀକ୍ଷା ଦେବା ନିମନ୍ତେ ସ୍କୁଲରେ ପୁନର୍ବାର ନାମ ଲେଖାଇ ଆବଶ୍ୟକ ବହିମାନ ଶିକ୍ଷାକରି ୧୮୮୨ ଖ୍ରୀଷ୍ଟାବ୍ଦରେ ପରୀକ୍ଷା ପାଇଁ ସମ୍ବଲପୁର ଯାଇଥିଲେ । ଗଣିତରେ ଉପଯୁକ୍ତ ନମ୍ବର ରଖି ନ ପାରିବାରୁ ସେ ଭିଲେଜ୍ ସ୍କୁଲର ସାର୍ଟିଫିକେଟ୍ ନ ପାଇ ଦେଶୀୟ ପାଠଶାଳାର ସାର୍ଟିଫିକେଟ୍ ପାଇଥିଲେ ।

**ଗୃହକର୍ମ ଓ କବିତ୍ୱର ସ୍ଫୂର୍ତ୍ତି**—ଗଙ୍ଗାଧର ସ୍କୁଲ-ଶିକ୍ଷା ସମାପନ କରି ପରିବାର-ପୋଷଣରେ ପିତାଙ୍କୁ ସାହାଯ୍ୟ କରିବା ଲାଗି ୨୩ ବର୍ଷ ପୈତୃକ ବୃତ୍ତି ଚାଷବାସରେ ନିଯୁକ୍ତ ହୋଇଥିଲେ । ଦାରିଦ୍ର୍ୟଜନିତ ଦୁର୍ଦ୍ଦଶାର ଅଶେଷ ପ୍ରଭାବଶାଳୀ ଗଙ୍ଗାଧରଙ୍କ ଜୀବନର ସ୍ୱଚ୍ଛନ୍ଦ ବିକାଶପଥରେ ଯେଉଁ ଅନ୍ତରାୟ ସୃଷ୍ଟି କରିଥିଲା, ଏହି ବାସ୍ତବିକ ଶ୍ରମସାଧ୍ୟ ବସ୍ତୁବନ୍ଧନ କର୍ମ ତାହାର ପୁଷ୍ଟିବିଧାନ କଲା । ପରନ୍ତୁ ତାଙ୍କର ପ୍ରବଳ ଜ୍ଞାନପିପାସା ବେଗବତୀ ସ୍ରୋତସ୍ୱିନୀ ତୁଲ୍ୟ ଏସବୁ ପ୍ରତିବନ୍ଧକକୁ ଅଗ୍ରାହ୍ୟ କରି ନିଜ ଅଭୀଷ୍ଟସିଦ୍ଧି-ପଥରେ ପ୍ରଧାବିତ ହେଲା । ତାଙ୍କ ହୃଦୟରେ ବିବିଧ ଗ୍ରନ୍ଥାଧ୍ୟୟନ-ପ୍ରବୃତ୍ତି ଜାତ ହେଲା; କିନ୍ତୁ ଏଥିରେ ସୁଦ୍ଧା ତାଙ୍କୁ ଅର୍ଥାଭାବରେ ଘୋର ଉପହାସ ସହ୍ୟ କରିବାକୁ ପଡ଼ୁଥିଲା । ଆଲୋଚ୍ୟ ସମୟରେ ତାଙ୍କ ଗ୍ରାମରେ ସଖ୍ୟ ଦେଶୀଲୋକଙ୍କ ସ୍କୁଲ-ଲାଇବ୍ରେରୀ ବା ସାଧାରଣ ପୁସ୍ତକାଳୟ ନ ଥିଲା । ଦୈବାତ୍ ଗ୍ରାମବାସୀଙ୍କ ନିକଟରେ କୌଣସି ନୂତନ ପୁସ୍ତକ ଦେଖିଲେ ସେ ମାଗିନେଇ ଆଗ୍ରହ ସହକାରେ ପଢ଼ୁଥିଲେ । ସମସ୍ତ ସମୟରେ ତମସୁକ

ଲେଖି ସେ ଯାହା ପାଉଥିଲେ, ସେସବୁ ପୁସ୍ତକ କିଣିବାରେ ବ୍ୟୟ କରୁଥିଲେ । ଏହିରୂପେ ପୁସ୍ତକସମୂହଦ୍ୱାରା ତାଙ୍କ ଘରରେ ଗୋଟିଏ କ୍ଷୁଦ୍ର ଲାଇବ୍ରେରୀ ସ୍ଥାନ ପାଇଥିଲା । ପ୍ରବଳ ଅଧ୍ୟୟନସ୍ପୃହା ଯୋଗୁଁ କେତେକ ରାତି ସେ ପୁସ୍ତକସମୂହରେ ଜାଗ୍ରତ ହୋଇପଡୁଥିଲେ । ଏହି ପଠନ-ସ୍ପୃହା କ୍ରମେ ତାଙ୍କୁ ରଚନାଦେଇଥିବାକୁ ଟାଣିଆଣି ତାଙ୍କର ନୈସର୍ଗିକ ପ୍ରତିଭା-ବିକାଶରେ ସାହାଯ୍ୟ କରିଥିଲା । ଗଙ୍ଗାଧର ଅବସର ଅଧିକାଂଶ ସମୟ ବସ୍ତ୍ର-ବୟନରେ ବ୍ୟସ୍ତ ରହୁଥିଲେହେଁ ଅବସର ପାଇଲାମାତ୍ରେ ପୁସ୍ତକାଧ୍ୟୟନରେ ନିରତ ରହୁଥିଲେ । ଅନେକ ସମୟରେ ସେ ତନ୍ତବୁଣିବାବେଳେ ପ୍ରାଚୀନ ସଂସ୍କୃତ ଓ ଓଡ଼ିଆ କାବ୍ୟମାନଙ୍କର କଣ୍ଠସ୍ଥ ଲଳିତ ସନ୍ଦର୍ଭମାନ ଆବୃତ୍ତି କରି ଆନନ୍ଦାନୁଭବ କରୁଥିଲେ । ଏହି ସମୟରେ ତାଙ୍କର ତନ୍ତଶାଳରେ ଗ୍ରନ୍ଥଚର୍ଚ୍ଚା ମଧ୍ୟ ହୋଇଯାଉଥିଲା । କବି-ସମ୍ରାଟ୍ ଉପେନ୍ଦ୍ର ଭଞ୍ଜଙ୍କର ବୈଦେହୀଶବିଳାସ ପ୍ରଭୃତି କାବ୍ୟର ମନୋହର ଅଂଶଗୁଡ଼ିକ କ୍ରମେ ତାଙ୍କ ମନରେ କବିତା ଲେଖିବା ସ୍ପୃହା ଉଦ୍ରେକ କଲା । ପ୍ରଥମ ଅବସ୍ଥାରେ ସେ ପ୍ରାଚୀନ ରୀତିରେ କେତେକ କ୍ଷୁଦ୍ର ପଦ୍ୟ ପ୍ରସ୍ତୁତ କରି ପରେ "ରସରତ୍ନାକର" ନାମକ ଆଦ୍ୟପ୍ରାନ୍ତ 'ର' ଅକ୍ଷରବିଶିଷ୍ଟ ଖଣ୍ଡେ ବୃହତ୍ ପଦ୍ୟପୁସ୍ତକ ଲେଖିଥିଲେ । ତାହା ପାଠକରି ବରପାଲିର ତତ୍କାଳୀନ ସବରେଜିଷ୍ଟ୍ରାର ବୁଦ୍ଧିଶୀଳ ସୂର୍ଯ୍ୟକୁମାର ମିଶ୍ର ଗଙ୍ଗାଧରଙ୍କୁ ଆଧୁନିକ ଧରଣରେ ପଦ୍ୟ ରଚନା କରିବା ପାଇଁ ଉତ୍ସାହିତ କରିବାରୁ ସେ ସଂସ୍କୃତ ଛନ୍ଦରେ "ଅହଲ୍ୟାସ୍ତବ" ପ୍ରଣୟନ ଓ ପ୍ରକାଶ କରି ଉତ୍କଳର ସୁପ୍ରସିଦ୍ଧ କବି ରାଧାନାଥଙ୍କୁ ପ୍ରେରଣ କଲେ । ଗୁଣଜ୍ଞ ଉଦାରପ୍ରାଣ ରାଧାନାଥ ରାୟ ମହୋଦୟ ସେହି ପୁସ୍ତକ ପାଠରେ ପ୍ରୀତ ହୋଇ ପତ୍ରଦ୍ୱାରା ତାଙ୍କୁ ପ୍ରଚୁର ପ୍ରେରଣା ଦେଇଥିଲେ । ପରେ କବି ତାକୁ ବଙ୍ଗଳାଶ୍ରୀ ବୃତ୍ତରେ ପରିବର୍ତ୍ତିତ କରିଥିଲେ ।

**ଚାକିରୀ**—୧୮୮୪ ଖ୍ରୀଷ୍ଟାବ୍ଦରେ ବରପାଲି ଜମିଦାର ରାୟବାହାଦୁର ଲାଲ ନୃପରାଜ ସିଂହଦେବ ଗଙ୍ଗାଧରଙ୍କ ଯୋଗ୍ୟତାର ପରିଚୟ ପାଇ ତାଙ୍କୁ ନିଜ ଜମିଦାରୀ ସିରସ୍ତାରେ ଏକ ସାମାନ୍ୟ ଅମିନ କର୍ମରେ ୫୲ ବେତନ ଦେଇ ନିଯୁକ୍ତ କଲେ । ସେତେବେଳେ ଏତିକି କର୍ମପ୍ରାପ୍ତି ମଧ୍ୟ ରାଜାନୁଗ୍ରହରୂପେ ଅନୁଭୂତ ହେଉଥିଲା । ଗଙ୍ଗାଧର ଏହି କାର୍ଯ୍ୟଦକ୍ଷତାରେ ନୃପରାଜ ସିଂହଙ୍କର ବିଶ୍ୱାସଭାଜନ ହୋଇପାରିଥିଲେ । କେତେକ ବର୍ଷ ଏହିପରି ଭାବରେ କର୍ମକରି ସେ ୧୮୯୯ ଖ୍ରୀଷ୍ଟାବ୍ଦରେ ତହିଁରୁ ଅନୁକୂଳ ଲାଭକରି କୁଡ଼ସିଆଳ ମୌଜାର କାର୍ଯ୍ୟରେ ନିଯୁକ୍ତ ହୋଇ ବରପାଲିରେ ପ୍ରାୟ ବିଂଶବର୍ଷ ରହିଲେ । ପରେ ଏହି କର୍ମସୂତ୍ରରେ ସେ ସମ୍ବଲପୁର, ବିଜେପୁର ଓ ଚନ୍ଦ୍ରପୁର ଗଡ଼ରେ ପରିବର୍ତ୍ତିତ ହୋଇ ପରିଶେଷରେ ୧୯୧୭ ଖ୍ରୀଷ୍ଟାବ୍ଦରେ ସରକାରୀ ପେନ୍‌ସନ୍ ଗ୍ରହଣ କରି କିଛି ସମୟ ଚନ୍ଦ୍ରପୁରରେ ଅବସ୍ଥାନ କରିଥିଲେ । ବିଜେପୁର ଅବସ୍ଥାନ କାଳରେ ତତ୍ରତ୍ୟ ଜମିଦାର ଠାକୁର ରଘୁପତିଦେବ ସଙ୍କର୍ଷଣ ଗଡ଼ତିଆ କବିଙ୍କୁ ଆନ୍ତରିକ ସ୍ନେହ ସମ୍ମାନ ପ୍ରଦର୍ଶନ କରୁଥିଲେ ।

ବୁଢ଼ାସମ୍ବରର ସଦାଶୟ ରାଜା ସ୍ୱର୍ଗୀୟ ଲାଲ ରାଜେନ୍ଦ୍ର ସିଂହ ବରିହା ମହୋଦୟ ଗଙ୍ଗାଧରଙ୍କ କବିତ୍ୱ ଓ ସାଧୁତାରେ ଆକୃଷ୍ଟ ହୋଇ ତାଙ୍କୁ ସ୍ୱୀୟ ରାଜଧାନୀ ନିକଟରେ ଖଣ୍ଡିଏ ଗ୍ରାମ ନିଷ୍କରାନୁକ୍ରମେ ପୁରସ୍କୃତ କଲେ ଏବଂ ତାଙ୍କ ସ୍ମୃତିରକ୍ଷା ଲାଗି ସେହି ନବ ସ୍ଥାପିତ ପଲ୍ଲୀର ନାମ ଗଙ୍ଗାଧରପୁର ରଖିଲେ । ଏହାଦ୍ୱାରା ସେ ଜାତୀୟ କବିଙ୍କର ପ୍ରତିଭାର ପୂଜା କରି ସ୍ୱୀୟ ଉଦାର ସୌଜନ୍ୟ ଓ ଗୁଣଗ୍ରାହକତାର ଉତ୍ତମ ପରିଚୟ ଦେଇଅଛନ୍ତି । ତାଙ୍କ ପୁତ୍ର ବର୍ତ୍ତମାନ ଜମିଦାର ଶ୍ରୀମାନ୍ ଲାଲ ବୀର ସଦାନନ୍ଦ ସିଂହ ମହୋଦୟ ମଧ୍ୟ ସ୍ୱର୍ଗୀୟ କବିଙ୍କ ପ୍ରତି ଭକ୍ତି ପୋଷଣକରି କବି-ସ୍ମୃତିରକ୍ଷା କଳ୍ପେ ଅନୁଷ୍ଠିତ କବିତା ଅନୁଷ୍ଠାନକୁ ଅର୍ଥସାହାଯ୍ୟ ଓ ଏହି ଗ୍ରନ୍ଥାବଳୀ ପ୍ରକାଶରେ ବିଶିଷ୍ଟ ତ୍ୟାଗ କରିବାଦ୍ୱାରା ଦେଶ ଓ ଜାତିପ୍ରୀତି ପ୍ରଦର୍ଶନ ସହିତ ପିତୃ-ଗୌରବ ବର୍ଦ୍ଧିତ କରିଅଛନ୍ତି ।

ଗଙ୍ଗାଧର ସରକାରୀ କର୍ମରୁ ଅବସର ନେଇ କିଛିକାଳ ପଦ୍ମପୁରରେ ରହି ସେଠାର ଜମିଦାରୀ ଅଦାଲତରେ ଅବୈତନିକ କାର୍ଯ୍ୟ କରୁଥିଲେ । କେତେକ କାରଣରୁ ପଦ୍ମପୁରବାସ ତାଙ୍କ ପକ୍ଷରେ ଅସୁବିଧାଜନକ ହେବା ହେତୁ ବରପାଲିର ସ୍ୱର୍ଗୀୟ ଜମିଦାର ସୂର୍ଯ୍ୟୋଦୟ ସିଂହଙ୍କ ଅନୁରୋଧକ୍ରମେ ନିଜ ଜନ୍ମଭୂମିକୁ ଫେରିଆସି ତାଙ୍କ ନିକଟରେ ମାଲ ମୋହରର କାର୍ଯ୍ୟରେ କିଛି ସମୟ ଅତିବାହିତ କଲେ । ପରେ ତାଙ୍କ ପ୍ରଖର ଆଚରଣରେ ବ୍ୟଥିତ ହୋଇ ଆତ୍ମମର୍ଯ୍ୟାଦା ରକ୍ଷା ପାଇଁ ସ୍ୱେଚ୍ଛାପୂର୍ବକ ସେହି କାର୍ଯ୍ୟ ତ୍ୟାଗ କରିଥିଲେ ।

**କାବ୍ୟକବିତା:**—ପୂର୍ବୋକ୍ତ 'ଅହଲ୍ୟାସ୍ତବ' ରଚନାର ପ୍ରାୟ ଏକ ବର୍ଷ ବ୍ୟବଧାନରେ କବି ପ୍ରଚଳିତ ପନ୍ଥା ପରିତ୍ୟାଗ କରି ନବୀନ ଧରଣରେ 'ଇନ୍ଦୁମତୀ' ଲେଖିଥିଲେ । ଏହି କାବ୍ୟ ପାଠକରି କବିବର ରାଧାନାଥ ଗଙ୍ଗାଧରଙ୍କ ଶକ୍ତିମତ୍ତା ସନ୍ଦର୍ଶନରେ ଏକାନ୍ତ ମୁଗ୍ଧ ହୋଇ ଏକ ଉଚ୍ଚଦରର ମନ୍ତବ୍ୟ ପ୍ରଦାନ କରିଥିଲେ ଓ ସେହି ଦିନରୁ ସମସ୍ତେ ସମସ୍ୱରେ ମୁକ୍ତକଣ୍ଠରେ ତାଙ୍କ ଉତ୍କର୍ଷ ବର୍ଣ୍ଣନ କରୁଥିଲେ । ଗଙ୍ଗାଧର ଓଡ଼ିଶାର ସର୍ବପ୍ରଧାନ କବି, ଶିକ୍ଷାବିଭାଗର ସର୍ବୋଚ୍ଚ ହାକିମ ଓ ସମାଜର ବନ୍ଦନୀୟ ବ୍ୟକ୍ତି ରାଧାନାଥଙ୍କଦ୍ୱାରା ସମୁତ୍ସାହିତ ଓ ସମ୍ମାନିତ ହେବାଦ୍ୱାରା ତାହାଙ୍କ ପ୍ରତିଭା-ଉର୍ଦ୍ଧ୍ୱଗାମୀ-ଲେଖନୀରୁ କ୍ରମେ ଅମୃତର ଉତ୍ସ ପ୍ରବାହିତ ହେବାକୁ ଲାଗିଲା । 'ଇନ୍ଦୁମତୀ' ପରେ ତାଙ୍କର 'ଉତ୍କଳଲକ୍ଷ୍ମୀ', 'ମହିମା' ଓ 'କୀଚକବଧ' କାବ୍ୟମାନ ରଚିତ ତଥା ପ୍ରକାଶିତ ହେଲା । 'ଉତ୍କଳଲକ୍ଷ୍ମୀ' କବିଙ୍କ ଜାତୀୟ ପ୍ରେମର ପ୍ରତୀକ । ଏହି କାବ୍ୟରେ ଉତ୍କଳର ମହନୀୟ ମୂର୍ତ୍ତି ଓ ମହାନଦୀ, ଚିଲିକା ପ୍ରଭୃତିର ଚିତ୍ର ଅତି ଉଜ୍ଜ୍ୱଳ ହୋଇ ଫୁଟି ଉଠିଅଛି । ଏହା ପ୍ରଥମେ ଅସମ୍ପୂର୍ଣ୍ଣାକାରରେ ବାହାରି ପୂର୍ଣ୍ଣତାପ୍ରାପ୍ତି ପରେ ସମ୍ବଲପୁରର ସୁପ୍ରସିଦ୍ଧ ଉକିଲ ବ୍ରଜମୋହନ ପଣ୍ଡା, ବି. ଏ. ଙ୍କ ଦ୍ୱାରା ପ୍ରକାଶିତ ହେଲା । 'ମହିମା' ନିଜ ଗୁଣରେ ମହିମାନ୍ୱିତ ।

'ଯାଚକବଧ' ଉତ୍କଳ-ସାହିତ୍ୟ-ଭଣ୍ଡାରର ଏକ ଦୀପ୍ତିମାନ୍ ରତ୍ନ । ଏଥିରେ ଗଙ୍ଗାଧରଙ୍କ କବିପ୍ରତିଭା ସମଗ୍ର ଦେଶବ୍ୟାପିନୀ ହୋଇଅଛି ଓ ତାଙ୍କ ପ୍ରତି ଲୋକଙ୍କ ସଦନୁରାଗ ବଢ଼ିଅଛି । 'ଯାଚକବଧ' ରଚନାର ସମୟକୁ କବିତ୍ୱକ୍ଷେତ୍ରରେ କବିଙ୍କ ବୈଭବସୃଷ୍ଟିର ପ୍ରଥମ କାଳ ବୋଲି ଧରାଯାଇପାରେ । ପ୍ରକୃତ ପକ୍ଷରେ ଏଥିରୁ ହିଁ ତାଙ୍କର ଯଶୋଦେଶାକାଙ୍କ୍ଷୀ ମୌଳିକ ପ୍ରତିଭାର ପଥୋଦ୍‌ଗମ ହୋଇଅଛି । ଗଙ୍ଗାଧରଙ୍କ ଔଦାର୍ଯ୍ୟ-ଦୈନ୍ୟରୁ ହେଉ ବା ଅର୍ଥାଭାବରୁ ହେଉ, 'ଯାଚକବଧ' ପରି ଉପାଦେୟ କାବ୍ୟର ପାଣ୍ଡୁଲିପି ଅନେକ ଦିନ ପର୍ଯ୍ୟନ୍ତ ମୁଦ୍ରାଯନ୍ତ୍ର ଦେଖିପାରି ନ ଥିଲା । ପରେ ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ 'ପ୍ରଜାବନ୍ଧୁ' ପତ୍ରିକାରେ ଏହି କାବ୍ୟପ୍ରସଙ୍ଗ ଆଲୋଚିତ ହେବାରୁ ନବୋତ୍କଳ ଜନକଗଣର ପ୍ରାତଃସ୍ମରଣୀୟ ଦେଶମାନ୍ୟ ସ୍ୱର୍ଗୀୟ ମଧୁସୂଦନ ଦାସ, C. I. E. ମହୋଦୟ ସ୍ୱତଃପ୍ରବୃତ୍ତ ହୋଇ ତାହାର ପ୍ରକାଶ ବ୍ୟୟଭାର ଗ୍ରହଣ କଲେ । ଅତଃପର ଉତ୍କଳ ଭାରତୀ ଗଙ୍ଗାଧରଙ୍କର ଅପ୍ରକାଶିତ ସୁନ୍ଦର ଓ ଉନ୍ନତ କାବ୍ୟାବଳୀଦ୍ୱାରା ମଣ୍ଡିତା ହେଲେ । ଏହାପରି ଭାବରେ କ୍ରମେ ତତ୍ ପ୍ରଣୀତ 'କବିତା କଲ୍ଲୋଳ', 'ଅଯୋଧ୍ୟା-ଦୃଶ୍ୟ', 'ତପସ୍ୱିନୀ', 'ପ୍ରଣୟ-ବଲ୍ଲରୀ' ଓ 'ଅର୍ଘ୍ୟଥାଳୀ' ପ୍ରକାଶିତ ହେଲା । 'କବିତା-କଲ୍ଲୋଳ' ସମ୍ବଲପୁରର ପ୍ରଖ୍ୟାତନାମା ଉକିଲ ଶ୍ରୀଯୁକ୍ତ ରାମନାରାୟଣ ମିଶ୍ର, M. A., B. L. ଏବଂ 'ଅଯୋଧ୍ୟାଦୃଶ୍ୟ' ଡେପୁଟୀ ମାଜିଷ୍ଟ୍ରେଟ ସ୍ୱର୍ଗୀୟ ବାଳମୁକୁନ୍ଦ ବସୁଧାରଙ୍କ ଆନୁକୂଲ୍ୟରେ ପ୍ରକାଶିତ । ଉଭୟ କାବ୍ୟର ବର୍ଣ୍ଣନାରେ କବିଙ୍କର କଳାପାଟବ, ଚିନ୍ତାଶୀଳତା, କୃଷ୍ଟି ଓ କଳ୍ପନାଶକ୍ତିର ପ୍ରକର୍ଷ ପରିଦୃଷ୍ଟ ହୁଏ ।

ସୁବିଖ୍ୟାତ 'ତପସ୍ୱିନୀ' କାବ୍ୟ ମଧ୍ୟ ସାହିତ୍ୟାନୁରାଗୀ ଶ୍ରୀଯୁକ୍ତ ରାମନାରାୟଣ ମିଶ୍ର, M.A., B.L.ଙ୍କ ଅର୍ଥସାହାଯ୍ୟରେ ପ୍ରକାଶିତ । କବିଙ୍କର ସ୍ୱଚ୍ଛନ୍ଦ ଲୀଳାବିଳାସ, ଚରିତ୍ରଚିତ୍ରର ଗୌରବ ଓ ପ୍ରକୃତିର ରୂପବୈଭବ ପ୍ରଭୃତିରେ ଅଙ୍କନ-ନୈପୁଣ୍ୟରେ ଏହା ସହୃଦୟମାନଙ୍କର ତଥା ସର୍ବଜନସମାଦୃତ ହୋଇଅଛି । ଏହାର କାରୁଣ୍ୟରସାପ୍ଲୁତ ଭାବମୟ କାନ୍ତ କାନ୍ତ ପଦାବଳୀ ବାଣୀ-ବନ୍ଦନାର ମନୋମୁଗ୍ଧକର ଲହରୀରେ ଭରା । ଅଧୁନାତନ ସାହିତ୍ୟର ଭାବ, ଭାଷା, ଛନ୍ଦ, ଅଳଙ୍କାର ଆଦିର ଭଙ୍ଗୀ ଭିତରେ ନବଯୁଗର ସରଳତା, ପ୍ରାଞ୍ଜଳତା, ସରସତା ଓ ଶୁଦ୍ଧତାସମନ୍ୱିତ ସୁକୁମାର କାବ୍ୟ-ଶିଳ୍ପସମ୍ଭୂ-ଦ୍ୱାରା ଏହି ସୌଧ ସୁଗଠିତ । 'ତପସ୍ୱିନୀ'ରେ ଦାରିଦ୍ର୍ୟପୀଡ଼ିତ ଗଙ୍ଗାଧରଙ୍କ କବି-ପ୍ରତିଭା, ପତି-ପରିତ୍ୟକ୍ତା ପତିବ୍ରତା ସୀତାଙ୍କ ପତିଭକ୍ତି ତୁଲ୍ୟ ଉଜ୍ଜ୍ୱଳ ଓ ରମଣୀୟ ହୋଇପାରିଥିବା ସମସ୍ତେ ମୁକ୍ତକଣ୍ଠରେ ସ୍ୱୀକାର କରୁଅଛନ୍ତି । ବସ୍ତୁତଃ ଏହାକୁ ଗଙ୍ଗାଧରଙ୍କ ରଚନାବଳୀର ମୁକୁଟାଳଙ୍କାର ବୋଇଲେ ଅତ୍ୟୁକ୍ତି ହେବ ନାହିଁ ।

କବିଙ୍କର ମଧ୍ୟଯୁଗର ଅବସ୍ଥାନ ସମୟରେ ତାଙ୍କ ପ୍ରଣୀତ 'ପ୍ରଣୟାଙ୍କୁର' କବିତା ଅନୁକୂଳ ବାତାବରଣ ଲଭି ପତ୍ର-ପୁଷ୍ପ-ପଲ୍ଲବାଦିଶୋଭିତ ବର୍ଦ୍ଧିତ 'ପ୍ରଣୟ-ବଲ୍ଲରୀ' କାବ୍ୟ ରୂପରେ ଆତ୍ମପ୍ରକାଶ କଲା । ଏହା ଉତ୍କଳ-କାଳିଦାସ ମେଦିନୀର କବିଙ୍କ ଅଭିନବ କଳ୍ପନାବୃତ୍ତିଶ୍ରୀ ଓ ରଚନାମାଧୁରୀର ମନ୍ଦାକିନୀଧାରା ପ୍ରଭୃତି ସରଳ ତରଳ ଆବେଗମୟ ତଥା ସୈବ ପ୍ରେମପରିପ୍ଳୁତ । କାବ୍ୟଜଗତରେ ଏହାର

ମଧ୍ୟ ଅନ୍ତର୍ଭୁକ୍ତ ମୁଖ୍ୟାଂଶ ଅଛି । ଏହା ସୁର୍ଗୁଜା ରାଜ୍ୟ ଦଳ ଗଜେନ୍ଦ୍ର ସିଂହ ବାହାଦୁର ବାହାଦୁରଙ୍କ ଅନୁକୂଲ୍ୟରେ ପ୍ରକାଶିତ ।

ସେହି ବରପୁରବାସୀ ବେଲେଳ କବି ବଲ୍ଲଭ ସମସ୍ତ ରଚିତ ଖଣ୍ଡକବିତା-ରତ୍ନ-ସମ୍ଭାରରେ 'ଅର୍ଘ୍ୟଥାଳୀ' ପୂର୍ଣ୍ଣ କରି ନବୋତ୍କଳ ପ୍ରଦେଶ ଗଠନର ପ୍ରଧାନ ପ୍ରଚେଷ୍ଟା ସାହିତ୍ୟ-ପ୍ରେମିକ ପାରଳାର ପ୍ରାତଃସ୍ମରଣୀୟ ମହାରାଜ ଶ୍ରୀମାନ୍ କୃଷ୍ଣଚନ୍ଦ୍ର ଗଜପତିନାରାୟଣ ଦେବଙ୍କୁ ଉପହାର ପ୍ରଦାନ କଲେ ଏବଂ ପ୍ରଶଂସିତ ମହାଶୟ ଏହାର ସମସ୍ତ ମୁଦ୍ରଣ ବ୍ୟୟଭାର ବହନ କରିଥିଲେ । ଏଥିରେ ଥିବା 'ଶ୍ମଶାନ' କବିତାଟି କବିଙ୍କ ଜୀବନଦର୍ଶନର ଶ୍ରେଷ୍ଠତତ୍ତ୍ୱ ଦାନ । ପାଶ୍ଚାତ୍ୟ କବି Thomas Grey ଙ୍କର 'Elegy written in a country church yard' କବିତା ପରି ଏହା ବିଶ୍ୱପ୍ରୀତି ଲାଭ କରିବାର ଉପଯୁକ୍ତ । ଏହି କବିତାରେ ଗଙ୍ଗାଧର ଅବତାରବାଦ, ଏକଦେଶଦର୍ଶିତା ଓ ଧାର୍ମିକ ସଙ୍କୀର୍ଣ୍ଣତାର କ୍ଷୁଦ୍ର ଗଣ୍ଡି ମଧ୍ୟରେ ଆବଦ୍ଧ ନ ରହି ଈଶ୍ୱରଙ୍କ ଜଗଦ୍ବ୍ୟାପୀ ରୂପ ଉପଲବ୍ଧି କରିଅଛନ୍ତି । ବିଶ୍ୱଜନନୀ ହିଁ ତାହାଙ୍କର ଉପାସ୍ୟ । ଏହା ଏକ ଉଚ୍ଚଧରଣର ସୁଗଠିତ ରଚନାରୂପେ ସମଗ୍ର ଜଗତରେ ବ୍ୟାପ୍ତ ହୋଇ ଉତ୍କଳ ପ୍ରଦେଶକୁ ଗୌରବାନ୍ୱିତ କରିଅଛି । 'ଅନୁତାପ' ଓ 'ମଧୁମୟ' କବିତାଦ୍ୱୟ ମଧ୍ୟ କବିଙ୍କର ଗଭୀର ଆଧ୍ୟାତ୍ମିକ ଜ୍ଞାନ ଓ ଈଶ୍ୱରପ୍ରୀତିର ନିରବଦ୍ୟ ନିଦର୍ଶନ । ସହଜ, ଲଳିତ ଅଥଚ ଗମ୍ଭୀର ଭାବବୋଧକ ଶବ୍ଦ ପ୍ରୟୋଗ କରି ରସସୃଷ୍ଟି କରିବାରେ ମଧ୍ୟ ତାଙ୍କ ଶକ୍ତି ଅପ୍ରତିହତ ଥିଲା । ବନ୍ଧୁ ମହୋଦୟଙ୍କ କବିତା ଏଥିରେ ସଂଯୋଜିତ ହୋଇ ଏହାକୁ ସୁଧାର ଆଧାର କରିଅଛି । ଏହାର ପ୍ରତ୍ୟେକ କବିତା କବିଙ୍କର ଭିନ୍ନ ଭିନ୍ନ ଦୃଷ୍ଟିକୋଣରୁ ଲିଖିତ ହୋଇଅଛି ।

**ଭାରତୀଭାବନା:**—ଏହା ସ୍ୱାଧୀନତାକାମୀ, ସତ୍ୟପ୍ରିୟ, ସ୍ୱଦେଶପ୍ରେମିକ କବିଙ୍କର ସତ୍ୟାଗ୍ରହର ଅଭିବ୍ୟକ୍ତି । ଏହା ଦ୍ୱର୍ଥବୋଧକ କ୍ଷୁଦ୍ର କବିତା । ଏଥିରେ ଏକ ଅର୍ଥରେ ଗୋପୀମାନଙ୍କର ଗୋବିନ୍ଦ ଶ୍ରୀକୃଷ୍ଣଙ୍କ ପ୍ରତି, ଅନ୍ୟ ଅର୍ଥରେ ଭାରତର ବୈଦେଶିକ ଶାସକଙ୍କ ପ୍ରତି ଲକ୍ଷ୍ୟ ରଖି ଏହା ଅଭିବ୍ୟକ୍ତ ହୋଇଅଛି ।

**ପଦ୍ମିନୀ:**—କବିଙ୍କର ଅପୂର୍ଣ୍ଣ କାବ୍ୟ । ଜୀବନର ଶେଷକାଳରେ କବି ଏହାକୁ ଆରମ୍ଭ କରି କେବଳ ୫ଟି ମାତ୍ର ସର୍ଗ ଲେଖିଅଛନ୍ତି । ପଠାଣବୀର ଅଲ୍ଲାଉଦ୍ଦିନଙ୍କୁ ଚିତୋର ଦୁର୍ଗ ପାଖରେ ଦେଖାଇଦେଇ କବି ଜୀବନ ଲାଗି ସ୍ୱୀୟ ଅନୁଲେଖାଦେବା ସ୍ଥଗିତ ରଖିଲେ । ଏହା କବିଙ୍କର ସର୍ବୋତ୍କର୍ଷ ବର୍ଣ୍ଣନାର ପରିଚୟ ଜାଜ୍ୱଲ୍ୟମାନ କରେ । ନାଟକର ଦିଗରୁ ଦେଖାଯାଏ, ଏହା ସମ୍ପୂର୍ଣ୍ଣ ହୋଇପାରିଥିଲେ ରାଧାନାଥଙ୍କ 'ମହାଯାତ୍ରା' ମହାକାବ୍ୟର ପ୍ରତିଷ୍ଠା ଲାଭ କରିଥାନ୍ତା ।

**ସାହିତ୍ୟିକ ସମ୍ପର୍କ**—ସାହିତ୍ୟ ଆଲୋଚନାସୂତ୍ରରେ ଅନେକ ବରିଷ୍ଠ ବ୍ୟକ୍ତିଙ୍କ ସହିତ ଗଙ୍ଗାଧରଙ୍କ ସ୍ୱାଭାବିକ ବନ୍ଧୁତା ସ୍ଥାପିତ ହୋଇଥିଲା ଓ ତାହା ତାଙ୍କ ଜୀବନକୁ

ବିଶେଷଭାବରେ ଅନୁପ୍ରାଣିତ କରିଥିଲା । ଦେଶପୂଜ୍ୟ କବିବର ରାଧାନାଥ ରାୟ ଗଙ୍ଗାଧରଙ୍କ ଉତ୍କଳଲକ୍ଷ୍ମୀର ପ୍ରକୃତି ଓ ବର୍ଣ୍ଣନାମାଧୁରୀରେ ଆକୃଷ୍ଟ ହୋଇ ଅନେକ ସମୟରେ ତାଙ୍କ ନିକଟକୁ ପ୍ରସାଦ ପ୍ରେରଣ କରୁଥିଲେ । ସେହିପରି କବିଙ୍କ ପ୍ରତି ତାଙ୍କର ଗଭୀର ଶ୍ରଦ୍ଧା ଓ ଆସ୍ଥା ଥିଲା, ତାଙ୍କ ପତ୍ରାବଳୀ ତହିଁର ସର୍ବପ୍ରଧାନ ନିଦର୍ଶନ । ଏତଦ୍‌ଭିନ୍ନ ସେ ପଣ୍ଡିତ ମନସ୍ୱୀ ବିଦ୍ୟାରତ୍ନ, ସାହିତ୍ୟରଥୀ ବିଶ୍ୱନାଥ କର, ବ୍ୟାସକବି ଫକୀରମୋହନ, ପଲ୍ଲୀକବି ନନ୍ଦକିଶୋର, ସୁକବି ଚିନ୍ତାମଣି ମହାନ୍ତି, ରାଜକବି ସଚ୍ଚିଦାନନ୍ଦ ତ୍ରିଭୁବନ ଦେବ ପ୍ରମୁଖ ମନୀଷୀମାନଙ୍କ ସହିତ ସମ୍ପର୍କରେ ମଧ୍ୟ ଆସିଥିଲେ ।

**ପାରିବାରିକ ଜୀବନ:**—ଗଙ୍ଗାଧରଙ୍କ ପ୍ରଥମା ପତ୍ନୀଙ୍କ ସନ୍ତାନ ମଧ୍ୟରେ ଦୁଇଟି ପୁତ୍ର ଓ ଦୁଇଟି କନ୍ୟା । ଜ୍ୟେଷ୍ଠ ପୁତ୍ର ଅକାଳରେ ପ୍ରାଣତ୍ୟାଗ କରିଅଛନ୍ତି । କନିଷ୍ଠ ଭଗବାନ ବାବୁଙ୍କ ବୟସ ବର୍ତ୍ତମାନ ପ୍ରାୟ ୬୦ ବର୍ଷ । ସେ ଉଚ୍ଚଶିକ୍ଷାର ସୁବିଧା ପାଇ ନ ଥିଲେ ମଧ୍ୟ ଆଦର୍ଶ ପିତାଙ୍କ ଆଦର୍ଶ ଜୀବନ, ସାତ୍ତ୍ୱିକ ଉପଦେଶ ତଥା ସେମାନଙ୍କ ଅଧ୍ୟୟନ ପ୍ରଭାବରେ ନିଜ ଜୀବନର ଅନେକ ଉନ୍ନତିବିଧାନ କରିଅଛନ୍ତି । ସେ ଏକମାତ୍ର ପୁତ୍ର ଥିବାରୁ କବି ତାଙ୍କୁ ଅତ୍ୟନ୍ତ ସ୍ନେହ କରୁଥିଲେ ଏବଂ ସର୍ବଦା ନିଜ ନିକଟରେ ରଖୁଥିଲେ । ବର୍ତ୍ତମାନ କବିଙ୍କର ଜଣେ ପୌତ୍ର B. A. ପାସ୍ କରିଅଛନ୍ତି । ବରପାଲିରେ କବି ପରିବାରର ପ୍ରାୟ ଆଠ ଏକର ଭୂସମ୍ପତ୍ତି ଅଛି । ଏତଦ୍‌ଭିନ୍ନ ବୋଡ଼ାସମ୍ବରରେ ଖଣ୍ଡିଏ ଛୋଟ ପଲ୍ଲୀ ମଧ୍ୟ ଅଛି । ମୂଳତଃ କବି ପରିବାରର ଆର୍ଥିକ ଅବସ୍ଥା ସନ୍ତୋଷଜନକ ।

**ଅନ୍ତିମ ଜୀବନ:**—ଗଙ୍ଗାଧର ଆତ୍ମଜ୍ଞାନପ୍ରାର୍ଥୀ ହେବାରୁ ବରପାଲି ଜମିଦାରୀର ମାଲ୍ ମୋହରିର ପଦ ପରିତ୍ୟାଗ କରିବା ପରେ ପ୍ରାୟ ଦୁଇ ବର୍ଷ ଘୋର ଅଶାନ୍ତିରେ କାଳଯାପନ କରିଥିଲେ । ଜଗତର ମନସ୍ୱୀ ମହାପୁରୁଷମାନେ ଦେଶ, ଜାତି ଓ ସମାଜ ପାଇଁ କିପରି ଆତ୍ମସୁଖ ବଳି ଦେଇପାରନ୍ତି, ଗଙ୍ଗାଧର ସ୍ୱୀୟ ଅନ୍ତିମ ଜୀବନର କାର୍ଯ୍ୟକଳାପରେ ତାହା ଆମ୍ଭମାନଙ୍କୁ ଦେଖାଇ ଯାଇଅଛନ୍ତି । ମାତୃଭୂମି ବରପାଲିର କେତେକ ଅଶାନ୍ତି, ଅନ୍ୟାୟ, ଅତ୍ୟାଚାରର ନିବାରଣକଳ୍ପେ ଅତ୍ୟା ତାହାଙ୍କ ସତ୍ୟ-ନ୍ୟାୟ-ଧର୍ମପ୍ରିୟ ହୃଦୟ ତହୁଁ ସଶକ୍ତ ଉଦ୍ଧତ ରାଜଶକ୍ତିର ବିଦ୍ରୋହୀ ହୋଇଉଠିଲା । ଏହି ଭୀଷଣ ଅଶାନ୍ତି ସମୟରେ ସତ୍ୟ ଓ ନ୍ୟାୟର ସମର୍ଥନ ପାଇଁ କବିଙ୍କୁ ଯେପରି ନିର୍ଭୀକଭାବରେ ଅସାଧାରଣ ଧୈର୍ଯ୍ୟ, ସହିଷ୍ଣୁତା ସହିତ କାର୍ଯ୍ୟ କରିବାକୁ ପଡ଼ିଥିଲା, ତାହା କେବଳ ତାଙ୍କ ପରି ବୀରହୃଦୟ ବ୍ୟକ୍ତିଙ୍କଠାରେ ହିଁ ସମ୍ଭବ ।

କବି ଏହି ଅଶାନ୍ତି ଓ ବିପ୍ଳବ ମଧ୍ୟରେ ହିଁ ସ୍ୱୀୟ ମନୋରାଜ୍ୟରେ ଅସାଧାରଣ ସ୍ଥୈର୍ଯ୍ୟ, ଶାନ୍ତି ଓ ଉଦାରତା ରକ୍ଷା କରି ପାରିଥିଲେ । ସେ ନିଜ 'କୁଳଥା' ସମାଜର କେତେକ ଅନିଷ୍ଟକାରୀ ପ୍ରଥା ଉଠାଇଦେବା ଉଦ୍ଦେଶ୍ୟରେ ବୃଦ୍ଧାବସ୍ଥାରେ ବହୁକାଳେ ପ୍ରବଳ

କରି ଏକ ମହାସଭା ଆହ୍ୱାନ କରିଥିଲେ । ନାନା ସ୍ଥାନରୁ ପ୍ରାୟ ତିନି ସହସ୍ର ବ୍ୟକ୍ତି ଏଥିରେ ଯୋଗଦାନ କରିଥିଲେ ।

ତାଙ୍କର ସମାଜ-ସଂସ୍କାର-ପ୍ରୟାସୀ ମନ ଏହିଠାରେ ବାସ୍ତବ ରୂପ ପାଇଅଛି । ଏହି ସଭା-ଭଙ୍ଗର କେତେ ଦିନ ପରେ ୩।୩।୨୪ ତାରିଖ ଚୈତ୍ର ଅମାବାସ୍ୟାର ରାତ୍ରିର ନିଶୀଥରେ ଉତ୍କଳ-ସାହିତ୍ୟ-ଗଗନର ଏହି ସମୁଜ୍ଜ୍ୱଳ ଜ୍ୟୋତିଷ୍କ ଚିରଦିନ ତମିସ୍ରରେ ବୁଡ଼ାଇ ଦେଇ ତରୁଣ କବି ଆତ୍ମା ଅସ୍ତମିତ ହୋଇଗଲେ !

**ଚରିତ୍ର** :—ଗଙ୍ଗାଧର ଜୀବନର ଅଧିକାଂଶ କାଳ ଜମିଦାରମାନଙ୍କ ସଙ୍ଗ ସମ୍ପର୍କରେ ଅତିବାହିତ କରିଥିଲେ ହେଁ ସର୍ବଦା ସ୍ୱାଧୀନ ମତାବଲମ୍ବୀ ଥିଲେ । ଅବୈଧ ମାନରକ୍ଷା ଓ ଅଯଥା ସ୍ତାବକତାକୁ ସେ ଘୃଣା କରୁଥିଲେ । ଅନ୍ୟର ଗର୍ବ, ଅଭିମାନ ଓ ଅଯଥା ଆଡ଼ମ୍ବର ଦେଖିଲେ ତାଙ୍କର କ୍ଷୋଭ ଓ ଲଜ୍ଜାନୁଭବର ଲକ୍ଷଣ ଜଣାପଡ଼ୁଥିଲା । ପଥରେ ଚାଲୁଥିବାବେଳେ ଅନ୍ୟକୁ ପଥ ଛାଡ଼ିଦେବା, ପରିଚିତ ବ୍ୟକ୍ତିଙ୍କୁ ସମ୍ମାନଦେବା ଲାଗି ଦୂରରୁ ହସ୍ତୋତ୍ତୋଳନ କରିବା, ସାଧାରଣ ଅତିଥିଙ୍କୁ ମଧ୍ୟ ଗାତ୍ରୋତ୍ଥାନପୂର୍ବକ ଉପଯୁକ୍ତ ଆସନ ଦେବା, ଭଦ୍ରଲୋକଙ୍କ ସଙ୍ଗେ ଚାଲିବାବେଳେ ପ୍ରାୟ ପଛରେ ରହି ଚାଲିବା; ସଭା, ସମିତି, ଭୋଜି ଆଦିରେ ସଙ୍କୁଚିତ ହୋଇ ବସିବା ପ୍ରଭୃତି ଲକ୍ଷଣ ଲକ୍ଷ୍ୟକଲେ ମନେହୁଏ ସେ ନିଜକୁ ପରେ ଜଣେ ସାମାନ୍ୟ ନଗଣ୍ୟ ବ୍ୟକ୍ତି ବୋଲି ଭାବନ୍ତି । ବିନମ୍ର, ଦୟା, କ୍ଷମା, ସହିଷ୍ଣୁତା, ସନ୍ତୋଷ, ସ୍ୱାର୍ଥତ୍ୟାଗ, ଗୁଣଗ୍ରାହକତା, ଭକ୍ତି-ଶାନ୍ତି, ମଧୁରାଳାପ ଓ ଈଶ୍ୱରନିର୍ଭର-ଭାବ ତାଙ୍କର ମଧୁମୟ କବିଜୀବନକୁ ଅଧିକତର ଗୌରବାନ୍ୱିତ କରିଥିଲା । ବିନୟ ଓ ସନ୍ତୋଷ ଏ ଦୁଇଟି ତାଙ୍କ ଚରିତ୍ରର ବିଶିଷ୍ଟ ଗୁଣ ।

ଅର୍ଥାଭାବ ତାଙ୍କର ସଂସାର-ସରଣୀ-ଅତିକ୍ରମର ଅନ୍ତରାୟ ଥିଲା, ସୁଦ୍ଧା ସେ କେବେହେଁ କାହାରି ସାହାଯ୍ୟପ୍ରାର୍ଥୀ ହୋଇ ନ ଥିଲେ ।

**ଉପସଂହାର**:—ଗଙ୍ଗାଧର ଉତ୍କଳର ଏକ ଅନୁନ୍ନତ ଅଞ୍ଚଳରେ ଗ୍ରାମ୍ୟଭାବରେ ବଢ଼ି, ଉଚ୍ଚଶିକ୍ଷା ନ କରି, ଦେଶାଟନଦ୍ୱାରା ପ୍ରକୃତିର ବିଭିନ୍ନ ରମଣୀୟ ସ୍ଥଳୀର ଦର୍ଶନରେ କିମ୍ବା କୌଣସି ଉନ୍ନତ ଭାଷାର ସାହିତ୍ୟ ଆଲୋଚନାରେ ସୁଯୋଗ ସୁବିଧା ନ ପାଇ ଅର୍ଥାଭାବ ଓ ପାରିବାରିକ ଜଞ୍ଜାଳ ଆଦି ନାନା ପ୍ରତିକୂଳତାର ମଧ୍ୟରେ ସ୍ୱୀୟ ଅସାଧାରଣ ଦୂରଦୃଷ୍ଟି, ଭାବନା, କଳ୍ପନା ଓ ଧାରଣାଦ୍ୱାରା ଅମୂଲ୍ୟ ସାହିତ୍ୟ ସୃଷ୍ଟିନିଚୟ ମଧ୍ୟରେ ପ୍ରକୃତିର ଯେଉଁ ବିରାଟ ବୈଚିତ୍ର୍ୟ ଓ ମାନବଚରିତ୍ରର ଯେଉଁ ସ୍ୱର୍ଗୀୟ ସୁଷମା ଫୁଟାଇ ଦେଇଅଛନ୍ତି, ତାହା ଭାବିଲେ ଅବାକ୍ ହେବାକୁ ପଡ଼େ । ତାଙ୍କର ନୈସର୍ଗିକ ପ୍ରତିଭା ହିଁ ତାଙ୍କୁ ଏ ବିଷୟରେ ବିଶେଷ ସାହାଯ୍ୟ କରିଅଛି । ରଚନାର ମୌଳିକତା, ଭାବର ଗାମ୍ଭୀର୍ଯ୍ୟ, ଭାଷାର ଲାଳିତ୍ୟ ଓ ସାରଲ୍ୟ, ଦୃଷ୍ଟିକୋଣର ପ୍ରାଚୁର୍ଯ୍ୟ, ଦୃଷ୍ଟିଶକ୍ତିର ପ୍ରସନ୍ନତା, ସାର୍ଥକ ପଦ ପ୍ରୟୋଗରେ କୌଶଳ, ବ୍ୟାକରଣର

ବହୁଭାଷାଜ୍ଞତା ଏବଂ ଉନ୍ନତ ଚିନ୍ତା ଓ କଳ୍ପନା ଶକ୍ତିଗୁଣରେ ତାଙ୍କ କାବ୍ୟ-କବିତାରେ ଯେଉଁ ଉତ୍କର୍ଷ ଅଛି, ତହିଁରୁ ତାଙ୍କର ବୈଶିଷ୍ଟ୍ୟ ସହୃଦୟମାନଙ୍କ ମନେ ହିଁ ପ୍ରତିପାଦନ କରିପାରିବ । ଗୌରବମଣ୍ଡିତ ପ୍ରାଚୀନ ସାହିତ୍ୟର ପରମ୍ପରା ପରିଚୟ ସହ ଉନ୍ନତ ଭାଷା ଓ ଭାବର ଉପାଦାନରେ ନବୀନ ସାହିତ୍ୟର ସୃଷ୍ଟି ମେହେର-ସାହିତ୍ୟର ବୈଶିଷ୍ଟ୍ୟ । ଏ ବିଷୟରେ ମେହେରଙ୍କ କାବ୍ୟର କୃତିତ୍ୱ ରାଧାନାଥଙ୍କ ପରବର୍ତ୍ତୀ କୌଣସି କବିଙ୍କର କାବ୍ୟରେ ଦୃଷ୍ଟ ହୁଏ ନାହିଁ । ମେହେରଙ୍କ ଗ୍ରନ୍ଥାବଳୀର ପ୍ରଚୁରତା ନାହିଁ ସତ୍ୟ, କିନ୍ତୁ ଏଥିରେ ଉତ୍କଳର ଅନେକ ପ୍ରାଚୀନ ଓ ଆଧୁନିକ ପ୍ରସିଦ୍ଧ କବିଙ୍କର ନିର୍ଦ୍ଦିଷ୍ଟ ପ୍ରତିଭାର ପ୍ରଭା ଏକାଧାରରେ କେତେ ପରିମାଣରେ ପ୍ରତିଫଳିତ ହୋଇଅଛି । ଗଙ୍ଗାଧରଙ୍କ ମାନସ-ଚକ୍ଷୁ ବିଷୟ-ବସ୍ତୁର ଅନ୍ତରତମ ପ୍ରଦେଶ ନିରୀକ୍ଷଣ କରି ସୁନ୍ଦର ଉନ୍ନତ ଭାବ ଗ୍ରହଣ କରିବାରେ ଯେପରି ବିଲକ୍ଷଣ ପାଟବ ଅର୍ଜନ କରିଥିଲା, ତାଙ୍କର ପ୍ରକାଶଶକ୍ତି ସେହିପରି ତାହାକୁ ମଧୁର, ଲଳିତ ପଦାବଳୀର ବିନ୍ୟାସରେ ଚିତ୍ତର ପ୍ରୀତିକର କରାଇବାକୁ ବିଶେଷ ସମର୍ଥ ଥିଲା । ତାଙ୍କ କାବ୍ୟଗତ ନାୟକ-ନାୟିକାମାନଙ୍କର ସୁଖ-ଦୁଃଖ, ଅନୁରାଗ-ବିରାଗ, ଚିନ୍ତା-ଦୁଶ୍ଚିନ୍ତା, କ୍ରୀଡ଼ା-କୌତୁକାଦି ସମସ୍ତ ମର୍ମେ ମର୍ମେ ସମୁପଯୋଗିତା ସ୍ଥାନେ ସ୍ଥାନେ ବର୍ଣ୍ଣନାରେ ସେସବୁକୁ ପ୍ରାଣବନ୍ତ କରି ଫୁଟାଇ ପାରିଅଛନ୍ତି ।

କବିବର ରାଧାନାଥଙ୍କର ସାରସ୍ୱତ ଲେଖନୀ ଆଜି ଉତ୍କଳର ବନ-ଗିରି-ସରିତ୍-ସାଗରାଦି ଜଡ଼ବସ୍ତୁକୁ ଜୀବନ୍ତ ରୂପରେ ଚିତ୍ରିତ କରିଅଛି । ସେହି ଲେଖନୀର ପ୍ରଭାବରେ ଉତ୍କଳର ନୀରସ ରୁକ୍ଷ ଶିଳାଖଣ୍ଡ ପର୍ଯ୍ୟନ୍ତ ସୁନ୍ଦର ହୋଇପାରିଛି । ସାମାନ୍ୟ ମୃତ୍ତିକାଖଣ୍ଡ ଓ ଧୂଳିକଣିକା ମୁକ୍ତା ସ୍ୱର୍ଣ୍ଣଖଣ୍ଡ ଓ ସ୍ୱର୍ଣ୍ଣରେଣୁବତ୍ ପ୍ରତୀତ ହେଉଅଛି । କିନ୍ତୁ ସ୍ୱଭାବ-କବି ଗଙ୍ଗାଧରଙ୍କ ମର୍ମସ୍ପର୍ଶୀ ଲେଖନୀ ମାନବଚରିତ୍ରକୁ ନାନାସ୍ୱଭାବରେ ପ୍ରକଟ କରି ସମାଜଶିକ୍ଷାର ଗୋଟିଏ ପ୍ରଶସ୍ତ ପଥ ପ୍ରସ୍ତୁତ କରିପାରିଅଛି । ସେହି ଲେଖନୀର ମହିମାରେ ଆଜି ମାନବ-ଜୀବନର ଆଦର୍ଶ ଦେଶ ସମ୍ମୁଖରେ ଉତ୍ତୁଙ୍ଗ ହିମାଚଳଶୃଙ୍ଗ ସଦୃଶ ଦଣ୍ଡାୟମାନ ହୋଇ ପୁଣ୍ୟ-ସୁଷମା-ସ୍ରୋତକୁ ସନାତନୀ ଶତଧାରେ ପ୍ରାୟ ଛୁଟାଇ ଦେଉଅଛି । ଫଳତଃ ଉତ୍କଳର ଏହି ବରେଣ୍ୟ କବିଦ୍ୱୟ ଅନ୍ୟୋନ୍ୟ ସହାୟକଭାବରେ ଉତ୍କଳର ଚିରନ୍ତନ କଲ୍ୟାଣ ସମ୍ପାଦନ କରିବା ନିମନ୍ତେ ସମସ୍ତଙ୍କ ଗୋଟିଏ ଗୋଟିଏ ମହଦାଦର୍ଶ ସ୍ଥାପନପୂର୍ବକ ନିଜ ନିଜ ଜୀବନ ଧନ୍ୟ କରିଅଛନ୍ତି ।

ଶିକ୍ଷା, ଜନ୍ମସ୍ଥାନ, ସାଂସାରିକ ଅବସ୍ଥା ଓ ଅନ୍ୟାନ୍ୟ ଉନ୍ନତିସୋପାନ ପରିସ୍ଥିତିର ଆନୁକୂଲ୍ୟରୁ ବଞ୍ଚିତ ହୋଇ ମଧ୍ୟ ଦେଶ ଓ ଜାତି ପ୍ରତି ମେହେର କବିଙ୍କ ମହାଦାନ ତାଙ୍କ ନୈସର୍ଗିକ ମନସ୍ୱୀ ପ୍ରତିଭାର ପରିଚାୟକ ।

କବି ନିଜେ ନାନା ଅଭାବ-ଅସୁବିଧା, ଦୁଃଖ-ଦାରିଦ୍ର୍ୟର ପଙ୍କରେ ପଡ଼ି ଉତ୍କଳ-ଭାରତୀଙ୍କ କଣ୍ଠରେ ଚିର-ରମଣୀୟ ସୁରଭିପୂର୍ଣ୍ଣ ଶତଦଳମାଳା ଲମ୍ବାଇ ଯାଇଅଛନ୍ତି । ସେ ସ୍ୱୀୟ ଜୀବନରେ ନାନା ଅଶାନ୍ତି ଭୋଗକରି ବହୁ ପରିବର୍ତ୍ତନର ଅନନ୍ତକାଳ

ନିମନ୍ତେ ଏହି ଅନନ୍ତ ମାନବମଣ୍ଡଳୀକୁ ଅବାଧ ସୌନ୍ଦର୍ଯ୍ୟ-ଆନନ୍ଦ ଓ ନିର୍ମଳ-ପ୍ରେମ ପ୍ରଦାନ କରିଥିଲେ ।

ପୂର୍ବର କବିଙ୍କୁ, ବର୍ତ୍ତମାନ ଦେଶବାସୀ ତାଙ୍କର ମନୋହର କବିତ୍ୱ ଓ ମାନବିକ ମହତ୍ତ୍ୱରେ ଅନୁପ୍ରାଣିତ ହୋଇ ନାନାଭାବରେ ତାଙ୍କୁ ଭକ୍ତିଶ୍ରଦ୍ଧା ଭାବରେ ଅଞ୍ଜଳି ଦେଉଅଛନ୍ତି, ଏହା ଦେଶ ପକ୍ଷରେ ଗୌରବାବହ ।

ତା ୨୬ । ୧ । ୧୯୫୧

ରାଘବ ମିଶ୍ର

# ଉତ୍ସର୍ଗ

ଭକ୍ତିଭାଜନ ଶ୍ରୀମାନ୍ ରାମନାରାୟଣ ମିଶ୍ର, M.A., B.L.

ମହୋଦୟେଷୁ

ସଦନସ୍ଥ ନୈବେଦନମିଦମ୍

ମହାତ୍ମନ୍ !

ଆପଣ ଅନେକ ଦରିଦ୍ର ଛାତ୍ରଙ୍କୁ ଅର୍ଥ ସାହାଯ୍ୟ କରି ସେମାନଙ୍କର ଶିକ୍ଷାର ପଥ ପ୍ରଶସ୍ତ ଓ ସୁଗମ କରୁଥିବାରୁ ମୁଁ ଅବଗତ ହୋଇଅଛି । ପଥପାର୍ଶ୍ୱରେ ରୋପଣ କରିବା ନିମନ୍ତେ ନାନାପ୍ରକାର ଡାଳ-ପାଦପ ଆବଶ୍ୟକ ହୋଇଥାଏ, ଏହା ଭାବି ମୁଁ ଏହି ଉପଦ୍ୱିଷ-ନାମ୍ନୀ ପୁସ୍ତିକାକୁ ଆପଣଙ୍କ କରକମଳରେ ଅର୍ପଣ କଲି । ଫଳ-ପୁଷ୍ପର ଆଶା ନ ଥିଲେ ହେଁ ଆପଣ ଏହାକୁ ସାମାନ୍ୟ ଗୁଳ୍ମର ଉପଯୋଗୀ ବାଳ-ତରୁ ରୂପେ ଗ୍ରହଣ କରି ମୋତେ କୃତାର୍ଥ କରିବା ହେବେ । ଇତି ।

ଚଦ୍ରପୁର  
ତା ୬ । ୧୦ । ୧୯୧୪

ଭବଦୀୟ ଚିର-କୃତଜ୍ଞ  
ଶ୍ରୀ ଗଙ୍ଗାଧର ମେହେର

# ମୁଖବନ୍ଧ

ପିତୃସତ୍ୟ-ରକ୍ଷା ନିମନ୍ତେ ବନବାସୀ ହେବାରୁ ରାମଙ୍କର ଓ ସ୍ୱାମୀଙ୍କର ଅନୁଗାମିନୀ ହେବାରୁ ସୀତାଙ୍କର ଯେଉଁ ମାହାତ୍ମ୍ୟ ପରିସ୍ଫୁଟ ହୋଇଥିଲା, ସୀତାଙ୍କର ନିର୍ବାସନରେ ତାହା ଗୌରବମୟ ହେଲା । ନିର୍ବାସନ-କଷ୍ଟ ସହିବାଦ୍ୱାରା ସୀତାଙ୍କର ପତିଭକ୍ତି ଯେପରି ତେଜୋମୟୀ ହୋଇଥିଲା, ତାଙ୍କର ହିରଣ୍ମୟୀ ପ୍ରତିକୃତି ରଖି ଅଶ୍ୱମେଧ-ଯଜ୍ଞ ନିର୍ବାହ କରିବାଦ୍ୱାରା ରାମଙ୍କର ପତ୍ନୀ-ପ୍ରେମ ସେହିପରି ପ୍ରଦୀପ୍ତ ହୋଇଉଠିଲା । ଉପଯୁକ୍ତ ପତିଙ୍କର ଉପଯୁକ୍ତ ପତ୍ନୀ । ସୀତା ମିଥ୍ୟାପବାଦରେ ସ୍ୱାମୀଙ୍କଠାରୁ ପରିତ୍ୟକ୍ତା ହୋଇଥିଲେହେଁ ସ୍ୱାମୀଙ୍କ ହୃଦୟର ପ୍ରେମ ଲୁଟିନେଉଥିଲେ । ସେ ନିର୍ବାସନକୁ ନିଜର ଭାଗ୍ୟଦୋଷ ବୋଲି ପତିଭକ୍ତିକୁ କିପରି ଦୃଢ଼ତର ଓ ଉଜ୍ଜ୍ୱଳତର କରିଥିଲେ—ବନବାସକୁ ପତି-ହିତ-ସାଧନା ତପସ୍ୟାରେ ପରିଣତ କରି ତପସ୍ୱିନୀ ରୂପେ କିପରି ଦିନ ଯାପନ କରିଥିଲେ, ତାହା ପ୍ରକଟ କରିବା ଏହି ପୁସ୍ତକର ପ୍ରଧାନ ଉଦ୍ଦେଶ୍ୟ । ସୀତା ଯେପରି ସ୍ୱାମୀଙ୍କର କରୁଣାଲାଭର ଆଶା ତ୍ୟାଗ କରିଥିଲେ, ମୁଁ ସେହିପରି ତାଙ୍କର ଉକ୍ତ ଚରିତ୍ର ପ୍ରକଟ କରିବାରେ କୃତକାର୍ଯ୍ୟ ହେବାର ଆଶା ତ୍ୟାଗ କରିଅଛି । ତେବେ ରାମ ତପସ୍ୱିନୀ ସୀତାଙ୍କ ଚିତ୍ତବର୍ତ୍ତିରେ ହୃଦୟ-କୋଷ୍ଠକୁ ମନୋହାରିଣୀ ମୂର୍ତ୍ତି କରି ଯଜ୍ଞ ସମାଧାନ କରିଥିଲେ । ବିଜ୍ଞ ପାଠକବୃନ୍ଦ, ଏଥିରେ ମୋର ତ୍ରୁଟିଚୟକୁ ଲକ୍ଷ୍ୟ ନ କରି ନିଜ ନିଜର ହୃଦୟସ୍ଥ ସୀତାଙ୍କର ଉଜ୍ଜ୍ୱଳ, ନିର୍ମଳ ଓ ପବିତ୍ର ଚରିତ୍ର-ଚିତ୍ର-ପୃଷ୍ଠପଟକୁ ଥରେ ଥରେ ଉଦ୍‌ଘାଟନ କରି ନାରୀ-ହୃଦୟର ଉନ୍ନତି ବିଧାନ କରିବେ, ଏହି ମାତ୍ର ଆଶା ।

ଉପସଂହାରରେ ବକ୍ତବ୍ୟ ଏହି ଯେ, ମୋର ପ୍ରିୟ ସୁହୃଦ୍ ଶ୍ରୀଯୁକ୍ତ ବ୍ରଜମୋହନ ପଣ୍ଡା ଏହି ପୁସ୍ତକ-ରଚନା ନିମନ୍ତେ ମୋତେ ଯେଉଁ ଓଜସ୍ୱୀ ଉତ୍ସାହ ଦେଇଅଛନ୍ତି, ତାହା ସର୍ବଥା ଅତୁଳନୀୟ । ମୁଁ ତହିଁ ନିମନ୍ତେ ତାଙ୍କଠାରେ ଗଭୀର କୃତଜ୍ଞତା ପ୍ରକାଶ କରୁଅଛି । ଇତି ।

| | |
|---|---|
| ପଦ୍ମପୁର | ବିନୀତ |
| ତା ୫ । ୧୦ । ୧୯୧୪ | ଶ୍ରୀ ଗଙ୍ଗାଧର ମେହେର |

# ଉପନ୍ୟାସ

# ତପସ୍ୱିନୀ

## ସୀତା

### ପ୍ରଥମ ସର୍ଗ

କିଏ ଗୋ ତୁ ଜ୍ୟୋତିର୍ମୟି ଶୁଭ୍ର-ଶୁଭ୍ର-ବେଶା
ଇନ୍ଦ୍ରନୀଳ-ଦ୍ୟୁତି-ଜିତ-ମନୋହର-କେଶା ?
ଚନ୍ଦ୍ରକାନ୍ତି ଭେଦ ତୋର ଶୁକ୍ଳ-ସୂକ୍ଷ୍ମ-ବାସ
ଆହ୍ଲାଦ ଦେଉଛି ଭୁବନ ହୋଇ ସୁପ୍ରକାଶ ।
କୌମୁଦୀ କି ଘନ ହୋଇ ଧରିଛି ଶରୀର ?
କେଶଜାଳେ ଚରଣେ ତୋ ଲୋଟୁଛି ତିମିର ।
ସୁବିରଳ ସମୁଜ୍ଜ୍ୱଳ ରତ୍ନ ତା'ର ହାର
ମଣ୍ଡିଛନ୍ତି ରତ୍ନ-ଭୂଷା ରୂପେ ତୋ ବପୁର ।
ଅସଂଖ୍ୟ ଧବଳ ପୁଷ୍ପହାର ଶୋଭେ ଗଳେ,
ଗ୍ରଥିତ ହୋଇଛି ସତେ ଅଦ୍ଭୁତ କୌଶଳେ ।
ଶ୍ରୀଅଙ୍ଗ-ସୌରଭେ ମୁଗ୍ଧ ହୋଇଛି ଜଗତ,
ପ୍ରଫୁଲ୍ଲିତା ହୋଇଅଛି ପ୍ରାଣୀ ଉପଗତ ।
କି ଭାବନ୍ତି କହେ ଧନି, ଲୋକେ କରି ଗାନ
ଦୈବତ ସଦୃଶ ହୋଇଛନ୍ତି ତେଜସ୍ୱାନ ।
କି ମନ୍ତ୍ର ଦେଉଛୁ ଶୁଣି ବାଛି ବାଛି ଲୋକ,
ତମ ନାଶି ହୁଅଛନ୍ତି ସେମାନେ ଆଲୋକ ।
ହୃଦାଙ୍କେ ତୋ ଫୁଟୁଅଛି ଶ୍ୱେତ ଶତଦଳ,
କୌମୁଦୀ ବୋଲିବା ତେଣୁ ନୋହୁଛି ସଫଳ ।

ପବିତ୍ରତା-ଚକ୍ଷୁ-ଦୃଷ୍ଟି ମୋ' ଜୀବନ-ସର
ଜଞ୍ଜାଳ-ଜଳଦ-ଜଳେ ଆବିଳ ଉଦର ।
ଶରଦ ସଦୃଶ ତୋତେ କରି ଦରଶନ
ହୋଇଯାଉଅଛି ସେ ତ ସ୍ୱତଃ ପରସନ୍ନ ।
ବିକଶିତ ହେଉଅଛି ହୃଦୟ-କମଳ,
ଏତେ କି ପାଇଲି ଦେବି, ତୋ ପଦ-ଉତ୍ପଳ ?
ଅପୂର୍ବ-ସୌରଭେ ପ୍ରାଣ ହେଲାଣି ମୋହିତ,
ଲଜ୍ଜାନତେ କରି ମାଥା ବସିଛି ବିସ୍ମିତ ।
ବାଲ୍ମୀକି ଆଶ୍ରମକୁ ଧାଇଁଅଛି ମନ,
କରିବାକୁ ନିର୍ବାସିତା ସୀତାଙ୍କୁ ଦର୍ଶନ;
କେମନ୍ତେ ସେ କଟିଲା ଜୀର୍ଣ୍ଣ ହୃଦୟ ସୀବନ ?
କାହା ସଙ୍ଗେ କେମନ୍ତେ ବା ଯାପିଲେ ଜୀବନ ?
କୃପାବନ୍ତି ନୃପାମ୍ବି, ଶକ୍ତି ଦାନ କର,
ପବିତ୍ର ହେଉ ମୋ ମନ ଦେଖି, ଲେଖି କରୁ ।
ବହୁଅଛି ଭାଗୀରଥୀ ବିପିନ ଭିତରେ,
ତାଡ଼ି ତାଡ଼ି ତରଙ୍ଗ ତା ପଶ୍ଚିମ ତଟରେ ।*
ବନ-ଦୃଶ୍ୟ ଦେଖିବାକୁ ହୋଇ ଅଗ୍ରସର
ବକୁଳ ଜୀବନେ ସେହ୍ନେ ବୁଲୁଛି ସମୀର ।

* ବାଲ୍ମୀକି ଆଶ୍ରମ ଉପକୂଳ ଗଙ୍ଗା ଦକ୍ଷିଣକୋଣ, ସେଠାରୁ ଅଯୋଧ୍ୟା ପୂର୍ବଦିଗ ।

ଦେହୁଁ କୂଳେ ବଇଦେହୀ ଗାଢ଼ ମନୋଦୁଃଖେ
ଉଚ୍ଚରୋଳ କରୁଁ ହେଲେ ଦୃଷ୍ଟି ଅଧୋମୁଖେ ।
ଅବିରଳ ବାରି ତାଙ୍କ ନୟନ-ଘର-ଦ୍ୱାରେ
ଅବିରତ ବହୁଥିଲା ବକ୍ଷର ଉପରେ ।
୧ ଭାତି ଯେସନେ ଜଳଧର ପଶ୍ଚିମ-ଆଶାରେ
୨ ଅସ୍ତାଚଳ ଶୃଙ୍ଗେ ବର୍ଷଏ ଅଜସ୍ର-ଆସାରେ ।
୩ କରିନ୍ଦ୍ର-କର-ଶୀକର ସରସୀ-ଉରସେ
୪ ପଡ଼ି ଶୀଘ୍ର ନବରୁ କମ୍ପା ପ୍ରଦୋଷ-ସାରସେ ।
"ହା ନାଥ" ଉଚ୍ଚାରି ଦେବୀ ବ୍ୟାକୁଳେ କୋମଳେ
ଅବଶରେ ବସୁଁ ବସୁଁ ବସୁନ୍ଧରା ତଳେ
ସଂଜ୍ଞାବର୍ଜିତ ହୋଇ ପଡ଼ିଲେ ଭୂତଳେ,
ନ ଥିଲେ ଧରିବା ପାଇଁ କେହି ସନ୍ନିଧାନେ ।
ଶତ ଶତ ସେବକୀ ଯା ସେବୁଥିଲେ ପଦ,
କେହି ନ ଦେଖିଲେ ତାଙ୍କ ଦାରୁଣ ଆପଦ !
ଅହୋ ! ନିୟତିର ଏହି ଚଞ୍ଚଳା ଗତି,
ଦେଖିଲେ କାହାର ହୃଦ ନ ଆସିବ ଭୀତି ?
ତା ଦେଖି ବିହଗ-ମୁଖେ କାନ୍ଦିଲା ସେ ବନ;
ବହିଲା ନିଶ୍ୱାସ ରୂପେ ଭୁଜର ପବନ ।
ଝରିଲା ପ୍ରବାହ ରୂପେ ନୀର ଧାର ଦୂର;
କାରୁଣ୍ୟ-ଲହରୀ ପ୍ରାଣ ଚଳିଲା ପଥରେ ।
ଏ ଦଶାରେ ସେ ଥିବେ ଦେଖି ଚକିତ-ଲୋଚନ
ମୃଗମାନେ ରହିଗଲେ ବିଚଳିତ ମନେ;
ଜନନୀ-ବେଦନା ଦେଖି ନ ବୁଝି ତା ମନେ
ବ୍ୟସ୍ତ ଯଥା ହୋଇଥାନ୍ତି ତା ସନ୍ତାନମାନେ ।
କହିବାକୁ ନିଦ୍ରାର ସଙ୍କଟ ସମର,
୫ ଭୁଜଗରାଜ ଖଡ୍‌ଗ-କରେ ଗର୍ଜିଲା ଦୁଷ୍ଟର ।
ବାସୁକିସମା ଶତ୍ରୁରଙ୍କୁ ବେଢ଼ି ବାରମ୍ବାର,
୬ ଚପ-କଙ୍କପତ୍ର କଲା କି ଅବା ବାହାର ।

୭ କମ୍ପିତ-ପଲ୍ଲବ ଶିର-ଉଦ୍ଭିଦ ଶୀକର
ଝଡ଼ିଲା ମୂଳଦେଶେ ତେଜି ତରୁଣ-ଶିଖର ।
ଭଲ କି ଯାଚକ-ଗୁଣ ତରୁଗଣ ତୋଷେ
ନିମ୍ନ ତଳ ଭାଗୀରଥୀ ପ୍ରଣାମିଲେ କୋଟେ ?
କମଳ ସକଳ ଶୋଭି ବଦନ ସରରେ
ପଦ୍ମ-କୃତ୍ସ୍ନ ରଙ୍ଗ ଗୁଣ କଲେ ଅନ-ଶ୍ୱରେ !
ବନଫୁଲେ ହୃଦ୍ୟ ତେଜି ଭୂମିତଳେ ପଡ଼ି
ଧୂଳି ମାଖି ମଳ୍ଲୁମାର ହେଲେ ଗଡ଼ାଗଡ଼ି ।
୮ ଲତା-ଲୂତା-ତନ୍ତୁ-ରୂପ ନିମ୍ବ-ବନ୍ଧନ
ଛିନ୍ନକରି ବୋଧିଗଲେ କଲା ଆଲିଙ୍ଗନ ।
ବ୍ୟାହତ ହୃଦୟ ଶୀର୍ଣ୍ଣ ଶିଖର ବାଦଲ
ଦଉଡ଼ି ଆସିଲା ବୋଲି ଯେକି ଦଳବଳ ।
ଚକ୍ଷୁ ଦେଖାଇ, କଣ୍ଠ ଗର୍ଜିର ଗର୍ଜନ
ଦେଖାଇଲା ନିମ୍ନତର ଉପରେ ତର୍ଜନ ।
ସନ୍ଧ୍ୟା-ମୁଖେ ଦୁର୍ଗତିକ ବିନ୍ଦୁ ବିନ୍ଦୁ ଚାଶି
ଦିଶୁ ଦିଶୁ ଜୀବନରେ ସଞ୍ଜ ଦେଲା ଆସି ।
ସାଧ୍ୱୀ କୁଳବଧୂଙ୍କର ଦୁର୍ବିପାକ ଦେଖି
କନ୍ଦରରେ ସାନ୍ତ୍ୱ ଦେଲେ ବଦନ ଲୁଚାଇ ।
ଦିବ୍ୟଦେବକଳ ବସି ବିଗତେ ବନରେ
ନଭ ବିଜମିତ କଲେ ସୁମତ ବେଦନେ ।
ସଞ୍ଜ କାଳି ମହାଦେବୀ କେତେ ଦାନ ଦେଇ
ଅନାଇଲେ ଦଶ ଦିଶା ନିସ୍ପନ୍ଦ ନୟନରେ ।
ବାହିଲେ ସକଳ ଦିଗ ସମତଲ୍ଲ ମସ୍ତୁ;
ବହିଛନ୍ତି ଦୁଃଖ ହୋଇ ବିଷଣ୍ଣ ହୃଦୟ ।
ପୁତ୍ରକରେ ଅତେ ଉଣ୍ଡା ମୂର୍ଚ୍ଛା ଲକ୍ଷଣ,
ହେଲାକନ୍ତି ମୂର୍ଚ୍ଛିଙ୍କ ଦେଖି କେତକା-ଶ୍ରେଣୀ ।
ନ ପାରନ୍ତି ଦେଖି ଏମ ସୀତାର ଦଶା;
କହିବାକୁ ବାକ୍ୟ ମୁଖୁ ନାହିଁ କାହାରି ।

୧ । ଆଶାରେ—ଦିଗରେ ।
୨ । ଆସାରେ—ଜଳଧାରାରେ ।
୩ । କରିନ୍ଦ୍ର-କର-ଶୀକର—ହସ୍ତିଶୁଣ୍ଡଜଳ ।
୪ । ପ୍ରଦୋଷ-ସାରସ—ସନ୍ଧ୍ୟାକାଳୀନ ପଦ୍ମ ।
୫ । ଭୁଜଗରାଜ—କାଳସର୍ପ ।
୬ । କଙ୍କପତ୍ର—ବାଣ ।
୭ । ଶୀକର—ଜଳକଣା ।
୮ । ଲୂତା—ମାକଡ଼ସା ।

ଭବକ ଶୁଣିଲେ, ଭକ୍ତ-ବତ୍ସଳ ରଘୁନାଥ
ନତମୁଖେ ବସିଥିଲେ ଶିବିର ଦେବକ ନାଥ ।
ବସିଲ ପଶ୍ଚାତେ ଲେଖ ଭଗୀରଥୀ ପ୍ରତି,
ଲଭିଛନ୍ତି ଭଗୀରଥ ଦେବ ଉତ୍ପତ୍ତି ।
ଗଙ୍ଗାପାର ସମ ସ୍ଵର-ନେତ୍ର-ଜଳ-ରାଶି,
ଯହିଁ ଯାଉ ସ୍ଵନ ଏବେ ନଦୀ, ଥରେ ଲାମି ।
ନେଶବଲେ ତହିଁରୁ ଯଶ ଗର୍ଭେ ଦେଇ ଦୃଷ୍ଟି
ଅନର୍ଗଳ ଧାରେ ହେଲେ କଲ୍ୟ ଅଶ୍ରୁ-ବୃଷ୍ଟି ।
ଶ୍ୟାମଦୁବା ଲୁଣ୍ଠି ସୀତା ଦେଖାଇ ସଙ୍କୁଚିତ
ପାଷାଣଙ୍କୁ ପିବା ପାଇଁ ବଳାଇଦେଲ ଚିତ୍ତ ।
ନ ରହେଁ ଚେତନା ମଧ ନନ୍ଦନର କ ସ୍ଵର;
ନ ପାରିଲେ ବେଦନାର ଆବେଗ ସମ୍ଭାଳି ।
ଆରତ ବିକଳ ସ୍ଵରେ ବିଷଣ୍ଣ ଲପନେ
ବନ ସ୍ତବ୍ଧ କରିଦେଲେ ଘୋର ବିଳପନେ ।
ବୋଲୁଥାନ୍ତି ସେ ଦୁଃଖିନୀ, "ହା ହା ପ୍ରାଣେଶ୍ଵର !
କରୁଣା-ସାଗର-ଚନ୍ଦ୍ର, ପ୍ରେମ-ଜଳଧର ।
କି ଭୁଲରେ ଧରିଥିଲ ଅଭାଗିନୀ କର,
ତା ଲାଗି ଆଜନ୍ମ ହେଲ ଦାରୁଣ ଦୁଃଖର ।
ନ ଜାଣି ମୁଁ ତୁମ୍ଭଙ୍କର ପ୍ରକୃତ ମହିମା,
ଧରୁଥିଏ ରଖିଥିଲି ଆପଣ ଗରିମା ।
ହସିଦେଇ ସେ ଧନୁକୁ ଇକ୍ଷୁ-ଦଣ୍ଡ ପରି,
ତା' ରସ-ମାଧୁର୍ଯ୍ୟ ମୋତେ ଥିଲ ମନୋହରି ।
କାନନ-ଭ୍ରମଣେ ପଦ-ଶୃଙ୍ଖଳ ନ ମଣି,
ସ୍ଵପ୍ନରେ ସଙ୍ଗେ ନେଲ ମୋତେ ପାଦ-ଚୁଡ଼ାମଣି ।
ପଦ-ଶାଙ୍କୁଳୀକୁ କରି ହୃଦୟର ହାର,
କଲ ପୁଣ୍ୟ-ତୀର୍ଥ ପୁଣ୍ୟ-ଆଶ୍ରମ ବିହାର ।
କେତେ ସ୍ନେହ ଢାଳୁଥିଲ ମୋ ଉପରେ ବନେ,
କେମନ୍ତେ ଭୁଲିବ ତାହା ଜୀବନ୍ତେ ଜୀବନେ ।
ଘର ବାସୀ ନୋହିବ ବୋଲି ହୃଦେରେ ଆକୁଳ,
ରହିଲେ ବହିଲେ ଆଣୁଥିଲ ଫଳମୂଳ ।
ଗଣ୍ଡକି-ଆସନେ ସ୍ପର୍ଶ ଦେବି ନାହିଁ ବୋଲି,
ଅଙ୍କ ପଲଙ୍କେ ତା' ପାଇଁ ସାଜୁଥିଲ ଦୋଳି ।
ଲୁଇ ମୋର ବସ୍ତ୍ରରେ ପଣ୍ଡ ଲଙ୍ଘି ମହାର୍ଣ୍ଣବ
ଦଶବଦନର ସଙ୍ଗେ କଲ ମହା ଯୁଦ୍ଧ ।
ସହିଲ ଛାତିରେ କେତେ ମହାସ୍ତ୍ର-ପ୍ରହାର;
ମସ୍ତୁଥିଲ ତା' ଖଡ଼ଗକୁ ହୃଦୟର ହାର ।
କଷ୍ଟ ନାର-ପଦକ ପାଇଁ ଉପେକ୍ଷ୍ୟ ମଣି,
ମୋ ପାଇଁ ରଚୁଥିଲ ଗଣ୍ଡି କରି ମଧ-ମଣି ।
ଶିତ-ଶିଖା ଶୁଣି ମୋର ଓଷ୍ଠାରୁ ବହିଲେ ମନେ,
ଚୋଷୁଥିଲ ସଦା ସୁଧା-ପୂରିତ ବଚନେ ।
କହୁଥିଲ, 'ରଣସଙ୍ଗେ ଦେଇ ରକ୍ତାକ୍ତ
ଲଭିଅଛି ପ୍ରିୟ ତୋତେ ଦୁର୍ଲଭ ସମ୍ପତ୍ତି !'
ନମସି ନାହିଁ ଅଦ୍ୟାପି ସେ ଶର-ମୁଖ-ଚିହ୍ନ;
ମୁହିଁ ଅଭାଗିନୀ ହାସ୍ୟ କହାଇଦେଲ ଭିନ୍ନ !
ମୋ ମୁଣ୍ଡ ମେଞ୍ଚାଇଦେବ ହୃଦୟ-ଫଳକେ,
ତା' ନ କଲେ ଦୁଃଖହେବ ପ୍ରଜାଙ୍କ ପଲକେ ।
ମୁଁ କି ଛାର, ତେଜ ତୁମ୍ଭ ପ୍ରକୃତ-ରଞ୍ଜନ;
ମୁଁ ମରେଁ, ତୁମ୍ଭର ଦେଖ କଳଙ୍କ-ଭଞ୍ଜନ ।
ଏଥିରୁ କଳିବ ସେହିଁ ଅଯଶ କରନ୍ତି,
ତ୍ରିଦେବ ରହନ୍ତି, ଗଢ଼ି ତାର ଅଳସ ମୂରତି ।
ନିଶର କଳଙ୍କ ତୁମ୍ଭ ଏହି ଦବାନଳ
ଭୁବନ-ମଙ୍ଗଳ-ଦାନେ ସଦା ମୁକ୍ତକର ।
ଧାତ୍ରୀ-ଧାରିଣୀ-ସ୍ଵରୂପିଣୀ ଏହି ଭରତଭୂମି,
ତୁମ୍ଭରି ଦଶର ଚିର-ବିଶ୍ୟାତ ଭାରତୀ,
କୀର୍ତ୍ତି-ଅଭ୍ୟୁଦୟେ ଯିବା କଲୁ ମୋତେ ତ୍ୟାଗ,
ଏ ତୁମ୍ଭର ଉପଯୁକ୍ତ କର୍ମ ମହାଭାଗ !
ଏହି କୀର୍ତ୍ତି-ପତାକାରେ ପାପିମାର ଚିହ୍ନ
ରହିଯିବ, ଏହା କିନ୍ତୁ ବଡ଼ ବିଷାଦ !
ଧିକ ମୋ ଜୀବନ, ନାଥ ! ଏକା ମୋହ ଲାଗି
ଅକଳଙ୍କ ଥାଇ ହେଲ ଅପଯଶ-ଭାଗୀ ।
ତୁମ୍ଭ ଶ୍ରୀଚରଣ ଦେଖି କାହିଁରେ ରହିବ ?
୧ ଅନଳ ନ ଦହେ ତନୁ, କାହିଁରେ ଦହିବ ?
ତୁମ୍ଭ କାନ୍ତି ଧରିଛନ୍ତି ଏହି ଦୁର୍ବାଦଳ;
ତାଙ୍କୁ ଛାଡ଼ି ବନେ ବନେ କାହାର ଆଶ୍ରୟ ?

୧ । ଲଙ୍କାର ଅଗ୍ନି-ପରୀକ୍ଷାରେ ସୀତା ଦଗ୍ଧ ହୋଇ ନ ଥିଲେ ।

୧ ପାଷାଣେ ଚେତନ ହୁଏ ତୁମ୍ଭ ଅନୁଗ୍ରହ;
ମୋପରି ଚେତନ କାହିଁକି ସେ ଲଭିବ ନିଗ୍ରହ ?
ଗର୍ଭେ ମୋର ଥୋଇଅଛ ତବ ବଂଶଧନ,
ନ କହିଲ ତା' ରକ୍ଷଣେ କି ପ୍ରତିବିଧାନ !
ଦୃଢ଼ ଆଶା ଥିଲା ମୋର ହୃଦୟେ ରୋପିତ,
ଉନ୍ମୂଳିତ କରିଅଛି ଏ ବଚନ ଭ୍ରମିତ ।
ଆକାଶ କୁସୁମ ହେଲା ଆଶା-ପରିଣାମ;
ଧନ୍ୟ ରେ ଦଇବ ତୋହର ସହସ୍ର ପ୍ରଣାମ !
ପିତା ଯାର ମହାତ୍ମନ ନୃପ-ମହାଯଶା,
କି କହିବୁ ବଧୂ ତାଙ୍କ କୁମରର ଦଶା !
ଚିର-ଅଙ୍କେ ହୁଏ ପିତା ବତ୍ସର ଉଦ୍ଧାର;
ତାହା ତହିଁ ସଙ୍ଗେ ପିତୃବାସର ସଂହାର !
ଧନ୍ୟ ନାଥ, ମୁଖ ତୁମ୍ଭର ସୁଖ-ନିର୍ଝର;
ହୃଦୟାବ୍ଧି ସୁଧା ପ୍ରେମ-ହୀରାର ଆକର ।
ହେଉଥିଲେଁ ସେ ହୃଦୟରେ ସନ୍ତାପ ପତିତ,
ଅନ୍ୟ ନ ବାହାରେ ମୁଖେ ଅମୃତ ବ୍ୟତୀତ ।
ସହସା ଶୁଣିଲ ମୋର ଅପବାଦ କଥା,
ଅବଶ୍ୟ ହୃଦୟେ ଲାଗିଥିବ ମହା ବ୍ୟଥା ।
ତଥାପି ନ କହି ଏତେ ନିଦାରୁଣ ଭାଷା
ତ୍ୟାଗ କଲ ଦେଇ ମୋତେ ମଧୁମୟୀ ଆଶା ।
ମୋ ଅର୍ଜିତ ପାପ ମୋର ଦୁଃଖର କାରଣ,
ସେହି ପାପ ଏବେ ମୋର ହେଉଛି ସ୍ମରଣ ।
ମହିମା-ସାଗର ନାଥେ ମଣି ମୁଁ ଇତର
'ଯାହି ରେ ଲକ୍ଷ୍ମଣ' ରବ ମଣିଲି ତାଙ୍କର ।
ଯେତେ ମତେ ଲକ୍ଷ୍ମଣଙ୍କୁ କହି ମତ ଜ୍ଞାନ
ବଳାତ୍କାରେ ପଠାଇଲି ପ୍ରଭୁ-ସନ୍ନିଧାନ ।
ସେହି ପାପେ ସେ ନାଥଙ୍କ ମହିମାବର୍ଦ୍ଧନ
ଲାଗି ହେଲା ପାପିନୀର ଚିର ବିସର୍ଜନ !
ଦୋଷହୀନ ଲକ୍ଷ୍ମଣଙ୍କୁ ସେହିଁ ତିରସ୍କାର
ଦେଇଥିଲି, ପାଇଲି ତା' ଯୋଗ୍ୟ ପୁରସ୍କାର ।
ଲକ୍ଷ୍ମଣଙ୍କୁ କହିବାକୁ ମୋ ନିକଟୁ ଦୂର
୨ ହୃଦେ ତାଙ୍କ ମାରିଥିଲି ବଚନ-ଅଙ୍କୁର ।

ଭକ୍ତିଭରେ ଯେ ଲକ୍ଷ୍ମଣ ପଡ଼ି ମୋ ଚରଣେ
ଦୂର କରିଦେଲେ ମୋହର ବିନୟ-ବଚନେ ।
ଛିନ୍ନ ଶିର ଟିଏ ଆଣି ପାପୀ ଦଶାନନ
ମୋ ପାଦ-ସମ୍ମୁଖ-ଅଗ୍ରେ କଲା ପ୍ରଦର୍ଶନ ।
ସ୍ୱାମୀଙ୍କର ଛିନ୍ନ ଶିର ବୋଲି ମୁଁ ଅର୍ଥରେ
ବାହିଲି ବିକଳ ପ୍ରାଣେ ଭାସି ଶୋକସାଗରେ ।
ସେ ଶିର ଅନାଇ ଯାହା ନ ମଲି ବହନ,
ସେହି ପାପେ ହେଲି ଏବେ ଜୀବନ୍ତ ଦହନ !
ତୁମ୍ଭ ପଦ-ସେବା-ସୁଖ ମଣି ମୁଁ ଉଦ୍ୱାସ
ଆଶ୍ରମ-ଦର୍ଶନ-ସୁଖ କଲି ଅଭିଳାଷ ।
ସେହି ପାପ ଶ୍ରୀମୁଖରୁ କରାଇ ଅନ୍ତର
ବୋଲୁଛି, 'ପାପିନି, ଯାହା ଇଚ୍ଛା ତାହା କର ।'
ଅଯୋଧ୍ୟାର ରାଜଲକ୍ଷ୍ମୀ-ପୀଠରେ ବସି
ନ ହୋଇ ମୋ ସଙ୍ଗେ ଥିଲ ବହୁତ ଦିବସ;
ଆଗ୍ରହରେ ରାଜଲକ୍ଷ୍ମୀ ଚାହୁଁଥିଲା ବାଟ,
ବହୁ ଦିନ ସମ୍ଭାଳି ତା' ନ ପାରିଲ ଆଉ ।
ତା' ଦୁଃଖର ସାକ୍ଷୀ ଥିଲେ ଯେଉଁ ପୁରଜନେ,
ତାଙ୍କୁ ହେତୁ କରାଇଲ ମୋର ବିସର୍ଜନେ ।
ଅଯୋଧ୍ୟାରେ ସତୀତ୍ୱର ଶକ୍ତି ଗରୀୟସୀ,
ନ ପାରଇ ତାଙ୍କୁ ପତି-ଶକ୍ତି ମହୀୟସୀ !
କୈକେୟୀଙ୍କ ପ୍ରେମ ଫଳବାର ଶେଷ
ରାଜଲକ୍ଷ୍ମୀ ବଳ ଉଲ୍ଲସିଲା ସେହି ଦେଶେ ।
'ପ୍ରକୃତି-ରଞ୍ଜନେ ଯେବେ ହୁଏ ପ୍ରୟୋଜନ,
କରିପାରେଁ ପ୍ରାଣସମା ସୀତା ବିସର୍ଜନ ।'
ଅଷ୍ଟାବକ୍ର ମୁନି ଆଗେ ଯାହା ଘୋଷିଥିଲ,
ସ୍ମରୁଥିବ ସେ ପ୍ରତିଜ୍ଞା ନ କରି ଶିଥିଳ ।
ପିତୃ-ବାକ୍ୟ-ପାଳନରେ ତୁମ୍ଭେ ଅବିମୁଖ,
ପତି-ବାକ୍ୟ-ପାଳନରେ ନ ହେଲେ ମୋ ଦୁଃଖ
ଯେବେ ବିନା ତୁମ୍ଭ ଦେବୀ-ପଦର ଭଜନ
ମୁଁ ହେବି, ଏ କଥା କେମନ୍ତେ ବୁଝିବ ମୋ ମନ ।

୧ । ରାମଙ୍କର ପଦରଜ ସ୍ପର୍ଶରେ ପାଷାଣମୟୀ ଅହଲ୍ୟା ଦେହଧାରିଣୀ ହୋଇଥିଲେ ।
୨ । ଅଙ୍କୁର—ବର୍ଚ୍ଛା ।

ପ୍ରଜା-ରଞ୍ଜନ-ବ୍ରତ ଅଟେ ତୁମ୍ଭ ବ୍ରତ;
ମୁଁ ସହଧର୍ମିଣୀ ତୁମ୍ଭ ସହାୟିକା ହେବା ଗତ ।
ହେଉ ମୋର ନିର୍ବାସନ ପ୍ରକୃତିର ତୋଷ;
ପ୍ରଭୁଙ୍କର ବ୍ରତ ହେଉ ସମ୍ପୂର୍ଣ୍ଣ ନିର୍ଦ୍ଦୋଷ ।"
ସତୀଙ୍କ ବେଦନେ ଗଳି ପ୍ରସ୍ତରିଲା ତାତର,
ଜଳ ସ୍ଥଳ ଯେଣେ ହେଲା ନିସର୍ଗ କାତର ।
ଫୁଟିଲେ ଜାହ୍ନବୀର ତରଙ୍ଗ-ଆବଳୀ,
ବନ୍ଦ ହୋଇଗଲା ବନେ ବିହଙ୍ଗ-କାକଳୀ ।
ନ ହଲିଲା ପାଦପର ଗୋଟିଏ ପତର,
ନ ଚଳିଲା ଲତା-ଶିଳା-ବଲ୍ଲୀ-କଳେବର ।
ଡାକିଲ ଡାକିଲ ବଣି ଘର୍ଷି ଫାଟିଲ ଶ୍ରବଣ
ଫାଟିଲ ଭାଳିଲ ପ୍ରାଣେ ଲଭି ଶୋକ-ପ୍ରସ୍ରବଣ ।
ମୃଗ-ଶିଶୁ ଜନନୀର ସ୍ତନ ମୁଖେ ଧରି
ନିଶ୍ଚଳେ ରହିଲା କ୍ଷୀର ଶୋଷଣ ନ କରି ।
୧ ମୁଖ ଦର୍ଭ ମୁଖେ ଧରି ମୃଗମୃଗୀମାନେ
ଗ୍ରୀବା ଟେକି ରହିଗଲେ ଶୋକ-ଧ୍ୱନି-ଧ୍ୟାନେ ।
ମୟୂର-ମୟୂରୀଗଣ ଶାବକ ସହିତ
ଚକିତ ଚକ୍ଷୁରେ ହେଲେ ନୃତ୍ୟଲୀଳାରହିତ ।
୨ କରେଣୁ କରଣୀ ବସି ହୋଇ ଊର୍ଦ୍ଧ୍ୱ ପଦ
ସ୍ତବ୍ଧ ରହିଗଲେ ଚରା-ଚେନନ ଛାଡ଼ି ।

# ଦ୍ୱିତୀୟ ସର୍ଗ

ରାଗ—ରାମକେରୀ

ବାଲ୍ମୀକି-ଆଶ୍ରମ-ରାଜ୍ୟରେ
ଶାନ୍ତି ରାଜତ୍ୱ କରେ,
କୋପ ମୂର୍ତ୍ତି କରି ପାଦପେ-
ଦଣ୍ଡ ସୁଦ୍ଧା ନ ଧରେ ।
ଅକଣ୍ଟକେ ତାହା ଶାସନ୍ତି
ସେହି ପାଦପମାନେ,
ଅଧୀନେତ ନିଜ ଶରୀର-
ମାନଦଣ୍ଡର ମାନେ ।
ପ୍ରକୃତି-ସମରେ ସେମାନେ
ପୁଣି ହୁଅନ୍ତି ସେନା,
୩ ଆବରଣି କରି ଶରୀରେ
ଘନ-ବଲ୍କ-ସେଲ୍ଲା ।
କରି ବରଷାର ବ୍ୟାୟାମ
ଅଙ୍ଗ-ପୁଷ୍ଟି ସାଧନ,
ଆତପକୁ ଜିଣି ଆଣନ୍ତି
ତାର ଅଳକ-ଧନ ।
ଶୀତ-ଆକ୍ରମଣୁ କରିବା
ପାଇଁ ରାଜ୍ୟକୁ ତ୍ରାଣ,
ଧୂନି ଧୂପେ ପୁଣି ହୁଅନ୍ତି
କେତେ ଅନଳ-ବାଣ ।
ବିଜିତ ପ୍ରକୃତି ସମସ୍ତ
ଜାଣି ସମ୍ପାଦେ ତୋଷ,
ପାଦପଙ୍କ କରେ ସମର୍ପି
ଫଳ-ପ୍ରସୂନ-କୋଷ ।
ଗର୍ଭେ ଧରି ତାରା-ରତନ
ପୂର୍ଣ୍ଣ ଗଗନ-ସିନ୍ଧୁ,
ଅଗସ୍ତ୍ୟ ସଦୃଶ ଶୋଷନ୍ତି
ହତ ଶିଶିର-ବିନ୍ଦୁ ।

୧ । ଦର୍ଭ—କୁଶ   ୨ । କରେଣୁ—ନାଗମସ୍ତ ହସ୍ତୀ   ୩ । ସେଲ୍ଲା—କବଚ

ସାଗର ନୀରବେ ପାଦପ-
ଆଳିବାଳର ଛଳ,
ଚୋଷି ରହୁଥିଲେ ଗଭୀର
ସୁଧାକରମଣ୍ଡଳ ।
ଅକସ୍ମାତ କରି ପ୍ରବେଶ
ଶ୍ରମବଧୂ-ବେଦନ,
ଘନ ଘନ କଲା କମ୍ପିତ
ଶାନ୍ତି-ଦେବୀ-ସଦନ ।
ବିଚଳିତ ହୋଇ କରୁଣା-
ବଶା ଶାନ୍ତି ବାହାର,
ଖୋଜିଲେ ବେଦନା-ଲକ୍ଷ୍ୟରେ
ଦିବା ପାଇଁ ବନ୍ଧନ ।
ମୁନି-କୁମାରୀଏ ବାହାରି
ଲଭିଥିଲେ ସେ ଶକତି,
୧ ବାତ-ବଂଶୀ ନବ ଗୀତି-
ବର୍ଣ୍ଣା-ପର୍ଯ୍ୟବସିତ ।
ନବ ରବ ଏକ କର୍ଣ୍ଣରେ
ତାଙ୍କ ଯିବାକୁ ଲାଗି,
ମନ ନିଯୋଜିଲେ ତାହାକୁ
ଧରି ରଖିବା ଲାଗି ।
ଧରି ମନ ତାଙ୍କୁ ଦେଖିଲା
କୁହେ କପୋତ-ସ୍ୱନ,
କୁହାଇ କୋକିଳ-କାକଳି,
କମ୍ପା ଶାଖା-ନିକ୍ୱଣି ।
କୁହେ ଶଙ୍ଖନାଦ, କୁହାଇ
ଶୁଣି ମୟୂର-କେକା,
ଲଳନା-କରୁଣ-କଣ୍ଠର
ସ୍ୱର-ନିର୍ଝର ଏକା ।
ସେହି କୁମାରୀଙ୍କ ହୃଦୟ-
ରହେ ବାସି ଚଞ୍ଚଳ

ଢଳାଇଲା ଶାନ୍ତି, ଉଡ଼ିଲା
ଧ୍ୱଜ-ବାଲ୍ୟଲୀଳାଞ୍ଚଳ ।
ବେଦନା-ତରଙ୍ଗ ଦର୍ଶନେ
ଶାନ୍ତି ଚକିତ ହେଲା,
ତଥାପି ସମୀପେ ଯିବାକୁ
ଲଭିବ ନ ହେଲା ବେଳା ।
କୁମାରୀଏ ଯାଇ ଅନତି-
ଦୂରେ କଲେ ଦର୍ଶନ,
ଅପୂର୍ବ ନାରୀଏ କରୁଛି
ଘୋର ଅଶ୍ରୁ-ବର୍ଷଣ ।
ଚକିତ ଚିତ୍ତେ କେ ଭାବିଲା,
"ଏ ତ ବିଚିତ୍ର କଥା,
ଏ ବନେ ଏରୂପ ମାନବୀ
ଅପୂର୍ବ ସର୍ବଥା ।
ସ୍ୱର୍ଗ-ଚ୍ୟୁତ କେଉଁ ଦେବୀ କି
ସହି ଶାପର ଘାତ,
ସବଦନ୍ତରେ ଖସିଛନ୍ତି
ଆସି ଅବନୀ-ତଳ ?
୨ ଭୁମୁ ଭୁମୁ କିବା ଅନ୍ତରେ
ଅଭ୍ରମାତଙ୍ଗ ଚଢ଼ି,
ପୁରନ୍ଦର-ପୁର-ଶୋଭନ
ପଡ଼ିଅଛନ୍ତି ଗଡ଼ି ?"
କଏ ବା ଭାବିଲା, "କାନ୍ତାରୀ
ଅବା ମୂର୍ତ୍ତିମତୀ କି
ଲୋଚନ-କଳିକାରେ ଉପାଡ଼ି-
ଛନ୍ତି ବସୁମତୀକି ?
୩ କରୁଣା'ଦେଉଛି କରୁଣା
କିବା ସ୍ୱର୍ଗରୁ ଗଳି,
ପର-ଦୁଃଖ-ତାପ ସମସ୍ତ
ଲଭେ ଯାଉଛି ଗଳି ?

୧ । ଇନ୍ଦ୍ରପ୍ରଦେ ପ୍ରକୃତର ପବନ ପ୍ରବାହିତ ହୋଇଥିବା ବଂଶରୁ ଉତ୍ଥିତ ଅଛି ।
୨ । ଅଭ୍ର—ଆକାଶ । ଅଭ୍ରମାତଙ୍ଗ—ଐରାବତ ହସ୍ତୀ ।
୩ । କରୁଣା ଭୂମିରେ ପଡ଼ିଲେ ଜନମେ ଜନମେ ଦୁଃଖଦାଏ ।

ନ ଦେଖିଲେ ଏ ଘନ-କୁନ୍ତଳା
ଯେନ ସହିତ ଗାନ୍ଧୁ,
ଝରି ପଡ଼ିବାନ୍ତି ଧରାରେ
ବହିଯାଉଛି ଆଶ୍ରୁ !
ହୋଇଥାନ୍ତା ବନ୍ଧ ରୋଦନ-
ଧ୍ୱନି ବେମକସ୍ପର୍ଶା,
୧ ଦୋଳନ୍ତୁ ଅଶିନ୍ତୁ ଜଳଦ
ଘଡ଼ଙ୍କ ଏ ଶତହ୍ରଦା ।
ଶିଶିର-ବର୍ଷିଣୀ ଚନ୍ଦ୍ରିକା
ଚିର-ନୁର-ମୁଦିରା
କାନ୍ଦି, କାନ୍ଦି ଝିଲ୍ଲୀ-ରୂପସୀ
ଝର ନିନାଦ ଝରୁ ?
ବୀଣା ଥାନ୍ତା ବନ୍ଧ ହସ୍ତରେ
ବୋଲାଉଥାନ୍ତୁ ଭାରତୀ,
କାନ୍ଦୁଥାନ୍ତି ବନ୍ଧୁ-ବିରହେ
ଅବା ତାହାରି ଆରତି ।”
ଘନ ଘନ ମୂର୍ଚ୍ଛିତା ଏ
ହେଲେ ଜାନକୀ ସତୀ,
ସାହସ ନ ହେଲା ଦେବାକୁ
କିନ୍ତୁ ତାଙ୍କୁ ଆଶ୍ୱାସ ।
ବରଷାର ମହାନଦୀରେ
ଗୋଟି ଅଞ୍ଜଳି ଜଳ,
ମୁକ୍ତ କରିବାକୁ କିଛି ସେ
ହେବ ନିର୍ମଳା ବଳ ?
୨ ଇବ, ଅଙ୍ଗ, ତେଲ ସଙ୍ଗରେ
ଶ୍ରେଷ୍ଠ ନଦୀ ଯେସନ,
କୁମାରଙ୍କ ତାଙ୍କ ବଢ଼ିଲା
ସୀତା-ଶୋକ ସେସନ !
କିଛି ନ ଦେଖି କୁମାର-
ମାନେ ରହିଲେ ବେଢ଼ି,
ଯାଇ ନ ପାରିଲେ ସେସନନ୍ତ ,
ଦେଖିଲେ ପାଦକୁ ବେଢ଼ି ।
ବଳକେ ଅନାଇ କେବଳ
ତାଙ୍କ ଶାନ୍ତ ଲୋଚନ,
କଲେ ନିରୁଦ୍ଧ-ସୁଦ ବେଦନା-
ଶତ-ଜଳ-ମୋଚନ ।
ଲୋତକ-ପ୍ଲାବିତା କୁମାର-
ବୃନ୍ଦ ମଧ୍ୟରେ ସତୀ,
ବିକଳ ସେସନେ ବାଳପି
ଶୋକ-ଜଳେ ଭାସନ୍ତି ।
୩ ରଙ୍ଗବାରି-ଜାତ ପୃଷତ-
ସ୍ନାତ ପଦ୍ମବନେ,
କଳଗଳହଂସୀ କୂଜଇ
କିବା ଆର୍ତ୍ତ-ସ୍ୱନେ ।
ସହି ଏକ ସଖୀ ନ ପାରି
ଯାଇ ବାଲ୍ମୀକି ପାଶେ,
ଜଣାଇଲେ ଯେତପ୍ରବୃତ୍ତ
କ୍ଲେଶ-ଭଳିମା ସହେ ।
୪ "ଦେଖ ତାତ ! ଏ ବଦନ ନାହିଁ
ନବନୀତ-ପିତୁଳୀ—
ଘମ ଝରେ, ଅଗ୍ନି କାନ୍ଦୁଛି
ଯେସନ୍ତି ହୋଇ ବାହୁଳୀ ।
ସମ୍ବୋଧନ କରି ଅରିଷ୍ଟ-
ଅରି ତା' ପ୍ରିୟ କାନ୍ତ,
ଦନ୍ତ-ଶ୍ରେଣୀ, ହସ୍ତ-ବାଷ୍ପୀ
ଦୁନ୍ଦୁଅଛି ଏକାନ୍ତ ।
କମ୍ପିତ ଦିଶୁଛି ଲଲାଟେ
ତାର ସିନ୍ଦୂର-ବିନ୍ଦୁ,
ମୁଖ-କମଳକୁ ହୋଇଛି
ଯେସନ୍ତେ ପୂର୍ଣ୍ଣିମା-ଇନ୍ଦୁ ।

୧ । ଶତହ୍ରଦା—ବିଜୁଳି ।
୨ । ଇବ, ଅଙ୍ଗ, ତେଲ ଏହି ନଦୀମାନ ମହାନଦୀର ଉପନଦୀ ଅଟନ୍ତି ।
୩ । ପୃଷତ – ଜଳକଣା ।
୪ । ନବନୀତ—ଲହୁଣୀ ।

କରଯୁଗଳରେ ଲେଖୁଛନ୍ତି
ଗୁରୁ ରଚନ-ଚାତୁରୀ,
ବିଷାଦ-ସାଗର-ମୁକୁରେ
ଝଲୁଅଛି ନ ବୁଝି ।
୧ ଦରବିକଶିତ କମଳ
ବୃନ୍ତକ ଟେକିଏ,
୨ ଶତଦଳ-ରୁଚି ରୁଚିର
ଦେଖିଲେ ସେ ଶୋଭା ପାଏ ।
ଶିଶୁଟିଏ ଦେଖନ୍ତି ବାପକୁ
ତା'ର ନୟନ-ବାରି,
ଦେଖି କି ମାନବ ସନ୍ତାନ
ଦେଖନ୍ତି ନାହିଁ ତ ବାପ ।"
ଶୁଣି ମୁନିବର ମସ୍ତକେ
ନିମୀଳିତ ନୟନେ,
କାନ୍ଧ, ଶିର, ଗ୍ରୀବା ସଳଖି
ବସିରହିଲେ କ୍ଷଣେ ।
ଉଠି ପୁଣି "ଶୁଭ ଦେଖିବା"
ବୋଲି ଚଳିଲେ ବାହାର,
ମୁନି ପଛରେ ପଛେ ଚଳିଲେ
ବନ୍ଧୁ ମୁନି-କୁମାର ।
କୌତୂହଳେ ଚାଲି ସେ ଥିଲେ
ସଙ୍ଗେ ମୁନି-ନନ୍ଦନ,
ଡାକଆସିଥିଲା ସେ ହରିଣୀ
ହୋଇ ଚାରୁ ପଛିଣୀ ।
ଶୁଣିଲେ ହରିଣ ହରିଣୀ
ତାଙ୍କ ସଙ୍ଗେ ଶାବକ,
ଦୁଇଁ ଦୁଷେ ଡେଇଁ ଚଳିଲେ
ପିକ, ମୟୂର, ବକ ।

ସମୀର-ସାଗରେ ଗୁଡ଼ିଲେ
ନିଜ ଶରୀର-ପୋତ,
ନୟନ-ରଞ୍ଜନ ଖଞ୍ଜନ,
ଶୁକ, ଶାରୀ, କପୋତ ।
୩ ଅନୁଧାନ କଲା ଶାନ୍ତିର
ଏଡ଼ା ସରବାହିନୀ,
୪ ଗୀତ-ଶ୍ଲୋକ-ଶିଳାଶ୍ରେଣୀକୁ
ଯେଉଁ ଘୋର ବାହିନୀ ।
ମହାନଦୀ ମହାନାଦର
ମହାପ୍ରବାହ ଆସି,
୫ ହେମଗୃହ-ଶିଳାସ୍ତୂପକୁ
ଦେଖିଲେ ପଡ଼ିଥିବ ଗ୍ରାସି;
ହେଲେବେ କି ଶିଳା-ସକଳ
ସ୍ରୋତ କରିବ ସହି,
ବିଦୂରିତ ଶିରେ ଡେଇବ
ଗତି ଦେଖନ୍ତି ବନ ।
ସେ ଦଶା ଦେଖିବ ନାହିଁ ତ
ଶାନ୍ତି ଏ ଅନୁଧାବନେ ?
ନଗୁ, ଲଭିଛି ତ ହୃଦୟ
ଯୋଗ ସୁ-ଅନୁଧାବନେ ।
କଣ୍ଠ ପୂରେ ଧାଇ ମିଳିଲେ
ମୁନି ଜାନକୀ ପାଦେ;
ଅଳିମାନେ ବେଢ଼ିରହିଲେ
ତଳେ, ଡାଳେ, ଆକାଶେ ।
ଶ୍ୱେତ-ଶ୍ମଶ୍ରୁ-କେଶ-ବିଭୂତି-
ବସ୍ତୁ ସୌମ୍ୟ ମୂରତି,
ବାଲ୍ମୀକି ମହର୍ଷି ସମୀପେ
ହେମଲତାଶ୍ରୀ ସଙ୍ଗ !

୧ । ବୃନ୍ତକ—ପଦ୍ମର ନାଳକୋଷ ।
୨ । ରୁଚି—କାନ୍ତି । ରୁଚିର—ସୁନ୍ଦର ।
୩ । ବାହିନୀ—ସେନା ।
୪ । ବାହିନୀ—ନଦୀ ।
୫ । ସମ୍ବଲପୁର ନିକଟସ୍ଥ ମହାନଦୀର ଗୋଟିଏ ଭୟଙ୍କର ବିପଦ ସ୍ଥାନ ।

ବସିଥିଲା ସେମନ୍ତ ଭୂଧର-
ତନୁ ସମାଧି-ତଳେ,
ତପସ୍ୱିନୀ ଉମା ମଣ୍ଡନେ
ଉଦ୍ଦିଷ୍ଟ ନିଷ୍ଠଳେ ।
ମୁକ୍ତି ଆନନ୍ଦେ ଜାନକୀ
ଶୋକ ଭୁଲେ ନିବର୍ତ୍ତି,
ହୃଦ୍ୟପୁରେ ହେଲା ସ୍ଫୁରିତ
ଶାନ୍ତି-ତପ-ଆବର୍ତ୍ତି ।
ବୋଲିଲେ ମହର୍ଷି ସୀତାଙ୍କୁ,
"ବତ୍ସେ, ଯାଉଛି ଜାଣି,
ବିରହ-ବହ୍ନି ତୋହର
ବଢ଼ୁଅଛି ଉଜାଣି ।
ସ୍ରୋତସ୍ୱିନୀ-ଗତି ସହଜ
ଥାଏ ସାଗର-ଆଡ଼େ;
କଦାପି ଶିଳା-ଶୈଳ-ସଙ୍କଟେ,
ଯେବେ ବନ୍ଧନେ ଅଡ଼େ ।
ବାତ୍ୟା-ପ୍ରତାପେ ସମୁଦ୍ରେ
ସିନ୍ଧୁ ବଢ଼ିତ ବେଳେ,
ଜଳଧି ଜୀବନେ ନ ରହେ
ଅଳ୍ପ ପ୍ରବାହ ଲେଶେ ।
ବହୁବର୍ଷେ ଭୂମି ମଧ୍ୟରେ
ଯେବେ ଉର୍ଦ୍ଧ୍ୱକୁ ଭେଦି,
ବାଳସୂର୍ଯ୍ୟ ଶିଏ ସହିତ
ସିନ୍ଧୁ-ହୃଦୟ ଛେଦି,
ସଞ୍ଚିତ ମନ ତ ନ ଚାରେ
ତାର ଜୀବନ-ଭାର;
୧ ହୃଦୟ ପ୍ରସାର ରଖଇ
ହୋଇ ହ୍ରଦ ଆକାର ।
ଅବିକଳ ସେହି ଦଶା ମା,
ତବେ ଘଟିଛି ତୋର,
ଚିନ୍ତାକୁ ତୁ ବୃଥା ନ କର
ଦଶା ସ୍ମରଣ ଘୋର ।

ଶ୍ୱଶୁର ତୋ ମୋର ବନ୍ଧୁ,
ସେହିପରି ତୋ ପିତା;
ଅଯାଚିତ ଗତ ଆଶ୍ରମ
ମଣି ସଂସାର ପିତା ।
ମୋ' ଆଶ୍ରମ ତୋର ନ ଥିବ
କଦାପି ଭାବନା,
ଜନମିବ ଜେଉଁ ସନ୍ତାନ
ତାର ଯାଇଁ ଭାବ ନା ।"
ମୁନି-ବାଣୀ ଶୁଣି ଜାନକୀ
ମୁନି-ଚରଣ-ତଳେ
ପଡ଼ି, ଲୋଟି ଗଣ୍ଡ ଘୋଷିଲେ
ନିଜ ବସନାଞ୍ଚଳେ ।
"ବୀରପ୍ରସବିନୀ ହୁଅ ମା,"
ବୋଲି ଶୁଭ ଆଶିଷ
ଦେଇ ଆଶ୍ୱାସିଲେ ମଧୁରେ
ମୁନି-ମଣ୍ଡଳାଧୀଶ ।
ପୁନଶ୍ଚ ବୋଇଲେ, "ଆସ ମା,
ଆଉ ନ କର ହଠ,
କୁମାରୀମଣ୍ଡଳ ମଧ୍ୟରେ
ରହ ମନ୍ତ୍ର ମୋ' ମଠ ।"
କସ କସ ଅଶ୍ରୁ ଧରି ରୋ
ଦେବ କୁମାରୀମାନେ,
ବୋଲିଲେ ମହର୍ଷି, କନ୍ୟାଏ
ତାହା କଲେ ସମ୍ମାନେ ।
ଝଣାଝଣି ହୋଇ ସଙ୍ଗଙ୍କ
ସ୍ଥୂଳ ଦେହିକାମାନେ,
ଧରି ବେଢ଼ି ତାଙ୍କୁ ସାଦରେ
କରାଇଲେ ସ୍ନାନ ।
ଦ୍ୱାରି ଦ୍ୱାରି ପାଦୁକା
ମୁନି ମୂର୍ତ୍ତି-ଶିରେ,
ସ୍ନେହ-ହୃଦ-ପ୍ରେମ-ପ୍ରତିମା-
ଅଙ୍ଗ ଶୁଖାଇଲେ ଧୀରେ ।

୧ । ଚିଲ୍କା: ସଙ୍ଗୀତ ନଦୀମ,ନଦୀର ଅବସ୍ଥା ଏହାର ନିଦର୍ଶନ ।

୧ କଣ୍ୱାନୁ-ବଚନ ମନ୍ତ୍ରି
ଦେଖିଲେ ଅନୁରୂପମ୍,
୨ ଯେତେ ବଇଦେଶୀ ଦେଖିଲେ
ଭାନୁ-ପ୍ରଶାନ୍ତି-ଭ୍ରମ ।
୩ ବୁଡ଼ିଥିଲା ଯେଉଁ ଦୀପ୍ତି
ଦୁଃଖ-ଅର୍ଣ୍ଣବ-ଅର୍ଣ୍ଣେ,
ଅନୂରୁ ତର୍ଣ୍ଣୀରେ ବସ୍ତ-
ଥିଲା ଉଜ୍ଜ୍ୱଳ ବର୍ଣ୍ଣେ ।
ମହାପତି ମହାସତୀଙ୍କ
କଥାବାର୍ତ୍ତା ସକଳ,
ଶୁଣୁଥିଲେ ବସି ବହନ-
ତଳ ନ କରି କଳ ।
ଦେଖନ୍ତେ ତାହାଙ୍କ ଆଶ୍ରମ—
ଅଭିମୁଖେ ଗମନ,
ପ୍ରମୋଦରେ କଲେ ନିସ୍ୱନ
ହୋଇ ପ୍ରଫୁଲ୍ଲ-ମନ ।
ବାଜିଲା ଘଣ୍ଟା ଶାନ୍ତିର
ଭଣି-ବିଜୟ-ଘୋଷ !
ନାଚି ନାଚି ମୃଗ ଶାବକେ
କଲେ ପ୍ରକାଶ ତୋଷ ।
ନବ ଅତିଥିଙ୍କ ମୁଖକୁ
ମହୀ ସ୍ନେହ-ସାଗର,
ଅଶ୍ରୁସିକ୍ତ ନୟନେ ଅନାଇ-
ଥାନ୍ତି ଥରକୁ ଥର ।
ଜଗ-ଲକ୍ଷ୍ମୀ ରୂପେ କରନ୍ତି
ଶାନ୍ତି-ସୁଧାକୁ ବଣ୍ଟେ,
ଅଶାନ୍ତି-ସାଗର-ଉଦ୍ଭୂତା
ଧ୍ୟାନ-ରମଣୀ ଢଙ୍ଗେ ।

୪ ଟେକି ଚନ୍ଦ୍ରକ ବର୍ହ
ଦେଖି ସଂସାରର ରଙ୍ଗ,
ଶୁଣିଲେ ମୟୂର ପାର୍ଶ୍ୱରେ
ଶତ ଶତ ଦରଶୀ ।
ସୁକୁମାର କରି-ଶାବକେ
କରେ ଟେକି କମଳ,
ଠେଲିଠେଲି ଦେଖାଇ ବୁଲିଲେ
ସଙ୍ଗି ଦଳକୁ ଦଳ ।
ପାଦପେ ଚଢ଼ିଲା ବାନର
ତୋଳି ପୁଷ୍ପ-ସ୍ତବକେ,
ଧାଡ଼ି ଧାଡ଼ି ଶ୍ୱେତ ବଲାକା
ଛତ୍ରୀ ହୋଇଲେ ବନେ ।
ଚୂତରେ ଗାଇଲେ କୋକିଳ-
କୁଳ ମଙ୍ଗଳ-ଗୀତ,
ଅଳି-ବୃନ୍ଦ ଜୟ-ଶଙ୍ଖର
ଧ୍ୱନି ହେଲା ବାଞ୍ଛିତ ।
ବାରମ୍ବାର ଉଡ଼ି ଛୁଟନ୍ତି
ହୋଇ ମୁକୁଟ-ମୂର୍ତ୍ତି,
ଶୁକ ସାରୀ ଦଳ ମାର୍ଗରେ
କଲେ କୁସୁମ ବୃଷ୍ଟି !
ବନଦେବୀ ଘନ ଜଳକୁ,
ଏକେଶ ଗୋଧୂଳି-ଭାସ୍ୱ,
ବଖାଣିଲେ ସୃଷ୍ଟି-ଆଶ୍ରମ
ଗାନ-ନନ୍ଦନ-ଭାସ୍ୱ ।
ବାଳ୍ମୀକି ନିଦେଶେ ଉଠିଲେ
ସବୁ ଚେଟିକା ଥୋଇ,
କନ୍ୟା ଏକ ଦେଲା ସତୀଙ୍କ
ମୁଖ-ମଣ୍ଡଳ ଧୋଇ !

---

୧ । ଅନୂରୁ—ସୂର୍ଯ୍ୟସାରଥି ।
୨ । ବସ୍ତ—କିରଣ ।
୩ । ଅର୍ଣ୍ଣ—ପାଣି ।
୪ । ବର୍ହ—ମୟୂରପୁଚ୍ଛ ।

କଳସୀ ଏକ ଜଳ-କଳସ
ଥାନ୍ତି ଥାନ୍ତି ଚରଣେ,
ତା' ହସ୍ତରୁ ନେଇ ମୃଦେ
ପ୍ରକ୍ଷାଳିଲେ ଆପଣେ ।
ସତୀଙ୍କି ବସାଇ ଥୁଆଏ
ମୃଦୁ ପଲ୍ଲବାସନେ,
ଫଳମୂଳ ଆଣି ସମସ୍ତେ
ଦେଲେ ଚନ୍ଦ୍ରିବାସନେ ।
ଅନୁକମ୍ପା ନାମେ ବୃଦ୍ଧାଏ
କରି ସତୀଙ୍କି କୋଳ,
ଚୋଷ୍ଟୁଦେଲେ କର-କମଳ
ତାଙ୍କ ଗାଲ କପୋଳ ।
ମମତା-ପ୍ରହାର-ସ୍ନେହମୟ
ମୁକ୍ତ ଉଜ୍ଜ୍ୱଳ ଜଳ
ପକାଇ ସତୀଙ୍କ ପଣତ
ସ୍ନାତ କରି ତିତିଲ,
ମୁଖ ଚୁମ୍ବି ଚୁମ୍ବି କହିଲେ
ଧୀର କୋମଳ ସ୍ୱରେ,
"ମୋ ଘରକୁ ମା'ଆ ଆସିଛୁ
ଆଜ ତୁ ମୋର ପାରଣେ ।
ରାଜରାଜେଶ୍ୱରୀ ମା'ଆ ତୁ
ସ୍ୱର୍ଣ୍ଣ-ମନ୍ଦିର ତୋର
ରମ୍ୟସ୍ଥୀ କରି, ଉଜ୍ଜ୍ୱଳ
କଲୁ କୁଟୀରି ମୋର ।
ବନଯାଗ କର ନ ଥିବୁ
ହେବ କଷ୍ଟ ଆହାର,
ମୁଖ କଳୁଥିବ ଗଲାବେଳ
ତଳ ପାଦ-ପ୍ରହାର ।
ଖାଆ ମା' ! ଖାଆ ମା' ! ମା' ସବିର
ତୋର କ ଅଛି ଲାଜ,
ମୁହଁ ରହିବନ୍ତି ତୋ'ଠାରେ ହୋ'
ଏହି ସଖୀସମାଜ ।"
୧ ନିର୍ଦ୍ଦାଳ ନନ୍ଥି ଦେଇ ଧୋଇ
ଦେଲେ ନାରଙ୍ଗୀ-କଳି,
ନଖେଁ ଗୋଟି ଗୋଟି କରି କର୍ପୂର-
କାନ୍ତି ହେବ କଦଳୀ,
୨ ଖଣ୍ଡ ଛିନ୍ନ କରି କୁଳିକ
ଖଣ୍ଡ ଖଣ୍ଡ ପନସ,
ସୁମଧୁର ପିଣ୍ଡଖର୍ଜ୍ଜୁର
ସଜିଲାରୁ ସରସ ।
ବାରମ୍ବାର ବୋଲି ମଧୁରେ
"ଧୀରେ ଭୁଞ୍ଜ ମା, ଭୁଞ୍ଜ",
କରେ ଦେଲେ ଭୁଞ୍ଜି କଦଳ-
ମଞ୍ଜି ପୁଞ୍ଜିକୁ ପୁଞ୍ଜ ।
ଅବଶେଷେ "ଆଉ ଦିଅନ୍ତି,
ଆଉ ଦିଅନ୍ତି" ବୋଲି,
ଭୁଞ୍ଜାଇଲେ ସେହୁ ସତୀଙ୍କି
ଆଠ ଦଶୋଟି କୋଳି ।
ମାତ୍ର ବହୁନ୍ତି-ଦୁଃଖ ନ ଥିଲେ
ବୁଝି ବାଳ୍ୟ-ଜୀବନେ,
ସେହି ସୁଖ ସଖୀ ଭୁଞ୍ଜିଲେ
ଆଉ ବାଲ୍ୟକ-ବନେ ।
ଆଚମନ କରି ଜାନକୀ
ଫଳ-ଭୋଜନ ଶେଷେ
୩ ବାସ୍ତୁ ଆସନରେ ବସିଲେ,
ତାପସୀଙ୍କ ନିଦେଶେ ।
୪ କୁମାରୀଏ ଦେଲେ କୋରଣୀ
ଫଳ ଦେବୀଙ୍କ କରେ,
ମୁଖଶୀ ପକାଇଲେ ସୁମୁଖୀ
ତାହା ଦେନ ସାଦରେ ।

୧ । ନନ୍ଥି—ସ୍ନେହା ଛଡ଼ାଇ ।
୨ । କୁଳିକ—କେନ୍ଦୁ ।
୩ । ହିଡ଼ା ଚଉବିଥି ଥିବାରୁ ଉଚ୍ଚ ସ୍ଥାନ ଅଧିନ୍ନ ।
୪ । କୋରଣୀ—ଶୁକ୍‌ଲପତ୍ର ।

କନ୍ୟା ଏକ ଅତି କୋମଳ
ଶୁଭ୍ର ଶରୀର ନାଳ,
ଶୋଭା କରୁଥିଲା ତହିଁରେ
ଯାର ଦ୍ୱିଦଳ-ଗୁଳ ।

ସଖୀ ଦୁଇ ତହିଁ ରହିଲେ
ବଇଦେହୀଙ୍କ ପାଶେ,
ଆଶ୍ରମବାଳେ ହେଲେ ଅନ୍ତର
ନିଜ ନିଜ ଆବାସେ ।

# ତୃତୀୟ ସର୍ଗ

ବୃତ୍ତ—ବଙ୍ଗଳାଶ୍ରୀ

ଭାଗୀରଥୀ-କୂଳେ ଲକ୍ଷ୍ମଣ ସେ କାଳେ
ବୈଦେହୀଙ୍କୁ ବର୍ଜି ଗଲେ,
ବ୍ୟାପିଥିଲା ଖର ସନ୍ଧ୍ୟାରାଗ ଧର
ନିର୍ମଳ ଅମ୍ବର ତଳେ ।

ରାଘବ-ବଧୂର ନିର୍ଯ୍ୟାତନ ଦୂର-
ସୂରକୁ ଦର୍ଶିଲେ ଲଜ୍ଜା
ହେବ ବୋଲି ଧରା- ନାଥଙ୍କ ସେ କଦା
ଶୁଭ୍ର ଯବନିକା ସଜ୍ଜା !

ଜାଣି ସେ ରହସ୍ୟ କରିବାକୁ ଦୃଶ୍ୟ
ବୀର-ବଂଶର ଦୋଷ,
୧ ଅନ୍ତରେ ଅବର୍ଣ୍ଣ- ସ୍ୱରୂପ ସେ ସବର୍ଣ୍ଣ
ଉଠାଇଦେଲା ପ୍ରଦୋଷ ।

ବିହଙ୍ଗମଗଣ ଡାକନ୍ତେ ଗଗନ-
ପ୍ରାଙ୍ଗଣେ ତାରକାକୁଳ,
ଏକ ପରେ ଏକ ତା ପରେ ଅନେକ
ଆସି ହୋଇଲେ ଠୁଳ ।

ଦେଖିଲେ ସକଳେ ପ୍ରଶସ୍ତ ପ୍ରାଙ୍ଗଣେ
ରାମଚନ୍ଦ୍ର ରବି-ବଂଶୀ
ଅଧୋ-ବଦନେ ସଜଳ-ନୟନେ
ଏକାକୀ ଅଛନ୍ତି ବସି ।

ଭାବୁଥିଲେ ଦ୍ୱିଜ- ଅଧିକାର ବ୍ୟାଜ
ଉଠେ ମନ୍ଦାଧାପରର,
ଏହି ଉଚ୍ଚପଦେ ପ୍ରକୃତିର ପଦେ
ଖଟିବା ହୁଏ ମାତର ।

ମିଥ୍ୟା କଥା ଯେବେ ପ୍ରଜାଏ କହିବେ
ମେଳ ହୋଇ ଶତ ଶତ,
ମିଥ୍ୟା ଜାଣି ଜାଣି ତାକୁ ମାନ ମାନି
ବୋଲ୍‌ଯାଏ ପତ ସତ ।

ପ୍ରକୃତିର ଶାନ୍ତି- ସଙ୍ଗରେ ନୂତନ
ମୁର୍ଛି ସ୍ୱପ୍ନରେ ବଳ,
ଦୃଢ଼ ଧର୍ମ-ଦାମେ ବନ୍ଧ ନିଜ କାମେ
ହାତେ ନ ପାରିଲେ ଟଳ ।

ଅଭିଷେକ ଯାହା କରିଥାନ୍ତି ତାହା
ପ୍ରୋକ୍ଷଣ ମାତର ପୀନ;
ଭ୍ରମର ଡାକିବା ଅନ୍ୟ କି ବୋଲିବା
ନଡିକା ଡହୁବା ବିନା ?

ସୁଦେଶ ନରରାଶ୍ୟ ନ ଥିବ ଅବଶ୍ୟ
ଦେବତା ହୃଦୟେ ଦୃଢା,
ସେ ହେତୁ ସ୍ୱାମୀ ଦେବତାନୁହତେ
ସେବଇ ଶାନ୍ତି-ସୁଧା ।

ପ୍ରଜାରଞ୍ଜି ଜଳ- କଣିକାପଟଳ
ପିଇ ଉତ୍ତାପନ ଟାଳି,
ଜଳଧର ରୂପ ହୋଇଥାଏ ନୃପ
ପରଜାଙ୍କ ହିତ ଢାଳି ।

¹ । ଯବନିକା । ଯବନ—ପରଦା ।

ଭୂମିତଳେ ବନ୍ଧୁ    ନ ଥାଏ, ସଦ୍ଭଜ
ମାଗ ଭାଷା ଜଳାଧର;
ପ୍ରଜା-କର-ଦଣ୍ଡ    ନ ହୁଏ ପ୍ରଚଣ୍ଡ,
ପ୍ରଚଣ୍ଡ ନୃପତି କରେ ।
ହବି ପଡ଼ିଛି ଜ୍ୱଳେ    ଅଦ୍ଭୁତ-ଅନଳେ
ଜଳଦାନେ ଘନ ବାଧା,
ସୁଖ ଦେଖି ସ୍ୱଜା    ଚୋଷିବ ପରଜା,
ଦେବେ ବ ପରମାରାଧ ।
ସୂର୍ଯ୍ୟବଂଶୀର    ସମୁନ୍ନତ ଶିର
ସ୍ୱଜାତିର ଭୂମଣ୍ଡଳେ,
ହେବଲ ଲକ୍ଷ୍ୟ-ଭ୍ରଷ୍ଟ,    ପଡ଼ି ହୁଏ ନଷ୍ଟ
ବୁଡ଼ିବ ଗଙ୍ଗାର ଜଳେ ।
ମାନ୍ଧାତାର ପର    ଦଣ୍ଡନୀତି ଧରି
ସମଦୃଷ୍ଟି ସମର୍ପିବେ,
୧ ପଳଭି-ରଜୁ ନର    ବଳୀୟ ରଜୁରେ
ନିଜ ଜୀବନ ନ ଖୋଇବ ।
ଯନ୍ତ୍ର ବାଣିଜ୍ୟର    ରତ୍ନପୁର ଯନ୍ତ୍ରର
ଦେଲନ୍ତୁ ନ ଶିବ ଦ୍ୱୀପ,
ଢାଳି ମାତ୍ର ଥିଲେ    ଝୁଲିଦେବେ କଳେ
ବାଦ୍ୟକାର ହେବ ଗାନ ।
ପ୍ରିୟା ମଣ୍ଡଳୀ—    ସରୋଜ ଶିଂହଳୀ-
କୁଞ୍ଜ କରି ପ୍ରାଣ ଦେବେ
ନ କରିବ କାର୍ଯ୍ୟ    ମାନବ-ସମାଜ
ଆତ୍ମର ରଞ୍ଜିବେ ତେବେ ।
ବୋଲିବ ସଂସାର,    ରାମ କୁଳାଙ୍ଗାର
ଜନ୍ମ ଲଭି ରଘୁବଂଶ
ଶତ୍ରୁର-କୃପଣ    ହୋଇ ସ୍ୱଜନଣ
ତ୍ୟାଗ କଲା ବଂଶବଂଶ !
ବାନପ୍ରସ୍ଥାଶ୍ରମ    ନେଲେହେଁ ଉତ୍ତମ
ସମସ୍ତ ମୋ ହୋଇ ନାହିଁ,
ମୋ କାର୍ଯ୍ୟ ଭରତ    ହେବାକୁ ନିରତ
ସମ୍ମତ ବା ହେବ କାହିଁ !

ଅଙ୍ଗ ଧୃତ୍ୟ ପ୍ରୀତି    ଦ୍ୱାମ ନିତ୍ତ ନିତ୍ତ
ଦେଖି ଦେଖି ପୁନଃ ପୁନଃ
ହେବଲ ଶୂନ୍ୟ ଅଙ୍କ    ଶୂନ୍ୟ ଯୋଗେ ଅଙ୍କ
ଭଗ୍ନ ହୃଦପ୍ରୀତି ଗୁଣ ।
ସ୍ଥୂଳ କଳେବର    ଲୁଦର ଅମର,
ଅମର କେବଳ ମନ,
ମନେ ଯେତେବ ସଙ୍ଗ    ହୋଇ ନାହିଁ ଭଙ୍ଗ
ସେହି ସୁଖ ସୁଖେ ଗଣ୍ୟ ।
କେ ରହିଛି ରତବ    ବାସ୍ତବ ବଉବେ
ସ୍ୱର୍ଣ୍ଣ-ମୁକୁଟ ବାନ୍ଧ ?
ଯଶ ଅପଯଶ    କୋହ୍ନି କାଳବଶ
ହୃଅନ୍ତି ତା ଦୃଢ଼ବାଦ !
ସ୍ୱରଗ-ନରକ-    ଗତି-ନିର୍ଦ୍ଧାରକ
ଲୁଖିବ ଜଗତ-ଜନ,
ଏହି ଜନରବ    ଅନିତ୍ୟ ବାସ୍ତବ
ଦୁଃଖ ଲୋଡ଼େ ମନମନ ।
ନାହିଁ ଶିଖା ଘରେ,    ହୃଦ-ପ୍ରେମ-ସରେ
ମୋ ପ୍ରିୟା-କମଳ-କଳି
ଫୁଟିଅଛି ପୁଟି,    ମକରନ୍ଦ କୁଟି
ନଲୁଅଛି ମନ-ଅଳି ।
ନୟନ-ସୁତଳ    କାହିଁକି ବିକଳ
ହୋଇ ଲୁହୁଅଛି ଜଳ,
ଶୁଖିଗଲେ ସର    କମଳମ ତୋର
ହୋଇଯିବ ଟଳଟଳ ।
ବସ ଲୁ ପଥେ—    ବନ୍ଦ ହୋଇ କର
ରୁଦ୍ଧ ନେତ୍ର-ଜଳ-ନାଳୀ,
ନାସିକା-ପବନ    ନ ବହିବୁ ଘନ
କମ୍ପିବ ପ୍ରାଣ-ସଞ୍ଚାଳ ।
ଲକ୍ଷ୍ମଣ ଆସିବ    ସମସ୍ତ କହିବ
ଜୀବନ-ସଙ୍ଗିନୀ କଥା,
ଶ୍ରବଣ-ଯୁଗଳ    ନ ହୁଅ ଚଞ୍ଚଳ
ଶୁଣିବ ମୁଣ୍ଡିବ ବ୍ୟଥା ।

୧ । ରଜ୍ଜୁ—ସବଳ ।

ରେ ସ୍ୱତନ୍ତ୍ର ବର୍ମ ! ନାହିଁକି ତୋ ଧର୍ମ
ଧର୍ମର ଆଶ୍ରିତ ବନ୍ଧୁ,
ସତ୍ପଥ-ଚାରିଣୀ ସତ୍‌ବ୍ରତ-ଧାରିଣୀ
ଶ୍ରୀଅଙ୍ଗ-ସେବିତ ବନ୍ଧୁ ।
ଆଜି ଏକ କଥା କହୁଛି, ଏକଥା
ବାନ୍ଧ ତୁମ୍ଭେ ମନ ସତେ
ଶୁଣ୍ ହୃଦ-ସରର ଅନନ୍ତ ବାସରର
ଭଜିଥିବ ଉପରନ୍ତି ।
ଉମା ପ୍ରାଣ-ସଙ୍ଗିନୀ ନବ କମଳିନୀ
ସ୍ମୃତି ରହିଅଛି ତହିଁ,
ସ୍ମରଣି-ହାରର ଶର ତେଇଁବର
ଅନ୍ତ ତାର ନାହିଁ ସହିଁ ।
ଉମା ବୋଇଲ ରସନା ! ତୁ ତହିଁ ରସ ନା
ଖାଇଲୁ ଚରଣା ବୋଲି,
ଯା ଧନେ ପାଳିତ— ତା ନାମେ ଖ୍ୟାଳିତ
ଦେବାବର ବୃତ୍ତ ଖଣ୍ଡିତ ।
ଲୋକେ ଲୋକହିତ— ସାଧନ ବହୁତ
ବୋଲି ସିନା ଅଛି ପ୍ରାଣ,
୧ ନ ଦେଖିଲ କି ପବି— ଦ୍ରବ କରି ଦମ୍ଭ
ପ୍ରାଣକୁ କରିଥାନ୍ତା ପାନ ।
ପିଞ୍ଜରୁ ବାହାରି ଟିକିଏ ଶୁକ ସାରୀ
ଶ୍ରୀରାଧାଙ୍କ ଗୀତ ଗାନ୍ତୁ;
ତୋତେ ଉତ୍ତେଜିତ କରନ୍ତା କବିତ୍ୱ
ନ ବୋଲିବେ 'ସଂଗା' ଆଜି ।
୨ ହରିଣ ଶାବକ ପିବ ସେ ଯାବକ—
ରଞ୍ଜିତଚରଣା ପାଶ,
ଅଳକ୍ତକ-ଧାର ଅଟେ ତା ବିକାର
ନେଇ ବାଟ-ଦେଖାଣି-ପାଶ ।
ମୟୂର-ଯୁଗଳ ଦେବ ଅନର୍ଗଳ
କାହିଁକି ରହିବେ ଆଜି,
୩ ଜଞ୍ଜାଳିବ ଧ୍ୱନି କା' ଅନୁକରଣି
କରି ଭୃଙ୍ଗରାଜ ଯାଉ ।

ପ୍ରକୀର୍ତ୍ତି-ଶ୍ରବଣା ନିତ୍ୟ ବଞ୍ଚ ଦିନ
ପାରିବ କାହିଁ କରିବ ?
ଶଶୀ ତାହା ଜାଣି ଗ୍ରାସ୍ୟ-ଦୋଷ ମାତ୍ର
ରହିବ କହାଇ ଶରବ ।
ତହୁଁ ଧ୍ୱନ ଶୁଣି ମୁଦ୍ରିତ ହିଅରଣି
ଶିମ୍ଭାଚଳ-ଚୂଳେ ଚଢ଼ି,
ଦେଖିଥିଲ କାଳର ସ୍ରୋତ ଭୟଙ୍କର
ବେଗେ ଯାଉଅଛି ବଢ଼ି ।
ତରଙ୍ଗର ଘାତେ ତା ଗର୍ଭର ଗର୍ଭେ
ଜନ୍ମି ଦେଖାଉଛନ୍ତି ଦିନ;
ବୁଦ୍‌ବୁଦ ପରାଏ କେତେ ଖଣେ ଥାଏ,
କେବା ରହେ କେତେ ଦିନ ।
ଧରଣୀ-ମଣ୍ଡଳ ସେ ଘୋର ସଲିଳ-
ସ୍ରୋତ ମଧ୍ୟେ ଟେକି ଶିର,
୪ ନ ଗଣି ଆପଦ ଭ୍ରମି ବିଷ୍ଣୁପଦ
ରହିଅଛି ବଢ଼ାଇ ସ୍ଥିର ।
ଶୈଳ-ସାନୁଦେଶେ ଜ୍ୟୋତିର୍ମୟୀ ବେଶେ
ଶତ ଶତ ସଞ୍ଚାରଣି,
ବଢ଼ାଇ ସୁର ସୁର ଦୂରେ ସୁର ସୁର
କରୁଅଛି ବିତରଣି ।
ଅନେକ କୁସୁମ ତହିଁ ଚିତ୍ର ପତ୍ର
ରହନ୍ତି ନିବାସନେ,
ଅଗଣ୍ୟ ଗୁଣିତ ଶୋଭାଳି ବର୍ଣ୍ଣିତ
ଅମର-ପୁଷ୍ପ-ଭୂଷଣେ ।
ଅସାଧ୍ୟ ସାଧନ— ଲବ୍ଧ ପୁଣ୍ୟାସନ
କରୁଛି ଯା' ତନୁ-ଦଣ୍ଡ,
ଶୈଳ-ନିବାସେ କବିବୃନ୍ଦ ଆସି
ନେଉଛନ୍ତି କର ଧରି ।
ଧର୍ମ ନ ବିସ୍ମରି କେତେ ପୁଣ୍ୟବୃନ୍ଦ
ଆସନ୍ତି ତହିଁକି ବଳେ,
କବିଙ୍କର ପଦ— ସମ ମୂର୍ତ୍ତି ଲଭି
ରହୁଛନ୍ତି କଳେବରେ ।

୧ । ପବି—ବଜ୍ର । ଦ୍ରବ—ଦୃଢ଼ । ୨ । ଯାବକ—ଅଳତା ।
୩ । ଭୃଙ୍ଗରାଜ—ପକ୍ଷୀବିଶେଷ ( ନାନା ସ୍ୱରକାରୀ ) । ୪ । ବିଷ୍ଣୁପଦ—ଆକାଶ ।

ତାଙ୍କ ନବ ଦୁର୍ଦ୍ଦଶା   ଅନାଇ ସଦୟା
ଶଶଧର ସଘନ ଗେହ,
ନନ୍ଦିଲେ ଶ୍ରୀଧାମ   ବହୁରଙ୍ଗ-ଧାମ
ଉଠିଛି ତମିର ବେଢ଼ି ।
ତୁହିନ ଚରଣ   ମଣ୍ଡି ତାରାଗଣ
ଅତୀବ ଉଜ୍ଜ୍ୱଳ ମୂରତି,
ନାହିଁ ସୁଧାକର   କିନ୍ତୁ ତାହାଙ୍କର
ବାଧା ହୋଇ ନାହିଁ ଦୁଃଖେ ।
ବୋଇଲେ, "ହେ ତାରା-ବୃନ୍ଦ ! ପ୍ରେମକାରୀ-
ବନ୍ଧ କୋଳୁ ଚନ୍ଦ୍ରମାର,
୧ ବହ୍ୟର ବଧାନ   ଦେଖ ଦୂରୀଧାନ
ଭେଦି ବ୍ୟୋମ ଶିଶୁମାର ।
ବଲ୍ଲଭ-ବଦନ—   ଦେଖନା ଦୁଃସହ
ହେବନ୍ତହିଁ ଜଗତ ଲୀଳି,
ସେ ଦୁଃଖ ବାହୁଡ଼ି   କାମୀ ଅନୁସରି
ବ୍ୟସନ-ଘାତେ ଅଛ ଲୁଟି ।
ଭୂମେ ଧରି-ଦଶା   ନବରତ ସଞ୍ଜ ଦୀଶା
କାଳୀକା-ଆଗମେ ଯାଇ,
ମୋ ଦୁଃଖ-ଚନ୍ଦ୍ରିକା   ତହିଁ ବଳୀ ଏକା
କାନ୍ଦୁଥିବ ମୋତେ ଧ୍ୟାଇ ।
ଏ ଭାବ ମନରେ   ବ୍ୟାକୁଳ ହୃଦୟେ
ସ୍ୱକୁଟିଲେ ନୀରବାକ,
କରୁଣା-ଦ୍ରବଣ   ହୋଇ ଜଳବଣ
ପ୍ରାଣ ନ ରହିବ ତାଙ୍କ ।
ସର ପ୍ରଦର୍ଶନ   କରି ନିଦର୍ଶନ
ଦେବ କୁମୁଦିନୀ ବନ,
ଚନ୍ଦ୍ରମା ଉଦୟ   ନ ହେଲେ ଅଥୟ
ନ କରି ଚିତର କମ୍ପନ ।
ପୁନଃ ସଦାଗମ—   ବହନ୍ତୁ ପବନ
ସମ୍ବାଦ ମଣିବ ନାହିଁ,
ହୃଦୟ-ଗଗନ   ଅତି ନବଜନ
ଜାଣ ତ, ହେବ ବୁଝାଇ ।

ଏ କଥାଟିର ଦେଖା   ଲୁଚିବା ଦୁର୍ବୋଧା
ନ ହାଇବ ସାରଦାଣୀ,
ନିତ୍ୟ ନିଶ୍ଚୟ   ମୋ' ଭ୍ରମଣାଚୟ
ଦେଖୁଛ ତ, ହେବ ସାର୍ଥ ।
ଅଧିକନ୍ତୁ ତାର   ଗର୍ବ ମୋ' ଆତ୍ମାର
ସ୍ରୋତ କରିଅଛି ଯାଇଁ,
କହିଲେ ଏ କଥା   କଦାଚ ଅଯଥା
ବୋଲି ସେ ଗଣିବ ନାହିଁ ।"
ଏମନ୍ତେ ବିଧବ   ହୃଦକୁ ଲଘବ
ମିଳନରେ ଥିଲି କି ଶମ ?
ଦୂରରେ ତାରାଗଣ   କଲେ ନିରୀକ୍ଷଣ
ଦୃଷ୍ଟି-ପଥେ ଅଛି ଦମ ।
ନର୍ଗୀର ହୃଦବ୍ରତ   ନ ଯୁଝି ନିଦୁଣ
ଚଳିଲେ ଦୋଷ-ଦରଶନ,
ବିମ୍ବ ଖଞ୍ଜିମୁନା   ଭଲିଗ ସମ୍ଭାବନା
ଦ୍ୱୀପ ତାର ଉଦ୍ଧାରେ ।
୨ ଦେଖି ଘନ-ଦୋଷ   ଉଦଧି ସନ୍ତୋଷ
ଘଟିଥିଲେ ତାରା-ଚକ୍ର,
ହୃଦୟ-ଉତ୍ତାପ   ଦୃଷ୍ଟି ଚୋରି ଯଥା
ନାଶ କଲେ ମନ ବାଟ ।
ଦାନେଶ୍ୱର-ଦୁଃଖ-   ଦର୍ଶନ-ବିମୁଖ
ନୀରଦ-ଦଶ-ଦୃଢ ବନ୍ଧ,
ନର୍ତ୍ତି ସମସ୍ତ   ଦେଖନ୍ତି ଉଦୟ
• ହେଲେ ଚେତ ନିରବିନ୍ଦୁ ।
୩ ଜନଜୀବ ଭାଳ   ଦେଲେ ଚନ୍ଦ୍ରବାକ-
ପ୍ରଭା କରି ଉଦ୍‌ଯୋଗ,
ନ ଘାନ, ନ ଘନ   ନିଳଭାଇଛି ଘନ-
ଛଟା ତୋର ଉପବାସ ।
ତହିଁ ନ ନାଶିବ   ନଦଇଛି ଦାଇବ
ତା' ମୁଖେ ଅମୃତ ଭାଳି,
ଘରର ବପତି   ଦେଖିଲ ସମ୍ପତ୍ତି-
ଶାଳ ଏ ମାଉଛି ତାଳ ।

୧ । ଶିଶୁମାର—ତାରାଚକ୍ର ।   ୨ । ଉଦଧି—ସମୁଦ୍ର ।   ୩ । ଜନଜୀବ—ଚକୋର ।

ଏଣେଣ ଶରସ୍ମନୀ  ଶ୍ରୀଦମସୁତଶୀ
ନଶୀ ମଣ୍ଡି ମନ୍ଦ ପୁର,
ଦେବେନ୍ଦ୍ର-ଦର୍ଶନ—  ରମ୍ୟ ସୁଶାଦନ
ସ୍ୱୟଂସଙ୍କୁ ହୋଇ ଦୂର,
୧ ଧନଦ ପରଜିତ  ଅଳକ-ରଚିତ
ଭୂଷିତ ଅଳକାପୁରକ,
କରି ଅବସ୍ଥାନ  ଧନଦ ପଥମାନ
ଖଣ୍ଡନ୍ତି ମନେ ମନେ ।
ପ୍ରାଣନାଥଙ୍କର  ପ୍ରେମ-ଜରଜର
ମଧୁମତ୍ତ ସମ୍ଭାଷଣ,
ପୂର୍ବ-ପଦନାଶ୍ରୀତେ  ଉରସବଣି ଆନନ୍ଦ
ତୋଷନ୍ତି କୀର୍ତ୍ତି ସ୍ୱନ ।
ମନି ଭଣ୍ଡି-ନଇ  ଦଇଳ ସ୍ୱନର
ମରକତ-ଛବି ବାନ୍ଧି,
ମାନସିକ ଧ୍ୟାନେ  ଶିର ସନ୍ନିଧାନେ
ବନ୍ଧନ୍ତି ଧାଡ଼ି ଧାଡ଼ି ।
କନ୍ଧା ପରିଶର  ଥାଆନ୍ତି ପ୍ରବର
ତପଭୂତେ ଲକ୍ଷଣ ସର୍ଗୀ,
୨ ମୁରଣି-ମୁକୁରେ  ଧଇନ୍ତି ଅଧରେ
ସେଭୂତେ ହୋଇ ନର୍ତ୍ତକୀ ।
ସେ ସ୍ୱାମୀ ଦେବର  କରନ୍ତି ଦୂର
ଏ କଥା ନେବାନ୍ତି ଶୁଣି,
ହିମାନ୍ତ ନନ୍ଦନ  ସନ୍ଧ୍ୟା ମନନ
ଦନେ ହେଲା ନିରସ୍ତାଷ୍ଟ ।

ଖଞ୍ଜରିଆ ଦଉ—  ବଣତ ଖର୍ଜୁର
ନିରବେ ନିଶ୍ଚଳ ପଥ
ରସ ତ୍ୟାଗ କରେ,  ଶୋଭ-ଆଘାତରେ
ଦଣ୍ଡା ଦଶା ଦେଲ୍ ତଥା !
ଏଡ଼ୁନପ ପ୍ରିୟ  ପ୍ରିୟସ୍ୱର, ପ୍ରିୟ—
ସ୍ତବ ପ୍ରିୟା ମୁର ମୁର,
ଦୁଃଖାସନେ ବସି  ଧରି ଧୈର୍ଯ୍ୟ-ଅସି
କାଟୁଥିଲେ ବଳ୍କବଶ ।
ଆମ୍ର ଚିର-କ୍ରମ  ସମ୍ଭୃତ ଧର୍ମ
ବାନ୍ଧି ବନ୍ଧି ଅଦରଳ,
ଦମ୍ଭ-ଶୂଳ-ଶ୍ରେଣି  ଧୌତକର ଆସି
ଛାଡୁଥିଲା ଶଶ୍ତୃକ ।
ଧରିଲ୍ ଶଢ଼ଶ  ଦେହୁ ବେଶ ଧରି
ଜନମ ହୋଇ ସଂପ୍ରାନ୍ତ,
ରକେବଢ଼ ଉଣେ  କ୍ଲାନ୍ତ ପଳାୟନ
ଉଡ଼ାଇବ୍ ଟାଲିଲ୍ ଖାଣ ।
୩ ପ୍ରେମିକ ପ୍ରେମିକା  ଘଟେ ଅହମିକା
ଖଳଦେଇ ଭାସ୍ୱଗଣ,
ନୂଆ ବେଳେ ଶୁଦ୍ଧି  ଅବସରେ ବଢ଼ି
ନେଉଥିଲେ ତାଙ୍କ ଶରଣ ।
ତରୁଣି-ବନ୍ଧୁଳ  ରଘୁନାଥ ନୂଳ
ନ ଧରି ରହିଲେ ମାନ,
ଦେଉଥିଲେ ଏହି ଦଉ—  "ମୁଣ୍ଡ ମହାନ୍ତର
ମସ୍ତକେ ପାଇବ ସ୍ଥାନ !"

## ଚତୁର୍ଥ ସର୍ଗ

ରାଗ—ଚୋକ୍ଷି

ମଞ୍ଜଳେ ଅଇଲୁ ଉଷା ରଜତ-ସାର୍ଜାବହୁଣୀ
ଜାନକୀ-ଦର୍ଶନ-ତୃଷ୍ଣା ହୃଦୟେ ବହି,
କରୁଥିବେ ସମ୍ଭାର—
ମୁକ୍ତା ଧରି ଉପହାର
ପଶଣ୍ଡିଙ୍କ ବାସ-ବାହାର-ଆଗରେଣି ରହି,
୪ କଳକଣ୍ଠ-କଣ୍ଠେ କହିଲ୍,
"ଦରଶନ ଦିଅ ସତ୍ତ୍ୱ, ସଞ୍ଚ ପାହିଲ୍" । ୧ ।
ଅନୁଷ୍ଠ କାଷାୟ ବାସ,
କୁସୁମ କାନ୍ତି ବିକାଶ,
ପ୍ରଶାନ୍ତ-ରୂପ, ବିଶ୍ୱାସ ଧଅନ୍ତି ମନେ,

୧ । ଧନଦ—କୁବେର । ଅଳକ—ମୁଣ୍ଡରୋମ ।
୨ । ନର୍ତ୍ତକୀ—ଧନୁର୍ଦ୍ଧାସ ।
୩ । ଅହମିକା—ଅହଙ୍କାର ।
୪ । କଳକଣ୍ଠ—କୋକିଳ ।

କେଉଁ ତପୋବନଶାଖୀ ଆସି
ମଧୁର ସ୍ୱରେ ଆଶ୍ୱାସି
ଡାକୁଛନ୍ତି ଦୁଃଖବୃତ୍ତି-ଉପଶମନେ,
ଦେବା ପାଇଁ ନବ ଜୀବନ
ମୂର୍ଚ୍ଛାଙ୍କ ଉନ୍ମୀଳନ୍ତି ନଳିନୀନୟନ ! ୨ ।
ସମୀର ସଙ୍ଗୀତ ଗାଏ,
ଭ୍ରମର ବୀଣା ବଜାଏ,
ମୟୂର ନର୍ତ୍ତନେ ଥାଏ ଉଷା ନନ୍ଦନେଣ,
କୁମ୍ଭାଟୁଆ ଟେକାଇ ସ୍ୱନ
ଆରମ୍ଭିଲା ସ୍ତବପାଠ
୧ କଳଙ୍କ ଅଇଲା ପାଠ ମାଗଧ ବେଶେଣ,
ଲଳିତ ମଧୁରେ କହିଲା,
"ଉଠ ସଶାରଣ୍ୟ-ଲକ୍ଷ୍ମୀ, ରାତ୍ର ପାହିଲା !" ୩ ।
ମୁନି-ମୁଖ ବେଦ-ସ୍ୱନ
ଶୁଣି କଲା ଶ୍ୟାମବନ
ଉଠିଲା ଦେଖି ଗଗନ ଉଚ୍ଚ ଓଁକାର,
୨ ବୈକୁଣ୍ଠ ଦେଖି ତୁଷ୍ଟି
ଅନନ୍ତ ଶୁକ୍ଳ ଗତି
ବହିଲା କି ସରସ୍ୱତୀ ଝଙ୍କାର;
ଦେଇଁ ନବଳ ବନ ଉଜ୍ଜଳ,
ମଳୟବନେ ଦେହେଳି ବହି ଆସିଲା ବଳ । ୪ ।
ଏକାଳେ ବ୍ରହ୍ମଚାରିଣୀ
ଅନୁକମ୍ପୀ ତପସ୍ୱିନୀ
ଆସି କନକନନ୍ଦନ ଟାଣେ ରମ୍ଭୀକର
କୋଳିଲେ, "ଉଠ ବୈଦେହୀ,
ଉଷା ଦେକୁମାରୀନନ୍ଦନୀ
ଆସିଛି, ଦର୍ଶନ ଦେଇ ତୋଷ ଏହାର,
ତମସା ରହିଛି ଅନାଇ
କୋଳ କରି ଅନୁରାଗ ଲଭିବା ପାଇଁ ।" ୫ ।
୩ ପଦ୍ମିନୀ-ବୃନ୍ଦ-ତିମିର—
ବନ୍ଧୁରେ ଖର-ରଶ୍ମିର
ସ୍ତବନ୍ଧୁ ଉଚ୍ଚ, ବର ସ୍ନାନ-ମୃଭତ୍ତ

ତପୋଜନଜନିତ ଭକ୍ତି—
ଫଳଦଳ କରି ଶଶିତ
ଦେଖିଲେ ଅଗଣ୍ଡି ଉତ୍ସୁକ ଜାନକୀ ସତୀ;
ନମି ଅନୁକମ୍ପା ଦେବୀର
ବନ୍ଦିଲେ ଉଷାର ପଦ ସଜଳନେତ୍ରେ । ୬ ।
ବୋଲିଲେ ତାଙ୍କୁ ପ୍ରବୋଧି,
"କୁଟୀର ତିମିର-ବନ୍ଧୁଂଶି
ଉନ୍ନ-ଆଗମନ-ଶାଂସୀ କୁଞ୍ଜ ପ୍ରଘାତରେ,
ଭୂମି କୋମଳ ଚରଣ
କରେ ଜ୍ୟୋତି ଆବରଣ
ଠାଇଁ ପାଇଛି ଶରଣ ଦୃଢ଼ ଆଶାରେ;
ଶୁଭ୍ର ସଉରଭ ରାଶିକେ,
ଶୁଭ-ସମାଚାର ଦୂତ ରଘୁବଂଶୀକେ । ୭ ।
ଉତ୍ସୁକ ହୃଦୟ ରାଣୀ—
ଶେଷରେ ଆଶ୍ରମ-ଧାରୀ
ତମସା ତଟିନୀ-ତୀର ପବିତ୍ର-ଧାରା
ପ୍ରାଙ୍ଗଣେ କୁଙ୍କୁମ ବନ୍ଧ
ସୁବାସିତ ସର ସିଞ୍ଚ
ମଙ୍ଗଳସ୍ନାନ ରତି ପ୍ରଭାତ ତାର,
ମୁକ୍ତାର୍ଦ୍ଧ ନୀଳ-ନୟନ
ଗୁଞ୍ଜିଲା ସୀତା-ସଖୀ ଶୁଣ୍ଡାଗମନେ । ୮ ।
ଉଠିଲେ ତାପସକନ୍ୟା—
ତାଙ୍କ ଆଦର-ବନ୍ୟା
ଧାବନେ ଜଗତ-ଧନ୍ୟା-ପତ୍ନୀ ରତନ
ବାହାର ଅବଗାହନେ
ଅନୁକମ୍ପାଙ୍କ ଗହଣେ
ତମସା ତୀର ବନ୍ଧନେ କଲେ ଗମନ;
ପ୍ରଣମି ତମସା ଅଙ୍ଗରେ
ସେନ ସ୍ନେହେ ଆଲିଙ୍ଗିଲା ତରଙ୍ଗ-କରେ । ୯ ।
ଅମୃତ ମଧୁର ନୀର
ଭରିଲା ନେତ୍ରକୋଣରେ
"ମାଆ ଗୋ, ମୋ ମାନସରେ ନ ଥିଲା ଆଶା

୧ । କଳଙ୍କ—କଳକଳପାଠ ପକ୍ଷୀ । ମାଗଧ—ସ୍ତୁତି । ୨ । ବୈକୁଣ୍ଠ—ବିଷ୍ଣୁ ।
୩ । ଖର-ରଶ୍ମି—ସୂର୍ଯ୍ୟ ।

କରିବ ଅଧିକ ବିହାର
ଗଜଲକ୍ଷ୍ମୀ-ବୃନ୍ଦଦ୍ୱାର
ସୀତା କର ପରିହାର ଭୋଗ-ପିପାସା,
ଭାଗ୍ୟବତୀ ମୋତେ ଯହାତେ
ବୋଲାଇବେ ତୋ'ଯୋଗୁଁ ଏକା ପରିଣୟରେ ॥
ବନେ ବନେ ଭ୍ରମି ଭ୍ରମି
ଗଣ୍ଡି-କ୍ଷୁଦ୍ରକ ନ ଭ୍ରମି
ବହୁ ବାଧା ଅତିକ୍ରମି ଦୃଢ଼ ଜୀବନେ
ଅନ୍ତରେ ଦୁଃଖ ନ ଗଣି
ଅନ୍ତଲାଭ ସୁଖ ନ ମଣି
୧ ମୁଁ ଲଙ୍ଘୁଁ ଦୂର ସରଣୀ ନତ ବଦନେ;
ଜନମ କରୁଛୁଁ ସଫଳ
୨ ତୋୟ-ତାଡନେ ତୋଳି ଗିରିବାସୀ-ସକଳ ॥
୩ ମନ୍ଦାକିନୀ, ଗୋଦାବରୀ
ସେସବୁ ପୂରଣ ମୋ' ଘର
ତଥାପି ବର୍ଦ୍ଧନ କରିଛନ୍ତି ଗୌରବ
ଲଭି ତୋ ପବିତ୍ର ପଦ—
ତହିଁ ଅଶେଷ ସମ୍ପଦ
୪ ଦେବଷଦ-ବେଦ-ରୁଦ୍ର ଅଙ୍ଗ ସୌରଭ;
ତାହା ଥିଲା ମୋର ବାଞ୍ଛିତ,
ଦେବଗବ ହୋଇଥିଲା ମନେ ଲାଞ୍ଛିତ ।୧୨।
କରିଥିଲ ଶୁଭ କର୍ମ
ବୋଲି ଆଣିଦେଲ ଧର୍ମ
ସମସ୍ତେ ତୋଠାରୁ ମୋ ମର୍ମବାସନା ଜାଣି,
ପାଇଛି ଦୁର୍ଲଭ ଧନ
କରିବ ତୃପ୍ତି ସାଧନ
ନିତ କରି ସମ୍ବୋଧନ କୋଳକୁ ଆଣି;
ଅଙ୍ଗ ଦଳମଳ ତତାରର,
ହେବ ମୋର ଜୀବନର କଣ୍ଠ-ହାର ।୧୩।
ମୋ ତୋଳି-କ୍ଳେଦ-ଚପଳ
ସାରସ ଦଶ୍ଲଦଳ
୫ କୋକ ସ୍ନିଗ୍ଧ ମୃଗାଳ ବକ ଚାନକ

ତୋ ପୁଣ୍ୟମୟ ଶରୀର—
ଶୀତଳେ ପୂତ ମୋ' ନୀର—
ଯାତନେ ବହିଥିବେ ତରଙ୍ଗ ମୋ ଜଳ;
କଳନାଦ—ଛଳେ ତୋ ଯଶ,
ଗାଇ ମୋ ଶ୍ରୁତିକୁ ତୋଷୁଥିବେ ଅଜସ୍ର ।୧୪।
ପତିବ୍ରତା-ଅଙ୍ଗେ ଲାଗି
ଦେବ ହେବାରେ ଲାଗି
ବୃତଣ-ବାସ-ବକ୍ତ୍ରଗୀ ରମଣୀମାନ
ଦୂରୁଁ ଦୂରୁଁ ଧାଇଁ ଧାଇଁ
ଧାଇଁଥିବେ ଖସି ଖସି
ଭ୍ରମୁଥିବେ ଆସି ଆସି ତୋ ସନ୍ନିଧାନ;
ସ୍ନାନ ସମସ୍ତେ ମୋ ମଧ୍ୟରେ,
ଦମ୍ୟନ୍ତି! ନ ଦେଖିବୁ ତାଙ୍କୁ ପଦୂରେ ।୧୫।
ମୋ କୂଳ ଲୂନ ତରଣୀ
କରିବୁ ମା ବିତରଣୀ
ବ୍ୟସ୍ତଦେବେ ଶତଶୃଣ ଅମର କାନ୍ତି,
ତା ଲଭି ବନ ପାଦପ-
ଗଜ ହୋଇ ଦର୍ପଦପ
ବାନ୍ଧିବେ ଅମର-ଦର୍ପ ଭାଜିବେ ଶାନ୍ତି;
ଚଳିବେ ପାତଳ ଶ୍ୟାମଳ,
ରୂପରେ ରୂପ ରହିବ ଚିର ନିର୍ମଳ ।" ୧୬ ।
୬ ସୀତା ବୋଇଲେ, "ସଗର—
ମଧୁର ଏ ତୃଷ୍ଣା ନୀର;
ନୀର ଭୁଞ୍ଜି, ଜନକର ଶିର ପ୍ରତ୍ୟକ୍ଷେ;
ଚିର-ପ୍ରଫୁଲ୍ଲ ବନଭୂତ
ହୋଇ ଅନ୍ତୁଳି ଅମୃତ-
ଧାରା ସହ ସଂତାନ ଚରକଲପା ଲତେ,
ଓହୋ! ଭୁଲ ମୋ' ମା ଏ ଦେଶେ,
ମୋ' ଦୁଃଖେ ବସୁନ୍ଧରା-ବକ୍ଷ ତପସ୍ୟା ଦେବଗୋ ॥
ଦେଖଦ ଦେବଶିଷ୍ଟ ତୃଷ୍ଣ
ସେ ପାଣ ହୋଇଛି ତୃଷ୍ଣ,
ତଥାପି ସୁଧାକୁ ଭୁଞ୍ଜି କରିବା ପାଇଁ

୧ । ସରଣୀ—ପଥ । ୨ । ତୋୟ—ପାଣି । ୩ । ମନ୍ଦାକିନୀ—ସ୍ୱର୍ଗପୁରର ଗଙ୍ଗାନଦୀ
୪ । ଦେବଷଦ—ଦେବତା ୫ । କୋକ—ଚକ୍ରବାକ, ୬ । ସଗର—ସାଗରର ଜଳ

ଫିଟାଇ ସ୍ନେହ-ଲୋଚନ
ପ୍ରୀତି-ମଧୁର-ବଚନ
ବରଷାସେ ବୃଷ୍ଟି ଉଦନ କରୁ ସେହ୍ନାଇ;
ଧନ୍ୟ ଧନ୍ୟ ମା ତୋ ହୃଦୟ,
ମୋ' ଦୁଃଖ-ଆତପ ପାଇଁ ବାଲୁକାମୟ ।୧୮।
ଘେନ ପାପୀୟସୀ ଯେ ସୀତା
ଲୋକ-କଳଙ୍କେ ଦୂଷିତା
ତେଜାଇ ଥିଲା ନିର୍ବାସିତା ଯେ ତୋର ମତେ
ନିଜ ପ୍ରତିକୃତି ଧର୍ମ-
ବଳେ ସ୍ଥାବରଜଙ୍ଗମ
ସେବନ୍ତିକରଣେ ସମ ହେବ ଜଗତେ;
ମାତା ବୁଝେ ସୁତା ବେଦନା,
ମାତା-ନିକଟେ ଦଗ୍ଧ-ମୁଖୀ ତନୁ ବଦନା ।୧୯।
ତୋ' ଶିର ତଳ ଆଶ୍ରୟ
ତେଜୁଛି ମୋର ନିଶ୍ଚୟ
ଭରସା ତୋ' ଶାନ୍ତିମୟ ପଦକମଳେ;
ଶୂନ୍ୟ ଘର ତେଜିଲେ,
ଜନନୀ କୋଳ ମାତର
ତା'ର ଆଦର-ଆଦର ମନ୍ତ୍ରମସ୍ତକେ;
ଜନନୀ ଯା ରକ୍ଷଣରେ,
କାହିଁକି ସେ ଅନ୍ୟ ସ୍ଥାନେ ଲୋଡ଼ିବ ଥିବା ।"
ଦୃଶିଲେ ସୂନ୍ୟକି
ପବନ ତମସା-ଜଳ;
ତଥା ଶୁଣିବ ସକଳ ମୁନିସୁତାଙ୍କୁ,
ସ୍ନେହେ ତମସା ଚଞ୍ଚଳ
କରି ପ୍ରତିବିମ୍ବ ଛଳ
ଦେଖାଇଗଲା ଅବିକଳ ସ୍ୱରୂପ ତାଙ୍କ;
ଆଲିଙ୍ଗନେ ତାଙ୍କ ଦେହ,
ଦତ୍ତନ ମିଶାଇଦେଲା ଶୀଘ୍ର ସାନ୍ତ୍ୱନ । ୨୦।
୧ ସନ୍ତତ ସୀତା ସକାଶ
ରହି ପୂର୍ବିବା ପ୍ରକାଶ
ପାଇ ଶୁଭ ଅବକାଶ ଏହି ଉପାୟେ,

ଦେଖାଇ ବନ୍ଧୁଦରଶନ
ବନ୍ଧୁ ହୁଁଦ ବନ୍ଧୁ ମନ
ଲଭି କଲ, ଦୃଷ୍ଟିମଣି, ଅନେକ ଭାବେ;
ଶ୍ରମଧୀ ସମଦୁଃଖରେ,
ମିତ୍ରୀ ମନ ତୋଷ ଲଭଇ ବନ୍ଧୁ ସ୍ନେହରେ ।୨୧।
ସମସ୍ତେ ଅବଗାହନ
ବତାଇ ପ୍ରତ୍ୟାଗମନ
କରି ବାଲ୍ମୀକି ଚରଣେ କଲେ ବନ୍ଦନା;
ଆଶିଷେ ମୁନି-ପୁଙ୍ଗବ
ବୋଇଲେ, "ଜ୍ଞାନ-ବିଭବ
ଅର୍ଜନେ ମୁକ୍ତି କରି କର ସାଧନା;" ।
ଶତେକେ ସୀତାଙ୍କୁ ପାଦରେ
ବୋଇଲେ, "ଜନନି ତୁମ୍ଭ ଅନୁମୋଦନରେ ।୨୨।
ନନ୍ଦିନି ! ତୁ ଏ ଆଶ୍ରମ-
ପାଦପେ ସ୍ନେହ-ଶ୍ରମ
ପ୍ରତିପୂରିତ ନନ୍ଦନୋପମ କର ଯତନ;
ସେ ସ୍ନେହ ତୋ' ଅନୁଭବ
ସୁଖଦ ହେବ ସମ୍ଭବ
ଭଜେ ବେଦାନ୍ତ ପୁଣ୍ୟତ ସ୍ଥିତ-ଉଦୟ;
ଅନୁକମ୍ପା ଥିବେ ନିଶ୍ଚିତ,
ସକଳ ଅଶିବ ତୋର ସୋଡାଣେ ରତ ।।"
ମୁନୀନ୍ଦ୍ର-ଆଦେଶ-ମତେ
ଚନ୍ଦ୍ରି ଚଳିଲେ ସମସ୍ତେ
କମଳ-କୋମଳ ହସ୍ତେ କଳସି ଧରି,
କନ୍ୟାମାନଙ୍କ ସଙ୍ଗେ ଜନକ-
ସୁତା-କାନ୍ତି ଝଳକ
ପ୍ରତିକ ସଖୀ ସ୍ଥାନକ-ପ୍ରତିଷ୍ଠା ଧରି;
ଉତ୍ସବେନେ କଲେ ଗମନ,
ବଢ଼ାଇଲା ବନ-ଶୋଭା ପାଇଁ ଯେ ଧନ ।୨୩
ବନ-ଲକ୍ଷ୍ମୀ-ସ୍ୱାଗତ ସୀତା
ସ୍ନେହେ ହେ ଉଲ୍ଲସିତା
ମନରେ ଦେଖାଇ ଗୁମ୍ଫିତା ରବି-କାନ୍ତରେ,

୧ । ସକାଶ—ନିକଟ ଓ ସମୀପ ।

୧ ହାସ ଚନ୍ଦ୍ରିକ ଅଧରେ ମଞ୍ଜୁ ମଞ୍ଜୁଳରବରେ
ମନ୍ତ୍ରି ଲଗିଲା ଆଦରେ ଗଉଜ୍ଜ୍ୱଳବରଣେ;
ଅର୍ଘ୍ୟ ଦେଇ ରଙ୍ଗ ଶାଳୁକା,
ପାଦ୍ୟ ଦେଲା ଦୂର୍ବାଦଳ ହିମ-ପଟଳୀ ।୨୬।
ସ୍ଥଳକମଳ ଆସନ—
ଦେଇ, ପ୍ରୀତି ସମ୍ଭାଷଣ
କଲା, ଶାରିକା ଗୁଞ୍ଜଣ ଛଳେ ମଧୁରେ;
ଶରଦ ସରସୀ ଜଳ
ଫୁଟାଇ ନବକମଳ
ଅନୁମତେ ଯଥା କଳହଂସ-ବଧୂରେ;
ବୋଇଲା, "ଶାନ୍ତିର ସଜନି,
ତୋ ପଦ-ଅନୁଧ୍ୟାନେ ମୋର ଖେଦ-ରଜନୀ ।୨୭
ତୋତେ ମୁଁ ସୌଭାଗ୍ୟବଶତଃ
ଲଭି ନବତୃଷ୍ଣି ଗତ-
କରେ ଅସୀମ ଉନ୍ନତ ଅନ୍ତଃକରଣେ,
ଶରଦ୍ଦୃଷ୍ଟି-ଉଦ୍ୟୋତିକା
ଦ୍ୱିଜ-ସେବିତ ଚନ୍ଦ୍ରିକା
ପାରାବାର-ପାର-ଲଙ୍କା-ଅଶୋକାରଣ୍ୟେ,
ଆଗେ ଥୋଇ ତୋତେ ଆଦର୍ଶ,
ଗଢ଼ିଲ ପ୍ରୀତି-ପ୍ରତିମା ଚଉଦ ବର୍ଷ ।୨୮।
୨ ଯେତେବେଳେ ପୁଷ୍ପକରେ
ବାନ୍ଧିଣ ଗଲୁ ପୁଷ୍କରେ
ଉଷା ହୋଇ ପୁଷ୍ପକରେ ମୃଗନୟନେ,
ଉଡ଼ନ୍ତେ ଭୃଙ୍ଗୀ ବଡ଼ାଦରେ
ଡାକେ ମୟୂରୀ ନାଦରେ

ସଖୀ କଥା ଶୁଣି ମନରେ,
ଆସିଲୁ କି ସଖି ! ଆଜି ଏତେ ଦିନରେ ।୨୯।
ପର୍ଣ୍ଣ କୁଟୀର ଦ୍ୱାରେ
ସତ୍ୟ, ମୁଁ ନ ସହି ଶେଷ—
ଶଯ୍ୟାରେ ତାପସୀ ବେଶ କରି ଧାରଣ,
ତୋ ହୃଦୟ-ଆଦରଭରେ
ଉତ୍ତରିଲି, ସ୍ୱେଦଭରସେ
ମଞ୍ଜାଇ ତୋତେ ହରଷେ କଲି ବରଣ;
ଧନ୍ୟବାଦ କରି ତ୍ରିନିଶି,
ଶ୍ରଦ୍ଧା ସତ୍ତ୍ୱ ଭଲୁ ସା' ମୋ' ବାଞ୍ଛା ପୂରଣ ।୩୦।
ପାଇଥିଲେ ସାଧୁ ସଙ୍ଗ
ସଦ୍ଭାବ ଶର ଅଭଙ୍ଗ
ରହେ, ସ୍ଥିର ନୀଳରଙ୍ଗ ଯଥା ଗଗନେ;
ସାଧୁ ମିଳେ ମନୋରଥ
କଦାପି ନ ହୁଏ ବ୍ୟର୍ଥ
ତେଣୁ ମୁଁ ହେଲି ସମର୍ଥ ତୋର ଦର୍ଶନେ;
ସୌଭାଗ୍ୟ ଥିଲେ ହୁଏ ଏ ଲଭି,
ସୌଭାଗ୍ୟବତୀ କଲୁ ସଖି ! ମୋତେ ତ ତୋ ଭାବ" ।
ବନଶ୍ରୀ ମଧୁ ମୋହନ
ସୀତା-ହୃଦୟେ ହେନ
ବିରହ-ଦାବ-ଦହନ ଶାନ୍ତି କରଣେ,
ନବୀନ ଜଳଦମାନ
ଘନଘଟାଳ ସମାନ
ନାଚରେ ତ୍ରସ୍ତମାନ ହେଲେ ସେ କ୍ଷଣେ,
ବୋଇଲେ ଜନକନନ୍ଦିନୀ,
୩ ଡାକୁ ଯେ ଥିଲ ସାଦରେ ଦର୍ଶ ଅଧ୍ୱନେ "ଆଜୀବନ ହେଲା ତୋର ଦାସ୍ୟ-ବନ୍ଧନ" ।୩୧।

---

୧। ମଞ୍ଜୁଳ—ମଞ୍ଜୁଲ । ୨। ପୁଷ୍ପକରେ—ପୁଷ୍ପକ ରଥରେ ଓ ପୁଷ୍ପ ଗୁଚ୍ଛରେ । ପୁଷ୍କର—ଆକାଶ ।
୩। ଅଧ୍ୱ—ମାର୍ଗ ।

# ଷଷ୍ଠ ସର୍ଗ

ରସକୁଲ୍ୟା

ରାଜୋଦ୍ୟାନ ଶୋଭା-ସିନ୍ଧୁ-ଲହରୀ
ଭିତରୁ ପୁଷ୍ପଫେନପଟଳ ଧରି,
ଯା' ପଦପୁଲିନ ରଖା-ମୁକୁତା—
ତେଜ୍ୟାନ୍ତ ତପୋବନରେ ଥିଲେ ମୁକୁତା,
ତାଙ୍କ ଶୁଭ ଆଗମନ,
ଶୁଣି ଉଲ୍ଲସିଲେ ମୁନି-ଉଦ୍ୟାନର
ବିଟପି-ବଲ୍ଲୀ-ସୁମନ ।୧।

ଏତେକ ତ ମଧୁର ବସନ୍ତ କାଳ,
ବାଳସୂର୍ଯ୍ୟୁ ହେମ କିରଣ ଜାଳ
ପ୍ରସରି ଶିଶିରଜର୍ଜର ପୃଥ୍ୱୀ,
ଲୀଳା କରୁଅଛି ବିବିଧ ବର୍ଣ୍ଣେ,
ଶିଶିରବିନ୍ଦୁରେ ପଡ଼ି,
ମୁକ୍ତା ନୀଳା ମୋତି ମାଣିକ୍ୟପଟଳ
ଶୋଭାନ୍ତ ହେଉଛନ୍ତି ଗଢ଼ି ।୨।

ସ୍ୱର୍ଣ୍ଣର ସୁନ୍ଦର ମଣି ମଣ୍ଡନ,
ଦଶବଦନର ଦଣ୍ଡ ବଦନ—
ତେଜ୍ୟାନ୍ତ ଗର୍ବ କରୁଥିଲା ଧରଣୀ
ସୀତାରତନଙ୍କ ଯେଉଁ ଚରଣ,
ଆଜି ସେ ପଦୂର ଆସି,
ମୁନି ଉପବନେ ବିହରିଲେ କିବା
ସେହି ମଣି ଗଜଗତି ।୩।

ଶଷ୍ପ-ଦୂର୍ବା ଶ୍ୟାମ ଶ୍ରୀମୟ,
ଯେ ଦୂର୍ବାଶ୍ରୁ ଭରି ପାଦପଚୟ
ନତମ ହେଲେ ସଦା-ଶ୍ୟାମବରଣୀ,
ଚଡ଼ି ଏକା ସହି ମଣ୍ଡି ଶରଣି,
ଅବନ୍ଧୁର କାନ୍ତିମାନ
ଆକର୍ଷିତ ହୋଇ କୁସୁମେ କୁସୁମେ
ନତମ ଯାଇ କଲେ ସ୍ନାନ ।୪।

କେତକୀକାନ୍ତି ନାଶ ଗଲା ଗନ୍ଧେ,
ଚମ୍ପା ନେଲା ତନୁ-କାନ୍ତି-ସମ୍ପଦ,
ମନ୍ଦାରକୁ ଗଲା ଅଧର ରୁଚି,
ଆଜି ସକଳକୁ ସଞ୍ଚିଯା ରୁଚି,
ସବୁ ହେଲେ କାନ୍ତିମୟ,
ସ୍ୱର୍ଗଲକ୍ଷ୍ମୀ କିବା ମର୍ତ୍ତ୍ୟେ ଆସି କଲା
ଉଦ୍ୟାନକୁ ନିଳୟ ।୫।

ସଙ୍ଗ-କାନ୍ତି ଥିଲା ଅମୃତ ସମ,
ପୃଷ୍ଟ ହେଲା ମଧୁ ଅନ୍ତରାତ୍ମ,
୧ ମାର୍ଦ୍ଦବ ମାଞ୍ଜୁଳ ସେ ରୂପେ ଯାଇ
ହେଲେ ପୁଷ୍ପକୁଳ ଅନ୍ତରେ ସ୍ଥାୟୀ,
ସଖୀ ହୋଇ ତଦ୍ଦେଶୀ
ନବରସ ଭବନେ ନିତ୍ୟ ଉତ୍ସବରେ
ହେଲେ ବନବିଳାସିନୀ ।୬।

ସଖୀ ସତକାର କରିବା ଲାଗି
ଲତାଗଣ ସାରି ବେଶ ଲାଗି,
ଗୁଚ୍ଛ ଚନ୍ଦ୍ରାଭରଣ କରି ମଣ୍ଡନ
ରହିଥିଲେ ସୌମ୍ୟପୁଷ୍ପ ଲମ୍ବନ,
ଫଳ ନାଗରଙ୍ଗମାନ
ସୁବର୍ଣ୍ଣ ଗୋଲକ— ରୂପେ ଶତ ଶତ
ହେଉଥିଲେ ଲମ୍ବମାନ ।୭।

ଉଭା ହୋଇଥିଲେ ରମ୍ଭା ସୁନ୍ଦରୀ
ପଂକ୍ତି ପଂକ୍ତି ପତ୍ର-ପତାକା ଧରି,
ଗୁରୁ ମୃଦୁଗନ୍ଧ କୁନ୍ଦ ବକୁଳ,
ନଆଳୀ ମାଧବୀ ବାସନ୍ତୀ କୁଳ
ଚାହିଁଥିଲେ ଧରି ଫୁଲ
୨ ନବଜା ନବୀନା ଥିଲା ତାଙ୍କ ପାଶେ
କୁସୁମେ ସଜାଇ ଡାଳ ।୮।

୧ । ମାର୍ଦ୍ଦବ—ମୃଦୁତା । ମାଞ୍ଜୁଳ—ମଞ୍ଜୁତା ବା ମନୋହାରିତା ।

୨ । ନବଜା—ରଜନୀଗନ୍ଧା ବା ଗଜଦନ୍ତ ପୁଷ୍ପ ।

ପକ୍ଷୀଗଣ ସଙ୍ଗେ ଜାନକୀ ସଖୀ
ତାଙ୍କ ନିକଟକୁ କରନ୍ତେ ଗତି,
ପୁଲକିତ ହୋଇ ମୃଦୁ ସମୀରେ
ଫୁଲମାନ ବର୍ଷି ସଖୀଙ୍କ ଶିରେ
ଚନ୍ଦ୍ର କଲ୍ପି ଶିର ଚୁମ୍ବନ,
କେ କର ମର୍ଦ୍ଦନ   କେ ବା ଆଲିଙ୍ଗନ
କେତେ ବା ଚନ୍ଦ୍ର ବଦନ । ୯ ।
ସୁରଭି-ତରୁଣ-ପଲ୍ଲବ ପାଇଁ
୧ ପାରିଜାତ ହେଲି ଶିର ଲମ୍ବାଇ
ମୋତି ଜ୍ୟୋତି-ନଖ ଚୁମ୍ବନ ଆଶେ
୨ ଡାଳିମ୍ବ ରହିଲା ବିବୃତ ଆସ୍ୟେ,
କରୁଣା ଭିକ୍ଷା ଆଶାୟୀ
୩ ଚନ୍ଦନଚମ୍ପା ହେଲା   ସ୍ୱରିତବରଣୀ
ରାମରୂପ ଅନୁଯାୟୀ । ୧୦ ।
ସ୍ଥାନେ ସ୍ଥାନେ ଦଧି ଜଳା କୋମଳ
ମନୋହର ବାଳ ତରୁ ସକଳ
ବାଡ଼ ଉପରକୁ ମସ୍ତକ ଟେକି
ସଖୀଙ୍କି ପଦ୍ମହସ୍ତେ ଆନ୍ତି ନିରେଖି
ପାଇନ୍ତି ନାହିଁ ଯା ଶିରି,
ବାଡ଼ ମଧ୍ୟେ ରହି   ଭଲ ପଥେ ପଥେ
ଦର୍ଶନ ଦେଲେ ଅସ୍ଥିର । ୧୧ ।
୪ ଶୁଣ୍ଢୀ ପୁଲକୁଁ ପାଦପ ବାଡ଼େ
ବସି ଶୁଣୁଥାନ୍ତି ସଖୀଙ୍କ ଆନନ୍ଦ,
କରୁଥାନ୍ତି ଥରେ ଥରେ କାକଳି,
ମୁଦେ ନାଚୁଥାଏ ଲାଙ୍ଗୁଳ ଦୋଳି,
ସଙ୍ଗ ଛାଡ଼ିଦେଲେ ଚଞ୍ଚୁ,
ମନେ କରିଛନ୍ତି   ଆଳବାଳେ ବସି
ପିଇବେ ହୋଇ ନିର୍ଭୟ । ୧୨ ।

୫ ଭୃଙ୍ଗରାଜ ଥରେ ସଖୀ ସମୁଖରେ
ପଡ଼ି ପୁଣି ଉଠେ ତରୁ ଉପରେ,
ବୃକ୍ଷୁ ବୃକ୍ଷେ ପୁଣି ଉଡ଼ଇ ଚଞ୍ଚଳ
ଦେଖାଉଛନ୍ତି ନିଜ କାରୁ-କୌଶଳ,
ସ୍ୱୟଂ ହୋଇ ଚମତ୍କାର
ବିବିଧ ଭଙ୍ଗୀରେ   ରାଗିଣୀ ଦେଉଛନ୍ତି
ତା ସୃଷ୍ଟି ସୁଖକରର । ୧୩ ।
ସୁସ୍ୱରେ ପାଦପ ଶ୍ୟାମଳ ଦଳ,
୬ ମରକତ ଜ୍ୟୋତି ଚିଣ୍ଢିଣୀଦଳ
ତରୁ ଶିରେ ନାହିଁ ବସି ଚଞ୍ଚଳ—
ଚଞ୍ଚୁ ମାର୍ଜନରେ ହୋଇ ଉଜ୍ଜ୍ୱଳ
ବସୁଥାନ୍ତି ମନୋହର,
ଶ୍ୟାମ ଜଳଧି—   ତରଙ୍ଗ ଲୁଣ୍ଠିତ
ଯେସନ୍ତ ପ୍ରବାଳର କର । ୧୪ ।
ପ୍ରେମ-ହିନ୍ଦୋଳେ ରାମ-ହୃଦୟ
ରାଜ-ସିଂହାସନେ ହୋଇ ଉଦୟ
ଉଦ୍ୟାନକୁ କିବା ଆସିଛି ଧାଇଁ
ସଖୀଙ୍କ ସାଧନା ଦାଣ୍ଡିବା ପାଇଁ,
ସେ ନେତ୍ର ସୁଭଗ ଜ୍ୟୋତି
୭ ସ୍ୱାତୀ-ଜଳ ପରି   ପଡ଼ି ହୃଦୟରେ
ସୃଜୁଥାଏ ପ୍ରେମ-ମୋତି । ୧୫ ।
କେଉଁ ସ୍ଥଳେ ଘନ ପନସ ବନ,
କାହିଁ ଚୂତବନ ଛୁଏଁ ଗଗନ,
ଚୂତବନ ତଳ-ପ୍ରାନ୍ତେ ଆକାଶ
୮ ଦିଶେ ଦେବଖାତ-ଜଳ-ପ୍ରକାଶ;
ତରୁସ୍କନ୍ଧ ଶତ ଶତ
ଦିଶନ୍ତି ଯେସନ   ଝୋଲିଛନ୍ତି ବନ
ସବେ ହୋଇ ଏକମତ । ୧୬ ।

୧ । ପାରିଜାତ—ଶେଫାଳିକାପୁଷ୍ପ ବୃକ୍ଷବିଶେଷ (ଯାହାର ଶର୍ତ୍ତଦେଶର ଦାଣ୍ଡାରିକୁ ଲମ୍ବିଥାଏ) ୨ । ଆସ୍ୟ—ମୁଖ । ୩ । ଚନ୍ଦନଚମ୍ପା—ହରିଦ୍‌ବର୍ଣ୍ଣ ପୁଷ୍ପବିଶେଷ । ୪ । ଶୁଣ୍ଢୀ—ପକ୍ଷୀବିଶେଷ । ପୁଲକୁଁ—ପକ୍ଷବିଶେଷ । ୫ । ଭୃଙ୍ଗରାଜ—ମାଙ୍କଡ଼ସା । ୬ । ଚିଣ୍ଢିଣୀ—ଶ୍ୟାମଳ-ବର୍ଣ୍ଣ ପକ୍ଷୀବିଶେଷ । ୭ । ସ୍ୱାତୀ ନକ୍ଷତ୍ରରେ ବୃଷ୍ଟି ହେଲେ ମୁକ୍ତା ଜାତ ହେବା କଥା ପ୍ରସିଦ୍ଧପ୍ରବାଦ । ୮ । ଦେବଖାତ—ଅକୃତ୍ରିମ ଜଳାଶୟ ।

୧ ଶାନ୍ତ-ସରୋବର ବିବିକ୍ତ କୂଳ
ଆଚ୍ଛିନ୍ନ କରା ତାଳସଙ୍କୁଳ,
ଘୁ ଘୁ ବନ୍ଧୁ ଘର ମସ୍ତକେ ବସି
ସରବେ ନିସ୍ତବ୍ଧେ ଗମ୍ଭୀର ରବି
ସତେ କି ଅନନ୍ତ ଧ୍ୱନି,
୨ ସୀତା ଶୀତାତପ— ତପନ-କିରଣ
ସନ୍ତାପ ଶମିବା ପାଇଁ । ୧୭ ।
ପ୍ରିୟଙ୍ଗୁ ମଣ୍ଡିତ ଇଙ୍ଗୁଦୀ ବନ
କାହିଁ ତୋଳିଛନ୍ତି ଶ୍ୟାମ ସଘନ,
୩ ଶ୍ୟାମା ଦହାଇ ତହିଁ ନବୀନା ବଧୂ
ଢାଳି ଦେଉଅଛି ହୃଦର ମଧୁ,
ଇନ୍ଦ୍ର ଗଢିଲେ ପୁର ରଚି
ଇନ୍ଦ୍ରବୈଭବ କି ବା ପ୍ରକୃତିକୁ ଆସି
ସଜାଳି ଢାଳୁଛି ଶରୀ । ୧୮ ।
ଉଜ୍ଜ୍ୱଳ ଚନ୍ଦନ-ଶାଳ ତରର
ପୁନ୍ନାଗ-କାନନ ଶ୍ୟାମଳତର
ଉଡ଼ି ଉଡ଼ିଣାନ୍ତି ଥିବା କି ଠାଇ,
ଦେଇଥିଲେ ସଖୀ ମନ ରଞ୍ଜାଇ;
ଗଲାତଳ ହୃଦ ଧରି
ବଡ଼ଜ ଅବା ଗମ ଲଭିବାକୁ ସୀତା
ତୃପ୍ତି-ସାଗର-ଲହରୀ । ୧୯ ।
ସତେକି ଯେମନ ହଂସୀ ସମ୍ମିଳିତେ
ଉଦ୍ୟାନରେ ଥରେ କଲେ ଭ୍ରମଣ,
୪ ଆର୍ଯ୍ୟାବର୍ତ୍ତ-ଉପରେ କି ସ୍ୱର୍ଗରଥ
ଚଳେ ଲକ୍ଷ ସର୍ଗ-ବୃନ୍ଦ-ସଙ୍କଟ !
ଅଲଙ୍କୃତ ହେଲା ପଥ,
ଉପହାସ କରି ଗନ୍ଧର୍ବ-ସୁବର୍ଣ୍ଣ-
୫ ବିଳସିତ ଚୈତ୍ରରଥ । ୨୦ ।
ତହୁଁ ସରବ ବସି ତମସା କୂଳ
ପୂର୍ଣ୍ଣ କଲେ ଆଳ-ବାଳ ସକଳ,
୬ ସ୍ୱର୍ଣ୍ଣଦୀ-ସଲିଳ ସ୍ୱର୍ଗ-ସୁନ୍ଦରୀ-
ଜନ୍ୟାଏ ନନ୍ଦନ ଭରିଲେ ଯଥି;
କି ଅବା ସାଗର-ଜଳ
୭ ତୋଳି କାଦମ୍ବିନୀ ଢାଳି ଦେଉଥାଏ
ଯଥା ବର୍ଷା ଅବସର । ୨୧ ।
କଟି-ତଟେ ଉଡ଼ି ବାୟୁ-ଅଞ୍ଚଳ
ଶତ କରୁଥାନ୍ତି ହୋଇ ଚଞ୍ଚଳ,
ରୁକ୍ଷ-କେଶ ଶିରେ କଳଶ ବସି
ସ୍ୱେଦ ଯାଉଥାଏ ଲଲାଟେ ବହି;
ପୋଛି ଦେଉଥାନ୍ତି କରେ
ମନ୍ଥର-ଗମନା ରାଜନନ୍ଦନାଙ୍କୁ
ଠାକି ଠାକି ଥରେ ଥରେ । ୨୨ ।
ଅନୁକମ୍ପା ଏଣୁ ସମସ୍ତେ ଆସି
ବୋଲିଲେ ମଧୁର ବାଣୀଙ୍କ ଭଣି,
"ସୀତା ମୋର ଜଳ ବସି ନ ଜାଣ,
କଷ୍ଟ ଦେଉଥିବ କୋମଳ ପ୍ରାଣେ,
ନ କରୁ ଅଧିକ ଶ୍ରମ,
ଉଦ୍ୟାନକୁ ଥରେ ଦେଖିନେଇ ମାନ
ଆସିଛି ତହାର ପ୍ରଥମ । ୨୩ ।
"ଆସ ମା, ଶୀତଳ ପ୍ରାନ୍ତକୁ ଆସ,
ବସିବା, ନ କର ଅନ୍ୟ ପ୍ରୟାସ,
କମ୍ପିବେଣ କାଟୁ ଆଶ୍ରମ-ଘାଟ";
ବୋଲି ଦେଖିଲେ ଦେଖାଇ ପ୍ରୀତି,
ଅନୁକମ୍ପା ସଙ୍ଗ ସଖୀ
ବସିଲେ ସୁସ୍ଥରେ ଜଳ-ଆନନ୍ଦରେ
ଲାଗିଲେ ତାଡ଼ୋଳିତ । ୨୪ ।
ଅନୁକମ୍ପା ତହୁଁ ବୋଲିଲେ, "ସୀତେ,
କାର୍ଯ୍ୟ କରେ ଲୋକ ଗିରା ସହିତେ,
ଫୁଲେ ଫୁଲେ ଯଥା ବହନ୍ତି ବାସ,
ଜୀବନେ ଯୌବନେ ଶ୍ରଦ୍ଧା ନିବାସ,

୧ । ବିବିକ୍ତ—ନିର୍ଜନ । ୨ । ଶୀତାତପ—ଚନ୍ଦ୍ର । ୩ । ଶ୍ୟାମା—ପକ୍ଷୀବିଶେଷ ।
୪ । ଆର୍ଯ୍ୟାବର୍ତ୍ତ—ହିମାଳୟ ଓ ବିନ୍ଧ୍ୟ ପର୍ବତର ମଧ୍ୟବର୍ତ୍ତୀ ଦେଶ । ୫ । ଚୈତ୍ରରଥ—
କୁବେରଙ୍କର ଉଦ୍ୟାନ । ୬ । ସ୍ୱର୍ଣ୍ଣଦୀ—ସ୍ୱର୍ଗଗଙ୍ଗା । ୭ । କାଦମ୍ବିନୀ—ମେଘମାଳା ।

ଶରଧା ସ୍ୱରୂପ ବଶୁଁ
ଦାଇଶ ମାନବ    ଆକୁଳ ଭେଦରେ
ଦୋହାଇଥାଏ ଫଳଚୟ । ୨୫ ।
"ଦମ୍ଭ ଅହଂକାରେ କାମ-ସୋଷଣେ,
ଗୁରୁଗ ଦେହବଳେ ଆତ୍ମା-କର୍ଷଣେ,
ରତ କରିଥାନ୍ତି ଅସୁର ସବୁ,
ତମ୍ଭବ ବୁଦ୍ଧି ତା' ତୋର ସ୍ୱଭାବେ;
ଦେବ ଦ୍ୱିଜ ଗୁରୁ ବୁଧେ
୧ ଶଉଚ ଆର୍ଜବ    ଶ୍ରଦ୍ଧା ସମନ୍ୱେ
ପ୍ରଭୃ ଥାଉ ତୋ ସ୍ୱଭାବ । ୨୬ ।
"ଶାନ୍ତିପ୍ରଦ ସତ୍ୟ ପ୍ରିୟ ସୁଭାଷଣ
ଜୀବନର ତୋର ପ୍ରିୟ ଭୂଷଣ,
ମନକୁ ତୋ ଛୁଇଁ ନାହିଁ କପଟ,
ମାତ୍ରା କି ପାରିବ ପଶି ନିକଟ ?
ତୋ ରମ୍ୟ ସୌମ୍ୟ ମୂରତି
କହୁ ଦେଉଅଛି    ବଞ୍ଚୁ ଚିତ୍ତେ
ନାହିଁ ଆଉ ଅନୁରକ୍ତି । ୨୭ ।
"ଦଇବ ସ୍ୱଭାବ ତୁ ତପସ୍ୱିନି,
ଦର୍ଶନ ମାତ୍ରେ ମୁଁ ଜାଣୁଛି ଚିହ୍ନି,
ପବିତ୍ର ପ୍ରାଣ ତୋ ଅତି କୋମଳ,
ଘୋର ତପସ୍ୟାର ଦୁର୍ଲଭ ଫଳ,
ପୁଣ୍ୟ ଲତିକାର ଫୁଲ,
ନବ ତାପସୀଙ୍କ    ଆଦର୍ଶ ଶ୍ରମ
ହୁଅଇ ତା' ଅନୁକୂଳ । ୨୮ ।
"କୁମାରୀମାନଙ୍କ ସଙ୍ଗରେ ରହି
ଚଳ ଆଶ୍ରମର ଭୂମିରେ ବହି,
ଦେଉଥିବୁ ତାଙ୍କ ଉପାସ୍ୟ ପଦେ,
ହେତୁ ନ ଦିଶେ ସେ ତୋର ସମୀପେ,
ତେଜସ୍ୱିନୀ ମୁଁ ତାଙ୍କୁ କହି,
ପାନ-ଭୋଜନରେ    ଲଜ୍ଜା ନ କରିବୁ
ପିପାସା-କ୍ଷୁଧା ସହି । ୨୯ ।

୨"କନ୍ୟାମାନେ କେବେ କେବେ
ଆଶ୍ରମ
୩ କାଠେଁୟ ଥିଲେ ଲୁଚି ଥିବୁ ଆସ୍ତରେ,
ସେସବୁ ସେଥିଁ ଦ୍ରବ୍ୟ ହେବ ତୋ' ମନ,
ଅଧିକରେ ବସେବ କୁମାରୀଗଣ,
ନଜେ ଭୂମି ଉପବନେ
ଇଚ୍ଛାମତ ଫୁଲ-    ଫଳ ତୋଳିବାରେ
ଶଙ୍କା ନ ରଖିବୁ ମନେ ।" ୩୦ ।
ଦିନ ହୋଇଗଲା ପନ୍ଦ୍ର ଘଟିକା,
କନ୍ୟାଗଣ ସେନି ଶୂନ୍ୟ ଘଟିକା
ଅନୁକମ୍ପା ଜାଣେ ସ୍ନିଗ୍ଧ ଶରୀରେ
ଜଣ ଜଣ ହୋଇ ବସିଲେ ଧୀରେ,
ପ୍ରଫୁଲ୍ଲ ଧୁସ୍ତୁର ଫୁଲ
ଘ୍ରାଣେ ଯଥା ଫଳ-    ଭୃଙ୍ଗି ରହିଁ ପାଶେ
୪ ଭ୍ରମାନ୍ତି କୁଡ୍‌ମଳକୁଳ । ୩୧ ।
ତହୁଁ ଉଠି ସବେ ଦିଗନ୍ତୁ ସ୍ନାନ
କରି ବାହୁଡ଼ିଲେ ଆବାସସ୍ଥାନ,
ଫଳ ମୂଳ ଯାହା ତାପସଗଣ
ଆଣିଥିଲେ, ସବେ କଲେ ଭୋଜନ,
ଅଧ୍ୟୟନ ଅଧ୍ୟାପନ —
କରି ବସୁମତି    ତାପସ ତାପସୀ
ମଧ୍ୟାହ୍ନ କଲେ ଯାପନ । ୩୨ ।
ତାପସ-ତାପସୀ-ସେବନ-ସୁଖ,
ଘଡ଼ିଦେଲା ସତୀ-ମାନସ-ଦୁଃଖ,
ରାଜ-ସୁଖ ତାଙ୍କ ସ୍ମୃତି-ପଟରେ
ଭ୍ରମରେ ହୁଗା ନ ପଡ଼ିଲା ଥରେ;
ନିର୍ମଳ ହୃଦୟ-ସରେ
ମନୋହର-ରୂପ    ରାମ-ରାଜହଂସ
ଖେଳୁଥାନ୍ତି ନିରନ୍ତରେ । ୩୩ ।

୧ । ଆର୍ଜବ—ସରଳତା । ୨ । ଆଶ୍ରମ—ତପୋବନ । ୩ । ଆସ୍ତର—ଆଚ୍ଛାଦ । ୪ । କୁଡ୍‌ମଳ — ମୁକୁଳ ଅର୍ଥାତ୍ କଢ଼ି ।

# ଷଷ୍ଠ ସର୍ଗ

( ଚତୁର୍ଦ୍ଦଶାକ୍ଷର ଛନ୍ଦ )

ଶାରଦ ଶଶୀ ଯବେ ଉଠିଲେ ଗଗନେ,
ବିକଶିତ ହେଲା ନବ ମାଳତୀ ଗହନେ ।
ଧୀରେ ଧୀରେ ଆଶ୍ରମର ମଞ୍ଜୁ-ବଲ୍ଲୀଚୟ,
ପ୍ରଫୁଲ୍ଲ-କୁସୁମ-ପୁଞ୍ଜ ହେଲେ ମୁଦମୟ ।
ମାଧବୀ ବକୁଳ ମଞ୍ଜୁ କଅଳୀ ପୁଲକେ—
ଧରେ ଗନ୍ଧବହ ଗତି କରି ମନ୍ଦ ମନ୍ଦ,
ତପସ୍ୱୀ-ବୃନ୍ଦେ ଶୁଭ୍ର-ଚନ୍ଦ୍ରମା-କିରଣ
ଆନନ୍ଦ ସ୍ୱଚ୍ଛନ୍ଦେ କରୁଥିଲା ବିତରଣ ।
ଜାନକୀ କୁଟୀର ପାଶେ ସ୍ୱଚ୍ଛ ଆକାରେ
ଖଣ୍ଡ ଖଣ୍ଡ ଚନ୍ଦ୍ରକର ପାଦପ-ଛିଦ୍ରରେ
ଧୀରେ ଧୀରେ ସୁବାସରେ ଦୋଳି ଉପର
ହାସ, ନୃତ୍ୟ, ଲୀଳା କରୁଥିଲେ କଳେବର !
କୁଟୀରୁଁ ଅଳପ ଦୂରେ ଶୀତଳକୁ କରେ
ବସିଥାନ୍ତି ବଇଦେହୀ ସଜନୀ ସଙ୍ଗରେ ।
ସଖୀ ତାରିଣ ବସୁଥିଲା ସୁଧାଂଶୁ କିରଣ
ସଖୀ ଅଙ୍ଗୁ ହେଉଅଛି ନବୋଢ଼ା ବିକିରଣ ।
ଖଦ୍ୟୋତ ଶ୍ରେଣୀ ଆସି କୋଟିଏ ତରୁର
କାନ୍ତି କରୁଥାନ୍ତି ଚନ୍ଦ୍ରାଠାରୁ ମଞ୍ଜୁତର ।
ଲକ୍ଷି ତାଙ୍କୁ ବୋଲୁଥାନ୍ତି ସଖୀ ମନେ ମନେ,
"ଧନ୍ୟରେ ଖଦ୍ୟୋତ ତୋ କୁଦ୍ର ତେଜ ଜୀବନେ !
ଅଛନ୍ତି ଜଗତେ କିବା ତୁମ୍ଭଠାରୁ ବଳି,
ଅନ୍ଧ କରେ ଆଉ କାହା କାନ୍ତି ତୁମ୍ଭ ଭଳି ?
ବଣ୍ଡି ସ୍ୱର୍ଗ ପାଇଥିଲ ରଶ୍ମିପତି-ବର,
ଦେଖି ତୁମ୍ଭ ଦ୍ୟୁତି ଚନ୍ଦ୍ର-ନେତ୍ର-ପ୍ରୀତିକର ।"
ଏ ସମୟେ ସ୍ପୃଷ୍ଟ ହେଲା ଚକ୍ରବାକ ସ୍ୱନ,
ମୂର୍ଚ୍ଛି ତହିଁ ହେଉଅଛି କରୁଣାବର୍ଷଣ ।
ନଳିନୀ-ସଲିଳ ସଖୀ-ନୟନ-ସଞ୍ଜାତ —
କପୋଳ-କୂଳକୁ ବହି ହେଲା ପ୍ରବାହିତ ।

ଚମକେ ଜାନକୀ କରି ସଖୀଙ୍କ ରୋଦନ,
ଅଞ୍ଚଳେ ସଘନ ଛଳେ ପୋଛିଲେ ଲୋଚନ !
ଭାଷି ସଖୀ ପଚାରିଲେ, "କହ ତ ଦୁଃଖିତେ !
କାହିଁ ଚକ୍ରବାକ ଏବେ ରଜନୀ ଆସିଲେ ?
ଥାନ୍ତି କି ଏ ବିସ୍ତୀର୍ଣ୍ଣ ନଗର ଭିତରେ ?
ରହନ୍ତି କି ତହିଁ ମଧ୍ୟରାତ୍ରିରେ କାତରେ ?
ରହନ୍ତି ଦମ୍ପତି ଯାହା ନାଗରିକ ଜନେ,
ଆକର୍ଷିତ ହୋଇ କିପାଁ ଭାବଥାନ୍ତି ମନେ ?"
ଶୁଣି ସଖୀ ନ ପାରିଲେ ସମ୍ଭାଳି ଲୋତକ,
ଗଦ୍ଗଦ-ସ୍ୱର ହେଲା ତାଙ୍କ ବଚନ-ଶ୍ରୋତ ।
ତା' ପୃଚ୍ଛିଁ କହିଲେ ସଖୀ, "ଛାଡ଼ ସେହି କଥା,
ଦୃଷ୍ଟଲି ମୋ କ୍ଷମାକର, ଦୁଃଖୀ ହେଲି ବୃଥା ।"-
କହିଲେ ଜାନକୀ, "ସଖି, ଆତ୍ମପରିଚୟ
ନ ଦେଇ ପାରିବା ମୋର ବିହିତ ଅଟଇ ।
ନିରାଶା କରିଛି, ମୋର ଉତ୍ତମ ଜୀବନ,
ତୁମ୍ଭ ଉପକାରେ ଏଥୁ କରିବି ଯତନ !
ନ କହିବ ନିଜ କଥା ଯଦି ତୁମ୍ଭ ପାଶ,
କରିବ କିପରି ତୁମ୍ଭେ ମୋ ପ୍ରତି ବିଶ୍ୱାସ ?
କହୁଥିଲେ ଲଘୁ ହୋଇ ମୋର ଦୁଃଖଭାର,
ତୁଟିବ ତହିଁରୁ ତୁମ୍ଭେ ଜାଣିବ ସେ ସାର ।
ମୁଁ ରାଜନନ୍ଦିନୀ ସଖି, ସମ୍ପଦର କୋଳେ
ବଢ଼ିଲି ସୁରେନ୍ଦ୍ର-ପୁର ମଧ୍ୟସ୍ଥ କୋଠରେ ।
ମଙ୍ଗଳ ମନ୍ଦିର ଚିତ୍ର ଶୁକ ଶାରୀ ସ୍ୱର —
କରୁଥାଏ ଯଜ୍ଞପୁର ମାର୍ଗ ମୁଖର ।
ଶୁଣୁଥାଏ ଚକ୍ରବାକ ରଜନୀ ସମୟେ,
ଜାଣୁଥିଲି ଦୁଃଖ ଯହିଁ ନାହିଁ ବାଳ-ହୃଦୟେ ।
ଶୈଶବାନ୍ତେ ହେଲି ସଖି, ଯୌବନ ମୋହୋଦ୍ଦୀବନ
ଦେଖିଲି ଆସିଲେ ଦେଖୁଁ ଦେଖୁଁ ରଜାଗଣ ।

ଭୂଷଣମୟ ଧନୁଟିଏ ଜନକ ମୋହର
ରଖିଥାନ୍ତି, ଶୁଣୁଥାଏ ଅତି ମନୋହର ।
ଜଣେ ଜଣେ ହୋଇ ଧନୁ ଧରି ନୃପଗଣ
ଟାଣି ଧରେ କରୁଥାନ୍ତି ଆସନ ଗ୍ରହଣ ।
ରତନ-କଙ୍କଣେ ହାକି ଧବଳ କୁନ୍ତଳ
କେତେ ନରପତି ତହିଁ ଦେଖାଇଲେ ବଳ ।
କେତେ ବା ଯୁବକ ନୃପ-କିଶୋରକେଶରୀ-
ଠାଣି ଧରି ଧନୁ ହୁଇଁ ଗଲେ ଅପସରି ।
ସଦର୍ପ ଗମନ ତାଙ୍କ ନିଷ୍ଫଳ ସାହସ
ଲକ୍ଷି ସଖି, ସେତେବେଳେ ମାଡୁଥାଏ ହସ ।
ପ୍ରାସାଦ ଉପରେ ରହି ବହୁ କୁତୂହଳ
ସଖୀଙ୍କ ସହିତ ଦେଖୁଥାଏଁ ସେ ସକଳ ।
ଶେଷେ ଜଣେ କ୍ଷତ୍ରିକୁଳ-ଚୂଳ-ଆଭରଣ
ମରକତ-ବର-କାନ୍ତି-ଗଞ୍ଜନ-ବରଣ,
ଧନୁ ସନ୍ନିଧାନେ ଆସି ହେଲେ ଶୋଭାକର,
ଯଥା ଯେସ୍ନେ ରାଜପୁର ଭୂଷେ ଦିବାକର ।
ଲକ୍ଷି ତାଙ୍କୁ ହୃଦ ମୋର ସ୍ୱତଃ ହେଲା ଦ୍ରବ,
ତାପସୀ-ଜୀବନେ ନାହିଁ ସେହ୍ନ ଅନୁଭବ ।
ନୃପବୃନ୍ଦେ କରିଥିଲି କେତେ ଉପହାସ,
ସବୁ ଚପଳତା ଜବେ ହୋଇଗଲା ହ୍ରାସ ।
ସେପରି ସୁନ୍ଦର ରୂପ ପାଇବ ନୟନ,
କେବେ ତ ସ୍ୱପନ, ଭାବି ନ ଥିଲା ମୋ ମନ ।
ଭକ୍ତି-ପ୍ରୀତି ସହିତ ମୋ ନିର୍ମଳ ହୃଦୟ
ବିନୟେ ବନ୍ଦିଲା ତାଙ୍କ ରଙ୍ଗ ପଦଦ୍ୱୟ ।
ଯେ ଭାଙ୍ଗିବ ଧନୁ ତାକୁ ମୋ କର ଅର୍ପଣ,
କରିବାକୁ ପିତା ମୋର କରିଥିଲେ ପଣ ।
ମୁଁ ଭାବିଲି, ସେହିଦିନ ପଣ ହେଲା ଶେଷ,
ତପସ୍ୱିନୀ ହେବି ନେଇ ପିତାଙ୍କ ଆଦେଶ ।
କେ ଭାଙ୍ଗିବ ଧନୁ, ତାହା କି ଅଛି ନିଶ୍ଚୟ ?
ଏ ରାଜେନ୍ଦ୍ର ନେଲେଣି ମୋ ମନ କରି ଜୟ ।
ମନ ଥିବ ଏଣିକି, ଅନ୍ୟ ହେବ ଦେହେବ ପନ୍ଥ,
ଜୀବନେ ମରଣେ ହେବ ଲକ୍ଷଣ ଦୁର୍ଗତି ।
କାମନାକୁ କର ଯାତ ବୁଦ୍ଧିଧନୁତାକୁ,
ଏ ଧନୁ ଧରିବା ତାଙ୍କ ଅପମାନ ମାତ୍ର ।

ମୋହ ଲଗାଇବାରେ ଯାର ସେ ଦୁର୍ବାର ରୂପ
ସଙ୍ଗୀ ସଙ୍ଗେ ସ୍ମରିଦେଲେ ମୋ ହୃଦ-ସନ୍ତାପ
ସରେନ୍ଦ୍ର ସମ୍ମତ ହେଲା ମୋର ପରିଣୟ,
ଧନ୍ୟ ହେଲି ଲଭି ତାଙ୍କ ସ୍ୱର୍ଗୀୟ ପ୍ରଣୟ ।
ଅନୁଜ ସହିତ ଥିଲେ ସାରମଣୀଙ୍କର,
ଧରିଲେ ସୋଦର ତିନି ଭଗିନୀଙ୍କ କର ।
ପିତୃପୁରୁ ପତିପୁର ଗମନ ପଥରେ
ତେଜୋମୟ ଧନୁଟିଏ ପୁଣି କାନ୍ତକରେ
କ୍ଷତ୍ରିକୁଳର କେତୁ ଗର୍ବିତହୃଦର
ଅର୍ପିବାର ଦେଖି ମୋର ମନେ ହେଲା ଡର ।
ପୁଣି ବା ଲଭିବେ କାନ୍ତ ତେଜୋମୟୀ ନାରୀ,
ହେବ ଅବା ମୋହର ସେ ପ୍ରଣୟ-ଭାଗାରି ।
ତତ୍କାଳେ ମୋ କାନ୍ତ ସେହି ଶରାସନ ଧରି,
ସର୍ପିବା ସରଣୀ ତାଙ୍କୁ ବରିଲା ସତ୍ୱର ।
ଶଙ୍କ୍ୟମର ପ୍ରତି ଯଥା ଦାମିନୀ-ଦୀପ୍ତି,
ସେ ସାରଣୀ ବଢ଼ାଇଲା ମୋ ହୃଦୟ-ପ୍ରୀତି ।
ଭାବୁଥାଏ ମନ ଏକା, ଫଳ ହୁଏ ଆନ,
ବୁଝି ନୁହେ ସଖି, ଲଭିବ କାହାର ବିଧାନ ।
ତେଜୋମୟୀ ଗିରି-ବାଳା ଉଡ଼ାଇ ଗଗନେ
ବନ୍ଦନା କଲେ ବୀରବର ପ୍ରଫୁଲ୍ଲିତ ମନେ ।
ସମ୍ପଦର ଦିନ ମୋର ଶ୍ୱଶୁର-ନିଳୟ,
ପ୍ରବେଶିଲେ ତହିଁ ଶୁଭ-ସମ୍ବାଦ-ମଳୟ,
ଶୋଭା ହୃଦୟ ଫୁଟିଗଲା ଆନନ୍ଦ-ସୁମନ,
ପ୍ରସର ଉଚ୍ଚ ହରିନେଲା ଜନମନ ।
ନବ ପରିଣୀତ ବରବଧୂ ତା ଚତୁଷ୍ଟୟ
ରତନ ଭୂଷଣଚୟେ ହୋଇ ଶୋଭିମୟ,
ତହିଁରୁ ଅଧିକ ସାଜି ବନ୍ଧୁଙ୍କର ବେଶ
ମହୋଲ୍ଲାସେ ହେଲେ ସେହି ଭବନେ ପ୍ରବେଶ
ଦୁଃଖ ଏକ ଥିଲା ସଖି, ସେ ସୁଖ ଭବନେ,
ସେକାଳେ ବୋଇଲା ଦର୍ପଦର୍ପଣ ବଚନେ,
ଭୃଗୁକୁଳ ବିଶ୍ୱଜିତ କୋଦଣ୍ଡ-ଗଗନ
ମଣ୍ଡିଲେ ବସିଛି ଆଜି ରାଜେନ୍ଦ୍ର ସଦନ ।
ଦେଖିଲି ମୋ ଭଗିନୀଙ୍କ ବଦନମଣ୍ଡଳ
ହୋଇଥିଲା ନବ ପ୍ରେମ-ସନ୍ତାପେ ଚଞ୍ଚଳ ।

ଉପୁଜି ତହିଁରେ ନବ ଧର୍ମକଣାଚୟ
ଉଠନ-ଜ୍ୟୋତିରେ ହୋଇଗଲା ଜ୍ୟୋତିର୍ମୟ ।
ତୋ ସ୍ନିଗ୍ଧ କଲେବରେ ଆଜ ସୁଧାଂଶୁକିରଣ
ଦେଖି ସଖି, ହେଉଅଛି ସେକଥା ସ୍ମରଣ ।
ସ୍ୱର୍ଗର ସମ୍ପଦ ଯାହା କହୁଥାନ୍ତି ଜନେ,
ଶ୍ରୁତି-ସତ୍ୟ ମଣି ତାକୁ ଥିଲୁ ଧରି ମନେ ।
ସ୍ୱର୍ଗଲୋକେ ରାଜା ଇନ୍ଦ୍ର ରତ୍ନସିଂହାସନ,
ଉପବନେ ବନେ କରି ଫଳମୂଳାଶନ ।
ମୁଁ ଯାହା ଦେଖିଲି ସଖି, ଶ୍ୱଶୁରଙ୍କ ଘରେ,
ସମ୍ଭବିଲା ନ ଥିବ ତାହା ସୁରେନ୍ଦ୍ର-ନଗରେ ।
ଶ୍ୱଶୁର ଶାଶୁଙ୍କ ସ୍ନେହ, ସ୍ୱାମୀଙ୍କ ପ୍ରୀତି
ତୁଚ୍ଛଜ୍ଞାନ କରାଇଲା ମୋତେ ସ୍ୱର୍ଗ ପ୍ରତି ।
ନିତି ତ ହୋଇଲା ନବ ନବ ମହୋତ୍ସବ ନାନା,
ଜଗତେ ତା ଦୁଃଖ ବୋଲି ନ ଥିଲା ମୋ ଜ୍ଞାନ ।
ପତି-ପ୍ରୀତି-ରତ୍ନ ରାଜ-ଭବନ-ରତନ—
ଆଲୋକେ ସୁଖରେ କାଳ କଲି ଯାପନ ।
ଶୁଣିବାକୁ ତହିଁ ଘନ ଢକ୍କାର ସ୍ୱର
ଥିଲା ନାହିଁ ସମ୍ଭାବନା ମୋହର ଅବସର ।
ଭୁଲିଗଲି ସେହିରୂପେ ଦ୍ୱାଦଶ ବରଷ,
ବାର ଦିନ ପରି ହେଲା ମୋ ମନର ଗୋଚର ।
ଦିନେ କାନ୍ତ ଆସି ମୋତେ ବୋଇଲେ ସହାସେ,
'ଜାନକି, ରହିବା ଆଜି ରାତି ଅଧିବାସେ ।
ଲାଗିବାକୁ ଅଛି ତୋତେ ସ୍ୱର୍ଣ୍ଣ-ଆଭରଣ
ରାଜଲକ୍ଷ୍ମୀ କାଲି ମୋତେ କରିବେ ବରଣ ।'
ମୁଁ ବୋଇଲି, 'ନାଥ, ତୁମ୍ଭ ଚିତ୍ତ ଅନୁରାଗ
ପୂରିଥିଲା ମୋଠାରେ ଯା କହିବ ତ ଭାଗ ?'
ସେ ବୋଇଲେ, 'ସ୍ୱାର୍ଥକ ହେଲେ ଏହି କଥା,
ସତୀ-ପଦେ ନତ ହୁଏ ରାଜଲକ୍ଷ୍ମୀ-ମଥା ।'
ସାଗର-ସଲିଳ ଉଠି ଘନ ହୁଏ ନଭେ,
ଲୋକହିତ ପାଇଁ ପଡ଼େ ସାଗର-ଗରଭେ ।
ମଙ୍ଗଳବାଦ୍ୟରେ ସେହି ରାତି ହେଲା ଶେଷ,
ମଙ୍ଗଳବାଜଣା ପ୍ରାତେ ଶୁଣିଲି ବିଶେଷ ।
ସଚିବ ପଣ୍ଡିତ କାନ୍ତ ଗଲେ ପିତା ପାଶେ,
ଲେଉଟି ବୋଇଲେ ମୋତେ ଦୁଃଖଭରା ଭାଷେ,

'ଜନକନନ୍ଦିନି ! ଋଷି ତୋ ତାତେ ଜୀବନ,
ପିତାଙ୍କ ଆଦେଶ ଆଜି ଯାଉଅଛି ବନ ।
ଯୁବରାଜ ହେବେ ପ୍ରିୟ ଭାଇ ମୋ ଭରତ,
ରାଜଲକ୍ଷ୍ମୀ ହେବେ ତାଙ୍କ ପ୍ରସାଦରେ ରତ ।
ନ ରହି ମାନିନି, ନିଜ ଜ୍ୟେଷ୍ଠ ଅଭିମାନ
ଭରତେ କରିବୁ ରାଜ-ମାତ୍ୟରେ ସମ୍ମାନ ।'
ଦେଖିଲି ମୁଁ ସ୍ୱାମୀଙ୍କର ବଦନମଣ୍ଡଳ
ଦିଶୁଥିଲା ପୂର୍ବପରି ଶାନ୍ତିରେ ଉଜ୍ଜ୍ୱଳ ।
ହେଉଥାଏ ମନ ବନ-ଗମନେ ଚଞ୍ଚଳ,
କିନ୍ତୁ ସେହି ମୋହ ପାଇଁ ହୃଦୟ ବିକଳ !
ସ୍ୱାମୀଙ୍କ ବଚନ ମଣିଥାନ୍ତି ପରିହାସ,
'ଉଠିଗଲା ତତକ୍ଷଣେ ରୋଦନ-ଉଚ୍ଛ୍ୱାସ ।
ହାହାକାର-ରବେ ହେଲା ନଗର କମ୍ପନ,
ବିସ୍ମୟେ ଭାବିଲି, ଏ କି ଅଦ୍ଭୁତ ସ୍ୱପନ !
ଚକିତେ ବୋଇଲି, 'ନାଥ ତୁମ୍ଭେ ଗଲେ ବନ
ରାଜପୁରେ ଏ ଦାସୀର କିସ ପ୍ରୟୋଜନ ?
ହୋଇଥାନ୍ତି ରାଜରାଣୀ ହେବି ଭିକାରୁଣୀ,
ତୁମ୍ଭପଦ ସେବିବି ହୋଇ କାନନ-ଚାରିଣୀ ।
ଶ୍ରୀଚରଣେ ମତି ମୋର ଶ୍ରୀଚରଣେ ଗତି,
ତୁମ୍ଭ ବିନା ନ ବାଞ୍ଛଇ ସ୍ୱରଗ-ସମ୍ପତ୍ତି ।
ତୁମ୍ଭ ପ୍ରିୟ ଅବରଜ ଯୁବରାଜ ହେବେ;
ହସି ହସି ବନଗାମୀ ତୁମ୍ଭେ ହେବ ଯେବେ
ଯୁବରାଜ୍ଞୀ ହେବେ ମୋର ମାଣ୍ଡବୀ ଭଗିନୀ,
ମୁଁ କିମ୍ପା ନ ହେବି ତୁମ୍ଭ ପଦାଙ୍କଗାମିନୀ ?
ସେ ସୁଖୁ ବଞ୍ଚିତା ହେଲେ ନ ବଞ୍ଚିବ ସୀତା,
ପ୍ରଭୁପାଦ-ସେବା ବିନା କଷ୍ଟ ତାକୁ ପିଠା ।'
ଯା' କିଛି ବିଷାଦ ଥିଲା ସ୍ୱାମୀଙ୍କର ମନେ,
ଦୂର ହୋଇଗଲା ଜାଣେ ମୋର ସେ ବଚନେ !
ପିତା ମାତା ଭ୍ରାତା ବନ୍ଧୁ ଭୃତ୍ୟ ପୁରଜନ
ଦେଖି କାନ୍ତ ମୋତେ ସଙ୍ଗେ ଘେନିଗଲେ ବନ ।
କେବଳ ଲକ୍ଷ୍ମଣ ନାମେ ଥିଲେ ମୋ ଦେବର
ହେଲେ ସ୍ୱାମୀଙ୍କର ବନବାସ-ସହଚର ।
ଫିଙ୍ଗି ଦେଇ ରାଜସୁଖ ବସ୍ତୁ ତର ନନ୍ଦେ
ଭ୍ରମିଲୁଁ ଗହନ ଗିରି ନଦନ ଆନନ୍ଦେ ।

ସୁଶୀତଳ ତଳ ପାଇ ବନେ ମୁନିକନ୍ୟାଗଣ,
ତାଙ୍କ ସ୍ନେହ-ସୁଧା-ଜଳେ ହେଲି ନିମଗନ ।
ଅନେକ ଦିବସ ଥିଲୁଁ ପଞ୍ଚବଟୀ ବନେ,
ଗୋଦାବରୀ-ପୂତ-ପାଣି ମୁନିଙ୍କ ଜୀବନେ ।
ନିଶାନ୍ତେ ଶବଦ ବନ-ପୁଷ୍ପବାସ ଭରି
ମନ୍ଦ ମନ୍ଦ ଆସି ଯାଏ କୁଟୀରକୁ ଭରି ।
ତ୍ରିବେଣୀ-ଲୁଣ୍ଠନେ ଢାଳେ ମନୋରମ ସ୍ୱନ
ଗୁଞ୍ଜ-ଦେବତାଙ୍କ ଦୂତେ ଆସି ପିକବର !
ମୟୂର ମୟୂରୀ ହୋଇ ନୃତ୍ୟପରାୟଣ
ମଣ୍ଡନ୍ତି ତୁଷ୍ଟିରେ ମୋର କୁଟୀର-ପ୍ରାଙ୍ଗଣ ।
ଆସିଥାନ୍ତି କଣ୍ଟକିତ ମୃଗଶିଶୁଗଣ
ଗଣିବାକୁ ମୋହ କରୁଁ ଖାବାର ଭକ୍ଷଣ ।
ଜନନୀର କୋଳ ଛାଡି କଳଭ କଳସ୍ୱ
ଖେଳନ୍ତି ମୋପାଖେ ମୋର କରୁଁ ଖାଦ୍ୟ ଲୋଭି
ବିବିଧ କୁସୁମ ତୋଳି ମନୋହର ହାରେ ।
ଗୁନ୍ଥିଥାଏଁ କାନ୍ତଗଳେ ପ୍ରୀତି-ଉପହାର ,
କୌତୁକେ କୁସୁମେ କାନ୍ତ ମଣ୍ଡି ମୋର ବେଣୀ
ଭ୍ରମନ୍ତି କୁସୁମବନେ ସଙ୍ଗେ ମୋତେ ଘେନି ।
ବୋଲୁଥାନ୍ତି, 'ସତୀ, ତୁ ମୋ' ପ୍ରଣୟ-ପ୍ରତିମା,
ପ୍ରାଣର ସଙ୍ଗିନୀ ସ୍ୱର୍ଗ-ସୁଖର ଗରିମା ।
ମୁଁ ବୋଲେଁ, 'ପ୍ରାଣେଶ, ତୁମ୍ଭ ପ୍ରେମ ଅଧିକାର
ସଙ୍ଗେ ନାହିଁ ତୁଳନାସୁ ସ୍ୱର୍ଗ-ସୁଖ ଛାର ।'
ବସନ ପୂରିଲ ଚନ୍ଦ୍ରାତପ ଫୁଲମୟ ସ୍ତମ୍ଭ
ସିଂହାସନ ରଚି ଖଚି କୁସୁମ କଦମ୍ବ,
ଫୁଲମୟ ଛତ୍ର କରି ଫୁଲର ଚାମର
ବିତାନ ବ୍ୟଜନ ପୁଣି କରି ଶୋଭାକର
କେତକୀଦଳରେ କଲି କରଣ୍ଡ ନିର୍ମାଣ
ଖଚି ରକ୍ତୋତ୍ପଳ ରମ୍ୟ ରମ୍ୟ ଫୁଲମାନ;
କାନ୍ତେ ମୁଁ ବୋଇଲି, 'ନାଥ, ଦୂରିବ ସତ୍ୱର,
କୁଞ୍ଜେ ବସ ସିଂହାସନେ ଥରେ ବନେଶ୍ୱର ।"
ହସି ତେବେ ବୋଇଲେ ମୋତେ କାନ୍ତ ନମ୍ରମତି,
'ରାଜ-ଉପଚାର ସତୀ, ଅଛି ମୋତେ ମନା ।
ତୋତେ ମୁଁ କରିବି ଆଜି ବନ-ଫୁଲେଶ୍ୱରୀ'
ବୋଲି ଫୁଲେ ସଜାଇଲେ ବଳେ କର ଧରି
ତାଙ୍କ ଗଣି ସତେ ଶକ୍ତି ମୋହର ଅପତି
ଅଗ୍ରେ ଉଭା ହୋଇ ଦୃଷ୍ଟି ଦେଲେ ମୋର ପ୍ରତି
ମନ୍ଦାକ୍ଷରେ ନେତ୍ର ମୋର ହେଲା ନିମୀଳିତ
ରହିଲି ସେ ପୁଷ୍ପାସନେ ହୋଇ ଉପଗତ ।
ଆନନ୍ଦେ ବୋଇଲେ କାନ୍ତ ରସିକଶେଖର,
'କରୁଣା କଟାକ୍ଷପାତ କର ଫୁଲେଶ୍ୱରି !"
ହରଷପ୍ରଫୁଲ୍ଲ ମୁଖ ଅନାଇ ତାଙ୍କର
ବୋଇଲି, 'ଅବଧ୍ୟ ହେଲ ରସିକଶେଖର !
ନୁହଇ ଯା' ତବପଦ-ଅର୍ଚ୍ଚନାର ଯୋଗ୍ୟ
କେବେ କି ତା ହୋଇଥାଏ ଦାସୀତ୍ୱର ଯୋଗ୍ୟ ?'
ସେ ବୋଇଲେ, 'ପ୍ରଣୟିନୀ ପ୍ରଣୟୀର ସତି
ବଢ଼ାଇ ଏକର ମାନ ଅନ୍ୟ ଲଭେ ପ୍ରୀତି ।'
ସ୍ୱାମୀଙ୍କ ବଦନୁ ତାଙ୍କ ପ୍ରୀତି-କଥା ଶୁଣି
ନିଜ ଭାଗ୍ୟ ଧନ୍ୟ ମଣି ମୁଦିତ ହେଲି ପୁଣି ।
ସନ୍ଧ୍ୟା ହେଲା କ୍ରମେ ନଭେ ହେଲେ ସୁଧାକର
ବିହାରିଲେ କାନ୍ତ ବନେ ଧରି ମୋର କର ।
କହିବାକୁ ପୁଣି ମୋର ମାନସ ରଞ୍ଜନ
କରୁଥିଲେ ବନବାସ ସୁଖର ବର୍ଣ୍ଣନ ।
ସେକାଳେ ଅଦୂରେ ଶୁଣି ଚକ୍ରବାକ-ସ୍ୱନ
ସହସା ପ୍ରାଣେଶ କଲେ ମୋ ମୁଖ ଚୁମ୍ବନ ।
କଣ୍ଟକିତେ ପଚାରନ୍ତେ ତାହାର କାରଣ,
ସେ ଯାହା କହିଲେ ଏବେ ହେଉଛି ସ୍ମରଣ ।
ବୋଇଲେ, 'ପ୍ରେୟସି, ଏହି କାନ୍ତାବିରହିତ,
ଚକ୍ରବାକ ଦୁଃଖାନଳେ ହେଉଛି ଦହିତ ।
ଦିନସାରା ଥାଏ ପ୍ରିୟା ସଙ୍ଗସୁଖେ ମିଳି,
ତା' ବିନା ନିଶ୍ଚିନ୍ତି ଏବେ ଯାପନକୁ ଭିଳି !
ତୁ ନ ଥିଲୁ ଯଦି ମୋର ବନ-ସହଚରୀ
ଦୁଃଖେ ଦଗ୍ଧ ହେଉଥାନ୍ତି ଏପରି ବିଚରି ।
ଯାହା ଯାହା ବୋଲୁଅଛି ବନବାସ ସୁଖ,
ସେ ସକଳ କରୁଥାନ୍ତେ ମୋ ଜୀବନ ଶୁଷ୍କ !
କାନ୍ତା ବିନା କାନ୍ତ-ପ୍ରାଣ ମୁହୂର୍ତ୍ତେ ବିକଳ,
ବିକଳ ଜୀବନ ଜଣେ ଜଗତ ବିଫଳ ।
ଭାସୁଥାଏ ଜୀବ ସଦା ସଂସାର-ସାଗରେ,
ତରିବା ଭରସା ଥାଏ ବନିତା-ନାବରେ ।'

ନ ଥିଲା ମୋ' ଅନୁଭବ ସ୍ୱପନ-ବେଦନେ,
ତା' ଶୁଣି ସ୍ୱଳିଲା ଲଜ୍ଜାବନତ ବଦନ ।
ହାୟ ! କେତେ କାଳ ପରେ ସେ ଘୋର ଜଳଣି
ଜୀବନେ ମୋ' ଅନ୍ତରରେ କଲା ଖୋଳପଣି ।
ସ୍ୱପ୍ନବେଦୀ କରଇ ପର ଦୁଃଖ ଅନୁଭବ,
ଏଣୁ ଆଜ ବୁଝାଇଲା ମୋ' ଭାଗ୍ୟଗରବ ।"
ତାପସୀ ବୋଇଲେ, "ସତି, ବୁଝିଲି ନିଶ୍ଚୟ,
ତବ କାନ୍ତ-ହୃଦ-ପ୍ରେମ-ପୀୟୂଷ-ନିଳୟ ।
ଜାଣୁଥିବେ ନରମଣି ତହିଁବାଳ ଚିତ୍ତ,
ତାହାପାଇଁ ବେଗେ ତୁମ୍ଭ ଖେଦ-ଶବ୍ଦ ।
ଦୁନାର ସଂସାର ହୋଇଅଛି ଗୁରୁଭାର,
କାହିଁକି ବହିଲି ଏହି ଦେହର ଦୁର୍ବିହର ?
ଗଢ଼ିଥିଲେ ସ୍ରଷ୍ଟା ଯାକୁ ଜୀବନର ଧନ,
କେମନ୍ତେ ବଳିଲା ତାଙ୍କୁ ଛାଡ଼ିବାକୁ ମନ !
ବସି କହୁଥିଲୁ ଦିନ, କାହିଁ କଲୁ ଜପ,
ଅନ୍ତରି ଉପରେ ଆଣି ଥୋଇଦେଲୁ ଶପ !"

---

# ସପ୍ତମ ସର୍ଗ

( ରାଗ କଳହଂସ କେଦାର )

ବୋଇଲେ ସତୀ, "ସଖି, ମୋ' ଦୁର୍ବିପାକ
ଘଟାଇଅଛି ଏକା ମୋ ଦୁଃଖପାକ;
ମୋ' କର୍ମ ପାଇଁ ଦୋଷୀ ନୁହନ୍ତି ସେଥି,
କାନ୍ତ ତ ସ୍ୱଭବେ ମୋ କଲ୍ୟାଣ-ନିଧି ଗୋ !
କାନ୍ତ ସଜ୍ଜିଲେ ଉତ୍ସାହରେ ଜୀବନ,
ଏମନ୍ତ କ୍ଷଣେ ଖେଦ ନ ଥିଲା ମନ;
ସହିଲି ସବୁ, ଘୋର ଦୁଃସହ ଦୁଃଖ
ଦେଖିବି ବୋଲି ଏକା ସ୍ୱାମୀ-ଶ୍ରୀମୁଖ ଗୋ !
ହେଉଥିଲେ ଆଶା ମୋର କର୍ଣ୍ଣକୁହରେ
ଆଶ୍ୱାସ-ମନ୍ତ୍ର ଦେଇ ମୂର୍ଚ୍ଛା ହରେ,
ଏବେ ସେ ଆଶା ନିଜେ ପାଇଛି ମରି,
ଦଗ୍ଧ ହେଉଛନ୍ତି ପ୍ରାଣ ତାହାକୁ ସ୍ମରି ଗୋ !"
ସଖୀ ବୋଇଲେ, "ସଖି, ବୁଝିଲି ନାହିଁ,
କେମନ୍ତେ ଥିଲା ଆଶା ମଲା କାହିଁ ?
ତୋ ପରି ସାଧ୍ୱୀ ପାଇଁ ଦାରୁଣ ବ୍ୟଥା,
ନ କହ ସଖି, ଏ ତ ବିଶେଷ କଥା ଗୋ !"
ବୋଇଲେ ସତୀ, "ମୋର ଦୁଃଖ-କାହାଣୀ
ଶୁଣି ସଜନି, ସବୁ ପାରିବୁ ଜାଣି ।
ଯେମନ୍ତେ ଆମନ୍ତ୍ରି ନ ଘୋର କଷଣି,
ଯେମନ୍ତେ ଆଶାର ମୋ ହେଲା ମରଣ ଗୋ !
ପଞ୍ଚବଟୀରେ ଦିନେ କୁଟୀର ପାଶେ
ଖେଳିଲା ସ୍ୱର୍ଣ୍ଣମୃଗ ଏକ ଉଲ୍ଲାସେ,
ଚକ୍‌ଚକ ଦ୍ୟୁତି ତାର ଚିତ୍ରିତ ଅଙ୍ଗ
ଝଟକିଲା ଲଭି ରବି-କିରଣ-ସଙ୍ଗ ଗୋ !
ହେମାଙ୍ଗେ ରଜତବିନ୍ଦୁ ଚନ୍ଦ୍ରର କାନ୍ତି
ନେତ୍ରେ ଆଣିଲା ମୋର ରତନଭ୍ରାନ୍ତି,
ସେ ଜାତି ମୃଗ ଦେଖି ନ ଥିଲି ସ୍ୱପନ
ନଗରେ, ରାଜପୁରେ ଅବା ବିପିନେ ଗୋ !
ଭାବିଲି, ବାନ୍ଧିହେବ ଯେବେ କରରେ
ସୁବର୍ଣ୍ଣ ମୃଗଟିକି ନେବି ସଙ୍ଗରେ,
ଚକିତ କରାଇବି ପୁରବାସୀଙ୍କି
ତା' ସଙ୍ଗେ ବାଣ୍ଟି ବନଶୋଭାସ୍ମୃତିକି ଗୋ !
ଆହାର ଦେଖାଇଲି ଧରିବା ଆଶେ,
କନକ ମୃଗବର ପାଶେ ନ ଆସେ,
ମନ ଲୋଭାଇ ମୋର ନେତ୍ର ଭୁଲାଇ
ପଶିଲା ବାରମ୍ବାର ବିଟପେ ଯାଇ ଗୋ !
ତା' ପାଇଁ ବ୍ୟଗ୍ର ହେବା ଦେଖି ମୋ ମନ,
କାନ୍ତ ବୋଇଲେ ସ୍ନେହ ବାହୁ ବନ୍ଧନ,
'ସୁନ୍ଦର ମୃଗଟିକୁ ଆଣି ମୁଁ ତୂର୍ଣ୍ଣ
ସଖି, ତୋ କୁତୂହଳ କରିବି ପୂର୍ଣ୍ଣ ଗୋ !'

ଧନୁ ଆଶୁଗ ଧରି ଆଶୁ ଗମନେ
ଚଳିଲେ କାନ୍ତ ତାର ଅନୁଧାବନେ,
ମୃଗାନୁସାରୀ କାନ୍ତ ଅତି ସତ୍ୱର
ଦୃଷ୍ଟି-ସୀମାରୁ ମୋର ହେଲେ ଅନ୍ତର ଗୋ !
ଶୁଭିଲା ବନ ମଧ୍ୟେ "ରକ୍ଷ ଲକ୍ଷ୍ମଣ",
ସେ ଡାକେ ବିଚଳିତ ହେଲା ମୋ ମନ;
ମନ ସହିତ ତହିଁ ଦେଲି ଶ୍ରବଣ ।
ପୁଣି ଉଠିଲା ରବ "ରକ୍ଷ ଲକ୍ଷ୍ମଣ" ଗୋ !
ଲକ୍ଷ୍ମଣ ଥାଇ ଥିଲେ ମୋର ନିକଟ,
କହିଲି, 'ଦେଖ ବତ୍ସ, ହେଲା ସଙ୍କଟ ।'
ବୋଲିଲେ କରିବାକୁ ମୋ ମନ ଥୟ,
'ରାଘବ ବଧ୍ୟ ନୁହେଁ ନ କର ଭୟ ଗୋ !'
ଘୋର ଦୁର୍ବାଚ ସର୍ଜି, ଦୁର୍ବୁଦ୍ଧି ନାରୀ,
ଦଂଶିଲି ଲକ୍ଷ୍ମଣଙ୍କୁ ଧୀର ଗମ୍ଭୀର ।
ନାଗ-ଦଂଶନୁ ଯେତେ ଅତି ଦୁଃଫଳ;
ଅଧିକ ହେଲା ତାଙ୍କ ବାକ୍ୟେ ବିକଳ ଗୋ !
ବିନୟ ପରେ ନତି କରି ସୁଷଣ,
ସ୍ୱାମୀ-ସମୀପେ ତାଙ୍କୁ କଲି ପ୍ରେରଣ ।
ମୋ ଦୁଃଖ-ସମ୍ଭାବ୍ୟ ସର୍ବଦର୍ଶୀ
ଗଲେ ଲକ୍ଷ୍ମଣ ଶଙ୍କା-ସ୍ରୋତରେ ଭାସି ଗୋ !
ସୁପଦ ହୋଇ ଏଣେ ବେତ୍ରଧାରୀ
ଯୋଗୀନ୍ଦ୍ର ବେଶେ ଦ୍ୱାରେ ହେଲା ଉଭା ସେ;
ସ୍ୱାମୀ ଆସିବା ଯାଏ ନ ଥାଇ ମନ
ଭିକ୍ଷା ନିମନ୍ତେ କଲି ତାହାର ବନ୍ଦନ ଗୋ !
ଭିକ୍ଷା ଦିଅନ୍ତେ ବେଗେ ଧରି ମୋ କର
ରଥମାନେ ବସାଇଲା ନେଇ ସତ୍ୱର,
କଲି ବିନୟ କେତେ, କେତେ ଭର୍ତ୍ସନ,
ନ କଲା କର୍ଣ୍ଣପାତ ତହିଁ ଦୁର୍ଜନ ଗୋ !
ଜାଣିଲି ବେଶ ନୁହେ ଦୁଃଖର ଚିହ୍ନ,
ବାହାରେ ସାଧୁବେଶ, ଭିତରେ ଭିନ୍ନ ।
ମଣିଲି ଲୋକେ ସର୍ବଶୁଭଦ ଧର୍ମ,
କେ ଜାଣେ ଧର୍ମ ନାମ ବହଇ ଅଧମ ଗୋ !
ଦକ୍ଷିଣ-ମୁଖେ ଖଳ ବାହିଲା ରଥ
ଲଙ୍ଘାଇ ବନଶ୍ରେଣୀ ଗଗନପଥ;
କାନ୍ଦିଲି ଯେତେ ଯେତେ ଉଚ୍ଚ ଆରବେ,
ବିଲୀନ ହେଲା ରଥ-ଘୋଷ-ଗରଭେ ଗୋ !
ଦେଖିଲି ତଳେ ବନ ମୟୂରଗଣ
ଅନାଇ ମୋତେ କରୁଥିଲେ ରୋଦନ;
ହରିଣ ଯୂଥ ପଥ ଊର୍ଦ୍ଧ୍ୱ ନୟନେ
ଚକିତ ଦୃଷ୍ଟି ଦେଇଥାନ୍ତି ସ୍ୟନ୍ଦନେ ଗୋ !
ପକ୍ଷୀଏ ପଥ ରୋଧି କଲେ ସମର,
ତା' ପକ୍ଷ କାଟିଲା ବିଷଦ ପାମର;
ପବନ ପ୍ରତିକୂଳ ହୋଇ ଗତିକି
ନିବାରି ନ ପାରିଲା ମନ୍ଦମତିକି ଗୋ !
ପଥ ପର୍ବତଶ୍ରେଣୀ ମସ୍ତକ ଟେକି
ଚାହିଁଲେ ନାହିଁ ବ୍ୟୋମ ବିମାନ ଦେଖି,
ମହୀବାସୀଙ୍କି ବାର୍ତ୍ତା ଦେବାର ପାଇଁ
ଘନ ନୟନେ ଥାଏଁ ଶୈଳକୁ ଚାହିଁ ଗୋ !
ରଥ-ଶବଦେ ଶ୍ରୁତା ହେବ ବିଫଳ
ଜାଣି ପକାଇଦେଲି ଭୂଷା ସକଳ;
ଦେଖିଲି ନଦୀମାନେ ହୋଇ ବ୍ୟାକୁଳ
ଶୀଘ୍ର ଶିଖରର-ଯୋଗେ ହେଲେ ନିଶ୍ଚଳ ଗୋ
ଚଳୁ ସକୋପ ତୁଙ୍ଗ ପାଦପଚୟ
ଉଡ଼ିଲେ ପବନରେ ଲଭି ତା' ଭୟ;
ଅବଶ ଜଡ଼ ହୋଇଗଲେ ନୀରବ,
ସ୍ତବ୍ଧ ରହିଲେ ମୃଗ ବିହଙ୍ଗ ସବ ଗୋ !
ପୂର୍ବ ପଶ୍ଚିମ ସାମ୍ୟ କରୁଅଛି
କ୍ରମେ ଦିଶିଲା ଗାଢ଼ ଘନମାନସ୍ତୁ;
ମହୀ ଲକ୍ଷଣ କିଛି ନ ହେଲା ଦୃଷ୍ଟ,
ତହିଁ ମଧ୍ୟରୁ ପଥ ବାହିଲା ଦୁଷ୍ଟ ଗୋ !
ଅଗ୍ରେ ଦିଶିଲା ସାଗର ଉଜ୍ଜ୍ୱଳ,
କ୍ରମେ ମଣିଲି ତାକୁ ବନ-ଅନଳ;
ଯେଉଁକି ହେଲା ରଥ ତା ପାଶ ପାଶ,
ଅସଂଖ୍ୟ ଜ୍ୟୋତିଃବିନ୍ଦୁ ହେଲା ପ୍ରକାଶ ଗୋ !
ଖସିଲା ନଭ ତେଜି ତାରା ସକଳ
ଦିବସେ ଭ୍ରାନ୍ତି ତହିଁ ଦଳକୁ ତଳ;
ବୁଝି ବିରଚିଛି ତେଜ ନବଗ୍ରହମଣ୍ଡଳ
ଦୁହେଁସୁ ଜାଜ୍ୱଲ୍ୟ ବଡ଼ବାନଳ ଗୋ !

କିବା ମୋ ମର୍ମ୍ମାନଳ ଲାଗିଲା ଉଠିଣ,
ଶମନପୁରେ ହେଉଅଛନ୍ତି ଦହନ ?
ଦେଖିଲି ମନୋହର ଅଟ୍ଟାଳିକାଶ୍ରେଣୀ
ଧରିଛନ୍ତି ରମ୍ୟ ହେମ କଳସ ବେଣୀ ଗୋ !
ଦିଶିଲା ସଘନ ଦୂରୁ ଅଟ୍ଟାଳୀ ପନ୍ତି,
ନଗର ରଞ୍ଜି ଭିତ୍ତି ଖର-ଦୀପ୍ତି;
ଶୂନ୍ୟରେ ହର୍ମ୍ମ୍ୟଶିର କଳସନାଦ
ରଶ୍ମିଣି କରୁଛନ୍ତି ଜାଜ୍ୱଲ୍ୟମାନ ଗୋ !
ସେକାଳେ ମନେ ମୋର ହେଲା ବିସ୍ମୟ,
ଅଟଇ ଯୋଗୀ ନିଶ୍ଚେ ନୃପକୁମର;
କୃତାନ୍ତ ପାଶ ଯିବ ସଦର୍ପେ ପଶି
ଜିଣାଇ ଦନ୍ତ ମତ୍ତ-ଲକ୍ଷଣ-ଅସି ଗୋ !
ନଗର ପ୍ରାନ୍ତେ ଯୋଗୀ ଓହ୍ଲାଇ ରଥ
ବୁଲିଲେ ମୁହିଁ ଏକ ଉଦ୍ୟାନପଥ,
ମଣ୍ଡିତ ପଥ ଶୁଭ୍ର ମର୍ମ୍ମରଦଳେ,
ଉଦ୍ୟାନ ଶୋଭେ ନାନା କୁସୁମ ଫଳେ ଗୋ !
ଅଶୋକ ତରୁ ତହିଁ ଅଧିକତର
କୁସୁମ ପୁଞ୍ଜ ପୁଞ୍ଜେ ଧରଣେ ସୁନ୍ଦର;
ଉଦ୍ୟାନ ମଧ୍ୟେ ଏକ ଉଜ୍ଜ୍ୱଳ ହର୍ମ୍ମ୍ୟ
ବିବିଧ ରତନରେ ଦିଶଇ ରମ୍ୟ ଗୋ !
ବୋଇଲେ ଯୋଗୀ ମୋତେ, 'ସେଠାରେ ରହି
ଗଣିବୁ ନାହିଁ ଶଙ୍କା କାନ୍ତ-ବିରହ;
କାନନବାସ-କ୍ଳେଶ ହେଲା ତୋ ଶେଷ,
ପୁରର ସୁଖ ଭୁଞ୍ଜ ମଣ୍ଡି ଏ ଦେଶ ଗୋ !
ଚନ୍ଦ୍ରବଦନ ଯେଉଁ ଦ୍ରବ୍ୟ ଦୁର୍ଲଭ,
ବାଞ୍ଛିଲ ମାତ୍ରେ ଏବେ ହେବ ତୋ ଲଭ୍ୟ;
ସହସ୍ର କୁମାରୀ ହେବେ କିଙ୍କରୀ
ସେବେ ତୋ ଅରବିନ୍ଦ-ଚରଣେ ଦାସୀ ଗୋ !'

ରତନ-ବିଭୂଷିତ ସହସ୍ର ନାରୀ
ଡାକି ବୋଇଲା ଅତି ଦୃଢ଼େ ତଥାରି,
'ଏହାକୁ ଜାଣି ମୋର ହୃଦୟେଶ୍ୱରୀ
ସେବା କରିବ ହୃଦେ ଭକତି ଭରି ଗୋ !
ଖଟିବ ନାହିଁ ଏହା ମାନସ ଗ୍ଳାନି,
ଶୁଣାଉଥିବ ମୋର ନମ୍ର-ବାଣୀ;
ମୋର ସମ୍ବାଦ ଦେଇଣ ମନ୍ଦ ତା ମନ,
ରଖିବ ଜଳୁଥିବ ଅତି ଯତନ ଗୋ !'
ଏମନ୍ତ କହି ଯୋଗୀ ହେଲେ ଅନ୍ତର,
କପଟେ ଦୂଷିଲେ ମୋର ଅନ୍ତର;
କିଏ ସେ ଯୋଗୀ ମୋତେ ଆଣିଲା କାହିଁ,
କେଉଁ ପୁର ତା କିଛି ଜାଣିଲି ନାହିଁ ଗୋ !
କେମନ୍ତେ ହେଲା ଯୋଗୀ-ହୃଦୟେଶ୍ୱରୀ ?
ରହିଛି ରଘୁବଂଶ-ଶେଖରେ ଧରି;
ମନ ତ ନାହିଁ ମୁହିଁ, ଅଛି ସ୍ମରଣ,
କୌଶଲ୍ୟା-ସୁତ ସିନା ମୋର ଶରଣ ଗୋ !
ହୃଦୟେ କଲି ସ୍ଥିର ଦୃଢ଼ ନିଶ୍ଚୟ,
ଯେ କେହି ହେଉ ଯୋଗୀ କା ଅଛି ଭୟ ?
ଯାବତ ଜୀବନେ ମୋ ଥିବ ସ୍ମରଣ,
କୌଶଲ୍ୟା-ସୁତ ଏକା ମୋର ଶରଣ ଗୋ !
ହେଉ ଏ ସମାଲୟ ଅଥବା ସ୍ୱର୍ଗ,
ରହିଥାନ୍ତୁ ଏଥି ଦେବତାବର୍ଗ,
କେ କରାଇବ ମୋ ଚିତ୍ତ ହରଣ ?
କୌଶଲ୍ୟା-ସୁତ ଏକା ମୋର ଶରଣ ଗୋ !
ସହସ୍ର ଦାସୀରେ ମୋ କା ପ୍ରୟୋଜନ;
ଆଉ କି ଅଛି ମୋର ସ୍ନାନ ଭୋଜନ,
କାନନେ ଭ୍ରମୁଥିବେ ମୋ ପ୍ରାଣେଶ,
ତାଙ୍କ ଚରଣେ ଏକା ରହିବ ମନ ଗୋ !
ମଞ୍ଜୁଳ ବୀଣା ଧରି ଶତ ସୁନ୍ଦରୀ
ସଙ୍ଗୀତ ଛନ୍ଦ ମୋର ପାଖେ କରନ୍ତି;
ମୋ କର୍ଣ୍ଣେ ହେବ ନାହିଁ ତାହାର ମୂଲ
କାନ୍ତ-ଶ୍ରୀମୁଖ-ଭାଷା ଧ୍ୱନିକ ତୁଲ ଗୋ !
ଏମନ୍ତ ଭାବି ଭାବି ଶ୍ରୀପଦ ଧ୍ୟାନ
ଦେଇ ଧରିଥିଲି ଜୀବନଜ୍ଞାନ;
କେମନ୍ତେ କେତେ କାଳ ହେଲା ଅତୀତ,
କିଛି ନ ଜାଣେ ଚିତ୍ତ-ଚିନ୍ତା ବ୍ୟାପିତ ଗୋ !
କାଲି ସେ ସୁନ୍ଦରୀ ସମେତେ ଦିନ-ଶେଷ
୧ ପ୍ରବେଶ ହେଲା ଦେବ-ସମସ୍ୟ ପରି;

୧ । ଦେବସମସ୍ୟ—ମନୁଷ୍ୟମାନଙ୍କର ଛଅ ମାସରେ ଦେବତାମାନଙ୍କର ଏକ ଦିନ ।

ଦେବର୍ବଚନ ଭାବୁ ନଥିଲି ମନେ,
ଦେବ-ମାୟାସ ତୃଷ୍ଣି କଲି ଜୀବନ ଗୋ !
ଛିଣ୍ଡରେ ମଜାଇଲି ଦେବ ଶକତି;
ଦେବା-ଦ୍ୱିଜଭେଦିତ ପତି-ଭକତି,
ପତିଚରଣାମୃତେ ରହିଲି ଆଶା
ରହିଲ ନାହିଁ ଆଉ କ୍ଷୁଧା ପିପାସା ଗୋ !
ବିବିଧ ଅଙ୍ଗରାଗ ବସ୍ତ୍ର ଭୂଷଣ,
ବିବିଧ ଖାଦ୍ୟ ଆଣି ସେବିକାଗଣ
କହିଲେ କେତେମତେ କୁଟୁ ବଚନ,
ବଳିଲା ନାହିଁ କାହିଁ ତହିଁ ମୋ ମନ ଗୋ !
ଦାସୀଙ୍କ ବଚନରୁ ଜାଣିଲି କ୍ରମେ,
ରାବଣ ତ୍ରିଭୁବନ-ଜୟୀ ବିକ୍ରମେ;
ଡରନ୍ତି ସୁରପତି ଶୁଣି ତା' ନାମ,
ସିନ୍ଧୁ-ପରିବେଷ୍ଟିତ ଲଙ୍କା ତା' ଧାମ ଗୋ !
ସେହି ରାଜାକୁ ମୁହିଁ ହୋଇଛି ଗତ,
ନେଇଛି ଯୋଗୀବେଶେ ସେ ଦୁର୍ବିନୀତ,
ନଗର ନଗର ତା' ଅତୁଳ ରମ୍ୟ,
ନର ବାନରଙ୍କର ଦୁରଧିଗମ୍ୟ ଗୋ !
ସର୍ବଦା ଦେଖୁଥାଏ ତାହାର ରୀତି,
ଭୟରେ କରନ୍ତି ଦେବେ ତାହାର ସ୍ତୁତି;
ଅଶିଲେ ଅନୁହିମା ତାର ନୟନେ,
ଭାଗ୍ୟବଳୟ ବୃଥା କରନ୍ତି ମନେ ଗୋ !
ରାବଣ ନାମ ଶୁଣି ଚାହିଁଲି ଜାଣି,
ପିନାକ ଗୃହେ ରଖିଥିଲ ତା ଆଣି,
ଶୁଣିଲି କି ସାହସ କରିଛି ଶ୍ୱାନ
କରିବା ପାଇଁ ଯଜ୍ଞ-ଅମୃତ ପାନ ଗୋ !
ଏତେକୁ ପଡ଼ ଯେବେ ଆସି ଦୁର୍ମତି
ଅନଳତେଜେ ଭସ୍ମ ହେଲା ମୋ ଚିତ୍ତ;
ପାପ-ବଚନେ ପାପ-ମାନସେ ପାପୀ
ବକିଲା କେତେ ଆତ୍ମଗରିମା ଜପି ଗୋ !
ମୋ ଦୁଃଖ ଦେଖି ଶେଷେ ସେ ତ କଥାର
ଶୁଣି ପୁଞ୍ଜିଲା କହି ଗର୍ଭ-ଅନାର;
ଚମକିଗଲି ମୋର ସେ ବେନଯତା—
ମନୁଷ ତା ଆଶା ସ୍ୱପ୍ନ ବନ୍ଧ୍ୟାତ ଛଟା ଗୋ !
ସଖି, ମୁଁ ହେଲି ଯେଉଁ ଦିବସୁଁ ଜାତ;
ପାପୀ ଦାନବ ଛୁଇଁଥିଲା ମୋ ଗାତ୍ର;
ଛୁଇଁଲା ସରୁଁ ଉଠି ବହିଛି ଶରୀର
ଦୁଃସହ ଜ୍ୱାଳା କରେ ପ୍ରାଣ ଅସ୍ଥିର ଗୋ !
ମଣିଲି ଏହିଦିନୁ ଶରୀରଟିକ—
ସ୍ପୃଶ୍ୟ ଅଶୋଧିତ କ୍ଲେଦମ ସକଳ,
ବ୍ୟାଧି ବହୁଗୁଣ୍ଡିତ ହରିଣୀଗଣ
ଜ ଦୁଃଖ ହେଉଥିବେ ସତେ ମୋ ମନ ଗୋ !
ସହୁ ସେ ଦୁର୍ବିଷହ ଦୁଃଖ ମରମେ
ମସ୍ତକ ଧୃତ କରିଥାଏ ଧରମେ;
ଧୃତ ଭରସା ମୋର ଥାଏ କେବଳ
ଅବଳା ପାଇଁ ସଦା ଧରମବଳ ଗୋ !
ନ ଜାଣି ଗିନା ଥରେ ଯାଗସାଧନେ
ଦସ୍ୟୁ ପଡ଼ାଇ ଭିକ୍ଷା ଦେଲି ମୁଁ ଭ୍ରମେ;
ଏତେ ବଡ଼ ଦଣ୍ଡ ଦେଲ ବିଧାତା,
ମାନୁଛି ଅବା ହେବ ତା ହସ୍ତେ ନାଶ ଗୋ !
ଯଦ୍ୟପି ସତ୍ୟ ଅଛି ଜଗତେ ଧର୍ମ,
ଦେଖିବ ଜଗତ ମୋ ଅଦ୍ଭୁତ କର୍ମ;
ପାପ-କାର୍ଯ୍ୟେ ହେଲେ ଦେବତା ସମ,
ସ୍ୱର୍ଣ୍ଣାଗ୍ନି-କଣା ତାକୁ ଦହନେ ଜାଣ ଗୋ !
୧ ଦେଖ ସଜନୀ, କହାଇ ଧରମ କୃତ
ମୋ ପ୍ରାଣେ ଢାଳିଦେଲା ଯେମନ୍ତ ଅମୃତ ।
ଭଟୀଏ ଦେଲି ମୋତେ କାନ୍ତ-ସମ୍ବାଦ
ରାବଣ ସଙ୍ଗେ କରିଗଲା ବିବାଦ ଗୋ !
ଅନ୍ତରେ ରଘୁମଣି ବାନର ବଳେ
ସେତୁ ପ୍ରସ୍ତୁତ କରି ସାଗର-ଜଳେ,
ଲଙ୍ଘି ଦୁର୍ଲଙ୍ଘ୍ୟ ବାରି ଆସିବେ ଲଙ୍କା
ସୁଖସ୍ଥିତ-ପ୍ରାଣରେ ରୋପିଦେଲେ ଶଙ୍କା ଗୋ !
ଦୁହିଁଙ୍କର ରଣ-ରଙ୍ଗ କଲେ ଆରମ୍ଭ,
କମ୍ପିଲା ଲଙ୍କା ଶୁଣି କପି-ଆରବ;
ରାବଣ-ବଂଶ ଥିଲା ଯେତେକ ବଳୀ,
ସମସ୍ତେ ଆସି ହେଲେ ସେ ପତଙ୍ଗ ବଳି ଗୋ !

୧ । କୃତ—ସତ୍ୟ ।

ଧରମ-ପଥେ ଥିଲୁ କେବଳ ଜାଣି,
ରଖିଲି ରଘୁପତି ପଦତରଣୀ;
୧ ଯେତିକି ଯୂପ ହେଲି ସେ ମହାଧ୍ୱରେ
ଅନନ୍ତ ପୁଷ୍ପମାଳା ଧରି କଣ୍ଠରେ ଗୋ !
ସେତିକି ବହ୍ନିଥିଲୁ ମୋ' ନୟନରେ,
ତା' କୋଟିଗୁଣ ହେଲି ରକ୍ତ-ରୁଧିରେ;
ଶ୍ରାବଣ ସରି ଶୋକସାଗରେ ଝାସେ,
ପଡ଼ିଲି ପ୍ରଭୁ-ବାକ୍ୟ-କୁମ୍ଭୀର-ତ୍ରାସେ ଗୋ !
ତା' ପରେ ରଘୁପତି ମୋତେ ଅଣାଇ
ବୋଲିଲେ ସ୍ନେହଶୂନ୍ୟ ନେତ୍ରେ ଅନାଇ;
'କୁସଙ୍ଗ ବଳ ନାହିଁ ଜଗତେ ତାପ,
କୁସଙ୍ଗୀ ପତଙ୍ଗ ମିଳେ ଘୋର ସନ୍ତାପ ଗୋ !
କାମାନ୍ଧ ଦାନବର ପାପ-ଭବନେ
ଥିଲୁ, ପରଶି ଥିବ ପାପ ତୋ ମନେ;
ନ ପାରେ କରି ଆଉ ତୋତେ ଗ୍ରହଣ,
ଗ୍ରହଣ କଲେ ହେବ ଲୋକଗର୍ହଣ ଗୋ !
ଜଳଦ ଜଳ କଲେ ମରତେ ଗମନ
ଆଉ କି ତାକୁ ରଖିପାରଇ ଘନ ?
ଅନଳ-ଶିଖା ପରି ଅନେକ ଦଣ୍ଡ
ହେଲେ ସେ ଜଳ ତାକୁ ନ ମିଳଇ ଗୋ !
ହସିଲି, ଧିକ୍ ଦିନା ଧରି ଜୀବନ
କେବଳ ବୋଲି ପ୍ରଭୁ ପଦ୍ମଚରଣ;
ନ ହେବ ଯଦି ପଦସ୍ପର୍ଶ ସୃଜନ,
ଜୀବନେ ଆଉ ମୋର କି ପ୍ରୟୋଜନ ଗୋ !
ଦହନେ ଦେଖ ବହ୍ନି ଯହିଁ ଶ୍ରୀମୁଖ
ଏହୁଁ ଅଧିକ ମୋର କି ଅଛି ସୁଖ ?
ଦଗଧ ହେଲେ ଦେହ, ଅବଶ୍ୟ ପ୍ରାଣ
ପ୍ରଭୁ ଶ୍ରୀଅଙ୍ଗେ ଯାଇ ପାଇବ ସ୍ଥାନ ଗୋ !
ଧରମ ବଳେ ଯେବେ ରହିବ ଦେହ,
ଲଭିବ ପ୍ରଭୁଙ୍କର ଦ୍ୱିଗୁଣ ସ୍ନେହ ।
ବୋଇଲି, 'ଜଳାଇଦେଇ ହବ୍ୟବାହନ
କରିବ ଦାସୀ ଲକ୍ଷ୍ମୀ ଅବଗାହନ ହେ !'

ଅଶ୍ରୁପୂର୍ଣ୍ଣ ଆଜ୍ଞାବହ ସକୁଣ୍ଠ-ଚିତ୍ତେ
ଲକ୍ଷ୍ମଣ ବହ୍ନି ଜାଳିଦେଲେ ତ୍ୱରିତେ !
ଅନଳଶିଖାମାନ ବାଢ଼ି ଦମ୍ଭେ
ଅତି ଚଞ୍ଚଳ ହେଲେ ନଭ ଲଙ୍ଘନେ ଗୋ !
ସତୃଷ୍ଣ ଦୃଷ୍ଟି ଦେଇ ମୁଖକମଳେ
ଅନଳ ପାଶେ ଯାଇ କୃତାଞ୍ଜଳିଲେ
ବୋଇଲି, 'ରବି-ଶଶୀ-ବାୟୁ-ଗଗନ
ପାବକ ତୁମ୍ଭେ ଜାଣ ପ୍ରାଣୀଙ୍କ ମନ ହେ !
ରାଘବ ବିନା ଅନ୍ୟ ଯଦି ମୋ ଚିତ୍ତେ
ସ୍ୱପ୍ନେ ଅନୁଭୂତ ହୋଇଥିବ କ୍ଷିତେ;
ଅନଳ ସତ୍ୟ ତୁମ୍ଭେ ସଦା ଉଚିତେ,
ଦହ ଦହ କରି ମୋହର ବପୁ ଏଥିରେ ହେ !
ହୋଇ ତ ଥିଲି ରକ୍ଷ-ନଗରେ ବନ୍ଦୀ,
ସେ ଦେହ ଥିବ କେତେ ପାତକେ ଛନ୍ଦି,
କୋଟି ଜନମ କାନ୍ତ-ପଦ-କମଳ
ସ୍ପର୍ଶିବ ନାହିଁ, ମୋତେ ଦହ ଅନଳ ହେ !
ପାତକ, ପୂର୍ବଜନ୍ମ ତୁମ୍ଭେ ନ ଜାଣ,
ସ୍ୱଧର୍ମ ଏକା ନିଅ ସତୀଙ୍କ ପ୍ରାଣୀ;
ଧରମ କରି ଯଦି ଯଦି ଜଗତେ,
ମୋ ଧର୍ମ ଏବାଡ଼ୁଁ ରହିବ ମରତେ ହେ !
ହେ ଧର୍ମ ! ନିଜ ଗୁଣେ ରଖ ମୋ ଅଙ୍ଗ,
ନ ଡରି ଅନଳରେ ପଶି ମୋ ସଙ୍ଗେ;
ଜୀବନେ ନ ପାରିଲେ ମୋତେ ମରଣେ
ସେବକା କରି ଦେବ ପ୍ରଭୁ ଚରଣେ ହେ !
ମୋ ତନୁ ଦଗଧ ହେଲେ ତହିଁର କ୍ଷାର,
ତାହାକୁ କରାଇବ ପାଦପଦ୍ମ ସାର;
ସେ ତନୁ କାନ୍ତି ଦେଇ ବର୍ଣ୍ଣ ପ୍ରସ୍ତେ
କରାଇ ଦେବ ପ୍ରଭୁ ପାଦୁକା ମତେ ହେ !'
ପ୍ରଭୁ ଶ୍ରୀମୁଖ ପୁନଃ ପୁନଃ ଅନାଇ
ନିଶ୍ଚେକ ଅନଳରେ ପଶିଲି ଯାଇଁ ।
ଶୁଣି କାନ୍ଦିଲେ ହନୁମନ୍ତ ଲକ୍ଷ୍ମଣ,
କାନ୍ଦିଲେ ଘୋର ରବେ ବୈମାନିକଗଣ ଗୋ !

୧ । ଯୂପ—ଯଜ୍ଞୀୟ ପଶୁବନ୍ଧନାର୍ଥ ସଂସ୍କୃତ ସ୍ତମ୍ଭ । ମହାଧ୍ୱର—ମହାଯଜ୍ଞ ।

ଅପଶ୍ୟ ଦିନେଶ ହେଲି ଜନ୍ମ ଭବନ,
ମଜ୍ଜାଇ ଦେଲ'ମୋତେ କାରୁଣ୍ୟ ଜଳ;
ଅନଳ ତହିଁ ବୋଧହେଲ ଶୀତଳ,
ପୂରିଲ ଝଙ୍କାରବେ ନଭୋମଣ୍ଡଳ ଗୋ !
ମୋ ଅନୁକୂଳେ ହେଲ ଆକାଶ-ବାଣୀ,
ଘୋଷିଲ ମୋର ଜନ୍ମ ଯାଚିଲେ ଜାଣି;
ଅନଳ ଧର୍ମ ବଳେ ହେଲା ନିର୍ବାଣ,
ବଞ୍ଚିଲି ଧର୍ମ-ବଳେ ତହିଁ ମୋ ପ୍ରାଣ ଗୋ !
ଦେବେ ଖୋଳିଲେ ମୋ ଦୁଃଖରାଶି,
ଶୁଦ୍ଧେ ମୁଁ ହେଲି ପ୍ରଭୁପୁରେ ଦାସୀ;
ଭାବିଲି, କଷ୍ଟେ ରହିଥିବାରୁ ଜୀବ,
ଲଭିଲି ସିନା ପ୍ରଭୁ-ପଦ-ରାଜୀବ ଗୋ !
ବସାଇ ମୋତେ ପ୍ରଭୁ ସ୍ୟନ୍ଦନରେ
ସେନା ବାନର ରକ୍ଷଦଳ ସଙ୍ଗରେ
ବାହୁଡ଼ା ଯତ୍ନ କଲେ ଅଯୋଧ୍ୟାମୁଖେ
ଦେଖି ପଥେ ଜନ୍ମ-ଉଲ୍ଲାସ-ସୁଖେ ଗୋ !
ହୋଇ ବିରହ-ମନ୍ତ୍ର-ପ୍ରଭେଦ ପାର
ପାଇଲି ଶୁଷ୍କ ପ୍ରାଣେ ପ୍ରେମାସାର;
ଅପୂର୍ବ ସୁଖ ପ୍ରାଣେ ହେଲା ଉଦୟ,
ମଣିଲି ଜଗତକୁ ଆନନ୍ଦମୟ ଗୋ !
ଯଦ୍ୟପି ଦୁଃଖ ଥାଏ ନିଜ ଜୀବନେ,
ସୁଖ ନ ଦିଏ ଦେଖା ବିଶ୍ୱଭୁବନେ,
ନିଜ ଜୀବନେ ହେଲେ ସୁଖ ଆଗତ,
ସୁଖରେ ପରିପୂର୍ଣ୍ଣ ଦିଶେ ଜଗତ ଗୋ !
ସେ ରଥେ ଚଢ଼ିଥିଲି ବିପଦ-କୂଟେ,
ଚଢ଼ିଲି ସେହି ରଥେ ସମ୍ପଦ-କୂଟେ;
ଯା' ଘୁଞ୍ଚି ଘୁଞ୍ଚି କରିଥିଲ କ୍ରନ୍ଦନ,
ତା' ଘୁଞ୍ଚି ଘୁଞ୍ଚି ହେଲା ମୁଦ ବର୍ଦ୍ଧନ ଗୋ !
ରତ୍ନଖଚିତ ରଥ ତା ଶୂନ୍ୟଗତ,
ଉପରେ ମେଘ ତଳେ ସରିତ୍‌ପତି,
ସହିତ ଧରାଧର ଧରଣୀବୃନ୍ଦ
ହେଲେ ମୋ ନୟନର ପ୍ରୀତିବର୍ଦ୍ଧକ ଗୋ !
ପୂର୍ବ ନିବାସ ବନସ୍ଥଳ ସକଳ,
ବିହାର-କୁଞ୍ଜପୁଞ୍ଜ ରମ୍ୟ ଅଚଳ,
ଧୂମ-ଜଟିଳ ଋଷି-ଆଶ୍ରମମାନ
ଚିତ୍ତକୁ ମୋର କରୁଥିଲେ ଆହ୍ୱାନ ଗୋ !
ବାଂଶୁକୁନ୍ତଳା ମୁନିକୁମାରୀଗଣେ
ଭୃଙ୍ଗ-ନିର୍ଘୋଷ ଦୂରୁଁ ଦଶ ଶ୍ରବଣେ
ଚକିତେ ଚାହିଁଥାନ୍ତି ଊର୍ଦ୍ଧ୍ୱ ବଦନେ
ଜନ୍ମାଇ ପୂର୍ବ-ସୁଖ-ସ୍ମୃତି ମୋ ମନେ ଗୋ !
ପରଶ ସ୍ନେହ ତାଙ୍କ ସମୁଦାୟର
ମୃଦୁ ମଧୁର କଥା-ଲସିତାଧର
ମମତାମୟ ଶାନ୍ତ ସରଳ ଦୃଷ୍ଟି
କଲେ ମୋ ହୃଦ୍‌ଦେଶେ ପୀୟୂଷ ବୃଷ୍ଟି ଗୋ
କ୍ରମଶଃ କୁମାରୀଙ୍କ ନାମ ସକଳ
ଜପମାଳରୂପେ ଘୁଞ୍ଚି ହେଲେ ବିମଳ;
ଘୋର ବିରହ-ନିଶା-ତମ ଛେଦରେ
ସୁଖ-ଦିବସ-ମୁଖେ, ମୋ ମନ ସରରେ ଗୋ
ତାଙ୍କ ବଦନ ଛବି ସୌରଭରାଶି
ଆମୋଦେ ପ୍ରାଣକୁ ମୋ ଦେଲେ ଉଲ୍ଲାସି;
ବନଦର୍ଶନେ ମନ ନୋହୁଁଣୁ ତୃପ୍ତ,
ଆଗକୁ ରଥବେଗ ଗଲା ଦ୍ରୁତ ଗୋ !
ନିସର୍ଗଶୋଭାଳୟ ସୁରମ୍ୟ ବନ
ବର୍ଜନ ନ ଚାହିଲା କରି ମୋ ମନ,
ସେ ମନ ଥିଲା ଶୁଣି ନଭେ ସ୍ୟନ୍ଦନେ,
ଲୁଚିଲା କଙ୍କଣ ସ୍ୱରେ ଶ୍ୱଶ୍ରୂ-ଚରଣେ ଗୋ !
ଶ୍ୟାମସୁନ୍ଦର-କାନ୍ତି କାନ୍ତଙ୍କ ସଙ୍ଗେ
ଯେବେ ଖେଳନ୍ତି ଜଳଧର ସୁରଙ୍ଗେ,
ମନ ମୋ ହେଲା ଅର୍ଦ୍ଧମଣ୍ଡଳାକାର
ନବ ନୀରଦେ ଶିଖୀପୁଚ୍ଛ ପ୍ରକାର ଗୋ !
ପ୍ରାଣ-ଉତ୍ତମ ପୁତ୍ର ବନ-ପ୍ରସ୍ଥାନ
ହେଲାନ୍ତେ ଶ୍ୱଶୁର ମୋ ଅଯୋଧ୍ୟା-ନାଥ
ନିର୍ବାଣ କରି ଦୁଃଖେ ଜୀବନ-ଦୀପ
ଗୀର୍ବାଣପୁର ଗଲେ ଶକ୍ର ସମୀପ ଗୋ !
ଭରତ ରାଜ୍ୟ ରାଜ-ବର୍ଜନ ବୁଝି
ବନେ ଅଇଲେ ସ୍ୱାମୀ ସମୀପ ଥାଇଁ,
କହିଲେ ଦୁଃଖେ ଯୁକ୍ତ କରପୁଟରେ,
ସେକାଳେ ଥିଲୁଁ ଆମ୍ଭେ ଚିତ୍ରକୂଟରେ ଗୋ !

ବହୁ ବିନୟ କରି କହିଲେ ବୀର
ସ୍ୱାମୀଙ୍କୁ ସ୍ୱାମୀ ହେବା ପାଇଁ ମନ୍ତ୍ରର,
ପ୍ରଗାଢ଼ତର କରି ପିତୃଭକତି
ପ୍ରକଟ କଲେ ନାହିଁ ତହିଁ ସମ୍ମତି ଗୋ !
ବୋଇଲେ, ଯେଉଁ ସତ୍ୟ ନ କଲେ ଭଙ୍ଗ,
ତେଜିଲେ ପଛେ ପିତା ସ୍ୱକୀୟ ଅଙ୍ଗ;
ପିତୃପାଳିତ ଧର୍ମ-ବଲ୍ଲରୀ-ବେକ
କେମନ୍ତେ ମୋତ୍ତେ ଦେଖି ଚେତ ହେବକରେ !
ଭରତ କାନ୍ଦି କାନ୍ଦି ପଡ଼ି ଚରଣେ
ବୋଇଲେ,‘ଭଗ ମୋତେ ପଦାଶ୍ରୟଣେ,
ଅବଶ ତେଜ ଅସ୍ତ୍ର-ନଗର ଶ୍ୱଧର
ଗଲେ କି ତାଙ୍କୁ ପ୍ରତିଚାରଇ କର ହେ !’
ପ୍ରଭୁ ବୋଇଲେ, ‘ସ୍ୱର୍ଗେ ଅବନୀଦୁଃଖ
ଖଣ୍ଡନ କରୁଥାନ୍ତି ଶୀତଳମୁଖ !’
ଭରତ ବିନୟରେ ଦେଲେ ଉତ୍ତର,
‘ଶଶୀଙ୍କ ଚାଳିଥାନ୍ତୁ ଶ୍ୱଶୁର-କର ହେ !
ରତ୍ନପାଦୁକା ଦେଇ ମୋ ଶିରଦେଶ
ବହିପାରିବ ମସ୍ତ ଯୋଗତେ ଶେଷ;
ମସ୍ତକେ ଶୋଭୁଥିଲେ ପାଦୁକାମଣି,
ଅନୁକୂଳ ମୋତେ ମଣିବେ ପାଣି ହେ !’
ପାଦୁକା ଦେଲେ ପ୍ରଭୁ ଭରତ କରେ,
ଘେନିଲେ ବୀର ତାହା ସ୍ୱମସ୍ତକରେ;
ବାହୁଡ଼ି ବୀରମଣି ପାଶୁ ଚଳିଲେ
ଲାଗିଲେ ରାଜଲକ୍ଷ୍ମୀ-ଦୁଃଖ-ମୋଚନେ ଗୋ !
ଚଉଦ ବର୍ଷ ସେଠେ ଆମ୍ଭର ପଥ
ଅନାଇଥିଲେ ତହିଁ ଲାଗିଲା ରଥ,
ଶାଶୁମାନଙ୍କ ପଦଧୂଳି ଗ୍ରହଣ—
କଲି ମୁଁ ରଥୁଁ କରି ଅବରୋହଣ ଗୋ !
ସାନୁଜ ସପତ୍ନୀକ ପ୍ରଭୁଙ୍କୁ ଭେଟି,
ଭରତ ମୁଦ-ନଦେ ମନ ମଜ୍ଜାଇ,
ପାଦୁକା ପ୍ରତ୍ୟର୍ପଣ କରି ସ୍ୱହସ୍ତେ
ପ୍ରଭୁଙ୍କୁ ପୂଜାକଲେ ହର୍ଷ ହୃଦରେ ଗୋ !

ମୋ’ କାନ୍ତ ରାଜା ହେଲେ, ମୁଁ ହେଲି ରାଣୀ,
ସେବଲି ପଦ ପ୍ରଭୁ-ମାନସ ଜାଣି;
ମୋ’ ମନେ ଯେତେ ସାଧ ହୁଏ ଉଦିତ,
ସକଳ ହୁଏ ତାହା ସୁସମ୍ପାଦିତ ଗୋ !
ରାଜ-ଦମ୍ପତି ବସି ପ୍ରୀତି-ନାବରେ
ବିହାର କରୁଥିଲୁଁ ସୁଖ-ସାଗରେ,
ସମ୍ପଦ-ତରଙ୍ଗରେ ବହୁ ବାସର
ମଜ୍ଜାଇଦେଲୁଁ ହୋଇ କୌତୁକପର ଗୋ !
କେ ଜାଣିଥିଲା ମୋର ଲଲାଟେ ବିଧି
ଅସୀମ ଦୁଃଖ-ଲିପି ରଚିଛି ଲିଖି,
କପଟରୂପୀ ଘୋର ବଜ୍ରବାନଳ
ଉପୁଜି ଧ୍ୱଂସ କରିଦେବ ସକଳ ଗୋ !
ଦିବସ-ଶୋଭା-ଶେଷ-ରଞ୍ଜିତ ନଭ
ସଦୃଶ ସତ୍ୟ ଶେଷ ହେଲା ମୋ ଗର୍ଭ;
ଦୋହଦ ପୂରଣେ ମୋ ହେଲେ ତତ୍ପର
ପ୍ରାଣେଶ ଦିନୁଦିନରେ ଅଧିକତର ଗୋ !
‘ବିପିନ-ବାସିଙ୍କ ସଙ୍ଗ କରିବେ
ଜୀବନ୍ତୁ’ ବୋଲି କାନ୍ତ କହିଲେ ଦିନେ;
ସେହି ରଜନୀ ସହି, ନୋହୁଁ ପ୍ରଭାତ
ଲକ୍ଷ୍ମଣ ସଙ୍ଗେ ମତେ ପଠାଇଲେ ନାଥ ଗୋ !
ଲକ୍ଷ୍ମଣ ଆଣି ମୋତେ ଜାହ୍ନବୀ-ତୀରେ
ନାବୁଁ ଓହ୍ଲାଇ ଯାହା କହିଲେ ଧୀରେ—”
କହି ନିରୁତ୍ତ ହେଲେ ସତୀଙ୍କ କଣ୍ଠ,
କାନ୍ଦିଲେ ଗୁର୍ଷି ଆସେ ସୁଷଣ କଷ୍ଟ ସେ !
ଭିଜିଲେ ଅନର୍ଗଳ ଲୋତକ-ସ୍ରବେ,
ଧରିଲେ ମୁନିସୁତା ତାଙ୍କୁ ସତ୍ୱରେ;
କାନ୍ଦିଲେ ନିଜେ ମୁଣ୍ଡେ ମୁଖ ଲଗାଇ,
ଶୁଣି ତାପସୀମାନେ ଆସିଲେ ଧାଇଁ ସେ !
ବେଳକି ଦେଇ ବେଗେ କୁଟୀରେ ଯାଇ
କହିଲେ ନାନା କଥା ଭାଳି ଭୁଲାଇ,
ପାଦରେ ଜଳଦାନ ପୁଷ୍ପଚନ୍ଦନ—
ପ୍ରଭୃତି କଥା ନେଇ କଲେ ଶାନ୍ତ ସେ !

# ଅଷ୍ଟମ ସର୍ଗ

(କେଦାର-କାମୋଦୀ)

ଜୀବନେ ଯଉବନ ବଢ଼ିଲା ସମ
ବସନ୍ତ ବଢ଼ି ବନେ ହେଲା ଗ୍ରୀଷ୍ମ;
ସୀତା-ଶରୀରେ ଯଥା ହୁଏ ପ୍ରଖର
ପ୍ରଚଣ୍ଡତର ହୋଇ ଆସିଲା ଖରା ।
ଦୁଃଖ-ବହ୍ନି-ସେକତୁଲ୍ୟାର ପରି
ସଞ୍ଚାର କଲା ମୁନି-ଦୁହିତା ହୃଦେ ।
ତୂଳା ଉଡ଼ିଲା ଫାଟି ଶାଲ୍ମଳୀ ତରୁ,
କୃପଣ ଧନ ଯାଇ ଉଡ଼େ ଖାତରୁ ।
ପଲାଶ ଅଙ୍ଗେ ନାହିଁ ପୂର୍ବ ସୁରଙ୍ଗ,
ଅନିତ୍ୟ ଏହିପରି ଭବ-ପ୍ରସଙ୍ଗ ।
ତାପେ ଅଧିକତର ମଞ୍ଜି ଫୁଟିଲା,
ଅଧିକ ବାସ ତାର ଅଙ୍କୁ ଲୁଟିଲା ।
ସାଧୁ-ହୃଦୟ ତାପେ ହୁଏ ଅଟଳ,
ବଢ଼ଇ ହୁଏ କାନ୍ତି-ଯଶ ଧବଳ;
କୁଟଜ ଅନାକୁଳ ତାପ ବିରହେ
ସାଧନା ଫଳ ଧୃତି ଅନନ୍ୟ ରୀତେ ।
ଏକ ହୃଦୟୁ ଦୁଇଁ ଗଲେ ବାହାରି,
ଦ୍ରିଷମେ କରୁଥିବା ବାସ ହଜାରି;
ବରଷା ହେବେଲେ ମଞ୍ଜି ହେବ ଶୀତଳ,
ଶାନ୍ତି ଲଭିବେ ଜୀବଜନ୍ତୁ ସକଳ ।
କଦମ୍ବ କେତକୀ ତ ବାସକୃପଣ
ନୁହନ୍ତି, କରିବେ ସେ ଲୋକତର୍ପଣ;
ଅର୍ପଣ କରି ଜନ-ରଞ୍ଜନ ଭାର
ଚେତକୀ ହସି ହସି ତରୁ ସଦାର ।
ଉଦଶ୍ରୀ କମଳିନୀ ଉଠାଇ ମଥା
ସହର୍ଷେ ସମର୍ଥନ କରି ସେ କଥା
ବୋଇଲା ମୁହିଁ ଥାଇ ଭ୍ରମର ସଙ୍ଗେ
ଖେଳିବି କାଳ-ସିନ୍ଧୁ-ତୁଙ୍ଗ-ତରଙ୍ଗେ ।

ମଞ୍ଜି ବୋଇଲା ତାହା ପାରିବୁ କାହିଁ ?
ତୋ କାନ୍ତ ଶୁଦ୍ଧ ତୋତେ ଛାଡ଼ିବେ ନାହିଁ ।
ବୋଇଲା କମଳିନୀ ଫୋଟିଲେ ଘନ
ଛାଡ଼ିବେ ନାହିଁ କାନ୍ତ ମୋର ବଦନ ।
ବିରହେ କରି କଷ୍ଟ ଦିନ ଯାପନ
କରିବି ଭବ-ବ୍ରତ ଉଦଯାପନ;
କାନ୍ତ ମୋ ଘନ ଭେଦ ପାରନ୍ତି ନାହିଁ,
ସହନ୍ତି ଦୁଃଖ ଲୋକମଙ୍ଗଳ ପାଇଁ ।
ଅଧିକ ଦିନ କାନ୍ତ-ପ୍ରେମାନୁରାଗ
ଭୋଗ କରିବି କାହିଁ ? ନାହିଁ ମୋ ଭାଗ୍ୟ;
ତାଙ୍କ ଚରଣ କରୁଥିବି ସ୍ମରଣ,
ମରଣ ନେବ ମୋତେ କରି ବରଣ ।
ଏ ଜନ୍ମେ କଷ୍ଟ ଦିନ ସହିଲେ ଦୁଃଖେ
ଦେଖିବି ପର ଜନ୍ମେ ସ୍ୱାମୀ-ଶ୍ରୀମୁଖ;
ସେକଥା ଜାନକୀଙ୍କ କର୍ଣ୍ଣ-ଶ୍ରବଣେ
ପଶିଲେ ଆବରଣ ମଣି ଜୀବନେ
ବୋଇଲେ ପଦ୍ମିଣୀ ଗୋ ଅଟୁ ସାଧବୀ,
[୧] ଦିଶୁଛି ତୋତେ ପୁଣ୍ୟମୟୀ ପଦବୀ;
ବିଶ୍ୱରେ ମୁହିଁ ତୋର ଅଟେ ଭଗିନୀ,
ତହିଁ ଉପରେ ପୁଣି ଭାଗ୍ୟ-ଭଗିନୀ ।
ତୋ ପରି ସ୍ୱାମୀ-ସ୍ନେହ ଲଭିଲି ବନେ
[୨] ସ୍ୱଚ୍ଛ ଅମୃତମୟ ଦୁଃଖ ଭବନେ;
ତୋ କାନ୍ତ ପ୍ରଭାକର ଦିବସ-ନାଥ,
ସେ ବଂଶେ ଜାତ ଧରା-ନାଥ ମୋ କାନ୍ତ ।
କହୁଛି ଯାହା ନିଜ ଅନୁଭବ ଗତ,
[୩] ଆଉଁ ମୁଁ ଲଭିଲି ସେହି ପନ୍ଥ,
ଧନ୍ୟ ତୋ' ହୃଦ, ଧନ୍ୟ ଧନ୍ୟ ତୁ ସନ୍ତ,
ଜୀବନେ ମୋର ଦିଅ ତୋ' ଶୁଦ୍ଧି-ମନ୍ତ୍ର ।

୧ । ପଦବୀ — ପଥ । ୨ । ଅମୃତ—ସୁଧା ଓ ଜଳ । ୩ । ପନ୍ଥ—ମାର୍ଗ ।

ଲୋକ-ବଦନେ କରି ଦୁଃଖ-ଅର୍ଜନ
କରୁଅଛନ୍ତି କାନ୍ତ ତୋମାତେ ବର୍ଜନ;
ମୋ' ସ୍ୱଗଣ ସଦାକାଳିକ ସ୍ୱର୍ଣ୍ଣ-ଦର୍ପଣ
କ୍ଷମ ହେବ କି ? କହ ଧବା ଉର୍ଣ୍ଣିତନ !
ଶୀତଳ-ଶତଦଳ-ଦଳରୁ ତରଳ,
ଘନ ଶ୍ୟାମଳ-ବକ୍ଷ-ପଲ୍ଲୀଜଳେ
ମଧ୍ୟାହ୍ନ କଟାଇଲେ କୋକ-ଦମ୍ପତି,
ସୁଜ୍ଞସ୍ପର୍ଶୀକ ସହଜ ଶେଜ ତା' ପତି ।
ଚଞ୍ଚୁର୍ତ୍ତୀ କାଚନ୍ତ୍ରିକ କାଣ୍ଡରୁ କଣ୍ଟ
କମଳ-ବଦନ ଲମ୍ବ-ଲମ୍ବିନ ରଚି
ଛତ୍ର-ବିଶାଳ-ଫଣ-ବିପିତେନ ବଣା
ହୋଇ ଅକ୍ରମେ ନେଲେ ବକ-ତାରୁଣୀ ।
୧ ଉଦନ୍ତି ଶତପତ୍ର-ଫଣ-ଉଦରେ
୨ ଚଢ଼ି ତେଜସ୍ୱୀ କର୍ମୀ ଧାଏ ଉଦକରେ;
କଣ୍ଟକି କୁମୁଦମ ବଙ୍କା ନାଡ଼ରେ
ନ ବସୁଁ ଉଡ଼ିଁ ମାତର ଭଣ୍ଡୁର ଉଡେ ।
ବିଷାଦେ ବସି ପିକ ରସାଳ-ଡାଳେ
କାକ କୁଳସ୍ତୁ-ଆଶେ ପକ୍ଷ-ଉଡ଼ାଇଲେ
ପିପାସା ସହି ଶୁକ୍ତିକୁ ଧ୍ୟା ନ ଭାବିଲ,
କୃତିଛି ପେଟରୁ ଭସ୍ମ କରି ଭୁଞ୍ଜାଇଲ ।
୩ ନଚାଉ ନାହିଁ ଚମୀ ବିସ୍ତାରି ପୁଚ୍ଛ,
ପୁଚ୍ଛ-ମୂଳ-ସୁରଙ୍ଗ-ଚାଳିକ-ଗୁଚ୍ଛ,
୪ କଲହଚ୍ଛ ନାହିଁ ରଙ୍ଗେ ବୁଲିଇ ପତ
ପୋଦର ରହିଁ କୋପେ ବସାଇ କପଷ ।
ଯୁଝାଇଥାଏ ଯିନା ତାକୁ ଆହାର,
ନଖୁଷା ଭ୍ରୁତା ରକ୍ଷୁ ହୁଏ କାହାର ?

ବସିଛି ପାଳ କାଟେ ପୂର୍ଣ୍ଣ ଉଦରେ
ବିଶାଳ ଶାଳତରୁ-ଡାଳେ ମୁଦରେ ।
ମନ୍ଦୁକ-ବଦନେ ବସି ଶୁକ ସକଳ
ଦଗ୍ଧଜଦ-ବଂଶତେ କାଟି ମନ୍ଦୁକ-ଫଳ
ଦ୍ୱିଜ-ସ୍ୱଗବେ କରୁଛନ୍ତି ଅଙ୍କନ
୫ ପୁଷ୍ଟ ଚୋଳି କା ଭଗ-ବୁଦ୍ଧି ଲକ୍ଷଣ ।
ତନଥା-ତଟ-ବଟ-ଛଟପି ତଳ
ନବଶ୍ରେ କଡଳସ୍ତୁ-ଛାସ୍ତା-ଶୀତଳ,
ପାଣ୍ଡି କୁଟିଳ-ବାପ-ପୁଣ୍ଡି-ଉଚ୍ଚେ
ସମ୍ପତେ ହ୍ରିଷ୍ଣୁ ଶାନ୍ତି-ଚରଣେ ଭଜେ ।
ବାଲ୍ମୀକି ବସି ତହିଁ ଜ୍ଞାନ-ନୟନ
ପିଠାଇ ଦେଖୁଛନ୍ତି ଗ୍ରାମ୍ୟ ପୁରାଣ,
ତାପସ-ବୃନ୍ଦ କାହିଁ କେ ଅଧ୍ୟୟନ,
କେ କାହିଁ କରୁଛନ୍ତି ବେଦ-ଗାୟନ ।
ତୃଣ-ଗଭୀର-ଘରେ ଅଳସୀ ସୀତା
ତାପସୀ ପଦ୍ଧିରେ ହୋଇ ବେଷ୍ଟିତା
ନଞ୍ଜତ୍ରି କୁଞ୍ଜତରେ ଛଳବାସନେ
ଶାନ୍ତି ସେବନ୍ତି ବସି ସ୍ମିତ-ଦର୍ପଣ ।
ଚକ୍ଷୁ-ପୁତ୍ତ କ ସେ ଚନ୍ଦ୍ରମଣ୍ଡଳ
୬ ରାକା-ବିଦାରେ ବତେ ଅସ୍ତ-ଅଚଳ;
ସନ୍ଧ୍ୟା-ପାଣ୍ଡୁର-ଚଣ୍ଡୀ ଶ୍ୱେତ-ପଟଳ,
ଶିଶିର ଧରି ଧୂମ ନମ୍ବକ-ଜଳ ।
ତାପସୀ-ମଧ୍ୟେ ରହି ଶ୍ରୀରାମ-ରାଣୀ
ଲଜ୍ଜା-ବିଷାଦୀ-ବୃତ୍ତି ସ୍ତ୍ରୀତ୍ୱକୁ ଆଣି
ଶୁଣନ୍ତି ତାପସୀଙ୍କ ସ୍ୱର୍ଗୀୟ ଗାନ,
ଘଷତୀ ନାରଦଙ୍କୁ ମନ୍ଦ ଦ୍ୱଜବ ।

୧ । ଉଦରେ—ଗର୍ଭରେ । ୨ । ଉଦକରେ—ଜଳରେ ।
୩ । ଚମ୍ପା—ସମଦର୍ଶୀକ ପକ୍ଷିବିଶେଷ । ଏହାର ପୁଚ୍ଛ ଦେଖିବା ନିମନ୍ତେ ଲୋକେ (ବିଶେଷତଃ ଶିକ୍ଷିତ ଲୋକେ) ଏଣା ପୋଷଣ କରିଥାନ୍ତି—ବୁଲବୁଲ । ୪ । ଏକ ଚମ୍ପା ଅନ୍ୟ ଚମ୍ପାପକ୍ଷୀକୁ ଦେଖିଲେ ମତ୍ସରୋଦ୍ଦେଶ୍ୟରେ ପକ୍ଷ ଗୁଜନ କରି କହି ଯେଉଁ ମଧୁର ରବ କରିଥାଏ, ତାହାକୁ କହଳିବା କହନ୍ତି । ୫ । ଶୁକପକ୍ଷୀ କାଟିଥିବାର ଚୋଳିକୁ (ମନ୍ଦୁଲ ଫଳ) ଦେଖି ଅନେକେ ବୁଦ୍ଧିଜଡ଼ିସ୍ତ କରିଥାନ୍ତି । ୬ । ରାକା—ପୂର୍ଣ୍ଣିମା ।

ମଦନ ପଡ଼ିଗଲେ ଯାଉ ବାତ-ନନ୍ଦନ
ବାତଦେବଙ୍କୁ କଲେ ଅଭିନନ୍ଦନ;
ତାନ-ଭୁଲନ୍ତରୁ ଦେଖି ସାଦରେ ଝମ୍ପ,
ପ୍ରସାଦ ଲଭୁଥିଲେ ଶୀତଳ-ବାତ ।
ଏକାଦିନ ଆସେ ଆସି ଚିନ୍ତା-ହୃଦୟା
ବୋଇଲି ବଚନରେ ବିନୟ ଭରି,
"ଦେଖ ଗୋ ! ଦ୍ୱାରେ ଆସି କେତେକ ଜନ
ଦୂରଦେଶୁ ଲୋଡ଼ୁଛନ୍ତି ତୁମ୍ଭ ଦର୍ଶନ ।
ବହୁତ ଦୂରୁଁ ଆସିଅଛନ୍ତି ସେହି,
ଧନ୍ୟ ଦକ୍ଷିଣା ଦେଖି ନାହିଁ ଏ ଥର !
ଦେଖିଲେ ମନୋହର ରୂପ ତାଙ୍କର,
ହୃଦୟ ହୋଇଯାଏ ପ୍ରୀତି-ଅନ୍ତର ।"
ଦେବୀ ବୋଇଲେ, "ସଖି, ଅଣ ସତ୍ୱର,
ଧନ୍ୟ ମୋ ଭାଗ୍ୟ ! ମୋପରେ ଏତେ ଆଦର
ତାଙ୍କ ଦର୍ଶନେ ମୋର ନୟନଦ୍ୱୟ,
ଜଳିବେ ପାପ-ତାପ ଅବଶ୍ୟ କ୍ଷୟ ।"
ଦେବୀ ଆଦେଶେ ଜଣେ ପ୍ରଥମେ ଆସି
ବୋଇଲି ମୃଦୁ-ମନ୍ଦ ହାସ ପ୍ରକାଶି,
ସ୍ୱର୍ଗ-ପତିତ ବାରିଦ ପରି
ପ୍ରଣୟ-ବାଣୀ ସୁଧା ସେଚନ କରି
"ଦେଖ ଗୋ, ପ୍ରଭୁକଥା ଅଛି କି ମନେ ?
ଚରଣ ଦେଇଥିଲ ମୋର ସଦନେ,
ତୁମ୍ଭ ଶ୍ରୀଅଙ୍ଗ ତେଜେ ମୋ' ଅବୟବ
ଲଭିଛି ଏହି ଦିବ୍ୟ-ପ୍ରଭା-ବିଭବ ।
ସେ ପୁଣ୍ୟ-ବ୍ୟସଦେଶେ ମୋର ଶରୀର
ସୁରଭି ଆନନ୍ଦରେ ହୋଇ ଜର୍ଜର;
କୁସୁମକୁଳ ହୋଇ ପ୍ରଫୁଲ୍ଲ-ଆସ୍ୟ
ଦିଅନ୍ତି ନନ୍ଦନକୁ ଦେଖାଇ ହାସ୍ୟ ।
ସଦ୍ଭାବ-ଭର ହୋଇ ଚିରବାସିତ
ଗିରିବାସିଙ୍କି କରେ ସମ୍ଭାଷିତ;
ପ୍ରୀତିପାଳିତ ତୁମ୍ଭ ମୟୂରଗଣ
ଉଚ୍ଚେ କରନ୍ତି ନିତ୍ୟ ଗୁଣ ଗାୟନ ।
ତୁମ୍ଭ ଦର୍ଶନ-ଆଶା ରଖି ଅଟଳ
ଥରକୁ ଥର ଆସି ମେଘ-ପଟଳ,
ଲୋଡ଼ନ୍ତି ଭ୍ରମି ଭ୍ରମି ଦଶଦିଗ ଦଶା,
କାହିଁ ଅଛନ୍ତି ବୋଲି ସୀତା ସୁନ୍ଦରୀ ।
ଶୁଣନ୍ତି ମୋତେ ମନ୍ଦ୍ର-ଗମ୍ଭୀର-ସ୍ୱରେ,
ମାନନ୍ତି ନାହିଁ କେବେ 'ନାହିଁ' ଉତ୍ତରେ ।
୧ ଖୋଜନ୍ତି ପୁଣି ଶମୀ-ଆଲୋକ ଧରି
କିମ୍ପାଇଁ ଅଛି ବୋଲି ସୀତା ସୁନ୍ଦରୀ ।
ଚିନ୍ତା କି ଦେବ, ଆଜି ଏ ଭାଗ୍ୟୋଦୟ ?
ଆସିଛି ଶ୍ରୀଚରଣୁ ଅନେକ ଧନେ,
ତୁମ୍ଭ ଚରଣ ରଜ ମଣ୍ଡି ମୁକୁଟ
ହୋଇଛନ୍ତି ଭାଗ୍ୟବାନ 'ମୁଁ ଚିତ୍ରକୂଟ' ।"
ତା' ପରେ ଉଭା ଏକ ନବ ରଙ୍ଗିଣୀ,
ସ୍ୱଚ୍ଛ-ଉଜ୍ଜ୍ୱଳ-କାନ୍ତି ମଣ୍ଡ-ଅଙ୍ଗିନୀ,
ଘୋର ଆତପ-ତାପ-ଦର୍ପ-ଗଞ୍ଜିନୀ,
କାନନ-ସୁନ୍ଦରୀଙ୍କ ଚିର-ସଙ୍ଗିନୀ;
ଗଳଶୋଭିତ ଚିତ୍ର-ମଲ୍ଲିକା-ମାଳେ,
ମଧୁରକ ମନୋହର ଲଲାମ ଭାଳେ,
କର୍ଣ୍ଣ-ଭୂଷଣ ଜମ୍ବୁ ଫଳ ରତନ,
ଶୁକ୍ତି କରନ୍ତି କଟି-ଭୂଷା ଯତନ;
କାନନବାସି-ମୁନି ମନମୋହିନୀ,
ସୂକ୍ଷ୍ମ-କୁଟିଳ-ଜାଳ ବେଣୀ-ଶୋଭିନୀ;
କୋମଳ କଳସ୍ୱରେ ପ୍ରସନ୍ନ ମୁଖେ
ମଧୁରେ ଜଣାଇଲି ସତ୍ୟ-ସନ୍ତୁଷ୍ଟେ,
"ଦୂରୀଲେ, କୃତଜ୍ଞତା ଯେନ ମୋହର,
ମୁଁ ଚିରଋଣୀ ସ୍ନେହ-ଋଣେ ତୋହର;
ଶୁଝିବି ଋଣ କାହିଁ ? ନାହିଁ ମୋ ଶକ୍ତି,
କୃତାର୍ଥ କର ପୁଣି, ଯେନ ମୋ ଭକ୍ତି ।

୧ । ଶମୀ—ବଜୁଳି ।

ମଧ୍ୟରେ ତୋମ୍ଭ ଶତ ନାହାନ୍ତି କେତେ ?
କେ ଜାଣି ଯାଇଅଛି ତୋ କୃପା ଏତେ ?
ତୋ ଶୁଭ-ଦୃଷ୍ଟି ପାତ ଲଭିଲି ଯେଣୁ
୧ ମୋ ବାଲି ହୋଇଅଛି ସୁବର୍ଣ୍ଣ-ରେଣୁ;
ସ୍ନେହରେ ଭିଜି ବାରୁ ତୋ ବାତ୍ସଲ୍ୟରସ,
୨ ମୋ ଉର କଣ୍ଠେ ଦେଲୁ ହୀରକ-ଦେଶ;
ଥାଇଁ ଗିରୀନ୍ଦ୍ର-ସୁତା ନୃସିଂହ ପଦ,
ତୋ ତଟ୍ଟ ଉପାନ୍ତରେ ମୁଁ 'ମହାନଦୀ' ।"
ଅଇଲା ଗୋଦାବରୀ ଖଣ୍ଡ-କାୟା,
ବଦନେ ଚହିଅଛି ବିଷାଦ-ଛାୟା,
ବାଳକେ କରି କରି ଅଶ୍ରୁ-ମୋଚନ,
ଅଞ୍ଚଳେ ପୋଛି ପୋଛି ପଦ୍ମ-ଲୋଚନ,
ବିବିଧ ରତ୍ନମାନ ଉଜ୍ଜ୍ୱଳ ରଙ୍ଗେ
ରଞ୍ଜିତ କରି ଆଣିଥିଲା ତା ସଙ୍ଗେ,
ସନ୍ତାନ ଅନୁମତି ନେଇ ସତ୍ୱର
ଫିଟାଇ ଦେଖାଇଲା ସ୍ତରକୁ ସ୍ତର ।
କାହିଁ କୁସୁମାବଳୀ ବଲ୍ଲୀରୁ ଝଡ଼ି
୩ ଖରାଂଶୁ-ଖରାଂଶୁରେ ଯାଉଛି ସଢ଼ି,
ପାଦପମାନେ ଶୁଷ୍କ-ପତ୍ର-ଶେଷେ
ମଳିନ ବେଶେ ରହିଛନ୍ତି ନିସ୍ତେଜେ;
କାହାର ଶାଖାଟିଏ ହୋଇ ବିରସ
ବଳକ ଛାଡ଼ି ନାହିଁ ପାଦପ-ଅଙ୍ଗ,
ଭୂମିପଟେ ମାଗୁଅଛି ଶରଣ,
କା' ଶିର ଚୁମ୍ବି, କାହା ଧରି ଚରଣ ।
ଭକ୍ତି-ପୁଷ୍ପରେ ପୂରି ଦେହ ସଜଳ,
କାହା ଦେହର କରୁଅଛି ଧବଳ;
କେଉଁଠି ବା ଲୁତାଜାଲ ନୀଳ-ବାସ
ବଦନେ ଢାଙ୍କି କାଟୁଅଛି ଉଲ୍ଲାସ;
ମଣ୍ଡୂକ-ଦଳ ଶୁଣି ବକ-ବନ୍ଦନ
ମୁଣ୍ଡଟି-ସ୍ତବକେ ଯାଉଛନ୍ତି ବନ୍ଦନ;
କେତେ ବା ଲୁଚି ଲୁଚି ଉଠେ କଟକେ,
ଉଦର ପୋଷୁଛନ୍ତି ବସି ନିଶ୍ଚଳେ ।
ବନ୍ୟ ମହିଷ କାହିଁ ଦଳକୁ ଦଳ
ପଙ୍କିଳ କରୁଛନ୍ତି ସରସୀ-ଜଳ;
ଶୂକର-ଶାବ ହୋଇ କର୍ଦ୍ଦମ ଲିପ୍ତ
୪ ଲୁଲାପ-ପଦେ ହେଉଅଛନ୍ତି କ୍ଷିପ୍ତ ।
କାହିଁ ବା ଅଜଗର ଆହାର-ଆଶେ
ପଡ଼ିଛି କାଷ୍ଠ ସମ ସଲିଳ ପାଶେ;
ତା' ପାର୍ଶ୍ୱେ ଦୃଷ୍ଟି ମୃଗତୃଷ୍ଣା-ସରଣୀ
୫ ଶାର୍ଦ୍ଦୂଳ ଲୁଚି ଚାହିଁଅଛି ସୁଦର୍ଶୀ ।
ପୁଣି ଦେଖିଲେ ଘୋର ଦାବ-ଦହନ
ଧୂମ-ତମିରେ ଦୃଷ୍ଟି କରି ଗହନ,
ଅସଂଖ୍ୟ-ଶାଖା ଶିଖ ଶିଖା ପ୍ରଚଣ୍ଡ
କେଉଁ ମିଶୁଛି ନଭେ ଝଞ୍ଜାକୁ ଝଣ୍ଡ ।
ଜ୍ୱଳନ୍ତ ପାଦପରୁ ଛୁଟି ଦହନ,
ଧୂମ-ବାହନେ କରୁଛନ୍ତି ଗମନ;
ଦୂରୁ ପାଦପେ ବସି ସମ୍ବାଦ କହି
୬ ତା ପରେ ଦେଉଛନ୍ତି ତାଙ୍କରେ ଦହି ।
କେତେ ପତର ଉର୍ଦ୍ଧ୍ୱ ପଥେ ମଳିନ
ହୋଇ ଗଗନେ ହେଉଅଛନ୍ତି ଲୀନ,
୭ ପତଙ୍ଗୀ କେତେ ଉଡ଼ି ପଳାନ୍ତି ନଭେ
କେତେ ବା ପଡୁଛନ୍ତି ଅନଳ-ଗର୍ଭେ ।

---

୧ । ମହାନଦୀର ବାଲିରେ ସ୍ୱର୍ଣ୍ଣରେଣୁ ମିଳେ । ତାହାକୁ ଏ ଦେଶୀୟ ଝୋରାମାନେ ସଂଗ୍ରହ କରିଥାନ୍ତି ।

୨ । ସମ୍ବଲପୁରର ଅନତିଦୂରରେ ମହାନଦୀଗର୍ଭରେ ହୀରାକୁଦ ନାମରେ ଗୋଟିଏ କୁଦ (କ୍ଷୁଦ୍ର ଦ୍ୱୀପ) ଅଛି । ଏଠାରେ ହୀରା ମିଳିବାର ଜନରବ ଅଛି ।

୩ । ଖରାଂଶୁ—ସୂର୍ଯ୍ୟ, ଖରାଂଶୁ—ପ୍ରଚଣ୍ଡ କିରଣ ।

୪ । ଲୁଲାପ—ଯେ ପଙ୍କରେ ଲୋଟିଥାଏ ସେ ଅର୍ଥାତ୍ ମହିଷ । ୫ । ସୁଦର୍ଶୀ—ଦୂରରୁ ଗ୍ରାହକ । ୬ । ତା ପରେ—ତାଙ୍କ ଉପରେ । ତାପରେ—ତତ୍ପରତାରେ ।

୭ । ପତଙ୍ଗୀ—ପକ୍ଷୀ ।

ମୃଗ ମହିଷ ଗଜ ଦଳକୁ ଦଳ
ଦେଖି ଶୂକର ଶିବା ଭଲ୍ଲୁକ-ଦଳ,
ଧୂମପଟଳେ ମଣ୍ଡି ବୃକ୍ଷେ ଅନେକ
୧ ଅଛନ୍ତି କାନ୍ଦିଶୀକ ହୋଇ ବନକେ ।
୨ ଶୁକ ପକ୍ଷୀ-ତତି ପ୍ଲବଙ୍ଗଗଣ
ହଲାନ୍ତି ତହିଁ ତରୁ କରି ପ୍ଲବନ;
ଶାବକ ଧରି ପୁଟିସୁ କେହ୍ନ ବା କତେ
ଧାଉଁଛନ୍ତି ଧୂମ ସଙ୍କଟ ଲକ୍ଷେ ।
୩ ସ୍ତମ୍ଭିତ-ସଇକତ-ସ୍ରୋତ-ଅନୂକ;
୪ ଉଠିଅଛନ୍ତି ଜଳୁ ହୋଇ ଆକୁଳ,
ବୋଇଲ ଗୋଦାବରୀ, "ଦେଖିଲୁ ବତ୍ସେ,
ଜାଣିଲା ଦଶା ତୋର ହୁଣ୍ଡିବା ଏତେ ।"
ବୋଇଲେ ସତୀ ପର-ଦୁଃଖକାତରୀ,
"ହା ! ହା ! ଜଣିଲା ମୋର କେଳି-ଉପରୀ,
ଧନ୍ୟ ହୁଅନ୍ତି କରିଲ ସନ୍ତତି ଦ୍ୟୁ
ମୋ' ନେତ୍ର-ପଥେ ତୋର ଶାନ୍ତିର ଛବି ।
ଅଯୋଧ୍ୟା ତହୁଁ ସଙ୍ଗ ସ୍ମୃତିରେ ଦେଖା
କରି ପଡ଼ିଲା ରାଜଲକ୍ଷ୍ମୀର ଲେଖା,
ଶୋକ-ଗଦ୍‌ଗଦ-ଦୁଃଖ-ବିକୃତ ସ୍ୱରେ
କମ୍ପିତ ଓଷ୍ଠୁ ଲକ୍ଷ୍ମୀକର ଉତ୍ତରେ,
"ସଖି, ମୁଁ ଜଣା, ଭୁଲି ଥିଲୁ କେଁ ମୁଦ,
ଗଲୁ ମୋ ନେତ୍ର-ପଙ୍କ-କୁମୁଦ ମୁଦ,
ତୋ ବିନା ନାହିଁ ଆଉ ମୋ' ସୁଖ ଲେଶ,
ଧରିଛି ଭୂଷା-ହୀନା ଯୋଗୀର ବେଶ ।
ରାଜ-ଭବନ ଆଜି ହୋଇଛି ବନ
ତୋତେହା ବହନ୍ତ ତହିଁ ଦାବ-ଦହନ,
ହୁତବହି, ସବୁ କରି ଦେଇଛି ନାଶ
'ଅଛି କି ଆଉ ପୂର୍ବ-ଶୋଭା-ବିଳାସ ?
ତୋଡ଼ିଛି ସମୁଲ୍ଲାସ-ପଲ୍ଲବମୟ
ଉଦାର ସୌହୃଦ-ପାଦପଚୟ,
ସୁହାସ-ସୁବାସିତ କୁସୁମ-ବନ
ଆହା ସହିତେ ତହିଁ ହୋଇଛି ଧ୍ୱଂସ !
ଶାନ୍ତି-ହରିଣୀ-ଯୂଥ ଧଇର୍ଯ୍ୟ-କପି
ବିଷାଦ-ଧୂମ ତ୍ରାଣ ଅସ୍ଥିର କରି,
ଉଡ଼ିଯା ଏଡ଼ିଚର ଉଦରେ ଯାଇ
ଆକଣ୍ଠ ଦେଇଛନ୍ତି ତନୁ ମଗ୍ନାଇ ।
ଖଳ-ହୃଦୟ ବଳବନ୍ତ ଶ୍ୱାପଦ,
ତାଙ୍କୁ ହିଁ ଘୃଣି ନାହିଁ ସେହି ଆପଦ;
ଏକା ଶ୍ରୀରାମ-ହୃଦ-ସିନ୍ଧୁ-ଅତଳ -
ତଳିତେ ହୋଇଛନ୍ତି ତା' ବାଡ଼ବାନଳ ।
ସତ୍ତ୍ୱ ଗ୍ରାସିଲ ଯଥା ତନ୍ଦ୍ରା:ଗାହି,
ତୋ ବିନା ଅଛି ନୃପ ଆକାର ମାତ୍ର;
ଦିଶନ୍ତି ତନ ମହିମମ୍ୟ ଭାବେ
ଜମ୍ଭୁତ ଯଥା ତାମ୍ରମୂର୍ତ୍ତି ଗଢ଼ଣ ।
ବନ୍ଦୀଙ୍କ ହୃଦେ ଚନ୍ତି ଶାନ୍ତିଏ ବସି,
ହଳିଲ ଶୁଷିଗଲେ ଯଥା ସରସୀ;
ଫଣିର ପ୍ରାଣଧନ ଯେସନ ମଣି,
ତହୁଁ ଅଧିକ ତୋତେ ଥା'ଆନ୍ତି ମଣି ।
କହୋଁ ହେଉଅଛି ପ୍ରମଦ-ବନେ,
ଫୁଲ କା ଫଳୁଅଛି କାହା ନୟନେ ?
ମୃଗନ୍ଦ ଉଠି ଟଳି-ବଣିକ ଯାକ
ଶୁଙ୍ଘାଉଛନ୍ତି ତୃପ୍ତ-କୁନ୍ଦକ-ରାଜ ।

୧ । କାନ୍ଦିଶୀକ—ଯେ ଭୟରେ ପଳାୟନ କରିବାକୁ କୌଣସି ଦିଗନିର୍ଣ୍ଣୟ କରିପାରେ ନାହିଁ ।

୨ । ପ୍ଲବଙ୍ଗ—ଯେ ଡେଇଁ ଡେଇଁ ଯାଏ ଅର୍ଥାତ୍ ବାନର ।

୩ । ଅନୂକ—କୂଳପର୍ଯ୍ୟନ୍ତ ।

୪ । ଆକୁଳ—ବ୍ୟାକୁଳ ।

ବଲ୍ଲୀ-ଯୁବତୀ-ବାହୁ ହୋଇ ଅଧୋମୁଖୀ
ଟୋକେଇ ପୁଷ୍ପର ଯାଉଅଛନ୍ତି ଶୁଖି;
ଶଙ୍ଖ-ମର୍ମର-ସ୍ତମ୍ଭ ରମ୍ୟ ଘଟରେ
ଆସନ କରୁଅଛନ୍ତି ସ୍ତୂପ ଚତରେ,
ଦେବରମାନେ ମାତା ପ୍ରଭୁଙ୍କ କଥା
କଷାଦଭବର ଗୃତ୍ର ବୁଆଇଁ ମଥା ।
ମନେ ନିନ୍ଦିତ-ବାର୍ତ୍ତା ସଥା ଭୁଜଙ୍ଗ,
୧ ଅଥବା ଘର୍ଷଣ-ସୃଣି-ଯୁକ୍ତ ମାତଙ୍ଗ ।
ଭଗିନୀମାନଙ୍କର ଗଣ୍ଡ-ମଣ୍ଡଳ
ନିର୍ଭର କରୁଅଛି କର-କମଳ,
୨ ହୋଇଛି ବିନୁଦନ ତାହାଙ୍କ ତନୁ
୩ ଅସିତ-ପକ୍ଷ-ଚନ୍ଦ୍ର-ସଦୃଶ ତନୁ ।

ସଙ୍ଗୀତ-ସଙ୍ଗିନୀଏ ମୂରଛ ମୁଖ
ନ ଛୁଇଁ ନିଜେ ହୋଇଅଛନ୍ତି 'ମୂକ;
ଡାକ୍ତୀଏ ଟୋର ବାସି-କୁଙ୍କୁମ ଚଇ
ପ୍ରଗାଢ଼ ଦୁଃଖେ ନସ୍ତି ଙ୍କବନ ଧରି ।”
ନ ଖାଇ ପକ୍ଷପାତ ମ୍ଲାନ-ତୁଳସୀ
ଅଯୋଧ୍ୟା ଅବନୀରେ ପଡ଼ିଲା ବସି;
ଜାନକୀ ଦଶ୍ୟାକଣ ଦେଖି ତା' ଦଶା
ଘୋର ସନ୍ତାପେ ଆତେଇ ହେଲେ ବିବଶା ।
ହୋଇଅଛିଲି ଏତେ ଧୀବାବସାନ
ଅଷ୍ଟମ୍ଭ ବାହୁଭିଲେ ସେ' ଗାଥା ଗ୍ଲାନ;
ତାପସୀମାନେ କେଉ ସନ୍ଧ୍ୟା ରଚନା
ନିରତ ହେଲେ ନିଜ ନିଜ ପ୍ରସ୍ତରେ ।

# ନବମ ସର୍ଗ

(ନଟବାଣୀ)

ସନ୍ଧ୍ୟା-ଗର୍ଭସର ଉଦରୁ ଉଦିତ,
ସୁତତମ ହେଲା ଜର୍ଷି ଗୁଣ୍ଠିତର ।
ବର୍ଷିଥିଲେ ହେଲା ଉଠିବା ଦୁଷ୍କର,
ଉଠିଲେ ଦୁର୍ବଳ ହେଲା କଳେବର ।
ଏକାଳେ ସର୍ବଙ୍କ ହେବ ବୋଲି କଷ୍ଟ,
ବର୍ଷା ଆସି କଲା ନିଦାଘ ବିନଷ୍ଟ ।
ଅବସନ୍ନ-ପ୍ରାଣେ ଦେବା ପାଇଁ ବଳ
ଚୌଦିଗେ ଉଠିଲେ ଜଳଦ ଚଞ୍ଚଳ ।
ଜନ୍ତୁ ହଉଥା କ୍ରୋଧ କରି ସୂର୍ଯ୍ୟାତପ,
ଢାଙ୍କିଦେଲେ ତହିଁ ଶ୍ୟାମ-ଚନ୍ଦ୍ରାତପ ।

ଚନ୍ଦ୍ରାତପ-ଗର୍ଭେ ବିଦ୍ୟୁତ ଝଲକେ,
ଟଳକାଇଦେଲା ନୟନ-ପଲକେ ।
ସରଜାମାନଙ୍କ ଘାତ ଜଳ-ବେଣୀ,
ମଣ୍ଡିଦେଲେ ଗଛି ବକ-ମୁକ୍ତା-ଶ୍ରେଣୀ ।
ଉଦ୍ଧାନରୁଁ ଉଚ୍ଚ-କେଶ-ଉତ୍ତୋଳନ,
ଗଣ୍ଡ ଉତ୍ତୋଳିଲେ ମୟୂର ତୋରଣ ।
ସ୍ୱାର୍ଥପର ବଣେ କିଛି ନୋହି ମନୁ,
୪ ବାସବ ଡାକିଲେ ତାହା ମୋର ଧନୁ ।
୫ ନ ସହି ତେବେ କଲା ରତ୍ନାକରପତି,
ମୋ ଉଚ୍ଚ କିମ୍ପା ରହିବ ମୋ' କଥ ।

---

୧ । ସୃଣି—ଅଙ୍କୁଶ ; ୨ । ତନୁ—ଦେହ । ୩ । ତନୁ—କ୍ଷୀଣ ୪ । ବାସବ—ଇନ୍ଦ୍ର (ପୂର୍ବଦିଗପାଳ) । ୫ । ରତ୍ନାକରପତି—ବରୁଣ (ପଶ୍ଚିମଦିଗପାଳ) ।

ଅନ୍ୟ ଋଗଣାଳେ ମାଧୁରୀ ଢାଳି,
କରିଦେଲେ ତାଙ୍କୁ ନବଳ ହେଲେ ଖାଲି ।
ମୃତା-ଦୁଃଖ-ତାପିତ ଚିତ୍ତ ଅବନୀର
ମସ୍ତକେ ବରଷି ଢାଳିଦେଲା ନୀର ।
ନଦୀ ସର ବନ ପର୍ବତ ନ ବାରି
ପର୍ବତଙ୍କ ଶିରେ ଢାଳିଗଲା ବାରି ।
ଭୃଙ୍ଗ-ଝଙ୍କାରର କଦମ୍ବ-ବିକାଶ
ରୂପେ ହେଲା ମହୀ-ପୁଲକ-ପ୍ରକାଶ ।
ବସୁନ୍ଧରା-ବକ୍ଷ ହେଲା ଜଳମୟ,
ଭଗନା ବହିଲା ମାଡ଼ି କୂଳଦ୍ୱୟ ।
ଜାନକୀଙ୍କି ସୁହୀଁ ଆସନ୍ନ-ପ୍ରସବା
ହୃଦେ ତାଙ୍କ ମୃଦ ଉଚ୍ଛୁଳିଲା ଅବା ।
ହ୍ଲାଦ-ବହ୍ନି ତେଜି ପର୍ବତ କାନନ
ତନୁ ମାଜି ହେଲେ ମ୍ରିୟମାଣ-ଆନନ ।
କେତକୀ-କଣ୍ଟକ-ଦୁର୍ଗ-ନିବାସିନୀ
କଣ୍ଟକ-ବନ୍ଧନେ ହୋଇ ଦୁଃଖାଣୀ,
କହିଲା ଡାକି ସେ, ଷଟପଦ-ବନରେ
ବରଷା ଦେଇଦେଲା, ନ ଭାବ ମନରେ ।
କଣ୍ଟକ-ବନେ ମୁଁ ବସେ କଣ୍ଟକିତା,
ବାସ ଯୋଗୁଁ ହୁଏଁ ଭୁବନ-ବନ୍ଦିତା ।
ତାପସୀ-ଗହନେ ହୋଇ ତପସ୍ୱିନୀ,
ଲୋକପୂଜନୀୟା ହେବୁ ମନସ୍ୱିନୀ !
କି କରିବ ଲୋକ-ଲୋଚନ-ଦୂଷଣ,
ନିଜ ଗୁଣ ହେଉ ସ୍ୱର୍ଗୀୟ ଭୂଷଣ ।
କଣ୍ଟା ଦେଖି ଆଜି ନ କଲେ ଶରଧା,
ମୁଁ କିବା ଘୃଣ୍ୟ ସୌରଭ-ସୁରଧା ?
ଶୁଣୁ କସ୍ତୁରୀ ଘୁଞ୍ଚି ସୁଶୋଭନ
ହେଉଣି କଲା ମନ-ନେତ୍ର ପ୍ରଲୋଭନ ।
ବସନ୍ତ କାଳରୁ ଆଇ ଜଳଦାନ୍ତ
ପ୍ରାବୃଟକୁ ଦେଲା କୁସୁମ ଉଦନ୍ତ ।
କମଳ ମଲ୍ଲିକା କୁଟଜ ବଉଳ
ଦୀପିତ ହେଲେ ତହିଁ ଅତିଶୟ ।

ରତ୍ନ ମଣି ତାଙ୍କୁ ଯତ୍ନ କରି ନିତ୍ୟ,
କିନ୍ତୁ କେ ଲଭିବ ଶୁଧାଭାର ମାତ୍ର ?
ଚରି ନ ପାରିଲା ବର୍ଷା ନିଜ ବଳେ,
ତିନେଛେ ଚଢ଼ିଲେ କାକର କବଳେ ।
ଏଥି ହେଲା ଏହା ସତୀଙ୍କର କ୍ଷେପ୍ୟ,
ଆଜୀବନ ସାଧୁ କୁତେହିଁ ଅବକ୍ଷେପ୍ୟ ।
କୁସୁମ ମଣ୍ଡନେ ବାଟିକ ଉତ୍ସବ
ଅନୁଷ୍ଠାନ କଲେ ସୃଷ୍ଟି ଲତା ସବ ।
ସହିତ କି ସତୀଙ୍କ ଚିତ୍ତ-ବିନୋଦନ
ନିମିତ୍ତ ନିର୍ମିତ ପୁରନ୍ତ୍ର-ସଦନ ।
ଘନ-ଘଳାମ୍ବର ଶ୍ରାବଣୀ ରଜନୀ
୧ କରେ ଶିରେ ଧରି ସୁଥିକା ରଜନୀ
ଉଲ୍ଲସିତ ହୋଇ ସତୀ କୁଟୀର-ପ୍ରାଙ୍ଗଣେ
ଉଜାଗରେ ଥାଏ ବେଦନା ହରଣେ ।
ବଇଦେହୀଙ୍କର ପ୍ରସବ-ଲକ୍ଷଣ
ପ୍ରକାଶିତ ହେଲା ଆସି କ୍ଷଣ କ୍ଷଣ ।
ସତୀ କଷ୍ଟ ବହୁ ସହିଲେ ଅଧୀରେ
ଅତି ଆର୍ତ୍ତସ୍ୱରେ ଡାକିଲେ ଦର୍ଦ୍ଦୁରେ ।
ସତୀ ତୃଷା ନେଇ ଚାତକ ଗଗନେ
ଘନ ଘନ ଜଳ ଭିକ୍ଷା କଲେ ଘନେ ।
ବୃଦ୍ଧା ତାପସୀଏ ସତୀ ପାଶ୍ୱେ ଧାନେ
ଲାଗିଥାନ୍ତି କାଳ-ଉଚିତ ବିଧାନେ ।
ନିଶୀଥରେ ନିଶାପତି-ଦୁଃଖହର
ଜନ୍ମିଲେ ସତୀଙ୍କ ଯମଜ କୁମର ।
କୁମାରଙ୍କ ତେଜ ବିଦ୍ୟୁତ ସହିତ
ମିଶି ଦଶ ଦିଗ କଲା ଆଲୋକିତ !
ହରଷେ ବାସବ କଲେ ତୋପଧ୍ୱନି,
୨ ନ ଜାଣିଲା ଲୋକେ ବୋଇଲେ ଅଶନି ।
ସୁରଙ୍ଗନାଙ୍କର ହୁଳହୁଳି ସଙ୍ଗେ
ଘନ ଘଡ଼ଘଡ଼ି ମିଶିଗଲା ରଙ୍ଗେ ।
ଚିରି ବନ ହେଲେ କୁସୁମ-ବରଷୀ,
ନାଚିଲେ କେଦାର, ସରଳ, ସରସୀ ।

୧ । ରଜନୀ—ନବୀନା ବା ଜନଦନ୍ତ ବୃକ୍ଷ ; ୨ । ଅଶନି—ବଜ୍ର ।

ସୀତା-କୁମାରଙ୍କ ଦର୍ଶନଲୋଲୁପ
ଜୀମୂତର ଖସିଲେ ଧରି ଧାରା-ରୂପ ।
ଦରଶନ-ଲୁବ୍ଧ-ହୃଦ ଉଦବେଗେ
କୂଳକୁ ଉଠିଲେ ନଦୀକୂଳ ବେଗେ ।
୧ ସାଗରୁ ବରଜି ପୃଥୁରୋମାଗଣ
ନଦୀ ସଙ୍ଗେ ହେଲେ ନୃତ୍ୟପରାୟଣ ।
ହ୍ରଦ-ସରୋବର-ସେକ- ଜଳ-ପୁଷ୍ଟେ
ଉଠି ମୀନଗଣ ନୃତ୍ୟ କଲେ ହୃଷ୍ଟେ ।
ସମସ୍ତଙ୍କୁ ବଳି ଦର୍ଶନେ ଆକୁଳ
କେଉଁ ଉଠିଗଲା ତାଳତରୁ ତୁଳ ।
ବାଲ୍ମୀକି ମହର୍ଷି ଆସି ତତକ୍ଷଣ
କୁମାରଯୁଗଳଙ୍କୁ କଲେ ସନ୍ଦର୍ଶନ ।
ଭାବିଲେ ଏ ଗୁରୁ-ଶୁକ୍ର-ଗ୍ରହ-ଦ୍ୱୟ
ଏକାଳ ଆଶ୍ରମ-ଆକାଶେ ଉଦୟ !
ମହର୍ଷି ହୃଦୟୁ ପ୍ରଭାତର ପରି,
ଆନନ୍ଦ-କୁସୁମ-ବାସେ ଗଲା ଭରି ।
କୁଶଗୁଚ୍ଛ ମୁନି-ବର ହସ୍ତେ ଘେନି
ମନ୍ତ୍ରି ଅସ୍ତ୍ର ଅଧ କଲେ ଖଣ୍ଡ ଦେନି ।
ଅନୁକମ୍ପା କରେ କରି ସମର୍ପଣ
ବୋଇଲେ, ଶିଶୁଙ୍କୁ କର ସମ୍ମାର୍ଜନ
ଅଗ୍ରଭାଗ ସ୍ପର୍ଶେ ଅଗ୍ରଜେ କର,
ଅଧୋଭାଗେ ତନୁ ମାଜ ଅନୁଜର ।
କଲେ ଅନୁକମ୍ପା ମୁନି ଆଜ୍ଞାମତେ
ଭୂତ-ବିନାଶିନୀ ରକ୍ଷା ସ୍ନେହମତେ ।
୨ କୁଶ ଲବ ଯୋଗେ ସମ୍ମାର୍ଜିତ ତନୁ
ସମୁଜ୍ଜ୍ୱଳ ହେଲା ଶାଣିତ ରତନୁ ।
୩ ତୃଣ ସହଯୋଗେ ଯଥା ବୃହଦ୍ଭାନୁ,
ଅବା ସିନ୍ଧୁ-ଘନ-ମୁକ୍ତ ନବ ଭାନୁ ।
ଜାନକୀ ଅନାନ୍ତେ କୁମରଙ୍କ ମୁଖ,
ହୃଦେ ଆସି ହେଲେ ସୁଖ ସଙ୍ଗେ ଦୁଃଖ ।

ସୁଖ ବୋଇଲା, ଏ ସୂର୍ଯ୍ୟ ଚନ୍ଦ୍ର ପରି
ନନ୍ଦନଯୁଗ ଯେ ଗର୍ଭେ ଥିଲି ଧରି,
ଧନ୍ୟ ଧନ୍ୟ ସେଥୁ ଶତ ବାର ଧନ୍ୟ,
ଏଥୁଁ ବଳି ଭାଗ୍ୟ ହେବ ନାହିଁ ଅନ୍ୟ ।
ଦୁଃଖ ବୋଇଲା, ଏ ନରେନ୍ଦ୍ର କୁମରେ
ଶୋଭୁଥାନ୍ତେ ଆଜି ମଣିମୟ ଘରେ ।
ହୋଇଥାନ୍ତେ ନୃପ-ହୃଦ-ଆନନ୍ଦନ,
ଘନ ଦୁଃଖୀଙ୍କର ଦାରିଦ୍ର୍ୟ-ଖଣ୍ଡନ ।
କେତେ ଧନ ରତ୍ନ ବସନ ଭୂଷଣ
ପାଇଥାନ୍ତେ ଆଜି ପୁରବାସୀଗଣ ।
ପୁର ପୂରୁଥାନ୍ତା ମଙ୍ଗଳ-ନାଦରେ,
ନଭ ପୂରୁଥାନ୍ତା ମଙ୍ଗଳ ବାଦ୍ୟରେ !
ଭାଗ୍ୟ-ଦୋଷେ ଆଜି ତାପସ-ତନୟ—
ରୂପେ ଆସି-ଦେଲେ ତାପସ-ଆଳୟ ।
ସଖୀ-ଦେହୁଁ ଦେବ-ଧାରେ ଜଳ ଦେଇ
ଭୁଲିଲେ ଦୁଃଖ ସୁତ-ସ୍ନେହ ଦେଇ ।
କୁମାରଙ୍କ ରୂପେ ସୀତାଙ୍କ ହୃଦୟ
ହୋଇଲେ ତହୁଁ ଶୁଭ ସୁଖମୟ ।
କୁମାରଙ୍କ ବିନା ଅନ୍ୟତ୍ର ନୟନ
ବୁଲିବାକୁ କେତେ ହେଲା ନାହିଁ ମନ ।
ଜନନୀ-ନୟନ-ସ୍ନେହୋଜ୍ଜ୍ୱଳ ରଙ୍ଗ
ରଞ୍ଜି ନିସ୍ପର୍ଶ କୁମାରଙ୍କ ଅଙ୍ଗ,
ଦେଖ ତନେକେ ଆସିଲା ଶୋଭିତ ଏମନ୍ତ,
୪ ସତେ ଆବର୍ତ୍ତିତ ନବ ପୁଷ୍ପଦନ୍ତ ।
ମନରେ ଆନନ୍ଦ ସ୍ଥାପି ସିଂହାସନ
୫ ପ୍ରକାଶିଲା ନିଜ ସାର୍ବଭୌମପଣ ।
କୁମାରଙ୍କ ନାଭି-ଚ୍ଛେଦନ ପରେ,
କଲେ ଅନୁକମ୍ପା ହୋଇ ହର୍ଷଭରେ ।
ତଦନ୍ତରେ ମନ୍ତ୍ର-ପୂତ ଜଳେ ସ୍ନାନ
କରାଇ ସାରିଲେ ସକଳ ବିଧାନ ।

---

୧ । ପୃଥୁରୋମା—ମତ୍ସ୍ୟ । ୨ । କେଶଗୁଚ୍ଛକୁ ଦୁଇ ଖଣ୍ଡ କଲେ ଅଗ୍ରଖଣ୍ଡକୁ କୁଶମୁଷ୍ଟି ଏବଂ ନିମ୍ନଖଣ୍ଡକୁ ଲବ କୁହାଯାଏ । ୩ । ବୃହଦ୍ଭାନୁ—ଅଗ୍ନି । ୪ । ପୁଷ୍ପଦନ୍ତ—ଚନ୍ଦ୍ର, ସୂର୍ଯ୍ୟ । ୫ । ସାର୍ବଭୌମ—ଚକ୍ରବର୍ତ୍ତୀ ।

କୁମାରଙ୍କୁ ଘୁଞ୍ଚି ତାପସୀ-ମଣ୍ଡଳ
ଆନନ୍ଦଗଦ୍‌ଗଦେ କଲେ କୋଳାହଳ
ଦଳ ଦଳ ମୁନି-କୁମାର ନର୍ତ୍ତିଲେ
ଲଗିଲେ ଶ୍ରୀରାମ-ନାମ-ସଂକୀର୍ତ୍ତନ ।
ଦୁର୍ଦ୍ଧର୍ଷ-ଦୁର୍ଜ୍ଜୟ ଲବଣ-ଅସୁର—
ବିନାଶନ ଅର୍ଥେ ଶତ୍ରୁଘ୍ନ ଶୂର
ଯିବା ପଥେ ସେହି ସୁଦିନ ନିଶିରେ
ରହିଥିଲେ ଯତ ବାଲ୍ମୀକି ଆଶ୍ରମେ ।
ଅର୍ଦ୍ଧରାତ୍ର ସେହି ଆନନ୍ଦ-ନାଦରେ
ନଚି ଗଲେ ଆଉ ଆନନ୍ଦ-ନଦରେ ।
ସତୀଙ୍କ ପ୍ରଶଂସି ବୋଇଲେ ଉଚ୍ଛ୍ୱସିଲି,
"ଅଟ ମା, ପାବନ କରିଲ ରଘୁକୁଳେ ।
୧ ଜନନୀ ତୁମ୍ଭର ଯେଣୁ ସର୍ବଂସହା,
୨ ନିଜେ ଅଟ ମା ଗୋ, ତେଣୁ ସର୍ବଂସହା ।
ବିଶ୍ୱନାଥ-ସୁତେ, ନିଜ ଗର୍ଭେ ବସୁ
ଥୋଇଥିଲ ଏକା ଅମ୍ଭ ସୂର୍ଯ୍ୟବଂଶୁ ।
ଯେଉଁ ବଂଶ ଆଜ ହେଲ ରଘୁକୁଳେ,
ଶୋଭିବ ଅଯୋଧ୍ୟା-ରାଜଲକ୍ଷ୍ମୀ-ଚୂଳେ !"
ମୁନି-କୁମାରଙ୍କ ଆନନ୍ଦ-ତହଳେ
ଯୋଗଦେଲେ ଖଗ ମୃଗ ଦଳେ ଦଳେ ।
ଶ୍ରାବଣୀ ବାରିଦ ଶ୍ୟାମା ବିଭାବରୀ
ଦେଖି ହୋଇଗଲା ମୁହୂର୍ତ୍ତିକ ପରି ।
ଲବଣ ଉଦ୍ଦେଶେ ସୁମିତ୍ରା-ନନ୍ଦନ
ବିଜେ କଲେ କରି ମୁନିଙ୍କି ବନ୍ଦନ ।
ସୁରବ୍ୟ ତୋଷିବାକୁ ତାପସୀ-ତାପସ
ସୁଖରେ ବଳିଲ ସତୀଙ୍କ ମାନସ ।
ସତୀଙ୍କର ମନ-ଅନୁରୂପ ଧନ
କାହିଁ ? ସେ ତ ଆସି ଅଛିନ୍ତି ବନ ।
ତେଣୁ କା ବାଞ୍ଛିବ ତୋଷିବ କେତେ,
କାହିଁ ଜନନରେ ମେଘ ଉପରେ ।

ଯେତେବେଳେ ସତୀ ଆସିଲେ ଏଥକୁ,
ମନେ ଥିଲା ଜଣେ ଦାମ୍ପତ୍ୟେ ବନ୍ଧୁ ।
ମୁନି-କୁମାରଙ୍କ ପାଇଁ ଉପହାର
ଆଣିଥିଲେ ବସ୍ତ୍ର ବାସ ଅଳଙ୍କାର ।
ତା' କରି ସଳଜ୍ଜ ବନରେ ବଣ୍ଟନ
ତୋଷିଲେ ତାପସ-ତାପସୀଙ୍କ ମନ ।
ସ୍ନେହ-ସିକ୍ତ ତାଙ୍କ ବନ୍ଧୁ-କର ଧରି
ଲଭି ତା ମେଲିଲ ଆନନ୍ଦ-ଲହରୀ ।
ସଜ୍ଜିଥିଲେ ଖାଦ୍ୟ ଫଳ କୁଶ-ଧାନ୍ୟ,
କୁରଙ୍ଗୀ ଶାବକେ କଲେ ସମ୍ପ୍ରଦାନ ।
ଲୁଣ୍ଠିଲେ ସେମାନେ ଟଣାଟଣି କରି,
କେତେ ପକ୍ଷୀ ଉଡ଼ିଗଲେ ଥଣ୍ଟେ ଧରି ।
ସାରି-ଶାବେ ଥିଲେ ନଜରେ ମେଲି ପାତି,
ଜନନୀ ଆହାର ଦେଲେ ତାଙ୍କୁ ବାଣ୍ଟି !
ମୟୂର-ମୟୂରୀ କରି ହର୍ଷ-ରବ
ପାଦପ ଉପରେ ରଚିଲେ ତାଣ୍ଡବ ।
ଦ୍ୱୀପ-ଦ୍ୱୀପାନ୍ତରେ ଡାକିଲ ମଧୁର—
କଲ ଯାଇ ସେହି ଶୁଭ-ସମାଚାର ।
କୈଳାସେ ଦେବାଙ୍କୁ ସେ ଶୁଭ-ସମ୍ବାଦ
ସୁରବୃନ୍ଦ ଗଲ କରି ହର୍ଷ-ନାଦ ।
ଜଣାଇବାକୁ ଗଉରୀ-ପ୍ରତୀକ୍ଷା
୪ ଘନ ଧରିଥାଏ ବାସ କଣ୍ଠେଜ !
ସେ ସମ୍ବାଦେ ଭରି ହୃଦୟେ ଉଲ୍ଲାସ,
ହରଙ୍କୁ ଜଣାଇ ତେଜି କଇଳାସ,
ପୂଜା-ଦ୍ରବ୍ୟ-ଡାଳା ଦେବିବା ଲାଳସେ,
ସର୍ବ୍ବ-ଦେବୀ ତୁରନ୍ତେ ଗୌରୀ ବନ୍ଦାପନେ ।
୫ କାଦମ୍ବିନୀ ସଙ୍ଗେ ଇରମ୍ମଦ-ଛଳେ
ବାଲ୍ମୀକି ଆଶ୍ରମେ ଆସିଲେ ଚଞ୍ଚଳେ ।
ଦେଖି ତାପସେ କୁମାରଙ୍କ ଜାନୁ
ବନ୍ଦିଲେ ସପ୍ତ-ମାତୃକା ସର୍ବେ ।

୧ । ସର୍ବଂସହା—ପୃଥିବୀ । ୨ । ସର୍ବଂସହା—ସେ ସବୁ ସହେ । ୩ । ତଣ୍ଡାଧ୍ୟକ୍ଷ—ନଗର ।
। ବାସ—ନୈଶାଳ । ୫ । ଇରମ୍ମଦ—ମେଘଜ୍ୟୋତି ବା ବଜ୍ରାଗ୍ନି ।

ଏଣୁ ନବସରେ ସତୀ ଭକ୍ତ-ପୂଜା
ସାଙ୍ଗ କଲେ ପ୍ରସବି ଯେଉଁ ବରଭୁଜା,
କୁମାର-ଯୁଗଳ-ଅସ୍ତିତ୍ୱ ରଞ୍ଜନ
ନାଶି ହୋଇଗଲେ ମୃଗରାଜ-ଦଳ ।
ଦିନେ ହେଲା ଏକବିଂଶତି ବାସର,
ନାମ-କରଣର ଶୁଭ ଅବସର ।
ଶୁଣିବାକୁ ସତୀ-ସୁତଙ୍କର ନାମ
ଅମରେ ଆସିଲେ ତେଜି ସ୍ୱର୍ଗଧାମ ।
ଅମସ୍ତ-ମଣ୍ଡଳୀ ଦେଖି କୁତୂହଳ
ଗୋଟ୍ଟାଇଲେ ତାଙ୍କ ଦେହେ ଫୁଲେ ଦଳେ ।
ଶରତର ଶୁଭ୍ରବସନ ସକାଶେ
ଯଥା ଲୁଚିଥିଲା ଜଳଦ ଆକାଶେ ।
ଲବ-ଲବି ସଙ୍ଗ ସନ୍ତତେ ଯେ ନାଥ
ଆସିଲେ ସମସ୍ତେ ଦିଗନ୍ତଦେଶୁ ରଥେ ।
ଅପି ଆଶ୍ରମର କୁସୁମ ଉଦରେ
ମନୋମୁଗ୍ଧକର ଶୋଭିଲା ତୁଟରେ
ବଢ଼ିଗଲେ ଦିବ୍ୟ ସୁଷମା ପ୍ରକାଶି
ଆକାଶ-ବ୍ୟାପିରେ ହୋଇ ବଳୁଆରୀ ।
କେତେ ବା ଭାବେ ତାପସୀ-ହୃଦୟ—
ମଧ୍ୟ ପଶିଗଲେ ହୋଇ ମୁଦମୟ ।
ବାଲ୍ମୀକି-ନନ୍ଦେଶ ତାପସ ତାପସୀ
ଦ୍ୱିଗୁଣ ମୁଦରେ ଉତ୍ସବେ ପଶି
ଶବଧ କୁସୁମ ନବସମାନ
ଆଣି କଲେ ମଣ୍ଡ ମଣ୍ଡପ ନିର୍ମାଣ ।
ରଜନୀ ପ୍ରଥମ ପ୍ରହରେ ଆଶ୍ରମ
ପ୍ରଦୀପ-ମାଳରେ ହେଲା ମନୋରମ ।
୧ ପ୍ରକୋଷ୍ଠେ ଶିଞ୍ଜିତ ଉଠିଲା ପ୍ରଚୁର
ତାପସଙ୍କ ଦନ୍ତ କନ୍ଦୁଳକୁ ଦୂର ।
ଚୌଦିଗେ ଦୃଶ୍ଟିତ ଭାବତ-ବଂଶୀ
ସ୍ନେହଥାନ୍ତ ହେଲ ଆଜ୍ଞାକ-ଦର୍ଶ ।
ଥିଲା ସେ ସମସ୍ତ ପ୍ରସୁତଙ୍କ ସଙ୍ଗେ
୨ ବଢ଼ୁଥିଲା ଚକ୍ରବର୍ତ୍ତିନୀର ବଂଶ ।

ସାଗରସମ୍ଭୂତ ଯଥା କ୍ଷୀରାର୍ଣ୍ଣବ;
୩ ବୃନ୍ଦାରକବୃନ୍ଦ ଦେଖନ୍ତେ ବାସବ ।
ଅବା ହିମାଚଳ-ସମ୍ଭୂତ ଶିଖର—
ମସ୍ତକେ ଯେସନ ଗଉରୀଶଙ୍କର,
ମୁନିବୃନ୍ଦ ମଧ୍ୟ ନନ୍ଦା ଉଦ୍ବୋଧନ
ବସାଇଲେ କରି ମଣ୍ଡପେ ଆସନ ।
ଅଙ୍କେ ଯମକୁମାରେ ଥୁଆ ସଙ୍ଗ ଧରି
କୁମାର-ଯୁଗଳ କର-ପଦ୍ମେ ଧରି
ସତୀ ଅନୁକମ୍ପା ଆସିଲେ ମଣ୍ଡପେ,
ଶୋଭା ଦର୍ଶି ଦୃଶ୍ୟ ହୋଇଗଲା ଦର୍ପ ।
କୃଷ୍ଣା ସପ୍ତମୀର ସୁଧାକର ପାଶେ
ଯୁଗଳ ତାରକା ଉଦିତ ଆକାଶେ,
ପ୍ରତିବିମ୍ବ ତାଙ୍କ ସରୋବର-ଗର୍ଭେ
ଦେଖି ପୁଣ୍ୟା ଯେସନ୍ତେ ରହନ୍ତି ଗର୍ବେ ।
ସରଳ-ସ୍ୱଭାବା ପ୍ରସନ୍ନ-ବଦନା
ସତୀ ଧନ୍ୟବତୀ ତାପସ-ବନ୍ଦନା
ଶିରେ ଆଦରି ସତୀ-ଭକ୍ତି ବାଦେ
୪ ସମ୍ମଦରେ କହିଲେ ସତୀ ତାପେ,
ଲଭି ଭିକ୍ଷା-ବନ୍ଦ ନନ୍ଦନ କାହାରି
ଭିକ୍ଷା ମାଗେ ଯଥା ବସନ୍ତ-ବନ ।
ବେଦମନ୍ତ୍ର ହେଲା ଦେବ-ଅରାଧନା
ବାଜିଗଲା ଶଙ୍ଖ କାହାର ବାଜଣା ।
ଜ୍ୟେଷ୍ଠ କୁମାରକୁ ଦେଇ ଶୁଭାଶିଷ
ପ୍ରସନ୍ନେ ବୋଇଲେ ମୁନିକୁଳାଧୀଶ,
କୁଶାଗ୍ରେ ମାର୍ଜିତ ହୋଇଅଛି "କୁଶ"—
ନାମେ ହେବ ଏହୁ ବଂଶ-ଅଙ୍କୁଶ ।
ସେହିକ୍ଷଣେ କନିଷ୍ଠ କୁମାରଙ୍କୁ "ଲବ"—
ନାମ ଦେଲେ ମୁନି ମଣିଷ-ପୁଙ୍ଗବ ।
ମୁନିଗଣ କଲେ ରାମ-ନାମ-ଧ୍ୱନି
ବଜାଇ ମୃଦଙ୍ଗ ନୃତ୍ୟରେ ଖଞ୍ଜଣି ।
ତାପସ-କୁମାରମାନେ ବାଳ ବଣା
ଗାଇଲେ ମଧୁର-ଗୀତି ସୁଧା-କଣା ।

୧ । ଶିଞ୍ଜିତ—ଭୂଷଣ ଧ୍ୱନି । ୨ । ଚକ୍ରବର୍ତ୍ତିନୀ—ରାଜଚକ୍ର ପୂଜ୍ୟ ।
୩ । ବୃନ୍ଦାରକ—ଦେବତା । ୪ । ସମ୍ମଦ—ଆନନ୍ଦ ।

ସୁରଗ-ସୁନ୍ଦରୀ ଅମର-ଅମରୀ
ନୃତ୍ୟ କଲେ ତହିଁ ପ୍ରମୋଦେ ସଞ୍ଚରି ।
ତପୋବନରେ ଥାଇ ମୃଗ-ମୃଗୀଗଣ
ଶୁଣୁଁଥାନ୍ତି ହୋଇ ଚକିତ-ନୟନ ।
ଆଶ୍ରମର ମହା-ଆନନ୍ଦ-ଉଚ୍ଛଳ
ଘୋଷିଦେଲା ବନ ପ୍ରତିଧ୍ୱନି-ଛଳେ ।
ସଙ୍ଗୀତ ଗତ ବା ତରୁଲତା ସବେ
ହେଲେ ବାଦ୍ୟଧର ବାଦ୍ୟାଟସି ଗର୍ବେ !
ଅଷ୍ଟମ ଉଜ୍ଜ୍ୱଳ କହାଇଗଲା ମୁଦେ,
ତମ କରୁ ସଙ୍ଗ ବଦନ-କୁମୁଦେ
ରହିଗଲା ଏକା ସୁନଚନ୍ଦ୍ର ବିନା;
୧ ପରବ ତାଙ୍କର ଅମାବାସ୍ୟା ସିନା ।
ତମ ବଢ଼ାଇଲା ମହିମା ତାଙ୍କର,
ତମ ଯୋଗୁଁ ସିନା ଚନ୍ଦ୍ରିକା-ଆଦର ।

ଦିଶୁଥିଲେ ଦୂର-ଗଗନେ ସୁନ୍ଦର,
ଯଥା ରତ୍ନ-ଖାନୁ ଗହ୍ୱର କନ୍ଦର ।
ଦୃଷ୍ଟି ଦେବେ ମିଳି ସପ୍ତର୍ଷିଙ୍କ ଗୌରବ
ବୃଦ୍ଧି କଲେ ବନ୍ଧୁ ଆନନ୍ଦ-ଉତ୍ସବ ।
ମହତଙ୍କ ଏହା ବୈଶିଷ୍ଟିକ ରୀତି,
ସୁଖାବେ ସମ୍ମାନ-ଦାନେ ତାଙ୍କ ପ୍ରୀତି ।
ଶେଷେ କୁମାରଙ୍କ ମଙ୍ଗଳ-କାମନା
କରି ଅର୍ପିଦେଲେ ପୁଣି ମହାମନା ।
ତାପସଙ୍କ ହୃଦ-କମଳେ ଆସନ
କରି ଦେବେ କଲେ ତଥାସ୍ତୁ ଘୋଷଣା ।
ବନ-ତରୁ-ଲତା ସୁଗମ୍ଭୀର ରବେ
ଉଚ୍ଚାରିଲେ ମୁଦେ ତଥାସ୍ତୁ ସରବେ ।
ଦଶ ଦିଗନ୍ତରୁ ଦିଗପାଳଗଣ
ତଥାସ୍ତୁ ଶବଦ କଲେ ଉଚ୍ଚାରଣ ।

## ଦଶମ ସର୍ଗ

( କଲ୍ୟାଣ ପଡ଼ତାଳ )

ସଖୀ ପାଇ ଦୁଇ ସୁତ-ରତନ
ପ୍ରାଣରୁ ଅଧିକ କରି ଯତନ
ଲାଳନ ପାଳନେ ନିବେଶିଲେ ମନ
ଲଭିଗଲା ଦୃଢ଼ ସ୍ନେହବନ୍ଧନ,
ଛାଡ଼ିଲେ ନାହିଁ ନିମିଷେ ପାଶ,
ମଣିଲେ ଜୀବନ-ସାର ଉଲ୍ଲାସ ।୧।
ସ୍ନାନ ପାଇଁ ବସନ ଅବର ମାତର
ହୁଅନ୍ତି ଯେବାଟି ପାଶୁ ଅନ୍ତର,
ଜଳ-ଜରଜର ବସନେ ବେଗେ
ଧାଇଁ ଆସିଥାନ୍ତି ଅତି ଉଦ୍‌ବେଗେ,
ତକ୍ଷଣ ଦେଉଥାଏ ଟଳି
ଚୁମ୍ବିବାକୁ ସୁତ-ମୁଖ-କମଳ ।୨।

ଶଶି-କଳା-ଗର୍ବ କରି ମର୍ଦ୍ଦନ,
ହେଲା କୁମାରଙ୍କ ଅଙ୍ଗ-ବର୍ଦ୍ଧନ,
ପୂର୍ଣ୍ଣ-ସୁଧାକର ପ୍ରାୟେ ବଦନ
ଦିନୁ ଦିନ ହେଲା ଶୋଭା-ସଦନ;
ପାଶୋରିଲା ସ୍ମୃତି ଜନନ-ମୁଖ,
କୋଳେ ଉଠିବାକୁ ହେଲେ ଉନ୍ମୁଖ ।୩।
ହସନ୍ତି ଅନାଇ ମାତା-ବଦନ,
ଟେକାଇ ଦେଖାଇ ସେହିଷଣୀ ସଦନ;
ସ୍ନେହଭରେ ମାତା ଧରିଲେ ଦୋଳେ,
ଦୋଳୁଥାନ୍ତି ତହିଁ ଆନନ୍ଦ ଦୋଳେ;
ଅଧରୁ ଅଧର ବଦନ ଚୁମ୍ବି
ହସି ହସି ଦେଉଥାନ୍ତି ହସାଇ ।୪।

୧ । ଅଷ୍ଟମୀ, ଚତୁର୍ଦ୍ଦଶୀ, ଅମାବାସ୍ୟା, ପୂର୍ଣ୍ଣିମା ଓ ସଂକ୍ରାନ୍ତି—ଏମାନଙ୍କୁ ପର୍ବ ବୋଲାଯାଏ ।

ନ ଥିଲା ସଖୀଙ୍କ ମନେ ସୁପନେ
ହାସ ଅଙ୍କୁରିବ ଦନ୍ତ-ଲପନେ;
ଅପୂର୍ବ ସୁଖର ଅପୂର୍ବ ହାସ
ସ୍ୱତଃ ଆସି ଦେହେ ଇଥାଏ ପ୍ରକାଶ;
ନ ଦେଖିଲୁ କାନ୍ତି ସେ ସୁଷମାର
ଦେଖିଲୁ ସଖୀ ନିତ ନିରଖି ଶୋଭା । ୫ ।
ବଦନ କମଳେ-ରଦନ-ଛଟକ
ବିଜୁଳି ଝଲକ ଦେଖା ଉଜ୍ଜ୍ୱଳେ
ପ୍ରକାଶିଲେ ନିଜ ନିସର୍ଗ-ଜ୍ୟୋତି,
ନିନ୍ଦି କୁନ୍ଦ-ଇନ୍ଦୁ-ତୁଷାର-ମୋତି;
ବାଇଲେ ସମା ଆଦ୍ୟ ସ୍ୱନୁଚରେ,
୧ ମା ମା ମା ମା ମା ମା ସ୍ୱର ମଧୁରେ । ୬ ।
ମଳୟୁ ଛୁଟେ ସେ ସୁଗନ୍ଧି ସ୍ୱନ
ଚଳିତ କରେ ମାତା-ଜୀବନ,
ପ୍ରବାଳ-ପାଟଳ-ବର୍ଣ୍ଣ ସ୍ୱଚ୍ଛରେ
ସ୍ଫୁଟିତ ମାତା-ଓଷ୍ଠ-ଅଧରେ;
ତହିଁରେ ଦନ୍ତ-କୁସୁମ-କଳି
କୌମୁଦୀ-କାନ୍ତିରେ ଉଠଇ ବଳି । ୭ ।
ଖୁନ୍ଦର ଦିଏ ଝୁମ୍ପର ମନ
୨ ଅହଂକାର ଦଳି ଇନ୍ଦ୍ର-ଆସନ
୩ ଅଗ୍ରସରି ଦେଖାଇ କୁବେର-କୋଷେ
ବଦନ-ପ୍ରଭାବ ବଢ଼ାଏ ତୋଷେ,
ମନଇ ନିଜ କରେ ଜଗତ
ସୁଖ ସଉଭାଗ୍ୟ ସମୁପାଗତ । ୮ ।
ଦର-ବିକଶିତ କମଳ ଜାଣି
ଖସିଲେ କୁମାରେ ଦରେଟି ବାଣୀ,
୪ ସେ ଭାରତୀ ଭାବ ବୃନ୍ତ-ସୁହାଣୀ,
ମନୋହର-ବେଣୀ ଲାବଣ୍ୟ-ଠାଣି
ଦର୍ଶନେ ପ୍ରାଣ ପୁଲକନ୍ତି ଦୁରେ,
ମୋହ ନାଶି ଉଠେ ମାନସ-ପୁରେ । ୯ ।

ଶିନ୍ତରେ କୁମାରେ ଅଦନ ତଳେ
୫ ବସିଲେ ଶୁଭାଳେ ଜାନୁ ପ୍ରତଳେ;
ଦୂରେ ଥାଇ ଓଳ ଆହ୍ଲାଦେ ସଖୀ
ବଢ଼ାଇଲେ ନେତ୍ର ଗତି-ଶୀକତି;
କୁମାରେ କୁତୂହଳେ ସନ୍ତାପସ
ବେଗ ବେଗ ଯାନ୍ତି ଜନନୀ ପାଶ । ୧୦ ।
କେତେବେଳେ କରେ ମୁଦ୍ରିକା ଧରି
ଧାଅନ୍ତି ରସନା ଚଞ୍ଚଳ କରି
ମାତା ଧଇରିଲେ ସୁନ୍ଦର ଗଳ,
ଟିଙ୍ଗାନ୍ତି ଦୋଲିଇ ମୁଖମଣ୍ଡଳ
ହୁଲନ୍ତି କର୍ଣ୍ଣକୁଣ୍ଡଳ ଶାନ୍ତ
ଦିଶେ ଯେସନ୍ତି କାନ୍ତି ନୀହାର ଅଙ୍କ । ୧୧ ।
ଉଠାଇଦେଲେ ଧରି ଜନନୀ-କର,
ତହିଁ ନିଜ ପଦେ କରି ନିର୍ଭର
ଗତି କରିଲେ କରି କର ଧାରଣ,
ନିଜେ ନିଜେ ପୁଣି ଶୁଦ୍ଧ ଚରଣ,
ଚମକି ପଡ଼ି କଲେ ରୋଦନ,
ଟେକନ୍ତି ଜନନୀ ଚୁମ୍ବି ବଦନ । ୧୨ ।
ଡାକନ୍ତି କୁମାରେ ବନ-ବିହଙ୍ଗ
କୁତୂହଳେ ସୁହିଁ ସୁରମ୍ୟ ରଙ୍ଗ,
ମୟୂର-ପୁଚ୍ଛରେ ମନ ବଳାଇ
ଧାଇଁଥାନ୍ତି ତାକୁ ଧରିବା ପାଇଁ,
ଖେଳନ୍ତି ମୃଗ-ଶାବକ ଧରି
କୁସୁମ ତା' ବେଶ ରଚନା କରି । ୧୩ ।
ତାପସ-ତାପସୀ ପ୍ରଫୁଲ୍ଲ ମନ
କୁମାରଙ୍କୁ ନେଇ ବୁଲନ୍ତି ବନ,
ସୁଷମାଳ ମଣ୍ଡି ଶିରେ କପାଳେ
ଦୋଳାନ୍ତି ସୁଗ୍ରଥିତ-କଣ୍ଠିକା-ଦୋଳେ,
ଫୁଟାଇ ଦିଏ ଆନନ୍ଦ କଳି,
ଆଜି ଆଜି ବୋଲି ଦଉନ୍ତି ଅଳି । ୧୪ ।

୧ । ଷ, ଋ, ଗ, ମ, ପ, ଧ, ନି ମଧ୍ୟରୁ 'ମା' ସ୍ୱର । ୨ । ଇନ୍ଦ୍ରାସନ—ଇନ୍ଦ୍ରଙ୍କ ଆସନ ଓ ପ୍ରବନ୍ଧନ । ୩ । କୁବେର-କୋଷ—କୁବେରଙ୍କ ଭଣ୍ଡାର ଓ ଉଦରଦେଶ । ୪ । ସ୍ୱାନ—ଅଙ୍ଗଭଙ୍ଗୀ । ୫ । ପ୍ରତଳେ—ବସ୍ତ୍ରଖଣ୍ଡଙ୍କ ଉପ୍ର (କଚଡ଼ା) ।

କୁମାରଙ୍କ ତନୁ ଉଜ୍ଜ୍ୱଳ ଶ୍ୟାମ
ସ୍ୱୟମ୍ଭ-ତପୋବନେ ଦ୍ରୁମ ଦେଖାଇ ଗ୍ରାମ,
ବନଲକ୍ଷ୍ମୀ ନୟନେ ପୂରନ୍ତେ ଦଣ୍ଡୀ,
ଖେଳନ୍ତି ଶୁଳେ ହରିଣୀ ଭିତରେ ମିଶି,
ପାଦପ ଶାଖା କଦମ୍ବ ଗ୍ରୀ' ସଙ୍ଗେ,
ଅନଙ୍ଗଶୋଭ୍ର ସ୍ତୁତ ଭରେ ଭୃଙ୍ଗରଙ୍ଗେ । ୧୫ ।
୧ ପଞ୍ଚବର୍ଷ ପଞ୍ଚବକ୍ତ୍ର ସଙ୍ଗମେ
ଯାଇ କୁମାରଙ୍କୁ ଚଳିଲେ ଶ୍ରମେ,
ଦ୍ୱିଜତ୍ୱ କୁମାରେ କରିଲେ ଭ୍ରମଣ
୨ ସରିତ ଶାଦ୍ୱଳ ଉଦ୍ୟାନ ବନ,
ଶ୍ୱାପଦ ଆପଦକୁ କୁତ୍ସିତ
ନ ଗଣିଲ ତାଙ୍କ ନିର୍ଭୀକ ଚିତ୍ତ । ୧୬ ।
କୁମାରଙ୍କ ବୁଦ୍ଧିକର୍ମ ପଦବୀ
ସମ୍ପାଦି ବାଲ୍ମୀକି ଜ୍ଞାନ-ବାରିଧି,
ଆଣି ଦୁର୍ଦ୍ଦମ ବିଦ୍ୟା-କାନନ-
ମଧ୍ୟେ କରିଦେଲେ ପଞ୍ଚ-ଆନନ,
କୁମାରେ ତହିଁ କରି ସଂଚାର
ଅଜ୍ଞାନ-ମାତଙ୍ଗ କଲେ ସଂହାର । ୧୭ ।
ରସ-ରଙ୍ଗ-ମତ୍ତ କାବ୍ୟ-ଶିଖଣ୍ଡୀ,
ବିସ୍ତାରନ୍ତି ତହିଁ ପ୍ରେମ-କେତକୀ,
ଶ୍ରବଣ-ବାରୁଣୀ-ଭରିତ-ଧାର
ଝରଇ ଝର୍ଝର-ନିର୍ଝରାକାର,
ନାଦନ୍ତି ସିଂହ କନ୍ଦରେ ଗୁହା
ଦନ୍ତି-ଦନ୍ତାଘାତ-ବେଦନା ସହି । ୧୮ ।
କୁମାରଙ୍କୁ ତେଣୁ ଚିତ୍ର-ଶିଖର
ଚଢ଼ାଇ କୌଶଳେ ମୁନି-ଶେଖର
ଦେଖାଇଦେଲେ ଭୁବନ-ଶୋଭନ କର,
ଦେଖିଲେ କୁମାରେ ଶାର୍ଦ୍ଦୂଳ ଚଳ;
ସେମାନଙ୍କ କଲେ ନିର୍ଭୟେ ଜ୍ଞାନ,
ଜନକ ନ ଜାଣି ସିଂହ-ସନ୍ତାନ । ୧୯ ।
କରନ୍ତି ଜନନୀ-ଆଦେଶ ପାଳନ
ମହର୍ଷି-ରଚିତ ସେ ରାମାୟଣ,
ତାନ-ଲୟ-ସ୍ୱରେ ବୀଣା ବଜାଇ,
ରାମ-ଭକ୍ତି-ରସେ ମନ ମଜାଇ,
ଗାଅନ୍ତି ଦୁହେଁ ତମସା ତୀରେ,
ପ୍ରେମ-ତରଙ୍ଗରେ ଦୋଳାଇ ଅଧୀର । ୨୦ ।
ତର୍ଜନ, ଗର୍ଜନ, ବିଳାପ, ହାସ
ଗାଇବା ଗାଇବେ ଦେଖାଉଥାଏ ପ୍ରକାଶ,
ପୁଲକିତ ତହିଁ ବାହ୍ୟ ମୁରଲୀ,
ନେତ୍ରଲ ତେଜଲ ବହେ ନୟନ-ଜଳ;
ଶ୍ରୋତାଙ୍କର କାବ୍ୟ-ଭାବ ତରଙ୍ଗ
ହୋଇଯାଉଥାଏ ଗାୟକ ଅଙ୍ଗ । ୨୧ ।
ବାଳ-ତପସ୍ୱୀର ନବ୍ୟା ସୁରଙ୍ଗି
ନିର୍ମଳା ଉଜ୍ଜ୍ୱଳା ମଞ୍ଜୁ ମୂରତି
ସ୍ୱରର ଲହରୀ ମଧୁର ଲାସ୍ୟ
ବିତରଣ କରୁଥାନ୍ତି ଉଲ୍ଲାସ,
ଉଲ୍ଲାସ ବହାଇ ଅମୃତାକାର
ପ୍ରାଣେ ପ୍ରାଣେ ମୁକ୍ତ ଅମୃତାସାର । ୨୨ ।
ଜାନକୀ ସହିତ ତାପସୀମାନେ
ବିଶୁଦ୍ଧ ସଙ୍ଗୀତ-ପୀୟୂଷ-ପାନେ
ହରଷ, ବିଷାଦ, ଶାନ୍ତି, ସନ୍ତାପ,
ଦୁଃଖ, ସୁଖେ ଲଭୁଥାନ୍ତି ଅମାପ;
ଆନନ୍ଦ, ଶୋକରେ ହୃଦୟ ଦ୍ରବ
ଲୋଚନୁ ଲୋତକ ପଡ଼ଇ ସ୍ରବ । ୨୩ ।
ସେହିଁ ଗୀତ ରାମାୟଣ-ନାୟକ—
୩ ରାଘବ-ହୃଦୟ-ହାର-ନାୟକ,
ସେ ତପ କୁମାରଙ୍କ କର୍ଣ୍ଣ-ଧାରିଣୀ,
ଭାଗୀରଥୀ-ତୀର-ବନ-ଚାରିଣୀ,
କୁମାରେ ତାହା ଜାଣନ୍ତି ନାହିଁ,
ମହର୍ଷି-ନିଷେଧ ଥିଲା ଲୁଚାଇ । ୨୪ ।
ରାମ-ସୀତା-ଗୁଣ-ଗୌରବମାନ
ଅତି କୁତୂହଳେ କରନ୍ତି ଗାନ,
ଶୁଣି ସୀତାମଣି ହୋଇ ଲଜ୍ଜିତ
କରୁଥାନ୍ତି ଦୁଃଖ ମନ ମଜ୍ଜିତ;

୧ । ପଞ୍ଚବକ୍ତ୍ର—ସିଂହ । ୨ । ଶାଦ୍ୱଳ—ନବତୃଣଦ୍ୱାରା ଶ୍ୟାମଳବର୍ଣ୍ଣ ସ୍ଥାନ ।
୩ । ନାୟକ—ହାର-ମଧ୍ୟ ମଣି ।

ସତର୍କେ ଆତ୍ମଗୋପନ କରି
ନିରନ୍ତି ସମସ୍ତ ତାପସୀ ତରି । ୨୫ ।
ରମ୍ୟ ରାମାୟଣ କରି ଶ୍ରବଣ
ମୁଗ୍‌ଧ ମୃଗେ ଥାନ୍ତି ତେଜି ଚର୍ବଣ,
୧ କଣ୍ଟକ ଲୋଚନେ ଭବଭୂଅ ପରି
ଆହାର ବିହାର ତୃଷା ବିସ୍ମରି
ବିହଙ୍ଗବୃନ୍ଦ ହୋଇ ନୀରବ
ଦ୍ରୁମେ ବସିଥାନ୍ତି ସ୍ଥିର-ଅବୟବ । ୨୬ ।
ଶଙ୍ଖପିଏ ବର୍ଣ୍ଣି-କୁଣ୍ଡ-କବରୀ—
ଶାଖେ କୁସୁମ-ସ୍ତବକ ଭରି
ଅନୁରାଗେ ହୋଇଥାନ୍ତି ନିରତ,
ଅଭିନନ୍ଦେ ଯୁକ୍ତ ବଲ୍ଲରୀ-ହସ୍ତ;
ପ୍ରମୋଦେ ଶୋଇଥାଏ ତମସା,
ଅପୂର୍ବ ପ୍ରମୋଦେ ହୋଇ ବିବଶା । ୨୭ ।
ବହିଯାଏ ମନ୍ଦ-ଭରେ ଅମୃତ
କରି ଧନ୍ୟବାଦ-ନାଦରେ ନୃତ୍ୟ;
ଆସି ଚଉଦିଗ କାନନବାସୀ
ଯାନ୍ତି ସେ ଅମୃତ-ସ୍ରୋତରେ ଭାସି,
ଅଶେଷ ତୃପ୍ତି-ଭାବରେ ପୂରି
ସ୍ରୋତ ପ୍ଲାବିଦିଏ ଅନ୍ତର-ପୁରୀ । ୨୮ ।
ବ୍ରହ୍ମା, ଇନ୍ଦ୍ର, ରୁଦ୍ର ଶୁଣି ସେ ଗାନ
କରୁଥାନ୍ତି ଧନ୍ୟବାଦ ପ୍ରଦାନ;
୨ ଉଦୀଚୀ ପ୍ରତୀଚୀ ପ୍ରାଚୀ ଅବାଚୀ
ଦିଗ-ସୀମନ୍ତିନୀ ଉଠନ୍ତି ନାଚି;
ଫିଙ୍କାଇ ଗାନ ଗନ୍ଧ-ପସରା
ନାଚନ୍ତି ଗନ୍ଧର୍ବ ସଙ୍ଗେ ଅପସରା । ୨୯ ।
ଲୋକେ ଲୋକେ ଭ୍ରମି ଭ୍ରମି ନାରଦ
ମୁକ୍ତକଣ୍ଠେ ବ୍ୟକ୍ତ କଲେ ଆନନ୍ଦ,
ପ୍ରଶଂସି ବାଲ୍ମୀକି କବିତା-ରସ,
ଶ୍ରୀରାମ-ଜାନକୀ-ବିଶୁଦ୍ଧ-ଯଶ;
ଗାୟନ ତାଙ୍କ କୁମରଙ୍କର
୩ ପୀୟୂଷ-ବରଷୀ ବଲ୍ଲକୀ-ସ୍ୱର । ୩୦ ।
ନିଜ ବୀଣା ସାର ବର୍ଣ୍ଣ-ବିବାଦ
ବାଳକ-ବୀଣାରେ ହୋଇ ମୋହିତ,
ପ୍ରଶଂସିଲେ ତାକୁ ବୋଲି ଉତ୍ତମ,
ଧନ୍ୟ ଧନ୍ୟ ସେହି ମୁନି-ସତ୍ତମ,
ନିନ୍ଦନ୍ତି ପର-ପ୍ରଶଂସା ଟାଳି
ସ୍ୱକୀୟ ମହିମା ଦେଲେ ବଢ଼ାଇ । ୩୧ ।
ନିଜ ଗୁଣ ଥାଉଁ ପର ସଦ୍‌ଗୁଣ—
ପ୍ରଶଂସାରେ ଜନ ହୋଇ ନିପୁଣ
ନିଜ ଗୁଣ ଭଲ କରଇ ଫଳତ,
ଧନୁର୍ଗୁଣେ ଯିମା ଶର ଚାଳିତ;
ପବନ ବହି ପ୍ରସୂନ-ବାସ
ଜଗତେ ଅନେକ ଦିଏ ଉଲ୍ଲାସ । ୩୨ ।
କୁମାରଙ୍କ ଏକାଦଶ ବାୟନ
ବୟସରେ ହେଲା ଉପନୟନ
ତହିଁ ପରେ କରି ବେଦାଧ୍ୟୟନ
ଲଭିଲେ କୁମାରେ ଜ୍ଞାନ-ନୟନ,
ବେଦଙ୍କ ପୁଣି-ପ୍ରତିଭା ଦେଖି
ବୈଦେହୀ ବସନ୍ତି ଦୁଃଖ ଉପେକ୍ଷି । ୩୩ ।
୪ ତପନ-ତନୟା-ଜଳେ ଅରୁଣି—
କିରଣ ପରଶେ ନବ ତରୁଣୀ—
ମନୋହର ଛବି, ଅଛି ବରୁଣୀ—
୫ ଭଣ୍ଡାର-ରତନ-ମୟୂଖ ଯେଣି,
କୁମାରଯୁଗ ଶ୍ୟାମ-ଶରୀରେ
ବିନୟ କୌଶଳେ ମଣ୍ଡିଲ ଧୀରେ । ୩୪ ।
ଜ୍ଞାନ-ସମ୍ମାର୍ଜିତ ବୁଦ୍ଧି ତାଙ୍କର
ହେଲା ଶ୍ରୁତି-ସ୍ମୃତି-ପଦକ-କର,
ବ୍ୟବହାର ହୋଇ ଶାସ୍ତ୍ରାନୁଗତ
ଚରିତ୍ର ରଞ୍ଜିତ ହେଲା ଦେବଙ୍କ;

୧ । ଭବଭୂଅ—କାଷ୍ଠମୟ ମୃଗ । ୨ । ଉଦୀଚୀ—ଉତ୍ତର ଦିଗ । ପ୍ରତୀଚୀ—ପଶ୍ଚିମ ଦିଗ । ପ୍ରାଚୀ—ପୂର୍ବଦିଗ । ଅବାଚୀ—ଦକ୍ଷିଣ ଦିଗ । ୩ । ବଲ୍ଲକୀ—ବୀଣା । ୪ । ତପନତନୟା—ଯମୁନା । ୫ । ମୟୂଖ—କିରଣ ।

ପ୍ରସନ୍ନ ମନ-ବଚନ-ଅଙ୍ଗ,
ସୁଜିଲେ ଗାର୍ହସ୍ଥେ ସ୍ୱସ୍ତି-ତରଙ୍ଗ ।୭୫।
ଜନନୀ-ଜୀବନ ଦୁଃଖ-ଅନଳକେ
ଲିଭାଏ ପୁତ୍ର-ପଠିତ-ଶ୍ଳୋକେ,
ଅଧିକୁ ଅଧିକ ମନୋରଞ୍ଜନୀ
ହେଉଥାଏ ଶୋକ-ସ୍ମୃତି-ଭଞ୍ଜନ;
ବୁଝଇ ଦୁଃଖୀ ସୁଖର ମୂଲ୍ୟ,
ତେଣୁ ସ୍ମୃତି-ଦୁଃଖ ତହିଁ ଅତୁଲ୍ୟ ।୭୬।
କୁମାରଙ୍କ ନବ ପ୍ରଫୁଲ୍ଲ ରୂପ
ମାତା-ନେତ୍ରେ ମଣି ରତନ-ସ୍ତୂପ,
ଦ୍ୱିଜ-ପ୍ରଶଂସା ମାତା-ଶ୍ରବଣେ
୧ ପରଶିତ ହୁଏ ସୁଧା-ସ୍ରବଣେ;
ତହିଁକି ସ୍ୱାମୀ-ସୁଯଶଃ-ଶ୍ରେଣୀ
ସତୀ-ଚକ୍ଷେ ହେଲା ସ୍ୱର୍ଗ-ନିଶ୍ରେଣୀ ।୭୭।
ସେହି ଶିଶୁ ଦୁହେଁ ଜନନୀ-ଅଙ୍କ
ତେଜ ବିହରିଲେ ହୋଇ ନିଃଶଙ୍କ,
ସେଥିକୁ ଜାନକୀ ତପସ୍ୟା-ବ୍ରତ
ଅନୁଷ୍ଠାନ କଲେ ଅନବରତ,
ସମର୍ପି ମନ ସ୍ୱାମୀ-ଚରଣେ
ଲଭିଲେ ଜୀବନ ଯୋଗ୍ୟ କରଣେ ।୭୮।
ନିର୍ବାଧ ସରିତ-ସ୍ରୋତ-ସଦୃଶ
ସପ୍ତ-ତ୍ରାଣ ହୋଇ ଆସିଲା ଋତୁ,
ଅସୀତ ସମର ଶଶାଙ୍କ ପରି
କଷ୍ଟ ଜଳି ମୃତ୍ୟୁ ଅପା-ଶବଶ,
ସ୍ୱାମୀଙ୍କି ମଣି ଜଗଦୀଶ ସମ,
୨ ଅମା କଲା ତହିଁ ହେବ ସଙ୍ଗମ ।୭୯।
କହୁଥାନ୍ତି, “ଅରେ ମୋହ ଉପାସ୍ୟେ
ଦୃଷ୍ଟି ଦେଇ ସ୍ୱାମି-ଚରଣ-ପାଏ
ସମର୍ପଣ କର ପୁଷ୍ପ-ଯୁଗଳ
ଖଣ୍ଡନ୍ତୁ ଭକ୍ତି ମୋ ତନୁ-ଅର୍ଗଳ;
ଚରଣ-ମୂଳ ଯାଇ ସଞ୍ଚର
ସେ ମୁକ୍ତି-ବର୍ତ୍ତିକେ ନିରନ୍ତା ଧର” ।୮୦।

# ଏକାଦଶ ସର୍ଗ

ଏକ ଦିନ ଦିନନାଥ ପୃଥ୍ୱୀ-ପ୍ରଦକ୍ଷିଣ-
ଶ୍ରମ-କ୍ଳମେ ଅବସନ୍ନ-ତେଜ କରି କ୍ଷୀଣ,
ପଶ୍ଚିମ-ଜଳଧି-ନୀଳ ସଲିଳରେ ସ୍ନାନ—
ଲାଳସାରେ ଯାଇ ସାରନ୍ତେ ହେଲେ ନିମ୍ନମାନ ।
ମୂର୍ଚ୍ଛି ନ ପାରି ନାଥେ ହୋଇ ଅସ୍ତ ଦିନ,
ମୁହୂର୍ତ୍ତେ ନ ରହି ତାଙ୍କ ପଛେ ଗଲା ଦିନ ।
ନ ଜାଣଇ ସତ ଦିବା ପତ୍ନୀର ଏ ଦଶା,
ସରଳା ନଳିନୀ ବାଳା ନ ଛାଡ଼ିଲା ଆଶା ।
କ୍ଷଣମାତ୍ରେ ଲୁଟି ତାର ରଙ୍ଗବାସ କୋଷ
ରଜନୀ ପାଇଲା ବଳ ଗଗନେ ପ୍ରଦୋଷ ।
ସୁକୁମାରୀ ନଳିନୀର ଦେଖି ଅପମାନ
୩ ତ୍ରପାରେ ଶୀତାଂଶୁ-ତନୁ ହେଲା ମ୍ରିୟମାଣ ।
ଭ୍ରୁ-ଅଗ୍ରେ ଦୃଷ୍ଟିବିନ୍ଦୁ କରି ଆଲୋଚନା
ସ୍ମରନ୍ତେ ମହେଶ-କୃପା ମୁନି ମହାମନା
ବସିଥାନ୍ତି ଆଶ୍ରମରେ ମଣ୍ଡି କୁଶାସନ,
ଭାବୁଥାନ୍ତି ମନେ ମନେ ରାମ-ନୃପାସନ ।
ତହିଁ ସଙ୍ଗେ କୁମାରଙ୍କ ଯୋଗ୍ୟତା ବୟସ,
କେଉଁରୂପେ ଘଟିବ ପିତା-ପୁତ୍ର-ପରିଚୟ ।
ଧନୁର୍ବେଦ ରାଜଧର୍ମ ଶିଖାଇ ଦୁଆରେ
ଉପଗତ ହୋଇଛନ୍ତି ଏକାଦଶ କୁମାରେ ।
ତାପସଙ୍କ ସଙ୍ଗେ ଯେବେ ବନେ ଥିବେ ରହି
ମୂଲ୍ୟମୟ ସମସ୍ତି ବୃଥା ଯିବ ବହି ।
ରାଜପୁତ୍ର ରାଜଧର୍ମେ ନ ହେଲେ ନିପୁଣ,
ବନ୍ୟ ତରୁ ପରି ବ୍ୟର୍ଥ ହେବ ସର୍ବଗୁଣ ।

୧ । ସ୍ରବଣ—ଝରଣ । ୨ । ଅମାବାସ୍ୟାରେ ସୂର୍ଯ୍ୟ-ଚନ୍ଦ୍ରର ସଙ୍ଗମ ହୁଏ, ଏଥିପାଇଁ ତାକୁ ସୂର୍ଯ୍ୟେନ୍ଦୁ-ସଙ୍ଗମ କହନ୍ତି । ୩ । ତ୍ରପା—ଲଜ୍ଜା ।

ପରପ୍ରାନ୍ତ ନ ଲଭିଲେ ସୀରଧ୍ୱଜ-ନୃପତି,
ରବିବଂଶ ପ୍ରତି ହେବ ଦୁଃସହ ଦୂଷଣ ।
ଏକେ କଳୁଷିବ କୋଶଳର ରାଜସିଂହାସନ
ନ ଶୋଭିବ ବିନେ ରାମ-ଦାୟାଦ-ରଞ୍ଜନ ।
ତେତେବେଳେ ରାଜମାନ ରକ୍ଷଣ-କ୍ଷମତା
ନ ଥିଲେ ଘଟିବ ପୁଣି ରାଷ୍ଟ୍ର-ଅଧମତା ।
ଆଦର୍ଶବିହୀନେ ତହିଁ କେମନ୍ତେ କୁଶଳ
ହେବେ ଥାଇ କାନନରେ କୁମାରଯୁଗଳ ?
ବିଶେଷତଃ ରଘୁବଂଶ-ନୃପେ ଦାନ-ବୀର,
ସେ ଆଦର୍ଶ ହେବ କାହିଁ ରହିଣ କୁଟୀର ?
ଅବିକଳ ରାମରୂପ, ପ୍ରତିବିମ୍ବ ପରି
କୁମାରଯୁଗଳ ଛନ୍ତି ଦେବସୁତ ଧରି ।
ଦେଖିଲେ ଚିହ୍ନିବେ ରାମ ନିଜର ନନ୍ଦନ,
ଶତ୍ରୁଘନ କରିଦେବେ ସନ୍ଦେହ ଖଣ୍ଡନ ।
କୁମାରଙ୍କୁ ନେଇ ଦେଲେ କହିବେ ଭରତ,
ତା' ହେଲେ ନ ହେବ ଆଉ ଆମ୍ଭର ଗର୍ହଣ ।
କିନ୍ତୁ ସେ ତ ଏକମାତ୍ର ଅପବାଦ ଭୟେ
ପତିବ୍ରତା ଜାଣି ଜାଣି ନିଷ୍ଠୁର ହୃଦୟେ
୧ ଦୋହଦିନୀ ଦୟିତାଙ୍କୁ ବଟିଲେ ପ୍ରେରଣ
୨ କରିଛନ୍ତି ଛଳ କରି ଦୋହଦ-ପୂରଣ ।
୩ ସନ୍ତାନ-ମମତା ତାଙ୍କ ହୃଦୟେ ସମ୍ଭବ
ବାର ବର୍ଷ ପରେ ହେବା ନୁହଇ ସମ୍ଭବ ।
ସୁତ-ସ୍ନେହ ଅର୍ପିଛନ୍ତି ପ୍ରକୃତିଙ୍କ ପ୍ରତି,
ନିଶ୍ଚୟେ ଲୋଡ଼ିବେ ତାଙ୍କ ସମ୍ମତି ସମ୍ପ୍ରତି ।
ନିଜର ବିଶ୍ୱାସ ପ୍ରତି ଆସ୍ଥା କାହିଁ ଯାଉ,
କି ହେବ ବୁଝାଇ ଅନ୍ୟେ କହିଲେ ହଜାର ।
୪ ଏ ବିଷୟ ବିଧିସୁତ ଲକ୍ଷ୍ମଣ ସହିତ
ପରାମର୍ଶ କରିବାର ଅବଶ୍ୟ ବିହିତ ।
ଏ ସମସ୍ତେ ରାଜଦୂତ ଯୋଡ଼େ ଜଣାଇଣ
ପ୍ରଣମି ବାଲ୍ମୀକି କରେ ଦେଲେ ଏକ ପତ୍ର ।

ପାଠ କରି ମୁନିବର ହେଲେ ଅବଗତ
ଆବିଷ୍କୃତ ହୋଇଅଛି ବାଲ୍ମୀକି-ପଥ ।
କରିଛନ୍ତି ରାମଚନ୍ଦ୍ର ରାଜା ନିମନ୍ତ୍ରଣ
ଅନୁଷ୍ଠିତ-ଅଶ୍ୱମେଧ-ଯଜ୍ଞର କାରଣ ।
ଭାବିଲେ ମୁନୀନ୍ଦ୍ର, ବିଧି ହୋଇ ଅନୁକୂଳ
ଭାବନା-ସାଗର ପାଶେ ଦେଖାଇଲେ କୂଳ ।
ସର୍ବ-ଦରଶନ ପାଇଁ ମୁନିପୁତ୍ର ବେଶେ
କୁମାରଙ୍କୁ ନେଇଯିବା ଶିଷ୍ୟ ବ୍ୟପଦେଶେ !
କୁଶ ଲବ ଯଜ୍ଞକ୍ଷେତ୍ରେ ବୁଲି ସ୍ଥାନ ସ୍ଥାନ
କରିବେ ନବୀନ କାବ୍ୟ ରାମାୟଣ ଗାନ ।
ରାମ-କଥା କରି ପ୍ରୀତି-ପୀୟୂଷ-ବର୍ଷଣ
ନିଶ୍ଚୟ କରିବ ଜନ-ମନ ଆକର୍ଷଣ ।
ଶ୍ରୀରାମ ସଦୃଶ ଦେଖି କୁମାରଙ୍କୁ ଜନେ
ରାମ-ପୁତ୍ର ବୋଲି ନିଶ୍ଚେ ବିଚାରିବେ ମନେ
ନିଜେ ରାମଚନ୍ଦ୍ର ନିଜ ପ୍ରତିବିମ୍ବ ରୂପେ
ହୃଦୟ ମଜ୍ଜାଇ ଦେବେ ପ୍ରୀତି-ସୁଧା-କୂପେ ।
ରାମ ହେଲେ କୁମାରଙ୍କୁ ଗ୍ରହଣେ କୁଣ୍ଠିତ,
କଉଶଲ୍ୟା ନ ହେବେ କି ଅବନୀ-ଲୁଣ୍ଠିତ ?
କରି ତାହିଁ ବୈଦେହୀଙ୍କ ପାବନ ଚରିତ,
ରାମାୟଣେ ଶୁଣି ସବେ ଲଜ୍ଜିବେ ଭରତ ।
ଅନଳରେ ହୋଇଛନ୍ତି ସେହି ପରୀକ୍ଷିତ,
ଶୁଣିଲେ ନ ହେବ କାହା ତନୁ କଣ୍ଟକିତ ?
ପ୍ରକାଶିବ ରାମାୟଣ ଭାରତୀ-ଆଲୋକ,
ଅପବାଦ-ତମ ଛାଡ଼ି ଦେବ ତିନି ଲୋକ ।
ଏହିରୂପେ ମନେ ମନେ ଭାବି ମୁନିବର,
ଅଶେଷ ହରଷେ ହେଲେ ପ୍ରଫୁଲ୍ଲ-ଅନ୍ତର ।
ନିଜାଶ୍ରମ ଆଡ଼ପଣ ଦେଇ ବୃଦ୍ଧ ଶିଷ୍ୟହସ୍ତେ
ଶିଷ୍ୟଗଣେ ନିୟୋଜିଲେ ତପସ୍ୱୀ ସହାସେ ।
ଜନମ ନିକଟେ ଯାଇ ହର୍ଷେ ମୁନିବର
ଜଣାଇଲେ ଅଶ୍ୱମେଧ-ଯଜ୍ଞର ଖବର ।

୧ । ଦୋହଦିନୀ—ଗର୍ଭବତୀ । ଦୟିତା—ସ୍ତ୍ରୀ । ୨ । ଦୋହଦ—ଗର୍ଭିଣୀର ସ୍ପୃହା ।

୩ । ସମ୍ଭବ—ଜାତ । ୪ । ବିଧିସୁତ—ବଶିଷ୍ଠ ।

ଆସିଅଛୁ ରାମଦୂତ ଧରି ନିମନ୍ତ୍ରଣ,
ଶିଷ୍ୟଗଣ ଯେଣେ କାଲି କରିବେ ଗମନ ।
ତାଙ୍କ ସଙ୍ଗେ କୁଶ ଲବ ଯିବେ ଯଥାଶିଷ୍ୟ
ଦେଖିବେ ବହୁତ ମୁନି ଲଭିବେ ଆଶିଷ ।
ମହର୍ଷି ପ୍ରସ୍ତାବ ସଙ୍ଗୀ କରି ସମର୍ଥନ,
କୁମାରଙ୍କ ଭାର ତାଙ୍କେ କଲେ ସମର୍ପଣ ।
୧ ତହୁଁ ଋଷି ଅନ୍ତେବାସୀମାନଙ୍କୁ କହିଲେ,
ଅଶ୍ୱମେଧ ଦେଖିଯିବା ଯାମିନୀ ପାହିଲେ ।
୨ କୁଶ ଲବ ସହିତରେ ସତୀର୍ଥ ସକଳ
ସଜ ହୋଇ ଧରିଥିବ ପାଥେୟ ସମ୍ବଳ ।
ବାବା କୁଶ ଲବ ବୀଣା ସଙ୍ଗେ ଥିବ ଧରି,
ସଫଳ କରିବ ଶିକ୍ଷା ସୁସଙ୍ଗୀତ କରି ।
ସେହିଁ ରାମ ରାମାୟଣ-କାବ୍ୟର ନାୟକ
ହୋଇଛନ୍ତି ତୁମ୍ଭ ହୃଦ-ଆନନ୍ଦ-ଦାୟକ,
ସେହି ରାମ କରୁଛନ୍ତି ଏହି ମହାଯାଗ,
ଆସିବେ ବହୁତ ଦେଶୁ ବହୁ ମହାଭାଗ ।
ଆସିଥିବେ ବିଭୀଷଣ ଲଙ୍କା-ଅଲଙ୍କାର
ଅସୁର-ସନ୍ତତି ସାଧୁ ସିନ୍ଧୁ ହୋଇ ପାର ।
୩ ଭଲ ଭଲ ଭଲ୍ଲ କପି ଅଙ୍ଗଦ-ପ୍ରମୁଖ,
ଆସିବେ ସୁଗ୍ରୀବ ସଙ୍ଗେ ହର୍ଷେ ମେଲି ମୁଖ ।
ମଣନ୍ତି ଯେ ଦେହୁଁ ଶ୍ରେଷ୍ଠ ରାମ ପାଦୁକାନ
ଅମିତ-ବିକ୍ରମ-ଶାଳୀ ବୀର ହନୁମାନ ।
ମୁକୁଟେ ହୃଦେ ଯେନ ସୀତାଦତ୍ତ ମୋତିହାର
କରୁଥିବେ ତାଙ୍କ ସିଂହ ସଦୃଶ ବିହାର ।
୪ ବିବୁଧ-ପାଳକ-ମାତଳି ମିତ୍ର କଳେବରେ
ଆସିଥିବେ ଗୁହ ସଙ୍ଗେ ଅସଂଖ୍ୟ ଶବର ।
ଯେ ଦୁର୍ଲଭ ରାଜଲକ୍ଷ୍ମୀ-ପ୍ରେମ ଆଲିଙ୍ଗନ
ଭ୍ରାତୃଭକ୍ତି ବଳେ ହେଳେ କରି ଉଲ୍ଲଂଘନ
ଅଗ୍ରଜ-ପାଦୁକା ଥୋଇ ରାଜ-ସିଂହାସନେ
ଯାପିଲେ ଚଉଦ ବର୍ଷ ଫଳମୂଳାସନେ,
ଜୀବନ ଉନ୍ନତ କଲେ ବାନ୍ଧି ଜଟାଜୁଟ,
ଊର୍ଦ୍ଧ୍ୱ ମୁଖେ ରହିଁ ଯାହା ହିମାଚଳକୂଟ,
ସେ ଭରତ ଥିବେ ତହିଁ ରାମ ଅନୁସରି,
୫ ବିଷ୍ଣୁପଦେ ବଧୂତୁଲ୍ୟ କାନ୍ତିକାନ୍ତି ଧରି ।
କ୍ଷଣଜନ୍ମା ଲକ୍ଷ୍ମଣଙ୍କୁ ଦେଖିବ ତହିଁରେ,
ଯା' ସମ ଦ୍ୱିତୀୟ ଜଣେ ନାହାନ୍ତି ମହୀରେ ।
ନିଜେ ବଜ୍ରଧର ଯାର ଭୟରେ ଚକିତ,
ତା' ଦର୍ପ ସେ କରିଛନ୍ତି ପଦରେ ଦଳିତ ।
ମେଘନାଦ-ବଧ-ବାର୍ତ୍ତା ହୋଇ କାଳାନଳ
ରାବଣ-ହୃଦୟେ ପଶି ଜଳିଲା ପ୍ରବଳ ।
ତହିଁ ସଙ୍ଗେ ଅଙ୍ଗ-ବଳ ଆହୁତି ପ୍ରଦାନ
କରି ଉଗ୍ରତର କଲା ରାକ୍ଷସ-ପ୍ରଧାନ ।
ତହିଁ ତନ୍ତ୍ର କରି ତାର ପ୍ରୟୁକ୍ତ ଶକତି
ନିକ୍ଷେପିଲା ଧରି କୋପେ ସଉମିତ୍ର ପ୍ରତି ।
୬ ଶକ୍ତି-ଆଘାତ-ଜାତ କ୍ଷତର ଲକ୍ଷଣ
ବକ୍ଷେ ପ୍ରତ୍ୟକ୍ଷ ବହି ସାର୍ଥନାମା ସେ ଲକ୍ଷ୍ମଣ ।
ଅକ୍ଷିରେ ଦେଖିବ ଯାହା ଦେଖିଛ ଅକ୍ଷରେ,
ଗାଇବ ସେହିଙ୍କ କଥା ସଭାସମକ୍ଷରେ ।
ସଙ୍ଗୀତ ଶୁଣିବେ ଶତ ଶତ ନରପତି,
ତପଃପ୍ରଭାପୂର୍ଣ୍ଣତନୁ ଶତ ଶତ ଯତି ।
କେହି ପଚାରିଲେ ତୁମ୍ଭ ପରିଚୟ,
କହିବ, "ବାଲ୍ମୀକି-ଶିଷ୍ୟ ଆମ୍ଭେ ଦ୍ୱିଜତନୟ"
ରାଜା ରାମଚନ୍ଦ୍ର ଯେବେ କରିବେ ଆହ୍ୱାନ
କହିବ ସ୍ୱମୁଖରେ ତାଙ୍କ ରାମାୟଣ ଗାନ
ପଚାରିଲେ ପରିଚୟ ହୋଇ କୌତୂହଳ
ବୋଲିବ, "ବାଲ୍ମୀକି-ଶିଷ୍ୟ ସୋଦରଯୁଗଳ"
ଧନ ଦେଲେ ଲୋଭ ତେଜି ବୋଲିବ ବିନୟେ,
"କି କରିବୁଁ ଧନ ନେଇ ତାପସ-ନିଳୟେ?"
ଏତେକେ ଶୁଣି ମୁନି-ମୁଖୁଁ ଅଶ୍ୱମେଧ-କଥା
ବୈଦେହୀ-ହୃଦୟେ ହେଲା ଆକସ୍ମିକ ବ୍ୟଥା ।

୧ । ଅନ୍ତେବାସୀ—ଶିଷ୍ୟ । ୨ । ସତୀର୍ଥ—ସହାଧ୍ୟାୟୀ । ୩ । ଭଲ୍ଲ—ଭଲ୍ଲୁକ ।

୪ । ପାଳକ—ପକ୍ଷିରେମ । ୫ । ବିଷ୍ଣୁପଦ—ଆକାଶ । ୬ । ଲକ୍ଷଣ—ଚିହ୍ନ ।

ଶୁଣିଲେ ନିଷ୍ଠୁର ରଘୁ-କୁଳ ଚୂଡ଼ାମଣି
ଅଙ୍କେ ବସାଇଲେ ଆଣି ତପସ୍ୱୀ ରମଣୀ ।
ଧନ୍ୟ ସେହି ସ୍ୱାମୀବନ୍ତ, ଫଳିଲା ତା' ତପ
ପାଦପେ ସଗର-ବଂଶ-ସିନ୍ଧୁ-ସୀତାତପ ।
କାହିଁ କେଉଁ ଜନ୍ମେ କଲୁ କି ଘୋର ତପସ୍ୟା,
ତପସ୍ୟାକୁ ତାର ମୋର ବଳୁଛି ଲାଳସା ।
କଏ କହିଦେବ ମୋତେ ତପର ନିୟମ,
ନିଶ୍ଚୟ କରିବ ତହିଁ ତପ ସୁଦୁର୍ଗମ ।
କେ ଜାଣିବ ତାହା ପୂର୍ବତନ ବିବରଣି,
ଜାଣିଥିବେ ବଶିଷ୍ଠାଦି ମହାଋଷିଗଣ ।
ନତୁବେଲେ କହିଲେ ତାଙ୍କୁ ଗୁର୍ବୀ ମନୋଗତ ?
ତାଙ୍କ ମତେ ହୋଇଥିବେ ପ୍ରଭୁ ପରିଣତ ।
ଉପାସ୍ୟେ ଆଣିବ ସେହି ନିବୃତ୍ତି ମନ୍ତର,
ସ୍ମରିଲେ ଲେଖିଲେ ଘଟା ବନସ୍ଥ ପତର ।
"ଶରଣି-ବତ୍ସଳ-ଧ୍ୱଜ ଚିତ୍ତ-ରଞ୍ଜକ-ପୂତ,
୧ ଦୁଃଖ-ଗିରି-ବଜ୍ର ଯହିଁ ଦେବନ୍ତ ବହୁଶ୍ରୁତ,
ସ୍ୱଜାସ୍ୱଜନେଶ୍ୱରଙ୍କ ଦେଇ ପଦଦ୍ୱନ୍ଦ୍ୱ
ଘନ ଭଣ୍ଡାରିଣୀ ଦୂର୍ତ୍ତି ନଇଁଗିରେ ବନ୍ଧେ ।
କରିବାକୁ ମଧୁ-ଆଶା-ତିମିର-ତରଦନ
କାଟରେ କାନ୍ତାରେ ଥାଇ କରେ ନିବେଦନ ।
ମହାରାଜ ମହାପଥେ ହୋଇଛ ଦୀକ୍ଷିତ,
୨ ନବ-ବାମା ହୋଇଥିବ ବାମାଙ୍କ ଲାଞ୍ଛିତ
ମୁଗ୍ଧ-ବଧୂ ମୁଗ୍ଧ ହେବ ବୋଲି ଶତ ଗୁଣ
ବଢ଼ିଯାଉଥିବ ତୁମ୍ଭ ସକଳ ସଦ୍‌ଗୁଣ ।
ଆଚରିତ ମହାପଥେ କରିବ ପ୍ରଦାନ
୩ ଅଶେଷ ରତନ ଧନ କ୍ଷୌମ ବସ୍ତ୍ରମାନ ।
ସିଦ୍ଧ-କାମ ହେବେ କହିଁ ଅର୍ଥୀ ସମୁଦୟ,
ମୋ ମାନସେ ଇଚ୍ଛା ଏକ ହୋଇଛି ଉଦୟ ।
ଏ ପୁର ଭିକ୍ଷାରେ ନାଥ, ନ ହେବ କୃପଣ,
ଦୟା-ଉତ୍ତମସ୍ୱ-ଦାନ-ବାରିଧି ଆପଣି ।
ମୁଁ କିଏ, ତା' ଜାଣିବାର ନୁହେ ଆବଶ୍ୟକ
ସଦା ତୁମ୍ଭେ, ତାପସଙ୍କ ଅଶାନ୍ତି-ନାଶକ ।
ତାପସଙ୍କୁ କିଛି ତୁମ୍ଭ ନ ଥାଏ ଅଦେୟ,
ମୁହିଁ ତପସ୍ୱିନୀ ମୋତେ ନ କରିବ ହେୟ ।
ସେ ହୋଇଛି ଆଜି ତୁମ୍ଭ ଅଙ୍କର ସ୍ୱଜନ,
ଭକ୍ତିଭରେ ଦେଖୁଥିବେ ଜଗତର ଜନ ।
ପୂର୍ବେ ଯେଉଁ କରିଥିଲେ କେଉଁ ଘୋର ତପ,
କେଉଁଠାରେ କେତେ କାଳ କେଉଁ ମନ୍ତ୍ର ଜପ,
ଏହା ମାତ୍ର ପ୍ରଭୋ,ମୋତେ ଦେବଟି ଜଣାଇ
ଅନ୍ୟ କିଛି ଧନେ ମୋର ପ୍ରୟୋଜନ ନାହିଁ
କୋଟି ଅଶ୍ୱମେଧେ ଯେତେ ଧନ ହୁଏ ଦାନ
ତହିଁରୁ ଅଧିକ ତାହା ହେବ ମୋର ଜ୍ଞାନ ।
ଆଉ ଏକ କଥା ମାତ୍ର ଅଛି ଅନୁରୋଧ,
ଦୁହିତାର ସୁତଦ୍ୱୟ ଅତ୍ୟନ୍ତ ଅବୋଧ ।
ନାହିଁ ତାଙ୍କ ପିତୃ-କୋଳ-ଅବସ୍ଥାନ ଭାଗ୍ୟ,
ନ ଜାଣନ୍ତି ଜନକାତ୍ମ ପିତୃ-ଅନୁରାଗ ।
ଜାଣିଛନ୍ତି ଜନନୀର ଜୀବନ କହାଇ
ସଣ୍ଢୀ-ତନ୍ତ୍ରୀ-ସହକାରେ ସ୍ୱମାଧୁରେ ଗାଇ ।
କିଏ ନ କାନ୍ଦିବ ବହି ମାନବ-ହୃଦୟ ?
ତନୁଲତାରେ ଯହିଁ ଦୁଃଖିତ ଅଶ୍ରୁ ।
ତୁମ୍ଭର ଚରିତେ କେତେ ହୋଇ ବିମୋହିତ
ଯାଉଛନ୍ତି ଶିଶୁଦ୍ୱୟ ମହର୍ଷି ସହିତ ।
କରିବାକୁ ତୁମ୍ଭ ପଦ-ପଙ୍କଜ-ଦର୍ଶନ
ମନ ତାଙ୍କ ନେଉଅଛି କରି ଆକର୍ଷଣ ।
ଶୁଣାଇବେ ତୁମ୍ଭ ଗତ ଦୁଃଖର କାହାଣୀ,
ଯା' ଶୁଣିଲେ ଦୁଃଖୀନର ହୃଦ ହୁଏ ପାଣି ।
ନ ଶୁଣିଲେ ତହିଁ ପ୍ରତି ଧାଉଁଥାଏ ମନ,
ନ ବୁଝଇ କର ତାର ଔତ୍ସୁକ୍ୟ-ଦମନ ।
ଧୀରବର, ସେ କଥାକୁ ଦେଲେ ତୁମ୍ଭ ଶ୍ରୁତି
ଆଣିବ ସଦାପି ଦେଖା ବୈଦେହୀର ସ୍ମୃତି,
ବୈଦେହୀର ଦଶାକୁ ମଣିବ ସ୍ୱପନ
ମୁହିଁ ନବ-ଯୌବନ-ପ୍ରଫୁଲ୍ଲ-ଲପନ ।"

୧ । ବହୁଶ୍ରୁତ—ପଣ୍ଡିତ । ୨ । ଲାଞ୍ଛିତ—ତୁଚ୍ଛ । ୩ । କ୍ଷୌମ—ପଟ୍ଟବସ୍ତ୍ର ।

ଲେଖିଥାନ୍ତି ଉଚ୍ଚ-ଶିଳା ହୃଦୟ-ଫଳକେ,
ଯଶ ଘୋଷି ଦେଉଥାଏ ଦଶନର ଜଗତେ ।
ଆଉ କି ଲେଖିବ ବୋଲି ଭାବୁଥିଲେ ବସି
ଆସିଗଲେ କୁଶ ଲବ ମୁଦିତ ହସି ହସି ।
ବୋଇଲେ, "ଗୋ ମାତଃ, ଧନ୍ୟ ଧନ୍ୟ ରଘୁପତି
ଧନ୍ୟ ତାଙ୍କ ପ୍ରଣୟିନୀ ସତୀ ଗର୍ଭବତୀ ।
ଅଶ୍ୱମେଧ କରୁଛନ୍ତି କୌଶଲ୍ୟା-ନନ୍ଦନ,
ଦୂତ ଏକ ଆସିଅଛି ଧରି ନିମନ୍ତ୍ରଣ ।
ଦୂତଙ୍କୁ ପଚାରି ଯାହା ହେଲୁ ଅବଗତ,
ରାମଚନ୍ଦ୍ର ଯୋଗୁଁ ଆଜି ଧନ୍ୟ ଏ ଜଗତ ।
ଜନ-ଅପବାଦ ରାମ କଲେ ବିଭଞ୍ଜନ
ପ୍ରାଣ-ପ୍ରଣୟିନୀ ସୀତା କରି ବିସର୍ଜନ ।
ଅଶ୍ୱମେଧ-ଯଜ୍ଞେ ସହଧର୍ମିଣୀ ସକାଶେ
[୧] କାଞ୍ଚନ ଜାନକୀ ରାମ ରଖିଛନ୍ତି ପାଶେ ।
ଥିଲା କି ଜନନି, ତାଙ୍କୁ ଦମ୍ପତି ଦୁର୍ଲଭ ?
ଅନ୍ୟ ଜାୟା ନ ଇଚ୍ଛିଲେ ଜାନକୀ-ବଲ୍ଲଭ ।
କାହିଁ ଗଲେ ଜାନକୀ ମା, ନ ଥିବେ ଜୀବନେ
ନ ପାରିଲୁଁ ଜାଣି ସେହି କଥା ରାମାୟଣେ ।
ଯିବୁଁ ମା, ଦେଖିବୁଁ ରାମ କମଳ-ପୟର,
ସଙ୍ଗେ ନେବ ବୋଲି କହୁଛନ୍ତି ମୁନିବର ।"
କୁମାରଙ୍କ ବାଣୀ-ସୁଧା-ପାତ୍ର-ଲହରୀ
ସୀତା-ଜୀବନକୁ ଦେଲା ନିମଜ୍ଜିତ କରି ।
ଦୃଢ଼ ହୋଇଥିଲା ଯେତେ ଚିତ୍ତ ବାଳିମୟ
ପ୍ଲାବିଦେଲା ରାମ-ପ୍ରୀତି-ପୟୋଧିର ପୟ ।
ମନେମନେ ବୋଇଲେ, "ହା ! ମୁଁ ଚିରପାପିନୀ,
କେତେ ଥିଲି ସ୍ୱାମୀ ପ୍ରଭୁ-ହୃଦୟ-ତାପିନୀ ।
ମୁଁ ହିନା ଅବଳା ଅତି ଦୁର୍ବଳ ହୃଦୟା,
ଅନନ୍ତ ଅଗାଧ ମୋର ପ୍ରଭୁଙ୍କର ଦୟା ।
ଅପରାଧ କ୍ଷମ ନାଥ, କ୍ଷମାର-ସାଗର,
[୨] ବିଦ୍ଧ କଲା ମୋତେ ତୁମ୍ଭ ହୃଦୟର ଶର ।"

ବୋଇଲେ କୁଶଙ୍କୁ ସୀତା ପ୍ରକାଶି ହରଷ,
"ଯାଅ ବତ୍ସେ, ଦେଖି ରାଜ-ପୁର-ସାରସ ।
କହୁଥିଲେ ତାତ, ତହିଁ ଜାଣିବ ସଙ୍ଗୀତ,
[୩] ମୃଣ୍ଡବେ ଅଛଇ ତା' ତ ପୀୟୂଷ-ସନ୍ନିଭ
ସ୍ୱର୍ଣ୍ଣମୟ ଯଜ୍ଞ-ଶେଷେ ହୋଇ ସୁଧା-ସ୍ରୋତ
[୪] ହୃଦୟେ ହୃଦୟେ ହୋଇଯିବ ଓତପ୍ରୋତ ।
ଡାକିଲେ ରାଘବ ଯିବ ତାଙ୍କ ସନ୍ନିଧାନ,
ବନ୍ଦିବ ଚରଣେ ଭକ୍ତିପୂର୍ଣ୍ଣ ପ୍ରଣିଧାନେ ।
[୫] ଦେଖିବ ତହିଁରେ ତାଙ୍କ ଅବରଜଗଣେ,
ତାଙ୍କ ପଦେ ପ୍ରଣମିବ ଦେଖାଇ ବିନୟ ।
ରାଜମାତାଙ୍କର ପୂତ ଚରଣ-କମଳ—
ରଜ ଶିରେ ଦେଇ ପ୍ରାଣ କରିବ ସଫଳ ।
ଜାନକୀ-ଭଗିନୀ ତିନି ଥିବେ ତାଙ୍କ ପାଶେ,
ବନ୍ଦିବ ଚରଣ ତାଙ୍କ ଜାନକୀ-ବିଶ୍ୱାସେ ।
ପଚାରିବେ କେହି ଯେବେ କାହାର ନନ୍ଦନ,
ଉତ୍ତରେ ବୋଲିବ, "ଆମ୍ଭେ ତପସ୍ୱିନୀ-ଧନ" ।
କୁମାରଙ୍କୁ ହୃଷ୍ଟ କଲା ମାତାଙ୍କ ବଚନ,
ନବ କୌତୂହଳେ ତାଙ୍କ ପୂର୍ଣ୍ଣ ହେଲା ମନ ।
ସେଦିନେ ଶୟନେ ଆଉ ନ ହେଲା ଆଦର,
ହୃଦେ ନୃତ୍ୟ କଲା ରାମ-ପ୍ରଶଂସା-ବାଦର ।
ରାମ-କଥା କୁହାକୁହି କରି ପରସ୍ପର
ନିଦ୍ରା-ଅଭିଭୂତ ହେଲେ ଉଭୟ ସୋଦର ।
[୬] ଜାନକୀ-ଜୀବନ ଚିନ୍ତା-ଭକ୍ତିନଦୀ-ରୟେ
ଭାସୁଥାଏ, ବୁଡୁଥାଏ ଆବର୍ତ୍ତେ ଅଥୟେ ।
କେତେ ଆଣିବାକୁ ତାଙ୍କୁ ନିଦ୍ରାର ଶକତି
ନ ହେବାରୁ ଜଣାଇଲା ଯୋଗମାୟା କତି ।
ବୋଇଲା, "ଦେବି ଗୋ, ଆଜ ଜାନକୀ-ନନ୍ଦନ
କରିଛନ୍ତି ମାନସ-ହ୍ରଦ-ସୀମାକୁ ଲଙ୍ଘନ ।
ବାର ବର୍ଷ ହେଲା ଶଯ୍ୟା ଶୂନ୍ୟ ନେତ୍ରଙ୍କର
ଥରେ ହେଲେ ଆସୁଥିଲେ ମୋ କୋଳକୁ ଧୀରେ ।

୧ । କାଞ୍ଚନ—ସ୍ୱର୍ଣ୍ଣମୟୀ । ୨ । ଶର—ବାଣ । ୩ । ସନ୍ନିଭ—ସମାନ । ୪ । ଓତପ୍ରୋତ—ସମ୍ପୂର୍ଣ୍ଣ ବ୍ୟାପ୍ତ । ୫ । ଅବରଜ—କନିଷ୍ଠ ଭ୍ରାତା । ୬ । ରୟ—ସ୍ରୋତ ।

ଆଜି ଦେବତ ସୁରପୁରର କରୁଛନ୍ତି ଆହ୍ୱାନ,
ନ ଶୁଣି କରୁଛି ସ୍ୱର୍ଗ-ରାଜ୍ୟକୁ ପ୍ରୟାଣ ।
ନନ୍ଦନ-ସୁଷମା ତାର ଯେ ଦେବ କୁମର,
ଏଣୁ ଏଣି ହୋଇଯିବେ ନନ୍ଦନୁ ଅନ୍ତର ।
ଦଶ ଦିଗ ହେବ ତାଙ୍କୁ ଅନ୍ଧକାରମୟ,
ଏ ଜୀବନେ ନାହିଁ ତାର ସୁଖ-ସୂର୍ଯ୍ୟୋଦୟ ।
ପତି-ପ୍ରାଣା ହୋଇ ତାର ହେଲା କେଉଁ ଫଳ?
ଦେଖୁ ତ ଦୃଷ୍ଟିକି କରି ଭବିଷ୍ୟ ଉଜ୍ଜ୍ୱଳ ।
ପ୍ରାଣ-ଆଳବାଳେ ପ୍ରେମ-ଜଳ କରି ଦାନ
ଅବଳା ରଚିଲା ପତି-ଭକତି-ଉଦ୍ୟାନ ।
ନ ଫୁଟିଲା ଫୁଲ ତହିଁ ନ ଫଳିଲା ଫଳ,
କିସ ତ ଜୀବନ ହେବ କି ହୋଇ ବିକଳ ?"
ଯୋଗମାୟା ଆଜ୍ଞା ଦେଲେ, "ଶୁଣ ଲୋ ସୁଜନି,
ଶେଷ ହୋଇ ଆସିଲାଣି ଶୀତଳା-ରଜନୀ ।
ଏବେ ଯାଉଁ ବେଗେ ଦୁହେଁ ସତୀ-ସନ୍ନିକଟ,
କହିଦେବା ତା' ଭବିଷ୍ୟ ରହସ୍ୟ-ପ୍ରକଟ ।"
କହି ଏହା ଯୋଗମାୟା ଆସିଲେ ସତ୍ୱରେ
ପଶିଲେ ଜାନକୀ-ଚିତ୍ତ-କୁଟୀର-ଭିତରେ ।
ସ୍ୱର୍ଗୀୟ-ଜ୍ୟୋତିରେ ହେଲା କାନନ ଉଜ୍ଜ୍ୱଳ,
ସ୍ୱର୍ଗୀୟ ସୌରଭେ ପୂର୍ଣ୍ଣ ହେଲା ମହୀତଳ ।
ସୌରଭେ ଜାନକୀ-ପ୍ରାଣ ହେଲା ପୁଲକିତ,
ଦେଖି ପ୍ରଭାବରେ ହେଲା ନୟନ ନିମୀଳିତ ।
ଦେଖିଲା ଜାନକୀ ହୋଇଛନ୍ତି ଜ୍ୟୋତିର୍ମୟୀ,
ତାଙ୍କ ଜ୍ୟୋତି ଆଲୋକିତ କରୁଅଛି ମହୀ ।

ଜ୍ୟୋତିର୍ମୟ ରାମଚନ୍ଦ୍ର, ରତ୍ନ-ସିଂହାସନେ
ବସିଛନ୍ତି ସେହି ତାଙ୍କ ପ୍ରଶାନ୍ତ ଆନନେ ।
ରାମଚନ୍ଦ୍ର-କୋଳେ କୁଶ, ସୀତା-କୋଳେ ଲବ,
ଛତ୍ର ଧରି ପାଖେ ଛନ୍ତି ଊର୍ମିଳା-ବଲ୍ଲଭ ।
ଚନ୍ଦ୍ରିକା-ଧବଳ-ଶୁଭ୍ର-ଚାମର ଚାଳନ
କରନ୍ତି ଭରତ କରି ସୁନୀତି-ପାଳନ ।
ଶିଖଣ୍ଡି-ଶିଖଣ୍ଡ-ଜଡ଼ିତ ରଚିତ ବ୍ୟଜନ
କରରେ ଧରି ଶତ୍ରୁଘ୍ନ କରନ୍ତି ବୀଜନ ।
ସଭାଙ୍କ ଜୀବନ-ଜ୍ୟୋତି ଉଦୟ-ମୁଖରେ
ଶୋଭାମୟୀ-ଦେବତାରୂପେ ବସିଛନ୍ତି ପୁଷ୍କରେ ।
କେତେ କୋଟି ନର-ନାରୀ ମହାତୀର୍ଥ ଜ୍ଞାନ
କରି ସେ ପବିତ୍ର-ସ୍ରୋତେ କରୁଛନ୍ତି ସ୍ନାନ ।
ଦିଶୁଛି ସୁନ୍ଦର-କାନ୍ତି-ସିନ୍ଧୁ ପରି ଧାର
ବହନ୍ତି ଦେବେ ଜଳ ନିଜ ଆକାରେ ପ୍ରକାର ।
ଉପରୁ ଅମରଗଣେ ବିଦ୍ୟାଧରଗଣ
କରୁଥାନ୍ତି ମନୋହର କୁସୁମ ବର୍ଷଣ ।
ଅମର ଅମ୍ବର ନାଗ ନର ଅପସରା
"ଜୟ ସୀତା-ରାମ" ନାଦେ ପୂରାଇଲେ ଧରା ।
ଘରେ ଘରେ ପାଖେ ପାଖେ ନଗରେ ନଗରେ
ନୃତ୍ୟ-ନାଚେ ସିନ୍ଧୁ-ସ୍ରୋତେ କନ୍ଦରେ କନ୍ଦରେ,
ରଜନୀ ବାସରେ ସନ୍ଧ୍ୟା ପ୍ରଭାତ ସମୟେ,
ସୁଖେ ଦୁଃଖେ ଧନ ଧନ-ହୀନର ହୃଦୟେ ।
ଉଚ୍ଚାରିତ ହେଉଅଛି "ଜୟ ସୀତା ରାମ",
ଶୁଣି ମୁଗଧ ହେଲେ ସତୀ ଲଳନା-ଲଲାମ ।

# ଗୁଣଖୁ ଚଲ୍ଲେ

ସମ୍ବଲପୁର ଜିଲ୍ଲା ବୋଡ଼ାସମ୍ବରର

ଉଦାର ହୃଦୟ ଦାନଶୀଳ ଜମିଦାର

**ଶ୍ରୀମାନ୍ ରାୟ ଲାଲ୍ ରଜେନ୍ଦ୍ର ସିଂହ ବରିହା ବାହାଦୁରଙ୍କର**

ସମ୍ପୂର୍ଣ୍ଣ ବ୍ୟୟରେ

ଏବଂ

ଉଦ୍ୟ ଧନବାନ୍ ସ୍ୱଦେଶହିତୈଷୀ

**ଶ୍ରୀଯୁକ୍ତ ରାୟ ଭୁବନେଶ୍ୱର ବହିଦାର ସାହେବଙ୍କ**

ପ୍ରଚେଷ୍ଟାରେ

ଏହି ପୁସ୍ତକ ପ୍ରକାଶିତ ହୋଇଥିବାରୁ

ଗ୍ରନ୍ଥକାର ସେମାନଙ୍କ ନିକଟରେ

ହୃଦୟର ଗଭୀର କୃତଜ୍ଞତା

ଅର୍ପଣ କରୁଅଛି ।

# ଭୂମିକା

ମେନକା ଅପ୍ସରାର ସୌନ୍ଦର୍ଯ୍ୟ-ଦେବତା ଓ ପ୍ରଲୋଭନ-ଅସୁର ମିଳି ବିଶ୍ୱାମିତ୍ରଙ୍କର ତପଃସିନ୍ଧୁ ମନ୍ଥନ କରିବାରୁ ଶକୁନ୍ତଳାରୂପିଣୀ ଲକ୍ଷ୍ମୀଙ୍କର ଆବିର୍ଭାବ ଓ ତତ୍ସହ ଚରିତାମୃତର ଉତ୍ଥାନ ହେଲା । ସେହି ଅମୃତକୁ ଦୈତ୍ୟବଞ୍ଚିକା କବିତା ମୋହିନୀରୂପରେ ବିଦ୍ୟୁଦ୍ରୂପ ବିବୁଧସମାଜରେ ପରିବେଷଣ କରିଦେଲା । ମହାକବି କାଳିଦାସ ସେହି ଅମୃତରେ ନାଟକରୂପ ମିଷ୍ଟାନ୍ନ ପ୍ରସ୍ତୁତ କରି ବିବୁଧସମାଜରେ ପ୍ରଶଂସନୀୟ ହୋଇଅଛନ୍ତି । ପୃଥିବୀର ଅନ୍ୟତମ ମହାକବି ଜର୍ମାନ ସାହିତ୍ୟାକାଶର ପୂର୍ଣ୍ଣଚନ୍ଦ୍ର ମହାତ୍ମା ଗେଟେ କାଳିଦାସଙ୍କର ଶକୁନ୍ତଳା ନାଟକର ସ୍ୱର୍ଗୀୟ ମାଧୁର୍ଯ୍ୟରେ ମୁଗ୍ଧ ହୋଇ ମହାକବିଙ୍କର ଭାରତପ୍ରସିଦ୍ଧ ଯଶକୁ ଅବନୀପ୍ରସିଦ୍ଧ କରିଦେଇଅଛନ୍ତି । ଗୁଣର ମହତ୍ତ୍ୱ ଗୁଣୀ ବୁଝେ । ମହାତ୍ମା ଗେଟେ ମୁକ୍ତକଣ୍ଠରେ ଗୁରୁଗମ୍ଭୀର ସ୍ୱରରେ କହିଅଛନ୍ତି—

"Wouldst thou the young years's blossoms
and the fruits of its decline,
And all by which the soul is charmed,
enraptured, feasted, fed ?
Wouldst thou the earth and heaven
itself in one sole name combine ?
I name thee, O Sakuntala !
and all at once is said."

ଆଜି କାଳିଦାସଙ୍କର ଶକୁନ୍ତଳା ପୃଥିବୀର ବିଭିନ୍ନ ବହୁ ଭାଷାରେ ଅନୁବାଦିତ ହୋଇ ବିଜ୍ଞମାନଙ୍କର ହୃଦୟକୁ ଅମୃତରସରେ ପ୍ଳାବିତ କରୁଅଛି । ଭିନ୍ନ ଭାଷାରେ ମୂଳ କବିତାର ଭାବ ପୂର୍ଣ୍ଣରୂପେ ପ୍ରକାଶ କରିବା ସୁକଠିନ କାର୍ଯ୍ୟ । ଗୋଟିଏ ହସ୍ତୀ ସ୍ୱାଧୀନଭାବରେ ଚାଲିଲେ ତାହାର ଗତିର ଯେଉଁ ଶୋଭା ଥାଏ, ଅନ୍ୟ ଗୋଟିଏ ହସ୍ତୀ ପୂର୍ବଗାମୀ ହସ୍ତୀର ଠିକ୍ ପଦଚିହ୍ନ ଉପରେ ପଦକ୍ଷେପ କରି କରି ଚାଲିଲେ ସେ ଶୋଭା ରହିପାରେ ନାହିଁ; କିନ୍ତୁ ସେହି ମାର୍ଗରେ ହଂସର ନୈସର୍ଗିକ ଗତି ଦର୍ଶନୀୟ ହୋଇଥାଏ । ମହାକବି କାଳିଦାସଙ୍କର ଗତିପଥ ଲକ୍ଷ୍ୟକରି ଏହି ପୁସ୍ତକର ରଚନା ହୋଇଅଛି ଏବଂ ଚରିତ୍ରଟି ପ୍ରଣୟ-ପ୍ରଧାନ ଥିବାରୁ 'ପ୍ରଣୟ-କଳିକା' ନାମ ଧାରଣ କରିଅଛି ।

ମହାକାବ୍ୟ ମହାଭାରତ ପଥ ପରିତ୍ୟାଗ କରି ପଦ୍ମପୁରାଣର ମାର୍ଗରେ ମହାକବି କାଳିଦାସଙ୍କର ଶକୁନ୍ତଳା ନାଟକ ରଚିତ ହୋଇଥିବାର କଥିତ ହୁଏ;

ତଥାପି କବି ନିଜର ସ୍ୱାତନ୍ତ୍ର୍ୟ ରକ୍ଷାକରିବାକୁ ଗୁଡ଼ିଏ ନାଟ୍ୟାଙ୍କ ଓ ତହିଁ ନିମନ୍ତେ ସେ ପ୍ରଶଂସ୍ୟ ହୋଇଅଛନ୍ତି । କେହି କେହି କହନ୍ତି ଯେ ନାଟକରେ ନାୟକ-ନାୟିକାଙ୍କର ହୃଦୟର ପ୍ରଶସ୍ତ ଚିନ୍ତାସବୁ ବସ୍ତୁତନ୍ତ୍ରରୂପେ ପରିସ୍ଫୁଟ ହୋଇପାରେ ନାହିଁ, ଏହି କଥାମାନ ଖଣ୍ଡିତ ହୋଇ ଏହା ଉତ୍କଳ ଭାଷାରେ କାବ୍ୟରୂପେ ସ୍ଥାନେ ସ୍ଥାନେ ଲେଖକର ସ୍ୱତନ୍ତ୍ରତା ପ୍ରଯୁକ୍ତ ହୋଇଅଛି ।

ସୁଜ୍ଞ ପାଠକବୃନ୍ଦ ! ଏଥିରେ ମୂଳ କବିତାର ରସାସ୍ୱାଦ ନେଉଥିଲେ ନିଶ୍ଚୟ ବଞ୍ଚିତ ହେବେ । ଯେପରି ଅମୃତ ଅଭାବରେ ନବାତର ବ୍ୟବହାର ହୋଇଥାଏ, ମୂଳ କବିତାର ପ୍ରକୃତ ରସ ଅଭାବରେ ଏହି କବିତା ସେହିପରି ବ୍ୟବହାରରେ ଆସିପାରିବ କି ନା ସନ୍ଦେହ । ତହିଁ ଉପରେ ନବାତପଣାରେ ଲେମ୍ବୁରସ ପ୍ରକ୍ଷେପ ପ୍ରାପ୍ତ ଆଦର୍ଶର ଅନୁକରଣରେ ମୂଳ କବିତାରସ ଉପରେ ଉତ୍କଳ ଲେଖକର ସ୍ୱୀୟ କବିତାରସ ପ୍ରକ୍ଷିପ୍ତ ହୋଇଅଛି । ତହିଁ ନିମନ୍ତେ ଏହା କଦମ୍ଳ କିମ୍ବା ଅତ୍ୟମ୍ଳ ଦୋଷରୁ ଅପେୟ ହୋଇ ନ ଥିଲେ ରକ୍ଷା ।

ମତ୍ପ୍ରଣୀତ "କବିତାକଲ୍ଲୋଳ"ରେ ପ୍ରଣୟାଙ୍କୁର ପାଠକରି ମାନନୀୟ ଶ୍ରୀମାନ୍ ଶ୍ୟାମନାରାୟଣ ମିଶ୍ର, **M. A , B. L.** ପ୍ରମୁଖ ଅନେକ ସାହିତ୍ୟପ୍ରେମିକ ମହାତ୍ମା ପ୍ରଣୟାଙ୍କୁରକୁ ପରିବର୍ଦ୍ଧିତ ପ୍ରଣୟ-ବଲ୍ଲରୀ ରୂପେ ଦେଖିବାକୁ ସଦିଚ୍ଛାକାଙ୍କ୍ଷା ପ୍ରକାଶ କରିଥିଲେ ଏବଂ ମୋର ପରମହିତୈଷୀ ବନ୍ଧୁବର ଶ୍ରୀମାନ୍ ବ୍ରଜମୋହନ ପଣ୍ଡା ମହୋଦୟ ଅନବରତ ପୁସ୍ତକପୋଷକତାସମ୍ବଳିତ ଉତ୍ତେଜନା ପ୍ରଦାନ କରିଅଛନ୍ତି । ଏହା ସେମାନଙ୍କର ତଥା ଉତ୍କଳର ସହୃଦୟ କାବ୍ୟରସିକବୃନ୍ଦଙ୍କର କିଞ୍ଚିତ୍ ତୃପ୍ତିକର ବୋଧ ହେଲେ ମୁଁ ନିଜକୁ କୃତାର୍ଥ ଜ୍ଞାନ କରିବି । ଇତି ।

ଭଦ୍ରପୁର
ତା ୨୫ । ୧୦ । ୧୯୧୫

ବିନୟାବନତ
ଗ୍ରନ୍ଥକାର

# ପ୍ରଣୟ ବଲ୍ଲରୀ

## ପ୍ରଥମ ସର୍ଗ

### ପ୍ରଣୟାଙ୍କୁର

ଜୟ ବେଦବ୍ୟାସ ଜୟ କାଳିଦାସ
ଭାରତୀ-ପ୍ରିୟ-ନନ୍ଦନ,
ତୁମ୍ଭେ ଜଗଦ୍‌ଗୁରୁ କବିମଣ୍ଡଳୀର
ଲଲାଟ-ଶୋଭି-ଚନ୍ଦନ ।
ତୁମ୍ଭ ଚରଣରେ ଲାଗିଅଛି ବନ୍ଧି
ମୋ ହୃଦ-ଦୃଢ଼-ବନ୍ଧନ,
ତୁମ୍ଭ ପଛେ ଥାଇ ଭାରତୀ-ଚରଣେ
ବିନୟେ କରେଁ ବନ୍ଦନ ।
ଯେଉଁ ପଥେ ଗମି ଭ୍ରମିଲ ସୁରୁଚି ବନ,
ଭାରତୀ-କୁସୁମ-ବନେ,
ସେହି ପଥେ ଭୁଲି ତୋଳିବି କୁସୁମ
ଚଢ଼ିବ ଯେତେକ ନୟନେ ।
ନୟନେ ଚଢ଼ିବ ଯତନେ ସଞ୍ଚିଁକି
ନ ଛାଡ଼ିବ ମୋର ହସ୍ତ,
ସେ ଶୁଭ ଭାଜନ କୁସୁମ ଚୟନେ
ରଞ୍ଜିବ ହୋଇ ନିରସ୍ତ ।
ତୋଳିଲ କୁସୁମେ ହାର ଗୁନ୍ଥି ଦେବି
ଉତ୍କଳ-ଜନନୀ-ହୃଦେ,
ଉତ୍କଳର ଜନନୀ- ପାଦ-ପଦ୍ମେ ପୂଜି
ମନ ମଜ୍ଜାଇବି ମୁଦେ ।
ମୃଗୟା-ବିନୋଦେ ଦୁଷ୍ମନ୍ତ ନରେଶ
ବିହାର କରନ୍ତି ବନେ,
ଉତ୍ଫୁଲ୍ଲହୃଦୟେ ଧନୁଶର କରେ
ଶୋଭିତ ହୋଇ ସ୍ୟନ୍ଦନେ ।

ଭ୍ରମୁଁ ଭ୍ରମୁଁ ଏକ ମୃଗ ଆସି ହେଲା
ଅକସ୍ମାତ ନୃପ ଅଗ୍ରେ,
ଧନୁଶରଧାରୀ ନରେଶଙ୍କୁ ଦେଖି
ପଳାଇଲା ତହୁଁ ବ୍ୟଗ୍ରେ ।
ପଳାୟିତ ମୃଗ- ପଛେ ନୃପାଦେଶେ
ସୂତ ଚଳାଇଲା ରଥ,
କିନ୍ତୁ ଅଶିଥିଳ- ରଶ୍ମି କରିଥାଏ
ବିଫଳିକ ବନ୍ଧୁର ପଥ ।
ସ୍ୱଭାବ-ସୁଲଭ ଲମ୍ଫେ କୃଷ୍ଣସାର
ଗଗନେ ଅଧିକ ଥାଇ,
ଅଳପ ଅଳପ ମାତ୍ର ଡେଉଁଥାଏ ବନ
ଭୂମିରେ ପାଦ ପକାଇ ।
ପୁଚ୍ଛ ଲମ୍ବାଇ ଭୀତ ପଶ୍ଚକୁ ବୁଲି
ଆଶୁଗ-ପତନ-ଭୟେ,
ଗ୍ରୀବା ଭଙ୍ଗି ଥରେ ଥରେ ରଥେ ଦୃଷ୍ଟି
ପକାଏ ଦୃଶି ଅଥୟେ ।
ଶ୍ରମ-ବିବୃତ- ମୁଖ-ଚ୍ୟୁତ-ଦର-
କବଳିତ କୁଶମାନ,
ଗମନ-ପଥରେ ଇତସ୍ତତଃ ଉଡ଼ି-
ପଡ଼ୁଥାଏ ସ୍ଥାନ ସ୍ଥାନ ।
ଶ୍ରମଗ୍ଲାନ ଦେଖି ରଶ୍ମି ମୁକ୍ତ ସୂତ
ଘୋଟକ ଦେବାରୁ ଢିଳ,
କର୍ଣ୍ଣ ସଫଟାଇ ଲକ୍ଷ ଲମ୍ଫଦେ
ଅଶ୍ୱ ହେଲେ ବେଗଶାଳୀ ।

ପୃଷ୍ଠ ଦେଶେ ଖୁର- ଧୂଳି ଦୂରେ ଛାଡ଼ି
ଆଗକୁ ଧାନ୍ତି ଦଉଡ଼ି,
ବାଗ ହେଲେ ନାହିଁ ବାଦ ତାଙ୍କ ତଳେ
ଟେଣ୍ଡି କବା ପାନ୍ତି ଉଡ଼ି ।
ନରେଶଙ୍କ ଯାତ୍ରା ଅଗେ ଦୂରେ ଥାଇ
ଦିଶୁଥିଲା ସାନ ସାନ,
ସହସା ନୟନ- ଅଗ୍ରେ ବଡ଼ ବଡ଼
ଦିଶିଲା ସେ ଦ୍ରବ୍ୟମାନ ।
ପବନ ପାର୍ଶ୍ୱ ବନ ଦ୍ରବ୍ୟମାନ ଚାହିଁ
ଅଜିଲେ ସରଳ ଭ୍ରମ,
ଭିନ୍ନ ଭିନ୍ନ ଦ୍ରବ୍ୟ ଅଭିନ୍ନ ଦିଶିଲେ
ବନ୍ଧୁର ଦିଶିଲା ସମ ।
ଦେଖୁଁ ଦେଖୁଁ ରଥ ଉପଗତ ହେଲା
ସାରଙ୍ଗ ନିକଟ ସତ୍ୱର,
ସମକ୍ଷରେ ମୃଗ ଦେଖି ବସାଇଲେ
ଧନୁର୍ଗୁଣେ ରାଜା ଶର ।
"ମାର ନା, ମାର ନା, ଆଶ୍ରମ-ମୃଗ ଏ"
ଏକାଳେ ହେଲା ଏ ଶବ୍ଦ,
ଶବ୍ଦ ଲକ୍ଷ୍ୟ କରି ତପସ୍ୱୀ ସକଳ
ଦେଖି ରାଜା ହେଲେ ସ୍ତବ୍ଧ ।
ସସମ୍ଭ୍ରମେ ନୃପ ସାରଥିକି କହି
ରୁନ୍ଧାଇଲେ ତହିଁ ରଥ,
ବେଗେ ଆସି ଜଣେ ତପସ୍ୱୀ ନିକଟେ
ଆଶିଷିଲେ ଟେକି ହସ୍ତ ।
ବୋଇଲେ, "ହେ ନୃପ, ଆଶ୍ରମ-ମୃଗ ଏ
ବଧ ନୁହେ ତୁମ୍ଭଙ୍କର,
ତୂଳାକୁଡ଼େ ବହ୍ନି ପ୍ରାୟେ ମୃଦୁ-ମୃଗ-
ଶରୀରେ ନ ଛୁଟୁ ଶର ।
କାହିଁ ବଜ୍ର-ସାର ଶର ତୁମ୍ଭ, କାହିଁ
କୃଷ୍ଣସାର କ୍ଷୀଣପ୍ରାଣ,
ନୁହେ ତୁମ୍ଭ ଶର ଦୁର୍ବଳ ମାରଣେ,
କରନ୍ତୁ ଆର୍ତ୍ତ ତ୍ରାଣ ।"
ବଚନେ ନମିଲେ ମୁନିଙ୍କ ନୃପତି
ସାଧୁକ ତୃପ୍ତିସହିତ,

ସନ୍ଦର୍ଭ ବୁଝି ଏ ପ୍ରଶଂସିଲେ, "ସାଧୁ
ସାଧୁ ହେ ନୃପକେଶରି !
ସାଧୁ ପୁରୁବଂଶ- ଅବତଂସ କଲ
କୁଳ ଅନୁରୂପ କାମ,
ଲଭ ପୁତ୍ରରତ୍ନ ଚକ୍ରବର୍ତ୍ତୀ
ନିଖିଳ ସଦ୍‌ଗୁଣ ଧାମ ।
ବିପୁଳ ଆନନ୍ଦ ହେଉଅଛି ମନେ
ତୁମ୍ଭଙ୍କର ଆଗମନେ,
ସେ ଆନନ୍ଦ ଶିରେ ଆହ୍ଲାଦ ଢାଳନ୍ତୁ
ଅତିଥି ହୋଇ ଏ ବନେ ।
କଣ୍ୱ ମୁନିଙ୍କର ଆଶ୍ରମ ଦିଶୁଛି
ଦେଖନ୍ତୁ ମାଳିନୀ-ତୀରେ,
ତୀର୍ଥ ଯାଇଛନ୍ତି ମହର୍ଷି, ତାହାଙ୍କ
ଦୁହିତା ଛନ୍ତି କୁଟୀରେ ।
ତୁମ୍ଭଙ୍କ ରାଜ୍ୟରେ ରକ୍ଷି ଧର୍ମ କର୍ମ
ନ ଲଭୁ କେବେ ଅଶାନ୍ତି,
ତୁମ୍ଭଙ୍କ ଶାସନ- ଗୌରବକୁ ମୁନି
ସତତ ପ୍ରଶଂସୁଥାନ୍ତି ।
କର୍ମଶେଷେ ବ୍ରହ୍ମ- ଯାଚଣ କରୁଥାନ୍ତି
ତୁମ୍ଭଙ୍କ ଶୁଭ-କାମନା,
ଥାନ୍ତେ ଯଦି ଆଜି ତୁମ୍ଭଙ୍କ ଦର୍ଶନେ
ହୋଇଥାନ୍ତେ ପ୍ରୀତମନା ।
ଆସିଛନ୍ତି ତୁମ୍ଭେ ବାହୁଡ଼ିବ ଯେବେ
ଆଶ୍ରମେ ନୋହି ସଙ୍କୋଚ,
ମହର୍ଷି ଶୁଣିଲେ ଆଶ୍ରମବାସିଏ
ନିଶ୍ଚେ ହେବୁଁ ଭର୍ତ୍ସିତ ।"
ତପସ୍ୱୀ ଆଜ୍ଞାନ ଅନୁଗ୍ରହ ବୋଲି
ସ୍ୱୀକାର କରି ବଚନେ,
ସତ୍ୱରେ ତହିଁରୁ ଚଳିଲେ ନରେଶ
ଆଶ୍ରମପଦ ଦର୍ଶନେ ।
ତପୋବନ ମଧ୍ୟେ ଉପଗତ ହୋଇ
ଦେଖିଲେ ସର୍ବ ତରୁତଳେ,
ଶୁକ-ମୁଖ-ଭ୍ରଷ୍ଟ ତୃଣଧାନ୍ୟମାନ
ପଡ଼ିଛି ପାଦପତଳେ ।

ବୋଧହେଲା ବ୍ୟାଧ- ଭୟ ଶୁକଗଣ
ଛାଡ଼ି ଦୂର ବିସ୍ତରଣେ,
ଦୂରେ ରହି ବନ- ଶୋଭାକୁ ବଢ଼ାନ୍ତି
ମରକତ-ଅମ୍ପଦନେ ।
ପଦ୍ମରାଗ ଚଞ୍ଚୁ ଶୁକଙ୍କ ଶୋଭା
ଦେଖିହେଲେ ଏକବାରେ,
ଉପସ୍ଥିତ ହୋଇ ଗଲେ ନୃପଙ୍କର
ଦୃଷ୍ଟିରାଜ୍ୟ ଅଧିକାରେ ।
ପାଦ କେଉଁଠାରେ ଇଙ୍ଗୁଦ ନିର୍ଯ୍ୟାସ-
ସ୍ନିଗ୍ଧ-ଶିଳା-ଖଣ୍ଡ-ଚୟ,
ଦେଖାଉଛନ୍ତି ପୃଷ୍ଠେ- ସ୍ପଷ୍ଟରେ ଇଙ୍ଗୁଦ-
ବିଦାରଣ ପରିଚୟ ।
ମୁନିକୁମାରଙ୍କ ଚାରୁ କୁଶାଙ୍କୁର
ଭକ୍ଷଣରେ ଶଙ୍କାଶୂନ୍ୟ,
ଚରୁଛନ୍ତି ମୃଗ- ଗଣ ଯାହିଁ ନୃପ-
ଦର୍ଶନେ ନ ହୋଇ ତ୍ରସ୍ତ ।
ବାୟୁବଶୁଁ ଜଳ କୁଲ୍ୟାଜଳେ ଧୌତ-
ମୂଳ ତହିଁ ତରୁମାନ,
କଳୁଷ ହୋମଧୂମ ଲାଗି ଲାଗି ତାଙ୍କ
ନବପତ୍ର ଦିଶେ ମ୍ଳାନ ।
କିଛି ଦୂରେ ରାଜା ମୃଗୟାର ବେଶ
ତେଜି ଦୂରେ ତେଜି ରଥ,
ବିନୀତ ବେଶରେ ଚଳିଲେ ଲକ୍ଷ୍ୟକରି
ଆଶ୍ରମ-କୁଟୀର-ପଥ ।
ଆଶ୍ରମ-ମାଧୁରୀ ଦେଖି ଦେଖି ରାଜା
ଚାଲିଥାନ୍ତି ଧୀରେ ଧୀରେ,
ଯେଉଁ ଦିଗେ ଦୃଷ୍ଟି ଯାଏ ସେ ଦିଗରୁ
ନ ପାରେ ଫେରି ଅଚିରେ ।
ପଦ ବଳେ ଫେରେ ଅନ୍ୟ ଦିଗ ପୁଣି
କରୁଅଛି ଆକର୍ଷଣ,
ଆକର୍ଷଣ ନୂତନ, କରୁଥାଏ ସିନା
ପୀୟୂଷ-ଧାର ବର୍ଷଣ ।
ବିଶ୍ୱଜନ ମନ ପ୍ରୀତି-ପ୍ରସ୍ରବଣ
ତାଳକ ଯାହାଙ୍କ ରୂପ,

ତପୋବନ ଦୃଶ୍ୟ ଦର୍ଶନେ ମୁଗ୍ଧ
ଦୁଷ୍ମନ୍ତ ଆଜି ସେ ଭୂପ ।
ଚତୁର୍ଦ୍ଦିଗ ଦେଖି ଯାଇ ନରନାଥ
କରନ୍ତି ମନେ ବିଚାର,
"ଏ ଶୀତଳ ଶାନ୍ତି- ପ୍ରଦ ଛାୟା ସମ
ନୁହେ ଛତ୍ର-ଛାୟା ମୋର ।
ଏଣୁ ପୂର୍ବପୁରୁଷେ ରାଜ୍ୟଭାର ଦେଇ
ରଘୁବଂଶ ନୃପଗଣ,
ଶେଷେ ସମାଶ୍ରିଲେ ଶାନ୍ତି ଲଭିବାକୁ
ଶାନ୍ତିମୟ ତପୋବନ ।"
ଦୃଶ୍ୟ ସମ୍ପଦ ଏ ଦୃଷ୍ଟି ନୃପଙ୍କର
ହରେ ହୃଦୟ ଏ ମନ,
ଏକାଳେ କର୍ଣ୍ଣରେ ପଡ଼ିଲା, ରମଣୀ-
ରମଣୀୟ-କଣ୍ଠସ୍ୱନ ।
ଚମକି ଚାହିଁଲେ ପାଖେ କେହି ନାହିଁ
ଚିହ୍ନି ଲକ୍ଷ୍ୟକରି ଯାଇ,
ଲତାଜାଳ ଭେଦି ଦେଖିଲେ ଅଦୂରେ
ପାଦପ ଓହାଳେ ଥାଇ ।
ଆନନ୍ଦ-ପ୍ରତିମା ତିନୋଟି ମନୋହର-
ମୂରତି ସୁବର୍ଣ୍ଣ ତିନି,
ରୂପ-ଗୁଣେ ଯାଙ୍କ ନିନ୍ଦିବେ ସେପରି ସ୍ୱର୍ଗ-
ତରୁଣୀ ସୁର-କାମିନୀ ।
ବାମ କକ୍ଷେ ଜଳ- କୁମ୍ଭ ଧରି ଅଙ୍ଗ-
ଲତିକା ଦିଶିଲେ ତାଙ୍କ,
ଭାରମତେ ଝୁଙ୍କି ନଇଁଇ ହଲାଇ
ଆସନ୍ତି ମନ୍ଥର ଚାଲି ।
ଚାଲିଥାନ୍ତି କେହୁ ହୋଇ କାହା ଅତି
ଆଗେ କି ଅଛି ପଛରେ,
ପ୍ରେମାଳାପ କରି କରି କଉତୁକେ
ନାନା ମତେ ପରସ୍ପରେ ।
କଥାରୁ ତାଙ୍କର ଜାଣିଲେ ନୃପତି
ଏକ ନାମ 'ଶକୁନ୍ତଳା',
ଆଉ 'ଅନସୂୟା', 'ପ୍ରିୟମ୍ବଦା' ନାମ
ଅନ୍ୟ ଯେଉଁ ବେନି ଅବଳା ।

ଶକୁନ୍ତଳା କଣ୍ଠ- ଭୂଷିତା, ଏଥିରେ
ଦେଖି ତାର ସମ୍ପଦଶ୍ରୀ,
ଶକୁନ୍ତଳା କଣ୍ଠୁ- ଝୁଲି ଦେଖି ଯଥା
ପଦ୍ମରେ ପ୍ରସୂନ ହାର ।
ତା' ରୂପ-ମାଧୁରୀ କଲା ଅଧିକାର
ହୃଦ-ରାଜ୍ୟ ରାଜାଙ୍କର,
ଅନ୍ତଃପୁର-ନାରୀ- ରୂପ-ସୃଷ୍ଟି ତାକୁ
ଯୋଡ଼ିଲା କର-ପତ୍ର ।
ଭାଜିଦେଲା ବନ- ବଲ୍ଲରୀ-ଉଦ୍ୟାନ—
ଲତିକାର ଅଭିମାନ,
ତୋ ଲଭ କଣ୍ଟକ- ବନବାସୀ ବୋଲି
ବାସଗ କତା ସମାନ ?
ସୁଦର୍ଶ-ଦର୍ଶନ ସୁଖ-ଅବସର
ପାଇ ଅବିଳମ୍ବେ ମନ,
ଆନନ୍ଦ ବନ୍ଦୁ- ସୁର ସୁରପତ
କରିଗଲା ଅଲଗାବ ।
ସୁକୁମାରୀ କଣ୍ଠ- କଲଶ ଯତ୍ତର
କରାଇଲା ଆମନ୍ତ୍ରଣ,
ଶମ୍ପା-ସହଚରୀ- କୁଳଶ ନନ୍ଦନ-
ଦାଢ଼-କଣ୍ଟକ ହରଣ ।
ମୃଦୁ ମନୋହର କଲେବରେ ଦେଖି
ବଲ୍‌କଲର ପରିଚ୍ଛଦ,
ବଦୁଟିଲେ, "ଆହା ରାଜଲକ୍ଷ୍ମୀ ତନୁ
ସମର ଶନ୍ୟା ଆହବ !
ବସ୍ତ୍ରାଚ୍ଛାଦିତ ହୋଇ ପ୍ରଭୁଲ୍ଲ ତଥାପି
ଲଳନା-ଲାବଣ୍ୟ ହୃଷ୍ଟ,
ଯଥା ଶିବ-ଜଟ- ଉଦ୍ଧତା, ଶୈବାଳ-
ବେଷ୍ଟିତ-ଚନ୍ଦ୍ରିମା ଅବା ।
କଳଙ୍କ ଧରି ଥାଇ କଳାକର-କୋଳେ
କରଇ ନେତ୍ର ରଞ୍ଜନ,
ସ୍ୱଭାବ-ସୁନ୍ଦର ଅଙ୍ଗକୁ ଜଗତେ
ନ ହୁଏ କିସ ମଣ୍ଡନ ?"
ପଞ୍ଚବନ-ପ୍ରଶ୍ନ- ପ୍ରଫୁଲ୍ଲ-ମୁଖ-
ମଣ୍ଡଳର ସ୍ୱେଦକଣ,
ଶୁଣି ବସୁଟିଲେ, "ନବ-ବିକଶିତ-
କମଳେ ହିମ-ପତନ ।
ଏ କଠିନ କର୍ମ ଦେଲେ କୁମାରୀକ
ମୁନି କି ବିଚାରି ମନ,
ପାଟଦଉଡ଼ିରୁ ଲଗାଇଅଛନ୍ତି
ନୀଳଦ-ଗଜ ବନ୍ଧନେ ।
ତପୋବନେ ଏକା ଅସମ୍ଭବ କଥା
ଜଗତେ ସମ୍ଭବ ପାରେ,
ଶମୀ ତରୁ ଏତା କାଟୁଛନ୍ତି ମୁନି
ପଦ୍ମୋତ୍ପଳ-ଦଳ-ଧାରେ ।"
ସର୍ଷିବିନ୍ଦୁ ଆସି ସକଳ ଢାଳିଲେ
ବାଲ-ତରୁ-ଆଲବାଳେ,
ଶକୁନ୍ତଳା ଆସି ସହକାର ତଳେ
ଉପଗତ ଏହି କାଳେ ।
କୁମ୍ଭ ତଳେ ଥୋଇ ମୁତ୍ରିକା ଶ୍ରୀଅଙ୍ଗ
ପଲଖାଇ ଦେଲେ ଛିଡ଼ା,
ରାଜା ହୃଦେ ଘନ- ପୁର-ହୃଷ୍ଟି-ବର୍ଷି-
ତଡିର କରିଲ କ୍ରୀଡ଼ା ।
ପାଣି ପଦୂବତ- ଟାଙ୍କିବ ପହୁଁରେ
ନଖ ହରି-ପୃଷ୍ଠ କଡ଼ି,
ତାହା ଗଢ଼ା ମୂର୍ତ୍ତି- ଶିଳ୍ପୀ ହସ୍ତେ, ଏହା
ବିଶ୍ୱଶିଳ୍ପୀ ହସ୍ତ ଗଢ଼ି ।
ଭୂବନ୍ତ ନରେଶ, "ଶୋଭିବ କି ନା ଏ
ନର-ଭାଗ୍ୟ-ଉପବନେ,
ଅବା ତରବନ ଥିବ ତପୋବନ-
ସନ୍ଦର୍ଶୀୟ ସମ୍ପାଦନେ !
ଲତା ଜୁଟିବ ବାମା ବିଧାତା-ମାନସ-
ଲତା-ବୃନ୍ତ-ଶୋଭି ଫୁଲ,
ଭାଗ୍ୟଦେବୀ ଶିର- ଯୋଗ୍ୟ ଏ ଭୂଷଣ
ଫୁଲ ଅମୂଲ୍ୟ-ଅତୁଲ୍ୟ ।
ସାହା ମୁଣ୍ଡା ଚାଲି ଥାଉ ଏ କୁସୁମ,
ଧନ୍ୟ ମୋ' ନେତ୍ର-ଭ୍ରମର,
ଭାଗ୍ୟେ ତା' ମାଧୁରୀ- ସୁଧା ପାନ କଲା
ପାଇ ଶୁଭ ଅବସର ।"

ସୁନ୍ଦରୀ ମୁଣ୍ଡିଲା  ସହକାର-ସଙ୍ଗୀ
ନଆଳୀ-ଲତାକୁ ଥରେ,
ତିନି ଦିନ ପରେ  ଦେଖିଲା ନଆଳୀ
ସୁନ୍ଦରୀ ବେଶ ଧରେ ।
ନଆଳୀ ପ୍ରଶାଖା  ମୂଳମାନଙ୍କରେ
ହୋଇଥାଏ ପୁଷ୍ପକଳି,
କେତେ କଳି ଗର୍ଭ-  ଆବରଣ ଦେଇ
ବାହାରକୁ ଥାନ୍ତି ଫଳି ।
କେତେ ଅବା ପୁଣି  ରଜପୁଷ୍ପ ଅଙ୍ଗେ
ହୋଇଣ ବିକାଶୋନ୍ମୁଖ,
କେବଳ ପ୍ରତୀକ୍ଷା  କରୁଥାନ୍ତି ଶୁଭ-
ମୁହୂର୍ତ୍ତ ରଜନୀ-ମୁଖ ।
ଦୁଇ ଫୁଲ ଗୋଟି  ବିକଶିତ ହୋଇ
ଲତାଜାଲେ ଥାନ୍ତି ପଡ଼ି,
ଦୁଇ ଫୁଲଗୋଟି  ଭୃଙ୍ଗ ଉପଦ୍ରବେ
ତଳେ ଶୋଇଥାନ୍ତି ଝଡ଼ି ।
ହୃଦୟ-ବର୍ଦ୍ଧିତ  ନଆଳୀର ଦେଖି
ନବପୁଷ୍ପ-ଉଦ୍‌ଗମନ,
ଆନନ୍ଦ-ପ୍ରଫୁଲ୍ଲ  ହେଲା ଶକୁନ୍ତଳା
ନୟନ ସହିତ ମନ ।
ନ ଫୁଟି ଫୁଟିଲା  ପଣ ହୋଇଗଲା
ପ୍ରସନ୍ନ-ବଦନେ ହାସ୍ୟ,
ରହି ନ ପାରିଲେ  ନ କହି ସେ କଥା
ସଖୀଙ୍କଠାରେ ପ୍ରକାଶ ।
ଆନନ୍ଦଗଦ୍‌ଗଦେ  ବୋଇଲେ ସଖୀଙ୍କି,
"ଆସ ଆସ ବେଗେ ମିତ,
ଦେଖ ମୋ ନଆଳୀ  ହୋଇ ପାଇଅଛି
ଆଜ ନବକୁସୁମିତ ।"
ଅସ୍ଫୁଟ ମଧୁର  ହାସ ମିଶିଥାଏ
ବରବର୍ଣ୍ଣିନୀ ବଚନେ,
ଇକ୍ଷୁରସ ମଧ୍ୟେ  ନ ଫୁଟି ଯେସନ
ଶର୍କରା ଥାଏ ଗୋପନେ ।
ବାମା ଆମନ୍ତ୍ରଣେ  'କାହିଁ କାହିଁ' ବୋଲି
ଆସି ସହଚରୀ ଦ୍ୱୟ,
ଦେଖି ଆନନ୍ଦିଲେ  ଚଉକତ ଫୁଲ
ନଆଳୀ-ପ୍ରଶାଖାଚୟ ।
ଏକ ବୋଇଲା ଦେଖି,  "ଏ କଳିଟି ଆଜ
ଫୁଟିବ ଏତେ ରଜନୀ,"
ଅପରେ ବୋଇଲା,  "ଏହି କୁଡ୍ମଳଟି
ଫୁଟିଛି ଗତ ରଜନୀ ।"
ପ୍ରିୟମ୍ବଦା ତହିଁ  ବୋଇଲା, "ସଖୀତ,
ହୋଇଛୁ ଶୁଭସମୟ,
ସହକାର ସଙ୍ଗେ  ବନ-ତୋଷିଣୀର
କରିବାଅ ପରିଣୟ ।"
ଶକୁନ୍ତଳା ହସି  ବୋଇଲେ, "ଏବାଦ-
ଶୁଳ ମୋତେତ ଜଣା ନାହିଁ;
ଜାଣିଥିଲେ ତୁମ୍ଭେ  ସୁବିହିତ ହୋଇ
ସେ କଥା କହ ବତାଇ ।"
ପ୍ରିୟମ୍ବଦା ତହିଁ  ବୋଇଲା, "କୁମାରୀ,
କରୁଥାଅ ତେବେ ସତ୍ୟ,
ତୁମ୍ଭ ପରିଣୟ-  ସୁବିଧା ହେବାକୁ
ଅତୁଷ୍ଟ ଥିବ ମୋ' ଚିତ୍ତ ।"
ସଲଜ୍ଜବଦନେ  ବୋଇଲେ ଶ୍ରୀମତୀ,
"କେତେ କଥା ତୁମ୍ଭେ ଜାଣ,
ଇଚ୍ଛିତ କାର୍ଯ୍ୟ  ନ କରି ପ୍ରଥମେ
ଭବିଷ୍ୟତ କଥା ଆଣ ।"
ଏହା ଶୁଣି ବାଳା-  ପରିଣୟ-ଆଶା
ଅଙ୍କୁରିଲା ନୂତ ମନେ,
ସେ ଆଶା-ବଲ୍ଲରୀ  ପଲ୍ଲବିତ ହେଲା
ଦକ୍ଷିଣ-ବାହୁ ସ୍ପନ୍ଦନେ ।
ମନ ପ୍ରତି ଗୁଣି  ବିବେକ ବୋଇଲା
ସସ୍ନେହ-ମିଷ୍ଟ-ଭର୍ତ୍ସନେ,
"ନବ ସ୍ୱାଧୀନତା  ଏ କି ଆଜ ତୋର
ପରଦ୍ରବ୍ୟ ପ୍ରଲୋଭନେ ?"
ମନ ବୋଇଲା, "ଏ ତ ଆକର-ଗରଭ—
ଅନାଘ୍ରାତ-ରତନ,
ରାଜ୍ୟଯୋଗ୍ୟ ନୃପ  ହେଲଠାରେ ତହିଁ
ପ୍ରଥମ-ଦୃଷ୍ଟି-ପତନ ।"

ଶିବେକ ବୋଲନ୍ତ, "ପ୍ରତିଜନ୍ମରେ ଏ
ନୃପ-ଭ୍ରଷ୍ଟବମ୍ଭ-ଭାଗ୍ୟ,
ଖନି-ମଣିଜୀବନ ଲୁବ୍ଧ-ମୁଗ୍ଧ-ଜନ
ଘୋଷାଇଲେ ଯିବ ମାଗ୍ୟ ।"
ପ୍ରିୟମ୍ବଦା ତେବେଣି ବୋଇଲ୍, "ସୁନ୍ଦର,
ଏହି ରାଜ-ପୁରବାହିତ,
ଶୁଣିବ କି ମୋତେ ଶୂଦ୍ରବର-ପ୍ରେମ-
ଲୋଲୁପ ତୋ' ଜଳ-ଭକ୍ତି ?"
ଭାବିଲେ ନରେଶ, "ଗଗନ-ବକ୍ଷାସ୍
ଉଲ୍କା ମଣ୍ଡୁଥିଲ ଯାହା,
ସ୍ୱର୍ଗ-ଚ୍ୟୁତ-ମୃଦୁ- ଜ୍ୟୋତି-ପୁଣ୍ୟରାଶି
ଏଣ୍ଡ ଧରିଲିଣି ତାହା ।
ରାଜକୁଳ-ସିନ୍ଧୁ- ସମ୍ଭୂତ ରମା ଏ
କଥାନ୍ତୁ ଯାଉନ୍ତି ଜଣା,
କାନ୍ତ ନ ଜାଣିଲି ଜନ-ବଚନାଦର
କି କାରଣେ କରାଇଣା ।
ମୁନି କହନ୍ତି, ଆଶ୍ରମ ଅଛନ୍ତି
ମୁନି-ସୁତା ଶକୁନ୍ତଳା,
ସଖୀ ବାକ୍ୟ ଜନନ, ରାଜବରବର୍ଣ୍ଣିସ୍
ମୁକୁନ୍ଦଶ ସୁକୁନ୍ତଳା ।"
କୌତୂହଳ-ରଥ ବଢ଼ନ୍ତ ରାଜା ମନ
ଏ ଉଚ୍ଚାକାଂକ୍ଷ ଶୋଭନେ,
କିନ୍ତୁ ରହୁଥାଏ କୌତୁକ ଦର୍ଶନ
ପ୍ରତିଲଭେ ନବବଦନ ।
ଭାବେ, "ଯେତେବେଳେ ପଦ ନାହିଁ ଏହି ମୁକ୍ତ-
ସ୍ୱର୍ଣ୍ଣମଣି-ରୂପ-ନଦୀ,
ଝୁଲାଇ ମାରିବା- ପାଇଁ ଆଜୀବନ
ଦେଖାଇଲା ଆଜି ବିଧି ।
ଦେଖୁଅଛି ଯାହା ସତ୍ୟ ନା ସ୍ୱପନ
ଯିବ କି ସହସା ଭାଙ୍ଗି,
ସୁଖ-ସ୍ମୃତି ଆଜ ଦେଖି କି ପାରିବ
ଦେବ-ଦୁର୍ଲଭ-ଶୁଭାଙ୍ଗୀ ।
ଦୃଷ୍ଟି-ସିଂହାସନ ତେଜି ଯିବ ଯେବେ
ଏ ମୋ' ହୃଦ-ରାଜ୍ୟ-ରାଣୀ,
ଦୁଷ୍ଟ ସୃଷ୍ଟି ପ୍ରାଣ— ପ୍ରଜାଙ୍କୁ ସହଜେ
ବାହୁଡ଼େବ ସ୍ଥାବର ଆଣି ।"
ଅନସୂୟା ତେବେଣି କହାଲେ, "ପ୍ରିୟମ୍ବଦେ,
ଏହି ତୋ ସୁତବାଧାପଣ,
ନ ଥାଇବ ରଙ୍ଗ, ଅଛନ୍ତି ନଆଳୀ-
ସମାଜର ଦ୍ୱିଜଗଣ ।
ଭାଗ୍-ବଶତ- ପୁତ୍ର-ଚନ୍ଦ୍ରାତପ
ଲମ୍ବିତ ହେବ ଉପରେ,
ମନ୍ତ୍ରଧରଗଣ ଚୌଦିଗେ ରହିବେ
ପ୍ରସନ୍ନ-ଶତ୍ରୁଘ୍ନ-କରେ ।
ଫୁଟୁଥିବ ବାଣ ବଂଶ-ବଦନ ଉଡ଼ୁ-
ଥିବ ଉଲ୍କା ରୂପେ ନଭେ,
ଦୁନ୍ଦୁଭି ପଡୁ- ଥିବ ମଞ୍ଜୀରନେ
ମଧୁପ-ମଧୁର-ରବେ ।
ତତକାର ହେଉଥାଇ ବହୁଥିବେ ମୋଦେ
ମଙ୍ଗଳ-ସଙ୍ଗୀତ ଗାନ,
ଯେବେ ହୁଏ ନଆଳୀ- କର ଚୂତ-କରରେ
ସମର୍ପିବେ ପବମାନ ।"
ଅନସୂୟା-ବାକ୍ୟେ ହସି ଶକୁନ୍ତଳା
ବୋଇଲେ, "କହିଲ ସତ,"
ହସାହସି ହୋଇ ସଖୀଦ୍ୱୟ ଗଲେ
କାର୍ଯ୍ୟେ ପୂର୍ଣ୍ଣ ମନୋରଥ ।
ଶକୁନ୍ତଳା ଜଳ ସିଞ୍ଚି ଆରମ୍ଭିଲେ
ନବମାଳିକାର ମୂଳେ,
ମଧୁକର ଏକ ଉଡ଼ିଲା ଏକାଳେ
ଯେ ଥିଲା ନଆଳୀ ଫୁଲେ ।
ଉଡ଼ି ପୁଣି ବସି ବସେ ବାରମ୍ବାର
ସୁନ୍ଦରୀ-ମୁଖ-ମଣ୍ଡଳେ,
ବଡ଼ାଇଡ଼ଲେ ହେଲେ ଉଡ଼ୁଥାଏ ପୁଣି
ମୁଦ୍ରିତ ଭୃଙ୍ଗ ଉର୍ଦ୍ଧ୍ୱେ ଠଳେ ।
ଦୀର୍ଘ ଗୁଞ୍ଜସ୍ୱରେ ଚକଡେବେଳେ ଘରେ
କରୁଥାଏ ପ୍ରଦକ୍ଷିଣ,
ଯହିଁ ଯାଏ ଚାହିଁ ଥାଏ ଚପଳାର
ନୟନ ଚଳକଣ୍ଠନ ।

କର ଧୃତ କଳି    ଛୁଟି ଖୁଲି ବସ
ଡେଉରି କଟି ଗ୍ରୀବା ଘଞ୍ଚି,
ଅଳି ଉଡ଼ି ରଡ଼ି    ନର୍ତ୍ତକୀ ଭଙ୍ଗୀରେ
ଚହଟାଏ ଚଳାପାଙ୍ଗୀ ।
ଏ ନୃତ୍ୟଦର୍ଶନେ-    ଭାଗ୍ୟ ଲଭିବାକୁ
କେହି ତ ନ ଥିଲେ କତି,
ସୁରାଙ୍ଗନା ନୃତ୍ୟ    ନୀରସ ଯେସନ୍ତ
ଦେଖିଥିଲେ ସୁରପତି ।
ଲଜ୍ଜା-ବିରହିତ    ସ୍ୱାର୍ଥ-ବିଜଡ଼ିତ
ବିଦେଶ-ବନିତା-ନାଟ,
ସାରଳ୍ୟ-ଶୋଭିତ    ଲାସ୍ୟ କେବେ ବ ନାହିଁ
ଦେଖିଅଛନ୍ତି ସୁରରାଟ ?
ନ ପାଇଲେ ଦେଖି    ଆଶ୍ରମ-ତପସ୍ୱୀ-
ବାଳକଣ୍ଠି ଅବସ୍ଥାନ,
ଘନ-ପଲ୍ଲବିତ-    ତରୁ-ଅନ୍ତରାଳ
ରଖାଇଲେ ତାଙ୍କ ମାନ ।
କେବଳ ସ୍ୱପ୍ନିନୀ-    ସାବଲୀନ ଦୃଷ୍ଟି
ହୋଇଗଲେ ସ୍ତମ୍ଭୀଭୂତ,
ଦୃଷ୍ଟି ନ ପାଇ ଯା    ଯଶ କଲେ ହୃଦ
ଏ କଥା ଏକା ଅଦ୍ଭୁତ !
ଅର୍ଦ୍ଧରେ ସୁନ୍ଦରୀ    ସଖୀଙ୍କି ଡାକିଲା,
“ଆସ ଆସ ପ୍ରାଣ ମିତ,”
ସେ ଗମ୍ଭୀର ବାଣୀ    ହୋଇଗଲେ ସେହି
ଲାସ୍ୟ-ସମ୍ବରଣ-ଗୀତ ।
ବନ୍ଧୁ ପ୍ରତିଧ୍ୱନି    ଉଠି ହେଲା ଯେସନ୍ତ
ରମ୍ୟ-ସ୍ୱର-ସହଚରୀ,
ଚନ୍ଦ୍ର ଚ୍ୟୁତ ସୁଧା-    ସମ୍ମୋହନ ମନ୍ତ୍ର କି
ମନ୍ତ୍ରି ଦେଲା ସ୍ୱର-ଅରି ?
ସଜାଇ ଥିଲା ବା ।    ଯଣା କାମ-ବନ୍ଧୁ
ବଜାଇ ଦେଲା ଝଙ୍କାର,
ହଜାଇଦେଲା ଗଜା    ଧଇର୍ଯ୍ୟ, ମଣି ତା’
କୁସୁମ-ଧନୁ-ଟଙ୍କାର ।

ପୁଣି ଡାକ ଦେଲା,    “ଆସ ସଖୀ ଥରେ,
ଦୁଷ୍ପ୍ରବେଶ ମଧୁବ୍ରତ,
ନିଅଳିନ୍ତି ଆସି    ବାରଣ ନ ମାନ
କରୁଛନ୍ତି ମୋତେ ବିବ୍ରତ !”
ଜାଣି ନ ଜାଣିଲା-    ପର ପ୍ରିୟମ୍ବଦା
କହିଲା କରି ବଞ୍ଚନା,
ପୁରୁବଂଶ୍ୟ ପ୍ରାଣୀ    ତପୋବନ ମଧ୍ୟେ
[୧] ମଧୁବ୍ରତର ଗଞ୍ଜନା !
ସଜନୀଙ୍କ ଆନ୍ତ    ନିଆଳୀ ମଣିଷ
ଅଳୀଏ ଥାଇଁ ରହଣେ,
କେଉଁ ଦୁର୍ଜନ ସେ,    ଦୁଷ୍ମନ୍ତ-ପ୍ରତାପ
ଚଢ଼ି ନାହିଁ କି ତା’ କର୍ଣ୍ଣେ ?”
ପାଇ ଅବସର    ନୃପତି ସତ୍ୱର
ଧାଇଁ ଶକୁନ୍ତଳା ପାଶ,
ବୋଇଲେ, “କି ହେଲା, କି ହେଲା ସୁଶୀଳେ,
କେଉଁ ଖଳ ଦିଏ ତ୍ରାସ ?
ଭୟ ନାହିଁ, ଭୟ    ନାହିଁ ସୁକୁଶୀଳେ,
ପୌରବ ଭୂପତି ଥିଲେ,
ଅବଳା ଅରକ୍ଷ-    ଉପଦ୍ରବ କେବେ
କାହିଁକି ସହିବ ଭଲେ ?”
ଦେଖିଲା ସୁନ୍ଦରୀ    ସମ୍ମୁଖେ ଅପୂର୍ବ-
ସୁନ୍ଦର ଯୁବକ-ବର,
ଅଶ୍ୱିବନ୍ଧୁ କି ସେ    ଅନଙ୍ଗ ଅଥବା
ନରରୂପୀ ସୁଧାକର ?
ବଦନ-ପଦ୍ମିନୀ    ଥରେ ଚାହିଁ ତାଙ୍କ
ମୁଖ କଲା ଅବନତ,
ଲଜ୍ଜାକୁଳୀ ଲତା-    ଅଙ୍ଗେ କି ସହସା
ଲାଗିଗଲା କାହା ହସ୍ତ ?
କି କହିବ କିସ    କରିବ କିଛି ହିଁ
ସ୍ଥିର ନ ପାରିଲା ମନେ,
ବିସ୍ମୟ-ଜନିତ    ବ୍ୟାପିଗଲା ତାର
ସହସା ସ୍ୱେଦ-ଗଗନେ ।

୧ । ମଧୁବ୍ରତ—ଭ୍ରମର ଓ ମଦୁଅ ।

ଲଜ୍ଜା-ସହଚରୀ ସଜାଡ଼ିଲେ ବାଳା-
କେଶର-ବ୍ୟସ୍ତ-ବଲ୍କଳ,
ନମ୍ରନୟନଯୁଗଳ ରହିଲା ନୃପତି-
ଚରଣ-ଧ୍ୟାନେ କେବଳ ।
ମଣିର ଝଟକେ ଉଠିଲ ରଙ୍ଗ-ପାଦ
ସମୁଜ୍ଜ୍ୱଳ ନଖପଂକ୍ତି,
ମୃଦେ ସ୍ମିତମୁଖୀ ବନ୍ଧୂକାଧରା-
କୁନ୍ଦ-ଦନ୍ତୀ-କମ୍ବୁକଣ୍ଠୀ ।
ନୀରବେ ନମ୍ରନେ ଠିଆହୋଇଁ କ୍ଷଣେ
ସଖୀଏ ପଡ଼ିଲେ ମନେ,
ତାଙ୍କ ପ୍ରତି ଚାହିଁ ନ ଚାହିଁ ସେ ଚାହିଁ
ଉପଗତ ତତକ୍ଷଣେ ।
ସଖୀଦ୍ୱୟ ଦେଖି ଯୁବା-ମୂର୍ତ୍ତି ଶାନ୍ତ
ଗମ୍ଭୀର ପ୍ରଭାନ୍ୱିତ,
"ସତେ କି ଦୁଷ୍ମନ୍ତ ?" ବୋଲି ଭାବି ମନେ
ମନେ ହେଲେ ଆଚମ୍ବିତ ।
ମଧୁରେ ବୋଇଲେ, "ତପୋବନେ ଆମ୍ଭ
ନାହିଁ ଅନ୍ୟ କିଛି ଡର,
କରୁଥିଲା ଆମ୍ଭ ପ୍ରିୟସଖୀ ପ୍ରତି
ଉପଦ୍ରବ ମଧୁକର ।"
ସମ୍ଭ୍ରମେ ବନସ୍ଥ- ବାକ୍ୟେ ପ୍ରିୟମ୍ବଦା
ଡାକି ତାଙ୍କୁ ଚତୁରଳ,
ପ୍ରସାରିତ କର- ପୁଟେ ଦେଖାଇଲା
ଆସନ ବଲ୍‌କଳୋପଲ ।
ବସନ୍ତେ ନରେଶ ପାଦ୍ୟ ଅର୍ଘ୍ୟ ପାଇଁ
ସଖୀଙ୍କି କଲା ଇଙ୍ଗିତ,
ଜାଣି ତା ନୃପତି ବୋଇଲେ, "ଅତିଥି
ହୋଇଅଛି ସୁସେବିତ ।
ମଧୁମୟ ପ୍ରିୟ ବ୍ୟବହାର ତୁମ୍ଭ
କରିଅଛି ଆପ୍ୟାୟିତ,
କ୍ଷଣେ ତୁମେ ସ୍ଥିରେ ବସିଲେ ହେବ ମୋ'
ଆନନ୍ଦ ଶତଗୁଣିତ ।"
ଅତିଥିଭାଷିତେ ଉପବେଶ ହେଲେ
ତଥାକେ ତରୁଣୀଏ ରଙ୍ଗେ,

"ତୁ ବସ, ତୁ ବସ" ବୋଲି କହି ପରେ
ହେଲେ ଅପର କଥାକଥି ।
ବସିଲେ ଜଣଙ୍କ ପରସ୍ପରେ ବସ୍ତୁ
ଗୁପ୍ତି ଗୁପ୍ତବଳ ହେଲେ,
ଏ ରହସ୍ୟ ହେଉ- ଥାଏ ଯେତେକ୍ଷଣ ନୃପ
ଅଳକ୍ଷ୍ୟରେ କରୁଥିଲେ ।
ନୃପ ସ୍ତ୍ରୀ କୌତୁକ ଦେଖୁଥାନ୍ତି ଜାଣି
ନ ଜାଣିଲା ପରି ବସି,
ତରୁଣୀ-ଯୁଗଳ- ଅପୂର୍ବ-ମଧୁର-
ଗୁଞ୍ଜନରେ ତାଙ୍କ ରସି ।
ମୁନିକୁମାରୀଙ୍କି କୁଶଳ ବାରତା
ପଚାରନ୍ତେ ନୃପବର,
"ଭବଦୀୟ କୃପା- ବଳେ ସର୍ବ କୁଶଳ"
ସଖୀଏ ଦେଲେ ଉତ୍ତର ।
ନରେଶ ବୋଇଲେ, "ତୁମ୍ଭମାନଙ୍କର
ବଦନର ପ୍ରଫୁଲ୍ଲତା,
କହୁ ଦେଉଅଛି ପ୍ରଥମରୁ ତପୋ-
ବନର ଶୁଭବାରତା ।
ପୁଣି ତୁମଙ୍କର ସମ ରୂପ ବୟଃ
ଅମାୟିକ ବ୍ୟବହାର,
କରିଅଛି ଏହି ତପୋବନକୁ
ମୁଦମୟ ପ୍ରେମାଗାର ।"
ପଚାରିବା ପାଇଁ ମନୋହର-ବପୁ
ଅତିଥିଙ୍କ ପରିଚୟ,
ସିନ୍ଧୁ-ଊର୍ମି ପରି ଉଠି ପଡ଼ୁଥାଏ
ବାଳାଙ୍କ ଲଘୁ ହୃଦୟ ।
ଅନସୂୟା ସଙ୍ଗେ ପ୍ରିୟମ୍ବଦାଙ୍କର
ଲାଗିଥାଏ ଠାରାଠାରି,
ବିଳମ୍ବ ନ ସହି ପ୍ରିୟମ୍ବଦା ତହିଁ
ପୁଚ୍ଛିଲା ଆଗ୍ରହ ଭରି ।
"ଧୀରମଣି କେଉଁ ବଂଶ-ଭୂଷା, କେଉଁ
ରାଜ୍ୟ କର ଅନ୍ଧକାର,
ଏତେ ଅନୁଗ୍ରହେ କଲ ସୁଶୋଭିତ
ଏ ବନ ଅର୍ପି ଟସ୍ୟୁର ?"

ବାଳା ବାକ୍ୟେ ନୃପ      ପ୍ରତିବାଣୀ ଦେଲେ
ପୁରୁବଂଶେ ମୋର ଜନ୍ମ,
ଦୁର୍ଦ୍ଦମ-ଦମନ      ପରଜା-ରଞ୍ଜନ
ଚିରାଗତ କୁଳ-କର୍ମ ।
ମୃଗୟା-ବିହାର      ମଧ୍ୟେ ତପୋବନ
ଦରଶନେ ହେଲା ମନ,
ତପୋବନେ ଭ୍ରମି      ରାଜ-ନାମ ଶୁଣି
କରୁଅଛି ଆଗମନ ।
ଦେଖୁଅଛି ସଖୀ-      ତ୍ରୟ ତୁମ୍ଭେ ଏଥି
ତପୋବନ-ଅଳଙ୍କାର,
ତପସ୍ୟାର ଫଳ-      ରୂପିଣୀଙ୍କ ପୁଣି
ତପସ୍ୱିମ ବ୍ୟବହାର ।
ବପୁସ୍ୱ ସମ୍ବନ୍ଧ      କୌତୂହଳ-ଆସି
ଜାତ ହେଉଅଛି ମୋ ମନେ,
ତବ ବ୍ରହ୍ମର୍ଷି      କଣ୍ୱ ମହାବ୍ରତି
ପୁତ୍ରୀ ପାଇଲେ କେମନେ ?”
ଶୁଣି ପ୍ରିୟମ୍ବଦା      କହିଲେ, “ଏକଦା
କଉଶିକ ତପୋଧନ,
କଠୋର ତପସ୍ୟା      କରିବାର ଦେଖି
ଶଙ୍କିଲେ ମେଘ-ବାହନ ।
ତପୋଧନଙ୍କର      ତପୋଧନ ହାନି-
ଦେବା ପାଇଁ କଳ୍ପିଲେ,
ମଘବା ପ୍ରେରନ୍ତି      ମେନକା ସୁନ୍ଦରୀ
ଆସିଲେ ଅବନୀତଳେ ।
ତାଙ୍କ ସଙ୍ଗତେ କଲେ      ରାଜର୍ଷିପ୍ରବର
ଅମୋଘ ତେଜଃଶୋଷଣ,
ଶକୁନ୍ତଳା ନବ-      ରମଣୀୟ ରତ୍ନ-
ଲତା ତହୁଁ ଉତ୍ପନ୍ନ ।
ତାତ କଣ୍ୱଙ୍କର      ଯତନେ ଏ ବନେ
ହୋଇଅଛି ପ୍ରବର୍ଦ୍ଧିତ,
ମହର୍ଷି ଦେଖିଲେ      ଅନୁରୂପ ପାତ୍ରେ
ବାଳା ହେବ ସମର୍ପିତ ।”
ସେ ବାଣୀ-ବସନ୍ତେ      ନୃପ-ଆଶା-ତରୁ
ହୋଇଲେକ କୁସୁମିତ,

ଶୁଣିଲେ ଉକ୍ତ ସେ      ହେଉଥିଲା ଯାହା
ଅନଳ-ଶସ୍ତ୍ର ପ୍ରଘାତ ।
ସ୍ୱର୍ଗୀୟ ଲତାର      ନବ କୁସୁମ ଏ
ସ୍ୱର୍ଗୀୟ ସୁଷମାବୃତ,
ସ୍ୱର୍ଗୀୟ ସୌରଭ      ସ୍ୱର୍ଗୀୟ ମାର୍ଦ୍ଦବ
ଅନାଘ୍ରାତ ଅଚୁମ୍ବିତ ।
ନୃପ-ମୁଖେ ଦିଏ      କଟାକ୍ଷ ତରୁଣୀ
ନୃପ-ଦୃଷ୍ଟି ଥିଲେ ଆନେ,
ଆବର୍ତ୍ତିଲେ ନୃପ-      ଚକ୍ଷୁ ତାର ଧରେ
ବେଗେ ଅପସାରି ଆଣେ ।
ଲଜ୍ଜାବଶେ ଉଠି-      ଗଲେ ହେବ ବୋଲି
ଅତିଥିଙ୍କ ଅବମାନ,
ଗମନ ଉନ୍ମୁଖୀ      ପ୍ରାୟ ବସିଥାଏ
ସେଠାରେ ମନ କରି ଆନ ।
ସପ୍ତପର୍ଣ୍ଣ-ପତ୍ର      ଛିଣ୍ଡି ଗଣି ଗଣି
ନତ କରିଥାଏ ମୁଖ,
ମଧ୍ୟେ ଥରେ ଥରେ      ନୃପଙ୍କୁ ଅପାଙ୍ଗେ
ଦେଖି ଲଭୁଥାଏ ସୁଖ ।
ନୃପ ଦେଖୁଥାନ୍ତି      ପୁନଃ ପୁନଃ ତାର
ଦିବ୍ୟ-ପ୍ରଭା-ପୂର୍ଣ୍ଣ-ମୁଖ,
ଗୌଣ କରୁଥାନ୍ତି      ଆଳାପନ ତହିଁ
ବଦନ-ଦର୍ଶନ ମୁଖ୍ୟ ।
ଅଯତ୍ନ-ଅଳକ-      ମଣ୍ଡିତ ଲଲାଟ
ସୀମନ୍ତରେଖା ସରଳ,
କଳା ଅଳି ଗୁମ୍ଫି-      ଶୋଭିତ ବାମାର
ଚକ୍ଷୁ ଶତଦଳଦଳ ।
ସୁନୀଳ ନିବିଡ଼      ଭ୍ରୂଲତା ଚରଣି
କପାଳ କପୋଳ-ସୀମା,
ଚନ୍ଦ୍ରଶୋଭିତ      ନମ୍ରତ ସସ୍ମିତ
ଧଇର୍ଯ୍ୟେ ରଖେ ବଡ଼ିମା ।
ସୁଗଠିତ ନାସା      ବର୍ତ୍ତୁଳ ଚିବୁକ
ମଦନାଙ୍କର ଓଷ୍ଠାଧର,
ଗ୍ରୀବା-ମୋହନେ      ସୁଷମା ବିବାଦେ
ଲାଗିଥାନ୍ତି ପରସ୍ପର ।

ଶ୍ରବଣଯୁଗଳ, ମୁଖ-ଶୋଭା-ଗ୍ରହଣ୍ୟ
କରିବାକୁ ଗ୍ରାହ୍ୟପଣ,
ସୀମା ପ୍ରାନ୍ତେ ଥାଇ ଉଭୟ ଦନ୍ତିରୁ
କରୁଥାନ୍ତି ଆକ୍ରମଣ ।
ନୃପତି-ନୟନ- ଅତୃପ୍ତିକ ଦଲେ
ଶୋଭାସ୍ୱାଦୀ ଝଣାଝଣି,
ନୃପ-ନେତ୍ର ଖେଳୁ ସେ ଶୋଭା-ସାଗର-
ତରଙ୍ଗେ କ୍ଷୁଦ୍ର ତରଣୀ ।
ଥରେ ଥରେ ନିଦା- ନିଶି ହୋଇଯାଏ
ନୟନଙ୍କର ସୁଖ ନେତ୍ର,
ଆଲୋକିତ କରେ ଚମକାଇ ପ୍ରେମ-
ସୌଦାମିନୀ-ହୃଦ-କ୍ଷେତ୍ର ।
ଦେଖିବାକୁ ଅଙ୍ଗ- ଲାବଣ୍ୟ ନୃପଙ୍କୁ
ନ ମିଳଇ ଅବସର,
କିନ୍ତୁ ନତମୁଖୀ ବାଳା ଦେଖୁଥାଏ
ତାହାଙ୍କ ସ୍ଥୂଳ ପୟର ।
ଲାଗିଥାଏ ଯାହା ପାଦରେ ଆଶ୍ରମ-
ପଥର ପବିତ୍ର ଧୂଳି,
ଧୋଇଦେଇ ତୋଳି- ଦେବା ପାଇଁ କରୁ-
ଥାଏ ତରୁଣୀ-ମଣ୍ଡଳି ।
ଶ୍ରଦ୍ଧା କଲା ମନ ମସ୍ତକ ତଳକ
ଦେଇ ଅଭିବାଦନାର
କରନ୍ତା, କରନ୍ତେ ସଖୀମାନେ ସଦ୍ୟ
ତାହାଁ ପରି ବଳାତ୍କାର ।
ଏକାଳେ ସହସା ବନଗଜ-ଭୟ
ଚହଳ ପଡ଼ିଲା ବନେ,
ଉଠିଲେ ବାମାଏ ଅନାଇ ସତ୍ରସ୍ତ-
ଭୟ-ଚଞ୍ଚଳ-ନୟନେ ।
ପୁଣି କେ କହିଲା, "ଦୁରନ୍ତ ନରେଶ
ମୃଗୟାବନ୍ଧାରେ ଆସି,
ତପୋବନ ମଧ୍ୟେ ଶିବିର କରିଛନ୍ତି,
ସାବଧାନ ବନବାସି !
ଅଶ୍ୱ-ଗଜ-ପଦ- ଦଳ ଅଗଣିତ
ବନେ ଆସିଲେଣି ମାଡ଼ି,
ଭୟରେ ଜୀବଗଣ ଇତସ୍ତତଃ ହୋଇ-
ଛନ୍ତି ଡରିବାର ଗ୍ରସ୍ତ ।
ଅଶ୍ୱଖୁରୋତ୍ଥିତ ଧୂଳିପଟଳରେ
ଆଚ୍ଛନ୍ନ ହୋଇଲାଣି ବନ,
ସେ ଧୂଳିପଟଳ ବନ-ତରୁ ଲାଗି
ଉଠୁଛି ହୋଇ ଗଗନ ।"
ଦେଖୁଁ ଦେଖୁଁ ଏକ କୁଞ୍ଜର-ଶାବକ
ଦଉଡ଼ି ଆସି ଚଢ଼ିଲେ,
ଟିଆଡୋଳାଇ ଗଲା ଶକୁନ୍ତଳାଙ୍କର
ଲମ୍ବିତ ବଲ୍କଳାଞ୍ଚଳ ।
ପୁଣି ଶୁଣାଗଲା, "ପ୍ରକାଣ୍ଡ ମାତଙ୍ଗ
ହୋଇଅଛି ଉପଦ୍ରବ,
ପ୍ରକାଣ୍ଡ ପାଦପ- ଶାଖା ଖଣ୍ଡ ଖଣ୍ଡ
କରିଲାଣି ତା ରଦ ।"
ସସମ୍ଭ୍ରମ ନୃପ ଗାତ୍ରୋତ୍ଥାନ କରି
ଉଦ୍ୟତ ହୋଇଲେ ଗମନେ,
କିନ୍ତୁ ତରୁଣୀଙ୍କ ସଙ୍ଗ ଛାଡ଼ିବାକୁ
ଖେଦ ହେଉଥାଏ ମନେ ।
ସଖୀଙ୍କି ବୋଇଲେ, "ଯାଉଛି ଦେଖିବା
କଲୁଷେ ଆସି ବାରଣ,
ତପୋବନେ ଯେବେ ଉପଦ୍ରବ କରେ
କରିବି ତା ନିବାରଣ ।
ଧୃଷ୍ଟତା ମୋ' ମନେ ନ ଧରିବ ବୋଲି
ଭରସା କରେ ମୋ' ମନ,
ତଥାପି ଅନ୍ତରେ ଆସି ପୁଣି ତାହା
କରାଇନେବ ମାର୍ଜନ ।"
ସଖୀଏ ବୋଇଲେ, "ଅତିଥିସତ୍କାର
ନ କରି ହେଉଛୁଁ କ୍ଷୁଣ୍ଣ,
ପୁନର୍ଦର୍ଶନ ନ ଦେଲେ ଆର୍ଯ୍ୟ ହେ !
ହୃଦ ହେବ ଦୁଃଖେ ପୂର୍ଣ୍ଣ ।"
ନୃପତି ବୋଇଲେ, "ଏପରି କଥାକୁ
ନ କହ ନ କହ ଆଉ,
ତୁମ୍ଭ ପ୍ରୀତିପୂର୍ଣ୍ଣ ବ୍ୟବହାର ଭୁଲି
ନ ପାରିବ ମନ ଥାଉଁ ।

ଯେଉଁ ଯାଉଅଛି ମୁନି-ତନୟାଙ୍କ
ନିକଟରୁ ଭୃଙ୍ଗ-ବୃନ୍ଦ,
ବସାଇ ନ ଦେଲେ କନ୍ଦର୍ପ ବିଶ୍ୱାସ
କରିବ କି ଦେଖି ଗୁଣ ?”
ଏହା କହି ହେମ- ଅଙ୍ଗୁରୀୟ କାଢ଼ି
ଅଙ୍ଗୁଳିରୁ ତତକ୍ଷଣରେ,
ଶକୁନ୍ତଳା କର ଧରି ଅଙ୍ଗୁଳିରେ
ମଣ୍ଡି ଦେଲେ ପ୍ରେମଭରେ ।
ଚଳିଲେ ନୃପତି ଭରତର କାନ୍ତ
ପଛକୁ ଘୂରଇ ମନ,
ପ୍ରଧାବିତ ରଥ- ପଛକୁ ଉଡ଼ଇ
ଦୁକୂଳ-ଧ୍ୱଜ ଯେସନ ।
କର-ପରଶର ସୁଖରେ ଦେହ
ହେଉଥାଏ ପୁଲକିତ,
ପୁଲକ ବଳରେ ବଳୟ ତାଙ୍କର
ହୋଇଗଲା କବଳିତ ।
ସଖୀ-ଯୁଗ ଧରି ଶକୁନ୍ତଳା କର
ମୁଦ୍ରିକା କଲେ ଦର୍ଶନ,
‘ଦୁଷ୍ମନ୍ତ’ ବିବର୍ଣ୍ଣ ଧରିଅଛି ଯେହ୍ନ
ନବ-ପ୍ରେମ-ନିଦର୍ଶନ ।

ଚତୁରର ମୁଖ ଚାହିଁରହିଁ ହେଲେ
ନେତ୍ରେ ହୋଇ ଚକିତ,
ଶକୁନ୍ତଳା ପ୍ରାଣ ଅଛି କି ନା ଦେହେ
ନ ହେଲା ତାଙ୍କୁ ବିଦିତ ।
କି ଏକ ନୂତନ ଭବ-ସ୍ରୋତ-ବେଗେ
ଭାସିଲେ ତାର ପ୍ରାଣ,
ହସି ହସି “ଯାଉଁ କୁଟୀରକୁ” ବୋଲି
ସଖୀଏ କଲେ ପ୍ରୟାଣ ।
ସଖୀଙ୍କ ସଙ୍ଗରେ ଚଳିବାକୁ ବାଳା-
ଚାତୁରୀ ନ ହେଲା ଶକ୍ତି,
ଘୂଲୁଁ ଘୂଲୁଁ ଦୃଷ୍ଟି ଆକର୍ଷିତ ହେଲା
ପୁନଃ ନୃପତି ପ୍ରତି ।
“କୁରୁବକ କଣ୍ଟା ଲାଗିଗଲା” ବୋଲି
ସଖୀଙ୍କି କହିଲା ଛଳ,
ପ୍ରିୟମ୍ବଦା କହିଲେ, “କୁରୁବକ ଅଛି
ମାଳାକୁ ଚଲ କି ଚଳ ?”
ନ କହିଲେ କିଛି ବାଳା ନେତ୍ରେ କିନ୍ତୁ
ହୃଦରୁ ନ ହେଲେ ଦୂର,
କଲ୍ପିଲେ ବନେ ଅବଳା ଜୀବନେ
ନୟନ ପ୍ରଣୟୀଙ୍କର ।

# ଦ୍ୱିତୀୟ ସର୍ଗ

## ପ୍ରଣୟ-ପଲ୍ଲବ

ଶିବିରେ ସତ୍ୱର ଯାଇଁ ନରବର
ଆଦେଶିଲେ ଭୃତ୍ୟଗଣେ,
“ରାଜ ବାଜ ସବୁ ନ ଛୁଡ଼ ଜାଣନେ
କବନେ ରଖି ଯତନେ ।”
ଶିବିରମଣ୍ଡପେ ବସି ଅଙ୍ଗୁରୀୟ-
ହୀନ ଅଙ୍ଗୁଳିକ ଚୁମ୍ବି,
ଭାବିଲେ, “ସୁନ୍ଦରୀ କରସ୍ପର୍ଶ ସୁଖ
ପାଇଲ ଅଙ୍ଗୁଳି ପାଳି !”

ବନୁ ଆଣିଥିଲେ ନଅଳୀ କୁସୁମ
ଗୋଛା ଭୂପ ଥିଲେ କରେ,
ସୁନ୍ଦରୀମଣିର ପ୍ରିୟ ପୁଷ୍ପ ମଣି
ଆଘ୍ରାଣିଲେ ସ୍ନେହଭରେ ।
କୁସୁମ-ବାସକୁ ଭାବିଲେ ନରେଶ,
“ଅଙ୍ଗୁଳୀୟ କମନୀୟେ,
ସୁନ୍ଦରୀର କର- କମଳ-ସୌରଭ
ଆସିଛି ପର୍ଶି ସମୟେ ।”

ସୁନ୍ଦର କର-   ପଲ୍ଲବ ମାଧୁରୀ
ବାରମ୍ବାର ଘୁଣ ଘୁର,
ଫୁଲ ଶୁଙ୍ଘି ଶୁଙ୍ଘି   ଅପୂର୍ବ ଆମୋଦେ
ଚନ୍ଦ୍ରଙ୍କୁ ଦେଉଲ ଭରି ।
ଆମୋଦ-ମୁଦରେ   ଆଶା-ଘଟ ଭରି
ବାହାର ହୃଦୟ-ଧାର
ବହିଗଲା, ଲଭି   ବାମା-ନବ-ପ୍ରୀତି-
ଲକ୍ଷଣ-ସ୍ମୃତି-ଆସାର !
ସୋତା ଥିଲା ଶୋକ-   ରତ୍ନାକର, ତାର
ପାରିଲା ଦୃଷ୍ଟି ଗଗନ,
ନୂତନ-ଆଶାର-   ଆଗମନ ସ୍ପୃହି
ଚାଳିଥିଲା ଲଙ୍କା-ବନ !
ଅପାଙ୍ଗ-ଦର୍ଶନ-   ଷଟ୍ପଦ ଗର୍ଜି
ନୃତ୍ୟ କରି ବାରମ୍ବାର,
ନାଶ କରିଥିଲା   ନୂତ-ଭକ୍ତି-ଚର୍ଣ୍ଣ-
ନଇରାଶ୍ୟ ଅନ୍ଧକାର ।
ସୀତା-ଭୂତ-ଧାର   ଚଳିଲା ଚଞ୍ଚଳ
ସେଥିରୁ ରତ୍ନାକର ବକ୍ଷେ,
ପଥ ଖୋଜି ଖୋଜି   ବିବାହ-କୁସୁମ-
ନିବାସ-କାନନ-ବକ୍ଷେ ।
ଦେଖିଲା ନିକଟେ   ବାମା-ସଖୀ-ହସ୍ତ
ହୋଇ ତାର ଅନୁକୂଳ,
ପବନ-ସରଣୀ   ଛୁଇଁ ଦେଉଛନ୍ତି
ପୂର୍ଣ୍ଣ ହୋଇ ଦୁଇ କୂଳ ।
ସନ୍ଧିତେ ମୁଦ୍ରିକା-   ଗ୍ରନ୍ଥଣ ଟେପ ଫଟେ
ଜୁଆର ଆସିଛି ବଢ଼ି,
ସୀତା-ହୃଦ-ଧାର   ସାଗର-ଅନ୍ତରେ
ଅନାୟାସେ ଗଲା ପଡ଼ି ।
ହୃଦୟୁ ଚଳିଛି   ବିବେକ ଚଳାଇଲା
ଅଙ୍ଗ-ସମ୍ମିଳନ-ପଥ,
ଉଗ୍ର ହୋଇ ମନ   ବୋଇଲା, "ବିବେକ,
ପୂରିଛି ତୋ ମନୋରଥ !
ଟଙ୍କା ଦେଖିଛୁ   ଚଳାଇପାଇଅଛୁ
କର କର ସମ୍ମିଳନ,
କର ସମର୍ପଣେ   ବୁଝିଛୁ ଅମତ
ନ ଥିଲା ବାଳାର ମନ ।
ମନର ସନ୍ଦେହ   ଥିବା ବିଷୟରେ
ପ୍ରମାଣ ଯଦ୍ୟପି ନାହିଁ,
କୁତ୍ସିତ କଣ୍ଟା   ଲଗାଇ ଦେଇଲ,
କହ କି କରନ୍ତି ଆଉ ?
ବୋଲିବୁ ଅବା ତୁ   ବାଳିକାର ମନ
ଅଧୀନ ଅଟେ ପିତାର,
ବାଳିକା ନୁହେ ସେ   ଯୁବତୀ, ତା ମନେ
ନାହିଁ ପିତୃ-ଅଧିକାର ।
ସ୍ୱାଧୀନ ଯୁବତୀ   ସ୍ୱାଧୀନ ମନରେ
କରନ୍ତି କର ଅର୍ପଣ,
ସାକ୍ଷୀ ସଖୀହସ୍ତ,   ସାକ୍ଷୀ ତା ହୃଦୟ,
ସାକ୍ଷୀ ନାଗ ଶାଳିଗଣ ।"
ବିବେକ-"ସେହି ସ୍ୱେଚ୍ଛାଚାର ଶ୍ରୁତି ମୁନିବର
ସ୍ୱୀକାର ଯଦ୍ୟପି ନୁହି ?"
ମନ-"ତାର ଉତ୍ସାହୀ   ମୁନିଙ୍କ ବିବେକ
ନୁହନ୍ତି କି ତୋଠାଁ ଉଚ୍ଚ ?"
ବିବେକ-"ସେ କର ବନ୍ଧନେ ଦୁଲଦୁଲ କାନ୍ଦି
ଦୂଳା ହୋଇ ନାହିଁ ପାଣି",
ମନ-"ସାରିକା-ବଦନେ ଦୁଲଦୁଲ ଦେଲେ
ଧନୁର୍ବେଦ ପ୍ରକୃତି-ସ୍ୱାମୀ ।
ଜାଣି ନ ପାରିଲୁ,   ସିକ୍ତ ହୋଇଥିଲା
ରମଣୀ-ହସ୍ତ-କମଳ,
ସେବକ ଯା ମଣିଲୁ,   ନବୀନ କୁଶଧାର
ଢାଳିଥିଲେ ପୂତଜଳ ।"
ବିବେକ-"ଦ୍ୱିଜନ୍ମ ନ ଥିଲେ, କିଏ ଉଚ୍ଚାରିଲା
ବେଦ ମନ୍ତ୍ର ଆଦି କଥା ?"
ମନ-"ବସନ୍ତ କୋକିଳ   ଉଚ୍ଚେ ଗାଉଥିଲା,
'ଶୁଭମସ୍ତୁ ସଦା ସଥା' ।"
ବିବେକ-"ସ୍ୱଚ୍ଛନ୍ଦ ଅବଳା କର ଧରିବାର
ନୁହଇ କି ବଳାତ୍କାର ?"
ମନ-"ଲଜ୍ଜିତ ଯୁବତୀ   କର ପାତିଦେବା
ପ୍ରକୃତ ନାହିଁ ଲଜ୍ଜାର ।

ପ୍ରଣୟ-ରାଜ୍ୟରେ ପ୍ରଣୟୀର ବଳ
ପ୍ରଣୟିନୀ ଲୋଡ଼ୁଥାଏ,
ଧନ ସ୍ୱଦର୍ପଣ ବ୍ୟତୀତ ଅନ୍ୟତ
ଟେକାଳକୁ ଛାର ନ ଯାଏ ।"
ଶ୍ରୀ—"ଧନବଳେ ଯେବେ ପ୍ରୀତି-ଅନୁଯତର
ଅର୍ଜନ କାହିଁକି ଶ୍ରମ ?"
ମନ—"ଅର୍ଜନ କି ତାହା ଜଗତେ ବାଜଇ
ଦାମ୍ପତ-ପ୍ରେମ-ବିକ୍ରମ ।"
ହୃଦୟ ବୋଇଲା, "ମୁଁ ଯହିଁ ଯାଇଛି
ତହିଁ କି ନ ଗଲେ ଅଙ୍ଗ,
ବାସନ-ବିରହ- କଥେ ହୋଇଥିବ
ଜୀବନର ସୁଖ-ଭଙ୍ଗ ।
ତା ସଙ୍ଗ ବ୍ୟତୀତ ଜଗତ ପ୍ରଖ୍ୟାତ
ହେବ ନୀରସ ନିସ୍ପୃହ,
ଭାରସ ଲାଗିବ ରତ୍ନ-ସିଂହାସନ
ରାଜପୁର-ମଣିମୟ ।
ଯଦ୍ୟ ଶୋଭା ଦେଇ ରାଜଲକ୍ଷ୍ମୀ ସେ ତ
ହୋଇଅଛନ୍ତି ମୂର୍ତ୍ତିମନ୍ତ,
ତା ଅଲୋକ ବିନା ପ୍ରସ୍ଫୁଟ ହେବ
ମଣିମୟ ରାଜଛତ୍ର ।
ତା କର-କମଳ ଅଧର-କମଳ
ଛତ୍ରର ସାମ୍ରାଜ୍ୟ ଲକ୍ଷ,
ଇନ୍ଦ୍ରନୀଳମଣି- ଅଙ୍ଗରୁ ଉଠିବ
ଉଜ୍ଜ୍ୱଳ ପ୍ରଭା ପକ୍ଷ ।
ତା ନୀଳ କୁନ୍ତଳ ଭ୍ରୂଲତାଯୁଗଳ
ଉଜ୍ଜ୍ୱଳ ନୟନ-ତାରା,
ସମ୍ମାନସ୍ଥ ହେଲେ ନୀଳମଣି-ଅଙ୍ଗ
ଝରିବ ପ୍ରଭା-ଧାରା ।
ମୁକ୍ତାପଟଳ ପାଇଗଲେ ତାର
ଦନ୍ତ-ରଦ ଅଳଙ୍କାର,
ଜଳ-ନୟନରେ କରିବେ ନବୀନ
ମଧୁର ଶୋଭା ବିସ୍ତାର ।
ଚନ୍ଦ୍ର ରଶ୍ମି ଯଥା ଚନ୍ଦ୍ରକାନ୍ତ ମଣି,
ସୂର୍ଯ୍ୟ ସୂର୍ଯ୍ୟକାନ୍ତ ମଣି;
ରତନ ସକଳ ଝଲସିତ ହେବେ
ସ୍ପର୍ଶିଦେଲେ ଏ ରମଣୀ ।
ଲୀଳା ପଥ ହୋଇ- ଅଛି ସୁପ୍ରଶସ୍ତ
ଏକାନ୍ତ ନ କରି ଚଳ,
ପାଣି ଟେକି ତଳୁ- ତଳେ ଶୋଇଥିଲେ
ମୁଖେ ନ ପଡ଼ଇ ଫଳ ।"
ଏକାଳେ ଶିବିରେ ବାଜିଲା ଗମ୍ଭୀରେ
ମଧ୍ୟାହ୍ନତୂର୍ଯ୍ୟର ବାଜା,
ମନ୍ତ୍ରପଢ଼ୁ ଉଠି ଶିବିର ମଧ୍ୟକୁ
ବିଜେ କରି ଗଲେ ରାଜା ।
ଶିଳ୍ପତୂଳା ତେତେଣି କୁଟୀରକୁ ଗଲା,
ସ୍ଥିର ହୋଇ ନାହିଁ ମନ,
ସଖୀଙ୍କି ଲୁଚାଇ ପୁନଃ ପୁନଃ କରେ
ଅଙ୍ଗୁରୀୟ ଦରଶନ ।
କେତେବେଳେ ଅବା ଛଳ କରି କାନ୍ଦି
ସଖୀଙ୍କ ସମୀପୁ ଯାଇ,
ଅଙ୍ଗୁରୀ-ଅଙ୍କିତ ଅକ୍ଷର ପଠନ
ପ୍ରାଣ ଦିଏ ଉଲ୍ଲସାଇ ।
ହୃଦୟ-ମନ୍ଦିରେ ନବପ୍ରତିଷ୍ଠିତ
ନୃପତି-ପ୍ରୀତି-ପ୍ରତିମା,
କରି ଜୀବନରେ ଭରି ଦେଉଥାଏ
ଦିବ୍ୟ ନବ ମଧୁରିମା ।
ପ୍ରୀତି-ପ୍ରତିମାର ଛବି ବରି ତାର
ହୃଦୟ-ମନ୍ଦିର ଦୀପ୍ତ,
ମନାନ୍ଧ-ତିମିର- ଆଚ୍ଛାଦିତ ମୁଖ-
ପ୍ରାଙ୍ଗଣରେ ହେଲା କ୍ଷିପ୍ତ ।
ପୁଲକିତ ହୁଏ ଯୋଷା ନୃପ-କର —
ସ୍ପର୍ଶ-ସୁଖ ସ୍ମରଣେ,
ବିକଶିତ ହୁଏ ମଲ୍ଲୀକଳି ଯଥା
ବସନ୍ତ ସମୀରଣେ ।
ମନେ ଭାବେ, "ଯାଙ୍କୁ ହୃଦୟେ ପୂଜୁଛି,
ପୁଣ ପାଇବି କି କେବେ ?
ପୁନର୍ଦରଶନ ଆଶା ଦେଇଛନ୍ତି,
ସତେ କି ଆସିବେ ଏବେ ?

ଆହା କି ମଧୁର ମୂରତି ତାଙ୍କର
କି ମଧୁମୟ ବଚନ,
ବଚନ ନୁହଇ ତା' କେବଳ ଜୀବନ-
ଅଙ୍କୁରେ ସୁଧାସେଚନ ।
ସେ ବଚନାମୃତେ ପ୍ରାଣ ପଲ୍ଲବିତ
ହେବାର ନୁହଇ କଥା,
ଘନ-ତପ-ତେଜେ ଅହଲ୍ୟା ପରାଏ
ଜୀବନ ଲଭିବ ଜଡ଼ ।
ଦରଶନ ଦେବେ ସତ, କିନ୍ତୁ ସଦା
ଦାସୀ ନ କରିବେ ପଦେ,
ନାମେ ତପସ୍ୱିନୀ ଥାଇ ମରୁଥିବ
ଝୁରି ଏ ଆଶ୍ରମ-ପଦେ ।"
ମନ ତା ରହିଲା ନୃପ-ଭବନରେ
କାର୍ଯ୍ୟ କରୁଥାଏ ହସ୍ତ,
କରଣୀୟ କାର୍ଯ୍ୟ ଅତିକ୍ରମ କରି
ଅନ୍ୟ କର୍ମେ ହୁଏ ନ୍ୟସ୍ତ ।
ଦେବପୂଜା ପାଇଁ ସଂଗୃହୀତ ଫୁଲେ
ସରଣି ବସିଲା ହାର,
ଉଦୁମ୍ବର ତେଜି ଚନ୍ଦନ-ଇନ୍ଧନେ
ନୟନ ରହିଲା ତାର ।
କାର୍ଯ୍ୟାବଳୀ ଶୁଣି ସଖୀଦ୍ୱୟ ଜାଣି-
ପାରିଲେ କାମିନୀ ମନ,
ଏକ ସଖୀ ଦେଖି ଅପର ସଖୀକି
ଦେଖାଏ ଠାରି ନୟନ ।
ବୃଦ୍ଧା ତପସ୍ୱିନୀ ଗୌତମୀ କୁଟୀରେ
ନିକଟରେ ଥାନ୍ତି ରହି,
ତେଣୁ ସଖୀଦ୍ୱୟ ବାମାକୁ କୌତୁକେ
କିଛି ନ ପାରନ୍ତି କହି ।
ଏତିକି ମାତର ଗୌତମୀ ଆଗରେ
କହାଇଲେ ସଖୀଦ୍ୱୟ,
ଆସିଛନ୍ତି ଏଠି ବନକୁ ହସ୍ତିନା-
ନରପତି ସଦାଶୟ ।
ସମ୍ଭବତଃ ଆସି- ପାରନ୍ତି ଆମର
ଆଶ୍ରମ ଦର୍ଶନ ପାଇଁ,
କିଏ ସତ୍କାର କରିବ, ନାହାନ୍ତି
ତାତ ମୁନିକୁଳସାଇଁ ?"
ଗୌତମୀ ବୋଇଲେ, "ଜଳ ଫଳ ଫୁଲ
କାହିଁ କି ଆମ୍ଭ ଅର୍ଜିତ ?
ଶକୁନ୍ତଳା କରେ ସମ୍ଭେକ ନରେଶ
ପାରିବେ ହୋଇ ଅର୍ଚ୍ଚିତ ।
ଜାଣ ଶକୁନ୍ତଳା ଅଟଇ ବସୁଧା
ଋଷିପୁଙ୍ଗବର ସନ୍ତତି,
ନିଜେ ପାଦ ଧୋଇ ଅର୍ଚ୍ଚନେ ତୋଷିବ
ଋଷିପୁଙ୍ଗବର ଭୂପତି ।"
ପ୍ରିୟମ୍ବଦା ଶୁଣି ଶକୁନ୍ତଳା ପ୍ରତି
ବୋଇଲା, "ଶୁଣିଲୁ ସଖି,
ରାଜ-ସତ୍କାର କରିବୁଟି ତୁହି
ଉପଦେଶ ମନେ ରଖି ।"
ଶୁଣି ଶକୁନ୍ତଳା ପ୍ରେମଜରଜର
ଲାଜେ ମୁଖ କରି ନତ,
ତ୍ୱରିତେ ବୋଇଲା, "ସଜନୀଙ୍କ ଏ ତ
ଅନୁକୂଳ ବଳହସ୍ତ ।"
ଶକୁନ୍ତଳା ପୂର୍ବ- ସ୍ୱଭାବ ସହିତ
ଦିବାକର ହେଲେ ଅସ୍ତ,
ନବୀନ-ପ୍ରକୃତି— ସଙ୍ଗେ ତାର ନବ-
ସନ୍ଧ୍ୟା ହେଲା ଉପଗତ ।
ଗଗନ ପବନ ବନ ଅଭିନବ
ହେଲା ତା ନବ-ଜୀବନେ,
ସନ୍ଧ୍ୟାରାଗ ସହ ନବ-ରାଗ ଜାତ
ହେଲା ନବୀନାର ମନେ ।
ନବ ପ୍ରତିଭାତ ହେଲେ ନୟନରେ
ତାରକାପଟଳୀ କାନ୍ତି,
ପୁଷ୍ପାବଳୀ ନବ- ସୌରଭ ବିତରି
ଦେଖାଇଲେ ନବ-ଶାନ୍ତି ।
ଯେମନ୍ତେ ସତତ ବୋଧହେଲା ସବୁ
ଯେମନ୍ତ ଲୋଡ଼ିଲା ମନ,
ଏକପ୍ରାଣ ହୋଇ ସେବିବାକୁ ସବୁ
ପରଶର ପ୍ରିୟଜନ ।

ଯେଉଁ ପକ୍ଷୀଙ୍କର ସଙ୍ଗେ ଖେଳ ବୁଲି
ସୁଖେ ବଞ୍ଚୁଥିଲୁ ଦିନ,
ଆଜି ତାଙ୍କ ସଙ୍ଗ ହେଉଛି ଗୁଲା ଖେଳା
ବୋଧ ହେଲୁ ଉପହାସ ।
ଅଳଙ୍କା ବ୍ୟଞ୍ଜନ ଚିରାଭ୍ୟାସବଶେ
ଭୋଜନରେ ଭଲ ଲାଗେ,
ଆଜି କା ପାଇଁକି ମନ ବଳେ ଯଦି
ବ୍ୟଞ୍ଜନ ଲବଣ ଲାଗେ ?
ମନାସିଲା ବାମା ଚନ୍ଦ୍ରାଲୋକେ ପ୍ରିୟ-
ସଙ୍ଗେ କରନ୍ତା ବିହାର,
ଶାନ୍ତିତୋଷେ ପୂର୍ଣ୍ଣ କରନ୍ତା ହୃଦୟ
ଦେଇ ରମ୍ୟ ପୁଲକ୍‌ଭାର ।
ଉଦ୍ୟାନର ଧୀର ସାନ୍ଧ୍ୟବନ୍ଧ ଗନ୍ଧ-
ଥାନ୍ତା ପ୍ରିୟ ଅପଘନେ,
ନିଜେ ଲଗିଥାନ୍ତା ସ୍ୱକର-ବର୍ଦ୍ଧିତ
ଗୁଲ୍ମ-ବଲ୍ଲୀ ପ୍ରଦର୍ଶନେ ।
ଚନ୍ଦ୍ରମା କିରଣେ ମଣ୍ଡିତ-ପଲ୍ଲବ
ଧୀର ସମୀରଣେ ଥରି,
କୃତାର୍ଥ କରନ୍ତା ରଜତ-କାନ୍ତିରେ
ପ୍ରିୟବର-ଚିତ୍ତ ହରି ।

ପ୍ରିୟ-ତନୁ ଛୁଇଁ ଶାଖା-ଶିର-ଫୁଲ୍ଲ-
କୁସୁମଗୁଚ୍ଛ-ସକଳ
ନିତ୍ୟ ଜଳ ଦେବା ସ୍ନେହେ ବଢ଼ାଇବା
ଶ୍ରମ କରନ୍ତେ ସଫଳ ।
ପୁଲକରୁ ଗଢ଼ିଲ କୌମୁଦୀ-ସ୍ନାପିତ
ମାଳତୀର ମୃଦୁ-ବାସ,
ପ୍ରିୟେ ତୋଷ ଦାନ କରନ୍ତା ସରଜ-
ସ୍ତବକ ଶୀକର ସିକ୍ତ ।
ପ୍ରସାଦ-ପୂରିତ ପ୍ରିୟ-ମୁଖ ନିରେଖ
ଚୁମ୍ବି ଚୁମ୍ବି ପୁନଃ ପୁନଃ,
ନୟନ ପ୍ଳାବିତ କରି ପ୍ରୀତି-ଧାରେ
ପ୍ରାଣ କରୁଥାନ୍ତା ପୂର୍ଣ୍ଣ ।
ଏହିରୂପେ କେତେ କଥା ଭାବି ଭାବି
ନବ ଆଶାବନ୍ତୀ ବାମା,
ନବୀନ ଉଲ୍ଲାସେ ନବୀନ ଲାଳସେ
ସାଜିଲା ନବ ସୁଷମା ।
ପ୍ରିୟ ଦରଶନେ ପ୍ରିୟ-ଦରଶନ-
ଆଶା-ଆସାରେ ପ୍ଳାବିତ,
ହେବାରୁ ହୃଦୟେ **ପ୍ରଣୟ-ପଲ୍ଲବ**
ପଟଳ ହେଲା ସଞ୍ଜାତ । ୨୫ ।

# ତୃତୀୟ ସର୍ଗ

## ପ୍ରଣୟ-ପ୍ରସୂନ

କେତେ ମଧୁମୟ — ଜଗତର ନୃପଙ୍କ
ରଜନୀ ହୋଇଛି ଶେଷ,
ପ୍ରଭାତେ ପ୍ରବୁଦ୍ଧ ପିନ୍ଧାଇଲେ ଆସି
ନବମନ୍ତ୍ରମୟ ବେଶ ।
ପ୍ରାତଃକୃତ୍ୟ ନୃପ କରି ସମାପନ
କାନନ-ଭ୍ରମଣ ଗଲେ,

ଏକା ବିଜେ କଲେ ହୃଦୟ-ମାଧୁରୀ
ବୁଲାଇ ହୃଦ-କମଳେ ।
କାଲି ଯା ସୁନ୍ଦର ଦେଖିଥିଲେ ଆଜ
ଦିଶୁଛି ସୁନ୍ଦରତର,
ସୁନ୍ଦରୀର ରୂପ- ସୁଧାରେ ଯେମନ୍ତ
ସବୁ ସୁଧା-ଝରଝର !

ଯହିଁ ଦୃଷ୍ଟି ପଡ଼ନ୍ତେ   ସେ ଯେତେକ କହୁଛି
ସୁଦୃଶ୍ୟ ଅଛି ଏ ବନେ,
ଯହିଁ ମନ ଯାଏ   ଦିଶଇ ସୁନ୍ଦରୀ-
ମୂରତି ସ୍ମୃତି-ଦର୍ପଣେ ।
କାଲି ଯାହା ସବୁ   ନୃପ-ହୃଦୟକୁ
ହୋଇଥିଲା ଶାନ୍ତିମୟ,
ଆଜି ସେ ସକଳ   ବୋଧ ହେଉଅଛି
ମଧୁମୟ କାନ୍ତିମୟ ।
କାଲି ଯାହା ମନେ   ଲାଗୁଥିଲା ନୃପ
ଶୁଦ୍ଧ ଧୂମ ଭସ୍ମପୂର୍ଣ୍ଣ ।
ଆଜି ସବୁହନ୍ତି   ଚଳିତ ହୋଇଛନ୍ତି
ତହିଁରେ ହୀରକଚୂର୍ଣ୍ଣ ।
ଯେଉଁ ଫୁଲ ଫୁଲ-   କାନ୍ତି ଫୁଲଗନ୍ଧ
ଭକ୍ତି ଦେଉଥିଲେ ଡାଳ,
ସେହି ଫୁଲ ଫୁଲ-   କାନ୍ତି ଫୁଲ-ଗନ୍ଧ
ପ୍ରେମ ଦେଉଛନ୍ତି କାଳି ।
ଯେଉଁ ଡାଳେ ବସି   ଶୁକ କହୁଥିଲା
ତାପସ-ଯଶ-ଶ୍ରବଣ,
ଦମ୍ପତିର ସାଥୀ   ବର୍ଣ୍ଣୁଛି କପୋତ
ସେ ଡାଳ କରି ଆସନ ।
ମୃଗ ମୃଗୀ ଯାହା   ତାପସ ସ୍ୱଭାବ
ବୋଧ ହେଉଥିଲେ ମନେ,
ଆଜି ଦିଶୁଛନ୍ତି   ଅଚିନ୍ତ୍ୟ ମଧୁର
ଦମ୍ପତି-ପ୍ରେମ-ବନ୍ଧନେ ।
ନବମୁକୁଳିତ   ବାହାଡ଼ା ପାଦପୁଁ
ଆସିଲା ମଧୁର ଗନ୍ଧ,
ଡାଳେ ଡାଳେ ତାର   କ୍ରୀଡ଼ା କରୁଥିଲେ
ନବହୃଷ୍ଟ ଖଗବୃନ୍ଦ ।
ସମୁତ୍ତୁଙ୍ଗ-ଶୈଳ   ପ୍ରକାଣ୍ଡ-ପ୍ରସ୍ତର
ସ୍ତବକେ ମଣ୍ଡିଛି ମୁଣ୍ଡ,
ବନଲକ୍ଷ୍ମୀ-ଫଗୁ-   ଶୋଭା ସମ୍ପାଦୁଛି
କମଳାଗୁଣ୍ଡି ର ଗୁଣ୍ଡି ।
ଅବିଚ୍ଛିନ୍ନ ବସ୍ତୁ   ଲତା ବୃକ୍ଷ ତରୁ
ଶବ୍ଦ ବରଷି ଫୁଟିଲେ,
ପରସ୍ପର ଚଞ୍ଚୁ-   ମଣ୍ଡନେ ନିରତ
ହୋଇଛନ୍ତି ପ୍ରେମାକୁଳେ ।
ଷଟ୍‌ପଦେ ଷଟ୍-   ପଦେ ପୁନଃ ପୁନଃ
କରି ପୁଷ୍ପ ଆଲିଙ୍ଗନ
ପ୍ରେମ-ଗୀତ ଗାଇ   ପୁନଃ ପୁନଃ କରୁ-
ଅଛନ୍ତି ମୁଖଚୁମ୍ବନ ।
ପ୍ରଜାପତି ପ୍ରଜା-   ପତିର ଯନ୍ତ୍ରଣା
ସଫଳ କରୁଛନ୍ତି କାହିଁ,
ବର୍ଣ୍ଣେ କଳେବର   ମଣ୍ଡି ନବବର-
ବେଶେ ଫୁଲଫୁଲ ଯାଇ ।
ନବରଣ ମାଳିନୀ   ଥରେ ଥରେ ଧୀରେ
ଧୀରେ କରୁଥିଲେ ଗତି,
ଦୃଶ୍ୟ ସେ ସକଳ   ଅଚିରେ ଚଞ୍ଚଳ
ହୋଇଗଲା ତାଙ୍କ ମତି ।
ଯା ମନ ଯେପରି   ତା ପାଇଁ ସେପରି
ଫଳ ଦେଖାଉଥାଏ ବିଶ୍ୱ,
ଉଚ୍ଚମନା ଉଚ୍ଚେ   ଅମୃତ ଲଭଇ
ନୀଚମନା ପାଏ ବିଷ ।
ଉଜ୍ଜ୍ୱଳ ଉନ୍ନତ   ବିବେକାନୁଗତ
ମନ ଜନ-ନାୟକର,
ସ୍ୱର୍ଗର ଆକର-   କାନ୍ତ-ରତ୍ନ ପ୍ରାପ୍ତି
କଲା ତାଙ୍କୁ ଅଚିରର ।
ଛାଡ଼ି ତେଜି ନୀର   ନିକଟେ ପୁଲିନେ
ପୁଲକେ କଲେ ଗମନ,
ଦେଖିଲେ ନରେଶ   ଲାଗିଛି ନିବିଡ଼
ଦୁର୍ଗମ୍ୟ ବେତସ ବନ ।
ନର-ପଦଚିହ୍ନ   ଯାଇଛି ବେତସ-
କାନନ-ସୈକତ-ପଥେ,
ପ୍ରତିଆଗମନ   ପଦାଙ୍କ ନ ଦେଖି
ବିଚାର କଲେ ସ୍ୱଗତେ ।
"କିଏ କିଏ ଋଷି-   ପତ୍ନୀ ଭେଟିବାକୁ
ଜପ କରୁଛନ୍ତି ରହି,
ଏଣି ତ ଦୁଃଖରେ   ହେଲାଣି ଲେଉଟି
ନାହାନ୍ତି କି ଆଶା ବହି ?

ଦେଖୁଁ ଦେଖ ଏବେ   ଚନ୍ଦ୍ରେ ଉଦିତ-
ତର ହୋଇଅଛି ବାଲି,
ଏତେବେଳେ ଫେରି   କାହାନ୍ତି କଦାପି
ଆଜି କି ଯାଇବେ ଗୃହ ?
ମଧ୍ୟାହ୍ନ ସମସ୍ତ   କରିବାକୁ କବା
ବେତସ-କୁଞ୍ଜେ ଅତୀତ,
ମୁନି-କୁମାରୀଏ   କରିଛନ୍ତି ଏହି
ରମ୍ୟ ସ୍ଥଳ ମନୋନୀତ ।
କଳକଳ ନାଦେ   ବହୁଛି ନିକଟେ
ମାଳନୀ ନିର୍ମଳ-ଧାର,
ପୁଲିନ-ନିକୁଞ୍ଜ   ନ ହେବ ଏ କାଳେ
କାହାର ହୃଦୟ-କାର ?
ରଥାଙ୍ଗ-ମିଥୁନ   ହେଲେ ତ ବେତସ-
ଘନ ଛନ୍ଦ-ଗ୍ରସ୍ତାଚଳେ,
ଏକ ଡାଳେ ବସି   କଟ ବନ୍ଧୁବନ୍ତ
ନୀରବେ ରହି ନିଷ୍ଠଳେ ।”
ଶୀତଳ ଚନ୍ଦ୍ରକଣ   ଉପଳକୁ ଚଣ୍ଟି
ଧୂଆସନ କରି ମନେ
ଅଳିନ୍ଦିତେ ବସି   ରହିଲେ ନରେଶ
ବଣ ରମ୍ୟ ବେତସ-ବନେ ।
ଅଚିରେ ଅଦୂରେ   ଶୁଭିଲା ରମଣୀ-
କୋମଳ କଣ୍ଠ-ସଙ୍ଗୀତ,
ମନ ଧ୍ୟାନ ଦେଇ   ଶୁଣିଲେ ନରେଶ
ଅତର ହୋଇ ଚମକିତ ।

[ ଗୀତ ]

“ବିପିନ ଭିତରେ   ସରେ କମଳିନୀ
ଥିଲୁ ଚିତ୍ର ଅନ୍ତରାଳେ,
ଜନମକାଳରୁ   ଦର୍ଶନ ନ ଥିଲା
ଦିବାକର-କରଜାଳେ !
ଦକ୍ଷିଣ ଭ୍ରମଣ   ଶେଷ କରି ଏବେ
ଦର୍ଶନ ଦେଲେ ଭାସ୍କର,
ଦରଶନ ମାତ୍ର   ଦେଲେ ତନୁଆତ୍ମା,
ବଢ଼ାଇଲେ ପୁଣି କର ।
ସେ କର·ପରଶ   ଲଭି କମଳିନୀ
ହୋଇଗଲା ମୁହ୍ୟମାନ,
ଏକାଳେ ଜଳଦ-   ଜାଲି ଆଚ୍ଛାଦିଲା
ରବି ହୋଇଲା ଅନ୍ତର୍ଦ୍ଧାନ ।
ଦୁଃଖିତରେ ସୁଖୀ   ଉଙ୍କିବାକୁ ରବି
ଦେଇ ଯାଇଥିଲେ ଆଶା,
କାଳନ ରଜନୀରୁ   ପ୍ରଭାତରୁ ଗଡ଼େ
ଅନାଇ ହୃଦୟ-ଆଶା !
ବୁଦ୍ଧିହୀନ କି ନା   କେ ଜାଣି ଜଗତ-
ଉତ୍ପାଟନ-ଦବସ-ଫଣ୍ଡ,
ତିନି ଭୁବନରେ   ତାଙ୍କ ବ୍ୟତିରେକେ
ନାହିଁ କଳକର ଗତି ।”
ସଙ୍ଗୀତ-ଶବଦେ   ପ୍ରବୁଦ୍ଧ ହୋଇଲେ
ନଦୀ-କଳ-କଳ ତାନ,
ନିଃଶବ୍ଦ ବନ   ଝିଲ୍ଲିରବ ଦେଇ
ଲଗାଇଲା ଅନୁଗାନ ।
ନ ଥିଲା ସଙ୍ଗୀତ   ଅତି ଉଚ୍ଚ ଥିଲା
ମନ୍ଦର ଗମ୍ଭୀର ଧୀର,
ନ ଥିଲା ତା ବଳ   ଲଙ୍ଘି ଯିବା ପାଇଁ
ନଦୀ-ପାର-ବନ-ତୀର ।
ସେ ସଙ୍ଗୀତ ଶୁଣି   ଚକ୍ରବାକୀ-ମୁଖ
ଅନାଇଲା ଚକ୍ରବାକ,
ନଦୀ-କୂଳ-ବନୁ   ଗ୍ରୀବୁ ଦାଣ୍ଡବାକି
ଶୁଣିବାକୁ ଦେଲା ଡାକ ।
କପୋତ ତନଜ   ତୁନି ହୋଇ ଅବେର
ଶୁଣି ଡାକଦେଲା ସ୍ୱର,
କୁହୁ କରି ଗୀତ-   ସ୍ୱର ଉଣାଇଲା
କୋକିଳ ରାମ୍ଭୁକବର ।
ସଙ୍ଗୀତ-ନିର୍ଝରେ   ନୃପଙ୍କର ପ୍ରେମ-
କୁଞ୍ଜ ହୋଇ ଉଚ୍ଛଳିତ
ବଢ଼ିଲା ଛାତି-   ସଲିଳ ହୃଦୟ-
ପୁଳକ ହେଲା ପ୍ଲାବିତ ।
ଉନ୍ମଥିତ ହୋଇ   ଉନ୍ମତ୍ତ ପସଏ
ପ୍ରବାହରେ ଡେଇପଡ଼ି,
ନବୀନ ବଳରେ   ମନ-ମୀନ ବେଗେ
ଉଜାଣକୁ ଗଲା ଚଢ଼ି ।

ଶମ୍ପାବଳିତ ଘଟେ      ଶବଦ ପ୍ରକାଶେ
ମନ ଯଥେଷ୍ଟ ନଭଚର,
ସିକତିଳ ପଥ      ନିକୁଞ୍ଜ ନିକଟ
ଗମନ କଲେ ସତ୍ୱର ।
ଅଳନ୍ଦରେ ଥାଇ      ଲକ୍ଷ କଲେ କୁଞ୍ଜ-
କଟୀର୍ ସଙ୍ଗ ରନ୍ଧ୍ର-ପଥ,
ଅନସୂୟା ସଖୀ      କୁଟ୍ମଳର ହାର-
ଗ୍ରନ୍ଥନେ ହୋଇଛନ୍ତି ରତ ।
ଶକୁନ୍ତଳା ପୁଲ-      କାର ସ୍ୱର୍ଣ୍ଣ ମୂର୍ତ୍ତି
ନୟନ ଦିଶୁଥାଏ ଆନ,
ବୋଧ ହେଲା ତହିଁ      ପ୍ରିୟମ୍ବଦା ସଖୀ
ଶେଷ କରିଥିଲା ଗାନ ।
ପ୍ରିୟମ୍ବଦା ହସି      ଅନସୂୟା ପ୍ରତି
ବୋଇଲା, "ଥାଉ ତୋ' ହାର,
ମୁଁ ସାରା ଜାଣେଁ      ଗାଇଲି, ତୁ ଏବେ
ଗାଅ କିନା ଏକବାର ?"
ଅନସୂୟା ହସି   ବୋଇଲା, "ତୋ ଗୀତ,
ପରି ନୁହଇ ମୋ' ଗୀତ,
ମୁଁ ଗୀତ ଗାଇଲେ      ତରୁଣ-ଦେବତା
ହୋଇଯିବେ ଉପଗତ ।
ହାର ନୋହିଥିଲେ      କି ଦେଇ ପୂଜିବ
ଶକୁନ୍ତଳା ପ୍ରାଣେଶ୍ୱରେ ?"
ଶକୁନ୍ତଳା-ଚିତ୍ତ      ଆନେ ଥିଲା, ଶ୍ରୁତି
ନ ଥିଲା ତାଙ୍କ ଭାଷାରେ ।
ପ୍ରିୟମ୍ବଦା ତାହା      ଜାଣି ଶକୁନ୍ତଳା-
କେଶ ସଜାଡ଼ିବା ଛଳେ,
ପୁଷ୍ପ ଆଭରଣେ      ମଣ୍ଡିଦେଲା ତାର
କେଶ କର୍ଣ୍ଣ କଣ୍ଠତଳେ ।
ଅନସୂୟା ଏଣେ      ଅବସର ପାଇ
ପୂର୍ଣ୍ଣ କରିଦେଲା ହାର,
ପ୍ରିୟମ୍ବଦା ପୁଣି      ବୋଇଲା, "ସଜନି !
ଗାଅ ଏବେ ଏକବାର ।"
ଅନସୂୟା ସତେ      ହସି ହସି କହି
ସଜନୀକି ସାବଧାନ,

"ଦେଖ ଆସିଯିବେ      ତରୁଣ-ଦେବତା,"
ବୋଲି ଆରମ୍ଭିଲା ଗାନ ।
"ଚୂତ ପକ୍ୱ ହେଲେ      କୋକିଳ ଆସଇ
ଭାଷଇ ମଧୁର ଭାଷା,
ପୁଣ୍ୟ ପକ୍ୱ ହେଲେ      ତରୁଣ-ଦେବତା
ପୂରଣ କରନ୍ତି ଆଶା ।
ନିର୍ମଳ ଗଗନେ      ଚନ୍ଦ୍ର ଥିଲେ ସିନା
ଦିଶନ୍ତି କର-ଦର୍ପଣେ,
ନିର୍ମଳ ନୀରକୁ      ଜାତ ହୋଇଥିଲେ
ଘାଟକୁ ଆସନ୍ତି ଜନେ ।
ସୁଜନ ପ୍ରକୃତି      ଲଭଇ ସୁକୃତି
ଶୁଣା ନାହିଁ କାଳେ କାଳେ,
ସେ କଥା ଅନ୍ୟଥା      ହେବାର ବ୍ୟବସ୍ଥା
ଅଛି କି ମୋ ସଖୀ ଭାଲେ ?
ରତ୍ନ-ପରୀକ୍ଷକ      ରତନ ପାଇଲେ
ଦେଇ କି ପାରଇ ଛାଡ଼ି ?
ବନସିତ ଫୁଲ      ହସ୍ତରେ ପଡ଼ିଲେ
କେ ଦେଇଛି ପଦେ ମାଡ଼ି ।
ରସନା ଅଦ୍ଭୁତ      ନ ଥିଲେ ଅମୃତ
କାହାକୁ ଲାଗିଛି ପିତା ?
ଯା' କଥା ଲଭିଲେ      ବିଶୁଷ୍କ ବଲ୍ଲରୀ
ହୋଇଯାଏ ପଲ୍ଲବିତା ।
ଅୟି ମୋ' ସଖୀର      ତରୁଣ-ଦେବତା,
କାହିଁକି ଲୁଚିଛ ହୃଦେ ?
ସମ୍ମୁଖରେ ଥରେ      ବିରାଜିତ ହୁଅ
ମୋ' ସଖୀ ପୂଜିବ ମୁଦେ ।"
"ଗାନ ଏଥି ରହି"      ପ୍ରିୟମ୍ବଦା ସଖୀ
ବୋଇଲା ଉଚ୍ଚହାସରେ,
"ବନ୍ଧୁ ତ ବେତରେ      ଆସିଲେଣି ନୃପ
ତୋ' ଦର୍ଦ୍ଦୁର-ବର-ସ୍ୱରେ ।"
"ଆସିଲେଣି ନୃପ"      ଶବଦେ ଚମକି
ଶକୁନ୍ତଳା ଦେଲା ଦୃଷ୍ଟି,
ନିକୁଞ୍ଜ ଦୁଆରେ      ଉଭା ହୋଇଛନ୍ତି
ପ୍ରାଣପ୍ରିୟ ନରସାଇଁ ।

ଶୁଣି ସଖୀଦ୍ୱୟ ଉକ୍ତ ବୋଲିଗଲେ,
ଉକ୍ତ ହେଲା ଶକୁନ୍ତଳା,
ସଖୀଦ୍ୱୟଙ୍କର ଚାହିଁ ମୁଖପାଏ
ଲଜ୍ଜା-ସ୍ରୋତେ ବୁଡ଼ିଗଲା ।
ଶକୁନ୍ତଳା ପ୍ରାଣ ଦୋଳାୟିତ ହେଲା
ପ୍ରେମ-ତରଙ୍ଗରେ ଭସି,
ଜନନୀ ବିନତ- ବଦନା, କାହାକୁ
କେହି ନ ପାରନ୍ତି ଭାଷି ।
ପ୍ରିୟମ୍ବଦା ପୁଣି ସବୁ ଜଣାଇଲା
ଶକୁନ୍ତଳା ନିଜ ଠାରୁ,
ପଦପ୍ରକ୍ଷାଳନେ ବିଳମ୍ବ ନ କର
ତୁମ୍ବିକାରେ ଅଛି ବାରି ।
ଶକୁନ୍ତଳା ଦେଖି ଘଟ ଅରପିଲା
ତାହା ଅନସୂୟା ହାତେ,
କିନ୍ତୁ ଅନସୂୟା ଅସମ୍ମତା ହୋଇ,
ବୋଲୁଥାଏ ତାର ମତେ ।
ଅନସୂୟା ହସି ବୋଇଲା, "ସଜନି !
ନିଜେ ବହ ନିଜ ଭାର,
ବଧୂ ହୋଇ ନାହିଁ ଅରଜି ନାହିଁ ମୁଁ
ସେ ଭାଗ୍ୟର ଅଧିକାର ।"
ପ୍ରେମ-ବିକମ୍ପିତ କରେ ଶକୁନ୍ତଳା
କଲା ପଦ ପ୍ରକ୍ଷାଳନ,
ପ୍ରିୟମ୍ବଦା ଏଣେ ସାଜିଦେଲା ନବ-
ପଲ୍ଲବ କୋମଳାସନ ।
ପରିଶେଷେ ପର- ସ୍ପରେ ମନେ କଲେ
ଦୋହାଙ୍କର ସୁବାଦିଧ,
ଦୂରୁ ଲୁଚିବ ଏହି ଗଭୀରବ ଟୁଟିଲେ
ସ୍ୱରଗ-ଚିତ୍ତ-ସମ୍ପଦ ।

ସଖୀ ଅନୁରୋଧେ ବସିଲେ ନରେଶ
କୋମଳ ପଲ୍ଲବାସନେ,
ରତ୍ନ-ସିଂହାସନେ ବସିବା ସୁଖରୁ
ବଳି ସୁଖ ହେଲା ମନେ ।
ସଖୀଙ୍କ ନିକଟେ ଶକୁନ୍ତଳା ଦେଲା
ନରପତି-ଗଳେ ହାର,
ପ୍ରାଣପତି ମଣି ମନେ ଦେଲା ପୁଷ୍ପ-
ହାର ସଙ୍ଗେ ପ୍ରେମ-ଭାର ।
ପ୍ରିୟମ୍ବଦା ହସି ବୋଇଲା, "ନରେଶ,
କି ଦେଇ ସଖୀ ଆନ୍ତରେ,
*ତପସ୍ୱିନୀ କନ୍ୟା ତାପସ-ନିକୁଞ୍ଜେ
ତୋଷିବ ଅତିଥିବର ?
୧ ପାଣିଗ୍ରହଣରୁ ବୁଝିଅଛୁଁ କାଲି
ସ୍ୱଭାବେ ତୁମ୍ଭେ ଉଦାର,
୨ ବାହୁଲ୍ୟ ମାତ୍ର କହୁଅଛୁଁ ଆମ୍ଭେ
ମୁନିକନ୍ୟା ହେଉ ଦାର ।
୩ କୁଷ୍ମାଣ୍ଡ-ସ୍ତବକ- ଦାମ ମାତ୍ର ଅଛି
ସମ୍ବଳ ଏ ତପୋବନେ,
ତଦର୍ଥେ କର ତାପସ-କୁଳକୁ
ତହିଁ ଲାଗି ଭଗ୍ନ ମନେ ।"
ଭାଗ୍ୟ ପରଶଂସି ରାଜା ମନେ କଲେ,
ବେଣୀ ଲେଖିଥିଲା ଯାହା,
ରୋଗ ପ୍ରଶମନ ବ୍ୟବସ୍ଥା ଶ୍ଳୋକରେ
ଭେଟିକା ଘଟିଲା ତାହା ।
ପ୍ରକାଶେ ବୋଇଲେ, "ତପସ୍ୟାର ଫଳ
ରାଜ-ତାପସୀକୁ କର,
୪ ହୃଦୟର ହାର କରିଦେଲ ଯିନା
ତାହା ତପସ୍ୱିନୀକର ।"

* ଅତିଥିସ୍ୱାମୀ ଓ ଅତିଥିଶ୍ରେଷ୍ଠ ।

୧-୨ । କାଲି ପାଣିଗ୍ରହଣରୁ (ହସ୍ତଧାରଣରୁ) ବୁଝିଅଛୁଁ, ତୁମ୍ଭେ ସ୍ୱଭାବେ ଉଦାର; କେହି ଉଦାର, ଅତଏବ ମୁନିକନ୍ୟା । ବାହୁଲ୍ୟ ମାତ୍ର କହୁଅଛୁଁ । ଅନ୍ୟ ପକ୍ଷେ କାଲି ପାଣିଗ୍ରହଣରୁ (ବିବାହବନ୍ଧନ କାର୍ଯ୍ୟରୁ) ବୁଝିଅଛୁଁ, ତୁମ୍ଭେ ସ୍ୱଭାବେ ଉଦାର; ଅତଏବ ବାହୁଲ୍ୟ ମାତ୍ର କହୁଅଛୁଁ, ମୁନିକନ୍ୟା (ଶକୁନ୍ତଳା) ଦାର (ଭାର୍ଯ୍ୟା) ହେଉ ।

୩ । କୁଷ୍ମାଣ୍ଡ-ସ୍ତବକ-ଦାମ—କୁଷ୍ମାଣ୍ଡର ସ୍ତବକଦାମ । ଅନ୍ୟପକ୍ଷେ କୁଷ୍ମାଣ୍ଡରୂପକ ସ୍ତବକଦାମ ।

୪ । ତପସ୍ୱିନୀକର—ତପସ୍ୱିସମ୍ବନ୍ଧ, ଅନ୍ୟ ପକ୍ଷେ ତପସ୍ୱିନୀର—ଶକୁନ୍ତଳାର ହସ୍ତ ।

ପ୍ରିୟମ୍ବଦା ସଖୀ ନୃପଙ୍କୁ କହିଲ,
"ବନଫୁଲ ସମାବୃତ
୧ ହେବ କି ପ୍ରମଦା- ରଣ୍ୟ ସାର ସୃଷ୍ଟି
ସବୁ ଯହିଁ ସମାବୃତ ?"
ନରରଣ ବୋଇଲେ, "କରଗତ ହେଲେ
ନନ୍ଦନର ପାରିଜାତ,
ସହଚର ପାଇ ବ ତ୍ରିଭୁବନ ଦେବକ
ନହୋଇଥାନ୍ତି ଅବଜ୍ଞିତ ।"
୨ ସଖୀ ବୋଇଲ ସଖୀ ପ୍ରତି, "ସଖୀ-
ନନ୍ଦନ ପାଇବ କିସ ?
କିମ୍ବା ସନ୍ତନ ନୃମିତ୍ର ଜଗତେ
ନଦ ନଦୀ ନଗ୍ରାହିଣ ।"
୩ ସେ ବୋଇଲ, "ଖର୍ବା ନନ୍ଦନର କଥା
କି ହେବ ଆମ୍ଭେ ଚର୍ଚ୍ଚିରି ?"
୪ ନୃପତି ବୋଇଲେ, "ସଦା ସତ ସତ
ସେ ମୋ ଉତ୍ତରାଧିକାରୀ ।"
ତାପସିକ ରସ ନାଗରିକ ରସ
ତହିଁ ପ୍ରେମରସ ସଙ୍ଗ
ଅମା-ସ୍ୱାଗ୍ମ-ତନି ପ୍ରାଚ୍ୟେ ମିଳି ବଳେ
ଆନନ୍ଦର ମହାଦୃଷ୍ଟି ।
ସ୍ୱର୍ଗ-ଅଳକାରେ ଖର୍ବର ହସାଏ
ଶୁଭା ବ୍ରଜ-ଅଭିମାନ
ପ୍ରେମ-ତ୍ରିବଳୀରେ ନିକୁଞ୍ଜ-ଗଗନେ
ହୋଇଗଲା ଅଭିଧାନ ।
ତପସ୍ୱିନଙ୍କର ତରୁ-ଶୁଷ୍କ-ଦ୍ରାଣି-
ଶାଖାର ଶ୍ରୀ ଗଲା ବୁଡ଼ି,

ଦୁଃଖ ହେଲ ନାହିଁ ଜନ-ପଥ ସବୁ
ମନ ଗଲା ପଥ ଛାଡ଼ି ।
ଶକୁନ୍ତଳା ତହିଁ ସବୁ ଜାଣି ଜାଣି
କିଛି ନ ବୁଝିଲା ପରି,
ପୁଲକିତ ପ୍ରାଣେ ଲଜ୍ଜାଭରେ ଥାଏ
ମୁଖ ଅବନତ କରି ।
ମୃଗଶିଶୁଟିଏ ଦେଖିଲେ ସଖୀଏ
ନିକୁଞ୍ଜ ପ୍ରାଙ୍ଗଣେ ଛିଡ଼ା,
ଜନନୀକି ଛାଡ଼ି ଖୋଜୁଛି ବେଗନ୍ତ
ପାଇ କ୍ଷୁଧା ତୃଷା ପୀଡ଼ା ।
ପ୍ରିୟମ୍ବଦା ଭଣି "ଅନ୍ଧା ମୃଗ-ଶାବ
ହୋଇଅଛି କ୍ଷୁଧାତୁର,
ତା ମା ନିକଟକୁ ନେଇ ଦିଏଁ" ବୋଲି
ନିକୁଞ୍ଜରୁ ଚଳିଲା ଦୂର ।
ଅନସୂୟା ଭଣି "ଶିଶୁଟିକୁ ଜଳ
ଦେଇ ତୁ ପଡ଼ନା କର,
ମୃଗୀକୁ ମୁଁ ଧରି ଆଣୁଅଛି" ବୋଲି
ତା ପଛେ ଚଳିଲା ସତ୍ୱର ।
ଶକୁନ୍ତଳା ହୋଇ ଉଦ୍‌ବିଗ୍ନ ବୋଇଲା,
"ମୁଁ ହେଲି ଯେ ଏକାକୀ ?"
ରାଜା-"କିଏ ସେ ରହିଛି ନିକୁଞ୍ଜରେ ମୋତେ
ପ୍ରେମଧନେ ଏକା କରି ?"
୫ "ମୁଁ ନ ଜାଣେ" କହି ଶକୁନ୍ତଳା ହେଲା
ଯିବା ପାଇଁ ତରତର,
୬ ରାଜା-"ମୁଁ ନଜାଣେ ହେଲେ କି ଏକାନ୍ତରେ
ସୁବର୍ଣ୍ଣ ରଚନା କର ।"

୧ । ପ୍ରମଦାରଣ୍ୟ—ରାଜାଙ୍କର ଅନ୍ତଃପୁରସ୍ଥ ଉଦ୍ୟାନ, ଅନ୍ୟପକ୍ଷେ ସ୍ତ୍ରୀସମାଜ ।

୨ । ସଖୀ ପ୍ରତି ସଖୀ ପଚାରିଲେ, ହେ ସଖି, ନନ୍ଦନ (ଇନ୍ଦ୍ରୋଦ୍ୟାନ) କିସ ପାଇବ ? ଅନ୍ୟପକ୍ଷେ ସଖୀ ସଖୀ ପ୍ରତି ପଚାରିଲା, ସଖୀନନ୍ଦନ (ଶକୁନ୍ତଳାର ପୁତ୍ର) କିସ ପାଇବ ? ୩ । ସେ ବୋଇଲା, ନନ୍ଦନର (ଇନ୍ଦ୍ରୋଦ୍ୟାନର) କଥା ଆମ୍ଭେ ଖର୍ବ (ଶକ୍ତାହୀନ) ଚର୍ଚ୍ଚିରି କି ହେବ ? ଅନ୍ୟପକ୍ଷେ ସେ ବୋଇଲା, ଖର୍ବ ନନ୍ଦନର (ଭବିଷ୍ୟତ ପୁତ୍ରର) କଥା ଆମ୍ଭେ ଚର୍ଚ୍ଚିଲେ କି ହେବ ?

୪ । ଉତ୍ତରାଧିକାରୀ—ଉତ୍ତରର ଅଧିକାରୀ, ଅନ୍ୟପକ୍ଷେ ପରବର୍ତ୍ତୀ ଅଧିକାରୀ ।

୫ । ମୁଁ ନ ଜାଣେ—ମୁଁ ଜାଣେ ନାହିଁ ।

୬ । ମୁଁ ନ ଜାଣେ ହେଲେ— ବୋଲେନ-ମୁଁ ଜାଣେ ନାହିଁଲେ, ସୁବର୍ଣ୍ଣ- ଉତ୍ତମ ଅକ୍ଷର ।

ଶଶୀ-"ନ ଜାଣଇଁ ମୁହିଁ କାନନବାସିନୀ
ରଚନାଟି ସୁଧା କଣ ?"
ରାଜା-"ଶଠ କହିଲୁ ତୋ ସୁଧାଦ୍ରାବିଣୀ
ରଚନା ତ ସୁଧାକର ।"
ଶଶୀ-"ସୁଧାକଣା କାହିଁ ପାଇବ, ତା ପରି
ଥାଏ ମୁହିଁ ଶଶୀପରେ ?"
ରାଜା-"ସେ ତ ସକଳଙ୍କ ମୁହିଁ ଅଛି ସୁଧା
ଅକଳଙ୍କ ତୋ ଅଧରେ ।"
ଏରୂପେ ଉଭୟ କୌତୁକେ ବଚନାଦେ
ବେଳ ହେଲା ଅବସାନ,
କୁଞ୍ଜ-ରନ୍ଧ୍ର-ପଥେ ରଶ୍ମି ତାଙ୍କ ସୁତ
ସ୍ନିଗ୍ଧ ହେଲେ ବିବସ୍ୱାନ ।
ପର ପ୍ରେମ ମୁଗ୍ଧ ନିଜ ପ୍ରେମ ସଦା
ଦେଖାଇଥାଏ ବିସ୍ତାରିତ,
ଛାୟା ଟେକିଲେ ତରୁ- ମୂଳକୁ ହୁଅର
କର କଲେ ପ୍ରସାରିତ ।
ଦିନୁ ଆଲିଙ୍ଗନେ ପ୍ରଫୁଲ୍ଲ ବିଗ୍ରହେ
ଗ୍ରୀଷ୍ମ ତେଜ ତରୁ-ତଳ,
ଉଦୟାଦ୍ରି-କୁଞ୍ଜ ବିଳାସ-ନିଳୟେ
ଚଳିଲେ ଦେଖାଇ ଗଞ୍ଜନ ।

ଗଲବେଳେ ଲମ୍ବି ହୋଇ ଛଡ଼ ଛାୟା
ତରୁବର-ପଦ ଧରି,
ବୋଇଲା, "ଆସିବ, ଆସିବେ ଯଦ୍ୟପି
ମୋ ଚନ୍ଦ୍ରିକା-ସହଚରୀ ।"
ଅଧୀର କାନନେ ପ୍ରିୟମ୍ବଦା ଚେତଣି
ଇଙ୍ଗିତରେ ଦେଲା ଡାକ,
"ନଳିନୀକି ତେଜି ମିହିର ଗଲେଣି
ଚକବାକ ଚକବାକୀ !"
ଶିବିରକୁ ଗଲେ ନୃପତି, ସୁନ୍ଦରୀ
କୁଟୀରକୁ ହେଲା ଗତ,
ସୁନ୍ଦରୀ-ହୃଦୟେ **ପ୍ରଣୟ-ପ୍ରସୂନ**
ଦେଖାଇଲେ ବିକଶିତ ।
ବିଦାୟକାଳିନ ସତୃଷ୍ଣ-ଦର୍ଶନ
ନୃପତିଙ୍କ ସ୍ମରି ସ୍ମରି,
ପ୍ରଣୟ-ପ୍ରମୋଦ- ବିମୁଗ୍ଧା ସୁନ୍ଦରୀ
ଯାପନ କଲା ଶର୍ବରୀ ।
ଦିନ ଦୁଇ ତିନି ସେ ବନେ ନରେଶ
ପ୍ରମୋଦେ କରି ବିଳାସ,
ନଗରୀକୁ ଗଲେ ସୁନ୍ଦରୀକି ଦେଇ
ପରେ ନେଇଯିବା ଆଶ । ୯୧ ।

# ଚତୁର୍ଥ ସର୍ଗ

## ପ୍ରଣୟ-ସୌରଭ

ନରପତି ଗଲେ ନିଜ ନଗରୀକୁ
ସୁନ୍ଦରୀ ରହିଲା ବନେ,
ନରପତିଙ୍କର ବିଳାସ ସକଳ
ଲୀଳା କଲା ବାମା-ମନେ ।
ଚିର ଆତଙ୍କିତ କରୁଣେ ବାମାର
ମନ ହେଲା ଉଦାସୀନ,
ନବ ନବ ସୁଖ- ମଧୁ ସ୍ମୃତି ଆସି
ତହିଁ ହେଲେ ସମାସୀନ ।

ରାଜପୁର, ରାଜ- ବିଭବ, ନଗର,
ଅଶ୍ୱ, ଗଜ, ଦାସ, ଦାସୀ,
ବିଚରଣ କଲେ ବନବାସିନୀର
କଳ୍ପନା-କ୍ଷେତ୍ରରେ ଆସି ।
ନବୀନ ମଦନ ସଙ୍ଗ ହୋଇ ଧାଉଥାଏ
ପତିପୁର ଯିବା ପାଇଁ,
ଦୁଃଖ କରେ ପୁଣି ଚିରସଙ୍ଗିନୀଙ୍କ
ସାଥି ବିରହକୁ ଧ୍ୟାଇଁ ।

ସେଚନନ୍ତ-ପୋଷିତ ମୃଗ ବତ୍ସଙ୍କୁ
ଏବେ ଭୁଲିଯିବ ବୋଲି,
ସ୍ନେହମୟୀ-ଦୃଷ୍ଟି ଦେଉଥାଏ ତାଙ୍କ
ସୁନ୍ଦର ଅଙ୍ଗରେ ବୋଳି ।
କେବେ ଉଭା ହୋଇ ସ୍ୱହସ୍ତ-ବର୍ଦ୍ଧିତ
ପାଦପ-ବଲ୍ଲରୀ-ପାଶେ,
କରୁଥାଏ ତାଙ୍କ ଭବିଷ୍ୟତ ଚିନ୍ତା
କଳ୍ପିତ-ବିରହୋଚ୍ଛ୍ୱାସେ ।
ଆଶ୍ରମର ସ୍ନେହ- ବରତାରେ ମିଶି
ହସ୍ତିନାର ପ୍ରେମ-ବାତ,
ମୁହୁର୍ମୁହୁ କରି- ଦେଉଥାଏ ତାର
ପରାଣେ ପୁଲକ ଜାତ ।
ପ୍ରଥମେ ପ୍ରଥମେ ସମୟର ସ୍ରୋତ
ପ୍ରବାହିତ ହେଲା ଖର,
ଦିନୁଦିନ ହୋଇ ଆସିଲା ତା ଗତି
କ୍ରମେ ମନ୍ଦୁ ମନ୍ଦତର ।
କାନ୍ତ-ଦରଶନ ଉତ୍କଣ୍ଠା ବାମାର
କ୍ରମଶଃ ହୋଇ ଉନ୍ନତ,
ଗିରିରୁ ଗିରି ଉଚ୍ଚର କଲା ସମୟକୁ
ରୁଦ୍ଧ କରି ଗତି-ପଥ ।
ଶକୁନ୍ତଳା ମନ ସହିତ ସମସ୍ତ
ଉଦାସୀ ରଚିଲେ ଗତି,
କଳ୍ପନା ଆଣିଲା ଆଶ୍ରମ-ଅତିଥି
ହସ୍ତିନା-ଅବନୀ-ପତି ।
କୁଞ୍ଜ-ଆଲୋଡନ, କାନନ-ଭ୍ରମଣେ
ହେଲା ତାଙ୍କ ସତଙ୍ଗ ରତ,
ମନ କାଳ ଦୁଃଖ ଅବଲୋକି ଜନ
ହେଲେ ତାଙ୍କ ଅନୁଗତ ।
ଶକୁନ୍ତଳା-ଦେହ ମାତ୍ରକ ରହିଲା
ଆଶ୍ରମ-କୁଟୀରେ ବସି,
ନିକଟେ ନ ଥିଲେ ସଖୀମାନେ କମ୍ବା
ଅନ୍ୟ ତାପସ ତାପସୀ ।
କୁଟୀର-ପ୍ରାଙ୍ଗଣେ ଉପଗତ ହେଲେ
ଅତିଥିରୂପେ ଦୁର୍ବାସା,

ଦେଖିଲେ କୁମାରୀ ବସିଅଛି, କିନ୍ତୁ
ନ କହିଲା ତାଙ୍କୁ ଆସ ।
"ଅତିଥି ମୁଁ" ବୋଲି ଡାକିଲେ ମୁନି
କୁମାରୀ ଶୁଣିଲା ନାହିଁ,
କେମନ୍ତେ ଶୁଣନ୍ତା ତା ମନ-ଅତିଥି
ହୋଇଥିଲା ଦୂରେ ଯାଇ ।
ତହିଁ ମୁନିବର ବିସ୍ମୟ ସହିତ
ମଣିଲେ ବଡ଼ ଅପମାନ,
ଉଚ୍ଚରେ ବୋଇଲେ, "ଅଭିମାନିନି ଲୋ,
କାହିଁ ଥାଇ ତୋ କି ଧ୍ୟାନ ?
ମୋର-ଆଶ୍ରମରେ ଥାଇ ତୋ ଆଶ୍ରମ-
ବିଧାନରେ ଅବହେଳା,
କର୍ତ୍ତବ୍ୟ କରମ ଏଡ଼ି ତୋ ମାନସ
ଦୂରେ କରୁଅଛି ଖେଳା ।
ଯେଣୁ ପୂଜ୍ୟ-ପୂଜା- ବ୍ୟତିକ୍ରମ-ଫଳ
ଯା'ଠାରେ ରହିଛୁ ଲଗ୍ନ,
ସେ ତୋତେ ଚିହ୍ନିବ ନାହିଁ ତୁ ଦେଲେହେଁ
ଆପଣାର ପରିଚୟ ।"
ଏହା କହି ମୁନି ଫେରି ଯାଉଥିଲେ,
ଜାଣିଲେ ସଖୀଦ୍ୱୟ,
ନିକଟ କାନନେ ଫୁଲ ତୋଳୁଥିଲେ
ଲଭିଲେ ଘୋର ବିସ୍ମୟ ।
ଧାଇଁ ମହର୍ଷିଙ୍କ ପାଦତଳେ ପଡ଼ି
ବହୁତ କରି ବିନୟ
ବୋଇଲେ, "ତାତ ହେ, କ୍ଷମ ଦୋଷ ହୋଇ
ବାଳିକା ପ୍ରତି ସଦୟ ।"
ତାପସୀଙ୍କ ଅତି କାରୁଣ୍ୟରେ ହେଲା
ମୁନିଙ୍କ କୋପ ଶୀତଳ,
ଦାବ-ଦଗ୍ଧ-ଗିରି ହୁଏ ଯେସନ
ଲଭି କାଦମ୍ବିନୀ-ଜଳ ।
କହିଲେ ମହର୍ଷି, "ଯା'କୁ ଚିନ୍ତୁଥିଲା,
ହେଲେ ତାର ନିଦର୍ଶନ,
ପୂର୍ବ ପରିଚୟ ପାଇବ ତାହାକୁ
କଲେ ତାହା ପ୍ରଦର୍ଶନ ।"

ତାପସୀଏ ଶୁଣି      ଚେଃର କରୁଥିଲେ,
“ବେଦ-ସାଗର ତଟ’
ମିଳିଲା, ଏ କଥା      ହେବ ନାହିଁ କଭୁ
କୁମାରୀ-ତାପସୀ ପ୍ରକଟ ।
କୁମାରୀକୁ ନୃପ      ପ୍ରେମ-ଅନୁରାଗୁ
ଅନ୍ତରୁ କର ପ୍ରଦାନ,
ସେହି ଅନ୍ତରରୁ      ଜଣିବ ତାହାଙ୍କ
ବିଲୁପ୍ତ-ସ୍ମୃତି ଉତ୍ଥାନ ।
ଏତେଶତେ ତହିଁ      ହୋଇଛି ସମ୍ମିଳେ
‘ଦୁଷ୍ମନ୍ତ’ ନାମ ଜଡ଼ିକରି,
କଳୁଷ ହୋଇ ସେ      କାଟିଦେବ ତାଙ୍କ
ସଂଶୟ-ବନ୍ଧନ ଛିନ୍ନ ।”
ସଖୀଏ ବୋଇଲେ,      “ସଖି, ଏକ କଥା
ସଂଶୟ ମଣୁଛି ମନେ,
ଦୁଇ ଦୁଇ ଅର୍ଥ      ହେଉଥିଲା ତାଙ୍କ
ସହିତ ଆମ୍ଭ ବଚନେ ।
ଯଦି କୁମାରୀର      ପ୍ରତିକୂଳ ନୃପ
ପ୍ରକାଶନ୍ତି ସବୁ ଅର୍ଥ,
ତେବେ ତ କୁମାରୀ      କଳଙ୍କ-ସାଗରେ
ପଡ଼ିବ କରିବ ବ୍ୟର୍ଥ ।”
ଅପରା ବୋଇଲା,      “ମନ ତେଜ ଭଲ
ଭାବ ସେଣନଥାନ୍ତି ସନ୍ତ,
ମନ ବଚନରେ      କର୍ମର ଏକତା
ରଖନ୍ତି ତତ୍ତ୍ୱବିତ ।
ପ୍ରତିକୂଳ ଅର୍ଥ      କେମନ୍ତେ କରିବେ
କରି ଅନୁକୂଳ କର୍ମ,
କର୍ମେ ତାହାଙ୍କର      ପ୍ରକଟ ହୋଇଛି
ମନ-ବଚନର ମର୍ମ ।
ବଦନର ଭାବ      ମାନବ-ହୃଦୟ-
ପୁସ୍ତକର ସୂଚୀପତ୍ର,
ବଦନେ ଦର୍ଶିତ      ହୋଇଥାଏ ସେହି
ପୁସ୍ତକର ପ୍ରତି ଛତ୍ର ।
ମୋତେହା ଜାଣିବାରେ      ନୃପଙ୍କ ହୃଦୟ
ପ୍ରସନ୍ନ ପ୍ରଶସ୍ତ ପୂତ,
କପଟତା କାମ୍ୟ      ଯେତେ ତହିଁରେ
ନ ପାରେ ହୋଇ ସମ୍ଭୂତ ।
କିନ୍ତୁ ସେ ତ ରାଜା      ରାଜଧର୍ମବଶେ
ରାଜକର୍ମେ ଥିବେ ରତ,
ମୁନି ଅଭିଶାପ      ରୋଧିଦେବ ତାଙ୍କ
ପ୍ରଣୟ-ସ୍ମରଣ-ପଥ ।
କହି ଯାଇଛନ୍ତି      ଆସିବାକୁ ଯାହା
ଆଉ ତ ଆସିବେ ନାହିଁ,
ଉପାୟ କେବଳ      ଅଭିଜ୍ଞାନ ଏବେ
ତାଙ୍କ ଦରଶନ ପାଇଁ ।
ଲୋକେ କହୁଥାନ୍ତି,      ‘ସହିଁ ଯେତେ ଦୁଃଖ
ତହିଁ ଥାଏ ତେତେ ସୁଖ,
ସୁଖ ନ ମିଳଇ      ଦୁଃଖେ ଭୟ କରି
ତେଣୁ କରିଲ ଉଦ୍ୟମ’ ।”
ତା ପରେ ତାପସ-      କନ୍ୟାଏ ଗଲେ
ଶକୁନ୍ତଳା ସନ୍ନିଧାନ,
ଦେଖିଲେ ସୁନ୍ଦରୀ      ବାମକରେ ଗଣ୍ଡ
ଥୋଇ କରୁଅଛି ଧ୍ୟାନ ।
ପୁସ୍ତିକା ପରି      ବସିଛି, ସମ୍ମୁଖେ
ଭୂତଳେ ହୋଇଛି ଲେଖା,
‘ଦୁଷ୍ମନ୍ତ’, ଅକ୍ଷର-      ନଏ ମୁହୁର୍ମୁହୁ
ଟାଣୁଛି କଠିନ-ରେଖା ।
‘ଦୁଷ୍ମନ୍ତ’ ‘ଦୁଷ୍ମନ୍ତ’      ଉଚ୍ଚାରେ ସଖୀଏ
ଅନାଇଦେଲା ସୁନ୍ଦରୀ,
ନାହିଁ ନରପତି,      ଲଜ୍ଜା ହୋଇଗଲା
ମାତ୍ର ବେନି ସହଚରୀ ।
ନ ଜାଣିଲ କସ      ଲେଖିଅଛି ତଳେ
ସଖୀଏ ହସନ୍ତି ହସି,
ନିଜେ ପଡ଼ି ପରେ      ଅନାଇଲା ଖାଲି
ପ୍ରେମାସ୍ପଦ ଲଜ୍ଜା ପାଇ ।
ସଖୀ-ପରିହାସ      ନ ସହି ଲଜ୍ଜାର
ହିତରେ ଚପାଇଦେଲା କର,
ସଖୀଏ ବୋଇଲେ,      “ଲଲାଟ ଲଜ୍ଜିତ-
ଲେଖା ହେଉ ଦୁଃଖହର ।”

ଆଣିଥିଲେ ପୁଷ୍ପ ସଦ୍ୟପାଦପସ୍ତୁ
ଶିରସ୍ତୁ ବିମଳ ମନରେ,
ନେଇ ଦେବାଳୟେ ଗୌତମୀ ସହିତ
ଲାଗିଲେ ଦେବ-ଅର୍ଚ୍ଚନେ ।
କେତେକ ଦିନ ପରେ ଆଶ୍ରମେ ଆସିଲେ
କଣ୍ୱ ମୁନି ସୁଧୀବର,
ଶକୁନ୍ତଳା ତାଙ୍କ ପଦ ବନ୍ଦି ପାଶୁଁ
ଅନ୍ତର ହେଲେ ସତ୍ୱର ।
ଆଉ ଯେତେ ଥିଲେ ତାପସ ତାପସୀ
ବନ୍ଦି ମୁନି ପାଦତଳେ,
ମୁନି ପଶ୍ଚାତରେ ବୋଇଲେ ସମସ୍ତେ
ଅନନ୍ତ ରମ୍ଭା କୁଶଳେ ।
ପୁଣି ନିଜ ନିଜ କାର୍ଯ୍ୟରେ ଲାଗିଲେ
ମୁନିଙ୍କ ଆଦେଶ ପାଇ,
କେ କଲା ଯଜନ କେ ବା ଅଧ୍ୟୟନ
ସ୍ୱକ ଶକ୍ତି ଅନୁଯାୟୀ ।
ସଖୀ ସଙ୍ଗେ ଆସି ଶକୁନ୍ତଳା, କିନ୍ତୁ
ମୁନିଙ୍କୁ କଲେ ଦର୍ଶନ,
କିଛି ଛଳ କରି ଦୂର ହୋଇଯାଏ
ଅବନତ କରି ବଦନ ।
କୁମାରୀ-ସୁଲଭ ସରଳତା ତାର
ସ୍ୱଭାବକୁ ପରିହରି,
ଭୟ ଭରସୁ ଲଜ୍ଜା ପଛନ୍ତି ଲୁଚିଥାଏ
ତନୁ ସଙ୍କୁଚିତ କରି ।
ଦିନେ ମହାଋଷି ତରୁମୂଳେ ବସି
ଭାବୁଥାନ୍ତି ମନେ ମନେ,
ଭିନ୍ନ ଭିନ୍ନ ଭାବ ଦିଶୁଅଛି କାହିଁ
ଶକୁନ୍ତଳା ଆଚରଣେ ।
ପୂର୍ବପର ଆସି ମୋ' ଆଗେ ଭରସି
କହୁ ନାହିଁ କାହିଁ କଥା,
ଦମନେ ରହିଲେ ଅପସରି ଯାଏ,
ଅବନତ କରି ମଥା ।
ତନୁ ଆବରଣେ କେତେବେଳେ ତାର
ଦିଶୁ ନାହିଁ ଅବହେଳା,
ମୁଖ କାନ୍ତି ତାର ଭିନ୍ନ ଦିଶୁଅଛି
ଘଟଣ ତା କିସ ହେଲା ?
କାକ ବସିଥିଲେ ପାଦପ ଉପରେ
କଲେ କସ କସ ରବ,
ଧ୍ୟାନ ଦେଇ ମୁନି ଶୁଣି ଅବଗତ
ହେଲେ ସେ ରହସ୍ୟ ସବୁ ।
ବିଦେଶ-ଖଣ୍ଡିତ ହେଲେ ଶକୁନ୍ତଳା-
ଦୁଷ୍ମନ୍ତ-ପ୍ରଣୟ-କଥା,
ମନେ କଲେ ଚୂତ- ପାଦପ ବରିଛି
ଯୋଗ୍ୟା ସହକାର ଲତା ।
ଆନନ୍ଦିତ ହେଲେ ଆତ୍ମଜ ଜାଣି ସେ
ଲତିକା ଧରିଛି କଷି,
ନିଜ ଅଭିଳାଷ ସଫଳ ମଣିଲେ
ସୁତାଭର୍ତ୍ତ୍ୟ ପରଶଂସି ।
ବିଚାରିଲେ ମନେ ପିତାପୁରେ ସୁତା
ଥିବା ନୁହେ ଶ୍ରେୟସ୍କର,
ନିଜ ଶିଷ୍ୟ ସଙ୍ଗେ ନୃପ ସମୀପକୁ
ପଠାଇଦେବା ସତ୍ୱର ।
ଗୌତମୀଙ୍କି ଡାକି ବୋଇଲେ, "ସୁସିଦ୍ଧ
ହୋଇଛି ମୋ ସଙ୍କଳପ,
ଶକୁନ୍ତଳା ଯୋଗ୍ୟ- ବର ପାଇଁ ଯାହା
କରି ଯାଇଥିଲି ତପ ।
ଆସି ଅବଗତ ହେଲି, ବିଜେ ନିଜେ
କରି ଦୁଷ୍ମନ୍ତ-ଭୂପତି,
ପ୍ରୀତିପଦ୍ଧତିରେ ଶକୁନ୍ତଳା-କର
ଗ୍ରହଣ କରିଅଛନ୍ତି ।
ଦୁଷ୍ମନ୍ତଙ୍କୁ ଏବେ ଯାଉ ଶକୁନ୍ତଳା
ସେବିବ ସ୍ୱାମୀ-ଚରଣ,
ଉଚିତ ନୁହଇ ତା ପକ୍ଷ ଆଉ ଏଥି
କାନନେ ଚିରନ୍ତରଣେ ।
କାଲି ପ୍ରଭାତରୁ ଉଠି ତୁମ୍ଭେ ସେନି
ସଙ୍ଗରେ ତାପସଦ୍ୱୟ,
ଶକୁନ୍ତଳାକୁ ମୋ' ଦେଇଆସ ଯାଇ
ଦୁଷ୍ମନ୍ତରାଜ-ନିଳୟ ।"

କାଶ୍ୟପ-ବଚନ      ପୌର୍ଣ୍ଣମୀ ଚନ୍ଦ୍ରିକା
ଢାଳି ଆନନ୍ଦର ଧାର,
ହୃଦୟ-କ୍ଷେତ୍ରକୁ      ଉଚ୍ଛ୍ୱସିତ କରି
ତତ୍‌କ୍ଷଣ ବହିଲା ଖର ।
ଆଜନମ କୋଳ-      ଲାଳିତା ସ୍ନେହର
ମୂର୍ତ୍ତି ହେବ ରାଜରାଣୀ,
ଚରିତାର୍ଥ ହେବ      କାହିଁ ବା ଶ୍ରବଣ
ଶୁଣିଲେ ଏ ଶୁଭବାଣୀ ?
ନୟନ-ଚନ୍ଦ୍ରମା      ଶରଦିନ ପାଇଁ
ନୟନୁ ହେବ ଅନ୍ତର,
ସେ କଥା ସ୍ମରିଲେ      ଦୁଃଖେ ଉଦାସିତ
ସ୍ନେହକ ହୁଏ ଅନ୍ତର ।
କ୍ଷଣକେ ସେ କଥା      ବିସ୍ମାରିତ ହେଲା
କୁଟୀରେ କୁଟୀରେ ଯାଇ,
ଦୂରଗମେ ଯଥା      ବଢ଼ିଆଏ ଯଶ
ନିକଟ ବସ୍ତୁର ଛାଇ ।
ହସି ହସି କେହି      ତାପସୀ କହିଲା,
"ପୂର୍ବରୁ ମୁଁ ଥିଲି ଜାଣି,
ଶକୁନ୍ତଳା ହେବ      ଅଳଙ୍କୃତା ହେବ
ଦୁଷ୍ମନ୍ତଙ୍କ ରାଜଧାନୀ ।"
କେ ବୋଇଲା, "ଆମ୍ଭ      ଶକୁନ୍ତଳା ପାଇ
ଲଭିଲେ ରାଜ-ସମ୍ପତ୍ତି,
ଅଧିକୁ ଅଧିକ      ହେବ ଏବେ ଆମ୍ଭ
ଆଶ୍ରମର ଭାଗ୍ୟବୃଦ୍ଧି ।"
କେ ବୋଇଲା, "ଏତେ କଥା ହୋଇଅଛି,
କିଛି ମୁଁ ନ ଥିଲି ଜାଣି,
କିଏ ବା ଜାଣିବ      ଉପବାସୀ ଜନ
କେମନ୍ତେ ପିଇଲେ ପାଣି ?"
କେ ବୋଇଲା, "ଏହୋ ଶକୁନ୍ତଳା ଧନେ
କାହୁଁ ନ ଜାଣିଲି ଏତେ,
ଦେଖ କି କୌଶଳେ      ସୌଭାଗ୍ୟ-ମନ୍ଦିର
ନେଲାଣି ଉନ୍ନତ କରି ।"
ଅନ୍ୟେ ବୋଇଲେ,      "ଜାଣେସୁ ଗୌରବ
ବୁଦ୍ଧିଁ ଭାଗ୍ୟ ହିଏ ବଡ଼,
ସର୍ବ ସୁନନ୍ଦନ      ଦେଲେ ପିତା ତାଙ୍କୁ
ଚେନିଲେ ନୃପକେତନ ।
ଆଉ ଏକ କଥା      ଲୋକଙ୍କୁ ନିପୁଣ
କରିଏ ପ୍ରକୃତିଗୁଣ,
ଘର୍ଷଣ କରିବାକୁ      ଯାଇ ନ ଥାଏ ସେ
ବନ କଣ୍ଟକର ମୁଖ ।
ସମ ଜାତ ଦେଖି      ପରସ୍ପର ମନ
ସୁଖିବ ହୁଅଇ ସମ,
ବାୟସ-ପାଳିତ      ପିକ-ଶାବ ପିକଙ୍କ
ମିଶିବାକୁ ହୁଏ କ୍ଷମ ।"
ପ୍ରିୟମ୍ବଦା ଶୁଣି      ସହାସ୍ୟେ କହିଲା,
ଅନସୂୟା ମୁଖ ଚାହିଁ,
"ସଜନି ! ସମସ୍ତ-      ତରଣୀ ଲଭିଲା
ସୁବର୍ଣ୍ଣ ଭୂମିରେ ଯାଇ ।"
ଅନସୂୟା ମୃଦୁ      ସମ୍ମତ ହେଲା
ଉଚ୍ଚାରିଲା ନିଜ ଭାଷ,
"ସତ୍ୟ ସଖି ! ସତୀ-      କାର୍ଯ୍ୟରେ ସହାୟ
ଚନ୍ଦ୍ରାନନୀ ବିଶ୍ୱାସ ।"
ଶକୁନ୍ତଳା କର୍ଣ୍ଣେ      ପଡ଼ନ୍ତେ ସେ କଥା
ଭାବୁଥିଲା ନିଜ ମନେ,
"ଦୁହିତାର ଦୋଷ      କ୍ଷମିବାକୁ ପିତା
ଭୁଲେ ନାହିଁ ନିଶ୍ଚୟବେନ ।
ପାଳିଅଛନ୍ତି ମୋତେ      ତାତ ପିତୃ-ମାତୃ-
ସ୍ନେହ କରି ସମନ୍ୱୟ,
କଥା ଏବେ ଦୁଃଖୀ      ତାଙ୍କୁ ନ ପଶୁର
ଯେବେ ନ କଲି ବିନୟ ।
ଧନ୍ୟ ଧନ୍ୟ ପିତା !      ସ୍ନେହାଳ ସୁତାର
କିଛି ନ ଧରିଲେ ଦୋଷ,
ଯୁକ୍ତି ସୃଷ୍ଟି ହେବ      ନ ଭୁଞ୍ଜି ତାଙ୍କର
ଅଧିକ ବଢ଼ିଛି ତୋଷ ।
ହୃଦୟ ତାଙ୍କର      ନ କଲି ହୃଦୟେ
ହୋଇଥିଲି ମୋ' ଅସ୍ଥିର,
ପ୍ରବାଳ ଲତିକା      କେମନ୍ତେ ଜାଣିବ
ସାଗର କେତେ ଗଭୀର ?

ଆସିବାକୁ କାନ୍ତ    କହି ଯାଇଥିଲେ
  ନ ଆସିଲେ ଆଜଯାଏ,
ତାଙ୍କ ପ୍ରେମ ଅଦା    କେମନ୍ତେ କଳିବ
  ତାହା ତ ସିନ୍ଧୁ ପରାଏ ।
କାନ୍ତ-ପ୍ରେମ ଯେବେ    ସାଗର ମୋ' ପ୍ରେମ
  ହେବ ତ ସରିତ ସର,
ସାଗର ଅଙ୍କକୁ    ସରିତ ଯିବାକୁ
  ନ ଥାଏ ତ ଅପସର ।
ଉଚ୍ଚ ଲୋକଠାରେ    ଉଚ୍ଚ ଆଶା କଲେ
  ନ ହୁଏ କେବେ ନିଷ୍ଫଳ,
ଜଳସ୍ତମ୍ଭ ଯେବେ    ଊର୍ଦ୍ଧ୍ୱକୁ ଉଠାଇ
  ବହିନିଏ ମେଘଜଳ ।
ହସିବେ କି ତାଙ୍କ    ରମଣୀମଣ୍ଡଳ
  ମୋର ସ୍ନେହ ସତ୍ୟ ବୁଝି ?
ତରଙ୍ଗ-ଭ୍ରୂଭଙ୍ଗ    ନ ଗଣି ତଟିନୀ
  ସାଗରର ପଶଇ ଯାଇଁ ।"
ଏହିରୂପେ କେତେ    କଳ୍ପନା ଜଳ୍ପନା
  ଲଟିଥିଲା ତପୋବନେ,
ସମସ୍ତେ ଜାଣିଲେ,    ଶକୁନ୍ତଳା ଯିବ
  ଶୀଘ୍ରେ ପତିଭବନେ ।
ଦିନକ ମାତର    ଥାଇ ତପୋବନେ
  ରାଜରାଣୀ ହେବ ଯାଇ,
ମୁନି-କନ୍ୟାଗଣ    ଜାଣି ତାକୁ ସ୍ନେହ
  ଗଣ୍ଠିରେ ଦେଲେ ବନ୍ଧାଇ ।
କିଞ୍ଚିତ ଅନ୍ତର    ହେବାକୁ ନ ହେଲା
  କୁମାରୀମାନଙ୍କ ମନ,
ପ୍ରଗାଢ଼ ପ୍ରୀତିରେ    କରୁଥାନ୍ତି ତାଙ୍କୁ
  ପୁନଃ ପୁନଃ ନିରୀକ୍ଷଣ ।
ଅନ୍ୟ ଚିନ୍ତା ପାଇଁ    ଶକୁନ୍ତଳା ଆଉ
  ନ ପାଇଲା ଅବସର,
ଯେ ଆସେ ପାଶକୁ    କରୁଥାଏ ତାକୁ
  ଦ୍ୱିଗୁଣ ସ୍ନେହ ଆଦର ।
ତପୋବନର ମାୟା    ମମତାକୁ ବୁଝି
  ଯାନ୍ତୁ ହେଲେ ଅର୍ଦ୍ଧାନ୍ୱିତ,

ଢଳ ଢଳ ହେଲେ    ଶ୍ୱେତ-ରକ୍ତ ମୁଖେ
  ବେଦନା ହେଲେ ଅପ୍ରମିତ ।
ମାନବ ଧରମ-    ସୀମାକୁ ଲଙ୍ଘି ଦେଲେ
  ଦେବେ ନ ପାରନ୍ତି ସହି,
ନିଜେ ନିଜେ ତେଣୁ    ଧର୍ମ-ସୀମା-ମଧ୍ୟେ
  ଚିର-କାଳ ଥାନ୍ତି ରହି ।
ସନ୍ଧ୍ୟା ଉପଗମେ    ମୁନି-ବନ ହେଲା
  ବେଦସ୍ୱନେ ମୁଖରିତ,
ଚଞ୍ଚଳମତିର    ସନ୍ଧ୍ୟା ହିଁ ଚଞ୍ଚଳ
  ଗତିରେ ହେଲା ଉଦିତ ।
ସନ୍ଧ୍ୟାବନ୍ଦି ସାରି    କୁମାରୀ ଶୋଇଲା
  ପ୍ରିୟ ସଖୀଦ୍ୱୟ ସଙ୍ଗେ,
ନାମ ମାତ୍ର ହେଲେ    ଶଯ୍ୟାରେ ରହିଲେ,
  ଲଟିଥିଲେ ଆଳାପ ରଙ୍ଗେ ।
ତିନି ସଖୀଙ୍କର    ମନ, ମନକଥା
  ସବୁ କହିହେବ ଶେଷ,
ଏକର କଥନ    ନ ସରୁ ଅନ୍ୟର
  କଥା କରଇ ପ୍ରବେଶ ।
ନିଦ୍ରା ଆଜି ମୁନି-    ଦୁହିତାଙ୍କ କୁଟୀର-
  ସୀମା ମାଡ଼ି ପାରୁ ନାହିଁ,
ବାରମ୍ବାର ଆସି    ଲେଉଟି ଯାଉଛି
  ଦୁଆର ମୁଖକୁ ଚାହିଁ ।
ଅବଶେଷେ ନିଦ୍ରା    ସ୍ୱପନ ସହିତ
  କୁଟୀରେ ପ୍ରବେଶି ବଳେ,
କୁମାରୀଙ୍କ କଣ୍ଠ-    ପଟେ ଆବୁଡ଼ିଲେ
  ସ୍ୱଚ୍ଛନ୍ଦେ କରିଗଲେ ।
ବାରମ୍ବାର ତେଣି    କୁମାରୀଏ ଶୁଣି
  କରୁଥାନ୍ତି କଥାରମ୍ଭ,
ସ୍ୱପନର ସ୍ପନ୍ଦ-    ଆନ୍ଦୋଳନେ ଚେତା
  ମାନିଗଲା ପରାଭବ ।
ସ୍ୱପ୍ନ କୋଳେ ବସି    ଶକୁନ୍ତଳା ହେଲା
  ହସ୍ତିନାରେ ଉପଗତ,
ଦେଖିଲା ନଗରେ    ପୂରିଛି କୁଟୀର-
  ଶ୍ରେଣୀ ଯେପରି ପର୍ବତ ।

ଧାଇଁ କୁରଙ୍ଗୀ ପଳକରୂପେ ରାଜ-
ପୁରେ ହୁଳିଲ ଶୁଣି ଗଳା,
ମୁନିପତ୍ନୀଙ୍କର ଧରି ଲାଗିଅଛି
ସୁରନାରୀଙ୍କର ଲୀଳା।
ଅକ୍ଷୁଣ୍ଣିତ ଗଜ- ଦନ୍ତ-ଚାନ୍ଦ-ଛଟା
ବାନ୍ଧୁ ତା ସୁବର୍ଣ୍ଣ-ଦଣ୍ଡ,
ଆକାଶର ଦେଶନ ଗ୍ରାମ୍ୟ ବର୍ଷକର
କରଚଣ୍ଡା-କାଷ୍ଠଖଣ୍ଡ।
ଉଜ୍ଜଳ ଦର୍ପଣ ସୁ ଛ୍ଛା ଦେଖାଇଅଛି
ବକ୍ଷେ ତାର କଷାଘାତ,
ସୁବର୍ଣ୍ଣ-ତୁଳିକାରେ ରତ୍ନ ବଇଠାରେ
ଶୋଭା ଜଳୁଛି ସଦା।
ବଲ୍‌କଲ ଉପରେ ମୁକ୍ତି-ହେମ-ଫଳ
ଚିତ୍ରିତ କେତେକ ଶ୍ରେଣୀ,
ତପୋବନ ଦର୍ଶନେ ମୃଗୀ ଚରି କଲେ
ତା ଚିତ୍ର ବନସ୍ଥଳୀ।
ବାସ୍ତବ ନ ଭାଙ୍ଗୁ ଗୌତମୀ ଆସି
"ଶକୁନ୍ତଳା, ଶକୁନ୍ତଳା",
ଡାକ ଉଠାଇଲେ ସେ ଡାକ ତାହାର
ସ୍ୱପନରେ ମିଶିଗଲା।
ସ୍ୱପନର ଅଙ୍କ- ଶ୍ରେଣୀକ ତାହା
ଏମନ୍ତ ପ୍ରତୀତ ହେଲା,
ରାଜପୁର ମଧ୍ୟୁଁ କେବଳ "ଶକୁନ୍ତଳା,
ଶକୁନ୍ତଳା" ଡାକ ଦେଲା।
ତେବେଁ ପ୍ରିୟମ୍ବଦା ଉଠି ହଲାଇଲା
ସ୍ୱପନ-ମଗ୍ନା ତା-ଦେହ,
ନଶିଲା ସେ ରାଜ- ପୁର ନାହିଁ ଏକ
ଧରି କରୁଅଛି ଶ୍ରମ।
ଗାଢ଼ ଆଲିଙ୍ଗନେ ଜାଗିଲା ସୁପନ,
ଚମକି ଦେଖିଲା ତନୁ,
ଅଟବୀ-କୁଟୀରେ ରହିଅଛି ପୁଣି
ଗୌତମୀର ଅଟବୀରୁ।
ପୁନଶ୍ଚ ଗୌତମୀ ଡାକିଲେ, "ସତ୍ୱର
ଶକୁନ୍ତଳା ଉଠ ଉଠ,

ଉଠ ପ୍ରିୟମ୍ବଦା, ଆସ ଅନସୂୟା,
ବାସିବସ୍ତ୍ର ଅଙ୍ଗୁ ଅଣ୍ଟୁ!
କହ୍ଲାରର୍ଷେ ଏ କେତେବେଳକୁ ଯତନ
ଝଡ଼ିଲେଣି ବାରମ୍ବାର,
କ୍ଷଣକ ଭିତରେ ଦୂର ହୋଇଯିବ
ନିଶା-ଶେଷ-ଅନ୍ଧକାର।
ହୋଇଲେଣି ଅଦୃଶ୍ୟ ସାନ ତାରାସବୁ
ବଡ଼ ବଡ଼ ତାରା ମ୍ଳାନ,
ଅରୁଣ-ଉଦୟ— ଏଥ ସଂସାର
ହେଉଛନ୍ତି ପ୍ରାଣୀମାନ।"
ଚମକିଲା ପରି ଉଠି ଜାନକଣ
ସେହି କାଳେ କଲେ ରଡ଼ି,
ଦେଖେ କି ତାଙ୍କର ଧନ କେ ନେଇଛି
ଥିବାରୁ ସେ ଶୋଇପଡ଼ି।
ଗୌତମୀ ସହିତ ପ୍ରିୟମ୍ବଦା ଆଦି
ନଈଁ ଯାଇ କଲେ ସ୍ନାନ,
କେତେ ମୁନିସୁତ ଆସି ସ୍ନାନ କରି
ଧାଇଁଦେଲେ ବେଦଗାନ।
ଶକୁନ୍ତଳା ସ୍ନାନ କରାଇଲା ସଖୀ
ଅଙ୍ଗେ ଲେପି ତୀର୍ଥ ମାଟି,
ବନଲିପି କୁଙ୍କୁମ ଶ୍ରଦ୍ଧେ ଗୋରେଚନା
ନାନାବର୍ଣ୍ଣର ଚୂର୍ଣ୍ଣ ବାଟି।
ସ୍ନାନ ଅବଶେଷେ ଚିକ୍କ ମୁକ୍ତକେଶୀ
ମନୋରମ ଶୁଭ୍ରବାସ,
ଗୁରୁ-ଜନ-ପଦେ ପ୍ରଣମି ହେଲେକ
ମଙ୍ଗଳ-ଆଶିଷ-ଭାଜ।
ଗୌତମୀ କହିଲେ, "ମହାରାଣୀ-ପଦେ
ହୁଅ ବତ୍ସେ! ଗୌରବିଣୀ",
ଅନ୍ୟ ସେ କହିଲା, "ଶୀଘ୍ର ଟେକି ହୁଅ
ମହାବୀର ପ୍ରସବିନୀ।"
ଅନ୍ୟ କେଉଁ ସେହି ଆଶୀର୍ବାଦ ଶୁଣି
ବିଗୁଡ଼ିଲା ମନେ ମନେ,
ସୀତା ଜଗଦ୍ଧାତ୍ରୀ ହୋଇ ସାରମ୍ପତି
ପ୍ରସବିଥିଲେ ସେ ବନେ ?

ଏଣେ କଳାଧର 'ଚନ୍ଦ୍ରିକା ସମ୍ବୃତ
ବଦନରେ ଭରି ମ୍ଳାନି,
ବାରୁଣୀ ମନ୍ଦିର ଶର୍ମୀଗମ୍ଭ ହେଲେ
କଳଙ୍କନେତ୍ର ଦେଇ ଗ୍ଳାନି ।
ଅନ୍ୟ ଦିଗେ ରବି କରି ସମୁଜ୍ଜ୍ୱଳ
ଅଳ୍ପଲେଶ୍ୟୁ ଅଗ୍ରସର,
ଉଦୟ-ପର୍ବତେ ପଦକ୍ଷେପ କରୁ-
ଛନ୍ତି ହୋଇ ତତ୍ପର ।
ଜ୍ୟୋତିଷ୍କ ନିକର ଦେଖାଇଲେ ଭବେ
ନିଜ ଦଶା-ବିପର୍ଯ୍ୟୟ,
ଦେଖୁଁ ଦେଖୁଁ ଏକ ଅଧୋଗତ, ଦେଖେ
ଅପରର ଅଭ୍ୟୁଦୟ ।
ଧରାଧର-ଚୂଡ଼ ମେରୁ-ଶିରେ ପାଦ
ଦେବାରୁ ଗୌରବ ପାଇଲେ,
ଶ୍ରୀହୀନ ଶଶାଙ୍କ ନିକଟରେ ହେଲେ
ଅସ୍ତାଚଳ ପାଦ-ତଳେ ।
କୁମୁଦିନୀ-ଶୋଭା ଦୃଷ୍ଟି-ପଥୁଁ ଯାଇ
ମୃତ୍ୟୁପୁରେ କଲା ବାସ,
କାହା ଜୀବନରେ ଉଲ୍ଲାସ ରହିଛି
ଚିରସ୍ଥାୟୀ ହେଲେ ପ୍ରବାସ ?
କୁମୁଦମଧୁର ଦେଶେ ମଧୁକର
କମଳିନୀ ଦ୍ୱାରେ ଆସି,
ପ୍ରଭାତ-ଭିକ୍ଷାର୍ଥୀ ହୋଇ ଗାନସ୍ୱରେ
ଦେଲା ତାର ନିଦ୍ରା ନାଶି ।
ଚନ୍ଦ୍ର କୁବଳୟ- ପତ୍ରେ ହିମକଣା
ତାଡ଼ଃ ସମୀରଣେ ହଲା,
ଅରୁଣାଲୋକନ ମୁଦେ ଦେଖୁଅଛି
ମାଣିକ୍ୟର ଦର୍ପ ଦଳି ।
ଶାନ୍ତନୀଡ଼ ହୋଇ ଉଡ଼ିକି ଉପରୁ
ଓହ୍ଲାଇ ମୟୂରମାନେ,
ଶିଖଣ୍ଡ-ଚନ୍ଦନ- କାନ୍ତି ମାଜନେଲେ
ଅରୁଣ-କରସ୍ତ-ଶାଣେ ।
ସ୍ୱର-ଶ୍ରୁତି ବେଦ- ପ୍ରାନ୍ତେ ଭିଣ ହୋଇ
ବ୍ରାହ୍ମଣ ବ୍ରାହ୍ମଣୀଗଣ,

ଗ୍ରୀବା ହଲଖାଇ ଆତେ, ସଙ୍ଗେ କଲେ
ଅଘଦଳ ପ୍ରହାରଣ ।
ଏକାଳେ ଭାଗ୍ୟତ ନାମେ ଋଷି ବୃଦ୍ଧ
କାଶ୍ୟପ ଆଦେଶ ଚାଲି,
ଅଳଙ୍କାର-ପୂର୍ଣ୍ଣ ଥାଳ ଏକ ଆଣି
ଦେଲା ଶକୁନ୍ତଳା ପାଇଁ ।
ପୁଣ୍ଡ ହୋଇଛନ୍ତି ତାପସୀ-ମଣ୍ଡଳୀ
ଦେଖି ସବୁ ଅଳଙ୍କାର,
ବୋଇଦେଲ, "ଏ ଭୂଷା ସବୁ କାହିଁ ଥିଲ,
ଆହା କେଡ଼େ ଚମତ୍କାର !"
କେ ବୋଇଲ, "ଏହି ରଚାଏ ଭୂଷଣ
କଦାପି ନୁହେଁ ଧାତିବ,
ସ୍ୱର୍ଗୀୟ ଭୂଷଣେ ସ୍ୱର୍ଗ ଅପସରା
ବୀଣାଥିବ ଆଣି ଦେଇଥିବ !
ଭୂତଳେ ଏଣର ମୁଖ ଦୁଃଖ ଭଲ ମନ୍ଦ
ସ୍ୱର୍ଗକୁ ଘଟିଲେ ଶତ,
ଦୁହିତାର ସ୍ନେହ- ବଶେ ଆସିବାକୁ
ଦୂର ନୁହେଁ ତାକୁ ଧରା !
ସ୍ତ୍ରୀ ଗ୍ରୀ କଥା ସ୍ତ୍ରୀ ଗ୍ରୀ ଜାଣଇ, ସ୍ତ୍ରୀଗ୍ରୀଏ
ଭୂଷଣ-ଅନୁରାଗିଣୀ,
ସ୍ୱର୍ଗେ ଥାଇ ତାର ସ୍ନେହ କି ଛାଡ଼ିଛି
ସେ ଯାହା ଗର୍ଭଧାରିଣୀ !"
କେ କହିଲା, "ମୁନି ଜାଣି ଜାଣି କରି-
ଥିଲେ ଏସବୁ ସଞ୍ଚିତ,
ପ୍ରିୟ ଦୁହିତା ତାଙ୍କ ପ୍ରିୟ ଭୂଷଣରୁ
ନ ହେବ ବୋଲି ବଞ୍ଚିତ ।"
ଭାଗ୍ୟତ କହାଇଲେ, "ମୁନି ମନ୍ତ୍ରମାନର
ନୁହେଁ ଏହା ଚମତ୍କାର,
ତାଙ୍କ ଉଦ୍ୟାନରେ ଏକ ଏକ ତରୁ
ଏକ ଏକ ଧନାଗାର !
ପୁଣି ଏକ ଏକ ରାଜା ମୁନୀନ୍ଦ୍ରଙ୍କ
ଏକ ଏକ ମହାତରୁ,
ଏତିକି ଭୂଷଣ ମିଳିବାର କେଉଁ
ଚିନ୍ତା ତାଙ୍କ ନିକଟରୁ ?

ସିଦ୍ଧତାପଙ୍କର ଶରୀର ନ ଥାଏ
ଧନ ରତ୍ନ ଅଳଙ୍କାରେ,
ସୁତ ଦେବୀ ଅଙ୍ଗେ ଧନ ରତ୍ନ ଆଦି
ଭସ୍ମ ହୋଇଥାନ୍ତି ଧାରେ ।
ମୁନୀନ୍ଦ୍ର ଆଦେଶେ ଉଦ୍ୟାନେ ବୁଲି ମୁଁ
କର ବଢ଼ାଇବା ମାତ୍ରେ,
କେଉଁଠାରୁ କେଉଁ ଅଳଙ୍କାର ଆସି
ପୂରିଗଲା ଏହି ପାତ୍ରେ ।
ଭୂଷା ଖଞ୍ଜିବାକୁ ତାପସୀମାନଙ୍କ
ବୁଦ୍ଧି ହୋଇଗଲା ବଣା,
କେଉଁ ଭୂଷା କେଉଁ ଅଙ୍ଗେ ଯୋଜନୀୟ
ତାଙ୍କୁ ତ ନ ଥିଲା ଜଣା ।
କହିଦେଲା ତାହା ଚିତ୍ରପୁସ୍ତକାଏ
ଥିଲା ତାପସୀଙ୍କ ସଙ୍ଗେ,
ମୁଦିତ ପ୍ରିୟମ୍ବଦା ଭୂଷା ନେଇ ମଣ୍ଡି-
ଦେଲା ଶକୁନ୍ତଳା-ଅଙ୍ଗେ ।
ନିସର୍ଗ-ସୁନ୍ଦରୀ — ଶକୁନ୍ତଳା ଦେହେ
ସ୍ଥାନ ଲଭି ଅଳଙ୍କାରେ,
ପ୍ରଫୁଲ୍ଲିତ ହେଲେ ରବି ରଶ୍ମି-ଯୋଗେ
ପଙ୍କଜ ପ୍ରକାରେ ।
ଭୂଷଣମଣ୍ଡିତା 'ଶକୁନ୍ତଳା ଅଙ୍ଗେ
ଫିଙ୍ଗେ ନବ-ରବି-କର,
ଧନ୍ୟ ହେଲି ବୋଲି ଉଦ୍ଘୋଷି ନାଚିଲା
ଉଲ୍ଲସାଇ କଳେବର ।
ଭୂଷା ଶେଷେ ଯୋଖା 'ସର୍ଣ୍ଣ କଞ୍ଚୁ' ନେଇ
ସୁବର୍ଣ୍ଣ-ଦୁକୂଳ ଶାଢ଼ୀ,
ପରିଧାନ କଲା କ୍ଷୀଣ-କଟି ଗୌର-
ଦେହେ କରି ପରିପାଟୀ ।
ସେହିଦିନ ଜାଣିଲା ପଛେ ଯାଇଁ ତାର
ହୋଇଥିଲା କର୍ଣ୍ଣବେଧ,
ସେହିଦିନ ଜୀବନେ ଅନୁଭବ କଲା
ବଲ୍କଳ-ଦୁକୂଳ-ଭେଦ ।

ଏତିକାଳେ ମୁନୀନ୍ଦ୍ର ଆସି ସ୍ନେହ-ଦୃଷ୍ଟି
ଦେଇ ଶକୁନ୍ତଳା ପ୍ରତି,
ଭାବୁଥିଲେ ମନେ ଶକୁନ୍ତଳାପ୍ରାଣ
ହେବ ମୋ' ବନ ସମ୍ପତ୍ତି ।
ସେ ବିଷୟରେ ଦ୍ୱନ୍ଦ୍ୱ ବିଶେଷାନ୍ତେ ଚାଲି-
ଗଲା ମୁନିବରଙ୍କର,
ମୃଣାଳ-ଲଳବୀ ଗଜ ପ୍ରବେଶିଲେ
ଯେସନେ କମଳାକର ।
ଦ୍ୱନ୍ଦ୍ୱ ଆନ୍ଦୋଳନେ ନୟନଯୁଗଳେ
ଜଳ ହେଲା ଛଳ ଛଳ,
ବିକମ୍ପିତ ସ୍ୱରେ ସ୍ୱତଃ ଆସିଥାଏ
ଜଳଜ-ଦଳକୁ ଜଳ ।
ସେସ୍ନେହ କାଳେ ସଦା କଥା କହୁଅଛନ୍ତି
ଅନ୍ତ ଯାଇଥାନ୍ତି ବହି,
*ଦାନ୍ତୁଡରୁ ଦେଖେ ପଥ ଫିଟିଗଲେ
ପାଥ କି ପାରଇ ରହି ?
ସମସ୍ତ ଚାହିଁଲେ ଶାବକେ ପ୍ରଭୃତି
ଫୁଟି ପଡ଼ୁଥାଏ ଆସି,
ପ୍ରକୃତି-ବର୍ଜିତ କେ ଅଛି ଜଗତେ
କି ଗୃହୀ କି ବନବାସୀ ?
ମୁନି ଆଗମନ ବୁଝି ଶକୁନ୍ତଳା
ସଲଜ୍ଜେ ଚରଣ-ତଳେ,
ଗୌତମୀ ଆଦେଶେ ପ୍ରଣିପାତ କଲା
ନୟନ ପୂରାଇ ଜଳେ ।
ଆନନ୍ଦ-ପୁଲକେ ବାଷ୍ପ-ଗଦଗଦ-
କଣ୍ଠେ ଆଶିଷିଲେ ମୁନି,
"ସମସ୍ତ ଭୂପତିଙ୍କ ପତି-ରତ୍ନାକରେ
ହୁଅ ମା ତୁ ସୁରଧୁନୀ ।
ସୁତ ଲଭ କର ଚକ୍ରବର୍ତ୍ତୀ-ଚିହ୍ନ
ସୁମଣ୍ଡିତ କଳେବର ।"
ସସ୍ନେହେ ଗୌତମୀ ବୋଇଲେ, "ଏହିଟି
ଆଶୀର୍ବାଦ ଫଳେ ବର ।"

* ପାଥ — ଜଳ ।

ବସି ମୁନି ପାତ୍ରଣ ସୁତାଙ୍କୁ ବସାଇ
କ୍ଷଣେ ସ୍ଥିର କରି ମନ,
ସସ୍ନେହେ ବୋଇଲେ, "ମାଆ ଗୋ, ତୁ ଆଜି
ଶୁଣିବୁ ହିତବଚନ ।
ଥିଲୁ ତପୋବନେ ଶାନ୍ତିର ଭବନେ
ପକ୍ଷୀ ସଙ୍ଗେ ଖେଳି ରଙ୍ଗେ,
ପଶିବୁ ଏଥର ସମସ୍ୟା-ସଙ୍କୁଳ-
ସଂସାର-ସିନ୍ଧୁ-ତରଙ୍ଗେ ।
ନାବ ବିନା କେହି ସାଗରେ ପଶିଲେ
ଲଭଇ ଘୋର ବିପଦ,
ସଂସାର-ସାଗର ପାରି ମହାପୋତ
ଏକମାତ୍ର ସ୍ୱାମି-ପଦ ।
ନାରୀମାନଙ୍କର ସ୍ୱାମୀଟି ଈଶ୍ୱର
ସ୍ୱାମୀଙ୍କ ଚରଣ ସ୍ୱର୍ଗ,
ଲକ୍ଷ୍ମୀ ସଦା ପତି- ବ୍ରତାର ସଙ୍ଗିନୀ
ସ୍ୱାମି-ପ୍ରୀତି ଅପବର୍ଗ ।
ସ୍ୱାମୀ ଗୁରୁ ସ୍ୱାମୀ ପରମ ବାନ୍ଧବ
ସ୍ୱାମିସେବା ନାରୀ-ଧର୍ମ,
ସ୍ୱାମି-ପଦେ ଭକ୍ତି ଅର୍ଚ୍ଚନାରେ ମତି
ଅର୍ପି ତୁ କରିବୁ କର୍ମ ।
ସ୍ୱାମୀ ଯା କହିବେ ଦୁଷ୍କର ହେଲେହେଁ
ପାଳନେ ହେବୁ ତତ୍ପର,
ଥରେ ଯା ବାରିବେ ଆଉ ତହିଁ କେବେ
ହେବୁ ନାହିଁ ଅଗ୍ରସର ।
ଦୁଃଖ ଥିଲେ ମନେ ଦୂର କରିବୁ ତା
ସ୍ୱାମି-ଦରଶନ ମାତ୍ର,
ପରିହାସ କଲେ ତାଙ୍କୁ ନ ମଣିବୁ
ଘୃଣ-ପରିହାସ ପାତ୍ର ।
ସ୍ୱାମୀଙ୍କ ଭୋଜନ ପରେ ତୁ ଭୁଞ୍ଜିବୁ
ଶୋଇବୁ ଶୟନ ପରେ,
ସ୍ୱାମୀଙ୍କର ଶଯ୍ୟା ତେଜିବା ପୂର୍ବରୁ
ଉଠୁଥିବୁ ପ୍ରତ୍ୟୂଷରେ ।
ଅବସର ହେବୁ ନାହିଁ ତୋ ନେତ୍ରକୁ
ପର ପୁଂସ-ନିରୀକ୍ଷଣେ,
ସୋଦର ହେଲେହେଁ ନିର୍ଜନେ ନିକଟେ
ରହି ଦେବୁ ନାହିଁ କ୍ଷଣେ ।
ସ୍ୱାମୀ ଯେବେ ରୋଷ କରିବେ ଅଥବା
କରିବେ ଯଦ୍ୱା ଭର୍ତ୍ସନା,
ସେ ଦୋଷ ନ ଦେଖି ନତ-ଶିରେ ସହି
କରିବୁ ତାଙ୍କ ଅର୍ଚ୍ଚନା ।
ନିଜ କରେ ରାନ୍ଧି ନିଜେ ଦେଉଥିବୁ
ପତିଙ୍କି ଅନ୍ନ ବ୍ୟଞ୍ଜନ,
ଭୋଜନ ସମୟେ ପାଖେ ଉପବେଶାଇ
ଢୁଳାଇବୁ ଧରି ବ୍ୟଜନ ।
ସ୍ୱାମି-ସେବା-କାର୍ଯ୍ୟେ ଦାସୀ ପ୍ରତିନିଧି
କଦାପି କରିବୁ ନାହିଁ,
ବିନା ବେତନରେ ପରିଚାରିକାଙ୍କୁ
ଘରୁଁ ଦେବୁ ଘଉଡ଼ାଇ ।
ସ୍ୱାମୀ ତୋ ଅବନୀ- ଶ୍ୱର ବନ୍ଦିହନ୍ତି
ତେଣୁ ଶିରେ ତାଙ୍କ ଚରଣ,
କେବଳ ଧୈର୍ଯ୍ୟ ତୋହର ପାଇଁ ପ୍ରୟୋଜନ
ରଖିବୁ ସଦା ସ୍ମରଣ ।
ବାପ ଭୂପତିର ଗର୍ବ ନ କରିବୁ
ଅବା ତହିଁ ପାଇଁ ଆନ,
ସାହା ହେବେ ତୋତେ ସକନ୍ୟାତେ ଦେଖିବୁ
ଜାଣିବୁ ଭାଗ୍ୟ ତୋ ଭଳି ।
ଶାଶୁଙ୍କ ଚରଣ ସେବୁଥିବୁ ନିତି
ଗୁରୁର ଦେବତା ମଣି,
ଶାଶୁଙ୍କି ସ୍ୱାମୀର ପୂଜା-ସିଂହାସନ
ସଦା ସମ୍ପଦର ଖଣି ।
ନଣନ୍ଦ ଆନରେ କେବେ ନ ଚଳିବୁ
ଅଧିକେ କରିବୁ ସ୍ନେହ,
ବିମନା ହେଲେ ସେ କୋଳକୁ ଆଣିବୁ
ଆଉଁସି ତା ମୁଖ ଦେହ ।
ଆଉ ଯେତେ ପୁର- ନାରୀ ଥିବେ ତାଙ୍କୁ
କରିବୁ ଭଗିନୀ ଜ୍ଞାନ,
ଯେ କଥା କଦାପି ନ କହିବୁ ଯହିଁ
ହେବ ତାଙ୍କ ଅପମାନ ।

ଗୁରୁଜନ ବେଳୁ ପାଶକୁ ଆସିଲେ
ଉଠିବୁ ଛେଡ଼ି ଆସନ,
ଉଚ୍ଚାସନ ଦେଇ ବନ୍ଦ ସ୍ତବନରେ
କରିବୁ ତୁଷ୍ଟ ଖତଣ ।
ଉପହାସ କେବେ ନ କରିବୁ ପ୍ରୀତି
ନ କରିବୁ ଉପହାସ,
ପରିହାସ ଛଳେ କରିବୁ ନାହିଁଟି
ସଖୀଜନ-ମାନ ହ୍ରାସ ।
ନିତେ ପରିଷ୍କୃତ ଥାଇ ନିଜ ଗୃହ
ରଖିଥିବୁ ପରିଷ୍କାର,
ପରିଜନଙ୍କର ଦୁଃଖ ଶୁଣିଥିବୁ
କରୁଥିବୁ ପ୍ରତିକାର ।
ଅନାଦୃତ ହୋଇ ଆସି କେହି ତୋର
ଅଯଥା ପ୍ରଶଂସା କଲେ,
ଜାଣିଥିବୁ ତାର ଆଗମନ ହୋଇଛି
ଠକିବାକୁ କାଉଁଟେଲ ।
ସ୍ୱାମୀ ଦୋଷ, ଦେଖ ଲୁଚାଇବାକୁ ତୋ
କର୍ତ୍ତବ ଅଟି ଯେ ନାରୀ,
ତା କଥା ବାହାର ବାଦ ମଣିଥିବୁ
ସେ ଏକା ତୋର ଭଗାର ।
ଏତେ ଦିନଯାଏ ମଣିଥିଲୁ ପ୍ରିୟ
ସମ୍ପତ୍ତି ତୋ ତପୋବନ,
ଏଥର ମଣିବୁ ଅଖିଳ-ଅବନୀ
ହେଲା ତୋର ପ୍ରିୟଧନ ।
ତପୋବନ-ମଧ୍ୟ- ଲୁବ୍ଧ-ଗତ-ସ୍ନେହ
ମନୁଷ୍ୟରେ କରିବୁ ନ୍ୟସ୍ତ,
ମୃଗ-ମୃଗୀ ଗତ ମମତା କରିବୁ
ମାନବ-ସମାଜଗତ ।
ସ୍ୱାମୀ ତୋର ଦ୍ୟୁତି- ସ୍ୱରୂପ ମଣ୍ଡିତ
କରିଛନ୍ତି ରାଜ୍ୟାଶ୍ରମ,
ନିଜ ଆତ୍ମ-ଗତ ଲକ୍ଷଣ ନିଜର
ପାଳନ କରିବୁ କ୍ଷମ ।
ଯାଅ ମା, ଏଥର ଚାଲି ଶୁଭକ୍ଷଣେ
ସ୍ମୃତି-ପଦ-ଭକ୍ତି-ଧାତ୍ରି,

ଗୌତମୀ ସହିତ ଶିଷ୍ୟ ଦୁଇ ତୋତେ
ଛଡ଼ି ଦେବେ ସଦ୍ମଶାଳ ।
ଆହେ ଶାରଦ୍ୱତ, ଶୁଣ ଦେଖାଅ ପଥା
ଭଗିନୀର ଚଉପଟ,
ଗୌତମି, ଦୁହିତା ସଙ୍ଗେ ଚାଲ, ହେଉ
ଶାର୍ଙ୍ଗରବ ଅନୁଗତ ।"
ଚଳିଲେ ଗୌତମୀ ହସ୍ତିନାଭିମୁଖେ
ଶକୁନ୍ତଳା କର ଧରି,
ଚଳିଲେ ମୁନୀନ୍ଦ୍ର ତାପସ-ମଣ୍ଡଳ
ସଙ୍ଗ ସଙ୍ଗ ସନ୍ତ୍ରସ୍ତ ।
ଶକୁନ୍ତଳା ପଥେ ଯାଉଁ ଯାଉଁ ତାର
ତରୁ-ଲତା ବୁହିଁ ବୁହିଁ,
ହୃଦୟ-ପଟରେ ଆଙ୍କି ନେଉଥାଏ
ସ୍ନେହକଳ୍ପ-ରଙ୍ଗେ ରଙ୍ଗାଇ ।
ଧରି ଧରି ସବୁ ତରୁ-ଲତା-ଅଙ୍ଗ
କରି ଦେଉଥାଏ ସ୍ପର୍ଶ,
ବିକାଶ ବ୍ୟାଜରେ ତରୁ-ଲତାଙ୍କର
ହେଉଥାଏ ଉତ୍କର୍ଷ ।
କେତେକ ଶିରୀଷ- ସ୍ଫୁଟିଳ କେତେ ଅବା
କୁସୁମ-ବର୍ଷଣ-ଛଳେ,
ଶକୁନ୍ତଳା-କର- ଗ୍ରହଣ ମାନସେ
ଲୋତକ ମୋଚନ କଲେ ।
ଯେଉଁସବୁ ତରୁ- ଲତାକୁ ସୁଶୀଳା
ଗୁଡ଼ି ଦେଉଥାଏ କମେ,
ବିରହ-ବେଦନା ଅନୁଭବ ଯେତେକ
କରୁଥାନ୍ତି ମର୍ମେ ମର୍ମେ ।
ବନେ ମୁହୁର୍ମୁହୁ ଶ୍ରୁତିଗତ ହେଲ
କପୋତ କରୁଣ ତାନ,
ପତ୍ର ଯେସନ୍ତେ କାନ୍ଦି ପକାଇଲେ ଦୁଃଖେ-
ଭରେ ତରୁ-ଲତାମାନ ।
କୁହୁ କୁହୁ ସ୍ୱନେ ମଧୁରେ ଭାଷିଲ
କୋକିଳ ବନବାନ୍ଧବ,
ଶୁଭ ଗମନରେ ବନଦେବୀ ଯେତେକ
କଲେ ହୁଳହୁଳ ରବ ।

ହରିଣ ହରିଣୀ ମୟୂର ମୟୂରୀ
ଆହାର ବିହାର ଛାଡ଼ି,
ଦୁଃଖିତ ନୟନେ ଅନାଇ ରହିଲେ
ପନ୍ଥ-ପାର୍ଶ୍ୱେ ଧାଡ଼ି ଧାଡ଼ି ।
ମୃଗଶିଶୁ ଏକ ଆସି ଶକୁନ୍ତଳା-
ଚରଣ-ଦୁକୂଳାଞ୍ଚଳ,
ଲୁଚି ଲୁଚି ପଛେ ପଛେ ଚାଲୁଥାଏ
ନ ଛାଡ଼ି ହରିଣୀ-ଦଳ ।
କେବଳ ଦୂରରୁ ତାହା ଜାଣି ଶକୁନ୍ତଳା
ଆଉଁସି ତା ଦେହ ମୁଖ,
ସଜଳ ନୟନେ ପିତାଙ୍କୁ କହିଲେ
ପ୍ରକାଶି ହୃଦୟ-ଦୁଃଖ ।
"ଜାଣ ତାତ, ମୋହର ଯେମନ୍ତ ସ୍ନେହରେ
ପାଳିଅଛ ତପୋବନେ,
ଆଜନ୍ମ ଜନନୀ- ହୀନ ଏ ଶିଶୁକୁ
ପାଳିଅଛି ମୁଁ ତେସନେ;
ସ୍ନେହ-ରଜ୍ଜୁ ତାର ଛିଣ୍ଡାଇ ଯିବାକୁ
ମୋ ପ୍ରାଣେ ହେଉଛି କଷ୍ଟ,
ଛାଡ଼ିଗଲେ ମୋତେ କେତେ ଧାଉଁଥାଏ
ଲୋଡ଼ିବ ହୋଇ ଉନ୍ମତ୍ତ !
ଅନୁମତି ଦେଲେ ନିଅନ୍ତି ଏହାକୁ
ବୋଲି ହେଉଅଛି ମନ,
ନ ହେଲେ ଛଡ଼ାଇ ନିଅ ଏ ଶିଶୁକୁ
ମୋଠାରୁ ଦୂରକୁ ସେସନ ।"
ଶୁଣି ମୁନିବର ମୃଗକୁ ଧରିଲେ
ନୟନୁ ଲୁହକୁ ଝାଡ଼ି,
ବୋଇଲେ, "ମା ମୋର, ଜାଣିଲି ତୋମା' ହୃଦ-
ବ୍ୟଥା ଅନ୍ତ ଜାଣିପାରି ।
ମୃଗଶିଶୁ-ପ୍ରତି ଉଦାତ୍ତ-ସଙ୍ଗତ
ଉଚିତ ତୋ ସ୍ନେହ-ରୀତି,
ବ୍ୟାପିବ ତା କଥା ମହିମା ନଗର
ଗ୍ରାମ ଅଚଳ ଅଟବୀ ।
ଅନନ୍ତ କଲ୍ପିତ ବରଣି ଯିବେ ଏ
ମୃଗଶିଶୁ ଆଉ ତୋନେ,
ଯାଅ ମା, ଅନ୍ତରୁ ଧନ୍ୟବାଦ ଦେଇ
ଲେଉଟୁ ତୋ ରଙ୍ଗ-ତରଙ୍ଗେ ।"
କାନନକୁ ଚାହିଁ ବୋଇଲେ ମୁନୀନ୍ଦ୍ର,
"ଆହେ ତରୁ-ଲତାମାନେ,
ତୁମ୍ଭ ଆଜନମ ସଖୀ ଯାଉଅଛି
ଆଜ ପତିସନ୍ନିଧାନେ ।
ଜଳ ପାନ କରୁ ନ ଥିଲା ଯେ ଆଗେ
ତୁମ୍ଭଙ୍କୁ ନ ଦେଇ ଜଳ,
ଦେଖିଥିଲା ତୁମ୍ଭ ଅଙ୍ଗେ ନବ ପୁଷ୍ପ
ଦେଖିଲେ ମୂତନ ବହୁଳ;
ତହିଁପାଇଁ ସଖୀ- ବୃନ୍ଦ ଯେସନ ଯେକାଳେ
କରୁଥିଲା ମହୋତ୍ସବ,
କେତେ ଯତନରେ ରଖୁଥିଲା ତୁମ୍ଭ
ନୈସର୍ଗିକ ସଉଷ୍ଠବ;
ଭୂଷଣରଙ୍ଗିଣୀ ହୋଇ ଯେ ତୁମ୍ଭର
ଅଙ୍ଗଭଙ୍ଗୀ ହେବ ଜାଣି,
କେବେହେଁ ତୁମ୍ଭର ପଲ୍ଲବ ଛେଦନେ
ବଢ଼ାଇ ନ ଥାଏ ପାଣି;
ତୁମ୍ଭେମାନେ ଏବେ ପ୍ରସନ୍ନମନରେ
କର ଅନୁମତି-ଦାନ,
ମଧୁମୟ ଶୁଭ- ମୟ ହେଉ ଏହି
ଶକୁନ୍ତଳାର ପ୍ରସ୍ଥାନ ।
ସରସିଜ-ଶୋଭିତ ସରୋବରେ ହୋଇ
ଗନ୍ତ-ପଥ ମନୋହର,
ତରୁ-ବାସ ବନ୍ଧୁ ଗନ୍ଧବହ ହୋଇ
ଅନୁକୂଳ ସୁଖକର ।
ନବ ନବ ଦୂର୍ବା ନମ୍ରବ ପଦରେ
ହେଉ ତାର ମନୋରମ,
ସ୍ନିଗ୍ଧତରୁ ଶ୍ରମ ନାଶନ୍ତୁ ଆତପ-
ତାପ କରି ଉପଶମ ।"
କୁମାରୀ ବୋଇଲେ, "ତାତ, ମୋ ସଙ୍ଗତେ
ନ ଯିବେ କି ସଖୀଦ୍ୱୟ ?"
ମହର୍ଷି ବୋଇଲେ, "ହୋଇଲାଣି ତାଙ୍କ
ବିବାହର ଯୋଗ୍ୟ ବୟଃ ।

ରାଜସଦନକୁ ନଗରକୁ ତାଙ୍କ
ଯିବାର ଉଚିତ ନୁହଇ,
ତୋ ସଙ୍ଗେ ନଳିନୀ ଯିବେ, ଆଶ୍ରମରେ
ରହିବେ ତୋ ସଖୀ ଦୁହିଁ ।”
କୁମାରୀ ବୋଲିଲା, “ପିତୃକୋଳ ତେଜି
ସଖୀଙ୍କି ଅନ୍ତର କରି,
ଅଭିଜ୍ଞତା ନାହିଁ- ମନ୍ତ୍ରଣାରେ କେମନ୍ତେ
ରହିବି ଜୀବନ ଧରି ?
ମଳୟ-ଶିଖରୁଁ ଉନ୍ମୂଳିତ ହୋଇ
ଚନ୍ଦନ-ଲତା ଯେସନ,
ଉଦ୍ୟାନକୁ ଗଲେ ଝାଉଁଳି ପଡ଼ିବି
ମୋ’ ଦଶା ହେବ ତେସନ ।”
ମହର୍ଷି ବୋଇଲେ, “ତୋହର ଲାଳିତ
ଦ୍ରୁମସ୍ଥ ପକ୍ଷୀମାନେ,
ତୋ ପ୍ରାଣ ତୋଷିବେ ମଧୁର ଭାଷଣେ
ମଧୁପ ବୃନ୍ଦମାନେ ।
ଏଠିକା ସମୀର- ବହେ ମନ୍ଦ ଉଦାର
ସୁଖେ କରି ସେବେଶି,
ଅନ୍ୟ ମୃଗୀଗଣ ଘାଣ୍ଟି ଅବସର
ତୋଷିତ ନେବ ନାହିଁ କ୍ଳେଶ ।
ପ୍ରାଚୀନକାଳେ ଋଷି ଯେବେ ଏ ତୋ ଦେଖିଲ
ଶୋଭିତ ହୋଇ ନନ୍ଦନ,
କରିବେ ତ ରାଜ- ପୁରୀ ଅଲଙ୍କୃତ
ତୋ ରୂପ-ଗୁଣ-ବର୍ଣ୍ଣନ ।”
ସଖୀଏ ବୋଲିଲେ, “ଅମ୍ଭଙ୍କୁ ସଜନି,
ଗମନ୍ତୁଁ କି ବାଧା କରେ ?
ନେ ଯାଉଥିବୁ ରାଜ-ଭବନେ
ଧରଣୀ ସମସ୍ତରେ ।”
ଊର୍ମିଳା ବୋଲିଲା, “ତରୁ-ଲତା ସବୁ
ରହିଲ ତୁମ୍ଭ ଉଟଜେ,
ନ ଛୁଟିବ ମୋତେ ମୃଗଶିଶୁ ମଣି
ତୁମ୍ଭର ସ୍ନେହ-ନୀଡରେ ।
ପାଣ୍ଡୁ ଗଲ ବୋଲି ଜାଣୁଛି ଅନ୍ତରୁ
ଅନ୍ତର ମୁଁ ହେବ ନାହିଁ,
ନିଆଳୀ-ମୂଳରେ କୁଞ୍ଜଧ୍ୱଜ କରି
ନବଅଳିକ ମୋନ୍ତ ଗାଇଁ ।”
ମୁନିପାଦେ ପଡ଼ି ଉଠି ଶକୁନ୍ତଳା
ଆଲିଙ୍ଗିଲ ସଖୀଦ୍ୱୟେ,
ବଲ୍କଳି-ଦୁକୂଳ ଭିଜାଇ ଲୋତକେ
ଲଗାଇ ହୃଦେ ହୃଦୟେ ।
ପ୍ରିୟମ୍ବଦା ସଖୀ ବୋଇଲେ, “ସଜନି,
ଚାପୋରକୁ ଅନୁସୂୟେ,
ସେ ତୋ ପ୍ରଣୟର ଆଦ୍ୟ ଉପହାର
ସପତନେ ସଙ୍ଗେ ନିଅ ।
ତାକୁ ନ ଦେଖିଲେ ଜୀବନ୍ତ ନଦେବ
ମଣିହାରେ କାନ୍ତ-ମନ,
କାନ୍ତ-ପ୍ରୀତି-ରୂପେ ନାମାଙ୍କିତ ତାଙ୍କ
କରିଥିବୁ ଗଣ୍ଠି ଧନ ।”
“ଦୂର ହେଲୁ ଏବେ” ବୋଲି ପ୍ରିୟମ୍ବଦା
ଅନସୂୟା ଲାଗି କାନ୍ଦି,
ଆବାଲ୍ୟସଙ୍ଗିନୀ ଦୁକୂଳ-ଅଞ୍ଚଳ
ଅଙ୍ଗେ ଗ୍ରନ୍ଥି ଦେଲେ ବାନ୍ଧି ।
ଲେଖି ମୁଦିଥିଲେ ଏଣ୍ଟିଏ ମୁନି
ଦେଇ ଶାରଦ୍ୱତ କରେ,
କହିଲେ ନନ୍ଦିନୀ ସତ୍ୱରେ ତା ଦେବାକୁ
ଦୁଷ୍ମନ୍ତଙ୍କ ନିକଟରେ ।
ପୁନଶ୍ଚ କୁମାରୀ ବୋଲିଲା, “ପିତର,
କେବେ ପୁଣି ଦରଶନ,
କରିବ ତୁମ୍ଭର ଚରଣ-କମଳ
ଆସି ଏହି ତପୋବନ ?”
ମହର୍ଷି ବୋଇଲେ, “ସେ କାଳେ ଶୋଭିବ
ତୋ ପୁତ୍ର ମସ୍ତକେ ଛତ୍ର,
ସେହି ଛତ୍ର-ଛାୟା- ତଳେ ସ୍ନିଗ୍ଧ ହେବ
ସସାଗରା ବସୁମତୀ ।
ତୋ ପତି ଏ ବନେ ବାନପ୍ରସ୍ଥରୂପେ
ହେବେ ମୋକ୍ଷ-ଅଭିଳାଷୀ,
ମୋକ୍ଷ ପାଇଁ ତୁହି ତାଙ୍କ ପଦ-ସେବା
କରିବୁ ଏ ବନେ ଆସି ।”

ଆଜୁ ନେବେତ ଚଳିଲ ତାପସ-ତାପସୀ
ସମସ୍ତଙ୍କୁ ଶକୁନ୍ତଳା,
କା' ପଦ ବନ୍ଦନ କା' ମୁଖ ଚୁମ୍ବନ
କାହାକୁ ଆଲିଙ୍ଗନ କଲ ।
ଚଳିଲେ ଗୌତମୀ ଶକୁନ୍ତଳା ସଙ୍ଗ
ଶାରଦ୍ୱତ ତାଙ୍କ ଅଗ୍ରେ,
ଚଳିଲେ ତାହାଙ୍କ ପୃଷ୍ଠରକ୍ଷୀରୂପେ
ଶାର୍ଙ୍ଗରବ ପଶ୍ଚାତରେ ।

ପ୍ରଣୟ-ସୌରଭ ଜନମ ବନ୍ଧାତେ
ହୋଇ ଶକୁନ୍ତଳା ମନେ,
ପଥ କଷ୍ଟ ବନ- ପ୍ରାବଲ୍ୟକୁ ତାଙ୍କ
ବିନାଶ କଲ ସେମନେ ।
ଆଶ୍ରମେ ଆସିଲେ ମୁନି ମହାମନା
ସୁଖ ଦୁଃଖ କରି ସମ,
ତାଙ୍କ ସଙ୍ଗେ ଆସି ତାପସ-ତାପସୀ
କଲେ ନିଜ ନିଜ କର୍ମ ।

---

# ପଞ୍ଚମ ସର୍ଗ

---

## ପୁଷ୍ପ କୀଟ

ହସ୍ତିନା-ଭୂପତି ବସନ୍ତି ବସିଛନ୍ତି
ରତ୍ନମୟ ସିଂହାସନେ,
ସତେ କି ଧରମ- ମୂର୍ତ୍ତି-ମଣ୍ଡନମ୍
ଉଜ୍ଜ୍ୱଳ ଜନ-ଦର୍ପଣେ ?
ଉଭୟ ପାର୍ଶ୍ୱରେ ଶୋଭନ୍ତି ସଚିବ
ଆଦି ସଭାସଦଗଣ,
ନ୍ୟାୟ୍ୟ, ବିବେକାଦି ରହିଛନ୍ତି ଯେତେକ
ଧରି ନର-ଅପଘନ ।
ସଭ୍ୟ ମଧ୍ୟ ନୃପ- ବଦନ ମଣ୍ଡଳ
ଉଜ୍ଜ୍ୱଳ ନିର୍ମଳ ଶାନ୍ତ,
ଯଥା ଶାରଦୀୟ ନକ୍ଷତ୍ର-ମଣ୍ଡଳ-
ମଣ୍ଡିତ ରଜନୀକାନ୍ତ ।
ସିଂହାସନ ପାଦ- ପୀଠରେ ଉଜ୍ଜ୍ୱଳ
ରତ୍ନରାଜି ଥାନ୍ତି ଲାଗି,
ରାଜନ୍ୟ-ମଣ୍ଡଳ- ମୁକୁଟ-ରତନେ
ଆଲିଙ୍ଗନ ଦେବା ଲାଗି ।
ପାଦେ ରତ୍ନସଙ୍ଗେ ରଖା ହୋଇଥାଏ
ଯମୁନାର ପୁଣ୍ୟ ଜଳ,

ଯାଚକ-ଭ୍ରମର ବାଞ୍ଛା ମକରନ୍ଦ
କରିବା ପାଇଁ ସଫଳ ।
ନୃପ ଦକ୍ଷ କରେ ପ୍ରଚଣ୍ଡ ପ୍ରଭାବରେ
ଶୋଭୁଥାଏ ରାଜଦଣ୍ଡ,
ଦୁଷ୍ଟ ଦେଖି ତାହା ଦୁର୍ଦ୍ଦର୍ପ-ଗର୍ବ
ହୋଇଯାଏ ଖଣ୍ଡ ଖଣ୍ଡ ।
ଅତୁଳ ସମ୍ପଦ ଦେଉଥିଲେ ଯେଉଁ
ରାଜମୁଦ୍ରା ଉପହାର,
ବାଞ୍ଛି ବାଞ୍ଛି ସେହି ରତ୍ନ ଉପହାର
ଦେଉଥିଲା ଧାରବାର;
ସଭାମଣ୍ଡପରେ ଝଲୁଥିଲା ତାହା
ହୋଇ ଅବନତ ମୁଖ,
ପ୍ରଫୁଲ୍ଲିତ ଚିତ୍ତ- ଥିଲେ ଲଭି ସଜ୍ଜ-
ଦର୍ଶନର ଚଣ୍ଡ-ମୟୂଖ ।
ନୃପ ଧନୁର୍ବେଦ ଗୁଣ ସକଳ
ରାଜ୍ୟ ସଙ୍ଗ ତେଜ ଦର୍ପ,
ଦୂରେ ଲୁଚିଥିଲେ ଶତ୍ରୁ-ଗର୍ଜନ
ଶ୍ରବଣରେ ଯଥା ସର୍ପ ।

ହୃଦୟ ଭିତରେ    କ୍ଷମା ନରେନ୍ଦ୍ରଙ୍କ
ହୃଦୟ ଉପରେ ତେଜିମ,
ପରାକ୍ରମ ଭୂଷିତ    ଥାଇ ହୋଇଥିଲେ
ଶୋଭା-ସଙ୍ଗେ ଗାମ୍ଭୀରିମ ।
ଅତି କିଁ ପ୍ରବଳ    ଥିଲା ତାଙ୍କ ଲୋଭ
ସୁକୀର୍ତ୍ତିଅର୍ଜ୍ଜନର ଗୁଣ,
ରତ୍ନକୁ ଶରୀର-    ଭୂଷା ନ ଗଣୁଥିଲେ
ମାନବ-ଶରୀର ଭୂଷଣ ।
ଯୌବନେ ତାଙ୍କର    ଧର୍ମ୍ମ ଅର୍ଥ ଯଶ
ନିତ୍ୟ ଫଳୁଥାନ୍ତି ଫଳ,
ନମ୍ରତା, ଉଚ୍ଚତା    ଗୁଣରେ ଥିବାର
ଏକରୁ ଅପର ବଳ ।
ବେଲୀଙ୍କ ବିବାଦ    ବାହୁରେ ନିପୁଣି
ଥିଲେ ନିଜେ ନରପତି,
ସତ୍ୟ ଧର୍ମ ବାଣ    ବାହୁର କ୍ଷମତା
ଦେଖାଇଥିଲେ ଲୋକ ପ୍ରତି ।
ପର-ପରାକ୍ରମା    ଶୁଣିଲେ ନୃପତି
ଚିତ୍ତଉଥିଲେ ଆହ୍ଲାଦିତ,
ତାଙ୍କ କାର୍ଯ୍ୟେ ଭଲ    କାର୍ଯ୍ୟ କରିବାକୁ
ଜନ୍ତୁ ଦେଉଥିଲେ ରତି ।
ଅଭ୍ୟାଗମ ଯଥା    ତଳକୁ ସାଗର,
ଅହୋରାତ୍ର ବହେ ବାତ,
କରଣ୍ଡାପ ନୃପ    ପ୍ରଜାଙ୍କ ହିତେ ତଥା
ରହିଥାନ୍ତି ଅବିରତ ।
ନିଜେ ଦୁଃଖ ସହି    ହରୁଥିଲେ ସଦା
'ପ୍ରକୃତି'-ପୁଞ୍ଜର ଦୁଃଖ,
ପାଦପ ଯେସନ    ଛାୟା ଦିଏ ସହି
ପ୍ରଚଣ୍ଡ ଭାନୁ-ମୟୂଖ ।
ଶାସନ ତାଙ୍କର    ଆଲୋକ ପ୍ରଭାବେଁ
ତମ ଥିଲେ ଘୋର ତମ,
କଳିର ତମ ଲେଖି    କୁପଥ ଗମନେ
କେହି ନୋହୁଥିଲେ କ୍ଷମ ।
ସଖୀ ସମ୍ଭାରରେ    ଉପହାଇ ଆସି
କରଯୋଡ଼ି ପ୍ରତିହାରୀ,
ଜଣାଇଲା, "ଦେବ,    କଣ୍ୱ-ଆଶ୍ରମରୁ
ଆସିଛନ୍ତି ତପସ୍ୱୀଶ ।
ଦୁଇ ଜଣ ଋଷି-    ଶିଷ୍ୟ ଛନ୍ତି ପୁଣି
ନାରୀ ଛନ୍ତି ଦୁଇ ଜଣ,
ନୋଜାଣି କି କାର୍ଯ୍ୟେ    ଇଚ୍ଛା କରୁଛନ୍ତି
ଶ୍ରୀମନ୍ତଙ୍କ ଦରଶନ ।
ନାରୀଙ୍କ ମଧ୍ୟରେ    ଏକ ଅଛି ବୃଦ୍ଧା
ତରୁଣୀ ଅଛି ଅପର,
ମନେ କରୁଁ ସେ    ଋଷିକନ୍ୟା ନୁହେ,
ହେବେ କି ବା ଦେବ ଅପସରା ।
ତାପସଙ୍କ ମଧ୍ୟେ    ତରୁଣୀର ରୂପ
ଦିଶୁଛି ଲାବଣ୍ୟମୟ,
ପାଣ୍ଡୁର-ପତ୍ର-    ମଧ୍ୟେ ମନୋରମ
ଯଥା ନବ କିଶଳୟ ।
ଚାହିଁଅଛନ୍ତି    ପଥ ମୁନିବର
ପଥ ଦେଖି ତାଙ୍କ ପନ୍ଥେ,
ଆଜ୍ଞା ଦେବ ଯେବେ    ଉପଗତ ହେବେ
ଶ୍ରୀମୁଖରେ ଆସି ସମସ୍ତେ ।"
ପ୍ରତିହାରୀ କଥା    ଶୁଣି ମହାରାଜ
ଚମତ୍କାର ମଣି ମନେ,
ବୋଇଲେ, "ସଂସାରେ    ନିଅ ତାଙ୍କୁ ମୁହିଁ
ଡାକୁଛି ଅଗ୍ନି-ଭବନେ ।"
ଶକୁନ୍ତଳା ଏଣେ    ସିଂହଦ୍ୱାରେ ଥାଇ
ଭାବୁଥାନ୍ତି ଅନ୍ତରେ,
"ଏଭଳି କାହିଁ    ଆସିଛିନ ଏଥ
ମୋ ଆସିବା ଉତ୍ତରରେ ।
ନେକ୍ରାଣି ଆପଣେ    ନିଜେ ହସି ହସି
ନେବେ ମୋର କର ଧରି,
ଅଥବା ସାଦରେ    ଦେଖାଇବା ଲାଗି
ଡାକିବେ ସହଚରୀ !
ଯାହା ହେଉ ଆଉ    ସ୍ୱାମି-ଦରଶନେ
ଅଧିକ ବିଳମ୍ବ ନାହିଁ,
କେଉଁ ଠାରୁ ନେବେ,    ଦେବି ଦୃଷ୍ଟିଜିତ
କେଉଁ ଭାବ ଦେଖାଇ ଚାହିଁ ?

କେତେ କେତେ ଘର କେମନ୍ତ ସୁନ୍ଦର
ଶାଳତରୁ କଣି କରି,
କେମନ୍ତ ଧବଳ ଶୁକ୍ଳହଂସ-କାନ୍ତି
ଏହା ଜୁଟିଲ କେବଣ ଭୁଜ !
କେମନ୍ତେ ଚିହ୍ନିବ କାଏ ଶୃଙ୍ଗ ଦେବ,
କିଏ ବା ଖୁଇବ ନଣନ୍ଦ,
କାହାକୁ ସାଦରେ ଆଳିଙ୍ଗିବ ତହିଁ
ବଢ଼ିବ କାହାର ପଦ ?"
ଭୁଆଁ ଉଠା ଏତେ ଖିଜଣା ଗୁଞ୍ଜନ !
ଭବିତବ୍ୟ ଅଛି ଆଜ,
ଭବିଷ୍ୟତ-ପୁରୁ- ଷ୍ଟବଶ-କ୍ଷମତା
ଜନ୍ମି ନାହିଁ ନର-ଜନ ।
ଏମନ୍ତ ସମୟେ ଦ୍ୱିଜଦ୍ୱୟ ଆସି
ଜଣାଇ ସନ୍ଦେଶକ୍ତି,
ଅତନ୍ଦ୍ରିକ ବୃତ୍ତି- କଡଣ ଦେଖିଗଲି
ଅଗ୍ନି ଗୃହ ନୃପ କରି ।
ଦେଖିଲେ ନରରତି ତାପସଙ୍କ ମଧ୍ୟ
କୁଟେଣ୍ଡ ହୁକୁମାର୍ଚ୍ଚ,
ତ୍ରିତ୍ତର ନଡରେ ଜନ୍ମୟନ୍ତ୍ର ଚରି
ସମ୍ମକେ ଦେଉଛନ୍ତି ବାରି !
ତାପସମାନଙ୍କୁ ନୃପେନ୍ଦ୍ର ବନ୍ଦନେ
ରାଜା କରି ସମାଦର,
ପୁଛିଲେ କୁଶଳ ତାଙ୍କ, ମୁନିଙ୍କର,
ତଥା ଆଶ୍ରମବାସର ।
ଶାରଦ୍ୱତ ଦେଲେ ଉତ୍ତର କୁଶଳ
ଥିବାର ସେ ସମୁଦାୟ,
ପୁଣି ପଚାରିଲେ ନରେଶ ତାଙ୍କର
ଆଗମନ-ଅଭିପ୍ରାୟ ।
ଶାରଦ୍ୱତ କହି- ପ୍ରେରିତ-ଚନ୍ଦ୍ରିକା
ଦେଲେ ନରବର-କରେ,
ମୁଦ ଫେଇ ମୁନିଦ ସଙ୍କେ ଶଙ୍କେ ନୃପ
ବିସ୍ମିତ ହେଲେ ଅନ୍ତରେ ।
ଶକୁନ୍ତଳା ଆଶା ଦଗ୍‌ଧ ହୋଇଥିବ
ଅନଳ-ଗୃହ-ଅନଳେ,

ଏ ବିଶ୍ୱାସ ତଳ- ମାତ୍ର ଥିଲା ନାହିଁ
ତାହାର ହୃଦ-କମଳେ ।
ପତ୍ର ପଢ଼ି ଧୀରେ ସନ୍ଦେହ ଜନାଇଲେ
ସେ ପତ୍ର ପଢ଼ିଲେ ପୁଣି,
କେମନ୍ତ କଥା ଏ ବୋଲି ପୁନଃ ପୁନଃ
ମନେ ମନେ ହେଲେ ଗୁଣି ।
ବିଭ୍ରମ ନୟନେ ଶକୁନ୍ତଳା ମୁଖ
ଦେଖି ଦେଖି ବାରମ୍ବାର,
ବାଶ୍ପ ହୃଦୟେ ପୁଣି ବିଚାରିଲେ,
"ଏ ତ ବଡ଼ ଚମତ୍କାର !
ଶାନ୍ତ ସୁନ୍ଦର ଶଠ- ଜନ ସେ ତ ଶଠ
ଶାଠ୍ୟ କରନ୍ତି ଏ ସଂସାରେ,
ଶିଷ୍ଟ ଶଠାଂଶରେ ଶାଠ୍ୟ ଦେଖାଉଛନ୍ତି
ଏହା ସାଧୁ-ଜନଠାରେ ।
ଶଠ ଶାଠ୍ୟ ବଳ ମୁନିଙ୍କ ପକ୍ଷରେ
ସୁହାଉଛି ଯେଉଁ ଶାଠ୍ୟ,
ମୁଖ ଦେଖିଲେ ଜଣେ ବୁଝାଇ ମନରେ,
ଏ କି ଶ୍ରାବ୍ୟ, ଏ କି ଶାଠ୍ୟ ?
ସତ୍ୟ ବା କୁହୁକ ବୁଝିପାରୁ ନାହିଁ,
କି ଦେବି ଏଥି ଉତ୍ତର ?"
ଚଠନନ୍ଦ୍ରମ ବା ବୋଲି ଆଉ ଥରେ
ପଢ଼ିଲେ ପୁଣି ପତ୍ର ।
ଯାହା ପଢ଼ିଥିଲେ ତାହା ଲେଖା ଅଛି
ପୁନଶ୍ଚ ବିଚାର କଲେ,
"କଣ୍ୱମୁନି ଦଇବା ମାଯ୍ୟା ଏହା ମୋତେ
ଠକିବାକୁ କଉଶଳେ ।
ନ ଦେଖିଲେ ଏପରି ସୁନ୍ଦରୀ ହୁଏ କି
ଅବଳା ତଳେ ସମ୍ଭବ ?
ପୁଣି ବୃଦ୍ଧ କଣ୍ୱ ମୁନିଙ୍କ ଦୁହିତା
ହେବା ତହିଁ ଅସମ୍ଭବ ।
ମୁନି-କନ୍ୟା ହେବେ ନିର୍ଭର ହୋଇଛନ୍ତି
ସ୍ୱର୍ଗ ସୁ ଭୁବନେଶ୍ୱରୀ,
ମୁଁ କି ଏଡ଼େ ମୂର୍ଖ, ଏତିକି ନ ବୁଝି
ଏ ପରେ ହେବି ବିଶ୍ୱାସୀ ?

ଆସ ଜ୍ଞାନ, ଆସ ବିବେକ, ମୋ' ହୃଦେ
ବସି ଦିଅ ମୋତେ ବଳ,
ଉଚିତ ଉତ୍ତର ଦେବି, ଏ ଘଟଣା
ହୋଇଛି ସତ୍ୟ ଅବା ଛଳ ।"
ବୋଇଲେ, "ତାପସ- କୁମାର, ପଠନେ
ବୁଝିଲି ଋଷିଙ୍କ ମର୍ମ,
ଯାହା ଲେଖିଛନ୍ତି ମୁନି ତାହା ମୋର
ଧର୍ମ ନୁହେ, ନୁହେ କର୍ମ ।
ଏ ନାରୀ ସହିତ କେବେ କାହିଁ ମୋର
ହୋଇ ନାହିଁ ପରିଣୟ,
ପୁରୁବଂଶୀ ଅଧିପ ଦେଖାଇଲେ ଆଜ
ଅଭିନବ ଅଭିନୟ ।
ପର ଗର୍ଭବତୀ ନ ଥାଉ ସୁବେଶା,
ହୋଇଥାଉ ବିବାହିତା,
ତେବେ ବି ମହର୍ଷିଙ୍କ ଆଦେଶ ପାଳନେ
ନ ଥିଲା ମୋ କିଛି ଚିନ୍ତା ।
କେମନ୍ତେ ବଳିଲା ମନ ମୁନିଙ୍କର
ନାଟକ ହୋଇ ପୁରୁବଂଶୀ,
ସ୍ୱଦସ୍ୟୁ ବଳରେ ପତି-କାଳାକର-
ଅଙ୍ଗେ ଢାଳିବାକୁ ମର୍ମ !"
ଶାରଦ୍ୱତ ତହିଁ ବୋଇଲେ, "ନରେଶ,
ସବୁ କଥା କି ଅନୃତ ?"
ହସି ନରପତି ବୋଇଲେ, "ତାପସ,
ଇନ୍ଦ୍ରଜାଲ ଏ ପ୍ରକୃତ !"
ଶାର—
"ଦେଖ ଶକୁନ୍ତଳା, ପିନ୍ଧାଅ ନରେନ୍ଦ୍ର-
ନୟନ-ତିରସ୍କରଣୀ,
ପ୍ରକଟିତ କର କେଉଁ ରୂପେ ତୁମ୍ଭେ
ହୋଇଛ ତାଙ୍କ ଘରଣୀ ?"
ଶକୁ—
"ବୁଝିପାରୁ ନାହିଁ, ସତ୍ୟ କି ଏ କଥା
ହେଉଅଛି ପରିହାସ,
ମୋ' ମନ ପରୀକ୍ଷା କରୁଛନ୍ତି ବୋଲି
ହେଉଛି ଦୃଢ଼ ବିଶ୍ୱାସ ।
କେତେକ ରସିକ ଭୂପ କରନ୍ତି ନଟେଶ
ପ୍ରୀତିକି ବୁଝିବା ଲୋକ,
ଭିନ୍ନ ଭିନ୍ନ ଅର୍ଥ ବହି ବଚନରେ
ବଢ଼ାଇଥାଏ ତାଙ୍କ ଶ୍ଳୋକ ।"
ଦୁଷ୍ମନ୍ତ—
"ସତେ କି ସୁନ୍ଦରି, ବିଚାରିଛ ମୋତେ
ମୁଁ ଧରିଛି ତୁମ୍ଭ କର ?
ସତେ କି ବଲ୍କଲ- ରୂପେ ଦେଖିଅଛ
ବଦନକୁ ଦୁଷ୍ମନ୍ତର ?"
ଶକୁ—
"ଯେଉଁ ବଚନ ମୋ' ଶ୍ରବଣ କରିଲ
ଶୁଣୁଅଛି ସେହି ସ୍ୱର,
କମଳିନୀ କେବେ ଦାଗିଅଛି କି
ନ ମୁହିଁ ନରେଶ ସାଥିର ?"
ଦୁଷ୍ମନ୍ତ—
"ଭଳକର ଅଟେ ଦେଖ କି ନା ମୁଁ କି
ପାଇଥିଲି ତୁମ୍ଭ ପାଶ ?
ତୁମ୍ଭ ପରିଚୟ ମୁହିଁ ଥିବାରୁ କି
କରୁଛ ଦୃଢ଼ ବିଶ୍ୱାସ ?"
ଶାର—
"ଦେଖ ନା ନୃପଙ୍କ ବଦନ, ବିବାହ-
କଥା କର ପ୍ରତିପନ୍ନ ।"
ଶକୁ—
"ସ୍ୱାମୀ ଥିବା ବେଳେ ଯେଉଁ ନୃପ ନୁହନ୍ତି
ଦେଖିବି କହିଁ ଲୋଚନ ?
ତେବେ ତାଙ୍କ ପ୍ରୀତି- ଉପହାର ଅଛି
ନାମାଙ୍କିତ ଅଙ୍ଗୁରୀୟ,
ପ୍ରଣୟ-ପ୍ରମାଣ ତାହା ମୋର ନେଇ
କରାଇବ ତାଙ୍କ ଦୃଷ୍ଟି ।"
ନରନାଥ ବୋଇଲେ, "ତାହା ଯଦି ଅଛି
ଏତେ କଥା କାହିଁ ପାଇଁ ?"
ସୁନ୍ଦରୀ ଚାହିଁଲେ ଦେଖିଲେ ଅଙ୍ଗୁଳେ
ରତ୍ନ ନାହିଁ, ମୁଦି ନାହିଁ ।

ଏ କାଳ ସେ ଜ୍ଞାନ ଦେଖିଲେ ବ୍ୟାକୁଳେ,
ହସ୍ତ ନାହିଁ ମୁଦ୍ରିକାର,
ପୂର୍ବରୁ ବଦନ କଣ୍ଠ ଦେଉଅଛି
ନଜ ପଥ ଚମତ୍କାର।
ତହୁଁ ନରପତି ସହାସେ ବୋଲନ୍ତି,
"ବେଶ କର ଅଭିନୟ,
ପ୍ରମାଣିତ ହେଉ, ଦୁଷ୍ମନ୍ତ ନୃପତି
କରଇ ମିଥ୍ୟା ଭାଷଣ।
ଦେଖି ହେ ତାପସ, ବାଳକ, କାହିଁକି
ଦେଖାଅ ମୁଦ୍ରିକା ଆଣି,
ହେବ ଏହିକ୍ଷଣି ତୁମ୍ଭ ତପସ୍ୱିନୀ
ହସ୍ତିନାର ପାଟରାଣୀ।"
ଅପମାନଭରେ ଶକୁନ୍ତଳା-ହୃଦ
କମ୍ପିଲେ ଥରଥର,
ନୟନ-ଯୁଗରୁଁ ଅଶ୍ରୁ ଦୁଇ ଧାର
ବହିଲା ଝରଝର।
ସଖୀ କହିଥିଲି, ଶାହା ତା ପ୍ରାଣର
ପ୍ରଣୟ-ମନ୍ଦିର-କାନ୍ଥ;
ହଜାଇ ତା ହେଲେ ଅସମ୍ଭବ ନଟନେ
ହେଲା ରହିବାର କଷ୍ଟ।
ଅନ୍ଧକାରମୟ ଦିଶିଲା ଜଗତ,
ସ୍ଥିର ନ ପାରିଲା ଖଣ୍ଡା,
ରେଣୁ ପରିଣତ ହୋଇ ଉଡ଼ିଗଲା
ହିମାଳୟ ତୁଲ୍ୟ ଆଶା।
ଜାଣି ନ ପାରିଲେ ଆପଣେ ତାଙ୍କ
ଅଛି କି ନା ଆଉ ପ୍ରାଣ,
କାହିଁ ଯିବେ ଅବା କେମନ୍ତେ ରହିବେ
ତାହାଙ୍କ ନ ହେଲା ଜ୍ଞାନ।
ଭଗ୍ନ ପତ୍ର ପରି ଉତ୍ତମୀ ଧରି
ବସିଗଲେ ଭୂମିତଳେ,
ଚକ୍ଷୁଣ ଅଛି କି ନାହିଁ ବୋଲି ମୁଖ
ଲୁଚାଇଲେ ଅତି ଅଞ୍ଚଳେ।
ହାହାକାର କରି ତା ପଦ-ଯୁଗଳ
ବନ୍ଦନ ସିଞ୍ଚିଲେ ଜଳ,

ବିଦାରିଲା ନାସିକା- ବାୟୁ ଅସ୍ଥି, କମ୍ପ
ନୟନ-ତାରା ନିଶ୍ଚଳ।
ନୃପତି ବୋଲିଲେ, "କାହିଁକି କରୁଛ
ଏ ଦାରୁଣ ଅଭିନୟ,
କେଉଁ ଲାଭ ଆଶା ଅଛି ତାହା ଦେବେ
କହନା କର ନିଶ୍ଚୟ।"
ଶାର୍ଙ୍ଗରବ କ୍ରୋଧେ ବୋଲିଲେ, "ଅନ୍ୟର
କାହିଁ ଧନେ ଚେଣେ ଆଶ,
ଏତ ଅବିନୟ ଅଧିନାୟକର
ଉଦ୍ଭବ ଏକା ସର୍ବନାଶ!
ଆବାଲ୍ୟ ଆଶ୍ରମ- ଲାଳିତା ସରଳା
ମୃଦୁଭାଷିଣୀ ହେବା ବାଣୀ,
ହାସ୍ୟରେ ଦହିବ, ହାସ୍ୟ ଧର୍ମଦେବ,
ଏଥି ଶୁଣାଇଲ ଆଣି!
ପର-ପ୍ରବଞ୍ଚନା ଅବଳା-ବଞ୍ଚନା
ହେଲା ଏବେ ରାଜଧର୍ମ,
ଲକ୍ଷ୍ମୀଦେବ, ତୁମ୍ଭେ କେଉଁ ଲୋଭେ ପଡ଼ି
ଚେତନାରୁ ନାହିଁ ମର୍ମ!"
ବୋଲିଲେ ନରେଶ, "ତରୁଣ ତାପସ,
କରୁଣେ ମିଶାଇ କ୍ରୋଧ,
ବାଳ-ଚପଳତା କିମ୍ପା ଦେଖାଉଛ
ନ ନେଇ ବସ୍ତୁବୋଧ ?
ତରୁଣୀର ଦଶା ଦର୍ଶନେ ସହସା
ତନୁ ହୁଏ କମ୍ପାନ୍ୱିତ;
ମନେଁ, ମୋ ନାମ କହି କେହି ତାଙ୍କୁ
କହିଅଛି ପ୍ରବଞ୍ଚିତ।
ନିଶାଚରବଶ ଶୋଷ୍ଣ- ପରିଚରେ ଦେବେ
ହୋଇଥିବେ ପ୍ରେମାନ୍ୱିତ;
କପଟେ ଲମ୍ପଟ କେହି ତାଙ୍କୁ ମୁହିଁ
ହୋଇଥିବ ନମସ୍କିତ।
ଶାର୍ଙ୍ଗ—
"ଦେବେ ଦେବେ ଲୋଭେ ପଡ଼ିଲେ କାହିଁକି
ନେଉଥାନ୍ତି ତୁମ୍ଭ ନାମ ?
ଦ୍ରବ୍ୟ ରୂପ ବଳ ପତିତ୍ୱ କି ହୋଇ
ନ ପାରନ୍ତେ ସିଦ୍ଧକାମ ?"

ଦୁଷ୍ମନ୍ତ—
"ସ୍ୱଭାବତଃ ନାରୀ ହେବେ ଏଡ଼େ ଲୋଭ-
ଥାଏ ନର-ହୃଦି-ଦେଶ,
ନାରୀ ରୂପ ଧରି- ଥିଲେ ହେବେ ବନ୍ଧ
ଦେବସ୍ୱର୍ଗ-ଲଭ-ଆଶ।"
ଶାର୍ଙ୍ଗ—
"ସତ୍ୟ ଅପଳାପ ନ ହେଉ, ସନ୍ତାପ
ନ ପଶୁ ସାଧୁ ଜୀବନେ,
ଏହା ଆତ୍ମ ଶିକ୍ଷା ଏହା ଧର୍ମଦୀକ୍ଷା,
ଏହା ଅମ୍ଳ କାର୍ଯ୍ୟ ମନେ !
କର୍ମଫଳ ପ୍ରାଣୀ ଅବଶ୍ୟ ଭୁଞ୍ଜଇ,
କେ ଖଣ୍ଡିପାରିବ ଆନ ?
ଶତ ପ୍ରଭଞ୍ଜନ ଲଙ୍ଘି ଚଳିଥାଏ
କର୍ମଫଳ ବଳବାନ।
ରହ ଶକୁନ୍ତଳା, ଧର୍ମ ଅନୁସରି,
କର୍ମଫଳ କର ଭୋଗ,
ବୃଥା ଆତ୍ମ ଆଉ କରି ନ ପାରିବୁଁ
ଅପଧର୍ମ ଅନୁଯୋଗ।
ଶାରଦ୍ୱତ ଋଷି, ଶୁଳ୍କ ଆଶ ହୋଇ
ରହି ନ ପାରିବା କ୍ଷଣେ,
ଚାଲ ଗଉତମି, ନ ହେଲେ ପଡ଼ିବା
ମହାପାପ-ଆକ୍ରମଣେ।"
ତାପସଙ୍କ ସଙ୍ଗ ଚଳିଲେ ଗୌତମୀ
ଦୁଃଖିନୀକି ଦେଇ କାନ୍ଦୁ,
ଜନ-ଘୃଣା ଲଭି ମଣିଲ୍ ଦୁଃଖିନୀ
ଦନଚିତ ହେଲୁ ନାରେ।
ତାପସଙ୍କ ଗତି ବଟଲକ ବୋଇଲେ
ନରପତି ଉପହାସେ,
"ଧନ୍ୟ ହେ ତାପସ ! କର୍ମଫଳ ଭୋଗି
ଦେଖିଯାଉଛ ମୋ ପାଖେ।
ପୁରୁବଂଶ ହେବ ବସ୍ତୁତ-ବର୍ଣ୍ଣିତ-
ନାରୀ ଛାର-ସନ୍ତାନେ !"
ଶୁଣି ଶକୁନ୍ତଳାର ଆଶା-ଲତା ନବ
ପଲ୍ଲବିତ ହେଲା ପ୍ରାଣେ।

'ନାରୀ' ଶବ୍ଦ 'ଛାର' ବୁଝିଲା ସରଳା
ଅକ୍ଷରଭେଦ ନ ଜାଣି,
ଧର୍ମ-ବନ୍ଧୁ-ନାରୀ ନ ଗଣି ଭୂପଙ୍କ
ଦାନ କରେ ଗଳ ବାଣୀ।
ସେହି ଦୁଷ୍ମନ୍ତଙ୍କୁ ସୁଧା ଦାନ କରି
ଚଟକାଶି ଥାଏ ମାନବେ,
ସେହି ଚନ୍ଦ୍ରମାକୁ ତଳେ ଖସିବା
କେମନ୍ତେ ଭୁଞ୍ଜିବ ମନେ ?
ସେହି କୃପ-ପ୍ରେମ- ଜଳେ ନିମଜ୍ଜିତ
ହୋଇଅଛି ପ୍ରେମଶୀଳା,
କେମନ୍ତେ ମଣିବା ସେହୁ ପ୍ରେମ-ଜଳ
ଟାଳିଛନ୍ତି ହିମଶିଳା।
ସମ୍ମୁଖେ "ଉଠାଅ" ଉଚ୍ଚାରି ତାପସ
ବାହାରିଗଲେ ଚଞ୍ଚଳ,
ଜାତକ ପୁରୁବଂଶେ କୁନ୍ତୀର ଉଦରେ
ଫଳିଲା ସେହି ସୁଫଳ।
ସାଧୁ କୃତ କରି ଉପହାସ ଲେଖି
ଛାଇ ନ ପାରନ୍ତି ଛାର,
ସାଧୁ-ଅଙ୍ଗେ ଛଡ଼ି ଉପହାସ ପୁଣି
ଧାଇଁଥାଏ ଉପକାର।
ଶକୁନ୍ତଳା ସେହି ଭାବରେ ବୁଝିଲେ
ତାହା ମଧ୍ୟ ଭୁଲେ ବ୍ୟର୍ଥ,
ସୁତ ତାଙ୍କ ହେଲେ ଜନନୀ-ମାନସ-
ସିଦ୍ଧି ସାଧନେ ସମର୍ଥ।
ସ୍ୱଭାବ-ସାଧବ ସରଳ ହୃଦୟେ
ନୃତ୍ୟପାତ୍ର ହେବେ ଚଥ,
ବିଧାତା ସେ ବୋଲ ଷମି ସିଦ୍ଧ କରେ
ତାଙ୍କ ଶୁଭ-ମନୋରଥ !
ସଙ୍ଗୀ ଉପଗତ ହୋଇଲେ ଆସି
ଶକୁନ୍ତଳାର ଅପମାନେ,
ପ୍ରତ୍ୟାଖ୍ୟାନ କଥା ସବୁ ପରିହାସ
ବୋଲି ବୋଧିଲେ ମନେ।
ପରିହାସ-ଛଳ ନୃପମଣି ବୋଲି
ଜାଣି ତ ଥିଲେ ଦୁଃଖିନୀ,

ବଟକୁ ଓଁ ଦୂର •କଣ୍ଠୁ ଟେକି ପିଇଲେ
ଥିବାନ୍ତି ପ୍ରେମ-ବେଷ୍ଟିନୀ ।
ବସିଗଲା ତାଙ୍କ ବଦନର ଜ୍ୟୋତି
ବିମଳିନ ହେଲା କାନ୍ତି,
ରାଜଲକ୍ଷ୍ମୀ କିଏ ମୂର୍ତ୍ତିମତୀ ହୋଇ
ରାଜା-ମନେ ହେଲା ଭ୍ରାନ୍ତି ।
ରାଜଲକ୍ଷ୍ମୀ ଯାର ହୋଇଥିଲେ ତାଙ୍କ
ଜୀବନର ସୁଖକର,
ଏହି ରାଜଲକ୍ଷ୍ମୀ ହେବ ହେଲା କିନ୍ତୁ
ଦୁର୍ବହ ଦୁଃସହତର ।
କର୍ତ୍ତବ୍ୟ ବିମୂଢ଼ ହୋଇ ମହାରାଜ
ରହିଗଲେ ବିଷମ କଷ୍ଟେ,
ବସୁଧିଲେ ମନେ ଦୁନ୍ଦ୍ରା ସହସା
ଟଣିଗଲା ନାଗ-କଣ୍ଠେ ।
ନୃପ-ଭାବ ଦେଖି ପୁରୋଧା ବୋଇଲେ,
"ନରେନ୍ଦ୍ର ନ କୁଞ୍ଚ ଶିର,
ତୁମ୍ଭର କୁମର ଜନ୍ମିବ ଶରୀରେ
ବକ୍ଷେ ଚକ୍ରବର୍ତ୍ତୀ ଚିହ୍ନ ।
ଦେଖିଛନ୍ତି ମୁନି କେତେ ଗଣକ ଏ କଥା
କହିଛନ୍ତି ବାରମ୍ବାର,
ସେହିଟି କେବଳ ତୃପ୍ତି ଉପାୟ
କଣ୍ୱ-ଦେବ ଉପହାର ।
ପ୍ରସୂତିକା ହେବା- ଯାଏ ବସିବାର
ରକ୍ଷିତା ହେଉ ଯତନେ,
ତା ପରେ ଗ୍ରହଣ ଅବା ନିରାକରଣ
ଯା ହେବ ତୁମ୍ଭଙ୍କ ମନେ ।"
ସଙ୍କେତେ ସମ୍ମତି ଜଣାଇଲେ ନୃପ
ତାଙ୍କ ଗୃହେ ନେବା ପାଇଁ,
ସରଳହୃଦୟା ଅବନତବଦନା
ବ୍ୟଥା ତା ଜାଣିଲା ନାହିଁ ।

ବାମାକୁ ପୁରୋଧା କହିଲେ, "ଆସ ମା,
ସଜନଙ୍କୁ ନିବା ଥାଏ,
ଧର୍ମବଳ ତୋର ଦୁଃଖ ସମ୍ପାଦିବ,
ଧରମେ ରଖ ବିଶ୍ୱାସ ।"
ଶୁଣିଲେ ପୁରୋଧା, ଗଲେ ଶକୁନ୍ତଳା
ତାଙ୍କ ପଦ କରି ଲକ୍ଷ୍ୟ,
ଅଶ୍ରୁସିକ୍ତ ନୟନେ ଗଲେ ପାଉଛନ୍ତି
ପ୍ରତୀକ୍ଷଣ-ନିବାସ-କକ୍ଷ ।
ଜାଣିଥାନ୍ତେ ଯଦି ଲଭି ହେଉ ନାହିଁ
ପତିଙ୍କ ପୁଣ୍ୟ ପ୍ରସାଦ,
ଜୀବନ ସମସ୍ତ ହୋଇଥାନ୍ତା, କାହିଁ
ଭୋଗଥାନ୍ତା ଏବା ଖେଦ ?
କିଛି ଦୂର ଯାଇଁ ଜଣେ ଉଭା ହୋଇ
ଅପୂର୍ବ ଏକ ସୁନ୍ଦରୀ,
'ଆସ ବତ୍ସେ, ଆସ ମୋ ପୁରକୁ' ବୋଲି
ନେଲା ବାଳା-କର ଧରି ।
'ଏ କି, ଏ କି' ବୋଲୁଁ ବୋଲୁଁ ପୁରୋହିତ
ଜାଣି ନ ପାରିଲେ ଆଉ,
କେଉଁ ଦିଗେ ଚଳି- ଗଲା ସେ ରମଣୀ,
ଆସିଥିଲା ଅବା କାହୁଁ ?
ବାମା ନିରୁଦ୍ଦେଶ ବାରତା ଶୁଣିଲେ
ପୁରୋଧା-ମୁଖୁଁ ନରେଶ,
ଜାଣି ନ ପାରିଲେ କରିଛି **ପ୍ରଣୟ-**
**ବଲ୍ଲୀ କୀଟ** ପରବେଶ ।
ମତ୍ତ ମାର ଶୁଭ ଉଦରେ ତା ଶୁଭ
ଭକ୍ଷ କରିଦିଏ ମର୍ମ,
ଶକୁନ୍ତଳା ଯହିଁ ରହିଲା ସେ ପୁର
ଦୁଃଖ-ବହ୍ନିର ବର୍ମ ।

# ଷଷ୍ଠ ସର୍ଗ

## ପ୍ରଣୟ-ଫଳ

ଶିଶିର-ସଦନ ଜନ୍ମିଲା ନନ୍ଦନ
ମନୋହର ଋତୁବନ୍ତ,
ତା ଦେଖି ଶିଶିର ଆନନ୍ଦେ ଅଧୀର
ହେଲା ଯେସନେ ଉନମତ୍ତ ।
ତୂଳ ଊର୍ଣ୍ଣ-ବାସ ବାଣ୍ଟି ବାଣ୍ଟି ଦେଲା
ଦେଇ ସକଳଙ୍କୁ ଦାନ,
ସୁପକ୍ୱ ଗୋଧୂମ- ଶସ୍ୟ ଦାନେ କଲା
ଦାରିଦ୍ର୍ୟଭୟର ସମାଧାନ ।
ଇକ୍ଷୁ ଦଣ୍ଡ-ମାନ ଖଣ୍ଡ ଖଣ୍ଡ କରି
ରୋପିଲା କେଦାର ଗର୍ଭେ,
କୁସୁମ-କୁସୁମ- ରଞ୍ଜିତ ବସନ
ପାଇଲେ ରସିକ ସର୍ବେ ।
ବିହଗ ବିହଗୀ ହେଲେ ନବଶ୍ରୀରଞ୍ଜିତ
ମଧୁ ମଧୁ ସ୍ୱର ଭରି,
ଅଭାବ-ତାପିତ ଜନେ ସନ୍ତୋଷିଲା
ଲକ୍ଷ ଲକ୍ଷ ଆଦର ।
ଗଗନଲକ୍ଷ୍ମୀଙ୍କି ଦେବା ପାଇଁ ଦେବ
ନେଲେ ତେଜ-ଦେହମାନ,
କଲେ ନେଇ ପଥ ଧୂଳି-ବିରହିତ
ଊର୍ଦ୍ଧ୍ୱ-ଗମ୍ୟ-ସୋପାନ ।
ନବୋଦିତ ଚନ୍ଦ୍ର- ସବୁଙ୍କୁ ଆଣିଲା
ହୃଦୟ ଦେଖାଇ ଦସ୍ୟୁଯୁକ୍ତ,
ଶୀତବକମ୍ପିତ ଜଗତଙ୍କୁ କଲା
କୁଜ୍ଝଟିକା-କାରାମୁକ୍ତ ।
ରବି ବସିଥିଲା ସୁଦେବ ସମସ୍ତ
ହସନ୍ତୀ କହନ ଦଣ୍ଡ,
କ୍ଷମାକରି ତାଙ୍କୁ ପୁରସ୍କାର ଦେଲା
ଚନ୍ଦ୍ରିକା-ପୀୟୂଷ-ଖଣ୍ଡ ।

ବିହଙ୍ଗମାମାନେ ଖୁଣ୍ଟି ଖୁଣ୍ଟି ନେଲେ
ପାଚିଲା-ଫସଲ-ପାଟ,
ଚିର-ଜ୍ୟୋତି-ଦେଶ୍ୱ ଜ୍ୟୋତିଷ୍କ-ମଣ୍ଡଳ
ଦୂର କଲେ ଜ୍ୟୋତି-ଘାଟ ।
ସୁନାସି ଖର୍ଜ୍ଜୁର ରହିଲେ ସୁବର୍ଣ୍ଣ-
ହାର-ସଙ୍ଗଠନ ବ୍ୟଗ୍ର,
ଚନ୍ଦ୍ରାତପ ପାଇଁ ଶାଳ୍ମଳୀଏ ହେଲେ
ଅତ୍ୟାଗ୍ରହ ସୂତ୍ର-ହସ୍ତ ।
ଟେକି ପାଳି ବନ- ନଗର-ଉଦ୍ୟାନ-
ଜନଙ୍କୁ ତଳୁ ଲତା,
ଶିଶିର ମନ୍ଦିରେ ଉପଗତ ହେଲେ
ସୁଦେବ ଭରି ପ୍ରଫୁଲ୍ଲିତା ।
ବକୁଳ ରସାଳ ତାଳ ସହିତରେ
ଚମ୍ପକ-ପାଦପଶ୍ରେଣୀ,
ସ୍ୱପ୍ନତବକରେ ତନ୍ତୁ-ସଖ ମଧ୍ୟ
ଦେଖାଇଲେ ବଡ଼ପଣ ।
ତାଙ୍କ ଦେଖି ଧରେ ମଧୁକ-କିଂଶୁକ-
କାଞ୍ଚନ ଲୁଣ୍ଠିତଶ୍ରେଣୀ,
ଲୁଚି ହୋଇଗଲେ ବିରବୀଜୁରୂପ
ବସନ-ଭୂଷଣ ଦେଇ ।
ଶୁଦ୍ଧ ପରିଚ୍ଛଦେ ଅଭ୍ର ଦେଖାଇ
ଦମ୍ଭେ ଜମ୍ବୁ ମହାଭୃତ,
ତନ୍ତ୍ର-ସମ୍ମିଳନ- ମଣ୍ଡପେ ବସିଲା
ଭେଦକରି ତନ୍ତ୍ର-ବ୍ୟୂହ ।
କନ୍ଦର ସ୍ୱରୂପେ କଳସୀ ସ୍ୱରୂପେ
ସାଜ ଦ୍ରବ୍ୟ ବନ୍ଧୁଶ୍ରେଣୀ,
ମାଧବୀ ନଆଳୀ ମର୍ଜ୍ଜି ନେଇଥିଲା
ତମାଳ ମଧ୍ୟ ପ୍ରାନ୍ତରେ ।

ସେବା ପାଇଁ ଯତ   ଥିଲେ ମଞ୍ଜୁ ଆମ୍ର
କର୍ଣ୍ଣିକାର କୁରୁବକ,
ବକୁଳ ଚନ୍ଦନ   କଣ୍ଟେ ଶିରେ ଯେଣ
ମଞ୍ଜୁଳ-ପୁଷ୍ପ-ସ୍ତବକ ।
ଆସିଥିଲେ ସୁମନ   ଦଳ ଦଳ ହୋଇ
ଆସିଥିଲେ ଦ୍ୱିଜ-ମଣ୍ଡଳ,
ସ୍ୱଦେଶୀ ବିଦେଶୀ   ହୋମ-ସମ୍ଭାରରେ
ମଣ୍ଡିଦେଲେ ମଖସ୍ଥଳ ।
ଅଗସ୍ତ୍ୟଙ୍କ ଶୁଭ-   ଆଶିଷ-ବାରତା
ସମୀର ଆଣିଲା ବହି,
ମଳୟ-ଭୂଧର-   ଚନ୍ଦନ-ସୌରଭ
ଦେଲାରେ ତହିଁ ଝରଣ ରହି ।
ଶଙ୍ଖ ବଜାଇଲା   ମଧୁପ ମଧୁରେ
ନାମକରଣ-ଉତ୍ସବ,
ନବ-ନନ୍ଦନର   "ବସନ୍ତ" ନାମରେ
ଏମନ୍ତ ହେଲେ ସଭ୍ୟ !
ମଧୁ ଭୋଜନ ହେଲା   ଭରିଦେଲା ପୁଞ୍ଜ
ସୁଗନ୍ଧ ସୁମନ-ଦଳ,
ଲୁଟି କରୁଥିଲା   ମଧୁପ ଶଙ୍କୁଆ
ଲଗାଇ କୌଶଳ ଛଳ ।
ଦ୍ୱିଜଗଣ ମଧୁ   ସଙ୍ଗୀତ ଭୂଷଣ
କରୁଥାନ୍ତି ମଧୁମନ୍ତ୍ର,
ମଧୁକରଗଣ   ସ୍ତମ୍ଭୀଭୂତ ହୋଇ
ରହିଲେ ଚାହିଁ ସେ କାନ୍ତି ।
ପ୍ରଭୁର ଆଗତ   କୋକିଳ ମଧୁରେ
କଲା ଶୁଭ ଆଶୀର୍ବାଦ,
ଦ୍ୱିଜଗଣ ତାହା   ସମର୍ଥନ କଲେ
ଉଚ୍ଚାରି 'ତଥାସ୍ତୁ' ନାଦ ।
କ୍ରମେ ବୃଦ୍ଧ ହେଲା   ଶିଶିର ଶରୀର
ହୋଇଗଲା ବଳହୀନ,
ଶଶିକଳା-ମତ   ବଢ଼ିଲା ବସନ୍ତ
କରମେ ହେଲା ପ୍ରବୀଣ ।
ପୁତ୍ରେ ରାଜ୍ୟ ଦେଇ   ଶିଶିର ପର୍ବତ-
ତଳେ ଯାଇ କଲା ବାସ,

ତନୁ ତ୍ୟାଗ କଲା   ଘୋର ତପେ ବ୍ରହ୍ମ-
ସଙ୍ଗେ ଜାଣି ଆତ୍ମପ୍ରାଣ !
ଜନ୍ମ ଥିଲେ ହେବା   ମରଣ ଲଭିବା,
ଜନମିବ ପେଶ୍ୱପତି,
ଦେଲା ଯାଉ ଯାଉ   ଜନ୍ମାନ୍ତରେ ତାହା
ଉତ୍ତାରେ ରହିବ ଭବ ।
ବସନ୍ତ-ମାଧୁରୀ   ଦର୍ଶନ-ମାନସେ
ଦୁଷ୍ମନ୍ତ ନୃପତି ଯବେ ,
ଏକାକୀ ଭ୍ରମଣ   କରୁଥିଲେ ଯାଇ
ତଟିନୀ-ତଟ-ଦକ୍ଷିଣେ ।
ଶ୍ରବଣେ ତାଙ୍କର   ପ୍ରବେଶିଲା ଏକ
ରମଣୀ-କଣ୍ଠର ଗାନ,
ଜଳଧର-ନାଦେ   ଶିଖୀନ୍ଦ୍ର ପରାଏ
ପୁଲକ ଉଠିଲା ପ୍ରାଣ ।
ସ୍ୱର ଲକ୍ଷ୍ୟ କରି   ଲୁଚି ଉପଗତ
ହୋଇଲେ ତାର ସନ୍ନିଧାନେ,
ମୂର୍ଚ୍ଛିତେ ଶ୍ରବଣ   ପଡ଼ିଲା ସେ ମଧୁର
ଗୀତ ଶୁଭ୍ର-ପ୍ରୀତିଦାୟିନ ।
ଯେତିକି ଶୁଣିଲେ   ସେତିକି ନୃପଙ୍କ
ମନ ହେଲା ବ୍ୟାକୁଳ,
ବିସ୍ମୃତି-ସାଗର-   ମଧ୍ୟେ ପଶି ଯେତେ
ଖୋଜି ପାଉ ନାହିଁ କୂଳ !
ଦେଖିଲେ ନରେଶ,   ନାହିଁ ଏକ ଅଛି
ଲିଶୁଛିଏ ଟିକି କୋଳେ,
ତରୁଣୀ ଏ ବନ   ଗୁଞ୍ଜାଉଅଛି
ସଙ୍ଗୀତ-ସ୍ୱର-ହିଲ୍ଲୋଳେ !
ଗୀତେ ଥିଲା, "ଅଳି   ନବ-ବିକସିତ
କମଳିନୀ ସହଚର,
ଘେନି ଯାଉ, ରହି,   ଭ୍ରମି ମରୁଥାଏ
କେଉଁ ସୁଖ-ଆଶା କରି ?"
ପ୍ରଭୃତ କୋଟିଏ   ଆସିଲେ ସେଠାକୁ
ନାନାବିଧ ଦୁଃଖ ଧରି,
ତାଙ୍କୁ ଚାହିଁ ଦିଶୁ   ହରଷେ ଉଠିଲା
ମାତା-କୋଳ ତ୍ୟାଗକରି ।

‘ବାବା, ବାବା’ ବୋଲି ବାଳକ ପୁରୁଷ-
ବତ୍ସେ କଲା ଆରୋହଣ,
ପୁରୁଷ ସିଂହ ତାକୁ ସାଦରେ ଧରିଲା
କରି କର ପ୍ରସାରଣ ।
ଭୁଜ-ସମ୍ପାତରେ ଶୁଚିଅଙ୍ଗର ରେଖା
କାହାକୁ ନ ହେଲା ନୂତନ,
ଦୁହିଁ ଜଣଙ୍କର ଆନନ୍ଦରେ ଶୋଭା
ହୋଇଗଲା ଚତୁର୍ଗୁଣ ।
ପୁତ୍ର-ନୟନେ ଅକସ୍ମାତ ପୁରି
ମେଘ-ସନ୍ନିଭ ନରେଶ;
ପ୍ରାପ୍ୟ ନୃପତିଙ୍କ ହୃଦେ ଉତ୍କଣ୍ଠା
ଜନମାଇଦେଲେ ଲବେ ।
ଶାର୍ଦ୍ଦୂଳର ଗନ୍ଧ ପାଇଲେ ଯେସନ
ହୁଅନ୍ତି ହରିଣ-ଦଳ,
ଚକିତେ ଚୌଦିଗ ଶୁଙ୍ଘିଲେ ସେମାନେ
ହୃଦୟ କରି ଚଞ୍ଚଳ ।
ଲୁହିଁ ଶୁହିଁ ଚସିଁ ଜାଣନେ ନୃପଙ୍କ
ନନ୍ଦନୁ ହେଲେ ଅନ୍ତର,
ନାଚି ନାଚି ତାଙ୍କ ଶୋଣିତ ନରେଶଙ୍କ
କମ୍ପିତ କଲା ଅନ୍ତର ।
ନୃପ-ନେତ୍ରେ ଦିନ ଶାରଦ ହସିଲା,
ଶାରଦ ହସିଲା ମତ୍ତ,
ରସ-ଲୁବ୍ଧ-ହୃଦେ ଚେଇଉଠି ଆସିଲେ
ପଥେ ଧୀରେ ରହି ରହି ।
ରାଜ-ଚିତ୍ତ, ରାଜ- ସମ୍ପଦ ସକଳ
ପ୍ରସ୍ଫୁଟିତ ହେଲା ନୀରସ,
ନୀରସ ଲାଗିଲା ମଧୁମୟ ମଧୁ
ମାସର ଗନ୍ଧି ବିବଶ ।
କେଉଁ ପୁରୁଷ ଇଚ୍ଛା ଚାହିଁର ଶବଣା
ମନେ ତାଙ୍କ ହେଲା ନାହିଁ,
କେଉଁ ଦୁଃଖେ ଲଜ୍ଜା ଯଶରେ ଟେଲାନ୍ତି
ଅତସ ତା ରୂପବତୀ ଗୁହିଁ ।
ଦୁର୍ବାସାଙ୍କ ଶାପ- ବଳେ ନୃପ-ହୃଦେ
ଶକୁନ୍ତଳାର ସ୍ମରଣ,

ପିଞ୍ଜର-ନିବଦ୍ଧ- କ୍ଷୁଧିତ-ଶାର୍ଦ୍ଦୂଳ-
ସଦୃଶ ହେଲା ଅସ୍ପଷ୍ଟ ।
ବସିଥାନ୍ତି ରାଜା ବାହାର-ମଣ୍ଡପେ
ନଗର-ରକ୍ଷକ ଆସି,
ମୁଦ୍ରିକା ଗୋଟିଏ ନୃପ-ହସ୍ତେ ଦେଲା
ପ୍ରଣମି ଏମନ୍ତ ଭାଷି ।
“ମହାରାଜ, ଆଜ ନଗର ଭ୍ରମଣ-
ସମୟରେ ଅଦ୍ଭୁତ,
ଏହି ମୁଦ୍ରିକାର ସହିତ ଧୀବର
ଜଣେ ହୋଇଅଛି ଧୃତ ।
ଧୀବର କହେ, ସେ ମାଛ ମାରିଥିଲା
ଶଚୀ-ତୀର୍ଥ-କୂଳେ ଜାଲେ,
ମୁଦ୍ରିକା ପାଇଲା ଗର୍ଭେ ତାକୁ ଖଣ୍ଡ-
ଖଣ୍ଡ କରିବାର କାଳେ ।
ମୁଦ୍ରିକା ଆମିଷ- ଗନ୍ଧ କରୁଅଛି
ସେହି କଥାକୁ ସମର୍ଥି,
ମୁଦ୍ରିକାରେ ନୋଇ- ଅଛି ପ୍ରଭୁଙ୍କର
ନାମ ଅକ୍ଷର ଖୋଦିତ ।”
“ସତ କି କହ” ବୋଲି ନରେଶ ନିରେଖିଲେ
ମୁଦ୍ରିକାର ପରିଚୟ,
ଫିଟିଗଲା ସ୍ମୃତି- କବାଟ, ଦିଶିଲା
ଶକୁନ୍ତଳା-ପରିଚୟ ।
ଜାଣିଲେ ଅଜାଣେ ଅନ୍ତରର ସତ୍ୟ, ଯା
ଚଲିଥିଲେ କଣ୍ୱ ମୁନି,
ବସ୍ତ୍ରପ୍ରାନ୍ତେ ବଦନେ ଶୋକେ ରହିଗଲେ
ରାଜା ହୋଇ ଯେତେ ଶୂନ ।
କସ୍ତୁରୀ ପିଣ୍ଡ ବୋଲି କେତେ କେତେ
ଚିନ୍ତା କଲେ ମନେ ମନେ,
ଦେଶିବାରେ କନ୍ତୁ ସମର୍ଥ ନ ହେଲେ
ନନ୍ଦନ-ରହସ୍ୟ-ବଚନ ।
ନୃପ ଆଦେଶରେ ଧୀବର ସତ୍ୱର
ପ୍ରମଦକୁ ହୋଇ ମତ୍ତ,
କାମବଦନବରେ ବହଳିତ ସ୍ୱରେ
କହିଲା ହୋଇ ବିସ୍ମିତ ।

"ମହାରାଜ ଧର୍ମ- ଅବତାର, କରଣି
ଧୀବର ମୁଁ ବୃତ୍ତି ହେବ;"
ନରେଶ ବୋଇଲେ, "ଜାତି ପରିଚୟ
ଆବଶ୍ୟକ ନାହିଁ ମୋର !"
ଧୀବର—
"ଧର୍ମପ୍ରଭୋ, ମାଛ ମାରି ଆଣିଥିଲି,
ଦୋଷ ବୁଝି ଦିଅ ଦଣ୍ଡ;"
ରାଜା—
"ମାଛ ମାରିବାର ବିଷୟ ବର୍ଣ୍ଣନ
କରିବାର ଏବୁ ଛଣ୍ଡ ।"
ଧୀବର—
"ମହାରାଜ, ମୁହିଁ ଜଣେ କର୍ମ କରି
ପୋଷେଁ ବଂଶ ପରିବାର ;"
ରାଜା—
"ଧୀବର ତୁମର ବୃଥା ମାସ ଏତେ
ବାଚାଳତା କରିବାର ।"
"ରକ୍ଷା କର" ବୋଲି ଧୀବର ପଡ଼ିଲା
ନୃପତି-ଚରଣତଳେ,
ଭୂମି ଭିଜିଗଲା ଶରୀର-ଘର୍ମରେ
ନୟନ-ନିଃସୃତ-ଜଳେ ।
କୋଷାଧ୍ୟକ୍ଷେ ଚାହିଁ ନରେଶ ବୋଇଲେ,
"ଶତ ସ୍ୱର୍ଣ୍ଣମୁଦ୍ରା ଆଣ",
ଶୁଣି ଧୀବରର ସାହସ ଉଡ଼ିଲା,
ଉଡ଼ିଗଲା ଦୁଃଖୀ ଜନ ।
ଭୂତଳେ କପାଳ ଲଗାଇ ଧୀବର
ହୋଇଥିଲା ଦଣ୍ଡବତ,
ବୁଝିଲା ସେ ଆଜ୍ଞା ଅର୍ଦ୍ଧଦଣ୍ଡ ତାକୁ
ହେଲା ସ୍ୱର୍ଣ୍ଣମୁଦ୍ରା ଶତ ।
ଭୀତ ମାନବକୁ ହିତ ହିଁ ଅହିତ
ବୋଧ ହୋଇଥାଏ ସଦା,
ବନପ୍ରିୟ-ଧ୍ୱନି ପ୍ରେତ-ବାଣୀରୂପେ
ହୁଏ ତା ଚମକପ୍ରଦା ।
କାନ୍ଦି ଉଚ୍ଚସ୍ୱରେ ଧୀବର କହିଲା,
"ମହାରାଜ, ସାହୁଁକାର,
ଶତ ସ୍ୱର୍ଣ୍ଣମୁଦ୍ରା ଘରର ସମ୍ପୁଟେ
ଚକ୍ଷୁ ମୋର ଦେଖି ନାହିଁ ।
ନ ବୁଝି ଧନକୁ ଦଣ୍ଡ ଦେବା ପାଇଁ
ସଧ୍ୟାପି କରିଲ ବହୁର,
ସଦୟ ହୃଦୟେ ଆଜ୍ଞା ଦେଉ ମୋତେ
ଯିବା ପାଇଁ ବାହୁଡ଼ାର ;"
କୋଷାଧ୍ୟକ୍ଷ ଶତ ସ୍ୱର୍ଣ୍ଣମୁଦ୍ରା ନେଇ
ଉପଗତ ନୃପ-ପାଶେ,
ଧୀବରକୁ ନୃପ ବୋଇଲେ, "ଏ ମୁଦ୍ରା
ପୁରସ୍କାର ନିଅ ହାସେ !"
ପାରିତୋଷିକ କି ପରିହାସିକ, ତା
ଚକ୍ଷୁ ନ ପାରିଲେ ବୁଝି,
ଉଠି ନମ୍ର-ମୁଖେ ରହିଲା ଧୀବର
ମୁଦ୍ରା ଗ୍ରହିଁ ନେଇ ବୁଝି ।
ଆତୁରେ ବୋଇଲା, "ପ୍ରଭୁଙ୍କ ମୁଦ୍ରିକା
ଥିବାର ନ ଥିଲି ଜାଣି,
ନିରନ୍ତର ଦାସ ଜଳମଧ୍ୟେ ଜାଲନ୍ତି,
ମାଛ ଦେଇଥାନ୍ତି ଆଣି ।
ପ୍ରଭୁଙ୍କ ମୁଦ୍ରିକା ତୁମ୍ଭେ ରଖି ମୋତେ
ଆଜ୍ଞା ଦେଲେ ଯିବି ଘରୁ,
ଦୟା ଯେବେ ହୁଏ ତାମ୍ର ମୁଦ୍ରା କିଛି
ଭୃତ୍ୟରେ ପ୍ରଦାନ କର ।"
ରାଜାଦେଶ-ମତେ ନଗର-ରକ୍ଷକ
ସ୍ୱର୍ଣ୍ଣ-ମୁଦ୍ରା ସବୁ ଧରି,
ଦେଲେ କୈବର୍ତ୍ତର ବସ୍ତ୍ରାଞ୍ଚଳ ମଧ୍ୟ
ଧନ ଭର୍ତ୍ତି ହେଲ ଭରି ।
"ଯାଅ, ଯାଅ" ବୋଲି କହିଲେ ନରେଶ
ଚଳିଲା ଧୀବରବର,
କିଛି କିଛି ଦୂରେ ଚକ୍ଷୁ ଅନାଇ
ଅନାଇ ଥରକୁ ଥର ।
ଅଦୃଶ୍ୟ ହୋଇଲା ନରେଶ ରହିଲେ
ଭବନେ କଳ୍ପିଲ ଚେଷ୍ଟ,
ରାଜ୍ୟ-କାର୍ଯ୍ୟ ଏବା ଆମୋଦେ ପ୍ରମୋଦେ
ମନ ନ ଲାଗିଲା ଲେଶ ।

ଯହିଁ ଥିଲେ ତହିଁ ସୁଜନ୍ତ ଜନପଦେ
ଜଗତେ କରୁଛନ୍ତି ଗାନ,
ସତ୍ୟନିଷ୍ଠଙ୍କ ଦୁଷ୍ମନ୍ତ ନରେଶ
ଦେଲେ ଘୋର ଅପମାନ !
ରାଜସିଂହାସନେ ବସିଲେ ଯେଉଁଜନ
କରେ କି ରାଜସିଂହାସନ,
ସତ୍ୟଧର୍ମିଷ୍ଠଙ୍କ ଅପବାଦେ ତେଜିଲ
ଭୁବନେ କି ମୋର ଭଜନ ?
ଘରେ ଥିଲେ ତେବେ ଘର କଣ୍ଠେ, ଭୁବନେ
ଘରକୁ କରାନ୍ତି ଘର,
ଉଦ୍ୟାନକୁ ଗଲେ ବରଷନ୍ତି ପାଦପେ
ଗାତ୍ର-ତୋଷ ଧରଥର ।
ନଗରେ ଭ୍ରମିଲେ ଦେଖନ୍ତି, ପ୍ରଜାଏ
କହୁଛନ୍ତି ପରସ୍ପରେ,
ବିନା ଦୋଷେ ଆହା ସୁନ୍ଦରୀ ପତ୍ନୀକି
ରାଜା ନ ରଖିଲେ ଘରେ ।
ରଜନୀରେ କହେ ଚକ୍ରବାକୀ ଦୁଃଖେ
କାନ୍ଦି କାନ୍ଦି ବୋଲାଇ କାନ୍ତ,
ଦୁଷ୍ମନ୍ତ ନୃପଙ୍କ ନୀତି ବଳେ ମୋତେ
ଶାନ୍ତି ଦେବେ କି ମୋ କାନ୍ତ ?
ନିଶାନ୍ତେ ଦ୍ବିଜକୁ, ଦୁଷ୍ମନ୍ତଙ୍କ ଦୋଷ
ଗାଉଛନ୍ତି କଣ୍ଠଲପାତି,
ଉଦ୍ଧତେ ଦେଖନ୍ତି, ପ୍ରତ୍ୟେ ଭୃଙ୍ଗ କହେ
ଦୁଷ୍ମନ୍ତ କଣ୍ଠାସ୍ୱାଦାଣି ।
ଚଟେନି ବିହଙ୍ଗ- ଦଳ କହୁଛନ୍ତି,
ଶୁଣୁଥିବେଣ ଢୋଇ ଜନ,
ଦୁଷ୍ମନ୍ତ ନୃପତି ଧର୍ମପତ୍ନୀ ତେଜି
କଲେ ଅତି ମନ୍ଦ କର୍ମ ।
ସରେ ହଂସଦଳ କହୁଛନ୍ତି ବସି
ଭ୍ରମି କରି କଳକଳ,
ବନ-ଖଣ୍ଡ-ଡାଟେ ଶ୍ରାପ ଦଲେ ରାଜା
ଘୋର ବିଷ ହଳାହଳ ।
ଏରୂପେ ଉତ୍କଣ୍ଠ- ହୃଦ୍ରୁଷ ଭ୍ରମନର
ହୁଅଇଲେ ରାଜା ଦୁଷ୍ମନ୍ତ,

"ପ୍ରିୟ ବଲ୍ଲଭଙ୍କ ପରିହାର କରି
ହେଲି ବନ୍ଦୀ ଦୋଷବନ୍ତ ।
ମହର୍ଷିଙ୍କ ମନ୍ତ୍ର- ମସ୍ତ-ଚକ୍ର ଟିକା
ମଣିଲି ବାତୁଳପ୍ରାୟ,
ହତ-ବୁଦ୍ଧି ତେଜ ହତ-ବୁଦ୍ଧି ହେଲି
ଏବେ ଅଛି କି ଉପାୟ ?
ବାସ ବୋଲୁଥିବେ ନାହିଁ, କାସ ବା
ପ୍ରିୟା ବୋଲୁଥିବେ ମନେ,
କେଉଁ ଧର୍ମବଳେ ବଞ୍ଚିବି ଆଉ ମୁଁ
କପଟୀ ଲମ୍ପଟ ଜନେ ?
ଯେଉଁ ରାଜା ଯେଉଁ ଦୋଷେ ଲିପ୍ତ ଥାଇ
ପରକୁ ଦଣ୍ଡେ ସେ ଦୋଷେ,
ଧର୍ମରାଜ ତାଙ୍କୁ ତହୁଁ ଶତ ଗୁଣ
ଦଣ୍ଡ ଦେଇଥାନ୍ତି ଶେଷେ ।
କେଉଁ ଗୁଣ ପାଇଁ ମୋ ପ୍ରତି ରହିବ
ରାଜମନ୍ତ୍ରୀଙ୍କର ପ୍ରୀତି,
ମିଥ୍ୟା ପ୍ରବଞ୍ଚନା କଳଙ୍କ ଲାଗିବା
ହେଲପାଟରେ ରାଜନୀତି ।
କେଉଁ ଭୂତ ଏବେ ଭ୍ରମ ଚଳାଇଲା
ମସ୍ତକରେ ମୋର ବସି,
ସ୍ୱର୍ଣ-ବଳୟକୁ ଭୁଜଙ୍ଗ ମଣିଲି,
ଲକ୍ଷ୍ମୀଙ୍କୁ କଲି ବିସର୍ଜି ।
ଆଉ ଲଭିବ କି ପ୍ରିୟ ବଲ୍ଲଭଙ୍କି
ଦୁଃଖୀ ହେଲି ଦେଇ ଦୁଃଖ,
ବଡ଼ନ ତପୋବନେ ଲେଖ ବା ଲଭନ୍ତୁ
କେମନ୍ତେ ଦେଖାଇବି ମୁଖ !
ସଖୀ-କଣ୍ଠ ଭୂଷି କାହିଁ କହୁଥିବେ
ଅନସୂୟା, ପ୍ରିୟମ୍ବଦା,
ବନ ଦେଖାଇଲି ଶିରୀଷ-କୁସୁମ
ପ୍ରଭାଶ୍ରୀ ତାରୁଣ ଦଶା ।
ତାଙ୍କ ଅନାଦିକ ସ୍ନେହ-ଉଦ୍ୟାନେ ମୁଁ
ଲଗାଇଲି ଦାବାନଳ,
ତାଙ୍କୁ ଦେହ ନିଜେ ଦଗଧ ହେଉଛି
ପଶ୍ଚାତ୍ ବହ୍ନି ପ୍ରବଳ ।

କି କରେଁ ଏ ଦେହରି ହୋଇଅଛୁ ସଦ୍ୟ
ମାତୃ-ପକ୍ଷୀ ପ୍ରାୟ ରତି,
ଧର୍ମଶାସ୍ତ୍ର ହେବ ସୃଷ୍ଟି ନ ଥିବେ
ଏ ମାତର ପ୍ରାଣସୂତ୍ରି ।
ନିଜ କରେ ଅଙ୍କି ପ୍ରିୟାର ମୂରତି
ଶୋଭିତ କରନ୍ତି ଘର,
ସେମନ୍ତେ ଭୃଙ୍କିବ, ଭାବିବ ସମ୍ଭ ସେ
ମୁଖ ଶୁଣି ଏ ବ୍ୟାପାର ।
ଲଜ୍ଜାବଶେ ମୋର ନିକଟୁଁ ସ୍ୱଦେଶ
ଦେଖାଇଲେ ଦୁଏ ଅନ୍ତର,
ବୋଲୁଥିଲି, "ସଖି, କଦାପି 'ବାଳର
ନ ପାରିବୁ ମୋ ଅନ୍ତର ।
ସଦା ଅବସାନେ ଗ୍ରାମ୍ୟ ପଥେ ଯାଉ
ଦୂରକୁ ଦୂରକୁ ଗତି,
ପ୍ରେମ-ପରବଶେ ମୂଳ ତାକୁ ଧରି
ରହିଥାଏ ବନସ୍ପତି ।
ସୁକୁମାରି, ତୋର ଶରୀର କୋମଳ
ଶିରୀଷ କୁସୁମ ପରି,
ତା ବୃନ୍ତ ପରାଏ ହୃଦୟକୁ ତୋର
ଦେଇଅଛି କଠିନ କରି ।"
ଏବେ ନିଜେ ମୁହିଁ ଦୂର କଲି ତାକୁ
ଶରୀର କରି ପଥର,
ହୃଦୟ ମୋହର ହୋଇ ଯାଇଅଛି
କୁଳିଶୁଁ କଠିନତର ।
ଦିବ୍ୟ ପରିବାର ବଇଶ୍ରୁ, ଉତ୍କଣ୍ଠ
ହୋଇ ପାଇ ମୋର ବନେ,
ହାତ ପ୍ରସରିବ ବୋଲି ଭୟେ ପରି
ରହି ନ ପାରିଲେ କ୍ଷଣେ ।
ଆହା ସୁନ୍ଦ ସ୍ନେହ ସେମନ୍ତ ମଧୁର
ସେ ଦିବ୍ୟ ସ୍ୱହୃଦଙ୍କର,
ପ୍ରେମ-ସ୍ନିଗ୍ଧ-ଦୃତ ଧାଇଁଲି କୋଳକୁ
ନିଜେ ନ ଚଢ଼ାଇଁ କରି ।
ପିତା-କୋଳେ ପୁଣି ସ୍ୱର୍ଣ୍ଣ ହସି ହସି
ପରିବେଶ କରି ବସିଲେ,

ଦିନେ ପୁର ଶୋଭା- ମୁଖ ଶଶୀ ଯେସନ୍ତ
ଥୋଇଦେଲ୍ ପାଦତଳେ ।
ଗା କୋଳେ ବାଳକ ଶିଂଢ଼ା କରୁଥିଲ
ଜନନୀ ଥିବେ ସେ ତାର,
ମାତା-କୋଳୁଁ ଯାଇ ଅଳଙ୍କୃତ କଲ
କି ସୁଖେ କୋଳ ପିତାର !
ପର ସୁଖ ଭଳେ ଥିଲ୍ ତାଳକୁଡେ
କିଶୋରଶ ଥିଲ ଅଭ୍ୟସ୍ତ,
ଫୁଟବହୁଳତା ଲୁଣୀକୁ ସମ୍ଭାଇ
ଦେଇଅଛି ମୋର ହସ୍ତ ।
ବସନ୍ତ-ଅଦ୍ଭୁତ- ମାଧୁରୀ ପିଇବା-
ପାଇଁ ଦିବ୍ୟ-ପରିବାର,
ସ୍ୱର୍ଗୁଁ ଆସିଥିଲେ ସୁନ୍ଦର ମଣି
କାନନେ ବରଷିବାର ।
ବସନ୍ତ-ମାଧୁରୀ- ମୂର୍ତ୍ତିମତୀ ମୋର
ପ୍ରିୟ ବନ-ଅଳଙ୍କାର,
ତାଙ୍କୁ ଯା ଅଦୃଶ ମଣିଲି ମୋହର
ଜୀବନକୁ ଶତ ଧିକ୍କାର ।
ମୋ ପ୍ରିୟା ମାଧୁରୀ ଶର୍କରା ନିକଟେ
ବସନ୍ତ-ମାଧୁରୀ ଗୁଡ଼,
ଶର୍କରାକୁ ଯାହା କର୍ଦ୍ଦମ ଦେଖିଲ
ମୋଠାରୁ କେ ଅଛି ମୂଢ଼ ।
ପ୍ରିୟା ସଙ୍ଗ କରି- ଥିଲୁ କେତେଥର
କେତେଥର ଶୋଭା ବର୍ଦ୍ଧନ,
ପ୍ରିୟାର ବିରହ କରୁଛି ସକଳ
ଶୋଭାର ଶୋଭା ମର୍ଦ୍ଦନ ।
ତପୋବନେ ଯେତି- ଥିଲି ସେତେଁ ଫୁଲ
ଦେଇଁ ତରୁ ଲତାମାନ,
ସଦ୍ୟ-ଦୁର୍ଗ-ଭ୍ରଷ୍ଟ ପରି ହୋଇଥିଲେ
ନେତ୍ରକୁ ପ୍ରଶ୍ନମାନ ।
ଆଜି ତାହୁଁ ବଳି ଦେଖ ପ୍ରଶଂସିତ
ବୃକ୍ଷ-ଫୁଲ ଲତା ବୃନ୍ଦ,
ନୟନକୁ ମୋର ପ୍ରତୀତ ହେଉଛି
କର୍କଶ ନଳିନ ବୃନ୍ଦ ।

ପ୍ରିୟା-ସଙ୍ଗ ଥିଲି ପ୍ରଦୋଷ-ଗଗନେ
ସୁରଭି ମଧୁଯାମିନୀ,
ତା ଯୋଗୁଁ କାନନ- ପ୍ରତିଧ୍ୱନି ଥିଲି
ହୃଦୟ-ପ୍ରୀତି-ଦାୟିନୀ !
ପୁଷ୍ପବତୀ ଶୁଭ୍ର ପିକ ସାଥି ହୋଇ
ଛୁଟିଣି-ତେ ଘଣ୍ଟା-ଘଣ୍ଟ,
କିନ୍ତୁ ପ୍ରିୟା ବିନା ସେହି ଦିନ ଏବେ
ହେଉଅଛି କର୍ଣ୍ଣକଣ୍ଟ |
ପ୍ରିୟା ଗଳେ ଥାଇ ଯେଉଁ ଫୁଲ ମୋତେ
ଦେଉଥିଲି ମଧୁ-ଗନ୍ଧ,
ତାହା ବାସ ଏବେ ନାସାରନ୍ଧ୍ରେ ପଶି
ମନେ ଲଗାଉଛି ଧନ୍ଦ |
ପ୍ରିୟା-କର ଫଳ ଭୋଜନ କରି ମୁଁ
ତୁଟି ମେଣ୍ଟିଥିଲି କ୍ଷୁଧା,
ଦୁଃଖ-ମୁଖେ ତିକ୍ତ ଲାଗୁଛି ତା ବିନା
ତହୁଁ ଭଲ ଫଳ ସୁଧା |
ପ୍ରିୟା ସଙ୍ଗେ ବସି ବୁଝିଥିଲି ଏହା
ଟାଙ୍ଗି-ଆସନ-ମୂଲ୍ୟ,
ତା ବିନା ଶାଳ୍ମଳୀ- ତୂଳ-ଶଯ୍ୟା ହେଲି
ଶାଳ୍ମଳୀ-କଣ୍ଟକ ତୁଲ୍ୟ |
ଜଗତର ସୁଖ ଶୀତ-ଗ୍ରୀଷ୍ମ-ସମ-
ହର୍ଷି ଲଭେ ଚରାଚର,
ଏକର ଅଭାବେ ଅନ୍ୟ ହୋଇଥାଏ
ଦାରୁଣ ଦୁଃଖର ଦର |
ପ୍ରିୟା ମୋର ଶୀତ, ଭଲ୍ଲ ଥାଇ ଏବେ
କମ୍ପୁଥିବ ଥରହର,
ଗ୍ରୀଷ୍ମ ହୋଇ ମୁହିଁ ତା ବିନା ହେଉଛି
ଦହ୍ୟମାନ-କଳେବର |
ଆଉ କି ଏ ଦଗ୍ଧ- ଜୀବନେ ମିଳନ-
ସୁରଭି ସମସ୍ତ ଆସି,
ତା କଣ୍ଟ-ଭଞ୍ଜନ ମୋ ତାପ-ଦାବସ-
ଦାହ୍ୟତା ଦେବ ନାଶି ?
ବଳିଷ୍ଠ ହେମନ୍ତ- ବିଷ୍ଟବଶ ହୋଇ
ବସୁଥିବ ଅଶ୍ରୁବର୍ଣ୍ଣ,

ନୟନ ମୋହର ବାଣ ବରଷୁଛି
ହୋଇ ପ୍ରାବୃଟର ଘନ !
ତା ଶୋକ-ଭଞ୍ଜନ ମୋ ଦୁଃଖ-ଦୁର୍ଦ୍ଦିନ
ପ୍ରାବିନ୍ଧ ହେବ କି ନାଶ,
ମିଳନ-ଶରଦେ ପୂର୍ଣ୍ଣଚନ୍ଦ୍ର-ଶୋଭିତ,
ହେବ ମୁକ୍ତ ଗଗନାକାଶ ?”
ସଜଳ-ନୟନେ ଅଙ୍ଗୁଳି ସୁଖିଁ
ମଧୁର ଭର୍ତ୍ସନା କରି,
କହୁଥିଲେ, “ହା ହତ- ଭାଗ୍ୟ ଅଙ୍ଗୁଳି
ଥିଲୁ ଝଣ୍ଡିତପ କରି |
ଯେଉଁ ସୁଶ୍ରୀ-ବଳେ ଥିଲୁ ସୁନ୍ଦରୀର
ସୁନ୍ଦର କର-ପଲ୍ଲବ,
ସେହି ସୁଶ୍ରୀ ସହ ହୋଇଯିବା ବେଳୁଁ
ରହି ନ ପାରିଲୁ ଲବେ |”
ସୁନ୍ଦରୀର ହସ ଥିଲି ଯେଉଁ କଣେ
ତହିଁକି କରି ନମନ,
ଶିର ଧରି କରେ ଲଗାଇ ଦକ୍ଷରେ
ବନ୍ଦନ ଦେଲି ଚୁମ୍ବନ |
ଚଳି ତା ସୁନ୍ଦର- ଭଳି ବୈଦିକଣା
ବସୁଥାଏ ଫୁଲ ଫୁଲ,
ବିକ୍ରି ହୋଇ ତହିଁ ଲିପ୍ତ ହୋଇଥାଏ
କୁଟିଳ ଚନ୍ଦ୍ରକୁନ୍ତଳ |
ସଲଜ୍ଜେ ଅପାଙ୍ଗେ ରଞ୍ଜ-ତାର ତଳ
ଦନ୍ତ ହୋଇଥାଏ ଦୃଷ୍ଟି,
ଯେଉଁ ଦୃଷ୍ଟି ତା'ର ହୃଦେ କରିଥିଲି
ନବ-ପ୍ରେମାଙ୍କୁର ସୃଷ୍ଟି |
ପୁନଃ ପୁନଃ ତାହା ଅନାଇ ନୃପଙ୍କ
ଦୃଷ୍ଟିଶକ୍ତି ହେଲା ହ୍ରାସ,
ହୃଦୟରେ ହେଲା ଉଦ୍ବୋଧନ ସହ
ଭାବ-ମୂର୍ତ୍ତି ପରକାଶ |
ସେ ମୂର୍ତ୍ତି ଭିତରେ ମନ ପଶିଗଲା
ବାହ୍ୟଜ୍ଞାନ ଚଳି ଗଲା,
କାଷ୍ଠମୂର୍ତ୍ତି ପରି ଅଙ୍ଗ ଉପରେ
ନୃପତି ପଡ଼ିଗଲେ ଢଳି |

ବନ୍ଧୁ ସଖା ପରେ  ଗାଳି ଲଭି ଉଠି
ଶତ ଘୁର୍ଣ୍ଣି ପୁନଃ ପୁନଃ,
ଦୁର୍ଦ୍ଧର୍ଷ-ଦମନ-  ଜନିତ-ଗୌରବ
ବୃଦ୍ଧି କଲେ ଶତ ଗୁଣ ।
ତ୍ରିଦ୍ୟାସଙ୍ଗ-ଦୁଃଖ-  ମୁକ୍ତି ଦୁଃଖେ ନୃପ
ସମସ୍ତ ଯାପନ କଲେ,
ମନ ଛନ ଯେନ  ବିବେକ ରହିଲା
ଆଶା-ଲତା ପ୍ରସୂତିଲେ ।
ଦୁଃଖ ଦୁଃଖ ଶରୀ  ଲୁହନ୍ତି ଜଗତେ
ସଜ୍ଜନର ଅଛି ସତ୍ୟ,
ଆଜ ଯା ବଦନ  ହରଷରେ ପୂର୍ଣ୍ଣ,
କାଲିକି ବିଷାଦମୟ ।
ଯାହା ଲାଗି ପ୍ରାଣ  ଯେତିକ ପ୍ରଫୁଲ୍ଲ
ତା ଲାଗି ସେତେ ବିକଳ,
ତେତିକ ଘଟେ  ହୋଇଥାଏ, ଯାହା
ଯେତିକ ହୁଏ ଶୀତଳ ।
ତେତିକ ତିମିରେ  ମଜ୍ଜଇ ଅବଶ
ଯେତିକ ହୁଏ ଉଜ୍ଜ୍ୱଳ,
ଯେମନ୍ତ ମଧୁର  ତିକ୍ତ ସିଁ ତେମନ୍ତ
ପ୍ରକୃତ **ପ୍ରଣୟ-ଫଳ** ।

# ସପ୍ତମ ସର୍ଗ

## ପ୍ରଣୟ-ଛାୟା

ବଟେ ସିନ୍ଧୁ-କୂଳେ  ନୀଳାଚଳ-ତଳେ
କରୁଥିଲେ ବିଚରଣ,
ଶାନ୍ତି, ଶ୍ରଦ୍ଧା, ଦୟା,  କ୍ଷମା, ଭକ୍ତି, ଧୃତି
ଆଦି ଦେବକନ୍ୟାଗଣ ।
ହୋଇଥିଲେ ସଙ୍ଗୀ  ମାଧବୀ ନିଆଳି
କୁସୁମ-ଚନ୍ଦନେ ରତ,
ଅଙ୍ଗେ ସ୍ପର୍ଶେ ଅଙ୍ଗେ  ଡାଳିରେ ତାଙ୍କର
ଭ୍ରମୁଥିଲେ ମଧୁବ୍ରତ ।
ନଦୀର ଆନନ୍ଦ  ସଙ୍ଗୀତରେ ଯାହା
କରୁଥିଲା ମଧୁର ଗୀତ,
ଉଠି ନିଜ ପ୍ରାଣ  ସଙ୍ଗ ସଙ୍ଗିନୀଙ୍କ
କରୁଥାଏ ଉଲ୍ଲସିତ ।
ଚରଣେ ତାଙ୍କର  ଲମ୍ବି ହୋଇଥାଏ
ଘନ-ସୂକ୍ଷ୍ମ-ଅଗ୍ର-ବେଣୀ,
ବେଣୀ ଅଗ୍ରେ ଘନ-  ସ୍ଥୂଳ ହୋଇଥାଏ
ସ୍ତବକିତ-ମୋତିଶ୍ରେଣୀ ।
କ୍ଷୀଣ ବସନରେ  କୁମାରୀଙ୍କ ତନୁ-
କାନ୍ତି ଦେଖୁଥାଏ ବାରି,
ବଦନମଣ୍ଡଳରେ  ଅନୁରାଗମାନ
ଦେଖୁଥାଏ ସତ ସ୍ଫୁରି ।
କୋକନଦକାନ୍ତି-  ପାଦପ ହୋଇଗଲା
ବନଭୂମି ଶୋଭାମୟ,
ସେହି ପାଦ ସଦା  ଦେବଜ୍ଞ-ଲୋଲୁପ
ମୁନି-ମନ-ଲୋଭମୟ ।
କଳି- କମଣ୍ଡଳୁ-  'କାନ୍ତି ଚୁମ୍ବି ହେଲେ
କଣ୍ଟକମୁଖ ହୃଷ୍ଟ,
ଫୁଟିଲେ ଫୁଲମାନ  କର-କୋଳ ଗଡ଼ିଲା
ତେଜି ତରୁ-ଲତା ବୃନ୍ତ ।
ଖଗ ମୃଗଗଣ  ସୁଖ ଛାୟେ ତାଙ୍କ
ପାଶେ ଆସି କଲେ ଲୀଳା,
କେ ଚଞ୍ଚୁ ବଢ଼ାଇ,  ପଲ୍ଲବେ କେ ଛୁଇଁ
କ୍ଷୁଧା ତୃଷା ଜଣାଇଲା ।

ଏମନ୍ତ ସମୟରୁ ଭୀମ-ରାଜ-ସୁତା
ହଂସୀ ହେଲା ଉପଗତ,
ବାଜ-ଚଞ୍ଚୁ ପରି ନଖପଂକ୍ତି ତାର
ଶାର୍ଦ୍ଦୂଳ-ସଦୃଶ ଦନ୍ତ ।
ଘୂର୍ଣ୍ଣିତ-ଲୋଚନା ଉଲୂକ-ବଦନା
ଉଠାଇ କର୍କଶ ରାବ,
ଦମ୍ଭା ସନ୍ନିକଟେ ଦମ୍ଭେ କଲା ନିଜ
ଆଧିପତ୍ୟ ପରକାଶ ।
ରାକ୍ଷସୀକି ଦେଖିଁ ଖଗମୃଗଗଣେ
ପଳାଇଲେ ଇତସ୍ତତଃ,
କମ୍ପିଲା ପାଦପ- ବଲ୍ଲରୀ ସହିତ
ବନଭୂମି ହୋଇ ସ୍ତବ୍ଧ ।
ଦେବକନ୍ୟା-ଦଳ ଚଢ଼ିବାକୁ କଲେ
ଭୀମ-ରାଜ-ସୁତା କଳି,
ଏକ ମୁଖେ ତାଙ୍କ ଅନେକ ମୁଖରୁ
ବାକ୍ୟ ବାଦେ ଗଲା ବଳି ।
ଦେବକନ୍ୟାଗଣ ଦର୍ପ-ବାକ୍ୟ ତାଙ୍କୁ
ବହୁତ କଲେ ଭର୍ତ୍ସନା,
କେ ବୋଇଲା, "ମୃଗପକ୍ଷୀ ଦରଶନେ
ଲମ୍ବି ପଡ଼େ ତୋ ରସନା ।"
କେ ବୋଇଲା, "ହେଲା, ଛୁଅଁ ନା ଛୁଅଁ ନା
ନିତି ଖାଉ ଚୋରୁ ଅଙ୍ଗ",
କେ ବୋଇଲା, "ତନୁ ଧୂଳି କରୁଅଛି
ଚିର ଦୃଷ୍ଟି-ମାଂସ-ଭକ୍ଷ ।"
କୋପେ ରାକ୍ଷସୀର ତନୁ କମ୍ପିଗଲା
ଚଳାଇଲା ନଖଦନ୍ତ,
କାଟିଦେଲା ଦେବ- କନ୍ୟାଗଣର
ଶରୀର ଶତବିକ୍ଷତ ।
ରକତ-ପ୍ରବାହେ ଦେବକନ୍ୟାଙ୍କର
ତନୁ ହେଲା ଜରଜର,
କ୍ଷମା ପ୍ରତିବାଦେ ସମସ୍ତେ ନିବର୍ତ୍ତି
ଗଲେ ନିଜ ନିଜ ଘର ।
ହଂସୀ ଯାଇ ପିତା ନିକଟେ କହିଲା
ଦେବକନ୍ୟାଙ୍କର କଥା,
କହିଲେ ତାହାଙ୍କୁ ଭର୍ତ୍ସନା ସହିତ
ଦଣ୍ଡ କରିଥିଲେ ଯଥା ।
ରାକ୍ଷସ-ଭୂପତି ଶୁଣିଲା ସେସବୁ
ଦୈତ୍ୟଜାତି ଅପମାନ,
ବିଘୂର୍ଣ୍ଣିତ ହେଲା ନୟନ ତାହାର
ତନୁ ହେଲା କମ୍ପମାନ ।
ରାଜମନ୍ତ୍ରୀ କ୍ରୋଧ ଗରଜି କହିଲା,
"ଦେବେ ତ ଖାଇଲେ ସୁଧା;
ତଥାପି ଆମ୍ଭର ଇଚ୍ଛା ହେଉଥିବ
ନିବର୍ତ୍ତି ନ କରି କ୍ଷୁଧା ।
ଯଜ୍ଞ ଛଳ କରି ଖାଇଯାଉଛନ୍ତି
ଅଗ୍ରେ ଘୃତ ମେଦ ଭାଗ,
କେବେ ନ ଛାଡ଼ିଲେ ଲୁଟି ଦେବତାଙ୍କୁ
ଆମ୍ଭର ଯୋଗନି ଭାଗ ।
ମୋଲାଡ଼ିକ ତଳ- ହିନ୍ଦୁ-କୁଳ ଘଣ୍ଟି
ବେଦରେ ବୃଦ୍ଧି କାଲି,
ଦେଖୁ ସନା-ବନ ଆମ୍ଭ ଅଧିକାର
ରହିଅଛି ଚିରକାଳ ।
ଦେବଦୂତାମାନେ ନିର୍ଭୟେ ବୁଲନ୍ତି
ଆସୁରି ରାଜ୍ୟକୁ ଆସି,
ରାଜ-ନନ୍ଦନୀକି ଗାଳି ଦେଲେ ପୁଣି
ବହୁଧା ଭର୍ତ୍ସନା ଭାଷି ।
ଅଙ୍ଗୁଳି ପ୍ରବେଶେ ବାହୁ ପ୍ରବେଶିବ
କଲୁଁ ଯେବେ ଅବହେଳା,
କ୍ଷୁଦ୍ର ଛିଦ୍ର ଦେଇ ଜଳ ପଶି ପଶି
ବୁଡ଼ାଇଦିଏ ଭେଳା ।
ମଣତି ଆମ୍ଭଙ୍କୁ ତୁଚ୍ଛ ଗଣ୍ଡ କରି
ନାନା ଛଳ କରୁଥିଲେ,
ସହିବ କି ଆମ୍ଭଙ୍କୁ ଚାହିଁବେ ସେମାନେ
ଦେଖାଇବୁଁ ଯଦି ବଳ ?"
"ସତ, ସତ" ବୋଲି ଉଚ୍ଚ ନାଦ କଲେ
ରାଜ-ସଭାସଦଗଣ,
ଲୋଭ ମଦ ଦ୍ୱେଷ କପଟ ପ୍ରବୃତ୍ତି
ଭିତ୍ତି ହୋଇ ଜଣ ଜଣ ।

ଘନଘନ ହୃଦ ଦ୍ୱେଷ-ଦୂଷିତ
ହଲ୍ଲଚ ହୋଇ ବାହାର,
ନାଦ-ଆସ୍ଫାଳନେ ତର୍ଜ୍ଜି କମ୍ପାଇଲେ
ଅମରାବତୀର ଦ୍ୱାର ।
ଚାହିଁ ସୁରପତି ନଗର ଦୁଆରେ
ଅସୁରଙ୍କ ଆକ୍ରମଣ,
ପ୍ରଥମେ ଦେଖିଲେ ସେନାଙ୍ଗି ଦେହେ
ଦ୍ରବଣ ବୈମନସ୍ୟଗଣ ।
ଯେଉଁ ଥିଲେ ଯହିଁ ଉତ୍ସାହ ସାହସ
ଧୈର୍ଯ୍ୟ ବୁଦ୍ଧି ଚେତନ,
ଅସୁରଙ୍କ ସଙ୍ଗ ମୁଦେ ପ୍ରବେଶିଲେ
ପ୍ରକାଶି ଘୋର ବିକ୍ରମ ।
କାମ-ଲୋଭ ମଦ ଆଳସ୍ୟ ବିଳାସ
ଆଦି ଶାଂସତ୍ତ୍ୱକଦଳ,
ସ୍ୱଭାବ ପନ୍ଥରୁ ଅଧି ଭ୍ରାନ୍ତି ଦେଲେ
ଦେବ-ବାହିନୀର ଦଳ ।
ଉଦ୍ଦେନେ ପକ୍ଷ କେ ଯୋଷା ଟେକି ଅଞ୍ଚଳ,
କେ ବଣ-ଗହନ-ତଳେ,
କେହି ଅର୍ଥ-ଦୃଷ୍ଟି ପ୍ରସାଦ ହେତୁରେ
ଚୋର ଧର୍ମ୍ମ ନାଶ କଲେ ।
କାହା ଶିରେ କାହା ବନ୍ଧ ବା' ମରମ
କାହା ସବ ଅବସ୍ଥରେ
ବାଜିଥିଲ ବିଷ- ଦଗ୍ଧ ଶରମାନ
ଅଦୃଶ୍ୟ ସ୍ୱେଚ୍ଛାହବେ ।
ଜନ୍ମିଲ ବେଦନା ତହିଁ ଦେବସେନା-
ଗଣ ହେଲେ କଳବଳ,
ଅଶ୍ୱିନୀସୁତଙ୍କ ଚିକିତ୍ସାରେ ମଧ୍ୟ
ନ ଫଳିଲ ଆଶୁଫଳ ।
ସେନାପତି ଯାଇ ସୁରେଶେ କହିଲେ,
ଦୁର୍ଦ୍ଦଶା ଆଦ୍ୟନ୍ତ ଗତି,
ଶେଷେ ଦୁଃଖ-ପଥେ ହୃଦେ ପଶିଲ
ଦାରୁଣ ଅଦୃଷ୍ଟ-ଶକ୍ତି ।
ସୁରେଶଙ୍କୁ ଦୃଷ୍ଟି ମଘବା ବୋଇଲେ,
"କହ ଗୁରୁଦେବ, ପ୍ରତିକାର,
ନ ହେଲେ ଅସୁର- ଉପଦ୍ରବେ ହେଲି
ସୁର-ପୁର ଛାରଖାର ।
ନାନାବିଧ କ୍ରତୁ ଯଜ୍ଞ କରିବାକୁ
କହିଛନ୍ତି ବେଦ ସାର,
ସ୍ୱର୍ଗକୁ ନରଜେ ଚଳେ ଚଳିଲେଣି,
ମର୍ତ୍ତ୍ୟ କି ରହିବ ଭରି ?"
ଜ୍ଞାନ-ଦୃଷ୍ଟିଚକ୍ଷୁ ଲଗାଇ ଚୈତନ୍ତ
କାଢ଼ିଲେ ଧରମ-ଦାଢ଼ି,
ତ୍ରିଦଶାଧିପଙ୍କୁ କହିଲେ ଧରମ-
ଶକ୍ତି-ଫଳ ଶ୍ଳୋକ ପଢ଼ି ।
"ସାଧବ-ବଞ୍ଚନ ମାନ୍ୟ ପ୍ରତିଲଙ୍ଘନ
ମହାପାପ ଦେବରାଜ,
ବିଶ୍ୱାମିତ୍ରଙ୍କର ତପୋଭଙ୍ଗ-ତରୁ-
ଫଳିତ ହୋଇଛି ଆଜ ।
ମାନ୍ୟଜନ ମଧ୍ୟ ନାରଦଙ୍କର
ଗତି ଏକା ମାନ୍ୟତମ,
ନ ଭୁଲି ଦୁର୍ବାସା ଶକୁନ୍ତଳା ପ୍ରତି
ଶାପ ଦେଇଲେ ବନ୍ଧୁ ତମ ।
ସେହି ଶାପଫଳେ କନ୍ଦର୍ପ ଦୁର୍ଦ୍ଦନ୍ତ
ନିଶ୍ୱଗ୍ରନ୍ଥି ହୋଇ ନଷ୍ଟ,
ଧାର୍ମ୍ମିକ ମାନବ ଦୁଃଖେ ସୁରପୁରୀ
ହୋଇଅଛି ଶିରଭ୍ରଷ୍ଟ ।
ନରେଶ ଦୁଷ୍ମନ୍ତ ଶାନ୍ତ-ଧର୍ମ୍ମବନ୍ତ,
ତାଙ୍କୁ କର ସମାଦର,
ତାଙ୍କ ଧର୍ମ୍ମ-ଶକ୍ତି- ପ୍ରଭାବେ ଅମର
ହୋଇଯିବ ରଣ-ଦର ।
ସେହି ନରପତି ଅନଙ୍ଗ ବହନ୍ତି
ବହୁ ଦେବତାଙ୍କ ଗୁଣ,
ବୈଷ୍ଣବ ଶକତି ପ୍ରତାପରେ ଦାନବ-
ବଳ ନାଶେ ସୁନିପୁଣ ।"
ଶୁଣି ସୁରପତି ମାତଳିର ପ୍ରତି
ସତ୍ୱର ଆଦେଶ କଲେ,
"ଯାଅ ସୂତ, ରଥ କରି ସୁସଜ୍ଜିତ
ସତ୍ୱର ଅବନୀତଳେ ।

ପ୍ରିୟ-ବନ୍ଧୁ ରୂପେ   ପୁଷ୍ପିତ ବୃକ୍ଷଙ୍କୁ
କରନ୍ତି ଆମ୍ଭ ନିମନ୍ତ୍ରଣ,
ଅତି ସମାଦରେ   ସ୍ୟନ୍ଦନେ ବସାଇ
ସ୍ୱର୍ଗ କର ଆନୟନ ।”
ଆଜ୍ଞା ଶିରେ ଧରି   ପ୍ରଣିପାତ କରି
ଚଳିଲ ସାରଥିବର,
ସୁବର୍ଣ୍ଣ-ରତନେ   ନନ୍ଦନ-ପ୍ରସୂନେ
ରଥ କରି ମନୋହର ।
ନରେଶ ସମ୍ମୁଖରେ   ଉପଗତ ହୋଇ
ସୁରେଶଙ୍କ ନିମନ୍ତ୍ରଣ,
ବିନୋଦେ ବଚନାଦି   କହିଲା ସ୍ୟନ୍ଦନ
କରିବାକୁ ଆରୋହଣ ।
ଶୁଚିବସ୍ତ୍ର ହୋଇ   ପ୍ରଦକ୍ଷିଣ କରି
ନରେଶ ଚଢ଼ିଲେ ରଥେ,
ମାତଳି ଚାଳନେ   ଚଳିଗଲେ ଅନନ୍ତ
ସୁରରଥ ସୁରପଥ ।
ଅମର-ନଗର   ସୁଦ୍ୱାରରେ ଯାଇ
ରଥ ହେଲା ଉପଗତ,
ରତ୍ନମୟ-ତୁଙ୍ଗ   ତୋରଣ ସନ୍ନିଧିରେ
ଦଣ୍ଡାଇଛନ୍ତି ପୌରବୃନ୍ଦ ।
ରତ୍ନାକର-ତନୟ   ସକଳ ସନ୍ନିଧିରେ
ଶ୍ରେଣୀବଦ୍ଧ ଯେନ ପ୍ରାୟ,
ଯେବେ ଗୁଚ୍ଛା ହୋଇ   ନକ୍ଷତ୍ର-ହାସରେ
ନଭ ଦେଖାଇନ୍ତି ଭରି ।
ରତ୍ନମୟ ନଭ   ଦେଖିଲେ ମାନବ-
ଲୋକ ଚକେ ଅପସରି,
ବିସ୍ମିତ ଦୃଷ୍ଟି-   ଫଳ ସବୁ କୁତୂ-
ଗର୍ବେ କି ଚାହିଁ ଧରି ?
ଗୁଣୀ ଜଣିବାର   ଲୋଚନ ପୂର୍ଣ୍ଣ ଥିଲା
ନରପତିଙ୍କର ହୃଦ,
ସୁର-ଶିଳ୍ପି-ଶ୍ରେଣୀ-   ଦର୍ଶନେ ତା ଗଲା
ଦେଖିଲେ ନିର୍ମଳ ମୁଦ ।
ପ୍ରଶସ୍ତ ତୋରଣ-   ପଥେ ନୃପ ପୁର-
ପୁରେ କରି ପ୍ରବେଶ,

ଦେଖିଲେ ନାଗରୀ-   ନିକାଶିଙ୍କ ରମ୍ୟ
ରୂପ, ମନୋହର ବେଶ ।
କର୍ମିକ-ଶେଖର   ଜାହ୍ନୁଳ ବସନେ
ମଣି ନୂପୁର କାଞ୍ଚଣୀ,
ପ୍ରସନ୍ନ-ବଦନେ   ସପ୍ରେମ ଲୋଚନେ
ନାଚ କଲେ ମଞ୍ଜୁଭାଷିଣୀ ।
ଏକ ନାରୀ ଏକ   ଉଦ୍ୟାନ ପାଦପ-
ମୂଳେ ଦେଉଥିଲା ଜଳ,
ନରେଶଙ୍କୁ ଦେଖି   ହସନ୍ତ ବଦନେ
ଦୃଷ୍ଟି କରିଦେଲା ଛଳ ।
ନରପତି ପୁନଃ   ପୁନଃ ନିରୀକ୍ଷଣ
କଲେ ସେ ଶୋଭା-ଆନନ,
ମନେ କଲେ ସେହି   ମଣ୍ଡିଥିଲା ଦିନେ
ଉତ୍କଳ-ତଟ-କାନନ ।
ଦୃଷ୍ଟି ଅନାଇଲେ   ଉଦ୍ୟାନେ ଭ୍ରମନ୍ତି
କରୁଛନ୍ତି ତା ସହଚରୀ,
ଯେବେ ଦେଖିଥିଲେ   ସେହି ଶିଶୁ ଦେହ
ଶିଶୁଟିକୁ କୋଳେ ଧରି ।
ବଚନ ସେ ଲୋକ   ଦୁଷ୍ପ୍ରାପ ଆଣିଲେ
ହେଜ୍ଜ ଦେଖୁଛନ୍ତି ଉଦ୍ୟାନ,
ନୃପ ଆଗମନେ   ଅବା ରଥସ୍ୱନେ
ବାନ୍ଧିଁ ତାଙ୍କ କାନ୍ତ ଧ୍ୟାନ ।
ମାତଳିଙ୍କୁ ନୃପ   ପଚାରିଲେ, “ଏହି
ଉଦ୍ୟାନରେ ପୁଣି ଜଣେ,
ମର୍ତ୍ତ୍ୟର ସ୍ୱର୍ଗରେ   ଥାନ୍ତି, କା ସମ୍ପର୍କ
କରନ୍ତି ମର୍ତ୍ତ୍ୟ ଭ୍ରମଣ ?
ଜାଣିବାକୁ ମୁଁ କି   ଜାଣିନ ସାରଥି,
ନାମ ତାଙ୍କ କହ କହ,”
ସାରଥି କହିଲେ,   “ଶୁଣିବା ହେଉନ୍ତୁ
କଳିଙ୍ଗ-ମନ୍ତ୍ରକାଧୀଶ ।
ପୁଂସ ନାମ ପ୍ରେମ,   ଯୋଷା ନାମ ପ୍ରୀତି,
ଦୁଃଖ ତାଙ୍କ ଦୂତ ନାମ,
ନର୍ମିଳ-ପରିଷ   ସ୍ଥାନ ବଦଳାଇଲେ
ଯାଉଥାନ୍ତି ମର୍ତ୍ତ୍ୟଧାମ ।

ଯା କୋଳେ ବାଳକ   ରହିଛି ଦୁରନ୍ତ,
ମୈତ୍ରୀ ନାମ ଅଟଇ ତାର,
ଏହାଙ୍କ ଉଦ୍ୟାନ-   ପାଳକ ସମସ୍ତ
ସତତ ସୁର-ସମ୍ଭାର ।”
ଶୁଣି ନରପତି   ବୁଝିନେଲେ ତାଙ୍କ
ବଚନ ଦୂର ହେବା କଥା,
ସ୍ୱର୍ଗ ଆସି ସ୍ୱର୍ଗ-   ସୁଖରୁ ବଞ୍ଚିତ
ଶ୍ରଦ୍ଧା ନତ କଲେ ମଥା ।
ସୁରପତି ତାଇ   ନରପତିଙ୍କର
ଆଗମନ ସମାଚାର,
କର ଧରି ନେଇ   ଆସନେ ବସାଇ
କଲେ ବହୁ ସତ୍କାର ।
ବୃତ୍ତାନ୍ତ କହିଲେ,   ନିଶାଚରଙ୍କର
ଉପଦ୍ରବ ବିବରଣୀ,
ଶୁଣି ନରପତି   ଅସୁର ନାଶନେ
ବାହାରିଲେ ତତକ୍ଷଣି ।
ଅମ୍ବର ଉପର   ଜଣାଇଲା ତେଣେ
ଅସୁର-ଭୂପତି ପାଶେ,
“ଦୈତ୍ୟରାଜ, ରଣ   ସକାଶେ ଦୁଷ୍ମନ୍ତ
ଆସୁଛନ୍ତି ମହୋଲ୍ଲାସେ ।”
ଆଶ୍ଚର୍ଯ୍ୟ ବଦନ   ହେଁ ଦୈତ୍ୟରାଜ
ପଚାରିଲେ ଉଦ୍ଧତ,
ଆଶ୍ଚର୍ଯ୍ୟ ଖବର   କହିଲେ ତାହାଙ୍କୁ
ବିଗତ କଥା ସମସ୍ତ ।
“ଦୈତ୍ୟରାଜ, ଯେତେ-   ବେଳେ ଦେବଗଣ
ଅସୁରଙ୍କୁ ଥାନ୍ତି ଡରି,
ଦୈବ-ବଳ ଦେଇ   ମାନବ-ବୁଦ୍ଧି କି
ରଖନ୍ତି ଭରସା କରି ।
ଅମରବୃନ୍ଦଙ୍କୁ   ଜୟ କରିଥିଲା
ମହାବୀର ଦଶାନନ,
ନର-କପି-ଦଳ   ପୀଡ଼ାରେ ସବଂଶେ
ମାନିଲା କାଳ-ଶାସନ ।
ରାବଣ-ଭଗିନୀ   ସୂର୍ପଣଖା ଥିଲା
ସେ ମନ୍ଦା-କଳଙ୍କ-ମୂଳ,
ତୁମ୍ଭ ସୁତା ଯୋଗୁଁ   କୋପାନ୍ୱିତ ଏବେ
ହୋଇଛନ୍ତି ରାକ୍ଷସକୁଳ ।”
ଶୁଣି ଦୈତ୍ୟରାଜ   ଆଶ୍ଚର୍ଯ୍ୟ ବଚନ
ମନେ ମନେ ନେଲା ବୁଝି,
ପ୍ରକାଶେ କହିଲା,   “କି ଯଶ ବଢ଼ିବ
ମାନବ ସଙ୍ଗରେ ଯୁଝି ?
ମାନବକୁ ଯେବେ   ଭରସା କରନ୍ତି
ଦେବେ କି ଲଜ୍ଜା ଆମ୍ଭ ଭୟ,
ଦେବତାଙ୍କ ବଳ   ଜଣାଗଲା, ଏହା
ନୁହେଁ କି ଅସୁର ଜୟ ?
ଶୂଳ ଟିକା ଜୟ-   ପତାକା ଉଡ଼ାଇ
ବଜାଇ ବିଜୟ-ଡଙ୍କା,
ଶରଦିନ ଚାଲିଁ   ରହିଥାଉ ଦେବ-
ହୃଦୟେ ସନ୍ତ୍ରାସ-ଶଙ୍କା ।”
ଦଳ-ବଳ ସହ   ସାହସ-ଭୂପତି
ବାହୁଡ଼ିଲା ନିଜ ଦେଶ,
ଅମର ଉପର   ଦୂରେଇ ଦୁମୁରେ
କହିଲା ସେହି ସନ୍ଦେଶ ।
ଦୁଷ୍ମନ୍ତ ନୃପଙ୍କ   ଅବଧାନ ହେଲା
ଉତ୍ସବରେ ପରିଣତ,
କୁସୁମ ବର୍ଷଣ   କଲେ ତାଙ୍କ ଶିରେ
ଅମର-ଯୋଷା ସମସ୍ତ ।
ଅପ୍ସରା-ନର୍ତ୍ତନ   ଗନ୍ଧର୍ବ-ବାଦ୍ୟନ
ସ୍ୱର୍ଗ ହେଲା ମଧୁମୟ,
ସୁରବନ୍ଦୀଗଣ   ଉଚ୍ଚେ ଉଚ୍ଚାରିଲେ,
“ଜୟ ପୁରୁବଂଶୀ ଜୟ ।”
ଅମରନେତ୍ରରେ   ସଜାଡି ଦୁରନ୍ତ
ଅଟିଥିଲେ ବାରମ୍ବାର,
ଅମର-ବଧୂଙ୍କ   ଟୁକୁ ଆସି ଦେଲେ
ସୁଗନ୍ଧି କୁସୁମ-ହାର ।
ଜୟନ୍ତଙ୍କୁ କୋଳୁ   ଉଠାଇ ବାସବ
ଦୁଷ୍ମନ୍ତଙ୍କୁ କଲେ କୋଳ,
ନିଜ କଣ୍ଠ-ହାର   ଦେଲେ ତାଙ୍କ କଣ୍ଠେ
ମହାନନ୍ଦେ ହେଉଁ ଭୋଳ ।

ପ୍ରେମ ପ୍ରୀତି ଦୃଷ୍ଟେ ଆଣି ନିକଟକୁ
ସ୍ନେହରେ ଆଲିଙ୍ଗନ କଲେ,
ଆନନ୍ଦେ ବୋଇଲେ, "ଯାଅ ନୃପ, ସୁଖେ
ଲଭିବ ଅବନୀ ତଳେ।"
ସୁରପତି-ପଦେ ପ୍ରଣମିଲେ ନୃପ
ବିନୟେ ସମର୍ପି ନତି,
ମାତଳିଙ୍କି ଶକ୍ର ଆଜ୍ଞା ଦେଲେ ତାଙ୍କୁ
ପହଞ୍ଚାଇଦେବା ଲାଗି !
ନିଜେ ସୁରପତି ନୃପ କର ଧରି
ଆରୋହାଇ ଦେଲେ ରଥେ,
ଆନନ୍ଦେ ବୋଇଲେ, "ଯାଅ ବତ୍ସ, ତବ
ବାଞ୍ଛା ସିଦ୍ଧି ହେଉ ପଥେ।"
ବାହୁଡ଼ିବା ପଥେ ନରପତି କଲେ
ଦର୍ଶନ ନନ୍ଦନ-ବନ,
ସୁବର୍ଣ୍ଣ-କୁସୁମ- ଶାଖେ ପାଦପେ
ରଚିତ ହୋଇଛି ବର୍ଣ୍ଣ।
ଅମର ଅକ୍ଷର ପଠନେ ଜାଣିଲେ
ରଚିତ ହୋଇଛି ଶ୍ଳୋକ,
"ଦୁଷ୍ମନ୍ତ ନୃପଙ୍କ ପୁଣ୍ୟ-ସୁରଭିରେ
ଅଧିବାସିତ ଦେବଲୋକ।
ଦୁଷ୍ମନ୍ତଙ୍କ ଯଶ- ପଢ଼ିଲେ ଫୁଟିଛି
ନନ୍ଦନେ କୁସୁମ ଛଳେ,
ଉଜ୍ଜ୍ୱଳ କନକ- ବର୍ଣ୍ଣ ହୋଇଅଛି
ମନ ତାଙ୍କ ପୁଣ୍ୟବଳେ।
ପବିତ୍ର ପ୍ରେମ ହିଁ ରହିଅଛି ସେଥି
ପୁଷ୍ପଗର୍ଭେ ହୋଇ ମଧୁ,
ହିମବନ୍ତ ଚୂଡେ ଆଶୀର୍ବାଦ ତହିଁ
ଢାଳିଛନ୍ତି ବିଶ୍ୱବନ୍ଧୁ।"
ନିଜ ପ୍ରଶଂସା ଅଧିକ ନ ପଢ଼ି
ନୃପ ନେଲେ ବେଗେ ରଥ,
ସ୍ୱର୍ଗୀୟ-ପ୍ରକାଶେ ଓଟ୍ଟାଳି ଦେଖିଲେ
ଲିପିଅଛି ଶତ ଶତ।
ଶମ୍ବୁକ-ପଟଳ ଲେଖି ଦେଉଛନ୍ତି
"ଧନ୍ୟ ଧନ୍ୟ ପୁଣ୍ୟବନ୍ତ,"

ପଢ଼ି ଜଳ ପରି ଘୋଷୁଛନ୍ତି ତାହା
ଅଗଣିତ ରାଜହଂସ।
ଶୁଣି ଶୁଣି ତାହା ଭ୍ରମି ଥରେ ପୁଣି
ବାସବ-ସ୍ୟନ୍ଦନ ବହି,
ଓହ୍ଲାଇଲେ ନୃପତି ମାତଳି ନିକଟେ
ନିଜ ଭାଗ୍ୟ ପରଶଂସି।
ନିର୍ମଳ ମରୁତ- ମଣ୍ଡଳକୁ ଲଙ୍ଘି
ରଥ ପ୍ରବର୍ତ୍ତିଲା ବେଗେ,
ଜଳ ପରବତ ମସ୍ତକକୁ ସ୍ପର୍ଶି
ଚୁମ୍ବନ କରନ୍ତି ମେଘେ।
ଘନ-ବୃଷ୍ଟି-ରଥ ପଦ-ବାସାଗତ-
ନିର୍ମଳ-ସଲିଳ-କଣ,
ପାନ କଲେ ତୃଷ୍ଣ ଚାତକ-ବଳନ୍ତୁ
ବାହାରି ମୃଗଜଳଶି।
ତଡ଼ିତ-କାନ୍ତିରେ ଅଶ୍ୱଙ୍କୁ ଦିଶିଲା
ସ୍ୱର୍ଣ୍ଣମୂର୍ତ୍ତି ସମୁଜ୍ଜ୍ୱଳ,
ତା ପରେ ଦୃଷ୍ଟିରେ ଆବିର୍ଭୂତ ହେଲା
ଶ୍ୟାମଳ ଅବନୀ-ତଳ।
ପର୍ବତ-ଶିଖର ଦିଶିଲା ଗଗନ-
ସୋପାନ ପଡ଼ିଲା ପରି,
ଭୂତଳ ଦିଶିଲା ପର୍ବତକୁ ଯେସନ୍ତେ
ଟେକି ଦେଉଅଛି ଧରି।
ଅଥବା ତ୍ରିଦିବ- ବିଳାସୀ ନୃପତି
ପ୍ରୀତ ହୋଇ ମାନବତୀ,
ନିକଟ ନିକଟ ହେଲା ଦୂରୁ ଦୂର
ଡାକୁଅଛି ବସୁମତୀ।
କ୍ରମଶଃ ଦିଶିଲା କେଉଁ ସାଧୁବର
ମନ୍ଦିର ମଠସ୍ୱାଶ୍ରାମ
ଦେଖି, ଆସୁଅଛି ସ୍ୱର୍ଗ-ପ୍ରତ୍ୟାଗତ
ପ୍ରଶଂସିତ ନୃପ ଜାଣି।
ପାଦପେ ମସ୍ତକ ଉତ୍ତୋଳନ କଲେ
ପ୍ରବଳ ଲୁଣ୍ଠନ ପ୍ରୀତି,
ସୁପ୍ତ ବିହଙ୍ଗମେ ଶିର ଟେକି ଯଥା
ଉଡ଼ିଥାନ୍ତି ଡେଣା ଝାଡ଼ି।

ମାର୍ତ୍ତଣ୍ଡର ତନୁଜ ହେମକୂଟ ନାମେ
କିଂପୁରୁଷ ବର୍ଷପତି,
ଗୋଧୂଳିକାଳୀନ- ସିନ୍ଧୁକର-ଯନ୍ତ୍ର
ମେଘ ଛାୟେ ପ୍ରଭାବନ୍ତ ।
ବାସବ ବରୁଣ ଯାହାର ଧ୍ୱଜାଗ୍ରେ
ଖେଳାଉଛନ୍ତି ଧାର ଘାତ,
ଉଦ୍ୟାନ୍ତ ଉତ୍ସ- ସ୍ରୋତେ ଆବୃତ
ଦେଇ ଗାଇ ସ୍ତୁତିବାଦ ।
କାଦମ୍ବିନୀ ଲକ୍ଷ ବର୍ଷନ୍ତି ବର୍ଷାପ
ମଧୁମୟ ଦରଶନ,
ଅଗଣିତ ରୂପେ ଅଙ୍ଗେ ଜଳ ଧାର
ଭୂତଳେ ବାରିବରଷଣ ।
ବାର ମାସ ଯହିଁ ବସନ୍ତ ବିସ୍ତରେ
ଫେନି ସୁବାସ ଫୁଲ,
ମହାନନ୍ଦଭରେ ଭ୍ରମନ୍ତି ଭ୍ରମରେ
କୁହୁନ୍ତି କୋକିଳ କୁଳ ।
ସରେ ସରେ ଯହିଁ ସ୍ୱର୍ଣ୍ଣ-କମଳିନୀ
ଶୋଭା ବିକଶିତ କରେ,
ରତ୍ନଶିଳ ଯହିଁ ତିମିର ନାଶନ୍ତି
କିନ୍ନରଙ୍କ ଘରେ ଘରେ ।
ସ୍ୱର୍ଣ୍ଣ-କମଳିନୀ- ଅଙ୍ଗ ଛୁଇଁବାକୁ
ଦିବାକର-କର ଥରେ,
ମଧ୍ୟାହ୍ନେ ନିଭୃତେ ଲଭି ଲୁଚି ତେଣୁ
ପଶିଥାଏ ଉଦରେ ତାର ।
କନ୍ଦରୀ ବାଲୁକେ ବିନ୍ଦନ୍ତି କୁଜନ
ମାଳ ବାଦ ତୁଏ ତହିଁ,
ବରଷା କୋକିଳ ନୃତ୍ୟନ୍ତି ତହିଁରେ
ଚଟୁଶ୍ରୀ ବରଷନ୍ତି ।
ସେଓଡ଼ିକେ ଫୁଲ ଫଳ ଉପ୍ତଳିବ
ତେଜକି ଛାଡ଼ି କାକର,
କାନ୍ଥ ଫଳ ମୂଳ ବଳି ପଡ଼ିଥାଏ
ଗ୍ରାମ୍ୟଙ୍କ ଜଳିକ ଉଦର ।
ଉଦ୍ଧେ-ମଣ୍ଡଳ ତପ ସାଧୁଥାନ୍ତି
ଯହିଁ ରତ୍ନ ନିଃସ୍ପୃହେ,

ସିଦ୍ଧି ଶ୍ରୀ ଯେ ସ୍ଥଳ ନ ପାରନ୍ତି ତେଜି
ନିତ ପୂଜା ଲଭି ପଦେ ।
ଦୂରସ୍ଥ-ପିତା କଣାଏ ଯେ ନରେ
କରନ୍ତି ସ୍ତ୍ରୀକ ବାସ ,
ଦୂରସ୍ଥରଙ୍କର ଭକତି ତହିଁରେ
ବିଳସେ ଲଭି ଉଲ୍ଲାସ ।
ସମସ୍ତ ଅଜାତ-ଶତ୍ରୁ, ଯେ ବସନ୍ତ
ନିବସନ୍ତି ଯେତେ ଜନ୍ତୁ,
ପରସ୍ପର ହିତ- ସାଧନେ ନିରତ
ହୋଇଥାନ୍ତି ଅଧିକନ୍ତୁ ।
କୁଶାଙ୍କୁର ଆଣି ଶାର୍ଦ୍ଦୂଳ ସସ୍ନେହ
ଦିଏ ମୃଗ-ଶିଶୁ-ମୁଖେ,
ଗଜ-ଶିଶୁ ଚାଲି କେଶରୀ ସ୍ତନରୁ
କ୍ଷୀର ପିଇ ବଞ୍ଚଇ ସୁଖେ ।
ମାତଳିକି ନୃପ ଯାତ୍ରାଶ୍ୱ ଯୁଞ୍ଜିଲେ
ପବନର ଗତିରେ,
ସୁରଶ୍ମି ମାତଳି କହିଲ ପିତାରେ
ମନୋହରମ କଥାରେ ।
କଶ୍ୟପ ଚରଣେ ଅର୍ଚ୍ଚିବାକୁ ନୃପ
ରଥ ଓହ୍ଲାଇଲେ ତଳେ,
ଦେଖିଲେ ସ୍ୟନ୍ଦନ ଗଗନେ ଯେସନ
ଭୂତଳ ତେସନ ଚଳେ ।
ଚକ୍ର ନ ଘୋଷଇ ଧୂଳି ବାଲି ମଧ୍ୟ
ନ ନାଚଇ ଅଧନ ତଳେ,
ଚଳଇ ଯଥା ହଂସ ଅବାଧ କମ୍ପିତ
ଗଭୀର ସରସୀ-ଜଳେ ।
ତହିଁ ଲାଗି ନୃପ ସାରଥି ବଦନ
ଅନାଇଲେ ବିସ୍ମୟରେ,
ସୁରେଶ-ନରେଶ- ରଥ-ତାରତମ୍ୟ
ଜାଣି ହେଲେ ସେହିଠାରେ ।
ଅଦୂରେ ଦେଖିଲେ ମୁନି ଏକ ଛନ୍ତି
ନିଶ୍ଚଳ ପାଦପରୂପେ,
ପାଦୁ କରିଥାଏ ତାହାଙ୍କ ମସ୍ତକ
ହୋଇଛି ବାଲ୍ମୀକ-ସ୍ତୂପେ ।

ବିଷଧର-ଚର୍ମ- ଭୂଷିତ ବକ୍ଷ
ହୋଇଅଛି ଶୋଭାବାନ,
ଜୀର୍ଣ୍ଣ-ଲତା-ଜାଲ ବେଢ଼ି କଣ୍ଠଦେଶ
କରୁଅଛି ନିପୀଡ଼ିତ ।
ଚିର-ଅଧୋମୁଖୀ ହୋଇ ସ୍ଥାଣୁ ପରି
ରହିଅଛନ୍ତି ମୁନିବର,
ସ୍କନ୍ଧ-ବିଲମ୍ବିତ ଜଟା-ମଣ୍ଡଳରେ
ପକ୍ଷୀ କରିଛନ୍ତି ଘର ।
ଦୂରୁଁ ଅବଲୋକି ନରପତି ସେହି
ମୁନିଙ୍କି ପ୍ରଣାମ କରି,
ଆଶ୍ରମ-ଦର୍ଶନ- ହର୍ଷ-ପୀୟୂଷରେ
ମନ ପ୍ରାଣ ଦେଲେ ଭରି ।
ଦେଖିଲେ ଆଶ୍ରମ କଳପ-ପାଦପ-
ଛାୟା-ସୁଶୀତଳ ସ୍ଥଳୀ,
ପୁଲକ ତୀର୍ଥରେ ହେମ-କମଳିନୀ-
ସୁଗନ୍ଧ-ବାସିତ ଜଳ ।
ଫଟେର ଚେଏ ପଡ଼ି ରହିଅଛି
ଯହିଁ ତହିଁ ମଣିଶିଳା,
ସ୍ନେହ ବିତରଣ କରୁଛନ୍ତି ବୁଲି
ସୁରବାଳା ସ୍ନେହଶୀଳା ।
ସୁର-ବନିତାଙ୍କ ଗତ ସ୍ପୃହ ଦେଖି
ସ୍ତବ୍ଧ ହେଲା ନୃପ ମନ,
ବନ୍ଦିଲେ ଚରଣ, ତୋଷିଲେ ଶ୍ରବଣ
'ମାଆ' ଶବ୍ଦ ସମ୍ବୋଧନେ ।
କେମନ୍ତେ ତପସ୍ୟା- ଫଳ-ସ୍ତ୍ରୀଜନ ପ୍ରୀତି
ଉପେକ୍ଷା କରନ୍ତି ଲାଗି,
ବିଚାରିଲେ ନୃପ ସେହି ତାପସଙ୍କ
ତପ ନୂତନ ନିଜ ଲାଗି ।
ସ୍ୱର୍ଗରୁ ଅଧିକ ମନୋରମ ଭୂଇଁ
ସୁଖକର ଏହି ସ୍ଥଳ,
ଅବଶ୍ୟ ଜଗତ- ଜନ-ଭୋଗ୍ୟ ହେବ
ଏଠାର ତପସ୍ୟା-ଫଳ ।
ନିଜ ପାଇଁ ଲୋକେ ତପ କରିଥାନ୍ତି
ଦୁଃଖ ପରେ ଯଦି ସୁଖ,

ପରସୁଖ ପାଇଁ ତପ-ସାଧନରେ
ତାଙ୍କ ହୋଇଥାଏ ଦୁଃଖ ।
ତଳୁ ଉପରକୁ ଉଠିଥିବା ଲୋକ
ଜାଣିଥାଏ ତଳ କଥା,
ଉଚ୍ଚାସନେ ଥାଇ ଦୟା କରିଥାଏ
ହରିବାକୁ ତଳବ୍ୟଥା ।
ମୋ' ସୁଖ ଜଗତେ ବିତରିବା ପାଇଁ
ହେଉଛି ଏଠାରେ ମନ,
ନିଜ ସୁଖ କାହିଁ ଏକାକୀ ଭୁଞ୍ଜିବେ
ସ୍ୱଭାବ-ଉଦାର-ଜନ ?
ଶକ୍ର-ସୂତ ଗଲା ସେଠାରୁ କଶ୍ୟପ
ସମାଚାର ଦେବା ପାଇଁ,
ଅଶୋକ-ପାଦପ- ତଳେ ନରପତି
ରହିଲେ କାନନ ଚାହିଁ ।
"ଛାଡ଼ ଛାଡ଼ ଦୁଷ୍ଟ, ଛାଡ଼ ଚିର" ଶବଦ
ପଡ଼ିଲା ନୃପତି-କର୍ଣ୍ଣେ,
ଦେଖିଲେ କେଶରୀ- ଶାବକ-କେଶର
ଧରିଛି ବାଳକ ଜଣେ ।
ଚମତ୍କୃତ ହୋଇ ନମ୍ରିକା-ଭୂଷିତ
ବାଳକର ଦରଶନେ,
କୌତୁକବର୍ଦ୍ଧନେ- ମାନସେ ତାହାର
ସମୀପକୁ ଗଲେ ନୃପେ ।
ତାପସୀଏ ପୁଣି ବୋଇଲେ ଶିଶୁକୁ,
"ଛାଡ଼ିଦିଅ ଅରେ ଦୁଷ୍ଟ,
ବାଳ-ଚପଳତା ଛାଡ଼ିଯିବ ତୋର
କେଶରୀଣୀ ହେଲେ ରୁଷ୍ଟ ।
ଏ କି ଦୁଃସାହସ, ସିଂହଶିଶୁ ମୁଖେ
କରୁଥିଲୁ ସ୍ତନ୍ୟପାନ,
ବଳେ ଆଣି ତାର ଦନ୍ତ ଗଣୁଅଛୁ,
କରିଛୁ କି ଦୂର ଜ୍ଞାନ ?"
ଅଧର କମ୍ପାଇ "ଏତେକ ଉଚିତ"
ବୋଲି ଉପହାସ କଲେ,
କେଶରୀ-ଶାବକ- କେଶରକୁ ଶିଶୁ
ଧରିଲା ଅଧିକ ବଳେ ।

ଅନ୍ୟ ତାପସ୍ୱିନୀ ବୋଇଲା, "ସଜନି,
କେତେବେ କି ଦେଖି ଥାଏ ଭରି,
ମୁନି ମୁହିଁ ସର୍ବ- ଦମନ ନାମ ଦେଇ
ଖାଆନ୍ତା ଆଣି କପରି ?"
ସଙ୍କେତେ ବୋଇଲା, କ୍ରୀଡ଼ାଦ୍ରବ୍ୟ ଦାନ
ଛଳେଭଳେ ତାକୁ ଭଣ୍ଡି,
ନ ଦେଲେ କେଶରୀ- ଶାବକକୁ ଧରି
ଦେଉଥିବ କେତେ ଦଣ୍ଡି ।
ପ୍ରଥମା ବୋଇଲା, "ମୃଗେନ୍ଦ୍ର-ଶାବକ
ଛାଡ଼ିଦିଅ ମୋର ବାପ,
ମୃଡ଼-କଣ୍ଠ ଚାହିଁ ଜନମ ତାହାର
ମନେ ଲଭୁଥିବ ତାପ !
ଖେଳିବା ନିମନ୍ତେ ମୋହଠାରୁ ଏବେ
ଅନ୍ୟ ଖେଳନା ନିଅ,"
ତା ଶୁଣି ବାଳକ କର ପ୍ରସାରିଲା
କହି, "ଦିଅ, ଦିଅ, ଦିଅ ।"
ଚାହିଁଲେ ନୃପତି ଶିଶୁ-ହସ୍ତ ଦେଖେ
ନବ-ବିକଶିତ ପଦ୍ମ,
ଚକ୍ରବର୍ତ୍ତୀ-ଚିହ୍ନ ସକଳ ତହିଁରେ
ରହିଛନ୍ତି କରି ସଦ୍ମ ।
"ଆଣୁଅଛୁଁ" ବୋଲି ଉଭୟ ତାପସୀ
ସତ୍ୱର ସେଠାରୁ ଗଲେ,
"ଆଣିଲେ ଗ୍ରହିବ" ବୋଲି ଶିଶୁ ସିଂହ-
ଶିଶୁକୁ ଧଇଲା ବଳେ ।
ମାତ୍ରେ ତାପସୀଏ ଲେଉଟି କହିଲେ
ନୃପତିଙ୍କ ମୁଖ ଚାହିଁ,
"ଦେଖ ମହାଶୟ, ଏ ଦୁଷ୍ଟ ବାଳକ
ସିଂହ-ଶିଶୁ ଛାଡ଼ୁ ନାହିଁ ।"
କୁମାରଙ୍କୁ ଚାହିଁ ନୃପଙ୍କର ହୃଦ
ହୋଇଗଲା ଦ୍ରବୀଭୂତ,
ମନେ ବୋଲୁଥିଲେ, "ଧନ୍ୟ ସେହି କୁଳ,
ଏ ଶିଶୁ ଯାହାର ସୁତ ।
କୋଳେ ଧରି ମୁଖେ ଚୁମ୍ବନ ଦେବାକୁ
ହେଉଅଛି ମୋର ଇଚ୍ଛା,

କେମନ୍ତେ ମୋ ସ୍ନେହ ଢାଳିବ ବାଳକ
ମୁଁ ଯେ ତା ଅପରିଚିତ ।
ଦରଶନ ମାତ୍ର ଏତେ ସୁଖ ଜାତ
ପରଶ କେତେକ ମଧୁର ।
ପରଶ-ଲାଳସା ମିଟିଛି ଦର୍ଶନ-
ସୁଖ କରିବାକୁ ଦୂର ।"
ପରଶ-ଲାଳସା ଦରଶନ-ସୁଖ-
ସଙ୍ଗେ କରି ଘୋର ଯୁଦ୍ଧ,
ନୃପତି-ହୃଦୟ- ସମର-ଭୂମିକୁ
କରିଦେଲା ଘନ କ୍ଷୁବ୍ଧ ।
ନୃପତି ବୋଇଲେ, "ତାପସ-କୁମାର,
କାହିଁ ଏତେ ଦୁରବଳ,
ସିଂହ-ଶିଶୁ ସଙ୍ଗେ ପାରିବ କେମନ
ତାପସ ସ୍ୱଭାବ ଧରି ।"
ନୃପଙ୍କୁ ତାପସୀ ବୋଇଲା, "ଏ ଶିଶୁ
ତାପସ-ନନ୍ଦନ ନୁହେଁ,"
ନୃପତି ବୋଇଲେ, "ତାପସ ମଣ୍ଡଳି
ଥିବାରୁ ତାପସ-ବୃତ୍ତି ।"
ତା ପରେ ନୃପତି ସ୍ନେହ ସହକାରେ
ଧରି ବାଳକର କର,
ହୃଦ-କୋଷ ସହ କେଶରୀ-ଶିଶୁକୁ
କରାଇଦେଲେ ଅନ୍ତର ।
ଦ୍ରବୀଭୂତ ସ୍ୱର୍ଣ୍ଣ- ଖଣ୍ଡଦ୍ୱୟ ଯଥା
ମିଶି ହୁଏ ଏକ ଦେହ,
ସ୍ନେହର ବାଳକ ନୃପେ ମିଶିଗଲା
ପାଇ ମଧୁମୟ ସ୍ନେହ ।
ନୃପ ସହ ସର୍ବ- ଦମନର ଚାହିଁ
ଏକରୂପ ଏକାକାର,
ତାପସୀ-ହୃଦୟେ ଆହ୍ଲାଦ ସହିତ
ନୃତ୍ୟ କଲା ଚମତ୍କାର ।
ଶିଶୁ-କର ଧରି ରାଜା କରି କରି
ସ୍ପର୍ଶସୁଖ ଅନୁଭବ,
ବୋଇଲେ, "ପୁଣ୍ୟଶୀଳେ, ଏ କୁମରମଣି
କେଉଁ ବଂଶେ ସମ୍ଭବ ?"

"ପୁରୁବଂଶେ" ଏହି ଉତ୍ତର ଶ୍ରବଣେ
ମୁନି ବସୁବିଲେ ମଉନ,
ପୁରୁବୃଦ୍ଧମାନେ ଚରମ ସମୟେ
ବାସ କରିଥାନ୍ତି ବନେ ।
ମୁନି ପଚାରିଲେ, "ଏ ସ୍ଥାନକୁ ହୋଇ-
ପାରେ କି ମାନବ-ଗତି ?"
ଉତ୍ତର ଦାଇଲେ, "ସେ କଥା ନ ଘଟେ
ଶିଶୁର ଜନନୀ ପ୍ରତି ।
ଦେବଗୁରୁ-ବଂଶ- ଚରଭ-ସମ୍ଭୂତା
ଶିଶୁର ଗର୍ଭଧାରିଣୀ,
ସ୍ୱର୍ଗ-ଦୋଷେ ଆସି ସୁଖ ଜାତ କଲା
ହୋଇ ଏ ବନବୃକ୍ଷିଣୀ ।"
ଭାବିଲେ ନୃପତି, "ଆଶା-ମରୀଚିକା
ଧରୁଅଛି ହୃଦାକର,
ଜଣାଯିବ ଏବେ ଅଛି କି ନା ତହିଁ
ହୃଦବେର ଅଧିକାର ।"
ବିସ୍ମୟେ ବୋଇଲେ, "ବାଳକର ପିତା
ନାମ କସ ଅଛି ଜଣା ?"
ତାପସୀ ବୋଇଲା, "ଅଧାର୍ମିକ ନାମ
ଉଚ୍ଚାରିବା ଏଥୁ ମନା ।"
ଜନନୀର ନାମ ଜାଣିବାକୁ ନୃପ
କରୁଥିଲେ ଅଭିଳାଷ,
ଭାବିଲେ, ତା ହେଲେ ହେବ ଏକା ପିନା
ଅରଣ୍ୟଚାରୀ ପରକାଶ ।
ଅଦେଶ ତାପସୀ ମୃତ୍ତିକା ମୟୂର
ଏକ ଅଣି ଧରି କରେ
ବୋଇଲା ଶିଶୁକୁ, "ଶକୁନ୍ତ-ଲାବଣ୍ୟ
ଦେଖ ଦେଖ ବତ୍ସ ! ଏବେ ।"
"ଶକୁନ୍ତଳା" ବୁଝି ବୋଇଲା ବାଳକ,
"କାହିଁ ମୋ ଜନନୀ କାହିଁ ?"
ତାପସୀ ବୋଇଲା, "କହୁଛି ସୁନ୍ଦର
ମୟୂର ଦେଖିବା ପାଇଁ ।"
ନୃପ ବୁଝିଗଲେ, ଶିଶୁର ଜନନୀ
ନାମ ହେଲା ଶକୁନ୍ତଳା,

କେତେ ସଗଂବତୀ ସେ ନାମ ବହନ୍ତି,
ତା ସେଥି ଦ୍ୱିଧା ନ ଗଲା ।
ମୃତ୍ତିକା-ମୟୂର ଧରିଲା ବାଳକ
ଯାଇ ତପସ୍ୱିନୀ ପାଶ,
ପରିତୋଷ ସୂଚନା କଲା ତା ଅଧରେ
ଫୁଟି ମନ୍ଦ ମନ୍ଦ ହାସ ।
ଦେଖିଲା ତାପସୀ, ଶିଶୁ-ମଣିବନ୍ଧ
ରକ୍ଷା କାଣ୍ଡ ତାର ନାହିଁ,
କାହିଁ ପଡ଼ିଗଲା ବୋଲି ଅନ୍ୱେଷଣ
କଲା ଇତସ୍ତତଃ ଚାହିଁ ।
ଏଣେ ନରପତି ରକ୍ଷା-କାଣ୍ଡଟିକ
ତକ୍ଷୁ ଉଠାଇଲେ କରେ,
"ଛୁଅଁ ନା, ଛୁଅଁ ନା" ବୋଲି ତପସ୍ୱିନୀ
କହୁଁ କହୁଁ ଡରତରେ ।
ଚାହିଁ ତପସ୍ୱିନୀ- ଯୁଗଳ ବିସ୍ମୟେ
ବଷ୍ଟିଲେ ଦେଇ ହସ୍ତ,
ଉଭୟ ହୃଦୟ ଭରି "କି ହେଲା, କି ହେଲା"
ବୋଲି ହେଲେ ମହାବ୍ୟସ୍ତ ।
ନୃପତି ବୋଇଲେ, "କସ ହେଲା କାହିଁ-
ପାଇଁ ଏତେ ଉଦବେଗ,
ମୋ ହାତେ ପଡ଼ିଲେ ଶିଶୁ-ରତନର
ମଙ୍ଗଳେ ହେବ କି ଭଗ୍ନ ?"
ତାପସୀ ବୋଇଲେ, "ଅମଙ୍ଗଳ କଲୁ
ନାହିଁ ଶିଶୁରତନର,
ପିତା ବିନା ଅନ୍ୟ- ହସ୍ତକୁ ଗଲେ ତା
ହୋଇଥାଏ ବିଷଧର ।
ନିଜେ ଶିଶୁ ଅବା ଜନନୀ ତାହାର
କରିପାରେ ତା ଗ୍ରହଣ,
ଅନ୍ୟ ଲୋକ ତାହା ଗ୍ରହଣ କରିବା
କେବଳ ମୃତ୍ୟୁବରଣ ।
ଜାତକର୍ମବେଳେ ଶିଶୁ କରେ ଦେଇ-
ଥିଲେ ତା ବାସବ ପିତା,
ଅଶୁଭ-ନାଶନ ସୁର ମହୌଷଧି
ନାମ ତା 'ଅପରାଜିତା' ।"

ନୃପତି ବୋଇଲେ, "ଅନ୍ୟ କରେ ଯାଇ
ପ୍ରାଣ ବାଞ୍ଛିଛି କି କାର ?"
ତାପସୀ ବୋଇଲା, "ଅରେ ନୃପେ ତାହା
ଘଟିଅଛି ବହୁବାର ।"
ନୃପତି ଶୁଣିଲେ, "ଏତେ ସମାଚାରୁ
ଆଉ କି ଅଛି ସନ୍ଦେହ,
ନିଶ୍ଚୟ ବାଳକ ମୋହୋ ପ୍ରଣୟିନୀ
ଶକୁନ୍ତଳାର ତନୟ ।"
"ମୋ ପୁତ୍ର, ମୋ ପୁତ୍ର" ବୋଲି ବାଳକକୁ
ଧରି କଲେ ଆଲିଙ୍ଗନ,
ଆନନ୍ଦ-ଜନିତ ଲୋତକେ ବେନିଙ୍କ
ତିନ୍ତିଗଲା ଅଙ୍ଗନ ।
ବାଳକ ବୋଇଲା, "ଗୁରୁ, କାହିଁ ଆସି
ଏମନ୍ତ ଧୁଅ ମୋ କଣ୍ଠ,
ତୁମ୍ଭେ ନୁହ ମୋର ଜନକ, ମୋ' ପିତା
ଦୁଷ୍ମନ୍ତ ଧରିତ୍ରୀ-ଶ୍ରେଷ୍ଠ ।"
ବାଳକ ଆପତ୍ତି ନ ଶୁଣି ନୃପତି
ଚୁମ୍ବ ଦେଲେ ବାରମ୍ବାର,
ତା ଶୁଣି ବାଳକ, ଶୁଣି ତାପସୀଏ
ମଣୁଥାନ୍ତି ଚମତ୍କାର ।
ଆନନ୍ଦ ଭରରେ ଆନନ୍ଦ ନୃପଙ୍କ
ହୃଦପୁରେ କଲା ନୃତ୍ୟ,
ମନ ସହିତରେ ଜୀବନ ଲକ୍ଷ୍ମୀ
ହୋଇଗଲେ କୃତକୃତ୍ୟ ।
ତାପସୀଏ ଯାଇ କହିଲେ ସେ କଥା
ସବୁ ଶକୁନ୍ତଳା ପାଶ,
ଶକୁନ୍ତଳା ଆଶା ସହ ସନ୍ଦିହିତ
ନ ହେଲା କାହୁଁ ବିଶ୍ୱାସ ।
ଶକୁନ୍ତଳା ଅସି ଦୂରେଣେ ଦେଖିଲା
ପୁତ୍ର ଅଛି ପିତା-ଅଙ୍କେ,
ରଞ୍ଜିଗଲେ ହର୍ଷ- କମଳ-ମଣ୍ଡିତ
ଶ୍ରମ-ବିଷାଦ-ପଙ୍କେ ।
ଚକିତେ ବସ୍ତୁତେ କୁମାର ବୋଇଲା
ଜନନୀ-ବଦନ ଚାହିଁ,
"ମା ଗୋ, ଏହି ଲୋକ ପୁତ୍ର ବୋଲି ମୋତେ
ଧରୁଛନ୍ତି କାହିଁ ପାଇଁ ?
ବାରମ୍ବାର ମୋତେ କୋଳ କରୁଛନ୍ତି
ଦେଉ ନାହାନ୍ତି ମୋ' ମନା,
ଦେଖ ତ କାହିଁକି ହୋଇ ଯାଉଛନ୍ତି
ଏମନ୍ତ ଉନ୍ମନା ?"
କହି କହି ଶିଶୁ ଏକ କର ନେଇ
ଧଇଲା ଜନନୀ-କର,
ଅପର ହସ୍ତଟି ଧରିଥିଲା ସ୍ନେହ-
ବନ୍ଧନେ ନରପତିଙ୍କର ।
ନ ଦିଏ ନୃପତି- କହୁଁ କର ଶିଶୁ
ନ ଛାଡ଼େ ଜନନୀ-କର,
ଆକର୍ଷଣେ ଦୁଃଖ ଟଳି ମୁଖ ଦୁଇ
କଣ୍ଠେ ଦେଲା ଦୁହିଁଙ୍କର ।
କେହି କାହା କଥା କହିବାକୁ ଆଉ
ହେଲା ନାହିଁ ଅବସର,
ଭଗୀରଥ ହୋଇ ମିଳାଇଲା ଶିଶୁ
ସୁରଧୁନୀ ରତ୍ନାକର ।
କୁମର-ବଚନେ ଶକୁନ୍ତଳା ପ୍ରାଣେ
ହୋଇଗଲା ସୁଧାସ୍ନାତ,
କାନ୍ତ-ଦରଶନେ ପୁଲକ ଛଳରେ
ପ୍ରେମାଙ୍କୁର ହେଲା ଜାତ ।
ହାସ ତା ଅଧରେ ନ ଫୁଟି ବଦନେ
ସେନେହ ହେଲା ସଞ୍ଚରିତ,
ନବୀନ ମୁଦ୍ରିତ- ଜଳ ବାହାରକୁ
ହୁଏ ଯଥା ପ୍ରସାରିତ ।
ଲୁଟିଥିଲା ବାମା ମାତା ଲାଗି ତାର
ପଡ଼ିଛି ପତି-ଚରଣ,
ପଞ୍ଚ-ହେମ ହାର ଦର୍ଶନେ ଲଜ୍ଜାସେ
ଥାଏ ତହିଁ ଅନ୍ତରେ ।
ମନେ କରୁଥାଏ ପ୍ରଣୟ-ପାଳନେ
ହୋଇଛନ୍ତି ନିଜେ ଅକ୍ଷମା,
ପତି-ଦରଶନ ଲଭିଲେ ଚରଣେ
ଜନମେ ମାଗନ୍ତା କ୍ଷମା ।

ରାଜା ଯାଉଥିଲେ ପ୍ରେମ-ମୁରତିକି
ହୃଦୟ-ପିଞ୍ଜରେ ଆଣି,
ନ ଯାଇ ଧରମ ଲଙ୍ଘି ନିଜେ ହୋଇ-
ଛନ୍ତି ମହା ଅପରାଧୀ ।
କେଉଁ କଥା କହି କେମନ୍ତେ ଖାଳିବ
କହିଲେବି ନିଜ ଦୋଷ,
ଅଙ୍ଗୁରୀୟ ଲାଗି କଥା କହିଲେ କି
ଜନ୍ମିବ ପ୍ରିୟାର ତୋଷ ?
ଛଅ ବରଷରେ ବିରହ-ସାଧନା
କେଉଁ ଆଡ଼େ ଗଲା ଉଡ଼ି,
ପ୍ରେମୀର ମୁଖ ଦେଖି ଦୁଃଖାନ୍ତ-
ପାରାବାରେ ଗଲେ ବୁଡ଼ି ।
କୁମାର-ଚନ୍ଦ୍ରମା ତାଙ୍କ ଉଲ୍ଲାସେ
ବଢ଼ାଇ ଦେଉଛି କର,
ଲହରୀ ଉପରେ ଲହରୀ ଖେଳିଲା
ଦମ୍ପତି-ସୁଖ ସାଗର ।
ଉଭୟ ଦମ୍ପତି- ଉତ୍ତମ ହୃଷ୍ଟ ମୂର୍ତ୍ତି
ଦିଶେ ହୋଇଲେ ପୁଲକିତ,
ଫୁଟିଗଲା ଫୁଲ- କଳିକା, ଛୁଟିଲା
କୁସୁମ ସୌରଭ ସ୍ଫୁରିତ ।
ନବନି ଆନନ୍ଦେ ବିହଙ୍ଗମଗଣ
କଲେ ମଧୁମୟ ଗାନ,
ସୁନ୍ୟପାନ ଛାଡ଼ି ଆନନ୍ଦେ ନାଚିଲେ
ହରିଣ-ଶାବକମାନ ।
ଏମନ୍ତ ସମୟେ ସୁରସୁର-ଗୁରୁ
ହୋଇଲେ ତହିଁ ଉଦିତ,
ଚରଣେ ତାଙ୍କର ପଡ଼ିଲେ ଉଭୟେ
ମସ୍ତକ ନତ କରି ସ୍ତୁତ ।
ଋଷି ମହାମୁନି ଆଶିଷିଲେ, "ତୁମ୍ଭ
ସନ୍ତାପ ଶେଷ ହେଉ ଯିବ,
କୁମର-ରତନ ହେଉ ତୁମ୍ଭ କୁଳକ
ବୁଦ୍ଧିଶୀଳ-କ୍ଷେତ୍ରମୟ ।
ଇନ୍ଦ୍ରସଭା-ଦେବାଦି ଉଦୟ ଭୂଧର
ମଣ୍ଡିଅଛି ଧରଣୀ,
ନାଶ ହେଲା ତୁମ୍ଭ ବିଷାଦ-ତିମିର-
ଅଭୂତ-ଶୋକ-ରଜନୀ ।"
ଶାଦରେ ସଙ୍ଗେ ମହାମୁନି ତାଙ୍କୁ
ନେଇ ଅଦିତିଙ୍କ ପାଶ,
କଲେ ଶକୁନ୍ତଳା- ପତି-ନୃପତିଙ୍କ
ପରିଚୟ ପରକାଶ ।
ପତ୍ନୀ-ପୁତ୍ର ସହ ବନ୍ଦନ୍ତେ ଭୂପତି
ବନ୍ଦିଲେ ଅଦିତି-ପାଦ,
ଅଦିତି ତାହାଙ୍କୁ ଆନନ୍ଦ ମଧୁରେ
ଦେଲେ ଶୁଭ ଆଶୀର୍ବାଦ ।
ଦଳ ଦଳ ଆସି ଦେଖିଲେ ନୃପଙ୍କୁ
ତାପସ-ତାପସୀଗଣ,
କେହି ଘୃଣା, କେହି ନର ବୋଲି ତାଙ୍କୁ
କଲେ ଏତେକ ଭର୍ତ୍ସନ ।
ନୃପତିଙ୍କି ସ୍ୱତ୍ୱ କଶ୍ୟପ ବୋଇଲେ,
"ନ କରିବ ଅନୁତାପ,
ତୁମ୍ଭ ସ୍ମୃତି-ଲୋପ କରି ଦେଇଥିଲା
ଦୁର୍ବାସା ମୁନିଙ୍କ ଶାପ ।
ଉଦ୍ଧାରିତ ହୋଇ- ଅଛି ମୁଣି ସ୍ମୃତି
ସେହିଁ ଅଙ୍ଗୁରୀୟ ବଳେ,
ଶକୁନ୍ତଳା ସ୍ନାନ- କାଳେ ଖସିଗଲା
ତାହା ଶଚୀତୀର୍ଥ-ଜଳେ ।
ତୁମ୍ଭ ସ୍ପର୍ଶ ତାର ମନ ରହିଥିଲା,
ତୁମ୍ଭ ଚରଣ ଥିଲା ଧ୍ୟାନ,
ଅଙ୍ଗୁଳି ମୁଦ୍ରିକା ଜଳେ ପଡ଼ିବାରୁ
ସ୍ମୃତି ନ ରହିଲା ଜାଣ ।
ଜଳେ ଗିଳିଥିଲା ମୀନ ତା ଆହାର
କରିବା ଉଦ୍ଦେଶେ ଜଳୁ,
ଧୀବର ସେ ମୀନ ମାରନ୍ତେ ମୁଦ୍ରିକା
ତୁମ୍ଭ ସମୀପକୁ ଗଲା ।
ଶକୁନ୍ତଳା-ମାତା ଦୁହିତା ବିରହ-
ସମୟୁ ଦେବେଶ ପୁଣି,
ଦୁହିତାଙ୍କୁ ଆଣି ଦେଇଥିଲା ଆମ୍ଭ
ଆଶ୍ରମ ରଖିବା ପାଇଁ ।

ଦେଖୁଛ ତ ଏହି ସ୍ଥାନର ବିଭବ,
ଏଥି ନାହିଁ ଶୋକ ତାପ,
ତୁମ୍ଭ ବ୍ୟବହାରେ ହୋଇ ନାହିଁ ମଧ୍ୟ
ସତ୍ୟ ବ୍ରତ ଅପଲାପ ।
ଅତ୍ୟନ୍ତ ଘୋର ଅନୁଭାବେ ତୁମ୍ଭ
ମହିମା ଯାଇଛି ବଢ଼ି,
ତାହା ଯୋଗୁଁ ତୁମ୍ଭେ ଅବନୀର ପାପ-
ପଙ୍କ ଯାଉଅଛି ସଢ଼ି ।
ଧନ୍ୟ ତୁମ୍ଭ ଜନ ଯାଅ ଏବେ ସୁଖେ
ଅବନୀ ପାଳନ କର,
ତୁମ୍ଭ ପରି ଯେତେ ନରେନ୍ଦ୍ର ଅବନୀ
ଅଛି ଦୁଃଖ-ଜରଜର ।"
ଧର୍ମଙ୍କୁ-ପ୍ରଣାମ କରି ନରପତି
ମହର୍ଷି-ଦମ୍ପତି-ପଦେ,
ପୁଣି ସୁଖ ସହ କଲ୍ମଷ ଦୂର ହେଲା
ଚଳିଲେ ସେ ଆଶ୍ରମପଦେ ।
ତହିଁ ରଥେ ବସି କୁମରମଣିଙ୍କ
କୋଳେ ବସାଇଲେ ନେଇ,
ପାଟେ ବସାଇଲେ ବଞ୍ଚିତପତିଙ୍କ
କର-ପଦ୍ମ କରି ଦେଇ ।
ମାତଳି-ଚାଳନେ ବାସବ-ସ୍ୟନ୍ଦନ
ମୁହୂର୍ତ୍ତ ମଧ୍ୟରେ ଆସି,
ହସ୍ତିନା ନଗରେ- ରାଜଦେଶେ ଦେଲା
ଦିବ୍ୟ ଶୋଭା ପରକାଶି ।
ପୁରବାସିଗଣ ହର୍ଷେ ଜୟନାଦେ
ଗଗନ କମ୍ପିତ କଲେ,
ମାତଳି ବିଦାୟ କରି ନରବର
ଅନ୍ତର୍ଭବନକୁ ଗଲେ ।
ପାଟରାଣୀ ହେଲେ ଶକୁନ୍ତଳା, ତାଙ୍କ
ପୁଅ ହେଲେ ପାଟରାଜା,
ଦଶ ଦିଗନ୍ତରେ ବାଜିଗଲା ପୁଣ୍ୟ-
ବର୍ଣ୍ଣିଙ୍କ ଦୁନ୍ଦୁଭି-ବାଜା ।
ଏକଛତ୍ର ହେଲେ ନୃପତି-ଦମ୍ପତି,
ଚିନ୍ତା ମାତ୍ର ଥିଲା କାହିଁ,
ସ୍ମିତ ଦିଆ କରୁଥିଲା ଜୀବନକୁ ସଦା
ଦେବୀ ପ୍ରଣୟ-ଛାଇ ।

# କୀଚକ ବଧ

# ଭୂମିକା

"ପ୍ରଜାବନ୍ଧୁ"ର ସମ୍ପାଦକ ଶ୍ରୀଯୁକ୍ତ ବାବୁ ଗଳମଣି ବଧ୍ୟାରଙ୍କ ଉତ୍ତେଜନାରେ ଏହି କ୍ଷୁଦ୍ର ଗ୍ରନ୍ଥ ରଚିତ ହୋଇ ପାଣ୍ଡୁଲିପି ପ୍ରଥମରେ କବିବର ଶ୍ରୀଯୁକ୍ତ ରାୟ ରାଧାନାଥ ରାୟ ବାହାଦୁରଙ୍କ ନିକଟକୁ ପ୍ରେରିତ ହୋଇଥିଲା । ରାୟ ମହୋଦୟ ସେ ସମୟରେ ବର୍ଦ୍ଧମାନ ବିଭାଗର ସ୍କୁଲ ଇନ୍‌ସ୍‌ପେକ୍‌ଟରୀ କାର୍ଯ୍ୟରେ ହୁଗୁଳୀରେ ଅବସ୍ଥାନ କରୁଥିଲେ । ସେ ନିଜର ଅଶେଷ କାର୍ଯ୍ୟ ସତ୍ତ୍ୱ ବିଶେଷ ପ୍ରଣିଧାନପୂର୍ବକ ଆଶାତୀତ ସ୍ୱଳ୍ପ ସମୟ ମଧ୍ୟରେ ଗ୍ରନ୍ଥର ଆମୂଳଚୂଳ ଦେଖି ନିଜର ମତ ବ୍ୟକ୍ତ କରିବାଦ୍ୱାରା ଗ୍ରନ୍ଥକାରଙ୍କୁ ଚିରକୃତଜ୍ଞତାପାଶରେ ବଦ୍ଧ କରିଅଛନ୍ତି । "ପ୍ରଜାବନ୍ଧୁ"ର ଓ "ପ୍ରଜାବନ୍ଧୁ"ରେ ପ୍ରକାଶିତ କବିବର ରାୟ ମହୋଦୟଙ୍କର ମନ୍ତବ୍ୟ ପାଠକରି ମାନନୀୟ ଶ୍ରୀଯୁକ୍ତ ମଧୁସୂଦନ ଦାସ, ଏମ୍. ଏ. ସି. ଆଇ. ଇ. ମହୋଦୟ ସ୍ୱପ୍ରକର .ମୁଦ୍ରଣ-ବ୍ୟୟ ଦାନର ଅଙ୍ଗୀକାର କରିବାରୁ ଗ୍ରନ୍ଥ ପ୍ରକାଶିତ ହେଲା । ଏଥିନିମିତ୍ତ "ପ୍ରଜାବନ୍ଧୁ"ର ସମ୍ପାଦକ ଏବଂ ଦାସ ମହୋଦୟଙ୍କ ନିକଟରେ ଗ୍ରନ୍ଥକାର ନିଜର ଆନ୍ତରିକ ଗଭୀର କୃତଜ୍ଞତା ଜ୍ଞାପନ କରୁଅଛି ।

କବିବରଙ୍କ ମନ୍ତବ୍ୟ ଦେଖିବାକୁ କୌଣସି କୌଣସି ପାଠକଙ୍କର କୌତୂହଳ ଜାତ ହୋଇପାରେ । ସେହି କୌତୂହଳନିବୃତ୍ତି ଏବଂ ଗ୍ରନ୍ଥର ଗୌରବବୃଦ୍ଧି ନିମିତ୍ତେ ଉକ୍ତ ମନ୍ତବ୍ୟ ଗ୍ରନ୍ଥର ପୁରୋଭାଗରେ ମୁଦ୍ରିତ ହେଲା । ଗ୍ରନ୍ଥ ପ୍ରତି ସାଧାରଣଙ୍କ ଆଗ୍ରହ କିଞ୍ଚିତ୍ ଆକର୍ଷିତ ହେଲେ ଗ୍ରନ୍ଥକାର ଚରିତାର୍ଥ ହେବ ।

ସମ୍ବଲପୁର,
ତା ୧୧ । ୫ । ୧୯୦୪ .

ବିନୀତ
ଗ୍ରନ୍ଥକାର

# ମନ୍ତବ୍ୟ

"କୀଚକ-ବଧ" ମହାଭାରତର ଗୋଟିଏ କୌତୁକାବହ ଏବଂ ଶିକ୍ଷାପ୍ରଦ ଆଖ୍ୟାନ । ଓଡ଼ିଆ-ସଂସାରରେ କି ଶିକ୍ଷିତ, କି ଅଶିକ୍ଷିତ, କି ପୁରୁଷ, କି ସ୍ତ୍ରୀ ପୁସ୍ତକଦ୍ୱାରା ଏବଂ ଗୀତଦ୍ୱାରା ଏ ଆଖ୍ୟାୟିକାର ବିବରଣ ପ୍ରାୟ ସମସ୍ତେ ବିଦିତ ଅଛନ୍ତି । ଏହି ପ୍ରାଚୀନ କାହାଣୀକୁ କବି ଗଙ୍ଗାଧରଙ୍କର ରସମୟୀ ଲେଖନୀ ସମ୍ପୂର୍ଣ୍ଣ ନୂତନ ମୂର୍ତ୍ତିରେ ସାଧାରଣଙ୍କ ସମ୍ମୁଖରେ ଉପସ୍ଥାପିତ କରିଅଛି । ପୁରାତନରେ ନୂତନତା ଏବଂ ଅନୁକୃତରେ ମୌଳିକତା ପ୍ରଦର୍ଶନ କରିବାର ପ୍ରତିଭାର ସର୍ବ-ପ୍ରତିପାଦିତ ଅଧିକାର ଅଛି । ଏ ସମ୍ବନ୍ଧରେ କବି ଗଙ୍ଗାଧର ଯେପରି ଶକ୍ତିମତ୍ତା ଦେଖାଇଅଛନ୍ତି, ତାହା କି ପ୍ରାଚୀନ କି ଆଧୁନିକ ଯେ କୌଣସି ଉତ୍କଳୀୟ କବିଙ୍କ ପକ୍ଷରେ ଗୌରବାବହ ହୁଅନ୍ତା !

ଗଙ୍ଗାଧର ଉଚ୍ଚ ଶ୍ରେଣୀର କବି । କି ବହିଃପ୍ରକୃତି କି, ଅନ୍ତଃପ୍ରକୃତି ଉଭୟର ଦୃଶ୍ୟପଟ ଚିତ୍ରାଙ୍କନରେ ଗଙ୍ଗାଧର ସିଦ୍ଧହସ୍ତ । ଗ୍ରନ୍ଥାଧ୍ୟୟନ କରି ଲୋକେ ପଣ୍ଡିତ ହୋଇପାରନ୍ତି; ମାତ୍ର କବି ହେବାକୁ ହେଲେ କେବଳ ଗ୍ରନ୍ଥାଧ୍ୟୟନ ପର୍ଯ୍ୟାପ୍ତ ନୁହେଁ, ପ୍ରକୃତିଗ୍ରନ୍ଥାଧ୍ୟୟନ ମଧ୍ୟ ଅପରିହାର୍ଯ୍ୟରୂପେ ଆବଶ୍ୟକ । ଗଙ୍ଗାଧର ଯେତେବେଳେ ଯାହା ଲେଖନ୍ତି, ପ୍ରକୃତିକୁ ପ୍ରତ୍ୟକ୍ଷରେ ଦେଖି ଲେଖନ୍ତି । ଏହି ହେତୁରୁ ତାହାଙ୍କର ଉକ୍ତିଗୁଡ଼ିକ ଭାବପ୍ରଧାନ ନ ହୋଇ ବସ୍ତୁପ୍ରଧାନ ହୁଏ । ଏହାର ଭୂରି ଭୂରି ପ୍ରମାଣ ତାହାଙ୍କ ରଚନାରେ ସୁଲଭ । ତାହାଙ୍କର ପ୍ରଭାତବର୍ଣ୍ଣନା, ସନ୍ଧ୍ୟାବର୍ଣ୍ଣନା ଓ ଋତୁବର୍ଣ୍ଣନା ପ୍ରଭୃତି ବହିଃପ୍ରକୃତିର ଆଲେଖ୍ୟଗୁଡ଼ିକ ଯେପରି ଉଜ୍ଜ୍ୱଳ ଏବଂ ମନୋହର, ତାହାଙ୍କର ମନୁଷ୍ୟ-ଚରିତ୍ର ଚିତ୍ର ମଧ୍ୟ ତଦପେକ୍ଷା କୌଣସି ଅଂଶରେ ହୀନକଳ୍ପ ନୁହେଁ ! "କୀଚକ-ବଧ"ରେ କୀଚକର ଐଶ୍ୱର୍ଯ୍ୟୋନ୍ମାଦସୂଚକ ଦାମ୍ଭିକତା ଏବଂ ଲମ୍ପଟତା, ବିରାଟନୃପତିର ଭୀରୁଜନସୁଲଭ କାତରତା, ସୁଦେଷ୍ଣା, ଦ୍ରୌପଦୀଙ୍କର ସେବାଧର୍ମର କର୍ତ୍ତବ୍ୟଜ୍ଞାନ ସହିତ ସାଧ୍ୱୀସୁଲଭ ଜାଗରୂକତା, ବୃକୋଦର ଅସଙ୍କୋଚିତ ସ୍ୱାର୍ଥକଦର୍ଥିତା, ସୁଦେଷ୍ଣାଙ୍କର ରମଣୀସୁଲଭ କୋମଳତା ଏବଂ ଧର୍ମଭୀରୁତା ସହିତ ଅଥଚ ଭ୍ରାତୃବତ୍ସଳତା କବିର ନୈପୁଣ୍ୟସହକାରେ ଚିତ୍ରିତ ହୋଇଅଛି, ସହୃଦୟ ପାଠକ ପାଠମାନେ ତାହା ବୁଝିପାରିବେ !

"ଇନ୍ଦୁମତୀ"ଦ୍ୱାରା ଯେଉଁ ପ୍ରତିଭୋନ୍ମେଷ ପ୍ରଭାତର ଆଦ୍ୟବେଳାରେ ବିକଶିତ ହୋଇ ଉତ୍କଳୀୟ ସାହିତ୍ୟ-ସଂସାରକୁ ଆମୋଦିତ କରିଥିଲା, "କୀଚକ-ବଧ"ରେ ସେହି ପ୍ରତିଭା ପୂର୍ଣ୍ଣ ବିକାଶ ପାଇଥିବାର ପ୍ରତୀୟମାନ ହୁଏ ।

ଗଙ୍ଗାଧରଙ୍କର ଦୁର୍ଭାଗ୍ୟ, ସେ ଓଡ଼ିଶାରେ ଜନ୍ମଗ୍ରହଣ କରିଅଛନ୍ତି । ଅନନ୍ତ-ସୌନ୍ଦର୍ଯ୍ୟଭାଗିନୀ ପ୍ରକୃତିଦେବୀ ଏବଂ ପ୍ରକୃତିଦେବଙ୍କର ପଟ୍ଟପୁରୋହିତ ବ୍ୟାସ, ବାଲ୍ମୀକି ଯାହାଙ୍କର କଳ୍ପନାର ଚିରସହଚର, ଦୁଷ୍ଟର ଉଦରପୂର୍ତ୍ତି ସକାଶେ ଏକୁଆଳ, ଏକଡ଼ଣାଆ, ତେଆଣ, ଓଆରଣା ପ୍ରଭୃତିର ଜଟିଳ ସମସ୍ୟା ସମାଧାନ ତାହାଙ୍କର ବାସ୍ତବ ଜୀବନର ପ୍ରଧାନ ବ୍ୟବସାୟ ହୋଇଅଛି ।

ହୁଗୁଳି,
ତା ୧୨ । ୮ । ୧୯୦୩

ଶ୍ରୀ ରାଧାନାଥ ରାୟ

# କୀଚକ ବଧ

## ପ୍ରଥମ ସର୍ଗ

ବସନ୍ତ ନଗର ମଣି ମଧ୍ୟେ ମନୋହର,
ବସୁନ୍ଧରାରମା ରମାଦେବୀ-କେଶର ।
ବିପଣୀ ସକଳ ଶୁଭ୍ର-ସଉଧ-ମାଳିନୀ,
ରଜତ ରଚିତ ସମ ସୁଷମାଶାଳିନୀ ।
ଧବଳ ପ୍ରାସାଦମାନ ସ୍ୱର୍ଣ୍ଣକୁମ୍ଭ ଧରି,
ଶରତ ଜଳଦ-ଶ୍ରୀ ଚନ୍ଦ୍ରଦୀପ୍ତି ହରି ।
ବାରନାରୀ ଚଇ ଚର୍ଚ୍ଚି ସଜ୍ଜିତ ଆପଣେ,
ବିଚକ୍ଷଣ ଜନ-ମନ-ଧନ ଆକର୍ଷଣେ ।
ସୁଦୀର୍ଘ ଦେଖି ରାଜପଥେ ମନୋହର,
ପଙ୍କ୍ତି ଶିଷ୍ଟ ଧ୍ୱଜେ ସ୍ୱର୍ଣ୍ଣପଦ୍ମ ଝଲଝର ।
କୁଙ୍କୁମଚର୍ଚ୍ଚିତ ଶୋଭା ଦେଖି ବାମାକୁଳ,
ଶୋଭନ୍ତି ଭିତ୍ତିରେ ଲତା ଚାରିଚାର ଫୁଲ ।
ଯେସନ କମଳବଦନ କୋଣାର୍କ ମଣି,
ପୁରୀ ମନୋହର ପଥୀ ଦନ୍ତ ପଦ୍ମବନ ।
ଶଙ୍ଖ ଶୁଭ୍ର ଉଜ୍ଜ୍ୱଳ ଲୁଣ୍ଠିତବଦନ,
ଇନ୍ଦ୍ରଧନୁ ଭ୍ରମବନ୍ତ ବିଚିତ୍ର ତୋରଣ ।
ତୋରଣେ ରତନପୁଞ୍ଜ ଜଡ଼ିତ କନକ,
ସମୁଦ୍‌ଭାସିତ କରେ କରର ଜଳଜଳ ।
ଅନ୍ତଃପୁର-ଭିତ୍ତି ଅତି ରମ୍ୟ ଶୋଭାମୟ,
ରତ୍ନଭୂଷା ଭୂଷିତଳେ କରେ ତମ କ୍ଷୟ ।
ଭିତ୍ତିରେ ଜଡ଼ିତ ସ୍ୱର୍ଣ୍ଣ-ଶାଦମ-ପଟଳ,
ମାଣିକ୍ୟ କୁସୁମ ଇନ୍ଦ୍ରନୀଳର ଭ୍ରମର ।
ନବରତ୍ନ ସ୍ତମ୍ଭ ତଳେ ସ୍ୱର୍ଣ୍ଣବର୍ଣ୍ଣ ଦୀପର,
ତୋରକ ତୋଳିକ କାନ୍ଥି ଜଳଜଳ କରେ ।
ରତନଖଚିତ ସ୍ତମ୍ଭ ମନ୍ଦିରେ ଖଞ୍ଜିନ,
ହେମ ସ୍ତମ୍ଭ ରୌପ୍ୟ ପାଶ୍ୱେ ମାଣିକ୍ୟ-ରଞ୍ଜନ ।
ସ୍ୱର୍ଣ୍ଣସେତୁ ସରସୀରେ ସ୍ଫଟିକର ଜଳ,
ରଜତ-କୁମୁଦ ଇନ୍ଦ୍ରନୀଳ-ନୀଳୋତ୍ପଳ ।
ସ୍ୱର୍ଣ୍ଣ-ବରାଟକ ପଦ୍ମରାଗର କମଳ,
ମରକତ ପଦ୍ମନାଳ ମରକତ ଦଳ ।
ଜାମ୍ବୁନଦ ଚଞ୍ଚୁଚୟ ରୌପ୍ୟ ହଂସବଂଶ,
ରୌପ୍ୟବକ ନତମୁଖେ ଦେଖି ଗିଳି ଝଷ ।
କ୍ୱଚିତ ପୁଞ୍ଜ ସେଭିତବକ ସ୍ୱଦନ ଭିତର,
ନାଚନ୍ତି ଛତ୍ର-କଳସରେ ସ୍ୱଚ୍ଛ ସରୋବର ।
ମର୍ମର ପ୍ରସ୍ତରନ୍ତୁ ଦ୍ୱାର ଉଚ୍ଚ ଘାଟ,
ଉଚ୍ଚ ଉଚ୍ଚ ସ୍ତମ୍ଭ ଧବଳାଗ୍ର ସ୍ୱର୍ଣ୍ଣଗ୍ରାଦ ।
ରାଜଜାୟା-ସ୍ନାନମାନୀ ଦେବୀପ୍ରାୟ,
ଶୋଭିତ କରନ୍ତି ନିଖିଳ ଶୁଦ୍ଧାନ୍ତ ପ୍ରାଙ୍ଗଣ ।
ନିର୍ଝର-ଶୀକର-ସ୍ନାତ କାନନ ସୁନ୍ଦର,
ବକୁଳ କାନନ-ଭୂତ-ଚଳି ବନ୍ଦୀରଣ;
ଦୂରଶଣ, କଦର୍ଷିର ନିଃସ୍ୱନ ଥାନ ଥାନ,
ପୁଣ୍ଣଳ ଭଣ୍ଡାର, ନବପଲ୍ଲବ-ଲକ୍ଷଣ;
ଏ ସମସ୍ତ ସ୍ୱପ୍ନ ଥରେ ମେନକ ନ ସୁନ୍ଦର,
ସିଂହ ନଖ ଘଷି ମତି ଅଙ୍କୁଶକୁ ଡରି;
କମ୍ବୁ-ଗ୍ରୀବ ଦନ୍ତବନ୍ତ ଦନ୍ତାବଳଶ୍ରେଣୀ,
ବାସ୍ତୁ ବନଗାମୀ ଆସି ରାଜାଙ୍ଗନେ ଯେନି ।
ବାଜିରାଜି ବାଜିଶାଳେ ସୁନ୍ଦର ଚିକ୍କଣ,
ଚଳବ୍ୟସ୍ତ ଚରଣଦେଶେ ଅଙ୍ଗ ବିଚକ୍ଷଣ;

---

ବିପଣୀ—ବଜାର । ସଉଧ—କୋଠାଘର । ବାରନାରୀ—ବେଶ୍ୟା । ଆପଣେ—ଦୋକାନମାନ । ଧ୍ୱଜେ—ଝଲରେ । ବିରଚିତ—ପ୍ରସ୍ତୁତ । ତୋରଣ—ବହିର୍ଦ୍ୱାର, ଫାଟକ । ସମୁଦ୍‌ଦୀପିତ—ଦୀପ୍ତ । ଭିତ୍ତି—କାନ୍ଥ । ବଲ୍ଲୀ—ଲତା । ତୋରକ—କଡ଼ । ବରାଟକ—ପଦ୍ମର ମଞ୍ଜକୋଷ । ଜାମ୍ବୁନଦ—ସୁବର୍ଣ୍ଣ । ଝଷ—ମତ୍ସ୍ୟ । ରାଜଜାୟା—ରାଜରାଣୀ । ଶୁଦ୍ଧାନ୍ତପ୍ରାଙ୍ଗଣ—ଅନ୍ତଃପୁରର ଅଗଣା । ନିର୍ଝର-ଶୀକର-ସ୍ନାତ—ଝରଣା ଜଳକଣାରେ ଧୋଇ ହୋଇଥିବା । ପୀନ—ସ୍ଥୂଳ । ବାସ୍ତୁ—ହସ୍ତିଶାଳା ।

ଶ୍ରେଣୀ ଯାର ଦିଏ ବନ୍ଧ୍ୟ-ହୃଦୟେ କମ୍ପନ,
କରୁଥାନ୍ତି ସ୍ତବାକ୍ଷର ମଧୁର ମଣ୍ଡନ ।
ନୀଳ ରକ୍ତ ଅବଦାତ ଶବଳ ବରଣ,
ଲକ୍ଷ ଲକ୍ଷ ବିହଙ୍ଗିଏ ବନେ ସ୍ଵଚ୍ଛନ୍ଦ ।
ଶ୍ରେଣୀବଳୀ ବକବନ୍ତି ସୌରଭେୟ ପୃଷ୍ଠେ,
ନିଃଶଙ୍କେ ଦୃଷ୍ଟାନ୍ତି କରୁଥାନ୍ତି ବିଚରଣ ।
ବତ୍ସଗଣ ଉଚ୍ଚୈଃପୁଚ୍ଛ ହୋଇ ଉଦର,
ଧାବନ କୁର୍ଦ୍ଦନ କେଳି ରତ ନିରନ୍ତର ।
ନଗର ଚଉଦିଗରେ ରମ୍ୟ ଉପବନ,
ଦୂରର ଶ୍ୟାମଳତାକୁ ଚାହିଁ ଚକ୍ଷୁମଣି !
କାନ୍ତେ ଆଲିଙ୍ଗନ କରି ଶାଖା ଦେହରେ,
ନିଜ ନିଜ ତନୁ କରୁଥାନ୍ତି ଏକତର !
ବନତରୁ ଉନ୍ନତର ପଲ୍ଲବ-କର,
ବହୁତ୍ରିତ ହୋଇ ତୃଷ୍ଣା ଭୂମିରେ ସୁନ୍ଦର ।
ଅନନ୍ତ ମସୃଣ ଶଷ୍ପେ ମହୀ ଆଚ୍ଛାଦନ,
ଚନ୍ଦ୍ରମା-କିରଣେ କିବା ଶୋଭିତ ତେମନ ।
ରଜନୀ ଦିବସେ କିବା ବିକଶିତ ମଣି,
କିବା ପାର୍ଶ୍ୱ-ଜଳଧର ଦୃଶ୍ୟ ପୁଷ୍ପାବଳୀ ।
କିବା ଉର୍ଦ୍ଧ୍ୱ ବାହୁ ଯୋଗୀ ପାଦପେ ଘେର,
ଗୁହ୍ୟ ବନ୍ଦୀ ତନ୍ତୁ, ମୃଗଚର୍ମ ଆସନର ।
ଶ୍ୟାମ-ଆମ୍ରବନ ମଧ୍ୟେ ଧବଳ ନଗରୀ,
ବନ୍ଦୀ ହୃଦୁ ଶୋଭା ଧରିଥାନ୍ତି ଦେବପୁରୀ ।
ଅବନୀ ଖୋଷାରେ କି ସେ ଉଚ୍ଚ ପୁଲିନଟି,
କାଳନ୍ଦୀରେ ସ୍ତମ୍ଭୀଭୂତ ହଂସଶ୍ରେଣୀ ଅବା ।
ବନ ମଧ୍ୟ ନାନା ଜାତି ପକ୍ଷୀ ଦଳ ଦଳ,
ମଧୁମସ୍ତ କୋଳାହଳେ କରନ୍ତି ଚଞ୍ଚଳ ।
ଖଗଗଣ ଚଳୁଥାନ୍ତି ବିବିଧ ବରଣ
ଦୃଷ୍ଟିପଥେ କରେ ପ୍ରୀତି-କୁସୁମ ବର୍ଷଣ ।
ପ୍ରସାରିତ ଜଳ୍ପନା ପରି କେଉଁ ଠାରେ ଥରେ,
ଛୁଇଁ ଦେଲେ ଉଡ଼ ପୁଣି ବସଇ ବୃକ୍ଷରେ ।
ପଶୁବଧୂ-ବକ୍ଷ ଦୃଷ୍ଟି ମୋହନ ଶୋଭା ବନ୍ଧ
ବସନ୍ତି ଗଭୀରେ ଦେଇ ଚର୍ଷେ ଲଭି ମଣ୍ଡ ।

ଦେ ଚେଷ୍ଟାନଳରେ ଥରେ ସ୍ଥିର ରହେ ଥରେ;
ପ୍ରୀତି-ପ୍ରସାରିତ ସ୍ନିଗ୍ଧବାୟୁ-ସାଗରେ ସନ୍ତରି !
ଯାଉଥାଏ ଏକ ପୁଣି ଆସୁଥାଏ ଲକ୍ଷ,
ଦେଉଥାଏ ଥରେ ଥରେ ସ୍ଵର-ଗତି ଶିକ୍ଷ ।
ତରଙ୍ଗିତ ଭଙ୍ଗୀ ଦେଇ କେତେବେଳେ ଯାଏ,
କେତେବେଳେ ଉର୍ଦ୍ଧ୍ୱ କେତେବେଳେ
ନିମ୍ନ ଥାଏ ।
କୁମାର କୁମାରୀଗଣ ଶାଖା ଲମ୍ବାଇ,
ଦୋଳନ୍ତି ମଧୁର ଗୀତ ସ୍ଵରେ ଗୀତ ଗାଇ ।
ବନଦେବୀ ପ୍ରୀତି ବନ୍ଧ୍ୟ ସେ ମଧୁର ଗାୟନ,
ମିଶାନ୍ତି ନିଜର ମନ୍ଦ୍ର ଭାବ ଦେବ ତାନେ ।
ପ୍ରଭା ଦେଉଳ ଦେଖାଇ କାନ୍ତି କୁଞ୍ଜପାଦପଗଣ,
ତହୁଁ ପୂଜା କରୁଥାନ୍ତି ଚତୁର୍ଦ୍ଦିଗବର୍ଣ୍ଣ ।
ଶ୍ୟାମକାନ୍ତିବନ ମଧ୍ୟେ ସର ପୁଷ୍କରାଦିକ,
କାନନଲକ୍ଷ୍ମୀର ଯେହ୍ନେ ହୃଦୟ ଫଳକ !
ନିଦାଘର ସ୍ଵପ୍ନ ପର କୁମୁଦ ବନରେ,
କମଳଦଳନ ଯେବେ ହସଇ ଦିନରେ ।
ତାଙ୍କ ସ୍ଵର୍ଣ୍ଣ ପଦ୍ମହାର କଣ୍ଠୀଏଠାରେ ଧରେ,
ଶିର ଉଚ୍ଚ ବୃନ୍ତହାର ଦେଖିନ ପ୍ରଭାତରେ ।
ପାଇ ମଣିଗଣ ନବବଧୂବଧୂଙ୍କ ସଙ୍ଗ,
ପ୍ରେମ ଆଲିଙ୍ଗନ କରେ ବଢ଼ାଇ ତରଙ୍ଗ !
ମଜ୍ଜମାନ ଗଜକୁଳ ଆନନ୍ଦ-ଗର୍ଜନ,
(ବଲ୍ଲକୀରେ ବଂଶୀର ପ୍ରତିଧ୍ୱନିତ କାନନ;)
ଗାନରସ ମଧୁପାନେ ମଧୁପ ଗୁଞ୍ଜନ,
(ମଦନବଧୂର ଯେହ୍ନେ କଙ୍କଣ-ନିକ୍ୱଣ; )
କିବା ମୁଗ୍ଧବଧୂ ମୃଦୁ ମଧୁର ବଚନ,
ଜଳଚର ଖଗଙ୍କର କଳକଳ ସ୍ଵନ ।
ଏ ସକଳ ଶୁଣେ କର୍ଣ୍ଣ ପୀୟୂଷ-ବରଷୀ,
ସଙ୍ଗୀତରେ ରତ ଥାଏ ସତତ ଧରଣୀ ।
ବ୍ୟାଜମାନ ମଧୁବାର କମଳ ଉପର,
ପ୍ରେମ-ଅଶ୍ରୁକଣା ଭାର ତାମରସନେତ୍ରର ।
ସନ୍ଧ୍ୟାସ୍ତୁ ଦିଗଙ୍ଗନା ଚନ୍ଦ୍ର ପରି ଦନ୍ତ ଧାର,
ସିନ୍ଦୂର-ଲଲାଟ ଗଜଦଳର ସଞ୍ଚାର ।

ଅବଦାତ—ଶୁକ୍ଳ । ସୌରଭେୟ—ଷଣ୍ଢ । ମଧୁବାର—ସୁବାସିତ ଅମ୍ବୁ । ତାମରସ—ପଦ୍ମ ।
ବଲ୍ଲକ—ବଂଶୀ । ନିକ୍ୱଣ—ଝଙ୍କାର ଶବ୍ଦ । ମୁଗ୍ଧବଧୂ—ନୂଆ ବୋହୂ ।

ଘୁଞ୍ଚି ଦେଲା ତହିଁ ମଣି ସନ୍ଧ୍ୟା ଆଗମନ,
ବସନ୍ତ ବଦନେ ସ୍ପର୍ଶି ପ୍ରିୟାର ବଦନ ।
ଦେଖାଇଣ ଇନ୍ଦୁ ସ୍ପର୍ଶି ସ୍ପର୍ଶି ଭ୍ରମ ଦୂର କରେ,
ବିଳାସର ହ୍ରିୟା ସଙ୍ଗେ ବିଶ୍ରମ୍ଭପ୍ରେମରେ ।
ଏସବୁ ସୌନ୍ଦର୍ଯ୍ୟ ସୁଖ ଉପେକ୍ଷିତ କରି,
ବିଳସନ୍ତି ସେ ନଗର ନାଗର ନାଗରୀ ।
ସମ୍ପଦଦୋଳାରେ ଦୋଳି ବର୍ଦ୍ଧି ସ୍ୱଜନ,
ତୁଷ୍ଟ କରୁଥାନ୍ତି ସ୍ୱଜନାର୍ଥୀ ସମ୍ପାଦନ ।
ଲକ୍ଷ ନରପତିଙ୍କର ଶିରୋରତ୍ନମଣି,
ଶୋଭୁଥିଲା ଯା ଚରଣ ପୂଜା-ପଦ୍ମ ସାଜି ।
ସତ୍ୟବୀର ସ୍ୱୟମ୍ଭୂରି ଭକ୍ତ ନାମ ଧରି,
ସ୍ୱଜସ୍ୱସମ୍ପଦରୂପେ ପୂଜ୍ୟ ଥାନ୍ତି ତହିଁ ।
ବିଚଳିତ ଶିତଭୃଙ୍ଗ ସାର ଶିଶୁଲତେ,
ବିଳସନ୍ତି ଉଣରଙ୍ଗ-ବନ ଗାଉ ଗୀତ ।
ଧରଣୀ କମ୍ପାଇ ଭ୍ରମ ଗଦା ଦେଖି ଯାର,
ଭୂକମ୍ପନ ହୋଇଥାନ୍ତି ଗଜ-ସୂତ୍କାର ।
ଧୂର୍ଜଟି ଯା କର୍ଣ୍ଣେ ଦେଖି ତୋଷେ ଦେଲେ ବର
ଯେ ପ୍ରାଣବାନକ ଦନ୍ତୁଟ ଦେବେବର;
ପୁରନ୍ଦର-ବଦନସ୍ତୁ କମ୍ପ-ନିବର,
ଅନନ୍ତକୁ ଥାନ୍ତି ତର୍ଜି ହାଇ ବର୍ଣ୍ଣବାର ।
ଅଦ୍ରିଗ-କୁମାର ଦମ ମାର୍ଗୀ-ଦୃଢ଼ଦେହ,
ତୋଷୁଥିଲେ ଯେତେ ଠାକ ଦିବ୍ୟଦେହ ହସ୍ତ ।
ତାମ୍ରବ-ତୁମ୍ବୁରୁ-ଚନ୍ଦ୍ରନ-ବାଳାଦିନ,
କଟାକ୍ଷଙ୍କର ମାଳା-କନକ-ଚୂର୍ଣ୍ଣ;
ଚିତ୍ରିତ ପ୍ରିୟାତ ତହିଁ ଥାନ୍ତି ତାଙ୍କଠାରେ,
ଅଳଙ୍କୃତ ସଜ ଅବରୋଧ ତାଙ୍କୁ ଦେଇ ।

## ଦ୍ୱିତୀୟ ସର୍ଗ

ବସନ୍ତ ବିଜୟ ବାରତା
ପ୍ରଚାରିଲ ଭୁବନକ,
ତାଦୃଶ-ଆନନ୍ଦ ଘଟରେ
ଅଳଙ୍କୃତ ପଠନେ ।
ଉଦ୍‌ବସନ କର୍ଣ୍ଣେ ପଡ଼ିଲା
ଋତୁ-ସମ୍ରାଟ-ଘଣ୍ଟା,
ଗମିଲେ ସରଳ ପଥରେ
ତେଜ ଦକ୍ଷିଣା ଆଶା ।
ଶିଶିର ନାଶଇ ଚହ୍ନ୍ଗା
ଘନ ରବିଙ୍କି ଭାଜନ,
ଏଣୁ ଚନ୍ଦ୍ର ଚଣ୍ଡ କାନନରେ
ଲବ ଉହ୍ମଲ ଶବସ ।
ଶିଖ ଦାନ୍ୟ ହେଲା ପ୍ରସନ୍ନ
ତହିଁ ଭାଗ ଧରେବ
ଜାଳିଦିଲେ ମନ୍ତ୍ରୀ-ଦ୍ୱାରସ୍ଥ
ଭେଦ୍ୟ ପ୍ରକ୍ଷ-ବାଉଦେ ।
୧ ଗନ୍ଧ-ମନ୍ଦାକ-କୁଟ୍ଟଳର
କ୍ଷୀଣ ଥିଲା ବାଦର,
୨ ଫୁଲାଇଲା ମୁଦିବ ଗନ୍ଧର
ମୁଖ କରି ଦ୍ୱାରରେ ।

କୋକ—ଚକ୍ରବାକ ପକ୍ଷୀ । କଳ—ଛଦ୍ମବେଶୀ ବ୍ରାହ୍ମଣ । ଧୂର୍ଜଟି—ମହାଦେବ ।
ନରପତିସ୍ତବକ—ଅନିର୍ଦ୍ଦେଶ୍ୟ । ବର୍ଣ୍ଣବର—ରାଜାଙ୍କ ଅନ୍ତଃପୁରରେ ଥିବା ନପୁଂସକ ।
ଘୋଟକ—ଘୋଡ଼ା । ସୈରିନ୍ଧ୍ରୀ—ପରଗୃହସ୍ଥିତ ସ୍ୱବଶା ଶିଳ୍ପକାରିଣୀ । ଅବରୋଧ—ଅନ୍ତଃପୁର ।
ପରଭୃତ—କୋକିଳ । ଦକ୍ଷିଣ ଆଶା—ଦକ୍ଷିଣଦିଗ । ଦକ୍ଷିଣା—ଦୁର୍ଭୋଜନୀୟକ ।
୧ । ସୂର୍ଯ୍ୟ ଦକ୍ଷିଣାୟନ ସମୟରେ ଲଙ୍କ ଦେଶରେ ତିଷ୍ଠନ୍ତ ହୁଏ । ୨ । ବସନ୍ତରେ (ବଳନ୍ତରେ) ଉଷ୍ଣତ ସୁନ୍ଦର ହୁଏ, ଜନ ବନ୍ଧୁ ହୁଏ ।

ହରଷିତ ବନ ବର୍ଦ୍ଧନ
ଦେଖି କୋକ ଦମ୍ପତି,
ଆନନ୍ଦ ନ ହୁଏ କାହାର
ଦୁହିଁ ପ୍ରିୟ ସମ୍ପତି ।
ଭାନୁ ମଳୟୁ ଗମନ
ଦେଖି ପଦ୍ମା ସତୀ,
ବସୁଦେବ-ସୁତ ଜଳରେ
ହାସିହେଲେ ଚୈତ୍ର ।
ତପ ଫଳେ ଏବେ ମୂନୀଷୀ
ନବ ଜନମ ଲଭି,
ଧ୍ରୁବ-ସମ୍ମୁଖୀନ ପତଙ୍ଗ
ହେଲେ ପ୍ରିୟ ବଲ୍ଲଭ ।
ବସନ୍ତ ଅତିଥି ପୀରତ
ପାଇ ଅବନୀ-ଗୃହିଣୀ,
ଭୋଜନ ରଚିଲ ଭଣ୍ଡାରର
ନାନା ପଦାର୍ଥ ଆଣି ।
ତରଭୁଜ ଆମ୍ର ପନସ
ନାନା ଖାଦ୍ୟ-ସମ୍ଭାର,
ଉପହାର ପାଇଁ କଳ୍ପିଲା
ଫୁଲ ମାଣିକ୍ୟ-ହାର ।
ହିମାଦ୍ରି ବନନ୍ତେ କାନନ
ମଣ୍ଡାଗଲା ପତରେ,
ମଧୂକ-ମୁକୁତା-ପୁଞ୍ଜରେ
ନୂର-ଗଳ-ରଚନେ ।
ରତ୍ନମୟ-ସିନ୍ଧୁ-ତରଙ୍ଗ-
ଦୋଳୀ ବଢ଼ାଇ ରଙ୍ଗେ,
ଖେଳେ କଲେ ଧୀର ସମୀର
ଝୁଲୁ ବସନ୍ତ ସଙ୍ଗେ ।
ପୁଷ୍ପଲାସ୍ୟା ମୁଗ୍ଧ-ହର୍ମ୍ୟ
ପୁଷ୍ପମୟ ମାର୍ଗରେ,
ଆସି ବଢ଼ାଇଲେ କୁସୁମ—
କୁଞ୍ଜ ଅଟ୍ଟାଳିରେ ।

ବିକଶିତ ନବମାଳିକା-
ଅର୍ଘ୍ୟ ଧରି ସ୍ୱହସ୍ତେ,
ଚନ୍ଦ୍ରିକା ହୃଦୟ ସ୍ୱାଗତ
କଲା ଚକୋରୀ ମୁଖେ ।
ଉଜ୍ଜ୍ୱଳ ବସନ ଭୂଷଣି
ମନୋହର ବେଶରେ,
ସୁକାନ୍ତି ସୁମୁଖୀ ସଭିର
ମିଳିଲେ ପାଶେରେ ।
ସୁକୁମାର ବିଶ୍ୱବିଜୟୀ
ଅନୁପମ ସୁନ୍ଦର,
ପୁଷ୍ପମୟ ବେଶେ ମିଳିଲେ
ତହିଁ କୁସୁମ-ଶର ।
ପାଞ୍ଚ ଜଣ ମିଶି ଆମୋଦେ
କରିଲେ ତାଣ୍ଡବ,
ତାଣ୍ଡବ ନୃତ୍ୟ ତା ସରସ-
ଫଳ-ପୂର୍ଣ୍ଣ ଖଣ୍ଡବ ।
ସେ ଖାଣ୍ଡବ ଫଳ ଭୋଜନେ
ହେଲେ ଜଗତ ଲୁବ୍ଧ,
କେ ପାଇ ଆନନ୍ଦେ ନାଚିଲା
କେ ବା ନ ପାଇ କ୍ଷୁବ୍ଧ ।
ସନ୍ତାପିତ ହେଲା ମଧ୍ୟାହ୍ନ
ପିତୃପ୍ରସୂ ଦୁଃଖରେ,
ପଲ୍ଲବିତ ହେଲେ ପାଦପେ,
ଶୁଷ୍କ ନଦୀ-ଉଦର ।
କଣ୍ଟକ-ରଜତ-ଭରତ-
କନକକାନ୍ତି ବଢ଼ିଲା,
ଚନ୍ଦ୍ରିକାର ନବ-ପ୍ରସୂତି
ବନ୍ଧୁଦଶ ବଢ଼ିଲା ।
ପ୍ରୀତି-ପାଥାରରେ ପୂରିଲେ
ପ୍ରାଣ-ସ୍ରୋତ ଯୋଗିଏ,
ମଦନ-ଅନଳ ତାପରେ
ତରଳେ ଯୋଗୀଏ ।

ମଳୟ—ଦକ୍ଷିଣ ଦିଗ । ବସୁଦେବ-ସୁତ ଜଳ—ଝର । ତପ—ଗ୍ରୀଷ୍ମ । ଧ୍ରୁବ-ସମ୍ମୁଖୀନ—ଉତ୍ତରାୟଣ । ମଧୂକ—ମହୁଲ । ନବମାଳିକା—ନଅଳି । ଚନ୍ଦ୍ରିକା—ଚନ୍ଦ୍ରକିରଣ । ଦ୍ୱର—କେତାଦିର ନବପତ୍ର ଫଳ । ପିତୃପ୍ରସୂ—ସନ୍ଧ୍ୟା । ଯୋଗିଏ—ସ୍ତ୍ରୀ ପୁରୁଷ ଏକତ୍ରିତ ହେଲେ । ଯୋଗୀଏ—ଯୋଗୀମାନେ ।

ଏ ସମୟେ ମଧୁ ଚୈତ୍ରରେ
ହେଲା ମଙ୍ଗଳବାର,
ସମସ୍ତ କରନ୍ତି ନାରୀଙ୍କ
ବନଦୁର୍ଗା-ପୂଜାର ।
ସହକାର-ବନ-ବେଷ୍ଟିତ
ସର ସୁପକୂଳରେ,
ଶୋଭେ ବନଦୁର୍ଗା ନିକେତନ
ସ୍ୱର୍ଣ୍ଣକୁମ୍ଭ ଚୂଳରେ ।
ପ୍ରସାଦ-ଦ୍ୟୁତିରେ କାନନ
ହର ହେମ କରି,
ଅଧିଷ୍ଠାନ ତହିଁ କରନ୍ତି
ବନଦୁର୍ଗା ଈଶ୍ୱରୀ ।
ବାଦ୍ୟର ଶବଦେ କମ୍ପିଲା
ସହକାର କାନନ,
କମ୍ପିଲା ଭ୍ରମର-ନିକର
ଛାଡ଼ିବାକୁ ଆସନ ।
ଜନସ୍ରୋତ ବନ ପୂରଇ
ଘୋଷି ବନିବ ଉଜାଡ଼ି,
କୋଳାହଳ-ଝଡ଼ ଉଠିଲା
ସିନ୍ଧୁ ଶବଦ ଜାଡ଼ି ।
ବସନ ଭୂଷଣ ପିନ୍ଧଣ
ଯାହା ଥିଲା ଯାହାର,
ଦେବୀପୂଜା ପାଇଁ ନାରୀଏ
ବାହାରିଲେ ବାହାର ।
କେ ତମାଳପତ୍ରୀ ପିନ୍ଧିଲା
ରମ୍ୟ ରଙ୍ଗ ଦୁକୂଳ,
ଗୋଧୂଳି-ମସ୍ତକ-ମଣ୍ଡନ
ଦୃଷ୍ଟ ତାରକା ତୁଲ ।
ମଣ୍ଡିତ ହୋଇ କେ ଦୂରବର୍ଣ୍ଣ-
ନଗି ହରିତ ବାସେ,
ଦୂର୍ବାଙ୍କୁର ଧନ୍ୟ ଭରସେ
ଘନ ଶୋଭା ପ୍ରକାଶେ ।
ପିନ୍ଧୁଛନ୍ତି ଅମା ତାରକା-
ମଣ୍ଡ ନୀଳ ଅମ୍ବର,
କେ ପିନ୍ଧିଲା ସ୍ୱର୍ଣ୍ଣ-ଚୁମ୍ବିତ
ନବ ନୀଳ ଅମ୍ବର ।
ବାଳଶଶୀ-ଲକ୍ଷ-ପୂରିତ
ଶୁକଧର ସଦୃଶୀ
ଦେଖନ୍ତି ପୀତବାସ ଘନ ପୀନ-
ପୟୋଧରା ସୁନ୍ଦରୀ ।
ଶତଭିଷା ଦଳେ ଶୋଭିତ
ପୂର୍ବଭାଦ୍ରବାକାଶରେ,
ଉଜ୍ଜ୍ୱଳ ମୁକୁଳ ଶୋଭିଲା
କାହା ମୁକ୍ତାହାରରେ ।
କେ ନକ୍ଷତ୍ରମାଳା ସୁନ୍ଦରୀ
ରତ୍ନ ମୁଖ ଝଳକରେ,
ରେବତୀ-ରତନ-ଅଧିକ
ଦ୍ୟୁତି ପଡ଼ନ୍ତି ମନେ ।
କାହା ହେମ ଦନ୍ତି ନାକରେ
ମଣି-ନଥ ଭୂଷଣ
ଆଣଇ ଚତୁର୍ଥୀ ଚନ୍ଦ୍ରମା
ଚାଣ ବିଶାଖା ଭ୍ରମ ।
ଚୂଡ଼ାଥାଳୀ କବରୀ ଶୋଭିତା
ହେଉଥିଲେ ସବୁ ଯୋଷିତା,
ହୃଷ୍ଟମୁଖୀ ଶୁଭବାନ କା
ହେଲା ନବ-ସୃଷ୍ଟି ତ ।
ଅମୂଲ୍ୟ ବସନ ଭୂଷଣ
ନେଇ ବେକ-ଉଜ୍ଜ୍ୱଳ,
ବାହାରିଲେ ରାଣୀ ସୁଦେଷ୍ଣା
[illegible] ଉଜ୍ଜ୍ୱଳ ।

ମଧୁ—ଚୈତ୍ରମାସ । ଦୁକୂଳ—ପାଟବସ୍ତ୍ର । ଅମା—ଅମାବାସ୍ୟା । ଅମ୍ବର—ଆକାଶ । ଅମ୍ବର—ବସ୍ତ୍ର । ଶୁକଧର—ଟଗର । ଶତଭିଷା—ଚକାକାର ଶତ ନକ୍ଷତ୍ର । ପୂର୍ବଭାଦ୍ରବ—ଖଟ ପଦ ପୂର ନକ୍ଷତ୍ର । ନକ୍ଷତ୍ରମାଳା—ହାଡ଼ମଣ୍ଡିତ ମୋତିର [illegible] ମାଳ । ରେବତୀ—ମୃଦଙ୍ଗାକାର ସତାଇଶ-ଗୋଟି ତାରା । ବିଶାଖା—ଅର୍ଦ୍ଧଚନ୍ଦ୍ରାକାର ପାଞ୍ଚଗୋଟି ତାରା ।

ପ୍ରସବତୀ-କୂଳ କମଳା
ମନୁରଞ୍ଜନକାରୀ,
ଦେଖିଲେ ସୁରସ ତାହାଙ୍କ
ପତିଙ୍କ ଚିହ୍ନିଲ୍ ତାହାରି ।
ମୁକ୍ତା ଭିତରୁ ପ୍ରସିଦ୍ଧ
ଗଜ-ମୁକ୍ତାଙ୍କ ପାଇଁ,
ଧଇଲ୍ ବାଣୀଏ ଚରଣ
ସ୍ୱର୍ଣ୍ଣଥାଳୀ ପୂରେଇ ।
ଗଜ-ଅବରୋଧବାସିନୀ
ଅନ୍ୟ କଳଭ-ପୁଞ୍ଜ,
ଦେଖିଲ୍ ରାଣୀ ଅନୁଗାମିନୀ
ହୋଇ ବିବିଧ ସଜ ।
ଭୁବନୁ ବାହାରି ଗଗନ-
ଭୂଷ ମଣ୍ଡିଲ୍ ବାସ୍ତ,
ଦୃଷ୍ଟିରୁ କି ଚଳି ବାହାରି
ନାରୁ ଅମିତ କାନ୍ତି ।
କମ୍ବୁ ନିକ ହାର ମଧ୍ୟରେ
ପ୍ରଶ୍ନେକ ଟଳି,
ବସ୍ତ୍ରାବଲେ ଦାସୀ ବେଷରେ
ସ୍ୱକରନ୍ତି ସୁନ୍ଦରି ।
ସୁଦର୍ଶନମାନ ଦର୍ଶନେ
ଭ୍ରମ ଏ ଭବ ଯୋଗେ,
ପଡ଼ିଲ୍ କି ଦୃଷ୍ଟି ପଦ୍ମୋଧି-
ଘଣ୍ଟ ତଳଭ କୋଣେ ।
କି ଅବା ନୟନ-ରଞ୍ଜନ
ଅପସର ଭୁବନେ,
ଆଜ୍ଞା କରନ୍ତି ପ୍ରତିକଣ
ଭ୍ରମୁ ଭ୍ରମୁ ପବନେ ।
ଭୁବନ ରତ୍ନକୋଷ, ଭୁବନ
ସ୍ୱପ୍ନ ଅପ୍ସରକ୍ଷେତ୍ର,
ଏ ଜାଗ ନରତନ୍ତ୍ରକ
ପୋର ଉଲ୍କାପାତ ।

ଦିବ୍ୟ ଶକ୍ତିର ଶୋଭାରେ
ମନ୍ଦ ଅବନତଳ,
ଖୁଲିଲେ ରତ୍ନ-ଭିକ୍ଷୁକା
ବାମରତ୍ନକୋମଳ ।
ସେହି ମାଧୁରୀ ଅର୍ଥ-ଜଳରେ
ମିଶାଇ ନୟନ,
ଚନ୍ଦ୍ର ଆଜ କଲେ ପ୍ରୟୋଗ
ଉଦ୍ଧିଁ ଦର୍ଶକଗଣ ।
ଦିଶିଲ୍ କୋରକେଣ ପଟକ
ଶର ବନ୍ଦି ଆଶ୍ରମ,
ମୁଖ-କୁଙ୍କୁମର କଳନା
କଲି ନଳନା-ଗ୍ରାମ ।
ଭ୍ରମୁଁ ଭ୍ରମୁଁ ଉପବେଳରୁ
ରାରୁ ଦେଶ-ଦର୍ଶନେ,
ପାଇଲ୍ ପାଞ୍ଚାଳୀ ଦଦନ
ନବ ଦୃଷ୍ଟି ଶମିଦ ।
ସ୍ପର୍ଶି ଚମତ୍କାରେ ରହିଲ୍
ଷଣ୍ଡ ହୋଇ ସ୍ତମ୍ଭିତ,
ରୂପ-ମକରନ୍ଦ ପାନରେ
ହେମ ହେଲ୍ ମଣ୍ଡିତ ।
ଖୋଜିଲ୍ ଚମ୍ପକ୍ତି କମଳ
ଚମ୍ପା ମାଧବୀ ମଲ୍ଲୀ,
ନାହିଁ ତ କାହାର ମାଧୁରୀ
ଏହି କୁସୁମ ତଳି ।
ବସିଛି ମାଳତୀ ଯୂଥିକା
ନବମାଳିକା ଫୁଲେ,
ମନ ଦନ୍ତ ନାହିଁ ଭୁଲିବା
ପାଇଁ ଏ ପୁଷ୍ପ ଫୁଲେ ।
ତୋଳିପ ସେବାସ୍ତ କହନି
ପୁରିଲେ ଅଷ୍ଟ ଗମନ,
ତହିଁରେ ଜନତା ରହିବା
କରିଲେ ଦୋହନ୍ତି ମନ ।

ଭୁବନା—ଶ୍ରୀ । ଅମିତ—ଅସଙ୍ଖ୍ୟ । ଦିବ୍ୟ ଶକ୍ତିପ—ଅବକ ଶାଦୃଧନୁ । ନଳନା-ଗ୍ରାମ—ନାଶ୍ରୁ-ଉଦ୍ୟାନ ।

ଲୁଚିଥନ୍ତି କାନ୍ତ-ଚମ୍ପକ
ଚନ୍ଦ୍ର ବକୁଳବଦନ,
ତାଙ୍କୁ ଅବା ଆଣି ଲୁଚାଇ
ଏଣ୍ଣା ସହେ କେସରେ ?
ବଣ୍ୟରାଜ-ପ୍ରିୟା ନୀରଦ
ନଭଃ ପ୍ରମଦ-ବନ,
ତାର-ସ୍ତବକ କରନ୍ତି
ଯହିଁ ଚିତ୍ତ ରଞ୍ଜନ;
କୁହୁରାକା-ପ୍ରହେଳିକାର
ଯହିଁ ବିହାର ଦେଖି,
ଯେ କୁସୁମ ଉପବନ ସୁନ୍ଦରୀ
ତାହା ନ ହେବ ଲେଖି ।
ସେ ବନେ ଥିଲା ଯେ ପ୍ରୀତିର
ତାହା ହେଉଛି ନୂତନ,
ଦେଖିଲ ଦେବଙ୍କୁ ଏ ମଦନା-
କିରଣ୍ଟି ପ୍ରସୂନ ।
ସୁଦାମାନନ୍ଦର କୌମୁଦୀ-
କୁସୁମିତ ଉଦ୍ୟାନ,
କହୁଥିଲି ଯାହୁଁ ମଧୁର
ମୃଦୁ ପ୍ରୀତି ଆଦାନ ।
ଅଙ୍ଗରୁ ତହିଁରେ ମୋହର
ଘାଣ୍ଟିଦେଲା ସେଥା,
ଏ ମଦନ-କନ୍ଦର୍ପ-
ଘୂର୍ଣ୍ଣ କଣ୍ଠ-ବେଦନା ।
ବାସ୍ତୁ ଭୂମି ଘୂର୍ଣ୍ଣି କରଇ
ମନେ ଏ ଆଲୋଚନା,
ରଚନାଙ୍କି ଉଦାହରଣ କି
ଚନ୍ଦ୍ର ବାମଲୋଚନା ।
୧ ଶନି ବୃହସ୍ପତି ମଙ୍ଗଳ
ଯହିଁ କରେ ପୀଡ଼ିତ,

ସେହି ଲେଖଣୀ ଏଥିରେ
ହୋଇଅଛନ୍ତି ସ୍ଥାପିତ ।
କୃଷ୍ଣବର୍ଣ୍ଣ ଦେହ କୁନ୍ତଳେ
ପୀତବର୍ଣ୍ଣ ବସନ୍ତ,
ରକ୍ତବର୍ଣ୍ଣ ସ୍ତନମଣ୍ଡଳ
ପାଣିରେଖ ଦରସୁ ।
ଅଳଙ୍କୃତ ନବ ଅଙ୍କୁର
ଶ୍ୟାମା ଦେଶ ଅଧରେ,
ବାଲଗୀତ ମୁଗ୍‌ଧ-କମଳ
ସ୍ୱଚ୍ଛ ପ୍ରେମ-ଉଷାର ।
ପୁଲକ ପାଳିକା-ମାନସ
ମଗ୍ନ-ରଙ୍ଗ ଅଧୀରେ,
ମଞ୍ଜିଲି ଯେ ନୀଳ-ଜମୁନା-
ପୁଷ୍ପ-ଲୀଳା ମନ୍ଦିରେ ।
ନନ୍ଦନ ମନର ଏ ଖେଦ
ଆଜି କେତେ ମୁଗ୍ଧ,
ଦୁଃଖଲାଭ କୋଳର ପୁଷ୍ପ-
ଦରଶ ନେଲେ ଶରଣ ।
ଦେବୀଙ୍କୁ ଦେଖି କରି ଅଧୀର
କାତର ନୟନ,
ଶରୀ ପ୍ରେମନାଳ ମଣ୍ଡନ
ସେହି କୁସୁମବନ ।
ବହୁମଣି କରି ଦୀପିତ
ମଞ୍ଜୁ ମଞ୍ଜୀର ନାଦିତ,
ମଦନ ଦୋଳା ଘାରବ
ଯହିଁ ଅତୁଳ ବାଦିତ ।
ଗଣ୍ଡଦେଶ କରି ଉଜ୍ଜ୍ୱଳ
ରମ୍ୟ ରତ୍ନ-ମଯୂଖେ,
ସେ ସୌନ୍ଦର୍ଯ୍ୟ-ଦ୍ୟୁତି ଶୋଭିଲ
ଦେବ ଦେବକଳମୁଖେ ।

କୁହୁ—ଅମାବାସ୍ୟା । ରାକା—ପୌର୍ଣ୍ଣମାସୀ ରାତ୍ରି । ୧ । ସୂର୍ଯ୍ୟକିରଣରେ ତିନିଗୋଟି ମୂଳବର୍ଣ୍ଣ ( ନୀଳ, ପୀତ, ଲୋହିତ ) ଅଛି । ଶନି—ନୀଳବର୍ଣ୍ଣ; ବୃହସ୍ପତି—ପୀତବର୍ଣ୍ଣ; ମଙ୍ଗଳ—ଲୋହିତବର୍ଣ୍ଣ ଥିବାରୁ କୋଣପଣରେ ସ୍ଥିତ ଅଛ; ଏମାନେ ସୂର୍ଯ୍ୟକିରଣ ଦୋଷ ତେଜଗୁଣ ଦଶନ୍ତି । ପାଳକ—ପରିଚ୍ଛଦ । ମଞ୍ଜୁବଜ୍ର—ପକ୍ଷୀବିଶେଷ, ଉତ୍କଳପୁର ଅଞ୍ଚଳରେ ଏହାକୁ କଳକଳା ପକ୍ଷୀ କୋହନ୍ତି । ମନ୍ଥନ—ବିନ୍ଧଣ ।

ସୁର-ତରଙ୍ଗିଣୀ ଅନ୍ତରେ
ଭାଗୀରଥୀଙ୍କ ତୀରେ
ଅଛି ଅଚଳ ଧୂଳି ମିଶି
କାହିଁ ତ୍ରୈଲୋକ-ଲକ୍ଷ୍ମୀ ।
ଅବରୋଧ ରକ୍ଷକଗଣ
ଦୃଷ୍ଟି ଜଳସଂକାଶ
ନାସ୍ତିକଳ ଅନ୍ତଃ, ଗିଳନ୍ତୀ-
କାନ୍ତି କଲା ପ୍ରକାଶ ।
ଢଙ୍କାଇ କପାଳ କପୋଳ
ପଦ୍ମ ହେଲା ବଦନ,
ତଦନ୍ତକାଶ୍ରିତ ଭକଣା
କେଶେ ରତ୍ନ-ଭୂଷଣ ।
ବିକାଶିଲେ ଅଙ୍ଗଭୂଷଣ-
ତହୁଁ ଅଧିକ ଛଟା,
ହେଲା ପଣା ହେଲା ବଦନ-
ଛବି, ଦୃଷ୍ଟିଗୋଚର ।
ଲୋକ ଲୋଚନରେ ପଶିଲା
ଚାନ୍ଦଶୌଣ୍ଡ-ଶେଖର
ଦେଖିଲ ମୂର୍ତ୍ତି କଳସ
ପଦ୍ମ କଲା ଶଙ୍କର ।
ଦେଖି ନୂତ୍ନ ଗନ୍ଧର୍ବୀ
ହେଲେ ପତ୍ନି ଦାନରେ,
ଡାକିଲୁ କି ନାଗଶ୍ରେଣୀକି
ଉର୍ଦ୍ଧ୍ୱ ଶିଖୂଳ ଜଟରେ ।
ରତ୍ନାକରବର୍ତ୍ତୀ ଭୂଷିତ
ରତ୍ନାକର-ଲକ୍ଷ୍ମୀ,
ଶୀକରାଦ୍ରେକଣ୍ଠ କିନ୍ନରୀ
ଦେଲେ ଶରଦ ଶଶୀ ।
ସୁଧା-ଉଚ୍ଛଳିତ ସୋପାନେ
ନାନା ରତ୍ନ ଭୂଷିତ,
ଉମର୍ଦ୍ଦି-ପ୍ରବାହ ଡାକିଲା
ହୋଇ ତରଙ୍ଗାକ୍ରିତ !

ପ୍ରେମ ଭକ୍ତରେ ଅବଳା-
ଦଳ ସୁନ୍ଦର ସ୍ନିଗ୍ଧା,
ଚିତ୍ତରେ ଯାଇ ଦେଖା ଦଶ୍ରୁ ଦେଇ
ଅର୍ଦ୍ଧ ମଣ୍ଡଳ ଠିଆ ।
ସୌନ୍ଦର୍ଯ୍ୟ-ସୌରଭ-ପୂରିତ
ନାନା ପୁଷ୍ପ-କଳିତ
ମାଳା କି ଦେବଙ୍କ ଦେଖିଲ
ହୃଦୟରେ ଲଳିତ ।
ଦେଖି ଉଷାଦ୍ଭୂତ କୁସୁମ
ଲାଗି କନକ-ପଦ୍ମ,
ଆଭିଜନା କଲେ ମୃଦୁବର୍ତ୍ତୀ
ଧରି ଦେବୀ ସମୀପ ।
ତରଳରେ ଆଜ ଦାମାଏ
ବହାଇ ପୟୋଧାରଣୀ,
ଦେଖିଲ ସମୁଜ୍ଜ୍ୱଳ ସୁର୍ଯ୍ୟଙ୍କ
ପୂଜା ଅନୁକାରିଣୀ ।
ଚିତ୍ତସମ୍ପ୍ରିତା ଦେବଙ୍କ
ଅନଘ ଚରଣ କୂଳ,
ପାଦେଷ୍ଟ୍ରେ ଭକ୍ତି ହେବାର
ଶୋଭା ହେଲା ଅତୁଳ ।
ଜନ୍ମ-ସମ୍ଭବ ଉଜଳ
ଦେଖି ଶୁଭ୍ରତମଣ,
ମୂର୍ତ୍ତି-ବସ୍ତ୍ରଙ୍କ ଘେରିଲ
କି ସେ ନକଶାବନ ?
ନମ୍ରା ସିନ୍ଦୂରିତ ସନ୍ଧ୍ୟାର
ବକ୍ଷେ ଭଜନ ବାଳା,
ସମ୍ଭୂଷିତ କଲ ତାରକା-
ପୂର୍ଣ୍ଣ ହାରକମାଳା ।
ତ୍ରୟୋଦଶ ଦାତ୍ରୁଣୀ ଅନ୍ତରେ
ଏବା ଶୈଳକନ୍ତୃଣୀ,
ଶୋଭିତ ନଦୀପୁଳିନ
ବତ୍ତି-କଳସ ଦେଇ ।

କପୋଳ—ଗଣ୍ଡଦେଶ । ଚାନ୍ଦଶୌଣ୍ଡ—ନଦୀନାମ । ଫେଣ—ଜଳବୁଦ୍ବୁଦ ଭୂମି ।
ଶାଦ୍ୱଳ—ଝରଣ । ନଘ୍ରଦ—ପବିତ୍ର ଜଳକୋଷ, କଳସି ।

ଧୂପ ଅଲୋକରେ ଧକିଲା
ନାସି ଅଙ୍ଗଭୂଷଣ,
ଚନ୍ଦନ କରଣ ପୂରଣେ
ଯଥା ନନ୍ଦନବନ ।
ଧୂପ ଆମୋଦିତ ଦେଉଳ
କଲ ରମଣୀମାନେ,
ଫୁଟାଇ କାମନା-କୁସୁମ-
ମାନ ହୃଦ-ଉଦ୍ୟାନେ ।

ତେଣୁ ପୁଷ୍ପସାଦ ଦେବଙ୍କ
ଦେଇ ଦେବ-ପ୍ରସାଦ,
ନିଜ ନିଜ ଶିରମୁଣ୍ଡରେ
ଧୀରେ ଗ୍ରହିଲେ ସାଦ ।
ଗୃହରେ ବାଳକମାନଙ୍କୁ
ଫୁଲ ପ୍ରସାଦ ଦେଇ,
ଆନନ୍ଦେ ବୋଇଲେ, ଏମାଙ୍କୁ
ସୁଖେ ରଖନ୍ତୁ ଦେଈ ।

---

# ତୃତୀୟ ସର୍ଗ

ଦିନ ଅନ୍ତେ ଅବସାନେ ହେଲା
ସନ୍ଧ୍ୟା ସବର୍ଣ୍ଣକାପାତ,
ବିବସ୍ତ ବେଶକୁ ଭିନ୍ନ ଭିନ୍ନ କରି
ବିଶ୍ୱବର୍ଣ୍ଣ ସମାବୃତ ।
ପ୍ରକୃତି ଦେହରେ ଖଣ୍ଡ ଖଣ୍ଡ କରି
ପ୍ରସ୍ତରର ମହାମଣି,
ନିଜ ଅବସ୍ଥିତ ଅଳଂକୃତ କଲା
ଗଢ଼ି ତାରା ନିଶାମଣି ।
ଜ୍ୟୋତ୍ସ୍ନା-ଉଦ୍ଭାସିତ ଭାସ୍ୱରତ ଜାଲ-
ବନ୍ଧାପୂର୍ବେ ସୁଧାକର,
ଝାଡ଼ିର୍ମ୍ମିକ-ଦେବତ-ମଣି ମଣ୍ଡନ ବର୍ଣ୍ଣ-
କର୍ଣ୍ଣିକୁ ଭରିତ ସୁନ୍ଦର ।
ଖଣ୍ଡ ଗଭର୍ତ୍ତିକ ଆଭୃତି ଟାଣିଲା
ପ୍ରଯତ୍ନ-ଉତ୍ପୂନ ଦୃଶ୍ୟ,
ଚକ୍ରବାକ-ହୃଦ-ସ୍ପୃହରତ ନେଲା
ଚକୋରକୁ ଦେବା ପାଇଁ ।
ଚନ୍ଦ୍ରବନ୍ଧୁ ନକ୍ଷତ୍ର-ଚିବିରକୁ ବନେଇ
ଦେଖିଲା ମଲ୍ଲିକାବନେ,
ସୁନ୍ଦର୍ଯ୍ୟ-ପୂର୍ଣ୍ଣୀ-ମୁକ୍ତ-ଲାବଣ୍ୟକୁ ଦେଲା
ନବମାଳିକା ବଦନେ ।

କୁସୁମାଳିଗଣ-ବିଲୁଣ୍ଠିତ ଧୂଳି-
ଧୂସରିତ କଳେବର,
ଆମୋଦପ୍ରଦାୟୀ ଧୀର ପବମାନ
ନୃତ୍ୟ କଲା ଘର ଘର ।
ବିକଶିତ ହେଲେ କୁସୁମକଳିକା,
ଦିଗ ହେଲା ଆମୋଦିତ,
କରୁଣାଙ୍କର ହୃଦୟେ ମଦନ-
ସିନ୍ଧୁ ହେଲା ତରଙ୍ଗିତ ।
ଦେଶ କାଳଗଣ-ସୁଖେ ପ୍ରଲୋଭିତ-
ହୃଦୟ ସରିତ-ପତି,
ସରିତଙ୍କ ପ୍ରତି ଅନାଦର କରି
ଠେଲିଦେଲା ଉତ୍ପତ୍ତି ।
ମୁହିଁ ଫୁଲରେ ନପାଏ, ସାଗର-
ସ୍ୱଭିକ ବେଳିକ କୁମାରୀ,
ବୋଲିବାକୁ ତାର ଅନ୍ତରେ ଏଡିକ
ବୋଲନ୍ତି ତାକୁ କୁଆରୀ ।
ସୁଧାକର ନାସ-ବଦନକୁ କାନ୍ତି
ମୁଣ୍ଡରେ କରି ରଞ୍ଜିନ,
ଜଗାଇଲେ ଆଣି ସୁନ୍ଦରମାନଙ୍କ
ନୟନେ ମଦନାଞ୍ଜନ ।

---

କଲ୍ଲୋଳ—ଜଳ । ରଶ୍ମି—କିରଣ । ପବମାନ—ପବନ । ସରିତ୍‌ପତି—ସମୁଦ୍ର । ସରିତ—ନଦୀ ।

ଚମ୍ପକ-ଗଉରୀ ଚମ୍ପକର ହାର
ଚନ୍ଦନ ରକ୍ତ ବସନ,
ଉପଭୋଗ କରି ପଲ୍ଲୀର ଅଙ୍କ
ଆସିଲେ ରମଣୀଗଣ ।
ନଗରରେ ଏବେ ଲୁବ୍ଧ ହୋଇଲେ
ବୃଦ୍ଧମାନଙ୍କର ବାଟ,
ଏହା ଦେଖୁଥିବେ ବୋଲି ଅଣିଲ
ମାନବ ନେତ୍ର-କପାଟ ।
ନିଦ୍ରା-ମନୋହର-ସ୍ୱପନ-ତରଙ୍ଗେ
ଭାସି ଭାସି ଜନଗଣ,
କଲେ ଚକିତ ମହା-ଅଦ୍ଭୁତ ବିଷୟ
ପ୍ରତିବିମ୍ବ ଦରଶନ ।
କାନ୍ତିଧାକୁଳ କୀଳନ ବଳବଳ
ରଶ୍ମିରୁ ଅଛି ଯାହାର,
ଲଭିଛି ଦରଦ ବଦନ ଭୁବନ-
ମୁକ୍ତିସ୍ଥାଙ୍କୁ ତାହାର ।
ଚକ୍ଷୁଁ ଦ୍ରବିବାର ବୈଦେହୀ-ମୂରତି
କୁସୁମ-ଜଡ଼ିତ ଲତା,
ଚିତ୍ରବିମ୍ବ ଚକ୍ଷୁ ନୟନରେ ତାର
ଦେଇଅଛି ଶୀତଳତା ।
ସେହି ଶୀତଳତା ନିନ୍ଦୁଅଛି କିନ୍ତୁ
ଦୁଃଖି ତା ହୃଦୟ-ତାପ,
ନୀରବ-ଶୀତଳ ଜଳତାପ ଯଥା
ତପତ ତୈଳ-କଟାହ ।
ଦାସୀଙ୍କ ସଙ୍ଗରେ ଅବିରତ ଦିନ
ହୋଇଛିଲ ନୂତ ଯାମେ,
ଚାମରୀଗଣ ପ୍ରକୃତ ମଧ୍ୟେ
ରହେ ସଉତ୍ତ୍ରୀ ନାମେ ।
କେ ତାର ଜନକ ଅଛି କି ନା ଅତି
କାହିଁ ବା ପୁଣ ନିବାସ,
କେଉଁ ଉଦ୍ଦେଶ୍ୟରେ ଏ ପୁରେ ଆଗତ
ତାହା ନୁହେ ସୁପ୍ରକାଶ ।

ବାସ ଭୂଷଣରୁ ପ୍ରକାଶିତ ହୁଏ
ସଧବା ଲକ୍ଷଣଯୋଗ,
ଉଚ୍ଚକୁଳ ବଂଶ-ପରିଚୟ ତା
ଆଚରଣ ଆଉ ବାକ୍ୟ ।
ମୈତ୍ରୀ ହେଲେହେଁ ବନ୍ଧୁର ମଧ୍ୟ
ଦେଖିଲେ ତାହାର ଠାଣି,
ବୋଧହୁଏ ତାର ଅଛି କିଛି ଗୁହ୍ୟ
ଅମର-ନଗରରାଣୀ ।
ଧର୍ମଗ୍ରନ୍ଥଙ୍କର ମସ୍ତକ ସେ ନିଜ
ବିବେକରେ ଯାଏ ଜିଣି,
ସ୍ୱଜନପୁର ନାଗରିକଙ୍କୁ ସ୍ନେହ-
ମୂଲ୍ୟେ ନେଇଅଛି କିଣି ।
ବିଶ୍ୱସ୍ତମଣ୍ଡଳୀ ହୋଇଛନ୍ତି ତାର
ଦେବ ତରୁଣେ ବଶ,
ପାଉଛନ୍ତି ସେ ବହିଲେ ଲକ୍ଷ୍ୟ
କଷ୍ଟିତ ସୁବର୍ଣ୍ଣ କଷ ।
ନାଟକର କଥାମାନ ହେଲ ତାର
ହୃଦପୃଷ୍ଠେ ଲିଖିତ,
ପଢ଼ି ପଢ଼ି ତାହା ହେଲ ସ୍ୱଭାବତଃ
ପ୍ରେମ-ଧର୍ମରେ ଦୀକ୍ଷିତ ।
ମୁକ୍ତବାରତନ ଲଭି କଥା ତାର
ପ୍ରାପଣ ହେଲ ମୂଳମନ୍ତ୍ର,
ମନୋବାକ୍ୟେ ସମେ ଚଳିଲ ଶାସନ-
ପ୍ରଣାଳୀ ମଦନତନ୍ତ୍ର ।
ନ୍ୟାୟଦେବଙ୍କର ବ୍ୟବସ୍ଥା ସକଳ
ଅନ୍ତରେ ହେଲ ରହିତ,
ଚଳିଲ ମନ୍ତ୍ରୀ ଅବିରତ ମଦ-
ମୋହ ମନ୍ତ୍ରୀଙ୍କ ସହିତ ।
ସ୍ତ୍ରୀର ନିଜ ବର ବିବଧ ଉପାୟେ
ନାୟକ କରିବ ବଶ,
ମୋ ବର ଗୌରବେ ଅତୁଳ ବଢ଼ିବ
ତା ପ୍ରୀତି ହେବ ଅବଶ୍ୟ ।

କଟାହ—କଡ଼େଇ ।

ଗୃହଲକ୍ଷ୍ମୀ କରି ରଖିବ ସ୍ୱାମୀଙ୍କୁ
ହେବ ଯେବେ ତାର ମତି,
ନ ହେବେକ ଜୀବନ ନାଶିବ ଜହ୍ନାଇ ତା
ସ୍ୱପତ ପ୍ରଣୟ ରତି ।
କେତେବେ ଦରଶନ ନେଉଥିବ ତାର
ସୁରମ୍ୟ ନିକୁଞ୍ଜ ବନେ,
ସୁଧାତଳ-ତାପ ଶାନ୍ତ କରୁଥିବ
ତା ଚନ୍ଦ୍ରିକାଙ୍କିତନେ ।
ଢାଳି ଦେଉଥିବ ତହିଁ କୃପାମୟୀ
ଅନୁକମ୍ପା-ସୁଧାବୃଷ୍ଟି,
ଇନ୍ଦ୍ର ପଦେ ପାଦ ଦେଉଥିବ ତାହା
ଗାନରେ ପରଶି ଭଳି ।
ଅଙ୍କାଳୀ ଉପରେ ଥାଇ କେତେବେ ମୋ'ତେ
ଦେଖି ଦେଉଥିବ ହସି,
ସ୍ୱର୍ଣ୍ଣପୁଷ୍ପରାଶି ଆଣି ଦେବେ ମୋ'ର
ହାତେ ପଡୁଥିବ ଖସି ।
ନିଭୃତ କକ୍ଷରେ ଭେଟି ଦେବେ ଅବା
ଚିବୁକ ଚୁମ୍ବିବ ତା'ର,
ପ୍ରେମ-ବିସ୍ଫାରିତ ଶ୍ରୀମୁଖ-କମଳ
ଦେଖୁଥିବ ବାରମ୍ବାର ।
ରମଣୀମଣିର ଈପ୍ସିତସାଧନେ
ହୋଇଥିବ ସଦା ରତ,
ପ୍ରୀତି-ବ୍ରତଶିର ପ୍ରୀତିସମ୍ପାଦନ
କରିବ ଜୀବନବ୍ରତ ।
ଥାଉ ଅନ୍ୟ କଥା ହୁଏ ଯଦି ତାର
ପ୍ରୀତି ପାଇଁ ପ୍ରୟୋଜନ,
କୁଣ୍ଠିତ ନ ହେବ କଦାପି ଜୀବନ
କରିବାକୁ ବିସର୍ଜନ ।
ଏରୂପେ କୀଚକ ଚିନ୍ତେ ମନେ ମନେ
ଆଶାର ଅନ୍ତରିକ୍ଷ,
ନ ବୁଝିଲା ତେଣେ ପତଙ୍ଗ ଦାଉଡ଼ି
ହେଉଛି ପାବକ ପ୍ରତି ।

ତଞ୍ଚଳ ଦେଖିଲୁ ହେ କବିତା ପାଇଁକି
ସଙ୍କଳ୍ପିତ ଅନୁଷ୍ଠାନ,
ବିରହିଦାମ୍ପତ୍ୟ ନିଶା ତା ପଥରେ
ନ ହେବାରୁ ଅବସାନ ।
ବାରମ୍ବାର ଉଠି ସୌଦାମିନୀ ଚନ୍ଦ୍ର-
ଚୁମ୍ବି-ଅଞ୍ଚଳିକା-କୂଳେ ।
ଉତ୍ସଙ୍ଗ ତାହାର ଏଥି ବୃନ୍ତ ଥାଏ
ଦୃଷ୍ଟି ଦେଇ ପ୍ରାଚୀ-ମୂଳେ ।
ଭ୍ରାନ୍ତ ବାୟସର ଅସମୟ ସ୍ୱର
ଶ୍ରବଣରେ ଅଳି ଅତି,
ନିଶାଶେଷ ମଣି ଦୂରୁ ଦେଖିବାକୁ
ଉଠିଦେଇ ଚଉତରି ।
ବହୁ ବିଳମ୍ବରେ ସୁଧାକର ଚନ୍ଦ୍ର
ଢଳିଗଲେ ଜାଳିବନେ,
ବାରଣ ଶାପରେ କଟିଥିଲି ଦଶ୍ୟ
ବାରୁଣୀ ମହାକନ୍ଦଳେ ।
ଛିଣ୍ଡାଇ କୁନ୍ଦୁମ-ହାର ବିଭାବରୀ
ବାନ୍ଧନି-ବଳୟ-ଦୂରେଣ,
କେତେ ବଳପିଲ ବକୁଳ ବାକ୍ୟରେ,
କଜ୍ଜଳପର୍ଣ୍ଣୀର ମୂର୍ଚ୍ଛି ।
ସେତେବେ କାବ୍ୟ-ମଣି-କୁନ୍ତଳା ଦେଖିଲୁ
ଅରୁଣ-ଛଟା-ଅନଳେ,
ଧୂମଗତି ଧାରି ବାଷ୍ପ ବ୍ୟଗ୍ରଦେଶେ
ଉଠିଲା ଜଳଧ୍ୱନିରେ ।
ଦ୍ୱିଜରାଜ ହସ୍ତେ ଦଳିତକ ହୋଇ
କାନ୍ଦିଲେ ଦ୍ୱିଜ ସକଳ,
ଦ୍ୱିଜ ତୋଇ ଦ୍ୱିଜ-ଗଣ ଅବସାନ;
ଜରି ଦେଲେ ନେତ୍ରଜଳ ।
ଉଦୟ ପର୍ବତ ଉଚ୍ଚ ସିଂହାସନେ
ତାରି ସ୍ୱର୍ଣ୍ଣ-ଅମ୍ବରଣ,
ମସ୍ତକ-ମୁକୁଟେ ତିଳେ ଦିନମଣି
କଲେ ଶୁଭ ଆଗମନ ।

ଦଶ୍ୟ—ଜ୍ୟୋତିଷ । ଈପ୍ସିତ—ବାଞ୍ଛିତ । ଅନ୍ତରିକ୍ଷ—ଆକାଶଗଙ୍ଗା । ବିଜଳି—କରୁଣାବାକ୍ୟ ଅନ୍ୟପକ୍ଷେ ପକ୍ଷୀର କଳନାଦ । ଦ୍ୱିଜରାଜ—ଚନ୍ଦ୍ର । ଦ୍ୱିଜ—ପକ୍ଷୀ, ଦନ୍ତ, ବ୍ରାହ୍ମଣ, ଦ୍ୱିଜନ୍ମା । ମସ୍ତକ—କିରଣ ।

ଫୁଟିଲା ଗଗନେ ଚନ୍ଦ୍ର-ସୁଚନ୍ଦ୍ରିକା
ଦେଖି ଶରଦମ୍ବୁ ନୀରେ,
ମନ୍ଦ୍ୟ ଦିଗଙ୍ଗନା ଅଭିଷେକ କଲେ
ଉତ୍କ୍ଷିପ୍ତ କମଳ କରେ !
ବେଦ ଉଚ୍ଚାରିଲେ ମଧୁର ଝଙ୍କୃତ
ଧବଳ କଳୁତମାନେ,
ଚକ୍ରବାକ ତହିଁ ବିସଖଣ୍ଡ-ଦଣ୍ଡ
ଧରି ଆସେ ସନ୍ନିଧାନେ ।
ନିଶାଚରଙ୍କର ହୃଦ୍‌ଗୃହ ଚୋର-
ଗଞ୍ଜରେ ରହିଲା ନାହିଁ,
ଚୌଦିରେ ହେଲା ଖଣ୍ଡ ତିମିର-ଅଗାର
ଲୁଚିଗଲା କାହିଁ କାହିଁ ।
ସଂସାର-ସାଗରେ ବୁଡ଼ିଲେ ପ୍ରାଣୀଏ
ନିଜ ନିଜ କର୍ମ-ତରୀ,
କ୍ଷୁଧା-ଧର୍ଷ-ବିଳ ଲୋଡ଼ିଲେ ବାହୁଡ଼ି
ପବନ ବହନ ସଞ୍ଚରି ।
ଏହି ସମୟରେ ମୁକ୍ତ ପ୍ରଣାଳୀରେ
ପାଇଁ ସୁବାସିତ ପାଣି,
ସୁବର୍ଣ୍ଣ ସ୍ୱର୍ଣ୍ଣରେ ଦେଇଲା ପାଣିକୁ
ଦାସୀ ଏକ ଦେଲା ଆଣି ।
ସେହି ଦାସୀକି ସେ ଯୋଗ୍ୟ ବୁଝି ମଣି
ବୋଇଲା, "ଆଲୋ ଚପଳେ,
ମୋ ଚକ୍ଷୁ-ଚକୋରେ ଶୀତଳ ଚନ୍ଦନ
ବୋଲି ପାରିବୁ କି ଭଲେ ?"
ଚପଳା ବୋଇଲା, "ଏ କି ଚମତ୍କାର,
ଆଣିଦେବଲି ଏକ ପଳେ,
ମନ୍ତ୍ରୀ ଦେଇପାରେଁ ଶ୍ରୀଅଙ୍ଗ ଚନ୍ଦନ
କର୍ପୂରବାସ-ଉଜ୍ଜ୍ୱଳ ।"
କୀଚକ ବୋଇଲା, "ଆଣିପାରୁ ଯେବେ
ସୈରିନ୍ଧ୍ରୀ-ଘର୍ଷିତ ଚନ୍ଦନ,
ତ୍ରୁଟି ନ କରିବି ଦେବା ପାଇଁ ଲବେ
ତୋହର ବାଞ୍ଛିତ ଧନ ।

ଯେଉଁ ବସନରେ ଯେଉଁ ଭୂଷଣରେ
ଅଭିଳାଷ ହେବ ତୋର,
ସେହି ସବୁ ଦେବି ପୁରସ୍କାର ବୋଲି
ଅସମ୍ମତି ନାହିଁ ମୋର ।"
ଦାସୀ କହେ, "ପ୍ରଭୁ, କେଉଁ ଛଳନାରେ
ଏଡ଼େ ସେବ ସୁନ୍ଦରୀର,
ଆଜ୍ଞା ହେଉ କିବା ଅଛି ଯତନରେ
ଆଣିବ ଦାସୀ ସତ୍ୱର ।"
କୀଚକ ବୋଇଲା, "ତ୍ରିଦଶ-ଅଙ୍ଗନା-
ସଦୃଶୀ ଏକ ସୁବେଶା,
ରାଜଭବନରେ ଅବସ୍ଥାନ କରେ
ଦେଖିଥିବୁ ବୁଦ୍ଧିମନ୍ତ !
କେତେଦିନୁଁ ଆସି ସୈରିନ୍ଧ୍ରୀ ନାମରେ
ନାରୀଗଣେ ପରିଚିତ,
ପ୍ରାଣେଶ୍ୱରୀ ଗୃହକର ତା ସଙ୍ଗ-ଚନନ
ଏକା ମୋହର ବାଞ୍ଛିତ ।"
ଚପଳା ବୋଇଲା, "ଜାଣେ ସୈରିନ୍ଧ୍ରୀକି
ବାସ୍ତବ ସୁନ୍ଦରୀ ଭାରି,
ପୁରୁଷରେ ମନ ଆକର୍ଷିତ ହେବା
ତହିଁ ନୁହେଁ ଚମତ୍କାର ।
ପଞ୍ଚ-କିରତିଣୀ କରୋଟି ଗର୍ବରୁ
ହୋଇଅଛି ଏକାକିନୀ,
ସହିଲେ ଶମ୍ଭୁଙ୍କ ନାମରେ ବାମାର
ମନ ଆଣିଦେବ କିଣି ।
ସୁନାସୀର-ପଦ କରଗତ ହେଲେ
କେ ଠେଲି ଦେଇଛି ପଦ ?
ଅସମ୍ଭବ ଯିବା ବଞ୍ଚିତ ବୃତ୍ତି
ଉତ୍ତ୍ୱଦେବା ଷଟ୍‌ପଦେ !
ଧାଇଁଲି ରସିକ, ହୃଦୟସିନୀକି
ଛଳେ ବଚନେ କହିଲା,
ବାକ୍ୟ ରସିତେବ ଚୁମ୍ବକ-ଫାଶରେ
ଶମ୍ଭୁଙ୍କ ଚରଣ ତଳେ ।

କଳୁତ — ଶିବ । ଧବଳାପାଙ୍ଗ — ହଂସ । ବିସ — ମୃଣାଳ । ପଳ — ଘଣ୍ଟାକାଳର ଊଣା; ଦଣ୍ଡର ଷାଠିଏ ଭାଗରୁ ଏକ ଭାଗ ସମୟ ।

କିନ୍ତୁ ଏ ପ୍ରସଙ୍ଗ ଲବମାତ୍ର ଜାଣି
ନ ପାରିବେ ସାଆନ୍ତାଣୀ,
ତାଙ୍କ କର୍ଣ୍ଣେ ଏହା ପଡ଼ିଲେ ମୋହର
ଉଠିଯିବ ଦାନାପାଣି ।
ଅଳଙ୍କାର କିଛି ନ ନେବ ସୁନ୍ଦରୀ
ନ ପିନ୍ଧିବ ପାଟଶାଢ଼ୀ,
ସାଆନ୍ତାଣୀ ଯଦି ଏହ ବେଶ ଦେଖିବେ
ମୋ ମୁଣ୍ଡରୁ ପଡ଼ିବ ବାଡ଼ି ।”
ଏହା କହି ପାଦେ ପ୍ରଣିପାତ କରି
ଚପଳା କଲା ପ୍ରସ୍ଥାନ,
ଉଦ୍ୟାନରୁ ଫୁଲ ଆଣିବା ଭରସା
ହୃଦୟରେ ନଦଇ ସ୍ଥାନ ।
ସୈରିନ୍ଧ୍ରୀ ନିକଟେ ଉପଗତ ହୋଇ
ବସି ହେଲା ସମାଦର,
ସୈରିନ୍ଧ୍ରୀ ବୋଇଲେ, “ଦେଖୁଛି ଚପଳେ,
ଆଜି ତୋ ବଦନ ସରସ ।”
ଚପଳା ବୋଇଲା, “ଦେଖିଲେ ତୁମ୍ଭଙ୍କୁ
ଦୁଃଖ ହୋଇଯାଏ ଦୂର,
ତୁମ୍ଭେ ମଧୁରିମା ଅଟଇ ଜଗତେ
ଦୁଃଖ-ଭୂଧର-ବିଦୁର ।
ମୋହର କଥା ଛାଡ଼ି, ପଡ଼ିବ ଯେବେ
ଯାହାର ନୟନପଥେ,
ଆନନ୍ଦ-ପ୍ରତିମା ହୋଇ ତା ହୃଦୟେ
ବସିଥିବ ଅବିରତେ ।
କେତେ ଦିନ ହେଲା ଦରଶନ ବିନା
ଟାଣି ହେଉଥିଲା ମନ,
ଉତ୍କଣ୍ଠ ମନର ତୃପ୍ତି ସାଧିବାକୁ
କଲି ଏହା ଆଗମନ ।”
ସୈରିନ୍ଧ୍ରୀ ବୋଇଲେ,“କେବେ ତୋ ମୁଖରୁ
ନ ଶୁଣେ ଏପରି କଥା,
କି ହେଲା ଚପଳେ, ଆସିଣ ବସିଲୁ
ବୃଥା ପ୍ରଶଂସା ଅଯଥା ।
ପ୍ରଶଂସ୍ୟ ଜନର ପରଶଂସା ପ୍ରୀତି
ମୋ ପ୍ରଶଂସାରେ କି ଫଳ,
କି ଲଭ ଉଦ୍ୟାନ ପୁଷ୍ପବୃନ୍ଦ-ସ୍ତୁତି
ଜନ୍ୟ ବୃକ୍ଷେ ଦେଲେ ଜଳ ।”
ଚପଳା ଚପଳେ ବୋଇଲା, “ଏ କଥା
କହିଲ ସତ ସୁନ୍ଦରି !
ତେବେହେଁ ନୋହେ ତୁମ୍ଭ ସୌନ୍ଦର୍ଯ୍ୟ ତୁଳନ୍ତି
ଅରଣ୍ୟ କୁସୁମ ପରି ।
ଯଦି ସେ କୁସୁମ ଆଦରେ କେ ନେଇ
ଚଢ଼ାଇବ ଦେବ-ଶିରେ,
କୁସୁମର ଶୋଭା, ଦେବ ସନ୍ତର୍ପଣ
ବଢ଼ିବ କି ନା ସେଥିରେ ?”
ସୈରିନ୍ଧ୍ରୀ ବୋଇଲେ, “ତୋ କଥାମତେ ମୁଁ
କାନନ-କୁସୁମ ସମ,
କିନ୍ତୁ ମୋତେ ଭୋଗ କରିବାକୁ ଛନ୍ତି
ପାଞ୍ଚ ଗନ୍ଧର୍ବ ମହତ ।
କୁସୁମ ତୋଳିବା ଦୂରେ ଥାଉ, କାହା
କୁସୁମ ଲୋଭରେ ବନେ
ପ୍ରବେଶ କଥା ଗନ୍ଧର୍ବେ ଜାଣିଲେ
ନଶିବ ତାର ଜୀବନେ ।”
ଚପଳା ବୋଇଲା, “ମୋ ମତେ ସୁନ୍ଦରି
ଦେଖାଇ ଏପରି ଛଳ,
ନିଜ ଦୁଃଖ ଚିନ୍ତା ଅବଜ୍ଞା କରିବା
ତୁମ୍ଭ ପକ୍ଷେ ଯୁକ୍ତ ଭଲ ।
ଯଦି ଇଚ୍ଛା କରୁ ଗୁଣୀଜନମାନଙ୍କ,
ନାହିଁକ ତୋ ଅନୁରୂପ,
ସୁଦେଷ୍ଣା ସୋଦର କୀଚକ ଅଟନ୍ତି
ବିଖ୍ୟାତ ବୀରରୂପ ।
ବଳିଷ୍ଠ କୀଚକ ସମ୍ପଦ-ଗରବ
ଶଙ୍କା ଦେଉଛନ୍ତି ଧରା,
ବିରାଟ ନରେଶ ଆନନ୍ଦରେ ଛନ୍ତି
ହରଷ ସୁଧା ପାନ କରି ।

ବିଦୁର—ବଜ୍ର । ସନ୍ତର୍ପଣ—ତୃପ୍ତି ।

ଏଣୁ ଏ ରାଜ୍ୟରେ ଜନଙ୍କ ସ୍ୱଭାବ
ହୋଇଅଛି ଧର୍ମବନ୍ତ,
ରାଜା ସତ ମାନ୍ୟ କରୁଛନ୍ତି ତାଙ୍କୁ
କି ପ୍ରଜା କିବା ସାମନ୍ତ ।
ରାଜନନ୍ଦିନୀଙ୍କ ସୋଦର, ତହିଁରେ
ରାଜାଙ୍କ ମହା ଆଦର,
ହୋଇଯାଇଅଛି ପତିତ ସୁବର୍ଣ୍ଣେ
ସୋହାଗା, କ୍ଷୀରେ ଶର୍କର ।
ନାଥଙ୍କ ସୁମୁଖ-କମଳରୁ ଆଜ୍ଞା-
ଚାତୁରୀ ଝୁଣ୍ଟଇ ଯାହା,
ମହେଶ୍ୱର ଜଟା-କୁସୁମ ପରିସେ
ଲୋକେ ସେବୁଛନ୍ତି ତାହା ।
ସୌଭ୍ରାତୃରୂପ ବନ୍ଧୁ-ବସେ ଯେଉଁ ବଳେ
ନାଥଙ୍କ ମନ-ଦୋଳିକ,
ବିକଶନ୍ତି ସେହି ବଳକୁ ସନ୍ତତ
ଖୋଳି ନ ପାରିବେ ଖଳ ।
ଧନ ଦେଖି ଜନ ମନ ଭୁଲିଯାଏ
ଜଗତେ ଅଛି ଏ ଖ୍ୟାତି,
ଧନ ପାଇଁ ଲୋକେ ଜୀବନ ଦିଅନ୍ତି
ଘୋର ଆହବରେ ମାତି ।
ଧନ କରେ ଦାସ ଧନ କରେ ମାନ
ହୀନ କରାଏରେ ଧନ,
ଧନେ ବଢ଼େ ପାଣି ଧନେ ବଢ଼େ ଅଗ୍ନି
ଧନର ସେବକ ଜନ ।
ଧନ ସଙ୍ଗେ ଦମ୍ଭ-ପଣ ରହିଥାଏ
ଧନହୀନ ସିନା ଦାସ,
ଧନ ଥିଲେ କାହିଁ ଭୁଲନ୍ତା ଭ୍ରମର
ଛାଡ଼ି ଉପବନରେ ବାସ ।
ଆଜନ୍ମ ମରଣ ଧନର ଉପରେ
ଜୀବନ ରଖିଲି ବାନ୍ଧି,
ଏହା ଜାଣି ବନ୍ଧୁ-ପ୍ରିୟା କରେ ଦେଇ-
ଛନ୍ତି ଧନ ଅଧିକାର ।

ପ୍ରମଦା-ମାନସ ଆକର୍ଷିତ ହୁଏ
ସ୍ୱଭାବେ ଧନିକ ଜନେ,
ଚଳଇ ଶମ୍ପା ସେହି ଗୁଣ-ବଳେ
ଜଳଦେ ସ୍ଫୁର୍ତ୍ତି ଘନେ ।
ଆଉ ଏକ କଥା, ଦୁହିତା ଲୋଡ଼ିଲ
ସଦା ପ୍ରଣୟନଶାଳୀ,
ପଣ କରି ଏତା ହାରନ୍ତେ, ଅର୍ଜ୍ଜୁନେ
ବାଛିଥିଲେ ଦ୍ରୌପଦୀ ବାଳୀ ।
ନାଥଙ୍କ ନଗର ହୋଇଅଛି ଆଜି
ଦିଗନ୍ତ ବାସବ-ବାସ,
ବିରାଜି ନଗରେ କରନ୍ତି ତାଙ୍କ
ସ୍ୱଜନବର୍ଗଙ୍କୁ ଆଶ ।
ସ୍ୱର୍ଗ କଥା ସିନା ହେବାର ଏଭଳି
ଲୋକ ଦୋଳ-ପ୍ରଶଂସିତ,
ବିଭାବସୁ-କର-ସୁଖ ମଧୁରିମା
ଜାଣିପାରିବ କେମନ୍ତ ।”
ଗୌରାଙ୍ଗୀ ବୋଇଲେ, “ତୁହି କମଳିନୀ,
ଶଶୀବର୍ଣ୍ଣ ଲୋଡ଼ା ନାହିଁ,
ବନ କୁସୁମ ମୁଁ ହୋଇଅଛି ବନ-
ଦେବଙ୍କ ପ୍ରୀତି ପାଇଁ ।”
ଚପଳା ବୋଇଲ, “ମୋ କଥା ନ ସେନି
କଲେ ବୃଥା ଅଭିମାନ,
ଦୁଃଖ ହେବା କଥା ଦୁଃଖେ ହେବ, ତହିଁ
ଲାଭ ହେବ ଅପମାନ ।
ଭକ୍ଷ୍ୟଭୋଜ୍ୟ-ଶୋଭା ସୁପକ୍ୱ ରସାଳ
ପଡ଼ିଲେ ନ ଖେଳେ ହାତେ,
ଶିଶୁଏ ଦେଖିଲେ ନିଅନ୍ତି ସେ ଫଳ
ପକାଇ ଧୂଳିପଟଳେ ।
ଏ ରାଜ୍ୟ ଋଦ୍ଧିଳବକୁ ଶିଶୁପାଇଁ!
ପତିବ୍ରତା ଅଭିମାନ,
ହୋଇଯାଉଛି ତୋ ଦେବେ-ମାନସ-
ତଟଙ୍କରେ ଭସମାନ ।

ଶମ୍ପା- ବିଜୁଳି । ବାସବ—ଇନ୍ଦ୍ର । ବିଭାବସୁ—ସୂର୍ଯ୍ୟ ।

ଦେଖୁଛୁ ସୁନ୍ଦରି, ଗଗନ-ପ୍ରାନ୍ତରେ
ଯେ ଘଟିରେ ଜଳ ଥାଇ,
ସେହି ଘଟିବାରି ଶୁଦ୍ଧ ହୃଦେ ରଖି
ପାରନ୍ତି କି ନିଜ କାନ୍ତି ?"
ମୈତ୍ରୀ ବୋଇଲେ, "କଳପ କଳପ
କଳଟିଲେ ଏଣୁ କଥା,
ନ ଟଳିବ କେବେ ମୈତ୍ରୀର ମନ
ସାର ହେବ ହୃଦବ୍ୟଥା ।
ଉଜ୍ଜ୍ୱଳ ଉଜ୍ଜ୍ୱଳ ହୃଦୟ କରିଥାନ୍ତି
ଧନ୍ୟ ଜନ୍ମ ମୂଳ ଆଶା,
ଛିନ୍ନ ମୁଦ୍ରଭାବ ଆଶ୍ରୟେ କେବଳ
ଶରତ ଉଜିର ଆଶା ।"
ଚାତକୀ ବୋଇଲା, "ତୁମ୍ଭ କାତର ହେଲେ
ଯେମାନେ କାଟିବେ ନାହିଁ,
ଅତୁଳ ଶ୍ୱରକ ଶ୍ୱେତ କରୁଥାଅ
କରିବ ହୃଦୟେ ଥାଇ ।
ସୁଧାକର-ନୃତ୍ୟ-ପ୍ରଫୁଲ୍ଲ ବଦନା
ସୁଧାଂଶୁ-କାନ୍ତ-ମୋଦନା
ଚନ୍ଦ୍ର ଅନୁଦୟେ ତମିର ସଙ୍ଗମ
ନ ଫୁଟନ୍ତି କି କୁମୁଦିନୀ ?"
ମୈତ୍ରୀ ବୋଇଲେ, "ଜାଣିପାରିଲି ମୁଁ
ତୋ ମନ ବୁଝିଲି ଭଲ,
ଅନୁ ମୋ ପାଶକୁ ନ ଆସିବୁ କେବେ
ଆଜ ଏବେ ଶୀଘ୍ର ଚଳ ।
କଷ୍ଟେ ଜାଣିଥାଅ ନୋଷ୍ମପ୍ରାନ୍ତ ହେବେ
ତୃଷ୍ଣ ଲାଗ୍ନା ଅନାହୂର,
ସ୍ୱାର୍ଥିର ମୋହର ଘନ-ବଦନକୁ
ଜୀବନ ପେଶିବେ ତାର ।
ନ କରିବ ନିନ୍ଦା ବିରାଟ ନୃପଙ୍କୁ,
ଖାଇଁ ତାଙ୍କ ଅନ୍ନ ଜଳ,
ସେ ଦେଦେ ଅନନ୍ତ ଅଟନ୍ତିବ ଧର୍ମୀ
ନ ବେଦ କି ଦୁର୍ବଳ ?
ଅପବ୍ୟବହାର କରିଲ ନବ ନୃପ
ମୋହେ ସ୍ୱର୍ଣ୍ଣନଗାର,
ଦାବାନଳଦଗ୍ଧ ଇନ୍ଧନ ପରାୟେ
ଅଚିରେ ବିନାଶ ପାର ।"
ମୈତ୍ରୀ ମୁଖରୁ ଚାତକା ଦାରୁଣ
ନିକଟ ଉତ୍ତର ପାଇ,
କୁଟିରେ ନିଜେ ଶସ୍ୟଭକ୍ଷୀ ମୃଗ-
ପରାୟେ ଗଲେ ପଳାଇ ।
ମୈତ୍ରେୟର ମନ ଚନ୍ଦ୍ରକା କି ଗ୍ରହ
ଚାତକୀର ବାକ୍ୟ-ଜାଳେ,
କେବେ କି ବଡ଼ାଂଶେ ସିଂହକା ବଚନ
ଶୁଣିଥିଲୁ କେଉଁ କାଳେ ?

## ଚତୁର୍ଥ ସର୍ଗ

ଚାତକା ଚାତକଟା ଅନ୍ତରେ ଶୋଚି,
ଶ୍ରବଣେ ବାତୁଳିଲ ନବଘ ତୋଳି ।
ଜାନକା ପାଖୁଁ ଯେତେ ସକଳ ଦୁଃଖ,
ବାପି କୁସୁମ ଭଳି ଟୋକଳ ତା ଦ୍ୟୁତି ।
ଚାତକ ପାଖେ ଗତିରେ ରମଣୀ
ବୋଇଲା, "ହେ ରସିକ-ମୁକୁଟ-ମଣି !
ରସାଳ ଦେଖ ତରୁବାରେ କହିଲ,
ରସିକ କାହିଁ ତହିଁ ନବଛଳଲି ।
ମଦନ ଗନ୍ଧ ପାଇଁ ଯେ ସୁଦର୍ଶନ,
ଶାନ୍ତିକ ରକ୍ତ ପର ତା ପାଖି ଜନ ।
ମଣିଲ ନେଜାର ଯା ପାଖ ପତ୍ର,
ଶତ୍ରୁ ପାଇଁ କ ପ୍ରୀତି ତାର ଅଟନ୍ତି !

ଜ୍ୟୋତି—ତାହା । ବିଟପ—ଫୁଟ ଧରିବା କାଳ । ଦ୍ୟୁତି—କାନ୍ତି । ସୁଦର୍ଶନ—ବସ୍ତ୍ର,ଚକ୍ର ।

ସ୍ଥିର କରନ୍ତୁ ଯୁକ୍ତ ଅନ୍ୟ ଉପାଦେୟ,
ଯା ଦେବେ ଆପଣଙ୍କ ମନକୁ ଯାଏ ।
ବୋଲାଇ ମୁଁ ସେ ଉପାସ୍ୟ ଶଶିଧରଙ୍କ,
ଅଛିବ ବାମା ନବ ବନ-କରିଣୀ ।”
କନକ ଉତ୍ତରିଲା, “କହିଲି କଥା,
ନ କହି ଆଗେ ତାହା କାହିଁକି ରହୁ ?
ଆତୁର କରୁଅଛୁ ଯାହାକୁ ସୁଧା,
ଦେଖୁଛୁ ଅରେ ତାକୁ ଦେବାକୁ ସୁଧା ?”
ଦାସୀ କହିଲା, “ତୁମେ ନାଗଙ୍କ ପାଶେ,
କହିବ କଥା ଛଳ କରି ବିଶ୍ୱାସେ ।
ଗତ ନିଶାରେ ସ୍ୱପ୍ନ ଦେଖିଲେ ଝିଅ,
ନାଗଏ ଦେଖାଦେଇ ଗଲା ଉଷାଇ ।
ସେତିକ ବେଳୁ ଶଯ୍ୟା ଅଗ୍ନିର ପ୍ରାୟେ,
ନିରବେ ବସିଛନ୍ତି ତା ରୂପଧ୍ୟାନେ ।
ଯାବତ ନ ହେବ ତା ସାକ୍ଷାତକାର,
ତାବତ ନାହିଁ ତାଙ୍କ ପାନ ଆହାର ।
ରମଣୀ ନାମ ନାଗ ଶୁଣିଲି ମତେ,
ବୈଦର୍ଭୀ ବୋଲି କହିଦେବ ଗୁପତେ ।
ନାଗ ତ ଉପଦେଶ ଶୁଣିବେ ନାହିଁ,
ଯତ୍ନ କରିବେ ନିଶ୍ଚେ ତୁମର ପାଇଁ ।
କହିବ ତାଙ୍କ ଆଜ୍ଞା ଅଛି ନା ଯାଇ,
ଆଜ୍ଞାପାଳନେ ହେବ ବୈଦର୍ଭୀ ବାଧ ।
ଦେଖିଲେ ବାମା ଆଖି ତୁମ୍ଭ ବଦନ,
ଆଉ କି ସ୍ଥିରହେବ ତାକୁ ମଦନ ?
ଦର୍ଶନ ବିନା କାହିଁ ଘୁଞ୍ଚିଛି ପ୍ରୀତି,
ଦେଖୁନ୍ତି ନିତ ଋତୁ-ପଦ୍ମିନୀ ଜନ ।
ଭଜିବ ତୁମ୍ଭଙ୍କୁ ତା ପତିଙ୍କ ଛଳ,
ଲଭା ଲଳନାର୍ହ ତ ନ ହୁଏ କଳ ।
ଲତିକା ଏକ ତରୁ ଆଶ୍ରୟେ ଥାଏ,
ପାଶେ ଯଦ୍ୟପି ଅନ୍ୟ ବିଟପ ପାଏ;
ଦୁଅଇ ଅନ୍ତରର ତା ଆଲିଙ୍ଗନେ,
ନବ କୋମଳ ପ୍ରେମ ଭରିଉ ମନେ ।”

କନକ ବୋଇଲା, “ତୋ ପ୍ରିୟ ବଚନ,
ମୋ ପ୍ରାଣ-ଚାତକର ଜଳଦ ସ୍ୱନ;
ଆସାର ଅଶନି ତୋ ଦୁସ୍ତରର ବାକ୍ୟ,
ଆଶିବାମାଏ ତୋର ବସିଛି ଝାଙ୍କ ।”
କନକ ହୃଦୟରେ ଦେଇ ଆଶ୍ୱାସ,
ଚପଳା ଚଳେ ଯେତେ ସୁଦେଷ୍ଣା ପାଶ ।
ବନମଧ୍ୟ ଭୂମି ଛୁଇଁ ଦେଇ ଜୁହାର,
ବୋଇଲା, “ଦେବି, ଅଛି ଏକ ଗୁହାର ।
ଗତ ନିଶାରେ ସ୍ୱପ୍ନ ଦେଖିଲେ ଝିଅ,
ନାଗଏ ଦେଖାଦେଇ ଗଲା ଉଷାଇ ।
ସେତିକି ବେଳୁଁ ଶଯ୍ୟା ଅଗ୍ନିର ପ୍ରାଣେ,
ନିରବେ ବସିଛନ୍ତି ତା ରୂପ ଧ୍ୟାନେ ।
ଯାବତ ନ ହେବ ତା ସାକ୍ଷାତକାର,
ତାବତ ନାହିଁ ତାଙ୍କ ପାନ ଆହାର !
ଏ କଥା କହି ପାଉଣ ଗୁପତେ ମତେ
କହି ବୋଇଲେ, ‘କର ତୋ ସାଧ ମତେ ।’
ଜାଣିଲି ସବୁ କଥା ଗର୍ଭଧାରିଣୀ,
ସେହେତୁ ଝିଅ କଥା ଜାଣେ ରାଣୀ ।
ତା ସୁଖ ଦୁଃଖ ସୁଖ ଦୁଃଖ ତାଙ୍କର,
ସୁହଇ ଉପଲଭ୍ୟ ଆଉ ଅନ୍ୟର ।
କଥା ଶୁଣିଲେ କଣ ହୃଦୟ ଜୁଡ଼େ,
ସେକାଳେ ନଦୀ ରହେ ଅତି ନିକଟେ ।
ନଦୀ ବଢ଼ିଲେ କଣ ଟାଣ୍ଡ ଲଭଇ,
ତା ଦେଖି ନଦୀ-ହ୍ରଦ ଫୁଲି ଉଠଇ ।
ସ୍ୱ ମନ୍ଦିରେ ନଦ ତଟରେ ଥାଇ,
ତା ଷଣ୍ଢ କଥା କହି ଜାଣନ୍ତି ନାହିଁ ।
ନିଶ୍ଚଳେ ଥାଇ ଦେଖୁଥାନ୍ତି ମତ୍ସ୍ୟନେ,
ଆତୁର ହୁଅନ୍ତି ସିଏ ପ୍ରସ୍ଥାନେ ।
କନକ ସୁଖ ଦୁଃଖ ଜାଣିବ କିଏ,
ମହାଦେବଙ୍କ ବିନା କେ ଅଛି ଭବେ ?
ଟିକେ ଉହୁଙ୍କା ଦାସୀ ଚାହିଁ ନ ପାରି,
ଅନ୍ତରେ କାଣି କରୁଅଛି ଗୁହାରି ।”

ଶୃଣି—ଅଙ୍କୁଶ । ବିଟପ—ଶାଖା । ଆସାର—ଜଳଧାରାପାତ । ଅଶନି—ବଜ୍ର । ନଗ—ପର୍ବତ ।

ଚପଳା ଦାସୀକୁ ରାଣୀ ଡକାଇ ଚଞ୍ଚଳ
ପଚାରିଲେ, "କା ପାଇଁ ମୋ ଭାଇ ବିକଳ ?
ମତ୍ସ୍ୟରେ ଅଛି ଏଡ଼େ କେ ରାଜକନ୍ୟା ?
ମୋ ଭାଇ କର ଧରି ନ ହେବ ଧନ୍ୟା ?
କହ, ପିନ୍ଧିଛି କାହା ଭାଗ୍ୟ-ଭଣ୍ଡାର ।
ଅଚିରେ ଘୁଞ୍ଚିବ ତା ଦୁଃଖ-ଅନ୍ଧାର ।
ଆଜି ଯିବର ରାଜଦୂତ ହୋଇ,
ଯତ୍ନ କରିବ ତାକୁ ଆଣିବା ପାଇଁ ।"
ଦାସୀ କହିଲା, "ଦେବି ! ନାହିଁ ସେ ଦୂରରେ,
ରାଜ ଅନ୍ତଃପୁରେ ବସଇ ଏ ରାଜପୁରେ ।
ସୈରିନ୍ଧ୍ରୀ ବୋଲି ଡାକୁଛନ୍ତି ଯାହାକୁ,
ଭାଇ ଦୂରରୁ ଦେଖିଛନ୍ତି ତାହାକୁ ।"
ସୈରିନ୍ଧ୍ରୀ ନାମ ଶୁଣି କମ୍ପିଲେ ରାଣୀ,
ହାୟ ! କାମମୋହି ଦେଲେ କଣ୍ଠରେ ପାଣି ।
ବୋଇଲେ, "ଏ ତ ହେବା ବଡ଼ ଦୁରୂହ,
ଏ କଥା ତୁଚ୍ଛ ଏବେ ଭାଇଙ୍କୁ କହ ।"
ଦାସୀ ବୋଇଲା, "ଦେଖିଛନ୍ତି ସ୍ୱପନ,
ଦେଖିବେ ଥରେ ମାତ୍ର ତାର ଆନନ ।
ତୋଷିବେ ମାତ୍ର ତୃଷ୍ଣାତୁର ନୟନ,
ଛୁଇଁବେ ନାହିଁ ତ ସେ ତା ବଦନ ।"
ରାଣୀ ବୋଇଲେ, "ଏଥି ଭୋଳାଇଲେ ଆନ,
ଦେଖ, ଚପଳେ ! ତୋ ନ ବଞ୍ଚିବ ପ୍ରାଣ ।
ସାମାନ୍ୟ ନୁହଇ ପତିବ୍ରତା-ମହିମା,
ରହି ନ ପାରେ ତହିଁ କାହା ଗରିମା ।"
ଚପଳା ମନେ ଭାବେ, ଯା ଭାଗ୍ୟ ଏତ,
ସେ କାହିଁ ହେଲା ଦୁଃଖୀ କି କୁହେ ସତ ?
ଏ ନୁହେ ଯାଜ୍ଞସେନୀ ପାଣ୍ଡବ-ପ୍ରାଣ,
ପାଣ୍ଡବେ ଆସି ତାକୁ କରିବେ ତ୍ରାଣ ।
ଥିଲେହେଁ ଯତି ତାର ମୋ ଭାଗ୍ୟ କାହିଁ ?
କୀଚକ-ବୀରବର ରାଣୀଙ୍କ ଭାଇ ।
ତାହାଙ୍କ-ମନ ତୋଷି ଧନ ବହିବ,
ସମ୍ପଦ ଅରଜି ଚିର ସୁଖେ ରହିବ ।
ଏଣୁ-ଚିତ୍ତର ସନ୍ଧ୍ୟା କରି ଚିନ୍ତନ,
ଯାଏ ଉତ୍ଫୁଲ୍ଲ ଚିତ୍ତ ରଙ୍ଗ ବଦନ ।
ବିନ୍ଦୁ ଗଣଇ ଆସି ଚତୁରୀ ହୋଇ,
ସୈରନ୍ଧ୍ରୀରୁ ଦେଖି କାହିଁ ବୋଲିବୁ କେବେ ?
ଚପଳା ଯାଇ ବାର୍ତ୍ତା ଦେଲାଇଲେ ପ୍ରୀତି,
"କମଳ ଅଛି ନା ତୋ ହେଲୁ ଦେଯ ଭୂମି !
ନମନ୍ତେ ଥିଲା ଯାଇ ବୃନ୍ଦାବ କହ,
ଏ ଦାସତ ମନର ପୁଷ୍ପ ଝଞ୍ଜା ସହୁ ।
ନିନ୍ଦା-ବିଳାସୀ ରାଣୀ ରଙ୍ଗିଲେ ଉଷା,
ଦୁଃଖଭରା ଚିନ୍ତା-ଜାଗ ଆଶାର ଭୂଷା ।
ପ୍ରସନ୍ନ ଭାବ-ଦୃଷ୍ଟି ପ୍ରସନ୍ନତୟ,
କ୍ଷଣେ କେମନ ରୂପ ଏତେରେ ସହୁ ।"
ଚପଳା ଚମକିଲା ଶୁଣି ଏ ବାଣୀ,
ଗ୍ରହିଲା ମନ କଥା ଜାଣିଲେ ରାଣୀ ।
ଦଣ୍ଡସ୍ତୁ ବୋଇଲା, "ଏଥି କୈତବ ନାହିଁ,
ଧରମ ନୀତି କି ନ ଜାଣନ୍ତି ଭାଇ ?
ଦ୍ୱୀପରେ ଯେମନ୍ତ ନାହିଁ ଜଳ-ପିପାସା,
ନାଗିଚ ମେଣ୍ଟାଇବା କରନ୍ତି ଆଶା ।
ନୟନ ବେଳ ହେବା ସାଧନ ପାଇଁ,
ହୋଇଛି ଦେହ ନାହିଁ କା ଶକ୍ତି ପାଇଁ ।"
ରାଣୀ ବୋଇଲେ, "ଦେବକୁ କହିବୁ ଯାଇ,
ସୈରିନ୍ଧ୍ରୀକି ଦେଉଅଛି ପଠାଇ ।
ପାନପାତ୍ରରେ କଣ୍ଠ ପୂରାଇ ନେବେ,
ନିକଟେ ଥୋଇ ଥରେ ଦର୍ଶନ ଦେବେ ।"
ଚପଳା ଫେରି ପଦେ ବନ୍ଦାଇ ଦେଲା,
ଗଲା ପାଶେ ଶୁଭ ସମ୍ବାଦ ଦେଲା ।
ବୋଇଲା, "ତୁମ୍ଭଙ୍କର ଫଳିଲା ଭୋଗ,
ଧରିଲି ଅବଳାର ସୁମନ-ଢେଙ୍କ ।
ଆସିବ ସୁମୁଖୀ ସେ ପାଶକୁ ଧରି,
ଦେଖ ସୁମୁଖୀ ଥରେ ନୟନ ଭରି ।
ଶୁଣିବ ଯେତେବେ ମୃଦୁ ବଚନ ତେବେ,
ମଦନ ଛାଡ଼ିବ କି ନ ବାନ୍ଧି ତେବେ ।"
ହସି କୀଚକ ପ୍ରୀତି-ଭରେ ଭାସି
ବୋଇଲା, ଚପଳାର ବୁଦ୍ଧି ସାବାସି,
"ଲବଣୀ-ଦେହ ତୋର ନେଉ-ପଞ୍ଜର,
ନର୍ତ୍ତକୀ-ବହୁଳ ହୋଇ ଅଛୁ ତ ଥରେ ।

ବାମା-ମାଧୁରୀ ସୁଧା-ନିର୍ଝର-ଧାରେ,
ମଗ୍ନତେ ତୁମ୍ଭ ମୋର ନୟନତାରେ ।
ଧୋଇ ସନ୍ତାପ-ତାପ କ୍ଳାନ୍ତି ବିନାଶୁ,
ଝୁଲିଲି ଲ ଶାନ୍ତି-ଶୈବଳ ପ୍ରକାଶୁ ।
ସତ୍ୱର ସ୍ନାନ ସାରି ଚିକ୍କଣ ବସନ,
ଅଙ୍ଗରେ ଆବରଣ କରି ଲେପନ;
ଘୂରି ମଣ୍ଡାଇ ଅତି ଉତ୍ସୁକ ମନେ,
ବସିଲି ସ୍ୱର୍ଗୀୟ ରମ୍ୟ ହେମ-ଆସନେ ।
ସଜାଇ ଚିକ୍କ ସ୍ୱଚ୍ଛ କୁସୁମ ଆଦେ,
ଗୁନ୍ଥିଲି ହୃଦମାଳ ଉଦରେ ଗୁପତେ ।
ନନାଇ ବାଳୀ ଅଙ୍କେ ବୋଳିବି ବୋଲି,
ଚନ୍ଦନ ଚନ୍ଦ୍ରସ ରଖିଲି ଘୋଳି ।
ତନୁ ରଖିଲି ମାତ୍ର ହେମ-ଆସନେ,
ମନ ରଖିଲି ବାମା-ପଦ-କିଙ୍କଣେ ।
ତାଙ୍କେ କି ଗଢ଼ିବାକୁ କମଳବଦନେ,
ଦେଖାଇ ଚିତ୍ରପୁ ତଥ ସ୍ଥିର ନୟନେ ।
ତାଙ୍କ ଦେଖିକି ଏଣେ ବସ୍ତ୍ରଠବଧୂ,
ଡାକି ବୋଇଲେ ବାକ୍ୟେ ମିଶାଇ ମଧୁ ।
"ଅୟି ସୁର୍ଣ୍ଣଲେ ! ମଧୁ ତଳକ ବେଗ,
ଆଣୁ ଆସିବ ମୋର ଭାଇକି ଦେଇ ।"
କୃଷ୍ଣା ବୋଇଲେ, "ତୁମ୍ଭ ଭାଇଙ୍କ ଘର
ଯିବାକୁ ମୋତେ ବଡ଼ ମାଡୁଛି ଡର;
କରୁଣାମୟି, ମୋର ଆତଙ୍କ ହର ।
କରୁଣା ବହି ଆଜ୍ଞା ପ୍ରତିସହର ।"
ରାଣୀ ବୋଇଲେ, "ସଖି ! ଅଛି କି ଭୟ ?
କି ହେତୁ କରୁଅଛ ମନ ଅଥୟ ?
କି ଦେଖି ହୃଦୟରେ ପୋଷୁଛ ଡର,
ନୁହଇ ତା ପୁର ବନ ଅବା ସାଗର ।
ନାହିଁ ଏଥାସ୍ୟ ତହିଁ, ନାହିଁ ମକର,
ରଜୁ ହୃଦୟେ, କିମ୍ପା ଛଳନା କର ?"

କୃଷ୍ଣା ବୋଇଲେ, "ଦେବ, ନହେ ଈଶ୍ୱର,
ନାହିଁ ଏଥାସ୍ୟ ତହିଁ, ନାହିଁ ମକର ।
ଅଛି ତତୋଽଧିକର ମକର-କେତୁ,
ଏ ଦେନ ଭୟ ତୁମ୍ଭ ଭାଇଙ୍କ ହେତୁ ।"
ରାଣୀ ବୋଇଲେ, "ଏତ ନାହିଁ ସନ୍ଦେହ,
ମୁଁ ଏଥା ତଥା ତୁମ୍ଭେ ଜାଣ ଭଗିନି ।
ବିଶେଷେ ଧର୍ମ-ଶୈଳ-ଶୃଙ୍ଗେ ଯା ବାସ,
ପାତକବାତେ ତାର କି ଥାଏ ତ୍ରାସ ?
ସର୍ବଦା ଧାର୍ମିକର ଧରମ ସାଥୀ,
ଧାର୍ମିକ ରକ୍ଷା ପାଇଁ ପ୍ରଭୁ ଦୌବାରୀ ।
ହୃଦୟ ଐରାବଣ ଜମୂତଜାୟା,
ବ୍ୟୋମପ୍ରାଙ୍ଗଣେ ହୁଏ କ୍ରୀଡ଼ିତ କାୟା;
ତା ଲୋଭେ ଜନ ପଡ଼େ ଧାଇଁ ଅପାର
ଧରମ ନାଶେ ଶମ ହୁଏ କି ତାର ?
ସଖୀ-ରତନ ଅଟେ ଭକ୍ତ ମୋ ପତି,
ତରୁଣୀ ଗଳନରେ ତୁଛ ଜଗତି ।
ଶୁଦ୍ଧି ନ ରଖି ଡରି ଧରମ ପ୍ରାଣେ,
ତ ଷକ ଠକ ନ କି ମୋହରି ଗୁଣେ ।"
ରାଣୀଙ୍କ ଅନୁରୋଧ ନ ପାରି ଲଙ୍ଘି,
ତଷକ ଧରି ଉଭା ସୁଚାରୁ-ଶୁଭାଙ୍ଗୀ;
ଯିବାକୁ ମନ ତାଙ୍କ ବଳ ନ ବଳେ,
ମୃଦୁ ଚରଣ ଦୂର ଚଳି ନ ଚଳେ ।
ପ୍ରବାହ ଭାସମାନ ତୃଣ ସମାନ,
ରାଣୀଙ୍କ ପ୍ରେରଣାରେ ଚଳି ସୁନ୍ଦରୀ;
ଶୀଘ୍ର ଆବର୍ତ୍ତି ହେଲେ ଭାଇଙ୍କ ଠିଆ,
ମୃଗବିଭେଣ ନାଚି ଉଠିଲା ହିଆ ।
ଭାବିଲେ, ପ୍ରାଣକୁ ଦେଲି ଶୀଘ୍ର,
ହୋଇଲି ନାୟକର କୁମତି ନାତେ ।
ସେ ମନ ଫଳବତୀ କରିବା ପାଇଁ,
ଅଛି ଏ କଳବତୀ ମାତୃ ଲଭାଇ ।

---

ଝୁଳନବା—ଉତ୍ତୋଳିତ ପଦାର୍ଥ ଧାରଣ ବା ଗ୍ରହଣ କରିବା । ଚଷକ—ମଦ୍ୟପାନ ପାତ୍ର । ଆଶୁ—ଶୀଘ୍ର । ପ୍ରତିସଂହର—ନିବର୍ତ୍ତିନ କର । ଐରାବତୀ—ବିଜୁଳି । ଜମୂତ—ମେଘ । ଜାୟା—ସ୍ତ୍ରୀ ।

ସୋଦର ସ୍ୱପ୍ନ ଦୂତ-ଜନରେ ଗଢ଼ି
ମାୟା-ଜାଲରେ ରାଣୀ ଅଛନ୍ତି ଜଡ଼ି;
ସ୍ୱପ୍ନଦେଶରେ ତାଙ୍କ କୀଚକ-ନାଟ
ଦେଖୁଛନ୍ତି କୃଷ୍ଣା ସ୍ୱପ୍ନ ପଦର ବାଟ୍ୟ ।
ଉର୍ଦ୍ଧ୍ୱେ ଅନାଇ ସଖୀ ବୋଲାଇ ବିକଳ
କହିଲେ, "ଧର୍ମ, ତୁମେ ଅବଳା-ବଳ,
ବନ୍ଧୁ ତ ଆସି ଅନ୍ୟ ବନ୍ଧନ ପାର,
ସାଦର ଦିଅ ଆଜ୍ଞା ପାଳିବ ତାର ।
ସଞ୍ଚାର-ଭଡ଼ ଅଛି ଦଣ୍ଡେର ମୋର,
ଦେଖୁଛି ସ୍ୱପ୍ନ କାଳିକା ହସିବ ଘୋର;
ଆପଦେ ଥାଉ ମୋର ଦୁଃଖ ପ୍ରତିଷ୍ଠି,
ସୃଷ୍ଟି ରକ୍ଷଣ ପାଇଁ ଅଛନ୍ତି ହରି ।
ହରି ସୁମରି କଲେ ପଦସ୍ମରଣ,
ଯେ ଶତ୍ରୁ କରେ ସତମନ୍ତ୍ର ହରଣ
ଚାଲିଲେ ଧୀରେ ଧୀରେ ଷଡ଼ଧରେଳ,
ଦେବତ-ପଥ କିବା ପାଶ୍ୱେ ତଳେ ।
ହସ୍ତ ଦେଇକ ଶୋଭା ବିକାଶ କରେ,
ସୁଧା-କଳସ ଯେସନ୍ତ ମୋହନ-କରେ ।
କି ସରସ୍ୱତୀ ଧରି କବିତା-ରସ,
ମର୍ତ୍ତ୍ୟେ ଚାଲନ୍ତି ହୋଇ ଭକ୍ତର ବଶ ।
ଚଳିଲେ ପୁଣି ଉପବନ-ସରଣି,
ଚାଲିଲେ ଧନ୍ୟ ତହିଁ ମଣ୍ଡି ଧରଣୀ ।
ଦୂରୁ ଦେଖିଲେ କତେ ଗନ୍ଧର୍ବ ମଦନ,
ତଳେ କି ରାଜହଂସୀ ନନ୍ଦନବନେ ।
ଚନ୍ଦ୍ର ଉଡ଼ାଇଲେ କହି ନ ଦିଶେ ଥରେ,
ତତ୍‌କ୍ଷଣେ ଦେଖିଲେ ପୁଣି ମେଘ-ପଥରେ ।
ଚଳନ୍ତି ଖଣ୍ଡ ଖଣ୍ଡ ମେଘସ୍ତୂପରେ,
ଲୁଚି ଦିଶଇ ତାରା ଯଥା ପୁଷ୍କରେ ।
ଲାଗିଲା ପାଦ ତାଙ୍କ କୀଚକ-ଦ୍ୱାରରେ,
ଚଳିତ ସୃଷ୍ଟି ଯଥା ଅଧମଠାରେ ।
ତରଙ୍ଗ-ଦୋଳାସ୍ଥିତ ଚନ୍ଦ୍ରିକା ପରି,
ନଗ୍ରୋଧ ପଥେ ଧୀରେ ଚଳନ୍ତେ ସୁନ୍ଦରୀ ।
ଦ୍ୱାର ପ୍ରାଙ୍ଗଣେ ତହୁଁ ପଡ଼ିଲା ପଦ,
ହେବ ସୁଚିହ୍ନ ତା କୀଚକର ଆପଦ ।

ଦାବାଗ୍ନି ଧରି ରୂପ ରମଣୀ ବେଶ,
କୀଚକ କୁଳାଗ୍ରେ କଲା ପ୍ରବେଶ ।
ଯାହା କମଳା ତହିଁ ସ୍ତ୍ରୀ ଉଦୟନ,
କୃଷ୍ଣାକୁ ଅନାଇଁଲେ ସ୍ୱର୍ଗାଲଙ୍କନେ ।
ଦେଖିଲେ ଯେ ପରସ୍ତେର ଶୋଭା-ବର୍ଦ୍ଧିନୀ,
ପ୍ରସ୍ଥାନେ ଯଥା ଗଙ୍ଗା ସୂର୍ଯ୍ୟନନ୍ଦିନୀ ।
ଦାସୀଏ ଥିବା ଦେଖି ସେ ପଥ ଭୁଲି,
"କୀଚକ କାହିଁ ?" ପଚାରିଲେ ପାଞ୍ଚାଳୀ ।
ଦେଖାଇଦେଲା ଦାସୀ ଏକ ସଦନ,
ସେ ପୁରେ କୀଚକର ଉପବେଶନ ।
ଦ୍ରୌପଦୀ ଯାଇ ରାଣୀ ଆଜ୍ଞା ସୂଚକେ,
ଚଷକ ଥୋଇଦେଇ ବାଦତମୁଖେ ।
ପଛକୁ ବାହୁଡ଼ିଲେ ସୁରୂପବରଣୀ,
ଦେଖି ଅଧୀର ହେଲା କୀଚକ ମନ ।
ଆସନୁ ଉଠି କହିଲା, "ରହ ସଜନି !
କୁଆଡ଼େ ଯିବ କରି ଦାସକୁ କିଣି ।
ସେ ଶୁଣି ଭୀତି ସଖୀ ଅଙ୍ଗ ଚଞ୍ଚଳ,
ଚାଲିଲେ ବେଗ ବେଗ ଧରି ଅଞ୍ଚଳ ।
କୀଚକ ଖସାଇଲା ସ୍ୱଭାବ ମୁଖ,
ଦେଖି ହରିବ ଆଜ ଆଜନ୍ମ ଦୁଃଖ ।
ବିଦ୍ୟୁତ ପରି ଦୃଶ୍ୟ ହେଲା ବଦନ,
ସେ ଆଶା-ତିରେ ହେଲା ବଜ୍ରପତନ ।
ମାଗିବା ପାଇଁ ପୁଣି ଆଶା-ଜୀବନ,
କୀଚକ କଲା କୃଷ୍ଣା ପଛେ ଧାବନ ।
ଦ୍ରୌପଦୀ ଦ୍ରୁତପଦେ ଧାଆଁନ୍ତି ଆଗ,
ମୃଗୀ ପଳାଏ ଯେସନ୍ତେ ଦେଖିଲେ ବାଘ ।
ପଛକୁ ଉଡ଼େ ବାମା ଅଞ୍ଚଳ-ଶାଢ଼ି,
ମୁକ୍ତ କୁନ୍ତଳ ପୃଷ୍ଠେ ଦୁଲଇ ବାଢ଼ି ।
ଦୁଲଇ କଟି, ହଲେ ବାହୁଯୁଗଳ,
ଶାକୁଳ ନାଚେ ଶୋଭି ମୁଖମଣ୍ଡଳ;
ବନ୍ଧ ଅଧର ଓଷ୍ଠ ଛାଡ଼ି ନିଶ୍ୱାସ,
ଉରୁ ବସନ ନାଚେ ହୋଇ ଉଚ୍ଛ୍ୱାସ;
ପଛକୁ ଦିଶି ପାଦ ରକତ କାନ୍ତି,
ଜନ୍ମାଉଥାଏ ସ୍ଥଳ-କମଳ ଭ୍ରାନ୍ତି ।

କାଇଁ ବଉଳଗଛ ବାହୁଁ ପାଦପ ତଳକ,
ପଲ୍ଲବଙ୍କ ଧାଏ ପୁଣି ମୁକୁଳ ଗୁଚ୍ଛକ ।
ପାର୍ଶ୍ୱ ପାଦପ ନବପଲ୍ଲବଗଣ,
ବାହିଁ ବା କରୁଥାନ୍ତି ପଦ ଚୁମ୍ବନ ।
ଲତିକ କୃଷ୍ଣା ଦେଖି ଧାଏ ବଢ଼ନ୍ତି,
ତା ଗଳେ ଲମ୍ବିଥାଏ ପୁଷ୍ପ-ଖଣ୍ଡି ।
ସେ ଲତି କୃଷ୍ଣା ଯେବେ ଯେଉଁ ଦିଆ ଧାଏଁ,
ନିଠକା ପଛ ଉଠେ ଅନୁଗତ ଥାଏ ।
ଏରୂପେ ଦେଖିଲେ ପ୍ରାନ୍ତ ଉଦ୍ୟାନ ପାରି,
ଦ୍ରୌପଦ ତନୁ ଉମେ ଖେଳ ଅନାଇ ।
ସପ୍ତ ମନ୍ତ୍ରୀର ବୋଲି ଆସିଲ୍ ତେଣ,
ଆସିଲ ଗ୍ରାମ ବୋଲି ପାଦଶିକାକ୍ଷ ।
ଦ୍ରୌପଦ ଦେଖିଲେ ଉଚ ନଗର କରି,
ବାଜିଲ ଗ୍ରାମ୍ୟ ହେଲା ଧରକୁ ଏର ।

ଏକାଳେ ଅଧ ଉର୍ଦ୍ଧ୍ୱ କମ୍ପନ ତାର
ନ ରହି, ରହିଥାଏ ଅଙ୍ଗେ କୃଷ୍ଣାର ।
ଦ୍ରାକ୍ଷା ତରୁଶାଖା ଏକ ତା ଶିରେ
ବାଜନ୍ତେ ପୁଷ୍ପ ବର୍ଷିଗଲା ମହୀରେ ।
ଶିର ଆଉଁସି ଶାଖା ବୃନ୍ତିଲା ବସି,
ଉଠି ଝାଙ୍କିଲା ତାକୁ ଦେଖନ୍ତେ ଆକର୍ଷି ।
ଦ୍ରୌପଦୀ ଅଳି ଏକଣି ନିଜ ଉପରେ,
ବହିଲେ ଅବସାଦପୂର୍ଣ୍ଣ ନିବଚନ ।
ଗ୍ଳାନିକୁ ଦେଖିଲେ ଉଚ୍ଚ ସେଦ-ନିର୍ଝରେ,
ଅଞ୍ଚଳେ ପୋଛି ବାର୍ଦ୍ଧିଦେଲେ ସ୍ନେହରେ !
ବୋଇଲେ, "ଧନ୍ୟ ପ୍ରଭୁ ଆଉରଣାଶି,
ବନ୍ଧିଛ ଏକ କରେ କୁଶା-କୁଶାଣି ।
ଦସି ଯୁଗ ସୁରପତି ଉପଭୋଗ କରି,
ଦିନେ ଦର୍ଶିତ ଦୁଃଖ ହରିବ ହରି ।"

## ଅଷ୍ଟମ ସର୍ଗ

ପୁରନ୍ଦରଙ୍କ ନଗରରେ ନଟକ-କେଶିନୀ,
ଉରମଣୀ ବସୁଧାରେ ସେ କୁହ କେ ଯାଇ !
ମେଦିନୀ କମ୍ପାଇ ଯାହାର ଭୁଜପରିତାପେ,
ସୁରଗଣ ସନ୍ତପିତ ଥିଲେ ଯାର ତାପେ ।
ଜଗତରେ ଉଡୁଅଛି ଯାର ଯଶ କେତନ;
ଧନୁର୍ବାଣେ ଦମନାଇ ଯମ ନିକେତନ ।
ସେମନ୍ତେ ବଳେ ଦଶ ଶିର ବିରାଜି ସଂସାରି,
ଅପମାନ ହେଲା ସେମନ୍ତେ ପଞ୍ଚଇନ୍ଦ୍ରୀ ଦ୍ୱାର ।
ଋଷିଗଣ ସୁସ୍ଥ ହେଉଥିନ୍ତେ ସେ ଦିନୁ ଭଲି,
ଦୁଷ୍ଟ ହେଲା ଦର୍ପ ସ୍ମର ଅଙ୍ଗନା ବିର ।
ନିଶ୍ଚେ ତାଙ୍କୁ ପତ୍ନୀ ହୃତେ ସେ ଖାଇବେ ପଦ,
କେ ରଖିବ ରକ୍ଷୀ ଆସି ଲଟିଙ୍କ ବିବାଦ ।

କାନନ୍ଦିରେ ନ କରିଲି ମୁଁ ସୌମିତ୍ରିଙ୍କ ରଥ,
ନ ରଖିବ ଯେନ ପ୍ରାଣ ଏ ଦୃଢ଼ ଶପଥ ।
୧ ଶକୁନ୍ତେ ଅରକ୍ଷିତ ଦେଖିବ ତାର ପଥ ଶତ,
୨ ଶମ୍ବର କରିବ ତାଙ୍କୁ ମୋର ଶରପଂକ୍ତି ।
ଏ ସମ୍ବାଦ ଚିହ୍ନିଲି ତା କାନୁ ଗା ଜାଣେ,
କାହୁ ଗୋପ୍ୟ ବୋଲି କହୁଥାନ୍ତି ଏକ ଆନେ ।
ପୃଥିବୀକୁ ଭେଟି ଅଭିହେଲି ଯାହା ପଥ,
ଘରେ ଘରେ ମୃତକ ସ୍ଥାନେ ଚଳିଛି ସେକଥା ।
କାଳି ଦେଖାଉଛି କେହି ଅବା ଆଲୋଚନା,
କେହିବା ତାହା କହିବାକୁ କରୁଅଛି ମନା ।
କେ ବୋଲଇ ମାତକର ମତି ଗଲା ଲୁଚି,
କେ ବୋଲଇ ଏହା ବଡ଼ ଲୋକଙ୍କର ଦୁଏ ।

୧ । ଶକୁନ୍ତ—ପକ୍ଷ । ୨ । ଶମ୍ବର—ମୃଗ ।

କୀଚକ ଭବନେ ହେଲା ଯେତେକ ବ୍ୟାପାର,
ଦୌବାରୀ ମୁଖେ ଶ୍ରୁତବନ୍ତ ହୋଇଅଛି ରାଉ ।
କାଷ୍ଠଜୀବୀଗଣ ମୁଣ୍ଡେ କାଷ୍ଠବୋଝ ବନ୍ଧି,
ବହୁ ଆସୁଛନ୍ତି ତାହା ହୋଇ କହାକହି ।
ସାଧ୍ୱସେ ଜନଙ୍କର ଶୁଣି ହାହା-ରବ,
ମଣିଲେ ବିପତ୍ତି ସୃଷ୍ଟି ହଠାତ୍ ପତନ ।
ଭାବିଲେ କି ଅବଲମ୍ବି ଏଥୁଁ ହେବ ପାର,
ସଙ୍କଟ-କୂଆର ହୋଇଅଛି ଦୁର୍ନିବାର ।
କରି ନ ପାରିବେ ଶାସ୍ତି ସ୍ୱଜନ ନିର୍ଭୀ,
ସୁଖିବେ ତ ଅଟଳିବେ ରାଜା ମୌନବ୍ରତ ।
ଧର୍ମସୂତଙ୍କର ସନ୍ଧି ହେବ ଜ୍ଞାତସାର,
ହେବ ଯିନା ତାଙ୍କ ହୃଦଭେଦ ମାତ୍ର ସାର ।
ଜାଣିବେ ଯଦ୍ୟପି ଏହା ଶାସ୍ତ୍ରବିଧାରଣି,
ତଥା ହେଲିଁ ଯେବେ ଆକନ୍ଦିବେ ଲୋକ ।
କନିଷ୍ଠ ଧୂରଲେ ହେବ ନାହିଁ ଏହି କାର୍ଯ୍ୟ,
ଦାବାନଳ ଲୁଚିବ କରଶୀକରେ ନିବାର୍ଯ୍ୟ ।
ଜଣାଇବ ଯାଇ ମଧ୍ୟମଲ୍ଲ ସନ୍ନିଧାନ,
ଅବଶ୍ୟ କରିବେ ଏଥି ସେ ପ୍ରତିବିଧାନ ।
କିନ୍ତୁ ଦେଲେହେବେ ଜ୍ୟେଷ୍ଠଭ୍ରାତାଙ୍କ ଆଦେଶ,
ତାଙ୍କ ଆଜ୍ଞା ବିନା କିଛି ନ କରିବେ ଲେଶ ।
ଆଗ ଜଣାଇବ ଧର୍ମନନ୍ଦନ-ଛାମୁରେ,
ଆଜ୍ଞା ନେଇ ଯିବ ବଳନିସୂଦନ-ଦ୍ୱାରେ ।
ଧର୍ମସୁତ ବସିଥିବେ ରାଜା-ସନ୍ନିଧାନେ,
କହିଲେବି ତାଙ୍କୁ ଏହା ରାଜା ବିଦ୍ୟମାନେ ।
ରାଜାଙ୍କ ଗୋଚରେ, ଧର୍ମାତ୍ମାରେ ନିବେଦନ,
ଏକକାଳେ ହେବ ଦୁଇ କାର୍ଯ୍ୟର ସାଧନ ।
ଏହା ଭାବି କୃଷ୍ଣା ଗଲେ ଯେଉଁଠାରେ ବିରାଟ,
ଅକ୍ଷେ ରତ ହୋଇଥିଲେ ଯେଣେ ଧର୍ମରାଟ ।
ନତମୁଖେ ଉଷ୍ଣନିଶ୍ୱାସ ନରେଶ ସମସ୍ତ,
ବୋଇଲେ ବିକଳସ୍ୱରେ କାତରଜନରି ଲକ୍ଷ୍ୟ ॥

“ହେ ନରେନ୍ଦ୍ର ଚୂଡ଼ାମଣି, ଧର୍ମ ଅବତାର,
ଆଶ୍ରୟ ନେଇଛି ଦାସୀ ତୁମ୍ଭ ଦରବାର ।
କୀଚକ ପୋଷିଛି ତାର ହୃଦେ କୁବିଚାର,
ଆରମ୍ଭିଛି ଧର୍ମପଥ ଲଙ୍ଘି ଅତ୍ୟାଚାର ।
ରାଣୀଙ୍କ ଆଦେଶ ଆଜ ନେଇ ମଧୁପାତ୍ର,
କୀଚକ ସମୀପେ ହେଲି ଉପନୀତ ମାତ୍ର;
ଅନୁଚିତ ଅନୁରୋଧ କରି ସେ କହିଲା,
ନ ଶୁଣନ୍ତେ ଧରିବାକୁ ଝଟକେ ମୋ ଧାଇଁଲା
କରିଛି ପ୍ରତିଜ୍ଞା ତେଣୁ ନ ପାରିଲା ଧରି,
ଝଟାଇଲା ପାଦେ ପଶୁ ମୋତେ ତର୍ଜ୍ଜି କରି ।
ଦୁର୍ବଳର ବଳ ରାଜା ରକ୍ଷା ରାଜଧର୍ମ,
ସମ୍ପାଦନ ହୋଇ ରହୁ ସ୍ୱଜନର ଧର୍ମ ।”
ସୈରିନ୍ଧ୍ରୀ ବଚନ ଶୁଣି ବୋଇଲେ ବିରାଟ,
“କୀଚକର ପ୍ରକୃତି ଅଟଇ ନିର୍ଘାଟ ।
ଭବ୍ୟ କଥା ନିନା ହେବା ଘଟକାଳ-ନର୍ମଦା,
କି ଲାଭ ସୈରିନ୍ଧ୍ରୀ-ଦୁଃଖେ ରହିବା ସର୍ବଦା?”
ଧର୍ମରାଜ କଙ୍କ ତହିଁ ନିଃଶଙ୍କ-ବଚନେ
ବୋଇଲେ, “ଗୋ ବିକଶିତପଙ୍କଜଲୋଚନେ,
ସାଧିବ ଏଥିରେ ଏକା ଶ୍ରମ-ପ୍ରୟୋଜନ
ଶାସକର ଅଭିଳାଷ ସମୁଚିତ କର୍ମ ।
ଏ ପ୍ରକାରେ ନାହିଁ ତୋର ଅନ୍ୟ ପ୍ରତିକାର,
‘ଦ୍ୱିତୀୟ ସ୍ୱାମୀଙ୍କ ଭଜ’ ଏ ଆମ୍ଭ ବିଚାର ।”
ବିରାଟ ବୋଇଲେ, “କଙ୍କଭାଷା ଉଚିତ,
ହୋଇଥାଉ କାନନରେ ମଣି ବିଘଟିତ ।”
ଦ୍ରୌପଦୀ ଭାବିଲେ ଏବେ ମରିବ କୀଚକ,
ଏକଚକ୍ରାପୁରେ ଯଥା ମଲା ଦୁଷ୍ଟ ବକ ।
କୃତ୍ରିମ ବିଷାଦ ତହିଁ କରି ପ୍ରଦର୍ଶନ,
ବାହୁଡ଼ିଲେ ଯାଜ୍ଞସେନୀ ନିଜ ନିକେତନ ।
କୀଚକର ବୁଦ୍ଧି ଏବେ ଦୃଷ୍ଟିରୁ ଆଡ଼ାଳ,
ଅନାଇ ରହିଛି ବସି ସୈରିନ୍ଧ୍ରୀର ପଥ ।

---

କରଶୀକର—ହସ୍ତିଶୁଣ୍ଡର ଜଳ । ମଧ୍ୟମଲ୍ଲ—ଭୀମ । ବଳନିସୂଦନ—ଭୀମ (ଭୀମ ଏକଚକ୍ରା ନଗରରେ ବକାସୁରକୁ ବଧ କରିଥିଲେ) । ଅକ୍ଷେ—ପଶା ଖେଳରେ । ଧର୍ମରାଟ—ଯୁଧିଷ୍ଠିର । ନର୍ମ—କ୍ରୀଡ଼ା, ପରିହାସ । ନର୍ମଦା—କ୍ରୀଡ଼ାଦାୟିକ । ଦ୍ରୌପଦୀଙ୍କ ‘ଦ୍ୱିତୀୟ ସ୍ୱାମୀ’—ଭୀମ ।

ସୈରିନ୍ଧ୍ରୀଙ୍କ ଦୃଷ୍ଟି ଦେଖି ବୋଇଲା, "ସୁମୁଖି,
ତୋ' ବ୍ୟଥା ଦେଶର ନାରୀମଣି ମହାଦୁଃଖୀ ।
ନିରଙ୍କୁଶ ଦୁର୍ଜନ ଏ ସଂସାରେ ଯାର,
କରନ୍ତି ଯା' ପୁରେ ରାଜଲକ୍ଷ୍ମୀ ଅଙ୍ଗୀକାର ।
ରାଜସୁତାମାନେ ଯାର ପ୍ରୀତି-ଭିଖାରିଣୀ,
କୁଣ୍ଠିତା କୁ ହେବାକୁ ତା' ଅଙ୍କବିନୋଦିନୀ ।
ଆଜି ମୋତେ ସାର କରିଛନ୍ତି ସେ ଆଦେଶ,
ସଂକ୍ଷେପରେ କହୁଅଛି ନିଶ୍ଚିତ ସନ୍ଦେଶ ।
ସର୍ବେ ତୋ ଲୁବ୍ଧବ ପ୍ରୀତି-ଲୁପଣତା-ରୋଗ,
ସେଭଳି ଔଷଧ ଆଜି ହେବଟି ପ୍ରୟୋଗ ।
ଶଫରୀ-ଲୋଚନେ, ଜଳବାସିଣୀ ଶଫରୀ
ରହି କି ପାରଇ ତେଜି ଚୌଦିଗେ ଚେଷ୍ଟା କରି?"
ସୈରିନ୍ଧ୍ରୀ ବୋଇଲେ; "ଆଜ୍ଞା ନାହିଁ କହିବାକୁ,
ରସିକ ରସିକା ହେଲେ କହିବ କାହାକୁ ?
କିନ୍ତୁ ଅଛି ନାଥ ମୋତେ ଦିଅ ଅବସର,
କାଲି ଆସି ନେଇଯିବୁ ନିଶ୍ଚିତ ଉତ୍ତର ।
ସୁଳନ୍ଦନଗରେ ବାସ ହୋଇଛି ଯାହାର,
କେତେବେଳେ ଫଳ କେତେବେଳେ ମାଂସାହାର ।
'ହେଉ' ବୋଲି ଦାସୀ ଯାଇଦେଇ ଆଶ୍ୱାସନା,
କୀଚକେ ବୋଇଲା କାଲି ପୂରିବ ବାସନା ।
ବାମା ମନ-ତୁରଙ୍ଗମ-ରଶ୍ମି ଆକର୍ଷିତ
ହେବାରୁ ହୋଇଛି କୂଳ ଆଡ଼କୁ ଶଙ୍କିତ ।
କୀଚକର ଆଶା-ତରୁ ହେଲା ପଲ୍ଲବିତ,
ପ୍ରାଣଭୂମି ହେଲା ଶୀତ-ସିନ୍ଧୁ-ସୁଧା-ପ୍ଲାବିତ
ବସନ୍ତ-ନିଶୀଥ ବ୍ୟୋମେ ରଞ୍ଜିତ ଚନ୍ଦ୍ରମା,
ଖେଳଇ ପ୍ରକୃତି-କୋଳେ ଜ୍ୟୋସ୍ନା ମନୋରମା
ଚନ୍ଦ୍ରିକା ମାଧୁରୀ ମୁଗ୍ଧ ଅନନ୍ତ ଗଗନ,
ଅଧିମୁଗ୍ଧ କୁଞ୍ଜ କୁଞ୍ଜ ମଣ୍ଡିତ ଉପବନ ।
ସୁଧାକର-କର-ଧୌତ ପାଦପ ପତର,
ମଳୟମାରୁତେ ହଲି କରେ ମରମର ।

ଶୁଣିରେ କୋକ-ଦମ୍ପତିର କରୁଣ-କ୍ରନ୍ଦନ,
ଶୁଣୁଅଛି ଶ୍ରୁତିକର ନିଃଶ୍ୱାସ ନିସ୍ୱନ ।
କାହିଁ ଦେବ ଭୁଲୁଥାଏ ଚେତୋଇ ଗଗନେ,
ସେ ଜାଣଇ ନଷ୍ଟ କଥା ଦୁଃଖେ ତାର ମନେ ।
କାହିଁ ବା ସୁଧୀରେ କଳନାଦିନୀ ସରିତ,
ଶୁଣିଛି ନାୟକ ପାଶେ ଗାଇ ଗାଇ ଗୀତ ।
ସେ ସଙ୍ଗୀତେ ନଦୀକୂଳ ବନ୍ଧୁର ଉଲ୍ଲାସ,
ଦେଖି ନିଜେ କରୁଥାନ୍ତି ଆନନ୍ଦ ପ୍ରକାଶ ।
ଶୌର-ସଂହନନ ଶ୍ରମ ଶୀତରଶ୍ମି କରେ,
କରିଛି ଶମନ ପାକମନ୍ଦିର-ଚତ୍ୱରେ ।
ଶୌର ଦେହେ ବିଲେପିତ ଧବଳ ଚନ୍ଦନ,
ତହିଁରେ କୁସୁମଚୂର୍ଣ୍ଣ ରଞ୍ଜିତ ବସନ ।
କନକ ଚଷକ କି ସେ ଭୃଙ୍ଗାରମଣ୍ଡିତ,
ତା ଉପରେ ବାଳସୂର୍ଯ୍ୟ-କରେ ଆଲିଙ୍ଗିତ ।
ନିଦ୍ରାରେ ନିମଗ୍ନ ଘାର ମସିଣା ଉପରେ,
ମୃଗରାଜ ସୁପ୍ତ କି ସେ କୋମଳ ତୃଣେରେ ।
ଭଜନ ସମନ୍ତ ଦେଖି ଦ୍ରୁପଦନନ୍ଦିନୀ,
ଶ୍ରମ ଟାଳିଣ ଉଦ୍ଧ ଆସି ବସିଲା ଏକାକିନୀ ।
ଆପାଦ-ମସ୍ତକ ଦୃଷ୍ଟି ପଶିତନ୍ତୁ ନେଇ,
ପ୍ରଶାନ୍ତି ସ୍ଖଳିତଦେହେ ପାଦେ ହସ୍ତ ଦେଇ ।
ଭଙ୍ଗିବଙ୍ଗ ହୋଇ ବୀର ଉଠିଣ ସତ୍ୱର,
'କେ ତୁ' ବୋଲି ପଚାରନ୍ତେ ବୋଲେ ଏ ଉତ୍ତର;
"କାହିଁକି ଚମକିବ ନାଥ ! ଦାସୀ ଅଭାଗିନୀ,
ସେବକ ପଦେ ସେ ତ ବିପଦ-ସଙ୍ଗିନୀ ।
କମଳିନୀ କପାଳରେ ଅଛିଟି ଲେଖାଇ,
ସମ୍ପ୍ରତି ବିରହ-ତାପେ ନଷ୍ଟ ହେବା ପାଇଁ ।"
ଚିହ୍ନି ବୀର କର ଧରି ବସାଇ ଅଙ୍କରେ,
ବୋଇଲେ, "କି ହେଲା ସଖି, କହନା ଶଙ୍କାରେ
ହେଲେ ହେବଟିତ୍ସ ଆଉ ଥରେ ବନବାସ,
କେ ହେଲା ବିପନ୍ନ ? ତାକୁ କରିବି ବିନାଶ ।

ସୁଳନ୍ଦନ—ନେତ୍ର । ରଶ୍ମି—ଲଗାମ । ନଦୀକୂଳ ବନ୍ଧୁ—ପକ୍ଷିବିଶେଷ । ସଂହନନ—ଦେହ ।
କୁସୁମଚୂର୍ଣ୍ଣ—କୁସୁମ ଫୁଲ ।

କେଶରୀ ପାଖରେ ମୃଗଧୂର୍ତ୍ତ ମୃତ୍ୟୁ ହେଲେ,
କେତେବେଳେ ସମ୍ଭବ ତାହା ମୃଗରାଜ
ହେଲେ ।
କହ ସଖି, ସହି ଆଉ ନ ପାରେଁ ସହିମ,
କେଉଁ ମୁଣ୍ଡ ପାଡ଼ିବାକୁ କେ କରିଛି ଦମ୍ଭ ?"
ଦ୍ରୌପଦୀ ବୋଇଲେ ନାଥ,
"କୀଚକ ଦୁର୍ଜନ
ମୋହର ପାତିବ୍ରତ୍ୟରେ ବଳାଇଛି ମନ ।
ଆଜ ତାର ଦୃଷ୍ଟି ଯାହା ପାଇଅଛି କଷ୍ଟ,
ଦାସକର ଉପଦ୍ରବେ ହେବ ନାହିଁ ରହି ।
ସ୍ୱାମିହୀନ ରାଜ୍ୟ, ଧନ, ସୁବର୍ଣ୍ଣ, ରତନ
ହରଣ କରିଅଛି ପରବାରୀ ଆକର୍ଷଣେ ।
ରକ୍ଷକ ବନ୍ଧନ ମଣି ଏକା ମୋର ପ୍ରତି,
ହୋଇଛି ବଳବତ-ବିଦ୍ଧ ମାତଙ୍କ ଦୁର୍ମତି ।
ଜଣାଇଛି ଆଗ ଧର୍ମନନ୍ଦନଙ୍କ ଆଗେ,
ଏତ ଭରି ଦେଖିଲନ୍ତି ସେ ଦୁଃଖର ଭାଗ ।
ଦୁଃଖିନୀ କହିଛି ଯେତେ ଏତିକ ମାତର,
କାଲି ଆସି ସେନାପତି ନିଶ୍ଚିତ ଉତ୍ତର ।
କାଲି ଆସି ଦୁଷ୍ଟ ମୋତେ କରିବ ଆକଟ,
ପ୍ରତିକୂଳ ମତ ହେଲେ ଆସିବ ସଙ୍କଟ ।"
ଶୁଣି କ୍ରୋଧ ଥରଥର ବୃକୋଦର ଅଙ୍ଗ,
ସହସା ତା ଗୌରମୁଖ ହୋଇଗଲା ରଙ୍ଗ ।
ନିର୍ନିମେଷ ଚକ୍ଷୁଦ୍ୱାରେ ଲୋହିତ ବରନେ,
ଉଲ୍କାର ହେଲା ଶାନ୍ତ ତାରକା ଘୂର୍ଣ୍ଣନେ ।
ଶିରର ଧମନୀରେ ତାର ରକତ ଉକତ,
ଘନ ଘନ ବହି କଲା ଉଷ୍ମା ବ୍ୟଞ୍ଜତ ।
ଅଚଳିତ ହୋଇ ଥରେ ମନେ କଲା ବୀର,
ସେହିକ୍ଷଣି ଉପାଡ଼ିଦେବ କୀଚକର ଶିର ।
ସୁବୁଧି ହୋଇ ଶାନ୍ତ ଦୃଷ୍ଟି ସ୍ଥିର କଲା ମନ,
ଦୁଷ୍ଟର ନିଧନ ଏକା ଚିନ୍ତିଲ ସ୍ୱଜନେ ।
ଯେଉଁ ପାତିବ୍ରତ୍ୟକୁ ପାପୀ କରିଅଛି ଆଣ,
ସେ ପାତିବ୍ରତ୍ୟକୁ ବ୍ୟାଜେ କରିବ ବିନାଶ ।
ମଧୁରେ ବୋଇଲା ଧରି ଦ୍ରୌପଦୀର କର,
"ସୁହାସିନି, ଆଉ ଭାବନା ନ କର ।
ଦୁଷ୍ଟକୁ ବୋଲିବୁ କାଲି ହେବ ଅନ୍ଧକାର,
ସଙ୍କେତ ସ୍ଥଳକୁ ଯିବ ରଜନୀରେ ଜାର ।
ପୁର ଉପକଣ୍ଠେ ଅଛି ସେ ରଙ୍ଗ-ନିଳୟ,
ତାହାକୁ ସଙ୍କେତ ସ୍ଥାନ କରିବ ନିଶ୍ଚୟ ।
ଯଥାକାଳେ ସଙ୍କେତକୁ ତୋର ବେଶ ଧରି,
ଯାଇ ମୁଁ ଅସିବି ଯାହା କର୍ତ୍ତବ୍ୟ ତା କରି ।"
ଏମ ବାକ୍ୟ ଶାନ୍ତିଦେଲା ଚିନ୍ତା କରି ଦୂର,
କାନ୍ତେ ବରାଙ୍ଗୀ ପେଶିଦେଲେ ନିଜ ପୁର ।
ସୁଖ କଥା ସବୁ କରି ହୃଦେ ଆନନ୍ଦିତ,
ଶିଥିଳ ନିଦ୍ରାରେ କଲେ ଯାମିନୀ ଯାପନ ।

---

ମୃଗଧୂର୍ତ୍ତ—ଶୃଗାଳ ।

# ଷଷ୍ଠ ସର୍ଗ

ପାହିଲା ରଜନୀ ନଭରେ ଉଦିତ ଭାସ୍କର,
ଭୀମ ଆସି ଉପଗତ ଦେବାକୁ ଉତ୍ତର ।
ଭୀମେ ବୋଇଲେ କୃଷ୍ଣା, "ନାହିଁ ମୋର ସାଧ
ନ ସହିବାକୁ ସୈରନ୍ଧ୍ରୀ-ସେବନରେ ବାଧ ।
କେହି ନ ଜାଣିବେ କାନ୍ତ ଆମ୍ଭର ଏ ବୃତ୍ତ,
ଜାଳନ୍ଧ୍ୱଷା କଥାରେ ମୋ ଡରୁଅଛି ଚିତ୍ତ ।"
ଭୀମଙ୍କ ବୋଇଲେ, "ଏହା ମୋ, ତୋ,
ତାଙ୍କ ବିନେ,
ଅନ୍ୟ କେ ପାରିବ ଜାଣି ଦୀରତ-ଦୁବଣେ !
ଅନ୍ତଃପୁର ମନୋନୀତ ସଙ୍କେତ ସଦନେ
ଦେଖୁଥିବ ଏକାକିଙ୍କ ସୁଧାଂଶୁ-ବଦନେ !
କହ ଆଜ କେଉଁଠାରେ ତୋ ମୁଖ କମଳ,
ତୃପ୍ତି ଚରିତାର୍ଥ ହେବ ସେ ଲୋଲ ଭୁଜଙ୍ଗ ?"
ଦ୍ରୌପଦୀ ବୋଇଲେ, "ପ୍ରଶସ୍ତ ନୃତ୍ୟଘର
ରାଜପଥ-କଡେ ହୋଇଥିବ ମନୋହର ।
ସେଠାରେ ସଙ୍କେତ ଦେଲିଁ ଉଦ୍ୟାନ ପବନେ,
ବଳୀ ଭେଟ ହେବ ତାଙ୍କ ଦର୍ପୋଧ ନିର୍ଜନେ ।"
ବଳୀ ବୋଲି ଯାଜ୍ଞସେନୀ କହିଲେ ଯା ଚଳି,
ଅନ୍ୟଥାରୁ ବୋଲି ଦୂତୀ ନ ପାରିଲା କଳି ।
ହରଷରେ ହସି ହସି ବାହୁଡ଼ି ସତ୍ୱର,
କୀଚକେ କହିଲା ହିତ ମଣି ସେ ଉତ୍ତର ।
ଶ୍ରବଣେ କୀଚକ ହେଲା ଆନନ୍ଦ-ମଗନ,
ଆଜନ୍ମ ଦରିଦ୍ର ଯେସନେ ଲଭିଲା ରତନ ।
ରାଜପୁର ଉତ୍କୃଷ୍ଟ ନୃତ୍ୟନିକେତନ,
ସଜାଇଲା କରି ତାକୁ ଅଶେଷ ଯତନ ।
ଦ୍ରୌପଦୀ ଆଶାରେ ତାର ଚିନ୍ତାଇ ମନ,
ଅନାଇଲା ବସି ଏକା ନିଶା ଆଗମନ ।
ଆସିଲା ଚନ୍ଦ୍ରମା ସଙ୍ଗେ ଚନ୍ଦ୍ର-ବିନୋଦିନୀ,
ନଳିକା ବିକାଶି ବ୍ୟାପିତ ଦୀପିଲା ମେଦିନୀ ।
ଉତ୍ତମ ସ୍ନାନରେ ହୋଇ ଚନ୍ଦନଚର୍ଚ୍ଚିତ,
କୁସୁମର ହାର କରି ହୃଦରେ ଲମ୍ବିତ;
ନବୀନ ଧବଳ ବାସ କରି ପରିଧାନ,
ଦେଇ ଅଙ୍ଗେ ମନୋହର ଅଳଙ୍କାରମାନ;
ନୃତ୍ୟପୁର ଧାଇଁ କାମୀ କୀଚକ ଅଧୀର,
ନ ପାଇଲା ଦରଶନ ରତନ-ନୂପୁର ।
ବସୁଥିଲା ମେଳରେ ଅବା ଆସୁଁ ଠାକି ଠାକି,
ବାହୁଡ଼ିଲା ବଗଳନ୍ଦ୍ୟା ହୋଇ ଖଞ୍ଜନାକ୍ଷୀ ।
କିବା ଆସି ଉଦ୍ୟାନରେ ବସୁଛି ଭ୍ରମଣି,
ଖୋଜ କଲା ଉଦ୍ୟାନରେ ବାମା ଅନ୍ୱେଷଣ ।
କାହିଁ ଝୁଣ୍ଟି ତରୁ-ରନ୍ଧ୍ର-ଭେଦୀ ଚନ୍ଦ୍ରକର,
ଦଉଡ଼ଇ ବାମା-ମଣି ମଣି ଝରତର ।
କାହିଁ ପୁଷ୍ପ କୁସୁମିତ ବଲ୍ଲୀକ ଗୁଚ୍ଛି,
ସନ୍ତୁଷ୍ଟ ନିବନେ ବାମା ବୋଲି ଯାଏ ଧାଇଁ ।
କୌମୁଦୀ-ମଣ୍ଡିତ ଆଲବାଳ ଜଳକାନ୍ତି,
ବାରମ୍ବାର ଦିଏ ତାକୁ ବାମା-ପଦ ଭ୍ରାନ୍ତି ।
ଉତ୍ପନ୍ନକୁ ଝଟେନ ଚଞ୍ଚଳ ବସନର କମ୍ପେ,
ରମଣୀର ଶାଢ଼ୀ ମଣି ଦଉଡ଼େ ଉଦ୍ଭଟେ ।
ତା' ଭୂଷଣକୁ ଅବଶ ନୟନ ଦେଲା ଦଣ୍ଡ,
ମାୟାବଶା ଆଶା ଦିଏ ଭ୍ରମିତ ଦଣ୍ଡ !
ନିଖୋଜ ଖୋଜି ନ ଦେଖି ସେ ପାଇଲା ବିଷାଦ,
ଭାବିଲା ଯାମରେ ଆସି ଶଶି ଦେଲା ଛାଦ ।
ପ୍ରଥମ ପ୍ରହରେ ଏବେ କାର୍ଯ୍ୟ କରି ଶେଷ,
ଦ୍ୱିତୀୟ ପ୍ରହରେ ଶ୍ରମ ଧରି ନାରୀବେଶ ।
ନୃତ୍ୟ-ନିକେତନରେ ଆସି ହୋଇ ଉପଗତ,
ସତ୍ୱକାଳେ ରହିଛି ଦୁହେଁ ନିଜନିଜ ପଥ ।
ତିମିର-ବିନାଶି ମଣିମୟ ନିକେତନ,
ଚୌଦିଗେ ଯା ପୁଷ୍ପମୟ ରମ୍ୟ ଉପବନ;
କୁସୁମ-ସୁରଭି-ବାସି ଧୀର ସମୀରଣ,
ସୁଶୀତଳ ସୁଧାମୟ ସୁଧାଂଶୁ କିରଣ;
ନାହିଁ ତାର ତୃପ୍ତି ଏଥି ନାହିଁ ତାର ମନ,
ଚିନ୍ତଇ ଦେଖିବ ଏକା ଶଶୀ-ବଦନ ।
କୀଚକ ଉଦ୍ୟାନ ବୁଲି ପ୍ରେୟସୀ ନ ପାଇ,
ପୁଣି ଥରେ ଅନାଇଲା ନୃତ୍ୟପୁର ଯାଇ ।

ବକର ଉଦରେ ଦେଖି ଧବଳ ମୂରତି,
'ମୋ ପ୍ରାଣଦାନନ୍ଦ' ବୋଲି ଧଇଲା ତ୍ୱରିତ ।
ଶ୍ୟାମ ବସିଥିଲା ଯେମନ୍ତେ କ୍ଷୁଧାର୍ତ୍ତ ଶାର୍ଦ୍ଦୂଳ,
ଧଇଲା ଗରଜି ଯେବେ ତାର ଗ୍ରୀବା-ମୂଳ ।
ବାମା ମୂରତେ ବାମ ବୋଲି ବର୍ଜିଲା ଏତେକ,
ଭୁଜଙ୍ଗିନୀ ପ୍ରବାହରେ ଯେସନେ ନୌକ ।*
ଲଟିଗଲା ମଞ୍ଜୁଷ ଶୋଷି ଘୋରତର,
ବକରନ୍ଧ୍ର ଉଦରରେ କମ୍ପିଲା ନଗର ।
ସେ କମ୍ପନ ସ୍ୱନେରେ ପୁରବାସୀଗଣେ,
କାହାକୁ ବିଳପାଇଲା ନୌକା-ଆରୋହଣେ ।
କାହାକୁ ବା ଦୋଳାଇଲା ବନଲତା ଦୋଳେ
କାହାକୁ ବସାଇ ନେଲା ଅଙ୍କସାନ କୋଳେ ।
ମୁଷ୍ଟିର ଉଦରେ ମୁଷ୍ଟି ପଡ଼େ ଦୂର ଦୂର,
ସଦତ ଉଦରେ ଦେଖି ପଡ଼ଇ ଉଦୁର ।
ଚୋରିଗଡ଼ ଭଙ୍ଗାଇଡ଼ି କଟଡ଼ା କଟକ,
ଘନ ସନ୍ତସନ୍ତ ଜଣି ଦେଉଥାନ୍ତି ଭଡ଼ ।
ତର୍ଜ୍ଜନ ଗର୍ଜ୍ଜନ ତହିଁ ହୁଙ୍କାରହୁଙ୍କାର,
ଗଜଯୁଦ୍ଧେ ଗଜ, ସିଂହଯୁଦ୍ଧେ ସିଂହ ସର ।
ଚରଣରେ ବୋଲୁଥାନ୍ତି ବସ୍ତ୍ରକୁ କି ଆଣି,
ସବୁ ମୋହତ ଦେଇଅଛି ମନୋମତ ଆଜି ।(୧)
"ବକ ବୋଲି" ବୋଇଲେ ଶ୍ୟାମ ଦାଉଇ ଉତ୍ତର,
"ଶତ୍ରୁ ଶକ୍ତି କସ ଦେଖିବ ଇଷ୍ଟଦେବ ପୁର ।"
ନ ସହି ଶ୍ୟାମର ବଜ୍ର-ମୁଷ୍ଟି ମହାଘାତ,
ଶେଷେ ହେଲା ଦେହକର ଶରୀର ନିପାତ ।
କରି ଏକ ଭୟଙ୍କର ଚିତ୍କାର ଗର୍ଜ୍ଜନ,
ଓଲଟାଇ ଦେହ କଲା ପ୍ରାଣ ବିସର୍ଜ୍ଜନ ।
ନର୍ତ୍ତୀବ ଘେରି ଗୁଣ୍ଡିଁ ଶ୍ୟାମ ମହାବୀର,
ପୁତ୍ର ତାକୁ ବାହୁଡ଼ିଲା ଭବନମନ୍ଦିର ।

## ସପ୍ତମ ସର୍ଗ

ଅଇଲା ଊଷା-ଲୋହିତ
କୁଙ୍କୁମ ହୋଇ ଭୂଷିତ
ଭ୍ରମର-ଅଙ୍କନାଙ୍କିତ ଚନ୍ଦନସୁନା,
ବନ୍ଧୁଜୀବନ ବର୍ଦ୍ଧିନୀ
ନିକୁଞ୍ଜିଲା କଳିକାଣି
ନବହାସ ନେଲା କଣି କୁନ୍ଦଦଶନା,
ଅରୁଣ ତରଣି ସୁନ୍ଦର,
ପ୍ରକାଶ ତାରକା ମଧ୍ୟମଣି ଭାସ୍ୱର ।
ନୃପମନ୍ଦିର ପ୍ରହରୀ
ଧାଇଁଆସି ଥରି ଥରି
ବାଧ କରିଣ କରଯୋଡ଼ି ନୃପ ଆଗରେ,
"ହେ ମହିମା ମହାରାଜ !
ବିଚିତ୍ର ଘଟଣା ଆଜି
ଦେଖି ଆସିଅଛି ଦାସ ନର୍ତ୍ତନ-ଘରେ,
ନ ଦେଖି ନ ଶୁଣିବ ଜଗତେ,
କି ବୋଲି ବା ଜଣାଇବ ରାଜ-ଅଗ୍ରତେ ।"
ନୃପତି ହୋଇ ଚକିତ
ବୋଇଲେ, "କି ଅଦ୍ଭୁତ
କହ କହ ପ୍ରହରୀ ତେ ନ କର ଭୟ,
ଶୁଣିଲା ବେଳୁଁ ତୋ କଥା
ହୃଦେ ଜନମୁଛି ବ୍ୟଥା,
ସଂଶୟରେ ହେଉଅଛି ମନ ଅଥୟ,
ଅମଙ୍ଗଳ ତ ଘଟି ନାହିଁ ?
କହ ଆଗ ଶୁଣି ପଛେ ଦେଖିବି ଯାଇ ।"
ପ୍ରହରୀ ବୋଇଲା, "ପ୍ରଭୁ,
ଯେ ତିନି ନୀଳ-କପାଟ
ଧୂଳି ଉଡ଼ିଅଛି ନାଟମନ୍ଦିରଯାକ,
ଦେଖୁଁ ପ୍ରକାଣ୍ଡ ତନୁ
ଗୋବର୍ଦ୍ଧନ ଭଗ୍ନ-ଧନୁ
ଉପରେ ଦିଗର ସେ ହୋଇଛନ୍ତି ନାକ,
ପାଟିକୁ କଲି ଡାକି ଡାକି,
ଦେଖିଲି ବଳନ୍ତି ଶବ ନାନକ ଏଇ ।

ବାମ—ଶତ୍ରୁ । *ନୌକ—ବାଣିଜ୍ୟପୋତ ଶତେ ଶତଦ୍ରାବକ ବାହିନୀ । (୧) ଆଜି—ପୂର୍ବ । ହୁଲୁ-ଗାଳ

ଦୃଷ୍ଟି ଶଙ୍କା ବିଚଳିତ
ଧାଇଁଲେ ହୋଇ ତ୍ୱରିତ
ଧାଇଁଲେ ରାଜାଙ୍କ ସଙ୍ଗେ ସେବକଗଣ,
ରାଜାଙ୍କ ବାହ୍ୟ ଗମନ
ଏଥି ଦେଖି ପୌରଜନ
ଦଳ ଦଳ ହୋଇ କଲେ ଅନୁଗମନ,
ନୃତ୍ୟପୁରେ କରି ପ୍ରବେଶ,
କୀର୍ଚ୍ଚକ ଦଶାରେ ଦୃଷ୍ଟି ଦେଲେ ନରେଶ ।
ବିରୂପ ବକ୍ର ବଦନ
ଉତ୍ପାଟି ଶୁଷ୍କ ଲୋଚନ
ଲମ୍ବିଛି ରସନା ହୋଇ ଦଶନ ଚ୍ୟୁତି,
ବହୁଅଛି ରକ୍ତଧାର
ଭେଦି ନାସା ମୁଖଦ୍ୱାର
ଝରନ୍ତି ଭୂମିରେ ଗ୍ରୀବା କପୋଳ ବ୍ୟାପି,
ହୋଇ ଯେ ରକ୍ତରଞ୍ଜିକା,
ଭଣି ଦଶ କରି ଦେଉଛନ୍ତି ନଦିକା ।
ଧୂସରିତ ବିସ୍ତ କେଶ
କେତେ ଲୋଟନ୍ତେ ଭୂମିଦେଶ,
କେତେ ଅଶ୍ରୁ ପଡ଼ୁଅଛି ମ୍ଳାନ ବଦନେ,
କରୁଣରବେ କି ବନ୍ଧୁ
ଗାଉଛନ୍ତି ତାଙ୍କ ଶିଷ୍ଟ-
ଅଛି, ନଛାଡ଼ିବା ପାଇଁ ବନ୍ଧୁ ସ୍ୱଜନେ,
ବଳେଲକ ଚିହ୍ନିଲେ ନରେଶ,
କାନ୍ଦୁ ନ ଦେଖି ପଡ଼ିଲେ ବିଶ୍ୱାସ ଲେଶ ।
ଜଗତେ ଅଛି ପ୍ରବାଦ
ଶ୍ରୁତ ନନ୍ଦନ ବିବାଦ
ଦେଖାଗଲା ତାହା ଏବେ ନୃପରେ ମନ,
ମନ ନମ୍ରତର କଲି,
ଏତେ ଶୌର୍ଯ୍ୟ ଧୈର୍ଯ୍ୟବଳ
ରାଜାଙ୍କ ହୃଦୟୁ ଛାଡ଼ି କଲେ ଗମନ,
ରାଜା ରହିଥିଲେ ଉଦ୍‌ବେଗେ,
ସମ୍ଭାଳି ନ ଚିନ୍ତି ପୁରର ବିବୃତ ବେଗେ ।
ପାଚକର ଭ୍ରାତୃଗଣ
ଥିଲେ ଅନେକ ଶତ ଜଣ

ବ୍ୟାକୁଳରେ ଭ୍ରାତୃଗଣ ସୂତକ ପାଇଁ,
ମଣିଲେ କି ଅକସ୍ମାତ
ଶିରେ ହେଲା ବଜ୍ରପାତ,
ବୁଝିଲେ ଅଗ୍ରଜ-ନାଶ ସୈରନ୍ଧ୍ରୀ ପାଇଁ,
ସ୍ଥିର କଲେ ମନେ ବହନ,
ଶବ ସଙ୍ଗେ ସୈରନ୍ଧ୍ରୀର ହେବ ଦହନ ।
କେତେ ଜଣ ନେଇଲେ ଶବ,
କେତେ ଜଣ ଯାଇ ତବ
ଚନ୍ଦନ ଇନ୍ଧନେ କଲେ ଚିତା ନିର୍ମାଣ,
ଶୋକେ କ୍ରୋଧେ ଦହ୍ୟମାନ
ଅବିଚିନ୍ତ୍ୟ ଭାଇମାନ
ସୈରନ୍ଧ୍ରୀ ସମୀପେ ଗଲେ ବନ୍ଧୁ ଗୁମାନ,
ଆକର୍ଷି ବନ୍ଧିଲେ କୁନ୍ତଳ,
କୃଷ୍ଣା ଯାଜ୍ଞସେନୀ ହୋଇଲେ ପ୍ରାଣେ ବ୍ୟାକୁଳ ।
ଏ ସମୟେ ବୃକୋଦର
କ୍ରୋଧେ ହୋଇ ଥରଥର
ସର୍ବାଙ୍ଗରେ ମାଟିକଳା ବୋଳି ତୁରନେ,
ଧରି ଭୟଙ୍କର ବେଶ
ସେ ବନେ କଲେ ପ୍ରବେଶ
ମତ୍ତ ଗଜରାଜ ଯଥା ନନ୍ଦନ-ବନେ,
କାହାକୁ କରି ପଦାଘାତ,
କଲେ ମୁଷ୍ଟି ପ୍ରହାରେ କା ବକ୍ଷେ ଘାତ ।
ଚୂଳକୁ ଧରି କା ବାଳ
ଫିଙ୍ଗି ଦୂରେଇଲେ ବାଳ,
ଜୀବନ ଶୋଷିଲେ ତଣ୍ଟି ଚିପି କାହାର,
କାହାର ଟେକି ଚରଣ
କଣ୍ଠେ ଦେଲେ ମରଣ,
କାହା ଶିର ଚୂର୍ଣ୍ଣ କଲେ କରି ପ୍ରହାର,
କେତେ ଭୟେ ଧରି ଖବର
ପଳାଇଲେ ଡେଇଁ ପାଞ୍ଚସେନ-ଭବନ ।
ସେ ଭଙ୍ଗେ ଗଲେ ପଳାଇ
ତାହାଙ୍କ ପଛେ ଗୋଡ଼ାଇ
ଗଲେ ଭୀମସେନ ଭୟଙ୍କର ମୂରତି,
ଶୂନ୍ୟଥାଏ ଖଳତର
କେଶ ଉଡ଼େ ଫରଫର

ଦିଶଇ କରାଳ ଶୁଭ୍ର ଦଶନ-ପଂକ୍ତି,
ଦେଖି ଭାବିଲେ ପୁରଜନେ,
ଯମ କି ଆସିଲା କ୍ରୋଧପୂର୍ଣ୍ଣ ମନେ ?
ନାଚ ନାଟଶାଳ ଭିତରେ
ଲୁଚିଲେ ଯେ ଯାହା ସ୍ଥଳରେ
ସଜ୍ଜାଭରଣର ଚିନ୍ତା ନେଇ ଧାଇଁଲେ,
ପୁଅଙ୍କୁ ନ ଚାହିଁ ପାଶେ
ରଖାଇଲେ ଯେ ଦୀର୍ଘଶ୍ୱାସେ,
ପୃଷ୍ଠ ଦେଇ ଦ୍ୱାରକୁ କେ ଧାଇଁ ଚଳିଲେ,
ଭୟସ୍ତବ୍ଧ ସର୍ବ ନଗରେ,
ବାଜ ପଡ଼େ ଯଥା ଝଡ଼ଘଣି ବନରେ ।
ଏଣେ ଶବବାହୀଗଣ
ଜାଳି ଚିତା-ହୁତାଶନ
ଡାକିଲେ ସୈରିନ୍ଧ୍ରୀକି ଆଣିବା ଜନେ,
ସୈରିନ୍ଧ୍ରୀ ଆଣିଲେ କାହିଁ
ଅଛନ୍ତି କିଏ ଲୋଚାଇ
ଯେତେ ତୋଡ଼ାଇଛନ୍ତି ସେହାର ଜାଳିବା ଜଣେ,
ଖୁଣ୍ଟରେ ଯୋଡ଼ିଲେ କି ଆକୁଳ
ମୃଗବଧୂ ପରେ ଧାଏଁ କୃଷ୍ଣ ଶାର୍ଦ୍ଦୂଳ ।
ଟଳମ୍ବିତ ଉର୍ଦ୍ଧ୍ୱଶ୍ୱାସେ
ଉଠନ୍ତି ଚିତାର ପାଶେ
ଝଗଡ଼ି ବୋଲାଇଲେ, "କାହିଁ ଜୀବନେ ଅଣ,
ଏ କାଳସ୍ୱା କାହିଁ ଅଛି
ଅନେକ ଛଳ ବନାଣି
ଧାଇଁଛି ଆମ୍ଭଙ୍କୁ ନେବ ଶମନବାସ"
ଶୁଣି ଭାଇଗଣ ସଗର୍ବେ
ବୋଇଲେ, "ଏହାକୁ ଆଜ ମାରିବା ସର୍ବେ ।"
କେ ବୋଇଲା, "ମାର ମାର,
ବାନ୍ଧ କେଶ ଧରି ତାର,"
କେ ବୋଇଲେ, "ପୋଡ଼ାଇ ଦେଉଁ ଧରି ଚରଣ
ପ୍ରଚଣ୍ଡ ଶିଖା ଭିତର
ବ୍ୟାଦାନ ବହ୍ନିର ତାର
ଛଡ଼ ପୋଡ଼ିଯାଉ, କରୁ ମୃତ୍ୟୁ ବରଣ"

ଦେଖୁଁ ଦେଖୁଁ କୃଷ୍ଣ ପୁରୁଷ,
ଆସି ଆରମ୍ଭିଲା ବ୍ୟବହାର ପରୁଷ ।
ବଧିଲା ଜଣ ଜଣ କରି
କା କେଶ କା କର ଧରି
ନିକ୍ଷେପିଲା ପ୍ରଜ୍ୱଳିତ ଚିତା କବଳେ,
ଛଟପଟେ ସର୍ବଜନ
ପଡ଼ି ପ୍ରଚଣ୍ଡ ଦହନେ
କୀଚକ ଅନୁଜଗଣ ମଲେ ବିକଳେ,
ଶତେକ ତନୁ ହିଁ ପଡ଼ିଲା,
ଚିତାର ଆହାରେ ବହ୍ନିଶିଖା ବଢ଼ିଲା ।
ଶଇଁ ଶଇଁ ସିଇଁ ସିଇଁ,
ଶବଦେ ତୁହାର ପିଇ
ଲେଲିହ ଶିଖାରେ ଧରି ଲୁହ ଝୋଳିରବ,
କଟ କଟ ପଟ ପଟ ଶବଦ କରି ପ୍ରକଟେ
ଚୋବାଇ ଚୋବାଇ ବହ୍ନି ଖାଇଲା ଶବ,
ମଜ୍ଜାରଧାତ୍ରୀ ମହିମା ଯାର,
କ୍ଷଣକ ଭିତରେ ଅନ୍ଧ ହେଲା ସେ ଠାର ।
ସ୍ନାନ ସାରି ବୃକୋଦର
ପ୍ରକ୍ଷାଳି ମଳ ନିକର
ଲାଗିଲା କାର୍ଯ୍ୟରେ ଆସି ରନ୍ଧନଘରେ,
ଘୁଞ୍ଚିଲା କୀଚକ ଡର
ରାଜନଗର ନଗର
ଭୟ-ସାନ-ଉନ୍ମଥିତ ଶୋକସାଗରେ,
କୀଚକ ପୁରବଧୂଗଣ-
ନୟନ-କନ୍ଦରୁ ହେଲା ଅଶ୍ରୁ ଝରଣ ।
ମୁକ୍ତକେଶ ବ୍ୟସ୍ତ ବାସେ
ଉର୍ଦ୍ଧ୍ୱ ପର୍ଶ ଉଷ୍ଣ ଶ୍ୱାସେ
ଶିରରେ ଉରରେ କର ମାରି ଘନ ନୟନେ
ପକାଇ କରିଲେ ଚତୁର
ଛଡ଼ ଗଡ଼ ଥରଥର
ଲୋଟକ-ଫିକିନ-ଗଣ୍ଡ-ଉରଜାବେଶୀ,
ଗଳାର କ୍ରନ୍ଦନ ନିସ୍ୱନ
ପୁରେ ପ୍ରତିଧ୍ୱନି ଦେଇ ହେଲା ସୁଖଦ ।

ହୃଦ ଶୋକ ହୃଦେ ଧରି
ଯଥାବିଧି କ୍ରିୟା କରି
ରହିଲେ ବିରାଟରାଜ୍ୟ କରି ଆଦର,'
ଗନ୍ଧର୍ବ କୋପକୁ ଡରି
ସୈରନ୍ଧ୍ରୀର ମନ ଧରି
ରହିଲେ ସୁଦେଷ୍ଣା ଜନ ବାତ ନ କରି,
ନଟେଶ, ନବର, ନାଟେଶ୍ୱ,
ସମସ୍ତେ ରହିଲେ ମନେ ସନ୍ତୋଷ ଭରି ।

# ଇସ୍ଟଗୀତା

# ଉତ୍ସର୍ଗ

ବଦାନ୍ୟକୁମୁଦବନତୋଷିଣୀ-ଦ୍ରବଚ୍ଚନ୍ଦ୍ରାମୃତ ଉତ୍କଳାକାଶ-ସୌନ୍ଦର୍ଯ୍ୟସମ୍ପାଦକ

ଦେଶବତ୍ସଳାଗ୍ରକ ଶ୍ରୀଳ ଶ୍ରୀଯୁକ୍ତ ଶ୍ରୀରାମଚନ୍ଦ୍ର ଭଞ୍ଜ ଦେବ

ମହାରାଜ ବାହାଦୁର ମୟୂରଭଞ୍ଜାଧୀଶ୍ବର

ମ ହା ମ ହି ମେ ଷୁ !

ସବିନୟ ନିବେଦନମିଦମ୍

ମହାରାଜ,

ବରପାଲି ଯୁବରାଜଙ୍କ ବିବାହ ସମୟରେ ବାରିପଦା ରାଜଧାନୀର ଉପକଣ୍ଠବର୍ତ୍ତୀ ମଧୁବନୋଦ୍ୟାନରେ ଶ୍ରୀମୁଖଙ୍କର ମୁଖାରବିନ୍ଦ ଦର୍ଶନ କଲାପରେ ମୋହର ହୃଦୟରେ ଏକ ଅନିର୍ବଚନୀୟ ଭାବ ଉଦିତ ହେଲା । ପରେ ରାଜନୀତିପରାୟଣତା, ପ୍ରଜାରଞ୍ଜକତା ପ୍ରଭୃତି ରାଜୋଚିତ ସମସ୍ତ ଲକ୍ଷଣ ଓ ଉଦାରହୃଦୟତା, ନିରହଙ୍କାରିତା, ସୁଶୀଳତାଦି ଦେବୋଚିତ ବହୁବିଧ ସଦ୍ଗୁଣର ଭୂରି ଭୂରି ପ୍ରତ୍ୟକ୍ଷ ପ୍ରମାଣ ସନ୍ଦର୍ଶନ କରିବାରୁ ଅନୁଦିନ ଭକ୍ତିର ସଞ୍ଚାର ହେଲା । ଶ୍ରୀମୁଖଙ୍କର ଚରଣାର୍ଚ୍ଚନ କରି ସେହି ଭକ୍ତି ଚରିତାର୍ଥ କରିବାକୁ ଉତ୍ସୁକ ଥାଇ ଆଜଯାଏ କୌଣସି ସୁଯୋଗ ପାଇପାରି ନ ଥିଲି । ସମ୍ପ୍ରତି ନିଜ ଭକ୍ତିର ସାମାନ୍ୟ ଦୃଷ୍ଟା କୃପାମୟ ପ୍ରଭୁଙ୍କ ଅବଜ୍ଞେୟ ହୁଏ ନାହିଁ ଭାବି ମୋହର ନବୋଦ୍ୟମ-ପ୍ରସୂତ ଏହି କ୍ଷୁଦ୍ର କାବ୍ୟଖଣ୍ଡ ଶ୍ରୀ ମହାରାଜଙ୍କ କରକମଳରେ ଅର୍ପଣ କଲି ।

। ଇତି ।

ତା ୨୨ । ୮ । ୯୪
ବରପାଲି,
ଜି । ସମ୍ବଲପୁର

କୃପାକାଙ୍କ୍ଷୀ
ଶ୍ରୀ ଗଙ୍ଗାଧର ମେହେର

କବିବର

ରାୟ ରାଧାନାଥ ରାୟ ବାହାଦୁରଙ୍କ

# ମନ୍ତବ୍ୟ

(୧)

'ଇନ୍ଦୁମତୀ' କାବ୍ୟ ମୁଁ ଆଦ୍ୟୋପାନ୍ତ ପାଠକରି ଆଶାଗତ ପ୍ରୀତି ଲାଭ କରିଅଛି । ଏ କାବ୍ୟର ଗ୍ରନ୍ଥ ସାମାନ୍ୟ ଶକ୍ତିଶାଳୀ ଲେଖକ କୃତମ୍ଭ । ମୂଳଚରିତ ରଘୁବଂଶରୁ ସଙ୍କଳିତ ହୋଇଥିଲେହେଁ ଏହାର ଭାବ ଏବଂ ଭାଷା ଦୃଷ୍ଟିରେ ମୁଁ ଏହାକୁ ଅଭିନବ ଏବଂ ଉତ୍କୃଷ୍ଟ କାବ୍ୟରୂପେ ଗ୍ରହଣ କରିବାକୁ ଲବମାତ୍ର କୁଣ୍ଠିତ ହେବି ନାହିଁ । ଗ୍ରନ୍ଥକାର ଏଥିରେ ଅନେକ ନୂତନ ଏବଂ ସୁନ୍ଦର ଭାବ ସନ୍ନିବେଶିତ କରିଅଛନ୍ତି । ଏହାର ଭାଷା ସରଳ, ଅକ୍ଲିଷ୍ଟ ଏବଂ ଶ୍ରୁତିମଧୁର ହୋଇଅଛି । ମୋହ ମତରେ 'ଇନ୍ଦୁମତୀ' ସୁଶ୍ରାବ୍ୟସୁନ୍ଦରୀ ଉତ୍କଳଭାରତୀଙ୍କର ଅନୁପଯୁକ୍ତ ଭୂଷଣ ନୁହେଁ ।

କଟକ
ତା ୨୨ । ୨ । ୯୪

ଶ୍ରୀ ରାଧାନାଥ ରାୟ

# ମନ୍ତବ୍ୟ

(୨)

'ଇନ୍ଦୁମତୀ'ର ପାଣ୍ଡୁଲେଖ୍ୟ ଅବସ୍ଥାରେ ମୁଁ ତାହା ଆଦ୍ୟୋପାନ୍ତ ପାଠକରି ଗ୍ରନ୍ଥକାର ମହାଶୟଙ୍କୁ ମୋହର ମତ ଜଣାଇଥିଲି । ଗ୍ରନ୍ଥକାର ସେହି ମତ ପୁସ୍ତକ ମୁଖବନ୍ଧରେ ସଂଯୋଜିତ କରିଅଛନ୍ତି ।

ପୁସ୍ତକର ଉତ୍କର୍ଷ ସମ୍ବନ୍ଧରେ ମୋହର ଅଧିକ କହିବାର ଅନାବଶ୍ୟକ । ମୁଁ ଆଶା କରେ, ଉତ୍କଳର ସାହିତ୍ୟରସିକମାନେ କାବ୍ୟ ଖଣ୍ଡିକ ସମଗ୍ର ପାଠକରି ନିଜ ନିଜ ମତ ସ୍ଥିର କରିବେ । ଉତ୍କଳୀୟ ପାଠକଙ୍କର ତ କଥା ନାହିଁ, ଯେଉଁମାନେ ସଂସ୍କୃତ ରଘୁବଂଶରେ ଇନ୍ଦୁମତୀଚରିତ ପାଠ କରିଅଛନ୍ତି, ସେମାନେ ହୁଏତ ଏହି କାବ୍ୟ ପାଠକରି ପଠନଶ୍ରମକୁ ନିଷ୍ଫଳ ମଣିବେ ନାହିଁ ।

ଗ୍ରନ୍ଥକାର ଉଚ୍ଚଶିକ୍ଷାର ସୁବିଧା ପାଇ ନ ଥିଲେ, ମାତ୍ର ତାହାଙ୍କର ନୈସର୍ଗିକ ପ୍ରତିଭା ସେହି ଅଭାବ ପୂରଣ କରି ଦେଇଅଛି । ସେହି ପ୍ରତିଭା ବଳରେ ସେ ପ୍ରକୃତିର ସୌନ୍ଦର୍ଯ୍ୟ ଉପଭୋଗ ପୁସ୍ତକରେ ନ ଦେଖି ସେଥିର ସୂକ୍ଷ୍ମ ପ୍ରତ୍ୟକ୍ଷ କରିଅଛନ୍ତି ଏବଂ ଯାହା ଦେଖିଅଛନ୍ତି, ତାହା ଯଥାଯଥ ବର୍ଣ୍ଣନା କରିଅଛନ୍ତି । ଏଥିରେ ଥିବା ଉଦ୍ୟାନବର୍ଣ୍ଣନା ମୋର ଏହି କଥାର ଏକତର ପ୍ରମାଣରୂପେ ଗୃହୀତ ହୋଇପାରେ ।

'ଇନ୍ଦୁମତୀ'ର ଆଉ ଗୋଟିଏ ପ୍ରଧାନ ଗୁଣ ଏହି ଯେ, ଏଥିରେ ଏପରି କୌଣସି ଭାବ ବା ଶବ୍ଦ ନାହିଁ, ଯାହା ଆଧୁନିକ ରୁଚି ଅନୁସାରେ ବର୍ଜନୀୟ ହୋଇ ବିବେଚିତ ହେବ । ମୋହ ମତରେ ଏହା ଉତ୍କଳବିଦ୍ୟାଳୟମାନଙ୍କରେ ପାଠ୍ୟପୁସ୍ତକରୂପେ ପ୍ରବର୍ତ୍ତିତ ହେବାର ସମ୍ପୂର୍ଣ୍ଣ ଉପଯୁକ୍ତ ଅଟେ ।

ପୁସ୍ତକର ସ୍ଥାନେ ସ୍ଥାନେ ଯେଉଁ ଦୋଷ ଅଛି, ଗୁଣ ସହିତ ତୁଳିତ ହେଲେ ତାହା ନିତାନ୍ତ ସାମାନ୍ୟ ଅଟେ । ଇତି ।

ତା ୬ । ୧୨ । ୯୪

ଶ୍ରୀ ରାଧାନାଥ ରାୟ

## 'ଇନ୍ଦୁମତୀ' କାବ୍ୟପ୍ରଣେତା
## ଶ୍ରୀ ଗଙ୍ଗାଧର ମେହେରଙ୍କ ପ୍ରତି *

"But knowledge to their eyes her ample page
"Rich with the spoils of time did ne'er unroll
"Chill penury repress'd their noble rage
"And froze the genial current of the Soul."

ଆହେ ଭ୍ରାତଃ, ତୁମ୍ଭଙ୍କୁ ମୁଁ କେବେ ଦେଖି ନାହିଁ,
ତବ କଥା ମନେ ମୋର ପଡ଼ିଲ କପାଇଁ ?
ଚିହ୍ନି କି ନ ଚିହ୍ନି ମୋତେ ତୁମ୍ଭେ, ଜାଣେ ନାହିଁ,
ତୁମ୍ଭଙ୍କୁ ମଣିଲ କିନ୍ତୁ ମୁହିଁ ନିଜ ଭାଇ ।
ଲୋଡ଼େ ନାହିଁ ଦେଖିବାକୁ ମୁଁ ତୁମ୍ଭ ମୂରତି,
ଦେଖି କାଳେ ତୁଟିଯିବ ମାୟା ତବ ପ୍ରତି ।
ପଢ଼ିଅଛି 'ଇନ୍ଦୁମତୀ' କାବ୍ୟ କେତେ ଥର,
ସେହିଠାରେ ଗଣିଅଛି ତୁମ୍ଭର ସୋଦର ।
ଲାବଣ୍ୟ-କାସାର-ହଂସ, ପୁରୁଷ ଅଦ୍ଭୁତ,
କାଳିଦାସ ଭାରତୀୟ ବାଣୀ-ବରପୁତ,
ଯୋଗ୍ୟ ଅନ୍ତେବାସୀ ତୁମ୍ଭେ ଅଟ ତାହାଙ୍କର,
କଳ୍ପନାର, ଶୁଦ୍ଧ ଭକ୍ତି ସମ୍ଭାର ଅର୍ଥର ।
ଭକତ ପ୍ରଣାମ ଏ ମୋ ଭାରତୀ-ନନ୍ଦନ,
ମନ୍ଦାର୍ଦ୍ଧ ସରଣି ପ୍ରିୟ କର ହେ ଗ୍ରହଣ ।
ସଂସାର ଆବିଳ ସ୍ରୋତ ହାଟେ ଘାଟେ ମିଳେ,
ଏ ମୋହର ସ୍ନେହ ନାହିଁ ସ୍ୱାର୍ଥଭାବ ତଳେ ।
ଯେତେ କାବ୍ୟ ଲେଖିଦେଲ ରଖିଲ କୀର୍ତ୍ତି ନ,
ଝୀଣି ଶକ୍ତି ଦାଣି ଜନମେ ହେଲା କି ଉଚିତ ?
ଶୁଣିଅଛି ଦରିଦ୍ରତା କଠୋର ନିର୍ଘାତେ
ସହି କଷ୍ଟ କର, ତୁମ୍ଭେ କର ଦିନପାତ ।
ସୁନ୍ଦରେ ତୁମ୍ଭର ପରି ମୁହିଁ ଆଉ ଜଣେ,
ଦାରୁଣ ଦୁଃଖ-ପ୍ରହାରେ ବନ୍ଧ ଶୁଷ୍କ ମନେ ।
ଅଛି କହି, ଦାଣି "ଦୁଃଖୀ ପାଇ ଦୁଃଖୀ ଜନ
ସେଇଁ ସୁଖ ପାଏ, ନ ପାଏ ତା ସୁଖୀ ଜନ ।"

* ଲେଖକ—ଉତ୍କଳର ସୁପ୍ରସିଦ୍ଧ କବି ଶ୍ରୀଯୁକ୍ତ ନନ୍ଦକିଶୋର ବଳ, ବି. ଏ., ବି. ଟି

ତେଣୁ ମୋର ତୁମ୍ଭ ପ୍ରତି ଏ ସହାନୁଭୂତି,
ନାଚଇ ମୋ ଦେଖେ 'ଇନ୍ଦୁମତୀ' କବିମୂର୍ତ୍ତି ।
ଜନ୍ମିଥାନ୍ତ ଯେବେ ସଭ୍ୟ ଉନ୍ନତ ଦେଶରେ,
ବାଜିଥାନ୍ତା ନାମ ତବ ଦିଗଦିଗନ୍ତରେ ।
ଆବାଳବୃଦ୍ଧବନିତା ଦୁଃଖେ ପ୍ରିୟ କବି;
ହୃଦ ମଧ୍ୟେ ରଖିଥାନ୍ତେ ତବ ଧନ ଛବି ।
ମୃତ୍ୟୁ ଦୁଷ୍କୃତିବନ୍ଧନେ ପଡ଼ି ଏ ଭବରେ,
ନିଷ୍ପ୍ରଭ-ମଣି ଆଶା ବାନ୍ଧନ୍ତି ତୁମର ।
କବିତା-ଲତାରେ ଏକମାତ୍ର ଫୁଲ ଫୁଟି
ଅନାଦରେ ସେ ଲତିକା ଗଲା ଭୁଇଁଲୁଟି !
ଶୁଣିଅଛି, ଅଛି ତୁମ୍ଭର ବୁଣିଲା ବଗିଚା,
ତେଣୁ ତୁମ୍ଭ ନାମେ ଆଜ ଭଣିଲି ଏ ଗୀତ ।
କଠୋର ଶୃଙ୍ଖଳ ଛିଣ୍ଡି ବିଶ୍ୱ ବିଷାଦର,
ହଦାଘାତ କର ଅନ୍ତଃପୁରରେ ସମାଜର ।
ଦରିଦ୍ରତା ଲୁଚିଛି କବି ପ୍ରତିଭା-ନାଶକ,
ବିନ୍ଦୁ ଚିନା ତେଲ ଖାଣ୍ଟି ସୁନା ଦେଖିବ ।
ଚେତନ ନୂଆର କାବ୍ୟ ଦେଖି ପ୍ରିୟ କବି,
ସମୁଜ୍ଜ୍ୱଳ କର ମାତୃଭୂମି ମୁଖଛବି !
କର୍ମନାଶା ପରେ ହେଉ ଜାତି ବିସର୍ଜନ,
ଦେଶାର୍ଥେ ଶିଖନ୍ତୁ ଆଜି କ୍ଷତ୍ରିୟ ବ୍ରାହ୍ମଣ ।
ଇଷ୍ଟକା ସଙ୍ଗତେ ନୃପ ମୁକୁଟ-ମଣ୍ଡିତ,
ଧୂଳିତଳେ ହେବେ ସର୍ବେ ରତ୍ନ ଅନ୍ତର୍ହିତ ।
କିନ୍ତୁ ତୁମ୍ଭ ଧନ କବି ରହିବ ଜୀବିତ,
ଯେତେ ଦିନ ଥିବେ ଥିବ ଓଡ଼ିଆ ଜାତୀୟ ।
ଯେତେକ ଲୁଚାଇଲେ ନ ଲୁଚଇ ଅଗ୍ନି ସତ୍ୟ,
ଲୁଚିଲେ କି ତାମ୍ରଭସ୍ମ ବନଦେବୀ ରତ୍ନ ?

# ଇନ୍ଦୁମତୀ

## ଦ୍ୱିତୀୟ ସର୍ଗ

( ବୃତ୍ତ—ବଙ୍ଗଳାଶ୍ରୀ )

ବିଦର୍ଭ ନଗରେ ପୁରବାସିଗଣ
ଆଜି ଅତି ଉଲ୍ଲସିତ,
ଆନନ୍ଦ-ସାଗରେ— ତରଙ୍ଗେ ନଗର
ହୋଇଛନ୍ତି ଉଦବେଳିତ ।
ବିଦର୍ଭାଧିପତି ଅନୁଜା ନିମନ୍ତେ
କରିଛନ୍ତି ସ୍ୱୟମ୍ବର,
ସମାଗତ ହୋଇ— ଅଛନ୍ତି ଅନେକ
ଦେଶର ନୃପକୁମର ।
ତୋରଣରେ ଶୋଭଇ ଖଞ୍ଜିଲେକି ପ୍ରାସେ
ଲୁଗା ଶୁଭ୍ର ବସ୍ତ୍ରବାସ,
ମାତଙ୍ଗ ବୃଂହିତ ଅଶ୍ୱ ହ୍ରେଷାରବେ
ପୂର୍ଣ୍ଣ ହେଉଛି ଆକାଶ ।
ବିବିଧ ଦେଶୀୟ ବିବିଧ ବାଜଣା
ବାଜି ନାନାରଙ୍ଗ ସ୍ୱରେ,
ଜନକୋଳାହଳ ସହିତରେ ମିଶି
ଶ୍ରବଣକୁ ସ୍ତବ୍ଧ କରେ ।
ଯୁବକମାନଙ୍କ ଆନନ୍ଦହିଲ୍ଲୋଳେ
ପୂରିଅଛି ରାଜପୁର,
ବିରସ ଭଙ୍ଗୀରେ ଅବସର ଜନ
ରହିଅଛନ୍ତି ହୋଇ ଦୂର ।

ତନୟାକୁ ସୁବେଶ କରିବା ନିମନ୍ତେ
ତତ୍ପର ସକଳ ଆଳୀ,
କେ ଘୋରେ ଚନ୍ଦନ କେ ଘୋରେ କସ୍ତୂରୀ
କେ ଗୁନ୍ଥଇ ପୁଷ୍ପମାଳୀ ।
ଅଳଙ୍କାରପେଡ଼ି ଆଣି କେଉଁ ସଖୀ
ପେଡ଼ି ଥୋଇଅଛି ପାଶେ,
ବାଛି ବାଛି ଯୋଗ୍ୟ ଲାଗି ହେବ ଭୂଷା
ଯେ ଅବା ଲୁଚିକି ଆସେ ।
ନାନା ରଙ୍ଗ ପାଟ— ଶାଢ଼ୀମାନ ଆଣି
ଦେଖାଉଛି କେଉଁ ଆଳୀ,
ଯହିଁ ଅଭିରୁଚି ହେବ ସେହି ଶାଢ଼ୀ
ଲାଗି ହେବ ବୋଲି ବାଳୀ ।
ସୁନ୍ଦିକଙ୍କଣରେ ଶ୍ୟାମଳ କୁନ୍ତଳ
ଗୁନ୍ଥିଦେଉଛି କେ ବେଣୀ,
କେ ସଖୀ ସମ୍ମୁଖେ ଠିଆ ହୋଇଅଛି
କନକ-ମୁକୁର ଘେନି ।
ଏଣେ ରାଜସୁତା ମନୋହର ବେଶେ
ହୋଇଲାଣି ସୁସଜ୍ଜିତ,
ଅନେକ ଉପମା ? ଯା ଶୋଭା ଦେଖିଲେ
ସୁଧର୍ମୀ ହେବ ଲଜ୍ଜିତ ।

କେତେ କେତେ କ୍ଷୋଭି    ସ୍ତମ୍ଭିତ ହୋଇଲେ
ଏମନ୍ତ ସବୁ ନରପତି,
ସନ୍ଧ୍ୟାଦେବୀ କୋଳରୁ    ଉଠି ଆସିଲେ କି
ଅଭ୍ରୁ କି ତାରକାପଂକ୍ତି ।
ବସିଲେ ତହିଁରେ    ଅତି ମନୋହର
ସ୍ୱର୍ଣ୍ଣମୟ ସିଂହାସନେ,
ଅଲମ୍ବିତ ଥିବା    କମଳ ସକଳ
ଫୁଟିଗଲେ ଚନ୍ଦ୍ରବନେ ।
ତହିଁ ମଧ୍ୟେ ବସି    କୋଶଳ ନୃପତି-
ସୁତ ଅଜ ଯୁବରାଜ,
ସୁରବୃନ୍ଦ ସଙ୍ଗେ    ମର୍ତ୍ତ୍ୟକୁ ଆଗତ
ହୋଇଲେ କି ସେ ଦେବରାଜ ।
ଅବା ଅକମ୍ପିତ    ସ୍ୱଚ୍ଛ ନୀର ପୂର୍ଣ୍ଣ-
କୁମୁଦଶୋଭିତ ସରେ,
ବାଳାର୍କମଣ୍ଡଳ    ପ୍ରତିବିମ୍ବ ଆସି
ପଡ଼ିଗଲା ତରଙ୍ଗରେ ।
ପୂର୍ଣ୍ଣ କଳାଧର    ସମୁଦିତ ହୋଇଲେ
ତାରକୁଳ ଯଥା ମ୍ଳାନ,
ଅଜ ଆଗମନେ    ନୃପମାନଙ୍କର
ହ୍ରସ୍ୱ ହେଲା ଅଭିମାନ ।
କନ୍ୟା ଲାଭ ଆଶା    ଦୂର ହୋଇଗଲା
ମାନସରୁ ତାହାଙ୍କର,
ଶରଦ ଆଗମେ    ଦରଶନେ ଯଥା
ଆକାଶରୁ ଜଳଧାର ।
ରାଜନ୍ୟମଣ୍ଡଳ    ମଧ୍ୟେ ବିରାଜିଲ
ଏକାକୀ ରାଜନନ୍ଦନ,
ଇନ୍ଦ୍ର ବେସନ    ଉଚ୍ଚ ବିଳସିଲ
କିବା ଶୁଭ୍ର ସୌଦାମିନୀ ।
ଅଥବା ରତନ—    ଫଣୀନ୍ଦ୍ର ଦେଲ
ଫେଣିଶିଖା ପ୍ରଜ୍ୱଳିତ,
ନବ ବିକଶିତ    କନକକାନନେ
କମଳା ବା ବିରାଜିତ ।
ରାଜସୁତା ତତ୍ର—    ଆହ୍ଲାଦଦାୟିନୀ
ବରମାଳା ଅଛି ଧରି,

କୁମୁଦମାଳିନୀ    ଶରଦ-କୌମୁଦୀ
ଶୋଭା-ଗର୍ବ ଅପହାରୀ ।
ଯହିଁ ଅବୟବେ    ଅପୂର୍ବ ଲାବଣ୍ୟ
ରୂପସୀ ରୂପସାଗରେ,
ରୂପଲକ୍ଷ୍ମୀ ନୃପ—    କୁମାରଙ୍କ ମନ-
ମୀନେ ବୁଡ଼ାଇଲେ ଖରେ ।
ମାଳ୍ୟ ଲଭିବାକୁ    ନୃପସୁତମାନେ
ସମସ୍ତେ ଲୋଲୁପଚିତ୍ତ,
କୁଣ୍ଠିତ ଅଳି—    ବୃନ୍ଦ ଗୁଞ୍ଜେ ଯଥା
ଏକ ପଦ୍ମ ବିକଶିତ ।
କାହା ଭାଗ୍ୟ-ବନ—    ଫୁଲର ସେ ମାଳା
ଅଧିକାରୀ କିଏ ତାର,
ମଘବା ଦେବକୁ    ତୁଚ୍ଛ ମଣିବ ସେ
ଯା ଗଳାକୁ ଯିବ ହାର ।
ଇନ୍ଦୁମତୀ ସଙ୍ଗେ    ଥିଲା ସୁବୟସୀ
ସୁନନ୍ଦା ସୁବଚନଶା,
ରାଜନ୍ୟଙ୍କର    କୁଳ ଶୀଳ ସବୁ
କଥା ତାକୁ ଥାଏ ଜଣା ।
ପ୍ରଥମେ ମଗଧ—    ନାଥଙ୍କ ସମ୍ମୁଖୁ
ନେମାକୁ ନେଇ ମଣ୍ଡିଲା ।
ଲଳିତ ବଚନେ    ତାଙ୍କ ଯଶ ଗୁଣ-
ଚୟ ବ୍ୟାଖ୍ୟା କରିଲା ।
ଶୁଣିମା ଲୋ ସୁଦତି !    ପୁରବତ ମଗଧ-
ପତି ଜଗଦେକଇନ୍ଦୁ,
ମଣି-ମଞ୍ଜୁଳାର    ଲଲାଟମଣ୍ଡିତ
ସୁରମ୍ୟ ସିନ୍ଦୂର ବିନ୍ଦୁ ।
ତରଳାବଳିକ    ଦେବାଙ୍ଗବାସୁଣି
ରୂପ ଅତି ଅନୁପମ,
ପ୍ରବଳ ପ୍ରତାପୀ    ପରବଳତାପୀ
ସାର୍ଥ ପରନ୍ତପ ନାମ ।
ଇଚ୍ଛା ହେଲେ ତୋର    ଏହି ନୃପଙ୍କର
ଶ୍ରୀକର କର ଧାରଣ,
ଶାରଦୀୟ ଚନ୍ଦ୍ର    ସମ୍ପର୍କେ ରୋହିଣୀ
ପ୍ରାୟେ ହୁଅ ଶୋଭନ ।

ମୁହଁ ମୋଡ଼ି ଦେଇ ସେଠାରୁ ଗମନ
କଲା ସେ ରଙ୍ଗଗାମିନୀ,
ଜଣୀକରଠାରେ କେତେବେ କି ପ୍ରଦନ୍ଦା
ଦେଖାଇଅଛୁ କମଳିନୀ ?
କଣୋତ୍କନଶିକା ତହୁଁ ପ୍ରିୟସଖୀ
ନେଇ ଅଗ୍ରପତି ଆଗେ,
ରାଜାଙ୍କ ସୁନ୍ଦର— ପଣକୁ ବଖାଣି
କହିଲା ମଧୁର ଭାଷେ ।
ଦେଖ ଝଣ୍ଟନାଥି ! ଶବନ କରିଛନ୍ତି
ବିଶ୍ୱସୁ ଅନଙ୍ଗରୂପ,
ନନ୍ଦନ କିଶୋର— ମୁକୁଟ ଏମନ୍ତି
ଅଙ୍ଗମଣ୍ଡଳର ଭୂପ ।
ଅତି ସୁକୁମାର ନୃପତିକୁମାର
ଅଖିଳଗୁଣମଣ୍ଡିତ,
ବାଭ୍ରବସମାନ ଅତି ବିଚକ୍ଷଣ
ନାନା ବିଦ୍ୟାରେ ପଣ୍ଡିତ ।
ପରିଚ୍ଛନ୍ନି କୁଳ- ଉଦ୍ଭବ ବୀର ଏ
ସୁବ୍ରତବନ୍ଧୁ ଧୀର,
ମତିବିଶାରଦ ସମରକୁଶଳ
ଦ୍ରୁମିତଭେଦୀ ଧୀର ବୀର ।
ନନ୍ଦନଶୁନ୍ଦର ସୁନ୍ଦର ମୂରତି
ଅପସ୍ମରବଳଭିମାସୁ,
ଧରଣୀମଣ୍ଡଳେ ଅଟନ୍ତି ଏ ତୋର
ପତିପଦେ ଶୋଭନୀୟ !
ଗନ୍ଧାତ୍ୟ ଦ୍ୱିଦଳଦଳେଁ ଭ୍ରମରରେ ଯଥା
କେତକ କୁନ୍ଦ ସେବିତ,
ତରୁଣୀ ରୂପରେ ରଞ୍ଜନଧାମର
ଶତ୍ରୁ ନ ହେଲା ମୋହିତ ।
ତହୁଁ ନେଇ ତାକୁ ଅବନ୍ତୀନୃପତି
ସମନ୍ତରେ ସଖୀ ତଥି
ବୋଇଲା, ଦେଖ ଦେଖ ଅରେ ଚଞ୍ଚଳାକ୍ଷି !
ପୁରତେ ନୃପକେଶରୀ ।
ଦୀର୍ଘ କଳେବର ମହାଶକ୍ତିଶାଳୀ
ଭୁଜଯୁଗ ବୀରବର,

ନୃପତିଶାର୍ଦ୍ଦୂଳ— ସମାଜେ ବସନ୍ତି
କେଶରୀ ପ୍ରାୟେ ଗମ୍ଭୀର ।
ଶ୍ରୀମୁଖ-ମୁକୁରେ ଉଦ୍ଧାର ସାହସ
ହେଉଅଛି ପ୍ରତିବିମ୍ବିତ,
ଏହି ସ୍ୱଧର୍ମୀ କ ସତ୍ୱରେ ସେ ଅବା
ବିଗ୍ରହ ଧରି ଶୋଭିତ ।
ଶୁଚିଧାମ ପାଶେ ବହେ ପାରି ସୁଷି-
ପ୍ରସ୍ତ ଶିପ୍ରା ସ୍ରୋତସ୍ୱିନୀ,
କଳ ରାଜହଂସ— ଧ୍ୱନି ବିରଚିତ
ଉଦକକଲ୍ଲୋଳମାଳିନୀ ।
ରମ୍ୟ ଶୁଭ୍ର ଅଙ୍କ— ନିଶାରେ ବିହାର
ଶୁକ୍ଳପ୍ରାସାଦ ତା ଶିରେ,
ସଦା ସମୁଜ୍ଜ୍ୱଳ ମହାକାଳ-ଶିର
ସୁଧାକର-କୌମୁଦୀରେ ।
ଶିବସେବାର୍ଥିନୀ ବାମାଏ ପ୍ରଭାତେ
ଶିପ୍ରାସ୍ରୋତେ କରି ସ୍ନାନ,
ଶିବ ପୂଜି ନିତ୍ୟ ମଧୁମନ୍ଦ ସ୍ୱରେ
କରନ୍ତି ସଙ୍ଗୀତ ଗାନ ।
ଭ୍ରମଦ୍ଧ୍ୱନି ଛଳେ ଦେଉଳ ହିଁ ତାଙ୍କ
ସଙ୍ଗୀତିରେ ଯୋଗ ଦିଏ,
ସେ ସଙ୍ଗୀତ ଶୁଣି ନରପତି କେବେ,
ତରଳପିଇବେ ପବଏ ।
ରତ୍ନବିଖଚିତ ଗୃହର ଜାଳନ୍ତ
ପାଶେ ବାରବାମାକୁଳ,
କ୍ଷୀଣକଟିତଟେ ଶୋଭେ ବସନ ତାଙ୍କ
ଦୁଗ୍ଧପୁଷ୍ପିତ ଦୁକୂଳ ।
ହେଲେ ଶୋଭାଶାଳୀ ପୁରର ହୃଦୟସୁ!
ଲକ୍ଷ୍ମୀ ହେବାକୁ ଲାଳସ
ଥିଲେ, ଧର ଏହି କରବଲ୍ଲଭର
ସୁନ୍ଦର କର-ସାରସ ।
ନିଶାନ୍ତେ ଉଦିତ ସୂର୍ଯ୍ୟଙ୍କ ନିକଟୁଁ
ଚଳଇ ଯଥା ଯାମିନୀ,
ତୁଚ୍ଛ ତାହାପ୍ରରେ ତହୁଁ ଶୁକାଗଳୁ
ମତ୍ତମାତଙ୍ଗଗାମିନୀ ।

ଉହୁଁ ମନ୍ଦାକିନୀ  କାର୍ତ୍ତବୀର୍ଯ୍ୟବଂଶୀ
ପ୍ରଣତ ନୃପଙ୍କ ଆଦର,
ସନ୍ଦେଶ ପ୍ରାପ୍ତେ  ଯତନ ଦେଖାଇ
ନମନ କଲେ ବଗ୍ରତ ।
ମହୀଶାନରେଶ  ସମୀପରେ ଚିଆଁ
ହୁଅନ୍ତେ ସେ ବରାଙ୍ଗନା,
ସମ୍ବୋଧନ କରି  ଭାବଭାବେ କହେ
ବସୁସୀ ପିକବଚନୀ ।
ଶୁଣିଥିବୁ ଶଶୀ—  ମୁଖି ! ବୃନ୍ଦାବନ
ପ୍ରକୃତି-ଶୋଭାସଦନ,
ସ୍ଥାନେ ସ୍ଥାନେ ସୁରୁ  ଲତାକୁଞ୍ଜପୁଞ୍ଜ-
ଦମ୍ଭ ଦେଉଛନ୍ତି ମଦନ ।
କୁସୁମିତ ହୋଇ  ଶୋଭା ଦେଉଛି ତହିଁ
ତରୁସମାଶ୍ରିତା ବଲ୍ଲୀ,
ଦିଗ ଆମୋଦିତ  କରନ୍ତି ବାସନ୍ତୀ
ମାଧବୀ ମାଳତୀ ମଲ୍ଲୀ ।
ମନ୍ଦାନିଳ ହସ୍ତେ  ଦୋଳାଇ ଉଦ୍ଗତ
ପ୍ରଫୁଲ୍ଲ ପ୍ରସୂନାବଳୀ,
ପ୍ରକୃତି-ସୁନ୍ଦରୀ  ଦେଉଥାଏ ନିତ୍ୟ
ସୁରଭିରେ ପୁଷ୍ପାଞ୍ଜଳି ।
ସତେଜ ନଦ—  ପଦପଟଳକୁ
ହସଇ ତା ସତବଲ୍ଲୀ,
ଅଙ୍କ ଧରି ଦର୍ପ—  ରଜତବରଣ
ନଟପଟୁ ମୀନାବଳୀ ।
ପ୍ରବାହିତ ବନ  ମଧ୍ୟରେ ଯମୁନା
ଜମ୍ବୁଶ୍ୟାମଳିତ ଧାରା,
ଦନକନ୍ଦୁଙ୍କର  ଝରନ୍ତୁଶୋଭିତ
ଇନ୍ଦ୍ରନୀଳମଣିହାରା ।
ଘନ-କାଳକାନ୍ତୁ  କଦମ୍ବକାନନ
ମନୋହର କୁଞ୍ଜବନ,
ଶୁଣିଲୁ ସର୍ବଦା  ପିକକଦମ୍ବର
ଶ୍ରବଣସ୍ପୃହଣ ସ୍ୱନ ।
ଜମ୍ବୁବନେ ସର୍ବେ  ଶୁକକୁଳ ବସି
ସୁଖେ କରନ୍ତି ବିଶ୍ରାମ,
କପୋତଯୁଗଳ  କୁତ୍ରୁ କୁତ୍ରୁ ସ୍ୱରେ
ମୁଖରିତ ସେହି ଧାମ ।
ସେ ବିପିନତଟ—  ବିହାରରସିକ
ଏହି ନରନାଥଙ୍କର,
କର-କଞ୍ଜ ଧରି  ଜନକ-ଉଦନ !
ବିଳାସରେ ଦିନ ହର ।
ତହିଁରେ ତଳ୍ପଣ  ବାରବର୍ତ୍ତିନୀର
ମାନସ ଭୁଲିଲା ନାହିଁ,
ମାନସରୁ ତେଳ—  କଳସୀ ମସ୍ତଳୀ
କାହାରେ ରସିବ କାହିଁ ?
ତଦନ୍ତେ ପୂର୍ବହିଁ  ଅବନତ ମହେନ୍ଦ୍ର
ଶୈଳ-ଅଧିତ୍ୟକାଭୂମି,
ତାଙ୍କ ବସିଥିଲେ  ଦାକ୍ଷିଣାତ୍ୟ ମସ୍ତ-
ଶତ ନରଦେବସ୍ୱାମୀ ।
ଲବଙ୍ଗଲତାର  କୁସୁମ ସୁବାସେ
ଦିଗ ଯାର ସୁରଭିତ,
ରମଣୀ ମଣିର  କିଙ୍କିଣୀ ସ୍ୱନେ
ତେବଳେ ଅତି ସନ୍ତାପିତ ।
ତତ୍ପରେ ନୃପବ—  ଅସ୍ତେନ ଅଗତ
ପାଣ୍ଡ୍ୟ ଦେଶ ଅଧୀଶ୍ୱର,
ପାଣ୍ଡୁ ମହାରାଜ  ଉତ୍ଫୁଲ୍ଲପ୍ରଭାସ୍ୱୀ
ଯାର ବ୍ୟୁହଭିଗ ଶର !
ଶୌର୍ଯ୍ୟ-କୀର୍ତ୍ତି-ରବି  ପ୍ରଚଣ୍ଡ କିରଣ
ଭବନ ଯାର ପ୍ରଭାଶିତ,
ଧାଉଁ ଆନ ଜନ  ପ୍ରତାପରେ ଯାର
ଶ୍ରବଣ ସଦା ଶଙ୍କିତ ।
ମଳୟ ଶଇଳ  ନାନା ଉପହାରେ
ସେବା କରେ ଯା ପଦ୍ମରେ,
ଇନ୍ଦୁମତୀ ତାଙ୍କୁ  ନମସ୍କାର ଦେଲା
ଲଜ୍ଜା-ଜଳଧି-ତପ୍ତରେ ।
ବାଳା-ଭାଗୀରଥୀ  ପ୍ରୟାଣ ରଚନ୍ତି
ସାଗରସଙ୍ଗମ ପାଇଁ,
ଉନ୍ନତ ଗିରି  ରାଜାଙ୍କର ତଟ
ତା ପଦ୍ମ ଗଲେ ଛୋଡ଼ାଇ ।

ରତ୍ନେ ସୃଷ୍ଟିଦେଲା ତନୁଶୋଭନ
ଚନ୍ଦନନନ୍ଦନଭିଁ,
ଦିବାକରକୁଳ- ସମୁଦ୍ରସମ୍ଭୂତ
ନୃପମଳ ସୁଧାକର ।
ମୁଖମଣ୍ଡଳରୁ ଦରହାସ-ସୁଧା-
ଧାର ସାଉଅଛି ହୃଦ,
ମୂର୍ତ୍ତି ରାଜସୁତା ଶାନ୍ତ-ଚନ୍ଦ୍ର-ଶିଳା
ସହଜରେ ଗଲା ଦ୍ରବ ।
ହୃଦ-ସରସୀରେ ପ୍ରେମ-କୁମୁଦମ-
ବନ ହେଲା ବିକଶିତ,
ନେତ୍ର-ଜଳଜୀବ ରଙ୍ଗେ ନୃତ୍ୟ କଲା
ହୋଇ ଅତି ଉଲ୍ଲାସିତ ।
ଅନ୍ତଃପ୍ରମୋଦେ ମୂର୍ତ୍ତି ନେତ୍ରମାଳିନୀ
ମଦନ ମଦେ ହେଲା ମୁଗ୍ଧୀ,
ନବୋଦିତ ସୂର୍ଯ୍ୟ- ମଣ୍ଡଳ ଦେଖିଲା
ପ୍ରାତେ ଯଥା ସୂର୍ଯ୍ୟମୁଖୀ ।
ସଙ୍କୋଚିତ ନୟନ ଚାହୁଁଥିଲେ ଅଙ୍କ
ଲଜ୍ଜିତ ସେ ନାରୀ ମୁଗ୍ଧୀ,
ବାସନାର ବାତ୍ୟା ପ୍ରଚଣ୍ଡ ହୋଇ ସେହି
ସଙ୍କୋଚକୁ ଦେଲା ଭାଙ୍ଗି ।
ହେମା ମନ ଜାଣି କହିଲା ସୁନନ୍ଦା
ସବିସ୍ମୟରେ ଅଙ୍ଗ ହସି,
ଏହିଟି ଅମଳ- କମଳଲୋଚନ !
ରଘୁବଂଶ-ଅବତଂସ ।
ନୃପଙ୍କର ମୂର୍ତ୍ତି ସମ୍ପାଦଇ ଆହା
ମୂରତି କି ମନୋହର,
ଜାନୁଲମ୍ବି-ଭୁଜ ପ୍ରସନ୍ନ ବଦନ
ଶୁଭ୍ରଶୀତ କଳେବର ।
ରାଜଲକ୍ଷ୍ମୀଙ୍କର ହୃଦୟହାରର
ରଘୁ ରାଜାଙ୍କର ସୁତ,
ଯାଙ୍କ ଅଙ୍ଗରେ ରହି ଅଳଙ୍କାରମାନେ
ହୋଇଛନ୍ତି ଅଳଙ୍କୃତ ।
ରଘୁ ମହାରାଜ ପ୍ରବଳ ପ୍ରତାପୀ
ଅଦ୍ୱିତୀୟ ଧନୁର୍ଦ୍ଧର,

ଦେବପୀଡ଼ା ଯାର ଶୁଣି ଦେବରାଜ
ସମ୍ଭ୍ରମେ କଲେ ତାଙ୍କୁ ଆଦର ।
ଭଗବାନ ହରି ଅଶେଷ ମୂର୍ତ୍ତିରେ
ରାଜକୋଟିର ବରଣୀ,
ଷଷ୍ଠିସହି ଦେଇ ନୃପତିସୁଖରେ
ତୁଷ୍ଟ କଲେ ମୁନିଜନ ।
ଦିଗ୍‌ବିଜୟ ଶତ- ଭଗ ଅଶ୍ୱମେଧ
ଯାଇ ଅଶ୍ୱ ଆରୋହରେ,
ତୁରଙ୍ଗମଟିର ରକ୍ଷାଧର ସଙ୍ଗ
ମାତିଉଠିଲା ମହାରଣେ ।
ଅମୋଘ କୁଳିଶ ମୋଘ ହୋଇଗଲା
ଦେଖି ରଘୁ ଶୀଘ୍ର ଅଙ୍ଗ,
ସୁରପତି ଦେଇ ବହୁ ଧନ୍ୟବାଦ
ସନ୍ଧି କଲେ ରଘୁ ସଙ୍ଗେ ।
ଦିଗ୍‌ବିଜୟ କରି ବଜାଇଥିଲେ
ଚୌଦିଗେ ବିଜୟବାଜା,
ଅଖିଳ ଧରଣୀ— ମଣ୍ଡଳରେ ଏକ
ଚକ୍ରବର୍ତ୍ତୀ ମହାରାଜା ।
ନୃପତିମଣ୍ଡଳ ନତଶିର ହୋଇ
ପୂଜୁଥିଲେ ରଘୁ ପଦେ,
ରଘୁଙ୍କ ଭବନ ହୋଇଅଛି ପୂର୍ଣ୍ଣ
ଦେବଦୁର୍ଲ୍ଲଭ ସମ୍ପଦେ ।
ହିମାଦ୍ରି-କନ୍ଦର- ପୀତ-ରତ୍ନାଦନ-
ବହୁଶ ବାରଣଗଣ,
ସିନ୍ଧୁ ଉତ୍ତୀର୍ଣ୍ଣ- ମଧୁକ ପ୍ରାଙ୍ଗଣେ
କରୁଛନ୍ତି ବିଚରଣ ।
କଇଲାସ ଗିରି ଉପତ୍ୟକାଦେଶ
ଚମରୀ ଶ୍ୱେତ ଚାମର,
ଶୋଭା ସମ୍ପାଦିଲା ଶିରେ ସଞ୍ଚାଳିତ
ହୋଇ ମହାରାଜାଙ୍କର ।
ସୁମେରୁର ଗୁହା- କନ୍ଦରେ ଯେତେ ମଣି
ନାଶୁଥିଲେ ଅନ୍ଧକାର,
ପୁଞ୍ଜ ପୁଞ୍ଜ ହୋଇ ସେହି ଉଜ୍ଜ୍ୱଳ
କରୁଛନ୍ତି ନୃପାଗାର ।

ମହୋଚ୍ଚ ତୁଙ୍ଗ   ଉଲ୍ଲଙ୍ଘି ଶାଳନଭ
ଉଜ୍ଜ୍ୱଳ ମୁକ୍ତାପଟଳ,
ମାଳ ମାଳ ହୋଇ   ରାଜପୁରେ କେତେ
ଫୁଲି ଉଠେ ଫୁଲମଲ୍ଲି ।
ଅନନ୍ତବର୍ଣ୍ଣର   ବସେ ରାଜଧାନୀ-
ସୁନ୍ଦରୀ ସୁନ୍ଦର ଚେଲେ,
ସୁଧାଧବଳିତ   ସଦନକୁ ଛୁଇଁ
ସରିତ୍‌ସ୍ୱର-ଦର୍ପଣେ !
ଘରଘ୍ ଉଠନ୍ତ   ରମ୍ୟ ଉପବନ
ସୁବାସ ପୁଷ୍ପରେ,
କୋଳ ଦେଉଥାଏ   ନଗର ଅନ୍ତରେ
ବନ୍ଧୁ ଅତି ଅନୁରାଗ ।
କଳାପିମାକୁଳ   ମଧୁର ଅସ୍ଫୁଟ-
ତାଡ଼ିତ ମୃଦଙ୍ଗନାଦ,
ଅଭ୍ରଙ୍କଷ ସୌଧେ   ନିନାଦିତ ହୋଇ
ଘୋଷଇ କେତେ ପ୍ରସାଦ ।
ଅବିଶ୍ରାନ୍ତ ଚର୍ଚ୍ଚି   ବନ୍ଦୀ ଯାଉଥାଏ
ଆନନ୍ଦର ମନ୍ତ୍ରବର୍ଗ,
ସୁଷମା-ବାଳାର   ଉଠଇ ସେ ପୁର
ବିଚିତ୍ର ରଙ୍ଗସଦନ ।
ହେ ସଦ୍‌ମନ୍ତ୍ରଣେ !   ବରମାଳ ଧରି
ଏହି ନୃପବର ଗଡ଼ଳ,
ନରଦେବ-ବୃନ୍ଦେ   ହେମ-ଲତା ପ୍ରାୟେ
ନଗରୀ ନମକୁ ଭୂମଣ୍ଡଳେ ।
କେତେ ପ୍ରଶ୍ରବଣ କେତେ ତୁଙ୍ଗ ସୌଧ-
ତୁଲେ ତ୍ରିପୁନାଥ ଗଙ୍ଗେ,
ନବ ପଢ଼ବନ   କୃତାର୍ଥ କରିବୁ
କଳସୀ କୌତୁକ ଧରେ ।
ବରଣ୍ଡ ତୁଳନେ   ବିହାର ସମନ୍ତେ
ଉତ୍ତମ୍ଭ ଚାନ୍ଦପାବଳୀ,
ମୁକ୍ତାବଧୂ ଜାଣି   ନବ ଅନୁରାଗ
ଶିରେ ଦେବେ ପୁଷ୍ପାଞ୍ଜଳି ।
ସରସ୍ୱ ଆଣାଇ   ମଣି-ଦର୍ପଣରେ
ବଢ଼ାଇ ଲକ୍ଷ୍ମୀ-କର,

ବୈଦୂର୍ଯ୍ୟବଂଶ ଚାରୁ   ଚନ୍ଦ୍ରଶାଳତଳେ
ହେଉଥିବ ଉତ୍ସବରେ ।
ରାଜସୁତା ଶଶୀ —   ପ୍ରତିମା ଦେଖନ୍ତୁ
ରହିଲ ଅଜଙ୍କୁ ଛୁଇଁ,
ଲଜ୍ଜା ଅନୁରୋଧ   ମନୋଗତ ଭାବ
ପ୍ରକାଶି ପାରିଲ ନାହିଁ ।
ବାଞ୍ଛିତ ଲକ୍ଷଣ   ବାଳାମନୋଭାବ
କହିଦେଲା ସୁପ୍ରମାଣ,
ଉଲଗ୍ନ ଦେହରେ   ଲୁଚି ପାରଇ କି
ବନମଲ୍ଲିକାର ବାସ ।
ତା ଜାଣି ସୁନନ୍ଦା   ନ ଜାଣିଲା ପରି
ବୋଇଲେ, ରାଜହଂସଗତି !
ଅନ୍ୟ ନରପତି   ସମୀପକୁ ଚାଲ
ଯିବା ବଡ଼େ ଯେବେ ମତି ।
ତା ଶୁଣି କୁମାରୀ   ସୁନନ୍ଦା ଉପରେ
କଲା କୋପଦୃଷ୍ଟିପାତ,
ବନବିହାରିଣୀ   କରିଣୀ ଯେସନ୍ତେ
ଖାଇଲେ ଅଙ୍କୁଶାଘାତ ।
ସୁଶୀଳାମଣି ସେ   ସୁନନ୍ଦା ହସ୍ତରୁ
ମାଳିକା ନେଇ ବଢ଼ାଇ,
କଳକଣ୍ଠସ୍ୱରେ   ବୋଲିଲେ ଯୁବରାଜ
ଗଳାରେ ଦିଅ ଲମ୍ବାଇ ।
ଅବନତ ହୋଇ   ସୁଧାକିସଂଧାନ
କୁସୁମମାଳା ଭୂଷିତ,
ନେଲେ ସହର୍ଷେ   ଯୁବରାଜଙ୍କ ଦେହ
କରିଦେଲେ ବିମଣ୍ଡିତ !
ବାଜିଲ ଶଙ୍ଖ   ନଗର ବାଜଣା
ବାଜିଲ ମଙ୍ଗଳ ଶଙ୍ଖ,
ଉଚ୍ଚରେ ମଙ୍ଗଳ—   ଶ୍ଳୋକ ଉଚ୍ଚାରିଲେ
ସହାସ୍ୟ ଦ୍ୱିଜ ଅସଂଖ୍ୟ !
ନୃପ-ତାରକାର   ସଖୀ-ରତନକୁ
ହୋଇଲା ବିଷାଦ-ଦିନ,
ଅଜ-ହୃଦୟରେ   ଅବିରଳ ଧାରରେ
ହେଲା ସୁଧା ବରଷଣ !

ଯାଗଦାନ ସଦା        ଯାଗଫଳ ଲଭନ୍ତି
ଅଧୁନା ଲଭିଲ ଅଶୀଷ,
ଯାଚକ ମନୁଜେ        ଦେବେଶ କମଳା,
ଗଣନା ଲଭିଲେ ଚିତ୍ତ ।
ନରପତିମାନେ        ଶିବିରକୁ ଗଲେ
କପାଳରେ ମାରି କର,
ସେନାଗଣ ଗଲେ        ସ୍ୱଦେଶବନକୁ
ସଙ୍ଗେ ନେଇ କଳଣ୍ଠ ଵର ।
ରତ୍ନଖଚିତ        ପରିଚ୍ଛେମାନଙ୍କୁ
କଟିରଶ୍ମି ମୁକୁତରେ ବାନ୍ଧି,
ଶଚୀ ଶଚି ପରି        ନବବଧୂ ସଙ୍ଗେ
ବିଜେ ବରବଳ୍ଲବଣୀ ।
ନଗରବାସୀଏ        ଅବଗତ ହୋଇ
ବରର ଶୁଭ ଆଗମନ,
ପୂର୍ଣ୍ଣକୁମ୍ଭମାନ        ଦେଉଳେ ତୋରଣେ
କରିଥିଲେ ସଜ୍ଜାପନ ।
ରଙ୍ଗୀନ ଦେଶୀ        ଧରିଥିଲେ ପୁଣି
ପୁର ଅଟ୍ଟାଳିକାରାଜି,
ଘରେ ଘରେ ଦ୍ୱାର-        ଉଚ୍ଚ ତୋରଣ
ଶକୁନ ଚିତ୍ରକୁ ସାଜି ।
ହୋଇଥାଏ ରମ୍ୟ-        ପାଦପ ପ୍ରୋଥିତ
ଦେବ ପାର୍ଶ୍ୱେ ରାଜପଥ,
ମନ୍ଦାନିଳେ ମନ୍ଦ        ଦୋହଲି ଦୋହଲି
ନାଚୁଥାନ୍ତି ଉଭରତେ ।
ସେହିକାଳେ ରାଜ-        ପଥେ ବିଜେ ଅଜ
ସଙ୍ଗେ ବରଆସିଦଳ,
ନଗର ମଧ୍ୟରେ        ଉଠିଗଲା ମହା-
ଆନନ୍ଦର କୋଳାହଳ ।
ମନୋହର ବର-        ଦର୍ଶନ ଲାଳସେ
ପୁରନରନାରୀଗଣ,
କୌତୁକ-ହୃଦୟେ        ମନ-ଚକ୍ଷୁ ମେଲି
ପଥରେ କଲେ ଗମନ ।
କୁଳବଧୂମାନେ        ସୌଧ ଉପରକୁ
ଦ୍ରୁତପଦେ କଲେ ଗତି,
ସୁସ୍ତନଯନନୁ        ବସ୍ତ୍ର-ପଟକୁ ଧରି
ଧାଇଁଲେ କେଉଁ ସୁବର୍ଣ୍ଣ ।
ମୁଖଶୋଭା କଲି        ଦର୍ପଣ ଗର୍ବକୁ ଯା
ଚରଣଭୂଷଣ ଧ୍ୱନି,
ବର ବଧୂଙ୍କୁ        ମଙ୍ଗଳ-ସଙ୍ଗୀତ
ଗାଇଲେ ପ୍ରିୟା ଅଙ୍ଗନା ।
ଉତ୍ତରବସନ କାହା        ଖୋସା ଫିଟି ଖସି-
ପଡୁଥିଲେ ସ୍ମିତହାସ୍ୟ,
ନୂପୁରକିଙ୍କିଣୀ        ଚନ୍ଦ୍ରହାରମାନଙ୍କ
ମୁକ୍ତ ହୋଇଗଲେ ଅବା ।
ସୁନୀଳ ନିର୍ମଳ        ଗଗନ କୋଳରୁ
ଖସିପଡ଼ି ତାରକା ତୁଳି,
ଦେବ ଶୁଭଲକ୍ଷଣା        ଦୁଇ ନୟନରୁ
ଝରି ପଡ଼ୁଥିଲେ ଫୁଲ ।
ନବ ରଙ୍ଗସ୍ତମ୍ଭ        କେହି ପୀତପଟ
କେବା କୁସୁମାମ୍ବର ଶାଢ଼ୀ,
ଦେଖୁଥିଲେ ତ        ବରାଙ୍ଗନାମାନେ
ଠିଆହୋଇଲେ ଧାଡ଼ି ଧାଡ଼ି ।
ନାସି ନୂପୁର ସେ        ନଗର-ଲଳନା
ସୁରମ୍ୟ କୁସୁମହାର,
ମଲ୍ଲିକା ଚମ୍ପକ        ସୁଗନ୍ଧେ ମିଶାଇ
ଗୁନ୍ଥା ହୋଇଛନ୍ତି ମନ୍ଦାର ।
ଅଥବା ଦଶନେମଧ୍ୟ        ପଦ୍ମରାଗ ସଙ୍ଗେ
ମୁକୁତା ଗୁନ୍ଥିତ ମାଳୀ,
ଅତି ସ୍ନେହ ଦେବ        ହୃଦୟ ଉପରେ
ଦେଉଛନ୍ତି ନଟସ୍ଥି-ବାଳୀ ।
ଦେଖାଇ ସକଳ        ପରିପୂର୍ଣ୍ଣ ହେଲେ
ପ୍ରୀତି-ଚନ୍ଦ୍ରବଦନ,
ଭୁଷିତାସ୍ଥଳ        ଦ୍ରୁତଚିତ୍ତ କି ସେ
ଦେଖି ଅଶେଷ ଦର୍ପଣେ ।
ଅନୁପମ ବର        ବଧୂ ଶୋଭା ଦେଖି
ସକଳ ନଗରବାସୀ,
ଆନନ୍ଦ-କଲ୍ଲୋଳ        ଚମତ୍କାରଜଳ-
ଜଳଧିରେ ଗଲେ ଭାସି ।

ସ୍ତମ୍ଭୀଭୂତ ହୋଇ    ରହିଲେ ବାମାଏ
ଯେସନ ପ୍ରେମ-ପ୍ରତିମା,
ଶ୍ରୁତି ମନସାଧ    ଇନ୍ଦୁ ସକଳ
ଅନ୍ତ କଲେ ଚନ୍ଦ୍ରିମା ।
ପୁଣି ପରସ୍ପରେ    କୁହାକୁହି ହେଲେ,
"ଆହା କେଡ଼େ ସୁକୁମାର !
ନବ ଅବତାର    ଧରିତ୍ରୀ କି ହର-
କୋପାନଳଦଗ୍ଧ ମାର ?
ନବ ସମୁଦିତ    ସୁଧାକର କିଏ
ବଦନ କେଡ଼େ ଲଳିତ !
ନୟନଯୁଗଳ    ଦେଉଅଛି ବତକ
ବୋଲି ସେ ଅମୃତଭାଜନ ।
କି ନବ ବୟସ    ଅଳପ ଅଳପ
ଫୁଟି ଆସୁଅଛି କଣ,
ଆହ୍ଲାଦକର    ଯଉବନ କାନ୍ତି
ପ୍ରତିଭାତ କରେ ଏଣ ।
ଧନ୍ୟ ଇନ୍ଦୁମତୀ    ଅତି ଭାଗ୍ୟବତୀ
ଘଟଣ କଲେ ସ୍ୱୟମ୍ବର,
ଭାଗ୍ୟଦେବଙ୍କର    କରୁଣା ନ ହେଲେ
ଲଭିଥାନ୍ତେ କି ଏ ବର ?
ରାଜନନ୍ଦିନୀ ସେ    ସହଜେ ତତ୍କ୍ଷଣ
ପ୍ରତିଭାଶାଳିନୀ ଧୀରା,
ନିର୍ବାଚନ କଲେ    ପ୍ରୀତିଜମାଳାକୁ
କରି ଏକମାତ୍ର ଦ୍ୱାର ।
କବିବର ପ୍ରତିଷ୍ଠ    ବର-ବଧୂ ବେଶ
ଦିଶନ୍ତି କେଡ଼େ ସୁନ୍ଦର !
ପୂର୍ବାଚଳ-ଚୂଳେ    କାନ୍ତି ଦେବ 'କାତେଳ
ଉଦିତ କି ଦିନକର ?"
କହୁଁ କହୁଁ ଅଜ    ପରିବେଶ ହେଳ-
ରାଜାଙ୍କ ସିଂହଦୁଆରେ,
ଦର୍ଶକମଣ୍ଡଳ    ହର୍ଷ ବାଦ୍ୟଣି
ରହିଗଲେ ସେହିଠାରେ ।
ଅନ୍ତଃପୁରବାସୀ    କାମିନୀଏ ଆସି
ସେଠାରୁ କନ୍ୟା ବରଙ୍କୁ,
ମହା ଆହ୍ଲାଦରେ    ଘେନିଗଲେ ବେଗେ
ଅନ୍ତଃପୁର ଭିତରକୁ ।
କନକ-ବେଦୀରେ    ତୋରଣମଣ୍ଡିତ
ରତ୍ନମୟ ଆସ୍ତରଣ
ବସାଇଲେ ମଞ୍ଜୁ    ହୁଳହୁଳୀ ଦେଇ
ଅନ୍ତଃପୁର ନାରୀଗଣ ।
ବର ମନେ ବର-    ବର୍ଣ୍ଣିନୀ ମନ ଯା
ପ୍ରେମେ ହୋଇଥିଲା ବନ୍ଦୀ,
ଜଗତଜନଙ୍କୁ    ଦେଖାଇଲେ କୁଢ଼ଣି
ପରସ୍ପର କରି ଛନ୍ଦି ।
ଅଜ କଶାଙ୍କିତ    କରେ କୁମାରୀର
ପ୍ରବାଳପାହଳ କରି,
ଶରାଙ୍କିତ ରଶ୍ମି-    ରେଖାରେ ଅଙ୍କୁଶ
ସଦୃଶ ହେଲା ସୁନ୍ଦର ।
ବର ସ୍ପର୍ଶରସେ    ପରସ୍ପର ତନୁ
ହୋଇଗଲା ରୋମାଞ୍ଚିତ,
ମଳୟେ ଯେସନ    ପାଦପ କଳିଷ
ହୋଇଥାନ୍ତି ମୁକୁଳିତ ।
ହୋମ ଅନଳକୁ    ସାକ୍ଷୀ କରି ବର
କନ୍ୟା କଲେ ପ୍ରଦକ୍ଷିଣ,
ସଂକଳ୍ପ କଲେ    ଆଜୀବନ ପ୍ରୀତି-
ବନ୍ଧନ ନ ହେବ ଛିନ୍ନ ।
ଅନଳକୁ ସଦା    ହୃଦୟେ ଜାଗ୍ରତ
କରିଲି ଅନଳଶିଖା,
ହର୍ମ୍ୟ ଯୋଗେ ଯତ    ଦେସରି ହେବାର
ଧାର୍ମିକ କଲେ ଶିଷ୍ଟା ।
ଅନଳ-ଉତ୍ତାପରେ    ବର-ବଧୂଙ୍କର
ମୁଖ ହେଲା ସ୍ୱେଦସିକ୍ତ,
ସ୍ୱେଦ ବିନ୍ଦୁ ବିମ୍ବ    ଚନ୍ଦ୍ର ବଦନରେ
ଶୋଭା ହେଲା ଅତିରିକ୍ତ ।
ବସନ ଭୂଷଣ    ରତନଖଚିତ
ଲଭି ଅନୁକୂଳ କାଳ,
ନିଜ ନିଜ ଶୋଭା    ପ୍ରଦର୍ଶନ କଲେ
ଦୁକାଣି ନିରଞ୍ଜନାଳ ।

ବଧୂ ମୁଖ ଲଜ୍ଜା ବର ବଦନର
ପ୍ରଫୁଲ୍ଲ ପ୍ରୀତିଲକ୍ଷଣ,
ସେହି ସୁଯୋଗରେ କର ନେଉଥାନ୍ତି
ପରସ୍ପରେ ଆଲିଙ୍ଗନ ।
ବର ବଧୂଙ୍କର ପ୍ରଭାପୂର୍ଣ୍ଣ ରୂପ
କରି କରି ଦରଶନ,
ପୁରବାସିନୀଏ ନବୀନ ଆନନ୍ଦ
ଅଟଳେକେ ଭରିଲେ ମନ ।
ମାତୃକମଣ୍ଡଳ ସ୍ୱଜନସଙ୍ଗ ନୃପ
ରାଜହର୍ମ୍ୟ ବନ୍ଧୁଗଣ,
ବର ବଧୂ ଶିରେ ହରିଦ୍ରାରଞ୍ଜିତ
ତଣ୍ଡୁଳ କଲେ ବର୍ଷଣ ।
ତା ପରେ ତଣ୍ଡୁଳ ବରଷଣ କଲେ
ରମଣୀମଣ୍ଡଳ ଆସି,
କିଙ୍କିଣୀ କଙ୍କଣ ନୂପୁର ଶିଞ୍ଜିତ
ସହିତ ହର୍ଷ ପ୍ରକାଶି ।
ଅନ୍ୟ ଯାହା ଥିଲ କୁଳପ୍ରଥାମତେ
ପରିଣୟର ବିଧାନ,
ଭୋଜନାଦି ତାହା ସମାରୋହ ସହ
କରିଦେଲେ ସମାଧାନ ।
ତହୁଁ କେତେମଣି ପୁରଜନବର୍ଗ
ଘୁମୁରରେ କରୁଣ ସ୍ୱନେ,
ଗଦଗଦ କାନ୍ଦି ମେଲଣି ମାଗିଲେ
ଲୋତକପୂର୍ଣ୍ଣ ନୟନେ ।
ଜନନୀର କର ଗୁରୁଜନଙ୍କର
ଚରଣେ ଲୁଟିଣ ବନ୍ଦନ,
ପ୍ରିୟ ବାକ୍ୟ କହି ସଙ୍ଗିନୀମାନଙ୍କୁ
ପ୍ରେମେ କଲେ ଆଲିଙ୍ଗନ ।
କାନ୍ତ ଲଭି ସୁଖୀ, ପରିଜନଙ୍କର
ବିରହେ ମନ ବିରସ,
କେମନ୍ତ ହୃଦୟରେ ଆନନ୍ଦ-ରସରେ
ମିଶିଗଲା ଶୋକ-ରସ ।
ଭଗିନୀ ବିଦାୟ କଲେ ହେମଧ୍ୱଜ
ଦେଇ ବହୁବିଧ ଧନ,

ଅଗଣିତ ଜନ ଧନ ସଙ୍ଗେ ସଙ୍ଗେ ଯାଇ
ଫେରିଲେ ନିଜ ଭବନ ।
ସ୍ୱଦଳ ସହିତ ଦଳାବଳ ନେଇ
ପ୍ରିୟା ସଙ୍ଗେ ରମ୍ୟ ରଥେ,
ଦମ୍ପତି ନିଜ ରାଜ୍ୟ- ଅଭିମୁଖେ ଚଢ଼ାଇ
ଚଳିଯାଉଥିଲେ ପଥେ ।
ରମଣୀ ରତନ— ଲଭିଲେ ବାଞ୍ଛିତ
ନେଇଣ ନୃପତି କଳାରେ,
ହୃଦୟ-ନିକେତନ ଈର୍ଷାନଳ ଜାଳି
କହୁଥନ୍ତି ମନସ୍ତାପ ।
ମସ୍ତକେ ଆମ୍ଭର ପାଦ ଦେଇଥିଲେ
ଦିଗ୍ବିଜୟେ ରଘୁ କାଳି,
ଆଜି ତାଙ୍କ ପୁତ୍ର ସମ୍ମୁଖରେ ଆମ୍ଭର
ବଦନେ ବୋଳିଲେ କାଳି ।
ଏତେ ଅପମାନେ କେଉଁ ରୂପେ ଆଉ
ପୁରେ ଦେଖାଇବା ମୁଖ,
ବାରମ୍ବାର ଏତେ ଲଜ୍ଜାକୁ ସହି
ବଞ୍ଚିବାର ବଡ଼ ଦୁଃଖ ।
ଏଣିକି କୁଳେ କାଳି କାପୁରୁଷପଣେ
ଗଲେ ଜୀବିତ ରହିବେ,
କହି ଭବେ ଆଉ ଜୀବନ୍ମୃତ ବୋଲି
କାହାକୁ କହନ୍ତି କେବେ ?
ଧନ୍ୟାର୍ଥିକ ଦେଖ ଅଜ ଯାଉଅଛନ୍ତି
ଅଳ୍ପାଦ ସୈନିକ-ଜାଲ,
କଟପାତ-ଦମ୍ଭେ ଦେଖେଁ ତାହାକୁ
ବାନ୍ଧି ନେଇଯିବା ଭଲ ।
ଏକମେଳ ହେଲେ ବିଶ୍ୱଭୁବନରେ
ଅସାଧ୍ୟ ନୁହଏ ସୃଜନ,
ସୂକ୍ଷ୍ମ ଶଣସୂତ୍ର ମେଳ ହେଲେ ଦେଖ
ବନ୍ଧ ହୁଏ ମତ୍ତଗଜ ।
ଏମନ୍ତ ବିଚାରି ନରପତିମାନେ
ସଦର୍ପେ କରି ଗମନ,
ବହୁ ଦଳବଳ ସହ ଯୁବରାଜ
ଶୀଘ୍ର କଲେ ଆକ୍ରମଣ ।

ଦେଖିଲେ କୁମାର ଧୂମ୍ରକେତୁରୂପୀ
ବର୍ଷାକାଳ ସମାନେ,
ଅସଂଖ୍ୟ ବାହିନୀ ବେଗେ ଆସୁଛନ୍ତି
ବିଦେଶୀ ନରେଶମାନେ ।
ଖଡ୍ଗ ତଲବାର ଚପଳା ଝଲକେ,
ସ୍ୱନିତ ଗଜଗର୍ଜନ,
ଢୋଳା ଉଡ୍ଡୀନ ବକପନ୍ତି, ସେନା-
ତର୍ଜନ ଭାଦ୍ରକନ୍ଦନ ।
କେତକୀ ଶୋଭିତ କରବାଳପୁଞ୍ଜ,
ଧନୁ ଇନ୍ଦ୍ର ଶରାସନ,
ଦେଖି ଅଜ-ଶିଖୀ ତ୍ରାସ ଲଳସର
ଧାଇଁଛନ୍ତି ସୈନ୍ୟ-ଘନ !
ଅଜ-ସେନାନୀଳେ ବର୍ଷଣ କରିବେ
ଅବିରଳ ଶରଧାର,
କାଶୀ ଯୁବରାଜ ଅମାତ୍ୟଙ୍କୁ ଦେଲେ
ଶିବିର ରକ୍ଷଣ ଭାର !
ଧରି ଧନୁଶର ହେଲେ ଅଗ୍ରସର
ରଣସ୍ଥଳୀକି ଆପଣେ,
ନିଜ ବାହିନୀକି ଉତ୍ତେଜନା କରି
କହିଲେ, "ହେ ବୀରଗଣେ !
ଦେଖ ଦେଖ ବାନ୍ଧୁ, ଧାଇଁ ଆସୁଅଛି
ଆତତାୟୀ-ଅକୂପାର,
ଭୁଜବଳ-ପୋତ ଅବଲମ୍ବନରେ
ଆସ ହୋଇଯିବା ପାର !
ବୋଉ ନନ୍ଦନକୁ ଭୟ ନ କରିବ
ଅଜ ଯହିଁ କର୍ଣ୍ଣଧାର,
ପ୍ରାଣପଣେ ରଣେ ଅଗ୍ରସର ହୋଇ
ଶତ୍ରୁବଳ ବେଗେ ମାର ।
ସଂଗ୍ରାମରେ ନାଶ ହେଲେ ସ୍ୱର୍ଗବାସ,
ଜିତିଲେ ଭୋଗ ସମ୍ପତ୍ତି,
ପଶ୍ଚାତ୍ପଦ ହେଲେ ଅପଯଶ ଲଭି
ସହିବ ନରକଗତି ।"
କହୁଁ କହୁଁ ବେନି ଦଳେ ଲାଗିଗଲା
ଅତି ଭୟଙ୍କର ରଣ,

ରଥୀ ସଙ୍ଗେ ରଥୀ ପଦାତି ପଦାତି
ଅଶ୍ୱାରୋହଣ ଅଶ୍ୱାରୋହଣେ ।
ସାଦିବର ସଙ୍ଗେ ସାଦିଏ ଯୁଝିଲେ
କରେ ଧରି କରବାଳ,
ସମରକ୍ଷେତ୍ରକୁ ତମିସ୍ରେ ଆବୃତ
କରିଦେଲେ ଶରମାଳ ।
ଯୋଦ୍ଧୃଗଣ ତହିଁ ଆତ୍ମ-ପର ବଳ
ବାରି ତ ପାରିଲେ ନାହିଁ,
ଅଜେ ଆପଣାର ଦଳ ସଙ୍ଗେ ରଣ-
ରଙ୍ଗେ ମାତିଗଲେ କାହିଁ ।
ନୃପଗଣ ସଙ୍ଗେ ଯୁଝିଲେ ନିଃଶଙ୍କେ
ଏକା ଅଜ ମହାବଳୀ,
ଦନ୍ତାବଳ ଯୂଥେ କେଶରୀ ପରାଏ
ଭୟ ଦେଉଥାନ୍ତି ଦଳ ।
କ୍ଷଣେ ଧନୁର୍ଦ୍ଧର କ୍ଷଣେ ଖଡ୍ଗପାଣି
କ୍ଷଣେ କ୍ଷଣେ ଧରି ଗଦା,
ପ୍ରହାର-ଘାତରେ ରିପୁ-ବାହିନୀକୁ
କରି ଦେଉଥାନ୍ତି ସଦା ।
ଗଜପତି ଥରେ ଥରେ ଚୌଦିଗକୁ
ବେଢ଼ି ହୋଇ କୋପଭରେ,
ଅଜଙ୍କ ଉପରେ ଅବିଚ୍ଛିନ୍ନ ଧାରେ
ବରଷାଉଥିଲେ ଶର ।
ଅଜ ଦ୍ରୁତ ଶରେ ଶତ ଖଣ୍ଡ କରି
ଆଗତ ମାର୍ଗଣାବଳୀ,
ଆପେ ଶରବୃଷ୍ଟି ଅଙ୍କୁଶରେ ପ୍ରାୟ
ଦେଉଥିଲେ ରଣସ୍ଥଳୀ ।
ଏହିରୂପେ ବେନି ବେଳ ଲାଗିଥିଲା
ସମର ଦାରୁଣତର,
ହେଲା ଅନାବୃତ ଦିଶୁଥିଲା ଏକା
ଆଶୁଗବୃଷ୍ଟି ମାତର ।
ଥରେ ହୋଇଗଲା ରଣସ୍ଥଳ ହେମ-
ବରଣ ରଙ୍ଗାନସ୍ତୁ,
ଗାଉଥିଲେ ଗୀତ ଗଜ-ବାଜିଗଣେ
ଉଚ୍ଚେ କରି ତାନ ଲୟ ।

ବାଜୁଥିଲେ ଢକ୍କା— ଘଣ୍ଟା ଘରଡ଼ଣି
କଦମ୍ବର ହୁଏ ନାଚ,
ଦେଖୁଥିଲେ ଭାଗ୍ୟ ଦିଗଗଜମାନେ
ଚପଳ ଦେବୀ କୁଳ ଥାଟ ।
ଥରେ ଦେଖୁଥାଏ ଦୁର୍ବଳ ବାହିନୀ
ଉତ୍ସାହବନ୍ତ ଦୁର୍ବାହିନୀ,
ବାରଣ ସହସ୍ତ— ଶିଳାବତମରେ
ଘୋର ସଙ୍କଟଦାୟିନୀ ।
ହୁଂକାର ଗର୍ଜିତ ଘନ ରକ୍ତସ୍ରୋତ
ଫେନିଳ ଶିରସ୍ତ୍ରଜାଳେ,
ଚଟୁଳଭାବରେ ଖେଳୁଥିଲେ ତହିଁ
ଅସି ରୂପୀ ମୀନମାନେ ।
ବୀରଗଣ ପଦ୍ମ ତରିବାର ଆଶେ
ଆରୋହି କରି ଗୁପ-ଭଟ,
ରକ୍ତ-ଗଣ୍ଡ ମଧ୍ୟେ ବାହି ନେଉଥିଲେ
ମାର୍ତ୍ତଣ୍ଡ-ଶ୍ରେଣୀ ଧରି ।
ଦୁଶି ଅଙ୍ଗ ଅଙ୍ଗେ ଶରବୃଷ୍ଟି କଲେ
ଅଗଣିତ ବୀରବର,
ନୃପରାଜଙ୍କର ଶରୀର ହୃଦୟ
ନ ହେଲା ଭରଳ ଅଧୀର ।
ଆଟେପ ଭ୍ରୂକ୍ଷେପ ଦେଲେ ପ୍ରସ୍ତାବନ ବାଣୀ
ବାଣବର ବେଗ ଧାଇ,
ସମରବାର୍ତ୍ତାତ୍ତ ଖଳସେନାବ୍ରାତ
ନିଦ୍ରାରେ ଦେଲ ମଜ୍ଜାଇ ।
ନିଦ୍ରା ଭଜିଲେ କେ ସଂଧାନ ଉପରେ
କେବା ଗଜ-ବାଜି-ଷନ୍ଧେ,
କେ ଅବା ଚଳିତ— ଛାତିତ କୋମଳ
ଧରଣୀତଳ ସ୍କନ୍ଧେ ।
ରଣ ଜୟ କରି ଯୁବରାଜ କଲେ
ଶଙ୍ଖନାଦ ଘନ ଘନ,
ନାଶିଲେ ତାଙ୍କର ସୈନିକ ନିକର
ହୋଇ ପ୍ରଫୁଲ୍ଲିତମନ ।
ଅସ୍ତ୍ର-ଘର ବଳ ବିସ୍ତୁର ନ କରି
କ୍ରୋଧବଶ ହେଲେ ଜନ,

ଏଣିକୁ ଦେଶେ ମହା- ସଙ୍କଟ-ସାଗର
ଗର୍ଭେ ବୁଡ଼ିଅଛୁ ଚେତନ ।
ନୃପତି ଭଜିତ ହୋଇ ପଡ଼ିଥିଲେ
ସର୍ବ ସାଜସେନାଗଣେ,
ଭୁଞ୍ଜିଥିଲେ ଅଜ ଅଙ୍କୁଶରେ ନାଶ
କଣ୍ଠଧାରୀ ସେନ୍ୟଗଣେ ।
ବଳବନ୍ତଠାରେ ବଳବନ୍ତ ଯିନା
ପ୍ରକାଶଇ ପୌରୁଷ,
ବଳହୀନଠାରେ ବଳ ଦେଖାଇବା
ନୁହଇ କ୍ଷତ୍ରିୟ ଧର୍ମ ।
ନିଦ୍ରିତ ନିରସ୍ତ୍ର ଶରଣ ଆଗତ
ଅବଳା ବୃଦ୍ଧ ବାଳକ,
ଏମାନଙ୍କୁ ବଧେ ନାଶ କଲେ ଲାଗେ
ବୀର-ଅଙ୍ଗରେ କଳଙ୍କ ।
ମାତୃପରାୟଣ ପ୍ରେମ ଅବଲମ୍ବି
ରକ୍ଷାକଲେ ଚଉଦଳ,
ପ୍ରତିବନ୍ଧକ ନ ପାରିଲେଁ କୂଳକୁ
ଲଙ୍ଘି କି ଜଳଧିଜଳ ?
ମମତା ଜନନୀ ଦୟା ସବୁଠାରେ
ସମ ହୁଏ ବିରାଜିତ,
କଣ୍ଟିକ ମନୁଙ୍କୁଁ ନ କରଇ ତନ୍ତୁ
ସ୍ୱପ୍ନଧ୍ୟାନ ଅବୋଧିତ ।
ପରଦୁଃଖ ଦେଖି ଦୟାଳୁ ହୃଦୟ
ସହଜରେ ହୁଏ ଦୁଃଖୀ,
ତେଣୁ ରଣକ୍ଳାନ୍ତ ବୀରଦଳଙ୍କୁ
ଛୁଟି ଦେଇ କଲେ ସୁଖୀ ।
ଏବେ ପ୍ରଚଣ୍ଡ ହେଲେହେଁ ମହତ
ଭାବ ସଦା ଅକର୍ଣ୍ଣ,
ନ ହେଲେ କି ଇକ୍ଷୁ ନିଷ୍ପେଷିତ ହୋଇ
ଦିଅନ୍ତା ମଧୁର ରସ ?
ସୈନ୍ୟ-ସାଗରକୁ ମନ୍ଥି କାଢ଼ିଲେ
ରଣବିଶାରଦ ଅଜ,
ଦର୍ପେ ବଳେ ନେଲେ ପ୍ରିୟା ସମ୍ପଦକୁ
ପଦ୍ମବନକୁ ସେବନ୍ତି ଭୃଙ୍ଗ ।

କାନ୍ତି ଘେନି ରତି . ଦେହୁଁ ନବ କାନ୍ତା
ଦେଇଁ ବହୁଥିଲ ଗର୍ବ,
ନିଶା ଅବସାନେ ଗଗନମଣ୍ଡଳୁଁ
ଝରିଗ ଯେସନ୍ତେ ଶିଶିର ।
ସମର ବିଜୟୀ ପତିଙ୍କି ଅନାଇ
ନିଭିଗଲା ଅମୂଲ୍ୟ ସୁଖ,
ଶତ୍ରୁଗ-ହୃଦୟ ଦର୍ଶନେ କଲି କି
ମେଘମୁକ୍ତ ରବି-ମୁଖ ?
ଯୁବରାଜ ପ୍ରିୟା ବଦନକୁ ଚୁମ୍ବି
ବୋଲନ୍ତି, "ଗୋ ଚନ୍ଦ୍ରାଧରି,
ଦେଖ ଦେଖ ଥରେ ସମରଯୋଦ୍ଧାଙ୍କୁ
କହାଣି ବୃଜିନ କରି ।
ତୋହ ପାଇଁ କେତେ ନୃପତିନନ୍ଦନ
ଧରଣେ ଆସି ଶୋଇବେ,
ଅଦୂରବର୍ତ୍ତୀ- ଟେଣୀ ପ୍ରାନ୍ତେ ଦେଉଳ
ଗଣି-ଦେଖି ହୋଇ ଦଣ୍ଡୁ ।

ଦେଖେ ଦେଖେ ସେନା ପତଙ୍ଗସମ ହେଲେ
ପ୍ରଦୀପ୍ତ ସମରାନଳେ,
ଏ ବାରତା ପାଇ ପରିଜନେ ତାଙ୍କ
ଭରିଯିବେ ଶୋକ-ଜଳେ ।
ଝାଳେ ନିରନ୍ତର କୁସୁମରଚିତ
କୋମଳ ତଳ୍ପଙ୍କ ଘେନି,
ଶବଗଣ ପାଇଁ ଶୋଣିତାକ୍ତ ମୃତ୍ତିକେ
ଶୋଇଅଛନ୍ତି ମୁହଁ ମାଡ଼ି ।"
ଶୁଣି ଇନ୍ଦୁମତୀ ତଳକୁ ବଦନ
କଲା ମନ୍ଦ ମନ୍ଦ ହସି,
ନନ୍ଦାଦର୍ଶୁଁ ଶଶୀ— ବଦନେ କହିଲେ
କାନ୍ତେ ବଳ ଉଲ୍ଲସି ।
ଏହିକ୍ଷଣେ ଶତ୍ରୁ— ଛେଦିତ ନାକରେ
ଲବଣ ଲଗାଇ ଅଜ,
ବନ୍ଦେ କଲେ ନିଜ ପୁରୁ ଅଭିମୁଖେ
ଉଡ଼ାଇ ବିଜୟ-ଧ୍ୱଜ ।

# ଉତ୍ତର ଭାଗ

କୁମାର ଗରଭେ ବା'କୁଳବୃନ୍ଦେ
ଅଯୋଧ୍ୟାର ରାଜରାଣୀ,
ଦୁଃଖେ କାଟୁଛନ୍ତି ସଞ୍ଜ ପାହେ ସୁଖ
ଉଦୟନ୍ତି କାହିଁ ନ ଜାଣି ।
"ନିଶା ଅବସାନେ ଦେଖିଲି ଗୋ ଆଜ
ସ୍ୱପ୍ନ ସୁଖପ୍ରଦର,
ସୁର ଏଷଣବେଳେ ଦନ୍ତୁ ଥିଏ ଘୋ
ସର୍ଗରେ ରତ୍ନାକର ।
ମୃଦୁଳବଳ୍ଲୁ ମୋ ଧୂଷି ଆସୁଥିଲ
ଆତେକ୍ଷ ଶ୍ୱେତ ବାରଣି,
ଢାଳୁଥିଲ ଶିରେ ଶୁଣ୍ଡଧୁରୀ କରି
ଶ୍ୱେତ କୁମର ଧାରଣି ।
ଦେଖି ପାର୍ଶ୍ୱେ ପୁଣି ଧବଳ ଶବଳ
ଚନ୍ଦନ ପଦ୍ମରି,

ମୋ ପୁତ୍ର ଅଙ୍ଗରେ ଶୋଭା ପାଉଥିଲ
ଶୁକ୍ଳାମ୍ବର ବସ୍ତ୍ରବର ।
ବିଶାଳ ବକ୍ଷରେ ଝୁଲୁଥିଲ ଚାରୁ
ଧବଳ କୁସୁମହାର,
ନୀଳା-ଦୁଃଖଶିଳ ଶୋଭା ଦେଉଥିଲ
ଶରତ୍ ନବ ଅବକାଶ ।
ଶିରେ ଚଢ଼ିଥିଲ ବିନ୍ଧ୍ୟାଧର ପର
ବାନ୍ଧୁଲି କୁସୁମଶ୍ରେଣୀ,
ଲୁଣ୍ଠି ମୋ ନୟନ— ଯୁଗ ସାଜିଥିଲ
ଦୃଷ୍ଟି-ସଲିଳରେ ଭାସି ।
ଆଉ ଥରେ ପୁଣି ଦେଖିଲି ଦେଖିବେ ଗୋ
ଆସନ୍ତି ନୃପତିଗଣି,
ଏକାକୀ ମୋ ଶିଶୁ କୁମାର ସଙ୍ଗରେ
କରୁଥିଲେ ଘୋର ରଣ ।

ପରି ପରିତନ୍ତ୍ର   ବାଟଣ ଫୁଟି ତାର
ସୁକୁମାର କଳେବର,
ଅନର୍ଗଳବାହୀ   ରକ୍ତସ୍ରୋତବର
ଚହ୍ଲାଇଥିଲା ଜଳଧର !
କାରୁଣ୍ୟସାଗର   ଅବାର୍ଯ୍ୟ ତରଙ୍ଗ-
ଚଉମିଶ ଉଠି ଝରେ,
ଧୈର୍ଯ୍ୟ-ସେତୁ ମୋର   ଭାସିଦେଲା ସତି,
ଟୁଙ୍କି ଟୁଙ୍କି ଖଣ୍ଡକରେ ।
ଅକସ୍ମାତେ ମୋର   ମୁହୂର୍ତ୍ତେ ଭଞ୍ଜନ
ହୋଇଗଲେ ଦେହକ୍ଷତି,
ଉଠି ପାଲଙ୍କରେ   ବସି ଅନାଇଲା
କାହିଁ ସେ କୁମରମଣି ।
ନବ କଳିକାର   ମଧୁ ପ୍ରାଣସୁ ଭଳୁ
ହୋଇଥିଲା କଣ୍ଟକିତ,
ଛିନ୍ନ ହେଲା ପୁଣି   ନିଶାନ୍ତେ ସେପରି
ଚନ୍ଦ୍ରମା ମିହିରହୀନ ।
ସେତିକି ବେଳରୁ   ନୟନରେ ଆଉ
ନିଦ୍ରା ତ ଆସିଲା ନାହିଁ,
କୁମାର ପ୍ରସଙ୍ଗ   ଭାବନାରେ ଏକା
ବସିବସି ଗଲା ପାହି ।
ଅଦ୍ଭୁତ ସ୍ୱପନ   ଦେଖିଲି ବେଳୁଁ ମୋ
ମନ ହେଉଅଛି ଘାଣ୍ଟି,
ଶରବିଦ୍ଧ ତନୁ   କୁମାରଙ୍କୁ ସ୍ମରି
ହୃଦୟ ଯାଉଛି ଫାଟି ।
କେମନ୍ତେ ଦେଖିବି   ଜୀବନବଲ୍ଲଭ
ଅମଳ କମଳମୁଖ,
କେବେ ଆସି ମୋର   ନୟନ-ଚନ୍ଦ୍ରିମା
ଦୂରେ ତଡ଼ିଦେବ ଦୁଃଖ !
ନିସର୍ଗ-ସୁନ୍ଦର   ସୁନ ମୋ ଝଲସି
ଦୁଃସ୍ୱପ୍ନର ସଙ୍ଘାତ,
ରାକାରାଣୀ ଜହ୍ନ   ଅନ୍ଧାରରେ ଅବା
ବାଞ୍ଛା କଲେ ଅମଙ୍ଗଳ !
ଅଳସ ବପୁସ   ସରଳ ସ୍ୱଭାବ
ଅଛଇ ମୋର କୁମାର,

ପ୍ରଜାରାଣୀ ତାର   ଜଗତ ଭରିଲେ
କେମନ୍ତେ ହୋଇବ ପାର ।
ଅନାଥର ନାଥ   ଆରତ-ରକ୍ଷକ
ଅନନ୍ତ ତୁମ୍ଭ ଚକ୍ରଧର,
ତବ ଅନୁଗ୍ରହେ   ଅସ୍ୱସ୍ଥ ମୋର
ନନ୍ଦନଙ୍କୁ ରକ୍ଷା କର ।"
ଏହିରୂପେ ଚିନ୍ତି—   ଦୁଃଖିନୀ ମହିଷୀ
ପ୍ରିୟସଖୀ ପାଶେ କହି,
ନିଦାଘ-ଶୀତଳ   ଘାଟେ ବସିଥିଲେ
ହୃଦୟରେ ତାପ ବହି ।
ବଦନମଣ୍ଡଳ   ଥୋଇଥିଲେ ଧୀର
ଦେଇ ସବ୍ୟେତର କରେ,
ଛିନ୍ନ ଖଣ୍ଡିତ ବୃନ୍ତ—   ବୃନ୍ତ କୁସୁମ କି
ଢଳିଅଛି ପଲ୍ଲବରେ !
ସଭାମଣ୍ଡପରେ   ସଭ୍ୟ ରାଜବୃନ୍ଦ
ସେବି ରହି ନରବର
ବସିଥିଲେ, ଏଣୁ   କାହିଁକ ଉପଗତ
ଯୁବରାଜଙ୍କ ଦ୍ୱାରେ ।
ନତମସ୍ତକରେ   କରଯୋଡ଼ି ବନ୍ଦି
ମହାରାଜ ଦେବପାଦ,
ଆନନ୍ଦିତହୃଦ   ବଚନେ କହିଲା
ଶୁଭଙ୍କର ସମ୍ବାଦ ।
"ଜୟ ଦେବ ମହିମା   ରାଜଚକ୍ରେଶ୍ୱର !
ଶୁଣିଲ ହେଲା ସ୍ୱୟମ୍ବର,
ତ୍ରିଲୋକସୁନ୍ଦରୀ   ବରମାଳ୍ୟ ଦେଲେ
ଗଳେ ଯୁବରାଜଙ୍କର !
ଆସିଥିଲେ କେତେ   ଦେଶର ନରପତି
ଶୁଷ୍କ କରିଦେଲେ ମୁଖ,
ନ ଲଭି ବରଣ—   ଗଗନ-ସୁନ୍ଦର-
ଚନ୍ଦ୍ରମା-ଛଟା-ମୟୂଖ ।
ମହା ଆଡ଼ମ୍ବରେ   ଉଦ୍‌ବାହ ବିଧାନ
ସୂଚିତ କରି ସମାପନ,
ବଧୂରାଜ୍ଞୀ ସେନି   ଯୁବରାଜ ପୁରେ
କରୁଥିଲେ ଆଗମନ ।

ସନ୍ଧି ନ ଲାଭି ତା ଦଳବନ୍ଧ ହୋଇ
ମନ୍ତ୍ରୀଙ୍କ ନୃପତି ହେବେ,
ଆସି କୁମାରଙ୍କୁ ପଥେ ଆକ୍ରମିଲେ
ଦୂରପ୍ରାନ୍ତରେ ମହାଗର୍ବେ ।
ଏକା ମୃଗରାଜ— ମତ୍ତ ମହାରଣେ
ହାରିଲେ ରାଜା ସକଳ,
ମୃଗରାଜଶିଶୁ ସଙ୍ଗେ ରଣ କଲା
ଜିତିବ କି ମତ୍ତଗଜ !
ସେମାନଙ୍କ ଶିରେ ବାମ ପଦ ଦେଇ
ପରତାପୀ ଯୁବରାଜ
ବିଜେ କରୁଛନ୍ତି, ଜାହ୍ନବୀ-କୂଳରେ
ଚିହ୍ନ ରହିଥିବ ଆଜ ।”
ଏ ବାରତା ଶୁଣି ରଘୁ ନୃପମଣି
ଲଭିଲେ ମୁଦ ଅପାର,
ଅବଶ୍ୟ ନିତ ହେବା ଶ୍ରୁତିକୁଣ୍ଡଳରେ
ଢାଳିଦେଲେ ସୁଧାଧାର ।
ଅମାତ୍ୟଗଣଙ୍କୁ ଆଜ୍ଞା ଦେଇ ବେଗେ
ନଗରମଣ୍ଡନ ପାଇଁ,
ରାଣୀଙ୍କୁ କହିଲେ ଶୁଭସମାଗମ
ଅନ୍ତର୍ଭବନକୁ ଯାଇ ।
ସୁଖରାଜ୍ୟ ସୀମା ନ ରହିଲା ତାହା
ଶୁଣି ମହାରାଣୀଙ୍କର,
ଆତପତାପିତ ଜନ ଶିରେ କିବା
ପଡ଼ିଲା ଶୀତ-ନିର୍ଝର ।
ସେ ବାରତା ପୁଣି ବିଘୋଷିତ ହେଲା
ନଗରେ ବାଦ୍ୟର ସାଙ୍ଗ,
ପୁରବାସୀଙ୍କର ଆନନ୍ଦର ଆଉ
ଇୟତ୍ତା ରହିଲା ନାହିଁ ।
ଅଯୋଧ୍ୟା ନଗର ହୋଇଗଲା ସ୍ୱଚ୍ଛ
ଆନନ୍ଦ-କୌମୁଦୀମୟ,
ସମସ୍ତଙ୍କ ମୁଖେ ବିଘୋଷିତ ହେଲା
ଜୟ ଯୁବରାଜ ଜୟ !
ଏ ବାରତା ଶୁଣି ସାମନ୍ତ ସକଳ
ମହାଡ଼ମ୍ବର ଦେଖାଇ,

ସମବେତ ହୋଇ ଚଳିଲେ କୁମାରଙ୍କୁ
ପାଛୋଟି ଆଣିବା ପାଇଁ ।
ଅଶେଷ ସାମନ୍ତ- ମଣ୍ଡଳେ କୁମାର
ହୋଇଲେ ଅଭିନନ୍ଦିତ,
ସମରଙ୍କ କଥା କହି କହି ତାଙ୍କୁ
ପୁରରେ ହେଲେ ବିଜୟିତ ।
ପୁରବାସୀଙ୍କର ନୟନରେ ଦେଇ
ସ୍ୱମୂର୍ତ୍ତିର ଆହ୍ଲାଦ,
ବଧୂ ସଙ୍ଗେ ଯାଇ ଭକ୍ତିରେ ବନ୍ଦିଲେ
ଜନକ-ଜନନୀ-ପାଦ ।
ନବବଧୂସଙ୍ଗୀ କୁମାରଙ୍କୁ ଦେଖି
ରାଜା-ରାଣୀ ହର୍ଷଭର,
ପୌର୍ଣ୍ଣମାସୀବେଳେ ଚନ୍ଦ୍ରମାମଣ୍ଡଳ
ଦର୍ଶନେ ଯଥା ସାଗର ।
କେତେ ଦିନ ପରେ କୁମାରଙ୍କୁ ରାଜା
ରାଜ୍ୟ କରି ସମର୍ପଣ,
ଆପେ ବାନପ୍ରସ୍ଥ ଧର୍ମ ଅବଲମ୍ବି
ସ୍ୱର୍ଗେ ତିନି କଲେ ଗମନ ।
ଆଜି ବନ୍ଧୁ ହେଲେ ଜନକପୁତ୍ରୀ
ଅଖଣ୍ଡ ସ୍ନେହଭାଜର,
ସନ୍ଧ୍ୟା-ଆଲୋକର ହୃଦେ ନ ରହିଲେ
ଉଳେ ଶୃଙ୍ଗ-ଅନ୍ଧକାର ।
ଅଶନିପାତରେ ଅପତ୍ୟସ୍ନେହରେ
ଦଶରାଜାମଣ୍ଡଳ ପାଳି,
ପ୍ରଚଣ୍ଡପ୍ରତାପ— ବୈଶ୍ୱାନରେ ତନୁ-
ଶୁଚିସିଦ୍ଧି ଦେଲେ ଢାଳି ।
ଅଖଣ୍ଡିତ ନ୍ୟାୟେ ସୁଧାକର ଯଥା
ଧବଳ ଚନ୍ଦ୍ରକାନ୍ତି,
ରାଜ୍ୟରୁ ତାଙ୍କର କରୁଥିଲା ଦୂର
ଅଶାନ୍ତି ତିମିରମାଳ ।
ଦରିଦ୍ରଜନର କଣ୍ଟକପଙ୍କର
ଦୂର ଶତକଥାମାନ,
କର୍ଣ୍ଣପଥେ ପଶି ତାଙ୍କୁ ତ ନ ଦେଲା,
ହୃଦେ କି ପାଇବ ସ୍ଥାନ !

ଦୁଃଖୀ ପ୍ରଜାଙ୍କର ଦୁଃଖ ଜର୍ଜରିତ
ଗୃହାଗ୍ରମାନ ଭୂଷିତ,
ଦୟା-ରତ୍ନପୂର୍ଣ୍ଣ ହୃଦ-ପ୍ରାସାଦରେ
ହେଉଥାଏ ନିନାଦିତ ।
ପ୍ରଜା ଉପକାର କାରଣେ ସଞ୍ଚିତ
ଭଣ୍ଡାରଟି ଅଜଙ୍କର,
ବଞ୍ଚକ ବଞ୍ଚନା— କଥାରେ ନ ଯାଏ
କପର୍ଦ୍ଦ ଏକମାତର ।
ଭୋଗାସକ୍ତ ନୋହି ସଦା ଜାଗରିତ
ପ୍ରଜାଙ୍କ ହିତସାଧନେ,
ପ୍ରଜା-ସୁଖ ଦେଖି ଅତିଶ ମହାସୁଖ
ହେଉଥିଲେ ହୃଷ୍ଟମନେ ।
ରଘୁବରହିତ ରଦ୍ଦୁଶାସନ-
ପାଳିତ ପରଜାଗଣ,
ଅଜ ରାଜତ୍ୱରେ ରଘୁଙ୍କ ବିରହ
କରିଦେଲେ ବିସ୍ମରଣ ।
ପରେ ମୁକ୍ତକଣ୍ଠେ ଘୋଷୁଥାନ୍ତି ସଦା
ଅଜଙ୍କ ନିର୍ମଳ ଯଶ,
ଇନ୍ଦୁ ଥିଲେ ଏକା ଆତ୍ମସୁଖବନ୍ତି
ଆଳସ୍ୟ ଗର୍ବ ବ୍ୟସନ ।
ଲମ୍ପଟ୍ୟ ଚାତୁର୍ଯ୍ୟ ଆଦି ହୀନବୃତ୍ତି
କୃତ୍ରିମ ରୂପ ଦେଖାଇ,
ଅଜରାଜ୍ୟ ଜନ— ମାନସକୁ କେବେ
ଭୁଲାଇପାରନ୍ତି ନାହିଁ ।
ଇନ୍ଦୁମତୀଠାରେ ଅଟଳ ସୁପ୍ରେମ
ଅଜ କରି ସଂସ୍ଥାପନ,
ଦାମ୍ପତ୍ୟ-ପ୍ରଣୟ— ବଳୟରେ ସୁଖେ
ସମୟ କଲେ ଯାପନ ।
କେତେକ କାଳ ପରେ ଇନ୍ଦୁମତୀଙ୍କର
ହୋଇଲା ଗର୍ଭସଞ୍ଚାର,
ଯଥାସମୟରେ ଜାତ ହେଲେ ଏକ
ସୁନ୍ଦର ନବ କୁମାର ।
ଦଶ ଦିଗେ ରଥ ଚଳିବ ଏହାର
ରାଜା ଏହା ଭାବି ମନେ,
ଦଶରଥ ନାମେ ଖ୍ୟାତ ହେବଇ ସୁତ
ବୋଇଲେ ବନ୍ଧୁଜନେ ।
ଶୁକ୍ଲ ଶଶିକଳା ପ୍ରାୟେ ଦିନୁଦିନ
କୁମାର ହେଲେ ବର୍ଦ୍ଧିତ,
ସୁଖୀ ହେଉଥାନ୍ତି ଜନକ-ଜନନୀ
ଅନ୍ତରୁ ଆନନ୍ଦିତ ।
ତରୁଣୀ-ରାଣୀର ସେବା ଅର୍ଥେ ଆସି
ବସନ୍ତ ପ୍ରବେଶ ହେଲା,
ଲୋହିତ ପଲାଶ ଚମ୍ପକ-କୁଙ୍କୁମ
ଅଙ୍ଗ ତନୁ ମଣ୍ଡିଦେଲା ।
କଣ୍ଟକରେ ଲତା ଅଳକାବଳୀକି
ଅତି ଯତନରେ ସାଜି,
ମଣ୍ଡିଦେଲା ଶିରେ ନବ ବିକଶିତ
ମଞ୍ଜୁଳ କୁସୁମରାଜି ।
ରଙ୍ଗଣରେ ଧରି ଲମ୍ବାଇ ହୃଦୟେ
ସ୍ୱଚ୍ଛନ୍ଦ-ମୋତିମାଳୀ,
କର ପ୍ରସାରି ସା ହସି ନେଉଥାନ୍ତି
ପ୍ରସ୍ଫୁଟରେ କରମାଳୀ ।
ଦକ୍ଷିଣସାଗର— ତରଙ୍ଗ-ଶୀକର-
ସିକ୍ତ-ଶୀତ-ମୃଦୁ-ବାତେ,
ମଳୟ ଶୈଳରୁ ସୁଗନ୍ଧ ହରି
ବହୁଥାଏ ମହୋଲ୍ଲାସେ ।
ଗାଇଲେ ସଙ୍ଗୀତ ମଧୁମତ୍ତ ମଧୁ-
କରଏ ମଧୁରସ୍ୱନେ,
ବନ ଉପବନ ମୁଖରିତ ହେଲା
କଳକଣ୍ଠ କଳରବେ ।
ମଧୁପତି ଅଜ ନବ-ମଲ୍ଲିକାର
କମନୀୟ ଛବି ଦେଖି,
ମତ୍ତ-ଉଦ୍ଭାସୀ ପ୍ରିୟା ସଙ୍ଗେ ଗଲେ
ଉଦ୍ୟାନ ବିହାର ପାଇଁ ।
ହେମାଳାରେ ଭ୍ରମୁ ଭ୍ରମୁ ସେ ଦମ୍ପତି
ପୁଷ୍ପବନେ କୁଟୁହଳେ,
ପୁଷ୍ପହାର ଏକ ଗଗନୁ ପଡ଼ିଲା
ଇନ୍ଦୁମତୀ ବକ୍ଷସ୍ଥଳେ ।

ସେ ଦିବ୍ୟ କୁସୁମ— ଯାର ଦରଶନ
ମାତେ ଇନ୍ଦୁମତୀଙ୍କର
ଘ୍ରାଣ-ବିହଙ୍ଗମ ଉଡ଼ିଗଲା, ତନୁ
ପଡ଼ିଲା ଧରା ଉପର ।
ଛିନ୍ନମୂଳ ତରୁ ପଡ଼ନ୍ତେ ଭୂମିରେ
ଚଢ଼ିବାରୁ ପିଣ୍ଡୁକାୟା,
ଜୀବନଶୂନ୍ୟ ହୋଇ ପଡ଼ିଲେ ନୃପତି
କାନ୍ତା ସଙ୍ଗେ ଯଥା ଗ୍ରସ୍ତ ।
କଣ୍ଠଭେଦୀ ଜୀବ ଲଭି ନରପତି
ଚାଣ୍ଡିପଦ ଚେତନରେ,
ସତୃଷ୍ଣେ ଦେଖିଲେ ଜୀବ ନାହିଁ ପ୍ରାଣ-
ପ୍ରତିମା ଅଚେତନରେ !
ପ୍ରେଟକଣ୍ଟାଙ୍କ— ତନୁ ବହୁଅଛି
କନ୍ତ୍ରି ଭ ନିଲକ୍ଷଣେସ୍ତୁ,
ଅକସ୍ମାତେ କିବା ହୋଇଗଲେ ସ୍ୱପ୍ନ
ପ୍ରତିମା ପାଉଦନ୍ତୁ ।
ସସମ୍ଭ୍ରମ ଉତରି କର ପକାଇଲେ
ଲାଗିଲା ଅତି ଶୀତଳ,
ଅନାବୃତ ସ୍ଥାନେ ଥିଲେ ଯଥା ଶୀତ-
ନିଶାନ୍ତେ ନଳିନୀଦଳ ।
ଦେଖିଲେ ବଦନ— ମୁଦ୍ରିତ ନାହିଁ ତ
ସୁନ୍ଦର ସ୍ମିତଭାବ,
ମୁଦ୍ରିତ ଖଞ୍ଜନ— ଚଞ୍ଚଳ ନୟନ
ଗଣ୍ଡ ଭଲ ପାଣ୍ଡୁଭାବ ।
ନାସିକାରେ କର ଶତବାରି ଦେଖିଲେ
ନ ଆସଇ ପ୍ରାଣବାୟୁ,
କୋଳେ ଧରି ଉଚ୍ଚେ ବିଳପିଲେ ଶୋକ
ସମ୍ଭରି ନ ପାରି ଆଉ ।
"ଅୟି ବନ୍ଧନବନ ସରଳ-କୋମଳ-
ହୃଦୟା ହୃଦୟାଜିତ !
ଛାଡ଼ିଗଲୁ କେଉଁ ଅପରାଧ ଦେଖି
ହୋଇଣ ନିଷ୍ଠୁରମତି !
କେତେ ଅପରାଧ କଲି ସଖି ! ଦିନେ
ଦେଖି ନାହିଁ ତୋର ମାନ,

ଦିନେ ତୋ ମୁଖରୁ କର୍କଶ ବଚନ
ଶୁଣି ନାହିଁ ମୋର କାନ ।
କଳନାଦ-ଶାଳୀ— ତବ ରଶନାର
ବଚନ ନ ନଷ୍ଟ ହେବ,
ଚଳୁ ଜମଜ୍ଞାଇ ହେଉ ଶୋକମୟ
ଦୁନ୍ତ୍ର ଘୋର ଶବଦେ !
ଦଗ୍ଧା ଉଷାବାନେ ଗଢ଼ା ହୋଇଅଛି
ପ୍ରିୟେ ! ତବ କଳେବର,
ପ୍ରେମ-ରସାଣରେ ରସାଣି ଦେଇଛି
ତତ୍ପରେ ବେଧବର ।
କଠିନ ହୃଦୟ ଜାଣି ଏବା ମୋତେ
ହୋଇଅଛୁ ବିରାଗିଣୀ,
କଠିନ ହେଲେହେଁ ଭୂଧରକୁ କେବେ
ଛାଡ଼ଇ କି ସୌଦାମିନୀ ?
ଉଠ ଉଠ ଥରେ ପଙ୍କଜନୟନ !
ନେତ୍ର ଉନ୍ମୀଳନ କର,
ନବନ ଦୁସହ ସନ୍ତାପକୁ ମୋର
ପୀୟୂଷ ଦୃଷ୍ଟିରେ ହର ।
କାନ୍ତବ ! ତୋ ବିନା ଗାଢ଼ ତମୋମୟ
ଦୃଶ୍ୟ ହେଉଅଛି ଧରଣୀ,
ବନ୍ଧୁଂହିଷସ୍ତ୍ରବିପ୍ରନ ଦିନ ଘନାଇଲା
ହେମନ୍ତ ଦର୍ପ ରଜନୀ ।
ଶରପଙ୍କ୍ତିମନ୍ତ ସହକାରବନ
ପ୍ରମୀତଳ ହୃଦୟ ଅଥ,
ରବ ଉଣ୍ଡି କଣ୍ଠ ଚଢ଼ି ଦେଶେ ପକ୍ଷୀ
ଗଗନରେ ଭାସୁଛନ୍ତି ।
ତନ୍ତ୍ରିଚଣେ ପକ୍ଷୀ ସୁଷ୍ମିତ ମାଧବୀ
ଲତିକାରେ ଆଲିଙ୍ଗିତ,
ହୋଇ ସୁବାସରେ ଚଉଦିଗ ଭୂମି
କରୁଥାଇ ସୁରଭିତ !
ହିଙ୍ଗୋଳେ ବସି ଖେଳୁଥାନ୍ତି ପକ୍ଷୀ
ଅଛିନ୍ନ ଗନ୍ଧରସରେ,
କଳକଣ୍ଠକୁଳ କଳକଳ ଧ୍ୱନି
ଯହିଁ ମନ ମୁଗ୍ଧ କରେ ।

ନିକୁଞ୍ଜ ବନରେ    ପୁଷ୍ପରାଶି ଯେଉଁ
    ନାଚୁଥାନ୍ତି ପ୍ରମୋଦରେ,
ଶାଖାରେ ବସିଲେ ବସି    କଳକଣ୍ଠେ ଏ
    ଗାଉଥାନ୍ତି ଥରେ ଥରେ ।
ମଧ୍ୟାହ୍ନେ ତୋହର    ସୁକୋମଳ କର
    ଧରି ଯହିଁ ବୁଲିବାର,
ସୁସ୍ନିଗ୍ଧ ମାଧବୀ—    ମଣ୍ଡପରେ ବସି
    ପ୍ରେମାଳାପ କରିବାର ।
କୌତୁକେ କୁସୁମ    ବଣ୍ଟାବଣ୍ଟି ହୋଇ
    ପ୍ରେମ-ଖେଳ ଖେଳିବାର,
ସ୍ମୃତିପଥେ ପଡ଼ି    ହୃଦୟ ଦହଇ
    ହେଉଅଛି ବାରମ୍ବାର ।
ଅଟ୍ଟାଳିପ୍ରାନ୍ତର    ରହୁଅଛ ଯହିଁ
    ଘଟଇ ତିମିର ନାଶ,
ହସୁଥାଏ ଯେଉଁ    ସ୍ୱରେ ଅବିରତ
    ଅଶ୍ରୁବୃଷ୍ଟିରେ ବାସ ।
ଯହିଁ ଗଜଦନ୍ତ    ନିର୍ମିତ ପଲଙ୍କ
    ଦୁଗ୍ଧଫେନନିଭ ଶଯ୍ୟା,
ଶରଚ୍ଚନ୍ଦ୍ରୋପମ    ଉପାଧାନ ଦେଇ
    ହୋଇଥାଏ ସାଜା ସଜା,
ତାହା ଦେଖି ଆଜି    ଶୂନ୍ୟ ଦେଖାଇବୁ
    ପ୍ରଜ୍ୱଳିତ ଚିତାନଳେ,
ସେ ସ୍ୱପନ ଛବି    ପ୍ରତିବିମ୍ବ ଆସି
    ନାଚୁଥିବ ମୋର ଡୋଳେ ।
ଏଥିଁ ବଳି ବଣ୍ଟେ,    ହୃଦୟବିଦାରିଣୀ
    କି କଥା ଅଛି ଆଉ ?
ଏତେବେଳ ଯାଏ    ଫାଟି ନାହିଁ ମୋର
    ପାଷାଣ ହୃଦୟ ଟାକ !
କେ ଗାଇବ ବୀଣା-    ଝଙ୍କାର ମିଶ୍ରିତ
    ପ୍ରେମ-ସୁଧାମୟ ଗୀତ ?
କାହା ସଙ୍ଗେ ବସି    ଉଲ୍ଲାସେ କରିବ
    ମନୋହର ସୁସଙ୍ଗୀତ ?
ସକଳ ବସ୍ତୁ—    ବିଳାସରେ ମୋତେ
    ଦିଆଇ ତୁ ଜଳାଞ୍ଜଳି,
ଅନନ୍ତ ସାଗରେ    ଦୁଃଖ-କୂଟଜରେ
    ଫେଲି ଦେଇ ଚଳୁ ଚଳି ।
ସ୍ୱମଧୁର-କଳା —    ସୁକୋମଳ ଗୁଣ
    ଅନୁପସ୍ଥ କୁମର,
କେତେ ବାଂକୁଳିତ    ହେଉଥାଉ ଟଳେ
    କୋଳକୁ ନେଲେ ଅନ୍ତର ।
ଆଜି ତାଙ୍କୁ ଶୋକ-    ସ୍ରୋତରେ ଭସାଇ
    ଗୁପ୍ତିଲୁ ସଖି କାହିଁ ?
ଅଶ୍ରୁସ୍ନାତବକ୍ଷା    ସଖୀଗଣଠାରୁ
    ମେଲାଣି ତ ହୋଇ ନାହିଁ ।"
ଫୁଲମାଳା ଗୁନ୍ଥି    ଦେବାକୁ, "ଆହା କି
    ଅଦ୍ଭୁତ ମୋର କପାଳ !
ପ୍ରିୟ ତୋହର    ଗଳା ଭିଡ଼ିବାର
    ଶ୍ରଦ୍ଧା ନାହିଁ କେଉଁ କାଳେ ?
ଏହିପରି ଏକ    ପୁଷ୍ପମାଳା ମୋତେ
    ପ୍ରିୟା ସଙ୍ଗେ କଲୁ ଯୋଗ,
ଏହି ପୁଷ୍ପମାଳ    ଆଜି ମୋହଠାରୁ
    ପ୍ରିୟାକୁ କଲୁ ବିୟୋଗ ।
ଏଣୁ ବଧୂରଙ୍କ    ସୌଭାଗ୍ୟ ସମୟେ
    ସମ୍ପଦରେ ଥାଉ ଜଣି,
ଅଶୁଭ ସମୟେ    ସେହି ପୁଣି ହୁଏ
    ସବୁ ବିପଦର ଖଣି ।
ଜଳକୁ ନ ଦମି    ଚନ୍ଦ୍ର ସୁରଶ୍ମି
    ଉରେ ଦଇଥାଏ ବାସ,
ସମୟରେ ପୁଣି    ସେହି ଜଳକଣା
    ଚନ୍ଦ୍ରକର କରେ ନାଶ ।
ଅହୋ କାନ୍ତ! ମୋର    ପରଜନ୍ମ ବନ୍ଧୁ
    ଅଟେ ଅତି ସୁକୁମାରୀ,
ପୁଷ୍ପମାଳ ତାଙ୍କୁ    କଠିନ ହେବାରୁ
    ଜୀବନ ଦେଲୁ ସଂହାରି ।"
ରାଜା ଶୋକ ଶୁଣି    ସଘନେ କାନ୍ଦିଲେ
    ପାର୍ଶ୍ୱରେ ଭୃତ୍ୟଗଣ,
କ୍ରନ୍ଦନଧ୍ୱନି ଛଳେ    ଉଦ୍ୟାନ ଶ୍ରୀ ଯହିଁ
    ମର୍ମରେ କଲା ବେଦନ ।

ଦଣ୍ଡିକ ମଧ୍ୟରେ ଅଯୋଧ୍ୟାନଗରୀ
ବୁଡ଼ିଗଲା ଘୋର ଦୁଃଖେ,
ହାହାକାର ଧ୍ୱନି ଝଙ୍କାରିତ ହେଲା
ପ୍ରତ୍ୟେକ ଜନମୁଖେ ।
ରାଜମହିଷୀଙ୍କ ନିଧନବାରତା
ଶୁଣି ପ୍ରଜାବୃନ୍ଦ ଜନେ,
ରାଜା ପର୍ଣ୍ଣାପରେ ଉପସ୍ଥିତ ହେଲେ
ସତ୍ୱରେ ବନ୍ଧୁମନେ ।
ଇନ୍ଦୁମତୀଙ୍କର ମୃତ କଳେବର
ରାଜାଙ୍କ କୋଳରୁ କାଢ଼ି,
ନେଇ ଦାହ୍ୟଦେଲେ ଚନ୍ଦନସମିଧ-
ସମ୍ବଳିତ ଚିତାନଳେ ।
ଉଦ୍ୟାନରେ ରହି ପ୍ରିୟା ପ୍ରେତକାର୍ଯ୍ୟ
ଯଥାବିଧି ସମାପନେ,
ଜଣ ନରପତି ବିଷଣ୍ଣବଦନେ
ପୁରକୁ କଲେ ଗମନ ।
ମଣି ହରାଇଲା ଫଣୀ ପ୍ରାୟେ ଦୁଃଖେ
ନିଭୃତ ମନ୍ଦିରେ ରହି,
ରମଣୀ ବିରହ- ଅନଳ-ଶିଖାରେ
ତନୁ ଦେଉଥାନ୍ତି ଦହି ।
ଆହାର ବିହାର ରାଜକାର୍ଯ୍ୟ ଆଦି
ମଣିଲେ ଗରଳବତ,
ନବନ୍ତି ନିର୍ଜନ କାନନ ପରବେଶୁ
ମଣ୍ଡିତ ହେଲା ଜଗତ ।
ରାଜକୁଳଗୁରୁ ବଶିଷ୍ଠ ମହର୍ଷି
ତ୍ରିକାଳଜ୍ଞ ମହାଜନ,
ଜ୍ଞାନ-ଚକ୍ଷୁ ଯାର ଉନ୍ମୀଳିତ ହେଲେ
କରତଳେ ତ୍ରିଭୁବନ ।
ତ୍ରିକାଳଘଟନା ନିର୍ମଳେ ଦର୍ଶିତ
ହୋଇଥାଏ କରପଟେ,
ଅବଗତ ହେଲେ ସକଳ ଘଟଣା
ଘଟିଲା ଯା ରାଜପଦେ ।
ନୃପତି-ହୃଦୟ— ଆଚ୍ଛାଦିତ ମୋହ-
ତିମିର ନାଶନେ ପାଇଁ,

ଋଷିକୁଳ ରବି- ରଶ୍ମି ଝଳକ ଜଣେ
ଶିଷ୍ୟଙ୍କୁ ଦେଲେ ପଠାଇ ।
ଋଷିଶିଷ୍ୟ ଆସି ନୃପ ସମୀପରେ
ଯଥାବିଧି ସମାଦୃତ
ହୋଇ ମହର୍ଷିଙ୍କ ଉପଦେଶାବଳୀ
ବର୍ଣ୍ଣନ କଲେ ବିବୃତ ।
"ଯଜ୍ଞରେ ଦୀକ୍ଷିତ ଥିବାରୁ ମହର୍ଷି
ଆମ୍ଭଙ୍କୁ କଲେ ପ୍ରେରଣ,
କହିଛନ୍ତି ଯାହା ଅବହିତଚିତ୍ତେ
ଶ୍ରବଣ କର ରାଜନ !
ଘଟପୁଟେ ଗଗନ ଗଗନ ସଦୃଶ,
ଶରୀରେ ପ୍ରାଣସ୍ୱରୂପ,
ଅବନୀମଣ୍ଡଳ ସର୍ବ ପ୍ରାଣୀଗଣେ
ଭୂତସ୍ଥ ଏକା ଭୂମା ସମ ।
ମହୋଦଧି ପ୍ରାୟ ଗମ୍ଭୀର ହୃଦୟ
ଅଟନ୍ତି ଗମ୍ଭୀର ଧୀର,
ସାଧାରଣ ଲୋକେ ମୋହ ତାକୁ କରି-
ପାରନ୍ତି ନାହିଁ ଅସ୍ଥିର ।
ଭବେ ଭବିତବ୍ୟ ଅବଶ୍ୟ ଘଟଇ
ନ ହୁଏ କେବେ ଅନ୍ୟଥା,
ମୂଢ଼ ଜନେ ମିଛା ତହିଁପାଇଁ ବୃଥା
ହୃଦେ ଭୋଗୁଥାନ୍ତି ବ୍ୟଥା ।
ବାଧ୍ୟବାଧକତ୍ୱ ବିଷୟ ନ ବୁଝି
ଶୋକ କରିବାର ମତେ,
ପ୍ରାକୃତ ମାନବ ପରନ୍ତୁ ଉଚିତ
ନୁହେଁ ଭବାଦୃଶ ଜନେ ।
ନଦୀବକ୍ଷେ ଭାସିଯାନ୍ତି ଯିବା
ଉତ୍ପାଟିତ ତରୁମାନ,
ପ୍ରବାହ ଭିତରେ ପ୍ରବାହ ଆସିଲେ
ଟଳଇ କି ସାନୁମାନ ?
କର୍ମଫଳ ଘେନି ଜନ୍ମ ଲଭନ୍ତି
ଜୀବଗଣ ବସୁଧାରେ,
ଫଳ ଭୁଞ୍ଜି ପାରି ଯାଉଛନ୍ତି ପୁଣି
କୃତକର୍ମ ଅନୁସାରେ ।

ଯୌବନ-ଦେଶ କରୁଥାଏ ଯେବେ
ଆପୁଷ୍ଟେଇ ଥିବାଥାଏ,
ଆୟୁଦୈହିକସବୁ ନିଃଶେଷିତ ହେଲେ
ନିର୍ବାଣ ସେ ହୋଇଯାଏ ।
ଅଚିନ୍ତ୍ୟ ସୁନ୍ଦର— ଦାନ୍ତୁ ଅଛି ସେହି
ଟେଳି ଦେବା ଅଧିକାର,
ଅଶେଷ ଭାବରେ ବର୍ଣ୍ଣନ କରନ୍ତି
କର୍ମ ଦେଖି ସେ ଯାହାର ।
ମର୍ତ୍ତ୍ୟମଣ୍ଡଳରେ ଜନମିଲେ ଥରେ
ଅବଶ୍ୟ ଅଛି ମରଣ,
ସର୍ବଗ୍ରାସୀ କାଳ ପ୍ରତି ନିମେଷରେ
କରୁଛି ଆୟୁ ହରଣ ।
ଥିଲେ କେତେ କେତେ ଅମିତତେଜସ୍ୱୀ
ବସୁନ୍ଧରାପତିମାନେ,
ନାମ ମାତ୍ର ଅଛି ଚିହ୍ନ ପାଇଅଛି
ଭୟଙ୍କର ଶମଶାନେ ।
ତବ ବଂଶେ ଥିଲେ ନୃପତି ମୁକୁଟ-
ମଣି ଦିଲୀପ ନାମେ,
ନରଲୋକ ଲଭି ବ୍ୟାପିଥିଲା ତାଙ୍କ
କୀର୍ତ୍ତି ଅମରଧାମେ ।
ସେହି ଯଶୋଧନ ରଘୁଗଣାଗ୍ରଣୀ
ଆଜ ଏ ମର୍ତ୍ତ୍ୟରେ କାହିଁ ?
କାଳର ଅଜେୟ ଦଣ୍ଡନକୁ ସେ
ଲଙ୍ଘି ତ ପାରିଲେ ନାହିଁ ।
ତୁମ୍ଭ ପିତାମହ ଜଗତ ଭୂପତି,
ପିତା ରଘୁ ମହାରାଜ,
ଦୋର୍ଦ୍ଦଣ୍ଡକୁ ଯାର ମଘବା ଶଙ୍କଇ
ସେହି ଅଛନ୍ତି କି ଆଜ ?
ଚିରସ୍ଥାୟୀ ନୁହେଁ ଶରୀର-ଜୀବନ
ଭବ-ତରଙ୍ଗିଣୀ ଗରେ,
ଢାଣ ମୂଳମାଟି ଯେତେ ହୋଇଗଲେ
ଖସିଯାଏ କାଳ-ଘରେ ।
କେହି ତ କାହାର ନୁହନ୍ତି ସ୍ୱଜନ
ମାୟାମଗ୍ନ ଭବ-ହାଟେ,
ଅଚେଣା ଆଚଣା କରନ୍ତି ସବୁରେ
ପେଟୁଛନ୍ତି ନିଜ ବାଟେ ।
ତୁମେ ଯାହା ପାଇଁ ବିଳାପ କରୁଛ,
ତୁମ୍ଭଙ୍କୁ ସେ ଭୁଲି ମଲୁ,
ମହାପ୍ରମୋଦରେ ସୁରପୁରେ ଅଛି
ଲଭି ଅପସରା-ତନୁ ।
ଦୁସ୍ତର ତପସ୍ୟା କରୁଥିଲେ ବନେ
ମହାତପା ତୃଣବିନ୍ଦୁ,
ଇନ୍ଦ୍ର ଆଦେଶରେ ହରିଣୀ ନାମରେ
ଆସି ଏକ ସୁରବଧୂ ।
ତପୋଭଙ୍ଗ ପାଇଁ ଅନଙ୍ଗ-ବିଳାସ
ଦେଖାଇଲା ମୁନି ଆଗେ,
ଶଳକ ମହର୍ଷି 'ମର୍ତ୍ତ୍ୟରେ ମାନୁଷୀ
ହୁଅ ତୁ' ବୋଇଲେ ରାଗେ ।
ମୁନି ଅଭିଶାପେ ହେଲା କମ୍ପିତ
ଅତି ଦୁସ୍ତର ବଦେ,
କୃତାଞ୍ଜଳି ହୋଇ ପ୍ରତିକାର ପାଇଁ
ଜଣାଇଲା ମୁନିପଦେ ।
କ୍ରନ୍ଦନୀର ରବ ଉତ୍ତର ବଚନ
ଖଣ୍ଡେ ଖଣ୍ଡେ ବାହାରଇ,
ଗଜଦନ୍ତବତ ମହତ ବଚନ
ବାହାରିଲେ ନ ପଶଇ ।
ମୁନିଙ୍କ ହୃଦୟ— ଅଭ୍ୟନ୍ତର ସଦା
ସ୍ୱାଭାବିକ ସୁକୋମଳ,
ବହିରାବରଣ ମାତ୍ର କଠିନ
ଯଥା ନାରିକେଳ ଫଳ ।
ସୁରବନିତାର ବିନୟରେ ହେଲା
ଋଷିଙ୍କ କୃପା ସଞ୍ଚାର,
ସାନୁଗ୍ରହତରେ କହିଦେଲେ ତାକୁ
ଶାପବାଣୀ ପ୍ରତିକାର ।
'ଯେଉଁ ଦିନ ତୋର ଦୃଷ୍ଟିରେ ପଡ଼ିବ
ସ୍ୱର୍ଗୀୟ କୁସୁମ-ହାର,
ସେହିକ୍ଷଣି ନିଜ ଶରୀର ଲଭିବୁ
ଭବାବ୍ଧିରୁ ହୋଇ ପାର ।'

ବଜିଥିଲ କୃଷ୍ଣ- କରଧୃତ ବଂଶୀ-
ସଙ୍ଗେ ବାଳା-କୁମୁଦିନୀ,
ନବଜଚନ୍ଦ୍ରମା ଯେଣୁ ହୋଇଥିଲ
ତୁମ୍ଭ ରତି-ବିନୋଦିନୀ ।
ଭୁଲୁଥିଲ ବେଳେ ପ୍ରିୟା ସଙ୍ଗେ ତୁମ୍ଭେ
ପ୍ରେମପୂର୍ଣ୍ଣ ମନୋରଥେ,
ବୀଣାବିନୋଦିଆ ଦେବର୍ଷି ନାରଦ
ଯାଉଥିଲେ ସୁରପଥେ ।
ଦୈବଯୋଗେ ବାୟୁ- ବଳେ ଖସି ତାଙ୍କ
ବୀଣାଗ୍ର କୁସୁମମାଳା,
ଉରେ ପଡ଼ିବାରୁ ଶାପରୁ ମୁକତ
ଲଭିଅଛି ସୁରବାଳା ।
ତୁମ୍ଭେ ଏବେ ତାକୁ ଦେଖି ନ ଚିହ୍ନିବ,
ସେ ଅବା ଚିହ୍ନିବ କାହିଁ,
ତାହା ପାଇଁ ବୃଥା ଶୋକ କରିବାର
ତୁମ୍ଭ ଉଚିତ ନ ହୁଅଇ ।
ଗଲା କଥା ଗଲା ନୃତ୍ତି-ଉର୍ଦ୍ଧ ତାହା
ହୋଇଥିଲା ମହାମନା,
ଗତ କଥା ସୁରି ଶୋଚନା କରିବା
ମତିଶାସ୍ତ୍ରେ ଅଛି ମନା ।
ପ୍ରଜାବତ୍ସଳ ତୁମ୍ଭେ, ପ୍ରଜାରଞ୍ଜନରେ
ନିବେଶିତ କରି ମନ,
ଜଗତରେ ଏକା ରାଜାମାନଙ୍କର
ପରଜା ପରମ ଧନ ।”
ଏରୂପେ ନୃପଙ୍କୁ ନାନା ଉପଦେଶ-
ବାକ୍ୟ କରି ପ୍ରବୋଧନ,
ମେଲାଣି ହୋଇଣ ବଶିଷ୍ଠଙ୍କ ଶିଷ୍ୟ
ଆଶ୍ରମ କଲେ ଗମନ ।
ରାଜାଙ୍କ ହୃଦୟ — ପ୍ରାସାଦରେ ଯେଉଁ
ଜ୍ଞାନ-ଦୀପ ଜାଳି ଗଲେ,
ନିଭିଗଲା ତାହା ଶୋକ-ଜଳ-ସିକ୍ତ
ମୋହ-ପ୍ରଭଞ୍ଜନ ବଳେ ।
ଶୋକଶଯ୍ୟାଗତରୁ ନୃପତିଙ୍କ ହେଲ
ଦୁର୍ବହ ମେଦିନୀଭାର,
ବୋଧ କଲେ ବଡ଼ ପ୍ରେତପୁ କଷ୍ଟପ୍ରଦ
ଦୁଃଖମୟ ଏ ସଂସାର ।
କିଛି ଦିନ ପରେ ଯୋଗ୍ୟ କୁମାରଙ୍କୁ
ରାଜ୍ୟେ କରି ଅଭିଷିକ୍ତ,
ଜାହ୍ନବୀ-ସରଯୂ ସଙ୍ଗମ ସ୍ଥାନରେ
ଯାଇ ହେଲେ ଅବସ୍ଥିତ ।
ସେଠାରେ ମରଣ — 'ଧର୍ମଶୀଳ ତନୁ-
ରୋଗାନ୍ତି ବିସର୍ଜନ କରି,
ଅମରପୁରକୁ ବିଜେ କରି ଗଲେ
ଦିବ୍ୟ କଳେବର ଧରି ।

# ଉଦ୍ୟମ-ନିଷ୍ଠା

# ଭୂମିକା

"ଉତ୍କଳ-ଲକ୍ଷ୍ମୀ" ଅସମ୍ପୂର୍ଣ୍ଣ ରୂପେ ୧୮୯୮ ଖ୍ରୀଷ୍ଟାବ୍ଦରେ ପ୍ରକାଶିତ ହୋଇଥିଲା । ବାଇଶ ବର୍ଷ ପରେ ଆଜ ସେ ପୂର୍ଣ୍ଣାଙ୍ଗିନୀ ହେଲା । ପୂର୍ବତନ ଅଂଶରେ ସାମାନ୍ୟ ପରିବର୍ତ୍ତନ ହୋଇଅଛି । ନୂତନ ଅଂଶରେ ଉଲ୍ଲିଖ ହୋଇଥିବା କେତେକ ଦେବତାଙ୍କର ନାମ ଗଞ୍ଜାମ ଗେଜେଟିଅରରୁ ଜାଣିବାକୁ ହୋଇଅଛି ଏବଂ ଟୀକାରେ ଥିବା ପର୍ବତ-ମାନଙ୍କର ଉଚ୍ଚତା ମଧ୍ୟ ତାହା ସାହାଯ୍ୟରେ ଲିଖିତ । ତନ୍ନିମନ୍ତେ ଉକ୍ତ ଗେଜେଟିଅରକର୍ତ୍ତାଙ୍କ ନିକଟରେ ଲେଖକ କୃତଜ୍ଞ ।

ସ୍ୱଦେଶପ୍ରେମିକ ସାହିତ୍ୟରସିକ ଭାଗ୍ୟବାନ ସୁଲେଖକ ଶ୍ରୀମାନ୍ ବ୍ରଜମୋହନ ପଣ୍ଡା ଏହି ପୁସ୍ତିକାକୁ ମୁଦ୍ରିତ କରିବା ନିମନ୍ତେ ଯେଉଁ ଉତ୍ସାହ ଦେଇଅଛନ୍ତି, ତାହା ଲେଖକ ପକ୍ଷରେ ଅତି ଦୁର୍ଲ୍ଲଭ ଅଟେ । ସେ ତାଙ୍କର ଜ୍ୟେଷ୍ଠ ଭ୍ରାତା ଶ୍ରୀମାନ୍ ମଧୁସୂଦନ ପଣ୍ଡାଙ୍କ ସହିତ ଏହାର ପ୍ରକାଶବ୍ୟୟ ବହନ କରିବା ଦ୍ୱାରା ଲେଖକଙ୍କୁ ବାଧିତ କରିଥିବାରୁ କୃତଜ୍ଞତା-ବୃକ୍ଷ ଉପରେ ଜଳସେଚନ କରିଅଛନ୍ତି । ଏହି କ୍ଷୁଦ୍ର ପୁସ୍ତିକା ସ୍ୱଦେଶବାସୀଙ୍କର ଅଣୁମାତ୍ର ଅନୁରାଗର ପାତ୍ରୀ ହେଲେ ଲେଖକ କୃତାର୍ଥମ୍ମନ୍ୟ ହେବ । ଇତି ।

ବରଜପୁର
ତା ୧୧।୪।୧୯୧୮

ଶ୍ରୀ ଗଙ୍ଗାଧର ମେହେର

# ନିବେଦନ

ପ୍ରିୟ ପାଠକପାଠିକାବୃନ୍ଦ,

ମୋହର ସୁହୃତ୍ସତ୍ତମ କବିବର ଶ୍ରୀଯୁକ୍ତ ଗଙ୍ଗାଧର ମେହେର ଯେଉଁ ଭୂମିରେ ଜନ୍ମଗ୍ରହଣ କରିଅଛନ୍ତି, ମୋର ମଧ୍ୟ ସେହି ଜଳ-କଲ୍ଲୋଳିନୀ ସୁରମ୍ୟତୋୟା ତଟଶୋଭାଳାଶୋଭିନୀ, ନିସର୍ଗସୌନ୍ଦର୍ଯ୍ୟସମ୍ପାଦିନୀ, ଐତିହାସିକଘଟଣାକୀର୍ତ୍ତିନୀ, ସୁଧା-ନିସ୍ୟନ୍ଦିନୀ ପୁଣ୍ୟମୟୀ ସମ୍ବଲପୁରଭୂମିରେ ଜନ୍ମ । ଏକ ପକ୍ଷରେ ସ୍ନେହମୟୀ ଜନନୀ ପ୍ରତି ଆଂଶିକ କର୍ତ୍ତବ୍ୟସମ୍ପାଦନ, ତଥା ଅପର ପକ୍ଷରେ କବିବରଙ୍କ ସହିତ ଶୁଭସମ୍ପର୍କର ସାମାନ୍ୟ ତୃପ୍ତିସାଧନ, ଏହି ଉଭୟ କାର୍ଯ୍ୟ ଏକସଙ୍ଗରେ ଓ ଏକାଧାରରେ ସମ୍ପାଦିତ ହେବ ଭାବି ମୁଁ ସ୍ୱତଃପ୍ରଣୋଦିତ ହୋଇ ଏହି କ୍ଷୁଦ୍ର ପୁସ୍ତିକାର ପ୍ରକାଶଭାର ଗ୍ରହଣ କରିବାକୁ କବିବରଙ୍କ ନିକଟରେ ଇଚ୍ଛାପ୍ରକାଶ କରିଥିଲି । ସେ ସ୍ୱଭାବସୁଲଭ ସାରଲ୍ୟଗୁଣରେ ମୋର ଆନ୍ତରିକ ଇଚ୍ଛା ବୁଝିପାରି ସମ୍ମତି ପ୍ରଦାନ କରିବାଦ୍ୱାରା ମୋତେ ପ୍ରଭୂତ ଆନନ୍ଦ ଦାନ କରିଅଛନ୍ତି ।

ପୁଣି ଏହି ପୁସ୍ତିକାରେ ତାହାଙ୍କର ପ୍ରତିକୃତି ଖଣ୍ଡିଏ ସନ୍ନିବେଶିତ କରିବା ପାଇଁ ମୋର ସାଗ୍ରହ ଅନୁରୋଧ ରକ୍ଷାକରି ସେ ମୋତେ ଅନୁମତି ପ୍ରଦାନ କରିଥିବାରୁ ମୁଁ ତାହାଙ୍କ ସମୀପରେ ମୋର ଅନ୍ତର୍ଗତ ଭକ୍ତିଜଡ଼ିତ କୃତଜ୍ଞତା ଜ୍ଞାପନ କରୁଅଛି । ଇତି ।

ଇଡେନ ହିନ୍ଦୁ ହଷ୍ଟେଲ,
କଲିକତା
ତା ୧୧ । ୧୧ । ୧୯୧୪

ଶ୍ରୀ ବ୍ରଜମୋହନ ପଣ୍ଡା

# ଉତ୍କଳ-ଲକ୍ଷ୍ମୀ

ଜୟ ହେ ଉତ୍କଳ- ଲକ୍ଷ୍ମୀ ଏକମାତ୍ର
ସୁନ୍ଦରୀ ତୁ ବସୁଧାରେ,
ପ୍ରାକୃତିକ ଶୋଭା- ରାଶି ରଖିଛନ୍ତି
ତୋ ଅଙ୍ଗରେ ଏକାଧାରେ ।
ତୋହର ବାସ ପାଇଁ ଅଛି କେତେ ତୁଙ୍ଗ
ସୁନ୍ଦର ଶୈଳ-ଶିଖର,
ତୁଙ୍ଗତ୍ୱ ଯାର ବର୍ଣ୍ଣିବାକରଣେ
ଶକତି ନାହିଁ କବିର ।
ପ୍ରିୟ ମୃଗଶୃଙ୍ଗୀ ବୁଲୁଛନ୍ତି ତୋର
ଚମ୍ପୂ ଭଳ ଭୂମିଖଣ୍ଡେ,
ବୁଲୁଛନ୍ତି ମତ୍ତ ମତଙ୍ଗଜଯୂଥ
ଦାନବାରିପ୍ଳୁତଗଣ୍ଡେ ।
ତୋ ବିହାର ପାଇଁ ସ୍ଥାନେ ସ୍ଥାନେ କେତେ
ରମ୍ୟ ଉପବନମାନ,
ବିବିଧ ସୁବାସ ଫୁଲେ ପୂର୍ଣ୍ଣ ହୋଇ
ରହିଅଛି ଶୋଭମାନ ।
କାହିଁ ନିବିଡ଼ତର ନିବିଡ଼ କାନନେ
ତୋ ପାଳିତ ଜନ୍ତୁଗଣ,
ଅତି ପ୍ରମୋଦରେ ଦଳ ଦଳ ହୋଇ
କରୁଛନ୍ତି ବିଚରଣ ।
କାହିଁ ଧେନୁ ପଲ ନବ ଦୂର୍ବାଦଳ-
ଶ୍ୟାମଳ ଧରଣୀ ବକ୍ଷେ,
ଚରି ଚରି ପୁଚ୍ଛ- ଚାମର ଚାଳନ୍ତି
ଏକା ତୋହର ସେବା ଲକ୍ଷ୍ୟେ ।
କାହିଁ କୁସୁମିତ ଲତାଦୋଳମାନ
ହୋଇଅଛି ସୁସଜ୍ଜିତ,
ତୋତେ ଦୋଳାଇବା- ପାଇଁ ବିହଗମେ
ବସି ଗାଉଛନ୍ତି ଗୀତ ।
କାହିଁ ସୁଶୀତଳ ଧବଳ ଉତ୍ପଳ
ହୋଇଛି ପଲଙ୍କାସ୍ତୃତ,
ପଲ୍ଲବ-ବ୍ୟଜନ ଧରି ତରୁଗଣ
ତୋ ଉଦ୍ଦେଶେ ଦଣ୍ଡାୟିତ ।
ଚିଲିକା ଅଂଶୁପା ଅଛନ୍ତି ଯେତେ ତୋ
ପ୍ରିୟ କେଳିସରୋବର,
ତହିଁ ମଧ୍ୟେ କେତେ କେତେ ଚିତ୍ର କେଳି-
ମଣ୍ଡପ ଅତି ସୁନ୍ଦର ।
ପ୍ରିୟ ସହଚରୀ ପ୍ରକୃତିସୁନ୍ଦରୀ
ହୋଇ ଅତି ସାବଧାନ,
ସ୍ଥାନେ ସ୍ଥାନେ ତୋହରି ପାଇଁ ଥୋଇଅଛି
କେତେ ଅଳଙ୍କାରମାନ ।
ପ୍ରଧାନ ପାଟରେ[୧] ସମ୍ଭାଳି ଥୋଇଛି
ଉଜ୍ଜ୍ୱଳ ରତ୍ନ ସୀମନ୍ତ,
ଲୋକମୁଖେ ଯାର ସୁନ୍ଦରତା କଥା
ବ୍ୟାପିଛି ଦିଗଦିଗନ୍ତ ।

---

୧ । ବାମଣ୍ଡାର ପ୍ରଧାନ ପାଟ ଏକ ମନୋହର ଦୃଶ୍ୟ । ଏଥିରେ ସୂର୍ଯ୍ୟରଶ୍ମିରୁ ଇନ୍ଦ୍ରଧନୁ ଜାତ ହୋଇଥାଏ ।

କେମନ୍ତ କୌଶଳେ ଗୋଧୂଳି ମସ୍ତକେ
କାଦମ୍ବିନୀ ଦେଇ ଖଡ଼ି,
ତୋ ଲାଗି ଥୋଇଛି 'ହୁମ୍‌ଦର୍ହ',୧ ଗର୍ଭେ
ଅବଶ୍ୟ ମଥାମଣି ହସ୍ତି ।
ଗର୍ବ ଖର୍ବ ହେବ ତା'ସମାନଙ୍କର
ମୌକ୍ତିକ ବୃଷ୍ଟିଲେ ଯା'ର,
ସମୁଦ୍ର-କୂଳରେ ଥୋଇଅଛି ଦେଖ
ତୋ ଲାଗି ମୁକୁତା-ହାର ।
ତୋ ହୃଦେ ବିଳସି ଗଡ଼ଜାତ ଦେଖା
ଉଜ୍ଜ୍ୱଳ ପଦକହାର,
ନୃସିଂହ ଖନିଜ— ରତନ ଖଚିତେ
ପ୍ରଭା ବିକାଶୁଛି ତାର ।
ଶ୍ରୀରାମ, ସୁବଳ୨ ରତ୍ନଦ୍ୱୟ ଯୋଗୁଁ
ତନୁ ତୋହାର ସମୁଜ୍ଜ୍ୱଳ,
ଆଉ କେତେଗୋଟି ସ୍ୱଳ୍ପପ୍ରଭ ହୋଇ
ଦିଶୁଛନ୍ତି ଜଳଜଳ ।
କେତେ ମଣି ଅଛି ମ୍ଳାନ ଦିଶୁଛନ୍ତି
ଥାଇ ସେ ନ ଥିଲା ପରି,
କେତେ ଗୋଟି ରତ୍ନ ନିଷ୍ଠୁର କାଳ ଚୋର
ବଳେ ନେଇଅଛି ହରି ।
ମସ୍ତକେ ଶୋଭୁଛି ସୁନ୍ଦର ସୌରଭ
ବିସ୍ତାରି କୁସୁମହାର,
ଯଶସ୍ୱୀ ପଣ୍ଡିତ କବି ଏ ନିବହ
ଫୁଲେ ଜନମନୋହର ।
ସର୍ବାଙ୍ଗେ ଆବୃତ ବ୍ରିଟିଶ ରାଜତ୍ୱ
ଶୁକ୍ଳ ବନାରସୀ ଶାଢ଼ୀ,
ସୁନ୍ଦରୀ ସୁବର୍ଣ୍ଣ ଜଟଫୁଲ ଘଣ୍ଟି
ଚଢ଼ିଅଛି ଧାଡ଼ି ଧାଡ଼ି ।
ଯାମିନୀ କାମିନୀ ତ୍ରିସୁରଣୀ ଭାବେ
କରୁଥାଏ କେତେ ସଜ,
କୋମଳ ଶ୍ରୀଅଙ୍ଗେ ବୋଳି ଦେଉଥାଏ
ନୀହାର-କର୍ପୂରରଜ ।
କେବେ ବୋଳଇ ସ୍ନେହବଶେ ଚନ୍ଦ୍ର
ଚନ୍ଦ୍ରିକା ଶୁଭ୍ର ଚନ୍ଦନ,
ତିମିର ଛଳରେ ମୃଗମଦ ଘୋରି
କେବେ କରେ ବିଲେପନ ।
ତୋ ରୂପେ ମୁଗ୍ଧ ହୋଇ ଜଗନ୍ନାଥ
ଛାଡ଼ି ଦ୍ୱାରାବତୀପୁର,
କଳିନ୍ଦଜାତଟ ବିପିନବିହାର
ସୁଖ କର ମନୁ ଦୂର ।
ପୂର୍ବାଚଳ ଚୂଳେ ଦିନମଣି ପ୍ରାତେ
ବିଛଇ କର ମଳାତଳେ,
ପ୍ରେମ ଆଲିଙ୍ଗନ କରୁଛନ୍ତି ତୋତେ
ପ୍ରକାଣ୍ଡ ବାହୁଯୁଗଳେ ।
କାଶୀଧାମ ଛାଡ଼ି ଆସି ତ୍ରିଲୋଚନ
ରହିଲେ ଏକାମ୍ରବନ,
ତିନି ଲୋଚନକୁ ତୃପ୍ତ କରୁଛନ୍ତି
ତୋ ରମ୍ୟ ରୂପଦର୍ଶନେ ।
ସେ ବିଶ୍ୱପାବନ ବିଶ୍ୱନାଥଙ୍କର
ଗମନକୁ ଅନୁସରି,
ଜାହ୍ନବୀ ଆସିଲେ କଇତବ ବେଶେ
ଚିତ୍ରୋତ୍ପଳା ନାମ ଧରି ।
ଏଥେ ଦେଖି ତାଙ୍କୁ 'ସମଲେଇ'୩ ଦେବୀ
ଘଟେ ଆଲିଙ୍ଗନ କଲେ,
ସମଲାଇ କରୁ ଲିଗି ହୃଦହାର
ଛିଡ଼ି ପଡ଼ିଗଲା ତଳେ ।
ସେହିଠାରେ ଭୂମି ହୋଇଗଲା ଗହ୍ୱର
ଦେଖ ଖୋଜ ଖୋଲି ଦ୍ୱାର,
ହରିତ ବାଲୁକା- ରାଶି ତଳେ ସନ୍ଧି
ହୋଇଅଛି ସ୍ତୂପାକାର ।

୧ । ହୁମ୍‌ଦର୍ହ—ସମ୍ବଲପୁର ନିକଟସ୍ଥ ମହାନଦୀର ଗର୍ଭ । ୨ । ମୟୂରଭଞ୍ଜର ଭୂତପୂର୍ବ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ । ବାମଣ୍ଡାର ଭୂତପୂର୍ବ ମହାରାଜା ସୁବଳ ଦେବ ୩ । ସମଲଇ—ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ।

ଏବେ ହୀରାକୁଦ ୧   ନାମେ ଅଭିହିତ
ହୋଇଅଛୁ ଯେଉଁ ସ୍ଥାନ,
କେତେ ଘୃଣ୍ଣ ବର୍ଷ   ଚାଲି ତୋ କୂଳରେ
ହୋଇଅଛନ୍ତି ଧନବାନ !
ତହୁଁ କିଛି ଦୂରେ   'ହୁମା'୨ ମହେଶ୍ୱର
ସ୍ପର୍ଶି ତା ଶୁଭ୍ର ମୂରତି,
ସ୍ନେହେ ଡାକିବାରୁ   ନିକଟକୁ ତାଙ୍କ
ଗି ଯାକୁ ଦେଇ ସମ୍ମତି ।
ମହେଶ-ଅଙ୍ଗୁଳି-   ରେଖାଙ୍କିତ ପଥେ
ଉତ୍ତରକୁ ଏକ ଧାର
ଗଲୁ ଘୋର ଶିଳା-   ସଙ୍କୁଳ ଦୁର୍ଗମ
ବନପଥେ ହୋଇ ପାର ।
ତେଣି ତାକୁ ଘୁଞ୍ଚି   ଦୂର ଧାରେ ମିଶି
ଗମନ କରି ପଶ୍ଚରେ,
ଆସି ତୋ ଧାରରେ   ମିଳନ୍ତେ ସସ୍ନେହେ
ବସାଇଅଛୁ ଅଙ୍କରେ ।
ବେଶ୍ୱର ଶୋଭା-   ବର୍ଦ୍ଧନ କାରଣେ
ହୋଇଅଛୁ ସମାହାର,
ମୁଦ୍ରିତ ପ୍ରତିମା   ଗଢିଲ ଦେଲୁ ବାନ୍ଧି
ଚନ୍ଦ୍ରମଲମଣି ହାର ।
ଶରତ୍ ନିର୍ମଳ   ନିଶାନ୍ତ କରନ୍ତି ଯେ
କୌମୁଦୀ କୁସୁମ ଦଳ,
ମଞ୍ଜୁ ରତ୍ନହିଏ   ଦେଖିଅଛନ୍ତି ଯେ
ଉଷା ସ୍ୱର୍ଣ୍ଣଶୋଭା ଭିନ୍ନ;
ସୁନ୍ଦରୀ ବଦନେ   ଦେଖିଅଛନ୍ତି ଯେ
ନନ୍ଦନମୋହନ କାନ୍ତି,
ସେଥୁ ନୟନନ୍ତି   କୁସୁମ ସୌରଭ,
ସାନ୍ଦ୍ର ହୃଦୟରେ ଶାନ୍ତି ।

ଯୋଗ୍ୟଙ୍କୁ ଯୋଗ୍ୟରେ   ଯୋଜନାକାରିଣୀ
ତୋଳ ଭ୍ରାନ୍ତି ନାହିଁ ଯାର,
ସେହି ବିଧି ଏଣା   ଦେଇଛନ୍ତି ତୋତେ
ଏହି ଦିବ୍ୟ ଅଳଙ୍କାର !
ବୃକ୍ଷମାନେ ତୋର   କୂଳମାଳ ରୂପେ
ବେଢିଅଛନ୍ତି କେତେ ଫୁଲ,
ଫୁଲବେଣୀ ଫୁଲ-   ଲଳସୀ ଜାହାକୁ
ଦେଖି ନାହିଁ କାହି ତୁଲ ।
ବସନ୍ତ ନଗାଗାଏ   ମୁକୁଳ ମାଧବୀ
କାଞ୍ଚନ ନବମଲ୍ଲିକା,
ସୌରଭ ଢାଳନ୍ତେ   ନ ଗ୍ରାସନ୍ତି କ୍ଷଣେ
ଯା ଯନ୍ତ ଅଳିମାଳିକା ।
ଗ୍ରୀଷ୍ମ ଦିଏ ପୁର-   ଚାମ୍ପେୟ ଚମ୍ପକ
ବକୁଳ ନବମାଳିକା,
ବରଷା କୁଟଜ   କୁମୁଦସ୍ତବକ
ସହିତେ ଜାତି ଯୂଥିକା !
ଶରଦ ଦେବତା   କୁମୁଦ, ହେମନ୍ତ
ଶତବର୍ଗ ତୋଷ କରେ,
ଶିଶିର ପୂଜଇ   ଫୁଲରୁ ସେବାଣ୍ଡି
ସଦା ଆମ୍ରବଉଳରେ ।
ନଦୀସରେ ଦିନ   ମଧ୍ୟାହ୍ନ କାଳରେ
ବସି ଅଳି ଗୁଞ୍ଜରନେ,
ତୋ ଶୋଭାରେ ବଂଶୀ   ବାଜଉଥିଲେ ତହିଁ
ଝିଙ୍କାର ଗମ୍ଭୀର ସ୍ୱନେ ।
ମଧୁରସଦୃପ୍ତି   ଦୂରଶ୍ରୁତିବନ
ପକ୍ଷୀ ତରଙ୍ଗଳମାନ,
କରାଇ ଯୋଗ ଅର୍ପି ଯତନ୍ତେ ତୋଳି ଦେଉ-
ଥିଲେ ଦେବ ପବମାନ !

---

୧ । ହୀରାକୁଦ—ସମ୍ବଲପୁର ଉପରେ ମହାନଦୀଗର୍ଭରେ ସ୍ଥିତ ଗୋଟିଏ ପ୍ରକାଣ୍ଡ ଦ୍ୱୀପ । ଏଠାରେ ହୀରା ମିଳୁଥିବାର କିମ୍ବଦନ୍ତୀ ଅଛି । ୨ । ହୁମା—ସମ୍ବଲପୁରର ଗୋଟିଏ ତୀର୍ଥସ୍ଥାନ । ଏଠାରେ ପ୍ରତିବର୍ଷ ଶିବରାତ୍ରିରେ ମେଳା ହୁଏ । କିମ୍ବଦନ୍ତୀ ଅଛି ଯେ ହୁମା ମହାଦେବଙ୍କର ଅଙ୍ଗୁଳିଚିହ୍ନେ ତାଙ୍କର ଅଙ୍କରେଖା ଅନୁସାରେ ମହାନଦୀର ଏକ ଧାର ଉତ୍ତର ଦିଗକୁ ବହି ଯାଇଅଛି । ଏହି ଦୁଇ ଧାର ମଧ୍ୟସ୍ଥିତ ଭୂମିଖଣ୍ଡକୁ 'ହୀରାକୁଦ' କହନ୍ତି । ଏଠାରେ ୭ ଗୋଟି ଗ୍ରାମ ଅଛି ।

ଲଳିତ ସ୍ୱପନରେ ତନ୍ଦ୍ରା ଘୋଟାଳକରେ
ତୋହର ପ୍ରସାଦ ପାଇ,
ପ୍ରମୋଦ ମାନସେ ଆସିଲି ଜନନି !
ତୋହ୍ର ଯଶ ଗାଇ ଗାଇ ।
ପ୍ରାବୃଟ ସମୟେ ଘନେ ଉଗ୍ରମୁଖ
ହୋଇଥିଲେ ଘନକର,
ନୂଇଁ ସତେ ଏଣେ ଘୋଟି ଆସୁଥିଲା
ନୀଳତମ ଜଳଧର ।
ଜଳଧର କୋଳେ ଶୋଭା ଯା ବିରାଜ
ବାସବଧନୁ ରଞ୍ଜିତ,
ନୀଳାମ୍ବର ଶାଢ଼ୀ ଖଚିତ ରତନ
କିରଣେ ହେଲ ଭୂଷିତ ।
ସୁବର୍ଣ୍ଣ ବରନ କରଣ ବସନ
ପିନ୍ଧି ପ୍ରତୀଚୀ-ରମଣୀ,
ଛୁଡ଼ା ଅନ୍ୟ ବରଗ ମସ୍ତକଦେଶରେ
ଦେନି ରବି-ମଧ୍ୟମଣି ।
ସୁଦର୍ଶସ୍ତଳ ଦ୍ୱଶ୍ୟ ଛଟାଇ
ନୃତ୍ୟ କଲି ତୋର ଆଗ,
ବିହଙ୍ଗମଗଣ ଗାଇଲେ ସଙ୍ଗୀତ
ମନୋମୁଗ୍ଧକର ସ୍ୱରେ ।
ପ୍ରଭାତରେ ଦିନ ଦେଖିଲି ସେମାନେ
ସେହି ବେଶ ବଦଳାଇ,
ତୋ ସିଂହଦୁଆରେ ଠିଆ ହୋଇଥିଲେ
ନୃତ୍ୟ ଦେଖାଇବା ପାଇଁ ।
ଏହି ଜଗତରେ କଞ୍ଚନଶାଖି
କରୁଛନ୍ତି ତୋତେ ସେବା,
ତୋହ୍ର ସଙ୍ଗ ଭଣ୍ଡେ ଭୁଲନ୍ତୁ ଦେବ
ଶୋଭାଂବସା ଅଛି କେବା ?
ପୂର୍ବେ ଶତେ ତୋର- ଅଙ୍ଗ ମାର୍ଜିତ
ପୌର୍ଣ୍ଣମାସୀ ରତିବସ୍ତ୍ର,
ବସିଥିଲି ମୋର ଛଲି କୁଟୀରେ୧
ତୋତେ ଚିନ୍ତା କରି କରି ।

ଚନ୍ଦ୍ର ଆସି ହେଲେ ମଧ୍ୟ ଗଗନରେ
ନୀରବ ହୋଇଲି ମହୀ,
ଅର୍ଦ୍ଧନିଶି ହେଲି ବୋଲି ଗ୍ରାମ ପ୍ରାନ୍ତେ
ଶିବାଗଣ ଦେଲେ କହି !
ଏହି ସମୟରେ ଘଟିଲି ଯା' ଏକ
ଘଟଣା କି ଆଚମ୍ବିତ,
ସ୍ୱପ୍ନପଥେ ଏବେ ପଡ଼ିଗଲେ ତନୁ
ହୋଇଯାଏ ପୁଲକିତ ।
ଅକସ୍ମାତେ ଏକ ଅନୁପମା ସୁନ୍ଦରୀ
ଦେଖା ଆସି ମୋର ଆଗେ
ଉଚ୍ଚ ହୋଇ "ବତ୍ସ, ଭୟ ନା, ଭୟ ନା"
ସମ୍ଭାଷିଲେ ଅନୁରାଗେ ।
"ଉତ୍କଳର ଗୁପ୍ତ ରହସ୍ୟ ଗୋଟିଏ
ଆଜ ଦେଖାଇବ ତୋତେ,
ତୋହ୍ର ଭକ୍ତି ମୋର କୃପା ସଞ୍ଚରିଛି
ଆତ୍ମାକୁ ଉଧ୍ୱ ନେଇତ ।"
କନ୍ତ୍ରି କର ଧରି ବସାଇଲେ ନେଇ
ସ୍ୱର୍ଣ୍ଣଗାମୀ ଏକ ରଥେ,
ନମେଷ ମଧ୍ୟରେ ବାହୁନେଲେ ସେହି
ସ୍ୱର୍ଣ୍ଣରଥ ଶୂନ୍ୟପଥେ !
ଯାଉଁ ଯାଉଁ ଏକ ସ୍ୱତନ୍ତ୍ର ଭୁବନେ
ରଥ ପ୍ରବେଶିଲା ଯାଇ,
ଏମନ୍ତ ସୁନ୍ଦର ପୁର ଥିବା କଥ
କେବେ ଶୁଣିଥିଲି ନାହିଁ !
ରୌପ୍ୟମୟ ଏକ ସୁନ୍ଦର ମନ୍ଦିର
ତହିଁ ମଧ୍ୟେ ବିରାଜିତ,
ହୀରକଖଚିତ ସ୍ଫଟିକସ୍ତମ୍ଭରେ
ହୋଇଥାଏ ସୁଶୋଭିତ ।
ତହିଁ ଗଜଦନ୍ତ- ନିର୍ମିତ ଧବଳ
କୁସୁମମୟ ଆସନେ,
ଉଜ୍ଜ୍ୱଳବରନା ଧବଳବସନା
ବସିଥିଲେ ସୁବା ଜଣେ !

୧ । ଛଲି—ନଡ଼ା, ସୁଅଳ ।

ଶ୍ରୀଅଙ୍ଗ ଛଟାର  ହୋଇ ମାଉଥାଏ
ଚୌଦିଗ ଆଲୋକମୟ,
ଅସ୍ପୃଷ୍ଟକଳ୍ପିତ  ରୂପ ଦୃଷ୍ଟି ମୋର
ନେତ୍ର-ପାପ ହେଲା କ୍ଷୟ ।
ବନ୍ଧନ ବଶରେ  ଦୃଶ୍ୟ ହେଉଥିଲା
କନ୍ଦର୍ପ ମଳ ଚିନ୍ତା,
ସହିଲି ମୁଁ ତାହା  କାନ୍ତି ସୁନର୍ମ ସ୍ନେହ-
ଲେପିତ କସ୍ତୁରୀ ଭଳ ।
ବାମପାର୍ଶ୍ୱେ ତାଙ୍କ  ବସିଥିଲେ ଏକ
ଅପୂର୍ବ ସୁନ୍ଦରୀ ନାରୀ,
ପିନ୍ଧିଥିଲେ ଶୁଭ୍ର  ଚୀନ ବାସ, ଚନ୍ଦ୍ର-
କାନ୍ତି ହେଉଥାଏ ବାରି ।
ଶ୍ରୀମୁଖମାଧୁରୀ  ବୃଦ୍ଧି ପାଇଥିଲା
ପ୍ରବଳ ବିଷାଦ-ବଶେ,
ନଥାଇ ଆନନ୍ଦ-  ଜଳ ପଳ୍ପତାର
କମ୍ପୁସ୍ଥଳ ପରି ଦିଶେ ।
କି ଜାଣି କି ଚିନ୍ତା  ଖେଳୁଛି ହୃଦୟରେ
ବସି ସେ ବରଶୋଭିତା,
ଅନର୍ଗଳ ଅଶ୍ରୁ-  ପ୍ରବାହେ ଧରଣୀ
କରୁଥିଲା ଅଭିଷିକ୍ତ ।
ଦକ୍ଷିଣ ପଦରେ  ବସିଥିଲା ବାମା
ବାମହସ୍ତେ ନ୍ୟସ୍ତଗଣ୍ଡା,
ଝଲସୁଥିଲେ ଯଥା  ପ୍ରଫୁଲ୍ଲ କୁମୁଦେ
କଳଙ୍କୀ ଭଗ୍ନଦଣ୍ଡା ।
ଆହା ମୀନଦୃଷ୍ଟି  ଅଟଳ ବପୁସୀ
ଅଦ୍ଭୁତ ଶୋଭାଶାଳିନୀ,
ଜଗତର ସାର  ସାର ଶୋଭା ଦେନି
ପ୍ରେମ କି ସେ ଶରୀରିଣୀ ?
ସୁନ୍ଦରୀ ସମାଜ  ଉପମା ଦେବାକୁ
ଚତୁର କଲି କଳ୍ପନା,
ଚୋହି କଲା ତ  ଉପମାସବୁକୁ
ବଳିଗଲା ବର୍ଣ୍ଣନା ।
ଅଙ୍ଗଶୋଭା ଭଞ୍ଜି  ଅଳଙ୍କାର ତହିଁ
ଲୁଚାଇ ବସିଲା ଯେତେ,

ସେ ଅଳଙ୍କାରର  ଅଳଙ୍କାର ହୋଇ
ଗଲା ବାଳାମଣି ଦେହରେ ।
ଏମନ୍ତ ସୁନ୍ଦରୀ  ବୃଦ୍ଧି ପାଇଥିଲା
ଗଭୀର ଶୋକ-ସାଗରେ,
ରାମ ବନବାସ  ବାରତା ଅବା କି
ହରିଛି ସୀତା ଅଙ୍ଗରେ ।
କୃଷ୍ଣ କଂସପୁର  ଯିବା କଥା ଶୁଣି
ରାଧା କି ବସିଛି ଦୁଃଖେ,
ହେଉଛି କି ମନ୍ଦ —  ଭୂମି ପରିଶ୍ରାନ୍ତ
ପଥିକ ଜନ ସମ୍ମୁଖେ ।
ଦୁଃଖ-ଦାବାନଳ  କେମନ୍ତେ ପଶିଲା
ଏ ସୁଖ-କୁସୁମବନେ,
ଜାଣିବା ନିମନ୍ତେ  କୌତୂହଳ-ଶିଖା
ଉତ୍ପନ୍ନ ହେଲା ମୋ ମନେ ।
ଦକ୍ଷ ଆସି ମୋର  କର୍ଣ୍ଣ ରେ କହିଲେ—
"ଯୁବକଟି କଳାକର,
ଜଗତ ତିମିର—  ରାଶି ଦୂର କରେ
ଯାର ସୁଧାମୟ କର ।
ସତାଇଶଟିଗୋଟି  ଜାୟା ରହିଛନ୍ତି
ଏ ପୁଂସଙ୍କୁ କରି ଆଶ,
ତୋଷନ୍ତି ଏ ପ୍ରଭୁ  ପତ୍ନୀ-ଭବନରେ
ଦିନେ ଦିନେ କରି ବାସ ।
ରୋହିଣୀ ପାଖରୁ  ବିଦା ନେଉଛନ୍ତି
ଟିକେ ମୁରତୀର ତର,
ଏଣୁ ରୋହିଣୀକି  କଟି ବସିଲଣି
ବିଧନ ଦାହନ-ଜ୍ୱର ।"
ନବ ବିକଶିତ  କୁସୁମକୁ ଆହା
ପକାଇ ସାଧର କରେ,
ନିର୍ମମ ପୁରୁଷ  ଲୁଚି ଯାଉଛନ୍ତି
ଦୟା ନାହିଁ ହୃଦୟରେ ।
ଅହୋ କି ନିଷ୍ଠୁର  ହୃଦୟ ସେ ଜନ
ବସ୍ତ୍ର ବାଳା କର ଧରେ,
ଏମନ୍ତ ହୃଦୟ  ଆଗରେ କୁଳଣ
ଟାଣିବ ସ୍ୱୀକାର କରେ ।

ଏଣୁ କାମିନୀଏ ନ ବାଞ୍ଛନ୍ତି କେବେ
ଚନ୍ଦ୍ରପୁରୀକ ରାଜବର,
କୁଟୀରକୁ ସୁଖ ମଣିଥାନ୍ତି ଧରି
ଶୀତଚନ୍ଦ୍ରିକର କର ।
ସୁଧାଂଶୁ ବୋଇଲେ, "ସ୍ୱର୍ଗମଣ୍ଡ ମେଲଣି
ଦିଅ ହୋଇ ଦରହାସୀ,
ପ୍ରିୟେ, ତୋ ବଦନୁ ଯାଞ୍ଚା କରିବାକୁ
ସମସ୍ତେ ହେଲଣି ଆସି ।
ନଅ ଟେକ ବାରେ କଥା କହ ସଖି,
ମାନ କର ମନୁ ଦୂର,
ଛଅ ଋତୁଁ ଥିବୁ ସନ୍ତ୍ରବଂଶ ବଦନେ
ଆସିବ ଚୋଦ୍ଦର ପୁର ।
ବିଚ୍ଛେଦ ଗେହରେ ପୁନଃସମାଗମ
ହୁଏ ବଡ଼ ସୁଖକର,
ନିଶ୍ଚୟ ଆସିବ, ନିଶ୍ଚୟ ଆସିବ
ଆଉ ବିଳମ୍ବ ନ କର ।"
ପଡ଼ିବ ଚଳେ ନଣ୍ଟ- ଥଳ ସୁକୁମାରୀ
ବଜ୍ରାଘାତ ପରକାରି,
ଶିଖର ଉପରେ ପଡ଼ିଲା କି ଜଳ-
ଧାରପଟରେ ଜଳଧାର ।
ବାଷ୍ପ ଗଦଗଦ ସ୍ୱରେ କହେ ବାଳା,
"ଜନାଦଳ ଅଛି ଏ ଯୋଗ,
ସତାଙ୍କଶ ସଦନେ ସଦନକୁ ବେଶି
କେବେ ନାହିଁ ସୁଖଭୋଗ ।
ଆଉ ତ ବହୁତ ଅଛନ୍ତି ହେ କାନ୍ତ,
ତୁମ୍ଭ ଚିତ୍ତବିନୋଦିନୀ,
କି କଥାକୁ ମୋତେ ଜଗତେ ବୋଲନ୍ତି
ଦ୍ୱିଜରାଜବିଳାସିନୀ ?
ସୁଧାକର କର ଧରି କେବେ ମୋର
କ୍ଷୁଧା ଦୂର ହେଲା ନାହିଁ,
ସଦା ବିରହିଣୀ ସଦା ବିରହିଣୀ
ଏହୁ ସୁରପୁରେ ଥାଇ ।"
ସୁନ୍ଦର ବୋଇଲେ, "ଅଗୋ ବୁଦ୍ଧିମତୀ,
ନାହିଁ ମୋର ଅଧିକାର,
କହିବାକୁ ଦତ୍ତ, ଈଶ୍ୱର ନିୟମ
ଲଙ୍ଘିବ ଶକତି କାର ?"
ସୁନ୍ଦରୀ ବୋଇଲେ, "ଦେଖ ଦେଖ ନାଥ,
ମର୍ତ୍ତ୍ୟବାସୀ ନରଗଣ,
ଦାମ୍ପତ୍ୟ-ପ୍ରେମରେ ମାତି ମହାହ୍ଲାଦେ
କରୁଛନ୍ତି ବିଚରଣ ।
ରାଜା ଅଛି ରାଜ- ପ୍ରାସାଦରେ ଧରି
ପଟ୍ଟମହିଷୀର କର,
ପ୍ରଜା ବସିଅଛି ଚଳିତ-କୁଟୀରେ
ସଙ୍ଗେ ଘେନି ବାମାବର ।
ଗ୍ରାମ୍ୟ ମାନ ବସି ବସି ତରୁତଳରେ
ଦୁଃଖମନସେ ଏକାକୀ,
ଉଷା-ଦୂତୀ ପଥ ଚାହିଁ ରହିଥାନ୍ତି
ଚକ୍ରବାକ ଚକ୍ରବାକୀ ।
ଆଜି ପକ୍ଷୀ ସବୁ ଉଡ଼ିଯାନ୍ତି ସଦା
କୁଳାୟରେ ପ୍ରିୟା ସଙ୍ଗେ,
କେ ଜଳେ କେ ସ୍ଥଳେ କେବା ତରୁଡାଳେ
ଭାସନ୍ତି ପ୍ରେମ-ତରଙ୍ଗେ ।
ବନସ୍ଥଳେ ଦେଖ ପ୍ରମୋଦ ଚିତ୍ତରେ
ଚରନ୍ତି ହରିଣୀଗଣ,
ପରସ୍ପରେ ପ୍ରେମ— ଦାମ-ବଦ୍ଧ ହୋଇ
କରୁଛନ୍ତି ବିଚରଣ ।
ସ୍ଥାବର ତରୁଙ୍କୁ ଦେଖ କାନ୍ତ, ଥରେ
ଥାଉ ଜଙ୍ଗମର କଥା,
ରସାଳ କୋଳରେ ଆଲିଙ୍ଗିତ ହୋଇ
ରହିଛି ମାଧବୀ ଲତା ।
ମର୍ତ୍ତ୍ୟବାସୀଙ୍କର ସୁଖ ସମୋହ ସୁଖ
କେଉଁ ଗୁଣେ ହେବ ସରି ?
ତୁମ୍ଭେ ତ ବିବେକୀ ଜାଣିଥିଲେ ନାଥ,
କହ କହ କୃପା କରି ।"
ଚନ୍ଦ୍ରମା ବୋଇଲେ, "ତୁହି ପ୍ରିୟା ଏକା
ମୋହର ପ୍ରାଣ-ସଙ୍ଗମ,
ମୋ ମନ ମରାଳ— କେଳିଯୋଗ୍ୟ ଏକା
ତୋହ ପ୍ରେମ-ତରଙ୍ଗିଣୀ ।

ଏକମାତ୍ର ପାଣେ— କାନନ ଫୁଲ ତୁ
ମୋ ନୃପ-ନନ୍ଦନବନେ,
ଅନ୍ୟମାନଙ୍କ ସଙ୍ଗ ଇତର କୁସୁମ
ତହିଁ କି ଶରଧା ମନେ ?
ତୋହ ସଙ୍ଗେ ସଦା ବିହାରି କରନ୍ତି
ଏକାନ୍ତ ମୋର ବାସନା,
ଏ ବାସନା ଏଥି ବିଫଳ କରୁଛି
ଏକା ଶଧିବାସ୍ତମ୍ଭନା !
ତୋହର ବେଣୀ ବନ୍ଧି, ଏକାନ୍ତ ବିହାର
କରିବଲିଁ କଳ୍ପି ଭାଳ,
ମହିମଣ୍ଡଳରେ ଅବତୀର୍ଣ୍ଣ ହେବା
ନରଦେହ ଧରି, କୃଷ୍ଣ ।
କଳିଯୁଗେ ମନୋ- ହର ପୁଣ୍ୟଧାମ
ଅଟଇ ଉତ୍କଳ ଦେଶ,
ଯହିଁ ବିଜେ କରି- ଛନ୍ତି ଭଗବାନ
ଧରି ଦାରୁବ୍ରହ୍ମ ବେଶ ।
ରହିଲେଣି ନନ୍ଦା- ଯୋଗୀ କୃତ୍ତିବାସ
ଜମ ଭୟ ଦୂର କରି,
ଗଲେଣି ଯହିଁକି ଜଗତପାବନୀ
ସ୍ୱର୍ଗଙ୍ଗାଖ୍ୟା ସୁରେଶ୍ୱରୀ !
ସୂର୍ଯ୍ୟକାନ୍ତ ଯହିଁ କୋଣାର୍କ ମନ୍ଦିରେ
ରହିଲେଣି କରି ବାସ,
ଦେବପୁରୁ ଯାଇ ଦେବଦୁର୍ଗଠାରେ
ହୋଇଲେଣି ପରକାଶ ।
ସଦାଶିବ ଗୁରୁ ସୁଭଳ ନାମରେ
ଲୋକେ ହେବେ ପରିଚିତ,
ତାହାଙ୍କ ଉଜ୍ଜ୍ୱଳ କାନ୍ତିରେ ଉତ୍କଳ
ହୋଇଯିବ ଆଲୋକିତ ।
କାବ୍ୟ ଶ୍ରୀ ଚଳେଣି କାବ୍ୟ ରଚିବାକୁ,
ରାଧାନାଥ ନାମ ବହି,
ତାହାଙ୍କ ସ୍ୱଗତି— ବଦନ ହେବ ଖ୍ୟାତ
ଭାରତେ ଉତ୍କଳ ମହୀ ।

ଏହି ଯୁଗେ ତ୍ରିଶ— ଚଣ୍ଡୀ ଦେବଗଣ
ନେଇଛନ୍ତି ଅବତାର,
ବୃଦ୍ଧ ମିଶ୍ର, ସେହି ଢକିଷ ରାଜ୍ୟରେ
କରିବା ଦୁଷ୍ଟଙ୍କ ଦମାର ।
ଉତ୍କଳ ମୟୂର— ଭକ୍ତି ନାମେ ଅଛି
ଏକ ରାଜ୍ୟ ମନୋହର,
ରାଜା ଛନ୍ତି ତହିଁ ରବିବଂଶମଣି
ଶ୍ରୀରାମର ବଂଶଧର !
ଧର୍ମଶୀଳ ଜ୍ଞାନୀ ପ୍ରଜାତୃଷ୍ଣାମଣି
କୃଷ୍ଣଚନ୍ଦ୍ର ନାମେ ଖ୍ୟାତ,
ତାହାଙ୍କ ଔରସ ସୁନ୍ଦର ମନ୍ଦିରେ
ମୁହିଁ ଯାଇ ହେବି ଜାତ !
ରାମବଂଶ ମୋର ଜନମ ହେବାରୁ
ରାମଚନ୍ଦ୍ର ହେବ ନାମ,
ମନୋହର ରୂପ ଦେଖି ମୋତେ ଲୋକେ
ବୋଲିବେ ଦ୍ୱିତୀୟ କାମ !
ନୟନ ପାର୍ଶ୍ୱରେ ଅଳପ ଅଳପ
ଆଗ ଥିବ କଳଙ୍କର,
‘ଚନ୍ଦ୍ର’ ୧ ରୂପେ ମୋର ଦ୍ୟୁତି ପରକାଶି
ଦିବ ଦଶ ଦିଗନ୍ତର !”
ଏହି କଥାମାନ ଶୁଣି ହେଉଥିଲି
ଆହ୍ଲାଦିତ ଅତିଶୟ,
ଉଠିଗଲେ ମୋର ଆନନ୍ଦସାଗରେ
ଅବାର୍ଯ୍ୟ ତରଙ୍ଗଚୟ ।
ମନେ ମନେ କେତେ ମୁଁ ବୋଇଲି, ଧନ୍ୟ
ଧନ୍ୟ ଗୋ ଉତ୍କଳ ମାତ !
ସବୁ ଦେବଦେବୀ ହେଉଛନ୍ତି ତୋର
ବିଶୁଦ୍ଧ କୋଳରେ ଜାତ ।
ଏଣୁ ଭକ୍ତଜନେ ବୋଲୁଥାନ୍ତି ପୁଣି
ସର୍ବ ତୀର୍ଥ ଯେଣି ସ୍ଥଳୀ ,
ପତିତପାବନ- ରୂପେ ରହିଛନ୍ତି
ନୀଳାଚଳେ ବିଜେ କରି !

୧ । ଚନ୍ଦ୍ର—‘ଉତ୍କଳଚନ୍ଦ୍ର’ ନାମକ ମାସିକପତ୍ର ମୟୂରଭଞ୍ଜରୁ ପ୍ରକାଶିତ ହେଉଥିଲା ।

ଏଣୁ ଆର୍ଯ୍ୟ କବି କହିଯାଇଛନ୍ତି
"କଳୌ ଚିତ୍ରୋତ୍ପଳା ଗଙ୍ଗା",
ଚିତ୍ର ତରଙ୍ଗିଣୀ ଶୁଭରେ ହୋଇଛନ୍ତି
ମନ୍ତ୍ରୁ କଣ୍ଠାମଭରଙ୍ଗୀ |
ସହସା ଦିଶିଲା ବିରାଟ ମୂରତି
ବିରାଜିତ ସମ୍ମୁଖରେ,
୧ ଚକ୍ରସାଜଶୀର୍ଷ ଟେକିଣ ଉଥପଦ
ଗଦା ପଦ୍ମ କମ୍ବୁ କରେ |
ସୁନୀଳ ଶିଖଣ୍ଡି ତରଙ୍ଗଲମ୍ବିତ
କୁଟିଳ କୁନ୍ତଳ ଜାଲ,
କନ୍ୟାଜଳ୍ମି ମଣ୍ଡନ କଟି-ବିଶୋଭିତ
ପୀତପଟରେ ଭ୍ରାନ୍ତି |
ଅଙ୍ଗରାଗ ବୃନ୍ଦ ଉଦିତ କିରୀଟ
ବିଭ୍ରାଜିତ ମସ୍ତକରେ,
କାହା ନ କହିବ ମୁକୁଟ ଗଢ଼ିଛି
ବିଶ୍ୱକର୍ମା ନିଜ କରେ |
କିରୀଟ ଶୋଭାକୁ ଶୋଭିତ କରୁଛି
ବର୍ଣ୍ଣଭୂଷା ମଲ୍ଲୀକଢ଼ି,
ମଲ୍ଲୀକଢ଼ି ତଳେ ରତ୍ନବନ କୁଣ୍ଡଳ
ଶୋଭା କି ପାଇଛି ବଢ଼ି |
ଦଶ କରେ ବଙ୍ଗ—ଭୂଷଣ ବୈଜନ୍ତୀ—
ଭୂଷଣ ଦଣ୍ଡିଶୋଭିତରେ,
ଚରଣନୂପୁରେ ନିରସ୍ୱା ଭୂଷଣ
ଶୋଭା ସମ୍ପାଦନ କରେ |
କଟିତଟେ ହେମ- ଦାମ ମନୋରମା
ବସନ ବୃନ୍ଦେ ଭିନ୍ନ,
ବାଞ୍ଛିତ ଦେଖନ୍ତି ଜଡ଼ିତ ରତନ
ଚେତନେ ତନସପାପ ଦହି |

ସାଧୁ ଭକ୍ତ ଜଣେ ଶରଣସ୍ପର୍ଶ ଜନେ
ତାଙ୍କ ଅଭିଷେକ କରି,
ଉଚ୍ଚ ଥିଲେ ସ୍ତବ ଦିଶିଲେ ଦେଖ ସେ
ଗୟାନାଥ ସ୍ୱୟଂ ପରି |
ବୋଲୁଥିଲେ, "ଧନ୍ୟ ଲଲାଟ କେଶରୀ ୨
ଶଶାଙ୍କ-କଳା-ଚନ୍ଦ୍ରିକା,
କରିଛନ୍ତି ସେତୁ ଦେବଙ୍କ ମଣ୍ଡନ
କଣ୍ଠର ବରେ ମନ୍ଦିର |
ଧନ୍ୟ ସେ ଲାଙ୍ଗୁଳା ନରସିଂହ ଦେବ, ୩
ଅନଙ୍ଗଭୀମ ଭୂପାଳ,
ମଲ୍ଲୀକଢ଼ି ଦେଇ ସଙ୍କୋଚଲୋକ୍ୟ ସ୍ୱଜା
ହୋଇଛନ୍ତି ଚିରକାଳ |
୪ ଗୁମ୍ଫ ପଦାବଳୀ ଲେଖିଛନ୍ତି ଯେଲେ
ବୌଦ୍ଧ ନୃପଗଣ ଧନ୍ୟ,
ନ ଥିଲେହେଁ ତାଙ୍କ ମହତ ଲଭିଛନ୍ତି
ଉତ୍କଳବୈଭବ୍ୟ ଧନ |
କି ଦେଲ ହିନ୍ଦବ ଉତ୍କଳ ଲକ୍ଷ୍ମୀ ଗୋ,
କି ଅଛି ପୂଜାସମ୍ବଳ,
ଅନ୍ତସ୍ତଳ ନୀର କରି ଦୂର ଆଣି
ଶୁଦ୍ଧ ସାରସ୍ୱତ ଜଳ |"
ରମ୍ୟ କଂଦାମ ଦେବା ଲୋକ ନାମ
ନ ଶୁଣି ହେଲି ବିକଳ,
ଶୁଣିଲି ଦାସ୍ୟ ଥିଲେହେଁ ଶାସ୍ୟ
ନ ଥିଲେ ଦେବା ବିଫଳ |
୫ ମୁକ୍ତି ଉଦ୍ଦେଶେ ସେହି ପୂଜ୍ୟଭୂଷା
ଚୌଷଠି ଭୂପତିବର୍ଗ
ଦେଇ, ଲଭିଛନ୍ତି କେତେ ଅପବର୍ଗ
କେତେ ମଣ୍ଡିଛନ୍ତି ସ୍ୱର୍ଗ |

୧ | ଚକ୍ରକ୍ଷେତ୍ର—ଭୁବନେଶ୍ୱର, ଗଦାକ୍ଷେତ୍ର—ଯାଜପୁର, ପଦ୍ମକ୍ଷେତ୍ର—କୋଣାର୍କ, ଶଙ୍ଖକ୍ଷେତ୍ର—ପୁରୀ | ୨ | ଲଲାଟେନ୍ଦୁକେଶରୀ—ଭୁବନେଶ୍ୱର ମନ୍ଦିରର ନିର୍ମାତା | ୩ | ଲାଙ୍ଗୁଳା ନରସିଂହଦେବ—କୋଣାର୍କ ମନ୍ଦିରର ନିର୍ମାତା | ଅନଙ୍ଗଭୀମଦେବ—ପୁରୀ ମନ୍ଦିରର ନିର୍ମାତା | ୪ | ଖଣ୍ଡଗିରି ଏବଂ ଧଉଳିଗିରିରେ ବୌଦ୍ଧ ରାଜାମାନଙ୍କର ଖୋଦିତ ପ୍ରସ୍ତରଲିପି ଏବଂ ଅନୁଶାସନଲିପି ଅଛି | ୫ | ସମ୍ବଲପୁର, ପାଟଣା, ସୋନପୁର, ବାମଣ୍ଡା ଓ ଝରିଅଳର ଚୌହାନ ନୃପତିମାନେ ଅନେକ କୀର୍ତ୍ତି କରିଅଛନ୍ତି |

ଝଡ଼େନ୍ଦ୍ର ମଲ୍ଲର     ଯେ ଭକ୍ତପ୍ରବର,
ଆସିଥିଲ ନଚାଇ ସଞ୍ଚର
ମୃତ ପ୍ରାଣୀବାସ     ନବ ପ୍ରାଣ ଲଭି
ବନ୍ଧି ନବ କଳେବର !
ସ୍ଥାବର ଜଙ୍ଗମ     ଧରି ସମୁଜ୍ଜ୍ୱଳ
କଲ୍ପି କରିଲ ଆଗମନ,
ଉଚ୍ଚସ୍ୱରେ ବେଗେ     "ଜୟ ଜୟ ଉତ୍କଳ—
ଲକ୍ଷ୍ମୀ" କରି ଉଚ୍ଚାରଣ ।
ଆସିଲେ ଯଯାତି     ଉଡ଼ାଇ ସ୍ୱୀୟ
ଜଗତ ପତାକା ଧରି,
ଯେ ଧ୍ୱଜେ ଅଙ୍କିତ ହୋଇଥିଲ ଚଲିଲ—
ଉଦୟନ ସ୍ମେରକେଶରୀ !
ଶ୍ରୀ ପୁରୁଷୋତ୍ତମ     ନରେନ୍ଦ୍ର ଆସିଲେ
ବେଢି ରତ୍ନମୟ ଛତ୍ର,
କାଞ୍ଚୀ ଗର୍ବ ଚୂର୍ଣ୍ଣ     ମଜା ହୋଇଥିଲ
ଯେ ଛତ୍ର ତଳନୟଂକ୍ତ ।
ଚୋଡ଼ଗଙ୍ଗ ଦେବ     ଉଦମିତ ହୋଇ
ଢାଳିଲେ ଶ୍ୱେତ ଚାମର,
ଚଳିତ ଚାମର     ଦିଶିଲା ଯେସନ
ଆଦ୍ୟ ଭାଗୀରଥୀ ଧାର ।
ଜୟସିଂହ ଆସିଲେ     ମୟୂରଚନ୍ଦ୍ରିକା-
ଚିତ୍ରିତ ବ୍ୟଜନକରେ,
ମୟୂରଚନ୍ଦ୍ରିକା     ଶୋଭୁଥିଲା ତାଙ୍କ
ରତ୍ନମୟ ଉଷ୍ଣୀଷରେ !
ଗଡେଶ୍ୱର ଦେବ     ଶଙ୍ଖବାଦନ
ଦୁନ୍ଦୁଭିନାଦ ହୋଇ ଛୁଟା,
ଦେବଙ୍କ ଭକତ     ମଣିତକାଳିରେ
ଢାଙ୍କିଥିଲ ମୁଖକ୍ରୀଡ଼ା ।
ତା ପଛେ ଆସିଲେ     ରମଣୀମଣ୍ଡଳ
କରେ ଧରି ଅର୍ଘ୍ୟଥାଳୀ,

ମନୋହର ଫୁଲ     ଧୂପ ଗନ୍ଧ ଘୃତ
ରଜତ ପ୍ରଦୀପ ଜାଳି ।
ଆସିଲେ ଲଳିତା     ବିମଳା ସଙ୍ଗତେ
ଚଉଦିଗରେ ଛନ୍ଦି କରି,
ଚନ୍ଦ୍ରାବଳୀ ଦେବୀ     ଆସିଲେ ଭଜନେ
ବଦନ କରି ଗମ୍ଭୀର ।
ନନ୍ଦଜା ଆସିଲ     କଣ୍ଟକିତ ଦେହେ
ଲଜ୍ଜା-ଉଚ୍ଛାନବତେ,
ଉପାସ୍ୟନୟନେ     ନୈବେଦ୍ୟ ଧରି
ନବପ୍ରେମଗଦଗଦେ !
ଏକ କରେ ଧନୁ     ଅନ୍ୟ କରେ ଧରି
ମାର୍ତ୍ତଣ୍ଡ ପ୍ରଚଣ୍ଡ ଶର,
ନରେଶ ମାନଙ୍କେ     ଦଉଡ଼ି ଆସିଲ
ଉଷା ବରନାରୀବର !
କୌଶଲ୍ୟା ଆସିଲା     ମୁଖ ଢାଙ୍କି ବାସେ,
କଟାକ୍ଷ କରେ ଚାହିଁ,
ଥିଲେ ତାଙ୍କ ସଙ୍ଗେ     ଅନ୍ନପୂର୍ଣ୍ଣା ଶ୍ରୀତ—
ତାମ୍ର ସମ ଜ୍ୟୋତିସ୍ମାନ୍ ।
ନବୀନ ରବିଙ୍କ     ତାମ୍ର ଅନୁରାଗ
ଦେଖିଣି, ଚରଣତଳ
ରଙ୍ଗ ହୋଇଥିଲ,     ଚନ୍ଦ୍ରଭାଗା ସଖୀ
ଆସିଲେ ହୋଇ ଚଞ୍ଚଳ ।
୧ ଘାଣ୍ଟି ହେଲା ମନ ନ ଦେଖି ଭକ୍ତିରେ
ରମାଇ ବଣର କଳି,
୨ କଳମ୍ବା ଦେବ     କମଳକୁମାରୀ
ଚଢ଼ିଲେ ସେଲାଗଳ ମନେ !
୩ ମେଘାସନ ଗନ୍ଧ—     ମାଦନ ଶୋଭାଶାଳୀ
ଅରଣ୍ୟ ପଥ ନ ଧୃତି,
ଉଷା ହେଲେ ଦେବୀ-ପଦେ ଉର୍ଦ୍ଧ୍ୱ ଟେକି
ବନନଟୀ ନନ୍ଦିନୀ ।

୧ । ରମାଇ ଦେ—ଶ୍ରୀକ୍ଷେତ୍ରର ଚୌଧୁରୀବଂଶର ଆଦିପୁରୁଷ ୨ । କଳମ୍ବା ଦେବ — ସମ୍ବଲପୁରର ଅଧିରାଜା ଓ କମଳକୁମାରୀ ତାଙ୍କର ପଟ୍ଟମହିଷୀ । ୩ । ମେଘାସନ—ମୟୂରଭଞ୍ଜର ଉଚ୍ଚ ପର୍ବତ । ଉଚ୍ଚ ୩୮୨୦ ଫୁଟ । ଗନ୍ଧମାଦନ—କେନ୍ଦୁଝରର ଉଚ୍ଚପର୍ବତ । ଉଚ୍ଚ ୩୪୭୯ ଫୁଟ ।

୧ ଥିଲେ ତାଙ୍କ ସଙ୍ଗେ ମାଲ୍ୟଗିରି ବୀର
ସମୁନ୍ନତଶୀର୍ଷ ଜଟିଳାସ,
ଶିରଶ୍ରୀ ଚର୍ଚ୍ଚିକା ବିସ୍ତୀର୍ଣ୍ଣ କାନ୍ତଶ୍ରୀ
ହୃଦୟେ ଭରି ଉଲ୍ଲାସ ।
ବିଶ୍ୱନାଥ ଭାଗ- ଦେବଙ୍କ ଶୈଳ
ସ୍ତୁତିରେ ଥିଲେ ସାଦ,
ମନ୍ଦ୍ରପ୍ରସ୍ଥବନ୍ତୁ ଉଚ୍ଚ ଉଚ୍ଚଶିଖି-
ଶ୍ରେଣୀରେ ପାଇଲେ ସ୍ଥାନ ।
୨ ଘନ-ଶିରସ୍କ ମହେନ୍ଦ୍ର ଅଇଲା
ମହେନ୍ଦ୍ର ହୋଇ ସମାଦୃତ,
ଭୁଜଗ ସାଲେସ କାଳୀକର୍ଣ୍ଣୀ ଆଦି
ତା ସଙ୍ଗେ ଥିଲେ ବହୁତ ।
ମଣିଭଦ୍ରା ମହୀ- ମଣ୍ଡଳ ସଦୃଶ
ବିସ୍ତୀର୍ଣ୍ଣ ମଧ୍ୟସ୍ଥଳେ,
ମୁଖରିତ ହୋଇ ଶୁକ ଶାରୀ ପିକ
ଛନ୍ଦସୁଧା-କଳକଳେ ।
ଅଗ୍ନି କନମାସୁ ରହିମଧ୍ୟ ଝର
ହସ୍ତିବର ସ୍ନାନ-ଘାଟ,
ଧ୍ୱଜପ୍ରଭୃତି- ରୂପେ ଉଦ୍ଭବିଲ
ଯେଉଁ ନିଜ କୁଳ ଥାଟ ।
ମହେନ୍ଦ୍ର ଉତ୍ତାରିତ ଗୋଲ୍ଲ ସ୍ୱେଚ୍ଛାବିହମ
ବେଢ଼ିଥିଲା ଭରି ଅଳକେ ।

ଉଚ୍ଚ ଗିରିଶ୍ରେଣୀ ଯେମନାସ ସ୍ତୂପେ
ଦିଗବ୍ୟାପୀ ଧୂଳିବତେ ।
୩ ଜିନାଇ ନନ୍ଦଗଢ଼ ଦିଶୁଥିଲା ସବୁ
ଶିରଠାରୁ ଉଚ୍ଚତର,
କୁମ୍ଭସ୍ଥଳ ଦସ୍ତୁ- ଦ୍ୱନିଲ ତା କଣ୍ଠ-
ରବ ପ୍ରାୟେ ମନୋରମ ।
୪ ନମାଇ ସମ୍ଭ୍ରମେ ଥିଲା ବର୍ଣ୍ଣାଧାମ
ବନ୍ଧ୍ୟଭସ୍ମବିରବନ୍ତ,
୫ ତା ପାଦେଶ ନଗରୀ-- ପାଟ ଥିଲା ଯେଉଁ
ସୁଷ୍ଠୁ କନ୍ଥ ଅପେକ୍ଷ ।
୬ ଭଲ୍ଲୁଖ ଟିକର-- ଗୁଡ଼ା ହୋଇଥିଲା
ଅର୍ଚ୍ଚିବାକୁ ଉପହାର,
ନସ୍ତ୍ର-ରଚନା-- ପ୍ରମୋଦଦାୟକ
କମଳା ଅର୍ଘ୍ୟ ଭାର ।
୭ ଉଭା ଥିଲେ ଗିରି - ଶଙ୍କର ସନ୍ଧିତ
ନରସିଂହନାଥ ଦ୍ୱାରେ,
ଅନ୍ତରେକ ଦଶା— କାଟିଲ କରିବାକୁ
ପବନ ସହସ୍ର ଧାରେ ।
ଗହନେ ତାଙ୍କର ଥିଲେ ହୃଷ୍ଟପୁଷ୍ଟ
ତୁଙ୍ଗ ସନ ବନଶ୍ରେଣୀ,
ପୁଷ୍ପ ନାଟେଶ୍ୱର— ସୁମନ ସୁନ୍ଦର
ଦୃଷ୍ଟକୁ ନାରଙ୍ଗ ଯେଉଁ ।

---

୧ । ମାଲ୍ୟଗିରି--ବଣ୍ଡାର ଉଚ୍ଚ ପର୍ବତ । ଉଚ୍ଚ ୩୮୯୫ ଫୁଟ । ୨ । ମହେନ୍ଦ୍ର—ଗଞ୍ଜାମରେ ଥିବା ଜଙ୍ଗଲର ଏକ ପ୍ରଧାନ ପର୍ବତ, ଉଚ୍ଚ ପ୍ରାୟ ୫୦୦୦ ଫୁଟ । ୩ । ଜନ୍ଦାଗିରି—ପ୍ରାକୃତ ବ ଓଡ଼ିଶାର ସର୍ବୋଚ୍ଚ ପର୍ବତ, ଗଞ୍ଜାମ ଜିଲ୍ଲାରେ ଅଛି । ଉଚ୍ଚ ୪୯୭୨ ଫୁଟ । ୪ । 'ବନ୍ଦସାମ'—କଳାହାଣ୍ଡିର ସର୍ବୋଚ୍ଚ ପର୍ବତ । ଏହା ପ୍ରାକୃତିକ ଓଡ଼ିଶାର ପର୍ବତମାନଙ୍କ ମଧ୍ୟରେ ଉଚ୍ଚତାରେ ଦ୍ୱିତୀୟ ସ୍ଥାନୀୟ । ଉଚ୍ଚ ୪୯୮୨ ଫୁଟ । ୫ । କର୍ଲାପାଟ—କଳାହାଣ୍ଡିର ପର୍ବତ । ଉଚ୍ଚ ୩୯୮୧ ଫୁଟ । ଓଡ଼ିଶାର ସମସ୍ତ ଗଡ଼ଜାତରେ ଜନସଂଖ୍ୟା ୨୨୩୪୨୪, ଏଥିମଧ୍ୟରୁ କେବଳ କଳାହାଣ୍ଡିରେ ୧୦୩୦୮୬ । ୬ । ଟିକିଗୁଡ଼ା—କଳାହାଣ୍ଡିର ପର୍ବତ । ଉଚ୍ଚ ୩୨୮୩ ଫୁଟ । କଳାହାଣ୍ଡିରେ ଉତ୍ତମ କମଳା ମିଳେ । ୭ । ହରିଶଙ୍କର ଓ ନୃସିଂହନାଥ ସମ୍ବଲପୁର ଅଞ୍ଚଳର ଦୋଟିଏ ତୀର୍ଥସ୍ଥାନ । ନୃସିଂହନାଥ ବୋରାସମ୍ବର ଜମିଦାରୀ ଅନ୍ତର୍ଗତ ଗୋଟିଏ ପର୍ବତରେ ଅବସ୍ଥିତ । ପର୍ବତ ଅପରପାର୍ଶ୍ୱରେ ହରିଶଙ୍କର ଅବସ୍ଥିତ । ଏହି ପର୍ବତରେ ଗୋଟିଏ ପ୍ରପାତ ଅଛି, ତାହାର ଖାଣ୍ଡବଣିଆର ନାମ ଗନ୍ଧଧାରା ଅଟେ । ଏଠାରେ ନାଟେଶ୍ୱର ଓ ନାରଙ୍ଗ ବହୁ ପରିମାଣରେ ମିଳେ । ନୃସିଂହ ଚତୁର୍ଦ୍ଦଶୀରେ ଏଠାରେ ମେଳା ହୁଏ ଏବଂ ସୂର୍ଯ୍ୟ ଓ ଚନ୍ଦ୍ରଗ୍ରହଣ ସମୟରେ ବହୁତ ଯାତ୍ରୀ ସେଠାକୁ ସ୍ନାନ କରିବାକୁ ଯାନ୍ତି । ଏ ତୀର୍ଥର ଅପର ନାମ "ପାପହରଣ" ।

୧ ପାଟଣା-ଈଶ୍ୱରୀ ପୀତ ପଟ୍ଟବାସେ
ଆବରଣ କରି ଗାତ୍ର,
ରତନ କଙ୍କଣ— ଭୂଷିତ ହସ୍ତରେ
ଧରିଥିଲେ ଧୂପପାତ୍ର ।
୨ ଉଜ୍ଜଳ ଅଳକେ ଆତପ ତଣ୍ଡୁଳ
ଗଳାଇଥିଲେ ସମଲେଶ୍ୱରୀ,
ତଣ୍ଡୁଳକୁ ଗୁନ୍ଥି ମୁକ୍ତା ରେଣୁ ବୋଲି
ଜନେ ହେଉଥାଏ ଭ୍ରାନ୍ତି ।
୩ ଶିଶୁପାଳ ବୀର— ପାଞ୍ଚାଡ଼ି ଝେଙ୍କଲିଆ
ଝରପାଣି ବଡ଼ପାଣି,
ଶିରସ୍ତ୍ରାଣ ମାଳ ଧରି ହାତଗଣରେ
ବସିଥିଲେ ମନପାଣି ।
୪ ବୁଢ଼ାରଜା ରଙ୍ଗ— ଶିଉଳି ସ୍ତବକ
ହସ୍ତରେ ଘେନି ଅବାର,
ଦେଖି ତାଣ୍ଡବପ୍ରେମ- ସ୍ଫୁରିତ ଲୋଚନେ
ନଚରୁଥିଲା ବାରମ୍ବାର ।
୫ ମୋତିଝରଣର ମୋତିମାଳରୂପୀ
ଆମଳକ ଫଳମାଳ,
ଉପହାର ଦେନ ଲକ୍ଷ୍ମୀ ହୋଇଥିଲେ
କୁଞ୍ଜ କୁଞ୍ଜ ବନ୍ଧୁ ଶାଳ ।
୬ ଅଗଣିତ ଗଜ- ବଳ ଦେନି ଡେରଣ
ମାଙ୍କଡ଼ନଖୁ ଭୂଧରେ
୭ ରହିଲ, ବାଦାମ— ଗଣ୍ଡି ଆଦି ଧନ
ଟୋଟା ଦୃଶ୍ୟ ସହିତରେ ।

୮ ଶୃଙ୍ଗସୁଶୋଭିତ— ଧରଣୀବାନ୍ଧିଲା
ସୁସଜ୍ଜିତ କରି 'ମାନ',
ଜନଗଣ ସଙ୍ଗେ ତାଙ୍କ ସମୀପରେ
ରଖିଥିଲା ନିଜ ମାନ ।
ତରଙ୍ଗିଣୀ ଗଣ ନୃତ୍ୟ ଆରମ୍ଭିଲେ
ମନୋହର ବେଶ ଧରି,
ବିବିଧ ଭୂଷଣେ ବିଭୂଷିତ ହୋଇ
କୁଙ୍କୁମ ସାଜ କବରୀ ।
ହୀରକମଣ୍ଡିତ— ଦେଶୀ ରତ୍ନହାରା
ଯହିଁ ଥିଲା ଅଗ୍ରଗଣ୍ୟା,
ଅମରଦ୍ରୁବନେ ନର୍ତ୍ତନମଣ୍ଡଳେ
ଜାହ୍ନବୀ ଯେସନ ଧନ୍ୟା ।
ତା ପଛକୁ ଥିଲା ବ୍ରାହ୍ମଣୀ ସୁବର୍ଣ୍ଣ
କୁସୁମରେ ମଣ୍ଡି ଚୂଳ,
ନୃତ୍ୟଭଙ୍ଗୀର ଗଣ୍ଡି ନ ଥିଲା ତୃଟିରୁ
ଖସୁଥିଲା ସ୍ୱର୍ଣ୍ଣ ଫୁଲ ।
ହିମଭୂମି ରଜ— ଉଦ୍ୟାନ କୁସୁମ
ଭଣିଲ ସୁରମ୍ୟ ହାର,
୯ ଭିତରେ ମଣ୍ଡି 'ଦେବ' 'କୋଇଲ' ସହିତ
ଶଙ୍ଖ ନାଚୁଥିଲା ତାର ।
ଗାଉଥିଲେ ମନ୍ତ୍ର— ସ୍ୱରେ ମଧୁମନ୍ତ୍ର
ବେଦବ୍ୟାସ ଗୀତାବଳୀ,
୧୦ କୋଇଲି ମସ୍ତକେ ବ୍ରାହ୍ମଣୀ ଶୀର୍ଷରେ
ଦେଉଥିଲେ ପୁଷ୍ପାଞ୍ଜଳି ।

---

୧ । ପାଟେଶ୍ୱରୀ—ପାଟଣାର ଅଧିଷ୍ଠାତ୍ରୀ ଦେବତା । ୨ । ସମଲେଈ—ସମ୍ବଲପୁର ଅଞ୍ଚଳର ପ୍ରଧାନ ନୃପତି କୁଳମାନଙ୍କର ଇଷ୍ଟଦେବୀ । ସମ୍ବଲପୁରର ସୁଷ୍ଟୁ ଉଜ୍ଜ୍ୱଳ ଚାଉଳ ପ୍ରଶଂସନୀୟ । ମହାନଦୀ କୂଳର ଗୋଟିଏ ପର୍ବତରେ ସମଲେଶ୍ୱରୀ ଅବସ୍ଥିତ । ୩ । ଶିଶୁପାଳ, ଝାରପାଟ୍ଟା, ଝରପାଣି ଓ ବଡ଼ପାଣି ସମ୍ବଲପୁର ଜିଲ୍ଲାରେ ଥିବା ପୃଥକ୍ ପୃଥକ୍ ପର୍ବତଶ୍ରେଣୀ । ଝେଙ୍କଲିଆ—ପାଟଣାଗଡ଼ରାଜ୍ୟ-ନିର୍ମିତ ପଥପ୍ରବେଶ । ୪ । ବୁଢ଼ାରଜା—ସମ୍ବଲପୁର ସହର ନିକଟବର୍ତ୍ତୀ ପର୍ବତ । ଏଠାରେ ଅଧିକ ପରିମାଣରେ ଶେଉଳି ଗଛ ଅଛି । ୫ । ମୋତିଝରଣ—ସମ୍ବଲପୁର ନିକଟବର୍ତ୍ତୀ ସୁନ୍ଦର କ୍ଷୁଦ୍ର ପର୍ବତ । ୬ । ମାଙ୍କଡ଼ନଖ—ଜିଲ୍ଲାର ଉଚ୍ଚ ପର୍ବତ । ଉଚ୍ଚ ୩୬୦୦ ଫୁଟ । ୭ । ବାଦାମଗଡ଼—ବଣେଇର ପର୍ବତ । କୁମୁରିଡ଼ାର ଓ ଝେଙ୍କଲିଅଣ୍ଡାଳୀ ନାମକ ଆଉ ଦୁଇଗୋଟି ଉଚ୍ଚ ପର୍ବତ ବଣେଇରେ ଅଛି । ୮ । ମାନ—ଗାଙ୍ଗପୁରର ପର୍ବତ । ୯ । ଦେବ—ହିମଭୂମିର ଏକ ନଦୀ । କୋଇଲ—ଗୋଟିଏ ନଦୀ । ଏହା ବେଦବ୍ୟାସ ଗିରି ନିକଟରେ ଶଙ୍ଖ ସହିତ ମିଳିତ ହୋଇ ବ୍ରାହ୍ମଣୀ ନାମ ଧାରଣ କରିଅଛି । ୧୦ । ବ୍ରହ୍ମଣୀ—କୋଇଲିର ତଟବର୍ତ୍ତୀ ପର୍ବତ ।

ସିଂହ ଭୂପଙ୍କର ଦୁର୍ଗଶିରସ୍ଥ
ଶୁଭ୍ର କୀର୍ତ୍ତିଧ୍ୱଜ ଧରି,
ସ୍ୱର୍ଣ୍ଣମୟୀ ସୃଷ୍ଟି— ରେଖା ଆସିଥିଲା
ଯେସନ ବନ୍ଧୁ ସହଚରୀ ।
ବୈତରଣୀ ରମ୍ୟ କାନନ କୁସୁମ
କରିଥିଲା ଆଭରଣ,
ବାସ ଲୋଭରେ ତାଙ୍କୁ ଭୃଙ୍ଗବୃନ୍ଦ ବେଢ଼ି
ଥିଲେ ଦେବଦେବୀଗଣ ।
ଭାରତୀ କବ୍ରୁଟା ଦମ୍ଭୀ ରତ୍ନରସ
ଆଦ୍ୟ ତରଙ୍ଗିଣୀଶ୍ରେଣୀ,
ଚମ୍ପା କୁରଙ୍ଗନା ପୁନ୍ନାଗ ବବଧ
ପୁଷ୍ପେ ମଣ୍ଡିଥିଲେ ବେଣୀ ।
୧ ଜୀମୂତ ଦର୍ଶନ ଛୁଟିଲ ଦୂରେ ମନେ
ମନେ ନାଚୁଥିଲା 'ଇବ',
ସୁନ୍ଦର ଶ୍ୟାମଳ ହୀର ବସନରେ
ଘୋଡ଼ାଇ ମୁଖଶ୍ରୀକ ।
୨ 'ଅଙ୍ଗ' ଧାଇଁଥିଲା ନୃତ୍ୟମଣ୍ଡଳୀଙ୍କ
ହାବଭାବୁଲ୍ଲା କରି ମନା,
କର୍ଣ୍ଣେ ମୁଣ୍ଡ ଟେକି କହୁଥିଲା ବନ୍ଧାଇ
ନାଚୁଁ ନୃତ୍ୟଭଙ୍ଗିମା ।
୩ ଅଳସରେ 'ତେଲ୍' ଥାଇ ନ ପାରିଲା
ଲାସ୍ୟବିଳାସିନୀ କ୍ଷଣ,
କିନ୍ତୁ ହୃଦୟରେ ବନ୍ଦୁଥିଲା ତାର
ମଧୁର ସଙ୍ଗୀତଗଣ ।

୪ ଖଡ଼ିଆଳପତି ବ୍ରଜରାଜଙ୍କର
ସଙ୍ଗୀତ ଲଳିତ ନୃତ୍ୟେ,
୫ ଗାଉଥିଲେ ନବ କଲ୍ଲୋଳରେ 'ତେଲ୍'
'ଚିତ୍ରୋତ୍ପଳା' ପଦ୍ମପାତେ ।
ଖଡ଼ିଆଳ ବନ- ସୁମନସ୍ତବକ
ଶୋଭୁଥିଲା ତାଙ୍କ ଖୋସା,
ଜନ ମନ ହରି ନେଉଥିଲେ ଫୁଲ-
ବାସେ ବସନ୍ତ ବେଳ ଯୋଷା ।
ଋଷିକୁଲ୍ୟା ସୁଧା— ମଧୁର ସଙ୍ଗୀତ
ଚୈଲିକୀ ଭଙ୍ଗିରେ ଗାଇ,
୬ କବି-ରବିଙ୍କର ଗୀତେ ଦେଲା ତର୍ଜି
ସଭିଙ୍କ ମନ ରଞ୍ଜାଇ ।
୭ ଜଙ୍ଗ, ଦନ୍ତା, ଝାଇଁ, ବଙ୍କି, କୁଳିଆଣ୍ଡ
ଉତ୍ସବେ ହୋଇ ଯାଜିକ,
ନନ୍ଦ ଦଳ ମଧ୍ୟେ କହୁଥିଲେ ମୋଦେ
ମଦନାନ୍ଦର ଗୀତିସିଦ୍ଧିକ ।
୮ ଭେଡ଼ନ, ମାଳଙ୍ଗ, ଅଙ୍ଗିକା, ଯୋଗାଳୀ
ହସ୍ତେ ଦିଲା ଉତ୍କଳୀ,
ସରଳ ତରଳ ଗୀତ ତାର ମୃଦୁ
ନାଚୁଥିଲେ କରତାଳି ।
୯ ଅଳସରେ ଖରେ ଆସି ସେ ତାଳରେ
ନୃତ୍ୟ କଲା 'ଖରଙ୍ଗ',
୧୦ 'ହରଡ୍ଡ' ତରଙ୍ଗେ ଝଙ୍କର ହୋଇ
ଧାଇଁଥିଲା 'ଘଣ୍ଟା' ଧରି ।

୧ । ଇବ — ମହାନଦୀର ଉପନଦୀ । ୨ । ଅଙ୍ଗ — ମହାନଦୀର ଉପନଦୀ । ୩ । ତେଲ — ମହାନଦୀର ଉପନଦୀ । ୪ । ବ୍ରଜରାଜ ସିଂହ — ଖଡ଼ିଆଳର ଭୂଜପତି ସ୍ୱର୍ଗୀୟ ଦେବଙ୍କର ପିତା । ସେ ପ୍ରାଚୀନ ଧରଣର ଜଣେ ସୁକବି ଥିଲେ । ତାହାଙ୍କ ଦ୍ୱିତୀୟ ଉପେନ୍ଦ୍ର ଭଞ୍ଜ ବୋଲାଯାଉ- ଥାରେ । ୫ । ଖଡ଼ିଆଳର ଗୋଟିଏ ନଦୀ ତେଲ ନଦୀରେ ଏବଂ ଗୋଟିଏ ମହାନଦୀରେ ମିଶିଅଛି । ୬ । କବିରବି — କବିଭୂଷଣ ବଳଦେବ ରଥ । ୭ । ଜଙ୍ଗ — ମହାନଦୀର ଉପନଦୀ । ଦନ୍ତା, ଝାଇଁ, ବଙ୍କି ଓ କୁଳିଆଣ୍ଡ ଚନ୍ଦ୍ରପୁର ଜିଲ୍ଲାର କ୍ଷୁଦ୍ର କ୍ଷୁଦ୍ର ଉପନଦୀ । ୮ । ଭେଡ଼ନ, ମାଳଙ୍ଗ, ଅଙ୍ଗିକା, ଯୋଗାଳୀ ଓ ଉତ୍ତଳୀ ସମ୍ବଲପୁର ଜିଲ୍ଲାର କ୍ଷୁଦ୍ର କ୍ଷୁଦ୍ର ଉପନଦୀ । ୯ । ଖରଙ୍ଗ — ବୋଡ଼ାସମ୍ବରର ଗୋଟିଏ ପାର୍ବତୀୟ ନଦୀ । ୧୦ । ହରଡ୍ଡ ନଦୀ — ସମ୍ବଲପୁର ସହର ନିକଟରେ ପୂର୍ବ- ଦିଗରେ ପ୍ରବାହିତ; 'ଘଣ୍ଟା' ତାହାର ଶାଖା ।

ଅନୁପମ ଅତି ଗମ୍ଭୀର ନାଦରେ
ବଜାଇଲେ କୋଟି କମ୍ବୁ,
ସାଗର ସଲିଳେ ଆଦ୍ୟ ଅଭିଷେକ
କଲେ ଲୋକନାଥ ଶମ୍ଭୁ ।
ତା ପରେ ସହସ୍ର- ଧାରେ ଅଭିଷେକ
କଲେ ନରସିଂହ ନାଥ,
୧ ଢାଳିଲେ ସଲିଳ ଜମେ ଖଣ୍ଡାଧାର
ପ୍ରାଚୀନପୀଠ ପ୍ରପାତ ।
୨ କଲେ ଅଭିଷେକ ମହେଶ୍ୱର ନାଥ
'କୋଇଲି ପୋଖରୀ' ଜଳେ,
ସେ ସ୍ୱଚ୍ଛ ସଲିଳ ମହତର ହେଲା
'କୋଡ଼ାବଗାଭୂମି' ତଳେ ।
ଢାଳିଲେ ସଲିଳ ରମଣୀରୁ ବେଗେ
ସପତମାତୃକା ଆସି,
ଅଗଣିତ ଦେବ ଦେଖି ହର୍ଷି ଅତି
ହୃଦମୁଦ ପରକାଶି ।
ଚିହ୍ନିଲ ତର୍ଜ୍ଜିରେ ଲଲାଟ ଭୂଷଣ
ଶ୍ରୀଖଣ୍ଡ ଲକ୍ଷ କରି,
ଥିଲେ ସମଲାଈ ମନ୍ଦାର-ମଣ୍ଡିତ
ଲୋହିତ ପାଟ ପିନ୍ଧାଇ ।
ସମଲାଈ ଦେଲେ ସନସକେଶ୍ୱରୀ
ଲଲାଟେ ସିନ୍ଦୂର ବିନ୍ଦୁ ।
ବିନ୍ଦୁ ଯୋଗେ ହେଲ ଶ୍ରୀମୁଖ ଶୋଭିତ
ବାଳସୂର୍ଯ୍ୟେ ଯଥା ସିନ୍ଧୁ ।
ମଙ୍ଗଳ ମାଳିକା କଳିକା ମୁକୁତା-
ମାଳ ଗୁନ୍ଥି କଣ୍ଠରେ
ପୋଇଥିଲା, ଅତି ସତରେ ଲମ୍ବାଇ-
ଦେଲ ଆସି ଦେବୀ ଗଣେଶ ।
କାରଣ୍ଡବ କଣ୍ଠେ ଦୁଲଦୁଲୀ ଦେଇ
ଲଥ ଶତଦଳମାଳା,
ଦେବଙ୍କ ହୃଦୟେ ଭକ୍ତିଭରେ ଦେଲା
ତା ପରେ ଅଂଶୁପା ବାଳା ।
୩ 'ଗନ୍ଧଗିରି' ଦେଲ ସୌରଭପୂରିତ
ନାଗେଶ୍ୱର ପୁଷ୍ପାଞ୍ଜଳି,
ଆମୋଦିତ ହୋଇ- ଗଲା ତା ସୌରଭେ
ରମ୍ୟ ଅଭିଷେକସ୍ଥଳୀ ।
୪ ସୁରେଶ୍ୱରୀ ସ୍ୱରେ ଦଶ ପତ୍ର କରି
ସାଇଥିଲେ ସୁରଚିକ୍କଣ,
ଅର୍ଚ୍ଚନା କଲେ ନବପଲ୍ଲବରେ
ଦୂର୍ବାଗ୍ର ପ୍ରଧାନ ଧନ ।
୫ 'ପଦ୍ମାସନୀ' 'ଚନ୍ଦ୍ର- ଆସନୀ' ହୃଦୟେ
ଉଭା ହୋଇଥିଲେ ଆଗେ,
ସ୍ତବ ପାଠ କଲେ ଭକତିପୂରିତ
ଲଳିତ ମଧୁର ସ୍ୱରେ ।
୬ ସ୍ୱଚ୍ଛନୀର ସର- ଭୂଷା ଇନ୍ଦୀବର-
ଭୂଷିତ 'କେଦାରନାଥ',
ଜୟ ଲକ୍ଷ୍ମୀନାଦ ଉଚ୍ଚାରିଲେ ଟେକି
ତ୍ରିଶୂଳଶୋଭିତ ହାତ ।
ବ୍ୟାସ ପଣ୍ଡିତର ଗୌତମ ଭାର୍ଗବ
ସହିତ ମୁନୀନ୍ଦ୍ରଗଣ,
ଆସି ଉଚ୍ଚସ୍ୱରେ "ଜୟ ଉତ୍କଳ-
ଲକ୍ଷ୍ମୀ" କଲେ ଉଚ୍ଚାରଣ ।

୧ । ଖଣ୍ଡାଧାର—କେଉଁଝର ଅନ୍ତର୍ଗତ ଗନ୍ଧମାଦନ ପର୍ବତରେ ପ୍ରପାତ । ୨ । ମହେଶ୍ୱରନାଥ—ସମ୍ବଲପୁର ଜିଲ୍ଲାର କୋଡ଼ାବଗା ଜମିଦାରୀସ୍ଥିତ ଗୋଟିଏ ପାହାଡ଼ଶିଖରରେ ଅବସ୍ଥିତ । ଏହି ପର୍ବତରେ 'କୋଇଲି ପୋଖରୀ' ନାମକ ଗୋଟିଏ ପ୍ରସ୍ରବଣ ଅଛି । ୩ । ଗନ୍ଧଗିରି—ସମ୍ବଲପୁର ଅନ୍ତର୍ଗତ ବୋଡ଼ାସମ୍ବର ପର୍ବତ; ଏହା ନାଗେଶ୍ୱର ବନାକୀର୍ଣ୍ଣ । ୪ । ସୁରେଶ୍ୱରୀ—ସୋନପୁରର ଅଧିଷ୍ଠାତ୍ରୀ ଦେବୀ । ୫ । ପଦ୍ମାସନୀ—ପଦ୍ମପୁରର ଅଧିଷ୍ଠାତ୍ରୀ ଦେବୀ । ଚନ୍ଦ୍ରାସନୀ—ଚନ୍ଦ୍ରପୁରର ଅଧିଷ୍ଠାତ୍ରୀ ଦେବୀ । ୬ । କେଦାରନାଥ—ଅନାବନାର ମହାଦେବ ।

ଅଶୋକ ଚରଣ- ନାଥ ବାନା ଧରି
ବୌଦ୍ଧ ଜୈନ ଦଳ ଦଳ,
ଉଚ୍ଚସ୍ୱରେ 'ଜୟ ଲକ୍ଷ୍ମୀ' ନାଦେ ଦେଲେ
କମ୍ପାଇ ନଭୋମଣ୍ଡଳ ।
ବିବିଧ ଆକାରେ ଚିତା କାଟି ଫିରେ
ବୈଷ୍ଣବମଣ୍ଡଳୀ କାଛି,
ଖୋଳ କରତାଳ ନାଦେ ନୃତ୍ୟକଲେ
'ଜୟ ଜୟ ଲକ୍ଷ୍ମୀ' ବୋଲି ।
ଧରା ଆମୋଦିତ କଲା ହୋଇ ସେହି
ସମୟେ କୁଙ୍କୁମବୃଷ୍ଟି,
କାହୁଁ ଆସୁଅଛି କୁସୁମ ବୋଲି ମୁଁ
ଗଗନକୁ ଦେଲି ଦୃଷ୍ଟି ।
ଦେଖିଲି ପ୍ରଫୁଲ୍ଲ ଧବଳ କୁସୁମ-
ଶୋଭିତ ବହୁ ବିମାନ,
ଶାରଦ ଜୀମୂତ ପ୍ରାୟେ ହେଉଛନ୍ତି
ଗଗନେ ଉଡ୍ଡୀୟମାନ ।
ବିମାନ ମଧ୍ୟରେ ଜ୍ୟୋତିର୍ମୟ ବପୁ
ଜଣେ ଜଣେ ବସିଛନ୍ତି,
ଦିଗନ୍ତ ଯେମନ୍ତେ ଘନ କୋଳେ ସ୍ଥିର
ହୋଇଅଛି ଐରାବଣୀ ।
ବିମାନ ମସ୍ତକେ ଲେଖା ହୋଇଅଛି
ବିରଳ ସୁବର୍ଣ୍ଣ ବର୍ଣ୍ଣେ,

ଲିପିମାଳା କିବା ଗଢ଼ା ହୋଇଅଛି
ଶିଶୁଭ୍ର ଖଣ୍ଡଜ ମୂର୍ତ୍ତି ।
'ଜଗନ୍ନାଥ ଦାସ' 'ବଳରାମ ଦାସ'
କରଣ 'କୃଷ୍ଣଚରଣ',
ନାମ ଦେଖି ଚହିଁ ଆନନ୍ଦେ ପ୍ରଫୁଲ୍ଲ
ହେଲା ମୋ ନୟନ ମନ ।
ପୁଣି ପାଠ କଲି 'ରାଜା କୃଷ୍ଣସିଂହ'
ମୁନୀନ୍ଦ୍ର 'ସାରଳା ଦାସ,'
'ଦୀନବନ୍ଧୁ ଦାସ' 'ଉପେନ୍ଦ୍ର ଭଞ୍ଜ'
ନାମ ହେଲା ସୁପ୍ରକାଶ ।
କରଣୀ ଅକ୍ଷରେ ଥିଲା 'ଅଭିମନ୍ୟୁ-
ସାମନ୍ତ ସିଂହାର' ନାମ,
କେତେକେ ଅଙ୍କିତ ହୋଇଥିଲା ତାଙ୍କ
ସ୍ୱର୍ଗ ମୂର୍ତ୍ତି ରାଧା-ଶ୍ୟାମ ।
ଯନ୍ତ୍ର ରଥ ଥିଲି ଚିହ୍ନିବାକୁ ସବୁ
ହେଉଥିଲି ତତପର,
ତୁଣ୍ଡ କଣ୍ଟାଦଳି ନୟନଯୁଗଳ
ଆନନ୍ଦ ଲୋତକ ଝର ।
ଏହି ଧ୍ୟାନରେ ମ୍ଲାଦିତ ହେଲି ବିହ୍ୱଳ
ତ୍ରାସି ହେଲି ପୁଲକିତ,
ମନେ ହେଲା ଭିନ୍ନି ନଖୁ ନାକଯାଏ
ହୋଇଅଛି କମ୍ପିତ ।

# ଅଯୋଧ୍ୟା ଦୃଶ୍ୟ

# ଉତ୍ସର୍ଗ

ଯେ କେତେ ତ୍ରିପୁରାଜ୍ୟରେ ଭ୍ରମଣ କରି

ମୋର ଆନ୍ତର୍ଜାତିର ପଥ ପ୍ରଶସ୍ତ ଓ

ସୁଗମ କରିବାରେ ସତତ ଯତ୍ନଶୀଳ,

ସେହି କବିତା ପ୍ରେମିକ

ସୁହୃଦ୍‌ବରେଣ୍ୟ

**ଶ୍ରୀମାନ୍ ବ୍ରଜମୋହନ ପଣ୍ଡାଙ୍କର**

କେଶାଗ୍ରୀବଙ୍କ କରକମଳରେ

ଏହି ପୁସ୍ତକ ପ୍ରୀତିର

ନିଦର୍ଶନ ସ୍ୱରୂପ

ଅର୍ପଣ କଲି ।

—ଗ୍ରନ୍ଥକାର

# ଭୂମିକା

ମୋର ରଚିତ ପଦ୍ୟ ଅପକୃଷ୍ଟ ହେଲେ ମଧ୍ୟ ବିଦ୍ୟା ଓ ବୁଦ୍ଧିର ତୁଳନାରେ ମୁଁ ନିନ୍ଦନୀୟ ହୋଇପାରିବି ନାହିଁ—ଏହା ମୋର ଗୋଟିଏ ପ୍ରଧାନ ଭରସା । ବୋଧକରେଁ, ସେହି ଭରସା ସୁଫଳ-ପ୍ରସବିନୀ ହୋଇଅଛି । ଉତ୍କଳର ଅନେକ ସମ୍ଭ୍ରାନ୍ତ ଓ ସୁଶିକ୍ଷିତ ମହାତ୍ମାଙ୍କ ଉତ୍କଣ୍ଠରୁ ପଦ୍ୟ ରଚନା ନିମନ୍ତେ ଉତ୍ସାହ ଲାଭକରି ଉତ୍ସାହରୂପ ଦୀପଶିଖାର ଆଲୋକରେ କବିତା-ରାଜ୍ୟକୁ ଅଗ୍ରସର ହୋଇଅଛି । ଏମନ୍ତ ଅବସ୍ଥାରେ ମୋ ପରି ଅନଗ୍ରଦର୍ଶୀର ପଥଭ୍ରମ ହେବାର ସ୍ୱାଭାବିକ । ଏହି ପୁସ୍ତକ ରଚନାଦ୍ୱାରା ମୁଁ କେଉଁ ଦିଗକୁ ଚାଲିଅଛି, ତାହା ସୁବିଜ୍ଞ ପାଠକବୃନ୍ଦ ଅବଧାରଣ କରିବେ ଏବଂ ସୁପଥ ପ୍ରଦର୍ଶନ କରିବାରେ ଅନୁଗ୍ରହ ପ୍ରକାଶ କଲେ ମୁଁ ଚିରବାଧିତ ହେବି ।

ପାଟଣା ରାଜ୍ୟର ପ୍ରଧାନ ଦେୱାନ ସାହିତ୍ୟପ୍ରେମିକ ଶ୍ରୀମାନ୍ ବାଳମୁକୁନ୍ଦ ବହିଦାର ମହୋଦୟ ମୋର ଜଣେ ପ୍ରଧାନ ଉତ୍ସାହଦାତା ଅଟନ୍ତି । ସେ ଏହି ପୁସ୍ତକର ତତ୍ତ୍ୱ ନେଇ ମୁଦ୍ରାଙ୍କଣର ଖର୍ଚ୍ଚ ଦେବାଦ୍ୱାରା ନିଜ ଦତ୍ତ ଉତ୍ସାହକୁ ଫଳବାନ୍ କରିଅଛନ୍ତି ।

ଏହି ସତ୍କାର୍ଯ୍ୟ ନିମନ୍ତେ ମୁଁ ତାହାଙ୍କ ନିକଟରେ ଚିରକୃତଜ୍ଞ ରହିଲି । ଏହି ପୁସ୍ତକ ସାଧାରଣଙ୍କର ସାଧାରଣ ଆନନ୍ଦ ଜନ୍ମାଇପାରିଲେ ନିଜକୁ କୃତାର୍ଥ ଜ୍ଞାନ କରିବି । ଇତି ।

ବରପୁର
ତା ୨୦ । ୧ । ୧୯୧୮

ବିନୀତ
ଶ୍ରୀ ଗଙ୍ଗାଧର ମେହେର

# ଅଯୋଧ୍ୟା କାଣ୍ଡ

## ପ୍ରଥମ ସର୍ଗ

ରାମ ରାଜା ହେବେ ବୋଲି ଅଯୋଧ୍ୟାନିବାସୀ,
ଆନନ୍ଦ-ସରିତ-ସ୍ରୋତେ ଯାଉଛନ୍ତି ଭାସି ।
ଦ୍ୱାରେ ଦ୍ୱାରେ ରମ୍ଭାତରୁ ହୋଇଛି ପ୍ରୋଥିତ
ଲମ୍ବିଛି କୁସୁମମାଳ ହୋଇ ସୁଗ୍ରଥିତ ।
ଚିକ୍କୁର ସାଜିଛି ଚୂତପଲ୍ଲବ ତୋରଣ,
କଳସ ରହିଛି ହୋଇ ସଲିଳ ପୂରଣ ।
ନଭଃସ୍ପୃଶୀ ହୋଇଛି ଧ୍ୱଜମାଳେ ମନୋହର,
ଧ୍ୱଜବସ୍ତ୍ର ଶୋଭିତ ବାତେ ଉଡ଼ି ଫରଫର ।
ରାଜପୁର ଅଭିମୁଖେ ଧାଉଁଛନ୍ତି ଲୋକେ,
ବଦନ ଉଜ୍ଜ୍ୱଳ କରି ହରଷ ଆଲୋକେ ।
ଧରିଛନ୍ତି ନାନା ରଙ୍ଗ ବସନ ଭୂଷଣ,
କରୁଛନ୍ତି ପରସ୍ପର ଚିତ୍ତ ଆକର୍ଷଣ ।
ଦରିଦ୍ରଙ୍କ ଯାହା ଥିଲା ଦେଇଛନ୍ତି ଅଙ୍ଗେ,
ଧନିଗଣ ଯାଉଛନ୍ତି ରତନ-ତରଙ୍ଗେ ।
କେତେକ ଶିଶୁ ଟିକା ପାଇଁ କରୁଛନ୍ତି ଅଳି,
କା ସଙ୍ଗେ ବସନ ପାଇଁ ଲାଗିଅଛି କଳି ।
ଜନତାରେ ପୂର୍ଣ୍ଣ ହୋଇଅଛି ରାଜପଥ,
ଯାଉଛନ୍ତି କେ ଅଶ୍ୱେ ଗଜେ କେବା ଚଢ଼ି ରଥ ।
ହେଷାରବ ଘଣ୍ଟିନାଦ ଘର୍ଘର ଶବଦ,
ଆନନ୍ଦେ କରୁଛି ପୁର-ହୃଦୟ ଗଦ୍‌ଗଦ ।
ଲଭି ଅତି ପୁଲକରେ ବଦନମଣ୍ଡଳ,
ଦ୍ୱିଜଗଣ ଧାଉଁଛନ୍ତି ଦୋଳାଇ କୁଣ୍ଡଳ ।

କେତେକ ନଟୀ ନାଚିଛନ୍ତି ଗାଇ ନୃତ୍ୟରଙ୍ଗେ,
କେତେ ଅବା ଧାଉଁଛନ୍ତି ଉଦ୍‌ବେଗରସରଙ୍ଗେ
୧ ରସନା ଶବଦ ସୁଣି ନୂପୁର ନିସ୍ୱନ,
ଶୁଣି ତାଙ୍କ ପଛେ ଧାଉଁଛନ୍ତି କେତେ ଜନ ।
ଦେଖିପିବା ପାଇଁ ଏତେ ସରଯୂ ଆକୁଳ,
ମନ ବଳାଉଛି ତେଣୁ ଲଙ୍ଘିବାକୁ କୂଳ ।
କୁମ୍ଭ ଧରି ଆସିଗଲେ ପୁରବାମାକୁଳ,
୨ ଅମୃତ ଯୋଗରେ ତହିଁ କଲେ ଅନୁକୂଳ ।
କୁଙ୍କୁମ ସୁରଭି କରି ଅଙ୍ଗ ଆଭରଣ,
ବନ ଉପବନ ଲଙ୍ଘି ଆସେ ସମୀରଣ ।
ଉଚ୍ଚାଧରେ ହସି ହସି ଆସନ୍ତି ଭାସ୍କର,
ରାଜାସନେ ଦେଖିବାକୁ ନିଜ ବଂଶଧର ।
ଖଣ୍ଡ ଖଣ୍ଡ ମେଘ ସୁବର୍ଣ୍ଣବର୍ଣ୍ଣରଞ୍ଜିତ,
୩ ଅଛନ୍ତି ସୁରପଥେ ହୋଇ ବିଭୂଷିତ ।
ରାମ ଶିରେ ଅଭିଷେକ କରିବାକୁ ଲାଳସି,
ଦେବକନ୍ୟାଗଣ ଧରି ରତନ କଳସୀ ।
୪ ମାର୍ଗରେ ପୂରଣ କରି ମନ୍ଦାକିନୀ-ଜଳ,
ଆସୁଅଛନ୍ତି କି ରଥେ ବସି ଦଳ ଦଳ ।
ହରଷ ପ୍ରଫୁଲ୍ଲ ହୃଦେ ବିହଙ୍ଗମମାନେ,
କୂଜେ କୂଜେ ମାତିଛନ୍ତି ସୁମଧୁର ତାନେ ।
ପକ୍ଷୀବେଶ ଧରି କିବା ଅପସରଗଣ,
ତୋଷୁଛନ୍ତି ଆସି ପୁରବାସୀଙ୍କ ଶ୍ରବଣ ।

୧ । ରସନା—ସ୍ତ୍ରୀକଟି ଆଭରଣବିଶେଷ । ୨ । ଅମୃତ—ଜଳ । ୩ । ସୁରପଥ—ଆକାଶ ।
୪ । ମନ୍ଦାକିନୀ—ସ୍ୱର୍ଗଙ୍ଗା ।

ସର ଉନ୍ମୀଳନ କରି କମଳଲୋଚନେ,
ଖୁଣ୍ଟିବାକୁ ଗୁଳା ଗ୍ରାମ କମଳ-ଚଳନ ।
ଉଦୟର ଶାଣେ କୋଟି କରେ ସମୁଜ୍ଜ୍ୱଳ,
ହ୍ରଦ ନୀର ହେମ ଚନ୍ଦ୍ର ରଜତ ପଟଳ ।
କୁମୁଦିନୀ କରୁ ନାହିଁ ନୟନ ମୁଦ୍ରିତ,
ତହିଁପାଇଁ ସ୍ୱସ୍ତିପାଠ ଉକ୍ତ ଅନାଦୃତ ।
ଚେଲଣ ଶାଳ୍ମଳୀ ତଳ ପରିଚ୍ଛଦ ଧରି,
ରବିରଶ୍ମି ହେମମୟ ପାଗ ଶିରେ ଭରି,
ଗିରିଶ୍ରେଣୀ ଉପରକୁ ଟେକିଛନ୍ତି ମୁଖ,
ଗ୍ରାମ ରାଜବେଶ ଗୃହୀ ଲଭିବାକୁ ସୁଖ ।
ଅଚଳ ହେତୁରୁ ନିଜେ ନ ପାରିଲେ ଯାଇ,
ତୃଣଧୂଳିପ ଦେଇଲେ ମୁନିଙ୍କୁ ପଠାଇ ।
ରାଜପୁରେ ଫିଟିଅଛି ଆନନ୍ଦନିର୍ଝର,
ନୂପୁର ନିକ୍ୱଣେ ପୁର ହୋଇଛି ମୁଖର ।
ଇନ୍ଦୁ ବିଭୂଷଣେ ରମ୍ୟ ରାଣୀଙ୍କ ବଦନ,
ପ୍ରସନ୍ନତା କରିଅଛି ତହିଁରେ ସଦନ ।
ସମସ୍ତଙ୍କ ଅଙ୍ଗେ ଶୋଭେ ମହାମୂଲ୍ୟ ବାସ,
ତରଙ୍ଗିତ ହୋଇଅଛି କୁସୁମର ବାସ ।
ନଆ ନଆ ଲାଗିଅଛି ରମ୍ୟ ଅଙ୍ଗରାଗ,
ବାଜୁ ବାଜୁ ଚନଉଛନ୍ତି ନହିଁ ଥା ସରାଗ ।
ରତ୍ନ-ଲତା ପରି ଶତ ଶତ ଦାସୀବର
ଚଗନ, ଚାରୁକୃତି ନର ସଦୃଶ ନବର ।
କୈକେୟୀର ପୁରେ କମ୍ପ ରହିଛି ପନ୍ଥଶା,
କେ ଜାଣି ତହିଁରେ କିସ ଲଟିଛି ମନ୍ତ୍ରଣା ।
ଚନ୍ଦ୍ର ଉଜ୍ଜ୍ୱଳରେ କଳଟା ତମଗର୍ଭ ଦଶା,
ଗ୍ରାମ-ପିତା ସାଉଛନ୍ତି ତହିଁରେ ଶବଶ ।
ଆନନ୍ଦ ରାଜନ୍ତ ଜଳ ନବରେ ନବରେ,
ଏକାଭି ବିଷାଦ ଥିଲା ପଟହ ୧ ମୁଖରେ ।
ତହିଁ ପ୍ରତି ପଡ଼ିବାରୁ କଠୋର ତାଡ଼ନା,
ବିଷାଦ ସ୍ୱରରେ ହେଲା ବଡ଼ମ ବେଦନା ।

ଜଣ ଜଣ ଘର ଘର ପ୍ରାସାଦ ପ୍ରାସାଦ,
ଲୋଡ଼ି ସ୍ଥାନ ନ ପାଇଲା ରଖନ୍ତ ବିଷାଦ ।
ବଂଶଦ୍ୱାର-ଜଙ୍ଘା ୨ ରୂପେ ମନ୍ଥରାଲୁ ଧରି,
ଅଛି ଏହି ରାଜପୁରେ ପରବେଶ କରି ।
ଏଣେ ଅବଲମ୍ବେ ହେବ ବିଷାଦର ଜୟ,
ଆନନ୍ଦ ତଉଦ ବର୍ଷ ଗିବ କାଶ୍ରଳୟ ।
ପ୍ରକୃତ ଆନନ୍ଦସୀମା ପାଉଅଛି ମାଡ଼ି,
ସ୍ୱଚ୍ଛୀ ଅଗ୍ର ସମ ଭୂମି ହୋଇ ନାହିଁ ଛାଡ଼ି ।
ନ ବାଛ ଦରିଦ୍ର ଧନୀ କରୁଅଛି କୋଳ,
ଆଡ଼ମ୍ବରେ କରୁଅଛି ମଦ ଦେଇ ଟୋଳ ।
ସୁବର୍ଣ୍ଣ ଭୂଷିତ ହୋଇଅଛି ଅଭିଷେକ ଘର,
ରତ୍ନସିଂହାସନ ତହିଁ ମଧ୍ୟେ ମନୋହର ।
ଧବଳ ଚାମର ହେମଦଣ୍ଡ ରାଜଛତ୍ର,
ଅକ୍ଷତ ତଣ୍ଡୁଳ ଦୁବା କୁବଳୟ ୩ ପତ୍ର ।
ସ୍ୱର୍ଣ୍ଣପାତ୍ରେ ଶ୍ୱେତ ପୁଷ୍ପ କର୍ପୂର ଚନ୍ଦନ,
ସ୍ୱର୍ଣ୍ଣ ଆଦି ଧାତୁ ସହ ଓଷଧ ରତନ ।
ଶତ ଶାତକୁମ୍ଭ ୪ କୁମ୍ଭେ ପୂର୍ଣ୍ଣ ତୀର୍ଥ ଜଳ,
ମୁଖେ ଧରିଛନ୍ତି ରକ୍ତ ଅସିତ କମଳ ।
ଶ୍ୱେତ ଦୃଢ଼ାଙ୍ଗ ଚଞ୍ଚଳ ତୁରଙ୍ଗ,
ଶ୍ୱେତ ବୃଷବର ୫ ପୁଷ୍ପମଣ୍ଡିତ ଧବଳ ।
ଅଳଙ୍କୃତା ସୁବସନା ସୁଷ୍ଠ ସୁକୁମାରୀ,
କୁସୁମେ ଶୋଭିତ ବେଶ ଆଠଟି କୁମାରୀ ।
ଅଖଣ୍ଡିତ ବ୍ୟାଘ୍ରଚର୍ମ ସ୍ୱର୍ଣ୍ଣଶୃଙ୍ଗ ବୃଷ,
ଶ୍ୱେତ ଗଜରାଜ ଇନ୍ଦ୍ର ବାରଣ ସଦୃଶ ।
ମଧୁସର୍ପୀ ୬ ଲାଜ ଆଦି ହୋଇ ସୁସଜ୍ଜିତ,
ଯଥାସ୍ଥାନେ ହୋଇଛନ୍ତି ସଜ୍ଜିତେ ରକ୍ଷିତ ।
ବସିଛନ୍ତି ବଶିଷ୍ଠାଦି ମହର୍ଷିସକଳ,
ରତ୍ନପାଣି ପ୍ରତୀକ୍ଷିତ ସରବନମଣ୍ଡଳ ।
ଅଲିନ୍ଦରେ ୭ ବସିଛନ୍ତି ସାମନ୍ତ ସମାଜ,
ପ୍ରତି ଅଙ୍ଗେ ରାଜୁଅଛି ରତ୍ନମୟ ସାଜ ।

୧ । ପଟହ—ବାଦ୍ୟଯନ୍ତ୍ର । ୨ । ବୀକଦ୍ୱାର୍ଜଙ୍ଘ—ଉକିଲ । ୩ । କୁବଳୟ—ବାଟକୋଲ ୪ । ଶାତକୁମ୍ଭ—ସ୍ୱର୍ଣ୍ଣ । ୫ । ବୃଷ—ଅଶ୍ୱ, ଘୋଡ଼ା । ୬ । ସର୍ପୀ—ଘୃତ । ୭ । ଅଲିନ୍ଦ—ବାରଣ୍ଡା ।

ଚତୁଷ୍ପାର୍ଶ୍ୱରେ ବସିଛନ୍ତି ଗଣ୍ୟ ମାନ୍ୟଗଣ,
ପୁରବାସୀସମୂହରେ ପୂରିଛି ପ୍ରାଙ୍ଗଣ ।
ସହସ୍ର ସହସ୍ର ସାଦୀ[୧] ହୋଇ ସୁସଜ୍ଜିତ,
ଚବନ ଶ୍ରେଣୀ ହୋଇ ଅସ୍ତ୍ର ଶସ୍ତ୍ର ସହିତ ।
ସ୍ୱର୍ଣ୍ଣମୟ ପରିଚ୍ଛଦେ ମଣ୍ଡି ଗଜପୃଷ୍ଠ,
ହସ୍ତିପକେ[୨] ବସିଛନ୍ତି ଗର୍ବେ ହୋଇ ହୃଷ୍ଟ ।
କଟିତଟେ ଅସି ବାନ୍ଧି ଶୂର ଯୋଦ୍ଧାଗଣ,
କରୁଛନ୍ତି ସମୁନ୍ନତ ବକ୍ଷେ ବିଚରଣ ।
ବାଜୁଛି ଅଦୂରେ ମନ୍ଦ୍ର ଗମ୍ଭୀର ବାଜଣା,
ବାଦ୍ୟକ୍ରମେ ନାଚୁଛନ୍ତି ବେଗେ ବାରାଙ୍ଗନା ।
ଅଭିଷେକ ଆୟୋଜନ କିଛି ନାହିଁ ବାକି,
ଅଛନ୍ତି କେବଳ ରାମ ଆଗମନ ଟାକି ।
ବଶିଷ୍ଠ ଦେଖିଲେ ଏବେ ସମୟ ନିକଟ,
ନ କଲେ ନ ଚଳେ ତାହା ନେତ୍ରେ ଦେଖି ପ୍ରକଟ
ସୁମନ୍ତ୍ର ଚଳିଲେ ତହୁଁ ବଶିଷ୍ଠ ଆଦେଶେ,
ଉପଗତ ହେଲେ ଯାଇ ରାଜଦ୍ୱାରଦେଶେ ।
ଭିତରକୁ ଯାଇ ପୁଣି ପାଇ କି ଆଦେଶ,
ଶ୍ରୀରାମ ସଦନେ ଯାଇ ହୋଇଲେ ପରବେଶ ।
ବାହାରିଲେ ରାମଚନ୍ଦ୍ର ରମ୍ୟ ରଥେ ବସି,
ପୂର୍ଣ୍ଣିମା ପ୍ରଦୋଷେ ଯଥା ପ୍ରାଚୀଦିଗେ ଶଶୀ ।
ଉଚ୍ଚସ୍ୱରେ ସ୍ତବପାଠ କଲେ ବନ୍ଦୀଗଣ,
ଚନ୍ଦ୍ର ଦରଶନେ କି ଏ ସାଗର-ଗର୍ଜ୍ଜନ ।
ଲକ୍ଷ୍ମଣ ଧଇଲେ ଶିରୁ ଧବଳ ଚାମର,
ମହୋଦଧି-ବକ୍ଷେ କି ଏ ଫେନ ମନୋହର ।
କୁସୁମ ବର୍ଷଣ କଲେ ପୁରବାଳାଗଣ,
ସାଗର-ବକ୍ଷରୁ ଯେହ୍ନେ ଉଠେ ଜଳକଣ ।
ଜନତା ଚାହିଁଲେ ରାମେ ଅସଂଖ୍ୟ ନୟନେ,
କୁମୁଦବନ ଯଥା ଚାହେଁ ଚନ୍ଦ୍ରଧନେ ।
ଦରହାସ ଚନ୍ଦ୍ରିକାରେ ସର୍ବଜନ ମନ,
ଆଲୋକିତ କରି କଲେ ଶ୍ରୀରାମ ଗମନ ।
ପିତାଙ୍କ ଭବନ ମଧ୍ୟେ ହୋଇଲେ ଉପଗତ,
ଚାହିଁଥାନ୍ତି ଲୋକେ ତାଙ୍କ ଆଗମନ ପଥ ।

କିଛିକ୍ଷଣ ପରେ ରାମ କଲେ ଆଗମନ,
ପୂର୍ବପରି ଦରହାସମଣ୍ଡିତ ବଦନ ।
ତହିଁ ଗାଢ଼ ଗମ୍ଭୀରତା ହୋଇ ସୁବ୍ୟଞ୍ଜିତ,
କରୁଅଛି ସାଧାରଣ ମାନସ ରଞ୍ଜିତ ।
ଉଲ୍ଲାସରେ ମିଶି କିନ୍ତୁ ବିଷାଦର ଛାଇ,
ଲକ୍ଷ୍ମଣଙ୍କ ବଦନକୁ ଦେଉଅଛି ଛୁଇଁ ।
ନ ଗ୍ରହି ଚାମର କରେ ମାତ୍ର ଛତ୍ର ବହି,
ଅନର୍ଗଳ ଅଶ୍ରୁଧାର ଯାଉଅଛି ବହି ।
ଭାବୁଛନ୍ତି ଜନେ ଏବେ ଶ୍ରୀରାମ ଆସିବେ,
ଅଭିଷିକ୍ତ ହୋଇ ରାଜ-ଆସନେ ବସିବେ ।
ବନ୍ଦିବାକୁ ଯାଇଥିଲେ ଜନକ ଚରଣ,
ନିଶ୍ଚିତ ବେଶ ସେନ କରୁଛନ୍ତି ଆଗମନ ।
ବନ୍ଦୀଗଣ ସ୍ତବ ଗାନ କଲେ ଉଚ୍ଚସ୍ୱରେ,
ବାଜିଲା ବିବିଧ ବାଦ୍ୟ ବିବିଧ ରଙ୍ଗରେ ।
ତତକ୍ଷଣି ଭେଦି ସୁଜାଙ୍କର ମହୋଚ୍ଚ ସଦନ,
ଉଠିଲା ରମଣୀକଣ୍ଠେ ମହୋଚ୍ଚ ରୋଦନ ।
କି ହେଲା କି ହେଲା ବୋଲି ଚକିତ ଲୋଚନେ
କୁହାକୁହି ହେଲେ ଲୋକେ ବିସ୍ମିତ ବଚନେ
ଶ୍ରୀରାମ ଆସନ୍ନ କରି ଚରଣ ଶରଣ,
ବନ୍ଦୀଗଣ ବନ୍ଦ କଲେ ଉଚ୍ଚ ଉଚ୍ଚାରଣ ।
କ୍ରମେ ସ୍ତମ୍ଭୀଭୂତ ହେଲେ ବାଦ୍ୟକରଗଣ,
ଜନ କୋଳାହଳ କିନ୍ତୁ ଭେଦିଲା ଗଗନ ।
ଚାଲି ଚାଲି ଗଲେ ରାମ ଜନନୀ ସଦନ,
ତହୁଁ ପୁଣି ତତ୍କ୍ଷଣେ ଉଠିଲା ରୋଦନ ।
ଶୁଣି ପାଇ ପ୍ରିୟତମା ବୈଦେହୀ ସନ୍ତ୍ରସ୍ତେ,
ତାଙ୍କୁ ଦେଖି ବାହାରିଲେ ଅମଳିନ ମୁଖେ ।
ସଙ୍ଗେ ସଙ୍ଗେ ଚାଲିଥାନ୍ତି ସୁଶୀଳ ଲକ୍ଷ୍ମଣ,
ଦଶରଥ ଭବନକୁ ଗଲେ ତିନି ଜଣ ।
ବାହୁଡ଼ିଲେ ଜନନୀଙ୍କ ନିକଟୁ ଅଚିରେ,
ଦୁକୂଳ ବଦଳେ ଶୋଭି ମୁନିଯୋଗ୍ୟ ଚୀରେ[୩]
ଚାହିଁ ଲୋକେ ଶ୍ରୀରାମଙ୍କ ଅଦ୍ଭୁତ ଭାବ,
ମୁଖାମୁଖେ ବ୍ୟକ୍ତକଲେ "ଏ କି ଏ କି" ରବ ।

୧ । ସାଦୀ—ଅଶ୍ୱାରୋହୀ । ୨ । ହସ୍ତିପକ—ଗଜାରୋହୀ । ୩ । ଚୀର—ଛିନ୍ନ ବସ୍ତ୍ରଖଣ୍ଡ ।

ଯେ ଦେଖିଲା ସେ ବୁଡ଼ିଲା ଗାଢ଼ ଖେଦରସେ,
ଜ୍ଞାନ ନ ରହିଲା ପଶି ସେ ଘୋର ରହସ୍ୟେ ।
କାନ୍ଦି କାନ୍ଦି ସ୍ୱର୍ଣ୍ଣଚୂଡ଼ ଅଟାଳୀ ଉପରେ,
ଉଡ଼ି ବୁଲୁଥିଲେ ରାମ ପୋଷିତ ଦ୍ୱିଜରେ ।
ନଦୀକୁ ନଗରକୁ ତାଙ୍କ ବହାଇ ଅଶ୍ରୁବୃଷ୍ଟି,
ବାରମ୍ବାର ବୋଧ କରି ଦେଉଥାଏ ଦୃଷ୍ଟି ।
ରଥଚକ୍ରୁଁ ବାହାରିଲା ଦାରୁଣ ନିସ୍ୱନ,
ରାଜ୍ୟ ଛାଡ଼ି ରାମଚନ୍ଦ୍ର ଯାଉଛନ୍ତି ବନ ।
କୈକେୟୀଙ୍କି ମହାରାଜ ଦେଇଛନ୍ତି ବର,
ରାଜ୍ୟ ଅଧିକାରୀ ହେବ କୈକେୟୀକୁମର ।
ପଶିଲା ସେ ଶବଦ ବଦନେ ବଦନେ,
ସ୍ଥାନେ ସ୍ଥାନେ ପଥେ ପଥେ ସଦନେ ସଦନେ
ସଙ୍ଗେ ସଙ୍ଗେ ଉଠିଗଲା ମହା ହାହାକାର,
ଗଣ୍ଡେ ଗଣ୍ଡେ ପ୍ଲାବିଗଲା ଲୋତକ ଧାର ।
ଉଠିଲା କ୍ରନ୍ଦନ-ଧ୍ୱନି-ଲହରୀ-ପ୍ରବଳ,
ଶୋକ-ସିନ୍ଧୁ-ବକ୍ଷେ ପୁର ହେଲା ଟଳମଳ ।
ଖସିଲା ସୁବର୍ଣ୍ଣମୟ ନରେନ୍ଦ୍ର ଭବନ,
ସତେ ଯେହ୍ନେ ଅଳଂକୃତ ରାଜ-ଜାମ୍ବାବତୀ ।
ଖସିଲା ସୁରମ୍ୟ ରାଜରତ୍ନସିଂହାସନ,
ଖସିଲା ଧବଳ ଛତ୍ର ଚାମର ବ୍ୟଜନ ।
ରତନକଣ୍ଠ ହାର ହେଲେ ଭସମାନ,
ତହିଁ ସଙ୍ଗେ ସ୍ୱର୍ଣ୍ଣରଥ ଗଜ ଅଶ୍ୱମାନ ।
ଶସ୍ତ୍ରଧାରୀ-ଶୂରଦଳ ଖସିଗଲେ ଅକୂଳେ,
ବନ୍ଦିବୃନ୍ଦ ଭଳି ବସି ଦେଖୁଥାନ୍ତି କୂଳ ।
ବୁଝିଲେ ସଚିବବୃନ୍ଦ ସକଳ ଘଟଣା,
ରାମ ତହିଁ ଉତ୍ତରରେ କି କରିବ ମନା ।
କଲେ ନାହିଁ କୈକେୟୀଙ୍କ ସହିତ ଧରିବାନ,
ବୋଇଲେ ଅଖଣ୍ଡନୀୟ ଈଶ୍ୱର ବିଧାନ ।
ରାମଚନ୍ଦ୍ର ଲକ୍ଷ୍ମଣ ସୀତା ସଙ୍ଗେ ରଥବରେ,
ଦଣ୍ଡକାରଣ୍ୟେ ଗତିପଥ ହେଲା କଷ୍ଟକର ।
ଶ୍ରାବଣ-ସଜଳ-ସ୍ରୋତରୂପେ ଜନଗଣ,
ଆର୍ତ୍ତନାଦ କଲେ କରି ରଥର ଗର୍ଜ୍ଜନ,
ରାମ ରଥ ସ୍ରୋତକୂଳେ ହେଲେ ପ୍ରବାହିତ,
ଚଳିଲେ ଶ୍ରୀରାମ ତହିଁ ତପୋବନ ପ୍ରେରିତ ।

ଲୋକଲୋକ ଭେଦି ଲୋକ ଦଳ ଦଳ ଆସି,
ଦେଖନ୍ତି ଶ୍ରୀରାମ-ମୁଖ ହସ୍ୟ ପ୍ରକାଶି ।
ଭସାଇ ନୟନ-ଜଳେ ସର୍ବ ଉପବନ,
କରୁଥାନ୍ତି ରାମ ଗତିପଥର ସଜନ ।
ରାମ ତାଙ୍କୁ ବୋଲୁଥାନ୍ତି ଟେକି ବେନି କର,
"ପିତୃସତ୍ୟ-ପଥେ ମୋତେ କଣ୍ଟକ ନ କର
ପିତାଦେଶ ପାଳିବାର ପୁତ୍ରର ଧରମ,
ସୁଦୃଢ଼ ବ୍ରତ ପୁଣି ପ୍ରଧାନ କରମ ।
ସର୍ବ ଦେବତାଙ୍କୁ ପିତା ଅଟନ୍ତି ପରମ,
ଏଣୁ ପିତୃଭକ୍ତି ସର୍ବ ଉପରେ ପରମ ।
ସେ ମହାତ୍ମାଙ୍କର ମୋତେ ମିଳିଛି ସମସ୍ତ,
ଶୁଭବାଞ୍ଛା କର ମୋର ବନ୍ଦୁ ହେଉ ସ୍ୱସ୍ତ ।
ପିତୃକାର୍ଯ୍ୟ ଦେବା ପାଇଁ ପିତୃଦତ୍ତ ପ୍ରାଣ,
କୁଣ୍ଠିତ ସେ ତାହାଠାରୁ କେ ଅଛି ଅଜ୍ଞାନ ।
ରାଜଭକ୍ତ ପ୍ରଜା ତୁମ୍ଭେ ରାଜାଙ୍କର ଧନ,
ରାଜକାର୍ଯ୍ୟ ଦେଇପାର ଦୁର୍ଲ୍ଲଭ ଜୀବନ ।
ନଶୁଥାଅ ନୃପତିଙ୍କି ସାକ୍ଷାତ ଈଶ୍ୱର,
ସତ୍ୟଭ୍ରଷ୍ଟ, ସତ୍ୟବ୍ରତ ନୃପଙ୍କୁ ନ କର ।
ଆଜିଠାରୁ ଏ ରାଜ୍ୟରେ ଭରତ ନୃପତି,
ତାଙ୍କ ପ୍ରତି ରଖ ସର୍ବ ଅଟଳ ଭକତି ।"
ଶ୍ରୀରାମଙ୍କ ଏ ଅପ୍ରିୟ ମଧୁମୟ-ବାଣୀ,
ପ୍ରଜାବୃନ୍ଦ ଶୋକ-ସିନ୍ଧୁ-ହୃଦ ଦେଲା ହାଣି
ବୋଇଲେ, "ନୃପତି କର୍ମ୍ମ କଲେ ଅବିଚାର,
ନାରୀଙ୍କ ବଚନେ ହେଲା କଲଙ୍କ ସଂହାର ।
ଅବିବେକ ନୃପ ରାଜ୍ୟ କରିବାର ବର,
ସର୍ପଠୁ ବ୍ୟାଘ୍ରଠୁ ବଳି ଅଟଇ ଭୟଙ୍କର ।
ତୁମ୍ଭ ପରି ସୁବିବେକୀ ଛୁଟିଲେ ବଚନ ବାସ,
ଦୁଷ୍ଟି-ଦ୍ୟୁତି ହେବ ଦୁର୍ମୁଖରେ ଆବାସ ।
ନିଶ୍ଚେ ରାମ ଯଦି ତୁମ୍ଭେ ଯାଉଅଛ ବନ,
ଚାଲ ଆମ୍ଭେ ତୁମ୍ଭ ସଙ୍ଗେ କରୁଛୁଁ ଗମନ ।"
କହି ରାମ ସଙ୍ଗେ ସଙ୍ଗେ ପୁରବାସୀ ଜନେ,
ଚଳିଲେ ବିଷାଦ-ପ୍ରେମ-ପୂରିତ-ଜୀବନେ ।
ଅର୍ପିତ ଯମୁନା ଜଳେ ଶୁଭ୍ର ଗଙ୍ଗାଜଳ—
ଆଭାହୀନ ହେଲା ତାଙ୍କ ବଦନମଣ୍ଡଳ ।

ଚନ୍ଦ୍ରପରିବେଶ ୧ ଚନ୍ଦ୍ର ସଙ୍ଗରେ ଯେସନ,
ରାମଚନ୍ଦ୍ର ବେଢ଼ି କଲେ ପ୍ରଜାଏ ଗମନ ।
ଅଟାଳୀ ଉପରେ ଥାଇ ପୌରନାରୀଗଣ,
ନୟନନୀରେ ଦେଖୁଥାନ୍ତି ରାମ ନିଷ୍କ୍ରମଣ ।
କୁଙ୍କୁମାକ୍ତ-ବସ୍ତ୍ରେ ତାଙ୍କ ସାଉଁଳାଡ଼ି ଧରି,
ରକ୍ତବର୍ଣ୍ଣ ସୂର୍ଯ୍ୟ ମୁଖ କଲା କଦାକାରି ।
ସେହୁ ଦୃଶ୍ୟ ଦେଖିହେଲା ଅଯୋଧ୍ୟା ନଗରୀ,
ଦୁଃଖେ ଭଳି କାନ୍ଦିବାକୁ ବନ୍ଧ୍ୟମୁଖ ଧରି ।
ଅନୁରୂପ ଅଶ୍ରୁ କରି ଅସ୍ର ୨ ବିସର୍ଜନ,
ମୁଣ୍ଡେ ମାରି ପଡ଼ି ହେଲେ ଆପଣେ ଆପଣ ।
ବିଟଙ୍କ ୩ ମଧ୍ୟରେ ଥାଇ ଗୃହବଧୂ ପରି,
ପାରାବତେ କାନ୍ଦୁଥିଲେ ଗୃହଚ୍ଛିଦ୍ରକୁ କରି ।
ବୃକ୍ଷୁଁ ବୃକ୍ଷେ ଉଡ଼ି ଅନ୍ୟ ବିହଙ୍ଗ ସକଳ,
ରାମ ଯିବା ଦିଗେ ଗଲେ କରି କୋଳାହଳ ।
ମୟୂର ମୟୂରୀ କରି ଗମ୍ଭୀର ଆରବ,
କଲେ ରାମ ସଙ୍ଗେ ବନ ଗମନ ଆରମ୍ଭ ।
ଘୋଟକବୃନ୍ଦ ଘୋଡ଼ାଇଲେ ନୟନ ଧୂମ୍ରଜଳ,
ଅଶ୍ରୁସିକ୍ତ ହୋଇଥାନ୍ତି ବାଳୁକାସକଳ ।
ହୁଁ ହୁଁ ହୁଁ ହୁଁ ରେ କରି ଗାଈ ଥାନ୍ତି ଧାଇଁ,
ସଚକ୍ଷୁ ନୟନେ ରାମ ଆଡ଼କୁ ଅନାଇ ।
ସେ ଦିଗେ ଲମ୍ଫି ହେଲେ ଛତ୍ର ମୃଗମାନ,
ସେ ଦିଗେ ସରଯୂସ୍ରୋତ ହେଲା ଧାବମାନ ।
ମାର୍ଗାଗ୍ରେ ତଟେ ତଟେ ଦେଲା ଘୋର ଜଳ,
ସ୍ଥିର ଗତି ରାମ ସଙ୍ଗେ ଯିବା ପାଇଁ ଚଳ ।
ତାଙ୍କ କଳି ଶୁଣି ଘୋଡ଼ା ହ୍ରେଷାଙ୍କନ ରଣି,
ବନ ଯିବା ପାଇଁ କଲେ ପଥ ଅନ୍ୱେଷଣ ।
ଏମନ୍ତେ ନଗରେ ହେଲା ମହାକୋଳାହଳ,
ଏକା ରାମଚନ୍ଦ୍ର ପାଇଁ ସମସ୍ତେ ବିକଳ ।

# ଦ୍ୱିତୀୟ ସର୍ଗ

ରାମ ରାଜସିଂହାସନ କରି ବିସର୍ଜନ,
କରିବାକୁ ବିମାତାର ତୋଷ ବିବର୍ଦ୍ଧନ,
ବିମାତା ବଚନକୁ ଶୁଣି ପିତାଙ୍କ ଆଦେଶ,
ଗହନ ଗମନକଲେ ଧରି ଯୋଗିବେଶ ।
ରତ୍ନପୁର ରାଜସୁଖ ବିଷ ତୁଲ୍ୟ ମଣି,
ପତିଙ୍କ ପୟରସେବା ସ୍ୱର୍ଗସୁଖେ ଗଣି,
ପତିଭକ୍ତିପରାୟଣା ଜନକନନ୍ଦିନୀ,
ହେଲେ ପ୍ରାଣପତିଙ୍କର କାନନସଙ୍ଗିନୀ ।
ରଖିବାକୁ ଜଗତେ ଭ୍ରାତୃଭକ୍ତିନିଦର୍ଶନ,
ଏକପ୍ରାଣ ସଉଭ୍ରାତ୍ର କରି ପ୍ରଦର୍ଶନ,
ସ୍ୱପଦବୀ ଲବ ତୁଲେ ସେ ସଙ୍ଗେ ଗମନ,
କଲେ ବିମାତାଙ୍କ ସୁତ ଅନୁଜ ଲକ୍ଷ୍ମଣ ।
ପୁତ୍ରଶୋକେ ପ୍ରାଣ ଦେଲେ ରାଜା ଦଶରଥ,
ସତ୍ୟାଚାର ସତ୍ୱବର ଚଢ଼ି ଦିବ୍ୟରଥ,
ଫଳାଇ ତପସ୍ୱୀ-ଶାପ ଜୀବନ ଜବରେ,
ଦିବ୍ୟଦେହେ ବିଜେକଲେ ଅମରନଗରେ ।
ଧୃଷ୍ଟ ଯାର ପିଶାଚିନୀ ପାଳନେ ତତ୍ପର,
ଦୁର୍ଗ ସିଂହାସନ ତାର ଦେଲେହେଁ ମାତର ।
ଶ୍ରୀରାମଙ୍କ ପଣ ଦେଖି ଅତୁଳ ଅଟଳ,
କୈକେୟୀନନ୍ଦନ ବୀର ଅଗ୍ରଜବତ୍ସଳ,
ହୋଇ ରାଜସୁଖ ରାଜଭୋଗରୁ ବିରତ,
ଯୋଗିବେଶେ ନନ୍ଦୀଗ୍ରାମେ ରହିଲେ ଭରତ ।
ରାମ ହେଲେ ବନବାସୀ ଧର୍ମ ହେଲେ ନାଶ,
ପୁରର ଶ୍ରୀ ଯୋଗିବେଶ ନନ୍ଦୀଗ୍ରାମେ ବାସ,

୧ । ଚନ୍ଦ୍ରପରିବେଶ—ଚନ୍ଦ୍ରମଣ୍ଡଳ । ୨ । ଅସ୍ର—ରକ୍ତ । ୩ । ବିଟଙ୍କ—ପାରାକୋଠି

ରାଜନବରର ଶତ ଶତ ରାଣୀ ମୁଖେ
ଶୁଣନ୍ତ କୈକେୟୀ ବୃତ୍ତି ଶୁଣିଲେ ଦୁଃଖେ ।
ହୃଦୟକନ୍ଦରେ ତାର ଅନୁତାପାନଳ,
ପ୍ରଧୂମିତ ହୋଇ କଲା ଜୀବନ ବିକଳ ।
ଲଗାଇଲେ ହୁତାଶନ ଚଣ୍ଡାଳୀ ଭବନେ,
ନିଜ ଗୃହ ଦହେ ଏହା ନ ଥିଲା ତା ମନେ ।
ରାଣୀମାନଙ୍କର କରୁ ଖସିଛି କଙ୍କଣ ୧,
ନୟନରେ ଅବିରତ ହୋଇଛି କଙ୍କଣ ୨ ।
ଲଲାଟରେ ନାହିଁ ଆଜ ସିନ୍ଦୂରର ବିନ୍ଦୁ,
ବିଷାଦ-ଝଟିକାକୁଳ ମୁଖ ଶୋକ ସିନ୍ଧୁ ।
ପୁତ୍ରର ବିରହେ ପୁଣି ସ୍ୱାମୀର ବିରହ,
କୌଶଲ୍ୟା-ହୃଦୟ ଦାହ କରେ ଅହରହ ।
ମନ ଦୁଃଖ ମନେ ମାରି ସୁମିତ୍ରା ସଜନୀ,
ନିକଟେ ତାଙ୍କର ଅଛି ଦିବସ ରଜନୀ ।
ସବୁ ରାଣୀ ଧରିଛନ୍ତି ବିଧବାର ବେଶ,
ରାମ ହେତୁ ସବୁଙ୍କର ହୃଦୟରେ କ୍ଲେଶ ।
ନାହିଁ ଆଉ ଶରୀରରେ କିଛି ଅଳଙ୍କାର,
ବାହାରୁଛି ସମସ୍ତଙ୍କ ମୁଖୁଁ ହାହାକାର ।
ରାଜପୁର ହୋଇଥିଲା ବସନ୍ତ-କାନନ,
ହସୁଥିଲା ପୁଷ୍ପରୂପେ ରାଣୀଙ୍କ ଆନନ ।
ରାମ ତହିଁ ଚନ୍ଦ୍ର, ସୀତା ଚନ୍ଦ୍ରିକା ସୁନ୍ଦର,
ଖେଳୁଥିଲେ ସଞ୍ଜନିଶି ହୋଇ ପିକବର ।
ମନ୍ଥରା-ମନ୍ତ୍ରଣା-ମେଘ ଆସି ଅକସ୍ମାତ,
ସବୁ ନଷ୍ଟ କଲା କରି କରକା ବିଘାତ ।
ନାହିଁ ଚନ୍ଦ୍ର, ନାହିଁ ଆଉ ଚନ୍ଦ୍ରିକାର ଛଟା,
ହୋଇଛନ୍ତି କେବଳ ଗାଢ଼ ବିଷାଦର ଘଟା ।
ଶୁଭୁ ନାହିଁ କୋକିଳର ମଧୁର କୂଜନ,
ନଷ୍ଟ ଭ୍ରଷ୍ଟ ହୋଇଅଛି ମନୋହର ବନ ।
ଆଶା ଥିଲା କୈକେୟୀର ରାଜସିଂହାସନେ,
ଭରତ ବସିବ ଦେଖିବ ପ୍ରସନ୍ନ ବଦନେ ।
ଭରତ-ଜନନୀ ହେବ ପାଟମହାଦେଈ,
ଆନନ୍ଦେ ମଜ୍ଜିବ ନିଜେ ମନ୍ଥରାକୁ ନେଇ ।

ଅଇଲା ବିଷାଦ-ସିନ୍ଧୁ-ତରଙ୍ଗ ପ୍ରବଳ,
ଆଶା-ବାଲିବନ୍ଧ ଶିରେ ମାଡ଼ିଗଲା ଜଳ ।
ଯେଉଁ ପୁର ହୋଇଥିଲା ଆନନ୍ଦର ଘର,
ନୃତ୍ୟ କରୁଥିଲା ଯହିଁ ଶୋଭା ନିରନ୍ତର,
କାମିନୀ-କୋମଳ-କଣ୍ଠ-ମଧୁର-ସଙ୍ଗୀତ,
କଲ୍ଲୋଳିତ ହୋଇ ଯହିଁ ମୋହୁଥିଲା ଚିତ୍ତ,
ବାଜି ଯହିଁ ମନୋମୁଗ୍ଧକର ବାଦ୍ୟମାନ,
ଅମୃତରେ ଅଭିଷିକ୍ତ କରୁଥିଲା ପ୍ରାଣ,
ଅଗୁରୁ ଧୂପର ଘଟା କୁଙ୍କୁମର ବାସ,
ଆମୋଦିତ କରୁଥିଲା ସେ ପୁର ଆକାଶ;
ସେ ପୁରେ ପୂରିଛି ଆଜି କେବଳ ବିଷାଦ,
ସୁଖ ନାହିଁ ଶାନ୍ତି ନାହିଁ ନାହିଁ ହର୍ଷନାଦ ।
ରମଣୀ ନୂପୁରଧ୍ୱନି ଶ୍ରବଣଦୁର୍ଲଭ,
ରାଜପ୍ରାସାଦେ କେଉଁଠି ଆଉ ନାହିଁ ସୁସ୍ତବ ।
ଯୋଗୀ ଭିକ୍ଷାରୀଏ ରାମମାତା ପାଖେ ଆସି,
ଭିକ୍ଷା ନେଇଯାନ୍ତି ରାମ ମଙ୍ଗଳ ମନାସି ।
ଯୋଗୀ ବନବାସୀ ଦେଖି ଶ୍ରୀରାମଜନନୀ,
ଦିଅନ୍ତି ବାଞ୍ଛିତ ଦ୍ରବ୍ୟ ସୁତ ପ୍ରାୟେ ମଣି ।
ପଚାରନ୍ତି ବାବା, ତୁମ୍ଭେ ବାସ କର ବନେ,
ଖାଇବାକୁ କି କି ଦ୍ରବ୍ୟ ମିଳଇ କେମନେ ?
ପ୍ରାଣ କି ବଞ୍ଚଇ ବାବା ଫଳମୂଳ ଖାଇ,
ତାହା ହେଲେ ନଗରକୁ ଆସନ୍ତି କପାଇଁ ?
ବର୍ଷା ଶୀତ ଆତପରେ ରହୁଥିବ କ୍ଲେଶେ,
କି ଉପାୟ କରିବ ବା ଯୋଗୀ ବନଦେଶେ ?
କି କାରଣେ ବନେ ରହ ନଗରେ ନ ଆସି,
ବିମାତା କି ହରିନେଲା ତୁମ୍ଭ ସୁଖରାଶି ?
ହେଉଥିବ ତୁମ୍ଭ ମାତା ହୃଦୟ ଆକୁଳ,
ଘର ଛାଡ଼ି କିମ୍ପା ଆସି କଲ ତରୁମୂଳ ।
ଏରୂପେ ସସ୍ନେହେ ପୁଣି ନାନା କଷ୍ଟମାନ,
ବିବିଧ ପଦାର୍ଥ ତାଙ୍କୁ କରନ୍ତି ପ୍ରଦାନ ।
ଧନ ଉଷ୍ଣାନକ ୩ ସୃଷ୍ଟ ଶୀତହର ବାସ
ଦିଅନ୍ତି, କହଇ ଆଉ ଦ୍ରବ୍ୟ ଯେବେ ଆଶ ।

୧। କଙ୍କଣ—କରଭୂଷଣ । ୨। କଙ୍କଣ—ଜଳକଣଧାରା । ୩। ଉଷ୍ଣାନକ—ଘାଙ୍ଗରା ।

ବୋଲନ୍ତି ଏ ଦ୍ରବ୍ୟମାନ ଥାଏ ତହିଁ ମନା,
ଅନୁରୋଧ ରଖି ବଣ ନ ହୋଇ ଉନମନା ।
ବାତ୍ସଲ୍ୟ-ମମତା-ମିଶା ସେ ମିଷ୍ଟ ବଚନ,
ଆଦରେ ବୁଝାଇ ବୋଧ ଦେବା ନୃପଙ୍କ ମନ ।
ଅଯାଚିତ ଭାବେ ହୁଏ ଏ ସକଳ ଦାନ,
ସବୁ ଦାନଠାରୁ ଏହି ଦାନ ହିଁ ପ୍ରଧାନ ।
ବନବାସୀ ଚିହ୍ନିଗଲେ କୌଶଲ୍ୟା-ନନ୍ଦନେ,
ରାମ ସତ୍ତ୍ୱମୟ, ପଡ଼େ ହୃଦୟ-ଦର୍ପଣେ ।
କୌଶଲ୍ୟା-ନନ୍ଦନେ ସଜନବାନ୍ଧବ ସକଳ,
ରାମ କଷ୍ଟ ଦୂରେ ହେଥ କରନ୍ତି ଉଜ୍ଜ୍ୱଳ ।
ଉତ୍ତମ ପକ୍ଷୀଙ୍କ ଦେଖି ଚିହ୍ନିବ ଆସନ,
ସ୍ତ୍ରୀପୁଂସମାନ ଦେଖି ପଶର ବାସନ ।
ଧର୍ମ୍ୟ ଦେଖି ଭଲୁଭଲ ନିଜ ପଡ଼େ ମନେ,
ସେ ସକଳ ଦୁଃଖଦାୟୀ ହୁଅନ୍ତି ଜୀବନେ ।
ବୃଷନ୍ଦ୍ରନ ବାମ ପଞ୍ଚପାଶରେ ଆହାର,
ଭୂମିରେ ମଦିଶୀ ଶେଷରୂପେ ବ୍ୟବହାର
କଲେ, ତାର ଉଚ୍ଚେମ ହୁଏ କଷ୍ଟ ଦୁଃଖ,
ଶୁଣି ଯାର ବନବାସୀ କାହିଁ ତାର ସୁଖ ।
ସମସ୍ତେ ସମସ୍ତେ ଆସି ବରସ୍ତୁତନୟ,
କଲ୍ୟାଣନ୍ତି ପୁରବର କଥା ମଙ୍ଗଳମୟ ।
ଧାର୍ମିକ କପର ଧର୍ମ ରଖେ ପ୍ରାଣପଣେ,
ଧର୍ମ ପାଇଁ ଦୁଃଖରାଶି ସୁଖ ବୋଲି ମଣେ ।
ଧାର୍ମିକକୁ ସେହିଁ ପରି ରଖଇ ଧରମ,
ଆଖ୍ୟାନରେ ଥାଏ ତାଙ୍କ ତହିଁର ମରମ ।
ସେ ସକଳ କଥା ଶୁଣି ଶ୍ରୀରାମଜନନୀ,
ଧରମକୁ ଧ୍ୟାଉଥାନ୍ତି ଦିବସ ରଜନୀ ।
ବୋଲୁଥାନ୍ତି ହେ ଧରମ ବିଶ୍ୱମୂଳାଧାର,
ତୁମ୍ଭର ଆଜ୍ଞାରେ ଗଛ ରବି ଚନ୍ଦ୍ରମାର ।
ହୋଇ ତୁମ୍ଭ ବଶ୍ୟରେ ଗ୍ରହ ତାରାଗଣ,
ନିତ ନିତ କରୁଛନ୍ତି ଗଗନ ଭ୍ରମଣ ।
ତୁମ୍ଭର ଆଦେଶେ ଏବା ବରଷଇ ଜଳ,
ବସୁନ୍ଧରା ଦେଉଛନ୍ତି ନାନାବିଧ ଫଳ ।
କାହିଁ ଦେଇଅଛ ସେହିଁ ଅଳଙ୍ଘନ ଗାର,
ନ ଲଙ୍ଘଇ କେବେ ମହାଊର୍ମି ପାରାବାର ।
ଆଶ୍ରିତ ବତ୍ସଳ ବାନା ବିନ୍ଧିଅଛ କରେ,
ତୁମ୍ଭଙ୍କୁ ଯେ ଆଶ୍ରା କରେ ସଙ୍କଟକୁ ତରେ ।
ପିତୃସତ୍ୟ ପାଇଁ ମୋର ଜ୍ଞାତା ରାଘବ,
ମୋ ପ୍ରାଣପୁତ୍ରମ ରାମ ଯାଇଅଛନ୍ତି ବନ ।
ପତିପଦସେବା ପାଇଁ ଜନକ-ନନ୍ଦିନୀ,
ବନବାସେ ହୋଇଛନ୍ତି ତା ଦୁଃଖଭାଗିନୀ ।
ଅଗ୍ରଜସେବାକୁ ମଣି ସୁତବର ଧର୍ମ,
ଲକ୍ଷ୍ମଣ ମୋ କରୁଛି ତା ଜୀବନର କର୍ମ ।
ତୁମ୍ଭର ଚରଣେ ମୋର ସୁଦୃଢ଼ ଭରସା,
ବିଧ୍ୱଂସନ କର ତାଙ୍କ ସବୁ ମନ୍ଦ ଦଶା ।
ଧର୍ମସେବା ବ୍ରତ ଘେନି କରୁଥାନ୍ତି ମୂଳ,
ଧର୍ମସେବା ପାଇଁ ତୋଳି ନିଜ ହସ୍ତେ ଫୁଲ
କରିବାକୁ ଧର୍ମଦେବ ମାନସ ତର୍ପଣ,
ଅର୍ଘ୍ୟ ସହ ନିତ୍ୟ ତାହା କରନ୍ତି ଅର୍ପଣ ।
କେତେବେ ଉପବନେ କେତେବେ ସରଯୂର କୂଳ,
ବୁଲି ବୁଲି ତୋଳୁଥାନ୍ତି କୁସୁମ ଆକୁଳେ ।
ପୁଷ୍ପ ତୋଳ ତୋଳି ଯାନ୍ତି ବହୁ ଦୂର ଭୁଲି,
ରାମ ମୋର ଆସୁଥିବ ଏବା ବୋଲି ଭାଳି ।
ଯେଉଁ ମାର୍ଗେ କରିଥିଲେ ଶ୍ରୀରାମ ଗମନ,
ସେହି ମାର୍ଗ ଦେଖିବାକୁ ସଚୁଚଲେ ମନ ।
ନ ଭେଟି କୁମର ପୁଣି ଆସନ୍ତି ଫେରିଣି,
ପାଦପମୂଳରେ ବାରମ୍ବାର ବସି ଉଠି ।
ଗହନରେ ସର୍ଷାଗଣ ଥାନ୍ତି ଅନୁସରି,
ରାଣୀଙ୍କି ବାରଣ କେହି ନ ପାରନ୍ତି କରି ।
କେହି ଯଦି ବୋଲେ ମୁହିଁ ଆଣିଦେବି ଫୁଲ
ବୋଲନ୍ତି ମହିଷୀ ତା ମୋ ଧର୍ମପ୍ରତିକୂଳ ।
କାୟ ମନ ବଚନର ଏକତା ନ ଥିଲେ,
ପରହସ୍ତ ଧରମରେ ଫଳ ନାହିଁ ମିଳେ ।
କେବେ ଏବା ହୋଇ ଜମ୍ବୁବନକୁ ବାହାର,
ପ୍ରିୟ ଖାଦ୍ୟରୂପେ ଜମ୍ବୁ କରନ୍ତି ଆହାର ।
କେବେ କେତେବେଳେ ଉଚ୍ଚ ଅଟ୍ଟାଳୀ ଉପରେ,
ମାନସ ନିବେଶ କରି ଶ୍ରୀରାମ ରୂପରେ ।
ନିବେଶନ୍ତି ଦୃଷ୍ଟି ରାମ ଗମନ-ଅୟନେ,
ଦେଖନ୍ତି ଶ୍ରୀରାମ ରୂପ ମାନସ-ନୟନେ ।

ତ୍ରିକୂଟରେ ପଡ଼ନ୍ତି ଯେସନେ ବରଷାର ଧାର,
କୌଶଲ୍ୟା-ନୟନୁ ଝରେ ଲୋତକ ଆସାର ।
ଦୁଃସ୍ଥିଆରେ ତଦ୍‌ବଶ ଦେଖେ ଅନ୍ଧକାର,
ନ ଦିଶଇ ଗାତ୍ରେ ଥିବା ତନୁର ଆକାର ।
ତେତେବେଳେ ଦିଶେ ତାଙ୍କ କଳ୍ପନାରଦେଶ
ରାମଚନ୍ଦ୍ର ତନୁ ଘେନ ଯୋଗୀବର ବେଶ ।
ଜାନକୀ ସହିତ ଭାଇ ଲକ୍ଷ୍ମଣ ଛବି ଧରି,
ବୃଷ୍ଟି-ଜଳ-ସ୍ରୋତେ ପାଦପଦ୍ମ ମଗ୍ନ କରି ।
ଅଯୋଧ୍ୟାରେ ରାଜଛତ୍ର ରାଜସିଂହାସନ,
ରାଜଶୂନ୍ୟ ହୋଇ ଏଡ଼େ ବିଶ୍ରୀ ଦର୍ଶନ ।
ଦୁଃଖ ସୁଖ ମୁଚଉଛି ହୃଦେ ହୋଇ ଠିଆ,
ବହ୍ନିତୁଲେ ଦହୁଥାନ୍ତି ସ୍ୱନ-ମାତା-ହିଆ ।
ରଜନୀ ଯେ କାଳେ ମେଘମାଳେ ଭୟଙ୍କର,
ତିମିର ଶ୍ରୀ ହୋଇଥାଏ ଗାଢ଼ୁଁ ଗାଢ଼ତର ।
ତଡ଼ିତ ଚଞ୍ଚଳା କରି ଦୃଷ୍ଟି ଚମକିତ,
ବଜ୍ରନାଦ ଶ୍ରୁତି ହୋଇଥାଏ ଉଦ୍‌ବେଜିତ ।
ପୁଣି ଆସି ବୃଷ୍ଟି ନାଦ ତୁଟେ ଘୋରତର,
ଜନ୍ମାଏ ଶଙ୍କା ବନ ମଧ୍ୟ ମନ୍ଦ୍ରଧର ।
ବଂଶୁଁ ଦିଗନ୍ତର ଭେଦି ଉଠେ ଘଡ଼ି ଘଡ଼ି,
ଚତୁର୍ଦିଗେ ଉଠୁଥାଏ ଦର୍ଦ୍ଦୁରଙ୍କ ରଡ଼ି ।
ଶିଶୁ ଥାଏ ଭୟରୁ ମାତାକୋଳକୁ ଆଦରି,
ଘରେ ଜନେ ଲୁଚିଥାନ୍ତି କୁଳିଶକୁ ¹ ଡରି ।
ଘରେ ଘରେ ବନ୍ଦ ଥାଏ ଦରଜାର ମନ,
ପ୍ରାଙ୍ଗଣକୁ ଦୂରୁ କେହି ନ କରେ ଗମନ ।
ସେ ତେତେବେଳେ ରାଣୀ ରାମଜନନୀ ହୃଦୟ,
ବନେ ବନେ ଭ୍ରମୁଥାଏ ଆକୁଳ ଅଥୟ ।
କେତେବେଳେ ଦେଖନ୍ତି ରାମ ପର୍ବତକନ୍ଦରେ
କେତେବେଳେ ବନେ ପର୍ଣ୍ଣକୁଟୀର ଭିତରେ ।
ଉଦିଲେ ବାସବ ଧନୁ ନବ ଜଳଧରେ,
ଶରଧାରୀ ରାମ ଶ୍ୟାମ ମୂର୍ତ୍ତି ପଡ଼େ ମନେ ।
ନିଦାଘେ ଯେ କାଳେ ଭାନୁ ପ୍ରଚଣ୍ଡ କିରଣ,
ଅବନୀ ଉପରେ ବର୍ଷୁଥାନ୍ତି ବିକିରଣ,
ଜଳ ଛାଡ଼ି ମୀନଗଣ ବ୍ୟାକୁଳ ଜୀବନ,
ଯାନ୍ତି ମେଲି କୁଞ୍ଜେ ଲୁଚିଥାନ୍ତି ଖଗଗଣ;
ସେକାଳେ କୌଶଲ୍ୟା ମନ ବୁଲି ବନ ବନ,
କରୁଥାଏ ସୁତ ପୁତ୍ରବଧୂ ଅନ୍ୱେଷଣ ।
ନିର୍ଝର-ଶୀକର-ସ୍ନିଗ୍ଧ-ନିକୁଞ୍ଜ-ସଦନେ,
ଘନ-ପର୍ଣ୍ଣବୃନ୍ତତଳେ ନିବଡ଼ ଗହନେ ।
ନ ଦେଖନ୍ତି କେଉଁଠିଆସେ ହୋଇ କ୍ଳାନ୍ତଶ୍ରାନ୍ତ,
ଦୁଃଖ-ଜଳଧିରେ ହୁଏ ନାବିକ ଦିଗ୍‌ଭ୍ରାନ୍ତ ।
ବସନ୍ତେ ବୃକ୍ଷଶ୍ରୀ ହେଲେ ନବପଲ୍ଲବିତ,
ପ୍ରମଦ ଉଦ୍ୟାନ ହେଲେ କୋକିଳକୂଜିତ ।
ମାଧବୀ-ମଣ୍ଡପ ହୋଇ କୁସୁମ-ମଣ୍ଡିତ,
ଭ୍ରମର ଭ୍ରମଣେ ଯେବେ ହୁଏ ବିଲୋଡ଼ିତ,
ପଲ୍ଲବ-ଅଧରା ସୀତା ମଧୁରବଚନା,
ମନୋହର ତାଙ୍କ ପୁଷ୍ପ-ଭୂଷଣ ରଚନା,
ରଞ୍ଜନ ଅଞ୍ଜନାଞ୍ଚିତ ନୟନ ତାରକା,
ଜାଗୁଥାନ୍ତି କୌଶଲ୍ୟାର ସ୍ମୃତି-ଦର୍ପଣକ ।
ଶରଦ ଅସିତେ ଯେଉଁ କାଳେ ଦୁଃଖୀଜନ,
ଦୁର୍ଗା-ଭବନକୁ ଆସି ହୁଅନ୍ତି ସୁସ୍ଥିର ।
କୌଶଲ୍ୟାର ଶୋକସିନ୍ଧୁ ହୋଇ ଉଦ୍‌ବେଳିତ,
ତରଙ୍ଗରେ କରେ ଜ୍ଞାନ-ପୁଳିନ ପ୍ଲାବିତ ।
ଦେଖାନ୍ତି ଏ ଦିନେ ଦିନେ ମୋ ରାମରତନ,
ମଣ୍ଡିବାର କଥା ଥିଲା ରାଜସିଂହାସନ;
ରାଜଛତ୍ରେ ଶିର ହୋଇଥାନ୍ତା ସୁଶୋଭିତ,
ଶିରେ ହୋଇଥାନ୍ତା ରାଜ-ମୁକୁଟ ରଞ୍ଜିତ;
ରାଜଚିହ୍ନରୂପ ରତ୍ନ ଆଭରଣମାନ,
ଶ୍ରୀରାମର ଅଙ୍ଗେ ହୋଇଥାନ୍ତେ ଶୋଭମାନ;
ନାଗରୀ ଦେଖନ୍ତେ ତାର ବଦନମଣ୍ଡଳ,
ଉଚ୍ଚ କରିଦେଇ ହସୁଥାନ୍ତେ ସମୁଜ୍ଜ୍ୱଳ;
ଭାବୁଥିଲି ସୁସ୍ଥ ହେବ ଭୁବନମଣ୍ଡଳ,
କରିବ ପ୍ରକୃତି ପୁଞ୍ଜି-କପଟ ଖଣ୍ଡନ;
ଏଣୁ ଆଶା ମୋ ହୃଦୟ-ଉଦ୍ୟାନ-ବେଷ୍ଟିତ
ହୋଇଥିଲା ପଲ୍ଲବିତ ପୁଣି କୁସୁମିତ ।

୧ । କୁଳିଶ—ବଜ୍ର ।

ଫଳିବାର କାଳେ ଯାକୁ ତ୍ରିଦିବେଲ ପିଟି,
ମନ୍ଥରା-କୁଗୀର ଫଳ କୈକେୟୀ-ମଣ୍ଡିଶି ।
ରାଜା କି ଦୁଷ୍ଟା ରାମ ହେଲେ ନିର୍ବାସିତ,
ବିଧାତାର ଯାହା ଇଚ୍ଛା ତା ହେଲା ଫଳିତ ।
ସେହି ରାମ ଚିତ୍ରକୂଟେ ହେଲେ ପ୍ରବାସିତ,
ତରୁତଳେ ଜଟା-ଶିର ବଲ୍କଳ-ଭୂଷିତ ।
ବାପଧନ, ବନ ଗଲୁ ଜନକ ଆଜ୍ଞାରେ,
ମାତାର ଦଶାକୁ କାହିଁ ନ ଗୁଣିଲୁ ବାରେ ।
ଜୀବନ ତ୍ୟଜିଲେ ପିତା ତୋହର ବିରହେ,
ନ ଦେଖିଲୁ ମୁଁ ଦୁଃଖିନୀ କି ଦୁଃଖତରେ ରହେ ।
ଜନକ ତୋ ଦେଖୁଥିବେ ଶୂନ୍ୟେ ଥାଇ ତୋତେ
ସେ ଭାଗ୍ୟ ତ ହେଲା ନାହିଁ କ୍ରୂର ଦୈବେ ମୋତେ
ନାହିଁ ଟେକ ମୋର ପୂର୍ବ ତପସ୍ୟାର ବଳ,
ପାପ ଭୋଗ ପାଇଁ ପ୍ରାଣ ଧରିଛି କେବଳ ।
ଶେଷ ଜୀବନରେ ପାଇ କୁମାରରତନ,
କରିଥିଲି ପ୍ରାଣଠାରୁ ଅଧିକ ଯତନ ।
ତାକୁ ବନେ ପେଷି ମୋତେ ରଖାଇଛି ଘରେ
ସେ କିଛି ସୁନ୍ଦର ଏତା ବିଧି ବିବେକରେ ।
ଦେଢ଼ ମାସ ଏବେ ଅଛି ତୋ'ପାଇଁ ଜୀବନ,
ଜୀବନ ନାଶିବ ପାଦ ଦେଇ ମନ୍ତ୍ରୁଅଛି ମନ ।
ମନ୍ତ୍ରୁଅଛି ମନ କିନ୍ତୁ ପାରୁ ନାହିଁ ମଣି,
କାହିଁ ବୁଡ଼ିଯାଉ ନାହିଁ ମୋ ଜୀବନ-ତରୀ ।
ଯାବତ ନ ହେବ ମୋର ପାପଫଳ ଶେଷ,
ତାବତ ଏ ଦଶା ଯିବ ନ ଘୁଞ୍ଚିବ କ୍ଳେଶ ।
ହେ ବିଧେ ! ଏତିକି ତୁମ୍ଭ ପାଦେ ନିବେଦନ,
ଯେତେ କଷ୍ଟ ଦେଉ ତାହା ସହିବ ଜୀବନ ।
କିନ୍ତୁ କୁଶଳରେ ଫେରୁ ମୋ ପ୍ରାଣନନ୍ଦନ,
ଦେଖିବି ତା' ସୁଧାମୟ-ଚନ୍ଦ୍ରମା-ବଦନ ।
ଆଉ ମୋ ଜାନକୀ ମଣି-ହୃଦୟର ହାର,
କାହିଁ ସୀତା ସଙ୍ଗେ ମୋର ଲକ୍ଷ୍ମଣକୁମାର ।
ଥରେ ମାତ୍ର ଦେଖେଁ ଏବେ ଶ୍ରୀରାମର ମୁଖ,
ନ ଗଣିବି ଚତୁର୍ଦ୍ଦଶ ବର୍ଷ-ବ୍ୟାପୀ ଦୁଃଖ ।
ନିତି ହଠେ କରୁଥାନ୍ତି ତ୍ରିଦିବ[1] ପ୍ରସ୍ଥାନ,
ଏକା ରାମ ଦେଖିବାକୁ ରହିଅଛି ପ୍ରାଣ ।
ପୂର୍ବଜନ୍ମେ କରିଥିଲି କେତେ କେତେ ପାପ,
କା' ପୁତ୍ର ଛଡ଼ାଇ ତାକୁ ଦେଇଥିଲି ତାପ ।
ପକ୍ଷୀର ଶାବକ ଅବା ଆଣିଥିଲି ଧରି,
କାନ୍ଦୁଥିଲା ପକ୍ଷିଣୀ ତା କୁମରକୁ ସ୍ମରି ।
କିବା ଗାଈଠାରୁ ଭିନ୍ନ କରିଥିଲି ବତ୍ସ,
ସ୍ନେହ ଭରେ ଫାଟୁଥିଲା ତପ ଗାଈର ବକ୍ଷ !
ସେସବୁ ପାତକେ ମୋର ହୋଇଯାଉ ଭୋଗ,
ଥାଉ ରାମଚନ୍ଦ୍ର-ମୁଖ-ଦର୍ଶନର ଯୋଗ ।
ତା ପାଇଁ ଧରିଛି ମୋର ନିର୍ଲଜ୍ଜ ଜୀବନ,
କୁଶଳରେ ଫେରୁ ମୋର ଶ୍ରୀରଘୁନନ୍ଦନ ।
ଏହିରୂପେ କେତେ କଥା କେତେରୂପେ ଭାଷି,
ଅବିରଳ ଲୋତକର ପ୍ରବାହରେ ଭାସି !
ହା ରାମ ହା ରାମଚନ୍ଦ୍ର ହା ରାମରତନ,
କହୁ କହୁ ପଡ଼ିଗଲେ ହୋଇ ଅଚେତନ ।
ଏହି ଭାବେ ବର୍ଷ ପରେ ବର୍ଷ ହେଲା ଗତ,
ଚତୁର୍ଦ୍ଦଶ ବର୍ଷ ଆସି ହେଲା ସମାପତ ।
ଏକଦା ରାଣୀ ନିଶା ଶେଷେ ଦେଖିଲେ ସ୍ୱପନ,
ରାମ ଦେହେ ଶୋଭୁଅଛି ରତ୍ନସିଂହାସନ ।
ଜନକନନ୍ଦିନୀ ବେନି ଶୋଭିଲେ ରାମ କୋଳ,
ବଜ୍ର[2]ଅବତଂସ[3]ଶୋଭିତ କାନ୍ତକପୋଳ
ପାର୍ଶ୍ୱେ ଛତ୍ର ଧରି ଅଛି କୈକେୟୀ-କୁମର,
ଢାଳନ୍ତି ସୌମିତ୍ରି-ଯୁଗ ଧବଳ ଚାମର ।
ଅସଂଖ୍ୟ ନୃପତି ହୋଇ ଭୂଲୁଣ୍ଠନ ସ୍ତର,
କ୍ରମେ ଅର୍ଘ୍ୟ ଦାନେ ମଣ୍ଡିଛନ୍ତି ସଙ୍ଗରେ ।
ଦେବାଙ୍ଗନାଗଣ ଥାଇ ହେମଭୂଷେ ସୁବେଶୀ,
କରୁଛନ୍ତି ରାମ-ଶିରେ କୁସୁମ ବର୍ଷଣ ।

୧ । ତ୍ରିଦିବ—ସ୍ୱର୍ଗ । ୨—ବଜ୍ର—ହୀରା । ୩—ଅବତଂସ—କର୍ଣ୍ଣଭୂଷଣ ।

# ତୃତୀୟ ସର୍ଗ

ରାମ ବନବାସ ଦିନୁ ଚଉଦ ବରଷ,
ଅଯୋଧ୍ୟାରେ ହୋଇଅଛି ପ୍ରଭାତ ଦିବସ ।
ଚଉଦ ବରଷ ଏବେ ହୋଇଗଲା ଶେଷ,
ନ ମିଳିଲା ଶ୍ରୀରାମର କିଛି ହେଁ ସନ୍ଦେଶ ।
ଶ୍ରୀରାମ-ଦର୍ଶନ ଆଶା ହୋଇ ଫଳବତ,
ନଗରବାସୀଙ୍କ ପ୍ରାଣ କରେ ଉତ୍କଣ୍ଠିତ ।
କରିବା ପାଇଁ କି ରାମ ପ୍ରତ୍ୟୁଦ୍‌ଗମନ,
ସଙ୍କୋଚିତ ହେବାକୁ ବସିଲା ସଭିଙ୍କର ମନ ।
ଯାଇ ଶତ୍ରୁଘ୍ନ କରି ଭକ୍ତି ପ୍ରଦର୍ଶନ,
ଆଣିବାକୁ ସମ୍ମୁଖ କି ସଭିଙ୍କ ଜୀବନ ।
ଭାବୁଥାନ୍ତି ବାହାରିବେ ଅବଶ୍ୟ ଭରତ,
ତାହେଲେ ସକଳେ ହେବେ ତାଙ୍କ ଅନୁଗତ ।
ବାଳ ବନିତାଙ୍କୁ ମାତ୍ର ରଖିଥିବେ ଘରେ,
ଏ ବିଚାର କରୁଥାନ୍ତି ସମସ୍ତେ ହୃଦରେ ।
କେ ବୋଇଲେ ରାମ ଯେବେ ନ ଆସିବେ ସତରେ,
ନୂତନ ନ ହେବେ ଏହି ସାକେତ ୧ ନଗରେ,
ପଛେଁ ରାମ ତହିଁ ଧାମ କରିବ ନିଶ୍ଚୟ,
ଦେଖୁଥିବ ନିତି ରାମରୂପ ମଧୁମୟ ।
କେ ବୋଇଲା ମୁଁ ଧରିଥିବି ତୋର କଣ୍ଠୀକ
ନିଶ୍ଚେ ରାମ ନ ଲୁଚିବେ ଯଦ୍ୟପି ସଜୀବ ।
ରହିବ ତାଙ୍କରି ପାଶେ ଯୋଗିବେଶ ଧରି,
ରାମ ବିନା ଗ୍ରାମ ଦିଶେ ଅରଣ୍ୟରି ପରି ।
ତା' ସଧର୍ମିଣୀ ଶୁଣି ସ୍ୱାମୀର ବଚନ,
ବୋଲେ ତେବେ ତୁମ ସଙ୍ଗେ କରିବି ଗମନ
ତୁମ୍ଭେ ଯଦି ଯୋଗୀ ହେବ ମୁଁ ହେବି ଯୋଗିନୀ
ହୋଇଥିବି ସଦା ସୁଖ ଦୁଃଖର ସଙ୍ଗିନୀ ।
ଦେଖ ସୀତା ନେଇ ବନ ଗଲେ ରଘୁପତି,
ମୋତେ ନେବା ପାଇଁ ତୁମ୍ଭ କି ଅଛି ଆପତ୍ତି ?
ହସି କାନ୍ତ ବୋଇଲେ ତାହା ଜାଣ୍ୟ ପ୍ରିୟା ମୋର
ବନ-କଷ୍ଟ ନ ସହିବ ସଙ୍ଗେ ଥିଲେ ତୋର ।

ବଶିଷ୍ଠଙ୍କୁ ପଚାରନ୍ତି ଶ୍ରୀରାମଜନନୀ,
କହ ଶାସ୍ତ୍ରବର ବର୍ଷ ମାସ ଦଣ୍ଡ ଗଣି ।
ଚଉଦ ବରଷ ହୋଇ ନାହିଁ କି ପୂରଣ,
କେବେ ବାହୁଡ଼ିବ ମୋର ଶ୍ରୀରାମ ରତନ ।
କହନ୍ତେ ଗଣୁଣୁ ତୁମ୍ଭ ତରଣି-କଳାଳ,
ବୋଲୁଅଛି ରାମଚନ୍ଦ୍ର ଅଛନ୍ତି କୁଶଳେ ।
ଆଉ କେତେ ଦିନ ବାକି ଆସିବ ମୋ ରାମ,
ଅଦ୍ୟାପି କି ହୋଇ ନାହିଁ ଅବଧି ପୂର୍ଣ୍ଣକାମ !
ଆଉ କେତେ ଦିନ ମୋତେ ସହିବାକୁ ହେବ,
ସଦୟହୃଦୟେ ଆଜ୍ଞା କର ଗୁରୁଦେବ !
ଦିନନାଥ ବସୁ ହୃଷ୍ଟ ଗାଣ୍ଡି ଗାରେ ବନ୍ଧି,
ସନ୍ଧ୍ୟା ହୋଇଲେ ସେ ଧରିବ ନପାରିଲ ସନ୍ଧି,
ଅବଶିଷ୍ଟ ଅଛି ସବୁ ଦୁଇ ଚାରି ଦିନ,
ରାମ ଫେରିବାର କି ହେବ ବିଧାନ ?
ଭରତର ହୃଦପୁରେ ଅଛି କି ବିଚାର,
ରାମର ସମ୍ବାଦ ପାଇଁ ଦେଇଛି କି ଚର ?
ଯଦ୍ୟପି ସେ ରାଜ୍ୟ ସୁଖ ନ ପାଇବ ଯାଇ,
ତେଣୁ ବିଚାର ଆତ୍ମୀୟଜନ କରନ୍ତୁ ଗୋସାଇଁ ।
ବନେ ବନେ ଖୋଜି ନେଇ ଆସିବ ଶ୍ରୀରାମ,
ଯା ଉଚିତ ଆଜ୍ଞା ମୋତେ ଦିଅ ଜ୍ଞାନଧାମ !
ସ୍ୱପନରେ ଦେଖିଥିଲି ଦେଖା ଦେଇ ସକଳ,
ମୁନି ଆଗେ କହିଲେ ତାହା ଅବିକଳ ।
ବିଧିସୁତ ସବୁ ଶୁଣି ବୋଇଲେ ହେ ବତ୍ସେ,
ରାମର ମଙ୍ଗଳ ତାହା ସୂଚୁଅଛି ପ୍ରତ୍ୟକ୍ଷେ ।
ସ୍ୱପନ ତୁମର ଆଶା ହୋଇବ ସଫଳ,
କଷ୍ଟ ନଷ୍ଟ ହୋଇଅଛି ନ ହୁଅ ବିକଳ ।
ଦିବ୍ୟ ଦେବା ପାଇଁ ଗାଳି ସହିଥାଏ କଷ୍ଟ,
ଦୁଃଖିଲୁ ବାହୁସରେ ନ ଥାଏ ଅଦୃଷ୍ଟ ।
ହରି ହିତ କାଳ ଏବେ ହୋଇଗଲା ପୂର୍ଣ୍ଣ,
କୁଶଳେ ଶ୍ରୀରାମଚନ୍ଦ୍ର ବାହୁଡ଼ିବେ ତୂର୍ଣ୍ଣ ୨ ।

୧ । ସାକେତ—ଅଯୋଧ୍ୟା । ୨ । ତୂର୍ଣ୍ଣ—ଶୀଘ୍ର ।

କହି ଏହି ବାହୁଡ଼ିଲେ ମୁନି ନିଜାଶ୍ରମେ,
କୁମାର ଶତ୍ରୁଘ୍ନ ଶୁଣି ଚିନ୍ତି କଲେ ମନେ ।
ନନ୍ଦିଗ୍ରାମେ ରହିଛନ୍ତି ଭରତ ଦୁଃଖମନା,
କେବେ ଦେଖିବେ ପ୍ରତ୍ୟାଗତ ରାମ ମେଘ-ବନା !
କେଉଁ ମାର୍ଗେ ବାହୁଡ଼ିବେ ଜାଣିବ କାହାର,
ଯାଉଥାନ୍ତି ଆଗକୁ ମୁଁ ନେଇ ରଥ, କରୀ ।
ନେଇଥାନ୍ତି ଚତୁରଙ୍ଗ ବଳେ ସୈନ୍ୟଦଳ,
ଅମାତ୍ୟ ସହିତ ଯାଇଥାନ୍ତେ ସମ୍ମୁଖେ ।
ଚନ୍ଦ୍ରାଭ ହୋଇ ସୁବେଶେ ସୁସଜ୍ଜିତ,
ଅଯୋଧ୍ୟା ନଗରେ ହୋଇଥାନ୍ତା ବନ୍ଦିତ ।
ସୁବର୍ଣ୍ଣ-ଶିବିକା ନେଇଥାନ୍ତି ବେଗ ପାଇଁ,
ବେହେରା ଚାରି ଦାସୀଗଣ ଥାନ୍ତେ ଯାଇ ।
ଅନ୍ତେ କରାଇଁ ତୁମ୍ଭେ ନ ଦେଲେ ସମ୍ବାଦ,
ତୁଷ୍ଟି କି ପାଇଲି ମୁହିଁ ଅପୂର୍ବ-ବିବାଦ !
ସୈନ୍ୟ ନେଇ ଚତୁ-ରଙ୍ଗ କରି ନିଜ ବେଶ,
ଯିବା ପାଇଁ ହୋଇ ନାହିଁ ତୁମ୍ଭଙ୍କ ଆଦେଶ ।
ଏହିରୂପେ ଯାଉଥିଲା ଭରତଙ୍କ ଚିତ୍ତ,
ବସୁଥିଲେ ବଶିଷ୍ଠଙ୍କୁ ପୁଚ୍ଛିବା ଉଚିତ ।
ଏକାଳେ ମାନବ ଏକ ଭରତଙ୍କ ସମ୍ମୁଖେ,
ହେଲେ ପ୍ରବେଶ ଭକ୍ତି ଅବନତମୁଖେ ।
ବୋଇଲେ, "ହେ ଯୋଗିବର, କହ କି କାରଣ
ତୁମେ ରଖି ଯୋଗିବେଶ କରିଛ ଧାରଣ !
ଏହି ରାଜୋଚିତ ରୂପ ଯୌବନର କାନ୍ତି,
ମଣିରତ୍ନ ଅଟଇ ବା କେଉଁ ନୃପତିର ?
ରାଜଭୃତ୍ୟ ବେଶଧାରୀ ନାହିଁ କେହି ଜଣେ,
ସମସ୍ତେ ଉଦ୍ଧୃତ ଜଟା ବଲ୍କଳ ଭୂଷଣେ ।
ଉପାସନା କରୁଅଛ ଅଥବା କାହାର,
ଏ ବିଭବେ ଥାଇ କିସ କରୁଛ ଆହାର ।
କରିଛ କି ଯୋଗି-ଯୋଗ୍ୟ ମୃଗ-ଚର୍ମାସନ,
ପାଦେଶ କୁଶ ରଖିଅଛ କରି କୁଶାସନ ।
ବଦନେ ପଡ଼ୁଛି କିଆଁ ବିଷାଦର ଛାୟା,
କହିବ କି ଯୋଗୀବର, ମନ୍ତ୍ର ତନ୍ତ୍ର ମାୟା ?
କହ ରାମ ରଘୁବର ବିପିନନିବାସୀ,
ସତ୍ୟସନ୍ଧ ସୀତାନାଥ ଚତୁର୍ଦ୍ଦଶବାସୀ ?"

ଏତେ କହି ନୀରବ ହେଲା ଅନୁଚର ନର,
ତେବେ ଚିହ୍ନିଲେ ତାଙ୍କୁ କୌଣ ବିଧିରେ ଯା
ଜଟା ଭୂଷ ବେଳେବେଳେ ଅଶ୍ରୁ ବର୍ଷିଣ,
ସନ୍ନ୍ୟାସେ ଅତି ତାଙ୍କୁ କଲେ ଅଭିନନ୍ଦନ ।
ବସିବା ପାଇଁ ଏକ ସୁବର୍ଣ୍ଣ ଆସନ,
ଦେଇଁ ବସିବାକୁ କଲେ ସ୍ନେହ ପ୍ରଦର୍ଶନ ।
ଆସନ ତ୍ୟାଗି ବସି ଅନୁଚର ନର,
ଭୂମିରେ ବସିଲେ ନ ଚାହିଁଲେ ବର ।
ତା ଦେଖି ଭରତ ବୋଇଲେ କହ ମହାତ୍ମନ୍,
କେଉଁଠାରୁ ଆସି ମୋତେ କଲ ଅନୁରାଗ ।
ସାଷ୍ଟାଙ୍ଗେ ତୁମ୍ଭ ନାମ କହ ଉଚ୍ଚାରଣ,
ନମ୍ରପଣେ କଲ ଜଳନିଧିବା ଚେତନ ।
କହ ଦୃଷ୍ଟିକୁ ଦେଖି ମୁଁ ନ ବୁଝିଲ,
ତେଣୁ ତା ବଢ଼ିଲା ଚିନ୍ତା ମୋହର ।
କାହିଁକି କି ନାହିଁ ଛାଡ଼ି ସୁବେଶ-ଲେପନ,
କଷ୍ଟ ବେଶେ କର ମୋର ଦୁଃଖ ବିମୋଚନ ।
କାହିଁ ବା କହିଲେ କଲେ ଅସୁର ଦମନ,
କହୁଅଛନ୍ତି କି ତୁମ୍ଭ ସୁଖ ଆଗମନ ?
ଭରତ ମୁଁ ପ୍ରଭୁଙ୍କର ବିମାତୃକୁମାର,
ତାଙ୍କ ବନବାସର କାରଣ ମୁଁ ଛାର ।
ଏହି ଖେଦ ଆଚରଣ ଏ ରାଜତ ଭୂପର,
ପ୍ରଭୁଙ୍କର ଅଟେ, ତାଙ୍କ ଦାସ ମୁଁ ପାମର !
ଛାଇ ତଳେ ଦେଖ ରତ୍ନପାଦୁକା ଶୋଭିତ,
ନିତ୍ୟ ନିତ୍ୟ ହେଉଅଛି ଏ ଦାସେ ପୂଜିତ ।
ଏ ଦେଶର ରାଜା ହେଲେ କୌଶଲ୍ୟାକୁମାର,
ଜାଣ ମୋତେ ତୁମ୍ଭ ଏବେ ପ୍ରହରୀ ବାହାର ।
ଶୀଘ୍ରକରି ପ୍ରଭୁଙ୍କର ଦେଖି ଯୋଗିବେଶ,
କରିଅଛି ଜଟା ତାଙ୍କ ଦାସ ନିଜ ବେଶ ।
ଏଥି ପାଇଁ ଦେଖୁଅଛ ସମସ୍ତ ରାଜକର୍ମଚାରୀ,
ସର୍ବେ ହୋଇଛନ୍ତି ସେହି ଦେଖି ଜଟାଧାରୀ ।
ଫଳମୂଳ ଖାନ୍ତି ପ୍ରଭୁ ବିପିନ-ନିବାସୀ,
ଏଣୁ ଦାସ ହୋଇଅଛି ଫଳମୂଳାହାରୀ ।
ପ୍ରଭୁପଦ ଶିରେ ଧରି ନ ପାରିବି ହସି,
ତେଣୁ ଧରଣୀର ପାଦେ ରହେ ମୁଁ ପ୍ରବାସୀ ।

ଚିତ୍ରକୂଟେ ଛନ୍ତି କରିଅଛନ୍ତି ଆଦେଶ,
ବାହୁଡ଼ିବେ ଚତୁର୍ଦ୍ଦଶ ବର୍ଷ ହେଲେ ଶେଷ ।
ପୂର୍ଣ୍ଣ ହୋଇଗଲା ଏବେ ଚଉଦ ବରଷ,
ପ୍ରବୃତ୍ତି ଅବର୍ତ୍ତେ ତୁ ମୋ ମନ ହରଷ ।
କହ ଭଦ୍ର, କି କଥା ମନେ ଅଦ୍ଭୁତ ଶୁଣୁଚ,
କହ କେବଳ ପ୍ରଭୁଙ୍କର କୁଶଳ ସମାଚାର ।"
ଆଗନ୍ତୁକ ଶୁଣି ପୁଣି ଅତି ଭକ୍ତିଭରେ,
ବାରମ୍ବାର ପ୍ରଣମିଲା ଭରତ-ପଦରେ ।
ବୋଇଲା, "ହେ ବୀରବର ଜୀବନ ତୋ ଧନ୍ୟ,
ଧନ୍ୟ ରଘୁବଂଶ ଧନ୍ୟ ଅଯୋଧ୍ୟାଭୁବନ ।
ଯହିଁ ଜନମିଲ ତୁମ୍ଭେ ଶ୍ରୀରାମ ଭରତ,
ଜନନୀ ତୁମ୍ଭର ଧନ୍ୟ, ଧନ୍ୟ ତୁମ୍ଭ ବ୍ରତ ।
ମନରେ ଅଛି କି ବୀର ରଜନୀବିହାର,
କାହା ଅଙ୍ଗେ କରିଥିଲ ବାଣୁଟି ପ୍ରହାର ?
ସେ ହେଲି ମୁଁ ପ୍ରହାରରେ ହୋଇ ହତଜ୍ଞାନ,
ଶ୍ରୀରାମର ଦାସ ମୁହିଁ ସେହି ହନୁମାନ ।
ଶର ଦଣ୍ଡେ ପେଷି ସେହି ଗିରିଶୃଙ୍ଗ ନେଇ,
ଧନ୍ୟ ହେଲି ଶ୍ରୀରାମଙ୍କ ସନ୍ନିଧିରେ ଦେଇ ।
ଔଷଧି ତା ଯୋଗ୍ୟ ହେଲା ଲକ୍ଷ୍ମଣ ସେବାରେ,
ଚରିତାର୍ଥ ହେଲା ମୋର ଜୀବନ ସେବାରେ ।
ରାବଣର ବଂଶ ରାମ କରି ନିସୂଦନ,
ଆସୁଛନ୍ତି ମିଳିବାକୁ ହୋଇ ନିସ୍ପନ୍ଦନ ।
ଆସୁଛନ୍ତି ବଇଦେହୀ ସୁମିତ୍ରାନନ୍ଦନ,
ଆସୁଛନ୍ତି ଅମର ପଥ ଶ୍ରୁତିକ ସାଧନ ।
ସଙ୍ଗେ ଛନ୍ତି ବଳବନ୍ତ ରାବଣ ଅନୁଜ,
ସୈନ୍ୟ ସହ କପିରାଜ ଭାସ୍କର-ତନୁଜ ।
କାଲି ଥିଲେ ଭରଦ୍ୱାଜ ଶୁଭାଶ୍ରମ-ପଦେ,
ନିଶ୍ଚିତ ହେବେ ଆଜି ଏହି ଜନପଦେ ।
ବୁଝିବାକୁ ତୁମ୍ଭ ମନ ସକଳ ବାରତା,
ଆଗେ ମୋତେ ପେଷିଛନ୍ତି ରାମ ମହାମତି ।
ଦୋଷ ଯଦି ଦେଖିଥାନ୍ତି ତୁମ୍ଭ ଆଚରଣେ,
ବାହୁଡ଼ି ଜଣାଇଥାନ୍ତି ଶ୍ରୀରାମଚରଣେ ।
ବନବାସ କରିଅଛନ୍ତି ରାମ ଯେଉଁପରି,
ଅଯୋଧ୍ୟାନଗରୀ ହୋଇ ରହିଥିଲ ଆପଣ ।

ତୁମ୍ଭ ଦୁଃଖ ନ ଜାଣନ୍ତି ଶ୍ରୀରାମ ସୁଜନ,
ବରଞ୍ଚ ସନ୍ତୁଷ୍ଟ ଥାନ୍ତି ସେ ତାପସପଣେ ।"
ଏତେ କହି ଦେଖାଇଲା ନିଜ କଳେବର,
ବପୁଟିକୁ ଉଠାଇ ତାକୁ କୈକେୟୀକୁମର ।
ସଲଜ୍ଜ ମାନସେ ହୋଇ ପ୍ରସନ୍ନବଦନ,
ଆଲିଙ୍ଗନ କରି ପୁଣି କଲେ ନିବେଦନ ।
"କହ ନା କହ ନା ଭାଇ, ବାଞ୍ଛିତର କଥା,
ଦହନା ବହନା ଆଉ ହେଉ ମର୍ମବ୍ୟଥା ।
ମଗ୍ନାଇଲ ରାମକଥା-ଅମୃତ-ସାଗରେ,
ବଂଶ ଭିନ୍ନ ଭାଇ କି ମୋ ପ୍ରେମାନୁବନ୍ଧରେ ।
କି ଦେଇ ପାରିବ କରି ତୁମ୍ଭ ମନ ତୋଷ,
ଏଣୁ କି ମାଗୁଛି ମୋର କ୍ଷମା କର ଦୋଷ ।
ମୁହିଁ ତ ଶ୍ରୀରାମଙ୍କର ଅକିଞ୍ଚନ ଦାସ,
ଶୁଦ୍ଧ ଆଲିଙ୍ଗନ ଦେନି ଦୂର କର ତ୍ରାସ ।
ଅଧିକ କଥାକୁ ଆଉ ନାହିଁ ଅବସର,
ଶ୍ରୀରାମଜନନୀ ଆଗେ କହୁଛି ସତ୍ୱର ।
ହେଉଛନ୍ତି ସଜ୍ଜିତ ପ୍ରଜା ପ୍ରତ୍ୟୁଦ୍‌ଗମନେ,
ଦେଉଛନ୍ତି ଆଦେଶ ପୂର୍ବେ ଭାଇ ଶତ୍ରୁଘନେ ।
ନଗରେ ନଗରେ ସର୍ବେ ହେବାକୁ ସଜ୍ଜିତ,
କରିବାକୁ ରଘୁପତି ମାନସ ରଞ୍ଜିତ ।"
ବାତଜ ନିକଟୁଁ ନେଇ ଚଳିଲେ ସତ୍ୱର,
କୌଶଲ୍ୟା ଗୃହରେ ଉଭା ହୋଇ ତରତର ।
କରଯୋଡ଼ି ନମ୍ର କରି ଚରଣ ବନ୍ଦନ,
"ଜନନୀ ଗୋ, ଆସୁଛନ୍ତି ଶ୍ରୀରଘୁନନ୍ଦନ ।
ଦୁଃଖ-ନିଶାନ୍ତରେ ଦେଖିବ ଦିନକର ମାତଃ,
ଉଦୟରେ ଦେଖିବା ଏବେ ଅଯୋଧ୍ୟାର ନାଥ ।"
ଶୁଣି ଦେବୀ ଆନନ୍ଦରେ କହିଲେ ଗଦଗଦ,
ଦରିଦ୍ର ଲଭିଲା କିବା ବାସବସମ୍ପଦ ?
କ୍ଷୁଧିତେ କରି ରାମ-କଥାମୃତ ପାନ,
ନିର୍ଜୀବ ଶରୀରେ ହେଲା ଆବର୍ତ୍ତିତ ପ୍ରାଣ ।
ବୋଇଲେ, "ବାପୁରେ ଆସୁଅଛି ନା ଲକ୍ଷ୍ମଣ ?
କହ ବାପୁ, ଜାନକୀର କୁଶଳ ଲକ୍ଷଣ ।"
ଭରତ ବୋଇଲେ, "ମାତଃ, ସକଳ ମଙ୍ଗଳ,
ସବୁ ଆସୁଛନ୍ତି ସଙ୍ଗେ ସେନା ଦଳବଳ ।"

ସମୀପେ ସୁମିତ୍ରା ଥିଲେ ଶୁଣି ସେ ସକଳ,
ଦୁର୍ବଳ ଦେହରେ ତାଙ୍କ ଖେଳିଗଲା ବଳ ।
ସାଦ ହେଲା ଭରତର ମସ୍ତକ ବନ୍ଦତ,
ତା ବଚନ ହେଲା ଏଣି ଦୁର ଅନନ୍ତ ।
ବଶିଷ୍ଠ ସମୀପେ ତହୁଁ ହୋଇ ଉପେତ,
ଶ୍ରୀରାମ ବିଜୟ-ବାର୍ତ୍ତା କହିଲେ ଭରତ ।
ଆଣିବାକୁ ଶ୍ରୀରାମ କରି ପ୍ରତ୍ୟୁଦ୍‌ଗମନ,
ସଜ୍ଜିତ ସକଳେ ହେଲେ ଆଜ୍ଞାରୁ ତମନ ।
ଅଶ୍ୱ ଗଜ ସଜା କଲେ ଶତ୍ରୁଘ୍ନ ନିଦେଶେ,
ରାଜଭୃତ୍ୟ ସଜ ହେଲେ ନିଜ ନିଜ ବେଶେ ।
ଚଗଲ ୧ ଟଙ୍କିଲେ ହେଲା ଗଗନ ମଣ୍ଡିତ,
ଶଙ୍ଖ ଭେରୀ ନାଦେ ହେଲା ଅବନୀ ନାଦିତ ।
ମଣିମୁକ୍ତାପରିଶୋଭିତା ଶିବିକା ଭିତରେ,
ବସି ବାହାରିଲେ ରାଣୀବୃନ୍ଦ ହରଷରେ ।
ବାହାରିଲେ ବଶିଷ୍ଠଙ୍କୁ ଘେନି ମୁନିଗଣ,
ଯେ ରହିଥିଲେ ରାଜଦ୍ୱାରେ କରି ଆବେଷ୍ଟଣ ।
ଦ୍ୱିଜବୃନ୍ଦ ବାହାରିଲେ ଉଲ୍ଲାସରେ ମାତି,
ବାଳବୃନ୍ଦ ବାହାରିଲେ ଉଲ୍ଲସାଇ ଛାତି ।
ରାମ-ଦରଶନ ଆଶେ ସମସ୍ତେ ଆକୁଳ,
ନନ୍ଦିଗ୍ରାମେ ଅତି ବେଗେ ଯାଇ ହେଲେ ଠୁଳ ।
କରି ହେମପାତ୍ରେ ରାମ-ପାଦୁକା ସ୍ଥାପନ,
ଶିରେ ଧରି ବାହାରିଲେ ଭରତ ଆପଣ ।
ଶଶାଙ୍କଶେଖର ପରି ହେଲେ ମନୋହର,
ରାମ-ପାଦ ଲକ୍ଷ୍ୟ କରି ହେଲେ ଅଗ୍ରସର ।
ପାଦୁକା ଉପରେ ହେଲା ଚାମର ଚାଳନ,
ରାଜଛତ୍ର କଲା ତହିଁ ଆତପ ବାରଣ ।
ଯାଉଁ ଯାଉଁ ଭରତଙ୍କୁ କହେ ହନୁମାନ,
"ଦେଖ ବୀର, ଦିଶିଲଣି ପୁଷ୍ପକବିମାନ ;
ହୋଇ ସେ ଦିଶୁଛି ଦୂରୁ ତାରକା ସମାନ,
ସେମନ୍ତି ଆସୁଛନ୍ତି ହୋଇ ବ୍ୟୋମେ ଭାସମାନ ।"
କାହିଁ କାହିଁ ବୋଲି ତହିଁ ପଡ଼ିଲା ତହଳ,
କେ ଦେଖିଲା କାହା ଦୃଷ୍ଟି ନ ହେଲା ସଫଳ ।
ସେ ଦେଖିଲା କରି ଯତ୍ନ କର ଉତ୍ତୋଳନ,
ଅନେକରୁ ସେମନ୍ତ ଦୃଶ୍ୟ କରୁଏ ଦର୍ଶନ ।
ଦୂରସ୍ଥରୁ କ୍ଷୁଦ୍ରତର ହୋଇ ସେ ବିମାନ,
କ୍ରମେ କ୍ରମେ ଦୃଶ୍ୟ ହେଲା ଚନ୍ଦ୍ରମା ସମାନ ।
ମନ୍ଦ ମନ୍ଦ ରଥଧ୍ୱନି ଶୁଭିଲା ଶ୍ରବଣେ,
ଦେଖୁଁ ଗର୍ଜରବରେ ହେଲା କ୍ରମେ କ୍ରମେ ।
ଦେଖି ଦେଖି ଉପଗତ ପ୍ରକାଣ୍ଡ ସ୍ୟନ୍ଦନ,
ଚଉଦିଗେ କରୁଅଛି ଜ୍ୟୋତି ନିଃସ୍ୟନ୍ଦନ ।
ଭରତଙ୍କୁ ଦେଖି ରାମ ରୁହାଇଲେ ରଥ,
ଦେଖିଲେ ପାଦୁକା ଶିରେ ବହିଛନ୍ତି ଭରତ ।
ଜଟାଶିର ଶୀର୍ଣ୍ଣକାୟ ଭରତଙ୍କୁ ଦେଖି,
ଶୀଘ୍ର ରଥୁଁ ଓହ୍ଲାଇଲେ ଆଲିଙ୍ଗିବା ପାଇଁ ।
ପ୍ରେମକଣ୍ଟକିତ ହେଲା ସର୍ବ ଅବୟବ,
ବୋଇଲେ "ହେ ପ୍ରିୟ ଭାଇ, ପ୍ରେମ ତୋର
ଧନ୍ୟ ।
ପିତୃ ଆଦେଶରେ ଯେବେ ମୁହିଁ ଗଲି ବନ,
ମୋ ପାଇଁ ତୋ ଯୋଗିବେଶ ଧନ୍ୟ ଭାଇ
ଧନ୍ୟ ।
ରତନମୁକୁଟ ଯେଉଁ ଶିରେ ଶୋହେ ମନା,
ମୋ ପାଦୁକା ଧରୁ ତହିଁ ଧନ୍ୟ ମହାମନା ।
ତୋହର ବ୍ରତ ବଳେ ବନ ଦୁସ୍ତର ସଙ୍କଟ,
ପାରହୋଇ ଉପଗତ ହେଲା ତୋ ନିକଟ ।
ଦେଖି ତୋର ପ୍ରେମପୂର୍ଣ୍ଣ ପ୍ରଫୁଲ୍ଲ ବଦନ,
କରୁଛି ମୋ ନେତ୍ର ପ୍ରୀତିସୁଧା ଆସ୍ୱାଦନ ।
ବନେ ରହି ଯାହା କିଛି ପାଇଥିଲି ଦୁଃଖ,
ଆଜି ସବୁ ପାସୋରିଲି ଦେଖି ତୋ ଶ୍ରୀମୁଖ ।"
ତହୁଁ ତାଙ୍କୁ କରିବାକୁ ପ୍ରେମ ଆଲିଙ୍ଗନ,
ବଢ଼ାଇଲେ ଶ୍ରୀହସ୍ତ ବୀର ଧରିଲା ଚରଣ ।
ଆନନ୍ଦାଶ୍ରୁଜଳେ ତାହା କରି ପ୍ରକ୍ଷାଳନ,
ଭକ୍ତି ଗଦଗଦ ସ୍ୱରେ କଲା ନିବେଦନ ।
"ଜୟ ରଘୁକୁଳ ସିନ୍ଧୁଜାତ ସୁଧାକର,
କୌଶଲ୍ୟା-ବାତ୍ସଲ୍ୟ-କୋଳର ଇନ୍ଦୁ ମନୋହର ।

୧ । ଚଗଲ—ଧ୍ୱଜ ।

ବନବାସ-ଘନ କରିଥିଲା ଅବରୋଧ,
ଭୁବନମଙ୍ଗଳ ଥିଲା ତହିଁର କାରଣ ।
ଦାନବ-ତିମିର-କୁଳ କରି ତିରୋହିତ,
ନିର୍ମଳ ଗଗନେ ଆସି ହେଲ ସମୁଦିତ ।
ବୈଦେହୀ-କୌମୁଦୀପଦ ସନ୍ଦରଶ କରି,
ଅଯୋଧ୍ୟା-କୁମୁଦ-ବନ ମୁଦେ ଯାଉ ଭରି ।
ସୁନ୍ଦର ସାଗର ନାଥ ଦୟାର ଆକର,
ଶରଦୋଷ-ନଦୀଜଳ ଶୁଦ୍ଧରୂପେ ଧର ।
ଭୂମଣ୍ଡଳର ଚନ୍ଦ୍ର ତାହା ସ୍ପର୍ଶେ ହୁଏ ଲୀନ,
ପୁଣି ତୁମ୍ଭ ଭୁଞ୍ଜି ବିନା ହୁଏ ନାହିଁ କ୍ଷୀଣ ।
ମୋ ଜନମ କଲି ତହିଁ ଅନଳ କ୍ଷେପଣ,
ଦୀପ୍ତ କି କରନ୍ତା ବହ୍ନି ନିଭିଲା ଆପଣେ ।
ସେପରିକାର ହସ୍ତଦାହ ମାତ୍ର ହେଲା ସାର,
ତହିଁ ଶାନ୍ତି-ବାରି ଦିଅ ଭାଗ୍ୟର ଭଣ୍ଡାର ।
ମସ୍ତକେ ମୋ ଦେଇଅଛ ଯେଉଁ ପୁରସ୍କାର
ନିଜ ଘର କର ନିଜ ହସ୍ତରେ ଉଦ୍ଧାର ।
ସେବୁଁ ହେବ କି ଅମଳ କମଳ-ଚରଣ,
ଶରଣବତ୍ସଳ ସେ ମୋ ଆଜନ୍ମ ଶରଣ ।
ପାଦୁକାବନ୍ଦନେ ବସିଅଛି ଅସୁନ୍ଦର",
ବୋଲି ତାହା କାଢ଼ି ଦେଲେ ଶିବିକା-ଉପର ।
ଶ୍ରୀରାମ ବୋଇଲେ,"ବତ୍ସ ! ଜନକ ତୋ ଧନ୍ୟ
ଯାର ଗର୍ଭେ ଜାତ ତୁହି କୁମରରତନ ।
ତାଙ୍କ ଯୋଗୁଁ ପିତା ହେଲେ ଭୁବନବିଖ୍ୟାତ
ସ୍ୱର୍ଗସିଂହାସନ ତାଙ୍କ ହେଲା ସୁବିସ୍ତୃତ ।
ପ୍ରତିଶ୍ରୁତ ଦାନେ ପିତା ହେଲେ ପୁଣ୍ୟଯଶୀ,
ସମୁନ୍ନତ କଲେ କୁଳ ଧର୍ମର ଦଶା ।
ହୋଇ ନାହିଁ ଜନକଙ୍କ ନିଷ୍ଫଳ ମରଣ,
ଚିରକାଳ ଲୋକ ତାଙ୍କୁ କରିବ ସ୍ମରଣ ।
ଧର୍ମ ଅନୁରୋଧେ ଯେଉଁ କରେ ପ୍ରାଣଦାନ,
ସେ ହୋଇଥାଏ ରଘୁବଂଶରେ ପ୍ରଧାନ ।
ନଶ୍ୱର ଶରୀର ନାଶେ ପିତା ଦେଲେ ଛାଡ଼ି,
ବସିଛନ୍ତି ସ୍ୱର୍ଗେ ଉଚ୍ଚ ସିଂହାସନ ମାଡ଼ି ।
ବନବାସେ ମୋର ହୋଇ ନାହିଁ ଅମଙ୍ଗଳ,
କଷ୍ଟ ମାତ୍ର ହେଲା ତହିଁ ଫଳିଲା ସୁଫଳ ।
ପାଇଲି ମୁଁ ବହୁ ସିଦ୍ଧମୁନିଙ୍କ ଦର୍ଶନ,
କେତେ ଅବା ପୁଣ୍ୟତୀର୍ଥ କଲି ପର୍ଯ୍ୟଟନ ।
ଦେଖିଲି ମହାକାନ୍ତିମୟ ଦକ୍ଷିଣ ସାଗର,
କନକ-ପ୍ରାସାଦମୟ ଅସୁର-ନଗର ।
ଲଭିଲି ସୁଗ୍ରୀବ ପରି ବାନ୍ଧବରତନ,
ଭକ୍ତଦାସ ହନୁମାନ, ମିତ୍ର ବିଭୀଷଣ ।
ପାଇଲି ଏ ଧୂର୍ଜଟୀଙ୍କ ସ୍ତବନରେ ଭଣି,
କଣ୍ଠବେଢ଼ି ରକ୍ତ କଳା ପିତୃ ସମର୍ପଣି ।
ଦେଖିଲି ଏ ଦେବବାସୀ ପିତାଙ୍କ ଚରଣ,
ପୁଷ୍ପକରେ ବସି କଲି ବ୍ୟୋମ ବିଚରଣ ।
ରଘୁବଂଶ ଜନ୍ମେ ଏହା ନୁହେଁ କି ଗୌରବ ?
ଏ କୀର୍ତ୍ତି-କୁସୁମ କିଛି ନାହିଁ କି ସୌରଭ ?
ଯୁବରାଜ ହୋଇ ଯେବେ ବସିଥାନ୍ତି ଘରେ,
ପାରନ୍ତା କି ଘଟି ଏହା ମୋହର ଭାଗ୍ୟରେ !
ବିଲୋକିଲି ଲକ୍ଷ୍ମଣର ଦୃଢ଼ ଭ୍ରାତୃ-ପ୍ରେମ ।
ଅଟଳ ସାହସ ଯହିଁ ପ୍ରବଳ ବିକ୍ରମ ।
ସେପରି ତୁ ରଘୁବଂଶ ସୁଯୋଗ୍ୟ ନନ୍ଦନ,
ତୋତେ ଭ୍ରାତୃରୂପେ ପାଇ ଜୀବନ ମୋ ଧନ୍ୟ
ଏହି ସେ ବିପଦ-ବନ୍ଧୁ କପିନାଥ-ଭୂଷଣ,
ଏହି ମୋର ସ୍ୱର୍ଗଲବ୍ଧ ମିତ୍ର ବିଭୀଷଣ ।
ଅସୁର-ଆହବାର୍ଣ୍ଣବେ ହୋଇ କର୍ଣ୍ଣଧାର,
ଅମ୍ଭ ଭାଇ ଦୁହିଙ୍କି କରିଛନ୍ତି ପାର ।
ସମ୍ବର୍ଦ୍ଧନା କର ବାପୁ ଏହାଙ୍କୁ ଆଦରେ,"
ବୋଲି ତାଙ୍କୁ ଦେଖାଇଲେ ପ୍ରେମ ଗଦଗଦରେ ।
ପ୍ରଭାତେ ଭରତ କରି ପ୍ରେମ ଆଲିଙ୍ଗନ,
ମଧୁର ବଚନେ ମୁଗ୍ଧ କଲେ ତାଙ୍କ ମନ ।
ଅମାୟିକ ଭରତଙ୍କ ଦେଖି ବ୍ୟବହାର,
ଧନ୍ୟ ବୋଲି କଲେ ସର୍ବେ ପ୍ରଶଂସା ଅପାର ।
ପ୍ରଭାତ-ଅରୁଣ-କାନ୍ତି ଜାନକୀ ବଦନେ,
ତା'ପରେ ପଡ଼ିଲା ବର ସକଳଙ୍କ ବଦନେ ।
ଶୋକରୁଦ୍ଧ କଣ୍ଠେ କିଛି ନ ପାରିଲେ କହି,
ଶ୍ରୀଚରଣ ଛୁଇଁ ହୃଦେ ମାତ୍ର ହେଲା ଦହି ।
ଭରତ ଲଭିଲ ଶିରେ ଶ୍ରୀମତୀ ପଦରେ,
ଶମ୍ଭୁଶିରେ ଯଥା ପ୍ରାୟେ ହେଲା ମନୋହର

ଅଥବା ଶୈବାଳ-ବନେ ନବ ଇନ୍ଦୀବର,
ବିକଶିତ ହେଲା ଯଥା ଧରିଲା ସୁନ୍ଦର ।
ତହୁଁ ଯାଇଁ ଲକ୍ଷ୍ମଣଙ୍କୁ କଲେ ଆଲିଙ୍ଗନ,
ଦେଖିଲେ ବାଣଜ କ୍ଷତ ଅଙ୍ଗେ ଅଗଣନ ।
ଆଉଁସି ଆଉଁସି ହେଲେ ପରମ ବ୍ୟଥିତ,
ଲୋଚନ-ବାଷ୍ପରେ କରି ଶରୀର ପ୍ଲାବିତ ।
ବୋଇଲେ, "ଏରଘୁବଂଶେ ନେଇ ଜନ୍ମ ତୋର ଯାତ,
ଅକ୍ଷତ ଶରୀର ଦେଖ ମୁହିଁ କୁଳାଙ୍ଗାର ।
ସମସ୍ତଙ୍କୁ ଶତ୍ରୁଘ୍ନ ଯଥାବିଧି ମାନ୍ୟ
କରି, ଲଭି କଲେ ସ୍ନେହ ସାଦର ସମ୍ମାନ ।
ଭରତ ଶତ୍ରୁଘ୍ନ କରେ ହୋଇ ଆଲିଙ୍ଗିତ,
ସଙ୍ଗ ସେନାପତି ତହୁଁ ହେଲେ ସମ୍ମାନିତ ।
ଶ୍ରୀରାମ ଜାନକୀ ସଙ୍ଗେ ସୁମିତ୍ରାନନ୍ଦନ,
ତହିଁ କଲେ ବଶିଷ୍ଠଙ୍କ ପଦ୍ମ ବନ୍ଦନ ।
ବନ୍ଦିଲେ କୌଶଲ୍ୟାପଦ, ସୁମିତ୍ରାଙ୍କ ପଦ,
ମଣିଲେ ରାଣୀଏ ତାହା ଦୁର୍ଲ୍ଲଭ ସମ୍ପଦ ।
ଧୀରତମ ସସ୍ନେହ ହୋଇ ଅତି ତରଳର,
ଆଉଁସିଲେ ମାତାସବୁ ପୁତ୍ର କଳେବର ।
ଦେଖିଲେ ଶରୀର ହୋଇ ଶରରେ ଆହତ,
ସବୁଅଙ୍ଗେ ରହିଅଛି ଦରଶୁଷ୍କ କ୍ଷତ ।
ବୋଇଲେ ହା ବିଧି ଏଡ଼େ ରମ୍ୟ ଅବୟବ,
ଏ କ୍ଷତ ଲଭିବା ହେବା ଥିଲା ଭାଗ୍ୟ ମନେ ।
ସନ୍ତାନଙ୍କ ସୁଧାକର ଗଣ୍ଡଦେଶ ଫୁଲ,
ଦେଖିବାକୁ ନନ୍ଦ ହୁନ୍ତି ସତତ ଆକୁଳ ।
ରାମ-ଶ୍ୟାମ ତନୁ ଚକ୍ଷୁ ଆନନ୍ଦ-ଆଧାର,
ତାକି ଦେଖି ଖୁସିଁ ତାଙ୍କ ବହିଲା ଧାର ।
ଆନନ୍ଦ-ସରିତ-ସ୍ରୋତେ ଯାଇ ହେଲେ ଲୀନ,
ଉଚ୍ଛ୍ୱସିତ କରିଦେଲେ ନୟନ-ପୁଳିନ ।
ବୈଦେହୀଙ୍କୁ ଆଣି ପୁଣି ବସାଇଲେ ଅଙ୍କେ,
ଅମୂଲ୍ୟନିଧିକି ଯଥା ଧରିଥାନ୍ତି ରଙ୍କେ ।
ପୁତ୍ରମାନ ପରି ବଧୂ ଲଭିଲେ ଉଲ୍ଲାସ,
ଜନକ-ଦୁହିତା ବୋଲି ନ ହେଲା ବିଶ୍ୱାସ ।
ଦିଶିଲା ଶଶାଙ୍କ ପରି ଶୀର୍ଣ୍ଣ କଳେବର,
ଧୁଇଁ ତାଙ୍କୁ ଅଶ୍ରୁ ବହିଲା ଝର ଝର ।

ଅନାଇଲେ ପୁନଃ ପୁନଃ ଆଉଁସି ଶ୍ରୀମୁଖ,
ବୋଇଲେ, "ହା ବତ୍ସେ ! କେତେ ପାଇଗଲୁ ଦୁଃଖ ।
ପୁନଃ ପୁନଃ ମୁଖ ପୋଛି ଦୁକୂଳ ଅଞ୍ଚଳେ,
ଦେଖି ଦେଖି ଭାସୁଥାନ୍ତି ନୟନର ଜଳେ ।
ଅଯୋଧ୍ୟାବାସୀଏ ଏତେଣି କେ ଦେଖଇ ରଥ,
କେବା ବିଧୁଜିଣି ମୁଖ ଦର୍ଶନରେ ରତ ।
କେହି ଅବା ସୁଗ୍ରୀବଙ୍କୁ ଦେଖି ହୋଇବ୍ୟସ୍ତ,
କେ ଅବା ପୁଷ୍ପକ ଛୁଇଁ ଶିରେ ଦିଏ ହସ୍ତ ।
ବତ୍ସାର୍ଥୀଙ୍କ ତୃଷ୍ଣ କରି କାରି ଶିଶୁଗଣ,
ଚିହ୍ନିଲେ ବିପିନାଗତ ଶ୍ରୀରାମ ଲକ୍ଷ୍ମଣ ।
ବାଳକାଳୁଁ ରାମ ରୂପ ନ ଥିଲେ ତ ଦେଖି,
ହୃଦପଟେ ଭିନ୍ନ ଭିନ୍ନ ରୂପ ଥିଲେ ଲେଖି ।
ଦେଖିଲେ ସେ ରୂପ ଏବେ ଅତୁଳ ସୁନ୍ଦର,
ଏ ପ୍ରଭେଦ ଯାଇ ଦୂର କଲେ ସେ ପଥର ।
ସୈନ୍ୟସବୁ ଆସିଥିଲେ ଶ୍ରୀରାମ ଚରଣେ,
ବନ୍ଦନେ ଲାଗିଲେ ଏଣେ ତୋରଣେ
ବାତାୟନେ ।
ଦର୍ଶନଶ୍ରୀ ଭୂଷିତକେଶ କୁଣ୍ଡଳବଦନ,
ପରିହିତ କଉପୀନ କୌଷେୟ ବସନ ।
ଗୁଞ୍ଜମାଳ ସଙ୍ଗେ ତାଙ୍କ ରତ୍ନ ଅଳଙ୍କାର,
ଅଯୋଧ୍ୟାବାସୀଙ୍କ ନେତ୍ରେ ଦେଲା ଚମତ୍କାର ।
ଗୋଟିଏ ନ ଥିଲେ ଲଞ୍ଜ ସ୍ୱଭାବ ବାନର, ।
କେଶ ମାତ୍ର ଧଳା କାନ୍ତି ସକଳ ଥିଲେ ନର
ଅନେକେକ ଆସ୍ଫୋଟନ ଲାଗିଲା ସଞ୍ଚର,
ଜଟା ଛଡ଼ାଇବେ ରାମ ସୁ ଶ୍ମଶ୍ରୁମତ୍ର ।
ନଖ କାଟି କ୍ଷୌର କଲା ନିପୁଣ ନାପିତ,
ଶିର ସକାଳେ ଦୁହେଁ ହୋଇଲେ ସୁଶୋଭିତ ।
ମହାମୂଲ୍ୟ କ୍ଷୌମ ବାସ କଲେ ପରିଧାନ,
ଦେଲେକେ ଶ୍ରୀଅଙ୍ଗେ ଦିବ୍ୟ ଅଙ୍ଗରାଗମାନ ।
ରତ୍ନ ଆଭରଣେ ହେଲେ ବିଗ୍ରହ ମଣ୍ଡିତ,
ଭରତ ଶତ୍ରୁଘ୍ନ ହେଲେ ସେରୂପ ସଜ୍ଜିତ ।
ଶ୍ରୀରାମଜାୟାଙ୍କୁ ଦାସୀ କରି ସୁମାର୍ଜିତ,
ଅଳଙ୍କାର ବେଶ କଲା ଶ୍ରୀପଦ ରଞ୍ଜିତ ।

କଷାଇଲା ବୈଧାନ ଅମୂଲ୍ୟ ବସନ,
ଅବୟବେ ମଣ୍ଡିଦେଲା ଉଜ୍ଜ୍ୱଳ ଭୂଷଣ ।
କପାଳରେ ଦେଲା ରମ୍ୟ ସିନ୍ଦୂରର ବିନ୍ଦୁ,
ଦିଶିଲା ତା ଭାଗ୍ୟନଭ ନଭେ ଯଥା ଇନ୍ଦୁ ।
କବରୀ ସାଜିଲା ଦେଇ ମଞ୍ଜୁ ପୁଷ୍ପପୁଞ୍ଜ,
ଦିଶିଲା ଶ୍ରୀଅଙ୍ଗ ଯଥା ଶୋଭାର ନିକୁଞ୍ଜ ।
ଅଭିଷେକ ପାଇଁ ହେଲା କନକ-ମଣ୍ଡପ,
ମଣ୍ଡପେ ମଣ୍ଡିତ ହେଲା ଶୁଭ୍ର ଚନ୍ଦ୍ରାତପ ।
ଚନ୍ଦ୍ରାତପେ ନାନା ବର୍ଣ୍ଣ ମୁକ୍ତା ମାଳ ମାଳ,
ଗୁଚ୍ଛ ଗୁଚ୍ଛ ଲମ୍ବି ଲମ୍ବି କଲେ ଶୋଭା-ଜାଲ ।
କୁସୁମ ସୁବାସେ ବାସମୟ ହେଲା ସ୍ଥଳ,
ଧରାବ୍ୟାପୀ ନଭବ୍ୟାପୀ ହେଲା ମଙ୍ଗଳ ।
ଉପନୀତେ ଶୁଭଲଗ୍ନ ହେବାରୁ ବିଦିତ,
ବାମଭାଗେ ହେଲେ ତାଙ୍କ ବୈଦେହୀ ସହିତ ।
ବଶିଷ୍ଠ ଉଠିଲେ କରେ ଧରି ତୀର୍ଥଜଳ,
ଢାଳିଲେ ଶ୍ରୀରାମ ଶିରେ ଉଚ୍ଚାରି ମଙ୍ଗଳ ।
ବାମଦେବ ଗୌତମ ଯତନେ କାତ୍ୟାୟନ,
ଜାବାଳି କାଶ୍ୟପ ଆଦି ମହାଋଷିଗଣ ।
ଅଭିଷିକ୍ତ କଲେ ସର୍ବେ ଦେଇ ବାସବାରି,
ସୁଗମ୍ଭୀର ବେଦମନ୍ତ୍ର ମଙ୍ଗଳ ଉଚ୍ଚାରି ।
ପରେ ଅଭିଷେକ କଲେ ଋତ୍ୱିକ ବ୍ରାହ୍ମଣ,
ଅମାତ୍ୟ ବଣିକ ଆଦି ପୌରଜନଗଣ ।
ହେମସ୍ତମ୍ଭିତ ବେଣୀ କୁଙ୍କୁମଭୂଷଣା,
ସ୍ୱର୍ଣ୍ଣକଳସୀ-କୁଙ୍କୁମିତ-ସୁରଙ୍ଗ ବସନା ।
ସୁକୁମାରୀ କୁମାରୀଏ ଧରି ସ୍ୱଚ୍ଛ ନୀର,
ସଲିଳ ବରଷେ ସିକ୍ତ କଲେ ତନୁ-ଶିର ।
ବଶିଷ୍ଠ ଶ୍ରୀରାମ ଦେଲେ ସିନ୍ଦୂର ଚନ୍ଦନ,
ଦେଇ କଲେ ମୁକୁଟରେ ମସ୍ତକ ମଣ୍ଡନ ।
ଶତ୍ରୁଘ୍ନ ଧରିଲେ ଛତ୍ର ସୁଗ୍ରୀବ ଚାମର,
ଚାମର ଢାଳିଲେ ପୁଣି ରକ୍ଷୋକୁଳବର ।
ବେନି ପାର୍ଶ୍ୱେ ଉଭା ହେଲେ ଭରତ ଲକ୍ଷ୍ମଣ,
ଶତ୍ରୁ ନାଶ ପାଇଁ ଧରି ଶର ଶରାସନ ।

ସମ୍ମୁଖେ କନକ-କୁମ୍ଭ ହୋଇଲା ସ୍ଥାପିତ,
ସୁବର୍ଣ୍ଣପ୍ରଦୀପ ତେଜେ ହେଲା ପ୍ରଦୀପିତ ।
ଅଙ୍ଗଦ ଜାମ୍ବ ନତଜାନୁ ପବନନନ୍ଦନ,
ସୁଗ୍ରୀବାଦି କଲେ ରାମ-ଚରଣ ବନ୍ଦନ ।
ବାଜିଲା ଅସଂଖ୍ୟ ଶଙ୍ଖ ଦୁନ୍ଦୁଭି ନିସ୍ୱନ,
ସଙ୍ଗେ ଗରଜିଲା ମୁହୁର୍ମୁହୁ ବଡାଡ଼ନ ।
ବାଜିଲା ବିବିଧ ସ୍ୱରେ ବେଣୁ ବଂଶୀ ଘଣ୍ଟା,
ଗାଇଲେ ସଙ୍ଗୀତ ବହୁ ସଙ୍ଗୀତପ୍ରବୀଣା ।
ନିନାଦିଲା ମନ୍ଦ୍ରନାଦେ ମୃଦଙ୍ଗ ମର୍ଦ୍ଦଳ,
ସ୍ଥାନେ ସ୍ଥାନେ ନୃତ୍ୟ କଲେ ନଟ ଦଳ ଦଳ ।
ନାଚିଲେ ଦିକ୍‌ପାଳଗଣେ କରି ମନ୍ଦ୍ର ନାଦ,
ଗିରିବର ନୃତ୍ୟ କଲା ପାଇ ସେ ସମ୍ବାଦ ।
ଉଲ୍ଲାସେ ନାଚିଲା ମନ୍ଦ ମନ୍ଦ ସମୀରଣ,
କାନନରେ ନୃତ୍ୟ କଲେ ତରୁଲତାଗଣ ।
ଅରବିନ୍ଦବୃନ୍ଦ ନୃତ୍ୟ-ପରେ ଆନନ୍ଦରେ,
ଆନନ୍ଦ ନାଚିଲା ଜନ ହୃଦୟ-କନ୍ଦରେ ।
ତାରାକରେ ନୃତ୍ୟ ସ୍ୱର-ବିମ୍ବଗର୍ଭ ନାଚରେ,
ଊର୍ମି ତୋଳି ନୃତ୍ୟ କଲା ମହୋର୍ମି ସାଗର ।
ନାଚିଲା କଲ୍ଲୋଳ ବ୍ୟାଜେ ସରସୀ ଜୀବନ,
ଗାଇଲା ସଙ୍ଗୀତ କରି କଳ କଳ ସ୍ୱନ ।
ବନ୍ଦୀଗଣ ମହୋଲ୍ଲାସେ କରି ଉଚ୍ଚ ରବ,
ଗାଇଲେ ଶ୍ରୀରାମ-କୀର୍ତ୍ତି ମହିମା ଗୌରବ ।
ଜୟ ଦେବ ମନୁବଂଶ-ଅବତଂସ-ମଣି,
ଜୟ ଜୟ ରଘୁକୁଳ-କମଳ-ତରଣି ୧ ।
ବୀରଦର୍ପ ହର ଦଶକଣ୍ଠ-ଭଞ୍ଜନ,
ତ୍ରିଦଶ ୨ ତାଡ଼ିତ-ମୁନି-ମାନସ-ରଞ୍ଜନ ।
ଦୁର୍ଦ୍ଦମ-ଦାନବଦଳ-ଶଳଭ-ଅନଳ,
ଦୁଷ୍ଟଦସ୍ୟୁ ସୁହୃଦ୍‌ବର ଧାର୍ମିକର ବଳ ।
ସିଦ୍ଧରୀ-ଦ୍ୱିଷନ୍ତ ୩-ଦର୍ପ-ବଦନ-ମର୍ଦ୍ଦନ,
ହେର ହର ସୁରଚିତ୍ତ ଆନନ୍ଦବର୍ଦ୍ଧନ ।
ଜୟ ଲୋକ-ଅଭିରାମ ନୟନାଭିରାମ,
ନଟିକ କୁସୁମମୟ ସୁରମ୍ୟ ଆରାମ ।

୧ । ତରଣି—ସୂର୍ଯ୍ୟ । ୨ । ତ୍ରିଦଶ—ଦେବତା । ୩ । ଦ୍ୱିଷନ୍ତ—ଶତ୍ରୁ ।

ବନ୍ଦୀବାକ୍ୟ ଗାଇ-ତବ ଭୁବନ ଭରନ୍ତି,
ଏହି କାଳେ ଦେଉଅଛନ୍ତି ମଙ୍ଗଳ-ଆରତି ।
ବାଜୁ ଶଙ୍ଖ ବାଜୁ ଘଣ୍ଟା ମଙ୍ଗଳ ମନ୍ତ୍ରଣି,
ଜୟ ରାମ ଜୟ ରାମ ଶବ୍ଦପାଉ ଧ୍ୱନି ।
ଗାତ୍ର ହେଉ ସମୁତ୍ଫୁଟ ବଦନମଣ୍ଡଳ,
ପ୍ରଫୁଲ୍ଲିତ ହେଉ ସୀତା ବଦନ-କମଳ ।
ଦିଅ ଏବେ ବ୍ରାହ୍ମଣଙ୍କୁ ଲକ୍ଷ ଲକ୍ଷ ଗାଈ,
ଦୁଗ୍ଧ ପିଇ ଭୁଲୁଥିବେ ତୁମ୍ଭ ଗୁଣ ଗାଇ ।
ତ୍ରିଂଶ କୋଟି ସ୍ୱର୍ଣ୍ଣମୁଦ୍ରା ଦିଅନ୍ତୁ ତାପରେ,
ଶୁକମୀନରତ୍ନ ଅତିବ ଉତ୍ତମ ରୂପରେ ।
ସୁଗ୍ରୀବଙ୍କୁ ଦିଅ ମଣିମୟ ସ୍ୱର୍ଣ୍ଣହାର,
ବୈଦୂର୍ଯ୍ୟ କେୟୂର ପାଉ ବାଳିର କୁମାର ।
ଚନ୍ଦ୍ରପ୍ରଭ ମୁକ୍ତାହାର ଦିଅ ପ୍ରିୟା କରେ,
ପ୍ରସନ୍ନେ ଦିଅନ୍ତୁ ସେ ତା ପବନକୁମରେ ।
ପାଉଣି ରତ୍ନ ଆଉ ଯେତେ ସେନାପତିଗଣି,
ଦିଅ ତାଙ୍କୁ ପଟ୍ଟବସ୍ତ୍ର କନକ-ଭୂଷଣ ।
ଉତ୍କଳୀୟେ ବସିଅଛନ୍ତି ଯୋଡ଼ ବେନିକର,
ଆମ୍ଭ ପ୍ରତି ଯଥାଯୋଗ୍ୟ ଅନୁଗ୍ରହ କର ।

# ନବମ ଅଧ୍ୟାୟ

# ଉତ୍ସର୍ଗପତ୍ର

## ସ୍ୱର୍ଗୀୟ କବିବର ରାୟ ରାଧାନାଥ ରାୟ ବାହାଦୂର

ପବିତ୍ରହୃଦୟେଷୁ

ଦେବ,

ଆପଣ ମୋତେ ଯେଉଁ ଅମୂଲ୍ୟ ବାତ୍ସଲ୍ୟ ଧନ ଦେଇ ଯାଇଅଛନ୍ତି, ଆପଣଙ୍କ ଜୀବଦ୍ଦଶାରେ ମୁଁ ତହିଁର କିଛିମାତ୍ର ପ୍ରତିଦାନ କରି ନ ପାରି ଋଣୀ ହୋଇ ରହିଅଛି । ମୁଁ ଜଣେ ଦୀନ ଅଥଚ ମୋହର ହୃଦୟ ମଧ୍ୟ ଦୀନ । ପ୍ରତିଦାନର ଉପଯୁକ୍ତ ପଦାର୍ଥ ମୋଠାରେ ଥିବାର ଅସମ୍ଭବ । ତଥାପି, "କୀଚକବଧ"କୁ ଆପଣଙ୍କ ନାମରେ ଉତ୍ସର୍ଗ କରି ହୃଦୟର କୃତଜ୍ଞତା ମାତ୍ର ପ୍ରଦାନ କରି କୃତକୃତାର୍ଥ ହୋଇଥାନ୍ତି । କିନ୍ତୁ ଆପଣଙ୍କ ପ୍ରଦତ୍ତ ମନ୍ତବ୍ୟ ତାହାର ଉତ୍କର୍ଷ ପରିଚାୟକ ଶିରୋଭୂଷଣ ଥିବାରୁ ଆପଣ ତାହା ଗ୍ରହଣ କରିବାକୁ କୁଣ୍ଠିତ ହେବେ ବୋଲି ତହିଁରୁ ବିରତ ହେଲି ।

ଆଜିକାଲି ଅନେକଙ୍କର ଧାରଣା ଯେ, ଅଧିକାଂଶ ଲୋକଙ୍କର ଉତ୍ସର୍ଗ ସ୍ୱାର୍ଥମୂଳକ । ସମ୍ପ୍ରତି ଆପଣ ସ୍ୱର୍ଗର ଦେବତା । ମୁଁ ସର୍ବସାଧାରଣଙ୍କ ଧାରଣାକୁ ସମର୍ଥିତ କରିବା ଅଭିପ୍ରାୟରେ ଏହି ମୂଲ୍ୟହୀନ "କବିତାକଲ୍ଲୋଳ"ରେ ଭବଦୀୟ ସ୍ୱର୍ଗୀୟ ଆତ୍ମାର ସନ୍ତର୍ପଣ କରୁଅଛି । ମୋହର ଭକ୍ତିର ଅନୁପାତରେ ଆପଣଙ୍କର ତୃପ୍ତି ହୋଇ ମହିମାଯୁକ୍ତ ନାମୋଚ୍ଚାରଣଦ୍ୱାରା ଏହା ପ୍ରତି ସାଧାରଣଙ୍କ ଦୃଷ୍ଟି ଆକୃଷ୍ଟ ହେଲେ ମୋହର ସ୍ୱାର୍ଥସିଦ୍ଧି ହେବ । ଇତି ।

ସମ୍ବଲପୁର
ଇଂ: ତା ୧୨ । ୩ । ୧୯୧୨

ଭବଦୀୟ ଚରଣଭକ୍ତ
**ଶ୍ରୀ ଗଙ୍ଗାଧର ମେହେର**

# ଦେଶ ଦର୍ଶନ

## ବେଦବ୍ୟାସ

*ବେଦବ୍ୟାସ ଗିରି ମଞ୍ଜୁ କୁଞ୍ଜମୟ,
ବେଦବ୍ୟାସ ପୂତ ଜନମ ନିଳୟ ।
କାନନକୁସୁମ ଚର୍ଚ୍ଚିତ କାନନ—
ମଧ୍ୟରେ ଉତ୍କଳେ କରିଛି ଅସନ ।

ପୂର୍ବଭାଗେ ତାର ପୂତିକା କନ୍ଦର,
ବରଷ ପାଦପ ପ୍ରସୂନେ ସୁନ୍ଦର ।
ଭାରତମଣ୍ଡଳେ ଯଥା ନୀଳାଚଳ,
ହୋଇଅଛି ପୁଣ୍ୟମହତ୍ତ୍ୱେ ଉଜ୍ଜ୍ୱଳ ।

କଣ୍ଠମାଳଶିର ପୁଷ୍ପବଲ୍ଲୀଲତା,
ସଙ୍ଗେ ବାନ୍ଧେ ରତ ତନ୍ତୁ କୁଞ୍ଜଲତା ।
ନିଜ ନିଷ୍କଣ୍ଟକ ବିଶ୍ରାମ ଲମ୍ବାଇ,
ଦର୍ଶକଙ୍କ ଆଗେ ହେଉଛନ୍ତି ଦେଖାଇ ।

ଜମ୍ବୁନଦ କାନ୍ତି ଶୁଭ୍ର ଚନ୍ଦ୍ରାଳୋକ,
ଶୋଭାବୃଦ୍ଧି ପାଇଁ ହୋଇଛି ପ୍ରଫୁଲ୍ଲ ।
ଶ୍ୟାମ କଳେବର ପଟଳେ ତା ଦୃଶ୍ୟ,
ନୀଳନଭେ ରମ୍ୟ ତାରକା ସଦୃଶ ।

କେତେ ଅତିଥିଙ୍କ ନାମ-ମାଳା ବହି,
ସାଧୁଭାବେ ଅଛି କି ପାଦପ ରହି ।
ଯା କରେ ହୋଇଛି ଶୋଭିତ ବିଗ୍ରହ,
ତା ନାମ ଜପୁଛି ପ୍ରକାଶି ଆଗ୍ରହ ।

ନ ହୋଇ ବିଶାଳ ଊର୍ଦ୍ଧ୍ୱେ ଟେକି ମୁଣ୍ଡ,
ଶାଳ ତରୁରାଜି ହୋଇଛନ୍ତି ଠୁଣ୍ଟ ।
କୁସୁମ ଭ୍ରମର ଭ୍ରାନ୍ତି ସେ ସନ୍ତେ,
ଅଛନ୍ତି ଦୁଃଖନ୍ତି ସେ ତର୍କି ବସନ୍ତେ ।

କର୍କଶ ବିଗ୍ରହ ଉଦ୍ଭବ ପାଦପ,
ଗୁମ୍ଫା ଦେଉଅଛି ଉଚିତ କରି ଦର୍ପ ।
ବାହାରେ କର୍କଶ ଦିଶିଲେ କି ହେବ,
ଭିତରେ ସେ ରଖିବ ସେତୁ ଶାନ୍ତି ଦେବ !

ମଧ୍ୟେ ମଧ୍ୟେ କେଳି କଦମ୍ବନିଚୟେ,
ଛୁଟି ମଣ୍ଡିଛନ୍ତି ରମ୍ୟ ଶିଳୋଚ୍ଚୟେ ।
ପ୍ରାବୃଟ ସମସ୍ତ ହେଲେ ସମାଗତ,
କୁହୁମାର୍ଗ ଧରି କରନ୍ତି ସ୍ୱାଗତ ।

ଚିତ୍ରପାଦପ ଗିରି ଗରବ ସମ୍ଭୃତ,
ଜଳେ ଦୃଷ୍ଟି ବେଦବ୍ୟାସ ସ୍ନାନେ ପୂତ—
ସରସ୍ୱତୀ କୂଳ ବହେ ସରସ୍ୱତୀ,
କୋଶଳୀ ଉତ୍କଳ ଯଥା ସରସ୍ୱତୀ ।

ନିକଟରେ ଶଙ୍ଖ ହୋଇ ସଙ୍ଗ ପାଇ,
ଦେଉଅଛି ନିଜ ଜୀବନ ମିଶାଇ ।

---

* ଗାଙ୍ଗପୁର ରାଜ୍ୟର ନାଗର୍ ଜମିଦାରୀସ୍ଥିତ ଏକ ପର୍ବତ ।

ସଂସ୍କୃତ ଭାରତୀ ଉତ୍କଳେ ଯେସନ,
ମିଶ୍ରିତ କରନ୍ତୁ ନିଜ ଅବେଶନ ।
ଉତ୍ତର ଦିଗରୁ ବହିଆସି ଗଙ୍ଗ,
ଏଠାରେ ଲଭନ୍ତି କୋଇଲିର ଅଙ୍ଗ ।
ଏକ ଅଙ୍ଗ ଦୁହେଁ ଧାଉଛନ୍ତି ବହି,
ଦେବନ୍ତ 'ବ୍ରାହ୍ମଣୀ' ନାମଟିକୁ ବହି ।
ବିମିଶ୍ରିତ ହେଲେ ବିଭିନ୍ନ ବରଣ,
ଭିନ୍ନ ନାମ ସଦା କରନ୍ତି ଧାରଣ ।
ନଦକୁ ଦେଖିଲେ ବ୍ୟାସ ଜନ୍ମଦେଶୀ-
ସାଦୃଶ୍ୟ ନିଏ ମନୋଦୁଃଖ ହରି ।
ଥିଲେହେଁ ଅନେକ ଗୁଳ୍ମ ମହୀରୁହ,
ଆବାଳ ବୃଦ୍ଧର ବୁଝେ ଦୁରାରୁହ୍ୟ ।
ସରଳଶମ୍ପାନ୍ତି ସାନୁଦେଶ ସାଏ,
ସ୍ୱରମ୍ୟ ସୋପାନଟିଂକୁ ଶୋଭା ପାଏ ।
ତହିଁ ନମତଳେ ମଣ୍ଡପ ଶୋଭିତ,
ତହୁଁ ଉର୍ଦ୍ଧ୍ୱେ ପୁଣି ସୋପାନ ଉଦ୍ଦୀପ୍ତ ।
ବ୍ୟାସ ଜନ୍ମସ୍ଥଳ ଚିହ୍ନିତ ପ୍ରାଙ୍ଗଣ,
ଚିହ୍ନା ଦେଖାଉଛନ୍ତି ତାଙ୍କୁ ଚତୁରତି ।
ତହୁଁ ଉପରକୁ ସୋପାନରେ ଚାଲି,
ପାର୍ବତୀର ସୁଧା-ଲିପ୍ତ ଦେଉଳ ।
ପୁଣି ସୋପାନରେ ହୁଅ ସମୁତ୍ଥିତ,
ଶିଖର ମଣ୍ଡପେ ହେବ ଉପସ୍ଥିତ ।
ଏ ମଣ୍ଡପ ସାନୁ ମୁକୁଟ ସଦୃଶ,
ଦର୍ଶକ-ନୟନେ ଦୂରୁ ହୁଏ ଦୃଶ୍ୟ ।
ବେଦବ୍ୟାସଙ୍କର ଲଭି ସୁପ୍ରସାଦ,
*ଅନିରୁଦ୍ଧ ସନ୍ତ ଚୈତନ୍ୟପ୍ରସାଦ ।
ପ୍ରସାଦର ଶେଷ ସାଧାରଣ ଅର୍ଥେ,
କରି ଦେଇଛନ୍ତି ସାଧାରଣ ଅର୍ଥେ ।
ଜନତାରି ମୂର୍ତ୍ତି ଥାଇ ସେ ସମ୍ବାଦ,
କିଏ ବା ନ ଦେବ ତାଙ୍କୁ ଧନ୍ୟବାଦ ।
ଯାହା କରେ ଶୋଭାପାରେ ଲୋକହିତ,
ସ୍ୱାର୍ଥେ ନ ଥିଲେହେଁ କରିବା ଉଚିତ ।

ଲୋକହିତ-କର୍ମୀ ମାନବ ଧରମ,
ତାହା ଗୀତା ତାର ଉପଦେଶ ପରମ !
ଲୋକହିତେ ଯେଉଁ ଲୋକ ଧନ-ଜନ-
ମନ ନିୟୋଗରେ ହୁଅନ୍ତି କୃପଣ,
ସେମାନେ କେବଳ ନିଜ ପାଇଁ ନର,
ଧର୍ମ ଜଗତର ଅଯୁକ୍ତ ବାନର ।
ଏଠାରେ ମୋ ଦୃଷ୍ଟି କଲା ଦୂର ଧାନ,
ଚଢ଼ି ବୁଦ୍ଧାରଜା ଶିଖର-ସୋପାନ ।
ମନ ଗଲା ତାର-ତାରିଣୀ ଚୂଡ଼ରେ,
ପାବକ୍ଷ ପଥରେ ଉଠି ଉର୍ଦ୍ଧ୍ୱସ୍ୱରେ ।
ତହୁଁ ଗଲି ଯାଇ ଶାରଦପ୍ର ଘାଟ,
ସୋପାନେ ନ୍ୟଗ୍ରୋଧ ତଳେ ଜଳ ନାଟ ।
ନ ଟାଣିଲା ଚିତ୍ତ ନୃସିଂହନାଥରେ,
ଗ୍ରୀଷ୍ମକାଳେ ଯହିଁ ଶୀତଳ ଜଳୁ ଅରେ ।
ଦୁରାରୋହ ଗିରି ଚଢ଼ିବାକୁ ଡରି,
ଅନେକ ବିଲମ୍ବେ ଧରେ ପୁଣି ଜ୍ୱର ।
ନାଗଙ୍କ ଲଳାଟରେ ମନୋହର ବନ,
ଚନ୍ଦ୍ରଶ୍ରୀ ଭଳି ଦିଶନ୍ତି ଗଗନ ।
କରିବାକୁ ଭରି ଚିତ୍ତ ବିଚରଣ,
ଦୂରୁ ପ୍ରଣମିଲି ନୃସିଂହଚରଣ ।
ପ୍ରଣମିଲି ହରିଙ୍କର ପଦ୍ମବର,
ବାହୁଡ଼ି ଆସିଲି ଶୋଭ ବତ୍ସ୍ଥରେ ।
ମୁକୁଟ-ମଣ୍ଡପେ ଆସ ଏବେ ଗିବା,
ଦେବ୍ୟମହାନଦୀ ଶୋଭା ସୁତଳେ ନକ୍ଷିବା ।
ତହିଁ ଥାଇ ଅବର ବୁଲାଇ ନୟନ,
ନେତ କର ନବ ଗ୍ରାବ ଆନୟନ ।
ଦୂରେ ଚଳିବେଗ ଟ୍ରେଣ୍ଟଚଳଜ,
ପ୍ରାଚୀର ଟିଏ ଅଛନ୍ତି କବନ୍ଧ ।
ଚତୁଷ୍କ ନ ଜା ହୋଇଛି ଉଚିତ,
ଯାଚ ଆଗନ୍ତୁ ଦେବାକୁ ଉଚିତ ।
ଲକ୍ଷଣ ଭଲ ପୁଣି ଶୁଣାଇ ଚରଣ,
ହେତୁ ମନସ୍ୟରି ଭଲ ନାବନାଶ ।

* ଅନିରୁଦ୍ଧ ପଟ୍ଟନାୟକ—ଖାଡପୁର ରାଜ୍ୟର ଦେବାନ ଓ ଚୈତନ୍ୟପ୍ରସାଦ ତାହାଙ୍କର ଜଣେ ଭାତୃର ଅଙ୍ଗ ।

ନିଶ୍ଚିତେ ନ ଜାଣେ କହିବ ଅଭିଳାଷ,
କରିବାକୁ ମଧ୍ୟ ପ୍ରତ୍ୟାଶେ ବିଳାସ ।
ପୁଷ୍କରିଣୀ ତେଣ ସୁରମ୍ୟ ଅଟଇ,
ଜଳ କଲ୍ଲୋଳରୁ ଉଠୁ ଶାନ୍ତିରବ ।
କୁସୁମାଧାରକର ପ୍ରଶ୍ନ ପ୍ରକାଶିଳ,
ବିହରନ୍ତି ସହିଁ ବିହଙ୍ଗପଟଳ ।
ମଧ୍ୟେ ପୁଷ୍କରିଣୀ କାନନ-ଦର୍ପଣ,
ଦେଖି କାର ମନ ନହୁଏ ତର୍ପଣ ।
ଜଳେ ତାର ଶ୍ୱେତ ରକତ କୁମୁଦ,
ଫୁଟି ଦେଉଅଛନ୍ତି ମାନସକୁ ମୁଦ ।
ସେ କୁସୁମ ତହିଁ ଥିବାରୁ ଅଳପ,
କବୁ ନ-ହୁଏ ସେ ଶୋଭାରୁ ଉଣତ ।
ତାପରେ ଉତ୍ତର, ପୂର୍ବ, ଦକ୍ଷିଣ-
ଦିଗରେ କରଇ ଦୃଷ୍ଟି ପ୍ରଦକ୍ଷିଣ ।
ସାନୁତଳ ଦେଖେ ଶ୍ରୀବତ୍ସଶେଖର,
କୁଞ୍ଜବାଟିକା ମଧ୍ୟ ମନୋହର ।
ସମୀପେ ଶୋଭେ ଅଟଳୀର ଡ଼ୀର,
ନମୁଛି ଶିଖର ଦେଖେ ବାରମ୍ବାର ।
ତାହିଁରେ କୋଇଲି ଡାକେ କହି ରବ,
କର୍ଣ୍ଣପୁଟରେ ଢାଳେ ସୁଧାର କୁହୁରବ ।
ମଧ୍ୟେ ଶୁଭ୍ର ଜାଳ ତ୍ରିକୋଣ ଭୁବନ,
କମ-ପୃଷ୍ଠ ଶିର ଜଳେ କରେ ସ୍ନାନ ।
ପୁଷ୍କରିଣୀ ତାର ସେତୁବନ୍ଧ ଆକାର,
ବନଭୂମି ଅତ୍ୟାପ ଉପକାର ।
ଉଦୟ ପାର୍ଶ୍ୱରେ ଶୁଭ୍ର ଦେବ ମନ,
ବସନ୍ତି ଯେଉଁଠାରେ ବନ ଶ୍ରମନ୍ଦୀ ।
ନବ ଦୂର୍ବା ପାଶେ ଉଠିନଅଛଳ,
କେତେକ ଦୂରେ ବହୁଅଛି ଅନର୍ଗଳ,
ଏକ ହୋଇ ଏହି ଦେବ ଧାମରେ,
ଅଭିଷେକ ହେଲେ ବ୍ରାହ୍ମଣୀ ନାମରେ ।
ଜବା ଶଙ୍ଖ ଶୃଙ୍ଗ କୋଇଲି ଶୋଭିତ,
ସନ୍ଧ୍ୟାରେ ବ୍ରାହ୍ମଣୀ ହୋଇଛି କ୍ରନ୍ଦିତ ।
ଲମ୍ବ ବୃକ୍ଷ ପିଲର ଦେବା ପାଇଁ ସାକ୍ଷୀ,
ପାତାଳ ଫୁଟିତ ହୋଇ ସହସ୍ରାକ୍ଷି,

ଶଙ୍ଖ ଗର୍ଭେ ଛନ୍ତି ଯାଇ ସନ୍ନିକଟ,
ଦେଖା ଦେବ ସବୁ ଚେଷ୍ଟାରୁ ପ୍ରକଟ ।
ତହିଁ ଦୃଷ୍ଟି ଦେବେ ବନ ଶିରେ ତଳ,
ଦେଖିବ ଅଦୂରେ ବ୍ରାହ୍ମଣୀ ଅଚଳ,
ତହୁଁ ବଢ଼ିଛି ଶାଳ ଶତ ତାଳ ବଣ
ଶୋଭ ଉଚ୍ଚ ହୋଇଛନ୍ତି ଲକ୍ଷ ଲକ୍ଷ ।
ଯା ସଙ୍ଗେ ତାହାର ନାହିଁ ତାରତମ୍ୟ,
ସେ ବନସ୍ତି ଉଚ୍ଚ ଥାଇ ଉଚ୍ଚତମ ।
ଏହି ପରି ପିନା ପ୍ରସାଦ-ଶୀତଳ,
ଉଚ୍ଚ ଉଚ୍ଚତର ହୋଇଛନ୍ତି ଜଳେ ।
ମଧ୍ୟ ରହିଅଛି କାନନ ପଥରେ,
ମାନସ ଆନନ୍ଦ ବ୍ରାହ୍ମଣୀ ମନ୍ଦିର ।
ବୃକ୍ଷ ବନ ଯେତେ ମୃଗ ଅଧିକ ଅକୁଳ,
ଅନାର୍ଯ୍ୟ କୃଷକ ସୀମାନ୍ତ ସଙ୍କୁଳ ।
ସେହି ମନ୍ଦିରର କରନ୍ତି ଅର୍ଚ୍ଚନା,
ବନଫୁଲେ କରି ସ୍ତୁତି ବନ୍ଦନା ।
ମିଶାଇ ମଧୁର କଣ୍ଠେ ହୁଳହୁଳି,
କଦମ୍ବ ଗୋମସ୍ତ ଦେଇଥାନ୍ତି ଲଦି ।
ରାତହେଲେ ଅଟଳୀ କରନ୍ତି ବାସବ,
ପ୍ରଭାତରେ କରିଦିଅନ୍ତି ସେ ସବ ।
ଏଣୁ ସେ ମୂର୍ତ୍ତିକି ବୋଲନ୍ତି ଅବଳା,
ଇନ୍ଦ୍ର ମନ-କ୍ଷୋଭ ବନ୍ଧୁକ ଅବଳା ।
ମୋହନା ବୃଦ୍ଧିଁ ପାଷାଣ ମୂରତି,
ପାଶେ କି ପାଷାଣ ରୂପ ଦୁରପତି ?
ଅଦ୍ୟାପି ଇନ୍ଦ୍ରଙ୍କ ପାଇ ବର୍ଦ୍ଧି ଆଶ,
ସୁରନାଥ ହୋଇ ସ୍ତବକର ଦାସ ।
ଦକ୍ଷିଣରେ ଦେଖ ଗୌତମ ପର୍ବତ,
ବନଲକ୍ଷ୍ମୀଙ୍କର ଶ୍ୟାମ ତନୁ ବତ ।
ତା ଚକ୍ରକୁ ପାନ୍ତୁ ସ୍ଥଳ ବାଣ୍ଟୁ କି,
ନୂତଶୀଳା ସହ ଦେଉଳର କୂଳ ।
ଛାଙ୍କ ଦେଉ ସ୍ୱଚ୍ଛ ସରୋବର ଶିର,
ଯହିଁ ଦୃଷ୍ଟିହମ୍ୟ ସକଳବର୍ତ୍ତି ଶିର ।
ହୋଇ ପିତ୍ତରର ପୁଣ୍ୟାଶ୍ରମ ଖ୍ୟାତ,
ତେଣୁ ସେହି ନାମେ ହୋଇଛି ଅଖ୍ୟାତ ।

ଏହିଠାରୁ ଆସି ଦକ୍ଷିଣର ଦଣ୍ଡ,
ଭେଟିଲେ ବ୍ରାହ୍ମଣୀକୂଳେ ସତ୍ୟବଟ ।
ସତ୍ୟବଟୀ ପିତା ଥିଲେ ଦାସପତି,
ପାଶେ ରହିଅଛି ତାହାଙ୍କ ବସତି ।
ନାହିଁ ସିନା ତାଙ୍କ ନିବାସ ଅବାଟେ,
ରହିଅଛି ବାସଭୂମି ସ୍ତୂପାକାର ।
ଚତୁର୍ଦ୍ଦିଗେ ତାର ବେଢ଼ିଛି ପରିଖା,
ନିକଟକୁ ଯାଇ କର ତା ପରୀକ୍ଷା ।
ଅଦ୍ୟାବଧି ଦାସ କର୍ଣ୍ଣଧରମାନେ,
ଅଛନ୍ତି ଏ ସ୍ୱଜନ୍ୟ ବହୁଘରମାନେ !
ଚଢ଼ିଥାଇ ସେହି ଯହିଁ “ବୋଳି” ସାନ,
ବର୍ଜ୍ଜନର ଲୁଣ୍ଠ କା କୋଣ ପାଷାଣ !
ଦେଖ ଗୋବର୍ଦ୍ଧନ ପ୍ରଭୃତି ପୁଷ୍କର,
ଯାହାଙ୍କ ମହତ୍ତ୍ୱ କଳନ ଦୁଷ୍କର !
ପୁରାଣେରେ ଅଛି ଯେ ରୂପ ଉଲ୍ଲେଖ,
ଆଜ କି ସେମାନେ ସେହିପରି ଦେଖ ।
ଦ୍ରୋଣ-ପ୍ରଦତ୍ତ ଦ୍ରୁତଚେଷ୍ଟ ଲଭି,
ଯାନକୁ ହିଁ ବଡ଼ ଦେଖିଥାନ୍ତି କବି ।
ବ୍ରାହ୍ମଣୀ ନଦୀର ଅନ୍ତଃସ୍ଥ ଧାର,
କୁମାରୀ ନାବିକା କରୁଥିଲା ପାର ।
ମୁନି ଦାସସୁତା ନଉକାରେ ବସି,
ମୁଗ୍ଧ ହୋଇଲେ ତାର ରମ୍ୟ ରୂପେ ରସି ।
ବାଞ୍ଛିଲେ ସଙ୍ଗମ ଉଧାନ ନ ହୁଡ଼ି,
ଅନ୍ଧକାର ପାଇଁ ସୃଜିଲେ କୁହୁଡ଼ି ।
ଅଦ୍ୟାପି ଏଠାରେ ବାଢ଼ କୁଜ୍ଝଟିକା,
ଶୀତ ପ୍ରାତେ ନିତ୍ୟ ଉଦେ ହିସଂଟିକା !
ଏ ପୁଣ୍ୟଭୂମିରେ ଦେବତ ବ୍ରାହ୍ମଣୀ,
ବ୍ରାହ୍ମଣୀ ହୋଇଛି ଧୀବର ରମଣୀ ।
ପଦ୍ମଗନ୍ଧବାଳା ସହିତ ବ୍ରାହ୍ମଣୀ,
ମୁନି ସେ ସ୍ଥଳକୁ ବ୍ରହ୍ମମୟ ମଣି,
ଦାସକନ୍ୟା ବୋଲି ନ କରି ବିଗ୍ରହ,
ବ୍ରହ୍ମଜ୍ଞେ କଲେ ପୀରତି ସଞ୍ଚାର ।
ବ୍ରହ୍ମସନ୍ଦର୍ଶ କଲେ ବ୍ରହ୍ମରେତ ନ୍ୟାସ,
ଜାତ ହୋଇଲେ ତହିଁ ବ୍ରହ୍ମବିତ ବ୍ୟାସ ।

ସୁହିଁ ନବଜାତ ଶିଶୁ ବ୍ୟାସ-ମୁଖ,
ଭାରତ ଭାରତୀ ଉପେକ୍ଷିଲା ଦୁଃଖ ।
ଜନ୍ମ ପାଇଁ ଭକ୍ତ ପୀରତି ପ୍ରକାଶି,
ସଜାଡ଼ିଲା ନବ ନବ ଭାବେ ବାଣୀ ।
ଗାଣ୍ଡିବେବା ଗାଣ୍ଡିବଧରର ହାକଲେ,
ଦେବେନ୍ଦ୍ରଙ୍କ ପଥ ବହିଁ ବସାଇଲେ ।
ଚରଂବନ୍ଧ ଚହ୍ଲାଇ ପରମ ପ୍ରସଙ୍ଗ,
ହୃଦପଦ୍ମେ ତାଙ୍କ ସ୍ଥାପିଲେ ଆସନ ।
ବିଦ୍ୟାଧର କର-ମୁକ୍ତ ପୁଷ୍ପଚୟ,
ଆମୋଦିତ କଲା ସ୍ୱ,ଲଙ୍କା-ଆଳୟ ।
କେତେ ପୁଷ୍ପ ପଡ଼ି ବ୍ରାହ୍ମଣୀ ସଲିଳେ,
ବାରପୁଟସ୍ଥ ଭାସି ଚଳିଲେ ସଲୀଳେ ।
କଲ୍ପଦ୍ରୁ ଏ ପୁର-କର୍ତ୍ତ-ଦ୍ୱୈପାୟନ,
କଲେ ମଧୁମୟ ମଙ୍ଗଳ ଗାୟନ ।
କମଳ ଆକାର ଧରି ଭକ୍ତିରସ,
ତୃପ୍ତି ଦାନ କଲା ଯୋଗି ବନ୍ଧାନ୍ୱୟ ।
ଉଦ୍ଧପାତ ଦେବ ପର୍ବତ ଆକାରେ,
ଗଦା କଲେ ରଚ୍ଚ ଭାରତ ଆଗାରେ ।
ଭାରଣ୍ଡବଂଶ ଉପାଦାନରାଶି,
ଅଇଲେ କୋଇଲି ସ୍ରୋତେ ଭାସି ଭାସି ।
ପ୍ରହର ସହିତ ଆଦ ଶର୍ଯ୍ୟାଗଣେ,
ଅଣାଇଲେ ବ୍ୟାସେ ସତ୍ତ୍ୱସ୍ଥନପ୍ରନେ ।
ଦେନସିବା ପାଇଁ ତାଙ୍କୁ କୋଳକର,
ଚରଣରେ ହେଲେ ଉଂଶୁଗ୍ରନ୍ଥିର ।
ପଶ୍ଚାତରେ ଏହି ତାହାଙ୍କ ଜଞ୍ଜାଳ,
ସୁନ୍ଦର ରହିନେଲେ ନନ୍ଦେ କଳୁ ଦାଳ ।
କାହିଁ କନ୍ଧି ବ୍ୟାସ କେଉଁଠି ବଢ଼ିଲା,
କେତେ କେତେ ବେଦପୁରାଣ ଗଢ଼ିଲା ?
ଜନମ କାହାର ପଙ୍କଜ ଯେସନ,
ତଥାଚ କରେ ଦେବ-ମସ୍ତକେ ଆସନ ।
ଏ ସୁଦ୍ଧ ଶରକଣ୍ଡରେ ହୋଇ ଜାତ,
ସ୍ୱାମୀ ନମ୍ରସ୍ତକ ଶୋଭି ହେଲେ ଖ୍ୟାତ ।
ଝିଙ୍କା ସୀମନ୍ତିନୀ ଲଭିଥାଏ ପ୍ରଭା,
ସ୍ୱଗ ଦେଲ ପୁଣି କାଶିଆଡେ ବଡ଼ !

ଯେ ସ୍ଥାନ ଶୋଭଇ ସୁମେରୁ ମୁକୁଟେ,
ଭୂଷଣ ହୋଇ ତଥା ଗିରିରାଜକୂଟେ ।
ପୂର୍ବାପର ସିନ୍ଧୁ-ଜହ୍ନୁଜ-ତଟଳ,
ଚୁମ୍ବୁଛନ୍ତି ସଦା ଯାର ପାଦତଳ,
ଘନଜୁଟେ ଯୁଣି ଉଠି ଶିଖାସ୍ତରେ,
ସୁରଙ୍ଗ ରଞ୍ଜନ କରନ୍ତି ଉରସେ,
ମନ୍ଦାକିନୀ ମୁକ୍ତା-ପ୍ରସ୍ରବଣୀ ଯାର,
ନିତ୍ୟ ଅଭିଷିକ୍ତ କରେ ଯାର ଶିର,
ହରି ବଦରିକା କେଦାର ସମେତ—
ପଟଳ ଯା ଦେହେ ସଦାଶିବ ଜ୍ୟୋତି,
ସେହି ଗିରିରାଜ ହିମାଚଳଶ୍ରେଣୀ,
ହୋଇଥିଲେ ତୁମ୍ଭ କୀର୍ତ୍ତିର ନିଃଶ୍ରେଣୀ ।
ସସାଗରାଧରା ଚତୁର୍ଦ୍ଦଶପୁର,
ନ ରହିଲେ ତୁମ୍ଭ ଦର୍ଶନକୁ ଦୂର ।
ବସି ଅଛି ତୁମ୍ଭ ସମସ୍ତ ଗୋଲକ,
ଅବନୀମଣ୍ଡଳ ହସ୍ତ ଆମଳକ ।
ଅଜ୍ଞାବହ ଥାଇ ଅଷ୍ଟାଦଶ ସିଦ୍ଧି,
ପାଦତଳେ ଲୋଟୁଥିଲେ ସର୍ବନିଧି ।
ଯାଇଥିଲେ ଯେଣୁ ସାମ୍ରାଜ୍ୟ ବୈର,
ମଣୁଥିଲ ଅନ୍ୟ ସତ୍ତ୍ୱକୁ ଦର୍ଦ୍ଦୁର ।
ମହାଭାରତର ସନ୍ତାନକୌଶଳ,
ଭ୍ରାତୃବିବାଦର ବିଷମୟ ଫଳ,
ପଶାଖେଳେ ଯେଉଁ ଦଶା ହୁଏ ଲଭ,
କୁମନ୍ତ୍ରୀର ଥାଏ ଯେମନ୍ତ ସ୍ୱଭାବ,
ଧର୍ମପଥେ କେତେ ଲୁଚଣି ଆପଦ,
ହେଲେହେଁ ଧାର୍ମିକ ନ ଘୁଞ୍ଚାଏ ପଦ ।
ଅଧରମ ପଥ ପାଦେଶ ରହସ୍ୟ,
ତା ପଛ କିଭଳି ଭୟଙ୍କର ରୂପ ।
କିରୂପେ ଗର୍ବୀର ଗର୍ବ ହୁଏ ଖର୍ବ,
ଗୋଟି ଗୋଟି କରି ଦେଖାଇଲ ସର୍ବ ।
ଶ୍ରୀକୃଷ୍ଣଙ୍କୁ କରି ବିଷ୍ଣୁ ଅବତାର,
ଦେଖାଇଲ ତାଙ୍କ ମହିମା ଅପାର ।
ସେ ଦେ ନ କରନ୍ତି ଜାତିର ବିଚାର,
କଲ ତାହା କେତେ ପ୍ରକାରେ ପ୍ରଚାର ।

ସରଳା ନିର୍ମଳା ଭାଗବତୀ ଗୀତ,
ତହିଁ ଦେଖାଇଲ ଭଗବତ୍‌ପ୍ରୀତି ।
ଶୁଦ୍ଧ ହୋଇ ସୂତ ଥିବାରୁ ବିଦ୍ୱାନ,
ଦିଆଇଲ ମୁନିସମାଜେ ସମ୍ମାନ ।
ଗରବେ ମହତେ କଲେ ପରିହାସ,
କି ମହାମହିମ ବଂଶର ବିନାଶ ।
ତାହା ଦେଖାଇଲ ହୋଇ ଅକୁଣ୍ଠିତ,
ଧନ୍ୟ ଧନ୍ୟ ମୁନିପୁଙ୍ଗବ ଚରିତ ।
କିନ୍ତୁ ଯେ ତୁମ୍ଭର ଜନମ ଆଗାର,
ନ ରହିଲା ତାର ନାମେ ଏକ ଗାର ।
ସଫଳ କଲ କି ବୋଲିଲ ଯା ସଂସାର,
ପ୍ରଧାନର ଜଳଦେଶ ଅଧିକାର ।
ପାଶେ ବାଷ୍ପରଥ କରୁଛି ଗମନ,
କରି ବ୍ରାହ୍ମଣୀର ବକ୍ଷ ବିକମ୍ପନ ।
ଲକ୍ଷ ଲକ୍ଷ ଯାତ୍ରୀ ଯାଉଛନ୍ତି ଚଳି,
ଲକ୍ଷ୍ୟ ନ କରନ୍ତି ତୁମ୍ଭ ଜନ୍ମସ୍ଥଳୀ ।
ଏ ଯେ ଶଙ୍ଖ ଗଙ୍ଗା ସେ ଦଶବଦନା
କୋଇଲି ସନୁଜା କଳଧନାଦନା ।
ସରସ୍ୱତୀ ମିଶି ପବିତ୍ର ତ୍ରିବେଣୀ,
ଏ ଭବକୁ କେହି ନ ପାରନ୍ତି ଦେଖି ।
ଶଙ୍ଖ ଗଙ୍ଗା ସେହି ଶୋଭିତ ଯେଣୁ ଉର,
ଏଣୁ ରାଜ୍ୟ ନାମ ପଡ଼ି ଶଙ୍ଖପୁର ।
ଶ୍ରୀମତୀ ନିଃସ୍ୱନ ହେଲ ନାହିଁ ତାହା,
ଏ ଦେଶ ଗର୍ଭେ ଲୁଚିଲେ ଆହା !
ହ ସ୍ୱ ହେବ ବୋଲି ମହତ ଲକ୍ଷଣ,
ନିଜ ମାହାତ୍ମ୍ୟ କି ନ କଲ ବର୍ଣ୍ଣନ ?
ଜାଣିଛନ୍ତି କିନ୍ତୁ ଆଦମ ନିବାସୀ,
ସବପୁରୁଷଙ୍କ ଅସ୍ଥି ଧନ ଆଣି,
ଏ ତ୍ରିବେଣୀ ଧାରେ ବହନ୍ତି ମଜ୍ଜାଇ,
ବସନ୍ତି ସେମନେ ଉଚ୍ଚସ୍ୱରେ ଗାଇ ।
ଏଣୁ ଯେ ସୁରମ୍ୟ କ୍ଷେତ୍ର ବାଳିକୁଦ,
କାଟିଲା ଖେଳ ଯହିଁ ଲଭୁଥିଲ ମୋଦ ।
ଏଣୁ ଯେ ନିକଟେ ତଟେ ଭକ୍ତଗଣ,
ସୁନିକଙ୍କୁ କରୁଛନ୍ତି ଆଲିଙ୍ଗନ ।

ନ ଥିଲ କି ଧରି ସୃଷ୍ଟି ସେ କାଳରେ,
ଦୋଳୁ ନ ଥିଲ କି ଉଠି ସକାଳରେ ?
ଚଢ଼ିଲ ନବୀନ ଭାସ୍କର କିରଣ,
ବହୁ ନ ଥିଲ କି ଏଥି ବିତରଣ ?
ଏ ଯେ ସ୍ରୋତ ଲଗି ବହୁଛି ଚାରିଣି,
ବହୁ ନ ଥିଲ କି ଏଥି ବସି ସ୍ନାନ ?
ଏହି କୋକିଳାଦି ବିହଗମାନେ,
ତୋଷୁ ନ ଥିଲେ କି ମନ ମଧୁଗାନେ ?
ଖେଳୁ ନ ଥିଲେ କି ଟେକିଁ ଡାଳେଡାଳେ,
ଫଳେ ଫୁଲେ ଭରି ଚଇ ଅନୁରାଗେ ?
ଆସୁ ନ ଥିଲେ କି ଏଠାକୁ ଭ୍ରମରେ,
ଏ କେଳିକଦମ୍ବ ବୃକ୍ଷକୁ ଭ୍ରମରେ ?
ଦେଖି ଯେ ସେ କୂଳ ପାଦପସକଳ,
ସମୃଦ୍ଧିରେ ରହିଅଛନ୍ତି ଅଟଳ ।
ଦିନାନ୍ତ ଦ୍ୟୁମଣି କନକ କିରଣ—
କାନ୍ତି କରୁଛନ୍ତି ଅଙ୍ଗ ଆଭରଣ ।
ତଟଭୂମି ଦିଶୁଅଛି ବଦନମୟ,
କରୁଛି ଦର୍ଶାଇ ତୁମ୍ଭର ହୃଦୟ ।
ସେ ଯେ ବକବୃନ୍ଦ ବୁଲି ଅଳ୍ପ ନୀରେ,
ମତ୍ସ୍ୟ ଲୋଡ଼ୁଛନ୍ତି ପାଦ ଘୁଞ୍ଚି ଧୀରେ ।
ସେ ଯେ ଚକ୍ରବାକ ଦମ୍ପତି ଅଛିଲେ,
ସ୍ରୋତ ପାଶେ ଗାଢ଼ ପ୍ରେମେ ବିଳସିଲେ ।
ଏ ଦୃଶ୍ୟ କା ପଡ଼ି ନ ଥିବ ଲୋଚନେ,
ନିରତ ଥିବ ତୁ ଶାସ୍ତ୍ର ଆଲୋଚନେ ।
ବସନ୍ତ ସୁଧାଂଶୁ ଶୀତଳ କିରଣ,
ଘିରି ଆଲିଙ୍ଗନେ ସ୍ନିଗ୍ଧ ସମୀରଣ ।
ବନଫୁଲ ମନମୋହନ ସୁଗନ୍ଧି,
ଆସୁ ନ ଥିଲେ କି ଭେଦି ତରୁରନ୍ଧ୍ର ?
ରମ୍ୟ କଦରକାନ୍ତାରେ ବୁଲି ବୁଲି,
ବାଲ୍ୟ କଥା କେବେ କି ହେବ ତ ଭୁଲି ।
ଏ ସକଳ ବସ୍ତୁ ଥିବ ସ୍ଥାନାନ୍ତରେ,
ଅନ୍ତର୍ଗତ ଭାବ ଯୋଡ଼ାଇ ଅନ୍ତରେ ।
ମତ୍ସ୍ୟଗନ୍ଧା ରୂପେ ଭୁଲିଥିଲ ମନ,
କହିବାକୁ ତେଣୁ ଲଜ୍ଜା ପ୍ରତିମନ ।

ତୁମ ଆବିର୍ଭାବ କାଳରୁ ଚଳିଲ,
ପିତା ପଥ ଚଳିଥିବେ ଭୂମଣ୍ଡଳ ।
ତୁମ୍ଭେ ତହିଁ ପୂରିଥିଲେ ଏ ପ୍ରଦେଶ,
ଅଙ୍କେଷୁ ତୁମ୍ଭର ଲୁଚେ ଯେ ସନ୍ଦେଶ ।
ନିଶ୍ଚେ ଲେଖିଅଛି କରୁଣପିଠାରେ,
ନ ଖୋଲିଲ ତେଣୁ ଅଙ୍କଟା-ଅଠାରେ !
ତାହା ଲୋଡ଼ିବାକୁ ଅବସର ନାହିଁ,
ଯେଣୁ ତାହିଁ ବୋଲୁଅଛୁଁ ସାହି ସାହି !
ଅପ୍ରକାଶ ରହିବ ଏ ଗର୍ଭ କେବଳ,
ଏହିରୂପେ ରହିଅଛି ବହୁ ସ୍ଥଳ ।
ଶସେଶ୍ୱରୀ ଟେଙ୍ଗରର ପୂର୍ବୋଦନ,
ଯହିଁ ଗଡ଼ଜ ଦୁର୍ଗ ସ୍ତମ୍ଭାଦି-କଳଳ ।
ପାଦ-ଷମ୍ବୁ-କର ପାଦ-ଷମ୍ବୁ-ଘାଟ,
ମୂର୍ତ୍ତି-ହାଟ ଯହିଁ ଉତ୍କଳ-ପ୍ରାନ୍ତ !
ପାଶ ଅପସର ତେଠାରେ ରହିଲ,
ପାଟ୍ୟଦେବୀ ତାଙ୍କ ରହିଛି “ରହିଲ” !*
ବରଦାଙ୍କର ରହି ନିଦର୍ଶନ,
କରୁଛନ୍ତି ସେହି ସ୍ଥାନ ପ୍ରଦର୍ଶନ ।
ପରଶୁରାମଙ୍କ ଚିହ୍ନ ବାସସ୍ଥଳ,
ଚିହ୍ନକଦେବତ ମହେନ୍ଦ୍ର ଅଚଳ ।
ଉତ୍ପଳିତ ରୂପେ ଛନ୍ତି ଏ ସକଳ,
ଲଭି ନାହିଁ କବିମାଳି ସ୍ୱସ୍ତିଜଳ ।
କବି ଗଳାତଳ ନିକଟବର୍ତ୍ତୀରୁ,
କରୁଅଛି ତାଙ୍କୁ ତହିଁରୁ ବଞ୍ଚିତ ।
ଚନ୍ଦ୍ର ପାଶେ ଯଥା ତାରକାମଣ୍ଡଳ,
ନ ପାରନ୍ତି କରି ପ୍ରକାଶ ପ୍ରବଳ ।
କହୁଛ, “ସକଳ ଗର୍ବ ଦେଲି ହରି,
ଅଛନ୍ତି ଉତ୍କଳ ଦେଶେ ବିଜେ କରି ।”
ତୁମ୍ଭେ ତରଙ୍ଗିଣୀ ହୃଦପ୍ରିୟ ବାସ,
ନିରତେ ରହିଛ ଶ୍ରୀହରିଙ୍କ ପାଶ ।
ତୁମ୍ଭେ ଆଜି ଆଜି ଅମ୍ଭର ଏ ଦଶା,
ତେଣୁକେ ଟାଙ୍ଗୁଅଛୁଁ କେତେ ଲୋକହସା ।
ଏ କି 'ଉତ୍କଳର କପାଳର ଦୋଷ,
ଅଦ୍ୟାପି ରହିଛି ବହି ଅସନ୍ତୋଷ ।

* ମହାନଦୀକୂଳସ୍ଥ ଏକ ଗ୍ରାମ ।

ନ ହେଲେ କି ଥାଉଁ ଆଉଁ ଦୁଷମତା,
୧ ଶ୍ରୀରାମଚନ୍ଦ୍ରଙ୍କ କୃତ୍ତ୍ୟା ନମତା ?
୨ ବାସୁଦେବ ଦେବ ଅବନୀଭୂଷଣ,
ଅକାଳେ ଗଲେଣି ସ୍ୱର୍ଗର ଅଙ୍ଗନ ।
ରାଜାଳୟେ ଜନ୍ମି ଶ୍ରୀ ଚନ୍ଦ୍ରଶେଖର,
ଆଳସ୍ୟ ତ୍ୟଜନ୍ତି ଦାରିଦ୍ର୍ୟ ଦୁଃଖର ।
ରାଧାନାଥ ଦେଖି ନୈସର୍ଗିକ କାର୍ଯ୍ୟ,
ନେଇଥାନ୍ତେ ଇନ୍ଦ୍ରଧାମରୁ ସଦାସ୍ୟ ।
ଏବେ ଏତେ ରାଜା ବିଳାସିତାପ୍ରିୟ,
ବ୍ରାହ୍ମଣେ ଚାଟକ ଯାଚକ ନିର୍ଭୟ ।
ସୌନ୍ଦର୍ଯ୍ୟ ଥିଲେ କି ଏ ସମାଜ ଘଟେ,
ଭଲ ଲେଖା କାହିଁ ଏହା ଭଲଟେ ।
ନା ନା ଏହା ମୋର ବୁଝିବା ଭରମ,
ଦେଖା କହୁଦେଲେ ସକଳ ମରମ !
ଯେଉଁ ଦେଶର ସେହି ଉତ୍ତମ,
ଜାଣନ୍ତି ଏ ସ୍ଥଳ ଦେଶର ଉତ୍ତମ ।
ନିତ୍ୟ ଆସି ଏଥି କରୁଛନ୍ତି ସ୍ନାନ,
କରୁଛନ୍ତି ବେଦବ୍ୟାସ ବେଦଗାନ ।
ରହିଛନ୍ତି ଦେବୀ ବନ୍ଧୁ ସତ୍ୟବତୀ,
ବ୍ୟାସବରମୋହିନୀ ଅହଲ୍ୟା ସୁନ୍ଦରୀ ।
ଅହଲ୍ୟାଙ୍କ ଦେହରଶ୍ମି ନୀଳକେଶ,
ଅଶ୍ରୁ ଝରାଇଛନ୍ତି ଇନ୍ଦ୍ର ପ୍ରୀତି ବନଣ ।
ମୁନିମାନେ ନିଜ ନିମନ୍ତେ ଏ ସ୍ଥଳ,
ରଖିଛନ୍ତି ଶାସ୍ତ୍ରେ ନ କରି ଚଞ୍ଚଳ ।
ବିଜ୍ଞାନବିନୋଦ ଭକ୍ତ ବୃକ୍ଷପ୍ରିୟ,
ବୃକ୍ଷ ଦେଖି ବାଣୀ ସୁଧା ଢାଳିଦିଅ ।

ହେ ସଚ୍ଚିଦାନନ୍ଦ ତ୍ରିଭୁବନ ରାଜା,
ଶୁଭିଲାଣି ତୁମ୍ଭ ବାଣୀ-ବୀଣା ବାଜା !

ତୁମ୍ଭ ଅନୁରୂପ ଅବତରଣେ,
ଭାରତ ଭୁବନେ ହେବ ବିଚକ୍ଷଣ ।

ବଙ୍ଗବାସୀ-ହିନ୍ଦୁରମଣୀ ଗର୍ଭେ,
ଜନମିଛ ଦେବତ-ଦର୍ଶୀ ସର୍ବେ ।

ପ୍ରେମାନନ୍ଦରେ ବସନ୍ତବାସ,
ନିର୍ମିଛି ଛାୟା ଦେଖିଲେଣି ବ୍ୟାସ ।

ପ୍ରପାତ-ଶୀକର-ବାଷ୍ପ ସମୀରଣ
କରୁଅଛି ତହିଁ ସଦା ବିଚରଣ ।

ଅଟେ ଏ ଉଚ୍ଚ ଘନଶ୍ୟାମ କାନ୍ତି,
ନେତ୍ରେ ଦେଉଛନ୍ତି ମନୁଷ୍ୟେ ଶାନ୍ତି ।

ତୁମ୍ଭ ଆମନ୍ତ୍ରଣେ ବ୍ୟାସେ ଲଭି ତୋଷ,
ବର୍ଷିବେ ହେ ପୁଣି ପ୍ରେମ କାବ୍ୟକୋଷ !

କୁଟୀରସ୍ଥ ଦେବ ପ୍ରକୃତି-ବିନୋଦ,
କବି ବୃନ୍ଦ ଦେଖି ଲଭୁଥାଅ ମୋଦ ।

ଶ୍ରୀ କିଶୋରଚନ୍ଦ୍ର ତାଳଚେରପତି
କାର୍ତ୍ତିକ ମଣ୍ଡଳ ପ୍ରଧାନ ସମ୍ପତ୍ତି ।

ଆଶା କରୁଅଛି ତୁମ୍ଭେମାନେ ମିଳି,
ଉତ୍କଳ-ଦୁର୍ଦ୍ଦଶା-ଦ୍ୱାର ଦେବ ଖୋଲି ।

ଉତ୍କଳ-ଜନନୀ ଯୋଗ୍ୟତମ ସୁତ,
ଶ୍ରୀ ମଧୁସୂଦନ ସର୍ବଗୁଣଯୁତ,
ଫିଟାଇବେ ଚିର ସୌଭାଗ୍ୟର ପଥ,
ଦେଶର କାର୍ଯ୍ୟରୁ ସେ ଏକା ସମର୍ଥ ।

# ଚନ୍ଦ୍ର-ରଜନୀ

୧

ପୂର୍ଣ୍ଣିମା ପ୍ରଦୋଷେ ପୂର୍ଣ୍ଣଚନ୍ଦ୍ର ଆଗମନ,
ପୁଣି ଉରଉରେ ସଜ ରଜନୀ ରମଣୀ;
ଲଲାଟେ ଶୋଭିଲା ଶୁଭ୍ର ଉଜ୍ଜ୍ୱଳ ରତନ,
କର୍ଣ୍ଣଦ୍ୱୟେ ଧ୍ରୁବାଦିତ୍ୟ ମନୋହର ମଣି ।
ରଙ୍ଗାଧରେ ମନ୍ଦହାସ କରି ଚିରକାନ୍ତି,
ଦେଖାଇଲା ମୁଗ୍ଧମନା ପ୍ରସନ୍ନ ବଦନ;
ଶୁଭ୍ରବସ୍ତ୍ର କଳେବରେ ଉଜ୍ଜ୍ୱଳ ଆକାନ୍ତି,
ଚନ୍ଦ୍ର ଶ୍ରୀ କୋମଳ କରେ କଲେ ଆଲିଙ୍ଗନ ।
ମଧୁରେ ମଧୁର ମିଶି ହେଲା ମଧୁମୟ,
ଏ ଯୋଗ ମିଳଇ ହେଲେ ସୌଭାଗ୍ୟସମୟ ।

୨

କୁସୁମ-କୋମଳ ତନୁ ରଜନୀ ଅମର,
ଚାନ୍ଦ୍ର କର ସ୍ପରଶରେ ହେଲା କଣ୍ଟକିତ;
ପ୍ରେମ ଉଛୁଳିଲା ହୃଦ-ସାଗର ଗମ୍ଭୀର,
କଳୁଷ କପୋଳ ହେଲା କାନ୍ତି ବିମଣ୍ଡିତ ।
ନଭଶୋଭୀ ନଭେ'ର ଲଭି ସଙ୍ଗ ଉଡୁପର,
କଲେ ନିଜ ନିଜ ପୂର୍ଣ୍ଣ ଶୋଭାର ବିକାଶ;
ଶୋଭାରେ ମଣ୍ଡିତ ହେଲା ବିଶ୍ୱ ଚରାଚର,
ଜଳ ସ୍ଥଳ ସନ୍ନିଧରେ ଅବନୀ ଆକାଶ ।
ସେ ଶୋଭାର ଉପମାକୁ ଦିଶେ ନାହିଁ ସ୍ଥାନ,
ମୁକୁତାକୁ ଚାରଗଣ୍ଡି କେ କରେ ସମାନ ।

୩

ସେ ଶୋଭାରେ ଉଛୁଳିଲା ପାଷାଣ-ହୃଦୟ,*
ଜଳାଶୟେ ଉଛୁଳିଲା କୁମୁଦ କାନନ;
ଧରାଧରେ ଉଛୁଳିଲା ଓଷଧିନିଚୟ,
ଉଚ୍ଚେ ଉଲ୍ଲାସନ୍ତେ ଚକୋର ଗାୟନ ।
ଜନପଦେ ପୁରେ ପୁରେ ବ୍ୟାପେ ଉଲ୍ଲାସ,
ଉଲ୍ଲସିତ ଦେବାଳୟ ଶଙ୍ଖଘଣ୍ଟା ସ୍ୱନେ;
ହୃଦୟେ ହୃଦୟେ ମହୋଲ୍ଲାସ ବିକାଶ,
ଉଲ୍ଲାସେ ଖେଳନ୍ତି ଠାବେ ଠାବେ ଶିଶୁଗଣେ ।
ଉଲ୍ଲାସ ନେଇଛି କରି ବିଶ୍ୱ ଅଧିକାର,
ପ୍ରବଳର ଆଧିପତ୍ୟ ସବୁ ଠାଉଁ ସ୍ୱୀକାର ।

୪

ବାଟରେ ଗଉଡ଼ ବେଣୁ ବଜାଇ ବଜାଇ,
ଧାଇଁ ଧାଇଁ ହମ୍ବାରବ କରି ଗୋରୁମାନେ;
ବାଛୁରି ଶୋଷାଇଲେ ଲଞ୍ଜ ହଲାଇ ହଲାଇ,
ମୁହଁକୁ ମୁହଁକୁ ହୋଇ ରତ କ୍ଷୀର ପାନେ ।
ହାଟରୁ ହଟୁଆ ଫେରେ ଗୀତ ଗାଇ ଗାଇ,
ଘାଟରୁ କେଉଟ ଆସି ପ୍ରଫୁଲ୍ଲ ବଦନେ;
ନାଟ୍ୟଶାଳେ ନଟ ହସ୍ତ ହେଲାଇ ଖେଳାଇ,
ନବରଙ୍ଗେ ନାଚି ପୁଣି ବଙ୍କିମ ନୟନେ ।
ଆନନ୍ଦ ପ୍ରକଟ କଲେ ବିବିଧ ମଜାରେ,
କୋଳାହଳ ହେଲା ଆନନ୍ଦ ବଜାରେ ।

୫

"ନିର୍ମଳ ଚନ୍ଦ୍ରମଣ୍ଡଳ ଗଗନେ ବିରାଜେ",
ଚନ୍ଦ୍ର ପୁଣି ମୁଦେ ଗାଏ ଏକ ରସିକବର;
"ଦିଶେ ଯଥା ଦର୍ପକ ଦର୍ପଣ ଥିଲେ ମାଜି",
ଗାଏ ତାର ପଛେ ପୁଣି ପ୍ରିୟ ସୁନ୍ଦର ।
"ପୁଣି କୁମର କାତର" ବୋଲଇ ପ୍ରଥମ,
ଦ୍ୱିତୀୟ ରସିକ କରେ ପୁଲକିତ ସ୍ୱର;
ଏଥାରେ ଚତୁର୍ଥ ପଦ ଗାଇ ମନୋରମ,
"କେଶୀ ଅଇଲୁ ବସି ବନସ୍ତ ଉପର ।"
ଭୁଲିଲି ଯୁବକହୃଦ ସୁଧାଂଶୁ କିରଣେ,
ଭୁଞ୍ଜିବା ବିରହତ ପଦ କରି ମନେ ।

୬

କୌମୁଦୀ କୋମଳ ବପୁ କୁମାରୀଙ୍କ ଦଳ,
ନାନା ରଙ୍ଗେ ଯୋଡ଼ାଯୋଡ଼ି ଗୀତ ଗାଇ ଗାଇ;

---

* ଚନ୍ଦ୍ରକିରଣରେ ଚନ୍ଦ୍ରକାନ୍ତ ମଣି ଦ୍ରବିବା ସୁପ୍ରସିଦ୍ଧ ।

ଖେଳାଏ ଅଞ୍ଜନାକ୍ତ ନୟନ ଚଞ୍ଚଳ,
କେତେବା ଖେଳନ୍ତେ ଖେଳ ବଟି ଗୁଟି ଧରି,
କର ଚରଣରେ ବାଜି ମଞ୍ଜୁ ଅଳଙ୍କାର,
କରୁଥାନ୍ତି ସମ୍ଭ୍ରାନ୍ତ ଦାନର ବ୍ୟଞ୍ଜନା;
ଅସରନବନ୍ଧ ଖୋସା ପିନ୍ଧି ଅବା କା'ର,
ପାଉଥିଲା କୁମାରୀର ମଧୁର ଚେତନା ।
ଉଲ୍ଲାସ ନଦରେ ହେଲେ ପ୍ରବଳ ଲହରୀ,
ଖେଳନ୍ତି ବାଳାଏ ତର୍ବି ଚୌବି ପହରି ।

୭

ରାଜପୁରେ ରାଜସୁତା ଦାସୀ ସଙ୍ଗେ ଖେଳି,
ସାମନ୍ତ ଭବନେ ତଥା ସାମନ୍ତନନ୍ଦିନୀ;
ପ୍ରଜାପୁରେ ପ୍ରଜାସୁତା ପ୍ରଜାସୁତା ମେଳି,
ଚନ୍ଦ୍ରମା କିରଣେ ହେଲା ଖେଳ ଝଟୋଦ୍‌ଘାଟିନୀ ।
କୁମାରୀ କୋମଳକଣ୍ଠ ମଧୁର ବଚନ,
ସୁଧାକର ସୁଧାକରେ ମିଶି ମନୋହର;
ମୂଳ୍ୟ ତାର ତ ବୁଝନ୍ତି ଅଭାବୁକ ଜନ,
ଯେ ବୁଝଇ ତାକୁ ତାହା ଅତି ପ୍ରୀତିକର ।
ବୃନ୍ଦାବନେ ହେଉଥିଲା ମୁରଲୀ ନିସ୍ୱନ,
ଆନ କେ ବୁଝିଲା ତାହା ବୁଝେ ଗୋପୀଗଣ ।

୮

ରାଜା ରାଜକାର୍ଯ୍ୟ ସାରି କରି ମୁକ୍ତଶାଳ,
ବିଚରଣ କଲା ଥରେ ଶୁଭ୍ର ଚନ୍ଦ୍ରକର;
ଯାଚକ ମିଳିଲେ ପୋଥି ଡାକି ସନ୍ଧ୍ୟାଧାରୀ,
କହାଇଲେ ଦେଖ ସାରି ପଢ଼ାଯାଉଛି ଅକ୍ଷର ।
ଖେଳରୁ କୁମାର ଆସି ପୁଣ୍ୟ କୋଳକରି,
ଚନ୍ଦ୍ରକରେ ବୁଲି କରେ ବଦନ ଚୁମ୍ବନ;
ଜନନୀ ଗୋପାଳୁନ୍ଦାମାନ ପୁଷ୍ପ କାନ୍ଧେ ଧରି,
କହୁଛନ୍ତି ଡାକେ କରି ପ୍ରିୟ ସମ୍ଭାଷଣ ।
ଶିଶୁ ସଙ୍ଗେ ଚନ୍ଦ୍ରମା ସୁଖେ ଲଭଇ ଆମୋଦ,
ଦିବ୍ୟରୂପେ ନ ବୁଝଇ କାହାର ବିନୋଦ ।

୯

ପଥିକ ଲୁଳାଇ ପଥଶ୍ରାନ୍ତ ଦେହ ମନ,
ଲଭନ୍ତି ଆନନ୍ଦେ ଭାଗ ହୃଦୟ ପ୍ଳାବିତ;
କୌମୁଦୀ-ପ୍ଳାବିତ ପଥ ଲଭନ୍ତି ସୁଖେ ଗମନ,
ମନେ ମନେ ଗାଉଥାଏ ମନୋମତ ଗୀତ ।
ସୁଟି ଯାଉଥାଏ କାହା ଅନ୍ତରେ ଗାୟନ,
ଲଜ୍ଜାବଶେ ସୁରଙ୍ଗ ପୁଣି ମୁକୁନ୍ଦର ବିନା;
କାହାର ସମ୍ମତିସ୍ୱର ଭେଦଇ ଗଗନ,
ଭର୍ତ୍ତି ସତେ ବାଜିଥାଏ ବରାଙ୍ଗନା-ବୀଣା ।
କାହିଁ କେତେ ଘୁରୁଥାଏ ମୁହେଁ ଟାଣି ଗାଡ଼ି,
ଗୁଳକ ଟାଣୁଛି ଟାଣି ଛିରି କରି ବାଡ଼ି ।

୧୦

ଯାତ୍ରିଦଳ ବୁଲୁଥାନ୍ତି ଆନନ୍ଦରେ ଭାସି,
ଉଚ୍ଚେ କେହ୍ନେ ଡାକିବାଲେ, "ଜୟ ଜଗନ୍ନାଥ ଜୟ";
ତାଙ୍କ ସଙ୍ଗେ ଆଉମାନେ ସେହିପରି ସ୍ତୁତି,
କରୁଥାନ୍ତି ଜଗନ୍ନାଥ ପାଦେ ମନ ଲୟ ।
ବାଲିରେ କୁଟଳ ଥାଇ ସେ ଶବଦ ଶୁଣି,
କୋଲାହଳ ଥରେ, "ଜୟ ଜଗନ୍ନାଥ ଜୟ";
ଦ୍ୱିଗୁଣ ଉଚ୍ଚରେ ଦେଖ ଯାତ୍ରିଦଳ ପୁଣି,
ଆନନ୍ଦେ ବୋଲନ୍ତି, "ଜୟ ଜଗନ୍ନାଥ ଜୟ ।"
ଜଗନ୍ନାଥ ଜୟ ସ୍ୱର ପୁଣି ଶୁଭେ ଯେତେ,
ଭକ୍ତଙ୍କୁ ବା ଜଗନ୍ନାଥ ରଖିଥାନ୍ତି କେତେ ?

୧୧

ପର୍ଯ୍ୟଟିକେ ଶୋଇଥାଏ ଗ୍ରୀଷ୍ମେ ଦେଇ ଡଖ,
ନୂରଗ ଚଢ଼ିଲେ ମାତ୍ର ତନ୍ଦ୍ରାରକ୍ଷା ପାଇଁ;
ଦେଖ କେତେ ସାବଧାନ ଜଗିଛି ଆନନ୍ଦ,
ତୁରଗ ଚଢ଼ିଲେ ସୁଦ୍ଧା ଲୟ ତାର ନାହିଁ ।
"କେତେକରେ, କେତେକରେ" ରବ ଦେଉଥାଇ
ଗଗନେ,
ବୁଲୁଥାଏ ପଥିକର ପରିତେ କଲ୍ପାସୀ;
ପଥିକ ଭକ୍ତିର ଦେଇ ବିହଙ୍ଗ ପ୍ରଣୟନ,
ବୁଲୁଥାଏ "ଶ୍ରୀରାମଙ୍କ ଲୋକ" ବୋଲି କହି ।
ବିହଙ୍ଗ ବି ଚଳୁଥାଏ ତହୁଁ ଧରାଗ୍ରର,
ରାମ ନାମ ଦୂର ହୁଏ ହୃଦୟୁ ପାତ୍ରର ।

୧୨

କୁମ୍ଭସାରରଣ ବଧୂ ଶାବକ ସହିତ,
ଶସ୍ୟଶେଷ ଲକ୍ଷ୍ୟକରି କରନ୍ତି ଗମନ;
ଗନ୍ତପଥ କରି କବି ବଚନ ପାଳିତ,
ଚୌଦିଗେ ଦେଖନ୍ତି ଘୁରି ଚକିତ ଲୋଚନ ।
ଥରେ ଥରେ ଆଚମ୍ବିତେ ବୋଲଇ ଚମକିତ,
ଉଡ଼ିଯାନ୍ତି ବସିଥିବା, କରି ଗଗନ ମଣ୍ଡନ;

ଥିବାରୁ କି ମୃଗାଧର ପୁଣ୍ୟଚରିତ,
ଲୋଡ଼ନ୍ତି ସଜ୍ଜନ ଭୟେ ତାହାଙ୍କୁ ଶରଣ ।
ସବୁଠାରେ ଦେଖାଯାଏ ସତ୍ତ୍ୱର ଏ ଦଶା,
ପାଉ ବା ନ ପାଉ ଫଳ ନହେତ ଭରସା ।

୧୩

ଅଧିକ ବାଦୁଡ଼ିଗଣ ଶମ୍ବୁକର ପରି, *
ତରୁଡ଼ାଳେ ଝୁଲୁଥିଲେ ହୋଇ ନମ୍ରମୁଖ;
ରଜନୀ ଆଗମ ଦେଖି ଦ୍ୱିଜଭାବ ଧରି,
ନୀଡ଼ଦେଶେ ଭୁଞ୍ଜିଲେ ସ୍ୱଚ୍ଛନ୍ଦ ଭରି ସୁଖ ।
ପେଚକ ବ୍ରାହ୍ମଣ ପରି କରି ଉଦଗୀରଣ,
କଲେ ନବ ନବ ଫଳ ପଲ୍ଲବ ଆହାର;
ଗ୍ରାମେ ଗ୍ରାମେ ଘରେ ଘରେ ଲଭିଲେ ଭୋଜନ,
କଣା ହେଉ ପକା ହେଉ ଯା ଥିଲା ଯାହାର ;
ଅଧିକାର ହୋଇଗଲେ ଦ୍ୱିଜ ପରଧର୍ମ,
ଜଗତରେ ଲୁପ୍ତ ନୁହେ ପ୍ରକୃତିର ଧର୍ମ ।

୧୪

ଫୁଟିଲା ବିଶ୍ରମ୍ଭ ବଧୂ ମୃଦୁ ମନୋହର,
ବଧୂଙ୍କର ଉଠିଲା ତାଙ୍କ ଊର୍ଦ୍ଧ୍ୱକୁ ଆସନ;
କର ଦେଇ ଦେଇ ହେଲେ କୃଷ୍ଣ କୁଟୀର,
କିନ୍ତୁ ବେଳୁଁ ବେଳ ହେଲା କାନ୍ତି ବରଧନ ।
ଉଚ୍ଚକୁ ଉଠିଲେ ସାଧୁ ହୁଅଇ ଭାସ୍ୱର,
ସ୍ୱଭାବତଃ ପ୍ରଶସ୍ତତର ହୁଏ ତାର ମନ;
ଲୋକହିତ ପାଇଁ ଦାନେ ନ ହୁଏ କାତର,
ସେହି ଗୁଣେ ଯଶସ୍ୱୀ ନ ଚନ୍ଦ୍ର ମହାଜନ ।
ଚନ୍ଦ୍ରର ସହିତ ଏକା ଚନ୍ଦ୍ରର ତୁଳନା,
ଗଗନର ତୁଳ୍ୟ ଯଥା ଅଟଇ ଗଗନ ।

୧୫

ଏଣୁ ଚନ୍ଦ୍ର ଥାଇ ଯେବେ ପ୍ରଭାକର ଉରେ,
ନିଜର ପ୍ରଭାବ ସବୁ କରିଥିଲେ ନାଶ;
ମୃତ ଜ୍ଞାନ କରି ତାଙ୍କୁ କେତେକ ବା ନରେ,
ଦୁଃଖ ପ୍ରଦର୍ଶନ କଲେ କରି ଉପବାସ । †
ହେଲେ ଦିନୁ ଦିନ ତନ୍ତୁଁ ପେଚକ ଅନ୍ତର,
ତେଜକ ପ୍ରଭାବ ହୋଇ ଆସିଲା ବିକାଶ;
ପୂର୍ଣ୍ଣ ଦୂରେ ଥାଇ ଆଜି ପୂର୍ଣ୍ଣ କଳାକର,
ପ୍ରଭାବଲେ କରୁଛନ୍ତି ତିମିର ବିନାଶ ।
ଯେତେ ଭଲ ଲୋକ ହେଉ କଲେ ପରଦେଶବାସ,
ନିଜ ଗୁଣ ଯଶ ସବୁ ହୋଇଥାଏ ହ୍ରାସ ।

୧୬

ଏଣୁ ଚନ୍ଦ୍ର ଥିଲେ ଯେବେ କ୍ଷୀଣ ତନୁ ଧରି,
ଉଜ୍ଜ୍ୱଳ ରଜନୀମୁଖ ଖଣ୍ଡେକ ମାତର
ଶୁଖିଗଲା; ସେ ବିରହ-ଦୁଃଖେ ଦିଶାବାସୀ,
କାନ୍ଦୁଥିଲେ ବିଷାଦରେ ମଜ୍ଜି ଅବସର ।
କୁମୁଦିନୀ ସଖ୍ୟତାରେ ତାରାଗଣ ମଣି,
କରିଦେଲେ ରଜନୀର ଦୁଃଖାପନୋଦନ;
ସପତ୍ନୀ ବିଧୁର କଷ୍ଟ ମାନିବେ ନ ହିଂସି,
ଦେଖାଇଲେ ନିଜ ନିଜ ସଦ୍‌ଗୁଣଯାପଣ ।
ପରିବାର ମଧ୍ୟେ ଜଣେ ପଡ଼ିଲେ ଆପଦେ,
ସମ୍ଭାଳି ନିଅନ୍ତି ଅଂଶମାନେ ପଦେ ପଦେ ।

୧୭

ପଛ ଆଗେ ତାରାଗଣ ନ ଦେଖାଇ ମୁଖ,
ଭରତ ଲଳନା ପ୍ରାୟ ଲୁଚିଥାନ୍ତି ଘରେ;
ବ୍ରିଟିଶ ରମଣୀ ଭାବ ମଣି ମହାସୁଖ,
ରଜନୀ ବୁଲଇ ସ୍ୱାମୀଙ୍କର ଛନ୍ଦ କରେ ।
ତାରାଗଣ ସବୁଦିନେ ଥାନ୍ତି ଘରେ ଘରେ,
ସ୍ୱାମୀ ସଙ୍ଗେ ବୁଲିବାକୁ ନାହିଁ ଅଧିକାର;
"ଅଗମ୍ୟ" ନୁହଇ କେଣେ ନିଶାର ଶାସ୍ତ୍ରରେ,
ସ୍ୱଦେଶ ବା ନଦ ନଗ ନଗର ବଜାର ।
ମଣୁଥାନ୍ତି ଆପଣାକୁ ଉଚ୍ଚ ତାରାଗଣ,
ରନ୍ଧନ-ରନ୍ଧ୍ୟରେ ଯିବା ଉଜ୍ଜ୍ୱଳ ବଦନ ।

୧୮

ରଜନୀର ଯୋଗେ ଚନ୍ଦ୍ର ଏତେ ପ୍ରୀତିକର,
ରଜନୀ ହସ୍ତରେ ତାଙ୍କ ବିଭବସକଳ;

---

* ରାମରାଜ୍ୟରେ ଶମ୍ବୁକ ନାମା ଶୂଦ୍ର ତପସ୍ୟା କରୁଥିବା କଥା ରାମାୟଣରେ ଦ୍ରଷ୍ଟବ୍ୟ ।
† ଅମାବାସ୍ୟା ଦିନ ନଷ୍ଟଚନ୍ଦ୍ରୋଦୟାହ କହନ୍ତି, ଅମାବାସ୍ୟା ଦିନ ଚନ୍ଦ୍ର ଓ ସୂର୍ଯ୍ୟ ଏକ ରାଶିରେ ଥାଆନ୍ତି ।

ରଜନୀ ଦୁଆରେ ଆସି ହୋଇ ବୃନ୍ଦରେ,
ଝଟିଥାନ୍ତି ଗଗନର ଜ୍ୟୋତିଷ୍କମଣ୍ଡଳ ।
ରଜନୀ ଯୋଗିନୀ ଅତି ଶାନ୍ତିଶାଳିନୀ,
ଦୃଷ୍ଟିଶକ୍ତିପ୍ରଦାୟିନୀ ଦିବସ ଅନ୍ଧାର;
ତପୋମୟୀ ଅଦ୍ଭୁତର ଦ୍ୟୁତିବିଧାୟିନୀ,
ତା ପ୍ରସାଦେ ଖଦ୍ୟୋତ ହିଁ ହୁଏ ଜ୍ୟୋତିଷ୍କର
ଅନୁସୁଦାୟିନୀ ନିଶା ସର୍ବସ୍ୱ ଜୀବର,
ଅଜସ୍ରର ଜନ୍ମ ପାଇଁ ମଞ୍ଜୁଷାର ଘର ।

୧୯

ସପ୍ତଋଷି ରଜନୀର ମଧ୍ୟରେ ମୂରତି,
ଦଶରଥ ପାଇଁ ଶୁଣି ବସିଥାନ୍ତି ପଥ;
ସାଧକେ କରନ୍ତି ଆଦ୍ୟ ମଙ୍ଗଳ ଆରତି,
ଭଗତୀ ଦମ୍ପତିର ସାକ୍ଷ ସ୍ୱରୂପ ସତୀ ।
ଲାଜରେ ଲୁଚାଇ ମୁଖ ଶୁଣି ଅରୁନ୍ଧତୀ,
ମନ୍ଦ ମନ୍ଦ ହସି କରୁଥାନ୍ତି ଉପହାସ;
ରଜନୀକୁ ବୋଲୁଥାନ୍ତି ଧନ୍ୟ ରେ ଯୁବତୀ,
ସ୍ୱର୍ଗ ମର୍ତ୍ତ୍ୟ ମୁନିଗଣ ହୋଇଲେ ତୋର ଦାସ ।
ତୁ କାଳକୂଟିନୀ! କାଳ ମୋହିଲୁ ଜଗତ,
ମାନବ ଦାନବ ଦେବ ସର୍ବେ ତୋ ଭକତ ।

୨୦

*ସୁକୁମାର ବୁଧ ଦ୍ୱିଜରାଜଙ୍କ କୁମର,
ନୀଳ ଦୋଳ ମଣ୍ଡି ଆସି ରଜନୀ ପ୍ରାଙ୍ଗଣ;
କୁନ୍ଦମଣିର ସୃତ ବୃନ୍ଦେ ତରତର,
ଦୋଳି ଦୋଳି ଦେନି ଦେଇଥାନ୍ତି ତାରାଗଣ ।
ଲଭି ରୂପ ସୁଧା ଆସେ ରଜନୀର କୋଳେ,
ରଜନୀ ଆଉଁସି ଶିଶୁ ସୁନ୍ଦର ବଦନ,
ଦେଖାଇ ସ୍ନେହ ଜନନୀର ଅତି ପ୍ରେମଛଳେ,
ତାସ ବିକଶିତ ଗଣ୍ଡେ ଦିଅଇ ଚୁମ୍ବନ ।
ମାତାକୁ ନ ମାନେ ଶିଶୁ କଠିନ ବାରଣ,
ଘେରି ସ୍ନେହ ଭାବ ଟେକାଳେ କରଇ ବିଚରଣ ।

୨୧

କବି ଅବିରତ ଏଣୁ ରଜନୀ ପସର,
ସେବି ଲଭେ ସର୍ବପଦବାଞ୍ଛିତ ପ୍ରସାଦ;
† ଅମିସୁଭରିତ ରବି ଦେଖାଏ ଦୂରର,
ନ ଗଣଇ କୋଳାହଳ ସଂସାର-ପ୍ରମାଦ ।
ସୁଧାକରପ୍ରିୟା ସୁଧାଭଣ୍ଡାର କବାଟ,
ଖୋଲଇ ଏ ସେପରି ପ୍ରିୟ ଭକତର ପାଇଁ,
ଅଶୁଚିକ ନୟନକୁ ନ ଦିଶେ ସେ ବାଟ,
ଭ୍ରମଇ ସେ ସୃଷ୍ଟି ଦେଖି ସ୍ୱପନକୁ ପାଇ ।
ଗାଏ କବି ଭାବ-ରାଜ୍ୟ ଉପରେ ଅଧିକାର,
ହୃଦୟ କଳ୍ପନା-ରଥ ସାରଥି ଯାହାର ।

୨୨

ଯୋଗୀ! ଭୋଗୀ ସବୁରି ସେ ପ୍ରମୋଦଦାୟିନୀ,
ଯୋଗୀକି ଦେଖାଏ ବିଶ୍ୱ ଘଟନାନିଚୟ;
ଭୋଗୀକି ଦେଖାଏ ଦୃଶ୍ୟ ମାନସମୋହିନୀ—
ଯୁବତୀ ବଦନ ଚନ୍ଦ୍ରକାନ୍ତ ମଧୁମୟ ।
ଯୋଗୀ ପାଇଁ ଯୋଗତନ୍ତ୍ର ଶାନ୍ତିଦାୟିନୀ,
ସୃଷ୍ଟି ପୁଣ୍ୟ ଦେନି ଗଣେ ରଜନୀନିଳୟ;
ଭୋଗୀ ପାଇଁ ମୃଦୁକୋମଳ ସୁନ୍ଦର ଜନନୀ—
ଶଯ୍ୟା, ଚନ୍ଦ୍ର କଦମ୍ବର ଶଯ୍ୟା କରେ ଲୟ ।
ପ୍ରଦୋଷଲୋକ ଚନ୍ଦ୍ରାଲୋକ ବିଦ୍ୟୁତ ଅତୁଳନ,
ରଜନୀ-ସ୍ୱର୍ଗରେ ଭୋଗୀ ମୁକ୍ତ ଭବଲୋକ ।

୨୩

କିଏ ତୁ ବସିଲୁ ଆସି ହୋଇ ଏକାକିନୀ ?
କାହାଲାଗି କଳକଳେ ବସି କରୁଛୁ ରୋଦନ;
କାନ୍ତ କାହିଁ ଗଲା ତୋର ପାଖୁଁ ଅଭାଗିନୀ ?
କରୁଣ ସ୍ୱନରେ ତୋର କମ୍ପୁଅଛି ବନ ।
ତୁ ହେଉ ସେ ଚନ୍ଦ୍ରଙ୍କ ପତିସୁହାଗିନୀ,
ପ୍ରେମେ କରୁଥିଲୁ କାନ୍ତ ବଦନ ଚୁମ୍ବନ;
ତୋ କେଳିରେ ଫୁଟୁଥିଲା ନବ କମଳିନୀ,
କମ୍ପୁଥିଲା ତା ଜନନୀ ସରସୀ-ଜୀବନ ।

* ବୁଧଗ୍ରହ ନକ୍ଷତ୍ରମାନଙ୍କରେ ଅନ୍ୟାନ୍ୟ ଗ୍ରହମାନଙ୍କ ଅପେକ୍ଷା ଅତି ଅଳ୍ପଦିନ ଦିଶେ ଏବଂ କିଛି ଦିନ ଅଦୃଶ୍ୟ ହୋଇଯାଏ—କିଛି ଦିନ ପୂର୍ବରେ ଏବଂ କିଛି ଦିନ ପଶ୍ଚିମରେ ଉଦିତ ହୁଏ ।

† କବିର—ଚିତ୍ର ।

ଅଲଙ୍ଘ୍ୟ ବିଧିର ବିଧି କରି ବୁଝେ ଆଜ,
ସୁଖ ପଛେ ପଛେ ଦୁଃଖ ବିଧିର ବିଧାନ ।

୨୪

ବିଧିର ଜନମ ସୂର୍ଯ୍ୟବଂଶ ନନ୍ଦନ,
ଦେଖନ୍ତି ବିଷାଦେ କରି ମଳିନ ବଦନ;
ଛାଡ଼ିଯାଉଛନ୍ତି ଏବେ ରଘୁଶ୍ରେଷ୍ଠପ୍ରିୟା—
ଲକ୍ଷ୍ମୀ, ଶୂନ୍ୟ କରି ତାର ଅଙ୍କ-ସିଂହାସନ ।
ବିଧାନ ରଚିଲା ବିଧି ମାତାଙ୍କୁ ନ ଦେଖି,
ଲେଖିଦେଲା ସୁଖ ପଛେ ଦୁଃଖ ଏକ ଧାଡ଼ି;
ଚାଲୁଛି କି ଦୁଃଖ ଏବେ ନନ୍ଦନଙ୍କ ଦେଖି,
ସୁଖ ପଛେ ପଛେ ଆସି ବସିଅଛି ମାଡ଼ି ।
ଲୋକେ ଯାହା ଭଲ ମନ୍ଦ ଆଚରନ୍ତି ପରେ,
ଅବଶ୍ୟ ଫଳଇ ତାହା ନିଜର ଶିରେ ।

୨୫

*ବିଷ୍ଣୁଶର୍ମାଙ୍କର ଶୁଆ କହିଅଛି ଯାହା,
ସେ କଥାକୁ ତିଳେମାତ୍ର ନ ଟାଳି ମନେ;
ଶୀତାନ୍ତ କାଳରେ ଊର୍ଦ୍ଧ୍ୱେ ଟେକି ବାହା,
କମ୍ପିତ ଶୀତାଙ୍କ ଶୁଆ ସରସୀର ତଟେ ।
ଦୟାଳୁ ଶୁଆଙ୍କ ସମ ମୂଳ ବାକଳର,
ଖାଆନ୍ତି କବୁଡ଼ି ଜଳେ କରି ଉନ୍ମୂଳନ;
ନଳିନୀର ଦଶା ଏବେ ମନ୍ଦ ମନ୍ଦିରର,
ରକ୍ଷାର ଉପାୟ ଆଉ ନାହିଁ ତ୍ରିଭୁବନ ।
ଗଜ ମୂର୍ଖ ଦେଲା ବିଧି ଏତେ ଅଧିକାର,
ବିଧିର ଏ ବିଧାନକୁ ସହସ୍ର ଧିକ୍କାର ।

୨୬

ମଧ୍ୟ-ଗଗନେ ହେଲେ ଶୋଭା ସାମ୍ରାଜ୍ୟସମ୍ରାଟ,
ନୟନରଞ୍ଜନ ବିଧୁ ଜ୍ୟୋତିଷ୍କଶେଖର;
ରଖିଥିଲେ ବାଛି ବାଛି ଅତି ଅଳ୍ପ ଥାଟ,
ଉଜ୍ଜ୍ୱଳ ଉଜ୍ଜ୍ୱଳ ଗ୍ରହ ଯୋଗ୍ୟ ସହଚର ।
ଥିଲା ଯେଉଁ ଗ୍ରହଙ୍କର ପ୍ରତିଭା ପ୍ରବଳ,
ପାଇଥିଲେ ସମାଦରେ ସମ୍ମୁଖ ଆସନ;
କ୍ଷୁଦ୍ରତେଜେ ନ ପୂରିଲା ଯାହା ଯାହା ବଳ,
ଦୂରସ୍ଥ ରହିଲେ ହୋଇ ମଳିନ ବଦନ ।
ନକ୍ଷତ୍ର ମଣ୍ଡଳ ସଙ୍ଗେ ହୁଏ ସୁଶୋଭିତ,
ଅମ୍ବର ହୁଏ ତହିଁ ସଦା ବିଶୋଭିତ ।

୨୭

କନ୍ଦର ଭିତରେ ରଶ୍ମି-ଭେଦ-ଚନ୍ଦ୍ରକର,
ବଟେଶ କୃଷ୍ଣ ନଖମଳେ ବକ୍ରଖଣ୍ଡ ଚରି †;
ବିଧୁ କି ତା ମାରିଛନ୍ତି ଚନ୍ଦ୍ରିମା ଶର,
୧ ଶୃଙ୍ଗକାସ୍ୱଦନଶାଳୀ ତମ ଲକ୍ଷ୍ୟ କରି ।
ବନଭୂଇଁ ବୃକ୍ଷ ଖଣ୍ଡ କୌମୁଦୀନିକର,
ମନେହୁଏ ପଳାୟିତ ତିମିରର ପିଠି
ପରେ, ବିଛ ହୋଇଅଛି ନାନାବିଧ ଶର,
ଧାବମାନ ଚନ୍ଦ୍ରମାର ଲକ୍ଷ୍ୟଭ୍ରଷ୍ଟ ଫିଟି ।
ତୁଷାର ଝରଇ କିବା ହିମବିନ୍ଦୁ ଛଳେ,
ଚଢ଼ନ୍ତି ତିମିର ମୁଣ୍ଡେ ମାଡ଼ି ଭୂମିତଳେ !

୨୮

ଦେଖିଲେ ପ୍ରକୃତି-ସ୍ୱାତନ୍ତ୍ର୍ୟ ଶାନ୍ତିର ବିତାନ,
ଗତଶ୍ରମ ବହେ ସୁଶୀତଳ ଧୀର ସମୀରଣ;
ଶାନ୍ତକୋଳେ ସୁଖସୁପ୍ତ ମାନବସମାଜ,
ଶାନ୍ତ ଲଭିଅଛି ଘରେ ଘରେ ହୁତାଶନ ।
ଶାନ୍ତେ ଟାଇ କାନନର କୁସୁମସକଳ,
ପ୍ରଫୁଲ୍ଲବଦନେ କଲେ ଗନ୍ଧ ବିତରଣ;
ଘନ ହେଲା ସବୁର ସୁଶୀତଳ ଜଳ,
ଧରଣୀମଣ୍ଡଳ ହେଲା ଶାନ୍ତ ନିକେତନ ।
ଅଛି କି ପ୍ରଲମ୍ବ ସ୍ୱରେ ଝିଲ୍ଲିକାଗଣ,
ଚତୁର୍ଦ୍ଦିଗେ କଲା ଯେସନ୍ତି ଶାନ୍ତି ବିଘୋଷଣ ।

୨୯

ଗାଇଲେ ଶାନ୍ତିର ଗୀତ ମଧୁପମଣ୍ଡଳ,
ବୁଲି ବୁଲି ଜଳ, ସ୍ଥଳ, ବନ, ଉପବନେ;
ବଜାଇଲେ ଶାନ୍ତି-ବାଜା ସହିତ ସକଳ,
ପାଦପ ପଲ୍ଲବତତି ମରମର ସ୍ୱନେ ।

* ଶୁଆ ଓ ଗଜର କଥା ହିତୋପଦେଶରୁ ଅନୁସନ୍ଧେୟ ।

† ବକ୍ର—ସ୍ୱଗ୍ର ।

୧ । ତମ—ଶୃଙ୍ଗ (ସିଂହକାସ୍ୱଦ) ; ସୁତରାଂ ଗିରିକନ୍ଦର ତାହାର ଜନ୍ମସ୍ଥାନ ହେବା ସ୍ୱାଭାବିକ

ସୁଶାନ୍ତେ ନାଚିଲେ ଜଳେ ତରଙ୍ଗପଟଳ,
ତାହାଁ ସଙ୍ଗେ ଯୋଗଦେଲେ ମୁଦେ ମୀନଗଣ;
ନାଚିଲେ ମେଦିନୀବକ୍ଷେ ଶ୍ୟାମ ଦୂର୍ବାଦଳ,
ବଲ୍ଲୀବ୍ରଜ ନାଚି ନାଚି ମଣ୍ଡିଲେ ଗଗନ ।
ଶାନ୍ତିରସେ ମଜ୍ଜି ସିନ୍ଧୁ ଗାଇ ଗାଥା ସବେ,
ନୃତ୍ୟ କଲେ ପ୍ରତିବିମ୍ବରୂପେ ଜଳଗର୍ଭେ ।

୩୦

ଶୁଣିଲି ପଶ୍ଚିମେ ସିନ୍ଧୁ ସାଗର-ଗର୍ଜ୍ଜନ *
ଦେଖିଲି ତୁଷାର ମଣ୍ଡି ଅଛୁଅଛି କୂଳ;
କରିବାକୁ ଚାହୁଁ ଜଳରାଜ୍ୟ ସୁଶାସନ,
ପଶ୍ଚିମକୁ ଗଲେ ସଙ୍ଗେ ଘେନି ଦୂତକୁଳ ।
ବନ୍ଧୁଣୀପୁର ପ୍ରାଚୀର ପ୍ରସ୍ଥାଟି ଅଚଳ
ଲଂଘି, ରତ୍ନମୟପୁରେ ହୋଇ ଆନନ୍ଦିତ;
ଜନକର ସ୍ନେହମୟ କୋଳ ସୁକୋମଳ,
ଶଯ୍ୟାରୂପେ ପାଇ ସୁଖେ ହେଲେ ନିମଜ୍ଜିତ ।
କିବା ଜଳ କିବା ସ୍ଥଳ କି ନଗ ନଗର,
ଯହିଁ ଯାଏ ତହିଁ ଯାଏ ଗୁଣୀ ସମାଦର ।

# ବସନ୍ତ ବାସର

ପାହିଲା ରଜନୀ ଟିକି ବଢ଼ିଲା ଉଜ୍ଜ୍ୱଳ,
ଉଜ୍ଜ୍ୱଳ ଦିଶିଲା ପୂର୍ବ ଆକାଶମଣ୍ଡଳ ।
ଅନ୍ଧାରେ ଯା ଦିଶୁଥିଲା ଆଲୋକେ ତା ନାହିଁ,
ଭିନ୍ନ ଦୃଶ୍ୟ ଦିଶୁଥିଲା ଆଲୋକର ପାଇଁ ।
ସେତେବେଳେ ଥିଲେ ଅସ୍ତେ ଶଶିଗ୍ରହଗଣ,
୧ ଯାହା ଥିଲେ ନିକଟରେ ବନ୍ଧୁ ଗ୍ରହଗଣ ।
ସାନ ହୋଇ ବଡ଼ ରୂପେ କଲେ ଉପକାର,
ଅବଶ୍ୟ କରିବୁଁ ଆମେ ସେକଥା ସ୍ୱୀକାର ।
୨ ବଡ଼ ବଡ଼ ବନ୍ଧୁ-ଗ୍ରହ ବଡ଼ ଦୂରେ ଥାଇ,
ଯଥାସାଧ୍ୟ ହିତ କରୁଥିଲେ ଆମ୍ଭ ପାଇଁ ।
ତହୁଁ ଦୂରେ ଦୂରେ ଥାଇ ତାରା-ବନ୍ଧୁକୁଳ,
ବନ୍ଧୁତା ଦେଖାଇ ହୋଇଥିଲେ ଅନୁକୂଳ ।
ଯେତେ ଦୂରେ ଥିଲେ ବନ୍ଧୁ ଆଦି ସମସ୍ତେ,
ଆନୁକୂଲ୍ୟ ପ୍ରଦର୍ଶାଇଥିଲେ ସୁହୃଦସ୍ତେ ।
ନ ଦିଶିଲେ ଏଣୁ ସେହି ଜ୍ୟୋତିଷ୍କସକଳ,
ଯହିଁ ଥିଲେ ତହିଁ ହେଲା ତାଙ୍କ ଅସ୍ତାଚଳ ।
କେ ଥିଲେ ପ୍ରଭାବେ ଦେଖା ନଭ-ଆକାଶରେ,
କେଉଁଠି ଚଳି ପଳାଇଲେ ପଶ୍ଚିମ ଦିଗରେ ।
ଆଶ୍ରୁଥିଲେ କେ ଉତ୍ତର କେ ଅବା ଦକ୍ଷିଣ,
କେ ସନ୍ଧିରେ ଥିଲେ ତହିଁ ହୋଇଗଲେ ଲୀନ ।
ଦେବ ସୂର୍ଯ୍ୟ ଉଠି ଏକ ଆଲୋକ କିରଣ,
କ୍ଷଣକରେ ଦୀପ୍ତଲୋକଙ୍କୁ ହେଲେ ଗ୍ରାସକର ।
ସେ ପ୍ରଳୟ-ଲହରୀର ଆକ୍ରମଣ ସହି,
ଦୁଇ ଏକ ଜ୍ୟୋତିଷ୍କର ଥାଇଥିଲେ ରହି ।
ଆକାଶ ପ୍ଲାବନ-ବେଗେ ହୋଇ ସେ ଅସ୍ଥିର,
ଅନାପୃଷ୍ଟବଶେ ଶେଷେ ମଜ୍ଜାଇଲେ ଶିର ।
ଜ୍ୟୋତି ଆସି ବିନାଶିଲା ଜ୍ୟୋତିଷ୍କଙ୍କ ଗଣ,
ଯେଣୁ ଲୁହା ବନ-କାଷ୍ଠ କାଟେ ଯଥା ବନ ।
ନବ ବନ୍ଧୁ ଜନମିଲ ବାସବ-ଭବନେ,
ଅଗ୍ନିଷ୍ଟ-ଅନଳ-ଶିଖା ଉଠିଲା ଗଗନେ ।
ଦେଖୁଁ ଦେଖୁଁ ଆସିଲେ ସେ ଦିନ-ବାନ୍ଧବ,
ମଧୁର କିରଣେ କଲେ ଶୀତଳ ଲଘବ ।

* ପୂର୍ବ ସାଗର (ପ୍ରଶାନ୍ତ ମହାସାଗର) ଅପେକ୍ଷା ପଶ୍ଚିମ ସାଗର (ଆଟଲାଣ୍ଟିକ ମହାସାଗର)ର ଭୟାଳ ତରଙ୍ଗ ଅତି ଭୟଙ୍କର ।

୧ । ବୁଧ, ଶୁକ୍ର, ମଙ୍ଗଳ ଏହି ତିନି ପୃଥିବୀର ନିକଟରେ ଅଛନ୍ତି । ସେମାନେ ଅନ୍ୟାନ୍ୟ ଗ୍ରହ ଅପେକ୍ଷା କ୍ଷୁଦ୍ର ହେଲେହେଁ ନିକଟବର୍ତ୍ତୀ ହେତୁରୁ ଅଧିକ ଉଜ୍ଜ୍ୱଳ ଦିଶନ୍ତି ।

୨ । ବୃହସ୍ପତି, ଶନି, ୟୁରେନସ୍ ଓ ନେପଚୁନ୍ ଗ୍ରହମାନେ ବୃହଦାକାର ଓ କ୍ରମଶଃ ଦୂରବର୍ତ୍ତୀ ।

ପ୍ରକାଣ୍ଡ ମୂରତି ଧରି ଦେଇ ଦରଶନ,
ଅହ୍ଲାଦରେ ଡଙ୍କାଦେଲେ ହୃଦ ସଙ୍ଗେ ମନ ।
ଅଦ୍ରିଶି କଦମ୍ବ କରେ ଗଣ୍ଡତନ୍ତ୍ରୁ ଶିର,
ପୋଛିଦେଲେ ପ୍ରକୃତିର ନୟନର ନୀର ।
ହସିଲା ଧରଣୀ ରଙ୍ଗ ଚଳଣ-ଦଶନେ,
ଶାଳୁକୀ ଲୁଚିଲା ରଙ୍ଗ କୁସୁମ ବର୍ଷଣେ ।
ନାଚିଲା କୌତୁକେ ବନେ ଅଙ୍ଗ-ନଦୀସାର,
ଉଡ଼ିଲା କମଳାବୁଣ୍ଡି ସୁରଙ୍ଗ ଅମ୍ବର ।
ଧାରଣି କୁଙ୍କୁମ ରଙ୍ଗ ନବ କିଶଳୟ,
କାନନ-ଅଙ୍ଗକୁ କରିଦେଲେ ରଙ୍ଗମୟ ।
ଜଳରେ ରକ୍ତ-ଚନ୍ଦ୍ର ଫୁଟିଲେ ସ୍ଥଳପଦ୍ମ,
ଅବନୀ ରଞ୍ଜିଲା ଜଳେ ହୋଇ ଚନ୍ଦ୍ର ଚନ୍ଦ୍ର ।
ଜଳରେ ଜଳଜଦଳ ସ୍ଥଳେ ଦୂର୍ବାଦଳ,
ଶ୍ୟାମଳ ବର୍ଣ୍ଣରେ କଲେ ଲୋଚନ ଶୀତଳ ।
ଉର୍ଦ୍ଧ୍ୱରେ ଗଗନ ତାର ପ୍ରତିବିମ୍ବ ତଳେ,
ନୀଳମାଟେ ଭୁବନକୁ ଆଚ୍ଛାଦିତ କଲେ ।
ପ୍ରପାତ-ଶୀକର ଧୂଳି ସାଗର-ତରଙ୍ଗେ,
ଇନ୍ଦ୍ରଧନୁ ବିକଶିଲା ବହୁବିଧ ରଙ୍ଗେ ।
ମଳବାସ ବେଶେ ଉଷା ପୁରସ୍ଥ ଅଚଳ,
ନିକଟ ଉଦିତ ବାସ ଦେଖିଲା ପାଟଳ ।
ସୌଧେ ସୌଧେ ଭରିଗଲା ଧବଳ ବରଣେ
ମଲ୍ଲିକା ନିଆଳୀ କଲେ ତା ଅଂଶ ଗ୍ରହଣ ।
ଶାନ୍ତ ତେଜ ବହ୍ନିକଣେ ଚଳୁଥିଲେ ରବି,
ଜାବକ-ସନ୍ତାନ ଚଷ ଧନୁ ଗୁଣ କରି;
ଚଞ୍ଚୁ କରେ ଲୋମ ଧାଞ୍ଚି କରି ସୁସଜ୍ଜିତ,
ଦଳ ବାନ୍ଧି ଚନ୍ଦ୍ରବୃନ୍ଦ କଲେ ବରଗୀତ ।
ଆଳସ୍ୟ-ଅସୁର ଭୟେ ମୂର୍ଚ୍ଛା ଥିଲେ ଜନେ,
ଶଙ୍ଖ ଆସି ଢାଳିଦେଲା ଅମୃତ ବଦନେ ।
କଷ୍ଟେ କଷ୍ଟେ ହେଉଥିଲା ନେତ୍ର ଉନ୍ମୀଳନ,
ନବ ବନ୍ଧୁ ନିଜ କରେ ଦେଲେ ଦୃଷ୍ଟାଞ୍ଜନ ।

ନବ ପ୍ରାଣ ନବ ବଳ ଲଭି ନବ ମନେ,
ଜନଗଣ ବିଚରିଲେ ସଂସାର-ଚଳନେ ।
ପ୍ରାଚୀର ୧ ମସ୍ତକେ ବସି ଚଟକନିକର,
ପ୍ରାଚୀର ୨ ମସ୍ତକେ ଚୁମ୍ବି ନବ ଦିନକର,
୩ ବିହଙ୍ଗ ସ୍ୱଚ୍ଛନ୍ଦେ ଦେଲେ ଫୁଲ୍ଲ ଅଟଧନ,
ବିହଙ୍ଗ ସୁସ୍ୱରେ ତେଣେ ଫୁଲ୍ଲି ସମ୍ବଦନ ।
ମଣ୍ଡୂକପଟଳ ପାଇ ତପନ-କିରଣ,
ପୁନଃ ପୁନଃ ଅଧଃ ଉର୍ଦ୍ଧ୍ୱେ କଲେ ସନ୍ତରଣ ।
ପତଙ୍ଗ ୪ ଉଡ଼ୁଥିବେ ଏଣେ ଉଡ଼ୁଥିଲା ପତଙ୍ଗ
ନବରଙ୍ଗ ୫ କଣ୍ଠରେ କଲେ ନବ ରଙ୍ଗ ।
ଚଷୁମାନେ ନିଦ୍ରା ତେଜି ଉଠିଲେ ଶମ୍ବୁକ,
ସଜ୍ଜନଗଣେ ଉନ୍ମୁଖେ ସଲଗିଲେ ଚକ୍ର ।
ଡାଳୁଡ଼ାଳେ ଡେଇଁ ଲୀଳା ଲଗାଇଲେ କପିଶ,
କେନ୍ଦୁ ଫଳେ କ୍ଷୁଧା ଲଭି ଡାକୁଥିଲେ କପି !
ଏହି କାଳେ କନକଳା ଚୁମ୍ବି ପଦ-ମୂଳ,
ସଜଳନୟନ ହୋଇ ଦେଖାଇଲା ଦୁଃଖ ।
କହି ନ ପାରିଲା ଦରକୁଞ୍ଚିତ ବଦନୀ,
ନେଇକଲା ଆସି ସବୁ କଥା କଲା ଜଣା ।
ବିନୟେ ହୋଇଲା ଦେବଦେବ ବ୍ରହ୍ମରାଜ,
ଲୋକଙ୍କର ବ୍ୟବହାର କି କହିବ ଆଜ;
ମୁଁ ଦିନେ କୃଷକ ନିଜ ଦ୍ୱାରେ ଦ୍ୱାରେ ବୁଲି,
ମଧୁ ଭିକ୍ଷା କରୁଥାଏଁ କାତରେ ଧରି ଝୁଲି;
କନକଜଠାରେ ମୋର ବଡ଼ ଆଶା ଥାଏ,
ତା ମୁଷ୍ଟି ମଧୁରେ ଝୁଲି ଯୋଗି ଭରିଯାଏ;
ନିତ୍ୟ ଉଦ୍ୟାନର ଲୋକେ ନ ଥାଏ ଆଦର,
ଏହା ଭାବି ଧରେ ଭ୍ରମି ଗଲି ଦେଶାନ୍ତର;
ଦେଖିଲି ମାନବଙ୍କର ତହିଁ ଅତ୍ୟାଚାର,
ସ୍ୱାର୍ଥ ପାଇଁ ନ କରନ୍ତି ଧର୍ମର ବିଚାର;
ମଧୁମକ୍ଷିମାନେ ମୋହ ପରି ଭିକ୍ଷା କରି,
ମଧୁ-ଧନ ରଖିଥିଲେ ଭଣ୍ଡାରରେ ଭରି;

୧ । ପ୍ରାଚୀର—କାନ୍ଥ । ୨ । ପ୍ରାଚୀ—ପୂର୍ବଦିଗ । ୩ । ବିହଙ୍ଗ—ପକ୍ଷୀ ଓ ସୂର୍ଯ୍ୟ ।
୪ । ପତଙ୍ଗ—ସୂର୍ଯ୍ୟ ଓ ଶଲଭ । ୫ । ନବରଙ୍ଗ—ନୂତନ ଲାଲ ରଙ୍ଗ ଓ ନାନା କୌତୁକ ।

ମାନବେ ପ୍ରବେଶି ତହିଁ ନ ପାରି ଅଇଲେ,
ତେଣୁ ତାଙ୍କୁ ଦେଇଦେଲେ ସେ ଧନ ସକଳ।
ଗତକାଳ ଅଶ୍ରୁଶାଳା ଏହି ସଂସାରରେ,
ଧର୍ମ ବାଂଡୁଡ଼ିଏ ଦେଖିଲ ବାହୁନେ;
ତା ମୂଳରେ ଲୋକମାନେ ଦେଇ ଦେଉଜଳ,
ଶୀତଳ ଛାୟାକୁ ଭଜୁଥିଲେ ଦୂରୁ ଚଳ;
ଜଳୁକାଙ୍କୁ ଦୃଷ୍ଟି ତାର ଦେଖି ନାହିଁ କେବେ,
ଦେଖିଲା ସୁରନଂ ଗଙ୍ଗ ଉଚ୍ଚ କାଶ୍ୟ ଏବେ;
ମଣ୍ଡିତ ହୋଇଛି ତହିଁ ବାଟ କଲେବର,
ବୋଇଲ ନିଶ୍ଚୟ ସୃଷ୍ଟି ହେବ ଯାଦଗର;
ଜବେ ଯାଇ ବସି ତୁମ୍ଭେ ଆରମ୍ଭିଲ କେତେ,
ଅଣୁମାତ୍ର ମଧୁ ବିନା ବାନ୍ଧୁଛଲ କୋଟରେ ।
ଘୃତ ଦୁଗ୍ଧ ଦେଇ ପାଦପ ଗ୍ରାମୁଙ୍କ ଦୁଆରେ,
ଅସଂଖ୍ୟ ପାଦରେ ଭଗ୍ନ ହୋଇଅଛି ଅନେକ ।
ଏ ଯେଣ୍ଡ ବୃକ୍ଷ ନ ପାତିଲ କରି ମୋତେ ଭୂମି
ମାନିଲ ଦେବଳ ନିଜ କାଳ ପାଇ ଭୂମି;
ସେ ତରୁ ତଳାଖାଟିଏ ଧରନ୍ତେ ବାରଣ,
ଲୋକମାନେ ମିଳି ତାଙ୍କୁ କଲେ ନିବାରଣ;
ବାରଣ ଟଳିଲା ତହିଁ ପର ଅଭିମୁଖେ,
ପଦ୍ମ ନ ପଦ୍ମରେ ଆସି ପ୍ରବେଶିଲା ମୁଖେ;
ସୁକୁମାର ପଦ୍ମଙ୍କ କଲା ଆକ୍ରମଣ,
ନ ସହି ମୁଁ କଲି ଗଜ କଦପାଲେ ଦଂଶନ;
ଗଜ ନ ମାନନ୍ତେ ତଳି ଦାଉଡ଼ି ନଦୀର,
କାନ୍ଦି କାନ୍ଦି ଗୁହାରିଲ ତଣ୍ଡି ପଦରେ ପଡ଼ି;
ଲୋକମାନେ ମୋତେଥିଲେ କଣ୍ଠେ ଖୋଷିଫୁଲ,
କାନ୍ଦିଲି ସେ କର୍ଣ୍ଣ ପାତଶ ହୋଇ ମୁଁ ଆକୁଳ;
ଘରେ ମୋତେ ଛଡ଼ିଦେଲେ ଅଇଲି ଚଳାଇ,
ସ୍ୱାମୀକୁ ଆସିଛି ଏବେ ସେ କଥା ଜଣାଇ;
ଲୋକମାନେ ନେଇଥାନ୍ତି ପଦ୍ମ ଖର ଦ୍ୱର,
ବାଟଦିକାଳକୁ ତାର ହେତୁ ଏ ବେଶର;
କୁସୁମବାସ୍ତବ ଦଣ୍ଡ ଏତେ ସମାଦର,
ଧର୍ମ ଅବତାର ସାହା ଜଣା ତାହା କର ।
ଦକ୍ଷିଣ ଖାସ୍ତର ଧ୍ୱଜା ବୃକ୍ଷ କଲେବର,
ନଖକ ଲମ୍ବାଇଥିଲେ ଅଗ୍ରଘର କର,
ନଖଭିଙ୍କି ଦିବଳକୁ ତେଜମୂର୍ତ୍ତି ଅପସନ,
କଠୋର ମସ୍ତକରେ କଲେ ଅବନୀ ଶାସନ;
ଆମୃତାରେ ନ ରଖିଲେ ନବବନ୍ଧୁ ସାବ,
ଦୂରଭୃ ଦୂରିର କଲେ ପ୍ରକାଶି ସ୍ୱଭାବ;
ଏକଲଇ ଚକ୍ରବର୍ତ୍ତୀ ହେବ ବିକର୍ଷିନ,
ପ୍ରଚଣ୍ଡ ନୟନାବଳୀ କଲେ ପ୍ରଦର୍ଶିନ;
ପ୍ରଚଣ୍ଡ ଶାସନ-ଦଣ୍ଡ କରେ ଧରି ନିତେ,
ମୂଳାଗ୍ର ଗଗନ ଗଜ ପ୍ରକସ୍ତ କଲେ ଯେ ଜନେ;
ବଡ଼ି ଲୁ ଦବଳକୁ ଦେଲ ତାହାଙ୍କ ପ୍ରତାପ,
ଅଧିକୁଁ ଅଂଜ୍ଞ ନଦେଲେ ଧରଣୀକ ତାପ;
ତାତନ୍ତ୍ର କଲେ ଧରଣୀର ଜୀବନ ଶୋଷଣ,
ନ ବୁଝିଲେ ହେବ ତହିଁ ଶାପଣ ପୋଷଣ;
ଦେଖିଲେ ମନ୍ଦ୍ର ନ ସାହା ହେଉଅଛି ଗ୍ରସ୍ତ,
ତା ପ୍ରତି ନିଷ୍ଠୁର ହେଲେ ତେଜ ତତ୍ତ୍ୱମାସ୍ତ;
ଛାୟା କରିଥିଲ ଯେତେ ଭୂମି ଅଂକାର,
ଶମନରେ ମିଶିଲେ କରି ସ୍ୱକର ସଂସ୍କାର ।
ସ୍ୱାମୀ ଅବାଧିତା ତହିଁ ଛାୟା ଅବସର,
ରଖିଗଲ ପାଦପର ତଳ ଆଶ୍ରା କରି ।
ମସ୍ତକ ଉପରେ ଚଢ଼ି ପ୍ରଚଣ୍ଡ ତପନ,
କରଘାତେ ବିକମ୍ପିତ କଲେ ଜୀବଗଣ;
ପ୍ରଜାପୁଞ୍ଜ ବିଚଳିତ ହୋଇ ଘର ଖାସ୍ୱେ,
ଆଶ୍ରୟ ନେଲେକଲେ ଯାଇ ଛାୟାରଙ୍ଗୀ ପାଦେ;
ଦର୍ପଣ ସଂକେତ ହୋଇ କାତବାତ୍ରି ଭେଦ,
ଉଠିଲେ ଖାଁଇ ସୁଗନ୍ଧ ଗ୍ରୀଷ୍ମ ତତ୍ତ୍ୱ ଦେଖି ।
ଗ୍ରୀଷ୍ମକୁ ଧରିବା ଲାଗି ହୋଇ ଶୋଧଭର,
ଚଳିଷ୍ଣୁ ଲେଖି ଛିଦ୍ରମାନ ଲମ୍ବାଇଲେ କର;
ତପନ ତାପରେ ହେଲ ଧରଣୀ ବିକଳ,
ରସନା ଲମ୍ବାଇ ଶ୍ୱାନ ଲୋଡ଼ି ଗ୍ରୀଷ୍ମତଳ;
ଭଜୁଥାଇଲ ବସି ପକ୍ଷୀ ବିକୃତ ବଦନ,
କୃତଘ ଶୁଣଇ ତାର କଣ୍ଠଶ୍ରୀ ନିସ୍ୱନ;
କୃତି ଉଡ଼ିଇ ଏକ ବୃକ୍ଷୁଁ ବୃକ୍ଷାନ୍ତର,
ଅବିଳମ୍ବେ ବସେ ହୋଇ ଆତପକାତର;
କୁହାଳ ଆସିଲା ବୋଲି ପାରାବତଗଣ,
କୁକୁକୁକୁକୁ ରବ କଲେ ବିତପାଣ୍ଡି;

ନିସ୍ତବ୍ଧ ହେଲାଣି ନବକଣ୍ଠୀଲସ୍ତବ,
ନତମୁଖେ ନେଉଥାନ୍ତି ଗ୍ରୀବାର ଆଶ୍ରୟ;
ଗୋଷ୍ଠୁ ଏ ଫେରିଲେ ଅଗ୍ରୀ କରି ବତ୍ସଦଳ,
ଧୀରେ ଧୀରେ କରୁଥାନ୍ତି ରୋମନ୍ଥ କେବଳ;
ମାନବ ନେଇ ଆଶ୍ରା କଲି ପ୍ରାସାଦର ଛାଇ,
କେ ଅବା ରହିଲ ନିଜ କୁଟୀରକୁ ଯାଇ;
ପଥିକ ଚଳିଲେ ପଥ ଛାଡ଼ି ଧୀରି କରି,
ନ ଗଲି ନ ଚଳିଲ ବୋଲି ବିଶ୍ରୁତ ନଗରେ
ହେଲେହେଁ ତପତ ଶାନ୍ତି ଲଭିବା ଆଶାରେ
ମହିଷ ସକଳ ଯାଇ ପଶିଲେ କାସାରେ;
ପଲ୍ଲବ ଭିତରେ ପକ୍ଷୀ ସକଳ ବସାଇ,
ତପତ ତରଳ ପକ୍ଷେ କରିଲେ ଅବଗାହି;
ଝିଁଝିଁ ଶବଦ ପୂର୍ଣ୍ଣ ନିର୍ଝର ସକଳେ,
ବନ ମତଙ୍ଗଜଗଣ ପ୍ରତିବେଶୀ ଖେଳିଲେ;
ସଂସିଦ୍ଧା ପକ୍ଷ ନେଲି ଶେ ଚନ୍ଦ୍ର ପ୍ରଭାର,
ସହିଲି ବୋଲି ତା ହେବ ଭବ ଉପକାର;
ଜୀବନ ୧ କଣିକା ଦେବା ଲୁହାଇ ଅପାର,
ସେ କଣିକା ଗଣି ହୁଏ ଅମୃତର ୨ ଧାର;
କଣିକା କଣିକା ସାଇଅଛି ଯେ ଜୀବନ,
ଶୋଷକେ ଗ୍ରାସିବ ତାହା ଜାଣି ହୋଇ ଘନ
ସମର ଜନକ ବୋଲି ନ ଭାବିବ ଭୟ,
କର୍କଟ ୩ ରବିକି ନଷ୍ଟ କରିବ ଅଥୟ;
ସିଂହରେ ୪ ବସନ୍ତି ହୋଇ କାଳିକାବତୀର ୫
ଚିହ୍ନ ବର୍ଷି ନ ରଖିବ ଆଉ ସବିତାର ।
ଦେଖୁଁ ଦେଖୁଁ ଦିବାକର ଖସିଲେ ଗଗନୁ,
କ୍ରମେ କ୍ରମେ ତେଜ ଉଣା ହୋଇଗଲା ତନୁ;
ସେତିକି ଉପରେ ବହିଥିଲେ ସମୁଥିତ,
ତେତିକ ତଳରେ ଯାଇ ହେଲେ ନିପତିତ ।
ବୁଡ଼ିଲେ ବୁଡ଼ିଲେ ବୋଲି ପଡ଼ିଲା ଚହଳ,
ହାଟେ ବାଟେ ହେଲା ନର ଯାଦବ ୬ ଚପଳ
ଗଛେ ଗଛେ ଏକାଠି ହୋଇ ଦଳ ଦଳ,
ବ୍ୟସ୍ତ ହୋଇ ନାନା ରଙ୍ଗେ କଲେ କଳକଳ;

ଉଡ଼ୁଥାନ୍ତି ବସୁଥାନ୍ତି ନ ଛାଡ଼ି କାକଳି,
କାହିଁକି ଯେ କୋଳାହଳ ବୁଝି ନାହିଁ କଳି;
କି ଭଳିଚି ପୁଣି ସବେ ଉଡ଼ି ଫେରଫେର,
ଅସ୍ଥିର ନିଅନ୍ତି ଯାଇ ଅନ୍ୟ ପାଦପର;
ରବି ଅସ୍ତେ ଆଗମନ ଭୁବନେ ସନ୍ଧ୍ୟାର,
ବେଳୁଁ ବେଳ ଗାଢ଼ ହୋଇ ଆସିଲା ଅନ୍ଧାର
ଶିଶୁ ଥିଲେ ଦିନକର ଯୁବା ହେଲେ କ୍ରମ,
ବୃଦ୍ଧ ହେବ ବୋଲି ମନେ ଥିଲା ନାହିଁ ଭ୍ରମ
ଜରା ଆଗମନେ ତାଙ୍କ ତେଜ ହେଲା କ୍ଷୟ,
ଚରମ ଦଶାରେ ତନୁ ପ୍ରାପ୍ତ ହେଲା ଲୟ;
ନାହିଁ ଦିବାକର ଆଉ ନାହିଁ ସେ ପ୍ରତାପ,
କମଳିନୀ କରେଅଛି କରି ମନସ୍ତାପ;
ଚନ୍ଦ୍ରକଲୋଚନକୁ ସବୁ ଦିଶିଲ ଏମନ୍ତ,
ପ୍ରକୃତି ନୁହନ୍ତି ରବି ଉଦୟ ବା ଅସ୍ତ;
ପ୍ରଥମେ ଚତ୍ତ ଲ ନେତ୍ରେ ବୋଲୁଁ ତା ଉଦୟ
ତନ୍ତ୍ରରତ୍ନରାଳ ହେଲେ କହୁଥାନ୍ତି ଲୟ ।
ଅନନ୍ତ କାଳର ରବି ଜ୍ୟୋତିର ସେ ଧାମ,
ଭୁବନେ ଅବୁଝନ୍ତି ଭିନ୍ନ ଭିନ୍ନ ମାତ୍ର ନାମ ।
ନ ହୁଅନ୍ତି ଶିଶୁ ଯୁବା ଅଥବା ସ୍ଥବିର,
ଅଟଳ ବପୁସ ଦ୍ୟୁତିକାଶ ଦୁଅବାର;
ଆଜି ଦେହ ଅସ୍ତ ହେଲେ କାଲି ସେହିମତ,
ତାହାଙ୍କ ଏ ଘଟେ ଏକା ବ୍ରହ୍ମ ଉପମିତ;
ପ୍ରକାଶିତ ହେଲେ ବ୍ରହ୍ମ ପ୍ରାଣୀଟିଏ ଧରେ,
ବ୍ରହ୍ମ ଲୁଚିଗଲେ ଜନ୍ମ ପ୍ରାଣୀମାନ ମରେ;
ଶରୀର ଅନ୍ତରେ ହେଲେ ଦିନମାନ ଶେଷ,
ଶରୀର ମନରେ ନାହିଁ ସୁଖ ଅବା କ୍ଲେଶ ।
ଦିନକୁ ଗ୍ରାସଇ ଘନ ଅନ୍ଧାର ଆକାଶ,
ଯାଇ ନ ପାରଇ କେବେ ଦିବାକର ପାଶ;
ପ୍ରାଣକୁ ଧରନ୍ତି ରୋଗ ଶୋକ ମୋହ ଆଦି,
ନ ପାରନ୍ତି ବ୍ରହ୍ମଙ୍କର ଅଶୁଭ ପଶାଦି;
ଯେ ପାଠେ ଦିଶନ୍ତି ରବି ସେହି ପାଠେ ଦିନ
ବ୍ରହ୍ମରେ ଜାଣିଲେ ପ୍ରାଣୀ ହୁଏ ଦୁଃଖହୀନ ।

୧ । ଜୀବନ—ଜଳ । ୨ । ଅମୃତ—ଜଳ । ୩ । କର୍କଟ—ଶ୍ରାବଣ । ୪ । ସିଂହ—ଭାଦ୍ରବ ;
୫ । କାଳିକା—ମେଘମାଳ । ୬ । ଯାଦବ—ଗୋମହିଷାଦି ଧନ ।

ତୁଅ ମନ ସେ ପରମବ୍ରହ୍ମରେ ତନ୍ମୟ,
ତେବେ ପଦେ ଜଗତ ହେବ ସୁଖର ଆଳୟ ।
କୋଟି କୋଟି ସୂର୍ଯ୍ୟ ଯାର କରନୀରାଜନ,
ସେ ପ୍ରେମ ପୂଜା କରେ ତାଙ୍କୁ ହୃଦର ପଦକ ।
କରନ୍ତି ସେ ଶାନ୍ତି ଦାନ ହୃଦ ତାପ ହରି,
ଶୋକ ମୋହ ନ ରହନ୍ତି ପାଶେ ତାଙ୍କୁ ଡରି ।
ସେହି ଏକା ଜୀବନର ଅଭିନ୍ନ ବାନ୍ଧବ,
ତାଙ୍କ ଯୋଗୁଁ ଜଗତରେ ସକଳ ବିଭବ ।
ଜଗିଛନ୍ତି ଜୀବ ଯତ୍ନେ ଜାଗ୍ରତେ ଶୟନେ,
ଶତ ଶତ ଅପରାଧ ନ ଦେଖନ୍ତି ମନେ ।
କଦାପି କୁଆପି ଯେବେ ହୋଇଥାଏ କ୍ଷତ,
ତାହା ପୂର୍ଣ୍ଣ କରିବାକୁ ହୋଇଥାନ୍ତି ବ୍ୟସ୍ତ ।
ପ୍ରତି ଜୀବ ପ୍ରତି ତାଙ୍କ ଏହି ବ୍ୟବହାର,
ପ୍ରତି କ୍ଷଣେ କରୁଛନ୍ତି ବିଶ୍ୱ ଉପକାର ।
ତାଙ୍କର ବିଧାନେ ଗ୍ରୀଷ୍ମ, ବରଷା, ଶରଦ,
ହେଉଛନ୍ତି କାଳବେଶେ ଭର୍ତ୍ତି ସୁତ-ହୃଦ ।
ହେମନ୍ତ, ଶିଶିର ଆସି ନେଲେ ଅବସର,
ହୃତ ସାଧି ଆସିଅଛି 'ବସନ୍ତବାସର ।'
କରୁଅଛି ପାଦପଙ୍କ ଜୀର୍ଣ୍ଣ ସଂସ୍କରଣ,
ମାନବ ଶରୀରେ ନବ ରକ୍ତସଞ୍ଚରଣ ।
ଦକ୍ଷିଣେ, ପ୍ରଦୋଷେ ଦେଇ ମଧୁର ପବନ,
ଉଲ୍ଲସିତ କରୁଅଛି ମାନବ-ଜୀବନ ।
ଅମଳ କମଳ ଜଳେ, ଉପବନେ ମଲ୍ଲୀ,
କାନନେ ନିସର୍ଗ କୋଳେ କୁସୁମିତ ବଲ୍ଲୀ;
ନନ୍ଦନ ଜୀବନେ ହେଉଛନ୍ତି ଉଲ୍ଲସିତ,
ତହିଁ ସଙ୍ଗେ ମନ ଥରେ ହୁଅ ଉଦ୍ଭାସିତ;
କରି ମହାମହିମଙ୍କ ମହିମା ସ୍ମରଣ,
ନିଅ ସେ ମଙ୍ଗଳମୟ ଚରଣେ ଶରଣ ।

# ସୋମନାଥ ବିଜୟ

୧

ଦେବାଦିଦେବ ସୋମନାଥ ଭୂତସଂହର
ଜ୍ଞାନ-ନୟନରେ କରି ଭକ୍ତ୍ୟ ଦର୍ଶନ,
ଭୂତ ମେଳ ଛୁଞ୍ଚି ଆସି କରିଅଛ ଘର
ମନୋହର ସ୍ଥାନ ଖୋଜି କରି ନିର୍ବାଚନ,
ବାହୁଦେବ୍ୟ ରହିଛି ଯାର ଛତର ସାଗର
ଶ୍ୱେତଶତଦଳ ମାଳ ମଣ୍ଡି ଅପଘନ,
ଦୂରେ ବାଳିବନ୍ଧା ରଙ୍ଗ-କମଳ ଆକର
ଅପାଦମସ୍ତକ ସେତୁ ସୋପାନ ସମ୍ପନ୍ନ,
ସୋପାନ ପଥରେ ଉଠି ବାଲିବନ୍ଧା ଜଳ
ନିତ ଧୋଉଅଛି ତୁମ୍ଭ ଚରଣକମଳ ।

୨

ଦକ୍ଷିଣେରେ ମହାନଦୀ ତୁଏ ପ୍ରବାହିତ
ବିଶ୍ୱନାଥ ପାଶେ ଯଥା ସୁରତରଙ୍ଗିଣୀ,
କିନ୍ତୁ ସେ ଧବଳବେଣୀ ଦୁଆରେ ଶୋଭିତ,
ଏ ସୁରମ୍ୟ ନୀଳ ବେଣୀ ମାନସରଞ୍ଜିନୀ ।
ବାଡ଼ିଗଡ଼ ଡଙ୍ଗା ଏ କେତେ ପ୍ରକାଣ୍ଡ ଉପଳ
ମହାନଦୀ ଜଳେ ହୋଇଛନ୍ତି ନିମଜ୍ଜିତ,
କେତେ ଅବା ହୋଇଛନ୍ତି ମସ୍ତକ କେବଳ,
ପୁଲିନରେ ହୋଇଛନ୍ତି କେତେକ ଦଣ୍ଡାୟିତ;
ଖେଳୁଛନ୍ତି ଯଥା ମନେ ପୁଲିନ ପଥରେ
ମର୍ଦ୍ଦିବା ପ୍ରାବୃଟ କାଳେ ମନୋନୀତ ଥରେ ।

୩

ଭକ୍ତହୃଦ-ଆଘାତ ଚୈତନ୍ୟଦେବଙ୍କ ଘାଟ
ହୋଇଛି ଯା ସୁମଞ୍ଜୁଳ ସୋପାନେ ସଜ୍ଜିତ,
ମହାନଦୀ ମେଳ ପାଇଁ ଏ ସୁଗମ ବାଟ
ହେବ ଯଶ ଥିଲା ତୁମ୍ଭ ମାନସେ ସଞ୍ଚିତ,
କୈଳାସବିହାରପଥ ଦେଖାଇବା ପାଇଁ
ରଜିତ ହୋଇଛି ପାଶେ ଗୁରୁଜ ମସ୍ତକ,
ମୁକ୍ତ ସୋପାନପଥେ ଉଠି ଦେବସାଇଁ
ବସି ତହିଁ ପଢ଼ୁଥାଅ ପ୍ରକୃତି ପୁସ୍ତକ;
ପାଇବେ ଦର୍ଶନ କରି ତୁମ୍ଭ ଶ୍ରୀଚରଣ
ରାଜଘାଟ-ଶ୍ମଶାନରୁ ତୁମ୍ଭ ଭୂତଗଣ ।

୪

ଛତ୍ରପାଗରୁ ଆସି ଶ୍ୱେତଛତ୍ରବାସ
ବକୁଳ କୁଙ୍କୁମ ବାସ ସଙ୍ଗେ ନେଇ ପଥେ
ନାସିକା ତର୍ପଣ ପାଇଁ କୁମ୍ଭ ଚଉପାଶ
ପ୍ରଦକ୍ଷିଣ କରୁଥିବ ତହିଁ ଅବସରେ ।
ବାଲିବନ୍ତଃ କମଳର ପରିମଳ ଆସି
ଚଳ-ଦଳ ଦଳବାଣେ ତହାଇ ଆମୋଦିତ
ତପ ସଙ୍ଗେ ମିଶିବ ଜାଣ ସେଠେନ୍ଦ୍ର କ୍ରାନ୍ତି
ତାଙ୍କ ସେ କୌତୁକନଷ୍ଟେ ହେବ ସୂଚିତ
ଦୁଃବସ୍ତୁ ସେକାଳେ ହେବ ଶାନ୍ତିର ବିନାଶ
ଜଗତରେ ଯହିଁ ଶାନ୍ତି ସେହି କଇଳାସ ।

୫

ଚେତଣ ଦାଶରଥୀଁ ଏଣେ ରସାଳବନରୁ
ଅସୁଥିବ ପିକଧ୍ୱନି ଶ୍ରବଣ ରଞ୍ଜନେ,
ଜଳତର ହଂସନାଦ ଉଠି ସରସରୁ
ମଧୁମସ୍ତ ହୋଇଥିବ ମଧୁପ ଗୁଞ୍ଜନେ;
ତରଙ୍ଗିଣୀ ତରଙ୍ଗର କଳକଳ ରବ
କର୍ପୂର ଧବଳ ବାଲିବନ୍ଧ ଛେନି
କଣ୍ଠୁର ସମସ୍ତ ପାଇ କରୁଥିବ ସ୍ତବ
ନଗରର କୋଳାହଳ ମଧ୍ୟରେ ନ ଭ୍ରମି ।
ତରଙ୍ଗ-ଶୀକର-ସ୍ନିଗ୍ଧ ଦକ୍ଷିଣ ପବନ
ନିତି ନିତି କରୁଥିବ ଅତି ମୃଣାଳନ ।

୬

କାହୁଁ ଅଛୁ ଶ୍ରୀନଗର ନରପ ତ ବଦନେ
ବକୁଳ ଓଷ୍ଠ ଦେଇ କରି ପଞ୍ଚତୁଣ୍ଡ ସ୍ୱର,
ଦୂର୍ବ ତରୁରବମାନ ଦୂରୁ ସୁଧା ମନ୍ଦେ
ତାମ ବଂଶୀଜ ଶୁଣିଶ ଉଶ ଶୁଦସ୍ୟ କନ୍ଦର;
ସେ ଉଜ୍ଜ୍ୱଳ ନିବିଡ଼ ଉଜ୍ଜ୍ୱଳ ବର୍ଣ୍ଣନ
ଉଜ୍ଜ୍ୱଳ ଲୋଚନେ ଦେଖ ଦୋଳି ଉଲ୍ଲସିତ,
ତାଙ୍କୁ ଅଜ ଲକ୍ଷ୍ମୀ ତନ୍ତୁ ଛାଇ ଭାବେ ଦେବ
କରୁଅଛୁ ଗର୍ଜନ୍ତୀ ମନ ଦୁର୍ବାସିତ,
ଦେଶ ନାଥ ! ଟାଣିଅଛୁ ପାନ୍ତି ତାର ଦୂତ,
ପାବନୀ ଥାଇଁ ଥାଇଁ ତୁମ୍ଭେ ଅନାଥନ୍ତୁଚ୍ଛ ।

୭

ମୁକ୍ତ ଚନ୍ଦ୍ରିମାର ଥାଇ ରମ୍ୟ ଶ୍ୟାମ ବନ
ଗଗନକୁ ଚେକିଛନ୍ତି ଲମ୍ବ ଲମ୍ବ ଡାଳ,
ବାଲିବନ୍ଧା ଜଳ ଚଳ ତାଡ଼ାଲ ଭବନ
ମଣ୍ଡିକୁଞ୍ଜ ନନ୍ଦଗିରର ଚେଉଦ ବେଳ ନୀଳ ।
ବଶ୍ରୁନ୍ତି ଦେବ ବନ ପରସ୍ପର କର—
ତ୍ରସ ଗଣି କରୁଛନ୍ତି ଛିଡ଼ବାରେ ଖେଳେ,
ଚଳ ଲମ୍ଫନରେ ଡ଼ୋଲାଇଛନ୍ତି ଅମ୍ବର,
ନ ଜାଣି ମରୁତ ବସେ ଭଙ୍ଗୁଛନ୍ତି ଶୋଭେ!
କେଉଁଭଳ ସୁରତ ବାନ୍ଧି ଯୋଗ ଭାବ ପଣ
ଆଦ୍ରେଭ ଫଳାଉଛ କି ? ଆତ୍ରିତବସ୍ତ୍ରକ ।

୮

ମନ୍ଦିକୁନ୍ଦ ଗନ୍ଧ ଦେବ ମନ୍ଥର ବାତନେ
ଅନେଇଁ ସଙ୍ଗତ କରିଥିବ ଦୀପବନ୍ଧେ,
ନ ଚାଇ ନ୍ୟସମ ମନ କୁତଳ ଗଗନେ,
ତାପାରନ୍ତ ପଡ଼େ ଶଶି ନଶିବ ଦୂରନ୍ତ ।
ଚଳନନ ବାନ୍ଧି ଦେଇ ଭା ପଦଟକେ,
ଅବଲେଖି ଦେବ ଶୁଦ୍ଧ ପ୍ରସାଦ ଆହାର,
ଶ୍ଳାଘ୍ୟ ମଣୁଥିବ ମନ ଧରେଲେ ଅଟଳେ,
ନ ବାନ୍ଧିବ ଆଉ କିଛି ଷ୍ଟକ୍ଷାଦ ବିହାର ।
ସୁରାସ୍ୟ ଥିଲେ ସେଛିକାଲେ ପ୍ରଣଷ୍ଟ ଜବନ
ଦୁଇବ ତୁମ୍ଭର କୁସା ଦେବ ପଟବଦନ !

୯

ଦହତେବଳ ଲଗିଥିବ ଉଦନଅଶ୍ୱବ
ଭଳେ ନ୍ୟାଳ ଚ-ଉଥିବ ଚନ୍ଦ୍ରକାର ନ୍ୟାସ
ବାତ ଜଳ ମୁନ୍ଦୁଥିବ ଭା ଛାନ୍ତି ଶୁଭବ
ଚାର୍ଣ୍ଣ ଚାର୍ଣ୍ଣ ପ୍ରକଟିତ ହୋଇଥିବ ହାସ୍ୟ,
ହୋଇଥିବ ଅଙ୍ଗେ ଅଙ୍ଗେ ଚନ୍ଦନ ଚର୍ଚ୍ଚିତ
ଗଙ୍ଗା ସଙ୍ଗେ ପ୍ରାଣେ ପ୍ରାଣେ ସ୍ନେହ ସଞ୍ଚାର,
ଦେହଃ ଜନମର ହୋଇ ଶ୍ରେମ ପ୍ରଦର୍ଶନ
ସଂସାର ଛଡ଼ିଲେ ନଦବ ହର୍ଷ ପ୍ରଚୁର ।
ତୁମ୍ଭେ ଦୋଷେ ବର୍ତ୍ତମାନ ଏ ସୁଦ୍ଦର ଧାମ,
କରୁ ତାକୁ ବର୍ତ୍ତମାନ ପ୍ରଥମ-ଶମ୍ଭ୍ର ।

୧୦

ବସନ୍ତେ ଅନାଇ ଦୂରୁଁ ଶାଳ୍ମଳୀର ରଙ୍ଗ
ଶିଶୁଏ ଆସିବେ ଏଠି ହୋଇ ଦଳ ଦଳ
ଗଗନ ମଣ୍ଡନ କରି ଚେଲିଆ-ବାହିନୀ
କରିବାକୁ ଶାଳ୍ମଳୀର ବିକାଶ ସଫଳ ।
ଫୁଟିଲେ ଫୁଟିଲେ ବସି ପୁଣି ଡେଇଁ ଫୁଲ ଫୁଲ,
ଚୁଷି ଚୁଷି ଦୁଇ ତିନି ମିଶି ମକରନ୍ଦ,
ଚଞ୍ଚଳ ଚଞ୍ଚୁରେ ଖାଉଥିବେ ପୁଷ୍ପତୁଲ,
ସୁମଧୁର ରବ ରବି ପ୍ରକାଶି ଆନନ୍ଦ ।
ହେଉଥିବ ପୁଣି ତଳେ କୁସୁମ ବର୍ଷଣ,
ସେ ଦୃଶ୍ୟ କରିବ ତବ ଚିତ୍ତ ଆକର୍ଷଣ ।

୧୧

"ବର୍ଷାକାଳ" ଆସିବାକୁ ଆସିବେ ଭ୍ରମର,
ମୁଖେ ଲଭି ସ୍ୱଚ୍ଛ ନୀର ନୂଆମୁହାଁ ଧାର,
ବିଚକ୍ଷୁଦ୍ରକୀରେ କ୍ଷଣେ ଅଂକ ଭ୍ରମନ୍ତେ,
ବନସ୍ପତି ଦୀପମଣି କରିବେ ସଞ୍ଚାର ।
ନ ପାଇ କୁସୁମ ତହିଁ ଉଡ଼ିବେ ସତ୍ୱର,
ପାଇବେ ଏଠାରେ ପୁଷ୍ପ-ବାନ୍ଧବ-ଭଣ୍ଡାର,
ଅଳଂକୃତ କରିବ ଭ୍ରମି ପ୍ରାସାଦ ଚତ୍ୱର
ଆକାରେକୁ ଅନୁକରି ମାଣିକ୍ୟ ଧଣ୍ଡାଇ—
ଫାଲ୍ଗୁନ କୁସୁମ ଫୁଟିଥିବ ନାଲି ନାଲି,
ବସ୍ତୁତଃ ପାସୋରିବେ ନାହିଁ ତାକୁ କାଳ କାଳ ।

୧୨

ସ୍ଥାନେ ସ୍ଥାନେ ନଗରରୁ ସୋପାନ ଆବଳୀ
ଯାଇ ମେଳିଅଛି ସାନ ଧାରରେ ପ୍ରବେଶ,
ତହୁଁ ଶୁଣି ନାଗରିକ ହୋଇ କୃତାଞ୍ଜଳି
ବନ୍ଦିବେ ଶ୍ରଦ୍ଧାରେ ବୋଲି 'ନମୋ ବ୍ୟୋମକେଶ'
ପୁଣ୍ୟମାସ ଶ୍ରାବଣରେ ପୁରନାରୀଗଣ
ଘାଟେ ଘାଟେ ସ୍ନାନ କରି ବିଶୁଦ୍ଧ ହୃଦୟେ,
ଗାଇ ସୁମଧୁର ଗୀତ ତୋଷିବେ ଶ୍ରବଣ,
ଶୁଭାଶି କରିବେ ପାଣ୍ଡୁ ସେବିବ ସଦୟେ,
ମୃଦୁକଣ୍ଠ ବଂଶୀସୂତ୍ର ସେ ଅମିୟ ଗାନ
ଶୁଣି କଲ୍ୟାଣୀଏ ମନ ତୋଷିବେ ଶ୍ରୀମାନ ।

୧୩

ନଗର·ଦକ୍ଷିଣ ତଟୁଁ ପାଦପସଂକୁଳ,
ଶତେକ ଆଦି ଉପୁଜିବ କାନନର ଭ୍ରମ,
ପୂରବ·ଦକ୍ଷିଣ ଖଣ୍ଡ ଖଣ୍ଡ ସୌଧତଳ
ଧପଧପ ଉଜ୍ଜ୍ୱଳତ୍ୱ ବରଷର ଘନ ।
ଦୃଶ୍ୟ ହେବ ପଶ୍ଚିମରେ ନଦୀଗର୍ଭବକ୍ଷେ
କଂସାଶର ପର୍ଣ୍ଣକାୟ ଶ୍ୱସମାନ ସେତୁ,
ଲଳିତାଗିରିରୁ ଦେଖନ୍ତେ ପରପାର ଲକ୍ଷେ
'ମତ୍ସ୍ୱାରଗ' ଅଟେ ସେଇ ବଂଶୀଧ୍ୱନି ହେତୁ
ଜଳ ତେଜି ତା ଉପରେ ରହିଛି ଗର୍ଜିବ
କୌତୁକ ଢୋଳ ଧବଳ ଅଙ୍ଗ ଜଳରେଖାଚର

୧୪

ନଦୀଗର୍ଭେ 'ମନୋହର' ଧବଳ ନିର୍ଝର,
ତହିଁ ମଧ୍ୟ ମନୋହର ସ୍ୱଚ୍ଛ ଜଳଧାର,
ତବ କୋଳେ ଗିରିରାଜନନ୍ଦିନୀ ଶ୍ୟାମାବତ
କରୁଅଛି ନନ୍ଦନର ଶୀତଳ ସଞ୍ଚାର ।
ତହୁଁ ନେତ୍ର ଦୂର ଦୃଷ୍ଟି କରଇ ଯେମନ
ଦଣ୍ଡଶାମ୍ବ ବନ ଗିରିବର ଶୋଭନ—
ଅବନୀର ହୃଦୟରେ ବହାଇ ନମଗନ
ଦୂରଦୂର ଦୃଶ୍ୟଶ୍ରେଣୀ କରେ ବିନାଶିତ ।
ଆବରିଷୁ ଦଗରେ ସାନ ପଟ୍ଟଳର ଘନ—
ସନ୍ନିବେଶ ମଧ୍ୟ ଦେଖି ରହଇବ ମନ ।

୧୫

ବନ୍ଦିଥିବ ନଗ୍ନ ଦେହେ ଭୂମି କୂଳବଧୂ
ପ୍ରକାଣ୍ଡ ଭଳକ ଚଳ ଯାଉଥିବେ ବୃଦ୍ଧ,
ନାଚୁଥିବ ଶିରେ ତାଙ୍କ ଉଡ଼ଣିନବସ୍ତ୍ର,
ଶ୍ୱସୁଥିବ କାଷ୍ଠମାନ ସେହିଠାରେ ଦଳନ୍ତି ।
କାଷ୍ଠ ଆଶୁଥିବେ ଲୋକେ କରି ସନ୍ତରଣ,
ନାବକଳ କରୁଥିବେ କଉତୁକ ଦଳ,
କରୁଥିବେ ସୁମଧୁର ସଙ୍ଗୀତ ଗାୟନ,
ତହିଁ ସଙ୍ଗେ ବାଜୁଥିବ ସୁନ୍ଦର ମାଦଳ ।
କୂପାବନ୍ଧ ବିଦ୍ଧିଥିବ ତାଙ୍କୁ ଅବଶ୍ୟ,
ସିଦ୍ଧକ୍ଷେତ୍ର ବୋଲିବେ "ଜୟ ସୋମନାଥଜୟ ।"

୧୬

ସନ୍ଧ୍ୟାର ବସନ୍ତରେ ଦେଖୁଥିବେ ନାବ
ନାଚୁଥିବ ସମୁଦ୍ରଙ୍କ ତରଙ୍ଗ-କାନନେ,
"ଜୟ ସମଲାଈ ଜୟ" ବୋଲି ଉଚ୍ଚରବ
କରୁଥିବେ ମାଝିଗଣ ଆରକ୍ତ ଆନନେ ।
ଆବର୍ତ୍ତରେ ହେଉଥିବ ସ୍ରୋତ ବାଟବଣା,
ଆରୋହୀଙ୍କ ହେଉଥିବ ଜୀବନ ସଂଶୟ,
ସିକ୍ତ କରୁଥିବ ତାଙ୍କୁ ବାଟ ଜଳକଣା,
ମାଝୀ ସଙ୍ଗେ ବୋଲୁଥିବେ, "ସମଲାଈ ଜୟ"
ଦେଖୁଥିବ ନାଥ ତାଙ୍କୁ କରିଦେବ ପାର,
ହୃଦୟରେ ଜନ୍ମି ନିଜ ସନ୍ତାନ ବତ୍ସର ।

୧୭

ନିତ୍ୟ ନିତ୍ୟ ଦେଖୁଥିବ ଲହରୀ ଉପରେ
ସାୟନ୍ତନୀ ପ୍ରକୃତିର ମନୋହର ଖେଳା,
ଚାହିଁଲେ ଗଗନ ପଟେ ବିବିଧ ରୂପରେ
ନାନା ରଙ୍ଗ ବାଦଲଙ୍କ ଲାଗିଥିବ ମେଳା ।
ନବ ନବ ଅଭିନୟ ନବ ନବ ବେଶ,
ନବ ନବ କାନ୍ତିମୟ ନବ ନବ ଛବି,
ନବ ନବ ଶୋଭା ଯେବେ କରିବେ ପ୍ରବେଶ,
* ସମସ୍ତେ ସମସ୍ତେ ଯହିଁ ଯୋଗଦେବେ କବି
ଉଇଁଥିବ ବିଶ୍ୱପ୍ରାଣ ଚନ୍ଦ୍ର ଯେଉଁ ଦିନ,
କା ନେତ୍ର ନ ହେବ ପୂର୍ଣ୍ଣ ପଲକବିହୀନ ।

୧୮

ପଶ୍ଚିମେ ଉଠିବ ଯେବେ ଜଳଦ-ପଟଳ,
ହେଉଥିବ ସୌଦାମିନୀ ଲାସ୍ୟେ ବିଲସିତ,
ଇନ୍ଦ୍ରଧନୁ ଉଠି ଯହିଁ ଦିଶିବ ଉଜ୍ଜ୍ୱଳ,
ଶ୍ୟାମଳ ଅଚଳ ଶିର ହେବ ଶୋଭାନ୍ୱିତ ।
ନବୋଦିତ ଦିନକର କନକ କିରଣ
ଧୀରେ ଚହଲୁଥିବ ନବୀନ ବେଶେ ବିରଞ୍ଜିତ;
ହାସ୍ୟମୁଖ ହେଉଥିବେ ତଟ ତରୁଗଣ,
ବାଳକବୀ ହୋଇଥିବ ଶ୍ରୀଜୀବ-ସ୍ପନ୍ଦିତ ।
ଉଡ଼ାଇ ତ ଥିବେ ଆସି କୁମ୍ଭ ଭକ୍ତଗଣ
ଆସି ଏଠାରେ ଯେସନ୍ତି କାଳରେ ମଣ୍ଡିବ ପ୍ରାଙ୍ଗଣ ।

୧୯

ଦେଖି ତାକକଳେ ଉଠିଥିବ ବର୍ଣ୍ଣଙ୍କ ତପନେ,
କୌମୁଦୀରେ ହେଉଥିବ ଦିଗ ଉଦ୍ଭାସିତ,
ନଦୀସ୍ରୋତ ଖେଳୁଥିବ କଳ କଳ ସ୍ୱନେ
ଉତଳ ଚହଳ ଅତି ହୋଇ ବିଚାଳିତ,
ଝଙ୍କାରି କରୁଥିବ ଶବ୍ଦାୟିତ ଜଳ
ନିନାଦିତ ସମ୍ଭୂତ ଜଳକଣାପୁଞ୍ଜ
ଥର ଥର ହେଉଥିବେ ଅର୍ଦ୍ଧ ସଜଳ,
ମନୋହର ଦିଶୁଥିବ ବେତସନିକୁଞ୍ଜ ।
ଶାରଦ ଥାଇ କରୁଥିବ ନାଥ ବିଲୋକନ,
ଅବଶ୍ୟ ସେ ଦୃଶ୍ୟ ହେବ ନୟନରଞ୍ଜନ ।

୨୦

ପ୍ରଭାତେ ସମ୍ଭ୍ରମବନ୍ତେ ବେତସଗହନେ
ତଣ୍ଡଦରୁ ବକବୃନ୍ଦ ଆସି କଲେ ସଭା,
ଶରଦରେ କୂଳେ ଥାଇ ଦୂରୁ ଦେଖି ଜନେ
କୁସୁମିତ ହୋଇଅଛି ମଲ୍ଲୀବନ ଅବା ।
ବାଦୁଡ଼ି ଏ ଶ୍ରେଣୀ ଭ୍ରମ ଦେଉଳ ଉପରେ
ରଙ୍ଗ ରଙ୍ଗ ଭ୍ରମୁଥିବେ ହରଷେ ସେ କାଳେ,
କେତେ ବା ଲେଉଟି ନିଜ ଦଳର ଭିତରେ,
ଥରେ ଥରେ ଦୋଳୁଥିବେ ଲମ୍ବିତ ଚୂଡ଼ାଳେ ।
ଦେବ, ଦେବ ମନେ ମୁଦ ଆସିଲେ ଶରତ,
ଦେଖାଇ ଉଭୟ ବିଗେ ଦୁଇ କଉତୁକ ।

୨୧

ମାଳୁଆ ଜଣମାନେ କୋପ ନଦୀକୂଳେ ତୁଳୀ-
ଜାଳ ଜାଲ ଖେଳୁଥିବେ ମତ୍ସ୍ୟ ଧୀବର ଜନ;
ବାଲୁକାରେ ସ୍ଥାନେ ସ୍ଥାନେ କରୁଥିବ ତୁଞ୍ଜି,
ଦୂରେ ଦୂରେ ଦିଶୁଥିବ ବନ୍ଧ୍ୟ ସାନୁମାନେ ।
ବାଳକରେ ଗାମ୍ଭୀର୍ଯ୍ୟ ପାର ନଗରନିବାସୀ
ଶୋଇ ବସି କରୁଥିବେ ଘର୍ମ ଉପଶମ;
ଜଳ କଳ ସ୍ରୋତେ ମନ ସାଉଥିବ ଖୁସି,
ଜଳଦଙ୍କୁ ଲେଉଥିବେ ସୁଧୀର ଉଦ୍ଗମ ।
ବହୁ ଦୃଶ୍ୟ ଦେଖି ଦେଖି ଶୀତଳ ପବନ,
ତହୁଁ ସମସ୍ତେ ହେଉଥିବ ଦମ୍ପତୀ ଭବନ

* ବବ—ଶୁକ ।

୨୨.

ଦେଖିଥିଲି ଥରେ ଆସି ରଜନୀ ସମୟ
ବାଲିବନ୍ଧା କଳ ସ୍ଥଳ ସୋପାନ ସହିତ,
ଭଗ୍ନିବନ୍ଧୁ ଯିବେ ଦେନ ପ୍ରଦୀପନଚୟ
ରମ୍ୟ ଆଲୋକରେ ହୋଇଥିଲା ଉଦ୍ଭାସିତ;
କୋମ୍ପବଧୂ ହର୍ଷିଯକ ମାଦଳ ବାଜଣା
ରଜକୃଷ୍ଣ ମାନସରେ ହୋଇଥିଲା ଶୋଭା,
ସୈକତରେ ହୋଇ ବହି କୌତୁକ ସର୍ଜନା
ହୃଷ୍ଟଚିତ୍ତ କରୁଥିଲା ପ୍ରମୋଦର କୋଷ ।
ଶ୍ରୀପତି ଦାନନ୍ଦ ଦେବ ରାଜସିଂହାସନ—
ଲଭି ଯୋଗ୍ୟ ହୋଇଥିଲା ସେହି ଆୟୋଜନ ।

୨୩

ହେଲା ନାଥ, ଏତେକାଳରେ ହୋଇଛୁ ବିରତ,
ଲେଖନୀ ନ ଚଳ କରି ରହିଅଛୁ ବନ୍ଦ,
କିନ୍ତୁ ଚିନ୍ତ୍ୟବାରେ ସଦା ରହିବ ନିରତ
ତବ ସୁବିମଳ ପଦ-ଅରବିନ୍ଦଦ୍ୱନ୍ଦ୍ୱ;
ନିତି ନିତି କରୁଥିବ ଏହି ଆବେଦନ—
ବୀରଚିତ୍ରକେଶରୀଙ୍କର ହେଉ ଅଭ୍ୟୁଦୟ,
ଅବ୍ୟାହତ ହେଉ ତାଙ୍କ କୋମଳ ଶାସନ,
ସା ସନ୍ତାନେ ହୁଅନ୍ତୁ ପାରୋଷ ଶୋଭାର ଆଳୟ ।
ଜୟ ଜୟ ସୋମନାଥ, ସୋମନାଥ ଜୟ !
ପଞ୍ଚମଜର୍ଜଙ୍କୁ ହେଉ ଆୟୁ ଜୟମୟ !

## ବର୍ଷା-ଚିତ୍ର

ନାଟ୍ୟକାର ପରି ଆସି ବରଷା ସମୟ
ଦେଖାଇଲା ଲୋକେ ନବ ନବ ଅଭିନୟ ।
କେତେବେଳେ ଏକ ଶୁଭ୍ର ଭାତି ନବଘନ
ଦେଖୁଁ ଦେଖୁଁ ଢାଙ୍କିଦିଏ ସମସ୍ତ ଗଗନ ।
ଅନ୍ତରିତ ହୋଇଯାଏ ସୂର୍ଯ୍ୟ ବର୍ଣ୍ଣ ଖର,
ଶ୍ୟାମ ସ୍ନିଗ୍ଧ ଶସ୍ୟାବୃତା ହୋଇଯାଏ ଧରା,
ବସୁମତୀ ରାଣୀ ଅଙ୍ଗୁ ପୀତାମ୍ବର କାଢ଼ି
ପିନ୍ଧାଇ ଦିଏ କି ନବତନ ଶ୍ୟାମ ଶାଢ଼ୀ ?
କେବେ ପ୍ରାଚୀ ନୀଳ ନଭେ ସବର୍ତ୍ତାମଣ୍ଡଳ
ପ୍ରଶାରି ମୂଳରେ ନୀଳ ନୀରଦପଟଳ,
ସେ କଳେବେ ଇନ୍ଦ୍ରଧନୁ ମନୋହର ଦିଶେ,
ଦିଗଙ୍ଗନା କୁନ୍ତ କେଶ ରତ୍ନଭୂଷା କି ସେ ?
ମୟୂର ମୟୂରୀ ଏବେ ଶିଖରୀ ଶିଖରେ
ନାଚୁଥାନ୍ତି ଉର୍ଦ୍ଧ୍ୱ ପୁଚ୍ଛେ ପ୍ରେମାନନ୍ଦଭରେ;
ଭେକଭେକିଆ ପାଇ ପ୍ରଚୁର ଆହାର
ଉଚ୍ଚ କରୁଥାଏ ଡହୁଡହୁ ବାରମ୍ବାର,
କହ୍ଲାରପତ୍ରୀ ଶ୍ରୀଁ ଥରେ ଥରେ ରୁଚି ସ୍ୱନ
ଉଚ୍ଚ କରୁଥାଏ କଙ୍କି, ଝିଙ୍କିକା ଭଣଣ,

ବଙ୍କିମେ ସୁରଭି ହେମଲୁଣ୍ଠ ରବିକର
ଝୁଲୁକାଉଥାଏ ତାଙ୍କ ବୃନ୍ଦ କଳେବର,
କଦମ୍ବ କୁଟଜ ପଦ୍ମ ଆଦି ନାନା ଫୁଲ
ନବ ସୌରଭ କରେ ହୁଏ ସୁନ୍ଦର ଅତୁଳ,
ଇନ୍ଦ୍ର ନୀଳମଣିତୁଲ୍ୟ ପକ୍ୱ ଜମ୍ବୁ ଫଳ
ତରୁଣ ଅରୁଣ କର ଝଳିତ ଉଜ୍ଜ୍ୱଳ,
ଶୁକଗଣ ସୁଟିଶ କରି ସେ ଜମ୍ବୁ ଆହାର
ଡାଳେ ଡାଳେ କରୁଥାନ୍ତି ଆନନ୍ଦ ବିହାର;
ମରକତ-ଛବି ସଦ୍ମବନ-ପଲାନିଚୟ ;
ବହ୍ନିପଦ-ଚନ୍ଦ୍ରୀ ତବ କରଣ୍ଡୀ ମଣ୍ଡିତି,
ତହିଁ ବସି କ କ କରୁଥାଏ କାଆ କାଆ,
ବୋଲୁଥାଏ ଖେଚ ବଣିଆଛ "ବାଆ ବାଆ
କେତବାଳିକ୍ରୀଡ଼ା ସ୍ପର୍ଶ କଳସ ଲୁଚିରା,
କୁଷ୍ମାଣ୍ଡ କୁମ୍ଭମଣ୍ଡପେ ଶୋଭଇ କୁଟୀର;
ବନମୁଖିକି କେବେ ନୀଳ ଘନ ଦିଏ ଦେଖା,
ଶୀର୍ଷରେ ଶୋଭଇ ତାର ଶୁଭ୍ର ଅଭ୍ରରେଖା;
ଦ୍ୱିଶୃଙ୍ଗକଣ୍ଟକରେ ରମ୍ୟ ରଜତ ଅମାପ୍ତି
ଭ୍ରମ ଉପୁଜାଏ ସେହି ଦୃଶ୍ୟ ମନୋହାରୀ,

ବଳାହକ ତଳେ ନଭେ ବକମାଳ ଉଡ଼ି
ହସେ ଯେସନ୍ତେ ଗଜ ତଳେ ରଜତ ପାଗୁଡ଼ି !
କେତେବେଳେ ପ୍ରଭଞ୍ଜନତାଡ଼ିତ ଅପାର
ଅବଗାହେ ଛିଡ଼ି ହୋଇ ଘନବୃନ୍ଦ ଧାର,
କେବଳ ଦିଶଇ ଚତୁର୍ଦିଗ ଧାରାମୟ;
ଜଳଧିରମଧ୍ୟ ଯେସନ ଜଳମୟ ମହୀ,
କ୍ଷୁଦ୍ରସ୍ରୋତେ ବହେ ଜଳ ଲଙ୍ଘି କୂଳବନ୍ଧ,
ଫେଣ୍ଟୁଁ ଘୋଳିଆ କରି ଘର୍ଘର ନିନାଦ,
ଉତ୍ତୁଙ୍ଗଶୃଙ୍ଗୁ ସମ ଧାଇଁ ଅଞ୍ଚଳରୁ ଘୋରେ
ରୌପ୍ୟତାର ପରି ସ୍ତୁ ପଡ଼େ ଧରେଧରେ;
ସ୍ରୋତସ୍ୱିନୀ ବନ୍ୟା ଧରେ ପ୍ଲାବି ବେନି କୂଳ
ଉତ୍ପାଟନ କରି ତଟ ବିଟପୀଙ୍କ ମୂଳ,
ନଦୀର ଗର୍ଜନ ଶୁଣି ବୃଷ୍ଟିର ଶବଦ
କଳରବ ତ୍ରାସି କରେ ଅବନୀ ସ୍ତବଧ;
କେତେବେଳେ ବାରିବିନ୍ଦୁ ଟପରି ଟପରି
ଝଡ଼ି ନିନାଦିତ କରେ ପାଦପ ଉପରି;
କାହାରେ ନାଚନ୍ତି ମୀନଗଣ ନବଜଳେ,
ଶୁଭଇ ଝିଲ୍ଲିରଇ ମୁଖର ଶ୍ୟାମଘନ ତଳେ;
ଯୂଥ ଯୂଥ ମଦମତ୍ତ ବନଗଜଗଣ
ଶୀତନ୍ତି ଗର୍ଜଇ ନାଦେ କମ୍ପାଇ କାନନ,
କେତେବେଳେ ଖସୁଥାଏ ବିରଳ ଶୀକର,
କେତେବେଳେ ବୃଷ୍ଟି ହିନ ବାଦଲ ମାଳର,
କେତେବେଳେ ପରିତପ୍ତ ଚଣ୍ଡାଂଶୁ କିରଣ
ଭୂପୃଷ୍ଠେ ଭୂଧର ଅଙ୍ଗେ କରେ ସଞ୍ଚରଣ,
ଭୁଲିବା ଉଷ୍ଣତେଣ ତୃଷ୍ଣ ଧାଇଁ ଦଳ ଦଳ
କରନ୍ତି ମଧୁର ରବେ ପୂର୍ଣ୍ଣ ବନସ୍ଥଳ;
ଦାବାନଳ ତାପମୁକ୍ତ ମୃଗଯୂଥ ହର୍ଷି
ଆନନ୍ଦେ ବୁଲନ୍ତି ନବତୃଣାଙ୍କୁର ଖାଇ,
ମାଣିକ୍ୟନିନ୍ଦି କାନ୍ତି ଇନ୍ଦ୍ରଗୋପଗଣ
ବାଲିଆ ଭୂମିରେ କରୁଥାନ୍ତି ସଞ୍ଚରଣ;
୧ ଇନ୍ଦ୍ରପୁରେ ଇନ୍ଦ୍ରଧନୁ ରଚନ ତୋରଣ
ତୁଙ୍ଗ ଶୃଙ୍ଗ ଶିରେ ରମ୍ୟ କନକ-କିରଣ,
ଝଲକମୁଦ କ୍ଷଣେ ଦେଇ ହୋଇ ମନୋହର
କେବେ ଅବା ହସି ହସି ବୁଲନ୍ତି ଭାସ୍କର;
ମାଳମାଳ ଶକୁନ୍ତାଳି ଦୃଶ୍ୟରେ ସୁନ୍ଦର
ମସ୍ତକେ ଚଢ଼ିବ ବୋଲି ମାନବଙ୍କୁ ଡର;
ଆପୁ ସ୍ମରଣ ନ କରି ଲୁପ୍ତ ଗର୍ବ ବନ୍ଧି
କନକ ବରଣ ଜହ୍ନି ଫଳ ଭକ୍ଷଣଇ,
କେବେ ଦୁଇ ଦଣ୍ଡ ଉଠି ପାରଦପଟଳ
ଶ୍ୟାମଳ ତାରକାଶୂନ୍ୟ ଗଗନମଣ୍ଡଳ,
ରଜତେ ମଣ୍ଡିତ ସୁନ ପ୍ରାସାଦର ବାଟ
ଲୁଚି ହୁଏ କି ତା ଚଢ଼ି ଘାଞ୍ଚିଲା କବାଟ ?
ଗବାକ୍ଷ ପଥରେ ଜାଲି-ବାସ-ଆବରଣୀ
ପୁରବାଳୀ ମୁଖ ଭ୍ରମ ଜନମାଇ ମନେ
ଏକ ଏକ ତେଜସ୍କର ତାରା ଗଗନରେ
ଶିଶୁ ଭୁ ଦିଶନ୍ତି କେବେ ବିରଳ ଘନାନ୍ତରେ,
କେତେବେଳେ ନିଳନଭେ ପୂର୍ଣ୍ଣ କଳାକର
କୌମୁଦୀରେ ଧବଳିତ ବିଶ୍ୱଚରାଚର,
ତରୁ, ତୃଣ, ଗୁଳ୍ମ, ଲତା, ପ୍ରାସାଦ, କୁଟୀର
ପାରଦ ମଣ୍ଡିତ ପରି ଦିଶନ୍ତି ରୁଚିର;
ଚନ୍ଦ୍ରିକା ଅମିୟ ପିଇଧ ଲୋକ ମୁଦମୟ,
ହୋଇଯାଏ ପ୍ରକୃତିର ଉତ୍ସବ ସମୟ;
ସ୍ୱପ୍ନ ଉଦେଥି ଯେସନ ଦିଶଇ ଭୂଧର,
ଯେସନ ବିଚି ଉର୍ମୀର ନାଚଇ ସାଗର;
ପ୍ରଫୁଲ୍ଲ ଯୂଥିକା ଯେସ ଦିଶଇ ଉଦ୍ୟାନ;
କାନନ ଦିଶଇ ଯେସ ବନଫୁଲମାନ,
ସୁରଭି କୁସୁମ ରଜ ଧରି ସମୀରଣ
ଉର୍ଦ୍ଧ୍ୱ ସ୍ତନେ ସ୍ପନେ କରୁଥାଇ ବିତରଣ;
ଅମୋଦିତ ବନ, ନଦୀ, ଟଙ୍କିକା, ନଗରୀ,
ଭ୍ରମୁଥାନ୍ତି ଫୁଲେ ଫୁଲେ ଗୁଞ୍ଜି ଭ୍ରମରୀ;
କେତେବେଳେ ଘନଘଟା କୌମୁଦୀ ଗ୍ରାସଇ,
କରଇ ଯେସନ୍ତେ କ୍ଷୀରପାନ କୃଷ୍ଣ ଅଙ୍ଗି ।
ଜ୍ୟୋତ୍ସ୍ନାହୀନା ନିଶା ହୁଏ ଉଷା ପରି ମ୍ଳାନ;
ଜୀବର ହୃଦୟ ଯଥା ହେଲେ ଗତପ୍ରାଣ;

୧ । ଇନ୍ଦ୍ରପୁର—ଦୂରଦଶ

କେବେ ଘୋର ଅନ୍ଧକାରେ ଧରଣୀ ମଗନ,
ନାହିଁ ଚନ୍ଦ୍ର, ନାହିଁ ତାରା ନ ଦିଶ ଗଗନ,
ଚଢ଼ିଯାଏ ଦୃଷ୍ଟିପଥେ ତିମିର କବାଟ,
ତମସିନ୍ଧୁ ଗର୍ଭେ ଲୀନ ହୁଏଇ ବିରାଟ,
କେବଳି ଖଦ୍ୟୋତ ତମ-ସାଗର-ରତନ,
ନେପଥ୍ୟରେ ଫିଟାଉଥାଏ ମାଦକ ନୟନ;
ଦୁଃଖର ନେପଥ୍ୟବର୍ତ୍ତୀ ରେଖା ଥରେ ଥରେ
ଚମକି ଅନ୍ତରେ ଲୁଚିଯାଏ ଥରଥରେ;
ନିଦ୍ରାରତ ଜନଗଣ କଳରବ ନାହିଁ,
ଭକତ ଚର୍କ୍ଷ ନ ସ୍ରୋତ ଶୁଣିଲେ ଖୋଜି ଖୋଜି;
କର୍କଶ ଦର୍ଦୁର ଆଦି ଗୁଞ୍ଜୁଥାନ୍ତି ରଡ଼ି,
କ୍ଷଣେ କ୍ଷଣେ ଦେଖୁଥାଏ ଘନ ବଜ୍ରପଡ଼ି,
ହୃଦବନ ଦଗ୍ଧ ଯାର ଦୁଃଖ-ଦାବାନଳେ,
ଛଟପଟ ତାର ପ୍ରାଣ-କୁରଙ୍ଗ ବିକଳେ;
ତୃଷ୍ଣା କରି ନିଦ୍ରା ତାର ନିକଟେ ନ ଯାଏ,
ନିଶି ଯୁଗସମା ବେଗ ତାହା ପାଇଁ ଥାଏ ।

# গর্ভবাস

# ଅଭିବାଦନ

ଜୟ ଜୟ ନରଦେବ,

(ଶ୍ରୀ ଶ୍ରୀ) କୃଷ୍ଣଚନ୍ଦ୍ର ଗଜପତି ନାରାୟଣ ଦେବ ହେ । ଘୋଷା ।

ଖିଢ଼ିଂଳି ଅତୁଳନୀୟ ତୁମ୍ଭଙ୍କ ଗୌରବ,
ଯାର ଆମୋଦୁଛି କୀର୍ତ୍ତି-କୁସୁମ-ସୌରଭ ହେ ! ୧ ।
ଦରଶନ କରି ତବ ମଙ୍ଗଳ ଉଦୟ
ଉଲ୍ଲସି ଉଠୁଛି ମାତୃଭୂମିର ହୃଦୟ ହେ । ୨ ।
ମାଗୁଛନ୍ତି ତବ ସୁତ ଝଙ୍କତ ଶରଣ
ଦେବୋଚିତ ଗୁଣଜାତେ ଧନ୍ୟ ଗୁଣିଶ୍ରେଣୀ ହେ । ୩ ।
ଭାର୍ଗବୀ ଭାରତୀ ଦୁହେଁ ଲଭି ସମ ତୃପ୍ତି
କରୁଛନ୍ତି ତୁମ୍ଭଶିରେ ଧନ୍ୟ ପୁଷ୍ପବୃଷ୍ଟି ହେ । ୪ ।
ଉତ୍କଳ ବର୍ଦ୍ଧିଷ୍ଣୁ ତବ ସମୃଦ୍ଧି-ଅୟନେ
ଆନନ୍ଦ-ଅଶ୍ରୁଭାଜନ ରଞ୍ଜିତ ନୟନେ ହେ । ୫ ।
ମହାରାଜବଂଶୀ ତୁମ୍ଭେ ଖ୍ୟାତ ପୃଥ୍ୱୀତଳେ,
ମଣ୍ଡିଲେ ସମ୍ରାଟ ତହିଁ "ରାଜ" ପଦବୀରେ ହେ । ୬ ।
ଉଦାର ଗଗନ ଯୋଗେ ବଢ଼ିଲା ଉଜ୍ଜ୍ୱଳ,
ସମ୍ମାନିତ ହୁକୃତଜ୍ଞ ତହିଁରେ ଉତ୍କଳ ହେ । ୭ ।
ନାନା ଉପାୟରେ ଆଜି ତୁମ୍ଭଙ୍କ ଚରଣ
ପୂଜୁଛନ୍ତି ଉତ୍କଳର ଜନ ବୃନ୍ଦଗଣ ହେ । ୮ ।
କି ଦେଇ ମୁଁ ଦୀନ ତହିଁ କରିବି ଅର୍ଚ୍ଚନ,
ଭକ୍ତି ସହ **ଅର୍ଘ୍ୟଥାଳୀ** କରୁଛି ଅର୍ପଣ ହେ । ୯ ।
ଆଶା କରେଁ, ନ ହେଲେହେଁ ଶ୍ରୀତୁମ୍ଭଙ୍କ ପାଶ,
ହେବ ଏଥିରେ ଧନ୍ୟ କୃପାଦୃଷ୍ଟି ପାତ ହେ । ୧୦ ।
ସେତିକରେ ଚରିତାର୍ଥ ହେବ ଏ ଜୀବନ,
ନାହିଁ ମୋର ପ୍ରୟୋଜନ ମତେଣ ତହୁଁ ରାଜନ ହେ । ୧୧ ।

ଛତ୍ରପୁର
ତା ୨୫ । ୨ । ୧୯୧୮

ଶ୍ରୀତୁମ୍ଭଙ୍କ କୃପାକାଙ୍କ୍ଷୀ
**ଶ୍ରୀ ଗଙ୍ଗାଧର ମେହେର**

# ଭୂମିକା

ମୋର ହୃଦୟ ନିତାନ୍ତ ଅନ୍ଧକାରମୟ; କିନ୍ତୁ ପ୍ରେମ ଚନ୍ଦ୍ର, ଶ୍ରଦ୍ଧା । ତହିଁର ଅନ୍ଧକାରକୁ ସମ୍ୟଗ୍‌ଭାବରେ ବିଧ୍ୱସ୍ତ ହୋଇପାରି ନାହିଁ । ଅତଏବ ସମଗ୍ର ଧରଣୀରେ ଯେତେବେଳେ ଅନେକ [illegible] ଦେଖୁଅଛି, ଅନେକାଂଶର ଉପରିଭାଗ ଆଲୋକିତ ହେବା ସ୍ୱାଭାବିକ । ରନ୍ଧ୍ରପଥରେ ମଧ୍ୟ ଅନ୍ଧକାରକୁ ଆଲୋକର ପ୍ରବେଶ ଅବାରଣୀୟ । [illegible] ଯେବେ ଅବଶ୍ୟ ରଶ୍ମିରେ ଫୁଲ ଫୁଟେ, ତେବେ ଅରଣ୍ୟରେ ସୁସ୍ପଷ୍ଟ ଫୁଟେ ନାହିଁ । ମୋର ହୃଦୟରେ ନାନା ସମୟରେ ଯେ ନାନା ଭାବ ଉଦିତ ହୋଇଥାଏ, ତହିଁରୁ କେତେକ ପଦ୍ୟାକାରରେ ଲେଖି ପତ୍ର-ପତ୍ରିକାମାନଙ୍କରେ ପ୍ରକାଶ କରିଥିଲି । ତାହା ପୃଥକ୍ ହୋଇ ବା ନଷ୍ଟ ହେଉ, ପୁସ୍ତକରୂପେ ରଖ । [illegible] ବନ୍ଧୁବର୍ଗମାନଙ୍କର ଯୁକ୍ତି ଅଭ୍ରାନ୍ତ ହୋଇଥିବାର ବୋଧହୁଏ । ମୋ ପ୍ରତି [illegible] ଶ୍ରୀମାନ୍ ପାଟଣାଧିପତି ମହୋଦୟଙ୍କର ଶୁଭଦୃଷ୍ଟି ପତିତ ହୋଇଥିବାରୁ ତଦୀୟ ଦରବାର ସୁପରିଣ୍ଟେଣ୍ଡେଣ୍ଟ୍ ଶ୍ରୀଯୁକ୍ତ ନିତ୍ୟାନନ୍ଦ ପଟ୍ଟନାୟକ ମହାଶୟଙ୍କ ଚେଷ୍ଟାରୁ ଅବଗତ ହୋଇ ମହାରାଜାଙ୍କ ଚରଣରେ ଅର୍ପଣ କରିବାକୁ ସେହି ସମସ୍ତ ପଦ୍ୟରେ ଏହି 'ଅର୍ଘ୍ୟଥାଳୀ' ପ୍ରସ୍ତୁତ କରିଅଛି ।

ମୋର ଶୁଭହିତୈଷୀ ଶ୍ରୀଯୁକ୍ତ [illegible] ଦେବ ମହାଶୟ ୫୬ ବର୍ଷ ପୂର୍ବେ [illegible] ବିଷୟକ ଗୋଟିଏ ବୃହତ୍ ପଦ୍ୟ ଲେଖିବା ନିମନ୍ତେ ଉପଦେଶ ଦେଇଥିଲେ । ମୁଁ ସେ ସମ୍ବନ୍ଧରେ ତାହାର ଆରମ୍ଭ ମାତ୍ର କରିଥିଲି । ସମ୍ପ୍ରତି ପ୍ରଶଂସିତ ପାଟଣାଧିପତିଙ୍କ କୃପା-ଦୃଷ୍ଟିରେ ତାହା ପୂର୍ଣ୍ଣ-[illegible] ହେବାରୁ ତାହାକୁ ପୂଜା-ବନ୍ଦନା-ପଦ୍ଧତିରେ ଏହି 'ଅର୍ଘ୍ୟଥାଳୀ'ରେ ରଖିଲି ।

ମହାଭାରତ ଧର୍ମଶାସ୍ତ୍ର-ସମୁଦ୍ର ତୁଲ୍ୟ । ତହିଁର ଗୋଟିଏ ଗୋଟିଏ ଉପାଖ୍ୟାନ ଗଙ୍ଗାଯମୁନାଦି ପୁଣ୍ୟନଦୀ ସ୍ୱରୂପ । ଉଦ୍‌ଯୋଗ ପର୍ବର 'ବିଦୁର ପ୍ରଜାଗର' ଗୋଟିଏ ଉପାଖ୍ୟାନ । ତାହା ଏପରି ହୃଦୟସ୍ପର୍ଶୀ ସତ୍ ଉପଦେଶରେ ପୂର୍ଣ୍ଣ ଯେ, କଣ୍ଠସ୍ଥ କରିବାକୁ ଇଚ୍ଛାହୁଏ ଏବଂ ଏତେ [illegible] ଯେ ପାଠ କରୁଁ କରୁଁ ପୌନଃପୁନ୍ୟେଚ୍ଛା ହୁଏ । ସେତେ ସୁସ୍ୱାଦୁ ହେଲେ ମଧ୍ୟ ଏକକାଳୀନ ପଦାର୍ଥ ଅଧିକ ଭୋଜନ କଲେ [illegible] ହେବା ସ୍ୱାଭାବିକ । ମୁଁ ଲୋଭ ସମ୍ବରଣ କରି ନ ପାରି ନିଜ ରଚନାରେ ପାଞ୍ଚ ଗୋଟି ତହିଁର ସେହି 'ବିଦୁର ପ୍ରଜାଗର'ର ଯେତିକ ଛାଣିଲି ସେତିକ ପୂର୍ଣ୍ଣ କରି [illegible] 'ଅର୍ଘ୍ୟଥାଳୀ'ରେ ଥୋଇଅଛି ।

ଏହି 'ଅର୍ଘ୍ୟଥାଳୀ' ସାଧାରଣଙ୍କର ମନୋନୀତ ହୋଇପାରିଲେ ମୁଁ କୃତାର୍ଥ ହେବି । ଇତି ।

ବରପୁର,
ତା ୨୫ । ୨ । ୧୯୧୮

ବିନୀତ
ଶ୍ରୀ ଗଙ୍ଗାଧର ମେହେର

# ଅର୍ଘ୍ୟଥାଳୀ

[illegible]

## ଭକ୍ତି

ବିଶ୍ୱ-ଜୀବନ ହେ, ତୁମ୍ଭଙ୍କୁ କରୁଣାସିନ୍ଧୁ
ବୋଲିବାକୁ ମନ ବଳୁ ନାହିଁ ଯେଣୁ
ଚିହ୍ନି ତୁମ୍ଭ କୃପାବିନ୍ଦୁ, ବିଧାତା ।
ତୁମ୍ଭ ଭଜନରେ ଲଗିବ ନାହିଁ ନାଥ
ମାଳା ଜପିବାକୁ ବାଧ,
କୋଟି କୋଟି ଗ୍ରହ ନକ୍ଷତ୍ର ମାଳାର
କେ ଜପି କରିବ ସାଧ ?
ଦେଇ ନାହିଁ ବଳ ପାଦଧୂଳି ନେବା
ଧାରିବ ନାହିଁ ମୋ ମୁଣ୍ଡ,
କୋଟି କୋଟି ରବି ଧୂଳିରୂପେ ତୁମ୍ଭ
ପାଦେ ହୋଇଛନ୍ତି ଗୁଣ୍ଡ ।
ହୃଦୟର କଥା ଜାଣିବାକୁ ଅଛି
ତୁମ୍ଭର ଅର୍ଜନ ଶକ୍ତି,
ସେତିକି ହେଉ ବା ଯେତିକି ଅଛି ମୋ
ହୃଦେ ତୁମ୍ଭ ପ୍ରତି ଭକ୍ତି ।
ଥାପିବାକୁ ତୁମ୍ଭ ମୂରତି ମୋ କ୍ଷୁଦ୍ର
ହୃଦୟରେ ନାହିଁ ସ୍ଥାନ,
ସର୍ଷପ ଗର୍ଭରେ ରଖି କି ପାରଇ
ହିମାଳୟ ପାଷାଣ ?
କି ଦେଇ ପୂଜିବ ଯାହା ମୁଁ ଦେଖୁଛି
ସବୁ ତୁମ୍ଭରି ପ୍ରସାଦ,
ଯାହା ତବ ଦାନ ତା'କୁ ଅର୍ପିଲେ
ହେବ ନୀଚ ଅପରାଧ !
ମୁଁ ତାର ମାତର ମୋର ବୁଝେ ବୋଲି
କହିବାକୁ ନାହିଁ ବାଟ,
ତୁମ୍ଭ ଶ୍ରୀଚରଣେ ଅର୍ପଣ କରୁଛି
ହେଜ ତା' ବିଶ୍ୱ-ସମ୍ରାଟ !

# ସମଲାଈ ଦେବୀଙ୍କ ପ୍ରତି

ଜୟ ମାତଃ ସମଲାଈ ଭକ୍ତକଣ୍ଠହିମ,
ଭରସି ଶୋଭିତ ତୋର କେଶଦାମ ଦଳେ
ଶ୍ୱେତ ଶାନ୍ତ ରୂପେ ଦେଇ ତ୍ରିଦଶ-ତହିମ
୧ ଧବଳ କୁସୁମମାଳ ଲମ୍ବୁଥାଏ ଗଳେ ।
ଜବାପୁଷ୍ପ ଗନ୍ଧ ମଧ୍ୟେ ସ୍ଥାରକର ଭୂଷା,
ଦୃଶ୍ୟି ମୋ ହୃଦୟ ହୁଏ ଆଶା-ଉଦ୍ଦୀପକ,
ମଣି ତୋତେ ସର୍ବୈଶ୍ୱର୍ଯ୍ୟଦାନଶୀଳୀ ଊଷା,
ନିକଟେ ଲଭିବ ବୋଲି ସୁଖ ସୁଧାକର ।
ତୁହି ଶକ୍ତି ତୁହି ବୁଦ୍ଧି ତୁହି ସରସ୍ୱତୀ,
ତୁ ପ୍ରତିଭା ତୁହି ମାଗୋ ଲକ୍ଷ୍ମୀସ୍ୱରୂପିଣୀ,
ଜଗତ-ଜନନୀ ତୁହି ଆଦ୍ୟା ଭଗବତୀ,
ଧର୍ମାର୍ଥିଦାୟିନୀ ସର୍ବ ବିପଦ-ନାଶିନୀ ।
ଜଗତରେ ଯାହା ଅଛି ସବୁ ତୋର ସିନା,
କି ଦେଇ ପୂଜିବ ପଦେ ପ୍ରେମ-ଭକ୍ତି ବିନା ?

# ଅମୃତମୟ

ନବ ବିକଶିତ ଫୁଲ ଗନ୍ଧ,
ନବ ସରସ କବିତା ଛନ୍ଦ,
ନବ ବିହଗ ମଧୁର ତାନ,
ଶିଶୁ ସରଳ ଉଚ୍ଛଳ ଗାନ,
ନବ ପ୍ରଫୁଲ୍ଲ କମଳ କାନନ
ନବ ସୁକୁମାର ଶିଶୁ ଆନନ,
ଅମୃତମୟ ଅମୃତ ରସ
ଭରାଇ ଦେଉଛି ଜୀବନ ।
ଧୀର ଚଞ୍ଚଳ ଶୀତଳ ବାତ,
ଚାରୁ ଲଳିତ କୁମୁଦନାଥ,
କ୍ଷୀର-ଧବଳ ଚନ୍ଦ୍ରିକାଜାଲ,
ମନ୍ଦାରନନ୍ଦନ ବନମାଳ,
ମୃଦୁ ମଧୁର ଆଲୋକ ଉଷାର,
ନବପଲ୍ଲବ-ପତିତ ତୁଷାର
ଅମୃତମୟ ଅମୃତ ରସ
ମଜାଇ ଦେଉଛି ସଂସାର ।

ମିଠି ମିଠି ଜନ ଜନ ବଂଶୀ,
ଟପ ଟପ ଜଳଧର ଧାରା,
ଗମନାଗତେ ଧାବନ୍ତ ଧରିତ୍ରି
ଉନ୍ମତ୍ତକର ଅଶନି ସୃଷ୍ଟି,
ନିର୍ଝରଭରପ୍ରସୂତ ନିସ୍ୱନ.
ଦୂର ଲଙ୍ଘିତ ପ୍ରପାତ ଘର୍ଘର,
ଅମୃତମୟ ଅମୃତ ରସ
ସୃଜନ କରୁଛି ଜର୍ଜର ।
ମୁଁ ତ ଅମୃତ ପାତ୍ରବନ୍ଧ,
କେବେ ଉଠିବଲି ଦେଖି ସିନ୍ଧୁ,
ଛାଡ଼ି ନିଶ୍ଚେ ଅମୃତଧାରେ,
ଗତି କରୁଛି ସେ ଅକୂପାରେ,
ପଥେ ଶୁଖିଗଲେ ତାତ ତାପରେ,
ଲୋକେ ଶିଖିବ କହିବ ତା ପରେ,
ଅମୃତମୟ ଅମୃତ ରସ
ସୃଷ୍ଟି ମିଶିବ ସାଗରେ ।

୧ । ଆଶ୍ୱିନ ଅମାବାସ୍ୟା ଦିନ ସମଲାଈ ଶୁଭ୍ରାଙ୍ଗୀ ହୁଅନ୍ତି । ଲୋକେ ସେଥି ସମଲାଈଦର୍ଶନକୁ ଗଙ୍ଗାଦର୍ଶନ ବୋଲି କହନ୍ତି ।

# ମଧୁମୟ

ବିଶ୍ୱ ଦେଖ ମଧୁମୟ ରେ ଜୀବନ
ବିଶ୍ୱ ଦେଖ ମଧୁମୟ
ମଧୁର ଝରଣା କରିବ ହରଣି
ଟେଣା ଘ ଘ ମରୁ ଭୂମିରେ ଜୀବନ ।ଘୋଷା।
ଜନନୀର ସ୍ନେହ ଜାୟାର ପ୍ରଣୟ
ବୁଧ ବନ୍ଧୁ ସଦାଳାପ,
ଜନକ ଆଦର ଏକ ଏକ ଝର
ଭଙ୍ଗି ଦେଖାଉଛନ୍ତି ତାପ ରେ ଜୀବନ ।
ନବ ନବ କର୍ମ ନବ ନବ ମର୍ମ
ନବ ନବ ଜ୍ଞାନପଥ,
ନବୀନ ଆଲୋକେ ଦେଖାନ୍ତି ଏ ଲୋକେ
ମଧୁ ଝର ଶତ ଶତ ରେ ଜୀବନ ।
ମଧୁମୟ ବଚନ ମଧୁମୟ ସ୍ୱପନ
ଗାଉ ମଧୁମୟ ଗୀତି,
ବିହଙ୍ଗମଗଣ ପୂରାନ୍ତି ଶ୍ରବଣ
ମଧୁ ଢାଳି ନିତି ନିତି ରେ ଜୀବନ ।
ଦିନେ ଦିନପତି ରାତେ ଉଡୁପତି
ସହିତ କୁମୁଦବନ୍ଧୁ,
ବିତରି କିରଣ ଅଖିଳ ଭୁବନେ
ବିତରନ୍ତି ଜ୍ୟୋତି ମଧୁ ରେ ଜୀବନ ।
ମନ୍ଦ ମଳୟରେ ଭରିତ ସାଗରେ
ଘରେ ବନ ଉପବନେ,
ଦେଖ ଫୁଲକୁଳ ଉଚ୍ଛଳ କଲ୍ଲୋଳ
ମଧୁ ମାଗିଛନ୍ତି ଘେନ ରେ ଜୀବନ ।
ବିଶ୍ୱନାଥଙ୍କର କରୁଣାକନ୍ଦର
ମଧୁ ଝର ଜନ୍ମସ୍ଥଳ,
ଖୁଣ୍ଟି ଝର ପ୍ରତି ଉଠେ କଲ ଗତି
* ଡାକନ୍ତି କରୁଣାଚଳ ରେ ଜୀବନ ।
ହେଳେ ତେଣୁ ଭୁ ଧାନ କରୁଣାନିଧାନ
ସଜ୍ୟରେ କରନ୍ତୁ ବାସ,
ବଢ଼ାଇଲେ କର ତାଙ୍କ ଶ୍ରୀପଦର
ଲାଭିଲ ନ ହେବୁ ନିରାଶ ରେ ଜୀବନ ।
ସର୍ପଦଷ୍ଟ ଜନ ମୁଖରେ ଲବଣ
ଦେଲେ ବୋଲିଥାଏ ମିଠି,
ଜ୍ଞାନଭ୍ରଷ୍ଟ ମଧୁ ନ ଲାଗିଲେ ସ୍ୱାଦୁ
ଜ୍ଞାନରଠ ପିଅ ବାଟି ରେ ଜୀବନ ।

# * ଉତ୍କଳ ଭାରତୀଙ୍କ ଉକ୍ତି

ଶୁଣ ବାବୁ ମୋର ଘୋଷିଲ ବଚନ
ଅଙ୍ଗକୁ ଯହିଁରେ ନ ହେବ ପୀଡ଼ା,
ଦେବ ହେଲ୍ ଦିଅ ଏମନ୍ତ ଭୂଷଣ
ଯାହା ଦେଲେ ମୋର ନ ହେବ ବ୍ରୀଡ଼ା ।
ଅଙ୍ଗ ଲୁହଁ ଦିଅ ଯୋଗ୍ୟ ପରିଚ୍ଛଦ
ଛିଣ୍ଡାଇଦ ଯୋଗୁଁ ନ ଯାଉ ଦେହ,
କଣ୍ଠା ହେଲେ ହେବ ଜୀବନେ ଆପଦ
ନ କର ମାତାକୁ ଏମନ୍ତ ସ୍ନେହ ।
ଦଶ ବଢ଼ିଥିଲେ କର ଦରଶନ
ରତ୍ନ ଦିଅ ଯହିଁ ଅଳକା ରଙ୍ଗ,
ନାକ ବଢ଼ି ଥିଲେ ତା କଲେ ଛେଦନ
ହେବ ନାହିଁ କି ତମ ଚୌକି ହାଡ଼ଙ୍ଗ ?

* ଏହି କବିତାଟି ଲିପିସଂସ୍କାର ଆନ୍ଦୋଳନ ସମୟରେ ଲିଖିତ ।

ରୋଗ ଥିଲେ ଦେହେନ୍ତ   ପ୍ରତିକାର କର
ପ୍ରକୃତିସ୍ଥ ହେଉ ଜୀବନ ମୋର,
ଧନ୍ୟ ବସ୍ତ୍ରେ ଯଦ   ରଞ୍ଜି କଳେବର
ହେବ ମାତ୍ର ତହିଁ ଗଉରୁ ଘୋର ।
ତୁମ୍ଭେ ମୋତେ ଦେଇଁ   ବେଶେର ସାଜିବ
ସେ ବେଶ ଦେଖିବେ ଜଗତ ଜନେ,
ତୁମ୍ଭେ ଯଦି ମୋତେ   ଯତନେ ମାଜିବ
ମାର୍ଜ୍ଜିତ ଉଜ୍ଜ୍ୱଳ ହେବି ଭୁବନେ ।
ଦେଖି ଦେଖି ମୋର   ନୟନେ ଅଞ୍ଜନ
ମୁଖ ଯଦି ହେବ କାଳିମାମୟ,
ପୋଛି ଗଣ୍ଡ କାଳି   ନ ଦେଇ ରଞ୍ଜନ
ହେବ ମନୋହର କାନ୍ତି ଉଦୟ !
ଥାଇଥିଲେ ଦିଠ   ବଳିଷ୍ଠ ପ୍ରମନ
ଥାଏ ଯଦି ତହିଁ କିଛି ସୌରଭ,
ସୌରଭ ନ ଥିଲେ   କାନ୍ତିରେ କିଅନ
ନ ଥିଲେ ବଢ଼ିବ କିବା ଗୌରବ !
ମସ୍ତକେ ମୋ ଟୋପି ନ ଦେବ ବାବା ରେ
ନ କାଢ଼ିବ ମୋର କରୁ କଙ୍କଣ,
ସିନ୍ଦୂର ବିନ୍ଦୁ ମୋ   ଭାଲେ ରଖିବାରେ
ନିରନ୍ତର ମନେ ଥିବ ପୂରଣ !
ଖଳ ଖଳ ମଧ୍ୟେ   କଳଙ୍କ ନ କର
ତୁମ୍ଭ କଳଙ୍କେ ମୁଁ ହେବ ଦୂଷିତ,
ରତନ ହସ୍ତବନ୍ଧ   ତୁଳ ଅନ୍ତରେ
ରତ୍ନ ଗୁନ୍ଥି ମୋତେ କର ଭୂଷିତ ।
ଅଙ୍କମାନ ଦେଖି   ନ କର ପ୍ରଳାପ
ପ୍ରଳାପ ଶୁଣିଲେ କାନ୍ଦେ ମୋ ହୃଦ,
ଜ୍ଞାନିନ ଧାନ ବୃଷ୍ଟି   କର ସଦାଳାପ
ସଦାଳାପେ ସଦା ବନ୍ଧୁ ମୋ ମୁଦ ।
ମନ୍ଦିରକୁ ମୋର   କର ସୁସଜ୍ଜିତ
ରମ୍ୟ ରମ୍ୟ ଉପକରଣ ଆଣି,
କାଠ ଜମ୍ଭମାନ   କର ସୁରଞ୍ଜିତ
ଢାଳିଦିଅ ତହିଁ ସୁବର୍ଣ୍ଣ ପାଣି ।
ନାନା ଦେଶୁ ଆଣି   ତରୁ ବଲ୍ଲୀମାନ
ରୋପଣ କର ମୋ ଉଦ୍ୟାନଗର୍ଭେ,
ଉଦ୍ୟାନ କରିବ   ସୁଫଳ ପ୍ରଦାନ
ଭୁଞ୍ଜିବ ସୁଖେ ମୋ ନନ୍ଦନ ସର୍ବେ ।
ଆବର୍ଜ୍ଜନାହୀନ   କର ମୋ ସଦନ
କର ଆବଶ୍ୟକ ଜୀର୍ଣ୍ଣ ସଂସ୍କାର,
ମାନ୍ୟ ଧର୍ମ ରୀତି   କର ଆଚରଣ
ନ କର ମୋ ପୁରେ ସ୍ୱେଚ୍ଛାଚାର ।
ନିଜ ଉନ୍ନତିକି   ଉନ୍ନତି ନ ମଣି
ମୋତେ ନ କରିବା ଏ ଉନ୍ନତ,
ଏକ ତନ୍ତ୍ରେ ଚଳେ   ଥିବେ କେତେ ଜଣ
ବଢ଼ୁ ଜଳ ଫଳ ବାଏ ଟବେତ ।
ତୁମ୍ଭ ରାଜ୍ୟ ଭୂମି   ପ୍ରାଣେ ନ ପାରନ୍ତୁ
ଆଣ୍ଡି ସ ଶିଳ୍ପର ଅସଂଖ୍ୟ ଘର,
ଟକା ହରିବ ନୃମ୍ଭ   ଦୁଷଧ୍ୱ ତପତ
ନ ବଢ଼ିଲେ ଧନ ସ୍ରୋତ ମୋହର ।
ହୋଇ ଏକପ୍ରାଣ   ହୋଇ ଏକମନ
ଉଚ୍ଚ ସ୍ୱନେ ଗାଅ, "ଭାରତୀ ଜୟ",
ଉଡ଼ୁ ତୋର କୀର୍ତ୍ତି-   ପତାକା ଗଗନ
ହୋଇଯାଉ ଶୁଭ୍ର ପତାକାମୟ ।

## ନର ଓ ମୟୂର

ହସ୍ତୀର ଉପରେ ବସିଥିଲେ ନରବର
ରତ୍ନମୟ ପରିଚ୍ଛଦେ ମଣ୍ଡି କଳେବର ।
ଶିଖଣ୍ଡ ଶିଖରେ ରହି ଶିଖୀ ତାହା ଚାହିଁ,
ସହି ନ ପାରିଲା ତାଙ୍କ କୃତ୍ରିମ ବଡ଼ାଇ ।
କେକାରବେ ଡାକଦେଲା ବିସ୍ତାରି ସ୍ୱପୁଚ୍ଛ,
ନୁହ ନୃପ ମୋ ସମାନ ରମ୍ୟ ଅବା ଉଚ୍ଚ ।
ଦେଖ ମୋତେ,ମୋହଠାରୁ ଅଧିକେ କେତେ ଖାଉ
କ ଦେଖ ନିଜକୁ ଉଚ୍ଚ ମଣି କର ଗର୍ବ ।

ମୋର ଦୁଃଖ ସଙ୍ଗେ ଯଦି କରିବ ତୁଳନା,
ନିଶ୍ଚୟ ମଣିବ ନିଜ ବେଦନାକୁ ଅଳ୍ପ ।
ତୁମ୍ଭେ ବା ବୋଲିବ ଅଛି ମାନବର ଜ୍ଞାନ;
ଏଣିକାଳି ହେବ କାହିଁ ମାନବ ସମାନ ?
ତେଜର ବିକାଶ ହେବ ନଥାଏ ମୋ କଣ୍ଠେ,
ନାଚୁଥାଏ ଉଲ୍ଲାସେ ଶୁଣି ଜଳଦ ଗର୍ଜନ ।
ଜଗତ କୁବାର୍ତ୍ତା ସହି ଚିତ୍ତର ଉତ୍ସର୍ଗ,
ସ୍ୱତ ମଣି କର ନ ହେ ଚିତ୍ତର ଅର୍ଚ୍ଚନା ?

ଭୟଙ୍କର ବଜ୍ରଧର କରେ ଶରାଘାତ,
ନାଶ କି ଅଶାଂସ୍ତ ହେଲେ ତୁମ୍ଭ ହୃଦେ ଜାତ?

ଇନ୍ଦ୍ରଧନୁ ଦରଶନେ ହୁଏ ମୋ ଆନନ୍ଦ,
ପରଶିବ ଦୁଃଖ କି ତୁମ୍ଭ ପ୍ରୀତିପ୍ରଦ ?

ହେବ ତେ ମୋ ପେଣ୍ଡି ଦୁଃଖ ସେ ସୁଖଭୂମିରେ,
ସ୍ୱପ୍ନ ମୂର୍ତ୍ତି ଥାଏ କି ହେ ପ୍ରାସାଦେ କୁଟୀରେ?

# ବର୍ଷାଋତୁ ପ୍ରତି

[illegible]

ଧୀରେ କୁଞ୍ଚିତ କାହିଁକି ବରଷା,
ତୁ ତେ ମନ୍ଦିର ସକଳ ଭରସା ।
ତୁ କି ଏମନ୍ତ ସ୍ୱଭାବଜ୍ଞ ନୟନ,
ମନ୍ଦ ରଚୁଛୁ ଘାଗରବସ୍ତ୍ରବନ;
ତାକୁ ନ ହେବ କଳଙ୍କ ଅଭାବ,
ଜାଣିବେ ନ ଜାଣୁ ତୁ ଲୋକସ୍ୱଭାବ ।
ବନ୍ଧୁ ହେଲେହେଁ ତେଣୁ ଶରଚ୍ଚନ୍ଦ୍ରୋଦୟ,
କେବେ ହୋଇଛି କି ତେରେ ସଦୟ ?
ମନ୍ଦ ମନେହେଁ ହୋଇ ଶୁଷ୍କକଣ୍ଠ
ଦିନ୍ଧ ସଲିଳ ଜଳ ନିନ୍ଦ କଣ୍ଠ ।
ନିନ୍ଦା ହେଲେହେଁ ମନ୍ଦିର ଅଚଳ
ଉଚ୍ଚସ୍ଥଦର୍ଭ ହେଉଛୁ ସଏ ଜଳ ।
ମେଘମାନେ ତୋ ଉଦ୍ଧମ ଭୁଜର,
ଏତେ ଉନ୍ନତ ହୃଦୟ ତାଙ୍କର ।
ମନ୍ଦ ଜୀବନ ଶିକ୍ଷା ଶିରକାଳ
କରୁଅଛନ୍ତି ବହର ଜାଳ ।

ତୋର ଆଦେଶ ପାଇବା ମାତରେ
ଦାନ କରିବେ ଜଳ ଏକାନ୍ତରେ ।
କେଉଁ ବୋଲିବେ ଅବା ଶିଳ୍ପିଙ୍କର
ଦୋଷେ ହୋଇଛୁ ବିନା ଦାନବୀର ।
ନିଜେ ଦରିଦ୍ର ନ ଜାଣି ଦୁର୍ମତି,
ଖେଦେ କଲନ୍ତି ବନନ ଚାଷ ଧନ ।
ଜଣ ହେଲେହେଁ ପରକୁ ପ୍ରଦାନ
କରି ଜାଣନ୍ତି ସେ ସେ ଲୋକ ପ୍ରଧାନ ।
ନିଜେ ତୁ କରି ନାହୁଁ ଏମନ୍ତ,
ତୃପ୍ତ କରୁଛୁ ତୋ କରେ ଅର୍ପଣ ।
ଭୂମି ମଣ୍ଡଳ ଦେବୁ ଦେତେ ଜଳ,
ଦେବ ଶିଳ୍ପକୁ ନ ଦେଖି ସଜଳ ।
ଶରଚ୍ଚନ୍ଦ୍ରରୁ ଶିଖି ନାହିଁ ଧନ,
ସାଧୁ ସାଧିଲି ଲୋକହିତସାଧନ ।
ପ୍ରଜା ଦୁଃଖ ବହୁ ଉପାଦାନ
ନାହିଁ କରିବ ଜୀବକୁଳେ ଦାନ ।

# ଖଦ୍ୟୋତର ଖେଦ

ଖେଦେ କହେ ଖଦ୍ୟୋତ ମୁଁ ଅତି କ୍ଷୁଦ୍ର ଜୀବ
କି ଭାଗ୍ୟ ଏଇ ମୋତେ ଦେଇଛନ୍ତି ଦଇବ
ରଜନୀରେ ଜ୍ୟୋତି ଲଭି ଉପହାସ ଭରେ,
ଅବା ଦୂରେ ରହିଥାଏଁ ପାଦପ ପତ୍ରରେ ।
ଅଙ୍ଗେ ମୋର ଜ୍ୟୋତି ଥିବା
                    ନାହିଁ ମୋତେ ଜଣା,
ନ ଗୁଣେଁ ମୁଁ ଜ୍ୟୋତିଷ୍କରେ
                    ହେବା ପାଇଁ ଗଣା ।

ତଥାପି ମାନବେ ମୋତେ ଉପହାସ କରି
ବୋଲନ୍ତି ଖଦ୍ୟୋତ କାହିଁ ହେବ ଚନ୍ଦ୍ରସରି ?
କାହିଁ ଚନ୍ଦ୍ର, ମିଳେ ତାଙ୍କୁ ଶୁଭ୍ରତର କର,
ମୋ ଜ୍ୟୋତିକଣିକା ନିଜ କ୍ଷୁଦ୍ର ଜୀବନର ।
କରି ନ ଜାଣିଲି ପର ଧନେ ଅଭିମାନ,
କେମନ୍ତେ ପାରିବି ହୋଇ ଚନ୍ଦ୍ରମା ସମାନ ?
ନ କର ମାନବେ କ୍ଷୁଦ୍ର ଜୀବେ ଉପହାସ,
ନିଜର ଜୀବନ-ଜ୍ୟୋତି କର ପରକାଶ ।

# ଅନ୍ଧକାରର ଆତ୍ମପ୍ରସାଦ

ମନେ ମନେ ହସି ଏହା ବୋଲେ ଅନ୍ଧକାର,
ଜଗତେ ଅଛଇ ଯେତେ ଲୋକବ୍ୟବହାର ।
ଦେଖି ମୋତେ କରିଥାନ୍ତି ଦୁଃଖର ଉଦୟ,
କରନ୍ତି ଅଜ୍ଞାନ-ଦୃଷ୍ଟ ବଦନେ ଭୟ ।
ଆଲୋକରେ ଭ୍ରମି ଭ୍ରମି ପ୍ରାଣୀ ହୁଏ ଶ୍ରାନ୍ତ,
କଲେ ତାଙ୍କୁ କୋଳେ ଧରି କରଇ ମୁଁ ଶାନ୍ତ ।
ଅଜ୍ଞାନର ଅନ୍ଧକାରେ ନାହିଁ ମୋର ଗୋଳ,
ଅଜ୍ଞାନର ସନ୍ତୋଷରେ ବଢଇ ମୋ ବେଳ ।
କେହିଁ ନିଦ୍ରା ଅନ୍ତେ ଉଚ୍ଚ ଜ୍ଞାନ ନାମ ବହି,
କେତେକ ଜ୍ଞାନବାନ ଶାନ୍ତି ଦେଇଥାନ୍ତି ବହି ।
ସନ୍ଧି ଚାଳ ହୋଇଥାଏ ବସ ପ୍ରୟୋଜନ,
ସୁଖୀ ମୁହିଁ ହୋଇ ତାର ଉପଯୋଜନ ।
ବିପଥଗାମୀଙ୍କ କରେ ବହୁ ବାରଣ,
ଲଭୁ ନ ମୁଁ ସଦା ତାର ନିନ୍ଦା କାରଣ ।
କେହି ମୋତେ ବୋଲିଥାନ୍ତି ଚୋରର ସହାୟ
ମାନବର କି ଅଦ୍ଭୁତ ବିବେଚନା ହାୟ !
ଆଲୋକରେ ଦେଖେ ଚୋର ଧନୀକର ଧନ,
ଆଲୋକରେ ତହୁଁ ମୋତେ କରେ ତା ହରଣ
କେଉଁଅବା ବୋଲନ୍ତି ମୋତେ ଲମ୍ପଟର ବନ୍ଧୁ,
ମୋ ଯୋଗେ କୁଳଟେ ଘରୁ ଯାଏ କୁଳବଧୂ
କୁଳବଧୂ ମୁଖ କାଏ କରେ ପ୍ରଦର୍ଶନ,
କାଏ ବା କରାଏ ତାର ଚିତ୍ତ ଆକର୍ଷଣ ।
ନ ଧରନ୍ତି କେହି କେବେ
                    ତେଜସ୍ୱୀର ଦୋଷ,
ଶୁଣିବେ ଶୀତଳ ମୁହିଁ,
                    ଶୁଣିବେ ମୋ ଦୋଷ ।
ଗୁଣ ଦେଖିବାକୁ ଲୋକେ
                    ନ ଥିଲେହିଁ ଅନ୍ୟ,
ମୋ ଗୁଣ ବିସ୍ମରି କେତେ
                    ବୋଲେ ମୁହିଁ ଧନ୍ୟ ।

# ସୂର୍ଯ୍ୟ ପ୍ରତି ଦୀପ

ଈଶ୍ୱର ନାମକୁ ସୂର୍ଯ୍ୟ କରୁଛ ସଫଳ,
ଆଲୋକିତ କରି ତବ ଅନ୍ତର ସକଳ ।
ମୋର ପ୍ରତି ପ୍ରତିକୂଳ ହେଲ କି କାରଣ,
ଯା’ ଥିଲା ମୋ ପ୍ରକୃତିକ ତା କଲ ହରଣ ।
ତୁମ୍ଭ ରିପୁ ତମ, ତାକୁ ନାଶ ଏ ସଂସାରେ,
ମୁହିଁ ତମ ନାଶିଥାଏଁ ଶକ୍ତି ଅନୁସାରେ ।
ଉଦିତ ହୋଇଲେ ମୋଦ୍ୱାରେ ତୁମ୍ଭ ତୋଷ,
କିନ୍ତୁ ମୋ ଆଲୋକ ନାଶ ଦେଖି କେଉଁ
ତୋଷ ?
ଅନ୍ଧକାର ସଙ୍ଗେ କଲ ମୋ ଆଲୋକ ଗଣ୍ୟ,
ଧନ୍ୟ ପ୍ରଭାକର ତୁମ୍ଭ ମିତ୍ର ନାମ ଧନ୍ୟ !
* ନୟନ-ଦେବତା ତୁମ୍ଭେ ଏ କି ଚମତ୍କାର,
ନ ପାରିଲ ବାରି ନିଜେ ଆଲୋକ ଅନ୍ଧାର ।
ଏଣୁ ସ୍ୱଭାବରୁ ତୁମ୍ଭେ ହୋଇଲ ଯେସନେ ବଣ୍ଡ,
ତେଣୁ ପଡ଼ିଲ ନିନ୍ଦା ଦେବ ନୂଆ ଗଣ୍ଡ !

# ବାକ୍ୟବୀର ଓ କର୍ମବୀର

ଭେକ ଡରକିଲେ ଆସଇ ବରଷା
ଜଳଧାରେ ମହୀ କରେ ପ୍ଳାବିତ,
ବାକ୍ୟବୀର ଡାକେ କରଇ ଭରସା
କର୍ମବୀର ଥିବ ବୋଲି ନିଶ୍ଚିତ ।
ମରୁଦେଶ ଭେକେ ଗରଜଇ ନାହିଁ
ମାରୁଦ ସେ ଦେଶେ ନ ପାଏ ନୀର,
କର୍ମବୀର କର୍ମ— କୁଣ୍ଠି ତା ନ କହିଁ
ନ ଡାକନ୍ତି କେବେ ବଚନବୀର ।
ହେଲେ ବିଦ୍ୟୁତ୍‌ରେଖା ଗର୍ଜନ ଶୁଣି
ଜଣାଯାଏ ମେଘ ବର୍ଷିବ ଜଳ,
ତେଜସ୍ୱିମା ରେଖା ଦୃଷ୍ଟିରୁ ହଟଣି
କର୍ମବୀରଠାରେ ନୁହେ ନିଷ୍ଫଳ ।
କୋକିଳ ଗାଇଲେ ରସାଳ ତଳେ,
ଦୃଷ୍ଟାନ୍ତ ତା ଶୁଣେ ଜଗତ-ଜନ,
ବାକ୍ୟ କର୍ମବୀର ଶକ୍ତି ସଞ୍ଚରଇ,
ତେବେ କରେ ଲୋକହିତ ସାଧନ ।
କାକ ଡାକ ଶୁଣି ଉଠଇ ମାନବ
କର୍ମେ ରତ ହୁଏ ତେଜି ଶୟନ,
ତଥ୍ୟ ଖୋଲି କାକ ଖାଇଲେହେଁ ଶବ
ଚଳାଇ ପାରଇ ନାହିଁ ଜୀବନ ।
ଉଦ୍‌ବୁଦ୍ଧ ଲୋକ ହୁଏ ଉପଦେଶେ
ଧନ ପଣ ତହିଁ ଦୁଅନ୍ତି ପୁନ,
ନ ଥାଏ ଧନୁଷ— ନାହା ତେଜେ ଦେଶେ
ସବୁ ନେଇଥାଏ ସାହସ ଗାନ ।

---

* ବେଦାନ୍ତ ମତରେ ଚତୁର୍ଦ୍ଦଶଟି ଇନ୍ଦ୍ରିୟର ଚତୁର୍ଦ୍ଦଶଟି ଦେବତା ଅଛନ୍ତି । ନେତ୍ର ବା ଚକ୍ଷୁର ଦେବତା ସୂର୍ଯ୍ୟ ।

# ସଙ୍ଗ ଫଳ

[ ସ୍ୱର୍ଣ୍ଣ ବର୍ଣ୍ଣ କନଅର ପୁଷ୍ପ ମନୋହର,
କିନ୍ତୁ ତାର ଫଳ ବିଷ ପ୍ରାଣେ ନାଶକ ।
ଶିବ ଜାଣେ ରଖିବାକୁ ସଙ୍ଗର କି ଫଳ,
ତାହାଙ୍କ କଣ୍ଠର କାନ୍ତି ଭୁଜଙ୍ଗ ଗରଳ ।
ସେହିପରି ଚନ୍ଦ୍ରର ସ୍ନିଗ୍ଧ କାନ୍ତିରବର୍ଣ୍ଣ,
ଫଳ ଜନ୍ମଅଛି ସର୍ପ-ଶିର ଆକର୍ଷଣ ।
ଏହିପରି କେତେ ଲୋକ ଶାସ୍ତ୍ର ଶଙ୍କ ଶୁଣ,
ଦେଖି ହୋଇଥାନ୍ତି ସ୍ଥିତ ସୁଜନେ ନିପୁଣ ।
କିନ୍ତୁ କର୍ମେ କରିଥାନ୍ତି ଅତିକ୍ର ଅଦ୍ଭୁତ
ବଢ଼ ହୋଇ ଯାତ ଦୁଷ୍ଟ ପ୍ରକୃତି ସଙ୍ଗତ ।

# ତାରାପୁଞ୍ଜ

ହେ ତାରକାଗଣ, କାହିଁ ଯାଅ ଯାନ ଯାନ,
ତୁମ୍ଭେ ସବୁ ଅଛ କେତେ ଦେବ ରଶ୍ମି ମାନ ?
ଦିବସେ ନ ଦିଶି କାହିଁ ରଜନୀରେ ଦିଶ,
ଉଜ୍ଜ୍ୱଳର ହୋଇ ତୁମ୍ଭ ମନେ ଗର୍ବ ବିଷ ?
ତୁମ୍ଭଙ୍କୁ ଯେ ବୋଲିଥାନ୍ତି ଚନ୍ଦ୍ର ଜାୟା ଜନେ,
ସେ କଥାରେ କି ଦୁଃଖ କି ଲଜ୍ଜା ତୁମ୍ଭ ମନେ?
ଜାଣିଲି ଜାଣିଲି ତୁମ୍ଭେ ସୂର୍ଯ୍ୟ ଅଟ ସତ,
ଆଲୋକିତ କରୁଅଛ ନିଜର ଜଗତ ।
ଆମ୍ଭ ସୂର୍ଯ୍ୟଙ୍କୁ ତୁମ୍ଭ ବିଜ୍ଞଲୋକ ଯାଣ,
ବୋଲୁଛନ୍ତି ତାରକାର ଶ୍ରେଷ୍ଠ ଏକ ତାରା ।
ତୁମ୍ଭ ରାଜ୍ୟେ ତୁମ୍ଭ ଅଟେ ଆମ୍ଭର ଭାସ୍କର,
ନ ଦିଶନ୍ତି ତେଣୁ ଦିନେ ନ ହୁଅ କାତର ।
ଯାହାଙ୍କୁ ଯେମନ୍ତ ଦିଶେ ତେମନ୍ତ ସେ ଭାବେ,
ସେ କଥାରେ ମହତଙ୍କ କି ଯାଏ, କି ଆସେ ?
କେତେ ଚନ୍ଦ୍ର ଅଛନ୍ତି ତୁମ୍ଭର ଦେଶେ,
ଆମ୍ଭ ଚନ୍ଦ୍ର ପତି ବୋଲି ତୁମ୍ଭର'କେ କଣେ ?
ତୁମ୍ଭ ରାଜ୍ୟେ ଦିଅ ତୁମ୍ଭେ ଦୂରରୁ କିରଣ,
ତେଣୁ ସେହିଠାରେ ଥିବ ତୁମ୍ଭ ଉଦ୍ଦୀପନ ।
ଆମ୍ଭ ରାଜ୍ୟେ ଆମ୍ଭ ରବି କରେ ତମ ଧ୍ୱଂସ,
ଏଣୁ ଆମ୍ଭେ କହୁଁ ଆଜି ତାଙ୍କର ଉଦୟ ।
ତୁମ୍ଭେ ସେତେ ବଡ଼ ହେଲେ ଆମ୍ଭର କି ଲାଭ,
ଆମ୍ଭ ତମ ନାଶିବାକୁ ନାହିଁ ତ ପ୍ରଭାବ ।
ସେ ଯାହାର ହିତ କରେ ନ ନେଲେ ତା ନାମ,
ଆମ୍ଭେ ଦେଖେ କହୁଁ ତାଙ୍କୁ ନିମକହାରାମ ।

# ଜ୍ୟେଷ୍ଠ ଜାତିର ଅପକର୍ଷର ପରିଣାମ

ଯେତେବେଳେ ଜ୍ୟେଷ୍ଠ ଜାତି ହୋଇ ଦୁରାଚାର
କନିଷ୍ଠ ଉପରେ କରେ ନାନା ଅତ୍ୟାଚାର;
ଧର୍ମାଧର୍ମ ନ ବିଚାରି ଦେଖାଏ ପ୍ରବଳ,
ସ୍ୱାର୍ଥସିଦ୍ଧି ପାଇଁ ପୁଣି କପଟ କୌଶଳ,

ଈଶ୍ୱରେ ନ ଗଣି ମଣେ ନିଜକୁ ଈଶ୍ୱର,
ବସ୍ତୁରେ ମାନବେ ସ୍ୱାର୍ଥସାଧନ ତତ୍ପର,
ପର-ଦୁଃଖ ପର-ତାପ ନ ଜାଣି କଳନା।
ପ୍ରତାପ ଦେଖାଏ ତାର ଅଦ୍ଭୁତ ଛଳନା,
ନିଜ ସ୍ୱାର୍ଥବୃଦ୍ଧି ପାଇଁ କରଇ ଯତନ,
ଗୁଣରେ ନ ଛୁଏଁ ଦୃଷ୍ଟି କନିଷ୍ଠ ପତନ,
ଦେବତଙ୍କବଳେ ସ୍ଥାପଏ ତା ଜ୍ୟେଷ୍ଠତା ଗୌରବ,
କନିଷ୍ଠର ଧର୍ମବଳେ ହୋଏ ପରାଭବ।
ଏଣୁ ଶ୍ରୁତେ ପୂର୍ବଦେବ ପୁଣ୍ୟଜନମାନେ *
ଅଧର୍ମେ ଦୈତ୍ୟ ହେଲେ ବ୍ରହ୍ମାଭିଧାନେ।

## ଗଣେଶଙ୍କର ଆତ୍ମକଥା

ଗଣେଶ ବୋଲନ୍ତି ବିଘ୍ନରାଜ ବୋଲି
  ପୂଜା କରି ମୋତେ ନରେ,
ବହୁ ସ୍ତୁତି କରି ପ୍ରବର୍ତ୍ତାଇଥାନ୍ତି
  ବିଘ୍ନକୁଳ ନାଶନରେ।
ସ୍ତୁତି ଯା' କରନ୍ତି ସ୍ତୁତି ନୁହେ ତାହା
  କେବଳ ଅସହ୍ୟ ଗାଳି,
ନର କେହି ସହି ନ ପାରନ୍ତି, ଦେବ-
  ସ୍ୱଭାବେ କିଏଁ ସମ୍ଭାଳି।
କେହି ବୋଲେ ହାତୀ- ମୁଣ୍ଡିଆ, କେହି ବା
  ବୋଲଇ ଏକଦନ୍ତିଆ,
କେହି ବୋଲିଥାଏ ଦୁଇ ମାଆ ପୁଅ
  କେ ବୋଲେ ଲମ୍ବପେଟିଆ।
ବିଘ୍ନଙ୍କର ଯେବେ ରାଜା ହେଲି ମୁହିଁ
  ସେ ତ ହେଲେ ମୋର ପ୍ରଜା,
ପ୍ରଜାନାଶ କରି କାହିଁ ଉଡ଼ାଇବି
  ଅପକୀର୍ତ୍ତିର ଧ୍ୱଜା ?
ମୃଗରାଜ ସିନା ମୃଗ ନାଶ କରେ
  ପାଶବ ସ୍ୱଭାବ ଧରି,
ଦେବତା ହୋଇ ମୁଁ ସେ କ୍ରୂର ଅଧର୍ମ
  କର୍ମ କରିବି କିପରି ?
ଦେବତା ହୋଇ କେ ଆଶ୍ରିତ ନାଶିବା
  ଦେଖା ନାହିଁ, ଶୁଣା ନାହିଁ,
ଆଶ୍ରିତ ନାଶିଲେ ନରଲୋକେ ମୋତେ
  ପୂଜିବେ ଆଉ କିପାଇଁ ?
ନରେ ବାଞ୍ଛନ୍ତି ବିଘ୍ନଙ୍କ ମରଣ
  ପାଇ ସେହି ସମାଚାର,
ନରଙ୍କ ଉପରେ ବିଘ୍ନମାନେ ସିନା
  କରୁଛନ୍ତି ଅତ୍ୟାଚାର !
ବିଘ୍ନ ସଙ୍ଗେ ଯେତୁ ମିତ୍ରପଣ କରି
  ତୋଷିଥାନ୍ତି ସମାଦରେ,
ବିଘ୍ନ ଦେଇ ତାଙ୍କୁ ସାହସ, ତୋଷଇ
  ସିଦ୍ଧି ପଥ ସମ୍ବାଦରେ।
ବିଘ୍ନମାନେ ମୋର ସତତ ଅଟନ୍ତି
  ସିଦ୍ଧି ଭଣ୍ଡାର-ପ୍ରହରୀ,
ସିଦ୍ଧି ତା ହସ୍ତକୁ ନ ଯାଏ ଯେ ଥାଏ
  ଦୂରୁ ଦୃଷ୍ଟି ତାଙ୍କୁ ଡରି।

* ପୂର୍ବଦେବ ଓ ପୁଣ୍ୟଜନ ରାକ୍ଷସମାନଙ୍କର ନାମ।

# ପରିଶ୍ରମ

ଅବନୀଗରଭେ ରହିଛି
ପୂରି ଅତୁଳ ଜଳ,
ଯେତେ ବାହାରିବ ଖୋଳିବ
ସେତେ ପ୍ରକାଶି ବଳ ।
ସେହି ଜଳ ଆଣି ପ୍ଲାବିତ
କଲେ ଅବନୀ ଉର,
ଫଳ ମୂଳ ଶାକ ଅନନ୍ତ
ସହଜେ ମିଳେ ପ୍ରଚୁର ।
ପରିଶ୍ରମ କରି ଅଧିକ
ଅଳ୍ପ ଭୂମିରେ ମାଳୀ,
ବାର ମାସ ନିଜ କୁଟୁମ୍ବ
ନିଏ ସ୍ୱଚ୍ଛନ୍ଦେ ପାଳି ।
ବହୁ ଭୂମି ଥାଇ କୃଷକ
ହୋଇ ଶ୍ରମବିମୁଖ,
ଇନ୍ଦ୍ରେ ଦୋଷ ଦେଇ ସକଳ
ବୃଥା ଲଭଇ ଦୁଃଖ ।
ଇନ୍ଦ୍ର ବର୍ଷି ଜଳ ନଦେଲେ
ଭୂମି ରସଇ ନାହିଁ,
ଜଳାଶ୍ରୟ ଦେଲେ ସନ୍ତୁଷ୍ଟେ
ଥାଏ ଶୂନ୍ୟକୁ ଚାହିଁ ।
ଅଳସ ଲୋକର ପାଶକୁ
ନ ଆସଇ ସମ୍ପଦ,
ମଧୁ ଆସି ମୁଖେ ନ ପଶେ
ଶୋଇଥିଲେ ଷଟ୍‌ପଦ ।
ଦେଶ ଦେଶାନ୍ତର ବିଚରି
ପକ୍ଷୀ ପୋଷେ ଉଦର,
କ୍ଷୁଧାରେ ମରଇ ଅଳସ
ତେଜି ନ ପାରି ଘର ।
ବାୟା ବହୁଶ୍ରମ କରଇ
କେଡ଼େ ସୁନ୍ଦର ବସା,
କୁଟୀର ଅଭାବେ ଅଳସ
ଭୁଞ୍ଜେ ଘୋର ଦୁର୍ଦ୍ଦଶା ।
ଘାସ ଖାଇ ପଶୁ ସତତ
ନରେ ସାହାଯ୍ୟ କରଇ,
ଓହୋ କି ବଣିଜ ତଥାପି
ନର ଉପାସେ ମରଇ !
ନରକୁ ଦାଇବ ଜଗତେ
ଅଛି କିସ ନ ଦେଇ ?
ଦ୍ୱାରେ ଦ୍ୱାରେ ବୁଲି ତଥାପି
ବୋଲେ ସେ ଦେହି ଦେହି !
ନିଜ ନିଜ ପେଟ ପୋଷନ୍ତି
ନୀଚ ପଶୁଗଣେ,
ପେଟ ପାଇଁ ନର ଭିଖାରୀ
ଧରେ ପର ଚରଣ ।

# କର୍ମଗୁଣ

ଭଲ ହେଉ ଭଲ କର୍ମ କରେ ଯେଉଁ ଜନ,
କରମ ନିମନ୍ତେ ନାହିଁ ବଂଶ ପ୍ରୟୋଜନ ।
ନୀଚ ହୋଇ କରେ ଯେବେ ଉତ୍ତମ କରମ,
ତା ଚରଣ ଭଜି ହେବେ ସଂସାର ପରମ ।
କର୍ମ ଯୋଗୁଁ ଲୌହ ଆସି ରହେ ସମାଦରେ,
ଶୋଭିତ ହେବାକୁ ସ୍ୱର୍ଣ୍ଣ ଲାଗେ ତା ପାଦରେ ।

# ମହାନ୍ଧକାର

୧

ଅନ୍ଧକାର ଅନ୍ଧକାର ଅନ୍ଧକାରରାଶି,
ଅନନ୍ତ ଆକାଶେ ଅଛି ଜଗତକୁ ଗ୍ରାସି ।
ସଉର ଜଗତ ଯେତେ ଆମ୍ଭ ପ୍ରଭାକର
ଅନ୍ଧକାର ନାଶେ ମାତ୍ର ସୌର ଜଗତର ।
ବିଶ୍ୱ ତୁଳନାରେ ଏହି ସଉର ଜଗତ
ପୃଥ୍ୱୀ ତୁଳେ କ୍ଷୁଦ୍ରଟିଏ ନ ହେବ ପ୍ରମିତ ।
ସୁଦୂରରେ ଦୃଶ୍ୟ ଅଛି ଯେତେକ ଦିବାକର,
ତହିଁ ଘେନ ଏକ ଏକ ତାରା ମନେ କର ।
ପ୍ରଥମ ନିଶାରେ ଉଠି ପର୍ବତ ଶିଖରେ
ଦୃଷ୍ଟିପାତ କଲେ ଏକ ପ୍ରକାଣ୍ଡ ନଗରେ,
ନଗର ଆଲୋକ ଯଥା ହୁଏ ଦୃଶ୍ୟମାନ,
ସ୍ପଷ୍ଟେ ଦେଖି ହୋଇପାରେ ସେ ଦୃଶ୍ୟ ସମାନ ।
ଘୋର ଘନ ସମାଚ୍ଛନ୍ନ ଅମା ରଜନୀରେ
ଅବଶିଷ୍ଟ ଅନ୍ଧକାର ଯେତେ ଅବନୀରେ,
ତହୁଁ ବଳି ତମେ ପୂର୍ଣ୍ଣ ଅସୀମ ଗଗନ,
ଅଛି ଦୂରୁ ଦିଶୁଅଛି ଧୂମଳ ବରଣ ।
ବିଶ୍ୱ ଯଦି ହୋଇଥାନ୍ତା ଶୁଭ୍ରାଲୋକମୟ,
ନ ଦିଶନ୍ତେ ରବି ଚନ୍ଦ୍ର ତାରକାନିଚୟ ।
ଦିବସେ ଜଳଇ ବହ୍ନି ଦିଶଇ କି ଦିନେ,
ନ ଦିଶେ ତେଜସ୍ୱୀ-ତେଜ ତିମିରବିହୀନେ ।
କି ସୂର୍ଯ୍ୟ କି ତାରା ସବେ ଅନ୍ଧର ଅଧୀନ,
କାଳେ ମହା ଅନ୍ଧକାର-ଗର୍ଭେ ହେବେ ଲୀନ ।

୨

ଅନ୍ଧାର ଗରଭେ ଯଥା ଶିଶୁର ଜନମ,
ତମୋଗର୍ଭେ ଜନମିବା ଜ୍ୟୋତିଷ୍କ ନିୟମ ।
ଜନ୍ମର ମରଣ ସବେ କରନ୍ତି ସ୍ୱୀକାର,
କିଏ ନ ବୋଲିବ ତେବେ ନିତ୍ୟ ଅନ୍ଧକାର?
ପରମାଣୁ ମହାକାଶେ ପ୍ରକାଶ ମାନ
ଆକାଶ ମଣ୍ଡଳ ବହ୍ନି ଜଳ ଭୂମିମାନ;
ଅକାଶ ବହୁଛି ସେହି ତିମିରବରଣ,
ମଣ୍ଡଳେ ତିମିର କାନ୍ତି ହୋଇଛି ଧାରଣ ।
ଦୃଷ୍ଟି ଅଛି ନାମ ନିଜେ ବହୁଛି ଅନଳ,
ଜଳ ଧରେ ଶୁକ୍ଳବିନ୍ଦୁ, ଦେଖ ତାର ଜଳ !
ଭୂମିର ଗରଭେ ଥିଲେ ଭୂଧର କନ୍ଦରେ
ନିତ୍ୟ ଅନ୍ଧକାର, ଲୁଚି ନାହିଁ ସୂର୍ଯ୍ୟ ଡରେ ।
ଗଭୀର ଜଳରେ ଅଛି ନୀଳ ବର୍ଣ୍ଣ ଅନ୍ଧକାର,
ତରୁ ତୃଣ ଶ୍ୟାମଳତା ତାହାର ବିକାର ।
ଆଲୋକ ଦିଶଇ ସବୁ ଅନିତ୍ୟ ବରଣ,
ତେଣୁ କୃଷ୍ଣବର୍ଣ୍ଣ ନିତ୍ୟ ଜଗତଶରଣ ।
ଜ୍ୟୋତିଙ୍କ ଜନମଦାତା ସତ ତମ ପର,
ଏକ ମହାଜ୍ୟୋତିର୍ମୟ ପରମ ଈଶ୍ୱର ।

# ଗର୍ବ

ଗର୍ବ ବୋଇଲା, ମୁହିଁ ଏକା ତ୍ରିଭୁବନ ଭବେ
କ୍ଷୁଦ୍ର ହୋଇଥାଏ ବଡ଼ ମୋ କୃପାପ୍ରଭାବେ ।
ଅତି କ୍ଷୁଦ୍ର ହୃଦେ ଯେବେ କରେ ଅଧିଷ୍ଠାନ,
ଦେଖଇ ସେ ଜଗତକୁ ନିଜଠାରୁ ସାନ ।
ଖଚ୍ଚର ଉପରେ ବସି ମୋହର ଭକତ,
ଗଜାରୋହୀଠାରୁ ମଣେ ନିଜକୁ ଉନ୍ନତ ।
ବସିଥାଇଁ ଅଧ ଗାଁର ଗଜାରୋହୀ ହୃଦେ,
ଐରାବତାରୂଢ଼ ଇନ୍ଦ୍ର ଜଗତେ ତା କୁ ମୁଦେ ।

ମୁଁ ଜଗତ ପାରେଁ ଯାକୁ କରି ପରିଚୟ,
ନିଜକୁ ସେ ସୁପଣ୍ଡିତ ମଣିବ ନିଶ୍ଚୟ ।
ପଢ଼ାଇ ପାରିବ ଯାକୁ କାବ୍ୟ ଖଣ୍ଡେ, ଅବଧି,
ବସିବାକୁ ବାନ୍ଧିବ ସେ ବୃହସ୍ପତି ପଦେ ।
ଲେଖାଇ ପାରିଲେ ପଦ ଯୋଡ଼ି ମିଶାଇର,
ମଣାଇବ ଶୁକଠାରୁ କବ ତେଜସ୍କର ।
ଦରିଦ୍ର କରିବ ଯେବେ ମୋ ପଦେ ଭକତି,
ମଣିବ ସେ ତାକୁ ସମ କୁବେର କୋଟିପତି ।
ଅଳ୍ପବିତ୍ତ ହୃଦେ ମୋର ହେଲେ ଅଧିଷ୍ଠାନ,
ମଣିବ ସେ ଆପଣାକୁ କୁବେର ସମାନ ।
ସମସ୍ତେ ବୋଲନ୍ତି ବଡ଼ ଧନଠାରୁ ମନ,
ମନ ବଡ଼ ହୁଏ କଲେ ମୋ ପଦ ଭଜନ ।
ମୋହର ଚରଣ ସେବି ଗ୍ରାମାଧୀଶମାନେ,
ମଣ୍ଡିଥାନ୍ତି ଆପଣାକୁ ଭୂପତି ସମ୍ମାନେ ।
ମୁକୁଟ ହେଏ ମୁର୍ଖ ମସ୍ତ ଯାର ମଥା,
ସାନ ମୁଖେ କହୁଥାଏ ବଡ଼ ବଡ଼ କଥା ।
ନ ଶୁଣେ ଅନ୍ୟର କଥା ମୂଲ୍ୟହୀନ ଜାଣି,
ଯାହା ଲାଗି ହୋଇଥାଏ ତହୁଁ ବଡ଼ ଜ୍ଞାନୀ ।
ଭୂମଣ୍ଡଳଚୂଡ଼ା କରି ଉନ୍ନତ ମୋ ଶିର,
ହୃଦୟ ମୋହର ମହାସାଗରୁ ଗମ୍ଭୀର ।
ମୋତେଭଜିମୋରଯୋଗ୍ୟ କର୍ମ ଯେହୁକରେ,
ଶିରେ ବସି ଟେକେ ତାକୁ ଉନ୍ନତିଶିଖରେ ।
ମୋ ଗରଭେ ମଜ୍ଜି ଯେହୁ ହୁଏ କର୍ମହୀନ,
ଅତଳ ତଳରେ ପଡ଼ି ହୋଇଯାଏ ଲୀନ ।

# ତାକୁ ମଧ୍ୟ ବୋଲିଥାନ୍ତି ଧର୍ମ ଅବତାର

ମନ ଯାର ବ୍ୟସ୍ତ ସଦା ପରସ୍ୱ ହରଣେ,
ଧନ ଯାର ବଢ଼ନ୍ତ ଋଣିକା-ତରଣେ,
ଜୀବନ ଯା ଲକ୍ଷ ଲକ୍ଷ ଲୋକଙ୍କର ସାର,
ତାକୁ ମଧ୍ୟ ବୋଲିଥାନ୍ତି ଧର୍ମ ଅବତାର ।
ସନ୍ଧ୍ୟା ଯାର ମୋଡ଼ୁଥାଏ ଧର୍ମମନ୍ତ ମୁଣ୍ଡି,
ବୁଦ୍ଧି ଯାର କରୁଥାଏ ଶଠ ସତ୍ତା ଗୁଣ୍ଡି,
ଧନେ କୀଳ ହେଉଥାଏ ଯାହାର ବଚୁର,
ତାକୁ ମଧ୍ୟ ବୋଲିଥାନ୍ତି ଧର୍ମ ଅବତାର !
ସୁବର୍ଣ୍ଣ ହରଣି କରି ତାମ୍ର କରେ ଦାନ,
ଧନେ କରୁଥାଏ ପ୍ରଭୁ ସନ୍ତୋଷ ବଖାନ,
ଢାଙ୍କିବାକୁ ଦୋଷ ଦିଏ ନାନା ଉପହାର,
ତାକୁ ମଧ୍ୟ ବୋଲିଥାନ୍ତି ଧର୍ମ ଅବତାର ।
ଭ୍ରମଣ ଖରଚ ପାଇଁ ଖାଇଥାଏ ଭତ୍ତା;
ଖାଇଥାଏ ମୋଡ଼ି ଏତେ ଦରିଦ୍ରଙ୍କ ମଥା,
କରୁଥାଏ ଧନଚାର ଅପବ୍ୟବହାର,
ତାକୁ ମଧ୍ୟ ବୋଲିଥାନ୍ତି ଧର୍ମ ଅବତାର ।
ବହିର୍ଗତ ହୋଇଥାଏ ସବୁ ଶୂନ୍ୟକରେ,
ଶଗଡ଼ ଶଗଡ଼ ଦ୍ରବ୍ୟ ଆସି ଘରେ ଭରେ,
ସେହି ଦ୍ରବ୍ୟମାନ ପୁଣି ଦେଖାଏ ବଜାର,
ତାକୁ ମଧ୍ୟ ବୋଲିଥାନ୍ତି ଧର୍ମ ଅବତାର ।

# ବଳରାମଦେବ*

୧

ମାତାର ଅନ୍ତଦଂଶେ ଟାଳି ଭ୍ରାତୃଭକ୍ତି ଫଳ,
ଅଙ୍ଗ ତରଙ୍ଗିଣୀ ଅଙ୍କ କରି ଉଚ୍ଛନ୍ଦନ,
ସାବଚନ୍ଦ୍ର ରାଜ୍ୟ ଶୁଭ୍ର ପଦାର୍ପଣ କଲ,
ବଳରାମ ଦେବ, ଆଦ୍ୟ ଅଙ୍ଗନାନନ୍ଦନ ।
ଶୂର ବୀର ଧୀରବର ସୁକୃଷ୍ଣ ରତନ,
ସାହସ କରଣେ ଦସ୍ତ୍ର ବଦନମଣ୍ଡଳ,
ସୁନ୍ଦରୀ ଏଷ୍ଟ ନଷ୍ଟ କର ପ୍ରୀତି ସମ୍ଭାଷଣ
ଦେଇ ପ୍ରକାଶିଲ ଅଣି ଜର-ଦନ୍ତାଳ ।†
ଦ୍ୱାଦଶ ପାହାଡ଼ି ୧ ଚିରି ମଞ୍ଜିମାଳ କରି,
ହର୍ଷେ ତବ ସୁବିଶାଳ ବକ୍ଷେ ଦେଲା ଭରି ।

୨

ଚିରି ଉରସିଜ ବନ-କଣ୍ଟକ-କ୍ଳେମଣ,
ଅବନର ବିଳାହରେ ନ ହେଲେ କାତର,
ପ୍ରବଳ ଦଣ୍ଡକନାଞ୍ଚେ ଫୁଟେ ତାମରସ,
ତାହା ପିନା ବନଲାର ବେଲ ଦ୍ରିପ୍ତ ସର ।
ଦ୍ୱିରଦ ଗର୍ଜନ, ଶ୍ୟାମ ଉରଗ ତର୍ଜନ,
ଶାନ୍ତି ଦେଇ ନ ପାରିଲେ ହୃଦୟେ ତୁମ୍ଭର,
ଦେଖିଲ କେବଳ ତାଙ୍କ ମସ୍ତକ ଘଟନ,
ରାଜଲକ୍ଷ୍ମୀ ଭୂଷଣେ ଯା ଦ୍ରୁଏ ମନୋହର ।
ବ୍ୟାଘ୍ରନାଦ ଶୁଣି କଲ ମନରେ ଚତୁର,
ଅଚିରେକେ ହେବ ତାର ଚର୍ମ ଉଦ୍ଧର ।

୩

ହୀରକାଭ୍ରକନସ୍ଥା ଘରେ ରମ୍ୟ ତନ୍ତୁତଳେ,
ଦ୍ୱିରଦ-ରଦନ-ଶୁଭ୍ର ବାଳିବେଧ ବକ୍ଷେ,
ସିଂହାସନ କରି ଶୁଭ୍ର କୁସୁମପଟଳେ,
ବସାଇ ତୁମ୍ଭଙ୍କୁ ବନ ଦେବତା ପ୍ରତ୍ୟକ୍ଷେ ।
ଆଦ୍ୟ ଅଭିଷେକ ବିଧି କଲେ ସମ୍ପାଦନ,
ଆଣି ରାମ-ପାଦ-ପଦ୍ମ-ରଜ-ବୃନ୍ତ-ଦଳ,୨
( ଗର୍ଜି ଯାର ହିରଣର ଜନମଣଦନ )
କୁସୁମପଟଳେ ମଣ୍ଡିଦେଲେ ତବ ଶିର ।
ରାଜ୍ୟଦେବୀ ସମଲଈ ଦୁଟେ ହସି ହସି,
ହସ୍ତରେ ଦେଇଦେଲେ ଅଭେଦ୍ୟ-ଅସି ।

---

* ପ୍ରବାଦ ଅଛି ଯେ, ପାଟଣା ମହାରାଜା ନୃସିଂହଦେବଙ୍କ ରାଣୀ ବର୍ଷାଋତୁରେ ଆସନ୍ନପ୍ରସବା ହେବାରୁ ଧାଈ ଡାକିଆଣିବା ବିଷୟରେ ନୃସିଂହଦେବ ଚିନ୍ତିତ ଥିଲେ । କାରଣ ରାଜାଙ୍କର ନଗର ଓ ଧାଈର ବସତି-ଗ୍ରାମ ମଧ୍ୟରେ ଗୋଟିଏ ସ୍ରୋତସ୍ୱିନୀ ଥିଲା । ନୃସିଂହଦେବଙ୍କ ଭ୍ରାତା ବଳରାମଦେବ ରାଜାଙ୍କ ଅଜ୍ଞାତସାରରେ ସେହି ସ୍ଫୀତ ଜଳରେ ସନ୍ତରଣଦ୍ୱାରା ନଦୀ ପାରହୋଇ ଧାଈକୁ ନିଜ ପୃଷ୍ଠରେ ଧରି ନଦୀ ପାର କରି ଆଣିଲେ । ଧାଈ ଯଥାସମୟରେ ରାଣୀଙ୍କ ନିକଟରେ ଉପସ୍ଥିତ ହୋଇ ଚତୁର୍ଦ୍ଦିଗରୁ ନିଜର କର୍ତ୍ତବ୍ୟ କାର୍ଯ୍ୟ ସବୁ ସମାଧାନ କଲା । ନୃସିଂହଦେବ ପରେ ସମସ୍ତ ଘଟଣା ଅବଗତ ହୋଇ ଅନୁଜଙ୍କୁ ଆନନ୍ଦର ସହିତ ଏହି ସମ୍ବଲପୁର ଅରଣ୍ୟ ରାଜ୍ୟର ଶାସନ ପ୍ରଦାନ କଲେ । ସେତେବେଳେ ବଳରାମ ଦେବଙ୍କ ଜନନୀ ଅଙ୍ଗନାଦେବୀ ଅତି ପ୍ରିୟପୁତ୍ର ବଳରାମ ଦେବଙ୍କୁ ଆଶୀର୍ବାଦ ଦେଇ କହିଲେ କି, ତୁ ଆଜିଠାରୁ ଅଙ୍ଗନଦୀର ଉତ୍ତର ଭାଗରେ ରାଜତ୍ୱ କରିବୁ । ଦକ୍ଷିଣ ଭାଗ ରାଜ୍ୟକୁ ଲୋଭ କରିବୁ ନାହିଁ, ଅଥଚ ଜ୍ୟେଷ୍ଠଭ୍ରାତା ସଙ୍ଗେ କଳହ କରିବୁ ନାହିଁ ।

† ଜର—ନବଜଳଶେଷ । ଦନ୍ତାଳ—ନବବଂଶେଷ । ୧ । ବାରପାହାଡ଼—ସମ୍ବଲପୁରର ସର୍ବପ୍ରଧାନ ପର୍ବତ । ୨ । ସମ୍ବଲପୁର ନଗରର ୬ ମାଇଲ ପଶ୍ଚିମରେ ମହାନଦୀଗର୍ଭସ୍ଥ ପ୍ରକାଣ୍ଡ ଶିଳାସ୍ତୂପରେ ଦୁଇଟି ପାଦଚିହ୍ନ ଅଛି; ଲୋକେ ତାହାକୁ ରାମ ଲକ୍ଷ୍ମଣଙ୍କର ପାଦଚିହ୍ନ ବୋଲି କହନ୍ତି ।

୪

ଦେଖୁଁ ଦେଖୁଁ ଚଉଦିଗୁ କ୍ରମେ କ୍ରମେ ଆସି,
ନୃପତିମଣ୍ଡଳ ତବ ହୋଇଲେ ପାର୍ଶ୍ୱଚର,
ଶୋଭିଲା ମୂରତି ତୁମ୍ଭ ପ୍ରତିଭା ପ୍ରକାଶି,
ଗ୍ରହଗଣ ମଧ୍ୟେ ଯଥା ପୂର୍ଣ୍ଣ ସୁଧାକର ।
ବାମଦେଶେ ବସିଥିଲେ କମଳକୁମାରୀ ,
ଗାଙ୍ଗପୁର ରାଜସୁତା ରେବତୀ ସଦୃଶା;
ତାଙ୍କ ପାଶେ ମୁକ୍ତାଦେଈ ସୁତସୁକୁମାରୀ,
ଶ୍ରୀ ସମୀପେ ଗୀଃ ସ୍ୱରୂପ ଇନ୍ଦୀବରଦୃଶା ।
ଶ୍ୱେତଛତ୍ର ବିଶୋଭିଲା ମସ୍ତକ ଉପରେ,
ଗିରିଶିରେ ଶରଦର ଜଳଦ ଯେପରେ ।

୫

ଦେଖୁଁ ବାଲିବେଢ଼ା ହେଲା ଗଜଦନ୍ତମୟ,
ପୁଷ୍ପସିଂହାସନ ହେଲା ସ୍ୱର୍ଣ୍ଣସିଂହାସନ,
ରତ୍ନ ଖେଳିଲା କପାଟରେ କୁନ୍ଦନଚୟ,
ଦାଣ୍ଡଦାଣ୍ଡ ଆଲୋକିଲା ଝାଡ଼୍‌ଗର କିରଣ ।

ରାଜଲକ୍ଷ୍ମୀ ଜୟଲକ୍ଷ୍ମୀ ନ କରନ୍ତୁ ମନ,
କେତେବେଳେ ଛାଡ଼ିବାକୁ ତୁମ୍ଭର ନିକଟ,
ସାର୍ବ୍ବୀଶ୍ୱରୀ ସେବ୍ୟପଦେ ନମାଇ ସୁପ୍ରସନ୍ନ,
ଚଉଦିଗେ କରୁଥାନ୍ତୁ ମହିମା ପ୍ରକଟ ।
ତାଙ୍କଠାରେ ହୋଇଥାଅ ସମର୍ପିତପ୍ରାଣ,
ତେଣୁ ବୃଦ୍ଧି କରୁଥାନ୍ତୁ ତୁମ୍ଭର ସମ୍ମାନ ।

୬

ଯେତେବେଳେ ଗରଜର ଯବନଦମନେ
ସନ୍ତାପିତ ହେଉଥିଲେ ପ୍ରକୃତି ସକଳ,
ସୁଖ-ସୂର୍ଯ୍ୟ ଉଇଁ ତୁମ୍ଭେ ଏ ରାଜ୍ୟ-ଗଗନେ
ବିକଶାଉଥିଲ ରମ୍ୟ ଶାନ୍ତି-ଶତଦଳ ।
ହଂସରୂପେ ଆସି ତହିଁ ବିବୁଧମଣ୍ଡଳ,
ସୁଖେ ତୁମ୍ଭ ତଳେ କଲେ ବାସ ବିଚରଣ,
ନିଜ ନିଜ ଅଭିଳାଷମତେ ଖାଇ ଫଳ,
ସ୍ଥାନାନ୍ତର ଯିବାକୁ କଲେ ନାହିଁ ମନ ।
ଦୁରାତ୍ମା ପବନର ଅତର୍କିତ ନାମ,
ନ ପାରିଲା ପୂର୍ଣ୍ଣକରି ଏ ଉପବନ ଧାମ ।

# ସ୍ୱର୍ଗୀୟ କବିବର ରାଧାନାଥ ରାୟ

୧

ଆସିଥିଲ ରାଧାନାଥ ବିଧିର ପ୍ରେରଣେ,
ଆବଶ୍ୟକ ସମୟରେ ଉତ୍କଳର ପାର୍ଶ୍ୱେ,
ଭାରତୀଙ୍କି ମଣ୍ଡିବାକୁ ସୁରମ୍ୟ ଭୂଷଣେ,
ରତନଖଚିତ ପଥ ଦେବାକୁ ଫିଟାଇ ।
ଅକୃଷ୍ଟ ଭୂମି କାବ୍ୟ-କୁସୁମ କାନନେ,
ବାଛି ବାଛି ଦିବ୍ୟ ଫୁଲ କଲ ନବ୍ୟ ହାର,
ସୌରଭ ତା' ନାମ ବାନ୍ଧି ଉଡ଼ିଲା ଗଗନେ,
ଜନ୍ମାଇଲା ଦେବଙ୍କର ହୃଦେ ଚମତ୍କାର ।
ଅବସରେ ଥାଇ କଲେ ତୁମ୍ଭର ସମ୍ମାନ,
ଗଙ୍ଗବଂଶ-ଅବତଂସ ସେ ସୁଢ଼ଳ ଦେବ,
ସ୍ୱର୍ଗେ ଉଠି ଶୂନ୍ୟ ଦେଖି ତୁମ୍ଭ ନିଜ ସ୍ଥାନ,
ଡାକିନେଲେ ସମାଦରେ ସେହି ବାସୁଦେବ ।
ଉତ୍କଳବାସୀଙ୍କି ଦେଇ ବହୁ ଉପଦେଶ,
ସମସ୍ତ ସଂସାର ତେଜି ଗଲ ନିଜ ଦେଶ ।

୨

ଯାବତଙ୍କୁ ରଖିଦେଲ ପୂର୍ଣ୍ଣଶୋକ ଦେଇ,
ଯାଇବେ ରହିଲେ ସ୍ୱର୍ଗଗମନର ପଥେ,
କିଏ ତାଙ୍କୁ ବଢ଼ାଇବ ସ୍ୱମାତୃକ ନେଇ,
କିଏ ନେଇ ବସାଇବ ଶ୍ରୀଧବର ରଥେ ?
ଫିଟାଇ ଦେଇଛ ଶାସ୍ତ୍ର କବି ସନତାର,
ଚିହ୍ନାଇ ଦେଇଛ ରସବର୍ଜିତ ଭୁଲ,
ଶିଖାଇ ଦେଇଛ ପୁଣି ତାର ବ୍ୟବହାର,
ଆଦର୍ଶ ଦେଇଛ ମନମୋହିନୀ ପିତୁଳୀ ।
କାହା ହସ୍ତେ ନ୍ୟସ୍ତ କରି ଗଲ କାର୍ଯ୍ୟଭାର,
କାହାର ବା ତୁମ୍ଭ ସମ ଅଛି ମନ ଧନ,

ଯାହା ପ୍ରତି କରିଥିଲ ଅଙ୍ଗୀକାର ଥରେ,
ବିଶ୍ୱର କି ଦେବେ ତାଙ୍କୁ ତୁମ୍ଭ ପରି ଟେକି ?
କର୍ଣ୍ଣ ସ୍ୱର୍ଗରେ ଥାଇ ଈଶ୍ୱର ସମୀପେ,
ଉତ୍କଳ ଉଜ୍ଜ୍ୱଳ ହେଉ ତୁମ୍ଭ ସମ ଦୀପେ ।

୩

ନ ଥିଲେ ନବୀନ କବି ତୁମ୍ଭ ଅଗୋଚର,
କବି ପଦ୍ମାକର ହେଲେ ହେଉଥିଲ ରବି,
ଫୁଟିଲେ କବିତା-କଞ୍ଜ ହୋଇ ମଧୁକର
ହରଷ ପୂରିତ କର ସୁମଧୁର ରବି !
ସୁଜନ ସମାଜେ ଗଣି ହେଉଥିଲ ଭଲେ
ଭୁଲିପାଇ ନିଜ ଉଚ୍ଚ ପଦ ଉଚ୍ଚାସନ,
ପ୍ରତିବିମ୍ବରୂପୀ ଯଥା ସୁନିର୍ମଳ ଜଳେ
ଦିନମଣି ଗ୍ରହରାଜ ଗଗନ-ଭୂଷଣ ।
କାଳ-ସିନ୍ଧୁ ତଟୁ ସ୍ରୋତ-କର୍ମୀମାନ ତୁଳି
ବସି ଧର୍ମ ଦରବାର ଦୃଶ୍ୟ ଦେଖାଇଲ,
ମିଷ୍ଟ ଭର୍ତ୍ସନାର ଛଳେ ଉଚ୍ଚାରି ଆବୃତି
ଦିପାଇ ଦିଆଇ କେତେ ଗତି ଶିଖାଇଲ ।
ହୋଇଛି ତେଜ ବାକ୍ୟାବଳୀ ଶ୍ରୁତିକୁ ସରିତ,
ହେଉଛି ଉତ୍କଳ ଆଜ ତହିଁ ମୁଖରିତ ।

୪

ବଙ୍ଗେ ବସି ବଙ୍ଗବାସୀ ଦେଲେ ଧନ୍ୟବାଦ
ଦୂରୁ ଦୃଷ୍ଟିଦେଇ ତୁମ୍ଭ ଭାରତ-ନେତନେ,
ଜନ ଜନ ତୁମ୍ଭ ନାମେ ଧନ୍ୟ ଧନ୍ୟ ନାଦ
ପ୍ରବେଶିଲ ଭାରତର ରାଜନିକେତନେ ।
ଭାରତ-ରାଜେନ୍ଦ୍ର ମଣି ପାଇ ସେ ସମ୍ବାଦ
ଗୁଣଭୂଷାପ୍ରାପ୍ତି ବନ୍ଦେ ପଦ ସୁସ୍ୱାର
ମଣ୍ଡି ଦେଇ ପ୍ରକାଶିଲେ ଅଖଣ୍ଡ ପ୍ରସାଦ,
କରି ରାଜା ମହାରାଜ ଦେଶ ଦରବାର ।
ଦୃଢ଼ି ଥିଲ ଥାଇ ତୁମ୍ଭେ ସଂସାର ଗହନେ,
ବ୍ରତ ଥିଲା ଉତ୍କଳର କଲ୍ୟାଣସାଧନ,
ଗାନ ତୁମ୍ଭ ଉତ୍କଳର ମାନସମୋହନେ,
ଧ୍ୟାନ ତୁମ୍ଭ ଉତ୍କଳର ଗୁଣଗାଥା ଧନ ।
ଅସମୟେ ଉତ୍କଳକୁ କଲ ଯାହା ଦୂର,
ଅସଙ୍ଗ୍ୟ ତା ଉତ୍କଳର, ରାୟ ବାହାଦୁର ।

୫

ସୂର୍ଯ୍ୟକାନ୍ତ୍ୟା ଛୁଆ ଦେଖି ବସାଇଲେ ଅଙ୍କେ,
ସାଦର ସ୍ନେହରେ ତୁମ୍ଭ ସ୍ୱର୍ଗୀୟ ମୂରତି
ବନ୍ଧୁମଣ୍ଡଳ ତାହା ଖୁଣ୍ଟି ଆଣିଲେକ
ନୟନର କଲ ତର ପିପାସା ଦୂରନ୍ତ ।
ଉତ୍କଳମାତାଙ୍କୁ ସେଥିରେ ରମ୍ୟ ପୁଷ୍ପହାର
ଦେଇଥିଲ ନନ୍ଦନୁ ତା ବନ୍ଧୁଗଣେ ଆଣି
ଦେଖାଇଲେ ସେଲ ତୁମ୍ଭ ପ୍ରୀତି-ଉପହାର
ବନ୍ଧୁଗଣଙ୍କ କରେ ଦେଇ ବୀଣାପାଣି ।
ସେହିପରି ପୁଷ୍ପ ଆଣି ବନ୍ୟାଦରଗଣ
ନିରନ୍ତର ପିଂପିଲେ ତୁମ୍ଭ ମସ୍ତକ ଉପରେ,
ରମଣୀଏ ହୋଇ ତାଙ୍କ ପ୍ରସନ୍ନବଦନ
ଗାଇଲେ ତୁମ୍ଭରି ଗୀତ ସୁମଧୁରସ୍ୱରେ ।
ରହିଲ ଅମର ରୂପେ ହୋଇ ସୁଧାପାୟୀ,
ସତ୍ୟହେଲା ବୋଲି ତୁମ୍ଭ 'ଯା ଦେଇଥିଲ ତାଇ'

# ମଧୁସୂଦନ ରାଓଙ୍କ ସ୍ୱର୍ଗାରୋହଣ

ଉତ୍କଳର ପ୍ରିୟପୁତ୍ର ହେ ମଧୁସୂଦନ,
ମର ତନୁ ତେଜି ଗଲ ଅମର ଭୁବନ ।
ରୋଗ ଯନ୍ତ୍ରଣାରେ ଲେଶେ ନ ହୋଇ କାତର
ଉତ୍କଳର ହିତ ସାଧୁଥିଲ ନିରନ୍ତର ।
ଭ୍ରମାଇ ଉତ୍କଳେ ମନ, ଅଟେ ସେ ଧ୍ୟାନ
ଉତ୍କଳର ଘରେ ଘରେ ବାଣିଅଛି ଜ୍ଞାନ ।
ଉତ୍କଳର ଦୁଃଖସ୍ରୋତେ ନ ହୋଇ ଅଧୀର,
ଅଗ୍ନି ସାର ଅବସ୍ଥା ଦେଖିଥିଲ ଯାର !
ଶରୀରବଳକୁ ଜ୍ଞାନବଳରେ ଉତ୍କର୍ଷ,
ପ୍ରଦର୍ଶନ ପାଇଁ ଥିଲ ଉତ୍ତମ ଆଦର୍ଶ ।
ନିଜର ଦୃଷ୍ଟିସ୍ତ-ପଥ ଭୁଲିଲ ଉତ୍କଳ,
ଜାଣିଲ ଅନେକ ପଥ ବିବିଧ କୌଶଳ ।

ଜନମିଲେ ଜୀବନ ଅଛି ଅବଶ୍ୟ ମରଣ,
ଅମର ସେ ଯାଙ୍କୁ ଲୋକେ କରନ୍ତି ସ୍ମରଣ ।
କେତେ ଲୋକ ଦେଖିଛନ୍ତି ତୁମ୍ଭର ଶରୀର ?
ନାମ ତୁମ୍ଭ ପଶିଯାଇଛି ହୃଦେ ସବୁରି ।
ଏ ସମସ୍ତ କଥା ଜାଣିଥିଲେହେଁ ହୃଦୟ,
ଦୁଃଖଭରେ ଆଜି ହୋଇଯାଉଛି ଅଥୟ ।
ଦେଖି ତ ନ ଥିଲି ତୁମ୍ଭ ପବିତ୍ର ମୂରତି,
କାହିଁ ଦୁଃଖେ ହୃଦ ମୋର ହେଉଛି କାତରି?
ଶୁଣିଦେଶ ଶୁଣୁଅଛି ହାହାକାର ରବ,
ଉତ୍କଳର ସ୍ତୁତି ମୁଖ ବଶୁଛି ନୀରବ ।
ଲକ୍ଷ ଲକ୍ଷ ଲୋକ ଆଜି ବହୁ ଦୂରେ ଥାଇ,
ନୀରବରେ ବନ୍ଦୁଛନ୍ତି ତୁମ୍ଭ ଗୁଣ ଗାଇ ।
ବାଳକ ବାଳିକାବୃନ୍ଦ ହୃଦେ ଦୁଃଖ ପୋଷି
କାନ୍ଦୁଛନ୍ତି ବିଦ୍ୟାଳୟେ ତୁମ୍ଭ ଗୁଣ ଘୋଷି ।
ଗ୍ରାମେ ଗ୍ରାମେ ଶୋକକରିବେ ଶିକ୍ଷକସକଳ
ଗାଇଛନ୍ତି ଗୁଣକରି ନୟନ ସଜଳ ।
ସମ୍ବାଦପତ୍ରରେ ଶୋକ କରୁଛି ପ୍ରଚୁର
ଶୁଣୁଛି ଗମ୍ଭୀର ନାଦେ ବାଜି ଦୁଃଖସ୍ୱର ।
ହିନ୍ଦୁ ସୁହୃଦ୍‌ବର ତୁମ୍ଭେ ରାଧାନାଥଙ୍କର,
ମଣୁଥିଲ ତାଙ୍କ ପାଖ ଅତି ସୁଖକର !
ହୃଦରେ ଲଭିବା ପାଇଁ ସେହି ବନ୍ଧୁବର,
ପାଶୁରି ଚାଲିଗଲ ପରି ମର କଳେବର ।
ତୁମ୍ଭ ପାଇଁ ଫିଟିଅଛି ସ୍ୱର୍ଗର କବାଟ,
ସରଳ ସୁଗମ ହୋଇଅଛି ପୁଣି ବାଟ ।
କବିତାସକଳ ତୁମ୍ଭ ଦେବକନ୍ୟା ବେଶେ,
ନେଇଯିବେ ସମାଦର କରି ସ୍ୱର୍ଗଦେଶେ ।
ଦେଇଛ ତାହାଙ୍କୁ କବି କେତେ ଅଳଙ୍କାର,
ସେ ସୁଧା ଜ୍ୟୋତିରେ ନିଶ୍ଚେ ହେବ ଚମତ୍କାର
ଦେଇଅଛ ଜଗତକୁ ଯେତେ ଉପଦେଶ,
ସେସବୁ ଧରିବେ ତହିଁ ବିଦ୍ୟାଧର ବେଶ ।
କରିବାକୁ ତବ ଶାନ୍ତି ପ୍ରୀତି ଆକର୍ଷଣ,
ନନ୍ଦନ-କୁସୁମ ଶିରେ କରିବେ ବର୍ଷଣ,
ନିଜେ ସୁରପତି ଆସି ଧରି ତୁମ୍ଭ ହାତ
ବସାଇବେ ତହିଁ, ସଙ୍ଗୀ ହେବେ ରାଧାନାଥ ।
ଜ୍ୟୋତିର୍ମୟ ରୂପ ଧରି ଗଗନମଣ୍ଡଳେ,
ବିତରଣ କରୁଥିବ ଜ୍ୟୋତି ଏ ଉତ୍କଳେ ।

# ସ୍ୱର୍ଗୀୟା କୃଷ୍ଣକୁମାରୀ

ଧନ୍ୟା କୃଷ୍ଣକୁମାରୀ ମା' ଭାଗ୍ୟବତୀ ସତୀ,
ଭବେ ଥିଲେ ପାଇଥିଲ ମୁନିକନ୍ୟା ପତି ।
ଅବତରି ଥିଲ କି ମା' ସ୍ୱର୍ଗର ଦେବୀ,
ସ୍ୱର୍ଗୀୟ ପ୍ରେମରେ ଥିଲ ସତତେ ସେବି ।
ସୁତ ସୁତା ଦେଇ ସେହି ପ୍ରଣୟର ଫଳ
ସଂସାର-ଜଞ୍ଜାଳ କି ମା ମଣିଲ ଗରଳ !
ପତି-ହୃଦ-ଦରପଣେ ପ୍ରତିବିମ୍ବ ରଖି
ଚାଲିଗଲ ସ୍ୱର୍ଗପୁର ନିଜ ଧାମ ଲକ୍ଷି ।
ସେ ହୃଦସୁଦରପଣେ ସ୍ୱଦେଶ ନିର୍ମଳ,
ସ୍ଥାନ ପାଇଅଛି ତହିଁ ସମସ୍ତ ଉତ୍କଳ ।
ପଞ୍ଚଦଶୀ ଉପହାର କୁସୁମ-ସୌରଭେ
ଆମୋଦିତ କରୁଅଛି ଉତ୍କଳ-ଗୌରବେ ।
ପୁଣି-ଶଇଳଚୂଡ଼ ପତି ଦାମଗ୍ରଣେ,
ଆସନ ତୁମ୍ଭର ଦନ୍ତେ ସଜ୍ଜା ରାଣୀ ଆଗେ !
ଉତ୍କଳବରେଣ୍ୟ କବି ଫକୀରମୋହନ,
କହିଥିଲ ବୋଲି ତାଙ୍କ ପୀରତି ଦୋହନ,
ଧରିଥିଲ ବୋଲି ତାଙ୍କ ପୁଣ୍ୟମନ୍ତ୍ର କର,
ଆଜି ତୁମ୍ଭ ସମାଧିର କୁବନେ ଆଦର ।
ସମାଧି-ମନ୍ଦିର ତୁମ୍ଭ ସ୍ୱଜନ୍ମ ଆଳୟେ
ଦେଖୁଛନ୍ତି ପତି ପ୍ରେମ-ପ୍ଲାବିତ-ହୃଦୟେ ।

ଉତ୍କଳର ଗର୍ବ ତୁମ୍ଭ ପଣ୍ଡିତଙ୍କର ଗଣ,
ଯୁହିଁ ମୂଢ ହୋଇଗଲେ ଉତ୍କଳର ନର ।
ଚମତ୍କୃତ ହୋଇଥାନ୍ତି କରି ଦରଶନ
ଧନୀଙ୍କର ଧନରତ୍ନପୂରିତ ସଦନ;
ଯେଉଁମାନେ ଚାଇଥାନ୍ତି ତୁମ୍ଭ ପଣ୍ଡିତାର,
ଦୃଷ୍ଟି ତାଙ୍କ ହୋଇଥାଏ ଭକତି ପଥାର ।
କାଳେ ଧନ ରତ୍ନ ସବୁ ଲଭଇ ବିନାଶ,
ତୁମ୍ଭ ଚତ ଯଶ ହେବ ଅନେକେ ପ୍ରକାଶ ।

# ଫକୀରମୋହନଙ୍କ ମୃତ୍ୟୁଶଯ୍ୟା ନିକଟରେ

## ଉତ୍କଳମାତାର ରୋଦନ

ଆହା ଫକୀର ମୋର ରତ୍ନଶ୍ରୀ ଧନ,
କାହିଁ ରହିଲୁ ପଡ଼ି ମୁଦି ନୟନ,
ଆକୁଳେ ଡାକୁଅଛି ମୁଁ ତୋ ଜନନୀ,
କାହିଁ ନ ଉଠୁ ଏ ତ ନୂତନ ରଜନୀ ରେ ।
ଉଠ ମୋ ବାପ ସଦ୍‌ବଦନସ୍ମିତ ପ୍ରକାଶିତ,
ମଧୁର କଥା ପଦେ କହ ଆଶ୍ୱାସି,
ତୋ ବିନା ଆଉ କେ ବା ଅଛି ଜଗତେ,
ପ୍ରାଣତୋଷିଣୀ କଥା କହିବ ମତେ ରେ ।
ମୋ ଲାଗି ନ ଗଣୁ ତୁ ଖରା ବରଷା,
ସେ ହେଳ ତୋଠାରେ ମୋ ସବୁ ଭରସା,
ନିଶୀଥେ ଉଠିପଡୁ ଶୁଣି ମୋ ଡାକ,
ଆଜ ତୋ ମୁଖୁଁ କିଆଁ ନ ସ୍ଫୁରେ ବାକ୍ୟ ରେ ।
ନ ଗଣୁ ଦୁଃଖତାପ ମୋହର ପାଇଁ,
ନ ଗଣି ଦୂର ଯାଉ ସତ୍ୱର ଧାଇଁ,
ଆଜ ଯେ କାନ୍ଦୁଅଛି ବସି ତୋ ପାଶେ,
କାହିଁ ନ ଚାହୁଁ ବାପ, ଉଠି ସହାସେ ରେ ।
ନିତ ପ୍ରାତରେ ତୁ ଯେ ନୟନ ମୁଦୁ,
ଉଠାଇଥାଉଁ ତୋତେ ରବି ନ ଉଦୁ,
ଶୁଣାଇବାକୁ ମୋତେ ସରସ ଗାନ,
ଶିଖାଇବାକୁ ତୋର ସକଳି ଜ୍ଞାନ ରେ ।
ଦିବସେ ଧରେ ଅନ୍ତ ନୟନ ମୁଦି,
ମୋ ଦୁଃଖ ହରିବାକୁ ଲୋଡ଼ୁ ଯେ ବୁଦ୍ଧି,
ପୁଣି ନୟନ ଫେଡ଼ି କଲମ ଧରୁ,
ଆଜ କିମ୍ପାଇଁ ବାପ, ତାହା ନ କରୁ ରେ ।
ଗର୍ବେ ସ୍ୱପନ ଅବା ମୁଦି ନୟନ,
ଲୋଡ଼ୁଛୁ ମୋତେ ପାଇଁ ସୁଖ-ଅୟନ,
ତେବେ କାହିଁକି ଛାଡ଼ୁ ନାହୁଁ ନିଶ୍ୱାସ,
ଯୁହିଁକୁ ହୋଇ ଦେଉ ନାହୁଁ ଉଶ୍ୱାସ ରେ ।
ଶିଖି ଯେ ଥିଲୁ ବାପ, ଯୋଗସାଧନ,
ରୁଦ୍ଧ କି କରିଅଛୁ ପ୍ରାଣ-ପବନ,
ଏତେ ଶୀତଳ କିଆଁ ତୋ ଅଙ୍ଗଘନ,
ସ୍ୱତେ କି ଛାଡ଼ିଗଲୁ ଜୀବନ ଧନ ରେ ।
ଏରୂପେ ବୃଥା ମୁଁ ଗଣିଲି ତ କାହିଁ,
କେତେ ଡାକିଲି ଥରେ ଶୁଣିଲେ ନାହିଁ,
ତୁ ଏବେ ମୋ ଡାକକୁ ହେଲୁ ବଧିର,
କିଏ ପୋଛିବ ମୋର ନୟନନୀର ରେ ।
କୋଟିଏ ବଢ଼ାଇ ଜନି କୁମର ମଣି
ନିଜକୁ ଥିଲି ଭାଗ୍ୟଶାଳିନୀ ମଣି,
ମନରେ କରୁଥିଲି କେତେ ଗରବ,
ଦଇବ ହରିନେଲା ଆଜ ସରବ ରେ ।
ଶେଷେ ତୁ ଶୂନ୍ୟ କରି ଜନନୀକୋଳ,
ହୃଦେ ଉଠାଇଦେଲୁ ଶୋକକଲ୍ଲୋଳ,
କୋଟିଏ ସୁତ ମଧ୍ୟେ ଗୋଟିଏ କାହିଁ,
ଦେଖୁ ତ ନାହିଁ ଶାନ୍ତି ଲଭିବା ପାଇଁ ରେ ।

ମୋ ସୁଧୀ ମଧୁ ଗଲେ ଯେଉଁ ସ୍ୱଦେଶ,
ଦେଖିଲ ତ ନାହିଁ ଆଜଯାଏ ସନ୍ଦେଶ,
ତୁହି କି ସେଥି ଦେଖଣ ଗଲୁ ରେ ଚାଲି,
ପାରିଲୁ ନାହିଁ ତୋର ମଥ ଓଗାଳି ରେ ।
ତାଙ୍କ ସ୍ୱଦେଶ ଦର୍ଶେ ହେଲେ ନମ ପ୍ରାଣ,
କରୁ ଯେ ଶୋକସ୍ୱର ସଙ୍ଗୀତ ଗାନ,
ସେ ପୋଥି ଦେଖନ୍ତଲୁ କାହାର ହସ୍ତେ,
କିଏ ଗାଇବ ତୁମ୍ଭ ଗାଥା ସେମନ୍ତେ ରେ ।
ଯେତିକି ହେଉଥିଲା ତୋର ବୟସ,
ତେତିକି ହେଉଥିଲା ଗାନ ସରସ,
ତୋ ପରି ଜ୍ଞାନସିଦ୍ଧ କୁମର ଥାଉ,
ଦେଖିବି ନାହିଁ ବାପ, ଲିଭିବା ଥାଉ ରେ ।
ଆଶା ରେ ଜନ୍ମାନ୍ଧ ମହାଭାରତ,
ଆଜ ତା' ପୋଥି ଅଛି ଘରେ ଘର ତ, :

ତାଅ ରେ ପୁଏ କରି ସମୁଚ୍ଚ ରବ,
କମ୍ପିତ ହେବ ଅବା ଶୋକ ଖରବ ରେ ।
ତା ନାମ ଲେଖ ମୋର ସର୍ବ ଅଙ୍ଗରେ,
ଅକ୍ଷର ଖୋଳି ଭରୁ ଧବ୍ୟ ରଙ୍ଗରେ,
ତେବେ ବା ଦୁଃଖ ମୋ ଜୀବନ-ବାଧ,
ତା ପରେ କରୁ ଆଉ ଏକ ଉପାୟ ରେ ।
ତା ନାମାବଳୀ ଦ୍ରବ୍ୟରେ ବସନ
ଲେଖି ଘୋଡ଼ାଇବଅ ମୋ ଅପଘନେ,
ସେ ବାଟେ ଗୋଟି ମୋର ନୟନବାରି,
ତହିଁ ବା ହେବ ଶୋକଶିଖା ନିବାରି ରେ ।
ତା ତନୁ ଭସ୍ମ ଆଣି ବୋଳ ମୋ ଅଙ୍ଗେ,
ତା ପ୍ରତିରୂପ ଦିଅ ମୋର ଉତ୍ସଙ୍ଗେ,
ଲୋତକ ପୋଛି ପୋଛି ତା ମୁହିଁ ଚୁମି,
ଜୀବନ କଟାଇବି ତା' ଗୁଣ ଗାଇ ରେ ।

# ମଳୟ ଆବାହନ

ଧୀରେ ଧୀରେ ଆସ ମଳୟ ପବନ
ଧୀରେ ଧୀରେ ଆସ ବହି,
ପୁଲକିତ କରି ଉତ୍କଳବାସୀଙ୍କି
ଶୁଭ ସମାଗମ କହି ।
ସ୍ୱାଗତ କରନ୍ତି ଉପହାର ଯେଣ
ଆମ୍ବ ବଉଳର କଷି,
ଉଦାର ହୃଦୟେ ଗ୍ରହଣ କର ତା
ମୃଦୁ ହିଲ୍ଲୋଳରେ ହସି ।
ସାଧୁ ସମୀପରେ ଉତ୍କର୍ଷ ଲଭଇ
ବକ୍ଷିପତ୍ରି ଉପହାର,
ତୁମ୍ଭ କରେ ପଡ଼ି ନିଶ୍ଚୟ ନିଶ୍ଚୟ
ଶ୍ରୀବୃଦ୍ଧି ହେବ ଏହାର ।
ଚମ୍ପକକୁଳ୍ମୀ କଳିକ ସମ୍ଭ୍ରମ ପଶ୍ଚାତ
ମକରନ୍ଦ ଆସବନ ବସ,
ଶେଫାଳିକା ଲତେ ସ୍ନାନ କରି ପାନ-
କରି ସ୍ୱର୍ଣ୍ଣରେଖା ରସ ।

ମହାବାଦ୍ୟ କରିବ ତର୍ପଣ କରିବ
ବିହରିବ ବନେ ବନେ,
ନୃସିଂହନାଥର ପ୍ରପାତ ଗର୍ଜନ
ଶୁଣି ମୁଗ୍ଧ ହେବ କ୍ଷଣେ ।
ତୁମ୍ଭ ଗଲୁ ଦିନୁ କେତେ ସ୍ୱପ୍ନେଁୟ
ଘଟିଅଛି ଏ ଭୁବନେ,
ଶୁଣ ବନ୍ଧୁ ଆଜି ତୁମ୍ଭଙ୍କୁ କହିବା
ପାଇଁ ରଖିଅଛି ମନେ ।
ବନ୍ଧୁ ନିକଟରେ ମନକଥା ସବୁ
କହିବାରୁ ଲଭେ ସୁଖ,
ବସନ୍ତ ନିକଟେ ତହିଁପାଇଁ ପିକା
ପିକ ଦୁଏ ବାବଦୂକ ।
ଚୂତ ବଉଳାଇ ରସାଳ ଫଳାଇ
ପଶୁଉଥିବ ଥା ଭଲ,
ପ୍ରଚଣ୍ଡ ପବନ ନଷ୍ଟ କରିଦେଲା
ଯାହୁଛୁଡ଼ି ସେ ସକଳ ।

ଯେତେବେଳେ ଯେତେ ଫୁଲ  ବିକଶାଇଥିଲ
ପଲ୍ଲବାଇଥିଲ ତରୁ,
ଫୁଲସବୁ ଗଲା  ତେଜି ତରୁ ସଙ୍ଗିନୀ
ଉପୁଡ଼ିଲା ତେଜ ମୂଳକୁ ।
ତୁମ୍ଭ ସମସ୍ତରେ  ଦେଉଥିଲେ ଯେଉଁ
ଭ୍ରମର ମଧୁର କର,
ତୁମ୍ଭ ଗଲା ଦିନୁ  ଦିନୁ ଦିନ ହେଲା
ସେ କର ପ୍ରଖରତର ।

ଏତେ ପ୍ରଚଣ୍ଡ  ହେଲା ସେ ତହିଁରେ
ଜୀବନ ହେଲା ଅସ୍ଥିର,
ଦେହ ରକ୍ତ ପାଣି-  ସ୍ୱରୂପେ ବହିଲା
ଶୁଖିଲା ବଳ ଅସ୍ଥିର ।
କେତେବେଳେ ବାୟୁ  କଷ୍ଟରେ ନ ବହି
ପ୍ରାଣ କରେ କଲବଲ,
ତୁମ୍ଭଙ୍କୁ ସ୍ମରଣ  କଲୁ ସେତେବେଳେ
ଜୀବନଧାରୀ ସକଳ ।

କେତେବେ ସ୍ୱପନେ ଚନ୍ଦ୍ର  ତାରା ନ ଦିଶିଲେ
ଦିନେ ହେଲା ଅନ୍ଧକାର,
ଶୂନ୍ୟ ହେଲା ଘୋର  ନିନାଦ, ଶୂନ୍ୟରୁ
ଖସିଲା ସଲିଳଧାର ।
ଯେଉଁ ଶରତକୁ  ଦେଖୁଅଛ ଏବେ
ନିର୍ମଳ, ମୃଦୁଗାମିନୀ,
ଭୟଙ୍କର ବେଗେ  ଧାଇଁଥିଲେ ହୋଇ
ଆବିଳ, କୂଳପ୍ଲାବିନୀ ।

ଯେତେ ଆବର୍ଜନା  ଥିଲା ଅବନୀରେ
କରି ଅଙ୍ଗ ଅଳଙ୍କାର,
ପ୍ରଚଣ୍ଡ ଉପଳ  ଶିରେ ନାଚୁଥିଲେ
ଭୀଷଣ କରି ଚିତ୍କାର ।
ଏଣୁ ନଦୀ-ବାଲି  ଗ୍ରୀଷ୍ମ ମଧ୍ୟାହ୍ନରେ
ହୋଇଥିଲେ ଅଗ୍ନିକଣା,
ଶୀତସ୍ପର୍ଶେ ପୁଣି  ... ...ହେଲେ-ହିମସର
କନକସ୍ୱରୂପେ ଗଣା ।

ହେମନ୍ତ ପ୍ରଚଣ୍ଡ  ଗ୍ରୀଷ୍ମ ହୋଇଥିଲା
ତହିଁ ବଳିଗଲା ଶୀତ,
ନିଜେ ବିଶ୍ୱାବସୁ  ଅନଳ କୋଣକୁ
ପଳାଇଗଲେ ହୋଇ ଭୀତ ।
ଯେଉଁ ଦେହେ ଆର୍ଦ୍ର  ବାସ ଛାଡୁଥିଲୁ
ଭାପରେ ହୋଇ କାତର,
ସେହି ଦେହେ ପୁଣି  କମ୍ବଳ ଦେଲାଇ
ଢାଙ୍କିବାଃ ନ ହେଲା ତର ;

ଶୀତ ସମ୍ମିଳିତ  ସୁଧାକର-କର
ବୋଧହେଲା ବିଷ ପ୍ରାୟେ,
ନାରିକେଳଜଳେ  କର୍ପୂର ମିଶିଲେ
ଯଥା ବିଷ ହୋଇଥାଏ ।
ଅବଶ୍ୟ ସେ କାଳେ  ପାଇଅଛୁଁ ଫୁଲ
ଫଳ କେତେ ପରକାର,
କିନ୍ତୁ ଯେତେ ଯେତେ  କ୍ଳେଶ ପାଇଅଛୁଁ
ହୃଦେ ରହିଅଛି ଗାର ।

ଖଣ୍ଡାବେଳେ ଶୀତ  ବର୍ଷା ବାହ୍ନା କରୁ
ଆଦି ସେ ବରଷା ଶୀତ,
ହେମନ୍ତ ଟୁଟାଇ  ଦେଖାଇଲେ ତହିଁ
ଝଡ଼ ହିଁ ହେଲ ବାରିତ ।
ଆଜି ସେ ସମସ୍ତ  ହୋଇଛନ୍ତି ଗତ
ପୁଣି ତୁମ୍ଭ ଆଗମନ,
ଆସ ବନ୍ଧୁବର,  ଦୁଃଖୁ ଫିଟାଇ
କର ସୁଖ ବିତରଣ ।

ଅନେକ ପାଦପ  ଚନ୍ଦନ ହୁଅନ୍ତି
ଲଭି ତୁମ୍ଭ ଦରଶନେ,
ଆମ୍ଭ ଦେଶ ତରୁ-  ସକଳ ତହିଁରୁ
ବଞ୍ଚିତ କେଉଁ ଦୋଷରେ ?
ଚନ୍ଦନ ନ ହେଲେ  ତୁମ୍ଭରୁ ପାଦପ
ହୁଅନ୍ତି ତ କୁସୁମିତ,
ବନ ଉପବନ  ତୁମ୍ଭ ଆଗମନେ
ହୋଇଥାନ୍ତି ଆମୋଦିତ ।

ସରୁର ପିଠାଅ    ପଦ୍ମ ପଣସମଳ
ମଲ୍ଲିକା ମଧୁର ବାସ,
ଝଅ ଝଅ ଜ୍ୟୋତି—    ପ୍ରକାଶିଆ ବର୍ଷୀ
ମ୍ଳାନ ହେବ ବେଗେ ନାଶ ।
ଘ୍ରାଣପ୍ରମୋଦନ    ଗନ୍ଧ ପ୍ରଦାନରେ
ବିଳମ୍ବ ନ କର ଆଉ,
ଦେଇ ପ୍ରେମାଞ୍ଜନ    ପ୍ରେମେ ଆଲିଙ୍ଗନ
କର ହେ ପ୍ରସାରି ବାହୁ ।
ଶସ୍ୟଦାଅ ଗଣ    କେଦାରେ କେଦାରେ
ଖାଇ 'ଦେଉଡ଼ାଇ'*ମାନେ,
ଦଳ ଦଳ ଉଡ଼ି    ଗଗନେ ମାଡ଼ିବେ
ଭୁଲ୍ଲର ବିଜୟ-ଗାନେ ।
ଚଳେ ଗ୍ରାମେ ଗ୍ରାମେ    ବାଳକମଣ୍ଡଳ
ମୁଦେ ହୋଇ ଉଦେଳିତ,
ଉଚ୍ଚେ ଡାକ ଡାକ    ଟାଅ ଟାଅ ବୋଲି
କରୁଥିବେ ଉତ୍ତେଜିତ ।
କେଉଁ ଦୂର ଦେଶେ    ଏତେ ଦିନ ଯାଇ
ଥିଲ କହ ବନ୍ଧୁବର,
ଦୁଅଇ କ ସେଣ୍ଟି    ଦେଶେ ସେହିପର
ଆତପ ଝଡ଼ ବାଦର ।
ପିଠାଇବ କି ନା    ରସାଳ ଭଣ୍ଡାର
ଆଣିଛ ନା ଏ ବରଷ,
ଦେଇ ଅନୁକୂଳ-    ଉତ୍ତର, ସତ୍ୱର
ବଢ଼ାଅ ଆମ୍ଭ ହରଷ ।

# ମାତୃଭୂମି

ସେ କାଳେ ବାଳକ    ବୁଲି ଯାଇପାରେ
ପଡ଼ୋଶିମାନଙ୍କ ଘର,
ସେ କାଳେ ଜାଣଇ    ଅନ୍ୟ ଘରସବୁ
ତା ସଙ୍ଗୀ ବାଳକଙ୍କର ।
ପରେ ସେତେବେଳେ    ଆପଣା ପଡ଼ାରୁ
ଅନ୍ୟ ପଡ଼ା ବୁଲିଯାଏ,
ସେହି ସମୟରେ    ପଡ଼ୋଶୀ ପଡ଼ାଙ୍କୁ
ଆପଣାର ମଣିଥାଏ ।
ଅନ୍ୟ ଗ୍ରାମେ ପୁଣି    ଯାଏ ଯେବେ ନିଜ
ଗ୍ରାମରୁ ହୋଇ ବାହାର,
ସେ କାଳେ ଜାଣଇ    ନିଜ ଘର ସହିଁ
ସେ ଗ୍ରାମ ଅଟେ ତାହାର ।
ଆପଣା ଗ୍ରାମର    ନଦୀ ପୁଷ୍କରିଣୀ
ବଟିରୁ ଆଦି ସକଳ,
ଆପଣାର ବୋଲି    କହେ; ପୁଣି ସେହି-
ସବୁକୁ ମଣଇ ଭଲ ।
ବଡ଼ ହୋଇ ଯେବେ    କରି ପାଇପାରେ
ଅନ୍ୟ ରାଜ୍ୟ ବିଚରଣ,
ବଖାଣଇ ତହିଁ    ନିଜ ରାଜା, ରାଜ୍ୟ-
ଲୋକଙ୍କର ଶ୍ରେଷ୍ଠପଣ ।
ହାତୀ ଘୋଡ଼ାଠାରୁ    ଛେଳି ମେଣ୍ଢାଯାଏ
ସବୁ ତା ରାଜ୍ୟର ଭଲ,
ସକଳ ସୁନ୍ଦର    ଆକର ତାହାର
ରାଜ୍ୟଟି ଅଟେ କେବଳ ।
ତହୁଁ ବଡ଼ ହୋଇ    ଯାଇଥାଏ ଯେବେ
କେହି କେବେ ଦେଶାନ୍ତର,
ସ୍ୱର୍ଗରୁ ଅଧିକ    ବୋଲି ବୁଝଇ ତେବେ
ଯେଉଁ ଦେଶେ ତା'ର ଘର ।

* ଦେଉଡ଼ାଇ—ଟେଣ୍ଟାଳିଆ ।

ଜ୍ଞାନ ବଳେ ଯେବେ ଜାଣେ ସମସ୍ତଙ୍କ
ଜନକ ଜଗତପତି,
ସହୋଦର ଜ୍ଞାନ କରେ ଅବନୀର
ମାନବସମାଜ ପ୍ରତି ।
ତେବେ ସେ ଜାଣଇ ଯେ କରଇ ସେତେ
ଲୋକଙ୍କର ଉପକାର,
ବିଶ୍ୱପତିଙ୍କର ବିଶ୍ୱପ୍ରେମ ଅଟେ
ସେ ତେତେ ଯୋଗ୍ୟ କୁମାର ।

ଏଣୁ ତୁମେ ଗ୍ରାମ- କଥା, ରାଜ୍ୟକଥା,
ଦେଶକଥା, ବିଶ୍ୱକଥା
ମାନବ-ଗଉରବେ ପ୍ରଣତ ହେବାର
ଦର୍ଶିଛ ଧ୍ରୁଏ ସର୍ବଥା ।
ମାତୃଭୂମି ମାତୃ— ଭାଷାରେ ମମତା
ଯା ହୃଦେ ଜନମି ନାହିଁ,
ତାଙ୍କୁ ଯେବେ ଜ୍ଞାନ- ଗଣରେ ଗଣିବା
ଅଜ୍ଞାନ ରହିବେ କାହିଁ ?

# ଗୌରୀଶଙ୍କର

## ବା

## ଏଭରେଷ୍ଟ

ପ୍ରାଂଶୁ[1] ରୁଦ୍ର[2] ବ୍ୟୋମକେଶ ଗିରୀଶ[3] ଶଙ୍କର[4]
ସ୍ୱର୍ଣ୍ଣଘନ କନକମାଳେ ମଣ୍ଡିତ ମସ୍ତକ,
ଉଡୁଧୀଶ ଆହା ତହିଁ କେଡ଼େ ମନୋହର,
ବିଦ୍ୟୁଜ୍ଜିହ୍ୱ ନାଗମାଳ[5] ଭୁଜ ବେଷ୍ଟିବନ୍ଧକ ।
ତୁଷାର ବିଭୂତିମୟ ଶୁଭ୍ର କଳେବର,
ପାଦପ[6] ସୁଷମା ସହିଁ ଶିର ଆଲମ୍ବିତ,
ଧ୍ୟାନମଗ୍ନ ଗୋବାହନ[7] ସଦା ଦିଗମ୍ବର,
ନିର୍ଜନେ ନିସ୍ତବ୍ଧେ ହୋଇଅଛ ବିରାଜିତ ।
ବସି ତୁମ୍ଭ ପାଦତଳେ ମୁନୀନ୍ଦ୍ରମଣ୍ଡଳ
ଲଭୁଛନ୍ତି ବସ୍ତୁ ଦେଇ ଅମୃତର କଣା,
ମୁଗ୍ଧ ହୋଇଥାନ୍ତି ଶୁଣି ତବ ଅବିରଳ
ଦୂରଭେଦୀ ମେଘମନ୍ଦ୍ର ଡମରୁ[8] ବାଜଣା ।
ସୁଖକର ମଣିଅଛ ଶୁଶ୍ରୂଷା ଅଳସ,
ଜୟ ଶମ୍ଭୁ ଭୋଳାନାଥ ଜୟ ମୃତ୍ୟୁଞ୍ଜୟ ।

# ପ୍ରଧାନ ପାଠ

ଆହା ହେ ପ୍ରଧାନପାଠ ନେତ୍ର-ପ୍ରୀତିକର,
ଭାବୁକର ଭାବନାର ହୃଦୟରଞ୍ଜନ,
ଶିଶିରବିଧୂତ ଶୁଭ୍ର-ସ୍ୱଚ୍ଛ-ସ୍ୱର,
ଆତପତାପିତ-ତନୁ-ତାପ-ବିଭଞ୍ଜନ ।

୧ । ପ୍ରାଂଶୁ—ଲମ୍ବା । ୨ । ରୁଦ୍ର—ଭୟଙ୍କର । ୩ । ଗିରୀଶ—ପର୍ବତଶ୍ରେଷ୍ଠ ।
୪ । ଶଙ୍କର—ଶାନ୍ତିକର । ୫ । ନାଗମାଳ—ମେଘମାଳ । ୬ । ପାଦପ—ପର୍ବତଜାତ ।
୭ । ଗୋବାହନ—ବୃଷଭ ଉପରେ ସ୍ଥିତ । ୮ । ଡମରୁ—ଚମତ୍କାର ।

ସମୁଚ୍ଚ ଶିଖରୁ ଲମ୍ଫ ଦେଇ ବାରମ୍ବାର
ସୁରମ୍ୟ ଶ୍ୱେତିମ ଫେନ କୋଳେ ହୁଏ ପ୍ରପତିତ,
ସଦାଶିବ ଶିରୁ ଯେସନେ ଜାହ୍ନବୀର ଧାର
ହେଉଅଛି ତାଣ୍ଡବାନ୍ତେ ଭୁବନେ ପତିତ ।
ସ୍ୱବର୍ଣ୍ଣ ହେଉଅଛି ଦେଖ ଶୀକରନିକର,
ଦୃଷ୍ଟି ହେଉଅଛି ଯେସନେ ମୌକ୍ତିକପଟଳ,
ମଧୁର ନିନାଦକର ଗ୍ଲାନଗ୍ଲାନିହର,
ଦେଖିଦେଲେ ମନପ୍ରାଣ ହୁଏ ସୁଶୀତଳ ।
ଶୁଭ୍ର କର କୁଣ୍ଡ ଫେନ ବୁଦ୍‌ବୁଦନିବହେ
ସୁବିମଳ ସ୍ରୋତ ହୋଇ ବନଗର୍ଭେ ବହେ ।

# ବୁଢ଼ାରଜା

ଦେଖିଲ କଣ୍ଟ-ଶିରେ ବଙ୍କେ ବୁଢ଼ାରଜା,
ସବାଧ କୁସୁମଗୁଞ୍ଜେ ମନ୍ତ୍ରି ଅଚପଳ,
କୋଳରୁ ସୀମନ୍ତିନୀଙ୍କର ଶୃଙ୍ଗି ନୃତ୍ୟମଜା
ତନୁ ପ୍ରେମ ତୁଳିକାରେ ନଚାଇଛ ମନ ।
ନିତି ନିତି ରେଲ ଆସି ଛାଡ଼ୁଅଛି ଗାଡ଼ି
ବଜାଇ ବାଜଣା ଉଚ୍ଚ ହୋଇ ସିଂହଦ୍ୱାରେ,
ରଞ୍ଜିଛି ମାନବ ତୁମ୍ଭ ରମ୍ୟ ଶଙ୍ଖ ନାଦେ,
ନାଦସ୍ରୋତ ସଙ୍ଗେ ଯାଇ ହୃଦୟ-କେଦାରେ ।
ଦେଖିନେଲ ପ୍ରଥମରେ ଜଗଦୀଶଙ୍କ ଲୀଳା,
ସମ୍ବଳ ମର୍ହଟ୍ଟାଙ୍କର ଦୁର୍ଗ ତନଚୟ,
ଦେଖିଲ ସୁନ୍ଦର ଯୋଗେ ଉଚ୍ଚ କାନ୍ତି ଚଳାଳ,
ଦେଖୁଅଛ ଇଂରେଜଙ୍କ ରମ୍ୟ ଅଭ୍ୟୁଦୟ ।
ମାତ୍ର ବସିଅଛ ମହା ମହା ସିଂହାସନ,
ତୁମ୍ଭ ଅଭିଷେକ କରେ ଜୀମୂତବାହନ ।

# ପାପହର

ଏହି ସେହି ସୁପବିତ୍ର ପାପହର ଘାଟ,
ଗଜପତିଙ୍କର ସନ୍ଧି ହେଲା ଯାହଠାରୁ,
ନିସ୍ତାରକ ହୋଇଗଲା ସ୍ୱଦେଶର ବାଟ,
ମହାବ୍ୟାଧି ମୁକ୍ତ ରାଜା ହେଲେ ନିରାମୟ ।
ବହୁଛି ନିର୍ମଳ ଜଳ ତଟର ନିକଟ,
ଦେଖିଲି ମାଗଳ ଲୋକଙ୍କେନିଷ୍ଟ ପାପହରେ,
ନିମଜ୍ଜିତ ହେଲେ ସୁଖ ଶାନ୍ତି ଲଭେ ଘଟ
ପବିତ୍ର ପ୍ରସାଦବତୀ ଜୀବନରେ ଭରେ ।
କରିଛନ୍ତି ତୃଣଲତା ପାଷାଣ-ସୋପାନ
ଶିବାଧାଶି*ଶିବାଧାଶି-ପଦାବ୍ଜ-ଭ୍ରମର,
ବସିଥିଲେ ବଦରିକା ଆଶ୍ରମରେ ତ୍ରାଣ,
ନାମ ତାଙ୍କ ଏହିଠାରେ ହୋଇଛି ଅମର
ଶୁଣିଥିଲ ଉଚ୍ଚ-ବଟ-ଛାୟା ମନୋରମ,
ମନ୍ଦ ଗନ୍ଧବହ ସହ ଦୂର କରେ ଶ୍ରମ ।

* ଶିବାଧାଶି ମେହେର ନାମକ ଜଣେ ମହାଜନ । ସେ ସୋନପୁର ଗଡ଼ଜାତ ଅନ୍ତର୍ଗତ ବିନିକାରେ ବାସ କରୁଥିଲେ । ପଞ୍ଚଦଶବର୍ଷରେ ବୈରାଗୀ ହୋଇ ବଦରିକାଶ୍ରମରେ ପ୍ରାଣତ୍ୟାଗ କରିଥିଲେ ।

# ବାଳ ପାଦପ

[illegible]

କି କୋମଳ ମନୋହର ଶାଦ୍‌ବଳ ଉଜ୍ଜ୍ୱଳ,
ମଧୁମାଧବକାଳ-ଶୋଭା ବାଳ ତରୁମାନ,
ଅଙ୍କୁରିତ କିଶଳୟ ବର୍ତ୍ତୁଳ ସରଳ
ଧରଣୀ ଦରହାସାଙ୍କିତ ଅଧର ସମାନ ।
ନବୀନ ମଞ୍ଜରୀ ଧରେ ସୌରଭ-ବକୁଳ,
ଉଦ୍‌ଗତ ମକରନ୍ଦ ବିକସ୍ୱ ବହନ୍ତି,
ସିକ୍ତ କରଇ ମାନସକୁ ସ୍ନିଗ୍ଧ ମୃଦୁ ଜଳ,
ଲଭିଲେ ନବନ ରଙ୍ଗ ନନ୍ଦନ କାରଣ ।
ଦୋଳୁଥିଲେ ପବନରେ ଧରି ଫୁଲଫଳ,
ଶୋଭା-ସିକ୍ତ ବୃନ୍ତ କୋଳେ ଲଭି ସୁନବୀନ,
ଛୁଟନ୍ତି ମଧୁପ ସବୁ ତା ଶ୍ୟାମଳ ଦଳ,
ମଧୁପସୁ କରନ୍ତି ଏ ସନ୍ତୁଷ୍ଟ ମନ ।
ଧନ୍ୟ ତାର ଶିଳ୍ପକର ଚିତ୍ତ ଉଚ୍ଚଶୀଳ,
ସୁନ୍ଦର୍ଯ୍ୟେ ଯେ ଗଢ଼ିଛି ନବୀନତୁଳ ।

# ଉଦ୍‌ବୋଧନ

ଅନୁଭବ

(ଉତ୍କଳ ସମ୍ମିଳନୀର ଏକାଦଶ ଅଧିବେଶନ ଉପଲକ୍ଷେ ରଚିତ)

ଦେଖ ବନ୍ଧୁ ହେ ଈଶ୍ୱର-ଅଭିପ୍ରାୟ,
ଜ୍ଞାନ କର୍ମ ଗଙ୍ଗା— ଯମୁନା ଧରଏ
ଭବ କରିବାକୁ ପାର ! ଘୋଷ ।

ଦୁହିଁଙ୍କର ଦୁହେଁ ସଙ୍ଗମ ତୀର୍ଥରେ
ବାନ୍ଧିବାକୁ ହୁଏ ଜାତି,
ମିଳିବ ସେ ବଳ— ଉଠିକ ବସି ଯାଆ
ବାନ୍ଧି ବଳାଇବ ଜାତି ।
ସେ ଧାର୍ଯ୍ୟସ୍ଥଳ ଉତ୍କଳଭୂମିର
ବକ୍ଷବୂରେ ଅଛି ରହି,
କୁଞ୍ଜ ଖୋଳିବାର ପ୍ରୟାସ ନ କଲେ
ଆଣି ନ ପାଇବ ବହି ।
କୁଞ୍ଜୀ ଖୋଳା ହୋଇ ନ ପାରିବ ଖାଲି
ଭୁଲ ଶୁଣି ଜଣକରେ,
ଲୋକ ଲକ୍ଷ ଲକ୍ଷ ନ ବାହିଲେ ସତ୍ୟ
ନ ମିଳିବ ଦେଶପ୍ରେମ ।
କୋଟିଏ ଦେହର ଗୋଟିଏ ଜୀବନ
ନ କରିବା ଯେତେ ଦିନ,
ଧରି ବୁହିଁ ବୁହିଁ ଶୋଚେ ଥିବା ଉଶ୍ୱ
ଦଶା ହୋଇଥିବ ହୀନ ।
ଆଜି ଏହି ଶୁଭ ସମ୍ମିଳନ ଶୁଭ
କ୍ଷଣେ କରନ୍ତୁ ପ୍ରଦାନ,
ଉତ୍କଳ-ବକ୍ଷରେ ବନ୍ଧୁତ୍ୱ ଅନ୍ତରେ
ଧର୍ମ ସଙ୍ଗେ ଆଜି ଜ୍ଞାନ ।
ଈଶ୍ୱରଙ୍କ ଶୁଭ ଆଶୀର୍ବାଦକୁ ଯେ
ଜାଣି ଜାଣି କରେ ହେଳା,
ଦୁର୍ଗତି-ଲୁଣ୍ଠିତ ଗାରବିଷ ସେ ପଡ଼ି
ଭାଙ୍ଗଇ ଜୀବନ-ଭେଳା ।

# ନବବର୍ଷ

ବର୍ଷଟିଏ ଗଲା ଉତ୍କଳ-ଜୀବନେ
ଘଟାଇ ଗଭୀର ଦୁଃଖ,
ଦୁଃଖ ଉପଶମ ପାଇଁ କରୁ ପୁଣି
ଦେଖାଇ ଦେଇଛି ସୁଖ ।
ଦେଇଛି ଯେ ଦୁଃଖ ରହିବ ତା ବକ୍ଷ-
ସ୍ଥଳରେ କଳଙ୍କ ହୋଇ,
ଶତ ଚେଷ୍ଟାକଲେ ଶତ ସ୍ରୋତଜଳେ
ନ ଯିବ ତାହା ଧୋଇ ।
ଯେ ମଧୁସୂଦନ ଉତ୍କଳସଦନ
କରୁଥିଲେ ଆଲୋକିତ,
ତାଙ୍କୁ ନେଇ ଏକ ବର୍ଷ ଅନ୍ଧବେକ
ହୋଇଗଲା କଳଙ୍କିତ ।
ଗୌରବ ମସ୍ତକ ବସାଇ ଓଡ଼ନେକ
ବୈକୁଣ୍ଠନାଥଙ୍କୁ ହରି,
ତା ପରେ ବହିର ଘୋର କଳଙ୍କର
ବୋଝଟିଏ ଗଲା ଧରି ।
ରାଧାନାଥ ମନ ବଇକୁଣ୍ଠ ଧନ
ହୋଇ କରି ସମ୍ଭୂତ,
ଉତ୍କଳର ବଳ- ବର୍ଦ୍ଧନ ସମ୍ବଳ
ଥିଲା ଯଥା ଶ୍ରେଣୀ ଭୂତ ।
ଗଲେ ସେ ସକଳେ ଥୋଇ ଏ ଉତ୍କଳେ
ଜୀବନର ଚିତ୍ରସ୍ତମ୍ଭ,
ଦର୍ପଣ ଦୋଷରୁ ସଦାଚାର ତରୁ
କେବେ କାହିଁ ହେବ ଲମ୍ବ ।
ଦେଇଅଛି ହର୍ଷ ମଧ୍ୟରେ ଏ ବର୍ଷ
ସତ୍ୟବାଦୀ ବିଦ୍ୟାଳୟ,
ନବ ସମ୍ପାଦନେ ଉତ୍କଳର ପ୍ରାଣେ
ହେଲା ନବ ବଳୋଦୟ ।
ଯେଉଁ ଗଙ୍ଗବଂଶ ଉତ୍କଳରେ ଯଶ
ରଟିଗଲା ବିଦ୍ୟାବଳେ,
ତାଙ୍କ ବଂଶଧର ଶ୍ରୀ ଦିବ୍ୟଶଙ୍କର
ଆରୋହିଲେ ବିଦ୍ୟାଚଳ ।
ବହି ନବ ଆଶା ଜନମିଛି 'ଆଶା'
'ଉତ୍କଳ ସେବକ' ସଙ୍ଗ,
ସାହିତ୍ୟ ସମାଜ ଚେତିଅଛି ରଜ
ସାହାଯ୍ୟେ ମରଣ-ଭୟ ।
କରୁଣାବାରିଧି ରାଜପ୍ରତିନିଧି
ଦୁର୍ଦ୍ଦଶା କଟିବେ ବୋଲି,
ଉତ୍କଳକୁ ବିଜେ କରି ଦେଲେ ନିଜେ
ଆଶ୍ୱାସ-ବଚନ ବୋଲି ।
ଉତ୍କଳ ଭବନ ନେତା ବିଚକ୍ଷଣ
ଶ୍ରୀ ମଧୁସୂଦନ ଦାସ,
ନିଜ ପରିବାର ଗୁଳନ୍ଦର ଘର
ନେଲେ ଚେତ ଅନ୍ତର୍ଦ୍ଧାନ ।*
ଏସ ଆସ ନବ ସମ୍ବତ୍ସର ତବ
ସମ୍ମୁରେ ଅଭିବାଦନ,
ହରି ଦୁଃଖଭାର ଉତ୍କଳ ପ୍ରଜାର
କର ମଙ୍ଗଳସାଧନ ।
ନବ ନବ ବଳ ସୃଜବା କେବଳ
ଅଟଇ କାଳର ବିଧି,
ହେ ଶୁଭ ସମୟ ହେଉ ସତ୍ୟମୟ
ତୋର ସନାତନ ବିଧି ।
ଉତ୍କଳବାସୀଏ ଉତ୍କଳଭାଷୀଏ
ଯହିଁ ତହିଁ ଚେଷ୍ଟେ ଥାଅ,
ନବ ଉତ୍ସାହରେ ନବୀନ ସ୍ୱରରେ
ନବୀନ ସଙ୍ଗୀତ ଗାଅ ।
କୋଟିଏ କଣ୍ଠରେ ଗୋଟିଏ ସ୍ୱରର
ଉଠିଲେ ସ୍ତବ ସଙ୍ଗୀତ,
କି ଜଗଦୀଶ୍ୱର କି ରାଜରାଜେଶ୍ୱର
ନିଃସନ୍ଦେହ ହେବେ ପ୍ରୀତ ।

* ସନ ୧୯୧୪ ଖ୍ରୀଷ୍ଟାବ୍ଦ ।

କର୍ମକ୍ଷେତ୍ର ମଧ୍ୟ— ମଣ୍ଡଳରେ ରହି-
ଅଛୁ ବହୁ ଯେତେକ ବସ୍ତୁ,
କର୍ମେ ଅଗ୍ରସର ହୁଅ ହେ ସତ୍ୱର
ତାହା ସବୁ ହେବ ନଷ୍ଟ ।
କର୍ମୀ ଅନୁକୂଳ ଆଜ ରାଜକୁଳ
କର୍ମ ଅନୁସାରେ ବର
ଦେବାକୁ ତତ୍ପର ସଦା ନ୍ୟାୟପର
ସମ୍ରାଟ ଭାରତେଶ୍ୱର ।

## ପ୍ରେତର ଅନୁତାପ

ପ୍ରେତ ହୋଇଲି ମୋର ନାମେ ମୋ ପଲଙ୍କ
ନେଲେ କୁଳପୁରୋହିତ,
ମୋ ନାମରେ ଧନ ନେଇ ଖାଇ ତହିଁ
ନିଶ୍ଚିନ୍ତ ହେଲେ ନିଦ୍ରିତ ।
ମୋ ଶାସ୍ତ୍ର ପୁସ୍ତକ ନେଇ ନ ପଢ଼ିଲେ
ପ୍ରକଟ ନ କଲେ ନାମ,
ମୋହର ନାମେ ସେବେ ଦାନ କଲେ ନାହିଁ
ନେଇ ମୋର ଭୂମି ଗ୍ରାମ ।
ବଢ଼ିଲି ତାଙ୍କର ପରିବାର ମୋର
ଦ୍ରବ୍ୟ ଲଗାଇଲେ ବାଦ,
ମୋ ପୁତ୍ରଙ୍କୁ ପୁଣି ଭଣ୍ଡିଲେ ସତତ
ଦେଇ ଭଣ୍ଡ ଆଶୀର୍ବାଦ ।
ମାନବେ ତାହାଙ୍କ ଭରିଲି ମୋ ପୁତ୍ର
ପଣ୍ଡାଙ୍କ ଧନରେ ଲୋଭ,
ଶୀଘ୍ର ହସ୍ତଗତ ହେଉ ନାହିଁ ବୋଲି
କରୁଛନ୍ତି ବେଜତେ କ୍ଷୋଭ ।
ମୋର ପିତା ମୁହିଁ ସେହିପର ଦେଇ
ଠକିଲୁଁ ନିଜେ ସେ ଘାତଣ,
ସେହି ଆଚରଣ ଥୋଇଅଛିଲି ଯା
ମୋହର ପୁତ୍ର ସକାରଣ ।
ମୋହ ଧନ ଖାଇ ପୁରୋହିତ ଯେତେ
କରୁଛନ୍ତି ଅପକର୍ମ,
ସେହି କର୍ମଦୋଷ- ଭାଗୀ କରି ମୋତେ
ଦଣ୍ଡୁଅଛି ଏଣେ ଯମ ।

## ଉଦ୍‌ବୋଧନ

ନବ ବର୍ଷେ ଆଜ ନବୀନ ପ୍ରଭାତେ
ନବ ଭାଗ୍ୟ-ରବି ନବ ତେଜେ ଭାତେ ।
ନବ ସମ୍ରାଟଙ୍କ ନବୀନ ରଚନ
କରିଅଛି ନବ ପ୍ରଦେଶ ଗଠନ ।
ଉତ୍କଳ ଜୀବନେ ପଶି ନବ ବଳ
ନବ ଆଶା-ପଥ କରୁଛି ଉଜ୍ଜ୍ୱଳ ।
ବାରିଷ୍ଟର ପଦେ ଉତ୍କଳ-ନନ୍ଦନ
ସେପରି ମାତୃପଦେ କରୁଛି ବନ୍ଦନ ।
ଚୌଦିଗରେ ଶୁଭୁଛି ଉଠ ଜାଗ ଜାଗ,
ଅଙ୍ଗୀକୃତ ନିଜ କର୍ମେ ଲାଗ ଲାଗ ।
କର୍ମ-ବାତ୍ୟାରଥ ଧାଇଁ ଶଙ୍ଖ ସ୍ୱନ
ଆସି ଏବେ ଲଭିଗଲଣି ସ୍ପନ୍ଦନ ।
ଚଢ଼ିବା ସମୟ ହେଲଣି ନିକଟ,
ଶୋଇପଡ଼ିଅଛ ନ କରି ଚିକଟ ?
ଦେଖୁଛି ସମ୍ମୁଖେ କେମନ୍ତ ଉତ୍ସବରେ
ଚଢ଼ି ଯାଉଛନ୍ତି ପରିବେଶ ବେଗେ ।

ଗୃହେଁ ଥିବ ଯେବେ ଦୁର୍ଦ୍ଦଶ୍ୟ ହୋଇ କାବା,
ବୃକ୍ଷତଳେ ବସିଲେ ମରୁଥିବ ବାବା !
ଯହିଁ ପାଇଁ ଏତେ ଦୂରକୁ ଆସିଲୁ,
ପଟେ ଚଢ଼ିଗଲେ ଶତ୍ରୁ ହେବ ମିଛ ।
ନବ ରବିକରେ ଫୁଟଇ କମଳ,
ଉଡ଼ିପୁଞ୍ଜେ ଉଠନ୍ତି ଶାଦ୍ରଗଗନତଳ ।
ଅନ୍ନାଭ ବିହାର ଚାହିଁ ତେଜି ପୁର
ଉଡ଼ି ଯାଉଥାନ୍ତି କେତେ କେତେ ଦୂର ।
ମହୁମାଛି ମଧୁ ସଞ୍ଚୟ ଲାଳସେ
ବହୁ ଦୂର ବନ ପର୍ବତେ ଖଳସେ ।
ବଳ ଥାଇଁ କେହୁ ନିଷ୍ଠୁର ମର୍ଦ୍ଦନ
ଥାଇ ନ କରନ୍ତି ଜୀବନ ନିର୍ଜ୍ଜନ ।
ସୁପ୍ତ ସିଂହ ମୁଖେ ନ ପଶେ ଆହାର,
ଶ୍ରମେ ପିପୀଳିକା ପୂରଏ ଭଣ୍ଡାର ।
ମେଲାଥିଲେ ପାଟି ସୋଇ ବୃକ୍ଷତଳେ
ବୃନ୍ତଚ୍ୟୁତ ଫଳ ନ ପଡ଼େ କବଳେ ।
ଗଜ ସିଂହ ବ୍ୟାଘ୍ର ଯେତେହେ ଅଛୁ ବଳ,
ତାଙ୍କୁ ବାନ୍ଧେ ନର ପ୍ରକାଶି କୌଶଳ ।
କୌଶଳଜନନୀ ଜ୍ଞାନ ଅଟେ ସିନା,
ଜନମି ନ ପାରେ ଜ୍ଞାନ ଭାଷା ବିନା ।
ଭାଷା ଯୋଗୁଁ ଦିନା ଦମି ଖଗଗଣ
ମାନବ କରଇ ବଶ୍ୟ ପଶୁଗଣ ।
ଯା ଭାଷା ଦୁର୍ବଳା ସେ ନିକୃଷ୍ଟ ଅଧମ,
କାହିଁ ହେବ ଆନେ ପ୍ରତିଯୋଗେ କ୍ଷମ ?
ଉଚ୍ଚଭାଷୀ ଲୋକେ ତାକୁ ମାରି ଗଣି
ଉଚ୍ଚ ସମାଜରେ ହୁଅନ୍ତି ଅଗ୍ରଣୀ ।

ସେ ନର ନ ବୁଝେ ମାନ ଅପମାନ,
ମୁହଁଇ କି ସେହୁ ପଶୁର ସମାନ ?
ଯା ଭାଷା ଦୁର୍ବଳା କାହିଁ ତାର ଜ୍ଞାନ ?
କାହିଁ ତାର ଜଗତୁଆଦିରେ ସମ୍ମାନ ?
ଉଚ୍ଚ ହେବା ପାଇଁ କର ଯେବେ ଆଶା,
ଉଚ୍ଚ କର ଆଗେ ନିଜ ମାତୃଭାଷା ।
ନାହିଁ ଯେବେ ହେବ ଉଚ୍ଚ ଅଭିଳାଷ,
କଥା ଆମୋଦର ପଲଙ୍କେ ବିଳାସ ।
ପ୍ରତିବେଶୀଙ୍କର ଚରଣ ଚୁହାଇ—
ଚିରଋଣୀ କର ବସଦେଶେ ଯାଇ ।
ଉଚ୍ଚ ପଦ ପାଇଁ ଡାକିଲେ ସ୍ୱଜନ,
କେତେ ଜଣ ଅଛୁ ତହିଁକି ଭାଜନ ?
ପ୍ରତିବେଶୀଙ୍କର ସହିତ ତୁଳନା
କରି କର ନିଜ ମଧ୍ୟରେ କଳନା ।
ତହିଁରୁ ବୁଝିବ ନିଜେ କେତେ ଦୀନ,
କରିଅଛ ତୁମ୍ଭେ ମାତୃଭାଷା ହୀନ ।
ମାତୃଭାଷା ଯୋଗୁ ଭୁଲିବାକୁ କରେ
ଅନ୍ୟ କେଉଁ ଜାତି ଲଜ୍ଜାବୋଧ କରେ ?
ଉଠ ଭାଇ, ଉଠ ନବୀନ ଆଲୋକେ,
ସୋଇଥିଲେ ତୁମ୍ଭେ ହସୁଥିବେ ଲୋକେ ।
ଶୁଭ କର୍ମପଥେ ହୁଅ ଅଗ୍ରସର,
ଚକ୍ଷୁ ମଳିବାକୁ ନାହିଁ ଅବସର ।
ମାତୃଭୂମି ମାତୃଭାଷାର ବଦନ
ଉଜ୍ଜ୍ୱଳ କର ଦେଇ ଧନ ଧ୍ୟାନ ମନ ।
ଶୁଭ ପଥେ ଭଲ କରିବେ ମଙ୍ଗଳ,
ଶୁଭ କର୍ମେ ହେବ ଜୀବନ ସଫଳ ।

## ଶଦ୍ୟାରମ୍ଭଙ୍କ ହିତୈଷିଣୀ

ଶରତ ସମୟେ ସରେ ସାରସ କାନନ
ଫୁଟିଥିଲ ଯେତେ ନବ ପ୍ରଫୁଲ୍ଲ ଆନନ ।
ଆହ୍ଲାଦିତ ହେଉଥିଲ କୁମୁଦ କହ୍ଲାର,
ଅଳିକୁଳ ତୋଳୁଥିଲ ମଧୁର ମହ୍ଲାର ।

ରାଜହଂସକୁଳ ତହିଁ ହୋଇ ନବାଗତ-
ପ୍ରୀତ ହେଉଥିଲେ ଲଭି ସାରସ ସ୍ୱାଗତ ।
ଅରୁଣ ବରଣ ଶାଳ କାନ୍ତିବସନ
ତରୁଣ ବଧୂଗଣ କରୁଥିଲେ ବିତରଣ ।
ଜ୍ୟୋତିଷ୍କମଣ୍ଡଳ ଚୁମ୍ବ କରି ବୋଲତଣ
ସ୍ୱର୍ଗେ ଦେଖୁଥିଲେ ସ୍ୱଚ୍ଛ ସରସୀ ଦର୍ପଣ ।
ବିଗତ ବରଷାକାଳ କୀର୍ତ୍ତିଧ୍ୱଜ ଚଳ,
ଖଣ୍ଡ ଖଣ୍ଡ ଅଭ୍ର ଥିଲେ ଶୁଭ୍ର କାନ୍ତି ଧରି ।
ଶାରଦସ୍ୱ ସ୍ୱର୍ଣ୍ଣବର୍ଣ୍ଣ ପକ୍ୱ ଧାନ୍ୟ ବନ୍ଧି
ଅନ୍ନପୂର୍ଣ୍ଣାରୂପେ ଶୋଭା ପାଉଥିଲା ମହି ।
“ବୁଧବଂଶ କେଳସର” ଦେବଦୁର୍ଗ ଧାମେ
ଜନମିଲା ସୁପତ୍ରିକା “ହିତୈଷିଣୀ” ନାମେ ।
ଶାପଭ୍ରଷ୍ଟ ଦେବ ଥିଲେ ନରେନ୍ଦ୍ର ଧୂଡ଼ଲ,
ସାରସ୍ୱତ-ଉଦ୍ୟାନେ ତାଙ୍କ ଅନେକ ସୁଫଳ ।
ତାଙ୍କ ସେ ଉଦ୍ୟାନେ ଯାଇ ସମାଦରେ ସ୍ଥାନ
ବଢ଼ିଗଲା ପତ୍ରିକାର ଅତୁଳ ସମ୍ମାନ ।
ଫଳମଣି ବିଦ୍ୟାରତ୍ନ ବନ୍ଧୁତ୍ୱଶାଖାର
ନରେନ୍ଦ୍ର ଆଦେଶ ନେଲେ ତା ରକ୍ଷଣଭାର
ଶାନ୍ତ ଗଗନେ ଉଠି ଯଥା ପୂର୍ଣ୍ଣ ସୁଧାକର
ରମ୍ୟରୂପେ ହୁଏ ଲୋକନୟନଗୋଚର ।
ତଥାବିଧେ କଲା ଜ୍ଞାନଚନ୍ଦ୍ରିକା ପ୍ରକାଶ,
ଅଜ୍ଞାନ-ତିମିର ଦୂର ହେଲା ଲଭି ନାଶ ।
ବୁଧ-ହୃଦ ଚକୋରିକ ସେ ଚନ୍ଦ୍ରିକା ପାନ
କରି ସମୁଲ୍ଲାସେ କଲା ମଧୁମୟ ଗାନ ।
ନିର୍ମଳ ହୃଦୟ-ସରେ ଭାଷା-କୁମୁଦିନୀ,
ବିକସିତ ହୋଇ ହେଲା ଶତସ୍ୱବଦନୀ ।
ଫୁଟିଲା ତରଳି-ଫୁଲ, ଛୁଟିଲା ସୁବାସ,
ଲଭିଲା ପାଠକ-ମଧୁଲିହଙ୍କ ବିକାଶ ।
ଉଠିଲା କବିତା-ବୀଚି-ତରଙ୍ଗପଟଳ,
ପ୍ରତିଭା ଊର୍ମି କଲା ପ୍ରତିଭା ଧବଳ ।
ସମାଜ-କାନନେ ପଶି ସେ ଚନ୍ଦ୍ରକିରଣ
କୁଶିକ୍ଷା-ତିମିର କଲା ଯତନେ ହରଣ ।
ଏତବାର ଦୁଃଖ-ତମେ ସେ ଚନ୍ଦ୍ରର ଦୃଷ୍ଟି,
ନ ଉଠିଲା ତହିଁ ପଣି ହେବା ପାଇଁ ସୃଷ୍ଟି ।

ଏଥିବାର ଏକାଦଶୀ କଷ୍ଟ ଅନୁଭବ
ଘଟିଗଲା ରଶ୍ମି, ଜାଳ ସ୍ୱମହୂତେ ସୁବ ।
ନୈବେଦ୍ୟ ଏବାଢ଼ ପଥେ ନେ ପ୍ରେରଣା ଗ୍ରାମ,
ଜଣାଇଲା ତହିଁ ଗୋଟି ଚୋଟିକର ନାମ ।
ଉତ୍କଳରେ ହେଲା ନବ ଯୁଗର ଆରମ୍ଭ,
ଦିଗେ ଦିଗେ ବ୍ୟାପିଗଲା ସାହିତ୍ୟ-ସୌରଭ ।
ଫୁଟିଲା ଚାରୁଙ୍କ କାବ୍ୟ ଚନ୍ଦ୍ରକାନ୍ତ ମଣି,
ପତ୍ର ହେଲେ ସୁଧାନାଥ ସେ ମଣିର ଖଣି ।
ନବ ଭକ୍ତ ସଞ୍ଚରିଲା ଉତ୍କଳ-ଜୀବନେ,
ନବ ବଳ ଉପୁଜିଲା ଉତ୍କଳୀ ଯୌବନେ ।
ସାହିତ୍ୟକମଣ୍ଡଳୀର ଗୌରବବର୍ଦ୍ଧନ,
ସଙ୍ଗୀ ହେଲା ଦାମ୍ଭିକଙ୍କ ଗରବ ମର୍ଦ୍ଦନ ।
ଗୋପନରେ ବଞ୍ଚୁଥିଲେ ପାପିଏ ଯେ ପାପ,
ଦ୍ୱିଧି ଲେଖନୀ ଦେଲା ତାଙ୍କ ମନରେ ସନ୍ତାପ
ଅବିଚାର ଅତ୍ୟାଚାର ହେଲା ପ୍ରଶମିତ,
ଅସଥାଭ୍ରମର ହୋଇଆସିଲା ଦମିତ ।
ଆମୋଦ ପ୍ରମୋଦ ଗଳ୍ପ ଉପନ୍ୟାସ ଛଟାଳ,
ବିବିଧ ରହସ୍ୟ ହେଲା ପ୍ରକଟ କୌଶଳେ ।
ମନୋହର ଚିତ୍ରେ “ଗଜେନ୍ଦ୍ରଙ୍କ ଗଜଆବ ତାର” ।
ସମ୍ପାଦକ ପାଇଁ ଉପହାସୀ ଏକିବାର ।
“କଦଳୀଶିଅଉ କଥା” ନ ହେବ ବିସ୍ତର,
ଉପନେୟ ପାଠ ଥାଳୁ ବଡ଼ିଲ ଆଣି ଧରି ।
ଅନେକର କବିତାଟି ହୃଦେ ଉପଚିତ,
ହୋଇ କରିଥିଏ କ୍ଷଣ କ୍ଷଣକେ ଜାଗ୍ରତ ।
ଯେଉଁମାନଙ୍କ ବର୍ତ୍ତେଇପଦ୍ୟ ହେଉଛି ସ୍ମରଣ,
ଲେଖିଥିଲେ ଯାହା ମାଲା ନାମନାପୂରଣ ।
ପ୍ରକାଶିତ ହେଲା ଯେଉଁ ପ୍ରହେଳିକାମାନ,
ଅଦ୍ୟାପି ମାନସେ ପାଉଅଛନ୍ତି ସ୍ଥାନ ।
ହେବାକୁ ସମ୍ବଲପୁର ଦେଶ ଉତ୍କଳିତ,
କଷ୍ଟକୁ ନ ଗଣି ହେଲା ଉତ୍କଳେ ମିଳିତ ।
ହିନ୍ଦୀରୁ ଛାଡ଼ିଲୁ ହେଲା କି କଷ୍ଟ ଉଦ୍ଧାର,
ସହୃଦବନ୍ଧୁ ସୁଧାକର ଉପକାର ।
ଗୁଣୀଗଣ ଥିଲେ ଯାହା ଅପ୍ରକାଶ ଲୋକେ,
ମୁଖ ତହିଁରୁ ହେଲେ ନିର୍ମଳ ଆଲୋକେ ।

ଆନନ୍ଦରେ ବସିଗଲ୍ କବିଙ୍କର ସଙ୍ଘ,
ସାଙ୍ଗ ହେଲା କବିଙ୍କର ଅଳଙ୍କାରଗ୍ରନ୍ଥ ।
ମାଗଣା ଭୂଷଣୀ ନେଇ କେତେ ସଭାସଦ,
ଛାଇଗଲେ ତହିଁ ସଙ୍ଗେ କବିଙ୍କର ଯଶ ।
ଲଭିଲ ମୟୂରଭଞ୍ଜ ବାଣୀ ଆସ୍ଥାଧନ
ଧୂପଗନ୍ଧେ ମୂର୍ଚ୍ଛି ହୋଇଗଲେ ଦିଗଙ୍ଗନା ।
ଆରମ୍ଭି ପ୍ରଚାର ଦେବୀ ବଦନମୟୂଖ
ଦୃପ୍ତ କଲା ମହାପାତ୍ର ପୂଜାହାରୀ ମୁଖ !
ଭକ୍ତି ଦେଖି ପୂଜାହାରୀ ବାଣ୍ଟୁଥିଲେ ଭୋଗ,
ସନ୍ଦେଶ ଉଖୁଡ଼ା ଖଇ ସହିଁର ସେ ଯୋଗ୍ୟ ।
"ଇନ୍ଦ୍ରଧନୁ", "ବକୁଳ"ର ହେଲା ବାଗ୍‌ଦାନ,
ଚଳିଲା ବାହକା ଚିତ୍ତ ଉଛଦମାଳା ।
କଟକରେ ବସୁନାଥ ସାହିତ୍ୟ-ଜାହାଜ
ଚଳାଇଲେ ଟାଣି ଧନମାନଙ୍କ ସାହାଯ୍ୟ ।
"ହିତୈଷିଣୀ" ହସ୍ତାବଲେ ତୋଷିଣ ଉଜ୍ଜ୍ୱଳ
ହେବାରୁ ଏ ଶୁଭଯୋଗ ଲଭିଲ ଉତ୍କଳ ।

ଧନ୍ୟ ଧନ୍ୟ ବାସୁଦେବ ମହୀପାଳମଣି,
ଧନ୍ୟ ଧନ୍ୟ ଯଶୀଜନ୍ମା ଭୂପ ପାଳମଣି ।
ଉତ୍କଳରେ କଲ ଶୁଭ ସହର ଆରମ୍ଭ,
ସ୍ଥାପିଦେଲ କାଳଦର୍ପଧ୍ୱଂସୀ ଯନ୍ତ୍ରସ୍ତମ୍ଭ ।
ସିଧାନାଥେ ସରସ୍ୱତୀ ମୂର୍ତ୍ତି ନବ ଯନ୍ତ୍ରେ
ଗଢ଼ିଗଲେ, ଜୀବନ୍ୟାସ କଣ୍ଠେ ଦେଲ ମନ୍ତ୍ରେ ।
ଯାବତ ଉତ୍କଳେ ଥିବ ବାଣୀନିକେତନ,
ଭାବତ ଉଡ଼ିବ ତୁମ୍ଭ କୀର୍ତ୍ତି-କେତନ ।
ଯେପରି ନେତ୍ରେ ଦେଇଅଛ ସୁଜ୍ଞାନ-ଅଞ୍ଜନ,
ନିତ୍ୟ ହୋଇଥିବ ତାଙ୍କ ହୃଦୟରଞ୍ଜନ ।
ବୋଲନ୍ତୁ ପଣ୍ଡିତ କବି ତୋତେ କିଏ ଗଣେ
ସଦା ହୋଇଥିବ ମୁହିଁ ତହିଁ ମଧ୍ୟେ ଜଣେ ।
କରିଅଛ ମୋର ଯେତେ ଯେତିକି ଉପକାର,
ମୋ ହୃଦେ ରହିଛି ସବୁ ସ୍ୱର୍ଣ୍ଣମୟ ହାର ।
ତୁମ୍ଭ କୀରତିର ଗୁଚ୍ଛ ପତାକା ଯୀବନେ
ସୂକ୍ଷ୍ମ ହେଲେ ଧନ୍ୟ ହେବ ମୁଁ ଏକ ଜୀବନେ ।

# ପଞ୍ଚାମୃତ

ପଞ୍ଚଭୂତ ଯୋଗେ ବିଧି ଗଢ଼ି ଅବୟବ
ପ୍ରାଣ ଆଦି ପଞ୍ଚବାୟୁ ୧ କଲ ସଂସ୍ଥାପନ ।
ପଞ୍ଚକୋଷ ୨ କରେ ଯିବା ପରମାତ୍ମା ବାସ
ପଞ୍ଚକାଳେ ପଞ୍ଚମୂଳ ଆମୟ ବିନାଶ ।
ପଞ୍ଚଗଙ୍ଗା ୩ ସ୍ନାନେ ପାପ ନ ରହେ କଳୁଷ,
ପଞ୍ଚଗବ୍ୟ ହୋଇଥାଏ ପାପ ପ୍ରାୟଶ୍ଚିତ୍ତ ।
ପଞ୍ଚଶରେ ପଞ୍ଚଶର କରେ ବଶ ବିଶ୍ୱ,
ପଞ୍ଚମୁଖ ସିଂହ ବନେ ଭ୍ରମଇ ନିର୍ଭୟ ।

ହସ୍ତ କରେ କାର୍ଯ୍ୟ ପଞ୍ଚ ଅଙ୍ଗୁଳିର ବଳେ,
ପଞ୍ଚ ପଞ୍ଚ ଇନ୍ଦ୍ରିୟରେ ଜ୍ଞାନକର୍ମ ଚଳେ ।
ସେହିରୂପେ ପଞ୍ଚାମୃତ ସମାଜ-ଜୀବନେ
ଅନନ୍ତ କଲ୍ୟାଣକର ଅଟଇ ଭୁବନେ ।
ପୂର୍ବକାଳେ ପଞ୍ଚାମୃତେ ଥାନ୍ତି ସଭାସଦ,
ଧର୍ମକୁ ସେ ମଣୁଥିଲେ ଅମୂଲ୍ୟ ସମ୍ପଦ ।
ପକ୍ଷପାତ ମଣି ପାପ ମହାଭୟଙ୍କର
ସମ ଜ୍ଞାନ କରୁଥିଲେ ମନେ ନିଜ ପର ।

୧ । ପଞ୍ଚବାୟୁ—ପ୍ରାଣ, ଅପାନ, ସମାନ, ଉଦାନ, ବ୍ୟାନ । ୨ । ପଞ୍ଚକୋଷ—ଅନ୍ନମୟ କୋଷ, ପ୍ରାଣମୟ କୋଷ, ବିଜ୍ଞାନମୟ କୋଷ, ଆନନ୍ଦମୟ କୋଷ ।
୩ । ପଞ୍ଚଗଙ୍ଗା—ଭାଗୀରଥୀ ଗୋମତୀ ଓ କୃଷ୍ଣବେଣୀ ପିନାକିନୀ । ଅନ୍ୟତ୍ର ଶୈବ କାବେରୀ ପଞ୍ଚଗଙ୍ଗା ପ୍ରକୀର୍ତ୍ତିତା ।

ଶାସ୍ତ୍ରମତେ ଥିଲେ ଯେଣୁ ନ୍ୟାୟପରାୟଣ
ଅଦ୍ୟାପି ବୋଲନ୍ତି ଲୋକେ ପଞ୍ଚନାରାୟଣ ।
ପୂର୍ବକାଳେ ଥିଲା ତାଙ୍କ ଅଟଳ ବିଶ୍ୱାସ,
ନ୍ୟାୟଭ୍ରଷ୍ଟ ହେଲେ ପାପ କରେ ବଂଶର ବିନାଶ ।
ଆଜି ସେହି ପଞ୍ଚାମୃତ ପାଇଛି ପଞ୍ଚତ୍ୱ,
କେତେ ଅଛି ତାର ମୂଲ୍ୟ ନାହିଁ ଏ ଜଗତ ।
ଦେଖ ପ୍ରତି ଗ୍ରାମେ ହେଲେ ବାଦ ପ୍ରତିବାଦ
ପଞ୍ଚ ପ୍ରତି ଦେଉଥାନ୍ତି ତର୍କର ସମ୍ବାଦ ।
ଯେଉଁ ଗ୍ରାମେ ଥାନ୍ତି ସାଧୁ ସଚ୍ଚରିତ୍ର ଜନ,
କରି ଦେଉଥାନ୍ତି ସେହି ବିବାଦ ଭଞ୍ଜନ ।
ଅନେକ ଗ୍ରାମରେ ଛନ୍ତି କଦର୍ଯ୍ୟ ଦୁର୍ଜନ,
ଶାନ୍ତି ସ୍ଥଳେ କରୁଥାନ୍ତି କଳହ ସୃଜନ ।
ଦ୍ୱେଷେ ଅନ୍ଧ ହୋଇ ଲୋକେ ନପାରନ୍ତି ଜାଣି
କରୁଥାନ୍ତି ବିବାଦରେ ଗଣ୍ଡ ଅର୍ଥହାନି ।
ଦୁଷ୍ଟଙ୍କ ଜୀବନ ଥାଏ ପାପଟେନେ ବନ୍ଧା,
କଳି ଲଗାଇବା ତାଙ୍କ ଜୀବନ-ଜୀବିକା ।
ବାଦ ପ୍ରତିବାଦ କେହି ଦେଲେ ତାଙ୍କ ପାଶ,
କୌଶଳେ କରାଇଥାନ୍ତି ଅର୍ଥହାନି ଫାଶ ।
ଅଜ୍ଞଲୋକୁ କରୁଥାନ୍ତି ମୃଗେନ୍ଦ୍ର, ବଘୁଲ,
ହୋଇଥାନ୍ତି ଗ୍ରାମ ଲୋକେ ତାହାଙ୍କ ଶିକାର ।
କାହିଁ କାହିଁ ଛନ୍ତି ଦୁଷ୍ଟ ଗ୍ରାମ-ଅଧିପତି,
ଭ୍ରୂକ୍ଷେପ କରନ୍ତି ନାହିଁ ଗ୍ରାମ ପଞ୍ଚ ପ୍ରତି ।
ଧମକ ଚମକ ଦେଇ ଗ୍ରାମ ପଞ୍ଚଜନ
କରି ଦେଉଥାନ୍ତି ତାଙ୍କ ଧନ ଅରଜନ ।
ଖାଇଥାନ୍ତି କିଛି କିଛି ଦାଉ ସୁବିଧାର,
ହୋଇଥାନ୍ତି କୁକର୍ମ ଓ ଦୁଷ୍କୃତ୍ୟକାର ।
ହୃଦୟରେ ଥାଏ ତାଙ୍କ ଅଟଳ ବିଶ୍ୱାସ
ଗ୍ରାମପତି କରି ଦେଇପାରେ ସର୍ବନାଶ ।
ନୁହଇ ତାଙ୍କର ସେହି ବିଶ୍ୱାସଟି ଭ୍ରାନ୍ତ,
ଦେଖିଛନ୍ତି ଶତ ଶତ ତର୍କର ଦୃଷ୍ଟାନ୍ତ ।
ରକ୍ଷି ନ ପାରଇ ତହିଁ କେବେ ରାଜବିଧି,
ଗ୍ରାମପତି ଅଟେ ଗ୍ରାମବାସୀଙ୍କର ବିଧି ।
ଯେତେବେଳେ ଜଳ ବିନା ମରୁଥାଏ ଧାନ,
ଗ୍ରାମପତି ଗ୍ରାସିଦିଏ ଆଇନ ବିଧାନ ।
କେତେଠାରେ ପଞ୍ଚମାନେ ହୁଅନ୍ତି ତା ସାଥୀ,
ସର୍ବଗ୍ରାସୀ ଅନଳକୁ ଦେଉଁରୂପେ ସ୍ୱାହା ।
ସର୍ବ ଅଗ୍ରେ ପିବେ ଗ୍ରାମପତିକ୍ଷେତ୍ରେ ଜଳ,
ତା ପଛକୁ ଯାଉ ଯେତେ ଥିବ ଅର୍ଥବଳ ।
ଜଳ ପାଇଁ ପ୍ରଜା ସଦା ଦିଏ ରାଜ-କର,
ଜଳ ପାଇବାର କିନ୍ତୁ ହୁଏ କଷ୍ଟକର ।
ଏବେ ତ ଆଶ୍ୱିନ ମାସ ଅନ୍ନ ଥିବ ଘରି,
ଉପବାସେ ଥିବ ପ୍ରଜା ଜୀବନ୍ମୃତ ଧରି ।
ହୋଇଥିବ ଅର୍ଥ ବିନା ଭୂମି ତାର ବଣା,
ଅର୍ଜୀ ପାଇଁ ଆବଶ୍ୟକ ହେବ ତାର ଅଣା ।
ଏଣେ ଆସୁଁ ଆସୁଁ ରାଜଦ୍ୱାରରୁ ଆଦେଶ,
କଳାଶସ୍ୟ ଜଳହୀନି ହୋଇଥିବ ଶେଷ ।
କିମ୍ବା ଗ୍ରାମପତି ଲାଞ୍ଚ ବିବାଦ କୌଶଳେ
ଛଳେ କଣ୍ଟଦେବ ରାଜ-ଆଦେଶ ବିଫଳ ।
ଜଳ ପାଇଁ ସ୍ଥଳେ ସ୍ଥଳେ ହୋଇ କନ୍ଦ ଜାତ
ନିଶ୍ଚେ ହି ପରଜା-ଶିରୁ କରେ ରକ୍ତପାତ ।
ଅନାହାରେ ସଭ୍ୟମାନେ ଏଣେ ଛନ୍ତି ବସି,
ଫଳାହାର ଲୋଭେ ଯାଉ ତଳ ଏକାଦଶୀ ।
ଜଳ-ଦେବ ବନ୍ଧ ପ୍ରଜା ଦ୍ରବ୍ୟ ଭାର ଧରି,
ଯୋଗାନ୍ତି କରନ୍ତି ଲେଭ୍ୟ ଯେଉଁ ଫଳାହାର ।
ଅନାହାରୁ ଫଳାହାର ଅବା ଜଳଯୋଗ
ମୂଲ୍ୟରେ ଅଧିକ ହୁଏ ସେ ଏକ ସୁଯୋଗ ।
ଦୂରରେ ଫଳାହାର ଭାହାର କୁକୁଡ଼ା,
ଭାହାର ବା ସନ୍ତୁ ଚୂଡ଼ା, କା' ଶାଳି ଉଖୁଡ଼ା ।
ଅଂଶୋଗୋଷ୍ଠୀରୂପେ ଯାହା ଆଜ୍ଞ ହୋଇ ଆସେ,
ମନୋମତ ଫଳାହାର ଚଳେ ତହିଁ ମାସେ ।
ସାଧୁତା ବ୍ୟାଜରେ ନାନା ଅପକର୍ମ କରି,
ଧନ ଦ୍ରବ୍ୟ ନେଉଥାନ୍ତି ନିଜ ଗୃହ ଭରି ।
ଜଗନ୍ତି କରଇ ଦୁଗ୍ଧପାନ ଟେସୁ ବୁଝି,
ସମସ୍ତେ ଯେ ଦେଖୁଥାନ୍ତି ନ ପାରେ ତା ବୁଝି ।
ଅନାହାରୀ ହୁଏ ଲୋକ ଥିଲେ ସ୍ୱାସ୍ଥ୍ୟବାନ,
ଇହକାଳେ ମିଳିଯାଏ ସଦ୍ୟ ପୁଣ୍ୟଫଳ ।
ଧନ୍ୟ କଳି, ଧନ୍ୟ ତୋହ ଇଂରେଜ-ଶାସନେ,
ଦେଖୁଅଛୁ ବସିଛି ଯେ ଧର୍ମର ଆସନେ,

ହୁଡ଼େ ତାର ଡାଳ ଡାଳ ନାରକାସୁ ବୁଦ୍ଧି,
ଦେବହୁଁ ଖେଳ କରୁଅଛ ନୀପଦ୍ମର ବୁଦ୍ଧ ।
କାହିଁ ବା ଖାତକ ନେଇ ସାହୁଠାରୁ ଟଙ୍କା
ପରିଶୋଧ କଲାବେଳେ ମୁହଁ କରେ ବଙ୍କା ।
କେତେ ବା ବନସ୍ତ କରି ଦୁଃଖ ଥାଏ ଦେଇ
ଉଗ୍ରମୂର୍ତ୍ତି ଧରି ମୁଣ୍ଡି ନ ପାରିଲେ ଦେଇ ।
କେହି ବା ନ ଦେଇ ଋଣ ହୋଇ ସାହୁକାର
ନିସ୍ୱ ଲୋକଙ୍କୁ କରାଏ ଛାରଖାର ।
ଅଳ୍ପ ଅଳ୍ପ ଶିକ୍ଷା ଲଭି କେତେ ଶୂର ଜନ
ମିଥ୍ୟା-ଜାଲେ କରୁଛନ୍ତି ଅର୍ଥ ଅରଜନ ।
ମିଥ୍ୟା ଅସ୍ତ୍ର ଶାଣିତ କରି ଅଦାଲତ-ଶାଣେ
ମାରୁଛନ୍ତି ଅଶିକ୍ଷିତ ପରଜାଙ୍କ ପ୍ରାଣେ ।
ଶାଶନାର ପରି ତହିଁ ଉତ୍କଳମଣ୍ଡଳ
ଟଙ୍କାମୁଣ୍ଡି ଉଡ଼ୁଛନ୍ତି ବସି ଦଳ ଦଳ ।
ଛାଇଠାକୁ ଯାଉ ବାଦ ଅବା ପ୍ରତିବାଦ,
ସମସ୍ତରେ ହେଉଛନ୍ତି ତାର ଜୟନାଦ ।
ଶିକ୍ଷାଫଳ ହେଉଅଛି ମିଥ୍ୟାପ୍ରସାରଣ,
ସତ୍ୟ ମୂଳେ ଛୁଦ୍ଧାରଣ, ସାଧୁ ପ୍ରତାରଣ ।
ସମସ୍ତ ଜଗତେ କାଳୁ ଭୂଲନ୍ତି ସମାନ,
ଅଛନ୍ତି ଧାର୍ମିକ ମୁଖି ସନ୍ତ ଜ୍ଞାନବାନ ।
ସେହିମାନେ କରଥାନ୍ତି ଉତ୍ତମ ବିଚାର,
ହୃଷ୍ଟ ସେ ଜଗଣି ଜଣେ ଧର୍ମ ଅବତାର ।
ସେମାନେ ହୁଅନ୍ତି ପଦ ଗ୍ରାମେ ଗ୍ରାମେ ପଞ୍ଚ,
ହୋଇ ନ ପାରଇ କେବେ ବିଚାରେ ପ୍ରପଞ୍ଚ ।
ଗ୍ରାମ ପଞ୍ଚ ଜାଣିଥାନ୍ତି ଗ୍ରାମର ଘଟଣା,
ବଳେଣ୍ଡୁ ନ ହୁଏ ତହିଁ କପଟ ରଚନା ।
ଶହିଥାନ୍ତି ମିଥ୍ୟାବାଦ ଦୁଷ୍ଟ ଦୁରାବୃତ୍ତି,
କେ ସରଳପ୍ରାଣ କେବା ବାହ୍ୟ ଭେକଧାରୀ ।
ଯାହା ହୋଇଥାଏ ଗ୍ରାମ ଲୋକଙ୍କୁ ଅଜଣା,
ସେହି କଥା ଜାଣିଥାନ୍ତି ଗୃହର ଅଙ୍ଗନା ।
ବହୁ କଥା ଜାଣିଥାନ୍ତି ଗ୍ରାମ ଶିଶୁଗଣ,
ତାଙ୍କ ନେତ୍ରେ ପଡ଼ିଥାଏ ପାପ ଆଚରଣ ।
ଜନନୀ ଜନକ ପାଶେ ତେଜି ଲାଜ ଭୟ,
କହିଥାନ୍ତି ସବୁ କଥା ସେମାନେ ନିଶ୍ଚୟ ।

କାହିଁ କଥା ଥାଏ ଯେତେ ଲୁଚାଇବା ଭଳି,
ଘାଟେ ପ୍ରକାଶିତ ହୁଏ ତାହା ତହିଁ ବଳି ।
ଗ୍ରାମପଞ୍ଚ ପାଇଥାନ୍ତି ସକଳ ସନ୍ଧାନ,
କରନ୍ତି ଅବସ୍ଥା ଦେଖି ବ୍ୟବସ୍ଥା ପ୍ରଦାନ ।
ବାଛି ବାଛି ସୁଧାର୍ମିକ ପାତସ୍ଥଳୁ ଜନ
ହେବ ଯଦି ପଞ୍ଚାୟତ ଗଠନ ସୃଜନ,
ଶିକ୍ଷା ଦିଆଯାଉଥିବ ବିଚାର ବିଧାନ,
କରାଯାଉଥିବ ବାର ବାର ସାବଧାନ ।
ଏହାଙ୍କହସ୍ତେ ନ୍ୟସ୍ତ ହେଲେ ଲଘୁ ଅଧିକାର,
ଅବଶ୍ୟ ଦେଶର ହେବ ବହୁ ଉପକାର ।
ବହୁ ଅର୍ଥ ପ୍ରଜାଙ୍କର ବୃଥେ ଯିବ ରୁଦ୍ଧ,
ନ ପାରିବ ଜାଳିଆଙ୍କ କୋପାନଳେ ଦଗ୍ଧ ।
ଗ୍ରାମେ ଗ୍ରାମେ ହୋଇ ସତ୍ୟଯୁଗ ଆବିର୍ଭାବ,
ନଗରେ ପ୍ରବିଷ୍ଟ ହେବ ତାହାର ପ୍ରଭାବ ।
ନଗରେ ନଗରେ ଛନ୍ତି ଶିକ୍ଷିତ ସୁଜନ,
ସେ କରିପାରନ୍ତି ସତ୍ୟସୁତରେ ସୃଜନ ।
କରିବାକୁ ପରଜାଙ୍କୁ କଳ-ସିନ୍ଧୁ ପାର,
ହୃଦିକନ୍ତୁ ସେହିମାନେ ଯୋଗ୍ୟ କର୍ଣ୍ଣଧାର ।
ନ ବାଞ୍ଛନ୍ତି ପଦ ସେହୁ ନ ଇଚ୍ଛନ୍ତି ଧନ,
ତାଙ୍କ ଧନେ ରହୁଅଛି ଲୋକଙ୍କ ଜୀବନ ।
ଦେଉଛନ୍ତି ବୁଦ୍ଧି-ଦାନ ଧନେ ସମମାନ,
ପରଧନ ମଣିଛନ୍ତି ଗରଳ ସମ ନ ।
ଟଣାଶୁଣ ନେତା ଯଦି ହୁଅନ୍ତି ସେମାନେ,
ଅବଶ୍ୟ ଚଳିବ ଲୋକ ସତ୍ୟର-ବିଧାନେ !
ବାଛି ବାଛି ଲୋକ ଯଦି କରିବ ସଂଗ୍ରହ,
ଦେଖାଇବ ତାଙ୍କ କଥା ପାଳନେ ଆଗ୍ରହ ।
ଦେଖିବ ତୋଟିଏଲି କେତେ କେତେ ଦାଦାଙ୍କୁଲ
ସହଜେ ପାରନ୍ତି ସେହୁ ଖରଗ ଚଳାଇ ।
କେତେ ଗାନ୍ଧି ଉପଗତ ହେବେ ତୁମ୍ଭ ଅନ୍ତେ,
ସ୍ନିଗ୍ଧ କରିଦେବେ ମନ୍ତ୍ର ଶୁଣି ଅନୁରାଗ ।
ଲେଉଟି ଆସିବ ବେଗେ ପ୍ରାଚୀନ ଭାରତ,
ହେବ ଶ୍ୱେତ-କେଶୀଙ୍କ ସଖେସେବା ରତ ।
ନ ଲୋଡ଼ିବେଲୋକେକିବାଦ୍ୟାନିନ୍ଦେ ଲେବଚନ,
ଉଡ଼ିବ ଆକାଶଶୀର୍ଷେ ଧବଳ କେତନ ।

ହିଂସାନ୍ଧ ଶାସନ ଯାର ପୂରିଛି ଉଦର,
ଅବିଦ୍ୟା-ଜନକ ଧନେ ତାର କି ଆଦର ।
ଧନଜ-ଉନ୍ମତ୍ତ ହେଉ, ନୃପେ ଚିରସ୍ଥାୟୀ,
ସ୍ଥାୟୀ ସେ ଉନ୍ମତ୍ତ ଯାହା ଧର୍ମ ଅନୁଯାୟୀ ।
ଧନର ଉନ୍ମାଦ ସେହିଁ କାଳ ଧ୍ୱଂସ କରେ,
ଧରମ ଉନ୍ମତ୍ତ ଗୃହିଁ ରହେ ସ୍ୱର୍ଗପୁରେ ।
ସେହିଁ ରାଜ୍ୟ ଧରମର ଶତ୍ରୁ ହୁଏ ନାଶ,
ପାପ-ଅନ୍ଧକାର ତାଙ୍କୁ କରଦିଏ ଗ୍ରାସ ।
ଲକ୍ଷ ଲକ୍ଷ ଦୀପ କୋଟି ବିଦ୍ୟୁତ ଆଲୋକ
ଭାସିଦିଏ ଅମାବାସ୍ୟା-ତମ-ମଗ୍ନ ଲୋକ ।
ସର୍ବ ଧର୍ମ ତତ୍ତ୍ୱ କରେ ଲୋକେ ପ୍ରକାଶନ,
ଲୋକେ ନାଚେ ସୁନିପୁଣ ଧର୍ମପରାୟଣ ।
ଧାର୍ମିକ ସୁଜନ ଦେଖି କରେ ପଦାଶ୍ରିତ,
ନିଶ୍ଚୟ ସମାଜ ହେବ ଧର୍ମର ଆଶ୍ରିତ ।
ଲୋକର ଜୀବନ ଧନ, ଧନକୁ ସେ ଗୁରୁ
ମଣନ୍ତି, ସେ ଜଣଆନ୍ତି ଦର୍ମନ ଧାତୁର ।
ଧରମର ଆଧିପତ୍ୟ ରହିଲେ ସମାଜେ,
ସମୃଦ୍ଧି-ଉନ୍ନତି ହେବ ଭାରତ-ସାମ୍ରାଜ୍ୟ ।

# ବିଦୁର ପ୍ରଜାଗର

ସୁଶାନ୍ତ ରଜନୀ, ଶାନ୍ତ ଅବନୀମଣ୍ଡଳ,
ନାହିଁ ଆଜି ହସ୍ତିନାରେ ଜନ କୋଳାହଳ ।
ଜ୍ୟୋତିଷ୍କମଣ୍ଡଳ ଥାଇ ଗଗନ ନିଶ୍ଚଳେ
ଦେଖୁଛନ୍ତି ମୁଖ ଶାନ୍ତ ଯମୁନାର ଜଳେ ।
ଧୀରେ ଧୀରେ ଭରି ପୁଷ୍ପରଜ ସର୍ବକ୍ଷଣ
ଦୁଲାଉଛି ଜଗତେ ମନ୍ଦୁଅଛି ସମୀରଣ ।
ନିଦ୍ରାର କୋମଳ କୋଳେ ପୁରଜନଗଣ
ପଡ଼ି ହୋଇଛନ୍ତି ଶାନ୍ତି-ସାଗରେ ମଗନ ।
କିନ୍ତୁ ରାଜା ଧୃତରାଷ୍ଟ୍ର ତହିଁରୁ ବଞ୍ଚିତ,
ଆଜି ହୋଇଛନ୍ତି ସୁପ୍ତି-ସ୍ୱପ୍ନରୁ ବର୍ଜିତ ।
ଯୁବରାଜ ଦୁର୍ଯ୍ୟୋଧନ ବୀର ଧନୁର୍ଦ୍ଧର,
ଯାହା ପାଇଁ ଶସ୍ତ୍ର ସଦା ରହେ ଅଗ୍ରସର ।
ମହାବୀର ଦ୍ରୋଣ ଯାକୁ କରିବାକୁ ଶିକ୍ଷା
ଉତ୍କଣ୍ଠିତ ସଦା ରହେ ଦେବା ପାଇଁ ପ୍ରାଣ
କର୍ଣ୍ଣ ଯାର କର୍ଣ୍ଣଧାର ସମର-ସାଗରେ !
ସୈନ୍ୟ ରଥ ନାଗ ଶତ୍ରୁ-ବେଷ୍ଟନୀ ଆଗରେ ।
ଜଗତ-ପ୍ରଳୟକାରୀ ଶର-ଜାଲ ଧରି
ରହିଛନ୍ତି ଦ୍ରୋଣି ଯାର ଆଜ୍ଞା ଅନୁସରି ।
ସେ ପୁତ୍ରର ଚିନ୍ତା ହୃଦେ ପଶିଥିବ ଚିନ୍ତା,
କାହିଁ କଳ୍ପିହେବ ଏହା ରାତ୍ରି ବିତିବ କଥା ।
ଅସୀମ କ୍ଷମତା ଯାର ଅତୁଳ ବିଭବ,
ସେ ଦୁଃଖେ ରହିବେ ଏକା ହୋଇ ସେ ମାନବ?
ଗାନ୍ଧାରୀ ତ ନାହାନ୍ତି ତାଙ୍କ ଅଭିପ୍ରାୟଦର୍ଶୀ,
ବୁଦ୍ଧି ତ ନାହିଁଇ ତେ-ପଦାର୍ଥଗ୍ରାହିଣୀ ।
ଅନ୍ଧ ବୋଲି କବା ମନେ ଘୃଣା ଉପୁଜାଇ
ଅନ୍ଧା ନିଦ୍ରା ରାଜନେତ୍ର ପାଶକୁ ନ ଯାଇ ।
କି ଗଭୀର ରହସ୍ୟ ତାହା ବୁଝିବ କେଉଁଜନ,
କହ କୃପାକରି ମୋତେ ଶ୍ୱେତପଦ୍ମାସନେ !
ଉପପ୍ଳବ ପୁରେ ଆଜି ସଞ୍ଜୟ ସୁମତି
ରାଜାଦେଶେ ଯାଇଥିଲେ ସନ୍ଧିସ୍ଥିର କରି;
ଲେଉଟି ସେ କହିଛନ୍ତି ତାଙ୍କ ସମାଚାର,
ପାଣ୍ଡୁପୁତ୍ରେ ସ୍ଥିର କରିଅଛନ୍ତି ସମର;
ପାଞ୍ଚ ଖଣ୍ଡି ଗ୍ରାମ ଯେବେ ନ ଦେବେ ନରପତି,
ସୁଖସ୍ୱପ୍ନେ ରହିବ ସେବୁ ତାଙ୍କ କତି ।
ତା ନ ହେଲେ ରାଜ୍ୟ ପାଇଁ ଦେଖାଇବେ ବଳ,
ତହିଁ ପାଇଁ ଠୁଳ କରି ସାରିଛନ୍ତି ବଳ ।
ଏଣେ ତାଙ୍କ ପ୍ରିୟତମ ସୁତ ଦୁର୍ଯ୍ୟୋଧନ,
ରାଗ ଦେବା ପାଇଁ ତିଳେ କରୁ ନାହିଁ ମନ ।
ବଂଶବନେ ଲାଗିଯିବ ପ୍ରଚଣ୍ଡ ଅନଳ,
ଏହା ଭାବି ନରପତି ହୃଦୟ ବିକଳ ।

ଅଗ୍ନି ଗହ୍ୱରଦେଶେ ବସି ବସି ନରପତି,
ବିଦୁରଙ୍କ ଉପଦେଶେ ବଳାଇଲେ ମନ୍ତ୍ର ।
ଡକାଇ ସେ ବିଦୁରଙ୍କୁ ବସାଇ ସାଦରେ,
କହିଲେ ସଂକ୍ଷେପ କଥା ସବୁ ବିଷାଦରେ ।
ଆଗ୍ରହେ କହିଲେ, "ତୁମ୍ଭେ ପଣ୍ଡିତ ବିଦୁର,
ଅଜ୍ଞାନ-ତିମିର ତୁମ୍ଭ ବଚନ ଭିଦୁର ।
ଆତ୍ମ ହିତ କାର୍ଯ୍ୟେ ସଦା ଥାଏ ତୁମ୍ଭ ମନ,
ସ୍ୱଭାବତଃ ଅଟ ସେଣୁ ଆତ୍ମ ଜ୍ଞାତ ଜନ ।
ଧରମ ଅର୍ଥରେ ପୁଣି ଅଟ ସୁକୁଶଳ,
କହ ଶୁଣି, କି ଉପାୟେ ହୋଇବ କୁଶଳ ।"
ବିଦୁର ବୋଇଲେ, "ଆହେ ନୃପତିମଣ୍ଡନ,
ଧରମ ଆଚର ସଦା ଧର୍ମେ ଦେଇ ମନ ।
ଯେ ଭାବେ ଧାର୍ମିକ କରେ ଧର୍ମକୁ ରକ୍ଷଣ,
ଧର୍ମ ତାକୁ ରଖେ ସେହି ଭାବେ ଅନୁକ୍ଷଣ ।
ଧରମ ମଙ୍ଗଳମୟ ଧର୍ମେ ସଦା ଜୟ,
ସବୁକାଳେ ସବୁଠାରେ ଧାର୍ମିକ ନିର୍ଭୟ ।
ଯେ ନରପୁଙ୍ଗବ ଧରେ ଧର୍ମରୂପ-ଅସି,
ସନ୍ତାପ ନିକଟେ ତାର ନ ପାରଇ ପଶି ।
ଧାର୍ମିକ ହୃଦୟେ ଥାଏ ସତତ ପ୍ରଫୁଲ୍ଲ,
ବିଶ୍ୱବନ୍ଧୁ-କର ଯୋଗେ ଯଥା ପଦ୍ମଫୁଲ ।
ଶାଶ୍ୱତବାନ୍ଧବ ଧର୍ମ ସମ୍ପଦର ଘର,
ଇହ-ପରକାଳ ସଙ୍ଗୀ ସଦା ଶୁଭଦାତ୍ରୀ ।
ଧର୍ମପଥେ ଚଳି ରଖ ଧର୍ମ ଯେନି ଅସ୍ତ୍ର,
ଧର୍ମ ତାଙ୍କୁ ରକ୍ଷାକଲେ ହେଲେ ଶତ୍ରୁତ୍ରସ୍ତ ।
ଧର୍ମ ଅନୁରୋଧେ ଦିବା ଚନ୍ଦ୍ର ହୁଏ କ୍ଷୟ,
ସେହି ଧର୍ମବଳେ ପୁଣି ହୁଏ ତେଜୋମୟ ।
ଧର୍ମ ଅନୁସାରେ ଏକା ବୃକ୍ଷ ଦିଏ ଫଳ,
ଧର୍ମରେ ଜଳଦମାଳ ଦେଉଥାନ୍ତି ଜଳ ।
ଏ ସଂସାର-ଜଳଧିକି ହେବା ପାଇଁ ପାର
ଧର୍ମ ସିନ୍ଧୁ-ଯାନ, ତହିଁ ବିଜ୍ଞ କର୍ଣ୍ଣଧାର ।
ଚଳାଏ ଜୀବନ ଯେଉଁ ଧର୍ମପଥ ଦୃଢ଼,
ବୁଡ଼ାଏ ସେ ଧନଜନେ ଆପେ ତାପ ଗୂଢ଼ ।
ଧର୍ମପଥେ ଗତି ଯାର ଧର୍ମେ ସ୍ଥିର ମତି;
ଈଶ୍ୱର ସନ୍ତୁଷ୍ଟ ତାର ନିଖିଳ ସମ୍ପତ୍ତି ।

କୁସୁମିତ ଧର୍ମ-ମହାପଥେ ଭୂପଗଣ,
ସତତ ଅନନ୍ୟପଥେ କରନ୍ତୁ ଭ୍ରମଣ ।"
ଧୃତରାଷ୍ଟ୍ର ବୋଇଲେ, "ହେ ଧାର୍ମିକପ୍ରବର,
ଧର୍ମର ବ୍ୟବସ୍ଥା କୃପା ବତ୍ସ ଦାନ କର !"
ବିଦୁର ବୋଇଲେ, "ଧନ୍ୟ ନୃପତିଶେଖର,
ଲୋଡ଼ିଲ ଯା ଧର୍ମନିଷ୍ଠ ମାନସ ତୁମ୍ଭର !
ମାନବ-ଜୀବନ-ରାଜ୍ୟ ମନ ନରପତି,
ନ୍ୟାୟଦେବ ସେ ରାଜ୍ୟର ଉପଯୁକ୍ତ ମନ୍ତ୍ରୀ !
ବୁଦ୍ଧି, ବିବେଚନା, ଧୃତି ରାଜସଭାସଦ,
ବ୍ୟବସ୍ଥା ଯଥାନ୍ତ ଯହିଁ ନ ହେବ ଆପଦ !
ଜ୍ଞାନେନ୍ଦ୍ରିୟ ପଞ୍ଚ ତହିଁ ରାଜପରିଜନ,
ପରଜା ଅଟନ୍ତି ମାତ୍ର କର୍ମେନ୍ଦ୍ରିୟଗଣ ।
ରାଜ ଅଳଙ୍କାର ଦୟା, କ୍ଷମା, ସରଳତା,
ଉଦାରତା, ସୁଶୀଳତା, ବିନୟ, ସତ୍ୟତା ।
କର୍ମ କୃଷିକ୍ଷେତ୍ର ସୁଖଫଳପ୍ରଦାୟକ,
କିନ୍ତୁ ତହିଁ ପରିଶ୍ରମ-ବୀଜ ଆବଶ୍ୟକ ।
ଅତି ଦୁଷ୍ଟ ଅହଂକାର ମନର ସୋଦର,
ଆଧିପତ୍ୟ ନେବା ପାଇଁ ସତତ ତତ୍ପର ।
କାମ ଆଦି ଷଡ଼ ସୈନ୍ୟ ସେହି ଅବିରତ
ମହାଘୋର ସଂଗ୍ରାମରେ ହୋଇଥାଏ ରତ ।
କାମ ହସ୍ତେ ଲମ୍ପଟତା, ରାଗ-ଦ୍ୱେଷ ଶର,
କ୍ରୋଧ ଧରେ ନାଗପାଶ ଘୋର ଭୟଙ୍କର ।
ଲୋଭ ମାରେ ମେଘ-ବାଣ ଅତି ଦୁର୍ନିବାର,
କ୍ଷଣକରେ କରିଦିଏ ଚୌଦିଗ ଅନ୍ଧାର ।
ମୋହହସ୍ତେ ସମ୍ମୋହନ-ଶକ୍ତି ଜକଜକ,
ମଦ ପ୍ରହାରଇ ମହା ଅସ୍ତ୍ର ଉନ୍ମାଦକ ।
ମାତ୍ସର୍ଯ୍ୟ ଲୁଚାଇ ସଦା ଅଗ୍ନି ମହାଘୋର,
ନିଜେ ଜଳି ଜାଳୁଥାଏ ପର କଳେବର ।
ସାଧୁସଦ୍ଭାବ-ବର୍ମ ଧରେ ଯେବେ ଅଙ୍ଗେ,
ସମରସମର୍ଥ ମନ ହୁଏ ରିପୁ ସଙ୍ଗେ ।
ଜ୍ଞାନ-ମହାଶର ବଳେ ଲଭଇ ବିଜୟ,
ସଦାନନ୍ଦ କରି ରଖେ ବଇରୀନିଚୟ ।
ସଦସ୍ୟଗଣର କଥା ହେଉଥାଏ ଧାର୍ଯ୍ୟ,
ମନ୍ତ୍ରୀ ପରାମର୍ଶ ସେହି ହେଉଥାଏ କାର୍ଯ୍ୟ ।

ଏହାକୁ ମାନବ ଧର୍ମ ବୋଲି ନରବର,
ଇହ ପରକାଳେ ଏହା ଧର୍ମ ଶ୍ରେୟସ୍କର ।
ଅହଙ୍କାର ହୁଏ ଯେବେ ଜୀବନେ ପ୍ରବଳ,
ସୈନ୍ୟ ତାର ଉଦ୍‌ଭ୍ରାନ୍ତ ମହାକୋଳାହଳ ।
ତାହାଙ୍କୁ ମାଡ଼ିଆସେ ଅଶାନ୍ତି-ତରଙ୍ଗ,
ସହଜରେ ହୁଏ ତହିଁ ଧର୍ମ-ସେତୁ ଭଙ୍ଗ ।
ଆଶୁଷପ୍ତଶୀଳ ସୁଖ ଧରମଧ୍ୱଜର,
ଧର୍ମହୀନ ନର ସବୁ ବିପତ୍ତିର ଘର ।
ଜଗତରେ ଅଛି ଭଲ ମନ୍ଦ ଦୁଇ କଥା,
ବୁଧଗଣ ଭଲ ବାଛି ନିଅନ୍ତି ସର୍ବଥା ।
ଭଲ କଥା ହୋଇଥାଏ ଅଗ୍ରେ ଦୁଃଖପ୍ରଦ,
ପରିଣାମେ ଆଣିଦିଏ ଅଶେଷ ଆନନ୍ଦ ।
ମନ୍ଦ କଥା ପ୍ରଥମରେ ଦିଶେ ମନୋହର,
ଆଗେ କିଛି ସୁଖ ଦିଏ ପଛେ ଭୟଙ୍କର ।
ଭୁବନେ ତ ହୋଇଛି ନାନା ମନ୍ଦ କର୍ମେ ପଟୁ,
ଏଣୁ ଭଲ କଥାସବୁ ଲାଗୁଅଛି କଟୁ ।
ଯେଉଁ ରାଜା ଆଳସ୍ୟରେ ଦ୍ରବ୍ୟ କରି ନାଶ,
ପରଦ୍ରବ୍ୟ ଦେଖି ତହିଁ ପ୍ରବର୍ତ୍ତାଏ ଆଶ,
ପ୍ରିୟ ମିତ୍ରଙ୍କରେ କରି ମିଥ୍ୟା ବ୍ୟବହାର,
ଅବ୍ୟାପାରେ ରତ ଥାଏ ମଣି ସୁବ୍ୟାପାର,
କର୍ତ୍ତବ୍ୟ କାର୍ଯ୍ୟରେ ହେଲେ ନ ଲଗାଏ ମନ,
ବଳବନ୍ତଠାରେ କରେ ବିବାଦ ଅର୍ଜ୍ଜନ,
ତୋଷାମୋଦକାରୀ ସଙ୍ଗେ ବିହର କରଇ,
ନିନ୍ଦନୀୟ କର୍ମ ବୋଲି ତିଳେ ନ ଡରଇ,
ଜୁଆ ପଶା କରିଥାଏ ପ୍ରଧାନ ଉତ୍ସୁକା,
ବେଶ୍ୟାଘରେ ଜୀବନ ଯା ହୋଇଥାଏ ବିକା,
ଅବିଶ୍ୱାସୀ ଲୋକଠାରେ ଲଗାଇ ବିଶ୍ୱାସ,
ମୂର୍ଖପଣେ ନ ଛାଡ଼ଇ ମୂର୍ଖଜନ ପାଶ,
ଆପଣାର ଦୋଷ ଥିଲେ ପର୍ବତ ସମାନ,
ସୋରିଷ ସଦୃଶ ତାକୁ ମଣୁଥାଏ ସାନ,
ସୋରିଷ ସମାନ ଯେବେ ପର ଦୋଷ ଦେଖେ
ଅଭିମାନ ବହି ତାକୁ ଗିରି ସମ ଲେଖେ,
ଯେତେବେଳକାର୍ଯ୍ୟ ଯେତେବେଳେଜ୍ଞାନକରି
କାର୍ଯ୍ୟଦକ୍ଷ ବୋଲିଥାଏ ବୃଥା ଗର୍ବ ଧରି,
କାର୍ଯ୍ୟରେ ଅକ୍ଷମ କିନ୍ତୁ ବାକ୍ୟେ ମହାଶୂର,
ଧରିଥାଏ ମିଥ୍ୟା ଗଲ୍ପଗାଳ ସୁପ୍ରସାର,
ସେ ନୃପତି ଅତି ମୂର୍ଖ ବୋଲି ଶାସ୍ତ୍ର କହେ,
ଲକ୍ଷ୍ମୀ ଘୃଣା କରି ତାର ନିକଟେ ନ ରହେ ।
ହୃଷ୍ଟଚିତ୍ତ ନ ହୋଇ ଯେସ୍ତ୍ର ନିଜେ ପିନ୍ଧେ ଖାଏ
ସମସ୍ତେ ତା ଧନରାଶି ସମୂଳରେ ଯାଏ ।
ଶତ୍ରୁଆଙ୍କ କଥା ଯେବେ ରାଜା ମନେ ଧରେ,
ନିଜ ଶତ୍ରୁନ ଲୋକଙ୍କୁ ଦଣ୍ଡ ଦାନ କରେ,
ହିତାହିତ କଥା କିଛି ନ ପାରଇ ବାରି,
ପୁରସ୍କୃତ ହୁଅନ୍ତି ଯା ତୋଷାମୋଦକାରୀ,
ଲାଳସା ବଢ଼ାଉଥାଏ ଦେଖି ପ୍ରଜା-ଧନ,
ସେ ଧନ ନେବାକୁ କରେ ଉପାୟ ସାଧନ,
ସତସଙ୍ଗ ଛାଡ଼ି ରହେ ଅସତ ସଙ୍ଗରେ,
କୁତ୍ସିତ ଆମୋଦେ ରତ ଥାଏ ନିରନ୍ତରେ,
ଅଭିମାନ ବୃଦ୍ଧି ପାଇଁ ବହେ ରଣଧର,
କରେ ରାଜଧର୍ମଠାରୁ ଅସଦ୍ବ୍ୟବହାର,
ଅଧୀନସ୍ଥ କର୍ମଚାରୀ କଲେ ଅତ୍ୟାଚାର,
ପ୍ରଜା ପୁକାରରେ କରେ ନାହିଁ ସୁବିଚାର,
ଦୟା ନ ଜନ୍ମଇ କେବେ ପରଜାଙ୍କ ଦୁଃଖେ
ଭାସୁଥାଏ ନାରୀ ପ୍ରେମ-ତରଙ୍ଗର ସୁଖେ,
ରତ ଥାଏ ବଳବନ୍ତ ରାଜା ସଙ୍ଗେ ବାଦେ,
ସେ ରାଜାକୁ ଲକ୍ଷ୍ମୀ ଛାଡ଼ିଯାଏ ଶୀଘ୍ରପାଦେ ।
କ୍ଷମତା ନ ଥାଇ ଲୋକ ବୋଧ ଦେବାକରେ
ନିଜ କ୍ରୋଧାନଳେ ନିଜେ ଦଗ୍ଧ ହୋଇ ମରେ
ପର ଧନ ପର ଦାର ଯେ କରେ ହରଣ,
ନିଜ ହାତେ କରେ ମହା ନରକ ବରଣ ।
କୁଣ୍ଠିତ ନ ହେବ ରାଜା ଆଶ୍ରିତ ପୋଷଣେ,
ଅଣ୍ଡ ସ୍ୱେଁ କୃପଣ ହେଲେ ବୁଡ଼ିଇ ଆପଣେ ।
ଯେଉଁରୂପେ ପୁଷ୍ପରସ ନିଅଇ ଭ୍ରମର,
ହାନି ନାହିଁ ପ୍ରଜାଧନ ନେଲେ ନରବର ।
ନିତ ପାଣି ଦେଇ ମାଳୀ ବୃକ୍ଷକୁ ବଢ଼ାଏ,
ତେବେ ଏକା ମନୋହର ପୁଷ୍ପ ତହିଁ ପାଏ ।
କରୁଥିଲେ ପରଜାଙ୍କ ଉନ୍ନତି ସାଧନ,
ହସି ହସି ପ୍ରଜାମାନେ ଦେଉଥାନ୍ତି ଧନ ।

ପ୍ରଜାଗଣ ପାନ୍ତି ଯେଉଁ ରାଜାଠାରୁ ଭୟ,
ତଦ୍‌ବର୍ତ୍ତୀ ହୋଇଲେ ନଷ୍ଟ ହୁଏ ତାର ଶ୍ରେୟ ।
ବାଳ ମଧ୍ୟୁ ବୁଦ୍ଧି ଯଥା କରନ୍ତୁ ସଂଗ୍ରହ,
ସବୁଠାରୁ ନେବ ହିତ-ଉପଦେଶଚୟ ।
ଦଳବନ୍ତ ଲୋକଠାରେ ନ କରିବ କଳି,
ଅନଳେ ଲାଗିଲେ କାଠ ନହେ ଯାଏ ଜଳି ।
ବଳବନ୍ତ ହୋଇ ଯେବେ ଅଧର୍ମ ଆଚରେ,
ଅଗ୍ନି ପ୍ରାୟେ ନିଜଦୋଷେ ନିଜେ ଜଳିମରେ ।
ବିପତ୍ତି ସମସ୍ତେ ଯେବେ ହୁଏ ଉପସ୍ଥିତ,
ହୋଇଥାଏ ବୁଦ୍ଧିଜୀବୀ-ବୁଦ୍ଧି ବିପରୀତ ।
ସେକାଳେ ଧଇର୍ଯ୍ୟ ଧରି ହୋଇ ଅଗ୍ରସର,
ସୁଜନ ବିପତ୍ତି-ଶିରେ ପ୍ରହାରି ଚପ୍ପର ।
ସକଳ ତୀର୍ଥରେ ସ୍ନାନ କଲେ ଯେଉଁ ଫଳ,
ନିଷ୍କପଟ ବ୍ୟବହାର ସବୁଠାରୁ ଭଲ ।
ରାଜଦ୍ୱାର ପାଇ ଯେହୁ କାର୍ଯ୍ୟରେ ଉଦାସ,
ସ୍ୱର୍ଗପଥ ମଧ୍ୟେ ତାକୁ ନିନ୍ଦା କଲା ତ୍ରାସ ।
ରାଜା ହୋଇ ନାହିଁ ଯାର ଅପଯଶ ଡର,
ଦରିଦ୍ର ଯଶସ୍ୱୀ ତାହାଠାରୁ ଶ୍ରେଷ୍ଠତର ।
ପରଲୋକ ଆଶ୍ରୟରେ କେବେ ନ ରହିବ,
ନିଷ୍ଠୁର ଅପ୍ରିୟ କଥା କେବେ ନ କହିବ ।
ଧନ ଲୋଭେ କରଇ ଯେ ଅସତ୍ୟ ଆଶ୍ରୟ,
କୁଳମାନ ଲୋକାଦର ନାଶ ହୁଏ ତାର ।
କର୍ପୂର, କାର୍ପାସ, ଘୃତ, କଶ, ଅଶ୍ୱ, ଖର;
ଯେ ରାଜସଭାରେ ବଡବଡେ ଏକ ଦର,
ଯେ ରାଜସଭାକୁ ଦୂରୁ କରି ନମସ୍କାର,
ବୁଧଗଣ ରାଜ୍ୟସୀମା ନ ମାଡ଼ନ୍ତି ତାର ।
ଯେଣୁ ରାଜ୍ୟ ଠକହୋଇ ସ୍ୱାର୍ଥପରଗଣ,
ଲୁଲାଇ ଲୁଲାଇ ଖାଉଥାନ୍ତି ରାଜଧନ ।
ନରେ ହୋଇଥାନ୍ତି ଯେତେ ଗୁଣରେ ଭୂଷିତ,
ଲୋଭବଶ ହେଲେ ଲୋକେ ହୁଏ କଳୁଷିତ ।
ପାନରତ ବୈଦ୍ୟ, ବେଦବିହୀନ ବ୍ରାହ୍ମଣ,
ଦୂର କରିଥାନ୍ତି ରାଜା ଥିବେ ବିଚକ୍ଷଣ ।
ମତ୍ତ ହୋଇ ପଡ଼େ ମାତନସୁଣି ଯେ ଜନ,
ତାହାକୁ ମଣିବ ମର୍କଟର ଭଜନ ।

ସର୍ପ ସଙ୍ଗେ ଖଳ ସଙ୍ଗ ଅଟଇ ସମାନ,
ସମୟରେ ତାଙ୍କ ଲାଗି ନାଶ ଯାଏ ପ୍ରାଣ ।
ଖଳ ଲୋକ ପୋଷେ ଯେଉଁ ରାଜା କରି ଧାନ,
ଭୁଜଙ୍ଗେ କରାଇଥାଏ ମାତ୍ର କ୍ଷୀର ପାନ ।
କ୍ଷୀର ପାନ କରି ସର୍ପ ଉଗାରେ ଗରଳ,
ମହାନର୍ଥ ଉପୁଜାଏ ଅନ୍ନ ଖାଇ ଖଳ ।
ଜ୍ଞାନୀ ଦେଖି ଭାଗ୍ୟବାନ ପ୍ରକାଶି ଆଗ୍ରହ,
କରେ ଜ୍ଞାନୀଠାରୁ ବାକ୍ୟ-ରତନ ସଂଗ୍ରହ ।
ସେ ବାକ୍ୟ ପାଳନ କରି ଲଭଇ ମଙ୍ଗଳ,
ନ ପାଳିଲେ ଉପଦେଶ-ବାକ୍ୟ ନାହିଁ ଫଳ ।
ବୈଦ୍ୟଙ୍କୁ ଡାକିଲେ ଦେବ ଅଉଷଧ ପିନା,
ରୋଗ ତ ଘୁଞ୍ଚିବ ନାହିଁ ତା ସେବନ ବିନା ।
ତଥି ସେ ସେ ଦେଶଖଣ୍ଡେ ବାନ୍ଧବରକ୍ଲେଶ
ଅଯାଚିତେ ଦେଇଥାଏ ହିତ ଉପଦେଶ ।
ସେହି ଉପଦେଶ ଯଦି ନ ହୁଏ ପାଳନ,
ତାହାକୁ ବୋଲନ୍ତି ଲୋକେ ବୃଥା ପ୍ରଳାପନା"
ବିଦୁର ବଚନ ଶୁଣି ଅନ୍ଧ ନରପତି,
ଦୁଃଖମ୍ଳାନ ନେତ୍ର ଦେଇ ବିଦୁରଙ୍କ ପ୍ରତି,
ବୋଇଲେ, "ହେ ଧୀର, ସତ୍ୟ ହେଲେ ବାରମ୍ବାର
ମନନତା ଅନ୍ତର କି ନ ହୁଏ ଲୁହାର ?
ରତନ ହେଲେହେଁ ଯଦ ରହେ ଅମାର୍ଜିତ,
କାନ୍ତି କି ତାହାର ହୁଏ ନାହିଁ ବିବର୍ଜିତ ?
କହ ଭାଇ, କହ ମୋତେ ହିତ କଥାମାନ,
ବ୍ୟାକୁଳ ହୃଦୟେ ମୋର କର ଶାନ୍ତି ଦାନ"
ବିଦୁର ବୋଇଲେ, "ନୃପ, ଯେ ଯେବେ ବଚନ
ଉପଦେଶ ଦେବା ପାଇଁ ତାକୁ ବଳେ ମନ,
ହିତ କଥା କହି କହି ଗଲିଣି ମୁଁ ଥକି,
କଣ ହେବ ସେସବୁ କଥା ପୁନଃ ପୁନଃ ବକି ?
ଯେଉଁ ଲୋକ କରୁଥାଏ ପର ଉପକାର,
ବିପଦ ସମୟେ ତାକୁ ମିଳେ ଉପହାର ।
ପର ଉପକାର କଥା ନ ଭାବ ସ୍ୱପନେ,
ଅପକାର କରୁଅଛ ସତତ ସ୍ୱଜନେ ।
ପାଷାଣ ଉପରେ ହେଲେ ଦାରୁଣ ଆଘାତ,
ସ୍ଫୁଟେ ଅନଳକଣା ହୋଇଥାଏ ଜାତ ।

ସହି ସହି ତୁମ୍ଭ କୃତ ଦୋଷ ଥରୁ ଥର,
ପାଣ୍ଡବଙ୍କ ହୃଦ ହୋଇଯାଇଛି ପଥର ।
ଏଥର ତାହିଁରେ ଯଦି ପଡ଼ିବ ଆଘାତ,
ନିଶ୍ଚୟ ହେବଟି ଘୋର ଅନଳ ସଞ୍ଜାତ ।
ଜଗତେ ପ୍ରସିଦ୍ଧ ଯେଉଁ ଭରତଙ୍କ ବଂଶ,
ତୁମ୍ଭ ଦୋଷେ ସେ ଅକାଳେ ହିଁ ଯିବ ଧ୍ୱଂସ ।
ପାଣ୍ଡବ ଧରମ-ସିନ୍ଧୁ ସୁସ୍ଥିର ଜଳ,
ପ୍ରଚଣ୍ଡ ତରଙ୍ଗ ତହିଁ ଭୀମ ମହାବଳ;
ସବ୍ୟସାଚୀ ଗଭୀରତା ଅତଳ ସ୍ତରଣ,
ମାଦ୍ରୀସୁତଦ୍ୱୟ ଅତି ପ୍ରଚଣ୍ଡ ଯାଦସ୍ ।
ଶୁଭୁଛି ଅଶେଷ ପୁଣ୍ୟ-ରତନ ଗର୍ଭରେ,
ସଦା ଉଚ୍ଛଳିତ କୃଷ୍ଣ-ଚନ୍ଦ୍ର ସ୍ନେହ-କରେ ।
ଶ୍ରିତ-ପୋତେ ବସି ତାଙ୍କ ବକ୍ଷରେ ବିହରି
ରାଜ୍ୟ-ବାଣିଜ୍ୟ ନିଅ ସୁଖେ ଦିନ ହରି ।
ତା ନ କରି ଦେଖାଇବ ଯେବେ ବାହୁବଳ,
ତରଙ୍ଗ-ତାଡ଼ନେ ନିଜେ ମରିବ କେବଳ ।
ପାଣ୍ଡୁପୁତ୍ରମାନେ ଅତି ଧର୍ମପରାୟଣ,
ଧର୍ମ ଅନୁରୋଧେ ସହୁଅଛନ୍ତି କଷଣ ।
ଧର୍ମପଥ ଲଙ୍ଘି ଯେବେ ଦେଖାନ୍ତି ସେ ବଳ,
ଜୀବନେ କି ଥାଆନ୍ତେ ତୁମ୍ଭ କୁମରସକଳ ?
ତୁମ୍ଭ ପୁତ୍ରମାନେ ତାଙ୍କ ଦୁଃଖର କାରଣ,
କିନ୍ତୁ ସେ କଥାକୁ ପୋଷୁ ନାହାନ୍ତି ତାଙ୍କ ମନ ।
ଭୀମେ ଦେଲେ ବିଷ,ଦଗ୍ଧ କଲେ ଜତୁଘର,
ସେ ଦୋଷକୁ ଧରୁଛି କି ହୃଦୟ ତାଙ୍କର ?
ଦୁର୍ଯୋଧନ ଆଦେଶରେ ଦୁଷ୍ଟ ଦୁଃଶାସନ,
କୃଷ୍ଣାକୁ ସଭାରେ କରୁଥିଲା ବିବସନ;
ମହତ ତାଙ୍କର ଆଜି ରହିଥିଲେ କାହିଁ ?
ଧରମ ରଖିଲା ଦିନା ମହତ ବଞ୍ଚାଇ ।
ଧର୍ମ ଅବହେଳା ହେଲେ ପାଣ୍ଡୁଙ୍କ କୁମରେ,
ଆଜ ତୁମ୍ଭ ପୁତ୍ରେ ଥାଆନ୍ତେ ଶମନନଗରେ ।
ରାଜ୍ୟ ନେଲ, ନେଇଥିଲ ମହତ୍ତ୍ୱ-ରତନ,
ମାରିବାକୁ କରୁଅଛ ସତତ ଯତନ ।
ଦେଖାଉଛ ତାହାଙ୍କର ବିପକ୍ଷେ କ୍ଷମତା,
ତଥାପି ହୃଦୟେ ତାଙ୍କ ରହିଛି ମମତା ।

ଘୋଷଯାତ୍ରାକାଳେ ଦେଖ ଯକ୍ଷେ ହୋଇ ଦ୍ୱନ୍ଦୀ
ହୋଇଯାଇଥିଲେ ତୁମ୍ଭ ପୁତ୍ରଗଣ ବନ୍ଦୀ;
ଭ୍ରାତୃସ୍ନେହେ କରି ପଣ ସଙ୍ଗରେ ସମର,
ମୁକ୍ତ କଲେ ସେ ନଥାନ୍ତୁ ଥରେ ତ ନ ପୁର ।
କୃତଘ୍ନତା ଆଜି ଫଳୁଥାଏ କି ବୃକ୍ଷରେ,
ବିଶ୍ୱର ନରେଶ ସମାଜେ ଜନ୍ମିନ୍ତୁ ତ ଥରେ !
ହସ୍ତିନା ରାଜ୍ୟରେ କହ ନାହିଁ କେଉଁ ଧନ,
ତହିଁ ତୃପ୍ତ ନୁହେ ଯୁବରାଜ ଦୁର୍ଯୋଧନ ।
ଗଲେ ତାର ଲାଗିଅଛି ଧନଲୋଭ-ଡୋରି,
ଛି ଛି ଗଲେ ବାହାରେ ଯେବୁ କରି ଚୋରି,
ତହିଁରେ ଖାଇଲେ କେଉଁ ଦର ପରାଭବ !
ଯେବନ ଶିବାର ଥିଲା କେଉଁ ଅସମ୍ଭବ ?
ଧିକ ତାର ଦୁରାକାଂକ୍ଷା, ଧିକ ତା ବିଚାର,
କୁରୁକୁଳେ ଜନମିଲା ଏଡ଼େ କୁଳାଙ୍ଗାର !
ଧନଞ୍ଜୟ ସ୍ନେହ ଯଦି ଛାଡ଼ିଥାନ୍ତା ମନୁ,
ଦୁର୍ଯୋଧନ ଫେରିଥାନ୍ତା ଆଜି କି ସେ ରଣୁ !
ଯେବେ ଦ୍ରୋହ କରି ତେବେ କରନ୍ତି ଭରସା,
ସ୍ନେହ-ସୂତ୍ରେ କରିଛନ୍ତି ଶୃଗାଳଙ୍କ ବଶା ।
ଶୃଗାଳବୁଦ୍ଧିରେ ପୁଣି ଚଢ଼ିଅଛ ଆତପ,
ତା ପାଇଁ ନୃପତି ତୁମ୍ଭେ ବୁଝିବ ସନ୍ତାପ ।
ମାନୁ ନାହିଁ ଦୁର୍ଯୋଧନ ଗୁରୁଙ୍କ ବଚନ,
ଗୁରୁଙ୍କ କଥାରେ ବୁଝୁ ନାହିଁ ତାର ମନ ।
ଶକୁନି, କର୍ଣ୍ଣର କଥା କରୁଅଛି ବଳ,
କରିବେ କୌରବ ସର୍ବ-ବଂଶକୁ ଦୁର୍ବଳ ।
ବିଖ୍ୟାତ ଭରତବଂଶ ଭାରତ ମଣ୍ଡଳେ,
ଶୌର୍ଯ୍ୟବୀର୍ଯ୍ୟ ଶରଣ୍ୟ ପାଇ ଆଖଣ୍ଡଳେ
ନରଶ୍ରେଷ୍ଠ ମୁନି-ଚିତ୍ତ ସମ ଧର୍ମନିକେତନ,
ନିଖିଳ-ପ୍ରଚାରୀ ତହିଁ ମହତ-କେତନ,
ସେ ବଂଶେ ଜନମି ନିଜ ଗୌରବ ନ ସ୍ମରି,
ଲଜ୍ଜା ହେଉ ନାହିଁ ତଳେ ପର ପାଦ ଧରି !
ପରକୁ କରନ୍ତି କାହିଁ କପଟରୁ ଶାଣ,
ଲୋଡ଼ୁଅଛି ନେବା ପାଇଁ ଜ୍ଞାତିଙ୍କର ପ୍ରାଣ ।
ପାଣ୍ଡୁପୁତ୍ରେ କଲେ କେବେ କେଉଁ ଅପକାର,
ଆଜିମାନେ କଲେ କେବେ କେଉଁ ଉପକାର?

ଶକୁନି ମାତୁଳ, କର୍ଣ୍ଣ ସନ୍ଧି ମିତ୍ରବର,
କଷ୍ଟ ନାହିଁ କରିବାକୁ ତାହାଙ୍କୁ ଅନ୍ତର ।
ଖାଇଥାନ୍ତୁ ଧନ କରି ମନ୍ତ୍ରୀ, ମିତ୍ରପଣ,
ପାଣ୍ଡବଙ୍କ ସଙ୍ଗ ତାଙ୍କୁ ଦେଉଛନ୍ତୁ ଆପଣ ।
ଦୁର୍ଯ୍ୟୋଧନ ସମ ଶଠ ପୁତ୍ରଠାରୁ ବଳି,
ଶ୍ରେଷ୍ଠତମ ଅଟେ ଏକା ଶ୍ୱାନ ମଣ୍ଡଳୀ ।
କର୍ଣ୍ଣ ପରି ଶଢ଼ ଶତ ଥିବେ ଯଦି ଘରେ,
କର୍ଣ୍ଣ ମୋଡ଼ି ପାର୍ଥ ଜମ୍ବୁ ନେବେ ପୃଥ୍ୱୀଗରେ ।
ପାଣ୍ଡୁପୁତ୍ରମାନେ ଯେବେ ଥିବେ ତୁମ୍ଭ ପାଶେ,
ଇନ୍ଦ୍ର ପରି ଶତ୍ରୁ ଦେଖି ପଳାଇବେ ତ୍ରାସେ ।
ମୁଁ ତୁମ୍ଭର ଜ୍ଞାତି, ତୁମ୍ଭ କହୁଅଛୁ ହିତ,
ମୋର କଥା ଶୁଣିବାର ତୁମ୍ଭର ବିହିତ ।
ପୁତ୍ର ଦୁଷ୍ଟ କର୍ମ ଦେଖି ଯେ ପିତା ନ ବାରେ,
ଧ୍ୱଂସ ହୋଇଥାଏ ତା'ର ଦୁଃଖ-ପାରାବାରେ ।
ପିତାର ବଚନ କରେ ଯେ ପୁତ୍ର ଲଙ୍ଘନ,
ଯମ ହସ୍ତେ ହୋଇଥାଏ ତା କେଶ ଲଗନ ।
ସମ୍ମୁଖେ ବିପତ୍ତି ଦେଖି ଉପାୟ ନ କଲେ
ଧ୍ୱଂସ ହୋଇଥାଏ, ବନ ଯଥା ଦାବାନଳେ ।
ଶୀଘ୍ର କାର୍ଯ୍ୟ କର ନୃପ, ତେଜି ଅବହେଳା,
ବୁଡ଼ିବାକୁ ବସିଅଛି କୁରୁବଂଶ-ଭେଳା ।"
ଏହିରୂପେ କହୁଁ କହୁଁ ଶେଷ ହେଲା ରାତ୍ରି,
କ୍ରମଶଃ ମଳିନ ହେଲା ପ୍ରଦୀପର ଦୀପ୍ତି ।
ଆସିଲା ଗବାକ୍ଷ-ପଥେ ଶୀତଳ ସମୀର,
ଆନନ୍ଦେ ଗାଇଲେ ସ୍ୱର୍ଣ୍ଣ ପଞ୍ଜୁରୀରେ କୀର ।
ଗବାକ୍ଷ ନିକଟେ ପେଶୁ କରି ଯେଉଁ ସ୍ୱର
ଉଡ଼ିଗଲା, ନୃପତିଙ୍କ ହେଲା କର୍ଣ୍ଣ-ଜ୍ୱର ।
ବନ୍ଦନା କଲେ ସୂତ-କର୍ଣ୍ଣରସାୟନ-
ପବିତ୍ର ଭରତ-ବଂଶ-ଗରିମା ଗାୟନ ।
ଉଠି କେଶ ବାନ୍ଧି ରାଜପରିଚାରଗଣ
ମାଙ୍ଗଳିକ ଗୀତ ଗାଇ ଝାଡ଼ିଲେ ପ୍ରାଙ୍ଗଣ ।
ନୃପତି ଚରଣ ବନ୍ଦି ସୁମନ୍ତ୍ର ବିଦୁର
ନୃପତି ଶୟନ-କକ୍ଷ ହୋଇଗଲେ ଦୂର ।

ଅହଲ୍ୟାସ୍ତବ, ମହିମା, ଭାରତୀଭାବନା,

କୁମାର ଜନ୍ମୋତ୍ସବ, ଭକ୍ତ ଉପହାର

# ଅହଲ୍ୟା ସ୍ତବ

(ରାଗ—ବଙ୍ଗଳାଶ୍ରୀ)

ବିଶ୍ୱାମିତ୍ର ମଖ    ରକ୍ଷିତେ ରାମ ଅନୁଜ
ଦିଅନ୍ତି ଆଗତ ଦୂତ,
ସୀତା-ସ୍ୱୟମ୍ବର    ବିଧାନ ସକଳ
ବହୁବିଧ କରି ବହୁତ ।
"ମିଥିଳାଧିପତି    ଜନକ ରାଜର୍ଷି
କରିଛନ୍ତି ଏହି ପଣ,
ଯେ ଭଙ୍ଗିବ ହର—    ଧାର୍ମୁକ, କରିବ
ତାକୁ ସୁତା ସମର୍ପଣ ।
ଜନକଦୁହିତା    ଧରଣୀସମ୍ଭୂତା
ସାକ୍ଷାତ ଲକ୍ଷ୍ମୀରୂପିଣୀ,
ଅକଥନୀୟ ତା    ରୂପ ଗୁଣ କଥା
ହୋଇଛନ୍ତି ବନ୍ଧ୍ୟବାଦିନୀ ।
କେତେ ମହାବୀର    ଧନୁ ଭଙ୍ଗିବାକୁ
ସଦର୍ପେ ଆସି ଉନ୍ମୁଖେ,
ଭଙ୍ଗି ନାରି ଥାଉ,    ଉତ୍ତୋଳନ ବିନା
ପଳାଇଲେ ନତମୁଖେ ।"
ସୀତା କନକାଙ୍ଗୀ    କଥା-ମଧୁଗନ୍ଧ
ଦୂତ-ମାରୁତେ ଆନୀତ,
ହୋଇ ରଘୁନାଥ    ଚିତ୍ତ-ଭ୍ରମରକୁ
କରିଦେଲା ଲୋଲୁପ୍ତ ।
ତହିଁ ଦାଶରଥି    ଲକ୍ଷ୍ମଣ ସହିତ
ଗୁରୁଙ୍କେ ଧନୁ-ଦର୍ଶନେ;
ବିଶ୍ୱାମିତ୍ର ସଙ୍ଗେ    ଯାନ୍ତି ପଥ ମଧ୍ୟେ
ପ୍ରବେଶି ଗୌତମବନେ ।
ଗୌତମ ଆଶ୍ରମ    ଅତି ପୁଣ୍ୟଧାମ
ସପୁଷ୍ପ ପାଦପଗଣ,
ପୁଷ୍ପ-ଅର୍ଘ୍ୟ କରେ    ଯତେ କି ଶ୍ରୀରାମେ
କରୁଛନ୍ତି ଆମନ୍ତ୍ରଣ ।
ବନ କଲୋଳସ୍ତୁ    ଡାକିଲ ଖଗଦଳ
କରି ମଧୁ କଳସ୍ୱର,
ବୋଲୁଛନ୍ତି ଯେସନ୍ତି    "ଶୀତଳ ଛାୟାରେ
ବିଶ୍ରାମ, ଭଜନ କର ।"
ଅହଲ୍ୟା ସୁନ୍ଦରୀ    ପତିଅ-ଭିଶାପେ
ସେ ବନେ ହୋଇ ପଥର,
ପଡ଼ିଛନ୍ତି ତହିଁ—    କାଳକୁ ପସୁର-
ରଜ ଆଶେ ଶ୍ରୀରାମର ।

ମନୋହର ସ୍ଥାନ ଦେଖିଣ ଶ୍ରୀରାମ
ସେଠାରେ କଲେ ବିଶ୍ରାମ,
ବିଶ୍ୱାମିତ୍ର ମୁନି- ମୁଖରୁ ଶୁଣିଲେ
ଇତିହାସ କଥାଗ୍ରାମ ।
ପତିତପାବନ ଶ୍ରୀରଘୁନନ୍ଦନ
ନୟନେ ପଦପଙ୍କଜ,
ଅହଲ୍ୟା ଉପଳ ସରକ୍ତ ମାଂସଳ
ହେଲା ଲଭି ପଦରଜ ।
ଦିବ୍ୟ ନାରୀବର ଶ୍ୟାମ କଳେବର
ରାମ ଆଗେ ହେଲା ଉଭା,
ବୋଧହେଲା କାବ୍ୟ- ତାରା ଉଇଁ ମଣ୍ଡି-
ଦେଲା ନୀଳ ବ୍ୟୋମକୁ ବା ।
ବିଷ୍ଣୁଚରଣରୁ ପ୍ରଚ୍ୟୁତା ଅଥବା
ମୂରତିମତୀ ଜାହ୍ନବୀ,
ସୁର ନର ମୁନି ମୁଗ୍ଧ ହୋଇଥିବେ
ଦେଖିଲେ ବାମାର ଛବି ।
ରାମପାଦେ ପଡ଼ି ସ୍ତୁତି କରଯୋଡ଼ି
ବିନମ୍ରବଦନା ଯୁବତୀ,
ସ୍ତବ ଆରମ୍ଭିଲା କଣ୍ଠୁ ବୀଣାଜିଣା
ମଧୁର ମୃଦୁ ଭାରତୀ !

## ( ସ୍ତବାରମ୍ଭ )

ହେ ମନ୍ମଥମଣ୍ଡନ ଜଗତବନ୍ଦନ
ଭକତମୁକୁଟ ମଣି,
ସଂସାର-ସାଗର ତାରଣ ତତ୍ପର
କଇବର୍ତ୍ତ ଚୂଡ଼ାମଣି,
ସାଧୁପାଳନ ଦୁଷ୍ଟବିନାଶନ
କାରଣେ ଜାତ ଭୂତଳେ,
ତୁମ୍ଭ ଶ୍ରୀଚରଣ କମଳେ ମୋ ମନ-
ଭ୍ରମର ରହୁ ନିଶ୍ଚଳେ ।
କ୍ଷୀରାବ୍ଧିତନୟା ମୃଦୁକୋମଳ କରେ
କରନ୍ତି ଯାକୁ ମର୍ଦ୍ଦନ,
ଯହୁଁ ସୁରଧୁନୀ ତ୍ରୈଲୋକ୍ୟପାବନୀ
ହୋଇଛନ୍ତି ଉତପନ୍ନ;

ରଜନୀ ବାସରେ ଯାକୁ ପ୍ରେମଭରେ
ଭାବନ୍ତି ଯୋଗୀନ୍ଦ୍ର ଦଳେ,
ତୁମ୍ଭ ସେ ଚରଣ କମଳେ ମୋ ମନ-
ଭ୍ରମର ରହୁ ନିଶ୍ଚଳେ ।
ବ୍ରହ୍ମା ମହେଶ୍ୱର ଇନ୍ଦ୍ର ଆଦି ସୁର
ଭକତିଭରେ ସାଦରେ
ପ୍ରେମସୁଧା ଢାଳି ହୋଇ କୃତାଞ୍ଜଳି
ସେବନ୍ତି ଯେଉଁ ପାଦରେ,
ବିଷ୍ଣୁ ପଦେ ନତ ନିସ୍ପୃହେ ରମନ୍ତି
ରବି ଚନ୍ଦ୍ର ଯାର ତଳେ,
ତୁମ୍ଭ ସେ ଚରଣ କମଳେ ମୋ ମନ-
ଭ୍ରମର ରହୁ ନିଶ୍ଚଳେ ।
ବ୍ରହ୍ମାଣ୍ଡ ଉଦ୍ଭବ, ପାଳନ, ପ୍ରଳୟ
କର ସ୍ୱ ମୂରତି ଧରି,
ଦୁଃଖ-ଅନ୍ଧକାର ହର ଦିବାକର
ପ୍ରଦୀପ କରି ଦେହ ଧରି ।
ପଙ୍ଗୁ ଲଙ୍ଘି ପାରେ ତୁମ୍ଭର କୃପାରେ
ଅଚଳବର ଟପିଲେ,
ତୁମ୍ଭ ଶ୍ରୀଚରଣ କମଳେ ମୋ ମନ-
ଭ୍ରମର ରହୁ ନିଶ୍ଚଳେ ।
ତୁମ୍ଭେ ସୃଷ୍ଟ ତୁମ୍ଭ ଅଚିନ୍ତ୍ୟ ମହିମା
ଦିଶୁଅଛି ଜଗତରେ,
କୋଟି କୋଟି ରବି ଗ୍ରହ ଋକ୍ଷଜାତ
ଭ୍ରମନ୍ତି ଇଚ୍ଛା ମାତ୍ରରେ,
ହେବ ମଗ୍ନ ତୁମ୍ଭ ଅଗାଧ ଅପାର
ମାୟା-ମହୋଦଧି ଜଳେ,
ତୁମ୍ଭ ଶ୍ରୀଚରଣ କମଳେ ମୋ ମନ-
ଭ୍ରମର ରହୁ ନିଶ୍ଚଳେ ।
ଯୋଗୀଙ୍କ ସମାନ କୃଷ୍ଣ ପ୍ରେମରସ—
ସୃଷ୍ଟି- ସର କେଳି ପର,
କାଳନସ ଭୟ ଅଶନି ସନ୍ତ୍ରାସ —
ଦୁରଶାଳୀ ସଂସାର;
ଦୁରାତ୍ମା ଦନୁଜ ଗଜ ଭୁଜଙ୍ଗ ସିଂହ
ହୋଇ ନାଶ ଯାଙ୍କୁ ବଳେ,

ତୁମ୍ଭ ଶ୍ରୀଚରଣ କମଳେ ମୋ ମନ-
ଭ୍ରମର ରହୁ ନିଶ୍ଚଳେ ।
ଦାତେ ବତ୍ସଳତା କରୁଣାଶୀଳତା
ପ୍ରକାଶି କରନ୍ତି ରଖ,
ପ୍ରହ୍ଲାଦେ ମଘବା ବିଭୂତି କା ଦେବା
ପ୍ରମାଣ ତାର ପ୍ରତ୍ୟକ୍ଷ ।
ଶ୍ରୀବତ୍ସର ପଦ- ଚିହ୍ନକୁ ପଦକ
କରିଅଛ ବକ୍ଷସ୍ଥଳେ,
ତୁମ୍ଭ ଶ୍ରୀଚରଣ କମଳେ ମୋ ମନ-
ଭ୍ରମର ରହୁ ନିଶ୍ଚଳେ ।
କ୍ଷୀର-ସାଗର-ନୀର ଫଣି ଫଣା ମଣି—
ଉଜ୍ଜ୍ୱଳ କୋମଳ କୋଳେ,
କୌସ୍ତୁଭଭୂଷଣ ତୁମ୍ଭ ନବ ଘନ—
ଶ୍ୟାମ ଅଙ୍ଗଘନ ଦୋଳେ,
ତୁମ୍ଭ ଶାନ୍ତମୂର୍ତ୍ତି କାନ୍ତି ତରଙ୍ଗରେ
ସୁଧା ବର୍ଷେ ଅବିରଳେ,
ତୁମ୍ଭ ଶ୍ରୀଚରଣ କମଳେ ମୋ ମନ-
ଭ୍ରମର ରହୁ ନିଶ୍ଚଳେ ।
କମ୍ବୁ ଚକ୍ର ଗଦା ପଦ୍ମ ଶୋଭେ ସଦା
କରେ, ଚକ୍ରିପଦ୍ମ ଆଗେ,
ପଦ୍ମାସ୍ୟ ଆସ୍ୟରେ ହିରଣ୍ମୟ ଶାଣରେ
ସରତ୍ତ୍ୱଶ ସାନୁରାଗେ;
ଚୋଷନ୍ତି ଶ୍ରବଣ କର ନାଶାଗ୍ରନ
ତୁମଧୂରେ କୌତୂହଳେ,
ତୁମ୍ଭ ଶ୍ରୀଚରଣ କମଳେ ମୋ ମନ-
ଭ୍ରମର ରହୁ ନିଶ୍ଚଳେ ।
କନକବରଣ ସୁନ୍ଦର କିରଣ
ଯୋଗେ ଯଥା ନୀଳାମ୍ବର,
ନୀଳମଣି ରଙ୍ଗ ତୁମ୍ଭର ଶ୍ରୀଅଙ୍ଗ
ଶୋଭେ ସେହି ପୀତାମ୍ବର;
ଶ୍ରୀଅଙ୍ଗ ସୌରଭ ପୂରଇ କଳୁଷ
ଉଠଇ ନଭୋମଣ୍ଡଳେ,
ତୁମ୍ଭ ଶ୍ରୀଚରଣ କମଳେ ମୋ ମନ-
ଭ୍ରମର ରହୁ ନିଶ୍ଚଳେ ।

ଅନ୍ତର୍ଯ୍ୟାମୀ ହରି ବହୁରୂପ ଧରି
ରହିଅଛ ବ୍ୟାପି ସଂସାରେ,
ନିରେକ ଅଜ୍ଞ ଜନ ନେତ୍ର ପାତେ ରଖ
ତଥାପି କେ ଦେଖିପାରେ ?
ଯୋଗୀଙ୍କର ଅନ୍ତରେ ଜ୍ଞାନୀର ନୟନେ
ଜ୍ଞାନ ଦେଖ ଧ୍ୟାନବଳେ,
ତୁମ୍ଭ ଶ୍ରୀଚରଣେ କମଳେ ମୋ ମନ-
ଭ୍ରମର ରହୁ ନିଶ୍ଚଳେ ।
ମହା ମହେଶ୍ୱର— ବାଞ୍ଛା ଭଗବାନ
ଆସିଲ ଯାଞ୍ଚା ମୋ ସତ୍ୟ,
ମର୍ତ୍ତ୍ୟେ ଧରି ନୃପ— କୁମାର ସ୍ୱରୂପ
ଅବତରି ମର୍ତ୍ତ୍ୟଭୂମେ;
ରଖିଲ ପାତକ ପାବନ କୀର୍ତ୍ତିକ
ସିନା ଏ ମର୍ତ୍ତ୍ୟମଣ୍ଡଳେ,
ତୁମ୍ଭ ଶ୍ରୀଚରଣେ କମଳେ ମୋ ମନ-
ଭ୍ରମର ରହୁ ନିଶ୍ଚଳେ ।
ଜଗଦାହ୍ଲାଦକ ସଚ୍ଚିଦାନନ୍ଦ
ପୂର୍ଣ୍ଣ ଅଭିନବ ମୁଖ,
ସାଧୁ ଗୋ ବ୍ରାହ୍ମଣ ଘନ ଆର୍ତ୍ତଜନ-
ମାନଙ୍କର ହର ଦୁଃଖ,
ସେହି ତିନି ବର୍ଗ ସଦା ଅପବର୍ଗ
ସ୍ରୋତରୂପେ ଯହିଁ ଗଳେ,
ତୁମ୍ଭ ସେ ଚରଣ କମଳେ ମୋ ମନ-
ଭ୍ରମର ରହୁ ନିଶ୍ଚଳେ ।
କୌଶଲ୍ୟା ଉଦର— କ୍ଷୀର ଅକୂପାର
ସମ୍ଭୂତ ଆହ୍ଲାଦ କର
ଜଗତ ନୟନ— ଚକୋର ତୋଷଣ-
ପରିପୂର୍ଣ୍ଣ ସୁଧାକର;
କର୍ଣ୍ଣେ ଶୋଭେ କିବା ବିଦ୍ୟୁତ୍ ଛବି
ଉଜ୍ଜ୍ୱଳ ମଣି କୁଣ୍ଡଳେ,
ତୁମ୍ଭ ଶ୍ରୀଚରଣ କମଳେ ମୋ ମନ-
ଭ୍ରମର ରହୁ ନିଶ୍ଚଳେ ।
ସହସ୍ର ଅତନୁ ଜିତ ରମ୍ୟ ତନୁ
ଧନୁ ଶୋଭେ ବାମ କରେ,

ନିଶାକର ଭୂତ— ଚକିତ ଚୈତନ୍ୟ
ଶିର ଶୋଭେ ବାମେତରେ;
ଧରିଅଛ କାୟ ସାକ୍ଷାତ ଶମ୍ଭୁ
ପରମ ବଦାନ୍ୟ ଭବେ,
ତୁମ୍ଭ ଶ୍ରୀଚରଣ କମଳେ ମୋ ମନ-
ଭ୍ରମର ରହୁ ନିଶ୍ଚଳେ ।
ଧନ୍ୟ ସ୍ୱର୍ଗବର୍ତ୍ତୀ ଏହି ବସୁମତୀ
ଧନ୍ୟ ସେ ଅଯୋଧ୍ୟାପୁରୀ,
ବୈକୁଣ୍ଠଭ୍ରମ ଶୋଭାପସ୍ତୁ ରମ୍ୟ-
ସମ୍ପଦକୁ କଲେ ଜୟୀ;
ଯେଉଁ ପାଦରଜ ନମ୍ରଭି ସନ୍ତତ
ମିଳିବାକୁ ଆଶକ୍ତିଲେ,
ତୁମ୍ଭ ସେ ଚରଣ କମଳେ ମୋ ମନ-
ଭ୍ରମର ରହୁ ନିଶ୍ଚଳେ ।
ଧନ୍ୟ କଉଶଲ୍ୟା ଜଗତ ମଙ୍ଗଳା
ତୁମ୍ଭଙ୍କୁ ଯା ଧରି କୋଳେ,
ଧନ୍ୟ ଦଶରଥ ନୃପ ସ୍ୱାର୍ଥବନ୍ତ
ଭାସନ୍ତି ସୁଧା-କଲ୍ଲୋଳେ,
ଜଗତଠାକୁର ହୋଇଛ କୁମର
ତାହାଙ୍କ ତପସ୍ୟା ଫଳେ,
ତୁମ୍ଭ ଶ୍ରୀଚରଣ କମଳେ ମୋ ମନ-
ଭ୍ରମର ରହୁ ନିଶ୍ଚଳେ ।
ବାସବେ ପୀଡ଼ିତ ଦେଖି ମୋର ପତି
ଦେଇଲେ ମୋତେ ଅଭିଶାପ,
ଯୁଗ ଯୁଗାନ୍ତର ହୋଇ ମୁଁ ପଥର
ପଡ଼ିଥିଲି ବହି ତାପ;
ମୋର ସେହି ପାପ ସହ ଅଭିଶାପ
ଧୋଇଲି କରୁଣା-ଜଳେ,
ତୁମ୍ଭ ଶ୍ରୀଚରଣ କମଳେ ମୋ ମନ-
ଭ୍ରମର ରହୁ ନିଶ୍ଚଳେ ।
ଯେଉଁ ପାଦଧୂଳି ଶଶାଙ୍କ ମଉଳି
ଲଭିବାର ଦୁରୂହର,
ବ୍ରହ୍ମା ହିଁ ଯାହାକୁ ଶିରେ ମଣ୍ଡିବାକୁ
ଲୋଡ଼ନ୍ତି ନିରନ୍ତର;
ମୋ ପାଶକୁ ନିଜେ ସ୍ୱୟଂ କରି ହେଳେ
ମଖାଇ ଦେଲ କୋମଳେ,
ତୁମ୍ଭ ଶ୍ରୀଚରଣ କମଳେ ମୋ ମନ-
ଭ୍ରମର ରହୁ ନିଶ୍ଚଳେ ।
ଦେଖୁଛି ପ୍ରତ୍ୟକ୍ଷ ସୁରକଳ୍ପବୃକ୍ଷ
ଦଣ୍ଡାୟମାନ ଆଗରେ,
କରି ଦରଶନ ତୁମ୍ଭ ଶ୍ରୀଚରଣ
ଭାସୁଛି ସୁଧା-ସାଗରେ;
କୋଟିଜନ୍ମକୃତ ଅଘ ଅଗଣିତ
ଛାଡ଼ି ଏବେ ଦୂରେ ଗଲେ,
ତୁମ୍ଭ ଶ୍ରୀଚରଣ କମଳେ ମୋ ମନ-
ଭ୍ରମର ରହୁ ନିଶ୍ଚଳେ ।
ଜୟ ରଘୁବଂଶ ଉଜ୍ଜ୍ୱଳଅଂଶ
ରାଜେନ୍ଦ୍ର ମୁକୁଟମଣି,
ରୂପ ମଧୁମୟ ଉଦାର ହୃଦୟ
ଧର୍ମସଂରକ୍ଷଣାଗ୍ରଣୀ;
ଅସୁର ଗଞ୍ଜନ ଅଚିରେ ଦହନ
ହେବ ତୁମ୍ଭ ଶରାନଳେ,
ତୁମ୍ଭ ଶ୍ରୀଚରଣ କମଳେ ମୋ ମନ-
ଭ୍ରମର ରହୁ ନିଶ୍ଚଳେ ।
ପ୍ରତିଶତ ଆସ୍ୟରେ ଅନନ୍ତ ଯୁଗରେ
ନ ସରେ ମହିମା ଯାର,
ପାରିବ କି କହି ନର ତନୁ ବହି
ମୋ ପରି ଅବଳା ଛାର;
ତୋ! ପୁଣି ଗାଇବା ଭେଳା ପକାଇବା
କିନା ମହାର୍ଣ୍ଣବ ଜଳେ,
ତୁମ୍ଭ ଶ୍ରୀଚରଣ କମଳେ ମୋ ମନ-
ଭ୍ରମର ରହୁ ନିଶ୍ଚଳେ ।
ସର୍ବସ୍ୱର ପ୍ରାଣ ଯେ କରେ ପ୍ରଦାନ
ତାଙ୍କୁ ବଦାବାର ଭାଷା,
ନିଜ ବାଣୀପାଣି ନ ଥିବେ ତ ଜାଣି
ତହିଁ କାହିଁ ମୋର ଆଶା ?
ତଥାପି ନ କହି ତୁଏ ନାହିଁ ରହି
ଯାହାକୁ ଯା କରଣ ଭଲ,

ସେହୁପରି ପୁଇ      ହରି କଥା କହୁ
କୃତାର୍ଥ ହେଲା କେବଳ ।

ଏକାଳେ ପବନ      ଦେବତା ସୁମନ
ବନରୁ ଆଣି ଚନ୍ଦନ,
ରାମଚନ୍ଦ୍ର ଶିରେ      ଆଣି ଧୀରେ ଧୀରେ
କରିଦେଲେ ବରଷଣ ।

ଭକ୍ତି ଗଦଗଦ      ଶିରେ ରାମପଦ
ତଳେ ଦଣ୍ଡପ୍ରାୟ ହୋଇ,
ଦେହ ରବିକାନ୍ତା      କଳଙ୍କରହ କାନ୍ତା
ଉଠି ଚନ୍ଦ୍ର ଲୁଚନ୍ତ ଧୋଇ;

ସଜଳ ମସ୍ତକେ      ପୁଣି କରଯୋଡ଼ି
ରାମଙ୍କୁ ମେଲାଣି ମାଗି,
ସ୍ୱାମୀ ଦରଶନ      ଆଶେ ପରସନ୍ନ
ହୃଦୟେ ଗଲା ସୁନ୍ଦରୀ ।
ଦେଖି ଅଦ୍ଭୁତ      ବାଲ୍ମୀକି ସନ୍ଧିତ
କହି ଯାଇଛନ୍ତି ଶ୍ଳୋକେ,
ଏ ସ୍ତବ ପଠନେ      ଶ୍ରୀରାମ ସ୍ମରଣେ
ସଦ୍‌ଗତି ଲଭିବେ ଲୋକେ ।
ନାରୀ ବସତି      ପାଇବେ ସମ୍ପତ୍ତି
ସହିତ ଶାନ୍ତି ସନ୍ତାନ,
ଅହଲ୍ୟାର ପ୍ରାୟେ      ପାଷାଣ ହୃଦୟେ
ମୁକ୍ତିମନ୍ତ ହେବ ଜ୍ଞାନ ।

# ମହିମା

[illegible]

ପର ଉପକାର ସୁଖ୍ୟମୟ ବ୍ରତ
ପାଳନ୍ତି ମହତ ଜନ,
ଉର୍ବୀ, ଦିବାକର ପର ଉପକାରେ
ଦଅନ୍ତି ଶସ୍ୟ, କାରଣ ।
ପର ତାପ ଲଭି ମହତ କରନ୍ତି
ପରକୁ ଆହ୍ଲାଦ ଦାନ,
ସୁଶୀତଳ ଜଳ ଦାନ କରେ ରବି-
ରଶ୍ମି ଲଭି ହିମବାନ ୧ ।
ଉଚ୍ଚେ ଥାଇ ମଧ୍ୟ ନମ୍ର ହୋଇଥାନ୍ତି
ସତତ ମହତ ଜନ,
ରବି, ଶଶୀ, ତାରା କେଡ଼େ ଊର୍ଦ୍ଧ୍ୱେ ସ୍ଥିତ
ସମସ୍ତେ ନତବଦନ ।
ପରେ ଅପକୃତ ହୋଇଲେହେଁ ମହତ
କରୁଥାନ୍ତି ଉପକାର,
ଘନ ତ୍ରାସେ ରବି, ରବି-କରାକୃଷ୍ଟ
ବାଷ୍ପରେ ଘନ ସଞ୍ଚାର ।
ବିପଦ-ସାଗରେ ବୁଡ଼ନ୍ତି ମହତ
ବିପନ୍ନ ସାହାଯ୍ୟ ପାଇଁ,
ତୃଷାତୁର ପାନ୍ଥ ତୃଷା ନାଶେ ପାନ୍ଥ-
ତରୁ ୨ ମରୁଭୂମେ ଥାଇ ।

ଅନ୍ୟର ଉନ୍ନତି ଦର୍ଶନେ ମହତ
ହୃଦ ସ୍ୱତଃ ପ୍ରଫୁଲ୍ଲିତ,
ଦିନ ବୃଦ୍ଧି ଦେଖି ଦିନକର-ପ୍ରିୟା
କମଳିନୀ ବିକଶିତ ୩ ।
ଉପକାରକର ପ୍ରତି-ଉପକାର
ସାଧନେ ମହତ ବ୍ୟସ୍ତ,
ମେଘଜଳେ ପୂର୍ଣ୍ଣ ଜଳାଶୟ, ବାଷ୍ପ
ପ୍ରତିଦାନେ ଚିରାଭ୍ୟସ୍ତ ।
ଜଗତର ହିତ- କାର୍ଯ୍ୟରେ ମହତ
ଦେଇଥାନ୍ତି ଜୀବନ,
ଅବନୀ ଉଜ୍ଜ୍ୱଳ କରେ ଚନ୍ଦ୍ରାପୀଡ ୪
ଦହି ନିଜ ଅପଘନ ।
ମହତ ନିକଟେ ମହାଦ୍ରବ୍ୟ ଥାଏ
ଇତରେ ଦ୍ରବ୍ୟ ଇତର,
ହିମାଚଳେ ମିଳେ ଶ୍ୱେତ ଗଜରାଜ
ବାରୁପାହାଡ଼େ-୫ ଶୂକର ।
ମହତ ଆଶ୍ରୟେ ମହତ ରହିଲେ
ନ ହୁଏ ମହତ୍ତ୍ୱ ହାନି,
ମହାରଣ୍ୟ ବିନା ଆଶ୍ରୟ ନ ନିଏ
ମୃଗରାଜ ତାହା ଜାଣି ।

---

୧ । ହିମାଳୟର ବରଫ ସୂର୍ଯ୍ୟକରରେ ତରଳି ଶୀତଳ ଜଳ ହୋଇ ବହେ । ୨ । ପାନ୍ଥତରୁ—କଦଳୀଗଛ ପରି ଏକପ୍ରକାର ଗଛ ମରୁଭୂମିରେ ଜନ୍ମେ । ଏହାର ଦଣ୍ଡରେ ବିଶେଷ ପରିମାଣରେ ଜଳ ଥାଏ । ୩ । ବସନ୍ତରେ ଦିନର ବୃଦ୍ଧି ହୁଏ, ସେହି ସମୟରେ ପଦ୍ମ ଅଧିକ ବିକଶିତ ହୁଏ । ୪ । ଆତସବାଜି ବିଶେଷ । ୫ । ସମ୍ବଲପୁର ଜିଲ୍ଲାର ପ୍ରଧାନ ପର୍ବତ ।

ମହତ ପ୍ରସାଦେ ଶୁଦ୍ର ହୁଏ ବଜ୍ର
ପ୍ରକୃତିସିଦ୍ଧ ବିଧାନ,
ବିଷବସ୍ତୁ-କଣରେ ଅଭ୍ରଭେଦ୍ରି ଦେଖ
ହୀରଣ କେତେ ତେଜସ୍ୱାନ ।
ମହତ ପ୍ରଭାବ ଲଭି ସେତ ହୁଏ
ମହନ୍ତୁଁ ପ୍ରଭାବଶାଳୀ,
ସୂର୍ଯ୍ୟ-କରୁଁ ବଳ କେତେ ତାପ ଦିଏ
ସୂର୍ଯ୍ୟକର-ତପ୍ତ ବାଲି ।
ମହତ ଜନ୍ମଇ ଖାନଗର୍ଭେ ଏହା
ଭବେ ନୁହେ ଅସମ୍ଭବ,
ପଙ୍କରୁ କମଳ ଶୁକ୍ତିରୁ ମୌକ୍ତିକ
ହୁଅଇ ସଦା ସମ୍ଭବ ।
ବିପଦ ସମସ୍ତେ ମହତ ଜନର
ଧୈର୍ଯ୍ୟ ନ ହୁଏ ଭଙ୍ଗ,
ବାତର ପ୍ରହାରଣେ ଶୁଷ୍କ ଜମ୍ବୁନଦ
ଦେ ଇଙ୍କୁ ସେହି ରଙ୍ଗ ।
ଆନନ୍ଦ ବିଷାଦେ ସମଭାବେ ଥାନ୍ତି
ମହତ ସ୍ୱଭାବ ଧରି,
ପୂର୍ଣ୍ଣିମାରେ ଯଥା ନାଚଇ ସାଗର
ଅମାବାସ୍ୟାରେ ସେପରି ।
ନ ପାରଇ କରି କୁସଙ୍ଗ ମହତ
ସ୍ୱଭାବ ପରିବର୍ତ୍ତନ,
ଥିଲେହେଁ କଣ୍ଟକ— କାନନେ ସୁପୁଷ୍ପ
କରେ ବାସ ବିତରଣ ।
କୁସ୍ଥାନ ବାସରେ ମହତ ଜନର
ସଦ୍‌ଗୁଣ ନ ହୁଏ ନାଶ,
ଶ୍ମଶାନଭୂମିରେ ଜନ୍ମିଲେ ତୁଳସୀ
ହୁଅଇ କି ସ୍ଥାନବାସ ?
ଉଚ୍ଚକୁଳେ ଜାତ ହୋଇଲେହେଁ ଜଗତରେ
ରହି ନ ପାରେ କୁଜନ,
କାଦମ୍ବିନୀ-ଗର୍ଭେ ଜନମି କୁକିଶ
ସୀତକୁ କରେ ଗମନ ।
ବିଚଳିତ କରି ନ ପାରେ 'ମହତ
ମନ, ଦୁଷ୍ଟ କୁବଚନ,
ବ୍ୟାଧ ବିଷମୁଖ ଶରେ କଷ ହୋଇ-
ପାରେ ଶୈଳ ଅପଦନେ ।
ମୂଢ଼ ଜନମାନେ ବୁଝି ନ ପାରନ୍ତି
ମହତ ବଚନ ମୂଲ୍ୟ,
ସୂର୍ଯ୍ୟ ସମ ତାଙ୍କ- ଗଣନ୍ତି ମଣନ୍ତି
ସାଧାରଣ ଦୀପତୁଲ୍ୟ ।
ମହତ ଚରିତେ ମିଥ୍ୟା ଦୋଷାରୋପ
ଶତବାର ଘଟୟ,
ତହିଁ କିଛି ହୋଇ ନ ପାରେ ମହତ
ମହିମାର ଅପଚୟ ।
ଅସ୍ୱ ଚନ୍ଦ୍ରଙ୍କୁ ଷସ୍ପ ଜ୍ଞାନ କଲେ
କ୍ଷତ କିସ ଚନ୍ଦ୍ରଙ୍କର,
ଦୋଷ ସିନା ତାହା ନିଜର ଅଜ୍ଞାନ-
ତମସାବୃତ ନୟନର ।
ଲୋକବନେ ଅସ୍ତ୍ର ହାନନ୍ତି ମହତ
ଅସ୍ତ୍ର କାହିଁ ତାହାଙ୍କର ?
ଆତ୍ମରକ୍ଷା ଖଣ୍ଡି ନବୋଧିତ ଆତ୍ମ
ଅସ୍ତ୍ରଘାତ ଦିନକର ।
ମହତ ଯଶରେ ଈର୍ଷା କଲେ ନିଜ
ହୃଦଦାହ ମାତ୍ର ସାର,
ରବିଙ୍କି ଯେ ଦେଖେ କଠୋର ଦୃଷ୍ଟିରେ
ଚକ୍ଷୁତେଜ ନାଶେ ତାର ।
ଆନନ୍ଦ ମନରେ ବୁଲଇ ସୁଜନ
ମହତ ସୁଯଶ ଗାଇ,
ଚନ୍ଦନ ସୌରଭ ବାଣ୍ଟଇ ମଳୟ-
ସମୀରଣ ଧୀରବାହୀ ।
ମହତ ଆହ୍ଲାଦ ହଅନ୍ତି ତହିଁରେ
ଦୁର୍ଜନ ଜଳଇ ଜଳି,
ତପତ ତଇଲ କଟାହେ ସଳିଳ
ଦେଲେ ଯଥା ଉଠେ ଜଳି ।
ମହତର ମୁଖ ମଧୁବର୍ଷୀ, ମୁଖେ
କଣ୍ଟୁ ଥୋଇ ଗତ ମୁଖୀ,
ମଧୁସୃଷ୍ଟି ମଧୁ- ଚକ୍ର ଅହୋ ! ବୁଲେ
ଅଗ୍ନିମୁଖେ ଉଲ୍କାମୁଖୀ,

ପରଦୁଃଖେ ଦେଖି ମହତ ହୃଦୟ
ଅଧିକେ ହୁଏ ଦୁଃଖିତ,
ମେଘନାଦେ ଯଥା ମହାଶୈଳଖୋଲ
ଅଧିକେ ପ୍ରତିଧ୍ୱନିତ ।
ମହାସଙ୍କଟକୁ ମନେ ନ ଗଣନ୍ତି
ମହତ ଅନ୍ତର ଜନ,
ମହୋଦଧି-ଗର୍ଭେ ବିହରଇ ପୋତ
ଅଗ୍ରାହ୍ୟ କରି ପବନ ।
ପର-ଉପକାର- ସାଧନମୂଳକ
ମହତ ଅନ୍ତସ୍ଥ ସାର,
ବାଣିଜ୍ୟ ପୋତ କେତେ ଜନ ଦ୍ରବ୍ୟ
ସାଗର କରଇ ପାର ।
ଜଗତ ହୁଅଇ ମହତ କର୍ମର
ଶୁଭମୟ ଫଳଭାଗୀ,
ମହତ କୌଶଳେ ବାଷ୍ପୀ କାର୍ଯ୍ୟକରେ
୧ ବିଦ୍ୟୁତ ଜଗତ ଲାଗି ।
ବ୍ୟୋମ ସଞ୍ଚରଣ- ଶୀଳ ଜଳଯାନ ୨
ସାରଥୀ ଧରଣୀତଳେ,
ଅଶ୍ୱ ବିନା ରଥ ବାହେ ବାୟୁବେଗେ
ମହତ କର୍ମ କୌଶଳେ ।
ବସନ୍ତ ସୂଚଇ ମହତ, ପ୍ରଭାତ
ସୂଚେ ସୂର୍ଯ୍ୟ ଆଗମନ,
ବସନ୍ତ ସମସ୍ତ- ସୂଚକ କୋମଳ
ମଧୁର କୋକିଳ ସ୍ୱନ ।
ଯତ ପ୍ରଶଂସାକୁ ମହତ ଭର୍ତ୍ସନା
ଶତଗୁଣେ ଶ୍ରେଷ୍ଠତର,
କୁହୁକଣ୍ଠ ମୁକୁଟେ କି କାର୍ଯ୍ୟ, ମୟୂର-
ପୁଚ୍ଛରେ ସିନା ଆଦର ।
ଭୂତକାଳୁଁ ତର କାଳରେ ଅଧିକ
ଯଶଃ ଖ୍ୟାତ ମହତର,

ମଞ୍ଜୁ କୁସୁମର ବାସ ହୋଇଥାଏ
ଅତରେ ଅଧିକତର ।
ପାଷାଣ କଳପ- ତରୁ ଜାତ କରେ
ମହତ ହୃଦୟ ସ୍ୱର୍ଗ,
ଯେ ପାଦପେ ଫଳେ ସୁଧାମୟ ଫଳ
ଭୁଞ୍ଜନ୍ତି ମାନବବର୍ଗ ।
ଧନ୍ୟ ସାହସକୁ ମରଣ ଭୟକୁ
ସାହସ କରନ୍ତି ଜୟ,
ଏକା ସାହସର ଭୃତ୍ୟଗତେ ଥାନ୍ତି
ରାଜଶ୍ରୀ ସମ୍ପଦଚୟ ।
ଅସାଧ ସାଧଇ ଅଲଭ୍ୟ ଲଭଇ
ମାନବ କରି ସାହସ,
ସାହସ ପ୍ରସାଦେ ଆବିଷ୍କାର କଲେ
ଅମେରିକା କଲମ୍ବସ ।
ଅନନ୍ତ ମାର୍ଗରେ ବିଚରଇ ନର
ସାହସର କର ଧରି,
ଦୁଃଖ-ରତ୍ନାକରୁ ସୁଖ-ମହାଦ୍ୱୀପ
ସାହସ ତାରେ ଉଦ୍ଧରି ।
ଗତେ ହିମବ ଦ୍ୱମାଦ୍ରି ଶିଖର
ହୋଇଛି ମାନବ ବାସ,
ଅମ୍ବର ନଗରେ ୩ ନର ନରପତି
ସାହସେ କରି ବିଶ୍ୱାସ ।
ଯତ୍ନେରେ ଆଦର ନାହିଁ ମହତର
ଯତ ଆତେ ଲୋଡ଼ଥାଏ,
ଲୋଡ଼ା ବିନା ଦେଖ ଗଜରାଜ ଶିରେ
ମୁକ୍ତା ସ୍ୱତଃ ହୋଇଥାଏ ।
ମହତ ପ୍ରତିଭା- ଦେଶଜାତ ଯଶ
ନିଜେ ହୁଏ ପ୍ରକାଶିତ,
ଚନ୍ଦନ ବନଲତା ସଙ୍ଗେ ସନଦେଶ
ହୁଏ ଯଥା ସୁବାସିତ ।

୧ । ବିଦ୍ୟୁତ୍—ତାରରେ ସମ୍ବାଦ ଅର୍ଥ, ଫଟୋଗ୍ରାଫ ଅଙ୍କନ ହୁଏ, ଶବ୍ଦ ଚାଳନ, ଇତ୍ୟାଦି । ୨ । ବାଦ୍ଦଲରେ ରେଲ୍ ଚଳିବା କଥା କାହାରିକି ଅବଗତ ନାହିଁ । ୩ । ହେଉଁ ଲଙ୍କାରେ ଅଦ୍ୟାପି ଅମ୍ବର ସବାର ଲୋକଙ୍କର ବସ୍ତ୍ରାସ, ସେଠାରେ ନରର ପ୍ରଥମ ପ୍ରବେଶ ଅବଶ୍ୟ ସାହସ ।

ମହିମା ମନ୍ଦିରେ ପଦ୍ମାଳୟା ଅଛି
ଚଳସଞ୍ଚ ବିନାଦରେ,*
କିଏ ତୋଳିଥାଏ ବାସବ-ଧନୁକୁ
ଖେଳିବାକୁ ପ୍ରପାତରେ ?
ବସନ ଭୂଷଣ ଆଡ଼ମ୍ବର ଯେନି
ମହତ ନ ହୁଏ ଜନ,
ବିବିଧ ରଙ୍ଗରେ ରଞ୍ଜିତ କାଚ କି
ହୁଏ ହୀରକ-ଖଞ୍ଜନ ?
ମହତ ଏକା ସେ ନିଜ ନରପୁଙ୍ଗବ
ପ୍ରକୃତ ଧର୍ମ ପଣ୍ଡିତ;
ଈଶ୍ୱର-ସଂଗତ— ସାଧକ ଦେବାଶ
ଧରମ-ରତନେ ମଣ୍ଡିତ ।
ଧର୍ମ ମହାତ୍ମାନ୍ତୁ ଦେଶରେ ମାନବ
ହୃଦୟ-କ୍ଷେତ୍ର ଉର୍ବର,
ସୁଶିକ୍ଷା-ଲଙ୍ଗଳେ ଚଷି ଧର୍ମ-ବୀଜ
ତହିଁରେ ରୋପଣ କର ।

ଆବଶ୍ୟକ ତହିଁ ସଦାଶ୍ରୁର ଜଳ
ସତସଙ୍ଗ ଆଳ-ବାଳ;
ବାଢ଼ାଇବ ଶାଖା ବିନମ୍ର କରୁଣା
ସୌଜନ୍ୟ ସତ୍କର୍ମ ଡାଳ † ।
ଈଶ୍ୱର ଭକତି, ପର ଉପକାର
ପଲ୍ଲବେ ହୁଏ ସୁନ୍ଦର,
ଫୁଟଇ ପବିତ୍ର ଶୁଭ୍ର ସାଧ୍ୟ ଫୁଲ
ତା ବାସ ଅବିନଶ୍ୱର ।
ସୌରଭ ଲୋଭରେ ଜଗତ ଈଶ୍ୱର
ଚୁମ୍ବନ୍ତ ହୋଇ ଭ୍ରମର,
ଫଳଇ ଅମୃତ- ପୂର୍ଣ୍ଣ ସତଫଳ
ଭକ୍ଷଣେ ନର ଅମର ।
ମହତଙ୍କୁ ଏକା ମହତ ଚିହ୍ନଇ
ଇତର ତହିଁକି ଅନ୍ଧ;
ସୂର୍ଯ୍ୟୋଦୟ ଦେଖି ପ୍ରକୃତି ହସଇ
ଉଲୁକର ଦୃଷ୍ଟିବନ୍ଦ ।

* ଅନାଦର —ବ୍ୟତିରେକ । † ଡାଳ—ପ୍ରଶାଖା ଅର୍ଥରେ ପ୍ରଯୁକ୍ତ ।

# ଭାରତୀ ଭାବନା

୧

ଗୋଲୋକ-ମଣ୍ଡଳେ ନାଥେ ଲକ୍ଷ୍ମୀଙ୍କର
କହନ୍ତି ଭାରତୀ କରଯୋଡ଼ି,
ଭାରତ-ମଣ୍ଡଳେ ଯାହା କଲ ନାଥ
ମନ୍ଦ ହେଉ ନାହିଁ ତାହାଛାଡ଼ି;
ଗୋପେନ୍ଦ୍ର, ଛଳେ ଜାତିକୁଳ ନାଶିଲ,
ଯାହା ଥିଲ ଆମ୍ଭ ନିଜର ତହିଁରେ
ନିଜ ପ୍ରଭୁତା ପ୍ରକାଶିଲ ।

୨

ବଳମେ ହରାଇ ଧନକେ ଭୁଲାଇ
ବଶୀଭୂତ କଲ ସକଳେ,
ବାସର ଯାମିନୀ ଯାଚି ନ ପାଇଲୁଁ
ତୁମ୍ଭ ପଦସେବା ନ କଲ;
ତହିଁରେ, ଉଦାହରଣେ ଦେଖାଇଲ,
ଧନ ମନ ପ୍ରାଣ ତବର୍ଣ୍ଣେ ଭେଟି ଦେଇ
ପଦସେବନ ଶିଖାଇଲ ।

୩

ତୁମ୍ଭ ଦାସେ ଦାସ ତୁମ୍ଭ ଭକ୍ତେ ଭକ୍ତ
ରହିଲୁ ତୁମ୍ଭ ପଦେ ମତ,
ତୁମ୍ଭ କଥା ବିନା ଜଗତେ ଆମ୍ଭର
ରହିଲା ନାହିଁ ଅନ୍ୟ ଗତ;
ଗୋପେନ୍ଦ୍ର, ତୁମ୍ଭର ଭକତେ ଚଳିଲୁଁ,
ତୁମ୍ଭ ମତେ ମାତି ନିଜ ଗଉରବ
ନିଜର ଚରଣେ ଦଳିଲୁଁ ।

୪

ଅଶନେ ବସନେ ଶୟନେ ସ୍ୱପନେ
ତୁମ୍ଭ ପଦେ ମନ ରହିଲା,
ନନ୍ଦନ ଦେଖିଲେ କ୍ଷଣିକ ବିରହ
ଜୀବନକୁ ଅନ୍ତ ଦହିଲା;
ଗୋପେନ୍ଦ୍ର, ଜାଣ ତୁମ୍ଭେ ସବୁ ଦୁଧର,
ତୁମ୍ଭର ଆସନ ବାସନ କାନନ
ସମସ୍ତ ଦିଶିଲ ସୁନ୍ଦର ।

୫

ତୁମ୍ଭର କଥାରେ ମଧୁର ରହିଲା
କର୍ଣ୍ଣେନେଲୁ ଦ୍ରୁତ କଳଣା,
ତୁମ୍ଭ ବଦନରୁ କଥା ନ ଫୁଟିଲେ
ସବୁଯାକ ହେଲା ଅଲଣା;
ଗୋପେନ୍ଦ୍ର, ନିଜ ବାସ ଭଙ୍ଗ ମଣିଲୁଁ,
ମନ୍ତ୍ରରେ ମୋହିଲ ତନ୍ତ୍ରରେ ଦୁହିଲ
ମହତ-କଣ୍ଡ ଚଣିଲୁଁ ।

୬

ଆମ୍ଭ କ୍ଷୀର ସର ଲବଣୀରେ ପୁଷ୍ଟ
ବଳକୁ ତୁମ୍ଭର ଅନାଇ,
ଭସ୍ମ ଲଭି ସିନା ଜାତମଣି ନରେ
କଣ ନ ପାରିଲେ ଲଢ଼ାଇ;
ଗୋପେନ୍ଦ୍ର, ସେ କଥା କହିଥିଲ ଯାଇ,
ନସ୍ୟ ଗନ୍ଧ ମାତ୍ର କେଉଁ କଥା କଲ
ପୂର୍ବ ପ୍ରତିଜ୍ଞା ଅନୁଯାୟୀ ।

୭

୧ ଗାନ୍ଦିନୀଜ-କାନ୍ତ ଘଟାଇଲ୍ ଯନ୍ତ୍ର
ସ୍ନେହବନ୍ଧ ହେଲ୍ ଶିଥିଳ,
ଚର୍ଚ୍ଚି ଜଣାଗଲ୍ ଯାହା ହେଲ ତୁମ୍ଭ
ତହିଁ ପୂର୍ବେ ଅବା କି ଥିଲ;
ଯାଆଉଲେ, ପରିଚୟ ହେଲା ଯାହାର,
ଯାହା ଲଗି ହେଲ୍ ସକଳ କଳଙ୍କ
ମାନ ବଢ଼ାଇଲ୍ ତାହାର ।

୮

୨ ଗାନ୍ଦିନୀଜ ନିଷ୍ଠୁ ଚନ୍ଦନା ନ କରି
ବଂଶୀପୁର କଲେ ଗମନ,
କାନ ନ ପାତିଲ୍ ଦୂରରେ ଥାଇ କଲୁଁ
ସେପଟେ ହାହାକାର କ୍ରନ୍ଦନ;
ଜଗତେ, ଭାରତର ବାନା ଉଡ଼ିଲ୍,
ତାର ନାଆଁ ନେଇ କଉଁଶିଳ ଦଳେ
ଉଗ୍ରସେନାନନ୍ଦ ବଢ଼ିଲା ।

୯

୩ ଦେହର ଜଣାଗଲ୍ ତୁମ୍ଭ ଆତ୍ମ ଭେଦ
ତୁମ୍ଭ ଦ୍ୱୀପାନ୍ତରନିବାସୀ,
ବାଲ୍ୟଜୀବନରେ ଆତ୍ମର ଧନରେ
ବଢ଼ିବା ପାଇଁ ଥିଲ୍ ଆସି;
ଗୋପେନ୍ଦ୍ର, ତୁମ୍ଭେ ହେଲ ବିଶ୍ୱବିଖ୍ୟାତ
ଆତ୍ମ ସଙ୍ଗ ଏକ ବେଶରେ ଚଳିଲେ
ହେଉଛି ଏବେ ନିଜ ଜାତି ।

୧୦

ତାକ ତ ନ ଥିଲୁଁ ତୁମ୍ଭ ଘର ପାଇ
ଆସିଥିଲ ନିଜ ଲଭରେ,
ସରଳ-ହୃଦୟ ମଣି ସିନା ଘରେ
ରଖିଲୁ ଅତି ସ୍ନେହାଦରେ;
ଗୋପେନ୍ଦ୍ର, କହିବ କଲ ଉପକାର,
ଯାହା କରିଅଛ ନିଜ ସ୍ୱାର୍ଥ ପାଇଁ
ନ ଥିଲା ଆତ୍ମ ଦରକାର ।

୧୧

ତୁମ୍ଭର ଆଗରେ ତୁମ୍ଭର ପଛଏ
୪ ମୁରଲମାନ ଥିଲେ ଆସି,
କୋପନ ସ୍ୱଭାବ ହେଲେହିଁ ଆମ୍ଭର
ସନ୍ତୁଷ୍ଟ ଥିଲ ତାଙ୍କ ପାଶି;
କର ଦେସୁ, ନ ଥିଲେ ବସନ ହରଣ,
ଦ୍ରୁପଦସୁତା ଶନ୍ତି କାର ପାଣି
କରି ନ ଥିଲ ସେ ପ୍ରେରଣ ।

୧୨

ଆତ୍ମ କର ଧରି ଝୁଲି ଖେଳି ଦମେ
ତୁମ୍ଭ ଉଦ୍ୟମ ବଢ଼ିଲା,
ତୁମ୍ଭ ବିନା ଆମ୍ଭେ ଚଳି ନ ପାରୁଁ
କଥା ଶୁଣିବାକୁ ପଡ଼ିଲା;
କିବାନ, କିଙ୍କଣୀ ତୁମ୍ଭରି ହାତରେ,
ଦେଇ ତୁମ୍ଭ ପଦ ଆଶାବରି ରହିଲୁ
କାନ୍ଧ ମଲୁଅଛୁଁ କାଳରେ ।

୧୩

ଶତ୍ରୁ ମାରିବାର ଧରମ ତୁମ୍ଭର
ବଢେଇଛି କର ଆହାର,
ତୁମ୍ଭ ପୂତନାଶୀ— ମହିମା କରଇ
ନାଶ ଗର୍ଜ୍ଜିରବ ପ୍ରସାର;
ତୁମ୍ଭର, ଗର୍ବ ଜଳବାର ବୃଷ୍ଟିରେ,
ବନ୍ଧୁ ବୋଲି ଯାକୁ ସେନାବଳ ଦେଲ
ତ୍ରାଣ ନ ରହିଲା ତାଙ୍କର ।

୧୪

କୃଷ୍ଣା କୃଷ୍ଣ ଦେବ ଭାରତ ବିପ୍ଳବ
ଉପୁଜିଲା କହେ ଚାରେଶ,
ଯହିଁ କୃଷ୍ଣ ତହିଁ ବିଜୟ ନିଶ୍ଚୟ
ରହିଗଲା ଲୋକ ବିଶ୍ୱାସ;
ବୋଇଲେ, ଦୁଃଶାସନ ମୂଳ କାରଣ,
ବିଧାତା ବିଧାନ ଲଙ୍ଘିପାରୁ କେବେ
କେମନ୍ତେ ହୁଅନ୍ତା ବାରଣ ?

୧ । ଗାନ୍ଦିନୀଜ—ଅକ୍ରୂର । ୨ । ଅକ୍ରୂର ଯମୁନା ସ୍ନାନ ସମୟରେ କୃଷ୍ଣଙ୍କ ବନ୍ଦନା କରିଥିଲେ । ୩ । ଦ୍ୱୀପାନ୍ତର—ଦ୍ୱାରକା । ୪ । ମୁରଲମାନ—ମୁରଲୀ, ବଳରାମ ।

୧୫

ବିରାଟ ଭବନ ସୁଦେଷ୍ଣ ସେବାଗ କଲେ
କୌଶଳେ ପାଣ୍ଡୁର ନନ୍ଦନେ,
ଶେଷେ ଅଧିକାଂଶ ନିଜେ ଅପଘଣ
ଲଭିଲେ ଚରଣ ବନ୍ଦନେ;
ଉତ୍ତର, ମିଳାଲ ଯାହା ଦେଖାଇଲେ,
ତୁମ୍ଭ ଛଳ ବଳ ଚେଖାଇଲ ଶବଦ
କାର ଦେଦା ହେଲା କଟାକେ ।

୧୬

ବଣ୍ଟି ବଣ୍ଟି ବାଟରେ କ୍ଷୁଦ୍ର ଅନ୍ନ ଖାଇ
ପାଣ୍ଡବଙ୍କ ଜନ୍ମ ବାଞ୍ଛିଲେ,
ତୁମ୍ଭ ଅପମାନେ ଦୁଃଖେ ବଞ୍ଚି ମରେ
ଦୁର୍ଯ୍ୟୋଧନ ଦୋଷ ବାଛିଲେ;
ତୁମ୍ଭରେ, ଭକତ ଥାଏ ତ୍ରିଅଙ୍କର,
ତୁମ୍ଭର ସଦାଙ୍ଗ ଅପାଣ୍ଡବ ଦେଶ
ନ ହେଲା କେବେ ଶୁଭଙ୍କର ।

୧୭

ନ ଦୋଷି ଅନ୍ତରେ ଅର୍ଥର ଲକ୍ଷ୍ୟରେ
ଉଚିତ ସୁ-କାର୍ଯ୍ୟ ଉଚିବ,
ଲଘୁ ଗୁରୁ ତୁଲ୍ୟ ଦର୍ଶ ଯା ଅବଶ୍ୟ
ହେବା ଯୋଗ୍ୟ ତାହା କରିବ;
ପାଠକ, ସେଣ୍ଟି ଭାବ ତୁମ୍ଭ ହାତରେ,
ହେବ ବିସ୍ମୃତ ବୋଲି ବିରଚିବ
ଜଣାଉଛୁ ନତ-ମାଥରେ ।

# କୁମାର ଜନ୍ମୋତ୍ସବ

ଆସିଗଲା ଆହା କେମନ୍ତ ସଉଭାଗ୍ୟ ସମୟ,
ବରପାଲି ହୋଇଯାଉଛି ସୁଦ୍ଧ ଆନନ୍ଦମୟ ।
ଶୁଭୁଛି ଅସଂଖ୍ୟ ବାଦ୍ୟର— ଧ୍ୱନି ରାଜସଦନେ,
ଧାଇଁଛନ୍ତି ପୁରବାସିଏ ଶୁଣି ହରଷିତ ମନେ ।
ଦେଖିଲ ବାହାର ମଧ୍ୟରୁ ଉଡ଼େ ପାରାପଲଲ,
ମଣ୍ଡି ଦେଉଛନ୍ତି ଦଳକୁ— ଦଳ ବେଶ୍ୟାମଣ୍ଡଳ ।
ଥରେ ଥରେ ବସିପଡ଼ନ୍ତି ଉଚ୍ଚ ପ୍ରାସାଦଚୂଳେ,
ଶୋଭୁଛି କି ସୁସ୍ଥ ଗନ୍ଧର୍ବ— କରସ୍ଥଳର ପୁରିଲ ।
ଉଡ଼ି ଉଡ଼ ହଂସପାଳଏ କରୁଛନ୍ତି ନର୍ତ୍ତନ,
ଢୁଳଢୁଳ ଦେଖୁଛନ୍ତି ବା ସୁରବନିତାଗଣ ।
ଉଡ଼ୁଛନ୍ତି ତେଜ ତେନ୍ତୁଳୀ— ଚଳୁ ବଳାକାମାଳ,
ଦିବଙ୍ଗନା ଅବା ଆସନ୍ତି ଧରି ଶ୍ୱେତ ଶବ୍ଦଳ ।

ବାଜି ବହୁବିଧ ବାଜଣା ସୁବନ୍ଧ କରେ ଶ୍ରବଣ,
ବହୁ କନକକୁମ୍ଭ ହୋଇଛି ଆଜି ରାଜଭବନ ।
ସମସ୍ତଙ୍କ ଶିରେ ହୋଇଛି ଫଗୁଚୁଣ୍ଡ ମଣ୍ଡନ,
ପାଟଳଚ ହୋଇଯାଉଛି ଫଗୁଚୁଣ୍ଡେ ଗଗନ ।
ଡାଆଇ ଉପରୁ କୁମାର କେତେ ପଇସା ଟଙ୍କା
ଫିଙ୍ଗି ଦେଉଛନ୍ତି, ନଅନ୍ତି ଜନେ ନ କରି ଶଙ୍କା ।
ନଟାଇ ମିଠାଇ ଖାଇଣ ଦାଳ ବାଳକାଗଣ,
କରତାଳି ଦେଇ କରନ୍ତି ହେଉଁ ହେଉଁ ନର୍ତ୍ତନ ।
ଏମନ୍ତ ଆନନ୍ଦ ଉତ୍ସବ ହେଉଅଛି କାହିଁକି,
ମୁଗ୍ଧ ପାଠକମଣ୍ଡଳ ତାହା ଜାଣ ନାହିଁ କି ?
*ବରପାଲି ଅଧିପତିଙ୍କ ଏକମାତ୍ର ସୁତ—
ଶ୍ରୀ ବୀର ମହେନ୍ଦ୍ର ମହିରେ ଜନମିତ ସନ୍ତୁତ ।

---

* ନୃପତିଙ୍କ ସିଂହ।

ଆହା କି ସୁନ୍ଦର କୁମର
ଦେଖି ଆନନ୍ଦ ଉଦେ,
ପଦ୍ମବନେ ଦେଖ କି ଫୁଟି
ଆନ ଫୁଲ କି ଫୁଟେ ?
ହେଲେ ବରପକ୍ଷୀ ଅଧିପ
ଆହ୍ଲାଦେ ବୃଦ୍ଧ ଗଣିତ,
ନାତି ମୁଖ ଚୁମ୍ବି ଆନନ୍ଦ—
ରସେ ହେଲେ ସିକ୍ତ ।
ଆଇଲନ୍ତି କେତେ ଭାଗ୍ୟରେ
ଚିରବାଞ୍ଛିତ ନିଧି,
ଆଚରିବେ ମହା ଆନନ୍ଦେ
କେତେ ଉତ୍ସବ ବିଧି ।
କେତେ ଉପହାର ପାଇବେ
ତାଙ୍କ ଆଶ୍ରିତମାନେ,
ମୋହୋ କପାଳରେ କି ଅଛି
ତାହା ଦଇବ ଜାଣେ ।
ଏ ବାର୍ତ୍ତା ମୟୂରଭଞ୍ଜକୁ
ଅଛି ସତ୍ୱର ଯାଇ,
ରାଜ ପରିଜନଗଣଙ୍କୁ
ଦେବ ହର୍ଷେ ମଜ୍ଜାଇ ।
ନବ ଭଗିନେୟ ଜନମ
ଶୁଭବାରତା ପାଇ,
୧ ମହାରାଜଙ୍କର ଆନନ୍ଦ—
ସୀମା ରହିବ ନାହିଁ ।
ରାଜଠାକୁରମା’ ଶୁଣିଲେ
ହେବେ କେତେକ ଆନନ୍ଦ,
ବହିଯିବ ଅନ୍ତଃପୁରରେ
ବେଗେ ପ୍ରେମାନନ୍ଦ ।
ଉତ୍ତୁଙ୍ଗ ସଉଧବେଷ୍ଟିତ
ସୁପ୍ରଶସ୍ତ ପ୍ରାଙ୍ଗଣେ,
ମହାନନ୍ଦେ ସବୁ ଖେଳିବେ
କୋଠ ଯୁବକଗଣେ ।
ବନ୍ଧୁବର୍ଗଙ୍କର ଆଦେଶେ
କେତେ ବନ୍ଧୁକଧାରୀ,
ଠୋ ଆହାର ସୁର କମ୍ପାଇ-
ଦେବେ ବନ୍ଧୁକ ମାରି ।
ସେ ଶବଦ 'ବେଲଗଡ଼ିଆ' ୨
ରମ୍ୟ ରାଜଭବନେ,
ହୋଇଥିବ ପ୍ରତିଧ୍ୱନିତ
ମନ୍ଦ୍ର ଗମ୍ଭୀର ସ୍ୱନେ ।
ହୋଇଥିବ 'ମଧୁବନ'ରେ ୩
ପର୍ବ ପ୍ରତିଧ୍ୱନିତ,
ଉଦ୍ୟାନବାସୀ ବିହଙ୍ଗେ
ଶୁଣି ହେବେ ଚକିତ ।
ନବଧୃତ ଗଜ ୪ ସକଳ
ଶୁଣି ବନ୍ଧୁକ-ସ୍ୱନ,
ପଳାୟନୋନ୍ମୁଖ ହୋଇବେ
ସହସ୍ରେ କରି ଗର୍ଜନ ।
ଏ ବାରତା ଦେବଗଡ଼ରେ ୫
ହେବ ଆମୋଦପ୍ରଦ,
୬ ସୁରଗୁଜା ରାଜସଦନେ
ହେବ ଅତି ସୁଖଦ ।

---

୧ । ମୟୂରଭଞ୍ଜ ମହାରାଜ ଶ୍ରୀ ରାମଚନ୍ଦ୍ର ଭଞ୍ଜଦେବ ନବକୁମାରଙ୍କ ମାତୁଳ ଅଟନ୍ତି । ୨ । ମୟୂରଭଞ୍ଜର ରାଜଧାନୀସ୍ଥିତ ବେଲଗଡ଼ିଆ ନାମକ ରାଜଭବନ ଉତ୍କଳର ଏକ ରମଣୀୟ ମନ୍ଦିର ଅଟେ । ୩ । ଉକ୍ତ ରାଜଧାନୀର ଉପକଣ୍ଠବର୍ତ୍ତୀ ମଧୁବନ ଏକ ସୁରମ୍ୟ ସ୍ଥାନ ଅଟେ । ୪ । ମୟୂରଭଞ୍ଜ ମହାରାଜ ଏ ବର୍ଷ ୨୨ ଗୋଟି ହସ୍ତୀ ଧରିଅଛନ୍ତି । ୫ । ବାମଣ୍ଡା ରାଜଧାନୀ ଦେବଗଡ଼ । ଏଠାରେ ବରପକ୍ଷୀ ଅଧିପତିଙ୍କ ଜ୍ୟେଷ୍ଠ ଦୁହିତା ଅଛନ୍ତି ଓ ବାମଣ୍ଡା ମହାରାଜ ବରପକ୍ଷୀ ଅଧିପତିଙ୍କ ହିତାକାଙ୍କ୍ଷୀ ଅଟନ୍ତି । ୬ । ସୁରଗୁଜାର ଦ୍ୱିତୀୟ ରାଣୀ ବରପକ୍ଷୀ ଅଧିପତିଙ୍କ ଦ୍ୱିତୀୟ ଦୁହିତା ଅଟନ୍ତି ।

ଏହିରୂପେ ଶୁଭବାରତା
ହୋଇ ନଗରବ୍ୟାପିନୀ,
କେତେ କେତେ ଲୋକ ମନରେ
ହେବ ତୋଷଦାୟିନୀ ।

---

ଏ ପାଖରେ ଏକବିଂଶତି—
ଦିନ ଉତ୍ସବ ପାଇଁ,
କି କି ଆୟୋଜନ ହେଉଛି
ଥରେ ଦେଖିବା ଯାଇ ।
ପ୍ରଶସ୍ତ ପ୍ରାଙ୍ଗଣେ ପ୍ରଶସ୍ତ
ଚନ୍ଦ୍ରାତପ ମଣ୍ଡନ
ହୋଇ, କରୁଅଛି ଦର୍ଶକ-
ନେତ୍ର-ଦୁଃଖ ଖଣ୍ଡନ ।
୧ ବରଶାଲୁ ଉଢ଼ଣାର ନିଚୋଳ
ଦୋଷାବନ୍ଧ ବେଶେ,
ପ୍ରସ୍ତୁତି ସକାଶେ ଲୋକେ ଏ
ଯାଇଲେଣି ଆଦେଶ ।
ପଣ୍ଡିତ ବ୍ରାହ୍ମଣମାନଙ୍କ
କର୍ଣ୍ଣଭୂଷଣେ ଲାଗି,
କୁଣ୍ଡଳ ଗଢନେ ସୁନାରି—
ମାନେ ଗଲେଣି ଲାଗି ।
୨ ସମ୍ବଲପୁରିଆ ବୃନ୍ଦଆ
ପଡ଼ ଶାଢ଼ୀ ଆସିବ,
ବିପ୍ର ସୀମନ୍ତିନୀମାନଙ୍କ
ମାନସକୁ ତୋଷିବ ।
୩ ବନକା ଗ୍ରାମରୁ ଆସିବ
ହଂସାବଳୀ କପଟା,
ଭଦ୍ରମହିଳାଙ୍କ ପିନ୍ଧିବା
ପାଇଁ ହୋଇବ ବଣ୍ଟା ।
୪ ସାମନ୍ତଙ୍କ ମୁଖରଞ୍ଜନ
ପାଇଁ ହେବ ପ୍ରଦାନ,
୫ ସମ୍ପୁଗଡ଼ ବ୍ଲେଷି ଫଳର
ସ୍ୱର୍ଣ୍ଣପୁରିଆ ପାନ ।
ନବକୁମାରଙ୍କ ସୁବର୍ଣ୍ଣ—
ନାଗର ହେବ ଖଚିତ,
୬ ହୀରାକୁଦ ଜାତ ହୀରକ
ଅଶୀବାର ଉଚିତ ।
କଟକରୁ ଆସିଗଲେଣି
ଏକ ଦଳ ନର୍ତ୍ତକ,
୭ ବୃନ୍ଦାବନୀ ଦାସ୍ ଅଣିବା
ଆଜି କି ଆବଶ୍ୟକ ।
ଏହିରୂପେ ନାନାପ୍ରକାରେ
ଆୟୋଜନ ଲାଗିଛି,
ରାଜପରିଚରଗଣଙ୍କୁ
ଅବସର ନାହିଁଛି ।
ହେ ବିଶ୍ୱପାଳକ କରୁଣା—
ମୟ ଜଗଦୀଶ୍ୱର,
କୃତାଞ୍ଜଳି ହୋଇ ପ୍ରଭୁରେ
ମାଗୁଅଛୁ ଏ ବର ।
କୃପାମୟ ଜ୍ୟୋତ୍ସ୍ନା ବିଭର
ଅନ୍ତ ରାଜ-ଆଳୟେ,
ଦୁଃଖ ତମ ପଶି ନ ପାରୁ
କଦାପି ସମୟେ ।

---

୧ । ବରଶାଲରେ ଉତ୍ତମ କୌଷେୟ ବସ୍ତ୍ର ମିଳେ । ୨ । ସମ୍ବଲପୁରର ବୃନ୍ଦଆ-ପଡ଼ ଶାଢ଼ୀରେ ବ୍ରାହ୍ମଣୀମାନଙ୍କର ବହୁତ ରୁଚି । ୩ । ବନକା ଗ୍ରାମର ହଂସାବଳୀ କପଟା (ହଂସାଦ କାରୁକାର୍ଯ୍ୟଯୁକ୍ତ ଶାଢ଼ୀ) ଏ ଅଞ୍ଚଳର ଭଦ୍ରମହିଳାସମାଜରେ ବିଶେଷ ଆଦରଣୀୟ । ୪ । ଏକବିଂଶତି 'ଗଣ୍ଡି' ଉପଲକ୍ଷେ ଏ ଅଞ୍ଚଳର ବହୁତ ଜମିଦାରମାନେ ଆସିବେ । ୫ । ସମ୍ପୁଗଡ଼ର ବ୍ଲେଷି ଫଳର ଓ ସ୍ୱର୍ଣ୍ଣପୁର (ସୋନପୁର)ର ପାନ ଭଲ ଅଟେ । ୬ । ସମ୍ବଲପୁର ନିକଟସ୍ଥ ହୀରାକୁଦରେ ପୂର୍ବେ ହୀରା ମିଳୁଥିବାରୁ ଏତ ପ୍ରସିଦ୍ଧ । ୭ । ନର୍ତ୍ତକୀ ସ୍ତ୍ରୀ ।

ସୁଧାମୟ ସୁଖ ପ୍ରଦାନ
କରୁଥାଅ ପାଳନ,
ତରଙ୍ଗଣୀ ହୋଇ ରହନ୍ତୁ
ନବ ବ୍ରଜନନ୍ଦନ ।
ସକଳ ସୁଗୁଣ ଭୂଷଣେ
ତାଙ୍କୁ କର ଭୂଷିତ,

ଦେଶ ବିଦେଶରେ ଖ୍ୟାତ
ହେଉ ସୁପ୍ରକାଶିତ ।
ପିତା, ପିତାମହ କୋଳରେ
ହେଉଥାନ୍ତୁ ଶୋଭିତ,
ଦେଖି ଆମ୍ଭ ହୃଦ-ଆନନ୍ଦ
ହେଉଥିବ ବର୍ଦ୍ଧିତ ।

# ଭକ୍ତି ଉପହାର

ଜୟ ଜୟ ରାଜା ବାହାଦୁର ଜୟ ଜୟ,
ଜୟ ଶ୍ରୀ ପ୍ରତାପଚନ୍ଦ୍ର ସିଂହ ମହୋଦୟ ୧ ।
ଚୌହାନବଂଶ କୁସୁମ ଅଗାଧ ସାଗର-
ଉଦର-ସମ୍ଭୂତ ଚନ୍ଦ୍ର ଜନମନୋହର ।
ଆର୍ଯ୍ୟ-ରଜପୁତ-ରବି ପୃଥ୍ୱୀ ଦିଲ୍ଲୀଶ୍ୱର—
ଯାହାଙ୍କ ବଂଶଧରଙ୍କ ଯୋଗ୍ୟ ବଂଶଧର ।
ସ୍ୱର୍ଣ୍ଣପୁର ମଧ୍ୟରତ୍ନ ସୁବର୍ଣ୍ଣପ୍ରତିମା,
ରାଜସିଂହାସନ ତାର ମୁକୁଟ ଗରିମା ।
ସେ ମୁକୁଟେ ତୁମ୍ଭେ କୋହିନୂର ତେଜସ୍କର,
ହୋଇଅଛ ଆଜି ଜଗତରେ ମନୋହର ।
ସ୍ୱର୍ଣ୍ଣପୁର ଜନେ ଆଜି ସ୍ୱର୍ଣ୍ଣସିଂହାସନେ,
ବସାଇ ତୁମ୍ଭକୁ ପୂଜେ ନାନା ଉପାୟନେ ।
ଶ୍ରୀମୁଖଙ୍କ ଦରଶନ ପାଇଁ ମୋହରାରେ,
ସୁବର୍ଣ୍ଣପ୍ରଦୀପ ନାହିଁ ନାହିଁ ଘୃତଧାରେ ।
ଶଙ୍ଖଘଣ୍ଟ ନାହିଁ ମୋର ମଙ୍ଗଳବାଜଣା,
ବଜାଇ କରିବା ପାଇଁ ଶ୍ରୀଦେବ ଅର୍ଚ୍ଚନା ।
କେବଳ ଭୁଲାଇ ଦେବି ମଙ୍ଗଳ ଆରତି,
ଗାଇବି ତୁମ୍ଭଙ୍କ ଯଶ ମଙ୍ଗଳଭାରତୀ ।
ଖରଣାଭଣ୍ଡାରେ ଅଛି ତୁମ୍ଭ ଅଧିକାର,
ଅନେକଙ୍କୁ ହୋଇପାରେ ମୋ ଦ୍ୱାରା ଗାଇବାର ।
କିନ୍ତୁ ରାଜମନ୍ତ୍ରୀ କମଳଙ୍କ ପ୍ରାଣଧନ,
ବସୁରକ୍ଷଣ କରିଥାନ୍ତୁ ତ ଶ୍ରବଣ ।
ଧୀରମଣି ଶୁଣେ କର ପଦସମ୍ମାନନ,
ବସ ଏବେ ମୋ ଆଗ୍ରହ-ଚାତୁରୀ-ଆସନେ ।

ସ୍ୱର୍ଣ୍ଣପୁ-ବିହାରୀ ଦେବ ଅମୃତ କରନ୍ତି,
ମୁଦଘଟଶ୍ରୀକରେ ଦେଇଥାନ୍ତୁ ଦରଶନ ।
ଦେବ ମୋର ଭକ୍ତି-ବନଫୁଲ ଉପହାର,
କଳଙ୍କ ନ ହେବ ତାହା ତୁମ୍ଭ ମହିମାର ।
ଅଯଥା ପ୍ରଶଂସା ଅତି ଅମଙ୍ଗଳକର,
ପ୍ରଶଂସାକାରୀ ପ୍ରଶଂସା ଘୃଣ୍ୟ ମାନବର ।
ପ୍ରଶଂସା ନ ହେଲେ ପୁଣି ପ୍ରକୃତ ଗୁଣର,
ରହନ୍ତ ନେକ ଅମଙ୍ଗଳ ହୁଏ ଜଗତର ।
ପ୍ରଶଂସା ଗାଇବି ଏଣୁ ପ୍ରକୃତ ଗୁଣର,
ଦୋଷ ଦେଖିଲେ କ୍ଷମା ହେବ ଦୟାର ସାଗର ।
ଶ୍ରୀ ପ୍ରତାପଚନ୍ଦ୍ର ସିଂହ ସ୍ୱର୍ଣ୍ଣପୁରେଶ୍ୱର,
ରାଜଧର୍ମ ଧରିଅଛ ନର କଳେବର ।
ତୁମ୍ଭ ଉଚ୍ଚଯଶ ବ୍ୟାପି ଚତୁର୍ଦ୍ଦଶ କୋଣ,
ପ୍ରଜାଗଣଙ୍କୁ ଦାନ କରୁଅଛି ତୋଷ ।
ସ୍ୱଚ୍ଛ ସୁନ୍ଦର ତୁମ୍ଭ ମାନସ-ଦର୍ପଣ,
ନ୍ୟାୟ ଧର୍ମ ମୁଖ ଦେଖି ତୁମ୍ଭ ପ୍ରଜାଗଣ ।
ପରୋପକାରେ ତୁମ୍ଭ ଅତ୍ୟନ୍ତ ଉଦାର,
ଅଟଳ ପ୍ରିୟ ନିଜସ୍ୱ ସ୍ୱଦେଶ ଦୟାର ।
ଜ୍ଞାନରେ ଉଜ୍ଜ୍ୱଳ ଦେଖି ଉତ୍କଳଭୂମିସ୍ଥ,
କାର୍ଯ୍ୟରେ ଦେ ଅଛି ତାର ସମ୍ପଦ ।
ପରିଭ୍ରମଣରେ ତୁମ୍ଭେ ସଦା ମୁକ୍ତକର,
ସଜ୍ଜନ ଦେଖି କରିଥାଅ ସମାଦର ।
ବସିଅଛ ରାଜ୍ୟଭାର ରାଜ୍ୟ ଉପକାରେ,
କରୁଛ ରାଜ୍ୟର ଶ୍ରୀ ନାନା ପ୍ରକାରେ ।

୧ । ଭୂତପୂର୍ବ ସୋନପୁର ରାଜ୍ୟର ରାଜା ।

ରାଜ୍ୟବ୍ରତେ ବ୍ୟସ୍ତ କର ନେଇ ରାଜକର,
ବିଳାସ ଆମୋଦ ନୁହେ ତୁମ୍ଭ ପ୍ରୀତିକର ।
ଔଷଧାଳୟ ତୁମ୍ଭ ରାଜ୍ୟ ନଗରେ ନଗରେ,
ପ୍ରାଣଦାନ କରୁଅଛି ଧାତ୍ରୀ ସ୍ୱରୂପରେ ।
ସ୍ୱର୍ଣ୍ଣମେରୁଦେବ ତୁମ୍ଭ ଭଣ୍ଡାରରକ୍ଷକ,
ଯାହାର ପରଶେ ଲୌହ ହୁଅଇ କନକ ୧ ।
ପାଇଛ ସୁପୁତ୍ର ଆଜ୍ଞାବହ ବିଚକ୍ଷଣ,
ଅଛନ୍ତି ସୁଶୀଳ ତୁମ୍ଭର ଭ୍ରାତୃଗଣ ।
ପାଇଅଛ ମନୋମତ ଅମାତ୍ୟ ଆପଣ,
ଏସବୁଙ୍କୁ ମିଳାଏ ନ କପୁ ଜନ !
ଦୁର୍ଲ୍ଲଭ ବିଭବ ଦେଇଛନ୍ତି ଭଗବାନ,
ପୁଣ୍ୟ ଅନୁରୂପ ଫଳ ଲଭେ ପୁଣ୍ୟବାନ ।
୨"ମହାବାହୁ, ପାଇଅଛ ଶୁଦ୍ଧ ଅବି-ଭ,
ଭଗ୍ୟାଙ୍କଣ ରଖିଯାଅ କୀର୍ତ୍ତି ଅନଶ୍ୱର ।
ଅରଜିଛ ବିଦ୍ୟା, ବୁଦ୍ଧି, ଜ୍ଞାନ, ଧନ, ଯଶ,
ଅନୁରୂପ କୀର୍ତ୍ତି କି ନ ରଖିବ ଆପଣ ।"
କଳରାଜା କଳରାଜା-ପ୍ରିୟ-ଚାତ୍ରକ,
ବିଦ୍ୟାବୁଦ୍ଧି ବିରହିତ ଅବିଦ୍ୟାସେବକ ।
ସେହିମାନେ ଜଗତରେ ହେତ ସମାନ,
ବ୍ୟସନ-ଶ୍ୱାପଦକୁଳ-ପ୍ରିୟ-କ୍ରୀଡ଼ା-ସ୍ଥାନ ।
କେହୁ କାମାସକ୍ତ କେହୁ ମୃଗୟାରେ ରତ,
ପ୍ରଜା ନିଲୁଣ୍ଠନ ଯାହାର ମୂଳବ୍ରତ ।
ନୃତ୍ୟ ଗୀତ ମାଦକରେ ଅର୍ଥକ୍ଷୟ କାର,
ଦ୍ୟୂତ ନ୍ୟାସୁଦିଳ କାହା ଜୀବନବ୍ୟାପାର ।
ବଢ଼ିଅଛ ରାଜଲକ୍ଷ୍ମୀ ସୁକୋମଳ କୋଳେ,
ଝୁଲୁଅଛ ରାଜଭୋଗ-ସୁଖମୟ ଦୋଳେ ।
ଧନତ୍ରିବଶୀ ତୁମ୍ଭ ପାଦତଳେ ପଡ଼ି,
ଅଗ୍ରବର ତୁମ୍ଭେ କେବେ ନବରେ ନ ଚଢ଼ି ।

ଏଥି ବେଶ୍ୟାମୁଖ ଶତ୍ରୁମୋହିନୀ ମାଧୁରୀ,
ଭ୍ରୁଡିଦମ୍ବଦାରିଣୀ କଟାକ୍ଷବହୁରୀ;
ଜଗତମୋହନମନ୍ତ୍ର ତେଲ ଛଳ ବାଣୀ,
ଅନ୍ତଃକରଣକୁ ତୁମ୍ଭ ନ ପାରଇ ଟାଣି ।
ଜାଣିଲି ହୃଦୟେ ଧାତୁ ମିଶେ ଧାତୁ ସଙ୍ଗ,
କେବେ କାଞ୍ଚ ନ ମିଶଇ ହୀରକସଙ୍ଗେ ।
ଏକ କପର୍ଦ୍ଦକ ତୁମ୍ଭ ବେଶ୍ୟାର ଗଉରେ,
ପଡ଼ି ନାହିଁ ଏ କଥା ମୁଁ କହିପାରେ ଦମ୍ଭେ ।
ବ୍ୟସନବର୍ଜିତ ତୁମ୍ଭ ପବିତ୍ର ଜୀବନ,
ଧନ୍ୟ ଧନ୍ୟ ମହାରାଜା ତେବାର ଧନ୍ୟ ।
ରାଜାଙ୍କ ଶ୍ରୀଅଙ୍ଗ ଫୁଲ ଅତରର ବାସ,
ଆମୋଦିତ କରୁଥାଏ ତାଙ୍କ ଚଉପାଶ ।
ତୁମ୍ଭ ଶ୍ରୀଅଙ୍ଗରେ କେବେ ଦେଖି ଫୁଲଟିଏ,
ଦେଖି ନାହିଁ ଏ କଥା ତ ବୋଲନ୍ତି ସବୁଏଁ ।
ତୁମ୍ଭର ସେ ସ୍ପୃହା ନାହିଁ ଜୀବନ ଭିତରେ,
ଏ କଥା ବିଖ୍ୟାତ ହୋଇଅଛି ଜଗତରେ ।
କିନ୍ତୁ ତୁମ୍ଭ ଶ୍ରୀଅଙ୍ଗରୁ କି ଏକ ସୁବାସ,
ଚତୁର୍ଦ୍ଦିଗ ଦେଶେ ଦେଶେ ହୋଇଛି ପ୍ରକାଶ ।
ତୁମ୍ଭ ହୃଦକ୍ଷେତ୍ରେ ଅଛି ସ୍ୱର୍ଗୀୟ ଉଦ୍ୟାନ,
ଫୁଟୁଛନ୍ତି ତହିଁ ଦେବସେବ୍ୟ ଫୁଲମାନ ।
ସେ ଦିବ୍ୟ ଫୁଲର ମନୋମୁଗ୍ଧକର ବାସ,
ଜଗତଜନଙ୍କୁ ଦାନ କରୁଛି ଉଲ୍ଲାସ !
ଫିଟାଇ ଦିଅ ତ ସେହି ଉଦ୍ୟାନ କବାଟ,
ଦେଖନ୍ତୁ ଆନନ୍ଦେ ଜନେ ପାଇ ତାର ବାଟ ।
ଧର୍ମଗୁରୁ ଧର୍ମରଙ୍କ ଧର୍ମସୁନିପୁଣ,
ଧର୍ମେ ତୁମ୍ଭେ ରଖି କର ନ୍ୟାୟବିତରଣ ।
ସୁଦୁର୍ଲ୍ଲଭ ଜଗତରେ ବିଚାର ନୃପତି,
ଶତେକେ ଏକାର ତହିଁ ଧର୍ମେ ଥାଏ ମତି ।

---

୧ । କିମ୍ବଦନ୍ତୀ ଅଛି, ଜଣେ ଲୌହବଣିକ ସ୍ୱର୍ଣ୍ଣମେରୁ ମହାଦେବ ନିକଟରେ ତାହାର ଲୌହ ଭାର ଥୋଇ ଯାଇଥିଲା । ଦିନେ ଲୋକେ ତାଙ୍କୁ ପରୀକ୍ଷା କରିବାକୁ ସ୍ୱର୍ଣ୍ଣମେରୁ ଲିଙ୍ଗ-ପାଷାଣରେ ଘର୍ଷଣ କଲେ । ସେଥିରେ ତାହାର ଲୌହଭାର ସୁବର୍ଣ୍ଣ ପରିଣତ ହୋଇଗଲା । ତାହା ଦେଖି ସେ ଅନେକ ବାହାରର ବହୁ ଲୌହ ଏଥିରେ ଛୁଆଁଇ ସୁବର୍ଣ୍ଣ କଲା । ସେହି ଦିନଠାରୁ ଜାଣିଲେ ସେ ଶିଳା ପାଷାଣ "ସ୍ୱର୍ଣ୍ଣମେରୁ ମହାଦେବ" । ୨ । ଖୋଜଧୂରର ଦେବାଳ ;

ଖୋଟିକେ ଗୋଟିଏ ରହିଁ ସୁଚରିତବାନ,
ତୁମ୍ଭେ ଜଣେ ସେହିପରି ଜଗତପ୍ରଧାନ ।
ନାନା ଶାସ୍ତ୍ର ଅଧ୍ୟୟନେ ହୋଇଛ ଶିକ୍ଷିତ,
ଗୁଣାଧାର ସୁଚରିତ-ଭୂଷଣେ ମଣ୍ଡିତ ।
ସତ୍ୟ ହୋଇଅଛ ରାଜସିଂହାସନାସୀନ,
ମାତ୍ର ରାଜନୀତି କାର୍ଯ୍ୟେ ଅଟ ଉଦାସୀନ ।
ରାଜର୍ଷି ଜନକ ଥିଲେ ପୁରାଣପ୍ରବାଦ,
ଚଳି ଆସୁଥିଲା ତତ୍ତ୍ୱ-କର୍ମ୍ମର ବିବାଦ ।
କଳିଯୁଗେ ଅବତରି ଧନ୍ୟ ହେ ରାଜନ,
କରୁଅଛ ତତ୍ତ୍ୱ କର୍ମ୍ମ ବିବାଦ ଭଞ୍ଜନ ।
ଧର୍ମ୍ମ ଅର୍ଥ କାମେ ହୋଇଅଛ କୃତକାର୍ଯ୍ୟ,
କରୁଅଛ ଏବେ ମୋକ୍ଷ କରିବାର କାର୍ଯ୍ୟ ।
ରାଜକାର୍ଯ୍ୟ ଶେଷେ କର ଶାସ୍ତ୍ର ଆଲାପନ,
ସାଧୁସହବାସେ କର ସମୟ ଯାପନ ।
ଧନ୍ୟ ତୁମ୍ଭ ଶ୍ରୀମୁଖର ମୃଦୁ ମିଷ୍ଟ ପଦ,
ନ କହ ଭୃତ୍ୟଙ୍କୁ ରୂକ୍ଷା ତୁଚ୍ଛାର ଶବଦ ।
ସମ୍ରାଟସଭାରେ ଆଜ ତୁମ୍ଭର ସମ୍ମାନ,
ବଢ଼ାଇଲେ ତୁମ୍ଭ ଦେବଯୋଗ୍ୟ ଗୁଣମାନ ।
ଜାଣେଇ ମୁଁ ଉପାଧିରେ ନାହିଁ ତୁମ୍ଭ ଲୋଭ,
ତୁମ୍ଭଙ୍କୁ ନ ଲଭି ତାର ହେଉଥିଲା କ୍ଷୋଭ ।
ଉପାଧି ଅବଶ୍ୟ ଲୋକେ ଗଉରବକର,
କିନ୍ତୁ ସେ ତୁମ୍ଭ ଆଶ୍ରୟେ ଦିଶିଲା ସୁନ୍ଦର ।

ହୋଇଅଛ ପ୍ରଜା-ଦୁଃଖ-ନାଶ-ସୁଖ-ଇଚ୍ଛୁ,
ବୁଝିଅଛ ନିଜ ଜନ୍ମ ଲଭିବାର ହେତୁ ।
ବୁଝିଅଛ ନିଜ ଅଧିକାରର କାରଣ,
ବଞ୍ଚି ଅଛ ସର୍ବ୍ବ ପାଇଁ ଯେତେ ରାଜଧନ ।
ମାଜିଛ ହୃଦୟୁ ଜ୍ଞାନ, କରି ସୁବସ୍ତୁର
ଶକ୍ତି ସମ୍ପତ୍ତିର କର ସଦ୍‌ବ୍ୟବହାର ।
ଅନ୍ତର ଟିକିଏ ବୁଝି ଦେଖ ନରସାଇଁ,
ତୁମ୍ଭ ଜନ୍ମ ନୁହଇ-ଏକା ତୁମ୍ଭ ରାଜ୍ୟ ପାଇଁ ।
ନଦୀ ସିନା ଜଳ ଦିଏ ତଟବାସୀ ଜନେ,
ଜଳଦ ବରଷି ଜଳ ସମସ୍ତ ଭୁବନେ ।
ଶ୍ରାବଣ ଗର୍ଜିଅଛ ନବଜଳଧର,
ହୋଇଲେଣି ପତୋନ୍ମୁଖ ବିଦ୍ୟୁତ ଭାସ୍କର ।
ନ ବର୍ଷି ଜାଣିବା କରି ଜଳଧାର ଦାନ,
ଉତ୍କଳବାସୀର ହେଉ ଉନ୍ନତିବିଧାନ ।
ଇତିହାସେ ତୁମ୍ଭ ନାମ ସୁବର୍ଣ୍ଣ ଅକ୍ଷର,
ରହିବ ସଦରେ ତାର ଉନ୍ନତ ବଦନର ।
ଏକଦିନେ ଶ୍ରୀ ମୁକୁନ୍ଦଦେବ ମହୋଦୟ,
ବର୍ଷ .ଦ ଉଦ୍ୟେ ବଙ୍କ ହୋଇଛନ୍ତି ଉଦୟ ।
ଅନ୍ୟ ଦିନେ ତୁମ୍ଭର ଏ ମହା ଆବିର୍ଭାବ,
ଦେଖି ମନରେ ଉଦୟ ହେଉଛି ଏ ଭାବ ।
ଉତ୍କଳର ସତୀ-ଲତା କୁସୁମଦାୟିନୀ,
ହେବାକୁ ଅଧିକ ଆଉ ବିଳମ୍ବ ନାହିଁନି ।

ଜୟ ଜୟ ଜଗନ୍ନାଥ କରୁଣାସାଗର,
ଜୟ ହେ ମଙ୍ଗଳମୟ ଶୁଭ ଶୁଭକର ।
ବିଶ୍ୱରୂପୀ ବିଶ୍ୱବ୍ୟାପୀ ବିଶ୍ୱ ବିଶ୍ୱମ୍ଭର,
ଭକ୍ତିରେ ପୂଜଇ ତୁମ୍ଭ ବିଶ୍ୱ ଚରାଚର ।
ଜ୍ଞାନମୟ ଜ୍ଞାନରୂପେ-ଜ୍ଞାନିହୃଦବାସୀ,
ସର୍ବ ଦେଖାଉଛ ପ୍ରାଣ ରୂପେ ଚକ୍ଷୁକାନ୍ତି ।
ଶିଶୁ ପାଇଁ ତୁମ୍ଭେ ପିତାମାତା ଅବତାର,
ତରୁଣରେ ତୁଅ ଜ୍ଞାନ ସ୍ୱରୂପେ ସଞ୍ଚାର ।
ଯେ ସେତେ ଭଜଇ ତୁମ୍ଭ ଜ୍ଞାନରୂପ ପାଦ,
ଲଭଇ ସେ ଜନ ତେତେ ଅମୂଲ୍ୟ ପ୍ରସାଦ ।
ଏଣେ ଦୁସ୍ତର ଭବସିନ୍ଧୁ ପାର ପାଇଁ,
ଭିଆଇଛ କର୍ମରୂପ ନାବ ବିଶ୍ୱସାରି ।

ବୁଡ଼ାଇ କୁକର୍ମ-ନାବ ଦୁଃଖ-ତରଙ୍ଗରେ,
ସୁକର୍ମ-ନଉକା ନେଉଛ ସୁଖ-ସାମ୍ରାଜ୍ୟରେ ।
ଦୁଃଖ ସନ୍ତାପକୁ ଲଗାଉଛ ବନ୍ଧ ଓର,
ଦୀନବନ୍ଧୋ ! ଜଣାଉଛି ଏଣୁ ଯୋଡ଼କର ।
ସୁକର୍ମ-ନାବରେ ହେଉ ସ୍ୱର୍ଗ-କର୍ଣ୍ଣଧାର,
ଦୟା ବର୍ଦ୍ଧ ଦୟାନିଧେ କର ମୋତେ ପାର ।
ବନ୍ଧୁରୂପେ ତୁମ୍ଭେ ତହିଁ ଅନୁକୂଳ ବାତ,
ହେବାକୁ କୁଣ୍ଠିତ ନୁହ ବ୍ରହ୍ମାଣ୍ଡର ତାତ ।
ନିଃସ୍ୱାର୍ଥ ଜନରେ ଭୁଲି କରିବ ସଞ୍ଚିତ,
ହରଷ ଭଜନଶକ୍ତି; ହେଉଛି ମୋ ଶତ୍ରୁ ।
ତୁମ୍ଭର କରୁଣା ଅମୃତ ଯେବେ କାଙ୍କ୍ଷିତ,
ନିଶ୍ଚୟ ହେବ କୃତକାର୍ଯ୍ୟ ନ ହୋଇ ବଞ୍ଚିତ ।



# ପଦ୍ମିନୀ

## ପ୍ରଥମ ସର୍ଗ

ଜ୍ଞାନାଲୋକପ୍ରଦାୟିନୀ ଶାସ୍ତ୍ର ଭାରତୀ,
ତୋର ପଦେ ଜ୍ଞାନ-ପ୍ରେମେ ହୃଦ ଏ ଚିତ୍ତ ଆନତ ।
ଯେଉଁ ତୃପ୍ତି ଲଭିଥାନ୍ତି ସାଗର ତର୍ପଣ,
ସାଗର ସଲିଳ କରି ସାଗରେ ଅର୍ପଣ ।
ସେହିମତ ଅର୍ଚ୍ଚନ ତୋର ପ୍ରଜ୍ଞା-ପର୍ଣ୍ଣ,
ପ୍ରକାଶେ ବିନାଶ ହେଉ ଅଜ୍ଞତା-ଯାମିନୀ ।
ପୂର୍ଣ୍ଣେନ୍ଦୁ ମାନବର ହୃଦୟ-ସରସୀ,
ସ୍ୱଚ୍ଛ ହେଉ ହୃଦ ଏ ତୋର ସ୍ପର୍ଶ ଦରଶି ।
ଦୁର୍ଦ୍ଧର୍ଷ ଜୀବନ ମୋ ଅଜ୍ଞତାବୃତ,
କେମନ୍ତେ ଚିତ୍ତରେ ହେବ ପ୍ରଶାନ୍ତି ପ୍ରେରିତ ।
ଲଭି ନାହିଁ ଜ୍ଞାନ ମାତ୍ର କରୁଛି ଭଜନା,
ଲେଖନୀ ବଦନେ କରି ତୋର ସାଧନା ।
ଲେଖନୀ ତୁହିନ ମୋର ଧାତୁବଜିତ,
କେମନ୍ତେ ଟାଣିବ ତୋର ପ୍ରଭାବ ତନ୍ତ୍ର ।
ଭକ୍ତି କରିଥାଏ ବୋଲି ଅବାଧ ସାଧନ,
ତୃପ୍ତମନେ କରୁଅଛି ତୋର ଆରାଧନ ।
ତୁମ୍ଭି ତମୋହତ କରୁଥିବୁ ଯେବେ ପଦାମୃତ,
ଦେଖିବ ଯଶ ଶିବ ହୋଇ ଭକ୍ତିପରାୟଣ ।
ସମାନ ସମାନ ଜନେ ପଡ଼ିବ ତୋ ପାଦ,
ସମୂହରେ ଉଠୁଥିବ ନୂପୁରନିନାଦ ।

ସେ ନାଦମାଧୁରୀ କରି ତ୍ରିଦଶେ ପାନ,
କୃତକୃତ୍ୟ ପାଇ ରହିଁ ନିତାନ୍ତ ତୋଷି ପ୍ରାଣ ।
ନଗର ଉପରେ ସ୍ୱଜ ଚିତ୍ରକାର ନଗର,
ଗୌରବ-ମୁକୁଟ ରୂପେ ଆର୍ଯ୍ୟ-ଗୌରବର
ଜନ୍ମିତ ନଗର ଭଳି ଉନ୍ନତହୃଦୟ—
ବହି ତହିଁ ରହିଥାନ୍ତି ଲୋକ ସମୁଦୟ ।
ସେ ଉଚ୍ଚ ହୃଦୟେ ଉଚ୍ଚ ପ୍ରବୃତ୍ତିସକଳ,
ଅଧିଷ୍ଠିତ ଥାନ୍ତି କରି ସ୍ୱବଳ ପ୍ରବଳ ।
ପ୍ରବୃତ୍ତିର ବଳେ ଧର୍ମ-ଦ୍ୱାରେ ଥାଏ ଉଚ୍ଚ,
ଧରମ ନଣ ଭୁଥାଏ ଜୀବନକୁ ତୁଚ୍ଛ ।
ବଳେ ସମସ୍ତେ ଦେଇ ଧରମ ଶରଣ,
ପୁରବାସୀ କହିଥାନ୍ତି ମରଣ ବରଣ ।
ଯେତେବେଳେ ଯବନର ପ୍ରବଳ ପ୍ରତାପ,
ଭାରତବାସୀଙ୍କ ହୃଦେ ହେଲା ଘୋର ତାପ ।
ଭାରତବଂଶର ଧର୍ମ-ସୂତ୍ର-ସିଂହାସନେ,
ମାଡ଼ିଲା ଯବନ ବସି ଶତ୍ରୁ ବଂଶଜନେ ।
ଦର୍ପଭରେ ଦିଗ୍‌ଦିଗନ୍ତେ ଶିରେ ଦେଇ ପାଦ,
ଚାରିଦିଗେ ନଗ୍ନ ଜନେ ଡାକିଲା ପ୍ରମାଦ ।
ବଡ଼ କଲା ଦୁର୍ଦ୍ଦମନ ଭଗ୍ନ ବିଲୁଣ୍ଠିତ,
ଦଗ୍ଧିଭୂତ ଦେବ ଲଜ୍ଜ ବିଲୁଣ୍ଠିତ ।

ସେକାଳେ ଚଉତାରବାସୀ ଧର୍ମେ ଥାଇ ବଳୀ,
ଯବନଙ୍କୁ ମଣୁଥାନ୍ତି ଶୁଦ୍ଧ-ଯଜ୍ଞ-ବଳି ।
ନୃପତି ଲକ୍ଷଣ ସିଂହ ମଣ୍ଡି ସିଂହାସନ,
ଧର୍ମମତେ କରୁଥାନ୍ତି ସ୍ୱରାଜ୍ୟ ଶାସନ ।
ପିତୃବ୍ୟ ଭୀମ ସିଂହ ଭୀମ ପରାକ୍ରମ,
ସୁସୁରଣୀ ଥାଇ ତାଙ୍କ ବଢ଼ାନ୍ତି ବିକ୍ରମ ।
ଯେ କାଳେ ଲକ୍ଷ୍ମଣ ସିଂହ ଥିଲେ ବାଳବୟସ,
ପିତା ତାଙ୍କ ଗମିଥିଲେ ତ୍ରିଦଶ-ଆଳୟ ।
ସେ ସମୟୁ ଭୀମ ସିଂହ ବହି ରାଜ୍ୟଭାର,
ଲକ୍ଷ୍ମଣେ ଶିଖାଇଥିଲେ ରାଜନୀତି ସାର ।
ଯୁବକ ଲକ୍ଷ୍ମଣେ ରାଜନୀତି ବିଚକ୍ଷଣେ,
ସ୍ନେହେଁ କରିଛନ୍ତି ତାଙ୍କୁ ରାଜତ୍ୱ ଅର୍ପଣ ।
ଲକ୍ଷ୍ମଣ ହିଁ ଚଳୁଛନ୍ତି ତାଙ୍କ ଉପଦେଶେ,
ବସି ରାଜସିଂହାସନେ ନରପତି ବେଶେ ।
ରାଜ୍ୟେ ଥାନ୍ତି ଭୀମ ରାଜ-ଜନକ-ସମରେ,
ସେନାପତି ହୋଇଥାନ୍ତି ବିପଦ ସମୟରେ ।
ରଖିବାକୁ ତାଙ୍କ ପୂର୍ବ ସମ୍ମାନ ସମ୍ଭ୍ରମ,
ନଗରେ ନଗରେ ସ୍ୱରାଜ୍ୟ ନ ଥାଏ କା' ଭ୍ରମ ।
ଲକ୍ଷ୍ମଣ ସହିତ ଭୀମ ମହାରାଣା ଦେବେ,
ଅଧିକାରୀ ଥାନ୍ତି ସଦା ସକଳ ସମ୍ପଦେ ।
ଭୀମ ସିଂହ ପ୍ରିୟା ଥିଲେ ମହିଷୀ ପଦ୍ମିନୀ,
ମହାସତୀ ସଙ୍ଗ ଚିତ୍ତ-ଶତ୍ରୁବିନୋଦିନୀ ।
ଜୀବନେ ବା ସ୍ୱର୍ଗବରେ ତାହାଙ୍କ ସହିତ,
ପଦ୍ମିନୀକି ତୁଳିବାର ନ ହୁଏ ବିହିତ ।
ସେ ପଦ୍ମିନୀ ଉଜଳରେ ଥାଏ ମ୍ଳାନ ବହି,
ଏ ପଦ୍ମିନୀ ଦିବାରାତ୍ର ଥାନ୍ତି ଜ୍ୟୋତିର୍ମୟୀ ।
ସେ ପଦ୍ମିନୀ ହୃଦ ପୋଡ଼ି ସେବଲ ସବତା,
ଷଟ୍ପଦେ ହୁଏ ପୁଣି ଭ୍ରମରେ ସେବିତା ।
ଏ ପଦ୍ମିନୀ ହୃଦୟର ପ୍ରେମେ ଅଧିକାର,
ଏକା ଭୀମ ସିଂହ ବିନା ନ ଥାଏ କାହାର ।
ତାଙ୍କୁ କେହି ନ ଦେଖନ୍ତି ନାରୀ ହେବେ ଭୀମ,
ଏହାଙ୍କୁ ଦେଖନ୍ତି ସତ ବିପଦରୁ କ୍ଷେମ ।
କେବଳ ମାର୍ଦ୍ଦବ କାନ୍ତି ମାଧୁର୍ଯ୍ୟ ସୌରଭେ,
ମାନ୍ୟ ବହି ସେ ପଦ୍ମିନୀ ପୂରଇ ଗୌରବେ ।

ରାଜପୁରେ ପଦ୍ମିନୀଙ୍କ ସମ୍ପୂର୍ଣ୍ଣ କ୍ଷମତା,
ବିସ୍ତାରିତ କରିଥାଏ ବାତ୍ସଲ୍ୟ-ମମତା ।
ରୂପେ ତାଙ୍କ ପ୍ରମୋଦିତ ଲୋକଙ୍କ ନିକର,
ଗୁଣେ ହୁଏ ଆମୋଦିତ ଚଉତାର ନଗର ।
ଦଶ ହୋଇ ପ୍ରଜ୍ୱଳିତ ସନ୍ଧ୍ୟା ନିବାରେ,
ହୁଏ ପୁଣି ଦୀପାବଳି ମଧ୍ୟ ଭ୍ରମିବାରେ ।
ନିତ୍ୟ ହୁଏ ଅଳଙ୍କୃତ ରାଣୀ ବାରଗଣେ,
ଶାନ୍ତି ହୁଏ ଅଳଙ୍କୃତ ଶୁଭାନ୍ତି ପ୍ରାଙ୍ଗଣେ ।
ରାଜପୁରେ ହେଉଥାଏ ନିତି ରାମାୟଣ,
ପାଠ କରୁଥାନ୍ତି ତାହା ପ୍ରବର ବ୍ରାହ୍ମଣ ।
ଉଚ୍ଚାରି ସଂସ୍କୃତ ଶ୍ଳୋକ ସୁସ୍ୱରରେ ଅର୍ଥ,
ବୁଝାଇଦେବାରେ ଥାନ୍ତି ପାଠକ ସମର୍ଥ ।
ଯବନିକା ଅନ୍ତରାଳ ପୁରବାମାଗଣ,
ବସି କରୁଥାନ୍ତି ସେହି ଶ୍ଳୋକାର୍ଥ ଶ୍ରବଣ ।
ବାଳକ ବାଳିକାମାନେ ଥାଇ ତାଙ୍କ ପାଶେ,
ଚରିତ୍ରରେ ଲାଗିଥାନ୍ତି ସୁମଧୁର ରସେ ।
ବେଳେ ବେଳେ ନିଜ ପ୍ରଶ୍ନ ସମାଧାନ ପାଇଁ,
ଦେଉଥାନ୍ତି ଜନନୀଙ୍କ ଚିବୁକ ହଲାଇ ।
କାହିଁ ବା ସଜନୀ ଯୁଗ ବସି ଏକତ୍ରରେ,
ଆଳାପରେ ଲାଗିଥାନ୍ତି ଉତ୍ତରେ ଉତ୍ତରେ ।
ଦିନେ ପାଠସାରି ଉଠିଗଲେ ବ୍ରାହ୍ମଣ,
ଆଲୋଚନାରତ ହେଲେ ପୁରଙ୍ଗନାଗଣେ ।
ପଦ୍ମିନୀଙ୍କି ପଚାରିଲେ ଲକ୍ଷ୍ମଣଙ୍କ ରାଣୀ,
"କାକି, ତୁମ୍ଭେ ଲଙ୍କା କଥା ଶୁଣିଥିବ ଜାଣି ।
ଅଛନ୍ତି କି ରାଜା ରୂପେ ତହିଁ ବିଭୀଷଣ,
ଅଛନ୍ତି କି ରକ୍ଷଗଣ ବିକଟ ଭୀଷଣ ?
ହୋଇଛନ୍ତି କି ବୃଦ୍ଧିକାରେ ସେମାନଙ୍କ ଗତି,
ଥାଆନ୍ତି କି ରକ୍ଷ ପାଶେ ଯାବୋଡ଼ିଲେ ନର
ଦେବତାର ସେତୁ ସତେ ଅଛି କି ସାଗରେ,
ଅଇଲେ ଯେ ହଟେ ଜିବା ଅଦେହି ନାବରେ ?
ସୁବେଳ ନାମରେ ଗିରି ଅଛି କି ତହିଁରେ,
ରହିଥିଲେ ରାମ ସୈନ୍ୟ ସହିତ ଯହିଁରେ ?
ମହାର୍ଣ୍ଣବ ବେଢ଼ିଛି କି ଲଙ୍କା ଚତୁର୍ଭିତ,
ସ୍ନାନ କି କରନ୍ତି ତହିଁ ନିତ ତୁମ୍ଭ ତାତ ?

ପାଗଳ ବୋଲନ୍ତି ଯାହାକୁ କେତେକ ତହିଁ ଜନ,
ହୋଇ କି ନାହିଁ ତାର ସେପାରି କି ସ୍ଥଳ ?”
ଚନ୍ଦ୍ରମା କହିଲେ ଶୁଣି ବଣିକ୍କ ଉତ୍ତର;
“ବହୁକ୍ଷଣି ନାତନ ତହିଁ ନାହିଁ ନରବର ।
ସେଠାରେ ଅମର ହୋଇ କେହ୍ନ ରାଜନଣ,
କହୁଥିବା ନ ଜାଣନ୍ତି ସୁରବାର୍ଯ୍ୟଗଣ ।
ଲୁଚନ୍ତି ସେଠାରେ ଲୋକେ କିକାଠ ଖଷଣି,
ଅଟନ୍ତି ସବଳ ନର ସୁଧର୍ମ୍ମଭୂଷଣ ।
ଦୁର୍ଭିକ୍ଷର କାନ୍ଦ ତହିଁ ନାହିଁ କାହା ଘରେ,
ଅଛି ତୃଣଲତା କାନ୍ଦ ଦେଖ୍ୟ ଇଷ୍ଟବରେ ।
ନ କରନ୍ତି କେହ ତହିଁ ମାନବ ଭକ୍ଷଣ,
ଜୀବହିଂସା ସେ ଦେଶରେ ଅଧର୍ମ୍ମ ଲକ୍ଷଣ ।
କିନ୍ତୁ ଶୁଣିଥିଲି ଏହି ଭାରତମଣ୍ଡଳ,
ଅସୁର-ବିପ୍ଳବେ ହୋଇଅଛି ଟଳମଳ ।
କେଉଁ ଦେଶୁଁ ଆସି ଏଠା ନିଶାଚରଗଣ,
ସୁନ୍ଦରୀ ସୁବର୍ଣ୍ଣ ଦେଖି କରନ୍ତି ହରଣ ।
ଭାଙ୍ଗି ଦେଉଥାନ୍ତି ବଡ଼ ବଡ଼ ଦେବାଳୟ,
କରନ୍ତି ହରଣ ଦେବ ଧନରତ୍ନଚୟ ।
ସେ କଥା ଶ୍ରବଣେ ମୋର ଜନ୍ମିଥିଲା ଭୟ,
ଜନକ ଫେରିଲେ ମୋର ଟଳିଲା ସଂଶୟ ।
ବୋଇଲେ ଦେବତା, ନର, ନିଶାଚରମାନେ
ଜନ୍ମ ଲଭିଥାନ୍ତି ଧରଣୀର ସବୁ ସ୍ଥାନେ ।
ସେଥିକୁ ଦିଶନ୍ତି ସବେ ମାନବ ଆକାର,
ଦିଏ ଜାତି ଚିହ୍ନଚୟ ତାହାଙ୍କ ଆଚାର ।
ଦୁଃଖ ସହି କରଇ ଯେ ଲୋକ ଉପକାର,
କରଇ ଲୋକଙ୍କୁ ନାନା ବିପଦୁ ଉଦ୍ଧାର,
ଉପାୟେ ଅର୍ଜନ କରିଦିଏ ପରଧନ,
ପରଦୁଃଖ ଧ୍ୱଂସି କରେ ସୁଖ ବଢ଼ାଧନ,
ଜ୍ଞାନ ଲଭି କରିଥାଏ ଜ୍ଞାନ ବିତରଣ,
ତା ଜୀବନ ଦେବତାଙ୍କ ଶୁଭ୍ରବିତରଣ ।
ଯେଉଁ ଲୋକ ନ କରଇ ପର-ଅପକାର,
ପର ଦାରେ କରିଥାଏ ଜନନୀ ବିଚାର,
ଧର୍ମ୍ମପଥେ ଥାଇ କରେ ଧନ ଅରଜନ,
ନ ବଳାଏ ମନ ତହିଁ ଲୁଣ୍ଠି ପରଧନ,
ଗୁରୁଜନେ ମାନ୍ୟ କରି କରିଥାଏ ସେବା,
ଶାନ୍ତି-ଜଳ ବୃଷ୍ଟି ଯଥା କରଇ ସମାଦର,
ତାପକଷ୍ଟେ ନିରନ୍ତର ଥାଏ ତାର ଚିର,
ବହିଥିବ ସେ ଲୋକଟି ପ୍ରକୃତରେ ନର ।
ପରଦୁଃଖ ଦେଖି ଯାର ମନ ହୁଏ ଦୁଃଖ,
ପରେ ଦୁଃଖ ପ୍ରଦାନରେ ଯେ ନ ହୁଏ ବିମୁଖ,
ଅତ୍ୟାଚାର କରିଥାଏ ପର ନାଶ ପ୍ରତି,
ପରଧନ ଲୁଟେ ବଳେ ଲୁଚିଲେ ଯା ମତି,
ପଙ୍କରେ ମନୁଷ୍ୟ ପ୍ରାୟେ ପାପେ ଯେ ମଜେନ,
ଘୃଣରେ ରାକ୍ଷସ ବୋଲି ସେ ଲୋକଙ୍କୁ ଗଣି ।
ନ ଦେଖି ସାଗର ପାରି ମୋ' ପିତୃନଗରେ,
ମୋ ପିତା କରନ୍ତି ସ୍ନାନ ନଦୀ ଉଦ୍ଭାଗରେ ।
ସେ ଦେଶରୁ ଏ ଦେଶକୁ ନୋଇ ଆସିବାର,
ସମସ୍ତରେ ଚଢ଼ିଥିଲି ପୋତ ପାରିବାର ।
ଲଙ୍ଘିଲି କାନନ ଗିରି ସୁବଳ କୁଟିଳ,
ଚାହିଁବାକୁ ନ ଥିଲା ମୋ ମନ କୌତୂହଳ ।
ଦେଖତଦେଖକେ ପ୍ରବେଶିଲି ଚାଣ୍ଡ ନାରିକେଳେରେ,
ଶିବକାନ୍ତ ଓହ୍ଲାଇଲା ନଦୀମୁଖ ତୀରେ ।
ଧନିକା ଅନୁସରିଲ ସହିତଶୀ ନଗର,
କରି ଦେଇ ଯିବା ହୋଇଲା ତମା ଏକ ଘରେ,
ସୁକୋମଳ ମଞ୍ଚାନଲେ ଆସ୍ତୃତ ତା' ତଳ,
ଆସନ ହିଁ ଥିଲା ତହିଁ ସୁରମ୍ୟ କୋମଳ ।
ମଣିମୟ ଭିତ୍ତିପଟେ ସୁବର୍ତ୍ତିତ ଲତା,
ରଞ୍ଜିତ୍କୁଲ ବଢ଼ୁଥାଏ ତାର ମଞ୍ଜୁଳତା ।
ବର୍ଣ୍ଣ ଅନୁରୂପ ରତ୍ନ ବିରଚିତ ଅଙ୍ଗ,
ସଙ୍ଗଦେଖା ଭ୍ରମନ୍ତି ଦେଇ ଶୀଘ୍ରନ୍ତି ବିହଙ୍ଗେ ।
ଊର୍ଦ୍ଧ୍ୱେ ଟଙ୍କ ସ୍ୱର୍ଣ୍ଣପଟ ଦେଖିଲି ମନୋହର,
ମାଳ ମାଳ ଝୁଲୁଥାଏ ରତନ ଝାଲର ।
ଲମ୍ବିତ ରତନ ସୂତ୍ରେ ଲମ୍ବିତ ଉପରେ,
ପ୍ରଥମେ ମୁଁ ସତ୍ୟ ମଣିଥିଲି ତା' ଭ୍ରମରେ ।
ସୁଖାସନେ ବସି ତହିଁ ପଲକ ନୟନେ,
ଅନାଇଲି ଭିତ୍ତିପଟେ ଗବାକ୍ଷ ଅୟନେ ।
ଜଳର ଝଙ୍କାରମାନ କରି କରି ନାଚି,
ଆସିଯାଇ କରୁଛନ୍ତି ବିଷମ ବିଛାତି ।

ସ୍ଥାନ ଯେଉଁଠାରେ ଥାଇ ନୌକା ଏକ ଦଳ,
'ଜୟ ରାମଚନ୍ଦ୍ର' ନାଦେ କମ୍ପାନ୍ତି ଜଳ ।
ଦୂରକୁ ଦିଶିଲା ନୀଳ ଅଚଳ କାନନ,
କ୍ଷୁଦ୍ର କ୍ଷୁଦ୍ର ବୃକ୍ଷ ତହିଁ ଲାଗିଥାଏ ଘନ ।
ଦୂରତରେ ଦୃଷ୍ଟି ହେଲା ଉଚ୍ଚ ପରବତ,
ଦୂରତମେ ନୀଳମେଘେ ହେଲା ପରିଣତ ।
ସେଠାରୁ ଦୃଷ୍ଟି ପୁଣି ବିଚଳିଲା ଅଚିରେ,
ଅନ୍ୟ ଦିଗେ ଭ୍ରମି ପଡ଼ି ଜଳଧି ଉପରେ ।
ମଧ୍ୟେ ମଧ୍ୟେ କଳା ଖଣ୍ଡେ ଖଣ୍ଡେ ପରବତ,
ଉପରକୁ କରଥାନ୍ତି ମସ୍ତକ ଉନ୍ନତ ।
ଏକ ଦିଗେ ଏକ ମୂର୍ତ୍ତି ଦେଖେ ଆଖି ଧାଇଁ,
ଆଚମ୍ବିତ ହେଲା ତାଙ୍କ ବ୍ୟଗ୍ରଗତି ଗୁହାଁ ।
ନିକଟେ ଦ୍ୱିତକାରସ୍ଥ ଥିଲେ ମହାରାଣୀ ବସି,
ସେ ନିକଟେ ଉପଗତ ହୋଇ ହସି ହସି,
ବୋଇଲେ ପ୍ରଶ୍ନି ଗୋ ଏ ଯେ ଦେଖୁଛ ପରବତ
ଏହା ରାମଚନ୍ଦ୍ରଙ୍କର ସେତୁବନ୍ଧ-ପଥ ।
ଏହି ପଥେ ରାମଚନ୍ଦ୍ର କପି ପରିବାର,
ନାଶିଲେ ରାବଣ ସହ ତା'ର ପରିବାର ।
ବାହୁଡ଼ିଲେ ସୀତା ସେନା ପୁଷ୍ପକ ରଥରେ,
ସୈନ୍ୟ ସହ ଅଯୋଧ୍ୟାକୁ ପୁଷ୍ପକ ଉପରେ ।
ଆଜି ମୁହିଁ ଭାଗ୍ୟବଳେ ତୁମ୍ଭ ସଙ୍ଗ ଲଭି,
ରାମଚନ୍ଦ୍ର ଗନ୍ତବ୍ୟରେ ହୋଇଛି ଗୌରବୀ ।
ସେ ବଚନ କରି ମୁହିଁ ତାଙ୍କୁ ବନ୍ଦନ,
ନିଜ ଭାଗ୍ୟ ବଖାଣିଲି ବିକାଶି ବଦନ ।
ଜାଣି ମୋ ଆକାଂକ୍ଷା ପୁଣି ଜଣା ଆକର୍ଷଣ,
ଲାଗିଲେ ନରେଶ ସେତୁ ବର୍ଣ୍ଣନା ବର୍ଣ୍ଣିବେ ।

ବୋଇଲେ ସୁନ୍ଦରୀଙ୍କି, ଖଣ୍ଡ ଖଣ୍ଡ ପରବତ,
ମଣ୍ଡି ଅଛି ମଧ୍ୟେ ମଧ୍ୟେ ସେତୁବନ୍ଧ-ପଥ ।
ଥିଲା ଉଚ୍ଚ ବାଲି ମାଟି ପାଦପ ଉପରେ,
ଲୁଚିଯାଇଅଛି ସିନ୍ଧୁତରଙ୍ଗ ଆଘାତରେ ।
ଲୁଚିବା ପୂରବ ଯେତିମସ୍ତକେ ଯୋଗ ହୋଇଥିଲେ,
ହୋଇଛି ସାଗର-ସାତ ସେତୁବନ୍ଧ-ଧନ୍ୟ ।
ତହୁଁ ଗଲେ କପି ହେଲେ ବନ୍ଧୁତ୍ୱ କରନ୍ତ,
ଏହି ରୂପେ ଦେଖାଥାଏ ଆଦର୍ଶ ପୀରତି ।
ଭାଙ୍କ ଏ ବଚନ ଶୁଣି ମୁଁ ହୋଇ ଲଜ୍ଜିତ,
ଆନନ୍ଦ-ସାଗରେ ହୋଇଗଲି ନିମଜ୍ଜିତ ।
ପିତାଙ୍କଠାରେ ମୋର ମଧ୍ୟ କରିଛି ଶ୍ରବଣ,
ଏହିପରି ଚରିତଙ୍କ ମୁଖୁଁ ରାମାୟଣ ।
ତହିଁ ଥାଆ ହୋଇଅଛି ବଳକା ଅକାର,
ଏଥି ପ୍ରତି କରୁଅଛି ଗୌରବ ପ୍ରଚାର ।
ସେଥିରୁ ଲଙ୍କା ତରି ମାଣି ମୋ' ଦେଶ-ପଥିକ,
ଶ୍ରୀରାମ ପ୍ରୀତିରେ ଆଜି ସେସବୁ ଅଧିକ ।
ଯେ ଦେଶର ନିଳଇ ବହୁ ନାରିକେଳ ଫଳ,
ଏ ଦେଶରେ ବହିତରୁ ଅଶ୍ୱ ପୂର୍ଣ୍ଣ ଚଳ ।
ଶୁଣି ରାଣୀ ହସିହସି ବୋଇଲେ, "ଗୋ କାକା,
ରାଜଧର୍ମ କଥା ଏତେ ରହିଗଲା ବାକା ।"
ହସି ମା ବୋଇଲେ, "ତୁମେ ଶୁଭଦର୍ଶୀକାର,
ବିଷୟ ବର୍ଣ୍ଣିବା ପାଇଁ କରିଛ ସ୍ୱୀକାର ।
କହିବ କାଲିକି" ବୋଲି ଉଠି ହସି ହସି,
ପ୍ରକାଶିଲେ ସ୍ୱ-ସଦନେ ପରମ ରୂପସୀ ।
ରାଣୀ ହସି ଉଠିଗଲେ ସ୍ୱକୀୟ ସଦନ,
ସେହିରୂପେ ହସି ଗଲେ ଅନ୍ୟ ବାମାଗଣ ।

# ଦ୍ୱିତୀୟ ସର୍ଗ

ଭାରତର ରାଜଧାନୀ ଦିଲ୍ଲୀ ସିଂହାସନେ,
ଯବନସମ୍ରାଟ ଯୁବକ ମଦମତ୍ତ ମନେ ।
ଅଭିହିତ ହୁଏ ଅଲ୍ଲାଉଦ୍ଦୀନ ନାମରେ,
ଅଧମ ପ୍ରବୃତ୍ତି ପୋଷେ ହୃଦୟ-ଧାମରେ ।
ଜୀବନେ ପୂରିଛି ତାର ଅଧର୍ମ-ତିମିର,
ତାରକା ସଦୃଶ ରତ୍ନ ମଣ୍ଡିତ ଶରୀର ।

ମାନସ ହୋଇଛନ୍ତି ତାର ଅମାବାସ୍ୟା-ତିଥି,
ଲୁଣ୍ଠୁଛନ୍ତି ଯବନକ ନୃପ ସହସ୍ର-ସଂଖ୍ୟ ।
ତାଙ୍କ ସଙ୍ଗେ ଯାଉଅଛି ଦସ୍ୟୁ କଳାନର,
ପ୍ରତାପ ନିଦାଘ ତାର ଦୁର୍ଦ୍ଦମ ପ୍ରଖର ।
ଲୁଟିଛି ତା ଦ୍ୱେଷାନଳ ଆର୍ଯ୍ୟ-କୁଳାଟବୀ
ପଡ଼ୁଛି ସର୍ବସ୍ୱ-ଧୂଳି ତାହାରି କବଳେ ।
ଗତ ଲୋକ ଖାଏ ସଦା ବଢ଼ି ଅନ୍ଧକାର,
ନ ଥାଏ ତା ପାତ୍ର ଦୈନ୍ୟ ଭିତରକ ବାହାର ।
ଜଲାଲଉଦ୍ଦୀନ ଥିଲେ ଦିଲ୍ଲୀ ଅଧୀଶ୍ୱର,
ଏ ଆଲ୍ଲାଉଦ୍ଦୀନ ଥିଲା ଦାସ ତାହାଙ୍କର ।
କାଳମନ୍ତ କୁପ୍ରବୃତ୍ତି କରି ବଳବତୀ,
କଉଶଳେ ହୋଇଗଲା ରାଜ୍ୟ ସେନାପତି ।
ପବନକୁ ପାଇଥାଏ ଯେସନେ ଅନଳ,
ଯବନସମ୍ରାଟ ତାକୁ ପାଇଗଲେ ବଳ ।
ଦେଶ ଭବନ ଅଧିଣ ଯେବେ ଦୁର୍ବଳ ବଢ଼ାଇ,
ନ ଭାବିଲେ ଅନଳର ହୁଏ ଯେଉଁ ଦଶା ।
ଦାକ୍ଷିଣାତ୍ୟ ଦେବଗିରି ଲୁଣ୍ଠନ କାରଣ,
କଲେ ଆଲ୍ଲାଉଦ୍ଦୀନକୁ ସମ୍ରାଟ ପ୍ରେରଣ ।
ଦେବଗିରି ଲୁଟି ସେନ ଧନରତ୍ନରାଶି,
ବାହୁଡ଼ିଲା ଅନ୍ଧ ମଦ-ମଦ-ସ୍ରୋତେ ଭାସି ।
ସେହି ଧନରତନକୁ ଗ୍ରାସିଲା ତା' ଲୋଭ,
କିନ୍ତୁ ରାଜ୍ୟପ୍ରାପ୍ୟ ବୋଲି ଆକମିଲା କ୍ଷୋଭ ।
ଲୋଭ ସଙ୍ଗେ ମିଶି ତାର କପଟ କୌଶଳ,
ସହଜେ ବଢ଼ାଇଦେଲା ପାପବୃତ୍ତି ବଳ ।
ବିଶ୍ୱାସଘାତକ ପୁଣି ଦୁଷ୍କର ସାଧକ,
ହେବା ପାଇଁ ଶିକ୍ଷାଦେଲା ତାହାକୁ ପାତକ ।
ବୋଇଲା ସମ୍ରାଟ ତୁଲେ ଘୋର କର ନାଶ,
ରାଜଲକ୍ଷ୍ମୀ ବୋଲେ କର ସ୍ୱାଧୀନ ବିଳାସ ।
ସେ ମୋହନେ ନାଚି ଅନ୍ଧ ବ ଡୁବିବା ପଥେ,
ଭାବିଲା ରତନ ଯେତେ ଅଛି ମୋର ହସ୍ତେ ।
କେତେ ବନେ ଛଳେ ଏହା କରିଛି ଅର୍ଜ୍ଜନ,
ଯଦ୍ୟପି କରିବ ରାଜଭଣ୍ଡାରେ ଅର୍ପଣ,
ଘରେ ବସି ବୃଦ୍ଧ ରାଜା ଭୋଗିବ ସକଳ,
ତା'ପରେ ଭୋଗିବ ତାର କୁମର କେବଳ ।

ଯେତେ ରତ୍ନ ଦେଖି ନାହିଁ ବୃଦ୍ଧ ସ୍ୱ-ଜୀବନେ,
ତାହା ନ୍ୟସ୍ତ ବାହନେ ଆଜି ଲଭିବ ଭବନେ ।
ନିଜେ ଯଦି ହୋଇଥାନ୍ତା ଏ ଧନ ଈଶ୍ୱର,
ନିଶ୍ଚେ ତ୍ରାଣ ହୋଇଥାନ୍ତା ଛତ୍ରଛତ୍ରୀ କରେ ।
ହେବା ନ ମଣିଥାନ୍ତା ଅକ୍ରମ ସମସ୍ତ,
ନିକଟ ହେଲାଣି ଆସି ଅର୍ଣ୍ଣ ବର୍ଣ୍ଣ ବସ୍ତୁ ।
ଅଳ୍ପଦିନେ ସିଂହାସନେ ବସିବ ତା' ସୁତ,
ସହଜେ ପାରିବ କରି ମୋତେ ପଦଚ୍ୟୁତ ।
ମୋ' ଅର୍ଜ୍ଜିତ ଧନରତ୍ନେ ବସି କରି କ୍ରୀଡ଼ା,
ପ୍ରଭୁ ହୋଇ ମୋ ଜୀବନେ ଦେଉଥିବ ପୀଡ଼ା ।
ମୂର୍ଖ ନୁହଇ, ପାପୀ ହୋଇ ରାଜାର ବଦନ,
ସିଂହାସନେ ବସି ହୁଏ ଜଗତବନ୍ଦନ ।
ଥାଉଁ ଅଛି ନିଜ ଭୁଜବଳେ ବାହୁବଳ,
ପ୍ରଜାନ୍ତେ ସେ ହେଉଥାଏ ନଡ଼ି କଲେବଲ ।
ସ୍ୱତ ଦଳବଳ ଆଜି ମୋର ଆଜ୍ଞାଧୀନ,
କାଲି ପୁଣି ହୋଇଯିବ ଭ୍ରାତ୍ୟୋଙ୍କ ଅଧୀନ ।
କି କରିପାରିବ ବୃଦ୍ଧ ନ ଦେଲେ ଏ ଧନ,
ଏହି ଧନବଳେ ତାର ସାଧିବି ନିଧନ ।
ଏହିଠାରେ ଅଛି ମୋର ପୁଣ୍ୟ ସଙ୍ଗମ,
ଦିଲ୍ଲୀ ଗଲେ ପଣ୍ଡ ହେବ ମୋ' ସକଳ ଶ୍ରମ ।
ଏହିଠାରେ ମୋ ଉପରେ ସ୍ୱାମୀ ନାହିଁ କେହି,
ଦିଲ୍ଲୀ ଗଲେ ଭୃତ୍ୟ ହେବ ଧନରତ୍ନ ଦେଇ ।
କାଲ କାଟି ଜମି କଲେ ଫଳଇ ସୁଫଳ,
ସବୁବେଳେ ନ ପାରଇ ରହି ସୌଭାଗ୍ୟ ବଳ ।
ମୋହଠାରେ ଅଛି ଆଜି ଯେଉଁ ଧନରାଶି,
ଶୁଣିଲେ ହସିବେ କାଳି କାପୁରୁଷରାଶି ।
ଜନମି ନ ଥାଏ କେହୁ ରାଜତ୍ୱ ଧରି,
ଉଦ୍ୟମୀ ଯୁଝି ନିଏ ରାଜଲକ୍ଷ୍ମୀ ବରି ।
ଜଲାଲର କେଉଁ ବାପ ଥିଲା ରାଜପଦେ,
ସେ ତ ଦିଲ୍ଲୀ ଦଖିଅଛି ଅସି ଅଜ ପଦେ ।
କାଇକୋବାଦେ ଦେଇ ଯମାସନ,
ଭୃତ୍ୟ ଥିଲା, ମାଡ଼ି ବସିଅଛି ସିଂହାସନ ।
ପର ରାଜ୍ୟ ବଳେ ନେଲେ କିଛି ନାହିଁ ପାପ,
ସୁଯୋଗ ଛାଡ଼ିଲେ ପରେ ମିଳଇ ସନ୍ତାପ ।

ଯାର ବେଣୀ ଉନ୍ମୋଚନ ରାଜ୍ୟ ହିଁ ତାହାର,
ସିଂହ କରିଦିଏ ବନୁ ବ୍ୟାଘ୍ରକୁ ବାହାର ।
ରାଜଲକ୍ଷ୍ମୀ ନ ବାଛନ୍ତି ଯୋଗୀ ପୁଣ୍ୟବାନ,
ପ୍ରଚଣ୍ଡ ଯା ଖଡ୍ଗ ତାର ଅଙ୍କେ କରନ୍ତି ସ୍ଥାନ ।
ସମ୍ରାଟ ଶ୍ୱଶୁର ମୋର ତାଙ୍କ ପିତୃଭ୍ରାତା,
ମୁଁ ଝିଅ ଟି ଧରିଲେ ତାର ନହିବ କେଶାତା ।
ଜାତି ବନ୍ଧୁ କାରଣ ନାହିଁ ସ୍ୱାର୍ଥ ଧର୍ମେ ଦୋଷ,
ତହିଁପାଇଁ ରାଜଲକ୍ଷ୍ମୀ ନ କରନ୍ତି ଦ୍ୱେଷ ।
ପିତୃବ୍ୟ ମାତୁଳ ସୁତ ପିତାମହ ନାଶି,
ହୁଅନ୍ତି ଭାରତେ ରାଜଲକ୍ଷ୍ମୀ-ଅଙ୍କବାସୀ ।
ଆଜ ରାଜଲକ୍ଷ୍ମୀଙ୍କର ମୋହନ ମନ୍ତ୍ରର,
ପ୍ରବେଶେ ମୋ'ର ହୃଦେ ଅଛି ନିରନ୍ତର ।
ସଦେଶ' ଯାଇଥିଲା ଦେବଗିରି ଆକ୍ରମଣେ,
ସଦେଶ' ନ ହେଲା ଭବ-ସ୍ମୃତି ସଂକ୍ରମଣେ ।
ହୃଦୟ ମୋର ହୋଇଅଛି ଉଜ୍ଜ୍ୱଳ ଉଦସ୍ତ,
ନ ପାରିବି ହେଳା ଏହି ଭାଗ୍ୟର ସମସ୍ତ ।
ନ ଛାଡ଼ିବି ଧନ ରତ୍ନ ଦେବା ରାଜଦେଶ,
ନିଜେ ଆସି ମନ୍ତ୍ରୀ ପୁଣି ସମ୍ରାଟ ଆଦେଶ ।
ଜାଣିଲି ମୁଁ ବୃଦ୍ଧ ନୃପ ଅତୀବ କୃପଣ,
ଦେହପଣ ଲୁବ୍ଧ ହୁଏ ବହିଁ ଚିରଧନ ।
ତା' ଲୋଭ-ଗର୍ତ୍ତେ ଧନ ପୂରାଇବା ପାଇଁ,
ହୋଇଅଛି କିନା ମୁହିଁ ଦେ-ନଦ୍ୟଚାପ୍ରୀ ।
କହନ୍ତି ଲୋଭରୁ ପାପ, ପାପରୁ ମରଣ,
ହେଉ ବୃଦ୍ଧ ନୃପତି ତା' ଉଦାହରଣ ।
କେତେକ ଲୋକ ନଷ୍ଟହେଲେ ତା' ଲୋଭରତି,
ନଷ୍ଟ ବୃଦ୍ଧ ହୋଇ ଏବେ ମୋ ପାଦେ ସ୍ୱର୍ଗୀ ;
ଲୁବ୍ଧକର ବଂଶୀନାଦେ ମୁଗ୍ଧ ମୃଗ ପରି,
ମଧୁର ବଚନେ ତାକୁ ହର୍ଷେ ଲୁବ୍ଧ କରି
ବଡ଼ିଶର ଖାଦ୍ୟ କରେ ମୀନ ଆକର୍ଷଣ,
ଭଲ ରତ୍ନ କିଛି ଦିଏ ଉତ୍ତେଜକ ମନ ।
ନାଦ ସ୍ୱାଦ ମୋହେ ଧାଇଁଅସୁ ମୋର ଟଣ,
ଏଠାରେ ଲଗାଇ ଦେବ ଶମନର ପାଶ ।
ଏହିରୂପେ ସ୍ୱକ ନିଜ ଚିନ୍ତା କରି ଛଳ,
ଲେଖିଲା ପତ୍ର ବୃଦ୍ଧ ସମ୍ରାଟଙ୍କୁ ଚଳ ।

"ହେ ମହାମହିମ ଦେବ ଦିଲ୍ଲୀ ଈଶ୍ୱର,
ଅର୍ପନ ମୁଁ ସେନା ତୁମ୍ଭ ଶୁଭାଶିଷ ବର ।
ଯିବୁ ଆଣେ ଦାକ୍ଷିଣାତ୍ୟ କରି ଅଭିଯାନ,
ତୃପ୍ତି କଲି ଦେବଗିରି-ପତି ଅପମାନ ।
ଦୁର୍ଗଦେବ ଧରିଥିଲା ସେ ଅବଗୁଣ୍ଠନ,
ବଳେ ଫେଇ କଲି ତାର ଭୂଷଣ ଲୁଣ୍ଠନ ।
ବିବିଧ ଭୂଷଣସ୍ତୁପ ବିବିଧ ରତନେ,
ଗ୍ରାମକୁ ନେଇଛନ୍ତି ସବୁ ଅତିବ ଯତନେ ।
କିନ୍ତୁ ଦେବ ଲେଖିବ କୁ ହେଉଛି ବ୍ରୀଡ଼ିତ,
ଯାଇପାରୁ ନାହିଁ ପଥେ ହୋଇଛି ପୀଡ଼ିତ ।
ସାମନ୍ତସକଳ ଏଣେ ଲୋଭେ ରତ୍ନ ଧନ,
ରତ୍ନ ବାଣ୍ଟିଦିଅ ବୋଲିଛନ୍ତି ଘନ ଘନ ।
ସେନା ତ ଅଛନ୍ତି ଏଥି, ଏକା କରି ବଳେ,
ରତ୍ନରାଶି ହସ୍ତଗତ କରିନିଅ ଛଳେ ।
ରତ୍ନ ଫୁଲି ସବୁ ବଡ଼ କଷ୍ଟେ ଅବଗତ,
ବିଳମ୍ବିଲେ ହୋଇପାରେ ଲଇଛନ୍ତି ବଞ୍ଚିତ ।
ତୋଷିଣ ଦାସକୁ ଦେବ ଦେଇ ବଚନ,
ଟପିଲେ ଲୁଚାଇ ଦେଶୁ ଲୋଭ୍ୟ ଏ ରତନ ।
ଅନେକ ରତନ ଅଛି ରବିଭାପର୍ଶୀୟ,
ଜଣାଇଲି ଲେଖି ପତ୍ର ଅତି ଗୋପନୀୟ ।"
ପତ୍ର ସହ ପଠାଇଲା କେତେକ ରତନ,
ଲୋଭରେ ଯହିଁ ମଜ୍ଜିଗିବ ସମ୍ରାଟର ମନ ।
ସମ୍ରାଟ ରତନ ସହ ପତ୍ରିକା ପାଇ,
ମୁଗ୍ଧ ଲୁବ୍ଧ ହୋଇଗଲେ ଅଗ୍ରଚିନ୍ତିଥାଇଁ ।
ପ୍ରବେଶିଲେ ଯାଇ ଅଲ୍ଲାଉଦ୍ଦୀନ ଶିବିର,
ଥିଲା ତହିଁ ବୃଦ୍ଧ ହିନ୍ଦୁ ଧର୍ମଦ୍ୱେଷୀ ବୀର ।
ସାଦରେ ବସାଇ ଆଣି ରମ୍ୟ ସିଂହାସନେ,
ଜୁହାରିଲା ସମ୍ରାଟଙ୍କୁ ମଧୁର ଭାଷଣେ ।
ସେହିରୂପେ ଦେବଗିରି ଦୁର୍ଗ କଲା ଜୟ,
ବର୍ଣ୍ଣିଲା ସକଳ ହୋଇ ପ୍ରଫୁଲ୍ଲ ହୃଦୟ ।
ସୁଚଣ୍ଡମୂରତି ଦେଖି ହୋଇ ଅବିନୟ,
ଉଲଙ୍ଗ ଖଡ଼ଗ ଧରି କଲା ଅଭିନୟ ।
ବୋଲି ଏହିରୂପେ କଲା ଚଣ୍ଡଚଣ୍ଡୀ ନାଶ,
ଛେଦିଲା ସମ୍ରାଟ ଶିର ନଷ୍ଟ ତେଜ ଶ୍ୱାସ ।

ଯେ ଖଡ଼ଗ ଥିଲା ତାରି ପ୍ରଭୁର ପ୍ରସାଦ,
ସେ ଖଡ୍ଗେ ସମ୍ଭାଳିଲା ପ୍ରଭୁର ପ୍ରମାଦ ।
ପ୍ରଭୁର ଭକତ ଲୋକେ ଦୁଃଅନ୍ତି ଜଗତେ,
ଅଭିଷିକ୍ତ ହେଲା ଆଖି ଦୁଃଖର ରକତେ ।
ନୈବେଦ୍ୟ ସଜ ଆଣି କରି ଦିଲା ଅପକାର,
ଭାଗିଅଛି ହୃଦୟର ସବୁ ଅନ୍ଧକାର ।
ପୁଷ୍ପରମଣୀ କଲ ଗୀତ ଉଚାରଣ,
ନବୀନାରେ କରୁଛନ୍ତି ତା' ହୃଦୟହରଣ ।
ରଜନୀ ପ୍ରଭାତେ ତାର ପୁରୀ ଆଲୋକିତ,
କାଞ୍ଚନ ସମ୍ଭାରେ ସଦା ହୁଏ ଅଲଙ୍କୃତ ।
ବିବିଧ କୁସୁମେ ପୁରୀ ହୋଇ ସୁବାସିତ,
ରସିକା ଗାୟକେ ହେଉଅଛି ଉଲ୍ଲାସିତ ।
ପିଞ୍ଜରସ୍ଥ ପକ୍ଷୀ ଶିକ୍ଷା କରି ଉଚ୍ଚ ତାନ,
ପୁନଃ ପୁନଃ କରୁଅଛି ପ୍ରେମଗୀତ ଗାନ ।
ଅଙ୍ଗେ ରତ୍ନଭୂଷା ଅଙ୍ଗେ କୁସୁମ ଭୂଷଣ,
ବାମାବୃନ୍ଦ କରିଛନ୍ତି ନୟନ ତୋଷଣ ।
ଦୁର୍ଲଭ ପଦାର୍ଥ ଯେତେ ଦେଖୁଅଛି ଲଭି,
ସମ୍ଭୋଗ ସୁରମ୍ୟ ଯେତେ ମଣୁଛି ଅଭାବ ।
ଯେତେକ ବ୍ୟଞ୍ଜନ ରସ କରୁଛି ସମ୍ଭୋଗ,
ସେତେକ ବଢ଼ୁଛି ତାର ଅସନ୍ତୋଷ ରୋଗ ।
ଯାମା ଥରେ ମଣ୍ଡ ପୁଣି ଭଗଇ ଆଦରେ,
ଦୁଇ ଦିନ ପରେ ତାକୁ ଠେଲଇ ପାଦରେ ।
ସେବକର ଉଚ୍ଚ ଲକ୍ଷ ଭରଣି ଆସିବ,
ପ୍ରମୋଦ ମଣୁଛି ନିଜେ ଭରତ-ବାସବ ।
ଛଳି ବଳ କଳିଲେ ପ୍ରଭବ ଉଚ୍ଚରେ,
ହିଂସଇ କାହାକୁ ଆଉ ନ ଆଣେ ନଜରେ ।
ଶୁଣିଲି ସୁଦଶା ଏକ ଦେତାର ନଗରେ,
ବସନ୍ତି ପୁରନାରୀ ପରି ସ୍ୱରଗରେ ।
ସୁଦଶାଏ ପରତେଁ ବୋଲନ୍ତି ତା' ରୂପ,
ସିନ୍ଧୁ ହେଲେ ଅପ୍ସରାଙ୍କ ଶୋଭା ହେବ କୂପ ।
ଭିନ୍ନ ଭିନ୍ନ ଶୋଭା ଯେତେ ଜଗତେ ଅତୁଳ,
ସୁକୁମାର ଅଙ୍ଗେ ତାର ହୋଇଛନ୍ତି ଠୁଳ ।
ରତନମାନର କାନ୍ତି ଜ୍ୟୋତିଷ୍କଙ୍କ ପ୍ରଭା,
ଅନୁରୂପ ସ୍ଥାନେ ବସି କରିଛନ୍ତି ସଭା ।
ପୁଷ୍ପଙ୍କ ମାଧୁରୀ ଇନ୍ଦ୍ରଧନୁର ବରଣ,
ଫୁଟି ଉଠିଛନ୍ତି ଲଭି ତା ଅଙ୍ଗ ଶରଣ ।
ବରଷି ଯୌବନେ ଥିଲା ନିର୍ଜୀବ ନିବନ,
ଅଙ୍ଗେ ତାର ହୋଇଛନ୍ତି ସଜୀବ ଉଜ୍ଜ୍ୱଳ ।
କଣ୍ଠଶରୀ ବର୍ଣ୍ଣ ରଙ୍ଗୀ ନାହିଁ ନିଜ ଜାତ,
ଏକ ବର୍ଣ୍ଣେ ମିଶିଅଛି ଅନ୍ୟ ବର୍ଣ୍ଣ ଯୁକ୍ତ ।
ପରସ୍ପର ଯୋଗ୍ୟ କରି ଆଦାନ ପ୍ରଦାନ,
ଏକତା ବନ୍ଧନେ ହୋଇଛନ୍ତି ପ୍ରାଣବାନ ।
ଯେଉଁରୂପ ଚନ୍ଦ୍ରଭୂତ ହେଲେ ସମ୍ମିଳିତ,
ଉଠଇ ଜୀବନ ଭର୍ତ୍ତି ହୋଇ ସଞ୍ଚିତ ।
ସୃଜନୀ କେବଳ ତାର ଅଙ୍ଗେ ହୋଇ ଭୂରି,
ଉତ୍ସୁକ ହେଉଛି ଦେହ ଅବସ୍ଥିବେ ପୂରି ।
ରୁଚି ଅନୁସାରେ ବାମା ସଦ୍‌ଗୁଣ ସକଳ,
ପରସ୍ପରେ ମିଶିଛନ୍ତି ଅଛନ୍ତି ସବଳ ।
ଦଣ୍ଡୀ ତାର ବୋଲେ ଯେବେ ଦୃଷ୍ଟିଦୁଃଖହର,
କ୍ଷମା ବୋଲିଅଛି ଦୋଷ ମନରେ ନ ଧର ।
ଦୁର୍ଜ୍ଜନଙ୍କ ବଚନ-ରସେ ପୁଣ୍ୟ ହୋଇ ମନ,
କରୁଥାଏ ସଦା ଲୋକ ମଙ୍ଗଳସାଧନ ।
ମଧୁର କୋମଳ ତାର, ସତ୍ୟ ସୁବଚନ,
କର୍ଣ୍ଣ ପଟ୍ଟ ଭେଦି କରେ ଅମୃତ ସେଚନ ।
ଯେ ଥରେ ଶୁଣିଛି ତାର ଆହ୍ଲାଦନା ବାଣୀ,
ସେ ବୋଲୁଛି ମୂର୍ତ୍ତିମତୀ ବାଗ୍‌ଦେବୀ ରାଣୀ ।
ଯେ କେବେ ଯାହାକୁ ଥରେ କରିଛି ଦର୍ଶନ,
ବୋଲୁଛି ହୋଇଛି ମନେ ପୀୟୂଷ ବର୍ଷଣ ।
ଘେନନ୍ତି ଦେଇ ତା ପ୍ରାଣକୁ ସୁଖ ଉପହାର,
ଲଭୁଅଛି ଉଚ୍ଚ ଧନ୍ୟବାଦ ବାରମ୍ବାର ।
ବନ୍ଧୁମୁଖୁଁ ପ୍ରଦ୍ୟୁମ୍ନର ପ୍ରଶଂସା ଶ୍ରବଣି,
ଲାଳସା ଉଠିଲା ବଢ଼ି ମଦନ ଜୀବନେ ।
ଶୁଣିଲୁ ଯା' ରୂପ ଗୁଣ ଏତେ ପ୍ରଶଂସିତ,
ସମ୍ଭୋଗ ମୁଁ କିପାଁ ହେବ ତା ଭୋଗେ ବଞ୍ଚିତ ।
ଯେତେବେଳେ ଯାହା ମୋର ବାଞ୍ଛୁଅଛି ମନ,
ସେତେବେଳେ କରିଅଛି ସେ କାର୍ଯ୍ୟ ସାଧନ ।
କାହିଁ ଥିଲା କାହିଁ ସୃଷ୍ଟି ହୋଇଅଛି ଆଜି,
ଭାଗ୍ୟ ସଦା ବହିଅଛି ମୋ କଥାରେ ରାଜି ।

ଥିଲା ଶିତନ ଜଳଧର, ସାମାନ୍ୟ ସ୍ତୀକର
ପଶୁବଳେ ଲଘୁ କଲା ତା' ବୁଦ୍ଧିଭା-କର ।
ଯନ୍ତ୍ରବଳେ ହେଲା ସୁଖୀ ତା'ର ସେନାପତି,
ମୁକ୍ତି ଯତ୍ନେ ଆଣିଅଛି ତା' ମସ୍ତକ ଛତି ।
ଯନ୍ତ୍ରକଲେ ରତ୍ନ ମିଳେ ଧ୍ରୁବ ସତ୍ୟ କଥା,
ପତନ ହୁଅନ୍ତି ଲୋକ ବଳୀ ଭୋଗର ବ୍ୟଥା !
ଶାସ୍ତ୍ରେ ତମାର ଲେଖା ନାହିଁ ଧର୍ମାଧର୍ମ,
ଯହିଁ ଲାଭ ତାହା ମୋର କର୍ତ୍ତବ୍ୟ କରମ ।
ପଦ୍ମିନୀ ଲଭିବା ନୁହେଁ ମୋ' ପକ୍ଷେ କଠିନ,
କରିବ ଭୂପତି ଭୟେ ମୋ ଆଜ୍ଞା ଅଧୀନ ।
ଦେବଗିରି ଆଣିଅଛି ନିଜ ଅଧିକାରେ,
କର୍ଣ୍ଣାଟକ ରହିଛି ମୋର ଚକ୍ର ଚଳାଇବାରେ ।

ଗୁର୍ଜ୍ଜରୁ ଆଣିଛି ରାଜ ସ୍ୱନାରୀ କମଳା,
ତହିଁ ସଙ୍ଗ ରାଜ ଅଙ୍କଶୋଭିନୀ କମଳା ।
ଅବଶିଷ୍ଟ ଅଛି ଏବେ ଚିତୋର ପଦ୍ମିନୀ,
ସତ୍ୱରେ କରିବ ତାକୁ ଚିତ୍ତର ମୋହିନୀ ।
ଦିଲ୍ଲୀଶ୍ୱରେ ଦେଇ ସବୁ ଚିତୋର ସମ୍ବାଦ,
ସୁବିଜ୍ଞ ଉଚିତ କଲା ପ୍ରଥମ ବିବାଦ ।
ଯୁଦ୍ଧ କଲା ନ ପାଇଲେ ଛଳ କଉଶଳ,
ଅବଶେଷେ ପ୍ରକାଶିବ ଭୁଜଦଣ୍ଡ ବଳ ।
ଯେ ମନ୍ତ୍ରେ କରୁଛି ଦଶୀ ରାଜଲକ୍ଷ୍ମୀ ଭୋଗ,
କରିବ ଚିତୋର ଲକ୍ଷ୍ମୀ ପାଇଁ ତା' ପ୍ରୟୋଗ ।
ଏହି ସନ୍ଧି ଦେଇ ଦକ୍ଷ ରମ୍ୟ ଉପହାର,
ଚିତୋରକୁ ଅବିଳମ୍ବେ ପଠାଇଲା ଚର ।

# ତୃତୀୟ ସର୍ଗ

ଆନନ୍ଦ ବିରାଜୁଅଛି ଚିତୋର ନଗରେ,
ଉଡ଼ୁଅଛି ବିଜୟବାନା ପ୍ରାସାଦ-ଶିଖରେ ।
ପରାଭବ ଲାଭକରି ନିକଟେ ଗୁର୍ଜ୍ଜର,
ପ୍ରଭାବ ବଢ଼ାଇଅଛି ଚିତୋର ଦୁର୍ଗର ।
ନିକଟେ ବସିବ ଏକ ଉଚ୍ଚ ଦରବାର,
ଯୋଗାଡ଼ ହେଉଛି ତାର ସକଳ ସମ୍ଭାର ।
ଯାହାର ଯେପରି ଅଛି ସୁପୁରୁଷକାର,
ମିଳିବ ତାହାକୁ ସେହିପରି ପୁରସ୍କାର ।
ନବ ନବ ପରିଚ୍ଛଦ ସମସ୍ତଙ୍କ ପାଇଁ,
ନାନାବିଧ ବସନରେ ହେଉଛି ସିଲାଇ ।
ସୁମାର୍ଜ୍ଜିତ ହେଉଅଛି ରତ୍ନସିଂହାସନ,
ବ୍ୟସ୍ତ ରହିଛନ୍ତି ତହିଁ ରତ୍ନଶିଳ୍ପିଗଣ ।
ରତ୍ନମୟ ଛତ୍ର ରତ୍ନଦଣ୍ଡ ମନୋହର,
ରତନଖଚିତ ସ୍ୱର୍ଣ୍ଣ ମୁଷ୍ଟିକ ଚାମର ।
ସ୍ୱର୍ଣ୍ଣମୟ କୋଷସନ ଶର କରବାଳ,
ମୁଦ୍‌ଗର ଚକ୍ର ଛୁରୀ ଢାଲ ଭିନ୍ଦିପାଳ,

ଯାହା ଯାହା ମୂର୍ତ୍ତିଅଛି ସୁବର୍ଣ୍ଣ ଜଡ଼ିତ,
ଯହିଁ ଯହିଁ ହୋଇଅଛି ରତନ ଖଚିତ,
କରାଯାଉଅଛି ସବୁ ମାର୍ଜ୍ଜିତ ଉଜ୍ଜ୍ୱଳ,
ସିଲା ହେଉଅଛି ବଖାଲି କର୍ଣ୍ଣ ମଖମଲ ।
ଲାଗିଛନ୍ତି ଦର୍ଜ୍ଜି ରାଜଦରବାରୀ ଦଳ,
ସାଜିବାରେ ନିଜ ନିଜ ପୋଷାକ ସକଳ ।
ନାହିଁ ତହିଁ ଧନବଳ ଅଭାବ କିଞ୍ଚିତ,
ପୋଷାକେ ଯେମନ୍ତେ ହେବ ତ୍ରିଗୁଣ ପ୍ରଚୁର ।
ସହସ୍ର ସହସ୍ର ବାଜି ଶତ ଶତ ଗଜ,
ସମସ୍ତଙ୍କ ବାସକୁଟୀ ହେଉଅଛି ସଜ ।
ତନ୍ତୁବାୟଶ୍ରେଣୀ ଲାଗିଅଛନ୍ତି ସୀବନେ ।
ଅଙ୍କୁଶ ସୂଚୀ କରେ ଚତୁସ୍ତ ଜୀବନେ,
ପ୍ରବୀଣଙ୍କ ସଙ୍ଗେ ବସି ନବୀନ ବାଳକ,
ସୂଚୀ ଧରି ହେଉଅଛି ସ୍ୱହସ୍ତ ଶୁଳକ ।
ଦୁର୍ଗବାସୀ ସମସ୍ତଙ୍କ ହୃଦୟ ପ୍ରୀତ,
ଉଲ୍ଲାସେ ଉଠୁଅଛି ବିଜୟ ସଙ୍ଗୀତ ।

କେତେ ଲୋକ ଗାଉଛନ୍ତି ତାହା ନିଜ ମନେ
କେତେ ଅବା ଗାଉଛନ୍ତି ଅସ୍ଫୁଟ ବଚନେ ।
କେହି କେହି ଗାଉଛନ୍ତି ଟେକି ଉଚ୍ଚସ୍ୱର,
ତୋଷ ତାଙ୍କ ହେଉଅଛି ଅନ୍ୟ ତୋଷକର ।
ବାଳକ ବାଳିକାଗଣ ତା' ଅନୁକରଣେ,
ସେ ଗୀତକୁ ଗାଉଛନ୍ତି ନିଜର ବଚନେ ।
ଶିଶୁଙ୍କ ବଦନ ଗୀତ ମଧୁରସୁ ଚଦ,
ହେଉଛି ଅଧିକତର ପ୍ରାଣପ୍ରୀତିପ୍ରଦ ।
ଆନନ୍ଦର କଲ୍ଲୋଳରେ ସମସ୍ତ ନଗର,
ବାଟ ଘାଟ ହାଟ ସବୁ ହୋଇଛନ୍ତି ମୁଖର ।
ବସିଛନ୍ତି ଖେମସିଂହ ଦ୍ୱିଜାର୍ଯ୍ୟ ସଦନେ,
ଗୁର୍ବିର ବିଜୟାନନ୍ଦ ପ୍ରଫୁଲ୍ଲ ବଦନେ ।
ଦେଖୁଥିଲେ ଲିପିଗୁଡ଼ି ଉପହାରମାନ,
ଜନମାନେ କରୁଥିଲେ ତାଙ୍କୁ ଯା' ପ୍ରଦାନ ।
ବର୍ଣ୍ଣିଥିଲେ ଗୁଜୁରାଟ ରଣର ବୃତ୍ତାନ୍ତ,
ଯେଉଁରୂପେ ହୋଇଥିଲା ଶତ୍ରୁଙ୍କ ନିପାତ ।
ଘଟନାରେ ଅଛି କେତେ ଅଦ୍ଭୁତ ଘଟନା,
ମିଶିଅଛି ଅବା କେଉଁ ଅନୃତ ରଚନା ।
ବାଣୀପୀଠେ କେଉଁଠାରେ କା' ପୁରସ୍କରଣ,
ହୋଇଅଛି ଭଟଙ୍କ କି ପୁରସ୍କରଣ ।
ହୋଇଅଛି ଯେଉଁ ସବୁ ଘଟଣା ଅଦ୍ଭୁତ,
ଉତ୍ତେଜିତ ହୁଏ ଜନା ତହିଁ ସଙ୍ଗତ ।
ଏ ସମୟେ ଦ୍ୱାରେ ଉଭା ହୋଇ ଦ୍ୱାରପାଳ
ଜଣାଇଲା ନୃପଙ୍କରେ ଲଗାଇ କପାଳ ।
"ମହାରାଜ, ଆସିଅଛି ଦର୍ଶନେ ଚର,
ସଙ୍ଗେ ଘେନି ଉଦ୍ଧାରର କେଉଁ ସମାଚାର ।
ଆସିଅଛି ଆଉ ଏକ ଜଟାଶୁଭବସନା,
ବେଶଣ ସନ୍ନ୍ୟାସିନୀ କରୁ ଭକ୍ତି ଦେଶନା ।"
ରାଣା ଆଜ୍ଞା ଦେଲେ ତାଙ୍କୁ ଆଣ ଯା ସତ୍ୱର
ଦେଖିବା କି ଉଦ୍ଧାରର କେମନ୍ତ ଖବର ।
ସେ ଆଜ୍ଞା ଶୁଣାରି ଦ୍ୱାରୀ ଦେଖାଇ ସମ୍ମାନ,
କଲଉଠି ଚରକୁ ନେଲା ରାଜ ସନ୍ନିଧାନ ।
ଚରର ସଙ୍ଗେ ଥିଲା ଜଣେ ମନ୍ତ୍ରୀ ଏ ବନ୍ଦୀ,
ସନ୍ନ୍ୟାସିନୀ ଗଲେ ତାଙ୍କ ପଛେ ଦୂରେ ରହି ।

ଉପନୀତ ହୋଇଗଲେ ଯାଇ ମଣ୍ଡପ ଦୁଆରେ,
ଚର ବିନା ଅନ୍ୟ ଦୁହେଁ ରହିଲେ ବାହାରେ ।
ଚର ନେଇ ମଞ୍ଜୁଷାକୁ ଥୁଲ ସନ୍ନିଧାନେ,
ଯେଣ ହସ୍ତ ଯୋଡ଼ିଦେଲା ବନ୍ଦନାବିଧାନେ ।
ଘନ ହେମଥିଲା ଚନ୍ଦ୍ରବାସ ଆବରଣ,
ଥିଲା ଯହିଁ ସ୍ୱର୍ଣ୍ଣଲତା ଶୁଭ୍ର ଆଭରଣ ।
ସୁବର୍ଣ୍ଣଥାଳିରେ ତାର ଥିଲା ଅଧିଷ୍ଠାନ,
ଥାଳି ଉପରେ ଲଗିଥିଲା ମଣିରତ୍ନମାନ ।
ବିଶେଷ ବସନେ ଥିଲା ମଞ୍ଜୁଷା ଆବୃତ,
କଞ୍ଚିକା ଗୋଟିଏ ଥିଲା ତାର ସନ୍ନିକୃତ ।
ପାଠକଲେ ଖେମସିଂହ ପତ୍ର ନେଇ କରେ,
ମିଶାଇ ଦେଖିଲେ ଯାହା ଥିଲା ସିନ୍ଧୁକରେ ।
ଚରକୁ ବୋଇଲେ ଯାଅ ଅତିଥି ନିବାସେ,
ରହିବ ସୁଖରେ ଅନ୍ନ ଦେବାର ଅବକାଶ ।
ଚର ଦଣ୍ଡ ନେବା ପାଇଁ ଭୃତ୍ୟଙ୍କୁ ଆଦେଶ-
ଦେଇ, ପୁଣି ପ୍ରେଷ କଲେ ନବ୍ୟ ଆଦେଶ ।
ଏ ସମୟେ ଆଗେ ଉଭା ହୋଇ ସନ୍ନ୍ୟାସିନୀ,
ନତ ସ୍ୱରେ ହେଲେ ଜୟ ଶଙ୍କର ଘୋଷିଣୀ ।
ଚକ୍ଷୁରନ୍ତେ କାହିଁ ପାଇଁ ତାଙ୍କ ଆନନ,
ଜବାଇଲୁ କହନ୍ତୁ ଆସିଲେ ଏଥି ଭ୍ରମଣ ।
ସେଉଁଠାରେ ଦେଖୁ ବୁଢ଼ ଶଙ୍କର ଭକତ,
ହୋଇଥାଇ ତାଙ୍କ ବୃତ୍ତ ପୁରରେ ଅଭ୍ୟାଗତ ।
ଏକ ଦୁଇ ଦିନ ଥାଇଁ ଦେଖିଲେ ଅନ୍ଦର,
କଲୁବା ତୁରନ୍ତ ଯିବାକୁ ସ୍ଥାନାନ୍ତର ।
ଅଧୁନା କରନ୍ତି ସ୍ୱର୍ଣ୍ଣଦାନ ବିତରଣ,
ଶଙ୍କର ଆଶିଷ କରି କର ବିତରଣ ।
ବଚନେ ବଚନେ ତାର ଥାଏ ମୃଦୁହାସ,
ତହିଁ ମୂର୍ତ୍ତି ଦେଉଥାଏ ଔଦାର୍ଯ୍ୟ ଆଭାସ ।
ଖେମସିଂହ କରି ତାର ଚିତ୍ତ ପରୀକ୍ଷଣ,
କଲେ ଅତି ସୂକ୍ଷ୍ମ ଲୋମରାଜି ନିରୀକ୍ଷଣ ।
ଜାଣିତ ସେ ନାରୀ ବୋଲି ହେବାରୁ ବିଶ୍ୱାସ,
ସତ୍ୱରେ ପଠାଇଦେଲେ ଚନ୍ଦ୍ରମାଙ୍କ ପାଶ ।
ନିଜେ କଲେ ଚରିତାର କଥା ଆଲୋଚନା,
କେଉଁ ଠାରେ ହୋଇଅଛି କୌଶଳ ରଚନା ।

ଲେଖିଛି ଯବନ କରି ହୃଦ୍ୟ ବିସ୍ତର,
ପଠାଇଛି ମୋହଠାକୁ ପ୍ରୀତି ଉପହାର ।
କହିଛି ଅଭ୍ୟର୍ଥନା ସଙ୍ଗେ ଦେଇ ଦରବାର,
ପାଇବ ତା ପୁରେ ଯାଇ ବାନ୍ଧବ ସତ୍କାର ।
ମୋ ଉନ୍ନତି ପଥେ ସଦା ହେବ ସେ ସହାୟ,
ମୋଠାରୁ ପାଇବ ତାର ଶ୍ରୀବୃଦ୍ଧି ଉପାୟ ।
ପ୍ରଜ୍ୱଳି ଯବନ ହୃଦେ ଆର୍ଯ୍ୟ-ଦ୍ୱେଷାନଳ,
ହଠାତ କପଟ ହେଲା ଏମନ୍ତ ଶୀତଳ ।
ଅଦ୍ଭୁତ ତା ହୃଦୟର ଏ ପରିବର୍ତ୍ତନ,
ବୁଝି ହୃଦେ ହେଉଅଛି ସନ୍ଦେହ ନର୍ତ୍ତନ ।
ମୋଠାରେ ତ ମିବାରର ନାହିଁ ରାଜପଣ,
ଏତେ ସମାଦରେ କିମ୍ପା ମୋତେ ନିମନ୍ତ୍ରଣ ।
ସହିବା ସେ ଶୁଣୁଥିବ ମୋହର କ୍ଷମତା,
ଦେବାର ପ୍ରତି ମୋର କିମ୍ପା ତା ମମତା ।
କପଟ କରିବ ସେ ମୋ ଶ୍ରୀବୃଦ୍ଧି ସାଧନ,
କେଉଁଠାରୁ ହେବ ମୋତେ ବିଜୟର ସାଧନ
ଯାହା ଅଛି ତାହା ବୁଝି ହୃଦେ ତ ତାହାର,
ଆର୍ଯ୍ୟରାଜ୍ୟ କରିଅଛି ବଳେ ଅଧିକାର ।
କେମନ୍ତେ ମୁଁ ଦେବ ତାକୁ ସମୃଦ୍ଧିର ବାଣ୍ଟ,
ଆର୍ଯ୍ୟଲକ୍ଷ୍ମୀ ଶିରେ ଚଢ଼ି କରିବାକୁ ନାଟ ।
ପରନାଶ ପରବିତ୍ତ ହରଣ ଯା' ବ୍ରତ,
ସେ କି ହେବ ପରହିତ ଆଚରଣେ ରତ ?
ଅନ୍ୟାର ପାଲଟିଯିବ ସାନକରେ ଖଡ଼,
ଯାବତ ଲୁଚୁଛି ପାଠ ଧନ ଅଛି ପଡ଼ି ।
ଭଲ ଏବେ ବୁଝିବଁ ଲକ୍ଷ୍ମଣଙ୍କ ମତ,
ସତେ କି ସକଳ ଏବେ କହିବେ କେମନ୍ତ ?
ଏହିରୂପେ ଭୀମସିଂହ ଭାବି ମନେ ମନେ,
ଉପଗତ ହେଲେ ଯାଇ ଲକ୍ଷ୍ମଣ ସଦନେ ।
ଦେଖାଇଲେ ତାଙ୍କୁ ପତ୍ର ସହିତ ଭୂଷଣ,
କହିଲେ, "ଏ ଯବନର ନବ ନିମନ୍ତ୍ରଣ ।
ଆଣିଛି ଆସିଛି ଏହା ଦେଇ ଏକ ଚର,
କହ ବାବା, ଏଥିପ୍ରତି କି ହିତ ଉତ୍ତର ।"
ପତ୍ର ପଢ଼ି ରାଜା ମୁଖ ଅନାଇ ଲକ୍ଷ୍ମଣ,
କହିଲେ, "ଏ ଅଦ୍ଭୁତ ରହସ୍ୟ ଲକ୍ଷଣ ।
ଶତ୍ରୁ ବୋଲି ଯାକୁ ଆମ୍ଭ ମଣୁଅଛି ମନ,
କେମନ୍ତେ କରିବା ତାର ପୁରକୁ ଗମନ ।
କରିଅଛୁଁ ଅନେକ ତାର କେଉଁ ଉପକାର,
କି ପ୍ରୀତିରେ ପଠାଇଛି ଏହି ଉପହାର ।
ଏକ ଅଛି ପ୍ରକୃତରେ ମସ୍ତକଭୂଷଣ,
ଅନ୍ୟ ଭୂଷା ଦେବତା ହୃଦୟ ଦୂଷଣ ।
ମସ୍ତକେ ଶୋଭିବ ଆମ୍ଭ ଯବନର ଦାନ,
ତା' ପ୍ରତି ପାଇବ ରାଣୀ ହୃଦୟରେ ସ୍ଥାନ ।
ମଣିଛି ଆମ୍ଭଙ୍କୁ ତାର ସାମନ୍ତ ସମାନ,
କି ବୋଲନ୍ତି ରାଜା ଏତ ଘୋର ଅପମାନ!"
ଭୀମସିଂହ କହିଲେ, "ଏ କଳ ସ୍ୱଭାବ,
ଭାବୁଛି ଏଥିରୁ ନଷ୍ଟ ଦ୍ୱନ୍ଦ୍ୱ ହେବ ଜାତ ।
ପଚାରୁଁ କି ବୋଲୁଛନ୍ତି ସଭାମଣ୍ଡଳ,
ନ ଥିବ ଚଳିକୁ ନିନ୍ଦା ଉଠିଲେ କହଳ ।"
ତହିଁ ଦିନ ସମାହୃତ ହେଲେ ମନ୍ତ୍ରିଗଣ,
ପ୍ରକାଶିତ ହେଲା ତହିଁ ସବୁ ବିବରଣ ।
ମନ୍ତ୍ରିବୃନ୍ଦ ପ୍ରକାଶିଲେ ହୋଇ ଏକମତ
ଆଜବ, କହିବା ଅଟେ ହେଉଁ ଅବଗତ ।
ଉପହାର ଦ୍ରବ୍ୟମାନ ରାଜକୋଷେ ଥାଉ,
ଉତ୍ତର ଦେଇଣ ଦେନି ଦୂତ ଫେରିଯାଉ ।
ଲେଖାଯାଉ ବାଦଶାଙ୍କ ପ୍ରୀତି ଉପହାର,
କରିଛି ରାଣୀଙ୍କ ହୃଦେ ସପ୍ରୀତି ସଞ୍ଚାର ।
କୁଳାଙ୍ଗର ଯେସନ ନିଜକୁଳବଧୂଗଣ,
କଲଅଛି ଯେପନ୍ତ ନାହିଁ ଜନଙ୍କ ଦର୍ଶନ ।
ନ ଥିଲେ ବିଶେଷ ବିଧି ଅଳଂଘ୍ୟ କାରଣ,
ନ କରନ୍ତି ଅନ୍ତଃପୁରୁ ଚରଣ ଚାରଣ ।
ଦିଲ୍ଲୀ ଆଉ ମିବାରର ସୀମା ମଧ୍ୟଦେଶ,
ତହିଁ ହେବ ଉଭୟଙ୍କ ଶିବିର ନିବେଶ ।
ସେ ଶିବିରେ ଦିଲ୍ଲୀପତି ମିବାର ଭୂପତି,
ସମାନ ସମ୍ମାନ ଲଭି ପରସ୍ପର ପ୍ରତି
କରିବେ ଯଦ୍ୟପି ହେବ ପ୍ରୀତିସାକ୍ଷାତକାର,
ଥିବ ଯଦି ଦୁଇ ଉଭେଙ୍କ ତରବାର ।
ତା' ନ ହେଲେ ଉପହାର ହେବ ବିନସ୍ୟ,
ପଶ୍ଚାତ ସାକ୍ଷାତ ଦେଖି ଉଚିତ ସମୟ ।

ତହିଁରେ ସନ୍ତୁଷ୍ଟ ହୋଇ ରାଣୀ ଦୁହିଁଙ୍କର,
ଦେଖି ମର୍ମେ ଲେଖାଗଲା ଭକ୍ତିର ଚିତ୍ର ।
ପତିର ସମ୍ମତି ପାଇ ଯୋଗ୍ୟ ପୁରସ୍କାର,
ଦେଉଥାର ଭୂଷଣ ଧ୍ୱନି ବାଜୁଥିଲା ଘୋର ।
ସନ୍ନ୍ୟାସିନୀ ଆସି ଏତେକ ରାଣୀଙ୍କ ନିକଟରେ,
ଉଚ୍ଚାରିଲା ହାଣ ଜୟ ଶଙ୍କର ରବରେ ।
ବସାଇ ଚନ୍ଦ୍ରମା ତାଙ୍କୁ ଶ୍ରଦ୍ଧା ସମାଦରେ,
ସମ୍ଭାଷିଲେ ତୋଷ ଭାର ସଙ୍ଗେ ସମ୍ଭାଷଣରେ ।
ମଧ୍ୟେ ମଧ୍ୟେ ଭାଷେ ଜୟ ଶଙ୍କର ଶଙ୍କର
ସନ୍ନ୍ୟାସିନୀ କହୁଥାଏ ବାକ୍ୟ ମନୋହର ।
ବାକ୍ୟେ ତା'ର ନଥାଏ ଲୋଭଥାଏ ପ୍ରଲୋଭନା,
କହୁଥାଏ ଅନ୍ତଃ ଆଉ ବାହ୍ୟର ଶୋଭନ ।
ସେ ଦିବସ କରି ଦେବ ଆରାଧନା ଛଳ,
ଅଳପ ଆଳାପ ପରେ ଚଳିଲା ଚପଳ ।
ଚନ୍ଦ୍ରମାଙ୍କ ଅନୁରୋଧେ ବୋଲିଲା ନିଶ୍ଚୟ,
କାଲି ଆସି କହିବ ସେ ବିସ୍ତୃତ ନିଶ୍ଚୟ ।
ଅନ୍ୟ ଦିନ ଆସି ପୁଣି ହୋଇ ଉପଗତ,
କହିଗଲା କଥା ନିଜ ବୃତ୍ତାନ୍ତ ଯାବତ ।
ସଂକ୍ଷେପରେ କହି ଦେଲା ତୀର୍ଥର ମହିମା ।
ବିସ୍ତାରିତ କଲା ଏଣୁ ଯମୁନା ଗରିମା ।
ବୋଇଲା, "ଯମୁନା ସୂର୍ଯ୍ୟଦେବଙ୍କ ତନୁଜା,
ପାତକନାଶିନୀ ଧର୍ମରାଜଙ୍କ ଅନୁଜା ।
ସ୍ୱର୍ଗଧାମୁଁ ଅବତରି ଆସିଛନ୍ତି ବହି,
ଅମୃତର ଧାରାରୂପେ ଦେବଭାବମୟୀ ।
କୃଷ୍ଣବେଣୀ ବିଶୋଭିତ ବନିତାବଦନେ,
ଚାଲିଛନ୍ତି ଅନ୍ତର ନିଜ ଭାବ ସଦନେ !
ଶ୍ରୀହରିଙ୍କ ଦାସୀ ଭାବେ ପ୍ରସ୍ତୁତନ୍ତୁ ବହି ।
ଯମୁନା ଚରଣ ତଳେ ନିତ୍ୟ ଥାନ୍ତି ରହି ।
ତୀରେ ତା' ଉତ୍କଳ ତାଙ୍କ ସ୍ୱର୍ଗର ସୋପାନ,
ବୈକୁଣ୍ଠ ଉତ୍ତରି ତହିଁ ପୁଣ୍ୟଲୀଳାସ୍ଥାନ ।
ଧନ୍ୟ ଋଷି କେତେ କେତେ ତହିଁ ଭକ୍ତଗଣ,
କରିଥାନ୍ତି ସ୍ୱର୍ଗସୁଖ ଲୁଟି ଅନୁକ୍ଷଣ ।
ଯମୁନା ଚରଣାମୃତ ମସ୍ତକେ ଧାରଣ,
ନ କଲେ ମାନବ ଜନ୍ମ ଲଭେ ଅକାରଣ ।

ଯହିଁରେ ଯମୁନା ସ୍ୱଚ୍ଛ ଜଳ ମଧ୍ୟ ଧାର,
ସେଠାରେ ଜନ୍ମ ନେଇଥିଲେ କୃଷ୍ଣ ଅବତାର ।
ତାଙ୍କୁ ସେବ କରନ୍ତି ଯେତେ ତାଙ୍କ ଭକ୍ତ ବାସ,
ହୁଏ ତାର ଶତଜନ୍ମ କଳୁଷ ବିନାଶ ।
ଲଭି ବନ୍ଧୁ ହେବାର କରି ପରିହାର,
ପରମ ପୁଣ୍ୟବାନ ତାଙ୍କ କରନ୍ତି ନମସ୍କାର ।
ଯମୁନା ପ୍ରସାଦ ସଙ୍ଗ ସମାଦର ଲଭି,
ତାହା ଲଭି ଧନରତ୍ନ ଥାଏ ଭୁଞ୍ଜି ମଣି !"
ଚନ୍ଦ୍ରମା ବୋଇଲେ, "ତୀର୍ଥ ଯାତ୍ରାଙ୍କ ପାଇଁ,
ମନ୍ଦ ହେବ ନାହିଁ ଥାଏଁ ଚତୁର୍ବର୍ଗ ପାଇ ।
ଯନ୍ତ୍ର ମାନେ ତୀର୍ଥଭୂମି କରି ଅଧିକାର,
ଲୋଭବଶେ କରିଥାନ୍ତି ନାନା ଅବିଚାର ।
ଶୁଣିଅଛି ଗଭୀରତର କରି ଲୋଭପଣ,
ସେ ତାଙ୍କ ଦଶନ କେତେ ନେଲେ ପ୍ରଭୁଗଣ ।
ବିଶେଷତଃ ଆଜିକାଲି ପବନ ଉନ୍ମତ୍ତ,
ଜନପଦ ହୋଇଅଛି ସଙ୍ଗୀତ ବଣିକ ।
ଯେଉଁ ନାରୀ ସ୍ୱଭାବତଃ ଥାଏ ପତିବ୍ରତା,
ଶାସନେ ତାହାର ପ୍ରତିଷ୍ଠ ପବିତ୍ରତା ।
ତାହା ନୋହୁଁ ତାହା ପିତା ଭ୍ରାତାଙ୍କର ଯଶ
ତୁଟଇ ସ୍ୱର୍ଗକୁ ତୁଚ୍ଛ କରି ଶିଳ୍ପାଦେଶ ।
ପତିବ୍ରତା ହୁଏ ସ୍ୱୀୟ ଶକ୍ତି ଜାଗ୍ରତ,
ଦେବାଦିଦେବଙ୍କଠାରେ ହୁଏ ଉପନୀତ ।
ଜଗତେ ଉଦାର ତାର ମୁକୁଳ ସୋପାନ,
ପତି ତାର ଅଦ୍ୱିତୀୟ ଈଶ୍ୱର ସମାନ ।
ସତୀର ଚରିତ ପଢ଼ି ଶୁଣିଛି ଶ୍ରବଣେ,
କଦାଚ ପୀଯୂଷ ଭକ୍ତି ଜୀବନେ ଜୀବନେ ।
ପତିବ୍ରତା ନ ଲୋଡ଼ଇ ନିଜର ଉନ୍ନତି,
ନିରତେ ଥାଏ ସେ ପତି ଭଜନେ ନିରତ ।
ଜନ୍ମଜାତି ଯେ ହୋଇଛି ବିନା ସ୍ୱତନ୍ତ୍ର,
ନ ପାରନ୍ତି ଦେଖି ପରର ଆଶ୍ରିତ ସବଶ ।
ବହିଲେ ରତନ ଧନ ଶୋଭଇ ଯା' ଘରେ,
ଦେବଗଣ ସଦା ତାଙ୍କୁ ଚାହିଁଥାନ୍ତି ବରେ ।
ଯମରାଜା ନେଇଥିଲେ ସତ୍ୟବାନ ପ୍ରାଣ,
ସାବିତ୍ରୀ ସ୍ୱଭାବେ କଲେ ପାଦର୍ଶୀ ଆଦାନ ।

ପତିର ଚରଣ ସଙ୍ଗ ଜୀବନର ଖେଳା,
ତାହା ଯେଣି ଦୁର୍ବସୁଣ୍ୟ କରନ୍ତି ତାର ହେଳା ।
ନ ବାଢ଼ିଇ ସ୍ୱର୍ଗ ପଥ ନ ରୋକନ୍ତେ ପତନ,
ସକଳ ସମ୍ପଦ ପତିପଦେ ତା' ଯତନ ।
ପତି-ପଦରେଣୁ କରେ ମସ୍ତକେ ବହନ,
ସହସ୍ର ଜୀବନ ତାର ମୁଚଇ ବନ୍ଧନ ।
କୋଟିତୀର୍ଥ ଦର୍ଶନେ ଯେ ପୁଣ୍ୟ ଥାଏ ଫଳ,
ପତିପଦସେବା ପୁଣ୍ୟ ତାକୁ ଯାଏ ବଳ ।
ପତିଭକ୍ତି ହୁଏ ଯେବେ ହୃଦମନ୍ତ୍ରନ,
ସକଳ ବିପତ୍ତି ହୁଏ ଜୀବନେ ଖଣ୍ଡନ ।
ପତିପଦ ନ ସେବିଲେ ଯୁବତୀ ଅପତି
ଚିରକାଳ ହୁଏ, ତାର ନରକେ ବସତି ।"
ସନ୍ନ୍ୟାସିନୀ ବୋଇଲା, "ମୁଁ ହୋଇ ସନ୍ନ୍ୟାସିନୀ
ସ୍ୱାମୀପ୍ରୀତି ପାଇଁ ସିନା ଯମୁନାବାସିନୀ ।
ପ୍ରଭୁ ମୋର ଲୋକନାଥ ଯମୁନାର ତଟେ,
ଅନ୍ତର୍ହିତ ହୋଇଛନ୍ତି ଯମୁନା ନିକଟେ ।
ଅଦ୍ୟାପି ପାଳନ୍ତ ସେହି ପ୍ରଭୁଙ୍କ ଚରଣ,
ଭଜନାରେ ମନ୍ତ୍ର କରେଁ ସମୟ ହରଣ ।
ଦେଇଛନ୍ତି ପ୍ରଭୁ ମୋତେ ସ୍ୱପନେ ଆଦେଶ,
ବେଗେ ଯାର୍ଯ୍ୟା ବୈଲାଞ୍ଜ ଗ୍ରାମ ସିଂହ ଦେଶ ।
ଜ୍ଞାନବତୀ ପତିବ୍ରତା ଚନ୍ଦ୍ରମା ସୁନ୍ଦରୀ,
କହିବୁ ନିକଟେ ତାର ମୋର ନାମ ଧରି ।
ପ୍ରବଳ ହୋଇଛି ଏବେ ଯବନ ପ୍ରଭାବ,
ହେଉଛି ପ୍ରଭୁଙ୍କ ଭୋଗ୍ୟପଦାର୍ଥ ଅଭାବ ।
ପତି ସଙ୍ଗେ ସଙ୍ଗ କରି ଶୀଘ୍ର ଆଗମନ,
କରୁ ମୋର ହୃଦୟର ତାପ ପ୍ରଶମନ ।
ଯବନର ଦର୍ପ ସ୍ୱପ୍ନ ସିଂହ କରି ନାଶ,
କରୁ ତହିଁ ଚନ୍ଦ୍ରମାର ଗୌରବ ପ୍ରକାଶ ।
ଯମୁନାରେ ଅବତୀର୍ଣ୍ଣ ହେଲେ ମୋତେ ପାଣି
ନିଶ୍ଚୟ ଚନ୍ଦ୍ରମା ହେବ ଭାରତ-ଇନ୍ଦ୍ରାଣୀ ।
ତା' ନ ହେଲେ ଈଶ୍ୱରଙ୍କ ପ୍ରକୋପ ଉଦୟ,
କରିଦେବ ଏହି ରାଜ୍ୟ ବହୁ ଲୋକ କ୍ଷୟ ।
ପ୍ରଭୁଙ୍କ ଆଦେଶ ଯେଣୁ ନଦୀରୁ ବାହାରି,
ଜଣାଇ ତୁମ୍ଭକୁ ତାହା କରୁଛି ଗୁହାରି ।

ବିଳମ୍ବ ନ କର ଯଦି ପ୍ରଭୁଙ୍କର ତୋଷ,
ତୁମ୍ଭ ଯୋଗୁଁ ହେବ ମହା ଲୋକକ୍ଷୟ ଦୋଷ ।
ମୁହିଁ ଭିଖାରିଣୀ କିଛି ନାହିଁ ମୋର ଗୁଣ,
ଦେଖିବ ଏଥି ମୋର ପ୍ରଭୁଙ୍କ କରୁଣା ।"
ଏହା କହି ସନ୍ନ୍ୟାସିନୀ ଛାଡ଼ିଦେଲା କର,
ଛାଡ଼ିଲେ ତହିଁରୁ ମଣିମାଣିକ୍ୟ ନିକର ।
ଉଚ୍ଚେ କରି ଉଚ୍ଚାରଣି ଶଙ୍କର, ଶଙ୍କର,
ବୋଇଲେ, "ଯାଦବ, ହେଲ ମେଲୁଣି ଏଥର ।'
ଶୁଣି ସବୁ କଥା ଦୃଷ୍ଟି ଦେଖି ଏ ଘଟନା,
କ୍ଷଣେକେ ଚନ୍ଦ୍ରମା ହୋଇଗଲେ ଛିନ୍ନମନା ।
ପୁଣି କ୍ଷଣେ ସବୁ କଥା ଆଲୋଚନା କରି,
ଉତ୍ତର ଆରମ୍ଭ କଲେ ବୋଲି ଯୋଡ଼ି ହରି
"କହୁଛ ସାଧ୍ୱି, ତୁମ୍ଭେ ପ୍ରଭୁ ଆଜ୍ଞାକ୍ରମେ
ଆସିଅଛ ନ କହିଲ କାହିଁ ତା' ପ୍ରଥମେ ।
ପ୍ରଥମ ଦିବସ କଲ ଅଳପ ଆଳାପ,
ନ କହିଲ ଏ ଅଦ୍ଭୁତ ଆଦେଶ କଳାପ ।
ତା' ପରେ କହିଲ ଯାହା ନିଜର ପ୍ରସଙ୍ଗ,
ପର କଥା ତା' ସହିତ ହୋଇ ନାହିଁ ସଙ୍ଗ ।
ତା' ପରେ ଲାଗିଲ ଦେବସୁତା ପ୍ରଶଂସାରେ,
ବୋଇଲ ଅଧମ ପୁଣି ଆଉ ଯା' ସଂସାରେ ।
ସର୍ବଶେଷେ ଶୁଣାଉଛ ପ୍ରଭୁଙ୍କ ଆଦେଶ,
ତହିଁ ପାଇଁ ଏକା ଛାଡ଼ି ଆସିଅଛ ଦେଶ ।
କଥାରୁ ପ୍ରକାଶ ତୁମ୍ଭଠାରୁ ବଳ ସଙ୍ଗ,
ହୋଇ ନ ପାରିବେ ଶିବଜାସ୍ତୁ ଲଟବନ୍ଧ ।
ଯେ ପ୍ରଭୁ କରିବେ କୋପେ ବହୁ ଲୋକ କ୍ଷୟ,
ତୁମ୍ଭ ପାଣି ପାଇ ତୋଷ ଲଭନ୍ତେ ନିଶ୍ଚୟ ।
ତୁମ୍ଭ ସେବା ଏତେ ମୋତେ କରିବେ ଇନ୍ଦ୍ରାଣୀ,
ଏହା ତ ପ୍ରଭୁଙ୍କ ପକ୍ଷ ଅନୁଚିତ ବାଣୀ ।
ସବଳଦ୍ରୋହ ସେହୁ ନ ପାରନ୍ତି ସହି,
ତହିଁର ପ୍ରକୋପେ ଦେବେ ଅନ୍ୟଲୋକ ଦହି ।
ତୁମ୍ଭେ ନିଜେ ହେଲ ଖଣ୍ଡା ଖର୍ପରଧାରିଣୀ,
ଭୀଷଣରେ ହୋଇପାର ଲୋକସଂହାରିଣୀ ।
ଭାଗ୍ୟ ଥିଲା ପାଇଗଲୁଁ ତୁମ୍ଭ ଦରଶନ,
ନ କର ଅଙ୍କୁଶ ଆଉ ଲୋକ-ସଂରକ୍ଷଣ ।

ପ୍ରଭୁ ଦୂତୀ ନିଦର୍ଶନ ଚିତ୍ରପଟକଳ,
ଆମ୍ଭ ଯୋଗ୍ୟ ନୁହେ ତାହା ଭାଗ୍ୟର ସମ୍ବଳ ।
ଛବିପଟରୂପିଣୀ ଦେବୀ, ଦେଖୁଥିଲୁ ନେଇଟି,
ଗୁହ୍ୟଁ ଗୁହ୍ୟଁ କେତେ ଅଶ୍ରୁ ପ୍ରେମାର୍ଦ୍ର ଦେଖିଲି ।
କଏ ବୁଝେ କାହିଁ ପାଇଁ ଭୂମି ଅବନତ,
ନ ପାରିଲୁଁ ଜାଣି ହୋଇ ସ୍ୱପ୍ନପଥଗତ ।
ଶୁଣି ଶୁଣି ପ୍ରଦ୍ୟୁମ୍ନଙ୍କ ଅଦ୍ଭୁତ ବର୍ଣ୍ଣନା,
ହୃଦୟ ଭିତରେ ତାର ବିଷମ ଚିନ୍ତନା,
ପ୍ରଭୁର ବଚନ ଲଗି ନଦେଲୁ କାହାର,
ଭୁଲିଦେଲୁ ସେଥି ଦୁଃଖ ନ ସ୍ଫୁର୍ତ୍ତି ତାହାର ।
ଦୂରେ ଦେଖ ସେଥି କେତେ ସମ୍ମତର ଭୂର,
ଦୁଷି ଦୁହି କହିଲେ ନିଜ ସମାଚାର ।
କହାଇଲା ଦୈତ୍ୟବାଣସୁତା ବଡ଼ ବୁଦ୍ଧିମତୀ,
ନ ଭୁଲିଲ ତାଙ୍କୁ ମୋର ଠକିବା ଶକତି,
ଚିଠା ଲେଖି ଦେଇଅଛୁଁ ସଙ୍କେତ ନଗରରେ,
ଉପଗତ ହେଲେ ଆଜି ପ୍ରଦ୍ୟୁମ୍ନ ନଗରେ ।

# ଚତୁର୍ଥ ସର୍ଗ

ଚନ୍ଦ୍ରଧନୁସମନ୍ୱିତ ଭବନ ଶୋଭିତ,
ମୂର୍ତ୍ତିମନ୍ତ ମନୋହର ପଲ୍ୟଙ୍କ ଭିତର ।
ଶୁଭ୍ର କୋକଣ ଶୁଭ୍ର ମୂର୍ତ୍ତି ସ୍ୱର୍ଣ୍ଣ ବନ୍ଧାଧାର,
ଏକ ଏକ କରେ ଛନ୍ତି ଚନ୍ଦ୍ରାତପ ଧରି ।
ଆନ୍ୟ କରେ ଧରିଛନ୍ତି କୁସୁମ ବ୍ୟଜନ,
ବ୍ୟଜନ କରୁଛନ୍ତି ତହିଁ ସୁରଭି ସର୍ଜନ ।
କୁସୁମଭୂଷଣ ତାଙ୍କ ଅତି ମନୋରମ,
ଦେଉଅଛନ୍ତି ଭୂଷଣରୁ ସୁରଭି ଉଦ୍ଗମ ।
ପଲ୍ୟଙ୍କେ ହେଉଛି ସୃଷ୍ଟି ମଖମଲ ଶେଯ,
ଚୌଦିଗେ ତା' କୋମଳତା ବିକାଶୁଛି ତେଜ ।
ଗର୍ଭେ ଭରି ଶାଳ୍ମଳୀର ତୁଳା ଉପାଦାନ,
ଦୁଇଦିଗେ ଦୁଇଗୋଟି ଉଚ୍ଚ ଉପାଧାନ ।
ସେ ପଲ୍ୟଙ୍କ ଶିରେ କରି ନିର୍ମାଣ ପ୍ରାନ୍ତ,
ଦେଉଅଛି ଭବନର ଶୋଭନୀୟ କାନ୍ତି ।
ଊର୍ଦ୍ଧ୍ୱ ପଟେ ଆଚ୍ଛାଦିତ ନୀଳ ମଖମଲ,
ତାରକାପେ ରତ୍ନମାନ ତହିଁ ଝଳମଳ !
ଅଷ୍ଟକୋଣ ଊର୍ଦ୍ଧ୍ୱେ ଅଷ୍ଟ ରତ୍ନମୟ କେନ୍ଦ୍ର,
ଏକ ଏକ ପୁଷ୍ପହାର ଚଞ୍ଚୁପୁଟେ ଟେକି ।
ଭୂମି ତଳେ ଥାଏ ତାଙ୍କ ଦୁଗ୍ଧ ବସ୍ତ୍ରାବୃତ,
ରତ୍ନ ଜ୍ୟୋତି ଦେଉଥାଏ ତହିଁ ବସ୍ତ୍ରାବୃତ ।
ଚିତ୍ରିତ ହୋଇଛନ୍ତି ପୁର ଭିତ୍ତିଦେଶେ ବନ,
ଜଣେ ଧରେ ହରିଣୀକୁ ବ୍ୟାଘ୍ର ଆକ୍ରମଣ ।
କେହୁ ମୃଗ ଲମ୍ଫ ଦେଇ ଉଡ଼ୁଛି ଗଗନେ,
କେହୁ ବା ଚାଲୁଅଛି ନିବିଡ଼ ଗହନେ ।
ଦୂରେ ତାର ମୃଗଯୂଥ ଅଛନ୍ତି ଅନାଇଁ,
ଉତ୍ସୁକିତ ନେତ୍ରେ ପଳାଇବା ପାଇଁ ।
ଭୟେ ଲୁଚି ରହିଛନ୍ତି ବଧିକଜନଗଣ,
ଟାଣି ଉଚ୍ଚବେଗେ ସପାଣି ଭୁଜେଇ !
ଦଳେ ଦଳେ ଉଡ଼ିଯାଉଛନ୍ତି ପ୍ରାଣଭୟରେ,
କୋଟରେ ପଶୁଛନ୍ତି କିଏ ଦେଖି କେ କଥୋଡ଼ରେ
ଗଜଶିରେ ସିଂହ କାହିଁ ବସିଅଛି ମାଡ଼ି,
ଉକଟ ବସୁନ୍ତି ଦୁଃଖ ପାର୍ଶ୍ୱେ ବେଗେ ଧାଡ଼ି !
ଦର୍ପ ଦନ୍ତେ ପାଦ ନଖେ ବିଦାରି ଚରମ,
କରୁଛନ୍ତି ଭକ୍ଷଣ ପାନ ଫାଡ଼ି ତା' ମରମ ।
ଅନାବୃତ୍ତ ଜଳବର ନତ କରି ଶିର,
ଚିହିଡ଼ି ଶୁଣ୍ଢ ଟେକି ହେଉଛି ଅଧୀର ।
ଭୁକାନ୍ତି ତା' ଦନ୍ତମୂଳ ହୋଇଛି ଉଦରେ,
ଗଣ୍ଡ ଦେଇ ଚେତନ ପଡ଼ି ଭୂତଳର ଧରି ।
ପଳାଉଅଛନ୍ତି ଅନେକ ଦୂରେ ଗଜଦଳ,
ସଙ୍ଗେ ଧାଇଁଛନ୍ତି ତାଙ୍କ ଶାବକସକଳ ।

କାହିଁ ବହୁଅଛି ଉଚ୍ଛୁଳି ନିର୍ମଳ ଝରଣ,
କାହିଁ ବ୍ୟାଧ କରୁଅଛି ମୃଗାନୁସରଣ ।
ଏଣେ ଅଜ୍ଜା ଚେତନ ଅଧର ଫେରାଇ ଲୋଚନ
କରୁଛନ୍ତି ଚନ୍ଦ୍ରମା କଥା ଅଜ୍ଜା ଆଲୋଚନ ।
ଏ ସମୟେ ଲୀଳାବତୀ ଦାସୀ ଉପଗତ,
ସମକ୍ଷରେ ଉଭାହୋଇ ଶିର କଲା ନତ ।
ହରଷିତ ହେଲେ ଅଜ୍ଜା ଅନାଇ ଚଞ୍ଚଳ,
ବୋଇଲେ କି ହୋଇଅଛି ମାନସ ସଫଳ ?
ଦାସୀ ଜଣାଇଲା, "ଦେବ, ସଭାର ଗୁଢ଼,
ହାତକୁ ଆସଇ ନାହିଁ ପକାଇଲେ ଫାନ୍ଦ ।
ଯାହାକୁ ବିଧାତା ଯାହା କରିଛି ପ୍ରଦାନ,
ତାହା ଲଭି ନିଜ ସ୍ୱାତନ୍ତ୍ର୍ୟେ ନିଜେ ସେ ପ୍ରଧାନ ।
ପରିଶ୍ରମଲବ୍ଧ ଧନେ ଅନ୍ୟ କଲେ ଲୋଭ
ଯୋଗ୍ୟ ହୋଇ ନ ପାରଇ ବଢ଼େ ମାତ୍ର କ୍ଷୋଭ ।
ଭାଗ୍ୟବଳେ ଲଭିଅଛି କେତେ ଲୋକ ଧନ,
କେତେ ଲୋକ ଗୁଣ ପୁଣି କେତେ ଲୋକ ଜ୍ଞାନ ।
କେହି ପାଇଥାଏ ମନ କେହି ଅବା ଜନ,
ଏକାଧିକ ଲଭିଅଛି କେତେ ଭାଗ୍ୟବାନ ।
ଯାହାକୁ ଯା' ମିଳିଥାଏ କହିଁ ତାର ତୋଷ,
ପରଭାଗ୍ୟ ଲୋଭିକଲେ ଉପୁଜଇ ଦୋଷ ।
ମନେକରି ପାଇଛନ୍ତି କେ ପ୍ରତିଭା ଶକତି,
ଅନ୍ୟ ତା' ନ ପାରେ ନେଇ ବଳାଇଲେ ମତି ।
ଦେହରେ କାହାର ଯେବେ ରମଣୀ ତା' ସତୀ,
ସେ ନାରୀ କେମନ୍ତେ ଦେବ ମନ ଅନ୍ୟପ୍ରତି ।
ବଳେ କରିଥାଏ ନାହିଁ ତାହାକୁ ହରଣ,
ବଳ ଉପଗତ ହେଲେ ବରଇ ମରଣ ।"

ଅଜ୍ଜା—

ବୁଝୁଁ ନାହିଁ ଏତେ ତୋର ନୀତି ଉପଦେଶ,
ଶାଠ୍ୟ ବିନା ସାଧ୍ୟ ହିତ ନ ହେବ ତା' ଶେଷ ।
ସର୍ବ ମତି ତୁଷ୍ଟ ଥାଏ ନୃପଙ୍କ ଚିତ୍ତ ଜନ,
ଭାଗ୍ୟବଳେ ବଳଷ୍ପର ନାହିଁ ପ୍ରୟୋଜନ ।
କହ ନାହିଁ ଚନ୍ଦ୍ରମାର ମାତୃସ୍ୱ କେମନ୍ତ,
ଏଠାକୁ ଆସିବା ପାଇଁ ତାହାର କି ମତ ?

ଲୀଳା—
ଦେଖି ସମ୍ରାଟ, ଚନ୍ଦ୍ରମାଙ୍କ କରି ଦରଶନ,
କେବେହେ ନ ମୋର ହୋଇଗଲା ସୁଧା ବରଷଣ ।
ଶୁଣିବାରୁ ତା' କୋମଳ ମଧୁମୟୀ କଥା,
ଘୁଞ୍ଚିଲା ମୋ ଦେହରୁ ଚିର ତାପବ୍ୟଥା ।
ତା' ଠାରେ ବଳିଲ ଯେତେ ଛଳ କଉଶଳ,
ନ ଛୁଇଁ ତାହାକୁ ହେଲା ସକଳ ବିଫଳ ।
ପତି ତା' ପରମ ଗୁରୁ, ପତି ତା' ଜୀବନ,
ପତିର ଚରଣ ତାର ସୁଖର ସଦନ ।
ଅଜ୍ଜା—
ପଦେକରେ ଶୋଷି ଭାବ କରିବାକୁ ଶେଷ,
ଲୀଳାବତୀ ପ୍ରତି ନୁହେ ଅଜ୍ଜାର ଆଦେଶ ।
ତୋର ବ୍ୟଥା ଦୂର ହେଲେ ମୋର ହେବ ହିଁ ଦୁଃଖ,
ତୋ କୌଶଳ ବ୍ୟର୍ଥ ହେଲେ ମୁଁ ନୁହେଁ ବିମୁଖ
ମୂଢ଼ଣି ମୁଖେ ଜଣଟିରୁ କହିତା ରଚନା,
କର ଏଠାରେ ଚନ୍ଦ୍ରମାର ପ୍ରକୃତ ବର୍ଣ୍ଣନା ।
ଲୀଳା—
ଚନ୍ଦ୍ରମାର ଶୋଭାରାଶି ନୁହେଁ ବର୍ଣ୍ଣନୀୟ,
ପୁଣ୍ୟପୂତ ଭାଗ୍ୟଯୁତ ଜନ ଦର୍ଶନୀୟ ।
ଅଜ୍ଜା—
ତୋଠାରୁ କି ପାପୀ ମୁହିଁ ତୋ' ଠାରୁ ଅଭାଗୀ,
ନ ପାରିବି ହୋଇ ଏବେ ଦୃଷ୍ଟି-ସୁଖଭାଗୀ ?
ଲୀଳା—
ଭାଗ୍ୟବନ୍ତ ତୁମ୍ଭ ପ୍ରତି ସଦା ସୁପ୍ରସନ୍ନ,
ପୁଣ୍ୟବଳେ ଲଭିଅଛ ରାଜେନ୍ଦ୍ର ଆସନ ।
ଭାଗ୍ୟବନ୍ତ ପୁଣ୍ୟସ୍ନାତ ତୁମ୍ଭର ଦର୍ଶନ,
ନ ଉଚିତେ କଳଙ୍କରେ ସେ ରୂପ ଦର୍ଶନ ।
ନେତ୍ରପ୍ରୀତି ହୁଏ ତୁଷ୍ଟି ହେଲେ ସାଦରେ,
କିନ୍ତୁ ତାହା ବର୍ଣ୍ଣିହୁଏ ନାହିଁ କା' ଆଗରେ ।
ଅମୃତ କେମନ୍ତ ସ୍ୱାଦୁ କିଏ କହିପାରେ ?
ସେ ଜାଣିବ ଯେ ସେବିବ ନିଜ ରସନାରେ ।
ଅଜ୍ଜା—
ତା' ପାଖେ ମୋ କଥା କିଛି କଲୁ କି ବର୍ଣ୍ଣନ ?
କରି କି ପାରିବ ସେ ମୋ ଆଦର ଲଂଘନ ?
ମୋ ପ୍ରତାପ ମୋ ବିଭବ ପାଶୋରିଲା କି ଜାଣି ?
ବୁଝିଲୁ କି ମୋର କୋପେ ହେବ ଯାହା ହାନି ?

ମାୟା—
ସତେକି ପତି ତୁମ୍ଭ ନାମ ଥାନ୍ତି ଚର୍ଚ୍ଚି ଧରି,
ପାଶ ମୁଁ ନ ଥାନ୍ତି ତା'ର ମାନସ ଉପରି ।
ତୁମ୍ଭ ଦାସୀ ବୋଲି ଯଦି ପାଇଥାନ୍ତି ଜଣା,
ମାଡ଼ି କି ମୁଁ ଯାଉଥାନ୍ତି ରଜାର ଅଗଣା ?
ଛଳ କଳ ଖାଣି ନାରୀ କରନ୍ତି ବ୍ୟବହାର,
ତେବେ ସିନା ହୋଇଥାନ୍ତେ ଗୁପ୍ତ ସଞ୍ଚାର ।
କିନ୍ତୁ ଯା' କହୁଛ ତୁମ୍ଭ ନାମୁଁ ତା' ଅଧିକ,
ତଥାପି ସେ ନୁହଇ ତୁମ୍ଭ ବାହାର ପଥିକ ।
ତୁମ୍ଭର ପ୍ରଭାବୁ ବଳ ତା' ବୁଦ୍ଧି ଉନ୍ନତି,
କିନ୍ତୁ ତା' ସ୍ୱଭାବ ନୁହେ ସେପରି ଉଦ୍ଧତ ।
ଧର୍ମର ସମ୍ମାନ ତୁମ୍ଭେ କରିବାକୁ ଧରି,
ହୃଦ-ସତ୍ୟେ ପ୍ରଦ୍ୟୁମ୍ନ ତ ସ୍ୱଭାବ-ଶୁଶ୍ରୂଷା ।
ଧର୍ମର ବିରୋଧେ ଯଦି ହେବ ଲୋକକ୍ଷୟ,
ଧର୍ମଭୀରୁ ହୃଦ ତାର ନ ଦେଖିଲ ଜୟ ।
ଶୁଣି ପୌଣ୍ଡ୍ରୂପତି କଲା ତା' ସ୍ମର ଗମନ,
ଦେବରୂପେ ପରୀକ୍ଷା କଲି କୌଶଳେ ତା' ମନ ।
ଏହା କହି କହିଲେ ଦାସୀ ଅଭିକଳ,
ପ୍ରଦ୍ୟୁମ୍ନ ଆନନ୍ଦ ଅଶ୍ରୁ ଦୃଷ୍ଟିରେ ସଜଳ ।
ତା'ପରେ ତେତାର ସିଂହ ଦନ୍ତର ରେଖା,
ହସ୍ତେ ଦେନ ଆଣ୍ଡା ଆଗେ ଦୂତ ଦେଲା ଦେଖା ।
ଆଣ୍ଡା ଦେଇ ପତ୍ର ପାଠ କରି ମନେ ମନେ,
ନୀରବ ରହିଲା କ୍ଷଣେ ବିସ୍ମିତ ବଦନେ ।
କୁକୁର ଡାକିଲେ ଯଥା କଠିନ ପ୍ରହାର,
କରିଥାଏ କ୍ଷଣେ କଣ୍ଠ ନ ଯାଏ ଚିତ୍କାର ।
ଦୂତ ଦାସୀ ହୋଇଗଲେ ଭିତ୍ତିକୁ ଅନ୍ତର,
ପୁନଶ୍ଚ ପଡ଼ିଲା ଅଣ୍ଟା ସ୍ୱାମୀଙ୍କ ଉପର ।
ତା'ପରେ ଲାଗିଲା ହୃଦ-ବନେ କୋଳାହଳ,
ପ୍ରତାପ ପୁରାଣ ବାତ ଦେଲା ତାକୁ ବଳ ।
ଉଠିଲା ଜିଘାଂସା ଧୂମ ଚକ୍ଷୁ ଘନ ଘନ,
କଟୋର ସ୍ୱରକୁ ହେଲା ଧୂମର ଗମନ ।
ବୋଇଲା ସେ ଗର୍ଜନେ ହୃଦୟର ଭିତରେ,
ସିଂହ କି ଶୃଗାଳ ସ୍ୱନ ଶୁଣି ଯିବ ଡରେ ।
ଦେଖିବା ପ୍ରଦ୍ୟୁମ୍ନ ଅଟେ କାହାର ସୂଚକ,
ତା ଦର୍ପ ଗାଳିବ କିଏ ମୋ ହୃଦୟୁ ହରି ।

ପ୍ରଧାନ ଗଣଙ୍କୁ କରି ଡେକେଇ ଶାସନ,
ବେରି ବେଦ ପ୍ରଦ୍ୟୁମ୍ନଙ୍କ ଅଙ୍କରେ ଆସନ ।
ସେନାପତି ଚଳିଲା ଅଛିାର ଆଦେଶ,
ଅଚଳରୁ ହୋଇଗଲା ସୈନ୍ୟସମାବେଶ ।
ସହସ୍ର ସହସ୍ର ଅଶ୍ୱ ଶତ ଶତ ହାତୀ,
କିଏ ଲେଖା ଅଗଣିତ ସଶସ୍ତ୍ର ପଦାତି ।
ଅସଂଖ୍ୟ ଶକଟ ବନ୍ଧି କବଚ ସମ୍ଭାର,
ଭାରବାହୀ ଦଳ ଉଷ୍ଟ୍ର ବହି ବସ୍ତୁ ଭାର ।
ତଡ଼ିତର ଘର୍ଷରେ କଲା ସଘନେ ଅଭିଯାନ,
ଚଳିଲା ସମ୍ରାଟ ହୃଦେ ବହି ଅଭିମାନ ।
ଆଗେ ଆଗେ ଚଳିଲେକ ଭାରବାହୀ ଦଳ,
ତାଙ୍କ ପଛେ ଚଳି ଗଲେ ଶକଟସକଳ ।
ତହିଁ ପରେ ଆଗେ ଆଗେ ବାଦ୍ୟକାରଗଣ
ଚଳିଲେକ ବଜାଇ ବାଜା କମ୍ପାଇ ଶ୍ରବଣ ।
ତାଙ୍କ ପଛେ ଧାଡ଼ି ଧାଡ଼ି ପଦାତିକ ସେନା,
କରେ ଧରି କରବାଳ ଅଙ୍ଗେ ଭରି ଚେତନା ।
ଅଶ୍ୱାରୋହୀ ଦଳ ତହୁଁ ଚଳାଇ ବାଗବନ୍ଧ,
ତାଙ୍କ ପଛେ ଚଳୁଥାନ୍ତି ସଶସ୍ତ୍ର ସନ୍ନଦ୍ଧ ।
ଗଜପୃଷ୍ଠେ ଦେଇ ମଣ୍ଡଳ ଅଗ୍ରଭାଗ,
ତା'ପରେ ଚଳିଲେ ଦୃଷ୍ଟ ଗଜାରୋହୀଗଣ ।
ସେନା ଆଣ୍ଡା ହୃଦ ପରି ବଡ଼ ତନ୍ତ୍ର ଖଣ୍ଡ—
ଧ୍ୱଜ ତାର ଆଣ୍ଡାପଦ ଟେକି ଉଚ୍ଚ ଦଣ୍ଡ ।
ଗଜ ବୃନ୍ଦ ମଧ୍ୟେ ଥାଏ ଏକ ଦନ୍ତାବଳ,
ପୃଷ୍ଠେ ପଡ଼ିଥାଏ ରତ୍ନମଣ୍ଡିତ କମ୍ବଳ ।
ତା' ଉପରେ ରତ୍ନମୟ ହାଉଦା ଶୋଭିତ,
ଊର୍ଦ୍ଧ୍ୱଦେଶେ ଚନ୍ଦ୍ରାତପ ରଞ୍ଜିତ ବେଷ୍ଟିତ ।
ଚଉପାଶେ ଝିଙ୍କାବେସ ରତନ ଝାଲର,
ପ୍ରତିବିମ୍ବାଇଲା ରବିକିରଣ-ଜାଳର ।
ମଧ୍ୟେ ତାର ମଣ୍ଡିତ କୋମଳ ଆସନ,
ବଙ୍କନାଥ ବସିଥାଏ ଯୁଦ୍ଧଲୁବ୍ଧ ମନେ ।
ଦୁର୍ଦ୍ଦମ୍ୟ ଧୂମଦଳ ଧରିଥାଏ କରରେ,
ଥରେ ଥରେ ଦେଉଥାଏ ଲଗାଇ ମୁଖରେ ।
ହୁକା ଧରିଥାଏ ଜଣେ ଅନ୍ୟ ଦନ୍ତାବଳେ,
ସୁବର୍ଣ୍ଣ ଶିକଳ କରି ଭୂଷିତ ଅନଳେ ।

ସେ ଶବ୍ଦରୁ ଏ ଗଜକୁ ଲମ୍ଫ ଥାଏ ନଳ,
ଦୁ ଲୁଣ୍ଡୁ ଦୁ ଲୁଣ୍ଡୁ ନାଦୁଥାଏ ତୁକାଜଳ ।
ସମ୍ରାଟ-ବଦନୁ ଏତେଣ ଉଠି ଧୂମରାଶି,
ସୁବାସରେ ଦେଉଥାଏ ଚୌଦିଗ ଉଲ୍ଲାସି ।
ତଉଦଦେଗ ଗଜପୃଷ୍ଠରେ ମଧୁର ବାଦନ,
କରୁଥାଏ ସମ୍ରାଟର କର୍ଣ୍ଣାହ୍ଲାଦନ ।
ଗୀତ ହେଉଥାଏ ତହିଁ ସଙ୍ଗୀତ ସେବକ,
ଆନନ୍ଦରସ ସମ୍ରାଟର ମାନସ-ତୋଷକ ।
ଏଠାରେ ବୋଲୁଛି ମନ ଲେଖନୀ ତୁ ଛାର,
ଏଡ଼େ ବଡ଼ ସମ୍ରାଟଙ୍କୁ କରୁଛୁ ତୁକାର ।
ଲେଖନୀ ବୋଲୁଛି ମନ କହିଲୁ ଯା ସତ,
ତା' ମହତ୍ତ୍ୱ ମାନିବାକୁ ବଳୁ ନାହିଁ ମତ ।
କି ଯେଣୁ ବୋଲିବା ତାଙ୍କୁ ମାନନୀୟ ବଡ଼,
ଧରମ-ଜଗତେ ସେ ତ କ୍ଷୁଦ୍ର ତରୁହେଡ଼ ।
ବୋଲିବ ଯଦ୍ୟପି ତାର ଅଛି ବାହୁବଳ,
ତାଙ୍କୁ ବଳି ବନେ ଛନ୍ତି କେତେ ମହାବଳ ।
ଅଥବା ବୋଲିବ ବଡ଼ ବୁଦ୍ଧି ଅଛି ତାର,
କି ବୁଦ୍ଧି ଯେ କରେ ପାପ ପଥ ଆବିଷ୍କାର ।
ଯଦ୍ୟପି ବୋଲିବ ତାର ଅଛି ବହୁ ଧନ,
ସେ କି ଧନ ଯାହା ଯେଣେ ନଶ୍ୱର ନିଧନ ।
କେତେ ଅଟକର୍ମ ପାଇଁ କେତେ ଆଡ଼ମ୍ବର,
ଆଡ଼ମ୍ବରେ ନାହିଁ ଧର୍ମଦେବଙ୍କ ଆଦର ।
ସଞ୍ଚିତ-ରତନ ବଳେ ହରିବାର ପାଇଁ,
କେତେଦୂରୁ କେତେଦୂର ଯାଉଛି ସେ ଧାଇଁ ।
ହୃଦରେ ପୂରିଛି ତାର ପାପ-ଅଭିଳାଷ,
ତା ଏକା କରୁଛି ତାର ମହତ୍ତ୍ୱ ବିନାଶ ।
ଅମେଧ୍ୟ ପଦାର୍ଥେ ଯଦି ଥାଏ ହେମ ଘଟେ,
କେ ତାକୁ ଆଗ୍ରହ କରି ରଖିବ ନିକଟେ ।
ଥାଉ ତାର ମାନ୍ୟ, ଏବେ ହେଉ ଅଗ୍ରସର,
ଦେଖି ଲୁଣ୍ଠନାଶୀ ଲେଖି ତା ବୃତ୍ତାନ୍ତ ନିକର ।
ଚଳିଲି ବାହିନୀ ବ୍ୟାପି ବହୁଦୂର ପଥ,
ଉଡ଼ିଲା ଧୂଳି ମହୀ ହୋଇ ପଦାହତ ।
ସେ ଧୂଳିପଟଳ ଉଠି ବ୍ୟାପିଲା ଗଗନ,
ସୂର୍ଯ୍ୟ ବାହୁନା ହେଲା ତହିଁରେ ମଗନ ।

ଦୂରୁର ଦିଶିଲା ଯେସନ୍ତେ ମହା ଅଜଗର,
ହୋଇଅଛି ଶିରତ୍ରାସ-ଆବେଶ ଅଗ୍ରସର ।
ବାଦ୍ୟନାଦ ଅଶ୍ୱହ୍ରେଷା ଗଜଙ୍କ ନାଦ,
ମହା କୋଳାହଳେ ମର୍ତ୍ତ୍ୟ ଗଣିଲା ପ୍ରମାଦ ।
ଲେଉଟି ଲେଉଟି ଧ୍ୱଜ ଧ୍ୱଜ ବାରମ୍ବାର,
ଚଳାଇଲେ ପଥପାର୍ଶ୍ୱ ଗ୍ରାମ-ଗ୍ରାମ ବାର ।
ଗ୍ରାମେ ଗ୍ରାମେ ଘରେ ଘରେ କୁଳବଧୂକୁଳ,
ଘରବେ ଛାଡ଼ିଲେ ଲୁଚି ହୋଇ ଭୟାକୁଳ ।
ପଥପାର୍ଶ୍ୱ ବାଟୀରୁ ବିହଙ୍ଗମଗଣ,
ଭୟ ରବେ ଦଳ ଦଳ କଲେ ପଳାୟନ ।
ଶିବାମାନେ ପଳାଇଲେ ଲେଉଟି ଲେଉଟି,
ମଣ୍ଡିବାଳେ ବୃକ୍ଷଗଣ ନଦେବଦେଶେ ଉଠି ।
ଚଟି ଚଟି ହୋଇଅଛି ରସଦ ସଞ୍ଚୟ,
ପ୍ରଜାବୃନ୍ଦ ଜଗିଛନ୍ତି ବହି ଅହରହ ।
ଫାଟିଅଛି ବେତ୍ରାଘାତେ ଶରୀର କାହାରି,
ମସ୍ତକୁ ହୋଇଛି କାହା ଉକତ ବାହାର ।
ଭାଙ୍ଗିଛନ୍ତି ଆଘାତକୁ ମଳିନ ବଦନେ,
କମ୍ପୁଛନ୍ତି ଶୀତେ ଶୀର୍ଣ୍ଣ ହୋଇ ଅନଶନେ ।
ନଈରେ ପାଉଛି ପାଣି କାହା ଅଧନେ,
ତହିଁ ସଙ୍ଗେ ହାଉଅଛି କ୍ଷୁଧାର ଦହନ ।
ଭ୍ରମୁଅଛି ତପସ୍ୱୀ ହୋଇ ବେଶ-କର,
ତାକୁ ହିଁ ପ୍ରଜାଙ୍କର ତ୍ରାଣ ଅବସର ।
କାହାଠାରେ ହେଲେ କିଛି ଦ୍ରବ୍ୟର ଅଭାବ,
ଦେଖାଉଛି ତପସ୍ୱୀ କେଶର ପ୍ରଭାବ ।
ଏକ ଦୁଇ ନୁହନ୍ତି ସେ ବହୁ ତପସ୍ୱୀ,
ଛୁଟାରେ ଦେଉଛନ୍ତି ଧଇର୍ଯ୍ୟ ବିନାଶି ।
ତହେସିଲଦଳ ମୁକେ ଛନ୍ତି ଜମାଦାର,
ଲୋକ ଜାଣି ହେଉଛନ୍ତି ସେତୁ ଜମାଦାର ।
ବିଷୟ କରନ୍ତି ଜମା ମୂଲ୍ୟ ଅନୁସାରେ,
ଦ୍ରବ୍ୟର ସମ୍ପୃକ୍ତ ମୂଲ୍ୟ ନାହିଁ ଯାହାଠାରେ ।
ଯେ ଦ୍ରବ୍ୟ ନ ପଡ଼େ କେବେ ଦୁଜାର ନୟନେ,
ଲଭିଛନ୍ତି କେତେ ଲୋକ ତାହା ଆନୟନେ ।
ଯେଉଁ ଦ୍ରବ୍ୟ ନ ମିଳଇ ଗ୍ରାମର ହଜାରେ,
ତହିଁ ପାଇଁ ଧାଇଁଛନ୍ତି ନଗର ବଜାର ।

| | |
|---|---|
| ଦେଖିବାକୁ ଯୋ ଗଜ-ବାଜି-ଭୂଷଣା-ଭୂଷିତ, | ନେଉଅଛନ୍ତି ଭଜାମୁଠି ଗୁଡ଼ାଇ ସକଳ । |
| ସଂଗ୍ରହିତ ହୋଇଅଛି ବିବିଧ ରସଦ । | ମହାନନ୍ଦେ ଦ୍ରବ୍ୟ ଲଭି ହୋଇଲେ କଛି ଛୁଟି, |
| ଆହବ-ଚାରଶସ୍ୟଜାତ ଫଳଫୁଲମାନ, | ଡ୍ରମନ ଗ୍ରାମେ ପଶି ଦୁଷ୍ଟ କରୁଛନ୍ତି ଲୁଟି । |
| ରସଦଭଣ୍ଡାରେ ଆସି ପାଇଅଛି ସ୍ଥାନ । | ଏହିରୂପେ କରି ବହୁ ପ୍ରତାପ ପ୍ରକଟ, |
| ଅଶ୍ୱାରୋହୀ ପଦାତିକ ଅଛି ଦଳ ଦଳ, | ଲଭିଲ ବାହିନୀ ଯାଇ ଚିତୋର ନିକଟ । |

# ପଞ୍ଚମ ସର୍ଗ

ଅଭେଦ୍ୟ ଚିତୋର ଦୁର୍ଗ ସୁଦୃଢ଼ ପ୍ରାଚୀର,
ଶିରକାନ୍ତ ରହିଅଛି ଥିବା ଯେସନ୍ତ ଶିର ।
ଚତୁର୍ଦ୍ଦିଗେ ଭ୍ରମୁଅଛି ଯବନବାହିନୀ,
ବଦ୍ଧକଟି ହସ୍ତେ କରି ଆୟୁଧବାହିନୀ ।
ଆବରଣ କରି ଶିର ଶିରସ୍ତ୍ରାଣ-ଜାଲେ,
ବାରବାଟେ ଠିଆ, କଟି ଖାରଧନମାଳେ ।
ତୁରଙ୍ଗମ ହେଷାରବ ଗଜର ଗର୍ଜନ,
ସଙ୍ଗେ ନୃତ୍ୟ କରୁଅଛି ଅଶ୍ୱର ଉଲ୍ଲମ୍ଫନ ।
ମୁହୁର୍ମୁହୁ ଉଠି ଘୋର ବନ୍ଧୁକର ଧ୍ୱନି,
କମ୍ପାଉଛି ବନ ସହ ଗଗନ ମଣ୍ଡନ ।
ଦୁର୍ଗଦ୍ୱାରେ ପଡ଼ିଅଛି ସୁଦୃଢ଼ କବାଟ,
ମିଳୁ ନାହିଁ ଯବନଙ୍କୁ ସୂଚୀ-ମୁଖ ବାଟ ।
ସେନା-ପିପୀଲିକାଶ୍ରେଣୀ ଚିତୋର ନଗରୀ,
ରହିଅଛି ବନ୍ଦମୁଖ ବୁଦ୍ଧି କୁଣ୍ଠି କରି ।
ଭଟଙ୍କର ଜଳରାଶି ତରଙ୍ଗପଟଳ,
ମଧ୍ୟ ଯଥା କପିଳଙ୍କ ଆଶ୍ରମ ଅଟଳ ।
ଏହିରୂପେ ଗଲାଅଛି ମାସ ପରେ ମାସ,
ଭାଗ୍ୟଦେବୀ ନ ଭଜନ୍ତି ଚିତୋର-ନିବାସ ।
କଛି ଦୂରେ ପଡ଼ିଅଛି ସମ୍ରାଟ-ଶିବିର,
ଧାଡ଼ି ଧାଡ଼ି ଗଗନକୁ ଟେକିଛନ୍ତି ଶିର ।
କରିବାକୁ ଜୟ-ଲକ୍ଷ୍ମୀ ମୂର୍ତ୍ତି ପ୍ରତିଷ୍ଠିତ,
ହୋଇଛନ୍ତି ସେସବୁ ଚାରୁ ମଣ୍ଡପ ନିର୍ମିତ ।
ଉଡ଼ୁ ତାଙ୍କ ଶିର ପୃଷ୍ଠ ଚୂଡ଼ାରେ ଶବଳ,
ରଣଦେବୀ-ଜିହ୍ୱା ପରି ଶୋଭଇ କରାଳ ।

ପଟବସ୍ତ୍ରାବାସ ମଧ୍ୟ ଚନ୍ଦ୍ରାତପକୃତ—
ମହୋଜ୍ଜ୍ୱଳ ସ୍ୱର୍ଣ୍ଣଦଣ୍ଡ ଆସନ ରଚିତ ।
ତହିଁରେ ବସିଅଛି ଦୁମୋର ନାଟ,
ମଧ୍ୟ ଭାଗେ ବିଳାସୀ ଯବନସମ୍ରାଟ ।
ଶିବିର ବାହାରେ ବେଢ଼ି ଶସ୍ତ୍ରଧାରୀଗଣ,
ରହିଛନ୍ତି ଟେକିବାଇ କୃପାଣ-କରଣ ।
ଦାଣ୍ଡି ଅଛି ମସବାର ନଗର ସମାନ,
ସମ୍ରାଟ ସଦନେ ସର୍ବ ରତ୍ନ ଶୋଭମାନ ।
ଅବରୋଧ ରମଣୀଙ୍କ ବଦନମଣ୍ଡଳ,
ଦର୍ଶିଦେଲେ ବନନରେ ହୋଇବେ ଆଖଣ୍ଡଳ ।
ମଧୁର ମୋହନ କଣ୍ଠ ଅମିୟ ଗାୟନ,
ଶୁଣିଲେ ଚକିତ ହେବେ ଋଷି ଦ୍ୱୈପାୟନ ।
ସହାସ ଅଧରମୁକ୍ତ ସଲଜ୍ଜ ବଚନ,
କରେ ଦ୍ରବ୍ୟ ଅଚେତନ କରେ ଲୋମାଞ୍ଚନ ।
ଚନ୍ଦ୍ରବିମ୍ବ କମଳ କାନ୍ତି ଅଧର ହରଣ,
କନ୍ଦର୍ପ ହେମମୃଗ ଶିଶିର କର୍କଶ ।
ସମ୍ରାଟଙ୍କୁ ସେ ସମସ୍ତ ଲଭିଛନ୍ତି ଲଳଣା,
ଦୁଷ୍ଟିଦୋଷେ ଟେକିଛନ୍ତି ରାଜୋଦ୍ୟାନଚୂଳଣା ।
ଶୁଣିଛି ଚିତୋର ଦୁର୍ଗେ ଅଛନ୍ତି ପଦ୍ମିନୀ,
ଜଣେ ରୂପସୀଙ୍କ ରୂପ-ଗର୍ବମର୍ଦ୍ଦିନୀ ।
ବାଞ୍ଛିଛି ସମ୍ରାଟ ହୋଇ ପଦ୍ମିନୀ ବାସରେ,
ନିଦ୍ରା ନାହିଁ ସମ୍ରାଟଙ୍କୁ ରଜନୀ ବାସରେ ।
ସେ ପଦ୍ମିନୀ ଭୀମ ସିଂହ ସିଂହର ଘରଣୀ,
ପାତିବ୍ରତ୍ୟ ବଳରେଣ ମଣ୍ଡିଛନ୍ତି ଧରଣୀ ।

ବଢ଼ିଲେ ତାଙ୍କୁ ଦେବା ପାଇଁ କର କୁବେରର,
ଧାଇଁଛି ପବନ-ବଂଶଜ ଦୁଷ୍ଟ, ଦୁର୍ଦ୍ଧର ।
ପଦ୍‌ମିନୀଙ୍କ ଗୁପ୍ତଦେଶେ ତ କରିବ ରାଣୀ,
କହି ଜଳ ଯମଙ୍କର ମର୍ମ୍ମ ବିଦାରଣ ।
ଜମଦଗ୍ନିନନ୍ଦ ଶ୍ୟାମ ଜମର ସମାନ
ସହି କି ପାରନ୍ତି ସେହି ଭୃତ୍ୟ ଅପମାନ ।
ସମ୍ରାଟଙ୍କୁ ଦେଲେ ମୋଗଧ କର୍ଣ୍ଣ ଖବର,
ଦେଖାଅ ତୋ ବଳ ଥିଲେ ପବନ ବର୍ବ୍ବର ।
ସିଂହ ସଙ୍ଗ ଶୃଗାଳର ଲାଗିଅଛି ଯୁଦ୍ଧ,
ନ ପାରୁ ଧରିବେ ସିଂହେ ବଢ଼ାଇଅଛି ସ୍ପର୍ଦ୍ଧା ।
ଶିବରେ ବସିଛି ମାତ୍ର ମୂର୍ତ୍ତି ଆସବ,
ଦୁର୍ବାରଣ କରୁଅଛି ହିଂସା-ହୁତାଶନ ।
ଦର୍ଶୀଶ୍ୱର ଚରଣାରବିନ୍ଦରେ ଲାଳସ,
ଛି, ଛି, ଛି, ପ୍ରାଣିଶର୍ମ୍ମ ପ୍ରବର୍ତ୍ତି ନଳସ ।
ଧନ୍ୟ ବସୁ ହୁମ୍ବର କି ବଣିଏ ବଧାନ,
ନରକରୁ ସ୍ୱର୍ଗର କି ନାହିଁ ବ୍ୟବଧାନ !
ହୃଦୟରେ ଯାର୍ ଅତି ଜଘନ୍ୟ ବିକାର,
ତାକୁ ତୁମ୍ଭେ ଦେଇ ଦେଲ ରାଜ୍ୟ ଅଧିକାର ।
ଜୀବନ ଯାହାର ନାନା ପାପରେ ଅପବିତ୍ର,
ହସ୍ତେ ତାର ଦେଇଅଛ ଧନଧାନ୍ୟ ଧରା ।
ଜୟଲକ୍ଷ୍ମୀ ! ତୁମ୍ଭେ ଅତି ଦୁର୍ବଳ ହୃଦୟ,
ସହିଁ ଅସ୍ତ୍ର ଡର ଲବେ ତାହିଁରେ ଉଦୟ ।

ଯୁଦ୍ଧେ ଯା'ର ନାହିଁ ଅଭୁତ ପାଦପ ନାହିଁ ଦୃଷ୍ଟି,
ନାହିଁ ଦେବ ଦୃଷ୍ଟି ପ୍ରତି ନିଷ୍ପୃହ କରୁଣା ।
ଯାହାଠାରେ ଦେଖ ନୃଳ କଉଶଳ ବଳ,
ତାହାଠାରେ ତୁମ୍ଭ ତୁମ୍ଭ ମମତା ପ୍ରବଳ ।
ତୁମ୍ଭ ପୂଜା ପାଇଁ ଲୋକେ କେତେ ନରକର୍ମ୍ମୀ
କରିଥାନ୍ତି, ଦେଖି ପୁଣି ସହୁଥାଏ ଧର୍ମ୍ମ ।
ରାଜଲକ୍ଷ୍ମୀ ବରମୁଖ ସେ ଆଲମ୍ବହୀନ,
ନିଜକୁ ମଣୁଛି ଆଜ ଧନଠାରୁ ଦୀନ ।
ପତ୍ନୀତ୍ୱ-ରତନ ନାହିଁ ହୃଦୟରେ ଯାର,
ମୁଖ ଖାଲି ପାଇବାକୁ ଇଚ୍ଛା ହଜାର ।
ବୋଲୁଛି ନ ଦେଲ ମୋରେ ରମଣୀ-ରତନ,
ଧିକ୍ ମୋ ସମ୍ରାଟପଣ ଧିକ୍ ମୋ ଜୀବନ ।
ଧିକ୍ ଦେଉଥିବା ବୋଲି ଉଠିବେ ଥରେ,
ଅଟ୍ଟସର ଦେଲ୍ ଯାଇ ଶିବିରର ଦେହରେ ।
ଶୁଣିଲେ ଦୁର୍ଗର-ଶିଳ୍ପ ବର୍ଣ୍ଣିଛି ଦେଶର,
ଜଳୁଥିଆଦଳ କୋପେ ଦର୍ପ ଅନ୍ତରର ।
ଅସ୍ତାଚଳ-ଶିରେ ଥାଇ ସହସ୍ରକିରଣ,
କରୁଛନ୍ତି ଶିବିରର ଲକ୍ଷ୍ୟ ଦରଶନ ।
ଧଇର୍ଯ୍ୟ ଗାମ୍ଭୀର୍ଯ୍ୟ ସହ ମର୍ଦ୍ଦ ମାଧ୍ୱିକ,
ଦେଖ ଲଉଛି ଏବେ ତାଙ୍କ ବାର୍ଦ୍ଧକ୍ୟ ସମ୍ଭବ ।

( ଅସମ୍ପୂର୍ଣ୍ଣ )

# କବିତାମାଳା

# କବିତାମାଳା

## ପ୍ରାର୍ଥନା

ଜୟ ଜୟ ଜଗନ୍ନାଥ କରୁଣାସାଗର,
ଜୟ ହେ ମଙ୍ଗଳମୟ ବିଶ୍ୱହିତକର ।
ବିଶ୍ୱରୂପୀ, ବିଶ୍ୱବ୍ୟାପୀ, ସୂକ୍ଷ୍ମ ବିଶ୍ୱମ୍ଭର,
ଲଳିତେ ରଚିଲ ତୁମ୍ଭ ବିଶ୍ୱଚରାଚର ।
ଜ୍ଞାନମୟ ଜ୍ଞାନରୂପେ ଜ୍ଞାନହୃଦବାସୀ,
ସୃଷ୍ଟି ଦେଖାଉଛ ପ୍ରାଣରୂପେ ପରକାଶି ।
ଶିଶୁ ପାଇଁ ତୁମ୍ଭେ ପିତାମାତା ଅବତାର,
ଚରୁଂଦରେ ଦୁଃଖ ଜନ ସ୍ୱରୂପେ ସଞ୍ଚାର ।
ଯେ ଯେତେ ଭଜଇ ତୁମ୍ଭ ଜ୍ଞାନରୂପ-ପାଦ,
ଲଭଇ ସେ ଜନ ସେତେ ଅମୂଲ୍ୟ ପ୍ରସାଦ ।
ଭୀଷଣ ଦୁସ୍ତର ଭବ-ସିନ୍ଧୁ ପାର ପାଇଁ,
ଭିଆଇଛ କର୍ମରୂପ ନାବ ବିଶ୍ୱସାଇଁ ।
ଗୁଡ଼ାଇ କୁକର୍ମ-ନାବ ଦୁଃଖ-ତରଙ୍ଗରେ,
ସୁକର୍ମ-ନଉକା ନିଏ ସୁଖ-ସାମ୍ରାଜ୍ୟରେ ।
ଦୁଃଖଯନ୍ତ୍ରଣାକୁ ଲାଗୁଅଛି ବଡ଼ ଡର,
ହେ ନବତନୋ ! ଜଣାଉଛି ଏଣୁ ଯୋଡ଼ି କର ।
ସୁକର୍ମ-ନାବରେ ଦେଇ ଭାଗ୍ୟ-କର୍ଣ୍ଣଧାର,
ଦୟାବନ୍ଧୁ ଦୟାନିଧେ, କର ମୋତେ ପାର ।
ବନ୍ଧୁରୂପେ ତୁମ୍ଭେ ତହିଁ ଅନୁକୂଳ ବାତ,
ହେବାକୁ କୁଣ୍ଠିତ ନୁହ ବ୍ରହ୍ମାଣ୍ଡର ତାତ ।
ନିଃସ୍ୱାର୍ଥ ପୁଲକେ ଭୁଲି କରିବ ଅଙ୍କିତ—
ଯାବନ୍ତ ରତନରାଶି, ହେଉଛି ମୋ ଚିତ୍ତ ।
ତୁମ୍ଭର କରୁଣା ହେବ ଯଦ୍ୟପି ଜାଗ୍ରତ,
ହେବ ନିଶ୍ଚେ କୃତକାର୍ଯ୍ୟ ନ ହୋଇ ବଞ୍ଚିତ ।

## ଉତ୍କଳ ଗୌରବ

ଜନ୍ମଦାତ୍ରୀ ମାତୃଭୂମି ପୁଣ୍ୟକୀର୍ତ୍ତିଶାଳିନୀ,
ପାପତାପଧ୍ୱଂସୀ ଦେବସେବ୍ୟ ତୀର୍ଥମାଳିନୀ ।
ସଦ୍ଧର୍ମ ସୂକ୍ଷ୍ମ ମର୍ମ ସୃଷ୍ଟି ଭାବ ଗର୍ଭରେ,
ପାଦସ୍ପୃଷ୍ଟନାଦ ତୁଷ୍ଟ ସିନ୍ଧୁ ନାଚେ ଛନ୍ଦରେ ।
ଶାନ୍ତ ଯୋଗୀ କାନ୍ତ କୁଞ୍ଜ-ପୁଞ୍ଜ ଶୈଳବର୍ତ୍ତରେ,
ମୁଗ୍ଧ ମୁଗ୍ଧ ଥାଇ ଲୁବ୍ଧ ସ୍ୱର୍ଗବାସୀ ସ୍ୱର୍ଗରେ
ଶୂନ୍ୟ ଶଙ୍କେ ଦୈନ୍ୟ ଅଙ୍କେ କୋଟିପୁତ୍ରଧାରିଣୀ
ଦୁଷ୍ଟମାନେ ଶସ୍ୟ-ଜାଲେ ତୁଷ୍ଟ ପୁଷ୍ଟକାରିଣୀ ।
ଶ୍ରୀ ଭୁତେଣୀ କୃଷ୍ଣବେଣୀ ବସେ ତାରକାହୀନ,
କାନ୍ତି ବର୍ଣ୍ଣ ଶୁଭ୍ର ସ୍ୱର୍ଣ୍ଣ ବହୁଖଣ୍ଡକାମିନୀ ।
ପାଣି ନାମ ଉତ୍କଳ ତା' ବାଣୀ ନାମ ସମ୍ପୃକ୍ତ,
ଉନ୍ନତ ତାର ଆର୍ଯ୍ୟାବର୍ତ୍ତ ଲଜ୍ଜାପାଏ ସଙ୍କୁଚ ।
ଭ୍ରାତୃବର୍ଗ ଆଜି ସ୍ୱର୍ଗ ସେବ୍ୟ ମାତୃ ସଦ୍ଗୁଣରେ,
କୋଟି ଶତ୍ରୁଗୋଷ୍ଠି ବାନ୍ଧି ଲେଟି ପାଦପଦ୍ମରେ
ମାତୃଭିକ୍ଷା ନେଇଁ ପକ୍ଷୀ ଥାଇ ପ୍ରେମବନ୍ଧନେ,
ଭାଗ୍ୟବତୀ ହୋଇଁ ନାଚିଲଟି ଦୁଃଖଖଣ୍ଡନେ ।
ଜ୍ଞାନେ ନତ୍ରୁ କର୍ମେ ଲଗ୍ନ ହେଲେ ହେବ ସତ୍ୱର
ସର୍ବଶକ୍ତି ଗର୍ବଭକ୍ତି ବୃଦ୍ଧି ବୁଦ୍ଧି ସତ୍ୱର ।
ଏକ ଭେଳ ଏକ ଟେକ ପୂରେ ପିଣ୍ଡୁ ପାର୍ଥିକ,
ନଳଟୈଳ ସାନନ୍ଦତ ପ୍ରାଣେ ହେଉ ସାର୍ଥକ

# ଉଭତ ପ୍ରାର୍ଥନା

ଧନବନ୍ତ ଧନଶରଣ,
ଧନ୍ୟ ନାଥ ଶତ କରିଛ ଅଗତ
ଉପୁତନ୍ତୁ ମୋର ଚରଣ ।
ଏବେ ତନ୍ତୁ ପେଡ଼ି ଦେଉଅଛ ଗ୍ରାନ୍ତି
ଚଳିବାକୁ ନିଜ ମନରେ,
ପୂର୍ବ କଥାମାନ କଲି ସ୍ୱାଦ୍ୟମାନ
ଘୁଣି ମୋ ସ୍ମୃତି-ସଦନରେ । ୧ ।
ଦେବ ବିଶ୍ୱବନ୍ଧୁ ନିଜ ସ୍ୱବବନ୍ଧୁ
ଉଠି ଆସୁଛନ୍ତି ଗଗନ,
ଉଡ଼ିବାର ଲୋଭେ ଝସି ବାଦ୍ୟବଶେ
ଅସ୍ତୁ ନଲେ ହେବଦ ମଗନ । ୨ ।

ଏହି ଦିନ ମଧ୍ୟେ ଏହି ଦିନ ମଧ୍ୟେ
ଥାଇ ନାଥ ଦିଅ ସୁପଥ,
ତୁମ୍ଭର କାମନା କରିବ ସାଧନା
କହୁଅଛି କରି ଶପଥ । ୩ ।
କୃତ କଥାମାନ ହୋଇ ସାବଧାନ
ସ୍ମରଣ-ସଦନେ ଥୋଇବି,
ଘୁଣି ତୁମ୍ଭ କୋଳ ପଡ଼ିଥିବ ଭୋଳ
କୃପାଜଳେ ପାଦ ଧୋଇବି । ୪ ।
କରିଛି ଯେ ପାପ କରି ଅନୁତାପ
ଦେଉଅଛି କୃପା-ଭିକାରି,
ସେ ପଥେ ଗମନ କରିବାର ମନ
ନ ଦିଅ କରୁଣାବିହାରି ! ୫ ।

# ଭରସା

ଦୃଢ଼ ଭରସା କରିଛି ଚରଣେ
ଧନେ ନାହିଁ ଧନ କରୁଣା ଲଭିବି
ଜୀବନେ ନ ହେଲେ ମରଣେ ।
ତୁମ୍ଭ ଚରଣ ଜଗତ ଶରଣ
କେହି କରୁ ବା ନ କରୁ ବରଣ,
ନର ଦୁଃଖ ଦେଇ ପାରିବ କି ମୁହିଁ
ଭବସାଗର ସନ୍ତରଣ । ୧ ।
ଭୁଲିଯାଉଛି ଭଜନ ବାଧର
ଚଳିଯାଉଛି ନାସ ପବନର
ମୋର ଦଶା ଦେଖି ରହିବ କି ଚିର
ବାହାର ସେ ମୋ ବିହାରର । ୨ ।

ତୁମ୍ଭେ ନିଜେ ଯାକୁ ଅଛ ସରଜି,
ତାକୁ କେମନ୍ତେ ପାରିବ ବରଜି
ତୁମ୍ଭର ଦର୍ଶନ ମଣିବି ମନ୍ତ୍ରନ
କେମନ୍ତେ ନ ହେବ ମରଜି । ୩ ।
ତୁମ୍ଭେ ମାରିବ ଅଥବା ତାରିବ
ଯାହା ଇଚ୍ଛା ତାହା କରିପାରିବ,
ଯାହା କର ତାହା ତୁମ୍ଭ ଇଚ୍ଛା ବୋଲି
ମୋ ଜୀବ ସମସ୍ତ ସାରିବ । ୪ ।
ପ୍ରଭୁ ଶୁଣିଅଛି ଏକ ମନ୍ତ୍ରର
ତାହା ଜପୁଛି ବସି ନିରନ୍ତର
ଯେତେ ଦୋଷ କଲି ତୁମ୍ଭ ଦେଖୁଁ ବଳେ
କରି ନ ପାରିବ ଅନ୍ତର । ୫ ।

# ଅର୍ପଣ

ଜୟ ଜଗଦୀଶ ଜୟ ସର୍ବେଶ
ଜୟ ମୋ ଜୀବନ କାରଣ,
ମନ ମୋର ଯେବେ ଅପଥେ ଚଳଇ
କାହିଁକି ନ କର ବାରଣ ।
ଯେତେବେ କରିବାକୁ ତବ ତର୍ପଣ,
କରେଁ ତାଙ୍କୁ ପଦତଳେ ଅର୍ପଣ
ପାପେ ପୂର୍ଣ୍ଣାକର ପିଟିଛିଅ କର୍ପୀ
ତୁମ୍ଭେ ଏସ ଜନତାରଣ । ୧ ।
ଭବେ ତୁମ୍ଭେ ମହା ପାପହରଣୀ
ବୋଲି ପଶିଲି ତରଣି ଶରଣ,
ପାପେ ଯଦି ଡରି ଶିବ ଅପସରି
କେମନ୍ତେ ହେବ ତା ତାରଣ । ୨ ।
ଯଦି ବୋଲିବ ମୋର ଭରମ
ପାପ ମୋର ଅର୍ଜିତ କରମ
ଅର୍ଜିଛି ଯାହା ଅର୍ପିଲି ତାହା
କୃପା ବନ୍ଧ କର ଧାରଣ । ୩ ।
ମନ ବୁଦ୍ଧି କି ତୁମର ପ୍ରଦାନ
କରି ତୁମ୍ଭେ ସେ ଦାନର ପ୍ରଧାନ,
ଦେଇଅଛ ଯାହା ନେବ ନାହିଁ ତାହା
ଏ କେମନ୍ତ ଅବଧାରଣ ।

# ଫକୀରମୋହନଙ୍କ ସ୍ୱର୍ଗାରୋହଣ

ସ୍ୱରଗ ନଗରେ ଆଜି
କାହିଁ ଏତେ କଳକଳ,
ଧାଉଁଛନ୍ତି ଆସୁଛନ୍ତି
ଦେବଗଣ ଦଳ ଦଳ ।
ରତ୍ନମାଳେ ମଣ୍ଡୁଛନ୍ତି
କେତେ ଜଣ ସୁରପୁର,
ସାଜୁଛନ୍ତି ରତ୍ନ-ଯାନ
କେତେ ଯୋଡ଼ି ହରବର ।
କେତେ ଜଣ ସାଜୁଛନ୍ତି
ତୋରଣ ମଣ୍ଡପ ଶିର,
ବାନ୍ଧୁଛନ୍ତି ଧ୍ୱଜ ତହିଁ
ଯହିଁ ସ୍ୱର୍ଣ୍ଣମୟ ଚୀର ।
ନନ୍ଦନକାନନେ ପଶି
ଅମର ଅବଳାଗଣ,
ବାଛି ବାଛି ଫୁଲସବୁ
କରୁଛନ୍ତି ଆହରଣ ।
ଦଳ ଦଳ ଗୁନ୍ଥୁଛନ୍ତି
ସରଳ ସୁନ୍ଦର ହାର,
ସାଜୁଛନ୍ତି ହୃଷ୍ଟଥାଳେ
କାହା ପାଇଁ ଉପହାର ।
କାହାକୁ ସେ ଆଗେ କରି
ଚଳିଛନ୍ତି ବେଗ ବେଗ,
କାହାକୁ ଦେଖିବା ପାଇଁ
ମନେ ଏତେ ଉଦବେଗ ।
ଦେଖୁଁ ଦେଖୁଁ ମୁକ୍ତ ହୋଇ
ମଣ୍ଡିଦେଲେ ସ୍ୱର୍ଗଦ୍ୱାର,
ସୁପୁଷ୍ପ ନସୁଦେ ବୃଷ୍ଟି
ଉଠୁଛନ୍ତି ଅନିବାର ।
ଫକୀରମୋହନ ତହିଁ
ଯାଇ ହେଲେ ଉପଗତ,
ବନ୍ଧୁ ମୁକ୍ତ ଉଚ୍ଚେ ହେଲା
ଝୁଲଝୁଲା ସମୁଦ୍ଗତ ।
ସ୍ତ୍ରିଷ୍ଟା ତାଙ୍କ ଗଲେ ଆଗେ
ଦେଇ ରମ୍ୟ ପୁଷ୍ପମାଳ,
ପାଦତଳେ ପଡ଼ିଲେ
ପ୍ରେମେ ହୋଇ ଅଶ୍ରୁଜାଳ ।

ଅନ୍ୟ ଦେବଯୋଷାମାନେ
ହେଲେ ହେଲେ ହରବର-
ହୋଇ ପୁଷ୍ପହାର ଧରି
ଉର୍ଦ୍ଧ୍ବକୁ ଟେକିଲେ କର ।
ନ ପାଉଣୁ ଶିରକୁ ହେଲେ
ହସାହସି ପରସ୍ପର,
ଶିର ନତ କରି ହାରି
ଘେନିଲେ କବିଶେଖର ।
ନ ପାଇ ଅନ୍ତକୁ ଟେକି
ଦୂରରୁ ଥାଇ କେତେ ଜଣ,
ଫୁଲମାଳୀ ଦେବବାଳା
କଲେ ପୁଷ୍ପ ପ୍ରକ୍ଷେପଣ ।
ଫକୀରମୋହନ ଧରି
ପ୍ରକମ୍ପିତ ମୃଦୁ କର,
ଉଠାଇ ଦେଖିଲେ ଭିଡ଼ି
ତେଣେ ଶମ୍ଭୁ ବନ୍ଧୁବର ।
କବିଗୁରୁ ରାଧାନାଥ
ମଧୁସୂଦନ ସହିତ,
ଆଗେ ଥାଇ ସ୍ବର୍ଣ୍ଣତନ୍ତ୍ରୀ
ଗତି କରି ଅବିରତ ।
ତ୍ବରା କରି ତୁଷ୍ଟି କଲେ
ତାଙ୍କ କର ମରଦନ,
ପରସ୍ପର ଆଲିଙ୍ଗନ
ହେଲା ମୁଦ ବରଧନ ।
ଅନ୍ୟ ବନ୍ଧୁଗଣ ସଙ୍ଗେ
ସେହିପରି କୋଳାକୋଳି,
ଦୂର୍ଗେ ସୁବାସ ଫେଲି
ଅଙ୍ଗେ ହେଲେ ବୋଳାବୋଳି ।

ଦେବେ ଥିଲେ ରଖି ଆଣି
ସ୍ବର୍ଣ୍ଣମୟ ରଥଶ୍ରେଣୀ,
ତହିଁରେ ବସାଇ ବହି
ଫକୀରଙ୍କୁ ଗଲେ ଘେନି ।
ଆଗେ ଆଗେ ବାଜୁଥାଏ
ଝମର-ଦୁନ୍ଦୁଭିବାଜା,
ଯାଇ ହେଲେ ଉପଗତ
ଯହିଁ ଥିଲେ ଦେବରାଜା ।
ଫକୀରଙ୍କୁ ଦୃଷ୍ଟି ହେଲେ
ଦେବରାଜ ହରଷିତ,
ବିଦ୍ୟାଧରୀ କରମୁକ୍ତ
ପୁଷ୍ପ ହେଲା ବରଷିତ ।
ଦେବଗଣ କଲେ ତହିଁ
ଫକୀରଙ୍କ ଗୁଣଗାନ,
ଗାଇଲେ ଗନ୍ଧର୍ବଗଣ
ଲୟସ୍ବରେ ମିଶାଇ ତାନ ।
ଫକୀରଙ୍କ ଗଳେ ଶଚୀ
ଦେଲେ ବୈଜୟନ୍ତୀ ମାଳା,
ଉଚ୍ଚରବେ ହୁଳହୁଳୀ
ଦେଲେ ସର୍ବ ଦେବବାଳା ।
ଶିରେ ତାଙ୍କ ଇନ୍ଦ୍ର ଦେଲେ
ସ୍ବର୍ଣ୍ଣମୟ ଜରିପାଗ,
ଝୁଲୁଥିଲା ଲଟି ତହିଁ
ହୀରା ନୀଳା ପଦ୍ମରାଗ ।
କୃଷ୍ଣକୁମାରୀଙ୍କି କରି
ତାଙ୍କ କରେ ସମର୍ପଣ,
ବୋଇଲେ ସ୍ବପୁରେ ରହ
ହୋଇ ନିତ୍ୟ ସନ୍ତର୍ପଣ ।

# ଉଦ୍‌ବୋଧନ

ଭାରତନନ୍ଦନ  ଉଠ ହେ ବନ୍ଦନ
ଉପଗତ ଏବେ ଶୁଭ ସମୟ,
ଦିଅ ମନ କର୍ଣ୍ଣ  ଡାକେ ଘନଘନ
ତାଙ୍କ ଆୟୁରସ୍ତୁ ବିଜୟମସ୍ତୁ ।
ଶୁଣ ତାହା ତାଙ୍କ  ଦେବତାଙ୍କ ବାକ୍ୟ
ଶୁଣିବ କି ଶୁଣ, ହେ ଧୀରବର,
ଦେଖୁଅଛନ୍ତି ନର-  କଳେବର ଧରି
ଦେବତା ଆମ୍ଭର ଭାରତେଶ୍ୱର ।
ଭାରତ ଭୂପତି  ଧରମ ମୂରତି
ଯୁଗେ ଯୁଗେ ଋଷିଦଳଙ୍କ ତପ,
ନିଶାଚର ବଳ  ହେଲେ ପରବଳ
ଇନ୍ଦ୍ର ସ୍ୱୟଁ ଲୋଡ଼ନ୍ତି ତାଙ୍କ ସାହାସ ।
ସାରଥୀ କର  ସଦା ଦୁଷ୍କର
ବକ୍ଷ ଭାଙ୍ଗିଯାଉଛନ୍ତି ଡରନ୍ତି,
ଗର୍ବରୁ ବିଜିତ  ଦୁର୍ଦ୍ଦାନ୍ତ ବଂଶିତ ୧
ସମର-ମରଣେ ତାଙ୍କ ପିରତି ।

ଜିଣିଲେ ବସୁଧା  ମଲେ ସ୍ୱର୍ଗସୁଧା
ଭୋଗ କରିଥାନ୍ତି ଭାରତ ବୀର,
ନ ମିଳିଲେ ଅସ୍ତ୍ର  କୁଶ କରି ଶସ୍ତ୍ର ୨
କରନ୍ତି ସମର ନୋହି ଅଧୀର ।
କାବ୍ୟ ପଦ୍ୟଦଳ  ଆମରେ କେବଳ
ଜଡ଼ାଇ ନ ଦିଏ ଏ କଥାମାନ,
ତୁମ୍ଭ ପୂର୍ବବଂଶ  ଭାରତୀର ଯଶ
ଗ୍ରୀକ୍‌ବୀର କରିଅଛନ୍ତି ଗାନ ।
ନବ ଦୂର୍ବାଦଳ  ସିତଚନ୍ଦ୍ର ବାନ୍ଧିଲ,
ସମ ହୋଇପାର ଈଶ-ମଣ୍ଡିତ,
ସମ୍ରାଟ ସକାଶ  ଭୂଷଣ ସଙ୍କାଶ
କର ହେ ଭାରତ-ବକ୍ଷ ମଣ୍ଡିତ ।
ରାଜା ପାଇଁ ଧନ  ଜୀବନ କି ମନ
ଦାନେ ଏତେବେଳେ ହେଲେ କୁଣ୍ଠିତ,
କର ଏହି ଦାନ-  ଭକ୍ତି ସମ୍ପଦର-
ପଦେ, ପଦେ ପଦେ ହେବ ଲୁଣ୍ଠିତ ।

# ଅମୂଲ୍ୟ ଓ ମୂଲ୍ୟବାନ

ଅମୂଲ୍ୟ ପଦାର୍ଥ କରେ ଲୋକ ଉପକାର,
ମୂଲ୍ୟବାନ ପାଇଥାଏ ଲୋକ ଉପଚାର ।
ମୂଲ୍ୟବାନ ରହେ ଲୋକ ମୁଷ୍ଟିର ବାହାରେ,
ଅମୂଲ୍ୟ ନ ଥାଏ କେବେ ତା ମୁଷ୍ଟିବାହାରେ ।
ସୁଲଭରେ ନ ହେଲେହେଁ ଅମୂଲ୍ୟ ସମାନ,
ମୂଲ୍ୟଗୁଣେ ମୂଲ୍ୟବାନ ଲଭଇ ସମ୍ମାନ ।
ଅମୂଲ୍ୟର ମୂଲ୍ୟ ନାହିଁ ଗୁଣ ଅନୁସାରେ,
ତା' ଯୋଗ୍ୟ ଆଦର ତେଣୁ ନହୁଏ ସଂସାରେ ।
ଅମୂଲ୍ୟ ଅତୁଲ୍ୟ ହିତକର ରବିକର,
ଲୋକେ କରି ନ ପାରନ୍ତି ତା ଯୋଗ୍ୟ ଆଦର
କିନ୍ତୁ ବହୁମୂଲ୍ୟ ଦେଇ ବିଦ୍ୟୁତ ଆଲୋକ,
ରଜନୀରେ ଆଲୋକିତ ହୋଇଥାନ୍ତି ଲୋକେ,
ଖଣେ ବାୟୁ ବିନା ପ୍ରାଣ ହୁଏ କଲବଲ,
ତା' ମୂଲ୍ୟକୁ ଧନ ନାହିଁ ଲୋଡ଼ା କଳ ବଳ ।
ବ୍ୟଞ୍ଜନ ନିମନ୍ତେ ହୁଏ ଧନ ପ୍ରୟୋଜନ,
ତା ସେବି ବ୍ୟଞ୍ଜନ ହୁଏ ଆଦରଭାଜନ ।
ମୂଲ୍ୟବାନ ଲୋକ ବସେ ରାଜଦରବାରେ,
ଅମୂଲ୍ୟ ପ୍ରଜାଏ ଦୂରେ ରହନ୍ତି ବାହାରେ ।
ଅମୂଲ୍ୟ ପଦାର୍ଥ ସର୍ବେ ହୁଏ ଉପଗତ,
ସ୍ୱଳ୍ପ ଯାଏ ତହିଁ ମୂଲ୍ୟବାନର ମହତ ।
ମୂଲ୍ୟହୀନ ଦ୍ରବ୍ୟ କରେ ଦୁଷ୍ଟ ଅପକାର,
ଅମୂଲ୍ୟ ଅଭେଷ୍ଟ ଗଲେ ମଦାହୁଏ ଦ୍ୱାର ।

୧ । ଅଭିମନ୍ୟୁ । ୨ । ଅଶ୍ୱତ୍ଥାମା ।

## ସୁଭାବ ଓ ସ୍ୱଭାବ

କୁକ୍କୁର ଚେଳାରେ ଯଦି ଖଞ୍ଜିବ କେଶର,
ସିଂହ ହୋଇ ଗର୍ଜିବ ସେ ଅରଣ୍ୟ ଭିତର ।
ସୁବର୍ଣ୍ଣ ଆସନ ଯୋଗେ ମଣ୍ଡିଲେ ଶୂକର,
ସମ ହେବ ନାହିଁ ଗଜରାଜ ଶାବକର ।
ବରଡ଼ାଳ କୁଞ୍ଜେ ତାର ତୃପ୍ତି ହେବ ନାହିଁ,
ତା ଖାଦ୍ୟ ଲୋଡ଼ିବ ଗ୍ରାମ ଅଗଣନ୍ତେ ଯାଇ ।
ଚଣ୍ଡାଳକୁମାର ନାମ ହେଲେ ରାଜାରାମ,
ହୁଏ ନାହିଁ ଦାଶରଥି ସମ ଗୁଣଧାମ ।
ଚୋର ଯେବେ ବସିଥିବ ଜପାମାଳୀ ଧରି,
ପରଧନ ଲୋଭ ତାର ହୃଦେ ଥିବ ଭରି ।
କିନ୍ତୁ ମତ ଉଚ୍ଚ ହେବା ମାନବେ ଶକତି,
ମାନବକୁ ଦେଇଛନ୍ତି ଜଗତର ପତି ।
କୁକ୍କୁର ସମାନ ମତ ଥିବ ଯେଉଁ ଜନ,
ଶିକ୍ଷା ଫଳେ ହେବ ନର ମଧ୍ୟ ଗଣ୍ୟଜନ ।
ଶୂକର ସମାନ ଯାର ଥିବ ମତିବୁଦ୍ଧି,
ଗଜେନ୍ଦ୍ର ସମାନ ଭଲ ହୋଇଯିବ ବୁଦ୍ଧି ।
ଚଣ୍ଡାଳ କୁଟୀରେ ଜନ୍ମ ହେଲେ ଯଶବନ୍ତ,
ସାଧୁତାରେ ନରମଧ୍ୟେ ହୋଇପାରେ ଦେବ ।
ଚୋର ଯଦି ନିରନ୍ତର ସାଧୁସଙ୍ଗ କରେ,
ଜଗତର ହିତ ଚିନ୍ତା ହେବ ତା ମନରେ ।
ତଥାପି ଅନେକ ଥାନ୍ତି ସ୍ୱଭାବ ଦୁର୍ଜନ,
କରି ନୁହଇ ତାଙ୍କ ପ୍ରାଣେ ସୁଭାବ ସର୍ଜନ ।
ନାନା ଶିକ୍ଷା ଦେଇ ତାଙ୍କୁ ବହୁ ଯତ୍ନ କରି,
ବଳେ ନେଇ ଦ୍ରବ୍ୟ ଭାବ ହୃଦେ ତାଙ୍କ ଭରି
ଭିନ୍ନସାଦବ ଜଣୁନବ ଦୁଃଶିକ୍ଷାର ଫଳ,
ରହିଥିବ ମାତ୍ର ସେଠୁ ଯେ ଖଳ ସେ ଖଳ ।

## ମହାଜନ

ମିଥ୍ୟାବାଦୀ ପ୍ରବଞ୍ଚକ କପଟ ଆଶୟ,
ଅଳଂକାରରତ୍ନମଣ୍ଡିତ ଉଚ୍ଚପଦାଶ୍ରୟ ।
ପରମୁଣ୍ଡ ପିଟି କରେ ବିଭବ ଅର୍ଜନ,
ତହିଁପାଇଁ କରେ ନାନା କୌଶଳ ସର୍ଜନ ।
ଧନଲୋଭେ ନାଶୁଥାଏ ବିପନ୍ନଙ୍କ ପ୍ରାଣ,
ଉତ୍କୋଚର ବଳେ ପାଏ ଦାରମାନ ଖାଣି ।
ବେଠିଆ ବଳରେ କରି ପ୍ରସ୍ତୁତ ପ୍ରସାଦ,
ମୁଖେ ଭୋଗ କରୁଥାଏ କମଳାପ୍ରସାଦ ।
ମୂର୍ଖଜନେ ସତେ ତାକୁ ବୋଲେ ମହାଜନ,
ତଥାପି ସେ ଲୋକ ନୁହଇ ସେ ପଦଭାଜନ ।
ସତ୍ୟବାଦୀ ପୂତଶୀଳ ବିଶୁଦ୍ଧ ଆଚାଶୟ ।
ସୁଲଭ ବସନ ତନ୍ତୁ ଅଙ୍ଗଦ-ଭୂଷାଶୟ ।
ପରଦୁଃଖ ହରି କରେ ଆଶିଷ ଅର୍ଜନ,
ତହିଁପାଇଁ କରେ ନାନା ଉପାୟ ସର୍ଜନ ।
ପ୍ରାଣ-ଆଶା ତେଜି ରକ୍ଷେ ବିପନ୍ନର ପ୍ରାଣ,
ସତ୍‌ବାଦିତେ ପାଉଥାଏ ବିପଦକୁ ସଣା ।
ନ୍ୟାୟପୂର୍ବେ ଅର୍ଜି କରେ କୁଟୀରେ ନିବାସ,
ପର ପରସାଦ ଲୋଭେ ନ କରେ ପ୍ରୟାସ ।
ନ କର ତାହାକୁ ଯତ୍ନ କେହି ସମ୍ଭାଜନ,
ଜଗତରେ ସେହି ଲୋକ ଏକା ମହାଜନ ।

# ଗୁରୁଶିଷ୍ୟ

ଯାହାଠାରୁ ଯେ ବେଶି ଜାଣେ ଗୁରୁ ସେ ତାହାର:
ଯୋଗ୍ୟ ସେହି ପାଇବାକୁ ଗୁରୁ ବ୍ୟବହାର ।
ତାହୁଁ ବଳି ତାହୁଁ ବଡ଼ ଗୁରୁ ଏ ଜଗତେ,
ନିଜକୁ ଗଣାଇ ଜ୍ଞାନୀ ସଦା ଶିଷ୍ୟମତେ ।
ଅନନ୍ତ ଜଗତ ସେଣୁ ଧରି ଗୁରୁବେଶ,
ମାନବଙ୍କୁ ଦେଉଥାଏ ନିତ୍ୟ ଉପଦେଶ ।
ଯାହା ଦେଖ ଅଛି ତହିଁ ଶିଖିବାର କଥା,
ତହୁଁ ଶିକ୍ଷା ଲଭେ ଜ୍ଞାନୀ ନତ କରି ମଥା ।
ଯେ ଜନ୍ତୁ ମାନବଠାରୁ ସ୍ୱଳ୍ପ ଜଗତେ,
ସେହିସବୁଙ୍କଠାରୁ ତା' ଶିକ୍ଷା ଅବଗତେ ।
ଯାହାର ନ ଥିବ ମନ ଅହଙ୍କାରେ ମ୍ଲାନ,
ଶିଖିବା ବିଷୟ ତାର ଅଛି କେତେ ସ୍ଥାନ ।
ଯେ ଲୋକ ମନରେ ଭାବେ ଗୁରୁ ତେଜିବ
ନିଶ୍ଚେ ତେବେ ଜ୍ଞାନ ତାର ଦୂରେଇ ଯିବ ।
ନିଜକୁ ଯେ ନିରନ୍ତର ଶିଷ୍ୟରୂପେ ଗଣେ,
ନିଶ୍ଚୟ ସେ ଯୋଗ୍ୟତମ ଗୁରୁ ମଧ୍ୟେ ଜଣେ ।

# ପ୍ରାର୍ଥନା

ସୁନ୍ଦରରେ ମୁଗ୍ଧହୃଦ ଭରି ଭକତି,
ଉତ୍କର୍ଷ ସନ୍ଧି ଦିଅ ମାନସ ଶକତି ।
ବିଦ୍ୟୁତ ନିଶ୍ୱେ ଦ୍ରୁତ ସଦା ହୃଦୟ,
ବାଳ ଦେହେ କର ସ୍ନେହେ ଶକ୍ତି ଉଦୟ ।
ହେ ଅନାଥ ଜୋଟି ମନ ଗୋଷ୍ଠିଏ କରି,
ରେଣୁ ରେଣୁ ମିଶି ହେଉ ତୁଙ୍ଗ ଶିଖରୀ ।
ବିବାଦ ହୋଇଯାଉ ମନରେ ଧନ,
ଉଚ୍ଚ ଉଚ୍ଚତର ହୋଇ ମସ୍ତ କେତନ ।
ଧର୍ମବଳ କର୍ମବଳ ହେଉ ଉନ୍ନତ,
ତୁମ୍ଭ କୃପାଫଳ ମୁଗ୍ଧ କରୁ ଜଗତ ।

# *ହୀରାଖଣ୍ଡର ଜନ୍ମ

୧

ଶୁଭ ଆଜ୍ଞା ହେଉ ମଙ୍ଗଳମୟ,
ଅବନୀର ହେଉ ମଙ୍ଗଳୋଦୟ,
ତବ କୃପାକଣେ ତରିବ ଦେଶେ
ଦୂର ହୋଇଯାଉ ଦୁରିତଚୟ ।

୨

ଲୋକେ ଘଡ଼ିଏଁ ନ ପାଇ ବାସ,
ଅନ୍ନ ବିନା ପ୍ରାଣୀ ହେଉଛି ନାଶ,
ମହୀମଣ୍ଡଳ କଳବଳ ହୋଇ
ରହିଅଛୁ କରି ଶ୍ରୀପଦେ ଆଶ ।

୩

ହେଲାଣି ଅବଶ ଅଙ୍ଗ ସକଳ,
ସହିବାକୁ ଆଉ ନାହିଁକି ବଳ,
ଏଥିରୁ ଅଧିକ ହେଲେ ମହାବାତ୍ୟା,
କୃପାମୟ ନାମ ହେବ ବିଫଳ ।

୪

ଶୁଣିଲଣି କୃଷ୍ଣ କୃପାଳୁମଣି,
ନିବୃତ୍ତ ହେଲାଣି ଦୁର୍ଭିକ୍ଷ ଉଠଣି,
ଧାନ୍ୟ-ଗରବ ହେଲାଣି ଗୌରବ
ଉଠିଲାଣି ଦେଶ କାନ୍ତ-କେତନ ।

* ସ୍ୱର୍ଗଶ୍ରୀ ମାସିକ ପତ୍ରିକା ।

୫

ଚାତକ ଯାଚନେ ଦେବାକୁ ଜଳ
ଉଠିଲେଣି ନଭେ ଘନପଟଳ,
ତୁମ୍ଭ କୃପା ଯେନ     ବରଷି ଅବେଗ—
ଅପଘନ କରୁଅଛି ଶୀତଳ ।

୬

ନିର୍ବାଣ ହେଲଣି ଦାବ ଦହନ,
ଶାନ୍ତି ଲଭିଲେଣି ଚିର ଗହନ,
କଦମ୍ବ କେତକୀ     କୁଟଜ ଯୂଥିକା
କଲେଣି କୁସୁମ ଚିତ୍ର ବହନ ।

୭

ତୁମ୍ଭ କୃପା ଲଭି ତୁମ୍ଭ ଆଦେଶେ,
'ସ୍ୱରଖଣ୍ଡ' ପ୍ରଦେଶ ଉଦେଶେ,
ଲଭିଛି ଜନମ     ତୁମ୍ଭର ଧରମ
ପ୍ରସାରିବା ପାଇଁ ନଶ୍ୱର ବେଶେ ।

୮

ତୁମ୍ଭର ମହିମା କରି ସ୍ମରଣ,
ଉତ୍କଳମଣ୍ଡଳ ମାନବଗଣ,
ରଥଯାତ୍ରା ସହ     ତା' ଜନ୍ମ ଉତ୍ସବେ
ମାତି କରୁଛନ୍ତି ମୁଦ ବର୍ଦ୍ଧନ !

୯

ଶଙ୍ଖ ଘଣ୍ଟା ତାଳ ମୃଦଙ୍ଗ ନାଦ,
ଘୋଷଣ କରୁଛି ତବ ପ୍ରସାଦ,
ଟାଣୁଛନ୍ତି କେତେ     ରଥର ଦଉଡ଼ି
ଭକତ, ହୃଦେ ଧରି ତୁମ୍ଭର ପାଦ ।

୧୦

ଜୟ ଜଗଦୀଶ ଶିବ ନିଧାନ,
ପ୍ରେମାଶ୍ରୁ ତବ ଶିବ ବିଧାନ—
ଶ୍ରୀଚରଣେ ହେଉ     ସମରଥ, କର
ତାକୁ ଜ୍ଞାନ ଆୟୁ ଶକତି ଦାନ ।

## *ମଧୁପର ମଧୁଭିକ୍ଷା

ଜୟ ମଧୁମୟ ମଧୁର ଉଦୟ—
ତୁମି ମଧୁ ଶବ୍ଦାସ୍ପଦ ହେ,
ବର୍ଣ୍ଣ ସମୁଦାୟ ତୁମ୍ଭ ମଧୁମୟ,
ଦିଅ ମଧୁମୟ ପଣ ହେ !
ଦିନେ ଦିନକରେ ରାତେ ଚନ୍ଦ୍ର ତାରେ
ମଧୁର ଜ୍ୟୋତି ପ୍ରକାଶ ହେ,
ଅଚଳ ଅନିଳ ଜଗତ ଅଖିଳ
କରିଛ ମଧୁ ଆବାସ ହେ !
କୋକିଳ ନିସ୍ୱନେ ବଂଶୀର ନିକ୍ୱଣେ
ଦେଇଛ ମଧୁ ଲେପନ ହେ,
କୂଜିତ କାନନେ ଶିଶୁର ଆନନେ
ଭରିଛ ମଧୁ ସେଚନି ହେ !
ଫୁଲ ଫଳ କାଣ୍ଡ ତରୁ ଇକ୍ଷୁଦଣ୍ଡ
ତୁମ୍ଭ ମଧୁ ଛନ୍ତି ବହି,
ସରିତ ନିର୍ଝରେ ସାଗର ଜଳଧରେ
ତୁମ୍ଭ ମଧୁ ଅଛି ଭରି ହେ ।
ପ୍ରୀତିର ଲୋଚନେ ଜ୍ଞାନ ଆଲୋଚନେ
ଦେଇଅଛ ମଧୁ ଧାରି,
ତୁମ୍ଭ ଶ୍ରୀଚରଣ-କଞ୍ଜେ ଅନୁକ୍ଷଣ
'ମଧୁପ' ମଧୁ ଭିକାରୀ ହେ ।

## ଆତ୍ମକଥା

ପାପ କରିବାକୁ ଯିବ କାହିଁକି ?
ବାପ ମା ଅଛନ୍ତି     ଜଗତର ପତି
କେଉଁ କଥା ତାର ନାହିଁ କି ?
ପଞ୍ଚ ମହାଭୂତ     ଦେଇ ମୁଁ ଜନିତ
ସେ ଭୂତ ପୋଷଣ ପାଇଁ କି,

* ମଧୁପ—'ଉତ୍କଳ ମଧୁପ' ମାସିକ ପତ୍ର ।

ସଦା ତମୋ ସଙ୍କାଶେ   ଅବଶ ଆକାଶେ
ସବୁ କୁହେ ଚିରସ୍ଥାୟୀ କି ? ୧ ।
ଥାଉଁ ଶତ ଶତ   ଆଲୋକିତ ପଥ
ଅନ୍ଧାରିଆ ପଥେ ଧାଇଁ କି,
ସାଧୁ ସୁସଙ୍ଗିତ   ଏଡ଼ି ଆଶୀବିଷ—
ଗରଳ ଲୁଚିକି ଖାଇ କି ? ୨ ।
ବନ୍ଦୁ ସଦାବ୍ରତ   ଥାଉଁ କଦାବ୍ରତ
ନିକଟକୁ ମନ ଯାଇ କି,
କରି ଅରଜନ   ତୋଷି ପରିଜନ
ଥିଲେ କାହିଁ ଦୁଃଖ ଥାଇ କି ? ।୩।
ପାଇଛୁ ସୁମନ   ଚୋରିବ ସୁମନ
ଦୁଷ୍ଟ ସେବା ଦେବ ବାଇ କି,
ନିଜେ କଲେ ପାପ   ନରକାଗ୍ନି ତାପ
କନକ କଣ୍ଠରେ ଦାସ୍ୟ କି ? ୪ ।

## ମନ ପ୍ରତି

ମନ, ଭ୍ରମୁଛୁ କାହିଁକି ରେ
ନିଜ ଧନେ କରି ହେଳା,
ଭବସିନ୍ଧୁ ଖେଳା ଦେଖି ଧର ଭେଳା-
ଥାଉଁ ଏ ଜୀବନ-ଭେଳା ।
ଲୁଚକୁ ଜନମି   ଅଲୁଚରେ ଭ୍ରମି
ପାରିବା ତୋ' ଅଧିକାର,
ଲୁଚ ପାଇଁ ଭ୍ରମି   ନୋହ ଅତିଦମି
ଯାଇ ଧର ଅବକାର ।୧।
ଏବେ ହୋଇ ଧୀର   ଲୁଚ ଧନ ଚିର-
ସ୍ଥାୟୀ କୁହେ ଜଗତରେ,
ନିଜେ ହୋଇ ବୀର   ଟାଣି ମୁହଁଗାର
ପଶୋଧନ ନିରନ୍ତରେ ।୨।
ଦେଖିକି ହାଟିବୁ   ଦେଖିବୁ ଜାଣିବୁ
ହେଉଥିବ ବରଧନ,
ଅମର ଅକ୍ଷୟ   ତା' ପରି ନିଶ୍ଚୟ
ନାହିଁଟି ଅପର ଧନ ।୩।
ଲୁଚ ଧନେ ବଦ୍ଧ   ହୋଇଥିଲେ ଶଧ
ପରି ରହିଥିବୁ ବନ୍ଦି,
ବୁଡ଼ିଗଲେ ନାବ   ଛୁଟିଯିବ ଭବ
କେହି ନ ହାରିବ ବନ୍ଧି ।୪।
ତୋ ଆଦେଶମତେ   ଇନ୍ଦ୍ରିୟ ସମସ୍ତେ
କରନ୍ତି ନିଜ କରମ,
ତୁ ନିଜ କରମ   ନ କଲେ ଧରମ
ସହିବ ନାକ ଧରମ ।୫।

## ଧନ ପ୍ରତି

ଧନ, ଘରକୁ ଆସିବୁ ରେ
ଗରବ ନ ଦେବୁ ମନେ,
ବିରତ ନ କରି ଅବିରତ ଥିବୁ
ବଡ଼ବଡ଼ ଅନୁଗମନେ ।
ପଡ଼ିଲେ ତୋ ପାଦ   ଦେବି ଧନ୍ୟବାଦ
ତୋଷିବି ମୁଁ ସମାଦରେ,
କିନ୍ତୁ ଏ ଜଗତେ   ଅନ୍ୟକୁ ବା ମତେ
ନ ପେଲିବୁ ପ୍ରମାଦରେ ।୧।
ନରୁଛୁଁ ଆସ୍ୱାସ   ଦଶି ଦଶି ଆସ
ହସାଇ ଆସିବା ଭଲ,
ରସାଇବୁ ନାହିଁ   ଭସାଇବା ପାଇଁ
କରିବୁ ନା ଛଳବଳ ।୨।

ବଢ଼ାଇବୁ ଶାଖା ଡେଇଁବୁ ଟୁଟାଖା
ହେଉଥିବୁ ଉନ୍ନତ,
କୁସ୍ଥାନ ନ ଯିବୁ କୁଯଶ ନ ଅର୍ଜିବୁ
ନ ହେବୁ ଅଦ୍ଧଃପତ । ୩ ।
ଧନ ଆଭରଣେ ବସନ ଭୂଷଣେ
ନ ହେବୁ ଗର୍ବକୁଣ୍ଠିତ,
ନୋହୁ ମୋହେ ମୁଗ୍ଧ ହେଉଥିବୁ ଶୁଦ୍ଧ
ଭାବରେ ଅବଗୁଣ୍ଠିତ । ୪ ।
ଗୁଣ ଉପାର୍ଜନେ ଗୁଣ ସର୍ଜନେ
ନ ଦେଖିବୁ ନିଜ ପର,
ଗୁଣ ସଙ୍ଗେ ମିଶି— ଗଲେ ବସି ବସି
ବସିବୁ ହୋଇ ଅମର । ୫ ।

# ସମ୍ବଲପୁର ହିତୈଷିଣୀର ନବବର୍ଷ ଉପଲକ୍ଷରେ ଲିଖିତ

ଆଜି ନବ ଦିନେ ନବୀନ ଜୀବନେ
ହୋଇଅଛୁଁ ଉପଗତ,
ଶିରେ ଦେଇ ହାତ ଜଣାଉଛୁଁ ନାଥ
ଚରଣେ ହୋଇ ପ୍ରଣତ,
ଲୋକବାନ୍ଧବ ହେ—
ଦିଅ ମୋତେ ନବବଳ,
ଲୋକସେବା ବ୍ରତ କର୍ମେ ହୁଏ ରତ
ଜୀବନ ହେବ ସଫଳ ।
ଉଚ୍ଛୃଙ୍ଖଳ ଭାବ ଉନ୍ମତ୍ତ ପ୍ରଭାବ
କ୍ଷୀଣ ହେବ ଆସ୍ତେ ସି,
ଛିନ୍ନ ଦଉ ଜାଳ ହେଉ ବର୍ତ୍ତମାନ
ଜାଡ୍ୟ ଯାଉ ଅପସରି,
ନ୍ୟାୟବିଧାନ ହେ—
ପ୍ରାଣେ ଦିଅ ନ୍ୟାୟ-କଣା,
ତା' ଠାରୁ ଟଳିବି ସଂସାର-ଅଟବୀ
ବିପଥେ ନ ହୋଇ ବଣା ।

ଦିଅ ହେ କ୍ଷମତା ଲୋଭର ମମତା
ଲୀନ ହେବ ମୋ' ମନରେ,
ବାଧା ଉପଗତ ହେଲେ ସମରଥ
ହେବି ତାହା ସହନରେ,
ଶକ୍ତିସାଗର ହେ—
ଶକ୍ତିକଣା କର ଦାନ,
ଲୋକ-ଆରାଧନା ପରମ ସାଧନା
କର୍ମେ ହେବି ଶକ୍ତିମାନ ।
ବାଳକର କ୍ରୀଡ଼ା— ଗାରମାନ ଟେଢ଼ା-
ଟେଢ଼ା ଚିତ୍ରିତ ନୟନେ,
ଅକ୍ଷର ତାହାର ଜନନୀ ତାହାର
ଉଚ୍ଚତା ନ ଦେଖ ମନେ,
ଭୂପ ବାଞ୍ଛିତ ହେ—
ଭୂପ ହୃଦେ କରି ବାସ,
ମୋ' ସେବାର ଦୋଷ ମଧ୍ୟରେ ସନ୍ତୋଷ
ଦେଖାଅ ତୋଷ ବିକାଶ ।

# ଉତ୍କଳ-ସେବକର ନବବର୍ଷ ଉପଲକ୍ଷରେ ରଚିତ

ଗତ ବରଷେ ନବୀନ ବରଷେ
ନେଇ ନବ ଉପହାର,
ପାଞ୍ଚ ବରଷର ବାଳକ ସେବକ
ଦେଇ ଫୁଲ ହାର ହାତ ।

ଦେଶବ୍ରତ କଥା! ଶତଦଶ ବାରତା
କହିବୁ ତୁ କାନେ କାନେ,
ଅପର ନ ବୁଝିଲେ ବାଳସ୍ୱର କଥା
ଭେଦାଇବୁ ପ୍ରାଣେ ପ୍ରାଣେ ।
ଏସ ଚୋର ଧରମ ସେ ଚୋର କରମ
ତହିଁରେ ନ ଦେବୁ ଛଟା,
କେହି ଯଦି ତୋତେ କଡ଼ା କଥା କହେ
କୁହି କହୁଥିବୁ ମିଠା ।
ଆଦର ନ ବୁଝି ଅନାଥ ଡରାଏ
ଟିଶୁ ବାବୁ ଘର ଘର,
ପଇସ ନ ଦେଲେ ଚରଣୁ ନ କଲେ
ତାକୁ ନ ମାରିବୁ ଚର ।
ଦୀପାବଳିରେ ଗଲେ ଫୁଲଫୁଲ ହେବ
ସେ ଦିନ ଦେଖିବୁ ରାତେ,
ନେଉଟେଉଟି କୁଟି ବୁଲାଇବେ ପିଲାଏ
ଏଥି ଅବା ଶିଖିବାରେ ।
ଦ୍ୱିତୀ କା ଦେଖଇ ନାଚରେ ଝୁମୁରି
ଲୁହମ ହାତରେ ବାନ୍ଧି,
ଦେହ ଥିବ ଉଲଗା ଉଡ଼ୁଥିବ କେଶ
ନାଅରେ ପୁ ଲୁଗା ଗାଡ଼ି ।
ଗାଡ଼ି ଦେଖିଥିବ ଦେଖୁଁ ଚଢ଼ଯାଏ
ଦେଖ ପଞ୍ଚ ଥିବ ଗଣ୍ଡି,
ବୁଲଦେନ୍ତେ ଗାଡ଼ି ବୃଦ୍ଧ ହୋଇ
ଦେଉଁ ଦେଇଥିବ ଛଣ୍ଡି ।
କାଏ ବା ପିଠାର କହୁଆ ଖଣ୍ଡିଏ
ଯା' ଥିବ ଛିଣ୍ଡା ପୁଟୁଣା,
ଅଧା ଚିକ୍କା ଅଧା ଦେବେକ ଦେଇ କାନ-
ଗୋଡ଼ ବହୁଥିବ ମୁଣ୍ଡା ।

କେ ଛିଣ୍ଡା କନ୍ଥା ପିନ୍ଧିଥିବ, ଦୁଇ
କାନଟାରେ ଦେଇ ଗଣ୍ଠି,
ଟେଳିଟେଳି ଲାଗି ଧଇଁବାକୁ ପୁଣି
ଘୂଙ୍ଗ କରୁଥିବ ଅଣ୍ଟି ।
ମହା ଆନନ୍ଦରେ ଦଳ ଦଳ ହୋଇ
ଘର ଘର ବୁଲି ବୁଲି,
ଧାନ ଗୁଡ଼ିକରେ ପୁରାଇ ଆଣିବେ
ଯେ ଯାହା ଅଣ୍ଟି ହୁଙ୍ଗୁଳି ।
ପିଲାମାନଙ୍କର ଟେଳିଟେଳି ସାଡ଼ବ
ବାଜି ଠୁକୁ ଠୁକୁ ସ୍ୱର,
ଶୁଣି ଲକ୍ଷ୍ମୀ ହେବ ମୁଖରତ, ତାହା
ଶୁଣିବୁ କଉତୁକରେ ।
ଯେ ଯାଏ ପିଲଙ୍କୁ ନ ଦେବ ମୁଠାଏ
ଗୁଡ଼ିକ ଅଥବା ଧାନ,
ବାଡ଼ି ଠୁକ ଠୁକ ଗଞ୍ଜନ କରୁଥିବେ
ଟେଳିଟେଳି ଗୀତ ଗାନ ।
ତୁ ପାଞ୍ଚ ବରଷ ବାଳୁତ ସେବକ
ଧରି ସେ ବାଳକ ଦଶା,
ସ୍ୱଜନଗୁରୁଙ୍କ ଘର ଘର ଯାଇ
କରିବୁ କରୁଣା ଭିକ୍ଷା ।
ଯାବତ ନ ହେବୁ ସିଦ୍ଧକାମ, ବାର-
ବାର କରୁଥିବୁ ଧ୍ୟାନ,
ପୁନଲୁବ୍ଧ ଦୋଷ ନ ଦେଖିବେ କେହି
ନ ମାରିବେ କେହି ଜଳ ।
ମନେ ରଖିଥିବୁ ଯାବତ ପିଲଙ୍କୁ
ମିଳ ନାହିଁ ଭଲ ବାସ,
ତାବତ ତୋହର ଭରି ନାହିଁ ଟୁଲି
ପୂରି ନାହିଁ ତୋର ଆଶ ।

# ମଙ୍ଗଳାଚରଣ

ହୁଗ୍ଲାକର ଶକ୍ତି-ଶୃଙ୍ଖ-ଶକ୍ତିପ୍ରଦ ପାଦ,
ପାଇ ତହୁଁ ନବ ବଳ ନନ୍ଦନ ପ୍ରସାଦ,
ଲକ୍ଷ୍ମୀ, ସେ ଚରଣ ପଦକମଳେ ଭରସା,
ବଳାଉଛୁ ଲୋକସେବା-ଧର୍ମରେ ଲାଳସା ।
ଉତ୍କଳଜନନୀଙ୍କର କୁମାର ସକଳ,
ପାଉଛନ୍ତି ଆଜ ନବ ପ୍ରାଣ ନବ ବଳ ।
ପୁଣି ତାଙ୍କ ପ୍ରଶାନ୍ତ ବଦନମଣ୍ଡଳ,
ଫୁଟି ଉଠୁଅଛି ଆମ୍ଭ ହୃଦୟ-କମଳ ।
ଦେବଙ୍କି ବସାଇ ସେହି ପୁଣ୍ୟ ଚନ୍ଦ୍ର ସନେ,
ତାଙ୍କ ସତେଜ୍ୟ ତାଙ୍କ ଶୁଭକାମନା ସାଧନେ ।

ତାଙ୍କର ପ୍ରେରଣେ ପ୍ରେରୁଅଛୁଁ ଉତ୍ସବର,
ବାଧାବନ୍ଧ ଦଳୁଥିବ ତାଙ୍କ ଶ୍ରୀପୟର ।
ଦେଖୁଛୁଁ ସେ ଦେବୀ ପ୍ରୀତିସ୍ଥ ପ୍ରାଣେ ବିମୋହିତ
କରୁଅଛନ୍ତି ବନ୍ଧୁ ମଙ୍ଗଳ ସାଧିତ ।
ତୁଷ୍ଟ ପ୍ରାଣେ ପୂଜୁଁ ତାଙ୍କ ପ୍ରଶସ୍ତ ବିସ୍ତାର,
ଭଜିତଜନଙ୍କୁ ଦେଉଅଛୁଁ ନମସ୍କାର ।
ତାଙ୍କ ମଧ୍ୟମଣି ଦୃଷ୍ଟ ଦେଶ 'ସ୍ୱଦେଶିନୀ',
ନବ ବର୍ଷେ ଦେଇ ଜନ-ହୃଦୟ-ତୋଷିଣୀ ।
ହୃଦେ ହୃଦେ ଫୁଟି ଉଠୁ ଧନ୍ୟ ଭକ୍ତି-କମଳ,
ଘରେ ଘରେ ବହନ୍ତୁ ତା ଦିବ୍ୟ ପରିମଳ ।

# ଉତ୍କଳ ସମ୍ମିଳନୀ ଉପଲକ୍ଷେ ରଚିତ

ନିଜ ଘରେ ବସି ନିର୍ବାସନ ଦୁଃଖ
  ଆମ୍ଭ କି କପାଳେ ଲିଖନ
ମାତୃଭୂମି-ମମତା ଭୁଲି ସଙ୍ଗ ବିନା
  ବିକଳ ହେଉଛି ଜୀବନ । ପଦ ।
ଗୁହାରିଲେ ଦୁଃଖ ନୃପତି ଆଗରେ,
ତଣ୍ଟି ଦେଉଛନ୍ତି ଗ୍ରାମୁଳୁ ସାଗରେ;
ନୁହଁ ତାଙ୍କ ଦୋଷ, ବୁଝନ୍ତି ନାହିଁ ସେ
  ଆମ୍ଭର କଥିତ ବଚନ । ୧ ।
ସ୍ୱଦେଶୀ ସଦସ୍ୟ ଛନ୍ତି ନିକଟରେ,
କଷ୍ଟ ଦେଉଛନ୍ତି ତ୍ରିବେଣୀତଟରେ;
ହସୁଛନ୍ତି ବୋଲି ବୁଝାଉଅଛନ୍ତି
  କହୁଅଛନ୍ତି ସେତେ ବେଦନ । ୨ ।
ପରଦେଶୁ ଆସି ପରଦେଶବାସୀ,
ଦେଉଛନ୍ତି ଆମ୍ଭ ଅନ୍ନଜଳ ଗ୍ରାସି;
ଉଲୁଆ ପରାଏ ଲୋକ ଭକ ବୁଝି—
  ରହିଅଛୁଁ ତାଙ୍କ ବଦନ । ୩ ।
ଆମ୍ଭ ଧନ ଯୋଗେ ଲଭି କରି ଜ୍ଞାନ,
ଆମ୍ଭର ମସ୍ତକେ ଚଢ଼ନ୍ତି ପ୍ରଧାନ—
କରି ଉଠୁଛନ୍ତି ସମ୍ରାଟ-ସଭାକୁ
  ସ୍ୱଗର୍ବେ ବିକାଶି ବଦନ । ୪ ।
ଆସିଅଛ ବନ୍ଧୁ ସୋଦରସକଳ,
ଦେଖି ଦଶା, କରି ବୁଦ୍ଧି କଉଶଳ;
କୋଟିକଣ୍ଠୁ ଗୋଟିସ୍ୱରେ ଉଠେ ଡାକ
  କମ୍ପିଯାଉ ରାଜ ସଦନ । ୫ ।

# *ସ୍ୱର୍ଗତ ଧନଞ୍ଜୟ ସିଂହ

ଆଶା ଥିଲା ଧନଞ୍ଜୟ ଉଚ୍ଚପଦ ଲଭି,
ଶୋଭିତ କରିବ ବୋଲି ଉତ୍କଳ ଦେଶୀ ।
ଆଶାର ଅଙ୍କୁର ଗୋଟି ନୋହୁଁ ପଲ୍ଲବିତ,
ହେଲା ତହିଁ ନିଦାରୁଣ କୁଳିଶ ପତିତ ।
ଆଶା ଭସ୍ମ-ସ୍ତୂପ ରୂପେ ରହି ନିରନ୍ତର—
ହୃଦକୁ ବିଷମ ତାପେ କରୁଛି ଜର୍ଜର ।
ଲଭିଥିଲ ଜନ୍ମ ତୁମ୍ଭେ ଦରିଦ୍ର କୁଟୀରେ,
ସନ୍ତୁଷ୍ଟେ ପହଁରିଥିଲ ଦୁଃଖ-ସିନ୍ଧୁ ନୀରେ ।
ସାହସେ ଦୁଃଖବେଗ ଯା ଅପାରମ୍ପର,
ଚାଣେ ଶୁଦ୍ଧି ନ ଛୁଇଁ ତା କରିଥିଲ ଦୂର ।
ଚାହିଁଥିଲ ସୁନିର୍ମଳ ଯଶସ୍ୱ ଭୂଷଣ,
କରୁଥିଲ ତହିଁ ଜନମନ ଆକର୍ଷଣ
ଦେବଲୋଭନୀୟ ଥିଲା ତେଣୁ ତୁମ୍ଭର,
ତେଣୁ ଅବା ବହିନେଲେ ଦେବେ ନିଜ ଘର ।

# *†କାଶୀନାଥ ପଣ୍ଡାଙ୍କ ସ୍ମୃତି

ସ୍ୱର୍ଗବାସୀ କାଶୀନାଥ, ସ୍ମରୁଛି ତମା ମନ,
କହୁଥିଲ ଯେଉଁ ମଧୁନିସ୍ରିତ ବଚନ ।
ଦେଖିଥିଲି ଏବେ ତୁମ୍ଭ କାର୍ଯ୍ୟର କୌଶଳ,
ଚତ୍ରେ କାବେଷ୍ଟୁ କହୁଥିଲି ସୃଷ୍ଟି ଲତଳ ।
ସ୍ୱାଧୀନ ଜୀବନେ ତୁମ୍ଭେ ଥିଲ କର୍ମବୀର,
ସ୍ୱ । ପର ଦାସ ଥିଲ ହେଲେହେଁ ସୁଧୀର ।
ତ୍ୟଜି ଅଭିମାନ ଦେଇ କର୍ମପୀଠେ ବଳି,
ଜୀବନ-ସଂଗ୍ରାମେ ଥିଲ ଶିଷ୍ଟିଙ୍କୁ ବଳି ।
ବୁଝିଥିଲ କୃଷିକର୍ମ ଜୀବନ ଆଧାର,
କୃଷି ବିନା ସୃଷ୍ଟି ଥାଉଁ ଜଗତ ଅନ୍ଧାର ।
ହେଉ ରଜା ମହାରଜା କିମ୍ବା ଉଚ୍ଚ ବାନା,
କୃଷିର ଅଭାବେ ତାକୁ ନ ମିଳନ୍ତା ଦାନା ।
ତେଣୁ କୃଷି ପ୍ରସାରିଲ ହୋଇ ମହାଜନ,
ଧନ ଦେଇ କଲ ବହୁ ଭୂମି ଅରଜନ ।
ପିତାଠାରୁ ପାଇଥିଲ ଯେଉଁ ମୂଳଧନ,
ସ୍ୱୀୟ ଗୁଣରେ କଲ ଉନ୍ନତିସାଧନ ।
ଲଭିଲ ପଦ ଦେଖାଇ ତୁମ୍ଭେ ଚାତୁର୍ଯ୍ୟଂଶ୍ରେଣୀ,
ବଳିଆ ଚାକିରି ଦେଇଥିଲ ସଞ୍ଜଭାଗୀ ।
ଶେଷେ ଦେଉଙ୍କ ଏ ଜିଲ୍ଲାର ଶତ ଶତ ଗ୍ରାମ,
ଜମାବନ୍ଦୀ କଲେ ଲେଖିଅଛି ତୁମ୍ଭ ନାମ ।
କାହିଁ ବା କୃଷକ ତୁମ୍ଭ କାହିଁ ଗ୍ରାମାଧିପ,
ହୋଇ ଶୋଭୁଥିଲ ମହାଶ୍ରୀଙ୍କ ସମୀପ ।
ବିକାପର ବିନାଶରେ ହୋଇ ଅଗ୍ରକର,
ବିକାଶିଲୁ ଦନ୍ତାଙ୍କର ପ୍ରିୟ ପଦ୍ମାକର ।
ଦେଖିଅଛି ତୁମ୍ଭ ପୁଅ ସୁଶୀଲ, ସୁଧୀର,
ନ ହେଲନ୍ତି ତରଙ୍ଗରେ ଧନ ଜଳଧିର ।
ହୃଦୟୁ ସରଳ ଶୁଦ୍ଧ ପ୍ରଶାନ୍ତ ଗମ୍ଭୀର,
ଗୁଣ-ଚିହ୍ନକରେ ନାହିଁ ଭେଦ-କୁମ୍ଭୀର ।

* ଧନଞ୍ଜୟ ସିଂହ ବରପାଲିବାସୀ ଜଣେ ଛାତ୍ର । ସେ କଟକରେ ଆଇ. ଏ. କ୍ଲାସରେ ଅଧ୍ୟୟନ କରୁଥିବାବେଳେ ବସନ୍ତ ରୋଗରେ ପ୍ରାଣତ୍ୟାଗ କରିଅଛନ୍ତି ।

† କାଶୀନାଥ ପଣ୍ଡା—ସ୍ୱଦେଶପ୍ରେମିକ ବାବୁ ବ୍ରଜମୋହନ ପଣ୍ଡା, ବି.ଏ. ଙ୍କ ପିତାମହ ଅଟନ୍ତି ।

ଫଳନ୍ତି ମିଳଇ ଲୋକେ କୃଷି ଫଳଚୟ,
ପୂତ ପ୍ରକାଶିତେ ତୁମ୍ଭ ସଦ୍‌ଗୁଣଚୟ ।
୧ ଅସିଥିଲ ଅବନୀକି ଅମା ଅନ୍ଧକାରେ,
୨ ସ୍ୱର୍ଗକୁ ଚଳିଲ ପୂର୍ଣ୍ଣଚନ୍ଦ୍ର ଚନ୍ଦ୍ରିକାରେ ।
କାଶୀନାଥ ସ୍ୱଦେଶର ଗୌରବ-ଭାଜନ,
କରିଅଛ ସ୍ୱଦେଶର ହିତ ଅର୍ଜ୍ଜନ ।
ଯେତେକ କାର୍ଯ୍ୟ କରିଅଛ ଦେଶହିତକର,
ସେ ହେବ ସ୍ୱର୍ଗରେ ଲଭ ଦେବଙ୍କ ଆଦର ।

# ମୃଗୟା ଦର୍ଶନ*

ବନ୍ଦଇ ନୃସିଂହନାଥ ତୁମ୍ଭ ଶ୍ରୀଚରଣ,
ଯେଉଁ ପାଦ କରେ ପାପୀ-ପାତକ ହରଣ,
ଯେଉଁ ପାଦତଳେ ପାପହରଣ ଝରଣ,
ଶୀର୍ଷଗିରିଶିଖରୁ ଯେଉଁ ମାଗଇ ଶରଣ ।
ବନଲକ୍ଷ୍ମୀ ଯେବେ ବନବୃକ୍ଷ ଆଭରଣ,
ଭକ୍ତିକାନ୍ତି କରି ଯା'କୁ ମନ ଆବରଣ ।
ବନସ୍ଥ ଯା' ପୂଜାଫୁଲ ରେଣୁ ଆସ୍ତରଣ,
କରି ସମୀରଣ କରେ ଲୋକେ ବିତରଣ ।
ଯା' ପାଶେ ଅଟନ୍ତି ହୋଇ ନାରୀଶ୍ରୀକରଣ,
ଉସ୍ତେ ଶୀର୍ଣ୍ଣଦେହେ କରେ ମୃଦୁ ବିଚରଣ ।
ତାପକ୍ଲିଷ୍ଟ ଲୋକ ଦୁଃଖ ଅନ୍ତର କରଣ,
ମାତ୍ର ଯିନା ଥାଏ ତାର ପ୍ରବେଶ କାରଣ ।
ସେ ସୁଯୋଗେ ମାଗେ ନିଜ ବନ୍ଧନବାରଣ,
ପ୍ରପାତ ଆଘାତେ କରି ମୁହୁଃ ସନ୍ତରଣ ।
ପ୍ରଭୁସେବା ଛଳେ ପରଦୁଃଖ ନିବାରଣ,
କେବଳ ଜୀବନେ ପୁଣ୍ୟଜ୍ୟୋତି ପ୍ରସାରଣ ।
ବନ୍ଧୁଙ୍କୁ ଯେହ୍ନେ ଆଶା ପୋଷି ମୋର ମନ,
ଲୋଡ଼ୁଅଛି ନାଥ ଥରେ ତବ ଦରଶନ ।
ଶ୍ରେଣୀ ଯେବେ ନୁଆଁଥାଏ ଧରି ବୃକ୍ଷବଂଶ,
ମାଟି ଝରି ୧ କୂଳେ ତା' କାଣି କଙ୍କସ ।
ଯେହ୍ନେ ମାତ୍ର ଯିନା ମୋର କାର୍ଯ୍ୟ ସୂର୍ଯ୍ୟଂକର,
କାର୍ଯ୍ୟ ମୂର୍ତ୍ତି ଧନଧାନ ମାନବ ପାମର ।
କିନ୍ତୁ ଯେଉଁ ବାଟେ ଥୁଏ ଦୂରାଶା ଲୁଣ୍ଠିତ,
ତହିଁ ଧନ ଉଡ଼ିବାକୁ ନ ଥୁଏ କୁଣ୍ଠିତ ।
ଜଗତ ଅଟଇ ଏକା ଦୃଶ୍ୟର ଅଧୀନ,
ଦୃଶ୍ୟରେ ସୁନ୍ଦର ନଦଣ ହେଲେହେଁ ମୁଁ ଦୀନ ।
କୁସୁମ ସୁରଭି ଲୋକେ ଭକ୍ତି ଆଦରେ,
ଧୂଳି ଯାଇ ବନେ ବନେ ଲାଗଇ ପାଦରେ ।
ଦ୍ୱାରୁ ଛଡ଼ା କୁସୁମରେ ମଣ୍ଡେ କେ ମଣ୍ଡଳ,
ଦେବା ଭକ୍ତିଭରେ ନାଏ ପ୍ରଭୁପାଦଧୂଳି ।
ତୁମ୍ଭ ପାଦତଳେ ଯେବେ କରିବି ମୁଁ ସ୍ନାନ,
କାଳେ ପାଇଯିବି ତୁମ୍ଭ ଭକତେ ସମ୍ମାନ ।
ଭକତର ମନ ସଙ୍ଗ ମିଶିଲେ ମୁଁ ପୁଣ,
ନିଶ୍ଚେ ତୁମ୍ଭ ପାଦପଦ୍ମ ହୋଇଯିବ ଜ୍ଞାନ ।
ଭକ୍ତରକାରଣୁ ଭକ୍ତ ମନ ବନ୍ଧି,
ଭକ୍ତ ମନ ଜଗଦୃ ରବିରଶ୍ମି ଜଡ଼ି ।
ରବିରଶ୍ମି ବ୍ୟାପିପାରେ ସକଳ-ଜଗତ,
ଅଖିଳ ଜଗତବ୍ୟାପୀ ଭକ୍ତ ହୃଦଗତ ।
ବାନ୍ଧି ରଖିଅଛି ଯୋଜେ ଯେଉଁ କର୍ମୀଦାମ,
ତାହା ପୋଷୁଁ ଦେବ ସେବ ହେଲି ସିଦ୍ଧକାମ ।

୧-୨ । କାଶୀନାଥ ପଣ୍ଡାଙ୍କ ଜନ୍ମ ଶ୍ରାବଣ ଅମାବାସ୍ୟା ଓ ମୃତ୍ୟୁ ପୌଷପୂର୍ଣ୍ଣିମା ।

* କବି କୋଡ଼ାପଦର ଅବସ୍ଥାନ କାଳରେ ଏ ଅଞ୍ଚଳରେ ସର୍ବପ୍ରଧାନ ଦର୍ଶନୀୟ ତୀର୍ଥ 'ନୃସିଂହନାଥ' ସମ୍ବନ୍ଧରେ ଗୋଟିଏ ଲେଖାରମ୍ଭ କରିଥିଲେ । କିନ୍ତୁ ତାହା ଅସମ୍ପୂର୍ଣ୍ଣ ରହିଯାଇଥିବାରୁ ଓ କବିତାଟି ମୁଖ୍ୟତଃ ମୃଗୟାଦର୍ଶନମୂଳକ ହେବାରୁ ଉପରୋକ୍ତ ନାମରେ ପ୍ରକାଶ ହେଲା ।

—ପ୍ରକାଶକ

କରମ ଦେଇଛନ୍ତି କେତେ ଦୁଃଖ କେତେ ସୁଖ,
ଆବୃତ୍ତି ହେବା ନାହିଁ, କର୍ମ ହେବାକୁ ବିମୁଖ ।
ରୁଚି ଅନୁକୂଳ କର୍ମ ଲୋକେ ସୁଖକର,
ପ୍ରତିକୂଳ ରୁଚିର ସେ ଦୁଃଖର ଆକର ।
କର୍ମ ଏକା ଦେଇଥାଏ ସମାଜେ ସମ୍ମାନ,
ଜୀବନର ସାର ମାତ୍ର କର୍ମଗୁଣ ଜ୍ଞାନ ।
ଜଗତେ କରମ କରେ ଜୀବନ ପୋଷଣ,
ଜ୍ଞାନରୁ ଧରମ ସଦା ଜୀବନ ତୋଷଣ ।
ତପସ୍ୟାର ଫଳ ଯେବେ ଫଳଇ ସଂସାରେ,
ସେବକ ତୋଷକ ରହିଥାନ୍ତି ଏକାଧାରେ ।
ଶାଳଗ୍ରାମ ମଧ୍ୟରୁ ନ ଛୁଟି ଚର୍ମକାର,
ଅଛି ବରଷକେ କରିଥିଲା ବ୍ୟବହାର ।
ଚର୍ମକାର ମୁଖୁ ଶୁଣି ପ୍ରେମମୟ ଗୀତ,
ସର୍ବଶ ନ ରହି ଶାଳଗ୍ରାମ ଥିଲେ ପ୍ରୀତ ।
ଯେ ଯେଉଁ କରମେ ହୋଇଥାଉ ନିୟୋଜିତ,
ନିଜେ ନିଜ ପ୍ରେମ ମୂର୍ତ୍ତି ହେବାର ଉଚିତ ।
କର୍ମ ଧର୍ମ ଦୁହେଁ ମୋର ହୋଇ ବଳବନ୍ତ,
କରାଇଲେ ଆସି ତବ ଦର୍ଶନେ ସମର୍ଥ ।
କର୍ମାବଦ୍ଧ ତପୋବନେ କରି ଆରୋହଣ,
ତୁମଙ୍କୁ ହୃଦୟେ ସ୍ଥାପି ରଚିଲି ଗମନ ।
ଏକ ବୃକ୍ଷେ ଚଢ଼ି ଜୀବ ହୋଇଥାନ୍ତି ଧନ୍ୟ,
ଦ୍ୱିତୀୟକ ଯାଚେ ହେଲି ମୁଁ କୃତାର୍ଥମନ୍ୟ ।
ତଥାପି ତୁମ୍ଭଙ୍କ ସାଥ ହେଲା କଷ୍ଟକର,
ବସିଲି ଶିବଠାରୁ ମୁଁ କି ଗୁରୁତର !
ବୃଷ ବଦଳାଇ କଲି ମହିଷ ଯୋଜନ,
ତଥାପି ମୋ ହେଲା ସାଧଗଣ୍ଡ ପ୍ରୟୋଜନ ।
ନିଜ ବଳ ଅବହେଳି ପରର ଭରସା
କରିଲି, ଲୋକ ସମ୍ମୁଖରେ ଲଭିଲି ଦୁର୍ଦ୍ଦଶା ।
ଖରସ୍ରୋତ ଧୀରଗାଡ଼େ ହୋଇ ଫେନମୁଖ,
ମହିଷ ସୁଜାଣ କେତେ ଜଣାଇଲେ ଦୁଃଖ ।
ଖସିଲି ଭୂମିରୁ ଯମ ସୋଟିଏ ନିହିଷେ,
ମୋତେ ନିଶାପ୍ତି ଦେଇ ସୁକଳହୋଇ ସେ ।
ତହିଁ ବୁଝିଲି ନିଜେ ନିଜ ମୂର୍ଖପଣ,
ହୃଦପୂତ ହସିଣ କହିଲି ବୃଷଣ ଗଣନ ।

ମନେକଲି ସେଉଁ ଖର ବସାରା ଶାନ୍ୟସ୍ତ,
ସହିତେ ତା' ବନ୍ଧ ପ୍ରାଣୀ ହୋଇ ଶକ୍ତିଯୁକ୍ତ
ସେହିଁ ଘର ବାନ୍ଧିବାକୁ ବୁଝିଲି ସେ ଯୋଗ୍ୟ,
ସେ ଘର ଚଢ଼ିଲେ ତାକୁ ମଣିଲି ଯେ ଦୁର୍ଗ
ସଜ୍ଜନେ ଦୁର୍ଦ୍ଦମ ଶିଳା ବସେ ସେହିଁ ଖର,
ସାମାନ୍ୟ ମୃଣ୍ମୟ ଘର ତାକୁ କଷ୍ଟକର ।
ମୋହୁଦେ ନୃସିଂହନାଥ ଥିଲେ ଦୁହେଁ ରହି,
ତେଣୁ ଅବା ଗୋ-ମନ୍ଦିର ନ ଚାହିଁଲେ ବହି ।
ପଥେ ସେହୁଦିନ ମୋର ହେଲା ଅବସ୍ଥାନ,
ସେଠାରେ ଦେଖିଲି ବନ ଶିର ଦୃଶ୍ୟମାନ ।
ବନେ ଯାଉଥିଲା କରି ମୃଗୟା ଦର୍ଶନ,
ରମ୍ୟ ଭୁବନାରେ କରି ଲୋମହର୍ଷଣ ।
ମୃଗୟା ବନୋଦେ ମଣୁଥିଲେ ଯେତେ ଲୋକ,
ତାଙ୍କ ଦଶା, ତାଙ୍କ ସ୍ତ୍ରୀ ବାଳକଙ୍କ ଶୋକ,
ମୃତ୍ୟୁମାନଙ୍କ ବନେ ବନେ ଫେରେ,
ଛନ୍ଦ ଯାଉଥାନ୍ତି ଆଜି ମୋ ନୃସିଂହେ ଦେଉ ।
ଅବ୍ୟାହାନେ ନ ଥିଲେ ବ୍ୟାପାର ଯେ କର୍ମି,
ଗାଉ ଦଶା ଏହ ପ୍ରାଣ ଯାଉଥାଏ କମ୍ପି ।
ପୁଣି ସୁନ୍ଦରୀ ସେହିଁ ମୃଗ ଦେଖାଇ ଚମକି,
ଅଥଚ ହେଲେକହିଁ ଦୁଏ ମୃଗ ବଳିତ ।
ଛାଞ୍ଚ ଲୋକ ସଜେ ଥାଇ କଟିବ ଦର୍ଶନ,
କଳ୍ପିତ ଜାନିବେ ଥାନ୍ତି ବନ୍ୟଜନ୍ତୁଗଣ ।
ମାରିବାକୁ ଦେଖିବାକୁ ତାଙ୍କ ମୃତ୍ୟୁକ୍ଳେଶ,
ହୃଦୟେ ବାସନା ମୋର ରହି ନାହିଁ ଲେଶ ।
କୌତୁହଳ କହିଅଛି ସହିଲା ଯୋଗେନି,
ନୃସିଂହ କହେଦେ ମୋର ବିପଦ ଶୋଷଣି ।
ନିବିଡ଼ କାନନେ ବୃକ୍ଷବନ୍ଧବଧ ଖଟେ,
ବସିଲି ମୁଁ ଅଭ୍ୟାସେ ବସୁଁ ଚଢ଼ି କଟ୍ଟି ।
ଭୂପତି ଅନୁଜ ଧରି ମୃଗୟାର ବେଶ,
ଯାଉଥିଲେ ସଙ୍ଗେ ଯାଇ ଅଭିଜ ନିଦେଶ ।
ତାଙ୍କ ଚାଲିଁ ସେହି ଖଟ ଥିଲା ନିରୂପିତ,
ଚଢ଼ି ସେ ବସିଲେ ନଳୀ ଦେଲେ ମୋ ସହିତ ।
ନତ ହୁଲା ପ୍ରେ·ଶାଖୀ କମ୍ପିଲା ଖଟ,
ଭଞ୍ଜନ ବାଞ୍ଛନା ଲଳା ସୁଖ କଟକଟ ।

ଖିନ୍ନକାନ୍ତି ଗ୍ରାମ୍ୟ ଖଗ ସ୍ୱଭାବେ ଦୁର୍ବଳ,
ତା ପ୍ରତି ବର୍ଷିଲୁଁ ନଳେ ଦୁର୍ନ୍ତ ସ୍ୱବଳ ।
ଚକ୍ରଶାଖା ସଙ୍ଗେ କଥା କହିଲ ନିରନ୍ତର,
ବଳ ଯୋଗାଇବେ ତହିଁ ଏକକୁ ଅପର ।
ଚକ୍ରଶାଖା ଛଟିବାନ୍ତୁ ଦୁହେଁ ସହୋଦର,
ପର୍ବ ନିର୍ବ ଭେଦ ନ ଥିଲା ତାଙ୍କର ।
ଚକ୍ରଟିର ହୋଇଥିଲା ଦଣ୍ଡ ପ୍ରସ୍ତୁତ,
ତାହାର ବଳ ହିଁ ନିଜ ବଳେ କଲେ ଯୁତ ।
କୋଟିଲ ଭଙ୍ଗି ପିବ ଖଗ ହୋଉଥାଏ ଶଙ୍କା,
ଉଶ୍ୱାସି ଅଶ୍ୱାସି ତାକୁ ଧରୁଥାଏଁ ଲଙ୍କା ।
ଯୁଝି ନ ହେବ ଶୁଣି ବନ୍ଧୁକ ଗର୍ଜନ,
ବୋଲି କରିଥିଲ ସେହୁ ଉପାୟ ସର୍ଜନ ।
ନିର୍ଭବେ ନିଷ୍ଟବଳ ବର୍ଷି ନେଲୁଁ କଳ୍ପନାରି,
ବନ୍ଧନକୁ ଆଗମନ କରୁ ନିଷ୍ପେଷଣି ।
ସାଙ୍କେଥିଲି ଭୁଜ, ଗଜପୁଚ୍ଛ ସେ ବନ,
ଶାଧନ କରିବା ଲାଗି ଶ୍ୱାପଦ ନିପନ ।
ଦୂରେ ଦୂରେ ଛିନ୍ନ ଭିନ୍ନ ଦୃଷ୍ଟିର ଉପରେ,
ବଢ଼ିଗଲେ ବଜ୍ରନାଦେ ନଳୀ ଧରି କରେ ।
ଶୁଣିଲ ଦୂରୁଁରେ ବହେ ମାନବ କୁହାଟ,
ତା' ସଙ୍ଗେ ଶୁଣିଲ ଯେତେ କାଠବାଡ଼ିକାଠ ।
ଗଡ ଗଡ ଜନେ ହୋଇ ସେ ନାଦ ନାଦିତ,
ଘନ ଘନ ବନ ବସ୍ତ କଲ ବସ୍ମୋଚ୍ଛିତ ।
ନିକଟ ନିକଟତର ହେଲା ସେ ଶବଦ,
ରହିଲୁ ତଳକୁ ଶୁଣି ହୋଇ ରୁଦ୍ଧବଧ ।
ଗୁଞ୍ଜନ ଆଗିଲ ନଳୀ ନାଦ ଏକ ଥର,
ଅନ୍ୟ ନଳୀ ଗରଜିଲ ମୁହୂର୍ତ୍ତେ ଅନ୍ତର ।
ଏତେଣି ଆମ୍ଭ ଅନ୍ତରେ ହେଲା ଗତ ସର ସର,
ଦେଖିଲୁ ଆଦୂରେ ଏକ ଭଲ୍ଲୁକ ପ୍ରବର ।
ଖଣ୍ଡ ଖରଗ୍ରୀବ ଥାଏ ମଳାସୃନ ପର,
ନ ଥାଏ ତା ଗତି ଅତି ଦ୍ରୁତ କି ମନ୍ଥର ।
ଆମ୍ଭ ବୃକ୍ଷତଳେ ପଡ଼ୁଁ ନ ପଡ଼ୁଁ ତା ପଦ,
ପଶିଲ ତା ଲକ୍ଷେ ଗୋଳୀ ମୁହୂର୍ତ୍ତେ ଆପଦ ।
ଅହ୍ୟପରେ ଚୋଟ ନ ରୁଧି କି ଘାତ ଭରରେ,
ପଚିଦଣ୍ଡି ପଶିଗଲା କାନନ ଭିତରେ ।

ଶବଦୁ ପ୍ରକଟ ହେଲା, ହେଲା ସେ ଚକିତ,
ଖଣି ପରେ ଦେଖାଦେଲା ହୋଇ ଅବ୍ୟସ୍ତ
ବୃକ୍ଷମୂଳେ ଆସି ଦେଲା ଉପରେ ଅନାଇ,
ମନେ ମନେ ଭାବିଲ ମୁଁ ନରଘାତି ଆହ୍ନ !
ଶୁଣିଥିଲି ଭେଳ୍ପଫଳ ଖାଇବାକୁ ଇଷ୍ଟ,
ଚଢ଼ିଥାଏ ନଭଶ୍ଚୁମ୍ବୀ ଉଚ୍ଚ ଉଚ୍ଚ ବୃକ୍ଷ ।
ସହଜେ ସେ ଚଢ଼ି ମୋତେ ଚାପିଥାନ୍ତା ଧରି,
ରକ୍ଷା ପାଇଗଲି ନର-ଦଂଷ୍ଟ୍ର ନାମ ସ୍ମରି ।
ମୋ ଦୃଷ୍ଟି ବାହାରୁ ତାର ଦୃଷ୍ଟି-ଉଦଘଟନ,
ଦୃଷ୍ଟି ଉଭା ହେଲେ ହେବୋଲି ଭାବୁଥିଲ ମନେ ।
ସ୍ୱାର୍ଥକାଳ ପ୍ରୀତି ଏକ ହୃଦେ ଯାହା,
ଜନ୍ମିଥାଏ, ଅନ୍ୟ ହୃଦେ ଜନମଇ ତାହା ।
କେବଳ କପଟ ପ୍ରୀତି ସାନ୍ତ୍ୱନାକର,
ମଧୁର ଦର୍ଶନ ମାତ୍ର ମହାଭୟଙ୍କର ।
ଭୁଲାଗଲି ପାଦୁ ରକ୍ଷ ହୋଇ ନତମୁଖ,
ହୃଦସ୍ମୃତି ଦୂରକରୁ ସତ୍ୟବାଧ ଦୁଃଖ ।
ଗୃଷ ଦୃଷ୍ଟମୂଳ ଆସି ଚଳିଯିବାଯାଏ,
ବନ୍ଧୁଙ୍କୁ ଗୋଲୀ ତ୍ୟାଗ ଦୁଦଶା ନ ଥାଏ ।
ତା ପରେ ବନ୍ଧୁ ଶୁଣି ଦେଲ ଦରଶନ,
ହାଉଥାନ୍ତି କରି ମୃଦୁ ନର୍ତ୍ତିତ ଗମନ ।
ବିଚଳିତ ହୋଇଥାନ୍ତି କୁହାଟ ଶ୍ରବଣେ,
ଉର୍ଦ୍ଧ୍ୱରୁ ପଡ଼ିବ ଗୋଳୀ ଥିଲା ନାହିଁ ମନେ ।
ସହସା ଶ୍ରବଣେ ପାଇ ବନ୍ଧୁକ ନିନାଦ,
ସାହସେ ପଳାଇଲେ ଜାଣି ପରମାଦ ।
କେତେବେଳେ କ ଆସେ ଆସଇ ସଂସାର,
ତାହାଁକି ନ ପାରେ ଥାଇ ପ୍ରାଣୀ ଜୀବସାର ।
କନ୍ତୁ ଯହିଁ ଜାଣିପାରେ ବିପଦଲକ୍ଷଣ,
ସେ ସ୍ଥଳ ବରଜି ଚଳିଯାଏ ତତକ୍ଷଣ ।
ଦୃଷ୍ଟିଙ୍କୁ ଅନୁସରଣେ ସେ ଶରପ୍ରହତ,
ଆଗନ୍ତ ଆମୋଦ ତାର ଦୁଏ ଉପଗତ ।
ଏହିପରେ ପାଇଗଲି ତହିଁର ପ୍ରମାଣ,
ଅବଶ୍ୟ ବନ୍ଧୁକ ମୁଖଁ ବହିଲେଙ୍କ ପ୍ରାଣ ।

ତା' ପରେ ଆଇଲା ମୃଗ ସୁଶୀଳ ସୁରୂପ,
ଭେଟଣ ନଳୀ ନାହିଁ ଜାଣି ମୃତ୍ୟୁ ନିକଟ ।
ସରସ ନୟନେ ଦେଖି ଉର୍ଦ୍ଧ୍ୱକୁ ଅନାଇ,
ବସିଅଛି ନଳୀଧାରୀ ପ୍ରାଣ ନେବା ପାଇଁ ।
ଭାବି ମୋତେ ଶୁଭ ମୃଗ ନବସ୍ତ୍ର ମଣିଥିବ,
ଚତୁଷ୍ପଦ ନାମଧେୟ ଶମନ-ଶବଦ ।
ଯମଦଣ୍ଡରୂପୀ ନଳୀ କରେ ଧରି ଧରି,
ପଳତନେ ପଳାଇଗଲା ବନ୍ଧୁ ସନ୍ଧି ଧରି ।
କାନନ ଗୁଳନ ଘୋର ରବ କରି ଶେଷ,
ଛାଡ଼ି ବାସୀ ପରଦେଶ କଲେ ପରବେଶ ।
ଜା ହସ୍ତ କୁଠାର ନିଶ୍ଚ ଦଣ୍ଡ କାହା କରୁ,
ବସ୍ତ୍ରଜାଇ ସାହସରୁ କନକ ଭୂତରେ ।
ରୂଷ ଦେଶ ଅଧକ କେ ଜନ୍ତୁ ଅଛି ବାଘ,
ଅଧୀ ଦେଶ ହେଉଛନ୍ତି ନପୁଂସକ ବିଚାର ।
କାହା ରୂଷ ଦେଶ ହୋଇଅଛି ବନଖଣ୍ଡ,
ହେଲ ଜାତି ଗଣ୍ଡ ଗଳେ ହେଉଛି ନପ୍ରୀତ ।
ଦେଖ ଦକ୍ଷିଣ କର୍ଣ୍ଣମୂଳେ ଅଛି ଖୋଷା ଟାଣ,
ବାମେ ଦେଖେ ଦେଶ ଝୁଲେ ଦେଖି ନପାରେ ।
କା' କଣ୍ଠିତ ଦେଶ ଉଚ୍ଚ ଧରି ତାମ୍ର ବର୍ଣ୍ଣ,
ଗ୍ରୀବା ପଛ ଧରି ଭୂମ ପ୍ରଷ୍ଠ ଦେବନ କର୍ଣ୍ଣ ।
କଟି ଆଚ୍ଛାଦନ କରି ମଳିନ ବସନେ,
ନିବାର ଉଦରଜ୍ୱାଳା ବଗନ୍ତା ଅଶନେ ।
ଆସିଥିଲେ କରି ମୃଗମାରଣ ଉତ୍ସବ,
ଦେଖିଲେ ଦେଖିଁ ଠି କଛି ପଡ଼ି ନାହିଁ ଶବ ।
ଜାଣିଲେ ସକଳ ଭ୍ରମ ହୋଇଅଛି ପଣ୍ଡ,
କୃଷ୍ଣାଜିଲେ ଦେଖି ତଳେ ବସି ଶୁଷ୍କକଣ୍ଠ ।
ଭୂପତ୍ନୀ ନୃସିଂହେ ଦେଇ ଶତ ଧନ୍ୟବାଦ,
ବାହୁଡ଼ି ଆସିଲି ଲଂଘ ମୃଗୟା-ପ୍ରମାଦ ।

## * ତୁଳସୀ-ରାମାୟଣର କିୟଦଂଶ

ଜଗନ୍ତି ଯେ ନାନା ଅର୍ଥ ବର୍ଣ୍ଣସମୂହର,
ନବରସ ସଙ୍ଗ ଛନ୍ଦ ଯାର ଗୋଚର,
ମଙ୍ଗଳଦାୟିନୀ ପୁଣି ମଙ୍ଗଳଦାୟକ,
ପ୍ରଣମେ ବନ୍ଦଇଁ ସେହି ବାଣୀବିନାୟକ ।
ସିଦ୍ଧମୁନିଗଣ ନିତ୍ୟ ଦେଖନ୍ତି ଯା' ଅନ୍ତର,
ହୃଦସ୍ଥ ମଧ୍ୟରେ ଦେଖିପାରନ୍ତି ଈଶ୍ୱର ।
ଶ୍ରଦ୍ଧା ବିଶ୍ୱାସରୂପ ଅଟନ୍ତି ଯାହାଙ୍କର,
ଭିକ୍ଷାଦେହ ବନ୍ଦଇଁ ସେହି ଭବାନୀ ଶଙ୍କର ।
ବନ୍ଦେ ଶିବରୂପୀ ଗୁରୁ ନିତ୍ୟ ଜ୍ଞାନମୟ,
ବକ୍ରବିଧୁ ନିତ୍ୟ ନେଇଥାନ୍ତି ଯା ଆଶ୍ରୟ,
ସୀତାରାମ ଗୁଣଗ୍ରାମ-ଅରଣ୍ୟବିହାରୀ,
କବୀଶ୍ୱର କପୀଶ୍ୱର ବନ୍ଦଇଁ ବିଚାରି ।
ଉଦ୍ଭବ ସ୍ଥିତି ସଂହାର କରି-କ୍ଲେଶହାରୀ,
ବନ୍ଦଇଁ ରାମବଲ୍ଲଭା ସୀତା ଶ୍ରେୟସ୍କରୀ ।
ବନ୍ଦଇଁ ଶ୍ରୀରାମ ହରି ଅଭୟଚରଣ,
ଲୋଡ଼ନ୍ତି ବ୍ରହ୍ମାଦି ଦେବଗଣ ଯା ଶରଣ,
ଅଶେଷ ବିଶ୍ୱର ହେତୁ ପରମ କାରଣ,
ଯା ଆଶ୍ରୟେ ହୁଏ ଭବସାଗରୁ ତାରଣ,
ଯା ମାୟାରେ ଅନିତ୍ୟ ହିଁ ଦିଶେ ସତ୍ୟ ସମ,
ରଜ୍ଜୁରେ ଉପୁଜିଥାଏ ଯେସନେ ଅହି ଭ୍ରମ,

* ସ୍ୱର୍ଗତଃ ସମଗ୍ର ତୁଳସୀ ରାମାୟଣ ଛନ୍ଦ ଜଣ୍ଡିକ ଏହିପରି ଛନ୍ଦରେ ଅନୁବାଦ କରିବାକୁ କବି ସଙ୍କଳ୍ପ କରି କାର୍ଯ୍ୟାରମ୍ଭ କରିଥିଲେ; କିନ୍ତୁ ଏତିକି ଅଂଶ ଲେଖିବା ପରେ ତାଙ୍କର କଠିନ ବ୍ୟାଧି ହେତୁ କାର୍ଯ୍ୟରେ ହସ୍ତକ୍ଷେପ କରିବାକୁ ଅବସର ପାଇ ସେଥିରୁ ବିରତ ହେଲେ । —ପ୍ରକାଶକ

ନ ବୁଝି ଅସୁର ମୂଢ଼ ମନୁଆଣ୍ଟୁ ଭୂମି,
କଷ୍ଟ ଆଚରିଥିଲେ ଗ୍ରନ୍ଥ ଯେ ପୟରେ ନମି ।
ନାନା ପୁରାଣ ନିଗମ ଆଗମ ସମ୍ମତ,
ରାମକଥା ସ୍ୱମାତୃଭାଷେ ଅଛି ଯା ସଙ୍ଗତ ।
ସ୍ୱାନ୍ତଃ ସୁଖ ଆଗେ ଭାବି ଶ୍ରୀ ତୁଳସୀ ଦାସ,
କଲେ ମନୋହର ଭାଷାପ୍ରବନ୍ଧେ ପ୍ରକାଶ ।

ଜୟ ବିନାୟକ ଗଜେନ୍ଦ୍ର ବଦନ
ବୁଦ୍ଧି ଶକ୍ତିର ଆଳୟ,
ସିଦ୍ଧିବିଧାୟକ ସୁଗୁଣ ସଦନ
ବର୍ଣ୍ଣାଦିର ଦଶାମୟ ।
ମୂଳ ହ୍ରୀଂ ବକତା ଚନ୍ଦ୍ରଂ ତ୍ରିଂ ଧାରଇ
ଲର୍ଭି ଶ୍ୱେତ ଗଢ଼ନ
କଣ୍ଠାଭରେ ଗର, କରନ୍ତୁ କଲ୍ୟାଣ
ସେ ଚନ୍ଦ୍ରମଳ ବଦନ ।
ତରୁଣ ଅରୁଣ ବାରିଜ ନୟନ
ନୀଳସରୋରୁହ ଶ୍ୟାମ,
ଜାନକୀନାଥ, ଖର- ସେନାର ଶମନ
କର ମୋ ହୃଦୟେ ଧାମ ।
ହେ ଭୁମାରମଣ କରୁଣା ସଦନ
କୁନ୍ଦଇନ୍ଦୁ ସମ ଦେହ,
ତ୍ରିଶୂଳଧାରଣ ମଦନମର୍ଦ୍ଦନ
ଏ ଦୀନଙ୍କୁ କର ସ୍ନେହ ।

ବନ୍ଦଇଁ ଶ୍ରୀ ଗୁରୁଦେବ ପଙ୍କଜଚରଣ,
ଗୁରୁ କୃପାସିନ୍ଧୁ ନରରୂପୀ ନାରାୟଣ,
ଯେ ଗୁରୁ ବଚନ ରବିକର ପରିକାଶି,
ମହା ମୋହ ତମପୁଞ୍ଜ ବେଗେ ଦିଏ ନାଶି ।
ବନ୍ଦଇଁ ଶ୍ରୀଗୁରୁପଦ-କମଳ-ପରାଗ,
ସୁରୁଚି ସୁବାସ ସହିଁ ରସ ଅନୁରାଗ,
ଗୁରୁ ପଦଧୂଳି ମୂଳି ବଟି ସୁଧାମୟ,
ଜନମ ମରଣ ଭବ ରୋଗ କରେ କ୍ଷୟ ।
ସେ ଧୂଳି ସୁକୃତ ଶମ୍ଭୁ ବିମଳ ବିଭୂତି,
ମଞ୍ଜୁଳ ମଙ୍ଗଳପ୍ରଦ ପ୍ରମୋଦ ପ୍ରସୂତି ।
ଜନମନ-ଦର୍ପଣର ମଳଚୟ ହରେ,
ଶିଷ୍ୟ ଶିରେ ଲଗି ପୁଣ ଗଣ ବଶ କରଇ ।
ଗୁରୁ ପଦ ନଖ ମଣି ଜଣି ଜ୍ୟୋତିର୍ମୟ,
ଯା ସୁମରିଲେ ହୁଏ ଦିବ୍ୟଦୃଷ୍ଟିର ଉଦୟ ।
ଭାଗ୍ୟବାନ ନର ହୃଦେ ହୋଇ ତା' ପ୍ରକାଶ,
ଅନ୍ତରେ କରଇ ମୋହ-ତିମିର ବିନାଶ ।
ସୁନିର୍ମଳ ଜ୍ଞାନଚକ୍ଷୁ କର ଉନ୍ମୀଳନ,
ଭବ-ନିଶା ଦୋଷ ଦୁଃଖ କରଇ ଖଣ୍ଡନ ।
ଶ୍ରୀରାମ ଚରିତ ମଣିମାଣିକ୍ୟ ପଟଳ,
କିବା ଗୁପ୍ତ କି ପ୍ରକଟ ଦେଖାଏ ସକଳ ।
ଯେସନ ସାଧକ ସିଦ୍ଧ ରଞ୍ଜି ସୁଅଞ୍ଜନ,
ଦେଖଇ କୌତୁକମୟ ମହୀ ଶୈଳ ବନ ।
ତେସନ ସୁଜନ ଲଭି ଗୁରୁ-ଉପଦେଶ,
ଦେଖଇ କୌତୁକମୟ ଗିରିବନ ଦେଶ ।
ଗୁରୁ ପଦରଜ ମୃଦୁ ମଞ୍ଜୁଳ ଅଞ୍ଜନ,
ନୟନ ଅମିୟଭୂତ ଦୋଷ ବିଭଞ୍ଜନ ।
ସେ ଶୁଦ୍ଧ ଅଞ୍ଜନେ ରଞ୍ଜି ବିବେକ ଲୋଚନ,
ବର୍ଣ୍ଣିଲି ରାମଚରିତ ଭବ ବିମୋଚନ ।
ବନ୍ଦଅଛି ସବିନୟେ ବ୍ରାହ୍ମଣ ଚରଣ,
ଯେହୁ ମୋହହା ମୋହଜାତ ସଂଶୟ ହରଣ ।
ସୁଜନ ସମାଜ ସର୍ବଗୁଣର ଆକର,
ପ୍ରଣମଇଁ ପ୍ରେମେ ତାଙ୍କୁ ଯୋଡ଼ି ଦେନି କର ।
ସାଧୁଙ୍କ ଚରିତ ଶୁଦ୍ଧ କାର୍ପାସ ସମାନ,
ନୀରସ ବିଶଦ ତାର ଫଳ ଗୁଣବାନ ।
ନିବାରଇ ନାନା ଦୁଃଖ ସହି ପର ଲାଜ,
ତା ଯଶ ବନ୍ଦନ୍ତି ଲୋକେ ସୁସଭ୍ୟ ସମାଜ ।
ଆନନ୍ଦ ମଙ୍ଗଳମୟ ସୁଜନ ସମାଜ,
ଜଗତେ ଅଟଇ ଚଳଶୀଳ ତୀର୍ଥରାଜ ।
ଶ୍ରୀରାମ ଭକତି ତହିଁ ସୁରଧୁନୀ ଧାର,
ତହିଁ ମିଳେ ସରସ୍ୱତୀ ଶାଶ୍ୱତ ବିସ୍ତର ।
ଭଲ ମନ୍ଦ ଜ୍ଞାନ କଥା ଯା ରବିସୁତା,
ନାଶନ୍ତି କଳିର ତାପ ହୋଇ ପ୍ରବାହିତା ।
ହରିହର କଥା ତାଙ୍କ ମଞ୍ଜୁ ନାଦବେଣୀ,
ସଂଶୟ ମଙ୍ଗଳ ମୁଦ ହୋଇ ତେଣି ଶ୍ରେଣୀ ।
କୃତଜ୍ଞ କୁଳଧର୍ମରାଜ ନିଜ ଧର୍ମ ସ୍ଥିତି,
ବିଶ୍ୱାସ ବିଶାଳ ବଟ ନାଶେ ଯମ-ଭୀତି ।

ଦେଶେ ଦେଶେ ଦ୍ରୁତେ ଦ୍ରୁତେ ହୋଇପ୍ରକାଶିତ
କରୁଛନ୍ତି ସଦ୍ୟଶ ଲୋକେ ପ୍ରଦର୍ଶିତ ।
ଅଲୌକିକ ଏହି ତୀର୍ଥରାଜର ମହିମା,
ଶେଷ କହି ନୁହଁଏ ନାହିଁ ବର୍ଣ୍ଣି ତାର ସୀମା ।
ଶୁଣି ବୁଝି ଜନ ହୁଏ ଆନନ୍ଦିତ ମନ,
ଅନୁରାଗ କଲେ ହୁଏ ତସ ତୀର୍ଥେ ମଜ୍ଜନ ।
ସାଧୁ ସମାଜ ପ୍ରୟାଗ ଗୁଣ ଅସାମାନ୍ୟ,
ଇହଲୋକେ ଦେଇଥାଏ ଚତୁର୍ବର୍ଗ ଦାନ ।
ମଜ୍ଜନର ଫଳ ଦେଖ ମିଳଇ ତତ୍କାଳ,
କାକ ହୋଇଯାଏ ପିକ ବକ ହୁଁ ମରାଳ ।
ଏ କଥାକୁ ଶୁଣି ଲୋକେ ଆଶ୍ଚର୍ଯ୍ୟ ନ ମଣ,
ଅସମ୍ଭବ ସମ୍ଭବାଇଥାନ୍ତି ସାଧୁଗଣ ।
ବାଲ୍ମୀକ ନାରଦ କୁମ୍ଭଯୋନି ଋଷିମାନେ,
କେ ଥିଲେ କ ହେଲେ କହିଛନ୍ତି ନିଜ ଗାନେ
ଜଳଚର ସ୍ଥଳଚର ଖେଚର ନିକର,
ଲଭିଥାନ୍ତି ସଦ୍‌ଗତି ଲଭି ସତ୍ସଙ୍ଗ ।
ପାଷାଣ ହିଁ ସାଧୁ ପଦରଜଙ୍କ ପ୍ରସାଦୁ,
ଦିବ୍ୟ ତନୁ ଲଭିଅଛି ନିସ୍ତରି ପ୍ରମାଦୁ ।
ସବୁ ଶାସ୍ତ୍ର ଗାଏ ସାଧୁ ସଙ୍ଗର ପ୍ରଭାବ,
ସାଧୁ ସଙ୍ଗ ବିନା ନାହିଁ ଜଗତରେ ଲଭ ।
ସାଧୁସଙ୍ଗ ବିନା ହେବ ବିବେକ ଦୁର୍ଲଭ,
ରାମ କୃପା କଲେ ତାହା ହୁଏଇ ସୁଲଭ ।
ସାଧୁସଙ୍ଗ ଏକା ମୁଦ ମଙ୍ଗଳର ମୂଳ,
ସିଦ୍ଧିରୂପ ଫଳ ତାର ସାଧନାଦି ଫୁଲ ।
ଶଠ ହିଁ ସୁଧରେ ଲଭେ ସାଧୁସଙ୍ଗ ପାଇ,
ଲୌହ ହୁଏ ସୁନା ଯେହ୍ନେ ସ୍ପର୍ଶମଣି ପାଇଁ ।
ବିଧିବଶେ ସାଧୁ ଯେବେ ରହେ କୁସମାଜେ,
ଫଣି ମଣି ପରି ନିଜ ଗୁଣ ସେହ୍ନେ ସାଜେ ।
ହରି ହର ବିଧି କବି କୋବିଦ ଭାରତୀ,
ସାଧୁଙ୍କ ମହିମା ମୁଖେ ବର୍ଣ୍ଣି ନ ପାରନ୍ତି ।
ମୋ ଭଳି ମାନବ ସେହି ଗୁଣ ବର୍ଣ୍ଣିବାର,
ଶାକ ବଣିକର ହସ୍ତେ ରତନ ବେପାର ।

ବନ୍ଦଇ ସମଦରଶୀ ସାଧୁ ପଦ ଦ୍ୱୟରୁ,
ମିତ୍ର ଅମିତ୍ର ଭେଦ ନାହିଁ ଯାଁ ହୃଦୟରୁ ।
ସମସ୍ତଙ୍କ କରିଥାନ୍ତି ସମ ଉପକାର,
ଫୁଲ ଯେତେ ତୋଳା କେବେ ନ ଥାଏ ଦୂରର ।
ଯେସନ ସୁପୁଷ୍ପ ହୋଇ ଅଞ୍ଜଳିରେ ସ୍ଥିତ ।
ବାମ ଦକ୍ଷ ଦେନିକର କରେ ସୁବାସିତ ।
ଦୟାଳୁ ସ୍ୱଭାବ ସାଧୁ ସରଳ ହୃଦୟ,
କରିବନ୍ଦି ଭୂମେ ପଡ଼ି ଦେଖ ମୋ ବିନୟ ।
କୃପାକରି ଶୁଣ ବାଳ-ହୃଦୟ ମୋ ମିନତି,
ଶ୍ରୀ ରାମଚରଣ ପଦ୍ମେ ହେଉ ମୋର ମତି ।
ସଭୟ ହୃଦୟେ ଏବେ ବନ୍ଦେ ଖଳଗଣ,
ବିନା କାର୍ଯ୍ୟେ କରନ୍ତି ଯେ ଶତ୍ରୁ ଆଚରଣ ।
ପର ଅପକାର ଶୁଣି ଲଭନ୍ତି ପ୍ରସାଦ,
ଉଜାଡ଼ିଲେ ହରଷ ତାଙ୍କ ବସିଲେ ବିଷାଦ ।
ହରିହର ଯଶ ରାକେଶଙ୍କୁ ସେ ରାହୁ,
ଅନ୍ୟସ୍ୱାର୍ଥନାଶନେ ପରି ଦଶଶତ ବାହୁ ।
'ପରଦୋଷ ଦେଖିବାକୁ ସହସ୍ର ଲୋଚନ,
ପରହିତ ଘୃତନାଶୀ ମାଛି ତାଙ୍କ ମନ ।
ତେଜରେ କୃଶାନୁ ଖଳ କ୍ରୋଧେ ମହେଶ୍ୱର,
ପାପ ଅପଗୁଣ ଧନେ ଧନୀ ଧନେଶ୍ୱର ।
ଖଳର ଉଦୟ କେତୁ ସମ ଉପଦ୍ରବ,
ଖଳ ଦରଶନେ ଲୋକେ ଗଣନ୍ତି ବିପଦ ।
ଜଗତଜନଙ୍କୁ ଖଳ ମହାଶତ୍ରୁ ସଲ,
କୁମ୍ଭକର୍ଣ୍ଣ ସମ ଖଳ ଶୋଇଥିବା ଭଲ ।
ପରହାନି କରେ ଖଳ ପ୍ରାଣ ଦେଇ ବଳ,
କରକା ଦ୍ରବଇ ଯଥା ନାଶି ନାଗବଲ୍ଲୀ ।
ପରଦୋଷ ଗାଦେ ଖଳ ସହସ୍ର ବଦନ,
ଶେଷନାଗ ସମ ମଣି ତାଙ୍କୁ କରୁଛି ବନ୍ଦନ ।
ପରଙ୍କର ଶୁଣେ ଖଳ ଅପୂର୍ବ ଶ୍ରବଣେ,
*ରାଜ ତେଣୁ ତାକୁ ପୃଥୁରାଜ ସମ ମଣେ ।
ଶକ୍ର ସମ ମଣି ଖଳଠାରେ ମୁଁ ବିନତ,
ଅବିରତ ଇଚ୍ଛେ ଯେଣୁ ସୁରାନୀକ ହିତ ।

* ପୃଥୁରାଜ — ଭଗବତ କଥା ଶୁଣିବାକୁ ଦଶ ହଜାର କର୍ଣ୍ଣର ଶକ୍ତି ପାଇବାକୁ ମାଗିଥିଲେ ।

ଜମ୍ଭୁଣ୍ଡି ପଡ଼ନ୍ତି ବାକ୍ୟ ବଜ୍ର ବରଷଣେ,
ସହସ୍ରଲୋଚନ ପର ଦୋଷ ଦରଶନେ ।
ଜଳେ ଖଳ ମିତ୍ରର ଶ୍ରୀ ବୃଦ୍ଧିଲେ ଜଳନ୍ତି,
ଏଣୁ କରେଁ କରଯୋଡ଼ି ଖଳଙ୍କୁ ପ୍ରଣତି ।
ଯେତେତେହେଁ ବିନୀତ ହୁଅ ଦେଖାଅ ସଦ୍ଭାବ,
ଖଳ କେବେ ନ ଛାଡ଼ଇ ଆପଣା ସ୍ୱଭାବ ।
ପାଳିଲେ ହେଁ ଶିଶୁକାଳୁ ଦୁଆଇ ଚାପୁଡ଼,
ଗୃଧ୍ର ନ ଛାଡ଼ଇ ମାଂସଭକ୍ଷଣ ସ୍ୱଭାବ ।
ସାଧୁ ଦୁଷ୍ଟ ଭେଦେ ବଡ଼ କହୁଛି ସମ୍ମାନ,
ଦୁଃଖ ଦେବା ପାଇଁ ଦୁହେଁ ଅଟନ୍ତି ସମାନ ।
ସାଧୁର ବିଯୋଗେ ପ୍ରାଣେ ନ ରହଇ ସୁଖ,
ଅସାଧୁ ସଂଯୋଗେ ତଥା ହୁଏ ମହାଦୁଃଖ ।
ଜଳୌକା ଜଳଜ ଏକ ଜଳରୁ ଜନମ,
ହେଲେହେଁ ଦୁହିଁଙ୍କ ଗୁଣ ନ ହୁଅଇ ସମ ।
ସୁଧା ସୁରା ଜନମିଲେ ଯେସନ ସାଗରୁ,
ସାଧୁ ଅସାଧୁଙ୍କ ଜନ୍ମ ତଥା ଜଗତରୁ ।
ସାଧୁ ସୁଧା ସୁଧାକର ସୁରଧୁନୀ ପରି,
ଅସାଧୁ ଗରଳ ବହ୍ନି କର୍ମନାଶା ସରି ।
ନିଜ ନିଜ ଗୁଣ ବହିଥାନ୍ତି ପରକାଶି,
ଭଲ କଲେ ଯଶ ମିଳେ ମନ୍ଦେ ସର୍ବନାଶ ।
ସୁଗୁଣ ଦୁର୍ଗୁଣ ଭବେ ଜାଣନ୍ତି ସକଳ,
ଯେ ଯାହା କରଇ ପ୍ରୀତି ତାକୁ ଲାଗେ ଭଲ ।
ଯେ ଭଲ ସେ ଭଲ କରି ପରଶଂସା ପାଏ,
ଯେ ମନ୍ଦ ସେ ମନ୍ଦ କରି ନିନ୍ଦା ତାଙ୍କୁ ପାଏ ।
ଅମୃତ ଖାଇଲେ ଲୋକ ହୁଅଇ ଅମର,
ମରଣ ଲଭଇ ପିନା ଖାଇଲେ ଜହର ।
ସାଧୁ ଜନ ହୋଇଥାଏ ସଦା ଗୁଣଗ୍ରାହୀ,
ଅସାଧୁ ଦୁର୍ଗୁଣ ନିଏ ଗୁଣ ତାର କାହିଁ ।
ଦେବେତ ଲୋକ ଗୁଣ ଦୋଷ ନ ଛାଡ଼ନ୍ତି ବାଣି,
ଏଣୁ ଗୁଣ ଦୋଷ କିଛି କହିବା ବିସ୍ତାରି ।
ଭଲ ମନ୍ଦ ସବୁ କଥା ବିଧାତାନିର୍ମିତ,
ଗୁଣ ଦୋଷ ସବୁ ଶାସ୍ତ୍ରେ ହୋଇଛି ଲିଖିତ ।
ଦୁଃଖ ସୁଖ ପାପ ପୁଣ୍ୟ ଦିନ ଆଉ ରାତି,
ଭଲ ମନ୍ଦ ହୋଇ ଦୈବ ସୃଜାଇ ସୁକାରି ।

ଉଚ୍ଚ ନୀଚ ରଜା ରଙ୍କ ସାଧୁ ଆଉ ଖଳ,
ସୁରଧୁନୀ କର୍ମନାଶା ଅମୃତ ଗରଳ ।
ସତ୍ୟ ମିଥ୍ୟା ଜନ୍ମ ମୃତ୍ୟୁ ସ୍ୱରଗ ନରକ,
ସର୍ଜନା କରିଛି ସବୁ ବ୍ରହ୍ମାଣ୍ଡସର୍ଜକ ।
ଦୋଷ ଛାଡ଼ି ଗୁଣ ବାଛି ନିଏ ସନ୍ଥ ଜନ,
ହଂସ ଯଥା ଜଳୁ କ୍ଷୀର କରଇ ଗ୍ରହଣ ।
ଖଳ ଯେବେ ସ୍ୱାର୍ଥଲୋଭରେ ସାଧୁବେଶ ଧରେ
କାଳନେମୀ ଦଶାନନ ପରି ସେହି ମରେ ।
ପ୍ରକୃତ ଯେ ସାଧୁ ବେଶ ନ କରେ ଆଦର,
ଯଥା ବୃଷ ଜାମ୍ବବନ୍ତ ପବନ କୁମର ।
ସାଧୁସଙ୍ଗ କଲେ ଲଭେ ଖଳ ସଦ୍‌ଜ୍ଞାନ,
ବେଦେ ଶାସ୍ତ୍ରେ ଅଛି ଏହା ଜାଣିଥାନ୍ତି ଜ୍ଞାନୀ ।
ଗଗନେ ଉଡ଼ଇ ଧୂଳି ପବନ ସହିତ,
କାଦୁଅ ହୁଅଇ ହୋଇଲେ ଜଳରେ ମିଳିତ ।
ରାମ ରାମ ଶିଖେ ଶୁକ ସାଧୁଘରେ ରହି,
ଅସାଧୁର ଘରେ ଥିଲେ କୁବାକ୍ୟ କହଇ ।
କୁସଙ୍ଗରେ ଧୂମ ହୁଏ କଳା କଦାକାର,
ସାଧୁ କରେ ମସୀ ହୋଇ କରେ ଉପକାର ।
ଲଭିଜଳେ ସେହିଁ ଧୂମ ହୁଅଇ ଅଳନ୍ଧି,
ଗଗନରେ ହୋଇଥାଏ ମେଘଲୋକ-ବନ୍ଧୁ ।
କୁସ୍ଥାନେ ରହିଲେ ଗ୍ରହ ଦିଅନ୍ତି କୁଫଳ,
ଶୁଭ ସ୍ଥାନଗତ ହେଲେ କରନ୍ତି ମଙ୍ଗଳ ।
ଗଙ୍ଗାରେ ପଡ଼ିଲେ ଜଳ ହୁଏ ଗଙ୍ଗାଜଳ,
ପଡ଼ିଲେ ଶୁଣ୍ଡାଳ କୂପେ ଦୂଷିତ କେବଳ ।
ମେଘ ପୁଷ୍କରରେ ବାତ ବାଷ୍ପ ସଙ୍ଗେ ରହି,
କରିଲେ ଅନଳ ସଙ୍ଗ ପୁଡ଼ ଦିଏ ଦହି ।
ଦେବହତ୍ୟା ବାପ ଶିରେ କରନ୍ତି ବନ୍ଧନ,
ପ୍ରେତର ବଚନ ଦୂରୁ କରନ୍ତି ବର୍ଜନ ।
ସାଧୁ ହେଉ ଖଳ ହେଉ ସର୍ବେ ରାମମୟ,
କରଯୋଡ଼ି ବନ୍ଦୁଅଛି ହୋଇଣ ସଦୟ ।
ଦେବାସୁର ନାଗ ନର ଗନ୍ଧର୍ବ କିନ୍ନର,
ଏମାନଙ୍କୁ ବନ୍ଦୁଅଛି ଯୋଡ଼ି ବେନି କର ।
ଖଗ ମୃଗ ପ୍ରେତ ପିତୃ ସ୍ଥାବର ଜଙ୍ଗମ,
କୃପାକର ବନ୍ଦୁଅଛି ମୁଁ ମୂଢ଼ ଅଧମ ।

ଶୁଣି ଲକ୍ଷ ଚଉରାଶୀ ଜାତି ଜୀବଗଣ,
ସବେ ରାମନାମ ବନ୍ଦେ ସାଧୁଙ୍କ ଚରଣ ।
କେ ଜାଣିଲ କେ ଶୁଣିଲ ନଶେଖ କରିଅଛି ବାସ
ମୋ ବିନୟ ଶୁଣି କର କରୁଣା ପ୍ରକାଶ ।
ନାହିଁ ବିଦ୍ୟା ବୁଦ୍ଧି ବଳ କିଛି ଏ ଦାସର,
ଭରସା କରିଛି ତୁମ୍ଭ ପଦ-ସାରସର ।
ସବେ ମିଳି ଏକମନେ ହୁଅନ୍ତୁ ସଦୟ,
ଯେନ ତେନ ସେନ ମୋର ସଫଳ ବିନୟ ।
କହିବାକୁ ଶ୍ରୀରାମଙ୍କ ଚରିତ ବର୍ଣ୍ଣନା,
ଲୋଭ ହୃଦୟରେ ମୋର ହୋଇଛି ବାସନା,
କିନ୍ତୁ ମୋର ମତି ତହିଁ ଚରିତ ମହାନ,
କବିତାର ଲକ୍ଷ ଗୁଣି କିଛି ନାହିଁ ଜ୍ଞାନ ।
ଶକତି କଙ୍କାଳ ମୋର ମନୋରଥ ରଙ୍ଗ,
ପିପୀଲିକା ଡିଙ୍ଗି ଟାବରେ ବକାଉଛି ଗଙ୍ଗା ।
ସେ ଚରିତ ଉପଯୋଗୀ ଭୂଷଣ ନାହିଁ,
ଶରପୁଙ୍ଖ ଲଗାଉଛି ମଣି ଗୁଞ୍ଜା ପାଇଁ ।
ମୃତ୍ତିକା ପାତ୍ରରେ ସୁଧା ରଖିବ ଯତନେ,
ଏ ଧୂମ୍ରା ଦଣ୍ଡଧର କଞ୍ଚନ ମାର୍ଜ୍ଜନ ।
ମୋ ଭାଷା ଦୋଷରେ ଦୋଷ ମାନସେ ନ ଧରି,
ଶୁଣିବେ ସୁଜନେ ଶିଶୁ ଭାଷାର ପରି ।
କହୁଛି ଶୁଣନ୍ତୁ ମୁହିଁ ଯେସନ ପିତା ଜନ,
ଶୁଣି ମୋହିତ ନିଜ ଶିଶୁ ସନ୍ତାନ ସମାନ ।
ଶିଶୁର ବଚନ ଶୁଣି ହସିଥାନ୍ତି ଜନେ,
ହସାଇ ହେଲେହେଁ ତା ପ୍ରୀତିପ୍ରଦ ମନେ ।
ଅବଶ୍ୟ ହସିବେ ଖଳ କହିଲି ଦୁଷ୍ଟ,
ତହିଁ ଦୁଃଖ ନାହିଁ ମୋର ତାଙ୍କ ତା ଭୂଷଣ ।
ନିଜ କବିତାକୁ କେବା ନ ବୋଲଇ ଭଲ,
ପରର ଥାଉ ବା ଥାଉ ନୀରସ କେବଳ ।
ପରର କବିତା ଦେଖି ପ୍ରୀତି ଲଭି ଜନେ,
ସେହିପରି ସଜ୍ଜନ ଅଛି ଅଳ୍ପ ଜଗତରେ ।
ମେଘର ଜଳରେ ସର ସରିତ ସମାନ,
ବଢ଼ାନ୍ତି ପରର ଗୁଣେ ଲୋକର ସମ୍ମାନ ।
ଏହିରୂ ଅନେକ ଲୋକ ଅଛନ୍ତି ଜଗତେ,
ସାଧୁ ବଚନ ଶୁଦ୍ଧ ବୁଦ୍ଧି ଗୁଣି ସିନ୍ଧୁ ମତେ

ଭାଗ୍ୟ ମୋର ସାନ ତହୁଁ ନଢ଼ ଅଭିଳାଷ,
ଏ ଯୋଗ୍ୟେ କରିବେ କେତେ କେତେ ଉପହାସ ।
ଶ୍ରୀରାମଚରଣନତେ ନାହିଁ ଯାଙ୍କ ପ୍ରୀତି,
ହସିବେ ସେ କବିଗଣ ଶୁଣି ମୋ ଏ ଗୀତି ।
ସେଥିକି ମୋ କାବ୍ୟ ହାସ୍ୟରସମୟ ବୋଲି,
ସେ ହାସ୍ୟ ରଚନ ମଣିଅଛନ୍ତି ଖେଳ ହୋଳି ।
ରାମଚନ୍ଦ୍ର ଚରଣରେ ଅଛି ଯା ପୀରତି,
ମଧୁର ଲାଗିବ ମନେ ମୋର ଏ ଭାରତୀ ।
ନୁହଇଁ ମୁଁ କବି, ନାହିଁ ଅଳଙ୍କାରଜ୍ଞାନ,
ନ ଜାଣଇ ଛନ୍ଦବନ୍ଧ ପ୍ରବନ୍ଧ ବିଧାନ ।
ପ୍ରବୀଣ ଚତୁର ନୁହେଁ, ନୁହେଁ ମୁଁ ବିଦ୍ୱାନ,
ଗୋଟିଏ କଳା ହିଁ ହୃଦେ ପାଇ ନାହିଁ ସ୍ଥାନ ।
ଭାବ ଭେଦ ରସ ଭେଦ ଅନେକ ଅପାର,
କବିତାର ଦୋଷଗୁଣ ବିବିଧପ୍ରକାର ।
ସେସବୁରୁ ଜ୍ଞାନ କେ ମୋ ଅଛି ନାହିଁ ଏକ,
ନଥିବେ ମୋଠାରୁ ବଳି ବିଶ୍ୱେ ଅବିବେକ ।
ମଙ୍ଗଳ ଭବନ ରାମ ଅମଙ୍ଗଳହାରୀ,
ଜପୁଛନ୍ତି ତାଙ୍କୁ ଉମା ସଙ୍ଗେ ତ୍ରିପୁରାରି ।
ଉଦାରଚରିତ ମୃଦୁ ଗୁଣର ନିଧାନ,
ଯଶ ତାଙ୍କ ଗାଉଛନ୍ତି ନିଗମ ପୁରାଣ ।
ରାମନାମଶୂନ୍ୟ ହେଲେ ସୁକବି କବିତା,
ଯେତେ ଗୁଣ ଥାଉ ତାହା ନୁହଇ ଶୋଭିତା ।
ଯେତେ ଅଳଙ୍କାର ଦେଲେ ଚନ୍ଦ୍ରମୁଖୀ ନାରୀ,
ବସ୍ତ୍ର ବିନା ପାରଇ କି ହୋଇ ମନୋହାରୀ !
ଗୁଣହୀନ କାବ୍ୟ କରିଥାଉ ମନ୍ଦ କବି,
ଥିଲେ ତହିଁ ରାମନାମ ସୁରମ୍ୟ ସୁଛବି,
ବୁଧଜନମଣ୍ଡଳ ତାକୁ କରନ୍ତି ଆଦର,
ସୁରଭିତ କୁସୁମକୁ ଯଥା ମଧୁକର ।
ନିର୍ଗୁଣ କବିତାରେ ମୋର ରାମଯଶ ଭରି,
ଅବଶ୍ୟ ହେଲେହେଁ ଶୋଭି ହେବ କହ ଠାରି ।
ସେ ଭରସା କରିଅଛି ହୃଦୟେ ପୋଷଣ,
ସୁଗନ୍ଧିକୁ ଲୋକେ ପାଇଥାନ୍ତି ବହୁଜଣ ।
ଚନ୍ଦନର ସଙ୍ଗଗୁଣେ ଦ୍ରୁମ ସୁବାସିତ,
ଦେଖାଯାଏ କରିଥାଏ ଲୋକ ଉଲ୍ଲସିତ ।

ରଚନା ତମାହର ଦେଖାଇଥିଲେହେଁ କୁସୁମ,
ରାମ କଥା ଦେନି ତୋହଲଗାରେ ହୃଦଗତ ।
ଶ୍ରୀରାମଚରିତ ଦେଖାଇ ମନସ୍କୁ ପବନ,
କିମ୍ପା ନ କରିବ ମୋର କାବ୍ୟକୁ ଚନ୍ଦନ ।
ମୂର୍ତ୍ତିମନ୍ତ କରୁ ରାମଚରିତ ଅମୀୟ,
କାଳୀ ଗାଈର ଦୁଗ୍ଧ ଶତ ହେଉ ଲୋକପ୍ରିୟ ।
ମସୀ ଶୋଭେ ତର୍ଜ୍ଜନୀରେ ମାଣିକ୍ୟ ଭୂଷଣର,
ଗଜମୋତି ଶୋଭୁଥାଏ ଗଜ ମସ୍ତକରେ ।
ବଲ୍ମୀକିର ବାସା ବଣେ ପାଇଲେ ଯେ ସ୍ଥାନ,
ଅଧିକ ତାହାଙ୍କ ଶୋଭା ହୁଏ ବର୍ତ୍ତମାନ ।
କବିତା ସେରୂପେ ଜନ୍ମି ସୁକବି ବଦନେ,
ଶୋଭା କରଇ ବରଣିତ ଗୁଣଜ୍ଞ ସୁଜନେ ।
ଶାରଦା ତ ନ ବାଛନ୍ତି ପଣ୍ଡିତ ମୂରୁଖ,
ଭକତର ଭକତିରେ ଲଭୁଥାନ୍ତି ସୁଖ ।
ଭକତି ଦେଖିଲେ ହେଉ ତୁଷ୍ଟିର ପବନ,
ଭକତର ହୃଦୟରେ ସ୍ଥାପନ୍ତି ଆସନ ।
ଶାରଦଙ୍କ ଭୂଷା ପାଇଁ ନାହିଁ ମୋ ସଞ୍ଚତ,
ଯାହା ଅଛି ତାହା ଦେଇ କରୁଛିଁ ଭକତ ।
ପ୍ରାକୃତ ଜନର ଗୁଣଗାନ ଜନିଲ ଲୋକରେ,
ମସ୍ତକ ଧୁଣନ୍ତି ଦେଖ ହୃଦୟର କ୍ଷୋଭେ ।
ହୃଦୟ ସାଗରେ ମଜ୍ଜି ନିମ୍ନ କପଟଳ,
ଉଣ୍ଣିନ ଶାରଦା ଦେଖ ସ୍ୱତ ସ୍ରୋତଜଳ ।
ସୁରସ୍ତୁତ ମେଘ ଯଥା କରଇ ବର୍ଷଣ,
ଜନ୍ମିଲ କବିତା-ମୋତି କହନ୍ତି ସୁଜନ ।
ଶ୍ରୀରାମଚରିତେ ହେଉ ଦେବୀଙ୍କ ତର୍ପଣ,
ଅନ୍ୟେ ନାହିଁ ବୋଲି କହୁଥାନ୍ତି ବୁଧଗଣ ।
କବିତା ମୁକୁତା ସୃଷ୍ଟି ସଦ୍ୟ ରତ୍ନ କରି,
ଗୁନ୍ଥିଲେ ଶ୍ରୀରାମ କଥା ସୂତ୍ର ମଧ୍ୟେ ଭରି,
ସୁଜନେ ପିନ୍ଧନ୍ତି ତାହା ହୃଦୟେ ମୁଦରେ,
ଯେଣିକି ମାଣିକ ମନ ହରି ସ୍ନିଗ୍ଧକରେ ।

# ମହାପ୍ରୟାଣ

( ସମ୍ରାଟ୍ ସପ୍ତମ ଏଡ୍‌ୱାର୍ଡ଼ଙ୍କ ଦେହାନ୍ତ ଉପଲକ୍ଷେ ରଚିତ )

ନିଖିଳ ରାଜରାଜନ୍ୟ, ଧରାତଳ-ଇନ୍ଦ୍ର
ପ୍ରଜାଙ୍କ ପରମବନ୍ଧୁ,
କାହାଁ ଅନ୍ତର ହେଲ ପ୍ରାଣବର
ଧରଣୀର ପ୍ରେମ-ବିନ୍ଦୁ ।
ସୌଦାମିନୀ ମୁଖ ଶୁଷ୍କ ଥାଅ ଦୁଃଖ
ଭୁଞ୍ଜିବାକୁ ଧରଣୀର,
କାହାଁ ଅନାଥ ନାହିଁ ଆଜି ଆଉ
ଦେଖି ତା' ନୟନ-ଘର ।
କାନ୍ଦୁଛି ଭରତ ଉଜାଡ଼ ଆରତ-
ନାଦେ ତୁମ୍ଭ ଅଦର୍ଶନେ,
ଶୁଣିବ କାହାଁକି ହେଉ ନାହିଁ ଦେଖି
ଦୁଃଖ ସୌଦାମିନୀ-ସ୍ୱନେ ।

ବାନ୍ଧବ ସାମନ୍ତ ବାଟରେ କେମନ୍ତ
ତାଡ଼ନ୍ତି ତୁମ୍ଭ ଗୁଣ,
ବାନ୍ଧବବତ୍ସଳ କାହାଁକି ଅଚଳ
ସ୍ୱଭାବ ରହି ତା' ନ ଶୁଣ ।
ସୌଦାମିନୀ ଆସି ଭାରତେ ପ୍ରକାଶି
ଦେଲା ନିଦାରୁଣ ସ୍ୱର,
ଏଡ୍‌ୱାର୍ଡ଼ ବୀର ଛାଡ଼ି ପୃଥିବୀର
ସ୍ୱର୍ଗପୁରେ କଲେ ବାସ ।
ସୌଦାମିନୀ ସଙ୍ଗେ ଭୀଷଣ ପତନ
ବଧିର ଗା' ଥିଲ ଶବ୍ଦ,
ଏତେ କାଳେ ତୁମ୍ଭ ଶାସନବିଧାନେ
ଅବନତେ କଲ ସିଦ୍ଧି ।

ଜୟ ବଜ୍ରନାଦ ଛାଡ଼ିଲ ପ୍ରମାଦ
ହିମାଦ୍ରିରୁ ଲଙ୍କାଯାଏ,
କେବା ତୁମ୍ଭୀରୁତ ତେଜବା ଚମକତ
ହେଲେ ଯେ ଥିଲେ ଯେଠାଏ ।
ନଗରେ ନଗରେ ହାଟରେ ବାଟରେ
ଉଠିଗଲା ହାହାକାର,
ଏମନ୍ତ ମାନବ ଦେଖାଗଲେ ନାହିଁ
ବନ୍ଧୁ ନ ହେଲା ଯା'ର ।
ମର୍ତ୍ତ୍ୟରେ ଏମନ୍ତ ସ୍ଥାନ ନାହିଁ ଯହିଁ
ଶୁଭି ନାହିଁ ସନ୍ତାପିତ,
ଆହା ଏ ଭାରତେ ସ୍ୱଜନଗଣଙ୍କ
ଭରିଥିବ ଶୋକ-ରଡ଼ି ।
କର୍ତ୍ତବ୍ୟସ୍ରୋତସ୍ତ ଯେ ରାଜନନ୍ଦିନୀ
ଆଜ ତା' 'ଶୋଚନପୂର୍ଣ୍ଣ',
ସାମ୍ରାଜ୍ଞୀ-ହୃଦୟ ଶାନ୍ତି ଉଦ୍ଭବ
ହୋଇଯାଇଥିବ ଚୂର୍ଣ୍ଣ ।
ରାଜପୁତ୍ର ରାଜ- କୁମାରୀଏ ଆଜ
ବିକଳେ କ୍ରନ୍ଦନ କରି,
ବନ୍ଧୁ-ହୃଦୟସ୍ତ ଥିବ ଏ ସମୟେ
ପିତାଙ୍କ ବାତ୍ସଲ୍ୟ ସ୍ମୃତି ।
ଭାବିଥିଲୁ ହେଲା ଦୁର୍ଯୋଗେ ବା "ହେଲି"*
ଦୁଷ୍ଟ ଦୁଷ୍ଟ "ଧୂମକେତୁ",
ଆସି ହେଲା ମର୍ତ୍ତ୍ୟ- ମଣ୍ଡଳର ଏହି
ଘୋର ଅମଙ୍ଗଳ-ହେତୁ ।
ଅବା ଆଲୋକିତ କରିବା ନିମିତ୍ତ
ସମ୍ରାଟଙ୍କ ସ୍ୱର୍ଗଯାତ୍ରା,
କେଉଁ ଭୁବନରୁ ଏକ ବେଗରେ
ପେଶିଥିଲେ ସ୍ୱର୍ଗ-ନାହା ।
ଲଣ୍ଡନ ନଗରେ ସୁନ୍ଦର ନଗରେ
ପ୍ରକୃତି ଆଜ ଶ୍ମଶାନ,
ନଦନଦୀ ସର ରଜନୀ ଶରୀର
ହୋଇଯାଉଅଛି କ୍ଷୀଣ ।

ବିଶ୍ୱ ସ୍ୱଧୀମୂକ ବିଧାନ ଚାଳକ
ବସୁର ବିଧାନ ମାନି,
ଅମରାବତୀକୁ ଗଲ ଜଗତକୁ
ଦେଇ ନିଜ ସ୍ୱଜାତିଣ ।
ମର୍ତ୍ତ୍ୟନନ୍ଦନା ଯେତେ କରନ୍ତି ଅଶେଷ
ଜନହିତ କାର୍ଯ୍ୟ କରି,
ଅମର ନଗରେ ରହିବ ଏମନ୍ତେ
ଅମର କୀର୍ତ୍ତି ଧରି ।
ମାତା ତୁମ୍ଭ ଆଜ ଦେବୀ ରୂପ ଯାଜ
ହୃଦେ ହୃଦେ ପ୍ରସ୍ଥାପିତ,
ତାଙ୍କ ଶାନ୍ତିମୟ କୋଳରେ ନିଶ୍ଚୟ
ତୁମ୍ଭେ ହେବ ସୁଶୋଭିତ ।
ହେ ସମ୍ରାଟ-ଜାୟା ! ସରଳହୃଦୟା
ତୁମ୍ଭ କଷ୍ଟ ଭାବି ମନ,
ଦୁଃଖ-ଜଳଧିର ତରଙ୍ଗ ଅଧୀର
ଗଣିଲି ହୁଏ ନିମଗନ ।
ଚିନ୍ତାର ପ୍ରସୂନ କରବା ବର୍ଷଣେ
ତନୁକମ୍ପ ଦେଉଁ ବହି,
ଯା' ସ୍ୱଧୀନେ ସୀତା ଚିର ବେହିତା
ନ ହେବ ତାହାକୁ କିଛ ।
ଯେ ବିଧି ବିଧାନ ପ୍ରତିକୂଳେ ସ୍ଥିର
ମାନବ ନ ପାରେ ଚଳି,
ସେ ଯେତେ କୋମଳ ଯହିଁ ଦେବେ ବଳ
ଦ୍ରବାଇବେ ଧନ୍ୟ ସେ ବଳୀ ।
ତୁମ୍ଭ ଅଶ୍ରୁ ବିନ୍ଦୁ ଭାରତରେ ସିନ୍ଧୁ
ସମାନ ହୋଇଅଛି ବୋଧ,
ତହିଁ ଭାସି ଯାଇ କ ଦୋଷ ଅଶ୍ୱାସି
ଜନନୀ, ଦେବୁଁ ପ୍ରବୋଧ ।
ଜନନୀ ଦର୍ଶନ ଯହିଁ ପଦତଳ
ଜାଣୁ ନାହିଁ ଅହଂକାର,
ଆସୁ ନେତ୍ର-ନୀର ଛୋଟ୍ଟ ଅବନୀର
ଶାନ୍ତି ସାଧି ଶାନ୍ତି ଧର ।

* ହେଲିର ଧୂମକେତୁ ।

# *ଭିକ୍‌ଟୋରିଆ ସ୍ତବ

ଯା’ କୀର୍ତ୍ତି-ଲତିକା-ପ୍ରସୂନ-ସୁରଭି
ସଞ୍ଚାର ଦିଗ୍‌ମଣ୍ଡଳେ,
ଯା’ ମୂର୍ତ୍ତି ଚେତମୋହକାରିଣୀ ସଦା
ଚିତ୍ରିତ ପୃଥ୍ୱୀତଳେ,
ଯା’ କାନ୍ତି ଅକଳଙ୍କ ଚନ୍ଦ୍ର ସଦୃଶୀ
ବିଦ୍ୟାରେ ଯେ ଭାରତୀ,
ହୋଇଥାନ୍ତୁ ଚିରଜୀବୀ ମହୀତଳେ
ଭିକ୍‌ଟୋରିଆ ଶ୍ରୀମତୀ । ୧ ।

ରାଜ୍ୟ ଯାର ବିରାଜଇ ଦିନପତି
ରହିଥିବା ସତତେ,
କାର୍ଯ୍ୟ ଯାର ସହାଯୁକ୍ତ ଜଳନିଧି
ଅଗ୍ନି-ମରୁତ୍ ସଙ୍ଗତେ,
ଲକ୍ଷ୍ମୀ ଯା’ ସଦନେ ମହାନନ୍ଦମନେ
ସ୍ଥିରେ କରନ୍ତି ସ୍ଥିତି,
ହୋଇଥାନ୍ତୁ ଚିରଜୀବୀ ମହୀତଳେ
ଭିକ୍‌ଟୋରିଆ ଶ୍ରୀମତୀ । ୨ ।

ଆଟ୍‌ଲାଣ୍ଟିକ ମହାସମୁଦ୍ର ଭିତରେ
ସୁଶୋଭିତ ସମ୍ଭ୍ରମରେ,
ବ୍ରିଟିଶ ଦ୍ୱୀପ ନାମରେ ଧରଣୀରେ
ସୁଖ୍ୟାତ ଇଂଲଣ୍ଡରେ,
ସ୍ୱସ୍ଥାନ ସୁଖସ୍ଥଳରେ, ଅକାଳ—
ମୃତ୍ୟୁକୁ ନିନ୍ଦେ ନିତି,
ହୋଇଥାନ୍ତୁ ଚିରଜୀବୀ ମହୀତଳେ
ଭିକ୍‌ଟୋରିଆ ଶ୍ରୀମତୀ ।

ଗଙ୍ଗା, ଗୋମତୀ, ସରଯୂ, ସରସ୍ୱତୀ—
ଗୋଦାବରୀ, ନର୍ମଦା,
ପ୍ରଜାହିତାର୍ଥରେ ଉଦ୍‌ଭିତ ପ୍ରବାହିତା
ଯା’ ରାଜ୍ୟରେ ସର୍ବଦା,
ସେବନ୍ତି ନର ଦାନରେ ନିରତରେ
ଯା’ ନାମେ ଗାଇ ଗୀତି,
ହୋଇଥାନ୍ତୁ ଚିରଜୀବୀ ମହୀତଳେ
ଭିକ୍‌ଟୋରିଆ ଶ୍ରୀମତୀ । ୪ ।

ବିଦ୍ୱନ୍ମଣ୍ଡଳପାଳକ ସତତରେ
ଦସ୍ୟୁ-ମୂଳୋତ୍ପାଟିନୀ,
ପୂର୍ଣ୍ଣେନ୍ଦୁ ସମରେ ପ୍ରଜା କୁମୁଦରେ
ଆନନ୍ଦ ଉତ୍ପାଦିନୀ,
ଏତଦ୍ ପ୍ରାର୍ଥନାସ୍ତୁ ଜଗତ୍ପତି ପଦେ—
ସ୍ତୋତ୍ରଯୁକ୍ତ ସ୍ତୁତେ ନିତି,
ହୋଇଥାନ୍ତୁ ଚିରଜୀବୀ ମହୀତଳେ
ଭିକ୍‌ଟୋରିଆ ଶ୍ରୀମତୀ । ୫ ।

---

* ଏହି କବିତାଟି ମହାରାଣୀ ଭିକ୍‌ଟୋରିଆଙ୍କ ଜୁବ୍ଲୀ ଉତ୍ସବରେ ଲିଖିତ ହୋଇଥିଲା; କିନ୍ତୁ ଏହାର ପୂର୍ଣ୍ଣାଂଶ ନ ମିଳିବାରୁ ଲେଖାମୁଦ୍ରଣରୁ ଯେତିକି ସଂଗୃହୀତ ହୋଇପାରିଲା, ଦିଆଗଲା । — ପ୍ରକାଶକ

# ମାରିଚ-ବଧ

( ହିନ୍ଦୀର ଅନୁବାଦ )

ରାବଣ ଆଦେଶେ ମାରୀଚ
  ରାମ କୁଟୀର ପାଶେ,
ମାୟାମୃଗ ବେଶେ ଚରଇ
  ଧୀରେ ଧୀରେ ଉଲ୍ଲାସେ ।
ସ୍ୱର୍ଣ୍ଣମୟ ତାର ଶରୀର
  ତହିଁ ମଣି ଖଚିତ,
ଦରଶନ କରି ଜନକ—
  ସୁତା ହୋଇଲେ ମୋହିତ ।
ବୋଇଲେ ହେ ନାଥ, ମୃଗଟି
  ଅଟେ କେଡ଼େ ସୁନ୍ଦର,
ତାହାର ଅଜିନ ଶଯ୍ୟା
  ହେଉଅଛି ମୋହର ।
କୃପାକରି ମୋତେ ସତ୍ୱର
  ଏହି ମୃଗଟି ମାରି,
ମନୋହର ଚର୍ମ ଉଣ୍ଡିକ
  ଆଣ କୋଦଣ୍ଡଧାରୀ !
ତାହା ଶୁଣି ରଘୁନନ୍ଦନ
  କହିଁ ଲକ୍ଷ୍ମଣ ପ୍ରତି,
ବୋଇଲେ ହେ ବାପୁ, ଥିବଟି
  ରକ୍ଷି ଜାନକୀ ସତୀ !
ମୃଗ ବଧକରି ଯାବତ
  ମୁହିଁ ଆସିବି ନାହିଁ,
ଜାନକୀଙ୍କି ଛାଡ଼ି ତାବତ
  ତୁମ୍ଭେ ନ ଯିବ କାହିଁ !
ଜାନକୀ ପ୍ରତି ଲକ୍ଷ୍ମଣେ
  ରାମ ହୋଇ ବାହାର,
ଯେଉଁ ଦିଗେ ଗଲା ହରିଣ
  ପଛେ ଗଲେ ତାହାର ।
ଥରେ ଦୂରରୁ ଥରେ ନିକଟେ
  ଥରେ ହୋଇ ଅଦୃଶ୍ୟ,
ବନ ମଧ୍ୟେ ରାମଚନ୍ଦ୍ରଙ୍କୁ
  ନେଲା ମୃଗ ସାଦୃଶ୍ୟ !
ବହୁ ଦୂର ବନ ମଧ୍ୟକୁ
  ଯାଇ କୋଦଣ୍ଡଧାରୀ,
ନ ପାରିଲେ ବହୁ ଯତନ
  କରି ମୃଗକୁ ମାରି ।
ଅବଶେଷେ ରୋଷେ ବାହ୍ନିଲେ
  ଏକ ସୁତୀକ୍ଷ୍ଣ ଶର,
ଶର ଫୁଡ଼ି ମାରୀଚ ଜୀବନ
  ଉଡ଼ିଗଲା ମୃଗର ।
ମୃତ୍ୟୁକାଳେ ଉଚ୍ଚେ ଡାକିଲା
  ମୃଗ ହାହା ଲକ୍ଷ୍ମଣ,
ହେଲେ ଚମକିତ ଏ ଶୁଣି
  ଦେଖି ରଘୁନନ୍ଦନ ।*

---

* ଏହିପରି ଅନେକ କବିତା ହିନ୍ଦୀରୁ ଅନୁବାଦ କରି ସେତେବେଳେ ପ୍ରାଥମିକ ସ୍କୁଲରେ ଚଳୁଥିବା ପାଠ୍ୟପୁସ୍ତକମାନଙ୍କରେ କବି ଦେଇଥିଲେ । ନମୁନା ସ୍ୱରୂପ ଏହା ପ୍ରଦତ୍ତ ହେଲା ।

—ପ୍ରକାଶକ

# ଗୋ ବିଳାପ

ଜନ୍ମନ୍ତୁ ପିତାମାତା ଶୋକଗଦ୍‌ଗଦ-ବଚନେ,
ବିକଳହୃଦୟେ ଅଶ୍ରୁପୂରିତ ଲୋଚନେ ।
କି ହିନ୍ଦୁ ମୁସଲମାନ କିବା ଖ୍ରୀଷ୍ଟିଆନ,
ମାନବ ମାତ୍ରକେ ମୋର ଦୃଷ୍ଟିରେ ସମାନ ।
ବ୍ରିଟିଶ ନରେଶ ଆଉ ଭାରତୀୟ ରାଜା,
ଭୂସ୍ୱାମିଗଣ ସହିତ ସେମାନଙ୍କ ପରଜା,
ଭାରତବାସୀ ଅନ୍ୟ ଦେଶବାସୀଗଣ,
ସମସ୍ତଙ୍କଠାରେ ମୋର ଏହି ନିବେଦନ ।
ସମସ୍ତେ ସର୍ବଦା ମୋତେ ଚିହ୍ନିଛ ସର୍ବଥା,
ଶିଖାଇ କହିବାକୁ ମୋର ନାହିଁ ଆଉ କଥା ।
ଯାହା ଯାହା ମୋଠାରୁ ପାଅ ଉପକାର,
ସେସବୁ ବର୍ଣ୍ଣିବା ମଧ୍ୟ ନାହିଁ ଦରକାର ।
ଜାଣୁଛ ତ ଦୁଇ ବେଳ ଦୁହିଁ ମୋର ଦୁଧ,
ପିଅ କର ଛେନା କର ଖାଇ ତୃପ୍ତ ବୋଧ ।
ତହିଁରେ ବଢ଼ାଅ ନିଜ ଶାରୀରିକ ବଳ,
ବାହୁବଳୁ କର ଭୂମି ଚଷିବାରେ ମନ ।
ଏକା ଭୂମି ଚଷିକର ନାହିଁ ତା ନିସ୍ତାର,
ଘାଣ୍ଟିହୁଅ ଗାଡ଼ିଟଣା କାର୍ଯ୍ୟ ହିଁ ତାହାର ।
ଲଦାଲଦି ଦ୍ରବ୍ୟ ନେଇ ବୁଲାଇ ବୁଲାଇ,
ବାଳମଣ୍ଡୁ ପଥେ ପିଲ୍‌ଗଥରେ ଚଳାଇ ।
ବାଣିଜ୍ୟ ବ୍ୟାପାର କରି ଅର୍ଜ୍ଜି ଅନ୍ନ ଧନ,
ବନାଉଛ ଉଚ୍ଚ ଉଚ୍ଚ ଚିକ୍କଣ ଭବନ ।
ସେତେବେଳେ ବତ୍ସ ମୋର ନଦବାଳିଗାଡ଼ି
ଟାଣୁଥାଏ, ପୃଷ୍ଠେ ତାର ବର୍ଷୁଥାଏ ବାଡ଼ି ।
ତୁମ୍ଭ ଧନରାଶି ଲୁଟି ସେ ଦ୍ୱାରି-ଦାସ,
ଦୁରକରେ ନିଜେ କରି ଶୁଷ୍କ-ତୃଣ ଗ୍ରାସ ।
ସେ ତୃଣକୁ ସେ ଗୋବର ତୁଳିକ ବାହାର,
ଶୁଖାଇ ତା ଜାଳରୂପେ କର ବ୍ୟବହାର ।
ଜଳକରି ଅବଶେଷେ ହୁଏ ଯାହା ଛାର,
ଖତରୂପେ କ୍ଷେତେ ପଡ଼ି କରେ ଉପକାର ।
ମୋହର ଶରୀର ଯାଇ ପଡ଼େ ଯେଉଁ ସ୍ଥଳ
ତହୁଁ ଦିଶେ ସେଣ୍ଟି ସ୍ଥାନ ଉର୍ବ୍ବରା ଏ ଫଳ ।
ଶିଶୁରି ମାନବଗଣ, ମୋହର ସନ୍ତତି
କେତେ ପରକାରେ ତୁମ୍ଭ ହିତ କରୁଛନ୍ତି ।
ଦେଖ ସର୍ବପରକାରେ ମୋହର କୁମର,
ପୋଷିଛି ଅଚିନ୍ତ୍ୟ ତୁମ୍ଭ ଦେହ ଜୀବନର ।
କରୁ ନାହିଁ ବାବା, ଏହା ମୁଁ ନିଜ ବଡ଼ାଇ,
ଉପହାସେ ମୋ କଥାକୁ ନ ଦିଅ ଉଡ଼ାଇ ।
ଅବଶ୍ୟ ନିଜର ଚରିଂସା ନୁହେ ଭଲ,
କିନ୍ତୁ ଭଲ ଥିଲେ ପର ଉପକାର ଛଳ ।
ଏଣୁ ସୁତଗଣ, ତୁମ୍ଭ ମଙ୍ଗଳ ବିଚାରି,
ବୁଝାଇ କହୁଛି ଏଜା ଏ କଥା ଉଚ୍ଚାରି ।
ମାତୃଗର୍ଭୁଁ ହେଲାମାତେ ଭୂମିରେ ପତନ,
ଆଦ୍ୟେ ମୋର କ୍ଷୀର ପିଇ ରଖୁଛ ଜୀବନ ।
ପୁଷ୍ଟ ହୁଅ ପୁଣି କରି ମୋର କ୍ଷୀରପାନ,
ଅତଏବ ମୁଁ ଏଣୁ ତୁମ୍ଭ ମାତାର ସମାନ ।
ତେଣୁ ହିନ୍ଦୁ ସ୍ୱାଭାବିକ ପୁତ୍ରସ୍ନେହ ବନ୍ଧି,
ରହି ନ ପାରିଲ ହିତବଚନ ନ କହି ।
ପୁତ୍ରସ୍ନେହବଶେ ପୂର୍ଣ୍ଣ ପଶୁର ହୃଦୟ,
ନ ହେବ କି ତୁମ୍ଭ ମାତୃସ୍ନେହର ଉଦୟ ।
ଆଶା ଅଛି ସ୍ୱଚ୍ଛ ନର-ହୃଦୟ-ଦର୍ପଣ,
ମୋ ଦୁଃଖର ପ୍ରତିବିମ୍ବ କରିବ ଗ୍ରହଣ ।
ଶୁଣିବ ପ୍ରାର୍ଥନା ମୋର ହୋଇ ଅବହିତ,
ଦ୍ରବିଛିବ ତହିଁ ଯାହା କରିବା ଉଚିତ ।
ଭାରତବର୍ଷେ ହେଲା ଦୁର୍ଭିକ୍ଷର ବାସ,
ମହାମାରୀ ବସନ୍ତିକା କଲେ ସର୍ବଗ୍ରାସ ।
ଜ୍ୱରର ପ୍ରଭାବ ମଧ୍ୟ ଉଣା ନୁହେ କିଛି,
ଧାତୁଗତ ରୋଗ ପ୍ରତି ଗ୍ରାମରେ ବ୍ୟାପିଛି ।
ଦିଅ ମୂଲ ପୁଞ୍ଜିଲା ଯା ନିତ୍ୟ ବ୍ୟବହାର,
ଦଶ ବାର ଗୁଣ ମୂଲ୍ୟ ବଢ଼ିଛି ତାହାର ।
ତଥାପି କିଣିଲେ ଦ୍ରବ୍ୟ ମିଳୁ ନାହିଁ ଭଲ,
ଦୁଗ୍ଧରେ ମିଶିଛି ଅର୍ଦ୍ଧେ ପୋଖରୀର ଜଳ

ବଳଦର ମୂଲ୍ୟ ବଢ଼ିଅଛି ସେହିପରି,
ତା ଅଭାବେ ଚଷା ଚଷ ନ ପାରଇ କରି ।
ମହରମ ପରବ ବାକ୍ରୀଦ ଇତ୍ୟାଦି,
ହିନ୍ଦୁ ପଠାଣଙ୍କ ମଧ୍ୟେ ବିଦ୍ୱେଷ ସଞ୍ଜାତ ।
ଏସବୁର ହେତୁ କହିପାରେ ଗୋପନ,
ମୁଁ କହେଁ କେବଳ ତେଣୁ ଗୋଧନ ନିଧନ ।
ବାବୁମାନେ ପଢ଼ିଅଛି ବହୁତ କିତାବ,
କହିପାରି ସମୁଦ୍ରର ତରଙ୍ଗ ହିସାବ ।
ଭାରତବର୍ଷରେ କେତେ ଗୋରୁର ମରଣ
ହେଉଅଛି, କଥାଇଁ ତା ନ କର ଗଣନ ।
ଖାଦ୍ୟଦ୍ରବ୍ୟଠାରୁ ମୋର ଚର୍ମ ଯେତେ ପୁଣି
ଦେଶାନ୍ତର ନେଉଛନ୍ତି, ବିଦେଶୀ ବଣିଜି ।
ତଣ୍ଡି ଦେଶ ପ୍ରତିଦିନ ସବୁରି ହଜାର,
ଭାରତରେ ହେଉଅଛି ଗୋରୁର ସଂହାର ।
ସହସ୍ର ସହସ୍ର ଗୋରୁ ନ ପାଇ ଚରନ,
ଏଣେ ତେଣେ କରୁଛନ୍ତି ପ୍ରାଣ ବିସର୍ଜନ ।
ଭୂରଣଭୂମିର ବନା ହଜାର ହଜାର,
ନିତି ଚଳି ଯାଉଛନ୍ତି ଶମନ ବଜାର ।
ରୋଗ ଉପଦ୍ରବେ ପୁଣି ହଜାର ହଜାର,
ଅଣ୍ଡା ନେଉଛନ୍ତି ଯାଇ ସେ ଯମରାଜାର ।
ଚର୍ମବ୍ୟବସାୟୀ ମାଂସବ୍ୟବସାୟୀଗଣ,
ହଜାର ହଜାର ଗୋରୁ କରନ୍ତି ହନନ ।
ଜାଣୁଛ ତ ପଠାଣଙ୍କ କୁର୍ବାଣିର ହାଲ,
ସହସ୍ର ସହସ୍ର ଗୋରୁ ତହିଁରେ ହଲାଲ ।
ମ୍ଲେଚ୍ଛ ଲୋକମାନେ ଏଣେ କରି ଗୋଦୋହନ,
ଗୋଷ୍ଠି ନେଇଯାଉଛନ୍ତି ବାଛୁରି-ଜୀବନ ।
ପେଟ ଜଳିବାରେ ତହିଁ ହଜାର ହଜାର,
ବୁଭୁକ୍ଷାର କରନ୍ତି ନଷ୍ଟ ଯାଇ ଯମଦ୍ୱାର ।
ଏମନ୍ତ ଗୋରୁଙ୍କର ହେଲେ ଅସ୍ଥିର,
ଜ୍ଞାନନେତା ଦେଶୀ ଦେପିଥାଇ କ୍ଷୀର ଧୀର !
ତହିଁ ଗୋରୁ ରକ୍ଷିବାକୁ ଲୋକ ଦରକାର,
ତେଣୁ ବହୁ ଦୂର ଦେଖି ସମ ସରକାର,
ଭାରତବାସୀଙ୍କୁ ନେଇଥିବା ପରି ହତ,
ସେପ୍ରା ଉଲ୍ଲଙ୍ଘା ରୂପେ ଅଛନ୍ତି କି ସେ !

ଦିନୁ ଦିନ ବଢ଼ୁଅଛି ମାନବର ବଂଶ,
କିନ୍ତୁ ଗୋରୁ ବଂଶ କାହିଁ ହେଉଅଛି ଧ୍ୱଂସ ?
ମାନବ ସ୍ୱାସ୍ଥ୍ୟ ଦୁଧ ଧନ ଦରକାର,
କେତେକ ରୂପ ଦୁଗ୍ଧ ରେଳା କେତେକ
କାରବାର ।
ବିବାହ ହେଉଲେହେଁ କେତେ ନାରୀ ମି
ସୁଚିହ୍ନା,
କେତେ ବା ବିଧବା କେତେ ବନ୍ଧ୍ୟାତ୍ୱ
ଅଧୀନା ।
କୃତ୍ରିମ ଉପାୟେ କେତେ ହୁଏ ଗର୍ଭପାତ,
କିଏ ଖାଇ କେତେ ପୁତ୍ର ନ କରନ୍ତି ଜାତ !
ମୋ କଥାରେ ସେସବୁର ନାହିଁ ପ୍ରୟୋଜନ,
ତେବେ କହ ମୋର ବଂଶ ହ୍ରାସର କାରଣ
ତହିଁର କାରଣ ଏକା ମୋହର ବିନାଶ,
ବୁଝି ବାବା, ମୋ ରକ୍ଷଣେ ନ ହୁଅ ଉଦାସ ।
ଦିନୁ ଦିନ ଭାରତରେ ବଢ଼ୁଅଛି କଳ,
ତହିଁ ପାଇଥାଉ ଅନ୍ନ ବସନ ସକଳ ।
କିନ୍ତୁ କେବେ ମନେ ଏହା ନ କରିବ ବୁଧ,
କଳରୁ କୌଣସି କାଳେ ପାଇବ ମୋ ଦୁଧ ।
ମୋ ବିନା ମୋ ଘିଅ ବିନା ତୁମ୍ଭର ବଳ ହାନି,
ପ୍ରଥମେ ସେସବୁ କଥା ଯାଉଅଛି ଜାଣି ।
ପର ଉପକାରେ ହୁଏ ନିଜ ଉପକାର,
ଏହା କହିଛନ୍ତି ବଡ଼ ବଡ଼ ଗ୍ରନ୍ଥକାର ।
ଏଣୁ ନିଜ ହିତ ସଙ୍ଗେ ତୁମ୍ଭ ହିତ ପାଇଁ,
କହିବି ଏପରେ କଥା କେତେକ ବୁଝାଇ ।
ଭାରତସମ୍ରାଟ ତଥା ତାଙ୍କ ପ୍ରତିନିଧି,
ଅନ୍ୟ ରାଜକର୍ମଚାରୀ ସମସ୍ତଙ୍କ ସଧି ।
ଦେଖି ତାଙ୍କୁ ଦିଏଁ ଶତ ଶତ ଧନ୍ୟବାଦ,
ଯେହେତୁ ସେମାନେ ନେଉଛନ୍ତି ମୋ
ସମ୍ବାଦ ।
ପଶୁଗଣ ପ୍ରତି ହୋଇଅଛନ୍ତି ସଦୟ,
ସ୍ଥାନେ ସ୍ଥାନେ ହୋଇ ପଶୁ-ଚିକିତ୍ସା-ଆଳୟ ।
ପଶୁ ପ୍ରତି ନିଷ୍ଠୁରତା ନିବାରଣ ପାଇଁ,
ଚଳାଉଅଛନ୍ତି କେତେ ଆଇନ ବନାଇ ।

ତହିଁରେ ହେଉଛି ମୋର ବହୁ ଉପକାର,
ଏଣୁ ତାଙ୍କ ଶୁଭ ବାଞ୍ଛା କରେ ବାରମ୍ବାର ।
ଦୁଃଖୀର ଦୁଃଖକୁ ଦେଖି ଦୟା ଯେ କରଇ,
ଦୁଃଖୀ ତାହାଠାରେ ଦୁଃଖ କହି ଭରସଇ ।
ଯହିଁ ହୋଇପାରେ ମୋର ରକ୍ଷାର ବିଧାନ,
ତହିଁପାଇଁ ଲୋଡ଼ୁଅଛି ରାଜ-ଅବଧାନ ।
ହେ ରାଜେନ୍ଦ୍ର-ଚୂଡ଼ାମଣି ଭାରତସମ୍ରାଟ,
ଆହେ ହିନ୍ଦୁହୃଦନନ୍ଦ ବାବା ବଡ଼ଲାଟ ।
ହେ ରାଜପ୍ରତିନିଧି ଭାରତ-ଭୂଷଣ,
ଦୟାକରି ଦୂର କର ମୋହର କଷଣ ।
ମୋ ଚର୍ମରେ ଲୋକମାନେ ଅର୍ଜିଲେ ଧନ,
ଏଣୁ ମୋତେ କରୁଛନ୍ତି ଅକାଳେ ନିଧନ ।
ଚର୍ମ ବ୍ୟବସାୟ ଯଦି ନ କରିବ ବନ୍ଦ,
ତାହାହେଲେ ଭାରତ ଦଶା ହୋଇବଟି ମନ୍ଦ ।
ଇଚ୍ଛାକଲେ କରିପାର ସକଳ ବିଧାନ,
ମୋ ରକ୍ଷାକୁ ନ କରିବ କି ଦୃଢ଼ବିଧାନ ?
ଗ୍ରାମେ ଗ୍ରାମେ ଛାଡ଼ିଦିଅ ମୋ ଚରିବା ସ୍ଥାନ,
ତା ନ ହେଲେ କହନ୍ତ ମୁଁ ରଖିପାରେ ପ୍ରାଣ ?
ମୋ ବିନା କି ଗୃହୀଲୋକ କରିପାରେ ଗ୍ରାସ
ପ୍ରଶସ୍ତହୃଦୟେ ତୁମ୍ଭ ହେଉଛି ବିଶ୍ୱାସ ?
କୃଷି ବିନା କୃଷୀମାନେ କାହୁଁ ଦେବେ କର,
କେମନ୍ତେ ଚଳିବ ଅବା ସାମ୍ରାଜ୍ୟ ତୁମ୍ଭର ?
ମୋ ଉପରେ ପ୍ରଜାଙ୍କର ରହିଛି ଜୀବନ,
ପ୍ରଜାମାନଙ୍କର ମୁହିଁ ଏକା ମୂଳଧନ ।
ଅବଶ୍ୟ ସମୟେ ହେବ ଗୋଷ୍ଠର ମରଣ,
ସେକାଳେ ତ ଚର୍ମ୍ମ ପାଇଁକି ଅଛି ବାରଣ ?
ସେ ଚର୍ମ୍ମରୁ ଲୋକେ ଲଭ କରିବେ ତ ଧନ,
ତହୁଁ ଅଂଶ ନେଇ କର ଗୋ-ହିତସାଧନ ।
ସ୍ଥାନେ ସ୍ଥାନେ କରିଦିଅ ଗୋଶାଳା ସ୍ଥାପନ,
କରିବେ ଅକ୍ଷମ ଗାଈ ଜୀବନ ଯାପନ ।
ରଜା ଜମିଦାରମାନେ ଦେଖି ସେ ଆଦେଶ,
ଗୋ-ହିତ କରନ୍ତୁ କରି ଉପାୟ ବିଶେଷ ।
ତହୁଁ ମୋ ବିନାଶ ହେବ ସବୁଠେ ରହିତ,
ନ ଥିବ ବିବାଦ ହିନ୍ଦୁ ପଠାଣ ସହିତ ।
ବିସ୍ତାରିତ ହେବ ଶାନ୍ତି-ଚନ୍ଦ୍ରର କିରଣ,
ଆନନ୍ଦେ ରହିବେ ତୁମ୍ଭ ଭକ୍ତ ପ୍ରଜାଗଣ ।
ହେ ବାବା ମୁସଲମାନ, ଶୁଣ ମୋର ବାଣୀ,
ମୋ ବିନା କି ନ ଚଳବ ତୁମ୍ଭର କୁର୍ବାଣି ?
ଏକା ମୋତେ ମାରିବାକୁ ତୁମ୍ଭ ଅଲ୍‌କୋରାନ,
କହି ନାହିଁ, କରିଥାଅ ତୁମ୍ଭେ ପଶୁ ଆନ ।
ଜୀବହତ୍ୟା ବିନା ଯଦି କୁର୍ବାଣି ଅଚଳ,
ଧରାରେ ଅଛନ୍ତି କେତେ ମେଣ୍ଢା ଛେଳିପଲ ।
କହୁଅଛି କୁର୍ବାଣିର ଅସଲ କଥାଏ,
ଶୁଣି ଥରେ ଶାସ୍ତ୍ରେ ଯଦି ସୁବିଶ୍ୱାସ ଥାଏ ।
ହଜରତ୍, ଇବ୍ରାହିମ୍, ଖାଲିଲୁଲ୍ଲା ଥରେ
କୁର୍ବାଣି ଆରମ୍ଭ କଲେ ଈଶ୍ୱରଆଦେଶରେ ।
ସ୍ୱପ୍ନାଦେଶେ ଜ୍ୟେଷ୍ଠ ପୁତ୍ରକୁ ହାଣିଲେ,
ତାହାଙ୍କ ସେ ଭାବସବୁ ଈଶ୍ୱର ଜାଣିଲେ ।
ମାୟାବଳେ ରଖି ତାଙ୍କ ପୁତ୍ରକୁ ଅନ୍ତରେ,
ମେଣ୍ଢାଟିଏ ରଖିଦେଲେ କୁମର ସ୍ଥାନରେ ।
ଚକ୍ଷୁ ଫେଡ଼ି ଦେଖିବାରେ ଜଗନ୍ତି କୁମର,
ଖଣ୍ଡା ଚୋଟ ପଡ଼ିଅଛି ମେଣ୍ଢାର ଉପରେ ।
ଜଣାଗଲା ଭକ୍ତର ସ୍ୱାର୍ଥ ବିସର୍ଜନ,
ତହିଁ ସଙ୍ଗେ ଈଶ୍ୱରଙ୍କ ଦୟା ନିଦର୍ଶନ ।
ଈଶ୍ୱର ଦେଖନ୍ତି ପ୍ରେମଭକ୍ତି ହିଁ କେବଳ,
ମୋର ମାଂସେ ନାହିଁ ତାଙ୍କ ତୋଷ,
ତୁମ୍ଭ ଫଳ ।
ମୋର ମାଂସ ନର ପଥ୍ୟ ଭାବେଁ ସ୍ୱାସ୍ଥ୍ୟକର,
ଅଟଇ କେବଳ ମହାବ୍ୟାଧିର ଆକର ।
ମେଣ୍ଢାମାଂସ ଛାଗମାଂସ ଅଟଇ ସୁସ୍ୱାଦ,
ତାହା ଖାଇବାରେ ନାହିଁ କାହାରି ବିବାଦ ।
ମନର ତୃପତି ତହିଁ ସ୍ୱାସ୍ଥ୍ୟର ବର୍ଦ୍ଧନ,
ତା ହେଲେ ମୋ ମାଂସ କରିପାର ବିବର୍ଜ୍ଜନ ।
ମର୍କଟର ମାଂସ ତୁମ୍ଭେ ନ ଖାଅ ଯେପରି,
ମୋ ମାଂସକୁ ତ୍ୟଜିପାର ଘୃଣାରେ ସେପରି ।
ଅନେକ ହଲାଲ ଜନ୍ତୁ ଅଛନ୍ତି ଜଗତେ,
ଖାଦ୍ୟ ହୁଏ ସେସବୁର ମାଂସ ତୁମ୍ଭ ମତେ ।

ଦେଶବନ୍ଧୁର ପରି ମୋତେ ଛାଡ଼ି ଦେଇପାର,
ଛାଡ଼ିଦେଲେ ହେବ ତୁମ୍ଭ ବହୁ ଉପକାର ।
ଭୁଖି ଛଅ କଣ ତୁମ୍ଭେ ହେବ ମାଂସ ଖାଇ,
ଦାନବରେ ସେ ଆହାର ମିଳିବ ଧ୍ୱଂସ ପାଇ ।
କିନ୍ତୁ ଏହି ପ୍ରାଣରେ ମୁଁ ରକ୍ଷିବ ଜୀବିତ,
ଶତ ଶତ ଲୋକ କରିପାରିବ ପୋଷିତ ।
ଅନେକ ଅଛନ୍ତି ଦୂର-ଦେଶେ ତୁମ୍ଭ ଜାତି,
ଜୀବିକା କେବଳ ମାତ୍ର ଭୃତି କରିଥାନ୍ତି ।
ବଳଦ ଶୁଣିଛି ତାଙ୍କୁ ମୋ ବିନାଶ ବିନା,
ନ ହେଲେ ଭୃତିରେ ତାଙ୍କ କଷ୍ଟ ହେବ କି ନା?
ଆଜୀବନ କରିବି ମୁଁ ସଦା ତୁମ୍ଭ ହିତ,
ମୋ ଉଦରେ ସ୍ନେହ ତୁମ୍ଭ ରହିବା ବିହିତ ।
ତୃଣ ଭୂମି ଦେଇ ମୋତେ ସନ୍ତୁଷ୍ଟ ହେଲେ ତେବେ,
ସେହିରୂପେ ବିରତ ହୁଅ ମୋ ମାଂସଭୋଜନେ ।
ସ୍ନେହ ରଖ ହିନ୍ଦୁ ଠାରେ ଭଲ ମନେକରି,
ନ ହୁଅ ମୋ ପାଇଁ ତାଙ୍କ ସଙ୍ଗେ ଦ୍ୱେଷମତି ।
ଭାରତବାସୀ କି ହିନ୍ଦୁ କି ମୁସଲମାନ,
ସମସ୍ତେ ଅଛନ୍ତି ଏକ ମାତାର ସନ୍ତାନ ।
ଛାଡ଼ିଦିଅ ବାବା, ମୋର ଧର୍ମ ବ୍ୟବସାୟ,
ଜଗତେ ଦିଶନ୍ତି ଆଉ ଅନେକ ଉପାୟ ।
ସମସ୍ତେ ମଣିବେ ତୋତେ ନେଇ ତାଙ୍କ ଧର୍ମ,
ବାଣିଜ୍ୟ ବ୍ୟାପାରୁ କଲେ ନ ହେବ ଅଧର୍ମ ।
ଆଜୀବନ କରିବି ମୁଁ ନାନା ଉପକାର,
ନ କର ନ କରାଅ ମୋ ଜୀବନ ସଂହାର ।
ଦେଉଅଛି ତୁମ୍ଭ ହାତ ମୋ ଜୀବନ ନାଶେ,
ଜଣାଉଛି ଏଣୁ ଦୀନଭାବେ ତୁମ୍ଭ ପାଶେ ।
ପକ୍ଷୀର ବିକଳ ଦେଖି ଶାବକତତିନ,
ଧାଇଁଲେ ଦସ୍ୟୁବେଶେ ଦୂରେ ଏକମନ ।
ସେ କଥା ତୁମ୍ଭର ଆଗେ କହୁଛି ବ୍ୟକତ,
ତାଙ୍କ ବଂଶେ ଜନ୍ମ ଦସ୍ୟୁ ନ କର ଶଙ୍କିତ ।
ମୃତପ୍ରାୟ ପାଇଥିଲେ ଶାବକତତିନ,
ମୃଗଶିଶୁଟିଏ ଥିଲା ମାତାଠାରୁ ଭିନ୍ନ ।
ସେ ମୃଗଶିଶୁକୁ ଧରି ଆଣୁଥିଲେ ଘେରି,
ପଛେ ଗୋଡ଼ାଇଲା ପାଇ ତା ମାତା ଖବର ।

ଶାବକଙ୍କୁ ଗଳଦଶ୍ରୁନେତ୍ରେ ବାରମ୍ବାର,
ବହୁଁଥାଏ ଉଷ୍ମ କଣ ହୃଦରୁ ବାହାର ।
ମୃଗୀ ପୁତ୍ରସ୍ନେହ ଦେଖି ଶାବକ ସଦୟେ,
ମୃଗଶିଶୁଟିକୁ ଛାଡ଼ିଦେଲେ ସେ ସମସ୍ତେ ।
ମୃଗଶିଶୁ ଡେଇଁ ଡେଇଁ ଚଳାଇ ସତ୍ୱରେ,
ଜନନୀର ସ୍ତନ୍ୟ ପାନ କଲା ଆନନ୍ଦରେ ।
ଏ କି କଥା ! ସେ ମୃଗୀର ଅଶ୍ରୁ ନୟନର,
ଅବିଶ୍ରାନ୍ତ ନେତ୍ରଯୁଗୁଁ ଗଡ଼ୁଥାଏ ଝର ।
ଲେଉଟି ଲେଉଟି ଶୁଙ୍ଘି ଶୁଙ୍ଘି ଲେଉଟିଲା,
ସେ ବନ୍ଧୁଙ୍କୁ କୃତଜ୍ଞତା-ଚକ୍ଷୁ ଦେଖାଇଲା ।
ଏମନେ ଶାବକ ସ୍ନେହ ଦେଖିଲେ ସ୍ୱଜନ,
ତୋଷେ ବରଦେଲେ ତାଙ୍କୁ ଶ୍ରୀନାରାୟଣ—
"ଶାବକ ତୁ ଦେଖାଇଲୁ ଦୟାନିଦର୍ଶନ,
ସେ ପାଳେ ନଭକୁ ଦେବେ
ଧର୍ମୀ ସିଂହାସନ !"
କିନ୍ତୁ ଧନ ଉଦରେ ଦେଖି ଶାବକତତିନ,
ଧର୍ମୀ ରାଜସିଂହାସନେ ହେଲେ ସମାସୀନ ।
କେମନ୍ତେ ଦସ୍ୟୁଙ୍କୁ ଥିଲେ ଦେଖ ତୁମ୍ଭ ବଂଶେ,
ତୁମ୍ଭ ଦୟା ନ ହେବ କି ମୋତେ କିଛି
ଅଂଶେ ?
ଅହେ ଆର୍ଯ୍ୟବଂଶଧର ହିନ୍ଦୁ ସୁଧୀଗଣ,
କର ତୁମ୍ଭ ପୂର୍ବବଂଶ-ଆଚାର ସ୍ମରଣ ।
ମୋଠାରେ କିପରି ଭକ୍ତି ଥିଲା ତାହାଙ୍କର,
କି ଫଳ ସେ ପାଇଛନ୍ତି ପ୍ରସାଦେ ମୋହର ।
ପ୍ରତ୍ୟେ ବ୍ରହ୍ମା ଗଲେ ବିଷ୍ଣୁ ମୁଖେ ଭୃଗୁ ସ୍ଥିତ,
ଆର୍ଯ୍ୟଋଷି ମୁଖେ ଏହା ହୁଅଇ କଥିତ ।
ଦେବତାଏ କରୁଥିଲେ ସୁରଭି ପାଳନ,
ବଶିଷ୍ଠଙ୍କ ଧେନୁ କଥା କରିଛ ଶ୍ରବଣ ।
ଦିଲୀପ ନରେଶ ସେବା କରି ନନ୍ଦିନୀର,
ପାଇଲେ କୁଳଚୂଡ଼ାମଣି ରଘୁ ମହାବୀର ।
ବାଘଦନ୍ତୁ ନନ୍ଦିନୀକୁ କରିବାରୁ ତ୍ରାଣ,
ସେ ଦିଲୀପ ଦେଇଥିଲେ କେଶରୀକୁ ପ୍ରାଣ ।
ନିଜେ କୃଷ୍ଣଚନ୍ଦ୍ର କରୁଥିଲେ ଗୋପାଳନ,
ତାଙ୍କଠାରୁ ବଡ଼ ତୁମ୍ଭେ ହେଲ କେଉଁ ଜନ ?

"ଗ୍ରାମେଷ୍ୱସ୍ମା ଗୋଷ୍ଠଭୂସ୍ୱେ
ଭୂମିସ୍ତଜ୍ଞ ବଳେନ ବା
ବିକୃଷ୍ଟୁ ଚୈକ୍ଷ୍ୟଃସ୍ପୃଷ୍ଟାଣି
ହସ୍ୱତଃ ସର୍ବଦାହ୍ରତେରତ୍,
ଧନ୍ଲୁଂ ଶତଂ ସତ୍ୱଗ୍ରାହେତ୍ ।
ଗ୍ରାମେ କ୍ଷେତ୍ରାନ୍ତରଂ ଭବେତ୍
ଦେଶତେ ଜବେଟସ୍ୟ ସ୍ଥାନ୍-
ନଗରସ୍ୟ ଚତୁଃଶତମ୍ ।"

ଏହି ଅର୍ଥଶାସ୍ତ୍ର ମତେ ରଖ ଦେହ ସତେ,
ସପତନେ କର ଦୃଷ୍ଟି କାର୍ଯ୍ୟ ଦକ୍ଷିଣ ।
ଆଜ ତୁମ୍ଭେ ମୋତେ ତୁଚ୍ଛ କରୁଅଛ ହେଳା,
ନ ଜାଣି ବିପଦ-ଜଳେ ବୁଡ଼ିଯିବ ଭେଳା ।
ଗୋ ଚରିବା ଭୂମିସବୁ ନେଉଅଛ ଚେରି,
ଚିହ୍ନିବ ରହିବ ଗାଲେ ହାତ ଦେଇ ବସି ।
ନବ୍ୟସଭ୍ୟ ବାବୁମାନଙ୍କର ବ୍ୟବହାର,
ଦେଖି ଦେଖି ମୁଁ ଅଛି ଅତି ଚମତ୍କାର ।
ତାଙ୍କଠାରେ ରତ୍ତେ ନାହିଁ ମୋହର ସମ୍ମାନ,
ମୋତେ କରୁଛନ୍ତି ଅନ୍ୟ ପଶୁର ସମାନ ।
କୁକୁରକୁ କୋଳେ ଧରି ଦିଅନ୍ତି ଚୁମ୍ବନ,
କଂସାଇକୁ ଦିଅନ୍ତି ମୋ ବାଛୁରୀ-ଜୀବନ ।
ବଳ ଥିବାଯାଏ ମୋତେ ରଖିଥାନ୍ତି ଘରେ,
ବିକନ୍ତି କଂସାଇ ହାତେ ବୁଢ଼ ବୟସରେ ।
କଂସାଇ ମୋ ମାଂସ ବିକେ ମୋ ଜୀବନ
ଗଲେ,
ଜୀବ ଥାଉଁ ତାଙ୍କୁ ମୋ ତୁମ୍ଭେ ବିକ ବଳେ ।
ନ ହେଲ କି ତୁମ୍ଭେ ମାଂସହାରୀରୁ ଅଧିକ ?
ଧିକ ହିନ୍ଦୁ, କୁଳାଙ୍ଗାର ପ୍ରାଣ ତୁମ୍ଭ ଧିକ ।
ଶତଦିନ କଲ ମୋର ସ୍ୱାଦୁ କ୍ଷୀର ପାନ,
ଅନ୍ତିମରେ ଶେଷେ କଲ କଂସାଇକୁ ଦାନ ।
ଶିଖିଲ ଇଂରେଜଠାରୁ ସବୁ ସଭ୍ୟନୀତି,
ଅଭ୍ୟାସିଲ ଇଂଲଣ୍ଡୀୟ କୃଷିଙ୍କର ରୀତି ।
ଇଂରେଜମାନେ ମୋତେ କେମନ୍ତ ଯତନ
କରନ୍ତି, ତହିଁରେ କିମ୍ପା ନ ପଡ଼େ ନୟନ ?

ଇଂରେଜ ରଖନ୍ତି ମୋତେ ପରିଷ୍କୃତ ଘରେ,
ମଳମୂତ୍ର ଦୂରେ ନେଇ ଫୋପାନ୍ତି ସତ୍ୱରେ ।
ଦିଅନ୍ତି ଉତ୍ତମ ଖାଦ୍ୟ ପରିଷ୍କୃତ ଜଳ,
ଦେଖି ବୁଝିଥାନ୍ତି ମୋର ଜୀବନସମ୍ବଳ ।
ଇଉରୋପ, ଆମେରିକା ମହାଦେଶେ ତଥା,
କରୁଛନ୍ତି ସମାଦର ମୋ ତୁଚ୍ଛ ସର୍ବଥା ।
ସେଠା ଗୋରୁଙ୍କର ଦୁଗ୍ଧ ବଳକାରୀ ଅଟେ,
ଶୁଣି ଚମତ୍କାରେ ତୁମ୍ଭ ଘୂରିଯିବ ମଥା ।
ଭାରତର ଗୋଟେ ଗୋଟେ ହସ୍ତୀର ସଦୃଶ,
ସାର୍ଯ୍ୟ ସମସ୍ତେ ହେବେ ବଳଦର ବୃଷ ।
ତୁମ୍ଭେ ମୋତେ ରଖ ଅତି ଖାଲଢ଼ିପ ଘରେ,
ବନ୍ଧା ହୋଇ ଶୁଏଁ ମଳମୂତ୍ରର ଉପରେ ।
ବୁଲି ବୁଲି ଚରେ ତୃଣ ନ ପୁଏ ଉଦର,
ବରଷାକାଳର କଷ୍ଟ କେ ଦେଖେ ମୋହର ।
ଶର୍ଦ୍ଧି ଦେଖ ତଷାମାନେ ବସିଥାନ୍ତି ମାଡ଼ି,
ମୁହଁ ଲମ୍ବାଇଲେ ତେଣେ ପ୍ରହାରନ୍ତି ବାଡ଼ି ।
ଦିନେ ତ ବୁଲିଲେ ଭୁଖା ପୂରେ ନାହିଁ ପେଟ,
ଘରକୁ ଆସିଲେ ଆଉ ଖାଦ୍ୟ ନାହିଁ ଭେଟ ।
ଏ କାରଣେ ଧାତୁ ହୀନ ହେଲି ହୀନବଳ,
କାହିଁରୁ ବା କ୍ଷୀର ଦେବ ପେଟ କଲବଲ ।
ସାହା କରୁ କ୍ଷୀର ମୋର ପ୍ରଜନେ ଥାଏ ପୂରି,
ସବୁ ଦୁହିଁନିଅ ଲୋକେ ଦହନ୍ତି ବାଛୁରୀ ।
ତେଣୁ ଅଛି ବଂଶ ମୋର ଦିନୁଦିନ ହ୍ରାସ,
ଆଜି କାଲିବାକେ ହୋଇଯିବ ସର୍ବନାଶ ।
ମୋ ବିନା ନ ହେବ କୃଷି, ନମିଳିବ ଖାଦ୍ୟ,
ନର ପ୍ରାଣ ରଖିବାର ହେବ କଷ୍ଟସାଧ୍ୟ ।
ଏବେ ଥାଉଁ ଥାଉଁ କର ତାର ପ୍ରତିକାର,
ପରେ ଦୁର୍ଭିକ୍ଷରେ ହୋଇଯିବ ହାହାକାର ।
ଲକ୍ଷ ଲକ୍ଷ ଚେଷ୍ଟା ପରେ ନ ହେବ ସଫଳ,
କି ହେବ ବାନ୍ଧିଲେ ବନ୍ଧ ଚଳି ଗଲେ ଜଳ ?
ବେଗେ କର ସ୍ଥାନେ ସ୍ଥାନେ ଗୋଶାଳା ସ୍ଥାପନ
ଗୋପୂଜିବା ଦେବ କର ଗୋରୁଙ୍କୁ ପୂଜନ ।
ପ୍ରତ୍ୟେକ ହେଉ ଛାଡ଼ିଦିଅ ଗ୍ରାମେ ଗ୍ରାମେ,
ତୃଣ ଚରି ଗୋରୁମାନେ ରହିବେ ଆରାମେ ।

ବିକ୍ରୟ ନ କର ମୋତେ କଂସାଇଙ୍କ କରେ,
କୃତଘ୍ନତା ପାପଭାର ନ ବୁହ ମୁଣ୍ଡରେ ।
ମୁଁ ନଥିବି ଯାବ ସଦା ତୁମ୍ଭ ଉପକାରୀ,
ଶିଶୁକୁ ମୋ ନ ଶୁଖାଅ କରି ନିରାହାରୀ ।
ହିନ୍ଦୁର ଧରମ ରକ୍ଷ ଅଟେ ସର୍ବ ହିନ୍ଦୁ,
ସଦାଚାର ରଖି ଚଳ ଜଗତେ ନ ନିନ୍ଦୁ ।
କଳଙ୍କ ନ ଦିଅ କୁଳେ ନୁହ କୁଳାଙ୍ଗାର,
ପୂର୍ବପୁରୁଷଙ୍କ ପରି କର ମୋ ସତ୍କାର ।
ମୋର ଜନ୍ମତରେ ହେବ ଉନ୍ନତି ତୁମ୍ଭର,
ମୋହର ଯତନେ ସଦା ହୁଅ ତତପର ।

ମୋର ବିପଦକୁ ତୁମ୍ଭ ବିପଦରେ ଗଣି,
ମୋହର ପତନେ ହେବ ତୁମ୍ଭର ପତନ ।
ମୋହର ସମ୍ପଦେ ହେବ ତୁମ୍ଭର ସମ୍ପଦ,
ମଙ୍ଗଳ କରିବେ ତୁମ୍ଭ ପ୍ରଭୁ ଆଦିକନ୍ଦ ।
ମନ୍ତ୍ରଣୀ ଅଟଇ ମୋର ଭଗିନୀ ସମାନ,
ମୋହ ପରି ତାଙ୍କୁ ମଧ କରୁଥିବ ମାନ୍ୟ ।
ମନଦେଇ ଶୁଣିଲ ମୋ ସକଳ ଗୁହାରି,
କରନ୍ତୁ ମଙ୍ଗଳ ତୁମ୍ଭ ଗୋଲକବିହାରୀ ।
ଦେବ ମୋର ହୃଦୟର ଶତ ଧନ୍ୟବାଦ,
କ୍ଷମନ୍ତୁ ଗୋପାଳଚନ୍ଦ୍ର ସକଳ ପ୍ରମାଦ ।

# ଗ୍ରନ୍ଥ ପରିଚୟ

# ଉତ୍ସର୍ଗପତ୍ର

ପ୍ରଜାହିତୈଷୀ

**ଶ୍ରୀଯୁକ୍ତ ରାଜା ଲାଲ ରାଜେନ୍ଦ୍ର ସିଂହ ବରିହା ବାହାଦୂର**

ବୋଡ଼ାସମ୍ବର ଅଧୀଶ୍ୱର ମହୋଦୟ

ମମାନୁକୂଳେଷୁ—

ମହିମନ୍ !

ଯେଉଁ ମହାନୁଭବର ସ୍ପର୍ଶ କେହି ଗ୍ରହଣ କରନ୍ତି ନାହିଁ, ତାହା ନିଜେ
ମହାର ଆଶ୍ରୟ ଗ୍ରହଣ କରିଥାଏ । ସେହିପରି ଆପଣଙ୍କର
ଉପଦେଶାନୁସାରେ ରଚିତ ଏହି ପୁସ୍ତକ ଅନ୍ୟର
ଗ୍ରହଣୀୟ ହୋଇ ନ ଥିଲେହେଁ ଆପଣଙ୍କର
ଉପେକ୍ଷଣୀୟ ହେବ ନାହିଁ ବୋଲି
ଭରସାର ସହିତ ଆପଣଙ୍କ
କରକମଳରେ ଅର୍ପଣ କଲି ।

ଇନ୍ଦୁମତୀ ମଞ୍ଜୁଳ ଫୁଲକୁ
ବରମାଲ୍ୟରୂପେ ମହାରାଜ
କୁମାର ଅଜଙ୍କର
ଗଳାରେ ଦେଇ
ନ ଥିଲେ କି ?

। ଇତି ।

ତା ୪ । ୯ । ୧୯୨୧

ଭବଦୀୟ ଚିରୋପକୃତ

**ଶ୍ରୀ ଗଙ୍ଗାଧର ମେହେର**

# ଭୂମିକା

ଏ ଦେଶର କୃଷକମାନେ ହଳଚାଳନ ସମୟରେ ଗୀତ ଗାଇ ନିଜେ ଆମୋଦ ଲାଭକରି ବଳଦମାନଙ୍କୁ ଉତ୍ତେଜିତ କରିଥାନ୍ତି । ସେସବୁ ଗୀତର ଅଧିକାଂଶ ଅସଭ୍ୟତା-ବ୍ୟଞ୍ଜକ ଓ ଅଶ୍ଳୀଳତାରେ ପୂର୍ଣ୍ଣ ଥାଏ । କୃଷକମାନଙ୍କୁ ଉପରକୁ ନ ଉଠାଇଲେ ସମାଜ ଉନ୍ନତ ହୋଇପାରିବ ନାହିଁ ବୋଲି ବହୁଦର୍ଶୀ ବିଦ୍ୱାନ୍‌ମାନେ କହିଥାନ୍ତି । ସେମାନଙ୍କୁ ସରଳ ସୁଗମ ମାର୍ଗରେ ଉପରକୁ ଉଠାଇବା ନିମନ୍ତେ ତାଙ୍କ ନିଜ ଗୀତରେ ତାଙ୍କୁ ଉତ୍ସାହିତ କରିବା ଗୋଟିଏ ସହଜ ଉପାୟ, ଯଦ୍ଦ୍ୱାରା ସେମାନେ ଗୀତ ଗାଇ ହିତ ଓ ଆମୋଦ ଲାଭ କରିପାରିବେ ଏବଂ ସେମାନଙ୍କର ଅସଭ୍ୟତା-କଳଙ୍କ ଦୂର ହେବ । ଏପରି ରଚନାରେ ବୋଡ଼ାସମ୍ବର ଧରାଧୀଶ୍ୱର ରାୟ ବାହାଦୁର ଶ୍ରୀମାନ୍ ଲାଲ ରାଜେନ୍ଦ୍ର ସିଂହ ବରିହା ମହୋଦୟଙ୍କର ସତ୍କୌତୂହଳ ଆଗ୍ରହ ଜାତ ହେବାରୁ ତଦୀୟ ଆଦେଶ ଓ ଉପଦେଶାନୁସାରେ କୃଷି ବିଷୟ ଅବଲମ୍ବନ କରି ବିବିଧ ଛନ୍ଦ, ସୁଧୀଜନ ଓ ଅଭିଜ୍ଞ ବ୍ୟକ୍ତି-ମାନଙ୍କ ଅଭିମତ ସାହାଯ୍ୟରେ ଏହି "କୃଷକସଙ୍ଗୀତ" ରଚିତ ହୋଇଅଛି । ସମସ୍ତ ରଚନାର ଭିତିର ନିପୁଣ ବୈଜ୍ଞାନିକରୂପେ ଉଦ୍ଦେଶ୍ୟରେ ପ୍ରକାଶ କରିବା ଅତି କଠିନ; ଏହି ହେତୁରୁ ଯଥାସମ୍ଭବ ସ୍ଥୂଳଭାବରେ ଲେଖାଯାଇଅଛି । ଏହାଦ୍ୱାରା ପ୍ରଶଂସିତ ରାୟ ବାହାଦୁର ମହୋଦୟଙ୍କର ଉଦ୍ଦେଶ୍ୟ କଥଞ୍ଚିତ୍ ସିଦ୍ଧ ହୋଇପାରିବ ବୋଲି ସର୍ବସାଧାରଣରେ ବିବେଚିତ ହେଲେ ଲେଖକ କୃତାର୍ଥ ହେବ । ଇତି ।

ବ୍ରହ୍ମପୁର
ତା ୮ । ୯ । ୧୯୨୧

**ଲେଖକ**

# କୃଷକସଙ୍ଗୀତ

[illegible]

## ଅନ୍ନର ମହିମା

ଧନ୍ୟ ମହାପ୍ରଭୁ ତୁମ୍ଭେ ଅଟଗ ସୃଜି ଅନ୍ନ
ତା ଉଦ୍ଧାରେ ସୃଜିଲ ଜୀବଜନ୍ତୁଗଣି
ଅନ୍ନ ବିନା ଜୀବନ ନ ଯାଇଲି ରକ୍ଷି
ଅନ୍ନ ବିନା ପ୍ରାଣୀଙ୍କ ଜୀବନ ନିରତେ
ହୁଏ ଧ୍ୱଂସ ତୁମ୍ଭେ ॥

ଅନ୍ନ ଦେଲ ରଖିଛ ଅଖିଳ ସଂସାର
ଅନ୍ନ ବିନା ଜଗତେ ଉଠେ ହାହାକାର
ଅନ୍ନ ଦେଲ ପୃଥିବୀ ସ୍ୱରଗ ସମାନ
ଅନ୍ନ ବିନା ପୃଥ୍ୱୀ ସତେ ତ ଦୁଅନ୍ତା
ଶ୍ମଶାନ ତୁମ୍ଭେ ॥

ଅନ୍ନ ଦେଲ ମାନବ ହୃଷ୍ଟ ପୁଷ୍ଟମୟ
ଅନ୍ନହୀନ ହୁଅନ୍ତି ଦୁଃଖର ନିଳୟ
ଅନ୍ନ ଯୋଗେ ହୁଅନ୍ତି ଦାରା ସୁତ ଧନ
ଅନ୍ନ ବିନା ସମସ୍ତେ କରନ୍ତି ଯମକୁ
ଆଳିଙ୍ଗନ ତୁମ୍ଭେ ॥

ଅନ୍ନ ଦେଲ ଚଉକା ଅନ୍ନ ଦେଲ ରାଜା
ଅନ୍ନ ଦେଲ ବାଜଇ ଆନନ୍ଦର ବାଜା
ଅନ୍ନ ଦେଲ ସକଳ ବସନ ଭୂଷଣ
ଅନ୍ନହୀନେ ସକଳେ ଚଳନ୍ତି ହୁଅନ୍ତି
ରତନମଣି ତୁମ୍ଭେ ॥

ଅନ୍ନ ବଳେ ସୁନ୍ଦର ଉଚ୍ଚ ଅଟ୍ଟାଳିକା
ଅନ୍ନ ଥିଲେ ସୁନ୍ଦର ଫୁଲର ମାଳିକା
ଅନ୍ନ ବଳେ ମାନବ ଶରୀର ସୁନ୍ଦର
ଅନ୍ନହୀନ ମାନବ ବଦନ କୁତ୍ସିତ
ଭୟଙ୍କର ତୁମ୍ଭେ ॥

ଅନ୍ନ ପାଇଁ ମାନବ ବୁଲଇ ଭୁବନେ
ଅନ୍ନ ପାଇଁ ବିହଙ୍ଗ ଉଡ଼ଇ ଗଗନେ
ପଶୁ ଅନ୍ନ ନିମନ୍ତେ ବୁଲେ ବନେ ବନ
ଅନ୍ନ ବିନା ଜଗତେ କେହି ତ ନ ପାରେ
ରକ୍ଷି ଜୀବନ ତୁମ୍ଭେ ॥

ଅନ୍ନ ପାଇଁ ଆନନ୍ଦେ ମୀନ ଖେଳେ ଜଳେ
ଜନ୍ତୁମାନେ ଖେଳନ୍ତି ଆନନ୍ଦେ ଭୂତଳେ
ଅନ୍ନ ପାଇଁ ରହିଛି ନଦୀ ସରୋବର
ରହିଅଛି ସାଗର ଦେଇକର ଜୀବନ
ଚିରବର ତୁମ୍ଭେ ॥

ଅନ୍ନ ପାଇଁ ସକଳେ ଲୀଳା କରେ ହଂସ
ଦୁଃଖେ ସୁଖେ କୋକିଳ ଅନ୍ନ କରି ଧ୍ୱଂସ
ଅନ୍ନ ପାଇଁ ଖେତରେ ଖେଳଇ ଖଞ୍ଜନ
ସଞ୍ଜ ବେଳେ ଅନନ୍ତ ଆମୋଦ ପାଞ୍ଜିରେ
[illegible] ॥

ଅନ୍ନ ଦେବା ନିମନ୍ତେ ରହିଅଛି ଧରା
ଅନ୍ନ ଦେବା ନିମିତ୍ତ ଲାଗୁଅଛି ଖରା
ଅନ୍ନ ଦେବା ନିମନ୍ତେ ମେଘ ବରଷଣ
ଅନ୍ନ ଦେବା ନିମନ୍ତେ ଜଗତେ ବହୁଛି
ସମୀରଣ ହେ ॥

ଅନ୍ନ ଦେବା ନିମନ୍ତେ ଚନ୍ଦ୍ର ସୁଧାକର
ଅନ୍ନ ଦେବା ନିମନ୍ତେ ପଡ଼ଇ କାକର
ଅନ୍ନ ଦେବା ନିମନ୍ତେ ରଜନୀ ବାସର
ଅନ୍ନ ଦେବା ନିମନ୍ତେ ଜଗତେ ଛ'ଋତୁ
ସମ୍ଭବର ହେ ॥

ଯହିଁ ଅନ୍ନ ତହିଁରେ ଲକ୍ଷ୍ମୀଙ୍କ ନିବାସ
ଯହିଁ ଲକ୍ଷ୍ମୀ ତହିଁରେ ବିଷ୍ଣୁଙ୍କ ବିଳାସ
ଯହିଁ ବିଷ୍ଣୁ ତହିଁରେ ସକଳ ମଙ୍ଗଳ
ଅନ୍ନ ବିନା ନା ଲକ୍ଷ୍ମୀ ନା ବିଷ୍ଣୁ କାହିଁ ବା
ଶୁଭଫଳ ହେ ॥

ଯାହାକୁ ଯା' ଅନ୍ନ ସେ ତା କରେ ଭକ୍ଷଣ
ଅନ୍ନ ବିନା ନ ହୁଏ ଶରୀର ରକ୍ଷଣ
ଅନ୍ନ ଏକା ଅଟଇ ବିଶ୍ୱ ମୂଳାଧାର
ଏକ ବାକ୍ୟେ ସମସ୍ତେ ଗାଅ ହେ! ଅନ୍ନର
ଜୟକାର ହେ ॥

ଅନ୍ନ ଯେଣେ ଜ୍ଞାନ ତପ ଅନ୍ନ ଯେଣେ ଧ୍ୟାନ
ଅନ୍ନ ଯେଣେ ମହତ୍ତ୍ୱ ଅନ୍ନ ଯେଣେ ମାନ
ବିଦ୍ୟା ବୁଦ୍ଧି ଅନ୍ନରେ ଅନ୍ତରେ ବନ୍ଧନ
ଅନ୍ନ ନାହିଁ ଯହିଁରେ ମହୀରେ ସେ ଏକା
ମରୁସ୍ଥାନ ହେ ॥

# କୃଷିର ଗୌରବ

## [illegible]

କୃଷି ସିନା ସଂସାରେ ସଭ୍ୟତାର ମୂଳ
କୃଷି ଏକା ସକଳ ଜୀବିକାର ଚୂଳ
ଯେଉଁ କାଳେ ମାନବ ନ ଥିଲା ତା ଜାଣି
ମାଂସ ଖାଇ ବନରେ, ମନରେ ହୋଇ ନ
ଥିଲା ଜ୍ଞାନ ହେ ॥

ପିନ୍ଧୁଥିଲା ବୃକ୍ଷର ବକଳ ପତର
ତହୁଁ ହେଲେ ଅଧିକ ଅଜିନ ମାତର
ରହୁଥିଲା କାନନ ଶୀତ ବାତ ସହି
ବଞ୍ଚୁଥିଲା କେବଳ ଜଙ୍ଗଲି ଶୁଖିଲା
କାଠ ଦହି ହେ ॥

କୃଷି କଲା ନରକୁ ଦିବ୍ୟ ଅନ୍ନ ଦାନ
ଶୀତ ରକ୍ଷା ନିମନ୍ତେ ବସ୍ତ୍ର ଉପାଦାନ
ଅନ୍ନ ପାଇ ମାନବ ହେଲେ ସୁସ୍ଥ ଦେହ
ବସ୍ତ୍ର ପିନ୍ଧି ଲଭିଲା, ବହିଲା ସୁନ୍ଦର
ସଭ୍ୟ ବେଶ ହେ ॥

ବୁଲୁଥିଲା ମାନବ ଦେଶ ଦେଶାନ୍ତର
କୃଷି ତାକୁ କହିଲା ରହ କରି ଘର
ସ୍ଥାୟୀ ଘରେ ଥିବାରୁ ସ୍ଥିର ହେଲା ମନ
ତେବେ ସିନା କରନ୍ତି ମାନବ ଉନ୍ନତି
ସମ୍ପାଦନ ହେ ॥

ରହିବାକୁ ମାନବ କୃଷି ଆଶା କରି
ଘର କଲା ନିର୍ମାଣ ତେଣୁ ଚିନ୍ତି ଦଶି
ଘରେ ଖରା ବରଷା କଷ୍ଟ ହେଲା ନାଶ
ଶୀତ ନାଶ ନିମନ୍ତେ ଶ୍ୱେତରେ କାର୍ପାସେ
କଲା ଆଶ ହେ ॥

କ୍ରମେ କ୍ରମେ ମନେ ତା ଉପୁଜିଲା ଜ୍ଞାନ
ବଟି କଲା ଛଣରେ ଦଉଡ଼ି ନିର୍ମାଣ
ଗୁନ୍ଥି ଗୁନ୍ଥି କୌଶଳେ କଲା ଆଖା ଗଣ୍ଠି
ଲଜ୍ଜା ମାନ ରଖିବା ଶିଖିଲା ତହିଁରେ
ଖାଣ୍ଡି ଗଣ୍ଠି ହେ ॥

କଟାଶିଖି ବନାଇ କଲା ସୂତ୍ରାକାର
କଲା ମୋଟା ପିନ୍ଧଣା ତହିଁରେ ତିଆର
ବୁଦ୍ଧିରୁ ତା ପ୍ରତିଭା କ୍ରମେ ଜାତ ହେଲା
ରଚିବାକୁ ବସନ ତା' ଡେରି ନ କଲା
ଅବହେଳା ହେ ॥

ଦେଖିଲ ତାକୁ ଈଶ୍ୱର ବିବିଧ ଉପାୟେ
ବର୍ଷ ନଟି ରଚିଲ ଶସ୍ୟ ସମ୍ପ୍ରଦାୟେ
ବର୍ଷ ପିଇ ହୃଦେ ତା' ଜନ୍ମିଲ ଉତ୍ସାହ
ଉତ୍ସାହେ ତା ଦେଖିଲା ସକଳ ପ୍ରକାର
ସୁଖ ଦାଉ ହେ ॥

ବସ୍ତ୍ର ନଶି ମାନବ ନ ଚିହ୍ନିଲ ଚର୍ମ
ନର ଲଭି ଜାଣିଲ ତେଜି ପଶୁଧର୍ମ
ଚର୍ମ କଲା ନିର୍ମାଣ ଛଦ ଆବରଣ
କଲା ତତ୍ର ବାଲୁକା ଶୀତଳ ଭୂମିରେ
ବିଚରଣ ହେ ॥

ପ୍ରକୃତିକୁ ପୂଜିଲ ଗାଇ ତାର ଗୁଣ
ପୂଜା କଲା ହେଲା ସେ ତହିଁର ନିପୁଣ
ଯେତେ ଯେତେ ବୁଝିଲା ଅଧିକ ଅଭାବ
ତେତେ ତେତେ ଖୋଜି ତା ଉପାୟ ସକଳ
କଲା ଲାଭ ହେ ॥

ଜାଣିଲ ସେ ଦେହ ତା କରିବାକୁ କର୍ମ
ମନ ତା'ର ପାଳିବା ପାଇଁ ନରଧର୍ମ
ଧର୍ମ ବଳେ ବଢ଼ିଲା ନର ଉଦ୍ୟମ
ପ୍ରକୃତିର ପ୍ରଭାବେ ନମନେ ଦେଖିଅଛି
ଦେବ ସମ ସେ ॥

ତହିଁ ନର ଦେଖିଲା କି ଅଛି ଈଶ୍ୱର
ଦେଖିଅଛି କି ପ୍ରକୃତି ଛଳେ କି ଈଶ୍ୱର
ସୂର୍ଯ୍ୟ କିଏ କେ ଚନ୍ଦ୍ର, କିଏ ତାରକାଣି
ଖୋଜି ଖୋଜି ବସିଛା ନରନ କରୁଛି
ନିତ୍ୟସତ ହେ ॥

ଦେଖିଲୁଁ ଯା ଜଗତେ ଅଦ୍ଭୁତ ବ୍ୟାପାର
ସବୁ ନର ପ୍ରକୃତି ହସ୍ତ କାରବାର
ପ୍ରକୃତିର ଜନମ-ଭୂମି ନର ମନ,
କ୍ଷିତି ଏବେ କରୁଛି ମାନବ ମାନସ
ବର୍ଦ୍ଧନ ହେ ॥

ଗୁଣିଦେଲ କୃଷିକି ସବୁ ହେବ ନାଶ
ନ ମିଳିବ ଗ୍ରାସ ହେ ନ ମିଳିବ ବାସ
କାହିଁ ଯିବ ସଭ୍ୟତା ଭବ୍ୟତା ସକଳ
ନୈରାଶ୍ୟେ ମାନବ ମରିବ ଝୁରିଣ
[illegible] ॥

ଘୃଣା କୃଷିକର୍ମକୁ ନ କର ରେ ଭାଇ,
ଯାର ଖାଇ ଜୀବନ, ତାର ଗୁଣ ଗାଇ
ତୃପ୍ତି କଲେ ଅନ୍ନର ସକଳ ଉନ୍ନତି
କୃଷି ବିନା ନା କଳା ନା ଚିନ୍ତା କାହିଁ ବା
ଅନ୍ୟ ଗତି ହେ ॥

କହୁଅଛି ଅବନୀ ସେବତ ମୋତେ ତେ
ଦେଇଥିବି ସୁଫଳ ହୋଇ କେତେ ବଶ
ହେବ ତୃପ୍ତ ସକଳ ମଙ୍ଗଳ ମୋ ତୋଷେ
ତା'ନ କଲେ ନିଷ୍ଫଳ ମୋ ରୋଷେ ମରିବ
ନିଜ ଦୋଷେ ହେ ॥

ଜଳଦ ବୋଲୁଅଛି ମୁଁ ଦେଉଅଛି ଜଳ
ତୃପ୍ତି କର ମାନବ ଲଭିବୁ ସୁଫଳ
ବୋଲୁଅଛି ବଳଦ ମୁହିଁ ତୋର ସାହା
ଚଷି ଥା' ନ ପାରିବୁ ମାନବ ମୁଁ ଚଷି-
ଦେବି ତାହା ହେ ॥

ଶସ୍ୟ ବୋଲେ ମୁଁ ଅଛି ମାନବ ନିମନ୍ତେ
ଯେତେ ସୁଖେ ଫଳିବି ବୁଣିଦେଲେ ମତେ
ତେବେ ଘୃଣା କୃଷିକି ନ କର ମାନବ
ଭୁଲି ଭୁଲି ଉଦର ପୋଡ଼ିବ ପ୍ରତ୍ୟକ୍ଷ
ସେ ଦାନବ ହେ ॥

ବିନା ଯତନ ଅନ୍ନ ସେ କରଇ ଆହାର
ଚକ୍ଷୁକୁ ନିଦ୍ରା ଆସିବନି ତାହାର
ଲାଜଅଛି ଉତ୍ତମ ଅବସ୍ଥାମାନ
କ୍ଷମା କର ମାନବ କାହିଁକି ହେଉଅଛି
ହୀନମାନ ହେ ॥

ଭୂମି ଧରି ନାହିଁ ତୋ ଦୁଃଖଟାରୁ ମୁକ୍ତି
ନଳଟିବ ତୋହର ଉଦରୁ ତୋ ଭୁକ୍ତି
କଉଣସି ତୁମକୁ ନ କରିବୁ ଲଜ୍ଜା
ସଂଭ୍ରମ କଦାପି ନୁହଇ ଲଜ୍ଜାହିଁ
ମତ କାର୍ଯ୍ୟ ହେ ॥

ଗୁଣଟାରୁ ଧର୍ମାଗ୍ନି ଶିଶୁବେଶେ ଘନ
କୃଷି କେତେବ ନୁହଇ ଉଚ୍ଚ ନୀଚ ଜାତି
ଉଚ୍ଚ ସେତୁ ଯାହାର ଉଚ୍ଚ ଥାଏ ସ୍ଥାନ
ଭ୍ରମ କରିଲା ମାନବ କଦାପି ନ ଯାଉ
ତୋଷି ମାନ ଚେ ॥

ନ ଦିଅ ରେ ମାନବ କପାଳର ଦୋଷ
ସୃଷ୍ଟିଅଛି ପୃଥ୍ୱୀ ଦେଖି ସେହି ଦୋଷ
ଅପୁ ଜାଣି ସଦା କରୁଥିବ ବ୍ୟସ୍ତ
ଶ୍ରମ କଲ ନ ହେବ ଜୀବନେ ଉଦର-
ଜ୍ୱାଳା ଭସ୍ମ ରେ ॥

ବୃତ୍ତି ଅଛେ ସମାଜେ ସାଧୁ ସହକାରୀ
ତା ମାନଙ୍କର ସମାନ କୁଢ଼ଇ ଭିକାରୀ
ବଳ ଥାଇଁ ଯେ ନର ଭିକ୍ଷା ମାଗିବୁଲେ
ହେବ ମିନା ତାହାର ତୁଳନା କେବଳ
ଦସ୍ୟୁ ତୁଳେ ରେ ॥

ଜାତି ଯାଏ ଯେ ଦେଶେ ଧରିଲେ ଲଙ୍ଗଳ
ଭିକ୍ଷ ମାଗି ଖାଇବା ଜୀବନ ସମ୍ବଳ
ପଣ୍ଡିତଙ୍କୁ ଦିଅନ୍ତି ମୂର୍ଖେ ଆଶୀର୍ବାଦ
ଋଷିମାନେ ଧରନ୍ତି ଶୁଦ୍ରଙ୍କ ପାଦ

ଭିକାରୀଙ୍କି ପୂଜନ୍ତି ଅତି ସମାଦରେ
ହିତୈଷୀଙ୍କୁ ନ ଦେଖି ପେଲନ୍ତି ପାଦରେ
କୁଳବତୀ ଦୁଃଖେନ୍ତି ନ ପଢ଼ି ପଣ୍ଡିତ
ଶ୍ରମ କଲେ ସମାଜେ ହୁଅନ୍ତି ଦଣ୍ଡିତ
ମାନ ଯାଏ ଯାହାଙ୍କ ଅଳସ୍ୟେ ରହିଲେ
ସଭ୍ୟ ନୁହେ ବଦନ ପିଟାଇ କହିଲେ
ସେ ଦେଶରେ ଯଦ୍ୟପି ବଢ଼ିବ ଅମୃତ
ଆଉ କେଉଁ ଦେଶରେ ମାନବେ ରହିବେ
ଜୀବନ୍ମୃତ ରେ ॥

କୃଷି ତୋର ବେଦ ରେ କୃଷି ତୋ ପୁରାଣ
କୃଷି ବିନା ରହି ନ ପାରଇ ପ୍ରାଣ
କୃଷି ଯୋଗେ ନୃପତି କୃଷି ଦେଶ ସଭ୍ୟ
କୃଷି ବଳେ ଆୟୁ ଶ୍ରୀ ସମ୍ପଦ ସକଳ
ହୁଏ ଲଭ୍ୟ ରେ ॥

## କୃଷକର ଆତ୍ମକଥା

ତାସ କପଟ ଖେଳ ମୁଁ ନ ଜାଣଇଁ ପଶା
ତହିଁ ପାଇଁ କେବେ ବା ଶୁଣଇ ମୋକଦ୍ଦମା
ପଶାଖେଳ ଯା ହେଲା ପାଣ୍ଡବଙ୍କ ଦଶା
ସେହି କଥା ସୁମରି ନ ମରି ଲଜ୍ଜେ ମୋ
ଯାଏ ହିଂସା ରେ ॥

ପଶା ଖେଳ ପଣ୍ଡିତକ ବସି ବାବୁମାନେ
ଟେକୁଥନ୍ତି ରାଜ୍ୟକୁ ସ୍ୱରଗ ସମାନେ
ନ ଜାଣି ମୁଁ ପଇଁଠିଲି ବୋଲିଲେଁ ଟଗ ଦଶ
ସବୁ ଜାଣି ବାବୁଏ ପଶାରେ କଣନ୍ତି
ମହାଯଶ ରେ ॥

ଜାଣିଥାନ୍ତି ପଶାରେ ଉପେକ୍ଷା ମନ
କେବେ ବୁଲବୁଲିକୁ କରନ୍ତି ଗମନ
ତାସ ଘୁର କେମନ୍ତେ ବୁଝିବ ସେ ମିଠା
କାମ କରେଁ ଖରାରେ ଧରାରେ, ଖାଇଣ
ପୋଡ଼ପିଠା ରେ ॥

ଉଠଇଁ ମୁଁ ରଜନୀ ଦୁଇ ଘଡ଼ି ଥାଏ
ଗୋରୁଙ୍କୁ ନେଇ ସତନେ ଗୋଚରରେ ଚରାଏ
ଉଠି ମୋର ଘରଣୀ ଆଗେ ଝାଡ଼ି ଦ୍ୱାର
ତହୁଁ କରେ ସତନେ ଗୋରୁଙ୍କ ଗୁହାଳ
ଦେଖ୍ୱାର ରେ ॥

ଗୁହାଳଟି ଥାଏ ମୋ ରନ୍ଧାଘର ପରି
ଗୋରୁଙ୍କୁ ମୁଁ ମଣଇ ନିଜ ଶିଶୁ ସରି
ଖାଇଛି ମୁଁ ତା ମା'ର ଗୋରସ ଛଡ଼ାଇ
ତେଣୁ ସେ ତ ଧରମ-ଶଣ୍ଡରେ ହିସାରେ
ମୋର ଭାଇ ରେ ॥

ମୋ ନିମନ୍ତେ କରଇ ସେ ବଡ଼ ପରିଶ୍ରମ
ମୁଁ ଯେ କର୍ମ ଅକ୍ଷମ ସେ ତହିଁରେ କ୍ଷମ
ନିକଟ ଖାଇ ପୁଆଳ ମୋତେ ଦିଏ ଧାନ
ମୋ ଧାର ଦମା କରି ନ ପାରଇ ତା ସରି
ସ୍ନେହ ଦାନ ରେ ॥

ପ୍ରାଣପଣେ ମୁଁ ଦୁଃଖ ସହେ ସେ ନ ଧରେ
ଶ୍ରାନ୍ତ ଦିନ ନ ବାରି ପରିଶ୍ରମ କରେ
ମୋ କାର୍ଯ୍ୟରେ ବଡ଼ପଣ ଟିକେ ନ ଗଣଇ
ମୋ ପଦାର୍ଥ ସହିତ ଆନନ୍ଦେ ଭୋଗେ ସେ
ଏଏ ବଡ଼ ହେ ॥

ଅଶ୍ରୁ ସ୍ୱେଦସିକ୍ତ ହୋଇ ମୁଁ ଗାଇଲି ଗୀତ
ମୁଁ ଖାଇଲି ଭାତ ସେ ନଷ୍ଟ ହୁଏ ପ୍ରୀତ
ମୁହିଁ ରଖି ଗୁଡ଼ିକ କ୍ଷୁଧା କଲି ଦାନ
ଖାଇ ସେ ମୋ ଉଦାର ନିଜକୁ ମଣଇ
ଭାଗ୍ୟବାନ ହେ ॥

ଯାହା ମାତା ବାବୁଙ୍କୁ କରେ କ୍ଷୀର ଦାନ
ନ ଜାଣନ୍ତି କି କରେ ତାହାର ସନ୍ତାନ
ଧାନୁ ଦିନ କେମନ୍ତ ହେଉଛି ତା ଦଶା!
ଘର ବୁଡ଼ିଗଲାଣି ଏଣେ ସେ ଦୁଃଖିନ୍ତ
ନାହିଁ ଦୟା ହେ ॥

ମୁହିଁ ସିନା ନ ଜାଣେ ଟୋକା ଦୁଶେ ଆଠ
ବାବୁମାନେ ପଢ଼ି ତ ଜାଣନ୍ତି ସବୁ ପାଠ
ମୁଣ୍ଡ ଟେକି ଅଛନ୍ତି ସଭାଦରବାରେ
ବୁଦ୍ଧି ଦେଉଅଛନ୍ତି ଲୋକଙ୍କୁ ସକଳ
କାରବାରରେ ହେ ॥

ସତ କହି କହନ୍ତୁ ଶାନ୍ତି କି ନା ହତ ?
ଯାହା ଭାରତ ହେଉଛି ଭୂମିରୁ ତା ଜାତ
କେବେହେ ଉଡ଼ି ଅଛି କି ତାହାଙ୍କ ଦୁର୍ଦ୍ଦଶା
କାହିଁ ଦେଖିପାରିବେ ସେ ଅନ୍ତେ ଲାଗି ତ
ଅଛି ପଣ ହେ ।

ଗୋରୁ ହେଉଅଛନ୍ତି ଧାନୁ ଦିନ ଯାନ
ମିଳୁ ନାହିଁ ମନ୍ଦରେ ଚରିବାକୁ ସ୍ଥାନ
ନ ରଖିଲା ଗୋଚର ମୁଁ ତଥା ଅଧମ
ପାଠ ପଢ଼ି ବାବୁଏ କାହିଁକି ମାନନ୍ତି
ନାହିଁ ଧର୍ମ୍ମ ହେ ॥

ଦେଖନ୍ତୁ ତ କେତେଁଟି ଛନ୍ତି କେବଳ ଷଣ୍ଢ
ଷଣ୍ଢ ବିନା ସକଳ ଚେଷ୍ଟା ହେବ ପଣ୍ଡ
ବାପ ଜାଣି ହେବେ ତ ସନ୍ତାନ ସନ୍ତତି
ବାବୁମାନେ କାହିଁକି ବୁଝିବେ ଏଣାରେ
ଥିଲେ ମତ ହେ ॥

ଗୋରୁ ଚର୍ମ ବିକି ତ ରଖୁଅଛ ଟଙ୍କା
ଧର୍ମ୍ମ ବୁଦ୍ଧି ବନ୍ଧନ ହେଉଛି ନାହିଁ ବଙ୍କା
ସେ ଟଙ୍କାରେ କାହିଁକି ନ କିଣ ଗୋଚର
ସେ ଟଙ୍କାରେ କାହିଁକି ନ କିଣ ବଳଦ
ବୃଷବର ହେ ॥

ବିଦେଶକୁ ବୃଷଭ ନ ଆଣ ରେ ଭାଇ
ମରିଯିବେ ଏଠାରେ ସୁଖାଦ୍ୟ ନ ପାଇ
ଉଦରେ ତାଙ୍କ ନ ଯିବ ଏଠା ଖାଦ୍ୟ ଜଳ
ଝୁରି ଝୁରି ଜନମଭୂମିକି ହେବେ ସେ
କଲବଲ ହେ ॥

ବାଛି ବାଛି ଏଠାରେ ବାଛୁ ଷଣ୍ଢ କର
ନିଜ ଦେଶେ ହେବେ ସେ ସୁସ୍ଥକଳେବର
ବୋମ୍ବାଇର ଆମ୍ବକୁ ଏଠାରେ ସେଇନ-
କରି ଫଳ ଦେଖରି କାହି ତ ପାଉଛ
କେତେ ଜଣ ହେ ॥

ଭୂମି ପଞ୍ଚମାଂଶ ମୋ ରହିଛି ପଡ଼ିଆ
ସେହିଠାରେ ମୋ ଗୋରୁ ହୋଇଥାନ୍ତି ଠିଆ
ତହିଁ ଘାସ ଚରନ୍ତି ତେଣୁ ନୁହନ୍ତି ସବଳ
କୂପଟିଏ ଅଛି ମୋ ତହିଁରୁ ତାହାଙ୍କୁ
ଦିଏଁ ଜଳ ହେ ॥

କୂପଟି ମୋର ନ ପଡ଼େ ବାହାରିଆ ଜଳ
କୁଟା ପତ୍ର ନ ପଡ଼େ ତା ଜଳ ନିର୍ମ୍ମଳ
ତହୁଁ ଜଳ କାଢ଼ି ମୁଁ କରେଁ ଦାନ୍ତକାଠି
ମୁଢ଼ି ପିଠା ଯା' ଆଏ ଅଣ୍ଟିରେ ଚଳାଏ
ତହିଁ ପାଣି ହେ ॥

ବେଳ ଉଦ ସୂର୍ଯ୍ୟ ବଢ଼ିଲେ ଉଜ୍ଜ୍ୱଳ
ଟେଡ଼ି କର୍ମ୍ମ ଲଗାଇଥାଏଁ ଦେହ ବଳ
ଗୋରୁଏ ମୋ ଖୁଅନ୍ତି ଚକବେ ସନ୍ଧ୍ୟାକାଳେ
କେବେ ଅବା ହୁଏ ମୁଁ ଏକାକୀ କୋଦାଳୀ
କୋଡ଼ିଥାଏଁ ହେ ॥

ଅଛି ଆମ୍ବ ମହୁଲ ତରୁ ମୋର ଆନତ
ବାଟ କହୁଛିବାରୁ ତା ଡାଳ ନ କାଟେଁ
କର୍ମ୍ମ ଶେଷେ ଆସିଲେ ତାଙ୍କ ଛାୟାତଳ
ଆସି ଧୀରେ ସମୀର ଦେହକୁ କରଇ ମୋ
ସୁଶୀତଳ ହେ ॥

ଶସ୍ୟବଳେ ଗୋରୁଏ ଝଗଡ଼ିରେ ନ ଭରି
ଶୋଇଥାନ୍ତି ସେ ତରୁତଳ ଆଶ୍ରା କରି
ନାନା ଜାତି ବିହଙ୍ଗ ସେ ବୃକ୍ଷରେ ବସି
କରୁଥାନ୍ତି ସଙ୍ଗୀତ କେତେ ମୋ କ୍ଷେତକୁ
ପରଶଂସି ହେ ॥

ଧରଣୀ ମୋ ଗୋବର ଗୁହାଳକୁ ବନ୍ଧି
ଖେତେ କରିଥାଏଁ ସେ କୁଣ୍ଡ ଖଏ ତହିଁ
ମିଶିଥାଏ ଗୋବରେ ପୁଆଳ ବା ଘାସ
ଛୁଡ଼ିଥାନ୍ତି ଗୋରୁଏ ନ ଖାଇ ଯା ଗ୍ରାସ
କୁଣ୍ଡରେ ନ ପଡ଼ିବ ସୂର୍ଯ୍ୟଙ୍କ ନଜର
ବୋଲି ତାର ଉପରେ ଛପର ବନାଇ
ଥାଏଁ ଧରି ହେ ॥

କୁଣ୍ଡ ଉପ ସ୍ୱଚ୍ଛର ନ ପାରନ୍ତି ଟାଣି
ଧୋଇ ନେଇ ନ ପାରେ ବରଷାର ପାଣି
କେବେ କେବେ କୁଣ୍ଡକୁ ଓଲଟି ପାଲଟି
କରି ତାର ଗନ୍ଧକୁ କାଢ଼ିଦିଏ ବାଟି
ପଶିଯାନ୍ତି ତହିଁକି ଆଲୋକ ପବନ
କରନ୍ତି ସେ କୁଣ୍ଡର ଖତକୁ ସରସ
ସଞ୍ଜିବନ ହେ ॥

ସେ ଖତକୁ ସମତେ ପକାଏଁ ମୋ ଖେତ
ଫଳ ପାଏଁ ଅଧିକ ଖତ ଦିଏଁ ଯେତେ
ଖାଦ୍ୟ ବିନା କେହି କି ଆସେ ଉପକାରେ
ତା ଜାଣି ମୁଁ ଭୂମିକି ଶୁଆଏ ବରଷ
ପରକରେ ହେ ॥

ଯେତେ ଯେତେ ଭୂମିରେ ଉପୁଜନ୍ତି ଘାସ
ଚଷିଦେଲେ ମରି ସେ ହୁଅନ୍ତି ତା ଗ୍ରାସ
ଚଷିଦେଲେ ଭୂମିରେ ପଶଇ କାକର
ପବଣ ପୁଣି ତହିଁରେ ଶବାକର କର
ସେହିମାନେ ଦିଅନ୍ତି ଜୀବନୀ ଶକତି
ତହିଁ ପାଇଁ ହୁଅଇ ରଜନୀ ଉଦନ୍ତ
ହୃଷ୍ଟପୁଷ୍ଟ ହେ ॥

ଭୂମି ଚଷିବାରେ ମୋ ନାହିଁ ଅବହେଳା
ନ ଜାଣଇ ଦଣ୍ଡିଏ ତହିଁ ବାର ବେଳା
ଯେବେ ଯେବେ ବର୍ଷଣ ତେବେ ମୋ କର୍ଷଣ
ତେବେ ଏକା କରୁଛୁଁ ଭୂମିରୁ ସୁଫଳ
ଆକର୍ଷଣ ହେ ॥

ହୃଷ୍ଟପୁଷ୍ଟ ଗଛରୁ ହୁଏ ଯେତେ ଫଳ
ତାହାକୁ ମୁଁ ବିହନ ରଖଇଁ କେବଳ
ଭଲ ବୀଜ ଥିବାରୁ ଗଛ ହୁଏ ଭଲ
ଭଲ ଫଳ ବହୁତ ଫଳଇ ନାହିଁ ତା
ଅମଙ୍ଗଳ ହେ ॥

ଜଳ ଏକା ଭୂମିର ପରମ ଆଶ୍ରୟ
ଯେତେ ମୁଁ କରିଛି ଏକ ଜଳାଶୟ
ଆବଶ୍ୟକ ସମୟେ ବରଷା ନ ହେଲେ
ସେହି ଜଳ ଆଣି ମୋ ଖେତରେ ମଡ଼ାଏଁ
ଯେତେବେଳେ ହେ ॥

କରିଅଛି ପ୍ରତ୍ୟେକ ଢୁଲୀ ସମତଳ
ସମ ହେବ ତହିଁରେ ରହିଥାଏ ଜଳ
ସମ ଶସ୍ୟ ସବୁଜ ଦେଉଥାଏଁ ଛଟା
ହଳାହଳ ହୋଇଣ ସୁଫଳ ଧରନ୍ତି
ସେ ସମସ୍ତ ହେ ॥

ବାରମାସ ଖେତେ ମୋ ଲଗିଥାଏ କାମ
ମାସେ ପକ୍ଷେ କେବେହେଁ ନ ଥାଏ ବିଶ୍ରାମ
ଖେତ ମୋର ଲକ୍ଷ୍ମୀର ବିପୁଳ ଭଣ୍ଡାର
ଦେଉଅଛି ଅଶନ ବସନ ଇତ୍ୟାଦି
ବାରମ୍ବାର ହେ ॥

ଦେଖିବାକୁ ଖେତ ମୋ ଯେମନ୍ତ ସୁନ୍ଦର
ରହିବାକୁ ମନୋହର ସଦା ସୁଖକର
ଭିନ୍ନ ଭିନ୍ନ ଋତୁରେ ଭିନ୍ନ ଭିନ୍ନ ଶସ୍ୟ
ପତ୍ର ଫୁଲ ଫଳର ଶୋଭାରେ କରନ୍ତି
ମୋହିତ ବିଶ୍ୱ ହେ ॥

କାମ ମୋର ଖେତରେ, ଖେତରେ ବିଶ୍ରାମ
ବିଶ୍ରାମିଲେ ଏକାନ୍ତେ ଗାଏଁ ହରିନାମ
ଗାନ ମୋର ଶୁଣିଲେ ଖେତ ପକ୍ଷୀମାନେ
ନୀରବରେ ନିଶ୍ଚଳେ ମୋ ଗାନ ଶୁଣନ୍ତି
ଏକଧ୍ୟାନେ ହେ ॥

ମୋ ହେବା ଗାନ ଥମିଲେ ଉଠେ ତାଙ୍କ ଗାନ
ନନ୍ଦ ଭରି ଉଡ଼ାନ୍ତି ସେ ସାହାର ତାନ
ଡାଳେ ଡାଳେ ବିହରି ଖେଳିବୁଲି ମୁଦେ
ଈଶ୍ୱରଙ୍କ ବିଶ୍ୱ ମହିମା ସୁଗନ୍ତି
ଘୋଟ ଦ୍ୱନ୍ଦ ହେ ॥

ତହିଁ ସେ ମୋ ବାନ୍ଧବ ମୁଁ ତାହାଙ୍କ ମିତ
ପରସ୍ପରେ ଶୁଣାଉଁ ନିଜ ନିଜ ଗୀତ
ସେଥିରେ ତାଙ୍କ ମୋହିବାର ସମ ଅଳଙ୍କାର
ନିର୍ଭରକରୁଁ ତହିଁର ପଦାର୍ଥ ସଙ୍ଗିରେ
ଇଚ୍ଛା ଯାଇ ହେ ॥

ଯେବେ କେବେ ଆଶକ୍ତ ପଶାରେ ଅଛନ୍ତି
ଅଛନ୍ତିକି ବନ୍ଧୁଁ ମୋ କରିଥାଏ ପ୍ରୀତି
ପଶିଏ ମୋ କରନ୍ତି କେତେ ଉପକାର
ଖାଇଯାନ୍ତି ମୋ ଶସ୍ୟ ବଳସ୍ତ କୀଟଙ୍କୁ
ବାରମ୍ବାର ହେ ॥

ଗଣ୍ଡ ଗାଈ ପଶୁ ମୁଁ ନିତ ପଢ଼େ ପାଠ
ଯୋଉମାନେ ମୋ ଗୁରୁ ମୂର୍ତ୍ତି ତାଙ୍କ କୃତି
ଦେଖୁଁ ମୋ ହେଉଛି ମଙ୍ଗଳ ଅଶେଷ
ନାହିଁ ପଢ଼ୁଥିବାରୁ ସତତ ପୋଥିଙ୍କ,
ଉପଦେଶ ହେ ॥

ପଡ଼ିଥିଲା ଅଳପ ବାଲୁତ କାଳରେ
ପଶି ଯେବେ ନ ଥିଲା ସ୍ତୁପ-ଜଞ୍ଜାଳରେ
ସେହିଁଦିନୁ ରହିଲା ଗୃହସ୍ତମ୍ଭ ଛାଡ଼ି
ଖଣ୍ଡରେ ମୋ ହାତରେ କଲମ, ଦିବସରେ
କୋଡ଼ି.ଦାଡ଼ି ହେ ॥

---

# ଆମ୍ଭ କୃଷି

ତେଣୁ ଜନ୍ମେ ଅମୃତ ଉତ୍ପନ୍ନ ମୋ ଉଦରେ
ତହିଁ ପାଇଁ ଶ୍ରମକୁ ବରଣ ମୁଁ କରେ
ଶ୍ରମ ଏକା ଅଟଇ ଅମୃତ-ଜନନୀ
ଶ୍ରମ ମୋର ଜୀବନ ସଙ୍ଗିନୀ କି ଧନ
କି ରତନ ହେ ॥

ଯେଉଁ ଭୂମି ପଡ଼ିଆ ରହିଥାଏଁ ଘରେ
ତାକୁ କରେଁ ହରଗ ଚିଡ଼ିଆ ଖଣ୍ଡରେ
ମାଣିକରେ କୃଷାଣ ଦ୍ୱାଦଶ ହଜାର
ତୋଳିଦେଲେ ଯେମନ୍ତ ବଢ଼ଇ ଦେହ କଥା!
ନ ପତ୍ୟୁର ହେ ॥

ମାଣ ଯଦି ନ ବୁଝ ତା ଏକ ଏକର
ପଢ଼ିଛ ତ ଇଂରାଜୀ ବୁଝିବ ଏଥର
ସେପରି ଶ୍ରମ କରନ୍ତି କୃଷାଣ ଗୃହରେ
ପଢ଼ାଶେଳା ବାବୁ କି ବୁଝିବେ ନ ଥିଲେ
ମୋ ପାଶରେ ହେ ॥

ଶୁଣି ବାବୁ କହିବ ଅଦ୍ଭୁତ କଥା
ପାଣି ଟାଣି ଟାଣି ମୁଁ ହୋଇଥାଏଁ ଥିଆ
ଅନର୍ଥକ ଶସ୍ୟରୁ ବସୁଥାଏ ଖାଳ
ବାହୁ ବଳେ ପାଣି ମୁଁ ଉଠାଏଁ ତହିଁରେ
ଖରାକାଳ ହେ ॥

ସନ୍ତକାଷ୍ଠ ଖଇ ମୋ ବଳଦ ସହିତେ
ତେବେ ଆଗ ଭୂମିକି ଫଗୁଣ ଚଷଇତ
ହୋଇଗଲେ ସଜଳ ମାଟି ଧୂଳି ପରି
ତହୁଁ କରେଁ ଉତ୍ତର ଉତ୍ତମ ସ୍ୱହସ୍ତେ
କୋଡ଼ି ଧରି ହେ ॥

ସେପରି ତହିଁ କୃଷାଣ ସାଜ ଖଣ୍ଡ ଖଣ୍ଡ
ଅବା ଲମ୍ବଖରେ ଠୋଠା ଠୋଠା ଦଣ୍ଡ
ତା' ଉପରେ ତହିଁରେ ଦେଉଛିଦିଏଁ ପାଣି
ମାଟି ଶୁଖି ଯେମନ୍ତ ନ ମରେ ଏମନ୍ତ
ଜାଳ ଜାଣି ହେ ॥

ଝିଅି ଝିଅି ବୀଜରୁ ଅଙ୍କୁରେ ପତର
ଅଭିନବ ଶ୍ୟାମଳ କୋମଳ ସୁନ୍ଦର
ତାହା ଦେଖି ଆନନ୍ଦେ ପୂରଇ ମୋ ମନ
ଦେଖିଦେଲେ ପୁତ୍ରକୁ ଯେସନ ଗରୀବ
ନବ ଧନ ହେ ॥

ବଢ଼ି ହୁଏ ପତର ଶସ୍ତା ଶସ୍ତା ପରି
ଯୋଳବାଏଁ ମୂଳର ମାଟି ଯତ୍ନ କରି
ଦଣ୍ଡ ଯାଉଥାଏ ମୋ ଦେହୁ ଘର୍ମଧାର
ବାଜୁଥାଏ ତହିଁରେ ପଣ-ଶସ୍ତ୍ରାଧାର
ଶୀର ପରି ସହି ତା' ଅମ୍ଳାନବଦନେ

ଲଭିଥାଏ କର୍ମ୍ମର ସାଧନେ ସିଦ୍ଧି ର
ଆସ୍ୱାଦନେ ହେ ॥

ବଢ଼ୁଥାଏ କୁଶାଗ୍ର ଉଠୁଥାଏ ଦଳ
ମୂଳ ମାଟି ଶୁଖିଲେ ଦେଉଥାଏଁ ଜଳ
ଯାବତ ନ ପଡ଼ଇ ବରଷାର ଧାର
ଲଭିଥାଏ ତାବତ ତା ସେବା ମୋହର
କରିବାର ହେ ॥

ବଢ଼ି ପିଣ୍ଡ ହେଲେ ତା ମୋହଠାରୁ ଉଚ୍ଚ
ବାନ୍ଧିଦିଏଁ ତା ଅଙ୍କେ ତାର ଫସଗୁଚ୍ଛ
ତଦ୍ଧ୍ୱେ ବଢ଼ି ଉଠିଲେ ବାଉଁଶ ସମରେ
ଭୟ ହୁଏ ପଡ଼ିବ ପବନ-ଘାତରେ
ଫାମ୍ପ ସାଙ୍ଗ ମିଶାଇ ବାନ୍ଧିଦିଏଁ ଦଳ
ପୋତିଦିଏଁ ବଳସ୍ତୁ ବାଉଁଶ ଦେବାକୁ
ତାକୁ ବଳ ହେ ॥

ଯାହା ସଙ୍ଗେ ସେ ରହିବ ତା ଗୁଣ ବସ ଥାଏ
ବଢ଼ନ୍ତି ମୋ କୁଶାର ବାଉଁଶ ପରିଏ
ଆକୃତିରେ ନ ହୁଏ ପ୍ରକୃତ ସମାନ
ଶୁଖିଯାଏ ବାଉଁଶ ମୋ ଆଖୁ ହୁଅଇ
ରସବାନ ହେ ॥

ଯେତେବେଳେ ବଢ଼ିତ ହୁଅଇ କାକର
ପାଚିଯାଏ ପତର କୁଶାଗ୍ରସାକର
ଆସିଯାଏ ମଧୁର ରସ ଥାଏ ପୂରି
ଉଚ୍ଚଯାକ କରନ୍ତି ମୋ ହୃଦ ଆନନ୍ଦ
ବଢ଼ିଲେ ଜୁଇ ଟେ ॥

ଶୁକ୍ଳି ଥାଉଥାଏ ତା ଅଙ୍ଗ ସର୍ବମାନ
ଶିର ପର ସୁବର୍ଣ୍ଣ ମୁକୁଟ ସମାନ
କାଟ-ଦନ୍ତଘାତରୁ ହେବ ଅଙ୍ଗ ରକ୍ଷୀ
ବୋଲି ଶୁଖି ପତ୍ରରେ ବନାଇଥାଏଁ ତା
ଅଙ୍ଗରକ୍ଷା ହେ ॥

ଯେତେବେଳେ ମନରେ ହୁଏ ମୋର ଆଶ
ଜଣେଦେବେ ଏବେ ମୋ ଦାଣ୍ଡିପ୍ଲା ଦନାଶ
ଘଟଣ ଦଳ ଦଳ ଯେ ଭୋଗ ଶୀତ ରଥେ
ଘଣ୍ଟା-ଘାର ପଞ୍ଜରେ ଶୃଗାଳ ହୁଅନ୍ତି
ଖତ ଦାଣ୍ଡେ ହେ ॥

ଚଳନ୍ତି ସେ ନଗରେ ଅପେକ୍ଷା ନିକଟ
ଘଣ୍ଟା ଦେଖି ସେ ଦଳେ ମଣଇ ସଙ୍କଟ
ବିପନାପଛି କରଇ ଯମର ବାହନ
ଡିମ୍ବବୂହ ବାରେ ମହିଷ ଭ୍ରମଇ
ଯନ ଘନ ହେ ॥

ଶୁଣି ଘଣାଘାରର ସଘନ ଗର୍ଜ୍ଜନ
ବନ୍ଧୁରନ୍ତି ସେ ଶବ୍ଦ କରିବେ ଗଞ୍ଜନ
ଦଳ ଦଳ ଶୁଣିଲେ ନ ରହିବ ଠେକ
ତେବାଲି ଘଣା ପଣ୍ଡିତ ମୋ ବାଡ଼ର ଶୁଣନ୍ତି
ଏକ ଏକ ହେ ॥

ଧର୍ମ୍ମ ରକ୍ଷି ନ କରି ମରଣକୁ ଭୟ
ଦେଉ ନିଜ ଦେହର ଆଶନ୍ତି ମୋ ଜୟ
ଦ୍ୱାଡ଼ ତାଙ୍କ ଶୁଣିଲ ଅନଳରେ ପଶି
ଭସ୍ମ ଗତେଶ ନାଚଇ ଦ୍ୱିତୀ ଅନଳ
ଶିରେ ବସି ହେ ॥

ନ ବୁଝନ୍ତି ସମସ୍ତେ ସେ ତତ୍ତ୍ୱ ନିଗୂଢ଼
ବୋଲିଥାନ୍ତି କୁଶାର ରସ ହେଲା ଗୁଡ଼
ଇକ୍ଷୁ ସେ ସେ ଇକ୍ଷ୍ୱାକୁ-ବଂଶ ପର ବୀର
ରଣେ ପ୍ରାଣ ଦେବାରେ ଯେ ଲଭେ ବୁଝନ୍ତୁ
ଏବେ ଧୀର ହେ ॥

ଜୀବନେ ଯା ଆଖୁର ଥିଲ ମଧୁ ଗୁଣ
ଗୁଡ଼ ଘନ ହୋଇ ତା ହେଲା ଦଶଗୁଣ
ବଞ୍ଚିଥିଲେ ଯେସବୁ ନ ପରି ସମରେ
ମଲେ ଅନ୍ତ ପଟ୍ଟରେ, ସଦାରେ ସେ ଜାନ୍ତି
ଯେ ତ ମରେ ହେ ॥

ଭଙ୍ଗାପାଇ ପାଟେ ଦେ ଶେଷ ଗଲ୍ଲ ଦନ୍ତେ
ଖଣ୍ଡ ଖଣ୍ଡ ହେଲା ବେ ବନ୍ଧନ ନମନ୍ତେ
ଘଣା-ଭଣେ ଶେଷ ମଲ ରହିଲ ତା ସଣ
ମୃତ ତିନି ନବାତ ସ୍ୱୁହେ ଗ୍ରହଣ
ଦଶ ଦଶ ହେ ॥

ଦେହ ଦେଲ ମୋ ଆଖୁ କରି କର୍ମ୍ମ ସିଦ୍ଧି
ତଣ୍ଡି ଚିରି ତାକୁ ପୂଜିଥିଲି ବାନ୍ଧି
ଦେହ ଧର୍ମ୍ମ ତା'ଠାରୁ କରିଛି ମୁଁ ଶିକ୍ଷା
କର୍ତ୍ତ୍ୱ ଶେଷ କରିବ ଜୀବନ, ଧରିଛି
ତାର ପକ୍ଷା ହେ ॥

ଯେ ଦେଉଛନ୍ତି ଏ ଦେହ ଭାର ଜନ୍ମ ପାଇଁ
କାଳ-ପକ୍ଷୀ ଡାଳକୁ ଯାଉଛନ୍ତି ଧାଇଁ
ସେ ଦେଉଛନ୍ତି ଜୀବନ ନିଜେ ହସ୍ତେ ଧରି
ଦାନା ମୁଖେ ଦେବ ମୋ ଶରୀରକୁ ଭରି
ଦାନ୍ତ ମୋର ଚୂର୍ଣ୍ଣିବ ଖାଦ୍ୟ ଅନେକ
ପୂର୍ଣ୍ଣ ରସ ଥିଲେ ମୋ ନାଡିବ ଅନଳ
ବଶ ହୋଇଲେ ହେ ॥

କର୍ଣ୍ଣ ମୋର ଯଦ୍ୟପି ଥିବ ମଧ୍ୟମସ୍ତ
ତେବେ ହେବ ଅଧିକ ମଧୁର ବସ୍ତୁସ୍ତ
ହେବ ଯେବେ ଅଳସ କରମକୁ ଡରି
ରହି ତ ନ ପାରିବ କରିବେ ଏ ମାଂସ-
ପିଣ୍ଡ ଧରି ହେ ॥

ବଢ଼ିଥାଏ କଳତା ଆଖୁ ଯାଚଣ ପାଚଣ
ଖାଇବାକୁ ରସନା ଚୋଷିବାରେ ଆସେ
ଆନ ତରକାରିକି ନ ଲୋଡ଼େ ମୋ ଘର
ସବୁ ଛାଡ଼ି ପ୍ରଥମ ପକାଏଁ କଳତା-
ଶାଗ ଖାଇ ହେ ॥

କାଇଁଥିଆ ବଢ଼ାଇ ଆଖୁ ସଙ୍ଗେ ସଙ୍ଗେ
ଶରୀରେ ନୟନ ଦେଖନ୍ତି ଫୁଲ ରଙ୍ଗେ
ରହିଥାଏ ବେଢ଼ି କରି ଆବରଣ
ଘରି ଅଙ୍ଗେ ଯେସନ କୋମଳ ବସନ
ଆଭରଣ ହେ ॥

ଦେହ ଦେନ ଦେହମାନ ଦେଉଥାଏ ଚର୍ମ
ଚର୍ମ ତାର କରେ ମୋ ଦନ୍ତର କର୍ମ
ଅଗ୍ନିରେ ତା ଅସ୍ଥି ର ହୁଏ ଅଙ୍ଗାର
ତାହା ଯୋଗୁଁ ସମସ୍ତେ ସ୍ପର୍ଶ ନ ହୁଏ
ଦରକାର ହେ ॥

କାଇଁଥିଆ ସବୁଠାରେ ଲଗିଥାଏ ଭେଣ୍ଡି
ନାମ ଯିନା ତାହାର ଗୁଣ ହିଁ ହେ ଭେଣ୍ଡି
ଭେଣ୍ଡି ଫଳ ଭକ୍ଷଣ ବଢ଼ ରୁଚିକର
ଯୋଗାଇ ଦେଉଛି ପଞ୍ଚାଳ ସହିତ ଗଠଳ ମୋ
ଟିଲୁଙ୍କର ହେ ॥

ଶିମ୍ବ ଲାଗିଥାଏ ମୋ ଆଖୁ ଦାଣ୍ଡି ବାଡ଼ି
ଶୀତେ ଶୋଭେ ସୁନ୍ଦର ଫୁଲେ ଫୁଟିଥାଉ
ଫଳ ହୁଏ ଯେତେ ସେ ଶୀତ ଶେଷ ପାଏ
ଶ୍ୟାମରୂପେ ସନ୍ଦିଙ୍କ ମରଣ ପରେ ସେ
ମଣ୍ଡଯାଏ ହେ ॥

ଥାଏ ଲଙ୍କାମରିଚ ବାଇଗଣ ଗଛ
ଛାଡ଼ି ତ ନ ପାରନ୍ତି କୃଷାଣର ପଛ
ଶିମ୍ବ ଲଙ୍କାମରିଚ ଭେଣ୍ଡି ବାଇଗଣ
ନିଜେ ଖାଇ ଖୁଆଇ ପରକୁ ଅରଜେଁ
ଦୂରି ଧନ ହେ ॥

ଜଦା ହେବା ପାଇଁ, ମୋ କୁଟାରି ବାଡ଼ିରେ
ଉଠିଥାଏ ସିମିଳ କଡ଼ୁଣୀ ଆଦିରେ
ତାଳ କରି ବେଢ଼ଣ ବାଳ ବପୁଷରେ
ଖୋଜି ଦେବିଲୁ ସିମିଳ ଦେଇଥା ଅଣି ମୋ
ହୁଏ ଘରେ ହେ ॥

କାନ୍ଥ ଲୁ ମୋ ସଭିତ ଆଖୁ ସନ୍ଧତରି
ଆଖୁଚେଲ ଗେହେନ ହୁଏ ତା ଦୁର୍ଭିର
ବେଗେ ବେଗେ ଜୀବନ କରିବାକୁ ଶେଷ
କଣୀଫଳ ପ୍ରଦାନ କରଇ ବିଶେଷ
କେବଳ ଫଳ ନ ସରି ଯାଉଥାଏ ଶୁଖି
ଦାଲିରୂପେ ବ୍ୟଞ୍ଜନ ହୋଇ ସେ ଲୋକଙ୍କୁ
କରଇ ସୁଖୀ ହେ ॥

# ଭୂମି କଥା

ଭୂମି ନାନା ଶ୍ରେଣୀର ଅଛି ମହୀତଳେ
ଭୂମିଯୋଗ୍ୟ ଶସ୍ୟରେ ଭଲ ଫଳ ଫଳେ
ଲୋକ ଜାଣି ନଅନ୍ତି କଲେ ବ୍ୟବହାର
ଉପକାର ହୁଅଇ ନ ହେଲେ ନଷ୍ଟସ୍ତୁ
ଅପକାର ହେ ॥

କାହାକୁ କି ଯୋଗ୍ୟତା ନ ଜାଣେ ଯେ ଜନ
ଏ ପ୍ରକାରେ ମୂଢ଼ ସେ କର୍ମର ସୃଜନ
ଏଣୁ ଲୋକଙ୍କରେ ସେ କରିବାକୁ କର୍ମ
ପ୍ରଥମରେ ଜାଣିବା ଉଚିତ କାହାର
କେଉଁ ଧର୍ମ ହେ ॥

ଭୂମି ଅଛି ପ୍ରଥମ ଶ୍ରେଣୀରେ ବାହାଳ,
ଦ୍ୱିତୀୟରେ ବେରଣା, ତୃତୀୟରେ ମାଳ
ଆଉ ପାଳ ଚତୁର୍ଥ ଶ୍ରେଣୀରେ ସେ ଅଛି
ତାଙ୍କ ମଧ୍ୟ ସରସ ନୀରସ ଜାଣ ହିଁ
ଭୂମିପାଠ ହେ ॥

ନରେ ଯଥା ପ୍ରଥମ ଶ୍ରେଣୀରେ ବ୍ରାହ୍ମଣ
ଦ୍ୱିତୀୟରେ କ୍ଷତ୍ରିୟ ତତେ ବୈଶ୍ୟଗଣ
ଚତୁର୍ଥରେ ଶୂଦ୍ର ସେ ଏବଧ ପ୍ରକାର
ନିଜ ନିଜ କର୍ମରେ କରନ୍ତି ସମାଜ
ଉପକାର ହେ ॥

ଯହିଁ ଜଳ ପ୍ରଚୁର ବାହାଳ ତା ଜାଣି
ସେହି ଏକା ବ୍ରାହ୍ମଣ ଯହିଁ ଦ୍ରବ୍ୟ ଜ୍ଞାନ
ଛିଟ ହେଲେ ବାହାଳ ହୋଇଯାଏ ଆଟ
ଶୂଦ୍ର ହୁଏ ବ୍ରାହ୍ମଣ ନ କଲେ ଉଦ୍ୟମ
ବେଦପାଠ ହେ ॥

ବାହାଳରୁ ନିମ୍ନ ବେରଣାରେ ଜଳ
ଜଳ ତାର ବଢ଼ାଏ ବାହାଳର ବଳ
ବ୍ରାହ୍ମଣଙ୍କୁ ପୋଷଇ କ୍ଷତ୍ରିୟର ବାହା
ବାହାଳକୁ ବେରଣା, ବିପ୍ରଙ୍କୁ କ୍ଷତ୍ରିୟ
ସଦା ସାହା ହେ ॥

ଭଟା ଭୂମି ବାନ୍ଧିଲେ ତହିଁ ରହେ ଜଳ
ବୃକ୍ଷପାଖ ତାହାର ପ୍ରାପ୍ତ ସମତଳ
ତା ଜଳକୁ ଲଭନ୍ତି ବାହାଳ ବେରଣା
ତେବେ ହୋଇଥାନ୍ତି ସେ ଉତ୍ତମ ସରସ
କ୍ଷେତ୍ର ଗଣା ହେ ॥

କି ବ୍ରାହ୍ମଣ କି ଅବା କ୍ଷତ୍ରିୟ କେବଳ
ବୈଶ୍ୟ ଧନେ କରନ୍ତି ଦୁର୍ବଳ ପ୍ରବଳ
ବୈଶ୍ୟ ଧନ ଅଭାବେ ନ ପାରନ୍ତେ ଚଳି
କାହିଁ ପାଠ ପଢ଼ନ୍ତେ କେମନ୍ତେ ହୁଅନ୍ତେ
ମହାବଳୀ ହେ ॥

ସବୁଠାରୁ ଉଚ୍ଚକୁ ଆଟ କହେ ତଥା
ଅନ୍ୟ ଭୂମି ଜଳକୁ ନାହିଁ ତା ଭରସା
ଯାହା ପାଏ କରଇ ଅପରଙ୍କୁ ଦାନ
ଧନ୍ୟ ତାର ମହତ୍ତ୍ୱ ତଥାପି ହୁଅଇ
ଫଳବାନ ହେ ॥

ଶୂଦ୍ର ସେବା କରଇ ଅନ୍ୟ ତିନି ବର୍ଣ୍ଣେ
ଶୂଦ୍ର ହୁଏ ପୋଷକ ତାହାଙ୍କ ଜୀବନେ
ନିଜ କର୍ମଲବ୍ଧ ଧନେ ପେଟ ପୋଷେ
ନିଜେ ରହି ଆନନ୍ଦେ ଅପର ସଭିଙ୍କି
ତହିଁ ତୋଷେ ହେ ॥

ଆଟ ହୁଏ ବାହାଳ ପାଏ ଯେବେ ଜଳ
ଆଟ ଗର୍ଭେ ଫଳଇ ବାହାଳର ଫଳ
ଶୂଦ୍ର ଲଭି ଦ୍ୱିଜତ୍ୱ ପାଏ ଯେବେ ଜ୍ଞାନ
ତଥା ତାର ଭୂପାଳ ସେ ଏକା ବଢ଼ାଏ
ତା ସମ୍ମାନ ହେ ॥

ବାହାଳର ଧାନଟି ବ୍ରାହ୍ମଣର ଯୋଗ୍ୟ
ବେରଣାର ଧାନଟି କ୍ଷତ୍ରିୟର ଭୋଗ୍ୟ
ବୈଶ୍ୟ ଶୂଦ୍ର ଖାଇଲେ ମାଳ ଆଟ ଧାନ
ନିଜ ନିଜ କର୍ମରେ ହୁଅନ୍ତି ସକ୍ଷମ
ବଳବାନ ହେ ॥

ନ ଭୂମି ନ ମାନବ ସମସ୍ତ ସମାନ
କେ ଉତ୍ତମ ମଧ୍ୟମ କେ ଅବା ଅଧମ
ସତ୍ତ୍ୱବଳେ ସମସ୍ତେ ହୋଇ ଥାନ୍ତି ଭଲ
ଉଦ୍ୟମ ହିଁ ପତନଉତ୍ଥାନ ଘଟାଇ
ମନ୍ଦ ଫଳ ହେ ॥

ଥାଏ ଭୂମି ମଧ୍ୟରେ ଲବଣ ବା ଖାର
ହେଲେ ତହିଁ ଯତନ ମିଳେ ଫଳ ଭରି
ନରେ ଥାନ୍ତି ପ୍ରତିଭାଶାଳୀ ବୁଦ୍ଧିମନ୍ତ
ଦେଖ ଚେଷ୍ଟାରେ ଯା ଫଳ ଫଳନ୍ତି ନ ହୁଏ
କର ଅନ୍ତ ହେ ॥

ଚଳ ସ୍ୱଭା ମାନଙ୍କେ ବାହାରିଲେ ନ ଭାଗ
କୂଳେ ଜନ୍ମ ମାତ୍ରକେ ନ ହୁଏ ବ୍ରାହ୍ମଣ
କଳ ଅଛି ଯତ୍ନରେ ନ ମିଳଇ ଫଳ
କୂଳେ ଜନ୍ମ ଅଦ୍ୟାପି ନାହିଁ ବିଦ୍ୟା ବଳ
ଶୁଣଇ ଦେଖ ଚାଣ୍ଡାଳ ବ୍ରାହ୍ମଣ ଦେଖ ଶୁଦ୍ଧ
ନାମ ତାଙ୍କ ସାର୍ଥକ ହୁଅଇ ପଣ୍ଡିତ
ଗୀତା ବୁଝିଁ ହେ ॥

ଆଦ୍ୟ ତିନି ଭୂମିରେ ହୋଇଥାଏ ଧାନ
ଆଦ୍ୟ ତିନି ବର୍ଣ୍ଣରେ ଥାଏ ବିଦ୍ୟା ଜ୍ଞାନ
ଅଟେ ଫଳ ଫଳଇ ପତନର ପ୍ରକାର
ଶୂଦ୍ରମାନେ ସ୍ୱବଳ କର୍ମରେ କରନ୍ତି
ଉପକାର ହେ ॥

ହୁଏ ଏକ ଭୂମିରେ ଭିନ୍ନ ଭିନ୍ନ ଫଳ
ହୁଏ ଏକ କୁଟୁମ୍ବ ଭିନ୍ନ ଭିନ୍ନ ବଳ
ଯେଉଁ ଫଳ ଯାହିଁରେ ହୁଅଇ ଉତ୍ତମ
ସିଏ ଯେଉଁ କାର୍ଯ୍ୟରେ ମାନବ ହୋଇ ତ
ଥାନ୍ତି କ୍ଷମ ହେ ॥

# ଧାନ ଚାଷ

ଜଗତରେ ବୃକ୍ଷ ଆଉ ଅନ୍ନ ଶସ୍ୟ
ସମସ୍ତଙ୍କୁ ଜଣିଲେ ସବୁଠାରୁ ଶସ୍ୟ
ସମସ୍ତଙ୍କୁ ଦେଇ ଲୋକ କରେ ଅବହେଳା
ଏ ସଂସାର-ସାଗର-ତରଙ୍ଗେ ବୁଡ଼ାଏ
କର୍ମବେଳା ହେ ॥

ସମସ୍ତରେ ଜୀବନ ସମସ୍ତେ ଚେତନ
ସମସ୍ତରେ ଜନ୍ମ ଯେ ସମସ୍ତେ ଅର୍ଜନ
ବାତବଳେ ଶସ୍ୟ ଫଳୁ ହୁଏ ହାନି
ବର୍ଷା ଜଳ ଶସ୍ୟ ଫଳନ ସମାନ
ଥାଏ ଜାଣି ହେ ॥

ସମସ୍ତରେ ଭୂମିକୁ କରିଥିବ ସ୍ୱଚ୍ଛ
ସମସ୍ତରେ ନିର୍ମାଣ କରିଥିବ ବାନ୍ଧ
କରିଥିଲେ ସମସ୍ତେ ସବୁ ଆୟୋଜନ
କର୍ମ ସିଦ୍ଧି ସୁଫଳ ସୁଯଶ ଲଭନ୍ତି
ସର୍ବଜନ ହେ ॥

ସ୍ୱଭାବତ ବଳଦ ଦିଅନ୍ତି ଲଙ୍ଗଳ
ବୃଷ୍ଟି ହେଲେ ଭୂମିରେ ରହିଥିବ ଜଳ
କେବଳ ମାଟି ଭିଜିବ ଗୋଡ଼ରୁ ବରଷା
ଏଥିରୁ ଉତ୍ତମ ଶରତ ବୋଲନ୍ତି
ତାଙ୍କୁ ଚଷା ହେ ॥

ହଳ ଦୁଇ ଚଳାଇ ଭୂଇଁବା ଉପରେ
ଢାଙ୍କିଥିବ ଶଙ୍କାରୁ ଉତ୍ତମ ରୂପରେ
ବଣ୍ଟୁଥିଲେ ଗାଈ ତା ଖାଇଦେବ ଘାସ
ଗାତ୍ରରେ ଯେ ଆହାର ଜାଗିବ ଫାଟିବ
ନାହିଁ ରଖି ହେ ॥

ଅନ୍ୟ ଦେଶର ବୃଷ୍ଟିଜନ ବରଷିଲେ ଜଳ
ଭୂଇଁ ଦେବ ବଳୁଆ ଚଳାଇ ଲଙ୍ଗଳ
ଭୂଣ ପରେ ତାକୁ ହିଁ ଚଷିଦେବ ଥରେ
ଭଲ ଗଜା ହୁଏ ତା ପ୍ରଥମ ଜଳରେ
ଉତ୍ତମରେ ହେ ॥

ହୋଇଗଲେ ପ୍ରଥମ ବରଷା ପ୍ରବଳ
ଭୂମି ତଟେ ଯଦ୍ୟପି ଉଚ୍ଛୁଳିବ ଜଳ
ଯୋତ ଥରେ ଭୂମିକୁ କରିଣ କର୍ଦ୍ଦମ
ବୁଣିଦେବ 'ଝେବଜା ବଳୁଣି' ତା ନୁହେଁ
ଅନୁତ୍ତମ ହେ ॥

ଅନ୍ୟରୂପେ ଧାନକୁ ହାଣ୍ଡିରେ ଗଜାଇ
ଯୋତି ଭୂମି କର୍ଦ୍ଦମ କପଟରେ ସଜାଇ
ବୁଣିଦେବ କର୍ଦ୍ଦମ ପିଠେ ଗଜା ଧାନ
ଚଳେ ଯାଏ ତେବେ ତା ଉପରେ ଉତ୍ତମ
ଫଳାମାନ ହେ ॥

ପୂର୍ବେ ବୁଣା ଧାନକୁ ବୋଳନ୍ତି ଅଛଗ୍ର
ହୁଏ ତାହା ପକ୍ଷୀଙ୍କ ଭୋଜନସମଗ୍ର
ରକ୍ଷି ପାଇଁ କୃଷକ ଥିବ ସାବଧାନେ
ପକ୍ଷୀ ତଡ଼ାଉଥିବ ଆନନ୍ଦେ ତୁମ୍ଭର
ପିଲାମାନେ ହେ ॥

ନ ବୁଣିବ ଧାନକୁ ଅତି ଖୁଣ୍ଟି ବହଳ
ନ କରିବ ଅଥବା ଅତି ଖୁଣ୍ଟି ବିରଳ
ଯେବେ ବୃକ୍ଷ ମୂଳ ତା ରସ ଅଣିପାରେ
ରଖିଥିବ ନଜର ସେତିକ ଅନ୍ତରେ
ରଖିବାରେ ହେ ॥

ଏକ ବଜୁଁ ଉଠଇ ଅନେକ ଅଙ୍କୁର
ଥିବ ବୀଜ କରିବ ପରସ୍ପରେ ଦୂର
ରସ ପାଇଁ ନ ହେବେ ପରସ୍ପରେ ମାଡ଼
ଗୃହ-ଦ୍ୱନ୍ଦେ ଆହାର ନମିଳେ ମଣିବେ
ହେଲେ ଗାଡ଼ ହେ ॥

ଧାନଗଛେ ହୋଇଣ ଆଣ୍ଠୁର ସମାନ
ଅବା ଅଧ ଆଣ୍ଠୁରୁ ନୋହିଥିବ ସାନ
ତାଙ୍କୁ ଅର୍ଦ୍ଧ ଅଙ୍ଗ ତା ଥିବ ଜଳେ ମଜ୍ଜି
ସୁଖାନ୍ତରେ ନୟନ ହେଉଥିବ ରଞ୍ଜି
ସେ ସମୟେ ତାହାକୁ ଭଲରୂପେ ଯୋତି-
ଦେଲେ ନାଶ ଯାଏ ସେ ଜଳରେ ବକାଣି-
ଆଣି ଜେଣ୍ଡ ହେ ॥

ଥିଲେ ତାଙ୍କ ମୂଳର ମାଟି ମୁଣ୍ଡା ମୁଣ୍ଡା
ନିଜ ହସ୍ତେ ତା' କରିଦେବ ଗୁଣ୍ଡା ଗୁଣ୍ଡା
ତାହା ହେଲେ ସ୍ୱଚ୍ଛନ୍ଦେ କରି ଅବସ୍ଥାନ
ତୁମ୍ଭ ହିତ କାମନା କରିବେ ଉଲ୍ଲାସେ
ଗଛମାନ ହେ ॥

ଖରଡ଼ି କି ବଳୁଣି ଅଥବା ଅହୁଣି
ପତ୍ରା ଥିବ ପକାଇ ଅଯୁକ୍ତା ପଡ଼ଶି
କରିଥିବ ଧାଗ କା ସାଡ଼ରେ ହରସ
ରସ ପାଇ ପତ୍ରାଏ ଲଭିଲେ ହରଷ
ନ ଭରିବ ପତ୍ରାକୁ ରଖିବାକୁ ଯତନ
ବଢ଼ନ୍ତି ସେ କୈଶବେ ସରସ ଗଁ ବନେ
ପତ୍ରାସବୁ ହେଲାରୁ ଅର୍ଦ୍ଧ ଅର୍ଦ୍ଧ ହସ୍ତ
ମୂଳେ ଜଳ ମଡ଼ାଇ ଉପାଡ଼ି ରଖିବ
ସେ ସମସ୍ତ ହେ ॥

ବିଡ଼ା ବାନ୍ଧିଥିବ ତା ମୁଠିଏ ପ୍ରମାଣ
ଧୋଇଦେବ ଜଳେ ତା ଜନ୍ମ ମାଟିମାନ
ଯେଉଁ କ୍ଷେତେ ରୋପିବ ଭରି ଦେଇ ଜଳ
ଆଗେ ଦେବ କଟରେ ତା ପରେ ଲଙ୍ଗଳ
ଘାସ ଲଟା ସକଳ ହୋଇଯିବ କାଦ
ତନ ତନ ଲଙ୍ଗଳ ଦେଇ ପଡ଼ି ଗାଦ
ଶେଷେ ପୁଣି ଚଣ୍ଡିରେ କଟରେ ଚଳାଇ
ଗୋଟି ଗୋଟି କରିଲେ ପତ୍ରାକୁ ରୋପିବ
ଚଷାଗଣ ହେ ॥

ଯେତେବେଳେ ଯେମନ୍ତ ଯାଇଥିବ ଯାଗ
ତେତେବେଳେ ସେ କର୍ମ କରିଥିବ ଆଗ
ଘୁଞ୍ଚିଗଲେ ସମୟ ଲୋଡ଼ିଲେ ନ ମିଳେ
ଆଗ କାର୍ଯ୍ୟ ପଛକୁ କଦାପି ରଖିବ
ନାହିଁ ଭଲେ ହେ ॥

ଏକମାତ୍ର ଜଳ ତ କୃଷିର ଭରସା
ତୁମ୍ଭ ପାଇଁ ଝାଳ ତ ନ ଥିବ ବରଷା
କରିଥିଲୁ ମାତ୍ରକେ କଣ୍ଢେଇବ କାମ
ସିଦ୍ଧି ପଦ ନ ମିଳେ ସାଧନେ ଜାଣିବ
ବଧ୍ୟ ବାମ ହେ ॥

ଅତିବୃଷ୍ଟି ଅବୃଷ୍ଟି ଉଭୟ ସମାନ
ରକ୍ଷି ପାଇଁ ସର୍ବଦା ଥିବ ସାବଧାନ
ଜଳ ଛାଡ଼ିଦେବାକୁ ରଖିଥିବ ପଥ
ଥିବ ଜଳଭଣ୍ଡାର ଯହିଁରେ ଚଳାବ
ମନୋରଥ ହେ ॥

ଆଣ୍ଟ ଧାନ ଦାଉଲେ ରହେ ଯେଉଁ ମୂଳ
ଉଚ୍ଚ ଥିବ ଦଶ କି ଦ୍ୱାଦଶ ଆଙ୍ଗୁଳ
ପତନରେ ଲଗିଲେ ସେହି ମୂଳମାନ
ଗୁଣି ପୁଣି ପଚର ଫଳଇ ଆନ୍ତର
ଅତର ଧାନ ହେ ॥

ସେହି ଧାନ ବୁଣିଲେ ଆଉତ ବରଷ
ଗଛମାନ ତାହାର ହୁଅନ୍ତି ସରସ
ନ ମରଇ ଅଳପ ବରଷିଲେ ଜଳ
ମୂଳ ଫଣି ଗଣ୍ଡାର ଉପରେ ଫଳଇ
ଭଲ ଫଳ ହେ ॥

ଧାନ ଚାଷ କରିବ ଯଦ୍ୟପି ମୃଦୁବନ୍ତେ
ଲଗିଥିବ ତହିଁରେ କୁଟୁମ୍ବ ସମସ୍ତେ
ତେବେ ଧାନ ତୁମ୍ଭଙ୍କୁ ଯୋଗାଇବ ଅନ୍ନ
ଗୁଡ଼ିକାକଲେ ସମସ୍ତ ଲୋକଙ୍କି ଖାଇ ତ
ଯିବ ଅନ୍ୟ ହେ ॥

ଖେତ ଥିବ ଯଦ୍ୟପି ଅତ୍ୟନ୍ତ ଉର୍ବର
ନଗିଥିବ ପ୍ରାଚୀର ଦେବଦାରୁ ବର
ଖେତ ମୁଣ୍ଡେ ପ୍ରଚୁର ରହିଥିବ ପାଣି
ମାଡ଼ୁଥିବ ଖେତକୁ ବେଳ କାଳ ଜାଣି
ଗୋଡ଼ ପୋଡ଼ି ଯେ ଖେତ ହେବ ଗ୍ରାସ ଦାସ
ତା ନ ହେଲେ ସ୍ୱୃଷ୍ଟି ସମସ୍ତେ କରିବ
ସର୍ବନାଶ ହେ ॥

କରିଥିବ କେତେ ଅରଥ ଖରଚ
ଉଠିଥିବ ଉତ୍ତମ ତୃଣ ଧାନଗଛ
ତଥ୍ୟ ସେପରେ ନ ହେବ ବାଶ ବରଷଣ
ଧାନ ମଣ୍ଡ ତୁମ୍ଭର ପ୍ରାଣକୁ କରିବ
କରଷଣ ହେ ॥

## ଚଣା

ଶରଦର ଅନ୍ତିମ ଶାରଦୀୟ ଧାନ
ମଧ୍ୟେ ଚଣା କର୍ଦ୍ଦମେ ବୁଣିବା ବିଧାନ
ଧାନକଟା ସମୟେ ଲଭା ଥାଏ ଉଠ
ବଢ଼େ ପଛେ ସ୍ୱଚ୍ଛନ୍ଦେ ଫୁଲ ଯାଏ ଫୁଟି
ମାଘ ମାସ ସରିକି ଫଳେ ହୋଇ ଭରି
ଫଗୁଣରେ ଦେଇ ତା ସ୍ୱାମୀଙ୍କ ତେଜଇ
ବହୁବିଧ ହେ ॥

ଆଣ୍ଟ ଧାନ କାଟିଲେ ଆଣ୍ଟ ଚଷି ପୁଣି
ମୁଗ ବ୍ରୀହି କୋଳଥ ତହିଁ ପାରୁ ବୁଣି
ତହିଁ ସଦା କରିବ ନଳତାର ଚାଷ
ଭୂମି ହେବ ସରସ ବଳଦେ ବଞ୍ଚିବ
ପାଇ ଗ୍ରାସ ହେ ॥

ନଳତାର ବକଳ ହୁଏ ଭଲ ପାଟ
ବନ୍ଧ ଛନ୍ଦିପାରିବ ଦୁର୍ଖ ସଙ୍କଟ
ଯେଉଁ ଦ୍ରବ୍ୟ ବଦଳେ ମିଳାପାରେ ଟଙ୍କା
ତାହା ଥିଲେ ଅଶନ ବସନ ଅଣ୍ଟିବ
ନାହିଁ ଶଙ୍କା ହେ ॥

ଆଣ୍ଟ ଧାନେ ଅଳପ ମିଳଥାଏ ଫଳ
ସେପେଶାଆଣ୍ଟ ଧାନଙ୍କି ଆଣ୍ଟ ଧାନେ ଭଲ
କଟା ଗଛୁ ଜନମି ଫଳିଲେ ସେ ଧାନ
ବାଷ୍ପାଳଙ୍କୁ ବଳ ସେ ଫଳଇ ଅଧିକ
ପରିମାଣ ହେ ॥

ସୋରିଷର ସହିତ ଚଣା ସଦା ବୁଣି
ଦୁହେଁ ବଢ଼ି ଏଥିରୁ ଫଳ ଦୁଇ ଗୁଣି
ଆଗ ପାଚି ସୋରିଷ ହୋଇଯିବ କଟା
ମାସକର ଉତ୍ତାରେ ପାଚିବ ଶୁଖିବ
ଚଣା ଲଟା ହେ ॥

ଖମ୍ବଆଳୁ ଶିମ୍ବୁଳୀ ଆଳୁ ମୁଗଫଳୀ
ଓଲ କନା ମାଟିର ତଳେ ଥାଏ ଫଳି
ମକା ଆଖି ଖାଣ୍ଡ୍ରା ହରିଣ ଗହମ
ଅଳ୍ପବୃଷ୍ଟି ହେଲେହେଁ ଫଳଇ ଉତ୍ତମ
ଏମାନଙ୍କୁ ସମସ୍ତେ କରିଥିବ ଚାଷ
ଧାନ ସଦା ମରିବ ଏଥିରେ ନ ହେବ
ହତ-ଆଶ ହେ ॥

ଖମ୍ବଆଳୁ ରୋପିବ ବଇଶାଖ ମାସେ
ଖୋଳିବ ତା ପଉଷ ମାଘ ଉପଟେ ଆସେ
ଖମ୍ବଆଳୁ ଶଳଗ ଆଳୁର ବଦଳେ
ଖାଇବାକୁ ସ୍ୱାସ୍ଥ୍ୟ ସମ୍ବନ୍ଧେ ଉତ୍ତମ
ରୂପେ ଚଳେ ହେ ।।
ଶିମୁଳୀର କଲମ ତିନି ତିନି ହାତେ
ଭୂମି ଚଷି ଉତ୍ତମ ରୋପିଦେବ ଖାତେ
ଲଗାଇବ କଲମ ଫଗୁଣ ମାସରେ
ଜଳ ରହି ନ ଦେବ ତାହାର ପାଖରେ
ଦୁଇ ହାତୁ ଅଧିକ ନ ବଢ଼ିବ ଗଛ
ଅଗ ଛାଣିଦେଲେ ତା ନ ବଢ଼ି ରହିବ
ହୋଇ ଗଛ ହେ ।।

# ମୁଗଫଳୀ

ବାଲିଆ କି ପଥରମିଶ୍ର ଯେଉଁ ଆଟ
ଭଲ ବଳେ ତାହାକୁ ଚଷିଦେବ ଅଣ୍ଟ
ମୁଗଫଳୀ ରୋପିବ ବୃଶ୍ଚି ଅନ୍ତରେ
ମାଣକରେ କୋଡ଼ିଏ ସେରର ଭିତରେ
ଗଛ ତାର ଉଠିଲେ ଅର୍ଦ୍ଧ ହସ୍ତ ସରି
କୋଦାଳରେ ମୂଳକୁ ତା ଖାଣ୍ଡି ମାଟିରେ
ଦେବ ଭରି ହେ ।।
ଭଲ ମାଟି ଭିତରେ ହେଲେ ମୁଗଫଳୀ
ସେତେରେ ଶାଳ ଷାଠିଏ ସେରୁ ପିବ ବଳ
ଅବରତା ସମ୍ବନ୍ଧେ କହିବ ଏ ଗୁଡ଼
ଫଳ ତାର ଆଦାୟ କରିବା ଲାଗଇ
ତିନି ମାସ ହେ ।।
ପାଞ୍ଚ ସେର ଫଳରେ ଦୁଇ ସେର ତେଲ
ପିହୁଆକୁ ବଳଦ ଖାଏ ଦୁଗ୍ଧି ହେଲେ
ତେଲ ମାଖି ପାରିବ କରିବାର ପିଠା
ପିଠା ତାର ଲାଗିବ ଲୁଣ୍ଡକୁ ଦୃଢ଼ରେ
ଖରି ମିଠା ହେ ।।

# ଓଲ

ଓଲ ଅଣ୍ଟୁ ଏମନ୍ତ ଗଭୀରେ ଲଗିଲେ
ଗଲୁ ତାର ନ ଯାଏ ଜଣା ରହିଁ ତଳେ
ସାତ ମାସେ ମିଳଇ ତାର ଭଲ କନ୍ଦ
ଷତି ତାର କରି ନ ପାରଇ ବରଷା
ହେଲେ ମନ୍ଦ ହେ ।।

## ମକା

ଜ୍ୟେଷ୍ଠମାସେ ଖରାରୁ ଜମି ଥିବ ତାତି
ସମୟ ଦେଖି ସେ ଦିନ ଉତ୍ତମ ବରଷି
ସେହିଦିନ ମକାକୁ ବୁଣିବ କ୍ଷେତରେ
ଧାଡ଼ି କରିଥିବ ତା ହାତେକ ଅନ୍ତରେ
ମଞ୍ଜିମାନ ପୋତିବ ଅର୍ଦ୍ଧ ଅର୍ଦ୍ଧ ହସ୍ତ
ହେବେ ଗଛ ସୁନ୍ଦର ବର୍ତ୍ତିଣ ଫଳିବ
ଭଲମତେ ହେ ।।

ମକା ଗଛ ଉଠିଲେ ଆଣ୍ଠୁ ପରିମାଣ
ମାଟି ଖୋଳି ଆବଶ୍ୟ ଦେବ ମୂଳମାନ
ମାଟି ବଳେ ବଢ଼ିବ ହୋଇ ସେ ଉନ୍ନତ
ଉତ୍ତରେ ସୁପୁଷ୍ଟ ଫଳ ଦ୍ୱି ଦଅଳ
ଚିତ୍ର ଶତ ହେ ।।

## ଝାଙ୍ଗୁରା ବା ଦେବଧାନ୍ୟ

ଦେବଧାନ୍ୟ ମାନ୍ଦ୍ରାଜିମାନଙ୍କ ସମ୍ବଳ
ବଗାଡୁ ଖାଏ ତା ଗଛ ନର ଖାଏ ଫଳ

ବୃଷ୍ଟି ବିନା ନ ହେଲେ ଧାନ ହୋଇନାହିଁ ବୃଥା
ଦଶହରା ମାସରେ କ୍ଷେତରେ ଏ ଧାନ
ଦେବ ବୁଣି ହେ ।।

## ହରିଣ ଗହମ

ଯେଉଁ ଭୂମି ଭୂମୂର ସବୁଠୁ ଅଧମ
ତହିଁ ନେଇ ବୁଣିବ ହରିଣ ଗହମ

ମାର୍ଗଶିର ପୂର୍ବରେ ଏହା ବୁଣିପାର
ବଂଶ ଗୁଣ ଫଳ ସେ କରିବ ଦୁର୍ଭିକ୍ଷ-
ଦୁଃଖୁ ପାର ହେ ।

## ଜେରୁସାଲେମ୍ ଆର୍ଟିଚୋକ୍

ଜେରୁସାଲେମ୍ ଆର୍ଟିଚୋକ୍ ହୁଏ ଯେଉଁ ମୂଳ
ସ୍ୱାଦୁ ତାହା ମଧ୍ୟରେ ଅଟଇ ଅତୁଳ ।

ନ ମରଇ ସେ ଗଛ ମନ୍ଦ ବରଷାରେ
ନ ଉବୁଇ ଅଧିକ ବର୍ଷିଲେ ରସାରେ

ମୂଳିକ ତାହାର ଜଳ ନ ରହିବାକୁ ଦେଲ୍
ଜଳ ଦୂରକରଣେ କଦାପି କରିବ
ନାହିଁ ହେଳା ହେ ॥

ଭୂମି ଚଷି ବୈଶାଖେ ଖାଳ ଭଲ ଖତେ
ମୂଳମୁଖୀ ରୋପିବ ଦେଡ଼ ଦେଡ଼ ହସ୍ତେ
ଗଛ ହେଲେ ଆଷାଢ଼େ ମୂଳପାଖ ଖୋଳି
ମାଟି ସବୁ ମୂଳରେ ଦେବ ତାର ତୋଳି

ମାର୍ଗଶିର ମାସରେ ଗଛ ଗଲେ ଶୁଖି
ଖୋଳି ବଡ଼ ମୂଳ ତା ଖାଇବ ବନ୍ଧନ
ହେବ ସୁଖୀ ହେ ॥
ମାର୍ଗଶିରେ ରୋପିଲେ ଅଲଗା କ୍ଷେତରେ
ଜଳ ଦେବ ତହିଁରେ ମାସକରେ ଥରେ
ସମସ୍ତେ ତା ମୂଳର ମାଟି ଦେବ ତୋଳି
ଚଇତରେ ସେ ଗଛ ଶୁଖିଲେ ମୂଳକୁ
ନେବ ଖୋଳି ହେ ॥

## କନ୍ଦମୂଳ

ମୂଳ ଥିବ କରାଇ ଆଷାଢ଼ ଶ୍ରାବଣେ
ଲତା ବଢ଼ିଥିବ ତା ଜଳ ବରଷଣେ
କାର୍ତ୍ତିକରେ କରଣି ମାଳ ଅବା ଆଣ୍ଠ
ଧାଡ଼ି ଧାଡ଼ି ରଖିବ ଜଳ ଯିବା ବାଣ୍ଠ
ସେହିକ୍ରମେ ରହିବ ହାଡ଼ ଧାଡ଼ି ଧାଡ଼ି
ଲତା ଗଣ୍ଡି ସ୍ଥଳରେ ପୋତିଲେ ବଢ଼ି ତା
ଯିବ ମାଡ଼ି ହେ ॥

ଜଳ ଦେବ ତହିଁରେ ସମସ୍ତ ସମସ୍ତ
ଲତା ବଢ଼ି ଦିଶିବ ସୁପଲ୍ଲବମସ୍ତ
ଏହିମାନ ଘାଟିଲେ ଫାଲ୍ଗୁନ ଶେଷରେ
ମୂଳ ଖୋଳି ପାଇବ ସ୍ଥୂଳ କନ୍ଦା ତା
ବରଷରେ ହେ ॥

## ଭଲି ବା ପିଆଜ

କାରତିକ ଅଥବା ମାର୍ଗଶିର ମାସ
ଆରମ୍ଭରେ ହଳରେ ଭଳ ଗୁଣ୍ଡ କାଶ
ଭୂମି ଚଷି କରିବ ଉତ୍ତରି ଉତ୍ତରି
କାଢ଼ି ଦେବ ତରଳ ପାଣି ଦେଲେ ପୂର
ରୋପିଦେଲେ ବନ୍ଧନ ଭଳି ସାନ ସାନ
ଧନ୍ତ୍ରମାନ ଉପୁଜି ତହିଁରେ ଫୁଟିବ
ଫୁଲମାନ ହେ ॥

ସେଥିଁ ଫୁଲ ନ ଫୁଟ ମନ ଆଗେ ଭାଙ୍ଗି
ଖସ୍ ଶୀତ ବାତରେ ଯାଲ୍ଟିବ ମଞ୍ଜି
ଦେଖିଲେ ଦେବେଳ ମୂଳରେ ଯାଉଥିବ ଜଳ
ମଞ୍ଜି ଯାତ ଆଗତ ନିମନ୍ତେ ବନ୍ଧନ
ହେବ ଭଲ ହେ ॥
ଶୁଖାମାଟି ଉତ୍ତରି କରି ତହିଁ ଭଲି-
ମଞ୍ଜି ଖଣ୍ଡା ପକାଇ ସିଞ୍ଚିଦେବ ଧୂଳି

ଧୂଳିଶୁଖା ଗୋବର ବାଲୁକା ସହିତ
ମିଶା ହୋଇଥିବାର ଅବଶ୍ୟ ବିହିତ
ତା ଭିତରେ ତାହାକୁ ମାଡ଼ିଦେଇ ପାଦେ
ଜଳ ଦେଲେ କ୍ରମଶଃ ଅଙ୍କୁର ଉଠିବ
ଅପ୍ରମାଦେ ହେ ॥
ସେ ଅଙ୍କୁର ଉଠିଲେ ଚାରି ଛଅ ଅଙ୍ଗୁଳି
ଟେକି ଦେଇ ଉପାଡ଼ି ଦେବ ଧରି ମୂଳ
ଅନ୍ୟଠାରେ କାଦୁଅ ଭୂମିର ଭିତରେ
ଗୋଟି ଗୋଟି ରୋପିବ ମୁଠିକ ଅନ୍ତରେ
ଟେକଲେ ବେଳେ ମଢ଼ାଇ ଦେଉଥିବ ପାଣି
ନଚେତ୍ ଭଲ ପିଆଜ ହୁଚୁର ଚାଲିବ
ବେଳେ ଜାଣି ହେ ॥

## ବାଇଗଣ

ଶ୍ରାବଣରେ ଆରମ୍ଭ ବା ଚରମ ଆଷାଢ଼େ
ବାଇଗଣ ବୁଣିବ ଭୂମି ଚଷି ଗାଢ଼େ
ଆଶ୍ୱିନରେ ସେସବୁ ଗଛକୁ ଉପାଡ଼ି
ରୋପିଦେବ ଅନ୍ୟସ୍ଥ କରି ଧାଡ଼ି ଧାଡ଼ି
ଆଗୁଁ ସେହି ଭୂମିକି ଚଷିଥିବ ଭଲ
ହାତେ ହାତେ ଅନ୍ତରେ ରୋପିବ ସକଳ
ପାଣି ଦେଲେ ମୃତ୍ତିକା ଯାଉଥିବ ବସି
କୋଦାଳରେ ଖୋଳିବ ଲଙ୍ଗଳରେ ଚଷି
ଦୁଇ ମାସେ ଧରି ସେ ଫୁଲ ସଙ୍ଗେ କଷି
ଫଳ ଦେବ ବହୁତ ନଇଁଥା ଦେଲକୁ
ତୁଷ୍ଟି ହସି ହେ ॥

## ଲଙ୍କାମରିଚ

କଲେ ଲଙ୍କାମରିଚ ବାଇଗଣ ପରି
ତୋଟେ ଲମ୍ବ ସ୍ଥୂଳ ଫଳ ଦାନ କରି
ଛୋଟ ଫଳ ସୁରଙ୍ଗ ହୁଏ ଅତି କଟୁ
କଟୁ ହୋଇ ରସନା ରଞ୍ଜନରେ ପଟୁ
ଶାଳୀ ଗୃହ ସବୁଏ ଆଦର ତାହାର
ଘରେ ଘରେ ବ୍ୟଞ୍ଜନେ ବ୍ୟଞ୍ଜନେ ସଦା
ବ୍ୟବହାର ହେ ॥

## ଆଳୁ

ରଖିଥିବ ବହନ ଭଲ ଭଲ ଆଳୁ
ଶୁଷ୍କ ସ୍ଥଳେ ମଧ୍ୟରେ ବର୍ଷା ପୂର୍ବକାଳୁ
ଅବାଲିଆ ସ୍ଥାନରେ ବାଲିର ଉପରେ
ଚାଉଥିବ ପବନ ଲାଗିଁ ଯେ ରୂପରେ

ବଡ଼ ଆଳୁ ହଉର ଯାଇଥାଏ ଯେତି
ଏଣୁ ବାଛି ମଧ୍ୟମ ଭଲ ଥିବ ଯେଉଁ
ଚଟଗୁଡ଼ିକ ତହିଁରୁ ସାଉଥିବ ସଢ଼ି
ଫିଙ୍ଗିଦେବ ସେସବୁ ଦେଖିଲ ମାତ୍ରକେ
ଯେତ୍କ ଗୁଣ ହେ ॥

ଯଦି ଆଳୁ ବିହନ ନ ରଖିବ ନିଜେ
କ୍ରୟ ପୁଣି କରିବ ଅଙ୍କୁରିତ ଗଜେ
ଦେଖିନେବ ତହିଁରେ ଗଜା ଥିବ ଉଠି
ବଡ଼ ଆଳୁ ନେବାରେ ନ କରିବ ତ୍ରୁଟି
ଘର ମଧ୍ୟେ ରଖିବ ଓଦା ବାଲି ଯେତେ
ଅଧା ଅଧା ଥିବ ତା ବାଲିର ଭିତରେ
ବଢ଼ୁଥିବ ଅଙ୍କୁର ପବନ ବାୟୁ ପାଇ
ତେତେଣେ ଭୂମି ତିଆରି କରିବ ଲଗାଇ-
ବାର ପାଇଁ ହେ ॥

ଖାତଡ଼ ଭୂମି ତିଆରି ଆଠ ଦଶ ଥର
ମଧ୍ୟ ମଧ୍ୟ ତହିଁରେ ଚଳାଇ ଉପର
ଟିକ୍କ ସଢ଼ା ଗୋବର ଅବା ପୋଡ଼ାଳିଣ୍ଡି
ଗୁଣ୍ଡି କରି ଭୂମିକି ଦେଇଥିବ ମଣ୍ଡି
ଦୁଇ ଏକ ଗଜାରେ ଆଳୁ କରି ଖଣ୍ଡ
ଲଗାଇଲେ ବିହନ ଭୂମିର ନ ହେବ
ଗୁମ ଖଣ୍ଡ ହେ ॥

ଅର୍ଦ୍ଧହସ୍ତ ଅନ୍ତରେ କରି ଧାଡ଼ି ଧାଡ଼ି
ରୋପିଦେବ ବିହନ ନବାଙ୍କୁର ଛାଡ଼ି
ଦେଖିନେବ ଦଶ କି ପନ୍ଦର ଦିନରେ
ଗଛ ଉଠି ନ ଥିବ ଖରା ପବନରେ
ଆଶ୍ୱିନର ଖରାରେ ଶୁଖିଗଲେ ମାଟି
ଭୂମି ଦେବ ଭିଜାଇ ଜଳରେ କିଞ୍ଚିତ୍
ବାଟ କାଟି ହେ ॥

ଗଛ ଯେତେବେଳେ ଉଠିବ ଅର୍ଦ୍ଧ ହସ୍ତ ସମ
ଗୋଡ଼ିଦେବ ମୂଳକୁ ମାଟିରେ ପ୍ରଥମ
ତୃତୀୟ ଟିଆ ମାଟିର ଉପରେ
ଦିଗ୍ରରେ ପାଇନ ଖତ ସୂତ୍ରରେ
ପୁଣି ଦିନ ପନ୍ଦର ଦଶଙ୍କ ଅନ୍ତର ଅନ୍ତର
ଦେଉଥିଲେ ଗଛ ଗାଢ଼ ତା ଉଠଇ
ଯତନରେ ହେ ॥

ଆଳୁ କ୍ଷେତ ସତତ ରହିବ ଜଳାଶ୍ରୟ
ଜଳ ମାତ୍ର ନ ପିବ ନ ଉଠିବ ଘାସ
ଜଳ ନାଳୀ ରଖିବ ଦୁଇ ଧାଡ଼ି ପରେ
ଭିଜୁଥିବ ମାତ୍ରକ ମୂଳ ଯେ ଜଳରେ
ଅଶ୍ୱିନରେ ରୋପିଲେ ମାଘ ଫାଲ୍ଗୁନରେ
ଖୋଳିଦେଲେ ଆଳୁକୁ ପାଇବ ଦଶର
ଦ୍ୱିଗୁଣରେ ହେ ॥

ଆଖୁ କୋବି ଦୋକାଠା ହୋଇଥାନ୍ତି ଯହିଁ
ଆଳୁ ଯଦି ରୋପିବ ଅବଶ୍ୟ ନ ହେବ ତହିଁ
ଶୁଖିଗଲେ ମୃତ୍ତିକା ଦେଉଥିବ ଜଳ
ଖୋଳିଦେବ ଯେବେ ତେବେ ଶୁଖିଯିବ ଜଳ
ଆଳୁବୃକ୍ଷ କରିବ ହୋଇ ସାବଧାନ
ଏତେ ହେଲେ ତା ଫଳ ଭୂମିକୁ ଛାଡ଼ିଲ
ଦେବ ଧାନ ହେ ॥

ଅନ୍ୟ ସ୍ଥଳେ ରୋପିଲେ ଦେବ ବହୁ ଖତ
ପୋଡ଼ାଳିଣ୍ଡି ଦେଢ଼ଶ ମହଣ ପର୍ଯ୍ୟନ୍ତ
ଅବା ଜଙ୍ଗ ପିଡ଼ିଆ ତିରିଶ ମହଣ
ପୋଡ଼ାଳିଣ୍ଡି ବିଘୁଣେ ଗୋମୟକୁ ଗଣ
ଏଥିଁ ଏକ ଏକରକୁ କମି ଏକ ମାଣେ
ଦେଲେ ଆଳୁ ହୁଅଇ ପରସ ଅଧିକ
ପରିମାଣେ ହେ ॥

# କୋବି

କୋବି ଫଳ ବୁଣିବ ଭଦ୍ରବ ଆଶ୍ୱିନେ
ଅର୍ଦ୍ଧହସ୍ତ ଗଭୀର ବାକସ ବା ଟିନେ
ଭଲ ମାଟି ସହିତ ଖତ ଗୁଣ୍ଡ କରି
ଚୋପାରେ ଉଣ୍ଡାସେ ଅଳଗ ତହିଁ ଭରି

ବୁଣିଦେବ ଚନ୍ଦନ ଚଉକ ଅନ୍ତରେ
ଢାଙ୍କିଦେବ ମୃତ୍ତିକା ପତର ଉପରେ
ରଖିବ ତା ପୂରବ ଦିଗ ଦାରଣ୍ଡାରେ
ଅଙ୍କୁରିଲ ଅଙ୍କୁର ପାଉଁଶ ଗୁଣ୍ଡ
ଦେବ ବାଡ଼ରେ ହେ ॥

ଯଦି ତହିଁ ଦେଖିବ ଗଜା ରସ ଲାଗି
ନଲି ଗୁଣ୍ଡି ଅଥବା ପୋକ ଥିବ ଲାଗି
ପୁଣି ଦେଲେ ତହିଁରେ ପାଉଁଶ ଗୁଣ୍ଡ
ଗୁଣ୍ଡି ପୋକ ତହିଁରୁ ପଳାଇବେ ଗୁଡ଼
ଶୁଖିଗଲେ ମୃତ୍ତିକା ଦେଉଥିବ ଜଳ
ଦୁଇ ତିନି ଦିବସ ଅନ୍ତରେ ସେ ଜଳ
ଦେବା ଭଲ ହେ ॥

କେଉଁ କ୍ଷେତ ଚଷିବ ଆଳୁ କ୍ଷେତ ପରି
ଖତ ମଧ୍ୟ ସେରୂପେ ଦେଇଥିବ ଭରି
ଫୁଲକୋବି ଯେପରି ଶ୍ରେଣୀପରି ବନ୍ଧା
ଏକ ହସ୍ତ ଅନ୍ତରେ ଲଗାଇବ ମଞ୍ଜା
ରୋପିଦେବ ମଞ୍ଜାକୁ କରି ଧାଡ଼ି ଧାଡ଼ି
ଧାଡ଼ି ତଳ ନାଳରେ ସମସ୍ତେ ଜଳ ଦିଁ
ଦିବ ମାତ୍ର ହେ ॥

ବର୍ଷୁଥିବ ଅକାଳ, ଅଥବା ବାଦଲ—
କାଳ ଦେଖି ରୋପିବ ନସ ତନ୍ତ୍ରାସକଳ
ଖାଲି ଯଦି କରିବ ରୋପଣର ପରେ
ଢାଙ୍କିଦେବ ଖାଲୁ ବା କଦଳୀ ପତ୍ରରେ
ଖାଲି ଦିନ ଖରାରେ ହେବ ଆଚ୍ଛାଦନ
କରୁଥିବେ ରାତ୍ରରେ ଶୀତଳ ଶିଶିର
ଆସ୍ୱାଦନ ହେ ॥

ଆଳୁ ପରି କୋବିରେ ଜଳ ଦେଲେ ଯେତେ
ମୂଳ ମାଟି ଭିଜିବ ନ ବୁଡ଼ିବ ଜଡ଼ିତ
ମୂଳ ମାଟି ଉପରିଭାଗ ଥିଲେ ଶୁଖି
ଜଳ ଦେବା ଦେଲେ ତା' କୋବି ହୁଏ ସୁଖୀ!
ଜଳ ଦେଲେ ଉପରେ ସାତ ଦିନ ଅନ୍ତରେ
ମାଟି ଦେଲେ ଉଷ୍ମାପି କୋବିଏ ବଢ଼ନ୍ତି
ଭରଭରେ ହେ ॥

ଚଷି କ୍ଷେତ ସଦାଏଁ କରି କୋବି ପଲ୍ଲା
ଉଚ୍ଚ ହେବ ମୁଖରନ୍ଧ୍ର ଭୂମିଠାରୁ ତଳା
ଗୁଣ୍ଡି ଦେଇ ଉପରେ ଢାଙ୍କିବ ଗୁଣ୍ଡର
ଅଙ୍କୁରିଲେ ଗଛରେ ପଡ଼ିବ କାକର
ମୁଦିଦେଇ ରଜନୀ ଦିନ ଦୁଇ ଦଣ୍ଡ
ବାଙ୍କ ପାଣି ଦିବସ ତହିଁରେ ଗୁଣ୍ଡର
ଥିବ ପଡ଼ି ହେ ॥

ରଜନୀରେ ବରଷା ନ ପାରିଲ ସହି
ବରଷିଲେ ଗୁଣ୍ଡର ଢାଙ୍କିଦେବ ତହିଁ
ଶୁଖିଗଲେ ମୃତ୍ତିକା ଦେବ ଯଦି ଜଳ
ସେ ସମସ୍ତେ ଗୁଣ୍ଡର ଘଟାଇ ଥୋଇବ
ଅନ୍ୟ ସ୍ଥଳ ହେ ॥

ଯୋଗାଡ଼ କି ମଡ଼ୁଲ ଲମ୍ବ ଅବା ଜଡ଼ା
ପିଢ଼ିଆକୁ ମଣନ୍ତି ଲୋକମାନେ ଜଡ଼ା
ମୂଳରେ ସେ ପିଢ଼ିଆ ଦେଇଥିଲେ ଚିରି
ଲୋକମାନେ କୋବି ଗଛକୁ ନ କରି
ହୁରି ଜୁରି ହେ ॥

ଜାଳିଦିଏ ପିଢ଼ିଆ ଗଛ ଧରିଲେ ସାନ
ଦେବ କାଟି ବଢ଼ିଲେ କୋବିଗଛମାନ
ପିଢ଼ିଆର ଗୁଣ୍ଡରେ ମିଶିଥିବ ମାଟି
ପାଇ ତାର ସ୍ୱାଦ ବଢ଼ନ୍ତି କୋବିଙ୍କି
ଦେଲେ ବାଣ୍ଟି ହେ ॥

ବଣ୍ଡା ଓଳ ଲେଉଟି କାଦ ମାଟି ଖାଲି
ଫୁଲକୋବି ଲେଉଟି ସହଁ ମିଶା ବାଲି
ବାଲିମାଟି ପାଇଲେ ହୋଇ ଢେରଫୁଲି
ପୁଷ୍ଟପୁଷ୍ଟ ହୋଇଣ ଧକଣ୍ଡି ସୁମିଷ୍ଟ
ସ୍ଥୂଳ ଫୁଲି ହେ ॥

ଫାଲଗୁନ ମାସରେ ଦୁଇ ଫୁଟ ଘଣ୍ଟ
ଦୁଇ ଫୁଟ ଗଭୀର ଖୋଳିଦେଇ ବେଢ଼ି
ତଳ ଭୂମି ଉର୍ବ୍ବରା ରଖି ଜଳ ଢାଳି
କୋବି ଯଦି ରୋପିବ କରି ଦୁଇ ଧାଡ଼ି
ବୃଦ୍ଧି ଅତରେ ଲଭିବ ଯଦ କୋବି ବୃକ୍ଷ
ପୁଷ୍ଟ କରି ବ୍ୟଞ୍ଜନ ଖାଇବ ବୈଶାଖ
ଜ୍ୟେଷ୍ଠ ମାସେ ହେ ॥

# ପଟୋଳ

ଯେଉଁ ଦେଶେ ଦେଖ ବଢ଼ିଜଳ ପଟ୍ଟେ
ସେହି ଭୂମି ପଟୋଳ ଉତ୍ପାଦନପଟେ
ତାହା ବନା ବାଲିଆ ଦେଶେ ଦେଇ ସାର
ଚଷିଦେବ ଉତ୍ତମ ଗୁଣେ ପାଞ୍ଚ ବାର
କାର୍ତ୍ତିକରେ ତହିଁରେ ଗୁଣ ଗୁଣ ହାତ
ଛାଡ଼ିଦେଇ ଖୋଳିବ ଏକ ଏକ ଗାତ
ଗାତମାନ ରଖିବ କରି ଧାଡ଼ି ଧାଡ଼ି
ଗାତଗର୍ଭେ ପଟୋଳ ବପନ ଦିଖଣ୍ଡ
ଦେବ ଗାଡ଼ି ହେ ॥

ପଶୁପକ୍ଷ ଲତାର ବଣ୍ଟି ଭାଗ ଗୁଣ୍ଠି
ଖଣ୍ଡ ଖଣ୍ଡ ବନ୍ଧନ ଆଣିବଟି ତାଙ୍କି
ଗୁଣି ଗୁଣି ଆଙ୍କୁଡ଼ିଲ ହେବ ଏକ ଖଣ୍ଡ
ତାକୁ ଆଣି ରୋପିବ ସେ ଗନ୍ତ କଦାପି
ଲୁଚେହି ପନ୍ତ୍ର ହେ ॥

ଫଳବନ୍ତ ଲତାରୁ ମିଳେ ବହୁ ଫଳ
ଅଗ ନଷ୍ଟା ଅଳ୍ପ ରହିଥିବା ଭଲ
ଦୁହେଁ ବନ୍ଧ ରକ୍ଷିବେ ସ୍ତ୍ରୀ-ପୁରୁଷ ଭାବ
ଏକା ସ୍ତ୍ରିଣ ଲତିକା ଭିଡ଼ିଲେ ନ ହୁଏ
ଭଲ ଲାଭ ହେ ॥

ଯେପରି ଗାତ ଭିତରେ କୁଟା ଦେବ ଭରି
ତହିଁ ଗାତ ଉଷ୍ମ ରହିବ ସେପରି
ସିଞ୍ଚିଦେଲେ ସଳିଳ ଦିବନ ଉତ୍ତରେ
ଉଠିଥିବ ଅଙ୍କୁର ନିଶ୍ଚୟ ଭିତରେ
ସେ ଲତାରେ ହେ ॥

ମାର୍ଗଶିରେ ଦେଖିବ ସେଷ ଲତାମସ୍ତ
ଫୁଟିଥିବ ଆନନ୍ଦେ କୃଷକ ହୃଦସ୍ତ
ସେହିତେବେଳେ ଭୂମିକି କୋଦାଳରେ ଖୋଳି
ଧାଡ଼ି ଧାଡ଼ି ମୁଖଖଣ୍ଡ ହୁଡ଼ା ଦେବ ତୋଳି
ତାହାମାନର ସମ୍ମୁଖେ ଜଳ ଦେଲେ ଥରେ
ଫଳ ଦେବେ ସେ ଲତାସକଳ ପାଇବ
ଭଲଭରେ ହେ ॥

ନ ଲୋଡ଼ଇ ପଟୋଳ ଅତିଶୟ ଜଳ
ଯଦି ହେବ ନାହିଁ ତା ଜୀବନ ବିକଳ
ଫଳ ଦେବ ପ୍ରତ୍ୟହ ପୂର୍ଣ୍ଣ ଯାଉ ମାଘ
ନେଇଯାଇରେ ହୃଷ୍ଟଦେହ ଚଳାଇ କୃଷକ
ଲାଭ ବାସ ହେ ॥

ଆଶ୍ୱିନରେ ଯଦ୍ୟପି ଚଷି କେତେ ଥର
ଉଷ୍ଣ ଗୁଳ୍ମସକଳ କଣିବ ଅନ୍ତର
ଫୁଟପର ତାହାର ବାନ୍ଧିଦେବ ହୁଡ଼ା
ଲୁଣି ଦେବ ଅଙ୍କୁର ମୂଳ ନୋହି ବୁଡ଼ା
ବୃଦ୍ଧି ଲଭି କ୍ରମଶଃ ବିକଶିତ ବଲ୍ଲୀ
ଫଳ ଦେବ ପ୍ରଚୁର ପଟୋଳ ପ୍ରଥମ
ବର୍ଷ ଭଳି ହେ ॥

ପଟ୍ଟ ଯଦି ନ ପଡ଼େ ଦ୍ୱିତୀୟ ବରଷ
ପଟୋଳକୁ ସେ ଭୂମି ନ ଦିଏ ହରଷ
ତହିଁ ପାଇଁ ତହିଁରେ ବୁଣିଦେଲେ ଖାର
ବଢ଼ି ଲତା ପଟୋଳ ପ୍ରଫୁଲ ଫଳାଇ
ଧାର ଧାର ହେ ॥

# କଦଳୀ

ଲମ୍ବ ପ୍ରସ୍ଥ ଉଭୟର ଦୁଇ ଦୁଇ ହାତ
କୁଟା ଦେବ ଜଳାଇ ଆଗେ ଖୋଳି ଗାତ
ଆଠ ହାତ ଅନ୍ତରରେ ରୋପିଲେ କଦଳୀ
ଗଛ ବଢ଼ି ସୁଲୁର ହେବେ ଥାଏ ଫୁଲି

କଦଲୀ କେୟାଷ୍ଣୁ ଶେଷ ବା ଆଷାଢ଼େ ରୋପଣ
ପଶ୍ଚ ମେଲା ହୁଏଇ ଲଭି ବରଷଣ
ଶୁଣି ତାହା ମୂଳରୁ ଗଜାମାନ ଉଠି
କେଣ୍ଡା କେଣ୍ଡା ଫୁଟିଲ ଦେବାପରେ କାଟନ୍ତି
ଗାଣ୍ଠି ସୁଦ୍ଧି ହେ ॥
ଅଧା ଅଧା ହଳଦୀ ଗଛଗୁଚ୍ଛା ତଳେ
ଲଗାଇଲେ ଫଳ ହୋଇଥାଏ ଭଲେ
ଏକ ଖେତେ-ହଳଦୀ ଅଧା ଆଉ ରମ୍ଭା
ସାନ ବଡ଼ ମିଶ୍ରଣେ କରିଥିବ ସମ୍ଭା
ନ କରିବ କାହାରି କେହି ଅପକାର
ବାଣ୍ଡି ଖାଉଥିବେ ସେ ସକଳ ଖାଇବେ
ସେତିକ ବାର ହେ ॥
ସେତିକ ଦଇତ ଶାଣିବ ସକଳ ଯୋଗାଇ
କେତେ ଗଛ କଦଳୀ ଦେବଟି ଲଗାଇ
କଦଳୀର ନିକଟେ ଯୂଈ ଜାଈ ମଲ୍ଲୀ
ଆଉ କିଛି ଦୂରରେ କୁସୁମର ବଲ୍ଲୀ
ରୋପିଦେଲେ ଏକେ ତ ପାଇବ ସୁବାସ
ଫୁଲ ମୂଲ୍ୟ ଲାଭରେ ନ ହେବ ନିରାଶ
ଫୁଲ ଗଛ ଯଦ୍ୟପି ଥରେ ଥିବ ଲଗି
ବନ୍ଦନ ଆଉ ସେ କରିବ ଭୃଙ୍ଗଙ୍କୁ
ସଉଭାଗୀ ହେ ॥

# ଲତା ଫଳ

ଜହ୍ନି ଝୁଡ଼ିକାକୁଡ଼ି କଲରା କାକୁଡ଼ି
ବୈଶାଖରେ ବୁଣିଲେ ଲତା ହୋଇ ବଢ଼ି
ଆଗ ହୋଇ ପ୍ରସବିଥାନ୍ତି ବହୁ ଫଳ
ଖଗ ଯାଏ ଯତନେ ଯୋଗାଇ ପାରିବ
ସନ୍ଧ୍ୟା ଜଳ ହେ ॥
ଲତା ଲେଉଟି ଆଶ୍ରୟ କରିବା ପରାଏ
ଯାହା ପାଏ ନିକଟେ ତାକୁ ଧରିଥାଏ
ଲତା ବଢ଼ି ଉଠିବ ଧରି ଯା'ର ଅଙ୍ଗ
ପୋତିଥିବ ନିକଟେ ଯେମନ୍ତେ ପାଇବ
ତାର ସଙ୍ଗ ହେ ॥
ଲାଉ ଫାଣ୍ଟିକଖାରୁ କଷାରୁ ଏମାନ
ବଡ଼ ଫଳ ଦିଅନ୍ତି ବ୍ୟାପି ବହୁ ସ୍ଥାନ
ବୃଦ୍ଧ ବୃଦ୍ଧ ପାଇଲେ ନ ପାରନ୍ତି ଛାଡ଼ି
ପାଇଗଲେ ପ୍ରଶସ୍ତ ମଣୁଆ ପ୍ରସର
ପାନ୍ତି ମାଡ଼ି ହେ ॥

# ଧନଆ ଆଦି

ଜିରା ଆଉ ଧନଆ ଭଉ ଣ ନା ଗୁଡ
ତଣ୍ଟି କିଛି ଅଧିକ ନ ଲୋଡେ ଆୟାସ
କରିଥିବ ତାହାଙ୍କ ପଡ଼ିଆଣୀ କିଆରି
ବୁଣିଦେଲେ ଅଧିକ ନ ମାଗନ୍ତି ପାଣି
ଆଗ ସୁଗ ସରସ କରିବେ ବ୍ୟଞ୍ଜନ
କରିଦେବ ଶେଟିଟି ଅଙ୍ଗାର୍ଥୀ ବିକାର
ବିରଞ୍ଜନ ହେ ॥

## ମୁଗ

ଭାଦ୍ର ଆଦ୍ୟ ଆଠକୁ ଚଷିଦେବ ଥରେ
ମରିଯିବ ଯେ ଘାସ ଥିବ ସେ ଆଡ଼େରେ
ଭାଦ୍ର ପ୍ରାନ୍ତେ ପୁନଶ୍ଚ ତିନି ଗୁଡ଼ ଚାଷ
ଚଷି ମୁଗ ବୁଣିଲେ କୃଷକ ସୁଫଳେ
ପୂରିବ ଆଶା ଦେଖ ॥
ଢାଙ୍କିଦେବ ବହନ ଚଷି ପୁଣି ଥରେ
ଚଳାଇବ କପର ଦଣ୍ଡୀର ଉପରେ
ସାତ ଆଠ ଧାଡ଼ିରେ ଲଙ୍ଗଳର ଗାର
ଦେବ ତହିଁ ତଳକୁ ନିଶ୍ଚୟ ପଡ଼ିବ
ବୁଣ୍ଡିଧାର ଦେଖ ॥
ଭୂଷା ଦେବତଳ ମୃତ୍ତିକା ଥିବ ଜଳହୀନ
ନ ବର୍ଷିବ ତା ପରେ ତିନି ଗୁଡ଼ି ଦିନ
ଗଛ ହେବ ଖୁବ୍ ଛ' ଆଙ୍ଗୁଳ ଅନ୍ତରେ
କିନ୍ତୁ ମୁଗ ଫୁଲୁଗ କାଢ଼ିବ କୃଷକ
ସେ ବର୍ଷରେ ଦେଖ ॥
ଆଠ ଦଶ ଦିବସ ଅନ୍ତରେ ବରଷା
ହେଉଥିଲେ ମୁଗରେ ରଖିବ ଭରସା
ଅତି ବରଷଣ କି ଅତି ବରଧନ
ହେଲେ ଗଛ କରଇ ଫଳର ଆଶାକୁ
ମରଦନ ଦେଖ ॥
ଦୁଇ ତିନି ବରଷା ଉତ୍ତାରେ କାକର
ଖାଇ ଗଛ ଦୁଆଇ ଫଳରୁ ଆକର
ଫଳସବୁ ଶୁଖିଲେ ଗଛକୁ କଡ଼ାଇ
ଶୁଖାଇଣ ଖଳରେ ଖଳାରେ ମଡ଼ାଇ
ଦେଇଲେ ଡାଳ ପତର ଭାଙ୍ଗିବ ସକଳ
ସବୁ କଲେ ଅନ୍ତର ତଳରେ ରହିବ
ମାଣ ଫଳ ଦେଖ ॥

## ବ୍ରୀହି ଆଉ

ମୁଗବୁଣା ନପୂର୍ବେ କହୁ ଦାନ ଅଶ
କହୁଥାନ୍ତି କୃଷକେ ବ୍ରୀହି ବୁଣା ଯାଉ
ବ୍ରୀହି ସଙ୍ଗେ କୋଳଥ ବୁଣିଥିବ ଯଦି
ଦେଖିଥିବ ଯେମନ୍ତେ ବରଷା ଯାଇବ
ନାହିଁ ଗ୍ରାସି ଦେଖ ॥
ମୁଗ ସଙ୍ଗେ ସୋରିଷ ଚଷା ଖାଇ ବୁଣ
ଫୁଲେ ଦେଖ ତୋଳିବ ଫଳ ବହୁ ଗୁଣ
କାର୍ତ୍ତି ବୋଲେ ସୋରିଷ ସଙ୍ଗେ ଜନମିବ
ବଡ଼ ହୋଇ ଫଳିବ ତାହାରୁ ହୋଇଣ
ପର୍ଯ୍ୟାପ୍ତ ଦେଖ ॥

## ଗହମ

ବର୍ଷା ଶେଷେ କରିବ ଗହମର ଚାଷ
କୂପଜଳ ଉପରେ ତା' ଜୀବନ ଆଶ
ଫଳଥାଏ ଗହମ ଧାନଠାରୁ ବଳ
ହେଲେ ଧାନ ମନ୍ତୁର ଗହମ ଖାଦ୍ୟରେ
ଯିବ ବଳ ଦେଖ ॥

ବାଲିମିଶା ଭୂମିକୁ ଚଷି ବାରମ୍ବାର
ବାଟ ଥିବ ଲଗିବା ପାଇଁ ଜଳଧାର
ଦିନ ଦଶ ପରେ ଦେଉଥିଲେ ଜଳ
ତିନି ଋତୁ ମାସରେ ଗହମ ପ୍ରଚୁର
ଦେବ ଫଳ ହେ ॥
ଭଲ ଖାଦ୍ୟ ହୁଅଇ ଗହମ ଅଟାରେ
ଗହମର ଚୁନାକୁ ଦଳ ସେ ମିଠାରେ
ରୁଟି କରି ଖାଇଲେ କା ଧର୍ମ ରହିବ
ଦୁର୍ଭିକ୍ଷର କବଳୁ ନିସ୍ତୁ ଭରିବ
ପୁରି ଲୁଚି ଡାଲୁଆ ମୋହନଭୋଗରେ
ବାବୁମାନେ କରିବେ ଦରବାର ଗିହର
ସମ୍ଭୋଗରେ ହେ ॥

## ସାରୁ ଅଦା

ସାରୁ ଅଦା ହଳଦୀ ଆଳୁଅ ବଇଗନ
ଭୂମି ଚଷି ଆଷାଢ଼ରୁ ରୋପିବ ବଇଜନ
ଅନୁମାନି ରଖିବ ତାହାଙ୍କ ଅନ୍ତର
ଘଞ୍ଚ ଯେସନ୍ତ ନ ହେବ କଦା କ ପତର
ଗଛମାନ ଯେମନ୍ତ ହେବ ଧାଡ଼ି ଧାଡ଼ି
ଜଳ ମଧ୍ୟ ମୂଳରେ ନ ବସିବ ମାଡ଼ି
ମାଟି ଖୋଳି ଚଢ଼ାଇ ଦେଉଥିବ ମୂଳେ
ଘାସ କାଡ଼ି ପୋତାନ୍ତି ଦେଉଥିବ ଦୂରେ
ତିନି ମାସ ଉତ୍ତାରେ ପାଚିଲେ ଏଥର
ଖୋଳିନେଲେ କୃଷକ ତା ମନ ପାଇବ
ବହୁତର ହେ ॥
ବରଷାଳି ଝିଙ୍ଗୁଟା ବରଷାର ଆରମ୍ଭେ
ଜନ୍ମି ଲତି ଫଳଇ ବର୍ଷା ଶେଷ ପାଦେ
ମଞ୍ଚ ତାକୁ ବନ୍ଧୁତି ଘାସ କାଟିଲ ଦୂର
ଲମ୍ବି ଶାଖା ପ୍ରଶାଖା ଫଳଇ ପ୍ରଚୁର
ସାନ ବଡ଼ ହୋଇ ସେ ଦୁଇଟି ଦୁଇ ଜାତି
କିନ୍ତୁ ସମ ସମସ୍ତେ ସମାନ ନାହିଁରେ
ହୋଇଥାନ୍ତି ହେ ॥
ଶ୍ରାବଣରେ ଗୁଆର-ଶିମ୍ବ ଥିଲେ ଲଗି
ରପନାରେ କୁମାର ଦୃଷ୍ଟିମାନଙ୍କୁ ଲଗି
କଣ୍ଠଥାଏ ମୁଖର ଦୋଷ ସମ୍ପାଦନ
ହରିଥାଏ ଉଦରଜ୍ୱାଳା ଶ୍ରୀ ସଂସାରେ
ଦେଲେ ଅନ୍ନ ହେ ॥

## କାଉଁରିଆ

କାଉଁରିଆ ବୃକ୍ଷର ଅଛି ବହୁ ଲାଭ
ଫଟ ତାର ପୂର୍ଣ୍ଣାଏ ଅନେକ ଅଭାବ
ଜଳ ଆଉ ପଥରମୟ ଯେଉଁ ସ୍ଥାନ
ଭଲରୂପେ ବଢ଼ଇ ତାହା ଗଛମାନ
ଏକ ଏକ ଏକରେ ବାର ଚେର ସେର
ମଞ୍ଜି ଦେଲେ ଉପୁଜିଲି ବଢ଼ଇ ପ୍ରଚୁର
ଟଳେ ଟେର ହେ ॥
ବଳିଆର ଜ୍ୟୈଷ୍ଠରେ ଭୂମି ଚଷି ଭଲ
ମଞ୍ଜି ବୁଣି ତହିଁରେ ଦେଉଥିବ ଜଳ

ବରଷାର କାଳକୁ ଅର୍ଦ୍ଧ ହସ୍ତ ସମ
ଗଛ ଥିଲେ ବୃଷ୍ଟିର ବଢ଼ଇ ଉଦ୍ୟମ
ଯେତେବେଳେ ମୂଳର ଦଶିବ ସେ ଫୁଲେ
ଜଳେ ଦେବ ବୁଡ଼ାଇ କାଟିଣ ଗଛର
ତଳେ ମୂଳେ ହେ ।
ସାତ ଆଠ ଦିବସେ ସଢ଼ିଗଲେ ଜଳେ
ପଟମାନ କାଢ଼ିବ ଧରିଆଣି ସ୍ଥଳେ
ଗୋଛା ଗୋଛା କରି ତା ଜଳେ ଧୋଇ ଧୋଇ
ଶୁଖାଇବ ତପନ-କିରଣରେ ଥୋଇ
ଶୁଖି ହେବ କୋମଳ ଉଜ୍ଜ୍ୱଳ ଧବଳ
ଶିକା, ଜାଲ, ଦଉଡ଼ି, ଗୁଣିଆ ଯା' କର
ହେବ ଭଲ ହେ ।
ଖଣ୍ଡା ଖଣ୍ଡା ବାନ୍ଧି ଯା କରିବ ବିକ୍ରୟ
ମୂଲ୍ୟ ତାର ବହୁତ ମିଳିବ ନିଶ୍ଚୟ
ଯେତେ ଶଣ ସମସ୍ତ ଚିହ୍ନଥାଉ ପାଟ
ପାଟ ହେଲେ ମନରେ ବଢ଼ଇ ଉଚ୍ଛାଟ
ତଥା ଭଲ ପାଟକୁ ନ କରିବା ମନ
କପା ଧୋତି, ବରଣୀ, କିଣିବ ସ୍ୱଦେଶୀ
ସୁବସନ ହେ ।
କାଣ୍ଡ ଗଛ ତର୍ଷିରୁ ରଖିବ ଯତନ
ଫୁଲ ବେଳେ ତାକୁ ନ କାଟିବ ବଦନ
ଫଳ ହୋଇ ସକଳ ଶିବ ଯେବେ ପାଚି
ମୂଳ କାଟି ରଖିବ ମଞ୍ଜି ବାଛି ବାଛି
ମୂଳ କାଟି ପଟକୁ କରିବ ଅନ୍ତର
ସଢ଼ାଇଣ ତା ଗଛ ଦିବସ ପନ୍ଦର
କି ସତର ହେ ।

## ଶଣ

ଶଣ ଦିଏ ଯେପରି ସରୁ ସରୁ ପଟ
ଦୃଢ଼ ମଧ୍ୟ ତାହାର ବେଶି ନାହିଁ କଷ୍ଟ
କାଉଁରିଆ ଅପେକ୍ଷା ବେଶି ତାର ମୂଲ୍ୟ
କୃଷକର ତାହାର ଅଛି ପ୍ରତିକୂଳ
ନ କରନ୍ତି ସେ କୃଷି ଲୋକେ ମାତ ମଣି
ଯେ କରନ୍ତି ସହଜେ ସୁଦରେ ଆଣନ୍ତି
ଟଙ୍କା ଗଣି ହେ ।

## କପା

ସବୁ ବୃକ୍ଷ ସମାନ ଏକା କପା ବୃକ୍ଷ
କପା ବିନା ଲୋକଙ୍କୁ ନ ମିଳଇ ବାସ
ଖାଦ୍ୟ ବିନା ମାନବ ଭୁଲି ରହେ ଦିନ
ବସ୍ତ୍ରଚାରେ, ନ ପାରେ ମୁହୂର୍ତ୍ତେ ହୋଇ ସେ
ବାସହୀନ ହେ ।
ଭାରତକୁ କାର୍ପାସ ଫଳାଇଛନ୍ତି ସ୍ରଷ୍ଟା
ନ ପାରିଲୁ ଦେଇ ସେ ବିଦେଶକୁ ଧାଡ଼ି
କପାବୃକ୍ଷ ସ୍ୱଦେଶେ ନ ପାରିଲୁ କରି
ଖାଇ ବେଶ ଭାଇ ହେ ସମସ୍ତେ ହେବ ତ
ପଶୁ ସରି ହେ ।
ହୁଏ ଯଦି "ଈଶ୍ୱର ନ କରନ୍ତୁ ତାହା"
ଜର୍ମାନୀର ଉତ୍ପାତ ଘଟିଅଛି ଯାହା
ତହୁଁ ବଳ ଆସିବ ଭୀଷଣ ଶତ୍ରୁ
ବିଦେଶର ଜାହାଜ ହୋଇଯିବ ବନ୍ଦ

ମିଳିବ କି ସରଭଜନବାର୍ଣ୍ଣଙ୍କ ବାସ
ଏକେତ ଧନ ବଞ୍ଚିବ ଅନାହାର କୋଣରେ -
କରି ବାସ ହେ ॥
ଚିନ୍ତା କରହେ ପାଇବ ପଶୁଙ୍କ ଚରମ
ଅବା ନେବ କି କୁମ୍ଭ-ପଟିଆ ଧରମ
ବସିଥିଲେ କି ଦେବ ଠଙ୍କାମୁଣ୍ଡା ଧରି
ଅବା ନୋଟ କାଗଜେ ଦେଶନାନା ଭରି
କରି ଯଦି ନ ପାର କପା ଉପାର୍ଜନ
କଣ୍ଢ଼ାଥାଅ ଆଗନ୍ତୁଁ ସଭ୍ୟତା ଭବ୍ୟତା
ବିସର୍ଜନ ହେ ॥
ବସିଥିଲେ ବାବୁଏ ମଣ୍ଡପେ ଆରାମେ
କପା ଦେଖା ନ ଦେବ କୃଷକଙ୍କ ଗ୍ରାମେ
ଦେଶୀ କପା କୃଷିରେ ବେଶୀ ନାହିଁ ଲାଭ
ତହିଁ ପୁଣି ତା ଭଳି ଭୂମିର ଅଭାବ
ବିଦେଶୀକୁ କଟାରେ ସରକାର ସଙ୍କର
ଭଲ ଭଲ କପାର ଜନମନ୍ତି ସାଧନ
ବେଗେ କରି ହେ ॥
ଦେଶୀ କପା ମଧ୍ୟରେ ବବୁଟାରୁ ଭଲ
ଦେବ କପା ସୁନାମ ବହିଛି ସଫଳ
ତା ତୁଳାର ସୂତା ହିଁ କୋମଳ ସରସ
ଗଛ ବଢ଼େ ଦଶରୁ ପନ୍ଦର ବରଷ
ତାକୁ ଯଦି ଲଗାଇ ଦେଇପାର ଥରେ
ଯତନରେ ରଖିଲେ ସୁଫଳ ଲଭିବ
ନିଶ୍ଚିନ୍ତରେ ହେ ॥
ଖୁଣି ମାସ ଆଗରୁ ଭୂମି ବାରମ୍ବାର
ଚଷିଥିଲେ ମାଟି ହିଁ ହୋଇଥାଏ ସାର
ଖତ ଯଦି ଦେବ ସେ ଲୋଡ଼ିଥାଏ ଖାର
ଘଣ୍ଟା ପାଣେ ବଳ ତ ବଢ଼ିଥାଏ ତାର
ଡାମ୍ବା ଥିବ ଲଗାଇ ବଇଶାଖ ମାସେ
ଗୁରି ଗୁଣ ହାତରେ ଘେରିବ ବରଷା
କାଳ ପାଣେ ହେ ॥
ଦୁଇ ହାତଗୁଣ୍ଡି କି ହାତେର ଉପମ
ଖତ ହୁଏ କପାର ନିମନ୍ତ୍ରେ ଉତ୍ତମ
ସେ ଭୂମିରେ ଅଧିକ ଲାଗ ଥାଏ ତଳ
ହୋଇଯାଏ ଅଧିକ ସରସ ସେ ଖେତର
ଦେଲେ ଲକ୍ଷ୍ମୀ ହେ ॥
କର ଯଦି ଅଳ୍ପ ପାନ କପା ଶୁଷ
ଚଷିଥିବ ଭୂମିକି ତିନି ଗୁରି ବାସ
ବୁଣିଦେବ ମଞ୍ଜି କି ଦେଢ଼ ଦେଢ଼ ହାତେ
ଧାଡ଼ି ଧାଡ଼ି ଫାଳହେ ତିନି ଇଞ୍ଚ ଗାତେ
ଜ୍ୟୈଷ୍ଠମାସ ଶେଷରେ ବରଷାର ଆଦେ
ଜଳ ରହି ନ ଦେବ କାର୍ପାସ ଖେତରେ
ଗଛଲତେ ହେ ॥
ଖାଲି ରଖି ନ ଦେବ ଦେବ କପାତଳ
ମୁଗଫଳୀ ତହିଁରେ ହୋଇଥାଏ ଭଲ
ଭୂମି ହୁଏ ସରସ ମରି ସଡ଼େ ଘାସ
ଲଭ ଦେବ ଗୋଟିଏ ଖେତେ ଦୁଇ ଶସ୍ୟ
ଆଦ୍ୟ ଦୁଇ ବରଷ ହୋଇଗଲେ ଗତ
ତୃତୀୟରେ ଲଗିବ ପିଢ଼ୁଆ ଗୋବର
ସଢ଼ା ଖତ ହେ ॥
ବବୁଟାରୁ ସି ଆଇଲାଣ୍ଡ କପା ଭଲ
କର ତାକୁ ସ୍ୱଦେଶୀ ରତ୍ନ କଳ୍ପଶଳ
ଦେବ କପା ସଙ୍ଗରେ ପାରିଲେ ମିଶାଇ
ଦୁହେଁ ଦେବେ ସୁଫଳ ସ୍ୱନାମ୍ ଦ୍ୱିଗୁଣ
ଅନୁଗାମୀ ହେ ॥
ଯେତେବେଳେ ଗଛରେ ଉଠୁଥିବ ଫୁଲ
କାଟିଦେବ ତାହାର ପୁଂକେଶରମୂଳ
ଦେଖିଲ ଅନ୍ୟ ଗଛରେ ପୁଷ୍ପ ବିକଶିତ
ପୁଂକେଶର ପରାଗ ମଧ୍ୟରେ ମିଶ୍ରିତ
କରିଦେବ ଅନ୍ୟର ଗର୍ଭକେଶରେ
କରିଥିବ ବିନାଶ ଯାହାର ଫଳକୁ
ପ୍ରଥମରେ ହେ ॥
ଏହି ପ୍ରକାରେ ହେଲେ ସେ ଚାରିପର ପ୍ରାପ୍ତି
ଭଲ ଫଳ ପ୍ରଦାନେ ଦୁଅନ୍ତି ନିପୁଣ
ଖୁଣି ପାଞ୍ଚ ବରଷ ବାଛି ତାର ମଞ୍ଜି
ପୃଷ୍ଠ କଲେ ନିତ୍ୟସ୍ୱ କପାରେ ନ ବଞ୍ଚିବ
ଆଜ୍ଞା ରଞ୍ଜି ହେ ॥

# ପାନ

[illegible]

ପ୍ରଚଳିଲାଣି ଏ ଦେଶେ ପର୍ଣ୍ଣସେବୀ ଲୋକେ
ଶୁଭ୍ର ଦନ୍ତ କେବଳ ରଖିଛନ୍ତି ଥୋକେ
ଦେଖାଦେଖି ଆରମ୍ଭି ରାଜଦରବାର
ସବୁଠାରେ ରହିଛି ପର୍ଣ୍ଣ ଅଧିକାର
ଚେଙ୍ଗୁଟିର ପାଉଁଶ ଦୁବର୍ଣ୍ଣର ଚୂର୍ଣ୍ଣ
କରୁଛନ୍ତି ସାଦରେ ପର୍ଣ୍ଣର ସବସ
ଚୂନ ପୂର୍ଣ୍ଣ ହେ ॥
ରମ୍ଭାପତ୍ର ଆରମ୍ଭି ସୁବର୍ଣ୍ଣ ବାସନ
ନାନାକାରେ ହୁଅନ୍ତି ପର୍ଣ୍ଣର ଆସନ
ପାନ ଧରି ହାଟକୁ ଚାଲଇ ବାଟୁଆ
କେହୁ ପାଟକ କାଖରେ ପାନର ବଟୁଆ
ବାବୁମାନେ ସ୍ୱକନ୍ତ୍ର ପାନ ଧରି ଯେବେ
ଗଲେ ବନ୍ଧୁଘରକୁ ବାନ୍ଧିବ ଦସ୍ତାନେ
ପାନ ଦେବେ ହେ ॥
ପାନ ପ୍ରତି ରହିଛି ସମସ୍ତଙ୍କ ଆଶ
କରୁଛନ୍ତି ଅନେକ ଲୋକ ତାର ଚାଷ
କର ଭାଇ ସଭିଏ ପାନର ବରଜ
ଟଙ୍କା ତହିଁ ହଜାର ହଜାର ଅରଜ
କର ଯଦି ବରଜ ଭୂମି ଏକ ମାଣେ
ଲଭ୍ୟ ହେବ ବର୍ଷକେ ହଜାରୁ ଅଧିକ
ଜଣିମାଣେ ହେ ॥
ଏବେ ଶୁଣ କରିବ ପାନର ବରଜ
ବଂଶ ବର୍ଷ ନ ହେବ ଲଭାର ହରଜ
ମଧ୍ୟେ ମଧ୍ୟେ ବରଜ କରି ମରାମତ
ବରଷକୁ ବରଷ ଦେଉଥିବ ଗତ
ସୁକୁମାରୀ କନ୍ୟା ଯେହ୍ନେ ନାହିଁ ଖରା
ଛୁଇଁଥିବ ବରଜ ପାତଳେ ହସିବ
ଯେସନ୍ତେ ତରୀ ହେ ॥
ମାଟି ଥିବ ଦୋମିଶା ବରଣ କାଳିଆ
ଅବା ବାଲି ମିଶ୍ରିତ ସରସ ନାଳିଆ
ଜମି ଉଚ୍ଚ ନ ଥିବ ବରଷାର ଜଳ
ଗ୍ରୀଷ୍ମରେ ସଜଳ କରୁଥିବ ତଳ
ଯହିଁ ପାଇଁ ନିକଟେ ଥିବ ଜଳାଧାର
ନାଗବଲ୍ଲୀ ସଲିଳ ବିହୁନେ ନ ସହେ
କାରାଗାର ହେ ॥
ଶାସ ଗୁଳ୍ମ ଭୂମିରୁ ଉପାଡ଼ି ସକଳ
ଦଗ୍ଧ ଦେବ ଶୁଖିଲେ ଲଗାଇ ଅନଳ
ଟିଣାକଟେଲ ଭୂମିକୁ ଟେଲା ହେବ ଗୁଣ୍ଡ
ଭାଙ୍ଗି ଭାଙ୍ଗି ଟେଲାକୁ କରିଦେବ ଗୁଣ୍ଡ
ଏ ପ୍ରକାରୁ ସେ ଭୂମି ହେବ ସମତଳ
ବନ୍ଦୋଇବ ଯେମନ୍ତେ ତହିଁରେ ଲଗାଇ
ଦେଲେ ଜଳ ହେ ॥
ସାତ ହସ୍ତ ବାଉଁଶ ଛଅ ଛଅ ହାତେ
ପୋତି ଠିଆ କରିବ ଦୁଇ ହାତ ଗାତେ
ତଉଦରେ ଉପରେ ଦେବ ଖଡ଼ ଛାଟି
ଅବା ଦେବ ସଜାଇ ଧଣ୍ଡିଗୁର କାଠି
ଚିରି ଚିରି ବାଉଁଶ କର ଖାଡ଼ ଖାଡ଼
ବାଡ଼ଦେବ ହାତକେ ହାତକ ବିସ୍ତାରେ
ଧାଡ଼ ଧାଡ଼ ହେ ॥
ପାଞ୍ଚ ପାଞ୍ଚ ଗଣ୍ଡିରେ ପାନ ଲଟା କାଟି
ତିନ ତିନ ଗଣ୍ଡିରେ ଢାଙ୍କିଦେବ ମାଟି
ଢାଙ୍କିଦେବ ତାହାକୁ ଖଜୁରି ପତରେ
ଶୁଷ୍କ ଥିଲେ ସଲିଳ ସିଞ୍ଚିଦେବ ଥରେ
ଲତାମାନ କ୍ରମଶଃ ହେଲେ ଅଙ୍କୁରିତ
ଢାଙ୍କିଥିବା ଖଜୁରି ପତର କରିବ
ଅନ୍ତରିତ ହେ ॥
କ୍ରମେ କ୍ରମେ ଅଙ୍କୁର ଯାଉଥିବ ବଢ଼ି
ବାଉଁଶର ଖାଡ଼ିକ ଯାଉଥିବ ଚଢ଼ି
ଖଣ୍ଡ ଖଣ୍ଡ ଦୋଳି ଭୁଜଣେ ବାନ୍ଧି ବଲ୍ଲୀ
ଉଠୁଥିବ ଊର୍ଦ୍ଧ୍ୱକୁ ଖାଡ଼ି ଖାଡ଼ି ଛାଡ଼

ସେତେବେଳେ ଛୁରିଁର ଉପରେ ଗୁଳିଣୀ
ହେବ ତାକୁ ଲୁଆଇଁ ତଳକୁ ଛୁଇଁବା-
ଖାଏ ପୁଣି ହେ ॥
ତଳ ଛୁଇଁ ପୁନଶ୍ଚ ଉଠିବ ସେ ବୁଢ଼ିଲ
ମାଟି ମଧ୍ୟ ଚଢ଼ାଇ ହେବ ଅନ୍ୟ ମୂଳେ
ଯାତନାରେ ସେ ଅନ୍ୟ ମୂଳର ପରର
ତିନ ଅବା ସ୍ତବକଟି କରିବ ଅନ୍ତର
ବାରମ୍ବାର ହୁଏ ତା ଉତ୍ଥାନ ପତନ
ଶାଖାମାନ ବନ୍ଧନ ହୁଅନ୍ତି କରିଲେ
କରତନ ହେ ॥
ପୁଷ୍କରିଣୀ ସେ କାଳେ ଯାଇଥାଏ ଫାଟି
ଆଣିଥିବ ତହିଁରୁ ଶୁଖା ପଙ୍କ ମାଟି
ଇଟା ଆକ୍ରି ସେଗୁଡ଼ି କରିଥିବ ଗୁଣ୍ଡ
ସୋଣରେ ପିଣ୍ଡଆ ତହିଁ କରି ଛୁଣ୍ଡ
ତଳେ ପଡ଼ି ଉଠିବା ସମୟରେ ଲତା
ସେହି ଖତ ପାଇଲେ ବଢ଼ଇ ସମ୍ବାଦ
କୁଶଳତା ହେ ॥
ସେତେବେଳେ ଖରାରେ ଶୁଖିଯିବ ଜଳ
ମୂଳେ ମୂଳେ ଢାଳିବ କଳସୀରେ ଜଳ
ମୂଳ ଉଚ୍ଚ ଅଙ୍ଗରେ ଯାଉଥିବ ପାଣି
ତଳେ ଜଳ ମଡ଼ାଇ ଦେଲେ ସି ନ ହୁଏ
କାଣ୍ଡ ହାନି ହେ ॥
ଧସା ରୋଗ ଅଥବା ପୋକ ହେଲେ ଯାକେ
ଘସି ଧୂଆଁ ପାଇଲେ ପଳାନ୍ତି ସେମାନେ
ଘସି ନିଆଁ ଉପରେ ପାଣରେ ଗନ୍ଧକ
ଦେଲେ ହୁଏ ରୋଗର ସେ ପ୍ରତିବନ୍ଧକ
କାର୍ତ୍ତିକରେ ଲଗାନ୍ତି ପାନର କଲମ
ପାଉ ଯଦି ଶ୍ରାବଣେ ଲଗାଇ ତହିଁରୁ
ସେ ଉତ୍ତମ ହେ ॥
ଦେଖ ଏକ ଏକର କ୍ଷେତ ପାନ ସୂତେ
ଅର୍ଦ୍ଧ କୋଟି ପତରୁ ହେବ ବାର ମାସେ
ବଜାରକୁ ଯଦ୍ୟପି ହେବ ପାଞ୍ଚ ଅଣା
ଏକ ଲକ୍ଷେ ଅନ୍ତତଃ ତ୍ରିଂଶ ଟଙ୍କା ଗଣା
ନିକିପାରୁ ପଞ୍ଚାଶ ଲକ୍ଷ ହେବ ପାନ
ଠନ୍ ଠନ୍ ବଜାରେ ପାଞ୍ଚଶ' ଟଙ୍କାଟି
ଗଣି ଆଣ ହେ ॥
ଶହେ ଶତ ଖରଚ ଟଙ୍କା ଦେବେ ଧରି !
ହେବେ ଲାଭ ତୁମର ବଜାରୁ ଉପର
ଭଲ ଯଦି ଅଧିକ ମୂଲ୍ୟ ନାଗବଲ୍ଲୀ
ହେଲେ ଲାଭ ତହିଁରୁ ନ ଯିବ କି ବଳି
ସ୍ଥାନ କାଳ ବିଚାରି କଲେ ପରିଶ୍ରମ
ସେତିକି ପାଞ୍ଚ ଜଣର କୁଟୁମ୍ବ ପୋଷଣେ
ହେବ କ୍ଷମ ହେ ॥
ଅତି ଖରା "କସା"ରେ ନାଶ ହୁଏ ପାନ
ହୋଇବାର ଖରାର ପାଇଁ ସାବଧାନ
ଉପାୟକୁ ତୁମର "କସା" ଗଲେ ବଳି
ନ ପାଳିବ ଦଇବ ସବସ ସର୍ବଦା
ଅତି ବଳୀ ହେ ॥
ପାନ ହେଲେ ଅଳପ ବଢ଼ଇ ତା ମୂଲ
ଲାଭ ଯାଏ ଦଇବ ହୋଇ ପ୍ରତିକୂଳ
ଶୁଭମସ୍ତୁ ବାହାର କର୍ମ ସମୁଦାୟ
ଟାଳିଦିଏ ମାନବ ନ ବୁଝି ବିଧିର
ଅଭିପ୍ରାୟ ହେ ॥
ମୂଳା ଶାଗ ଅନେକ କୃଷି ଅଛି ରହି
ଗୋଟି ଗୋଟି କରି ତା କେତେ ହେବ କହି
ଫଳ ମୂଳ ସକଳ ଅବନୀରୁ ଜାତ
ହେବ ମାତ୍ର ଲୋଡ଼ିଲେ କୃଷିବିଧି ଜ୍ଞାତ
କଲେ ତାହା ଯତନେ ହେବ ଉପାର୍ଜନ
ନ ପଛୁରି ନ କରି ରହିବା ଲୋକଙ୍କି
ଅଗାଜନ ହେ !
କରିଥିବ କୃଷକ ଗୋଟିଏ ଉଦ୍ୟାନ
ରୋପିଥିବ ବିବିଧ ଫଳବୃକ୍ଷମାନ
ରୋପିଥିବ ଅଥବା କରି ଇତସ୍ତତଃ
ନିଜ କ୍ଷେତ ସେମନ୍ତ ଥିବ ସେ ସମସ୍ତ
ବୃକ୍ଷମାନେ କରନ୍ତି ନାନା ଉପକାର
ଫଳ ତାଙ୍କ ଉଦର ଯନ୍ତ୍ରଣା ନାଶନେ
ଉପଯୁକ୍ତ ହେ ॥
ଆମ୍ବ ଲେମ୍ବୁ ପଣସ ବଡ଼ିଆଳ କଦଳୀ
ରସାଞ୍ଜନ ମହୁଲ ମାସ୍ତୁ ନାରିକେଳ

ରୋପିଥିଲେ ଏ ଆମ୍ବ ପାଦପ ସକଳ
ସମୟରେ ତୁମ୍ଭଙ୍କୁ ଦେଉଥିବେ ଫଳ
ଫଳ ଖାଇ ଖୁଆଇ ଅର୍ଜିବ ଧନ
ଆଣ୍ଠି ମଧ୍ୟ କରିବ ଭୂମିର ସାରସ୍ୟ
ସମ୍ପାଦନ ହେ ॥

ପତ୍ରମାନ ତାଙ୍କର ଦେହେ ପଡ଼ି ପଡ଼ି
ଖତ ହେବ ବରଷା ସଲିଳରେ ସଡ଼ି
ଚେରଦ୍ୱାରା ଗଛର ତନ୍ତୁ ରସ ଟାଣି
ଯୋଗାଇବ ଉପର ମୃତ୍ତିକାକୁ ଆଣି
ଗ୍ରୀଷ୍ମବେଳେ ତଳକୁ କରିବେ ଶୀତଳ
ଶୀତବେଳେ କାକର ନିବାରି ରଖିବେ
ଶୀତବଳ ହେ ॥

ରୋପିଥିବ ବୃକ୍ଷରୁ ହୋଇ ସାବଧାନ
ଅଙ୍ଗ ଅନୁରୂପରେ ଥିବ ବ୍ୟବଧାନ
କରିଥିବ ଏମନ୍ତ ଅଲଗ ଅଲଗ
ନ ଲାଗିବ ଏକରେ ଆରେକର ଅଙ୍ଗ
ବଢ଼ି ତାଙ୍କ ଶରୀର ହେବ ସୁବିଶାଳ
ଉପରକୁ ଉଠିବ ପ୍ରସାରି ଡାଳ
ଶାଖା ଜାଳ ହେ ॥

ଆଗେ ଭୂମି ପ୍ରଶସ୍ତ ରଖିବ ଖନନ
କରି କୁଣ୍ଡା ପରେ କରିବ ଭରଣ
ତହିଁ ରୋଗକୀଟମାନେ ଲଭିବେ ମରଣ
ତାହା ପରେ କରିବ ପାଦପ ରୋପଣ
ଗାତେ ଥିଲେ ପକାଇ ଅସ୍ଥି କେତେ ଖଣ୍ଡ
ଫଳ ହୁଏ ମଧୁରତର ଦେଖିବ ଖଣ୍ଡ

ଝଡ ମାଟି ମିଶାଇ ଗାତେ ଦେଲେ ଭରି
ବୃକ୍ଷମାନେ ଉଠିବେ ଉଲ୍ଲାସେ ପଲ୍ଲବ-
ମାନ ଧରି ହେ ॥

ନ ପାରିବେ ପଶୁଏ କରି ଅଙ୍ଗହାନି
କଣ୍ଟାବାଡ଼ ସେ ରୂପେ ଦେଇଥିବ ଜାଣି
ବୃକ୍ଷମାନେ କ୍ରମଶଃ ଉଠି ବଢ଼ି ପ୍ରବେ
ଯଥାକାଳେ ସୁଫଳ ଦେବେ ନିର୍ବିବାଦେ
ଫଳ ଭୋଗ କରିବ ନିଜେ ଆଜୀବନ
ପରେ ଭୋଗ କରିବେ ସନ୍ତାନ ପରିଜନ
ପରିଜନ ହେ ॥

ବୃଥା ଭୂମି ନ ହେବ ତରୁ ଛାୟାତଳ
ତହିଁ ମଧ୍ୟ ହୁଅଇ ଉତ୍ତମ ଫସଲ
ମୁଗଫଳୀ ସ କୁଅ ପିଚ୍‌ଫଳ ହଳଦି
ଛାୟା ତଳେ ବଢ଼ନ୍ତି ସତେଜ ଫଳି ଲଦି ,
ପୁଣି ଗୋଲମରିଚ ଲଭି ଛାୟା ତଳ
କରିଥାଏ ଜୀବନଧାରଣ ଉତ୍ତମ
ଦିଏ ଫଳ ହେ ॥

ବରଷାର ମଧ୍ୟେ ବା ଶିଶିର ଶେଷରେ
ରୋପିଥିବ ପାଦପମାନ ବିଶେଷରେ
ବରଷାରେ ଜଳଦ ଦେଇଥାଏ ନୀର
ବସନ୍ତରେ ମିଳଇ ରସ ଅବନୀର
ଜଳ ଦେଇ ସତତ କରିବ ଗ୍ରୀଷ୍ମେ
ନିତି ନିତି ବିଟପୀକ ସେଚନରେ ପୋଷିବ
ଶିଶୁସମ ହେ ॥

# ଉଦ୍ଭିଦ ରୋଗର ପ୍ରତିକାର

ପୋକ ନାନାପ୍ରକାର ଛତ୍ର ମହୀତଳେ
ଧାନ ଆମ୍ବ ଗଛକୁ ଖାଆନ୍ତି ସକଳେ
କରିଦେଲେ ଭୂମିକୁ ବାରମ୍ବାର ଶୁଷ୍କ
ଦଳ ଦଳ ବିହଙ୍ଗ ଭୁଞ୍ଜି ତା ବାଅନ୍ତି
କରି ନାଶ ହେ ॥

ପଶି ପଶି ଭୂମିରେ ତପନ କିରଣ
ନିରସତା ଭୂମିର କରଇ ହରଣ
ଘାସ ତୃଣ ଉପୁଡ଼ି ଚାଲିଯିବ ଖତ
ଭୂମି ହୋଇ ଉଶ୍ୱାସ ଶସ୍ୟଙ୍କୁ କରଇ
ଫଳବନ୍ତ ହେ ॥

ଦଳ ଦଳ ପତଙ୍ଗ କ୍ଷେତରେ ପଡ଼ନ୍ତି
ଗଛ ପତ୍ର ଫଳକୁ ଦେଇଥାନ୍ତି ଚରି
ସ୍ଥାନେ ସ୍ଥାନେ ଖେତର ସନ୍ଧ୍ୟାରେ ଅନଳ
ଜାଳିଦେଲେ ମରନ୍ତି ଯହିଁରେ ଝୁଁପାଇ
ଅନର୍ଗଳ ହେ ॥

କାଉଁରିଆ ପୋକଙ୍କୁ ସନ୍ଧ୍ୟା ପରେ ଜାଣ
କପା ଆଦି ଗଛର ମଧ୍ୟେ ଗଲେ ଘନ
କରୁଥିଲେ ଗଛକୁ ଅନଳ ପ୍ରକାଶ
ଜ୍ୱାଳାଇଦେବ ଅନଳ ତାପରେ ସର୍ବଂଶେ
କୀଟ ଧ୍ୱଂସ ହେ ॥

# ଗୋ ରକ୍ଷଣ

ଚଷା ଗୃହ କରିଲେ ଥାଏ ଯେତେକ ହଳ
ହଳ ଏକା ଅଟଇ କୃଷକର ବଳ
ହଳ ଯାର ଗୃହରେ ଥାଏ ବଳବନ୍ତ
ଖେତ ତାର ସୁଫଳେ ତା ପାଇଁ ହୁଅଇ
ଫଳବନ୍ତ ହେ ॥

ପ୍ରଥମରେ କରିବ ଗାଈ ନିର୍ବାଚନ
ଗାଈ କରେ ବଂଶର ବଳ ନିଷ୍ପାଦନ
କ୍ଷୀଣଗ୍ରୀବା ପଶ୍ଚାର୍ଦ୍ଧ ପୃଥୁଳ ଯାହାର
ଲେଉଟିଥିବ ପଞ୍ଜର ନିଜର ଆକାର
ସ୍ନିଗ୍ଧ ସ୍ନିଗ୍ଧ ଚରଣ ଶରୀର କୋମଳ
ମୁଣ୍ଡମୁଣ୍ଡି ପୃଥୁଳ କୁଣ୍ଡ ମଣ୍ଡଳ
ଗତି ଯାର ମନ୍ଥର ସ୍ୱଭାବ ହିଁ ଶାନ୍ତ
ବିଦେଶୀ ଗାଈ ଯେପରି ଦେଖିଲେ କହିବ
ନୋହି ଭ୍ରାନ୍ତ ହେ ॥

ଗାଈ ଅନୁରୂପରେ ଥିବ ତାର ବୃଷ
ବୃଷ ବଳି ଯଦ୍ୟପି ଗାଈ ହେବ କୃଶ
ଯେତେବେଳେ ହେବ ତା ପ୍ରସବ ସମୟ
ବନ୍ଦି ବାଡ଼ି ଦେବାକୁ ହେବ ତା ଯାତନା -
ଅତିଶୟ ହେ ॥

ଦୁଗ୍ଧବତୀ ନ ସହେ ଆତପ ପବନ
ବରଷାରେ ତାହାର ହୁଅଇ ଜପଣି
ବରଷାରେ ଖରାରେ ନ ଛାଡ଼ିବ ଗାଈ
ରଖିଥିବ ପଡ଼ାରେ ଯହିଁ ଥିବ ଛାଇ
ବୃଷେ ତାକୁ ରଖିବ ଗୃହସ୍ଥ ଘରେ
ଉଡ଼ିଦେବ ମଶାଙ୍କୁ ଖରପି କୁଦୁଳୀ
କଣି ଘରେ ହେ ॥

ଘାସ ତିନି ଘଣ୍ଟାରୁ ଚରାଇବ ଦୂରେ
ତିନି ଘଣ୍ଟା ଛାଡ଼ିବ ସେବୁଝେ ବନରେ
କାଟି କାଟି ଅଥବା ବରାଡ଼ିକାନି ଦଳ
କପା ମଞ୍ଜି ସିଦ୍ଧ କରି ଦେବ ତା କବଳ
ଯେତେ ଖାଦ୍ୟ ଖାଇବ ଚତୁର୍ଗୁଣ ଜଳ
ପିଇବାକୁ ପାଇଲେ ସେ ଗାଈ ଗୋରସ
ଦିଏ ଭଲ ହେ ॥

ଗୁଡ଼ ଲବଙ୍ଗ ଅବା ପିଡ଼ିଆ ଲବଣ
ଖାଦ୍ୟ ଦେଇ ଗାଈକି କରିବ ଦୋହନ
ନିର୍ଭୟ ହୋଇ ଲୋକମାନେ ପ୍ରକାଶି ହରଷ
ଦୁଗ୍ଧବତୀ ଦିଅଇ ଅଧିକ ଗୋରସ
ଏକ ଲୋକ ଦୋହନ କଲେ ନିତି ନିତି
ତିନି ଦିଏ ଗୋରସ ଅଧିକ ମନରୁ
ଚେତି ଶୁଣ ହେ ॥

ଜଡ଼ା ତେଲ ମର୍ଦ୍ଦନ କରିଦେବ ପରେ
ଛୁରି ଗୁଡ଼ି ପଛାରେ ଦୋହନ ଅନ୍ତରେ
ଦୋହୁଥିବ ଅଧିକ ଦୁଧ କର ଶେଷ
ବାଛୁ ପାଇଁ ମନରେ ନ ଚିନ୍ତିବ କ୍ଳେଶ
ଛାଡ଼ିଦେବ ବାଛୁକୁ ଦୋହନ ଅନ୍ତରେ
ପରିମାଣ ଦୁଗ୍ଧର ବାଛୁର ପାନରେ
ବୃଦ୍ଧି କରେ ହେ ॥

ନ ରଖିବ ବଳଦ ଗାଈ ଏକ ଘରେ
ନ ଛାଡ଼ିବ ଚରିବା ପାଇଁ ତା ସଙ୍ଗରେ
ଖରା ଧାରା ବଳଦ ନିତି ସହି ସହି
ରହିଥିଲେ ପାରିବ ସିନା ବୋଝ ବହି
କରିଥିଲେ ଶ୍ରମକୁ ବଳଦ ଅଭ୍ୟାସ
ହେବ ସିନା କରମ ଦେବାକୁ ସକ୍ଷମ
ବାର ମାସ ହେ ॥

ଯେତେବେଳେ ଗାଈଟି ହେବ ଦୁଗ୍ଧଧାନ
ଖାଇବାକୁ ସ୍ୱତନ୍ତ୍ର ଦେବ ପ୍ରତିଦିନ ।
ଅର୍ଦ୍ଧ ସେର ପିଡ଼ିଆ ଅବା କପାମଞ୍ଜି
ଦୁଇ ସେର କୁଣ୍ଡା ବା ଭୁଷି ଥିବ ସଞ୍ଜି
ତାହା ଖାଇ ଗାଈଟି ହେଉଥିବ ସୁଖୀ
ଚିନ୍ତା କିଛି କରିବ ନାହିଁ ତା ଶରୀର
ଗଲେ ଶୁଖି ହେ ॥

ତିନି ଚାରି ଦିବସ ପ୍ରସବିବା ଆଗେ
ଖାଦ୍ୟ ଦେବ ଗାଈକି ଅତି ଅନୁରାଗେ
ଅଧା ସେର କଣିକ ସିଝା ସାବଧାନ
ଗୁଡ଼ ତହିଁ ମିଶିବ ପାଏ ପରିମାଣ
ଫେଣୀ ଅବା ସୋରିଷ ତେଲ ଦଶ ତୋଳା
ପାଞ୍ଚ ତୋଳା ଲବଣ ସେସବୁ ସଙ୍ଗରେ
ହେବ ଗୋଳା ହେ ॥

ତହିଁ ପୁଣି ଗାଈଟି ଗୋରସଶାଳିନୀ
ଦେଉଥାଏ ଯେମନ୍ତ ତାହାଠାରୁ କିଣି
ପ୍ରସବର ଉତ୍ତାରେ ଚାରି ପାଞ୍ଚ ଦିନ
କରିଦେବ ଜଳୀୟ ଭୋଜନବିଧାନ
ତହିଁ ତାକୁ ଭୋଜନ ଦେବ ଯେଉଁ ମତ
ଜଣେ ତାର ବର୍ଣ୍ଣନା କରୁଛି କରିବ
ହୃଦଗତ ହେ ॥

ଘାସ କୁଣ୍ଡା ମାତର ଦୁଇ ତିନି ବେଡ଼ା
ଅର୍ଦ୍ଧ ସେର ଗହମ ଭୁଷି ତହିଁ ଭିଡ଼ା
ଗୁଡ଼ ଦେବ କୋଡ଼ିଏ ମେଥି ପାଞ୍ଚ ଭରି
ଦୁଇ ଦୁଇ ଛଟାଙ୍କି ତଇଳ ଅବା ଘିଁ
ଦେବ ଭରି ହେ ॥

ତହିଁ ପରେ ଗୁଡ଼ଜଳ ଖୁଦ ଆଣି ବସି
ଦୁଧ ଗୁଡ଼ ସହିତ କରିଦେବ ମିଶି
ପାଞ୍ଚ ସାତ ଦିବସ ଭୋଜନ କରାଇ
ଦେଲେ ଅତି ଉତ୍ତମ ଗୋରସ ନିଶ୍ଚୟ
ଦେବ ଗାଈ ହେ ॥

ତହିଁ ପରେ ପାଞ୍ଚ କି ସାତ ବଡ଼ା ଘାସ
ଚାରି ସେରେ ଅବଶ୍ୟ ଦେବ ତାକୁ ଗ୍ରାସ
ଅର୍ଦ୍ଧ ସେର ସରିକ ଗୁଡ଼ଜଳର ଖୁଦ
ପାଏ ଗୁଡ଼ ସହିତ ଖାଇଲେ ବଢ଼ିବ
ତାର ମୁଦ ହେ ॥

ଏକୋଇଶ ଦିବସ ଶେଷ ପାଏ ଗାଈ
କଦାପି ନ ଦୋହିବ ମାନବର ପାଇଁ
ପିଇଲାରୁ ବାଛୁରୀ ଯେତେ କ୍ଷୀର ହେବ
ଦୁହିଁ ଦୁହିଁ ଗାଈକି ଖାଇବାକୁ ଦେବ
ଗୁଡ଼ ବିରି ଗୁଡ଼ଜଳ ଖୁଦକୁ ମିଶାଇ
ରାନ୍ଧିଦେଲେ କ୍ଷୀରକୁ ଆନନ୍ଦେ ସେ ଗାଈ
ଦେବ ଖାଇ ହେ ॥

ଗୋରୁ ଥିବ ଯେକାଳେ ଆସନ୍ନ ପ୍ରସବା
ଅଳ୍ପ ଦିନ ପ୍ରସୂତ ହୋଇଥିବ ଅବା
ନ କରିବ ତାହାକୁ ସ୍ଥାନରୁ ଅନ୍ତର
ବିଂଶ ଦିନ ବୟସ ନ ହେଲେ ବତ୍ସର
ସନ୍ଧ ଟଙ୍ଗି ନ ପାରି ଗାଈଙ୍କ ସେ ଛଡ଼ିବେ
ନିଶ୍ଚେ ହେବ ନିରାଶ ତାଠାରୁ ପ୍ରଚୁର
କ୍ଷୀରଲାଭେ ହେ ॥

ମାତେ ପାଏ ବାଛୁରୀ ଯେତେକ କ୍ଷୀର ପାନ
କରିପାରେ ତାହାକୁ କରୁଥିବ ଦାନ
ତିନି ମାସ ଖଣ୍ଡରେ ଫେଣୀର ପିଢ଼ିଆ
ଛଅମାସ ପର୍ଯ୍ୟନ୍ତ ନ ପିବ ପଢ଼ିଆ
ଖାଉଥିବ ଘାସ ହିଁ ଅଳ୍ପ ଅଳ୍ପ କରି
ତାହା ପରେ ବଢ଼ିବ ଗୋଚରେ ଚରି
ଚରି ଚରି ହେ ॥

ଯେତେବେଳେ ବଳଦ କରୁଥିବ ଶ୍ରମ
ଦେଉଥିବ ତାହାକୁ ଭୋଜନ ଉତ୍ତମ

ଭୂସା କୁଟା ପିଡ଼ିଆ କପାମଞ୍ଜି ଆଦି
ପେଟ ଭରି ଖାଇଲେ ହେବ ନାହିଁ ବ୍ୟାଧି
ତୃଣ ବିନା ଯେ କାଳେ ରହିଥିବ ଖାଲି
ଘାସ ପତ୍ର ଖାଇବ କେବଳ ଗୋଠରେ
ବୁଲିବୁଲି ହେ ॥

ହେବ ଯଦି ଗୋରୁର ଆହାର ବଦଳ
କ୍ରମେ କ୍ରମେ କଲେ ତା ହୋଇଥାଏ ଭଲ
ଏକା ଥରେ ଛାଡ଼ିଲେ ପୂର୍ବର ଆହାର
ରୋଗ ଆସି ଉପୁଜେ ଶରୀରେ ତାହାର
ଦେବ ତାକୁ ଉତ୍ତମ ଦେଶ୍ବାର ଟାଣି
ଚଟାଇବ ଦେଇବ ଲବଣ ଯେମନ୍ତ
ହେବ ଜାଣି ହେ ॥

ଅତଏବ ଖରା କି ଅତି ଶୀତକାଳେ
ଯତନରେ ଗୋରୁଙ୍କୁ ରଖିବ ଗୋଶାଳେ
ଯାତ ବାତ ଉନ୍ନତ ଥିବ ଗୋରୁଘର
ଏକ ଏକା ରହିବେ ଛ' ହାତ ଅନ୍ତର
ଆଗ ପଛ ଉପର ପାଖେ ତିନି ହାତ
ନ ବାଜିବ ତପତ ଅବା ଶୀତ ବାତ
ମଳ ମୂତ୍ର ପ୍ରତ୍ୟହ ଦେଉଥିବ ଧୋଇ
ଖତ ପାଇଁ ତାହାକୁ ଅନ୍ତରେ ଗର୍ତ୍ତରେ
ଦେବ ଥୋଇ ହେ ॥

ମହିଷିଙ୍କି ରଖିବ ଗାଈଙ୍କ ସମାନେ
ଜୀବନରେ ଭିନ୍ନ ତ ନୁହନ୍ତି ସେମାନେ
ଗୋରସ ତ ତାହାଙ୍କ ନୁହଇ ଅସାମାନ୍ୟ
ମହିଷ ବି ସର୍ବଦା ବଳଦ ସାମାନ୍ୟ
ଅଧିକନ୍ତୁ ମହିଷମାନେ ବଳବାନ
ତାଙ୍କ ପାଇଁ ଅଧିକ ଥିବ ସାବଧାନ
ପରିଶ୍ରମ କରନ୍ତି ଅଧିକ ଭୋଜନ
ନ ପାରେ ଯା ବଳଦ ତହିଁକି ମହିଷ
ପ୍ରୟୋଜନ ହେ ॥

# ଗଦ୍ୟ ରଚନାବଳୀ


୧। ଆତ୍ମଜୀବନୀ
୨। ଶ୍ରୀ ନୃପରାଜ ସିଂହ
୩। ପୁରାଣକବି
୪। ସ୍ୱର୍ଗୀୟ କାଶୀନାଥ ପଣ୍ଡା
୫। ଏହି କି ପୃଥିବୀର ଦଶା
୬। ଶିକ୍ଷିତ, ଅଶିକ୍ଷିତ ଓ ଶିକ୍ଷାଭିମାନୀ


ଫକୀରମୋହନ

# ଆତ୍ମଜୀବନୀ

## (ସଂକ୍ଷିପ୍ତ)

ମୋର ଅତି ପ୍ରାଚୀନ ପୂର୍ବପୁରୁଷମାନେ ସମ୍ବଲପୁର ସହରରେ ବାସ କରୁଥିବାର କିମ୍ବଦନ୍ତୀ ଶୁଣିଥିଲି । ମୋର ପ୍ରପିତାମହ କେଶବ ପମହେର ବରପାଲିରେ ଥିଲେ । ତାଙ୍କର ପାଞ୍ଚ ପୁତ୍ର । ସେହି ପାଞ୍ଚ ଭାଇ-ବିଶିଷ୍ଟ ପରିବାରକୁ ଲୋକେ ପାଣ୍ଡବପୁଅର ବୋଲି ନାମ ଦେଇଥିଲେ । ତାଙ୍କ ଘର ନିକଟରେ ଗୋଟିଏ ଟୁଙ୍ଗୀ ବା ଭାଗବତ ମଣ୍ଡପ ଥାଇ ସାଧାରଣଙ୍କର ବୈଠକ ଓ ସାଧୁ ସନ୍ନ୍ୟାସୀଙ୍କ ସାମୟିକ ଅବସ୍ଥାନରୂପେ ବ୍ୟବହୃତ ହେଉଥିଲା । ସେହି ହେତୁରୁ ଲୋକେ ତାଙ୍କୁ ଗୁଡ଼ିଟଳିଆ ଘର ମଧ୍ୟ ବୋଲୁଥିଲେ । ମୋର ପିତାମହ ସେହି ପାଞ୍ଚ ଭାଇର ସର୍ବକନିଷ୍ଠ । ତାଙ୍କର ନାମ ଥିଲା ସଦାଶିବ । କିନ୍ତୁ ପିତାମାତା ଓ ଗୁରୁଜନମାନଙ୍କର ସସ୍ନେହ ଡାକିବା ଅନୁସାରେ ପୁରୁବାବୁ ନାମରେ ଅଭିହିତ ହେଉଥିଲେ । ବସ୍ତ୍ରବୟନ ତାଙ୍କର ମୁଖ୍ୟ-କର୍ମ ଓ ବୈଦ୍ୟପଣ ଗୌଣକର୍ମ ଥିଲା । ଖଡ଼ି ଦେଖିବାରେ, ଜ୍ୟୋତିଷମତେ ଶୁଭାଶୁଭ ଦିନ-ବାର ଗଣିବାରେ, ଯାତ୍ରାର ଦିକ୍-ଶୂଳାଦି ନିର୍ଣ୍ଣୟ କରିବାରେ ମଧ୍ୟ ସେ ଅଭ୍ୟସ୍ତ ଥିଲେ । ସଦାଶିବଙ୍କର ଦୁଇ ପୁତ୍ର । ମୋର ପିତା ଚୈତନ୍ୟ ଜ୍ୟେଷ୍ଠ ଥିଲେ । ପୁତ୍ରଦ୍ୱୟ ସାଧାରଣ ଶିକ୍ଷାରେ ବସ୍ତ୍ରବୟନାଦି-ଦ୍ୱାରା ପରିବାରପୋଷଣରେ ସମର୍ଥ ହେବାରୁ ସଦାଶିବଙ୍କ ବସ୍ତ୍ରବୟନ କାର୍ଯ୍ୟ ବନ୍ଦ ହୋଇ ବୈଦ୍ୟ ବ୍ୟବସାୟ ମୁଖ୍ୟ ହେଲା । ଧାନ ଓ ଟଙ୍କା ଋଣ ଦେବାର, ଗୋଧନ ବୃଦ୍ଧି କରିବାର, ବଳଦ ଭଡ଼ା ଦେବାର ଭୁଲିଆମାନଙ୍କ ବ୍ୟବସାୟର ଗୋଟିଏ ପ୍ରଧାନ ଅଙ୍ଗ । ମୋର ପ୍ରପିତାମହଙ୍କର ସେହି ବ୍ୟବସାୟ ଉତ୍ତମରୂପେ ଚଳୁଥିଲା ବୋଲି ମୁଁ ଶୁଣିଅଛି । କେତେକ ନିଦର୍ଶନ ମଧ୍ୟ ଦେଖିଅଛି । ମୋର ପିତାମହଙ୍କ ସମୟରୁ ତାହା କ୍ରମଶଃ ହ୍ରାସ ହୋଇ-ଆସିଲା । ମୋର ପିତା ଚିକିତ୍ସାବିଦ୍ୟା ଓ ବ୍ୟବସାୟରେ ଅଭ୍ୟସ୍ତ ହେଲେ । ସନ ୧୮୭୨ ଖ୍ରୀଷ୍ଟାବ୍ଦ ଅଗଷ୍ଟ ୯ ତାରିଖ ଶ୍ରାବଣ ପୂର୍ଣ୍ଣିମା ଶନିବାରରେ ମୋର ଜନ୍ମ ହୁଏ । ମୋର ସ୍ମରଣ ହେଉଅଛି, ବାଲ୍ୟକାଳରେ ପିତାମହଙ୍କ ସଙ୍ଗେ ସୂର୍ଯ୍ୟୋଦୟ ପୂର୍ବରୁ ସ୍ନାନକରି ପ୍ରତ୍ୟହ ଜଗନ୍ନାଥ ଦର୍ଶନ କରି ଆସୁଥିଲି ଓ ପିତୃବ୍ୟଙ୍କ ସଙ୍ଗେ ସନ୍ଧ୍ୟା ସମୟରେ ଜଗନ୍ନାଥ ମନ୍ଦିରର ସନ୍ଧ୍ୟାଦର୍ଶନରେ ଯୋଗ ଦେଉଥିଲି । ପିତାମହୀ ଓ ମାତାଙ୍କଠାରୁ ଶୁଣିଅଛି ଯେ ଶୈଶବକାଳରେ ମଧ୍ୟ ମୁଁ

ବଡ଼ ଧୀରସ୍ୱଭାବର ଥିଲି ଏବଂ ଗୋଟିଏ ଟୋକ୍ର ମୃଦଙ୍ଗ ଧରି ସଂକୀର୍ତ୍ତନବାଲାଙ୍କ ସଙ୍ଗେ ନାଚୁଥାଏଁ ।

ମୋର ଜନ୍ମର ପୂର୍ବରୁ ମୋର ପିତା ନିଜ ଗୃହରେ ଗୋଟିଏ ଚାଟଶାଳୀ କରି ଅନେକ ବାଳକଙ୍କୁ ପଢ଼ାଉଥିଲେ । ଚାଟଶାଳୀର ଶିକ୍ଷା—ଭାଗବତପାଠ, କିଛି କିଛି ଛାନ୍ଦଚମ୍ପୂ ଓ ପଦ୍ମନାଭ ପାଇକଅଙ୍କରେ ଶେଷ ହେଉଥିଲା । ମୋର ବୟସ ୭।୮ ବର୍ଷ ହେଲାରୁ ଶିକ୍ଷା ନିମନ୍ତେ ଚାଟଶାଳୀରେ ଉପଗତ ହେଲି । ସେତେବେଳକୁ ପିତା ନିଜର ଚାଟଶାଳୀ ଭାଙ୍ଗି ଦେଇଥିଲେ । ସୁତରାଂ ଗ୍ରାମ ନିକଟସ୍ଥ ଜଣେ ଶିକ୍ଷକଙ୍କର ଚାଟଶାଳୀରେ ପଢ଼ିବାକୁ ଆରମ୍ଭ କଲି । ସେଠାରେ ଶ୍ରୀଗଜାଧ୍ୟାୟର ୩୫ ଅଧ୍ୟାୟ ପାଠ କଲାରୁ ସେହି ଚାଟଶାଳୀ ମଧ୍ୟ ଭାଙ୍ଗିଗଲା । ପରେ ମୋର ପିତା ନିଜେ ମୋତେ ନାମରତ୍ନଗୀତା ପଢ଼ାଇବାକୁ ଲାଗିଲେ । ତାହା ଦେଖି ପଞ୍ଚାୟ ୫।୬ ପିଲା ମୋ ସଙ୍ଗେ ପଢ଼ୁପଢ଼ୁ ୨୫।୩୦ ପିଲା ଘଟିଲେ । ପିତାଙ୍କର ଚାଟଶାଳୀଟିଏ ହେଲା । ମୁଁ ସେଠାରେ ଭାଗବତ ଏବଂ ମଥୁରାମଙ୍ଗଳ ଆଦି ସାଧାରଣ ଗ୍ରନ୍ଥ ଉତ୍ତମରୂପେ ଗାଇପାରିଲି । ୨୫ ଖଣ୍ଡା ଚକ୍ରିଆ ମଧ୍ୟ ସାଧାରଣ ଭାବରେ କଣ୍ଠସ୍ଥ କଲି । ପ୍ରାୟ ୧୦ ବର୍ଷ ବୟସରେ ମୋର ବିବାହ ହେଲା । ତହିଁରେ ୬୦ ଟଙ୍କା ପର୍ଯ୍ୟନ୍ତ ଋଣ ହୋଇଗଲା । ମୋର ପିତା ସର୍ବଦା ବସ୍ତ୍ର-ବୟନାଦି କାର୍ଯ୍ୟରେ ଅବହେଳା କରୁଥିଲେ ବୋଲି ତାଙ୍କର ପିତାମାତା ଓ ଭ୍ରାତାଙ୍କ-ଦ୍ୱାରା ନିନ୍ଦିତ ହେଉଥିଲେ । ଏଣେ ଋଣ-ବୃଦ୍ଧିର ଉପକ୍ରମ ଦେଖି ତାଙ୍କର ପିତା ଓ ଭ୍ରାତା ତାଙ୍କୁ ଭିନ୍ନ କରିଦେଲେ । ମୋର ପିତାଙ୍କ ଉପରେ ନିଜର ପରିବାର ନିଜେ ପୋଷିବାର ଭାର ପଡ଼ିଲା । ପିତାଙ୍କର ପରିବାର ବୋଇଲେ ମୋର ମାତା, ମୁଁ ଏବଂ ମୋର ଅଗ୍ରଜା ଅନୁଜା ଦୁଇଗୋଟି ଭଉଣୀ । ମୋର ପିତାଙ୍କୁ ତାଙ୍କର ପିତା ଓ ଭ୍ରାତା କିଛି ଭାଗ ଦେଇ ନ ଥିଲେ । କିଛିଦିନ ତାଙ୍କୁ ବଡ଼ କଷ୍ଟରେ ଚଳିବାକୁ ହେଲା । ଏମନ୍ତକି କେତେକ ଦିନ ପର୍ଯ୍ୟନ୍ତ ଅଭାବ ଥିବାରୁ ୧।୨ ଖଣ୍ଡ ଖୁରି (କଂସା) ଓ ଥାଳି ତାଙ୍କ ପିଉସୀ ଘରୁ ମାଗିଆଣି ନିର୍ବାହ ହେବାକୁ ହେଲା । ପିତା ବହୁତ ବ୍ୟସ୍ତ ହୋଇ, ବହୁତ କଳହ କରି, ବହୁତ ପଞ୍ଚାୟତ କରି କିଞ୍ଚିଦଂଶ ତାଙ୍କ ପାଇବାର ସ୍ଥିର ହେଲା । ତଥାପି ସେ ତାହା ଠିକ୍‌ରୂପେ ପାଇପାରିଲେ ନାହିଁ । କାନର ଦୁଇନା ପାସିଆ ଓ ହାତର ରୁପା ବଳା ଆଦି ଅଳଙ୍କ ଯାହା ଯାହା ପିନ୍ଧିଥିଲି, ତାହାସବୁ ପ୍ରାୟ ଆମ୍ଭ ଘରରେ ପଡ଼ିଲା । ତଳଚୋପ-ଟୋଗୀ ବାସନବର୍ତ୍ତନ ମଧ୍ୟ ହେଲା । ଗାଈ ବାଛୁରୀ ୨୦ ଗୋଟି, ବଳଦ ୭।୮ ଗୋଟି, ଆମ୍ବ ୨୦ ଗଛ, ଋଣ ୬୦ ଟଙ୍କା, କଳଘାର ଟଙ୍କା ଗୋଟିଏ, ୩।୪ ଯୋଡ଼ା ଲୁଗାର ଉପକରଣ ସୂତା, କରଜ ଦେଇଥିବା ଧାନ ପ୍ରାୟ ୨୦।୨୫ ଖଣ୍ଡୁଗ ପର୍ଯ୍ୟନ୍ତ ପିତା ହିସା ପାଇଲେ ଏବଂ ନିଜେ ନିୟମିତରୂପେ ବସ୍ତ୍ରବୟନ କରି ଆମ୍ଭମାନଙ୍କୁ ପୋଷିଲେ ।

ଏ ମଧ୍ୟରେ କିଛିଦିନ ମୋର ପଢ଼ା-ପଢ଼ି ବନ୍ଦ ହେଲା । ମୋତେ ଖାଲି ବୁଲୁଥିବାର ଦେଖି କଟକିଆ ଅବଧାନଙ୍କ ଚାଟଶାଳୀରେ ଦେବାକୁ ପିତା କେତେ କେତେବେଳେ ମନସ୍ଥ କରୁଥିଲେ । ସେ ସମୟର ଅବଧାନଙ୍କ ପ୍ରହାର କଥା ଶୁଣି ମୋ ପ୍ରାଣ କମ୍ପିଯାଉଥିଲା ଏବଂ ଚାଟଶାଳୀର ଛାତ୍ରମାନଙ୍କର ଦୁଷ୍ଟତାକୁ ମଧ୍ୟ ଭୟ ହେଉଥାଏ । ସେ ସମୟରେ

ସ୍କୁଲରେ ମଧ୍ୟ କମ୍ ପ୍ରହାର ନ ଥିଲା । ପରେ ସେତେବେଳେ କଟକ ଜିଲ୍ଲା ଅନ୍ତର୍ଗତ ମୂଳବସନ୍ତନବାସୀ ପଣ୍ଡିତ ୰ ଘନଶ୍ୟାମ ମିଶ୍ର ବରପାଲି ସ୍କୁଲକୁ ଶିକ୍ଷକ ହୋଇ ଆସିଲେ, ତାଙ୍କର ସାଧୁତା ଓ ଶିକ୍ଷାବାତ୍ସଲ୍ୟ କଥା ସ୍କୁଲର ଛାତ୍ରମାନଙ୍କ ମୁଖରୁ ଶୁଣି ସ୍କୁଲରେ ପଢ଼ିବାକୁ ମୋର ଇଚ୍ଛା ହେଉଥିଲା, କିନ୍ତୁ କାହାକୁ କିଛି କହିପାରୁ ନ ଥାଏ । ମୋତେ ସ୍କୁଲରେ ଦେବା ପିତାଙ୍କର ଆଦୌ ଇଚ୍ଛା ନ ଥିଲା । କାହିଁକି ନା ପୂର୍ବତନ ଶିକ୍ଷକଙ୍କ ସମୟରେ ଅନୁପସ୍ଥିତ ବାଳକମାନଙ୍କର ପିତାମାନେ ବରଗଡ଼କୁ ଧରାଯାଇ କଠିନ ପରିଶ୍ରମ ଦଣ୍ଡ ପାଇଥିଲେ, ସେତେବେଳେ କି ମୁଁ ସାନ ଥିବାରୁ ସ୍କୁଲକୁ ନିଆଯାଇ ନ ଥିଲି । ସ୍କୁଲରେ ଯାହାର ନାମ ଲେଖା ଯାଉଥାଏ, ତାର ଘରେ କାନ୍ଦବୋବାଳି ପଡ଼ୁଥିଲା ।

ସମ୍ଭବତଃ ୧୮୭୫ ଖ୍ରୀଷ୍ଟାବ୍ଦରେ ବରଗଡ଼ ତହସିଲଦାର ବରପାଲି ଆସିଥିଲେ । ସେହି ସମୟରେ ଆମ୍ଭ ପଡ଼ାର କେହି ଜଣେ ମୋର ପିତାଙ୍କ ଉପରେ ନିଜର ହିଂସା ଫଳାଇବାକୁ ମୋର ନାମ ତହସିଲଦାରଙ୍କଠାରେ ଲେଖାଇଦେଲେ । ତହସିଲଦାର ସାହେବ ମୋର ପିତାଙ୍କୁ ଡକାଇନେଇ ମୋତେ ସ୍କୁଲକୁ ପଠାଇବା ନିମନ୍ତେ ବାଧ୍ୟକରି ତାଙ୍କଠାରୁ (ପିତାଙ୍କ-ଠାରୁ) ଏକରାରନାମା ଲେଖାଇନେଲେ । ପିତା ଘରକୁ ଆସି ସେ କଥାକୁ ଅନ୍ୟାନ୍ୟ ଲୋକଙ୍କ ପରି ବିପଦଜ୍ଞାନ ନ କଲେହେଁ ମୋର ବଂଶବ୍ୟବସାୟଶିକ୍ଷାରେ ବାଧା ହେବ ବୋଲି ଦୁଃଖିତ ହେଲେ । ମୁଁ ସ୍କୁଲକୁ ଯିବା ସମ୍ବାଦରେ ମନେ ମନେ ଉଲ୍ଲସିତ ହୋଇଥିଲି । ମୋ କଥାରୁ ହର୍ଷର ଅଧିକ ଯାଇ ପଡ଼ାର ଜଣେ ଲୋକ କହି-ଦେଲାଇଲେ—

"ବଡ଼ ବଡ଼ମାନେ ଗଲେଣି ହଜି,
ସାନ ପାଇଛନ୍ତି ବେସର ବାଜି ।"

ସେ କଥାରେ ମୁଁ ସଙ୍କୁଚିତ ହୋଇପଡ଼ିଲି । ଅନ୍ୟ ଦିନ ସ୍କୁଲ ଚପରାସୀ ଆସି ମୋତେ ଡାକିନେଲା । ପ୍ରଥମେ ବ୍ରାଞ୍ଚସ୍କୁଲକୁ କିଛି-ଦିନ ନିୟମିତରୂପେ ଗଲି । ପରେ ମଧ୍ୟାହ୍ନ ସମୟରେ ପଡ଼ାରେ ବଳରାମ ଦାସଙ୍କ ରାମାୟଣ ପାଠ ହେଉଥିବାରୁ ତାହା ଶୁଣିବାର ଇଚ୍ଛାରେ ଓ ଅବହେଳାରେ କିଛିଦିନ ଅନୁପସ୍ଥିତ ମଧ୍ୟ ହେଲି । କିନ୍ତୁ ପିତାଙ୍କର ପ୍ରେରଣାରେ ପୁନର୍ବାର ଉପସ୍ଥିତ ହେଲି । ବ୍ରାଞ୍ଚସ୍କୁଲ ଶିକ୍ଷକ ଆମ୍ଭମାନଙ୍କୁ ପଢ଼ାଉଥିବା ସମୟରେ ଆମ୍ଭମାନଙ୍କୁ ପାଠ ଶୁଣାଇବାକୁ କହି କେତେକ ଦିନ 'ସୀତା ବନବାସ' (ଈଶ୍ୱରଚନ୍ଦ୍ର ବିଦ୍ୟାସାଗରଙ୍କ ବଙ୍ଗଳା ପୁସ୍ତକ, ଯାହା ବିଚ୍ଛନ୍ଦ ପଟ୍ଟନାୟକଙ୍କ ଦ୍ୱାରା ଓଡ଼ିଆରେ ଅନୁବାଦିତ ହୋଇଥିଲା) ପାଠ କରୁଥିଲେ । ମୁଁ ତାହା ଶୁଣି ତହିଁର ଅନେକ କଥା ବୁଝିପାରୁଥିଲି । ବ୍ରାଞ୍ଚସ୍କୁଲରେ ଘନଶ୍ୟାମ ମିଶ୍ରଙ୍କ ପ୍ରଣୀତ ବର୍ଣ୍ଣପରିଚୟ ପାଠ କରିବାକୁ ହୋଇଥିଲା ଏବଂ ଗଣିତ, ଶତକିଆ ପଣକିଆ ପୁନର-ଭ୍ୟାସ ଓ ଯୋଗ ବିଯୋଗ ଗୁଣନ ହରଣ ନୂତନ ଶିଖିବାକୁ ହେଲା । ୭ ମାସ ପରେ ୨ୟ ଶ୍ରେଣୀକୁ ଗଲି । ବ୍ରାଞ୍ଚସ୍କୁଲ ଗ୍ରାମମଧ୍ୟସ୍ଥ ସମଲାଇଗୁଡ଼ିରେ ହେଉଥିଲା । ୨ୟରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ଗ୍ରାମ ଉପକଣ୍ଠସ୍ଥ ଗୋଟିଏ ପ୍ରକାଣ୍ଡ ଖପରଘରରେ ପଢ଼ୁଥିଲେ । ସେତେବେଳେ ପ୍ରଥମ ଶ୍ରେଣୀର ପରୀକ୍ଷା ଦେବା ନିମନ୍ତେ ବଡ଼ ସ୍କୁଲକୁ ଗଲି, ସେଠାକାର କାନ୍ଥରେ ମାନଚିତ୍ରମାନ ଟଙ୍ଗା ହୋଇଥିଲା । ତାହା କି ବସ୍ତୁ—ଜାଣି ନା

ଯୋଗାନ୍ତା କିଛି ବୁଝିପାରୁନ ନାହିଁ । ୨ୟ ଶ୍ରେଣୀରେ ପଢ଼ିବା ସମୟରେ ମୋର ପିତା ହେଡ୍‌ମାଷ୍ଟରଙ୍କ ଅନୁମତି ନେଇ ମୋତେ ବୟନକାର୍ଯ୍ୟରେ ଲଗାଇଲେ ଏବଂ ମୋତେ ପଢ଼ିବା ନିମନ୍ତେ ସ୍କୁଲକୁ ଛାଡ଼ିଦଅନ୍ତି । ଏହିପରି ଯାଇ ୨ୟ ଶ୍ରେଣୀରେ ବୋଧୋଦୟ ଓ ଗଣିତ ମିଶ୍ର ଯୋଗ ବିୟୋଗ ପଢ଼ି ୬ ମାସରେ ୩ୟ ଶ୍ରେଣୀକୁ ଗଲି । ତହିଁରେ ସାହିତ୍ୟ ସ୍କୁଲପାଠ ୧ମ ଭାଗ, ଇତିହାସ ୨ୟ ଭାଗର ଅର୍ଦ୍ଧାଂଶ, ଭୂଗୋଳସୂତ୍ରରୁ ମଧ୍ୟପ୍ରଦେଶ ଓ ମଧ୍ୟ-ପ୍ରଦେଶର ନକ୍ସା, ଉତ୍କଳ ବ୍ୟାକରଣ ସଂକ୍ଷେପ ସନ୍ଧି ପର୍ଯ୍ୟନ୍ତ, ଗଣିତ ମିଶ୍ର ଗୁଣନ ହରଣ, ସାଧାରଣ ତୈରାଶିକ, ଲଘିଷ୍ଠ, ଗରିଷ୍ଠ ପଢ଼ିଲି । ପୁଣି ୬ ମାସ ପରେ ୪ର୍ଥ ଶ୍ରେଣୀ । ସେଠାରେ ସାହିତ୍ୟ ସ୍କୁଲପାଠ ୨ୟ ଭାଗ, କାଦମ୍ବରୀର ଅଧା, ଇତିହାସ ୨ୟ ଭାଗର ଶେଷାଂଶ, ଉତ୍କଳ ବ୍ୟାକରଣ ସଂକ୍ଷେପପୂର୍ଣ୍ଣରୂପେ, ସର୍ବପ୍ରକାର ତୈରାଶିକ, ବହୁରାଶିକ, ଭଗ୍ନାଂଶାଦି ଓ ଭାରତବର୍ଷର ନକ୍ସା ସହିତ ଭୂଗୋଳ । ୬ ମାସ ପରେ ପଞ୍ଚମ ଶ୍ରେଣୀ । ପଞ୍ଚମ ଶ୍ରେଣୀରେ ସାହିତ୍ୟ ସ୍କୁଲପାଠ ୩ୟ ଭାଗ, କାଦମ୍ବରୀର ଶେଷ, ଇତିହାସ ୩ୟ ଭାଗ, ବ୍ୟାକରଣ ଉପ-କ୍ରମଣିକା, ଗଣିତ କୁସୀଦ ବ୍ୟବହାର, ଚକ୍ରବୃଦ୍ଧି, ତତ୍କାଳଜ, କମ୍ପାନୀର କାଗଜ କିଣି, କ୍ଷେତ୍ରପରିମାଣ, ବର୍ଗମୂଳ, ଘନମୂଳ, ପର୍ଯ୍ୟନ୍ତ ପଢ଼ାହୁଏ । ମୁଁ ୬ ମାସ ପଢ଼ିଥିଲି । ମୋ ଆଗରୁ ପୂର୍ବ ବର୍ଷରୁ ପଢ଼ିଥିବା ୨ଜଣ ଛାତ୍ର ନର୍ମାଲ ପରୀକ୍ଷା ଦେବା ନିମନ୍ତେ ସମ୍ବଲପୁର ପ୍ରେରିତହେଲେ । ହେଡ୍‌ମାଷ୍ଟର ମୋତେ ପଠାଇବାର ପ୍ରସ୍ତାବ କରିବାରେ ମୋର ପିତାମାତା ଛାଡ଼ିଦେବାକୁ ଅସମ୍ମତ ହେଲେ । କାରଣ ତାହା ଆଷାଢ଼ ମାସରେ

ହୋଇଥିଲା । ପୂର୍ଣ୍ଣଗର୍ଭା ମହାନଦୀ ପାରି ହୋଇ ମୁଁ ଯିବି, ଏହା ମୋର ପିତାମାତା-ଙ୍କର ସାହସ ହେଲା ନାହିଁ । ମୋର ଉତ୍ସାହରେ ବାଧା ହେବାରୁ ମୁଁ ବ୍ୟଥିତ ହେଲି । ସେ ସମୟରେ ଜଣେ ଭଦ୍ରଲୋକ ମୋର ପରୀକ୍ଷା ନେଇ ନ ଯିବାର କାରଣ ପଚାରିବାରୁ ମୁଁ କିଛି ଉତ୍ତର ଦେଇ ନ ପାରି ଅନେକ ଲୋକଙ୍କ ସମକ୍ଷରେ କାନ୍ଦି ପକାଇଲି । ପୁଣି ମୋର ପଢ଼ା ଚଳିଲା । ସେ ସମୟରେ ୫ମ ଶ୍ରେଣୀରେ ବର୍ଷେ, ଦୁଇ ବର୍ଷ, ତିନି ବର୍ଷ ପଢ଼ିବାରେ କର୍ତ୍ତୃପକ୍ଷ-ଙ୍କର କିଛି ଆପତ୍ତି ନ ଥିଲା । ମୋର ପଢ଼ା ଏକ ବର୍ଷ ପୂର୍ଣ୍ଣ ହେଲାରୁ ଶିକ୍ଷକ ମହାଶୟ ନିଜ ଇଚ୍ଛାରେ ୬ଷ୍ଠ ଶ୍ରେଣୀର ଉଦ୍‌ଘାଟନ କଲେ । ୬ଷ୍ଠରେ ସାହିତ୍ୟ ରଘୁବଂଶ, କ୍ଷେତ୍ରତତ୍ତ୍ୱ, ବୀଜଗଣିତ ପଢ଼ାଇଲେ । କିନ୍ତୁ ଅଳ୍ପଦିନ ପରେ ଅବକାଶ ନେଇ ଗୃହକୁ ଗଲେ।ଯିବାରୁ ସ୍କୁଲଟି କର୍ତ୍ତୃପକ୍ଷଙ୍କର ନିୟମାନୁସାରେ ୫ମ ଶ୍ରେଣୀ ପର୍ଯ୍ୟନ୍ତ ରହିଲା । ମୋର ପଢ଼ା ମଧ୍ୟ ଶେଷ ହେଲା ।

୨ୟ ଶ୍ରେଣୀରୁ ଆରମ୍ଭ କରି ୫ମ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ିବାଯାଏ ମୁଁ ଏକ ବେଳ ଗୃହରେ ଥାଇ ବୟନକାର୍ଯ୍ୟରେ ପିତାଙ୍କୁ ସାହାଯ୍ୟ ଦେଲି, ନିଜେ ମଧ୍ୟ ଶିଖିଲି । ଗୃହରେ କାର୍ଯ୍ୟ କରୁଥିବା ସମୟରେ ପାଠସବୁ ଠିକ୍‌କରି ନେଉଥାଏଁ । ଯାହା ହୋଇ ନ ପାରେ, ସନ୍ଧ୍ୟାସମୟରେ ଶିକ୍ଷକଙ୍କ ବସାକୁ ଯାଇ ଅନ୍ୟାନ୍ୟ ଛାତ୍ରଙ୍କୁ ଓ ଶିକ୍ଷକଙ୍କୁ ପଚାରନିଏଁ । ସନ୍ଧ୍ୟାସମୟରେ ଶିକ୍ଷକଙ୍କ ବସାରେ ଅନେକ ପ୍ରଧାନ ପ୍ରଧାନ ଛାତ୍ର ଉପସ୍ଥିତ ହୋଇ ପାଠ ଘୋଷୁଥିଲେ । କେହି କେହି ଗରିବଛାତ୍ର ଶିକ୍ଷକଙ୍କ ଗୃହରେ ଆହାର କରି ରାତିରେ ସେଠାରେ ଶୋଉ-ଥିଲେ । ଶିକ୍ଷକ ଅପତ୍ୟ ନିର୍ବିଶେଷରେ

ଛାତ୍ରମାନଙ୍କୁ ସ୍ନେହ କରୁଥିଲେ। ମୋର ପିତାଙ୍କର ଆର୍ଥିକ ଅବସ୍ଥା ବଡ଼ ଶୋଚନୀୟ ଥିଲା। ମୁଁ ସ୍କୁଲରେ ଶିକ୍ଷା ଶେଷ କରିବା ପର୍ଯ୍ୟନ୍ତ ସାମାନ୍ୟ କୁର୍ତ୍ତା ଖଣ୍ଡେ କରିପାରି ନ ଥିଲି। ଖଣ୍ଡେ ଶାନ୍ତିପୁରୀ ଧୋତିର ଅନ୍ତ ମ୍ଳାନ ହେବା ପର୍ଯ୍ୟନ୍ତ ବ୍ୟବହାର କରିବାକୁ ପଡ଼ୁଥିଲା। ହାକମ ଆସିଲା ଦିନ ସମସ୍ତେ କୁର୍ତ୍ତା ଲଗାଉଥିଲେ। ମୋ ଘରେ ତାହା କେବେ ଘଟି ନ ଥିଲା। ଭଲ ଧୋତି ନ ଥିବାରୁ ପିତାମାତାଙ୍କଠାରେ ଅଳି କଲାବେଳେ ମୋର ପିତୃବ୍ୟ ତାଙ୍କର ଖଣ୍ଡେ ପୁରୁଣା ଧୋତି ବାହାର କରି ଦେଉଥିଲେ। ଥରେ ଇନସ୍‌ପେକ୍ଟର ଜେନେରାଲ ଆସିବାରୁ ଅନେକ ଛାତ୍ର ନୂତନ କୋର୍ଟ ଚପକନ ପ୍ରସ୍ତୁତ କରାଇଲେ। ତାହାଁ ଦେଖି ମୋର ପିତାଙ୍କଠାରୁ ୫୧ ବା ୫ ୧୨ ନେଇ ଶିକ୍ଷକ ମହାଶୟ ଲୁଗା କିଣି ଦରଜୀଙ୍କୁ ଦେଲେ। ଦରଜୀ ତାହା ପୂର୍ଣ୍ଣରୂପେ ସିଲାଇ କରି ନ ଥିଲା। ସାହେବ ଆସିଲେ। କଚା ସିଲାଇ ଅବସ୍ଥାରେ ସେହି ଚପକନ ଲଗାଇ ସାହେବଙ୍କଠାରେ ହାଜର ହେଲି। ସେ ଚପକନଟି ଆଉ ପୂର୍ଣ୍ଣ ସିଲାଇ ହୋଇପାରିଲା ନାହିଁ। ପରେ ନିଜେ ମୁଁ ହାତରେ ସିଲେଇ କରିଥିଲି। ପଞ୍ଚମ ଶ୍ରେଣୀର ଶିକ୍ଷା ସମୟରେ ଶିକ୍ଷକ ମହାଶୟ ମୋତେ ଓ ମୋ ଉପରର ଦୁଇ ଜଣ ବ୍ରାହ୍ମଣ ଛାତ୍ରଙ୍କୁ ସୁଗ୍ରପାର ନାମକ ସଂସ୍କୃତ ବ୍ୟାକରଣ ପ୍ରାଇଭେଟରେ ପଢ଼ାଉଥିଲେ। ତାହା ମୁଁ ଗୃହରେ କାର୍ଯ୍ୟ କରି କରି ପଢ଼ିଥିଲି। ଆମ୍ଭମାନଙ୍କ ପରି କେତେକ ବାହାରର ବ୍ରାହ୍ମଣ ପିଲାମାନଙ୍କୁ ମଧ୍ୟ ଶିକ୍ଷକ ମହାଶୟ ସିଦ୍ଧାନ୍ତଚନ୍ଦ୍ରିକା ବ୍ୟାକରଣ ପଢ଼ାଉଥିଲେ। ତାହାଙ୍କଠାରୁ ମଧ୍ୟ କେତେକ ସୂତ୍ର ଆମ୍ଭମାନେ ଅଭ୍ୟାସ କରିନେଉଥିଲୁଁ। ସେତେବେଳେ ଶିକ୍ଷକଙ୍କ ବସା ଗୁରୁଙ୍କର ଆଶ୍ରମ ତୁଲ୍ୟ ବୋଧ ହେଉଥିଲା।

ମୁଁ ପାଞ୍ଚଗୋଟି ଶ୍ରେଣୀରେ ପ୍ରଥମ ପୁସ୍ତକ ଚଢ଼ିକି, ଉଦ୍ଧାରେ ପ୍ରାପ୍ତ ୫୨୯ ପର୍ଯ୍ୟନ୍ତ ପୁସ୍ତକ କିଣିବାରେ ମୋର ଖର୍ଚ୍ଚ ହୋଇଥିବ। ଅବଶିଷ୍ଟ ସମସ୍ତ ପୁସ୍ତକ ଛାତ୍ରମାନଙ୍କଠାରୁ ମାଗିଆଣି ପଢ଼େଁ, ପଢ଼ି ସାରିଲେ ସେମାନଙ୍କୁ ଫେରାଇଦିଏଁ। ସ୍କୁଲବେତନ ସେ ସମୟରେ କେହି ଦେଉ ନ ଥିଲେ।

ମୋର ସ୍କୁଲପଢ଼ା ଶେଷ ହେଲା। ସମସ୍ତ ଦିନ ଗୃହରେ କାର୍ଯ୍ୟ କରି ଏବଂ ଟିକିଏ ସମୟ ପାଇଲେ କିଛି ନା କିଛି ପଢ଼ୁଥାଏଁ। ଯାହାଠାରୁ ଯାହା ପୁସ୍ତକ ପାଏଁ, ମାଗି ପଢ଼େଁ। କେବେ କେବେ ତମସୁକ ଲେଖି କିଛି କିଛି ପାଏଁ, ତାହା ପୁସ୍ତକ କିଣିବାରେ ବ୍ୟୟିତ ହୁଏ। ଏମନେ ମୁଁ ଭଲରୂପେ ବସ୍ତ୍ରକାର୍ଯ୍ୟ ଶିଖିଲି।

୧୮୭୮ ଖ୍ରୀଷ୍ଟାବ୍ଦରେ ମୋର ବିବାହ ହୁଏ। ପିତା କ୍ରମେ କ୍ରମେ ମୋ ଉପରେ ପରିବାରପୋଷଣର ଭାରାର୍ପଣ କରିବାକୁ ଲାଗିଲେ ଏବଂ ବସ୍ତ୍ରକାର୍ଯ୍ୟରୁ ଅବ୍ୟାହତ ପାଇ ଶାସ୍ତ୍ରକଥା କରିବାରେ ଅଧିକ ସମୟ ଲଗାଇଲେ। ତାଙ୍କର ବୈଦ୍ୟକାର୍ଯ୍ୟ ମଧ୍ୟ ଚାଲିଥାଏ। ତେବେ ତହିଁରେ ତାଙ୍କର ଅଧିକ ପ୍ରସିଦ୍ଧି ନ ଥିଲା। ମୋର ହାତରେ ନିର୍ମିତ ବସ୍ତ୍ରରେ ଗ୍ରାହକମାନଙ୍କର ଆଗ୍ରହ ବଢ଼ିଲା ଏବଂ ମୋ ହାତରେ ତମସୁକ ଆଦି ଲେଖାଇବାକୁ ମଧ୍ୟ ଲୋକଙ୍କର ଆଗ୍ରହ ବୃଦ୍ଧି ହେଲା; କିନ୍ତୁ ମୁଁ ଏକାକୀ ଲୁଗା ବୁଣିବାକୁ ଟିକେ ବିରକ୍ତ ହୁଏଁ। ଦୈବାତ୍ ମୋହର ଗୃହଦାହ ହେଲା। ଲୁଗା ବୁଣିବାର ଯନ୍ତ୍ର ପ୍ରାପ୍ତ ସମସ୍ତ ଦଗ୍ଧ ହୋଇଗଲା। ପୁଣି ମୋତେ କେତେକ ନିତାନ୍ତ

ଅବଶ୍ୟକୀୟ ଯନ୍ତ୍ର ବାଧିବାକୁ ଯୋଗାଡ଼ କରିବାକୁ ପଡ଼ିଲା ।

ଘନଶ୍ୟାମ ମିଶ୍ରଙ୍କ ଉତ୍ତାରୁ ବନମାଳୀ ଆଚାର୍ଯ୍ୟ ବରପାଲି ସ୍କୁଲର ଶିକ୍ଷକ ହେଲେ । କେତେକ ବର୍ଷ ପରେ ସେ ମଧ୍ୟ ଛୁଟି ନେଇ ଘରକୁ ବାହାରିଗଲେ । ତତ୍ପରେ ତାଙ୍କ କାର୍ଯ୍ୟରେ ଶ୍ରୀ ଲକ୍ଷ୍ମଣ ମିଶ୍ର ରହିଲେ । ଘନଶ୍ୟାମ ମିଶ୍ରଙ୍କ ସମୟରେ ଯେଉଁ ନର୍ମାଲ ସ୍କୁଲର ପରୀକ୍ଷା ହୋଇଥିବାର ପୂର୍ବେ ଉକ୍ତ ହୋଇଅଛି, ସେଇଦିନରୁ ନର୍ମାଲ ସ୍କୁଲ ସମ୍ବଲପୁରରୁ ଉଠିଗଲା ଏବଂ ଟାଉନ ସ୍କୁଲ ଓ ଭିଲେଜ୍ ସ୍କୁଲ ପରୀକ୍ଷା ଆରମ୍ଭ ହେଲା । ଲକ୍ଷ୍ମଣ ମିଶ୍ର ମୋତେ ଉତ୍ସାହିତ କରି ଭିଲେଜ୍ ସ୍କୁଲର ପରୀକ୍ଷା ଦେବାକୁ ପ୍ରବର୍ତ୍ତାଇବାରୁ ପୁଣି ସ୍କୁଲରେ ନାମ ଲେଖାଇ ଆବଶ୍ୟକୀୟ ବିଷୟମାନ ଶିକ୍ଷା କଲି ଓ ୧୮୮୨ ଖ୍ରୀଷ୍ଟାବ୍ଦରେ ସମ୍ବଲପୁର ଯାଇଁ ପରୀକ୍ଷା ଦେଲି । ମରହଟ୍ଟା ଡେପୁଟି ଇନ୍‌ସପେକ୍ଟର ପ୍ରଶ୍ନ ଡାକିଥିଲେ, ଯହିଁରେ ଆର୍ଯ୍ୟ ଶବ୍ଦ 'ଆରିଓ' ଉଚ୍ଚାରିତ ହୋଇଥିଲା । ଗଣିତ ପ୍ରଶ୍ନ ସମ୍ବଲପୁର ଜେଲର ପଥର ଛପା ଅଙ୍କମାନ ସ୍ପଷ୍ଟ ଦେଖା ପଡ଼ୁ ନ ଥିଲା । ମୋଟ ମାର୍କ ୪୦୦ ରୁ ୨୫୦ ପାଶ ହୋଇଥିଲେ ମଧ୍ୟ ଗଣିତରେ ଉପଯୁକ୍ତ ନମ୍ବର ପାଶ ହୋଇପାରି ନ ଥିବାରୁ ଭିଲେଜ୍ ସ୍କୁଲରେ ପାଶ ନ ହୋଇ ଦେଶୀୟ ପାଠଶାଳାର ସାର୍ଟିଫିକେଟ ମିଳିଲା ।

ମୋର କାର୍ଯ୍ୟ ପୂର୍ବବତ୍ ଚଳୁଥିଲା ଓ ଚଳିଲା । ମୁଁ ମୋର ପିତାଙ୍କର ଏକମାତ୍ର ପୁତ୍ର ଥିବାରୁ ସେମାନେ ଚାକିରି ନିମନ୍ତେ ମୋତେ ଗ୍ରାମାନ୍ତର ଛାଡ଼ି-ଦେବାକୁ ରାଜି ନ ଥିଲେ । ୧୮୮୫ ଖ୍ରୀଷ୍ଟାବ୍ଦରେ ବରପାଲି ଜମିଦାରଙ୍କର ଜମିଦାରୀର ଅମିନ କାର୍ଯ୍ୟରେ ସର୍ବପ୍ରଥମେ ନିଯୁକ୍ତ ହେଲି । କିଛିଦିନ କାର୍ଯ୍ୟ କଲାରୁ କାର୍ଯ୍ୟ ବନ୍ଦ ହେଲା । କେତେକ ଦିନ ପରେ ବରପାଲି ଜମିଦାର ଓ ମୋକ୍ତାରଙ୍କ ବିରୁଦ୍ଧରେ କନବାଡ଼ ଗ୍ରାମ ଅନଧିକାର ପ୍ରବେଶ କରିଥିବାର ମକଦ୍ଦମା ହେଲା । ମୋକ୍ତାର କପିଳ ଚରଣ ପଟ୍ଟନାୟକ ମୋତେ ଗୋଟିଏ ସଫାଇ ସାକ୍ଷୀ ଦେଲେ । ମୋର ଇଜାହାର କରାଇବାକୁ ତାଙ୍କୁ ମନା କଲି, ସେ ମାନିଲେ ନାହିଁ । ମୋର ଇଜାହାରରେ ତାଙ୍କର ପକ୍ଷହାନି ପରିବର୍ତ୍ତରେ ଦୋଷ ଦୃଢ଼ତର ପ୍ରମାଣିତ ହୋଇଗଲା । ତହିଁ ନିମନ୍ତେ ଜମିଦାରଙ୍କୁ ଟ୩୦୦, ମୋକ୍ତାରଙ୍କୁ ଟ୫୧, ଓ ଅନ୍ୟ ୮ ଜଣଙ୍କୁ ଟ୮୦, ଜରିମାନା ହେଲା । ଜମିଦାର ମୋ ଉପରକୁ ଅତ୍ୟନ୍ତ ରୋଷାନ୍ୱିତ ହେଲେ । ଅପିଲରେ ଜମିଦାର ନିର୍ଦ୍ଦୋଷ ପ୍ରମାଣିତ ହେଲେ; କିନ୍ତୁ ମୋକ୍ତାରଙ୍କ ଦଣ୍ଡ ପ୍ରବଳ ରହିଲା । ତଥାପି ମୋକ୍ତାର ମୋ ପ୍ରତି ଅସନ୍ତୁଷ୍ଟ ନ ଥିଲେ । ପୁଣି ଜମିଦାରୀର ବନ୍ଦୋବସ୍ତ କାର୍ଯ୍ୟ ଚଳିବାରୁ ମୋକ୍ତାର ମହାଶୟ ମୋତେ ଅମିନ କାର୍ଯ୍ୟ କରିବାକୁ ବାଧ୍ୟ କଲେ । ବନ୍ଦୋବସ୍ତ ଶେଷରେ ଜମିଦାର ସାହେବ ମୋତେ ମାଲ୍‌ମୋହରିର କାର୍ଯ୍ୟ ଦେଲେ । କ୍ରମରେ ତାଙ୍କର ଖମାର, ବଜାର ପ୍ରଭୃତି ଅନେକ ବିଷୟର ହିସାବ ଭାର ଦେଲେ ଓ ମୋ ଉପରେ ବିଶ୍ୱାସ ରଖିଲେ । ୧୮୯୯ ଖ୍ରୀଷ୍ଟାବ୍ଦରେ ବରପାଲି ତହସିଲ ମୋହରିର ମରିବାରୁ ଜମିଦାର ସାହେବ ମୋ ନାମରେ ସୁପାରିଶ କରି ସେହି କାର୍ଯ୍ୟ ଖଣ୍ଡିକ କରାଇଦେଲେ । ସେହିଦିନରୁ ବରପାଲିରେ ପ୍ରାୟ ୩ ବର୍ଷ କାର୍ଯ୍ୟ କରି କିଛିଦିନ ସମ୍ବଲପୁରରେ ରହିଲି । ପରେ ବିଜେପୁର ପରିବର୍ତ୍ତିତ

ହୋଇ ସେଠାରେ ୨ ବର୍ଷ ରହିଲି; ପୁଣି ସମ୍ବଲପୁର ପରିବର୍ତ୍ତିତ ହେଲି । କେତେକ ମାସ ପରେ କ୍ରମେ କ୍ରମେ ଦୁଇ ବର୍ଷ ପର୍ଯ୍ୟନ୍ତ ବିନା ବେତନରେ ଛୁଟି ନେଇ ବରପାଲିରେ ରହିଲି । ୧୯୦୭ ଖ୍ରୀଷ୍ଟାବ୍ଦ ମାର୍ଚ୍ଚରେ ସମ୍ବଲପୁର ଯାଇ କାର୍ଯ୍ୟରେ ଉପସ୍ଥିତ ହେଲି । ୧୯୧୩ ଖ୍ରୀଷ୍ଟାବ୍ଦ ମାର୍ଚ୍ଚ ମାସରେ ବିଜେପୁର ଆସିଲି । ୧୯୧୪ ଖ୍ରୀଷ୍ଟାବ୍ଦ ସେପ୍ଟେମ୍ବରରୁ ପଦ୍ମପୁର ଆସିଅଛି ।

ବରପାଲିରେ ପ୍ରଥମ ବେତନ ଟ ୭୲ କ୍ରମରେ ୮ । ୧୦ । ୧୫ ଟଙ୍କା ପର୍ଯ୍ୟନ୍ତ ହୋଇଥିଲା । ଚୁଡ଼ିପିମ୍ବଲ ମୋହରର କାର୍ଯ୍ୟରେ ପ୍ରଥମ ବେତନ ଟ ୧୫୲, ତହିଁରୁ ଟ ୨୦୲ ଓ ଟ ୩୦୲ ହୋଇ ବର୍ତ୍ତମାନ ଟ ୩୫୲ ହୋଇଅଛି ।

ସ୍କୁଲ ଗ୍ରନ୍ଥକାର ଲାବଣ୍ୟବତୀ, ସୁଭଦ୍ରାପରିଣୟ, ରସିକହାରାବଳୀ ଓ ବୈଦେହୀଶବିଳାସର କେତେକାଂଶ ସାଧାରଣ ଭାବରେ ଦେଖିଥିଲି । ସେହିପରି ରସକଲ୍ଲୋଳ ମଧ୍ୟ ଦେଖିଲି । ପ୍ରଥମ ଶ୍ଳୋକ ଶ୍ଳୋକ କେତେକ କବିତା ସ୍ତୁତି ଧରଣରେ ଲେଖିଥିଲି । ତନ୍ମଧ୍ୟରେ 'ରସରତ୍ନାକର' ବଡ଼ ।

# ଶ୍ରୀ ନୃପରାଜସିଂହ

## ପ୍ରଥମ ପରିଚ୍ଛେଦ

### ପୂର୍ବାଭାସ

ରାୟ ବାହାଦୁର ଲାଲ ନୃପରାଜ ସିଂହ ଦେବ ସମ୍ବଲପୁର ଜିଲ୍ଲା ବରପାଲିର ଅଧୀଶ୍ୱର । ସେ ୧୮୫୨ ଖ୍ରୀଷ୍ଟାବ୍ଦରେ ବରପାଲିର ଚୌହାଣରାଜବଂଶରେ ଜନ୍ମଗ୍ରହଣ କରିଅଛନ୍ତି । ତାହାଙ୍କର ଜନ୍ମ ସମୟରୁ ତାହାଙ୍କର ପିତାମହ ବରପାଲିର ରାଜକାର୍ଯ୍ୟ ସମ୍ପାଦନ କରୁଥିଲେ ଏବଂ ପିତା ଗଜେନ୍ଦ୍ର ସିଂହ ଯୌବରାଜ୍ୟର କର୍ତ୍ତୃତ୍ୱ କରୁଥିଲେ । ଗଜେନ୍ଦ୍ର ସିଂହଙ୍କର ଚାରିପୁତ୍ରରୁ ବ୍ରଜେନ୍ଦ୍ର ସିଂହ ଜ୍ୟେଷ୍ଠ ଓ ନୃପରାଜ ସିଂହ ସର୍ବକନିଷ୍ଠ । ମଧ୍ୟମ ପୁତ୍ରଦ୍ୱୟ ଅଳ୍ପ ବୟସରେ ପରଲୋକଗାମୀ ହେଲେ । ସନ୍ତାନମାନଙ୍କ ମଧ୍ୟରୁ ଏକଦୁଇଜଣର ବିୟୋଗ ଘଟିଲେ ଅବଶିଷ୍ଟ ସନ୍ତାନମାନଙ୍କ ପ୍ରତି ପିତାମାତାଙ୍କର ସ୍ନେହ କେମନ୍ତ ଗାଢ଼ତର ହୋଇଥାଏ, ତାହା ସମସ୍ତେ ବିଦିତ ଅଛନ୍ତି । ବ୍ରଜେନ୍ଦ୍ର ସିଂହ ଓ ନୃପରାଜ ସିଂହ ପିତାମାତାଙ୍କର ସେହି ସ୍ନେହର ଅଧିକାରୀ ହୋଇ ବାଲ୍ୟଜୀବନ ଅତିବାହିତ କରିବାକୁ ଲାଗିଲେ । ସେ ସମୟରେ ସମ୍ବଲପୁର ଜିଲ୍ଲାରେ ବିଦ୍ୟାଶିକ୍ଷାର ସୁବ୍ୟବସ୍ଥା ନ ଥିଲା । 'ଅବଧାନ'ମାନଙ୍କ ନିକଟରେ ଶିକ୍ଷାର ସମାପ୍ତି କରିବାକୁ ହେଉଥିଲା । ସୁକୁମାର ରାଜକୁମାରଦ୍ୱୟ ଶିକ୍ଷା ନିମନ୍ତେ ଅବଧାନ ନିକଟରେ ଅର୍ପିତ ହୋଇ ଚକଡ଼ିକୋଳି, କମଳଲୋଚନ, ଗୋପୀଭାଷା, ରସପଞ୍ଚାଧ୍ୟାୟୀ ଓ ନାମରତ୍ନଗୀତାଦି ପାଠ କରି କିଛି କିଛି ଗଣିତଶିକ୍ଷା କଲେ । ସେ ସମୟରେ ରାଜକୁମାରମାନଙ୍କୁ କିଛି କିଛି ଉର୍ଦ୍ଦୁ ଶିକ୍ଷାଦେବାର ଆବଶ୍ୟକ ହେଉଥିଲା । କିନ୍ତୁ ସେହି ଶିକ୍ଷା ବର୍ଣ୍ଣମାଳାର ସୀମା ଅତିକ୍ରମ କରିବା କ୍ୱଚିତ୍ ଦେଖାଯାଉଥାଏ । ବ୍ରଜେନ୍ଦ୍ର ସିଂହ ସେହିପରି କିଛି କିଛି ଉର୍ଦ୍ଦୁ ମଧ୍ୟ ଶିକ୍ଷା କଲେ ।

୧୮୫୯ ଖ୍ରୀଷ୍ଟାବ୍ଦରେ ବରପାଲିରେ ଭୟଙ୍କର ବିସୂଚିକା ଉପଗତ ହୋଇ ୭/ ଶତ ଲୋକଙ୍କୁ ଯମାଳୟକୁ ନେଇଗଲା । ଗଜେନ୍ଦ୍ର ସିଂହ ସେହି ସମୟରେ ତନୁତ୍ୟାଗ କଲେ । ସେ ଅତି ରୂପବାନ୍ ପୁରୁଷ ଥିଲେ । ଭବାନୀ ସିଂହ ସେହି ନୟନସୁନ୍ଦର ପୁତ୍ରର

ବିରହରେ ଅଧୀର ଓ ଭଗ୍ନହୃଦୟ ହୋଇ ସଂସାରକାର୍ଯ୍ୟରେ ଉଦାସୀନ ହୋଇ ରହିଲେ । ତାଙ୍କ ତତ୍ପୁତ୍ରଙ୍କ ସଂସାର ଶୂନ୍ୟବତ୍ ପ୍ରତୀୟମାନ ହେଲା । ସେ ଜୀବନ୍ତ ରହିବା ଅପେକ୍ଷା ମୃତ୍ୟୁକୁ ଶ୍ରେୟଃ ଜ୍ଞାନ କଲେ । ଫଳତଃ ବିଧାତା ତାଙ୍କ ଇଚ୍ଛାଭିପ୍ରାୟପୋଷକ ହୋଇ ପୁତ୍ରମୃତ୍ୟୁର ଦୁଇ ମାସ ପରେ ତାହାଙ୍କୁ ଚିରଶାନ୍ତିଧାମକୁ ନେଇଗଲେ ।

ସମ୍ବଲପୁରର ମହାରାଜା ବଳିଆର ସିଂହ ୧୬୮୦ଖ୍ରୀଷ୍ଟାବ୍ଦରେ ତାହାଙ୍କର କନିଷ୍ଠ ପୁତ୍ର ବିକ୍ରମ ସିଂହଙ୍କୁ ବରପାଲି ଇଲାକା ଭରଣ-ପୋଷଣ ନିମନ୍ତେ ଦେଇଥିଲେ । ସେ ସମୟରେ ରାଜ୍ୟ କ୍ଷୁଦ୍ର, ଅରଣ୍ୟମୟ ଓ ଅଳ୍ପ ଆୟବିଶିଷ୍ଟ ଥିଲା । ବିକ୍ରମ ସିଂହ ଓ ତଦୀୟ ପୁତ୍ର ହୃଦୟ ସିଂହ, ପୌତ୍ର ଲକ୍ଷ୍ମୀଧର ସିଂହ, ପ୍ରପୌତ୍ର ପୀତାମ୍ବର ସିଂହ ପରମ୍ପରାକ୍ରମେ ଆପଣା ଆପଣା ରାଜତ୍ୱ-କାଳରେ ଇଲକାର ସୀମା ବୃଦ୍ଧି ଓ ଅରଣ୍ୟ ଆବାଦ କରି ପ୍ରଭୁତ୍ୱ ବିସ୍ତାର କରିଥିଲେ । ପୀତାମ୍ବର ସିଂହଙ୍କ ପରେ ତାଙ୍କ ପୁତ୍ର ଭବାନୀ ସିଂହ ଦକ୍ଷତାପରିମାଣରେ ବରପାଲିର ଶ୍ରୀବୃଦ୍ଧି ସାଧନ କରିବାକୁ ସକ୍ଷମ ହୋଇଥିଲେ । ସେ ବରପାଲିର ଜମିଦାର ଥିଲେ ସତ୍ୟ; କିନ୍ତୁ ତଳର ସବୁ ସ୍ଥାନରେ ରାଜସମ୍ମାନ୍ୟ ଲାଭ କରୁଥିଲେ । ସମ୍ବଲପୁରର ରାଜଭ୍ରାତାମାନେ ବୃତ୍ତିସ୍ୱରୂପ ଯେଉଁ ସବୁ ସ୍ଥାନ ପାଇଅଛନ୍ତି, ତହିଁ ମଧ୍ୟରେ ଆୟ ଏବଂ ଆୟତନରେ ବସାନପୁର ପ୍ରଥମ ଏବଂ ବରପାଲି ଦ୍ୱିତୀୟ ସ୍ଥାନୀୟ । ଅନ୍ୟ ସ୍ଥାନ-ସବୁ କ୍ଷୁଦ୍ରତର ଅଟେ ।

ବରପାଲିର ଆଦ୍ୟ ଅଧିପତି ବିକ୍ରମ ସିଂହଙ୍କର ତୃତୀୟ ପୁତ୍ରଙ୍କ ନାମ ପ୍ରତାପ ସିଂହ । ପ୍ରତାପ ସିଂହଙ୍କର ନାରାୟଣ ସିଂହ ନାମକ ପୌତ୍ର ସମ୍ବଲପୁରର ଅପୁତ୍ରକ ମହାରାଜ ସାଏଙ୍କର ପରଲୋକ ଗମନ ଉତ୍ତାରେ ୧୮୩୪ ଖ୍ରୀଷ୍ଟାବ୍ଦରେ ସମ୍ବଲପୁର ରାଜସିଂହାସନରେ ଅଧିରୂଢ଼ ହେଲେ । ଏଥିରୁ ବରପାଲି ରାଜବଂଶର ଗୌରବକୁ ଉଦ୍ଦୀପିତ କରିବାକୁ ଲାଗିଲା; ସୁତରାଂ ତତ୍କାଳୀନ ବରପାଲି ଅଧିପତି ଭବାନୀ-ସିଂହଙ୍କର ପ୍ରତାପ ପ୍ରସ୍ଫୁଟ ହୋଇଉଠିଲା । ମହାରାଜ ନାରାୟଣସିଂହ ୧୮୪୯ଖ୍ରୀଷ୍ଟାବ୍ଦରେ ଲୋକାନ୍ତର ଗମନ କଲନ୍ତେ ରାଜ୍ୟ ଇଂରେଜ ଗଭର୍ଣ୍ଣମେଣ୍ଟଙ୍କ ଅଧିକୃତ ହେଲା । ସେହି ସମୟରେ ସୁରେନ୍ଦ୍ରସାଏ, ଉଜ୍ଜ୍ୱଳସାଏ ପ୍ରଭୃତି ରାଜବଂଶୀୟମାନେ ରାଜ୍ୟଲୋଭରେ ବିଦ୍ରୋହାଚରଣ ଆରମ୍ଭ କରିବାକୁ ଲାଗିଲେ । କେତେକ ଗଣ୍ଡ ଜମିଦାର ପ୍ରଜାଗଣ ବହୁ ବ୍ୟକ୍ତିଙ୍କ ସହିତ ବିଦ୍ରୋହି-ଦଳଭୁକ୍ତ ହୋଇ ରାଜ୍ୟରେ ଅଶାନ୍ତ ଉପଦ୍ରବ ଆରମ୍ଭ କଲେ; କିନ୍ତୁ ଭୟ ଓ ଭକ୍ତିରେ ବରପାଲିର ସୀମା ସ୍ପର୍ଶ କରୁ ନ ଥିଲେ । ସେହି ହେତୁରୁ ବର୍ତ୍ତମାନ * ଖାଲସାର ଅନେକ ଜମିଦାର ଓ ଗ୍ରାମାଧିପ ଭବାନୀ ସିଂହଙ୍କର ଆଶ୍ରୟ ନେଇ ନିଜଜୀବନ ରକ୍ଷା କଲେ ।

ନାରାୟଣ ସିଂହ ତାହାଙ୍କର ଅନ୍ତିମ ସମୟରେ ଭବାନୀ ସିଂହଙ୍କୁ ଉପଯୁକ୍ତ ଦାୟାଦ ମନେ ଆହ୍ୱାନ କରିଥିଲେ । କିନ୍ତୁ ଭବାନୀ ସିଂହ ରାଜ୍ୟର ଅବସ୍ଥା ବିବେଚନା କରି ତଦ୍‌ବିଷୟରେ ଔଦାସୀନ୍ୟ ପ୍ରଦର୍ଶନ କରି ବିଦ୍ରୋହ ଶାନ୍ତି ନିମନ୍ତେ ଇଂରେଜ ଗଭର୍ଣ୍ଣମେଣ୍ଟଙ୍କର ସହକାରୀ-ସ୍ୱରୂପ କାର୍ଯ୍ୟ କଲେ । ତହିଁର ଫଳସ୍ୱରୂପ କେତେକ ବିଦ୍ରୋହୀ ଗଣ୍ଡଙ୍କୁ ଧୃତ କରି

* ଇଂରେଜଶାସିତ ଅଂଶକୁ ଖାଲସା କହନ୍ତି ।

ଇଂରେଜ ସରକାରରେ ଅର୍ପଣ କରି ତଦାନୀନ୍ତନ କମିଶନର ୱିଲିୟମ ରବର୍ଟ ଫେରିସ୍ ସାହେବଙ୍କଠାରୁ ଧନ୍ୟବାଦପତ୍ର ପାଇଲେ (୧)।

ଭବାନୀ ସିଂହଙ୍କ ଉତ୍ତାରୁ ରାଜେନ୍ଦ୍ର ସିଂହ ୧୮୫୯ ଖ୍ରୀଷ୍ଟାବ୍ଦର ସେପ୍ଟେମ୍ବର ମାସରେ ବରପାଲି ରାଜ୍ୟର ପ୍ରାପ୍ତ ହୋଇ ଗଭର୍ଣ୍ଣମେଣ୍ଟଙ୍କଠାରେ ସେହିପରି ରାଜଭକ୍ତି ପ୍ରଦର୍ଶନ କଲେ। ତତ୍କାଳୀନ ପ୍ରଶଂସିତ କମିଶନର ସାହେବ ତାହାଙ୍କ ପ୍ରତି ମଧ୍ୟ ପ୍ରୀତି ପ୍ରକାଶ କଲେ (୨)। ରାଜେନ୍ଦ୍ର ସିଂହ ୧୮୬୫ ଖ୍ରୀଷ୍ଟାବ୍ଦରେ ବରପାଲିରେ ଗୋଟିଏ ଏଙ୍ଗ୍ଲୋ ଭର୍ଣ୍ଣାକ୍ୟୁଲର ସ୍କୁଲ ସ୍ଥାପନ କରି ରାଜ୍ୟର ବାଳକମାନଙ୍କ ସହିତ ନୃପରାଜ ସିଂହଙ୍କର ଶିକ୍ଷାର ବ୍ୟବସ୍ଥା କରିଥିଲେ। ନୃପରାଜ ସିଂହ ଉଚ୍ଚଶିକ୍ଷାରେ କୃତକାର୍ଯ୍ୟ ନ ହେଉଣୁ ୧୮୬୯ ଖ୍ରୀଷ୍ଟାବ୍ଦରେ ସ୍ୱର୍ଗତ ରାଜେନ୍ଦ୍ର ସିଂହ ପରଲୋକ ଗମନ କରିବାରୁ ୧୭ ବର୍ଷ ବୟସରେ ତାଙ୍କ ପଦରେ ଅଭିଷିକ୍ତ ହେଲେ।

# ଦ୍ୱିତୀୟ ପରିଚ୍ଛେଦ

## ଶୃଙ୍ଖଳାସ୍ଥାପନ

ନୃପରାଜ ସିଂହଙ୍କୁ ରାଜ୍ୟଭାର ସଙ୍ଗେ ସଙ୍ଗେ ଅପ୍ରତିକୃତ ଋଣଭାର ବହନ କରିବାକୁ ହେଲା। ସେ ରାଜ୍ୟପ୍ରାପ୍ତିର ଅଳ୍ପକାଳ ପରେ ୧୮୭୧ ଖ୍ରୀଷ୍ଟାବ୍ଦରେ ଗଞ୍ଜାମଜିଲ୍ଲା ସାନଖେମଣ୍ଡିର ଗଙ୍ଗବଂଶୀୟ ରାଜା ରଘୁନାଥ ଦେବଙ୍କର ଦୁହିତାଙ୍କର ପାଣି ଗ୍ରହଣ କଲେ। ଏହି ବିବାହ ରାଜୋଚିତ ସମାରୋହରେ ହେବାରୁ ଏଥିସକାଶେ ମଧ୍ୟ କିଛି ଋଣ କରିବା ଆବଶ୍ୟକ ହୋଇଥିଲା।

ନୃପରାଜ ସିଂହ ବିବାହକରଣାନନ୍ତର ବ୍ୟସନାସକ୍ତ ନ ହୋଇ ଋଣ ପରିଶୋଧ ଓ ରାଜ୍ୟର ଉନ୍ନତିସାଧନରେ ବ୍ୟସ୍ତଚିତ୍ତ ହେଲେ। ସେ ରାଜ୍ୟର ଅବସ୍ଥା ପର୍ଯ୍ୟାଲୋଚନା କରି ଦେଖିଲେ ଯେ ଋଣର ପରିମାଣ ବାର୍ଷିକ ଆୟର ତିନ ଗୁଣ। ଯାହା ଆୟ ହୁଏ ତାହା ନିଜର ନିତାନ୍ତ ପ୍ରୟୋଜନୀୟ ବ୍ୟୟକୁ ମଧ୍ୟ ଅପ୍ରତୁଳ। କିଛି ବିଶେଷ କାର୍ଯ୍ୟ କରିବାକୁ ହେଲେ ଉତ୍ତମର୍ଣ୍ଣମାନଙ୍କର ଦ୍ୱାରସ୍ଥ ହେବାକୁ ବାଧ୍ୟ। ସୁଧର ଦର ଶତକଡ଼ା ମାସିକ ୨୪ ଟଙ୍କାରୁ ୩ ଟଙ୍କା। ଏଥିରେ ଋଣ ହ୍ରାସ ହେବା ଦୂରରେ ଥାଉ, ଋଣର ବୃଦ୍ଧି ବେଗବତୀ ହେବା ଅବଶ୍ୟମ୍ଭାବୀ। ପୁଣି ଆୟସବୁ ଅତି ବିଶୃଙ୍ଖଳ। ଜଙ୍ଗଲ, ମୁଟ, ଘିଅ, କାଠ, ପରିବା ପର୍ଯ୍ୟନ୍ତ ରାଜସ୍ୱର ଅଙ୍ଗୀଭୂତ। ନଗଦ ଟଙ୍କାର ସଂଖ୍ୟା ଅତି ଅଳ୍ପ। ରାଜ୍ୟର ନୂତନ ବନ୍ଦୋବସ୍ତ

୧। ତା ୧୦।୩।୧୮୫୯ ଖ୍ରୀ: ଲିଖିତ ପତ୍ର। ୨। ତା ୨୮।୧୧।୧୮୬୦ ଖ୍ରୀ: ଲିଖିତ ଚିଠି।

କରିବାକୁ ହେଲେ ଗଭର୍ଣ୍ଣମେଣ୍ଟଙ୍କର ସାହାଯ୍ୟ ନିତାନ୍ତ ଆବଶ୍ୟକ । ନୃପରାଜ ସିଂହ ଏହିସବୁ ଅବସ୍ଥାକୁ ଦୃଷ୍ଟି-କରି ସମ୍ବଲପୁରର ତତ୍କାଳୀନ କମିଶନର ମି: ଟେବାଇ ସାହେବଙ୍କ ଅନୁକୂଲ୍ୟରେ ଉପଢୌକନ ରାଜସ୍ୱ ଅଙ୍କଭୁକ୍ତ ପଦାର୍ଥ-ସବୁର ମୂଲ୍ୟ କଷି ଦ୍ରବ୍ୟ ବଦଳରେ ନଗଦ ଟଙ୍କା ନେବାର ବ୍ୟବସ୍ଥା କଲେ । ଗ୍ରାମ ଠିକାଦାରମାନେ ୫ ବର୍ଷ ନିମନ୍ତେ ଗ୍ରାମ ଠିକା ନେଇ ୫ ବର୍ଷର ଦେୟ ଏକାଥରକେ ଅଗ୍ରିମ ଦାନ କରୁଥିଲେ । ନୃପରାଜ ସିଂହ ସେମାନଙ୍କର ଠିକାର ସମୟ ୧୦ ବର୍ଷ ନିରୂପଣ କରି ୧୦ ବର୍ଷର ଦେୟ ଅଗ୍ରିମ ଗ୍ରହଣ କରିବାର ସ୍ଥିର କଲେ; କିନ୍ତୁ ତାହା ଏକାଥରକେ ନିଆଗଲେ ଠିକାଦାରମାନଙ୍କର ବିଶେଷ କଷ୍ଟ ହେବ ବୋଲି ଦୁଇ ଥରରେ ଆଦାୟ କଲେ । ଆପଣାର ଆୟବ୍ୟୟର ଗୋଟିଏ ତାଲିକା ପ୍ରସ୍ତୁତ କରି ବ୍ୟୟସଙ୍କୋଚଦ୍ୱାରା ଟଙ୍କା ଉଦ୍‌ବର୍ତ୍ତନର ପନ୍ଥା ଉଦ୍ଭାବନ କଲେ । ଉଦ୍‌ବୃତ୍ତ ଟଙ୍କାସବୁ ଋଣ ପରିଶୋଧ ଫଣ୍ଡରେ ରଖି ସମଗ୍ର ଋଣ ଏକ ଜଣ ମହାଜନଠାରୁ ଶତକରା ମାସିକ ୧ ଟଙ୍କା ସୁଧରେ ରଖି ବେଶି ସୁଧର ଋଣସବୁ ଏକାବେଳକେ ପରିଶୋଧ କରିଦେଲେ ଏବଂ ଉଦ୍‌ବୃତ୍ତ ଟଙ୍କା ନିୟମିତରୂପେ ପରିଶୋଧ କରିବାଦ୍ୱାରା କ୍ରମେକ୍ରମେ ଋଣ ହ୍ରାସ କରିବାକୁ ଲାଗିଲେ; କିନ୍ତୁ ଋଣ ନୃପରାଜ ସିଂହଙ୍କର ଆଭିଜାତ୍ୟ ଓ ଔଦାର୍ଯ୍ୟ ସକାଶେ ତାଙ୍କୁ ସମ୍ପୂର୍ଣ୍ଣରୂପେ ତ୍ୟାଗ କରିପାରିଲା ନାହିଁ ।

ଏଣେ ନୃପରାଜ ସିଂହଙ୍କର କେତେକ ପୁତ୍ରକନ୍ୟା ଜାତହୋଇ ତାହାଙ୍କର ଗୃହ ଶୋଭିତ କରିବାକୁ ଲାଗିଲେ । ସେମାନଙ୍କର ନୈମିତ୍ତିକ କାର୍ଯ୍ୟରେ ଗୃହରେ କେତେକ ଉତ୍ସବର ଅନୁଷ୍ଠାନ ଅତ୍ୟାବଶ୍ୟକ ହୋଇପଡ଼ିଲା । ନୃପରାଜ ସିଂହ ଚତୁରତା ଓ ପ୍ରବୀଣତା ସହିତ ଆୟବ୍ୟୟ ତାଲିକା ଉପରେ ବିଶେଷ ଦୃଷ୍ଟି ରଖି ଅକ୍ଷୁଣ୍ଣ ମାନସମ୍ଭ୍ରମରେ ସକଳ କାର୍ଯ୍ୟ ସମ୍ପାଦନ କଲେ । ନୃପରାଜ ସିଂହ ନିଜର ଋଣଭାର ହ୍ରାସ କରିବା ନିମନ୍ତେ ଗ୍ରାମ ଠିକାଦାରମାନଙ୍କଠାରୁ ୧୦ ବର୍ଷର ପ୍ରାପ୍ୟ ଗ୍ରହଣ କଲେ; କିନ୍ତୁ ଦେଖିଲେ ଯେ ସେମାନଙ୍କ ମଧ୍ୟରେ ଅନେକେ ଅକିଞ୍ଚନ ଓ ଋଣଗ୍ରସ୍ତ ହୋଇପଡ଼ିଅଛନ୍ତି । ସେମାନଙ୍କର ଉତ୍ତମର୍ଣ୍ଣମାନେ ସେମାନଙ୍କର ଗ୍ରାମ ନିଲାମ କରାଇବାକୁ ହସ୍ତ ପ୍ରସାରଣ କରୁଅଛନ୍ତି । ଅନେକଙ୍କର କଷ୍ଟସଞ୍ଚିତ ଅର୍ଥ ମହାଜନର ଭଣ୍ଡାରବୃଦ୍ଧି କରୁଅଛି । ସହୃଦୟ ନୃପରାଜ ସିଂହଙ୍କ ପକ୍ଷରେ ତାହା ଅସହ୍ୟ ହୋଇଉଠିଲା । ସେ ଠିକାଦାରମାନଙ୍କର ଦୁରବସ୍ଥା ଦୂରକରିବା ନିମନ୍ତେ ଉପଯୁକ୍ତ ବିଧିବ୍ୟବସ୍ଥା କରି ଗଭର୍ଣ୍ଣମେଣ୍ଟଙ୍କଠାରୁ ଧନ୍ୟବାଦର ସହିତ ସହାନୁଭୂତି ଲାଭକରି ନିଜର ଅଭିପ୍ରାୟ ସିଦ୍ଧକଲେ । ଉତ୍ତମର୍ଣ୍ଣମାନେ ଗ୍ରାମ ଠିକାଦାରମାନଙ୍କଠାରୁ ଗ୍ରାମ ବନ୍ଧକ ବା ବିକ୍ରୟଦ୍ୱାରା ନେଇ ନ ପାରିବାର ବିଧିବଦ୍ଧ ହେଲା । ଭୂମିର ଅବସ୍ଥା ଦୃଷ୍ଟିରେ ସେମାନଙ୍କର ( ଠିକାଦାରମାନଙ୍କର ) ଦେୟ ନିର୍ଣ୍ଣୟ କରାଯାଇ ବାର୍ଷିକ ଦେୟ ବର୍ଷରେ ତିନି ଭାଗରେ ତିନି ଥରରେ ଆଦାୟ କରାଯିବାର ସ୍ୱୀକୃତ ହୋଇ ୧୦ ବର୍ଷ ନିମନ୍ତେ ପଟ୍ଟା ଦିଆଗଲା । ଠିକାଦାରମାନେ ଏହି ସ୍ୱତନ୍ତ୍ର ପ୍ରସ୍ତାବକୁ ପ୍ରଥମରେ ଶକ୍ତ ବୋଧ କରୁଥିଲେ । ତହିଁ ନିମନ୍ତେ ନୃପରାଜ ସିଂହଙ୍କୁ ଅନେକ ଅର୍ଥବ୍ୟୟ ଓ

ଉଲ୍ଲଙ୍ଘନ କରିବାକୁ ଚାହିଁଲେ । ୩୪ ଜଣ ଠିକାଦାର ମହାଜନମାନଙ୍କର ପ୍ରବର୍ତ୍ତନାରେ ପଡ଼ି ଉକ୍ତ ନିୟମରେ ପଟ୍ଟା ଗ୍ରହଣ କରିବାକୁ ସ୍ୱୀକାର ନ କରିବାରୁ ଦେବାନୀ ଅଦାଲତଦ୍ୱାରା ଗ୍ରାମରୁ ଉଚ୍ଛିନ୍ନ ହେଲେ । ସୁତରାଂ ଠିକାଦାରମାନେ ମହାଜନମାନଙ୍କଠାରୁ ଋଣ ପାଇବାର ନଷ୍ଟ ହେଲା; କିନ୍ତୁ ନୃପରାଜ ସିଂହ ଠିକାଦାରମାନଙ୍କୁ ଗଭର୍ଣ୍ମେଣ୍ଟରୁ ତକାବୀ ଗ୍ରହଣ କରିବା ସୁବିଧା ଦେଖାଇ ସେମାନଙ୍କ ରକ୍ଷାର ପଥ ପ୍ରଶସ୍ତତର କରିଦେଲେ । ପ୍ରସ୍ତାବିତ ନିୟମର ପଟ୍ଟା ଗ୍ରହଣ ନିମନ୍ତେ ଠିକାଦାରମାନଙ୍କ ପ୍ରତି ସେଉଁ ଅନୁକୂଳ ବଳଦସ୍ତ ପ୍ରୟୋଗ କରାଯାଇଥିଲା, ସେମାନେ ତହିଁର ଉପକାରିତା ବର୍ତ୍ତମାନ ଅବଗତ ହୋଇଅଛନ୍ତି; ସୁତରାଂ ନୃପରାଜ ସିଂହ ସେମାନଙ୍କର ଅଶେଷ ପ୍ରୀତି, ଭକ୍ତି ଓ କୃତଜ୍ଞତାଲାଭର ପ୍ରକୃତ ଅଧିକାରୀ ଅଟନ୍ତି ।

ଏହି କାର୍ଯ୍ୟ ସଙ୍ଗେ ସଙ୍ଗେ ପ୍ରଜାମାନଙ୍କର ମଧ୍ୟ ବିଶୃଙ୍ଖଳା ଭଞ୍ଜନ କରାଗଲା । ପ୍ରଜାମାନଙ୍କର କାହାର ଉପବାସ, କାହାର ଭୋଗମାସ ହେଉଥିଲା । ସମପରିମିତ ଭୂମି ନିମନ୍ତେ କେହିଁ ୧ ଟଙ୍କା, କେହି ୪ ଟଙ୍କା ରାଜସ୍ୱ ଦେଉଥିଲେ, ଠିକାଦାରମାନେ ମଧ୍ୟ ସେମାନଙ୍କଠାରୁ ନାନାପ୍ରକାର ଅତିରିକ୍ତ ଲାଭ ଗ୍ରହଣ କରୁଥିଲେ । ଏତଦ୍ଭିନ୍ନ ବରପାଲି ଇଲାକାରେ ଏତତ୍ପୂର୍ବରେ ପ୍ରାୟ ଏକସହସ୍ର ଅସ୍ତ୍ରଧାରୀ ସିପାହୀ ଥିଲେ । ସେମାନେ କେହି ନଗଦରେ, କେହି ଅର୍ଦ୍ଧ କରରେ ଭୂମି ଭୋଗ କରି ଆବଶ୍ୟକ ସମୟରେ ବରପାଲି ଅଧିପତିଙ୍କ ନିକଟରେ ଉପସ୍ଥିତ ହୋଇ କାର୍ଯ୍ୟ କରୁଥିଲେ । କଲର ରାଜବିପ୍ଳବ ସମୟରେ ସେମାନଙ୍କଦ୍ୱାରା ଗଭର୍ଣ୍ମେଣ୍ଟଙ୍କର ବହୁତ ସହାୟତା କରିବାକୁ ହୋଇଥିଲା । ସଂପ୍ରତି ସର୍ବତ୍ର ଶାନ୍ତି ବିରାଜିତ । କୌଣସି ଉପଦ୍ରବର ଆଶଙ୍କା ନାହିଁ । ଉପଦ୍ରବ ନିବାରଣର ଭାର ଗଭର୍ଣ୍ମେଣ୍ଟଙ୍କ ହସ୍ତରେ ରହିଲା । ସିପାହୀମାନେ କରିବେ କଅଣ ? ଅତଏବ ସିପାହୀଙ୍କର ଭୋଗ ଭୂମି ଠିକାଦାରମାନଙ୍କର ହସ୍ତଗତ ହୋଇଥିଲା । ସମସ୍ତ ଭୂମି ଉପରେ ସମ ପରିମାଣରେ କର ଧାର୍ଯ୍ୟ କରାଯାଇ ପ୍ରଜାମାନଙ୍କର ବିଶୃଙ୍ଖଳା ଉଚ୍ଛେଦ କରାଗଲା । ଏତଦ୍ଦ୍ୱାରା ଶୃଙ୍ଖଳାସ୍ଥାପନ ଏବଂ ନୃପରାଜ ସିଂହଙ୍କର ଆୟ ବୃଦ୍ଧି ଉଭୟ କାର୍ଯ୍ୟ ହୋଇଗଲା ।

# ତୃତୀୟ ପରିଚ୍ଛେଦ

## ଗୌରବ ପ୍ରସାର

ନୃପରାଜ ସିଂହ ଆପଣାର ଗୌରବ ପ୍ରସାରଣ ବିଷୟରେ ପ୍ରଶଂସନୀୟ କୃତିତ୍ୱ ଦେଖାଇଅଛନ୍ତି । ତାହାଙ୍କର ଚିତ୍ତୋଚିତା- ନହାଦଗଣ ଯେଉଁମାନଙ୍କ ସହିତ ସମ୍ବନ୍ଧ ସ୍ଥାପନ କରିଥିଲେ, ସେମାନେ ବିଶୁଦ୍ଧ ଏବଂ ପ୍ରସିଦ୍ଧ ରାଜବଂଶୀୟ ଥିଲେହେଁ

ସେମାନଙ୍କର ଖ୍ୟାତି ବା ପଦ ଉତ୍କୃଷ୍ଟ-ଯୋଗ୍ୟ ନ ଥିଲା । ଭୂତାନ ସିଂହ ଚନ୍ଦେଲ ଓ ନାଗବଂଶୀୟ କ୍ଷତ୍ରିୟମାନଙ୍କୁ ନିଜ ରାଜ୍ୟରେ ରଖି ଚନ୍ଦେଲକନ୍ୟାଙ୍କ ସହିତ ପୁତ୍ର ଗଜେନ୍ଦ୍ର ସିଂହଙ୍କର ଓ ନାଗବଂଶୀୟ କ୍ଷତ୍ରିୟକନ୍ୟାଙ୍କ ସହିତ ପୌତ୍ର ସୁରେନ୍ଦ୍ର ସିଂହଙ୍କର ବିବାହ କରାଇଥିଲେ । ନୃପରାଜସିଂହ ପ୍ରଧାନ ପ୍ରଧାନ ରାଜା ମହାରାଜାଙ୍କଠାରେ ସାକ୍ଷାତ୍କାର, ସଦାଳାପ ଓ ସମ୍ବାଦଦ୍ୱାରା ନିଜର ସୌଜନ୍ୟ,ସୌହାର୍ଦ୍ଦ୍ୟ ଓ ନିରଭିମାନିତା ପ୍ରକାଶ କରି ସେମାନଙ୍କର ପ୍ରୀତି ଆକର୍ଷଣ କରିଅଛନ୍ତି । ତହିଁରେ ରାଜାମାନଙ୍କ ଶ୍ରେଣୀରେ ତାହାଙ୍କର ଜାତୀୟ ଗୌରବାସନ ସଂସ୍ଥାପିତ ହୋଇଅଛି । ପାଟଣାର ବର୍ତ୍ତମାନ ମହାରାଜା ଶ୍ରୀମାନ୍ ଦଲଗଞ୍ଜନ ସିଂହଦେବ ଓ ସୋନପୁରର ଭୂତପୂର୍ବ ମହାରାଜା ଗଦାଧରସିଂହ ନୃପରାଜସିଂହଙ୍କର ସୌଜନ୍ୟ ଓ ସଦ୍ବ୍ୟବହାରରେ ପରିତୁଷ୍ଟ ହୋଇ ତାଙ୍କଠାରେ ସୋଦର ସ୍ନେହ ଅର୍ପଣ କରି ସମୟେ ସମୟେ ତାଙ୍କ ଗୃହରେ ବିରାଜମାନ ହେବା ଓ ଘନିଷ୍ଠ କୁଟୁମ୍ବିତା ପ୍ରଦର୍ଶନ କରିବାଦ୍ୱାରା ତାହାଙ୍କୁ ଆପ୍ୟାୟିତ କରିଅଛନ୍ତି । ପାଟନାର ସ୍ୱର୍ଗୀୟ ମହାରାଜା ରାମଚନ୍ଦ୍ର ସିଂହ ଦେବ ନୃପରାଜ ସିଂହଙ୍କ ଗୃହକୁ ନିଜ ଗୃହରୁ ଭିନ୍ନ ବୋଧକରୁ ନ ଥିଲେ । ବାମଣ୍ଡାର ସ୍ୱର୍ଗୀୟ ମହାରାଜା ସାର୍ ସୁଚଳ ଦେବ, କେ. ସି. ଆଇ. ଇ. ମହୋଦୟ ନୃପରାଜ ସିଂହଙ୍କୁ ପ୍ରିୟତମ ବନ୍ଧୁରୂପେ ଗ୍ରହଣ କରି ୧୮୮୯ ଖ୍ରୀଷ୍ଟାବ୍ଦରେ ତାହାଙ୍କର ପିତୃବ୍ୟପୁତ୍ର ଲାଲ କେଶବ ଚନ୍ଦ୍ର ଦେବଙ୍କୁ ନୃପରାଜସିଂହଙ୍କର ପ୍ରଥମ ଦୁହିତାଙ୍କ ସହିତ ବିବାହ କରାଇଲେ । ୧୮୯୨ ଖ୍ରୀଷ୍ଟାବ୍ଦରେ ସରଗୁଜାର ମହାରାଜା ରଘୁନାଥ ଶରଣସିଂହ ଦେବ ନୃପରାଜ ସିଂହଙ୍କର ଦ୍ୱିତୀୟ ଦୁହିତାଙ୍କର ପାଣିଗ୍ରହଣ କଲେ । ୧୮୯୩ ଖ୍ରୀଷ୍ଟାବ୍ଦରେ ମୟୂରଭଞ୍ଜର ସୂର୍ଯ୍ୟବଂଶୀୟ ପ୍ରସିଦ୍ଧ ମହାରାଜା ଶ୍ରୀରାମଚନ୍ଦ୍ର ସିଂହଭଞ୍ଜ ନୃପରାଜ ସିଂହଙ୍କର ପୁତ୍ର ଲାଲ ସାର ମହେନ୍ଦ୍ର ସିଂହଙ୍କୁ ନିଜର ଦ୍ୱିତୀୟା ଭଗିନୀଙ୍କ ପାଣି ପ୍ରଦାନ କରାଇଅଛନ୍ତି । ପରେ ୧୯୦୨ ଖ୍ରୀଷ୍ଟାବ୍ଦରେ ନୃପରାଜ ସିଂହଙ୍କ ଏକ ଦୁହିତାଙ୍କୁ ବଉଦର ମହାରାଜାଙ୍କର ଭ୍ରାତୃପୁତ୍ର ଓ ଅନ୍ୟ ଦୁହିତାଙ୍କୁ କଳାହାଣ୍ଡି ଅନ୍ତର୍ଗତ ଥୁଆମୂଳର ପାଟରାଜା ବିବାହ କରିଅଛନ୍ତି । ଏହିସବୁ କାର୍ଯ୍ୟ ସମ୍ପାଦନ କରିବାକୁ ନୃପରାଜ ସିଂହଙ୍କୁ ଯେତେ ଯେତେ ଅର୍ଥ ବ୍ୟୟ କରିବାକୁ ପଡ଼ିଅଛି ଅବସ୍ଥା ଦୃଷ୍ଟିରେ ତାହା ଅଧିକ ହୋଇଥିଲେହେଁ କାର୍ଯ୍ୟ ଦୃଷ୍ଟିରେ ଅଳ୍ପ ବୋଲିବାକୁ ହେବ । ନୃପରାଜ ସିଂହ ପ୍ରଜାମାନଙ୍କର ଏପରି ପ୍ରୀତି ଆକର୍ଷଣ କରିଅଛନ୍ତି ଯେ, କି ଅର୍ଥ କି ଲୋକ ଯେତେବେଳେ ଯାହା ଆବଶ୍ୟକ ତାହା ଅନାୟାସରେ ଲାଭକରି ସକଳ କାର୍ଯ୍ୟ ସମ୍ଭ୍ରମ ସହକାରରେ ନିର୍ବାହ କରିଅଛନ୍ତି । ସରଗୁଜା ମହାରାଜାଙ୍କୁ କନ୍ୟା ଦେବା ଓ ମୟୂରଭଞ୍ଜ ମହାରାଜାଙ୍କ ଗୃହରୁ କନ୍ୟା ଆଣିବା କାର୍ଯ୍ୟ କେମନ୍ତ ଗୁରୁତର ଓ ଅର୍ଥସାପେକ୍ଷ, ତାହା ଅବଶ୍ୟ ଅନୁମେୟ । ନୃପରାଜ ସିଂହ ପ୍ରତ୍ୟେକ କାର୍ଯ୍ୟର ପୂର୍ଣ୍ଣ ଆୟୋଜନ ୧୫ ଦିନ ମଧ୍ୟରେ କରିପାରିଅଛନ୍ତି । ଏପରି କାର୍ଯ୍ୟ ବଡ଼ ବଡ଼ ରାଜାମାନଙ୍କ ପକ୍ଷରେ ସହଜସାଧ୍ୟ ହୋଇଥିଲେହେଁ ଜଣେ କ୍ଷୁଦ୍ରରାଜ୍ୟର ଅଧିପତିଙ୍କ ପକ୍ଷରେ ବାହାଦୁରୀ ବୋଲିବାକୁ ହେବ । ନୃପରାଜ ସିଂହଙ୍କର ଏହି ବାହାଦୁରୀ ସପକ୍ଷ-ହୃଦୟରେ ହର୍ଷ ଓ ବିପକ୍ଷ-ହୃଦୟରେ ବିଷାଦ ଜନ୍ମାଇ ଦେଇଅଛି । ନୃପରାଜ ସିଂହ

୧୮୮୯ ଖ୍ରୀଷ୍ଟାବ୍ଦରୁ ୧୯୦୨ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ କ୍ରମାଗତ ୧୩।୧୪ ବର୍ଷକାଳ ଉପର୍ଯ୍ୟୁପରି ବ୍ୟୟସଙ୍କୁଳିତ ହୋଇ କେତେବେଳେ ହେଁ ଆପଣାକୁ ଅବସନ୍ନ ବୋଧକରି ନାହାନ୍ତି । ଏହିସମୟରେ ସାଧାରଣର ହିତକର କାର୍ଯ୍ୟାଦିରେ ମଧ୍ୟ ତାହାଙ୍କର ବ୍ୟୟଦ୍ୱାର ଅନବରୁଦ୍ଧ ଥିଲା । କୃପଣତା ତାହାଙ୍କର ଅପ୍ରିୟ ଓ ଔଦାର୍ଯ୍ୟ ଚିରପ୍ରିୟ ହୋଇଅଛି । ତାହା ହୋଇ ନ ଥିଲେ ସେ ସ୍ୱୀଯ ଯଶଃ ଓ ଗୌରବ ବୃଦ୍ଧି କରିପାରି ନ ଥାନ୍ତେ । ତାହାଙ୍କର ମିତାଚାର ଓ ମିତବ୍ୟୟିତା ମଧ୍ୟ ଅପ୍ରଶଂସନୀୟ ନୁହେ ।

# ଚତୁର୍ଥ ପରିଚ୍ଛେଦ

## ରାଜଭକ୍ତି ଓ ସତ୍କାର୍ଯ୍ୟ

ନୃପରାଜ ସିଂହଙ୍କ ଯୋଗ୍ୟତା ଦେଖି ଗଭର୍ଣ୍ଣମେଣ୍ଟ ୧୮୭୫ ଖ୍ରୀଷ୍ଟାବ୍ଦରେ ତାଙ୍କୁ ପ୍ରଥମରେ ତାଙ୍କ ରାଜ୍ୟପାଇଁ ତୃତୀୟଶ୍ରେଣୀର ଅବୈତନିକ ମାଜିଷ୍ଟ୍ରେଟ କ୍ଷମତା ପ୍ରଦାନ କଲେ । ଅଳ୍ପକାଳ ପରେ ଦ୍ୱିତୀୟଶ୍ରେଣୀର ମାଜିଷ୍ଟ୍ରେଟ କ୍ଷମତା ଦେଇ ତାଙ୍କ ଇଲାକାର ନିକଟବର୍ତ୍ତୀ ଖାଲସାର କେତେକାଂଶରେ ମଧ୍ୟ ସେହି କ୍ଷମତା ପରିଚାଳନର ଆଦେଶ ହେଲା । ପରେ କାର୍ଯ୍ୟର ଉତ୍କର୍ଷ ଅବଲୋକନ କରି କେତେକ ବିଶେଷ କ୍ଷମତା ସହିତ ସମ୍ବଲପୁର ଜିଲାର ସବଜ କାର୍ଯ୍ୟ କରିପାରିବା ଭାରାର୍ପଣ କଲେ । ନୃପରାଜ ସିଂହ ଦକ୍ଷତାର ସହିତ ଏହି କାର୍ଯ୍ୟ ସମ୍ପାଦନ କରି ଗଭର୍ଣ୍ଣମେଣ୍ଟଙ୍କ ନିକଟରୁ ପୁନଃ ପୁନଃ ପ୍ରଶଂସା ଲାଭ କରିଅଛନ୍ତି ।

ଗଭର୍ଣ୍ଣମେଣ୍ଟ ନୃପରାଜ ସିଂହଙ୍କର ଗୌରବରକ୍ଷା ନିମନ୍ତେ ସେ ଦେବାନି ଅଦାଲତରେ ଉପସ୍ଥିତ ହେବାକୁ ବାଧ୍ୟ ନ ଥିବାର ଆଜ୍ଞାପ୍ରଦାନ କରିଅଛନ୍ତି ଏବଂ ତାଙ୍କୁ ଦରବାରମାନଙ୍କରେ ରାଜାମାନଙ୍କ ସଙ୍ଗରେ ଆସନ ଦେଉଅଛନ୍ତି । ସେ ଗଭର୍ଣ୍ଣମେଣ୍ଟଙ୍କ ଆମନ୍ତ୍ରଣରେ ଦିଲ୍ଲୀ ଯାଇ ମହାମାନ୍ୟ ଭାରତସମ୍ରାଟ୍ ସପ୍ତମ ଏଡ୍‌ୱାର୍ଡ୍‌ଙ୍କ ଅଭିଷେକୋତ୍ସବରେ ଯୋଗଦାନ କରିଥିଲେ । ତହିଁନିମିତ୍ତ ଗଭର୍ଣ୍ଣମେଣ୍ଟଙ୍କ ପ୍ରୀତିର ନିଦର୍ଶନ ସ୍ୱରୂପ "କୈଶରହିନ୍ଦ୍" ରୌପ୍ୟ ପଦକ ପାଇଅଛନ୍ତି ।

ନୃପରାଜ ସିଂହ ଦେଶର ଉପକାର ନିମନ୍ତେ ସମୟେ ସମୟେ କୌଣସି କୌଣସି ପ୍ରସ୍ତାବ କରି ଗଭର୍ଣ୍ଣମେଣ୍ଟଙ୍କ ନିକଟରେ ପ୍ରାର୍ଥନା କରିଆସନ୍ତି । ପରେ ଗୋହତ୍ୟା ନିବାରଣ ନିମନ୍ତେ କେତେକ କଠୋର ବିଧି ପ୍ରବର୍ତ୍ତନ କରିଯିବା ସକାଶେ ସମ୍ବଲପୁର ଡେପୁଟୀ କମିଶନରଙ୍କୁ ଜଣାଇଥିଲେ । ତେତେବେଳେ ତାହା ଡେପୁଟି କମିଶନରଙ୍କୁ ଅଯୌକ୍ତିକ ବୋଧହୋଇଥିଲା । କିନ୍ତୁ କିଛିଦିନ ପରେ ସେ ତଦନୁରୂପ ବିଧାନ କରିବାରୁ ଗୋହତ୍ୟା ବହୁ ପରିମାଣରେ ନିବାରିତ ହୋଇଅଛି । ଦୁର୍ଭିକ୍ଷ ସମୟରେ ଅନ୍ତ୍ୟଜ ଜାତିର ଲୋକମାନେ ମାଂସ ଓ ଚର୍ମ ଲୋଭରେ ଅପର୍ଯ୍ୟାପ୍ତ

ଗୋବଧ କରିବାକୁ ଲାଗିଲେ; ସେତେବେଳେ କାଂଗ୍ରେସର ତହିଁର ପ୍ରତିକାର ହେବା ଆଶାରେ ଗୋ-ରକ୍ଷକତା ଓ ଗୋଚର୍ମ ବ୍ୟବସାୟୀମାନେ ଗ୍ରାମାଧିପତାଙ୍କୁ ଗୋ ବା ଗୋଚର୍ମ ନିର୍ଦ୍ଦୋଷ ଥିବାର, ତାହାର ଚେଶଚପ୍ରୟୋଗ୍ୟ ବର୍ଣ୍ଣ ତାଲୁକଦ ଉଲ୍ଲିଖ-ଯୁକ୍ତ ସାର୍ଟିଫିକେଟ ନେବା, ସାର୍ଟିଫିକେଟ-ବିହୀନ ବହ୍ନିନ ବତତସ୍ଥ ବା କ୍ରୀତ ଗୋ ବା ଗୋଚର୍ମ ଅପହୃତ ଜବେବାଚ ହେବା କଥା ପ୍ରବର୍ତ୍ତିତ ହେବାକୁ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ । ସେହି କଥା ପ୍ରବର୍ତ୍ତିତ ହେଲା ଓ ତଦ୍ଦ୍ୱାରା ଉପକାର ମଧ୍ୟ ହେଉଅଛି ।

ସେ ୧୮୯୭ ସାଲର ଦୁର୍ଭିକ୍ଷରେ ସମ୍ବଲପୁର ଜିଲାପ୍ତ୍ରର ଅଞ୍ଚଳର ଶତ ଶତ ଦୁର୍ଭିକ୍ଷପୀଡ଼ିତ ଲୋକଙ୍କୁ ପାଳନ କଲେ ଏବଂ ସ୍ୱର୍ଗୀୟା ଭାରତେଶ୍ୱରୀଙ୍କ ମଙ୍ଗଳ କାମନାରେ ଶୀତକାଳରେ ସେମାନଙ୍କୁ ବସ୍ତ୍ର ଦାନ କରିଥିଲେ । ସେ ସେସମୟରେ ଗୋଟିଏ ଦରବାର କରି ଏବଂ ଦେବମନ୍ଦିରମାନଙ୍କରେ ପୂଜାପାଠ କରାଇ ମହାରାଣୀଙ୍କ ଶୁଭବାଞ୍ଛା କରିଥିଲେ । ଏହା ଭିନ୍ନ ଭାରତେଶ୍ୱରୀଙ୍କ ନାମରେ ଗୋଟିଏ ଉଦ୍ୟାନ ଉତ୍ସର୍ଗ କରିଅଛନ୍ତି । ୧୮୯୯ ସାଲର ଦୁର୍ଭିକ୍ଷରେ ପ୍ରଜାରକ୍ଷା ନିମନ୍ତେ ଗଭର୍ଣ୍ଣମେଣ୍ଟଙ୍କୁ ବିଶେଷ ସାହାଯ୍ୟ ଦାନ କରିଅଛନ୍ତି ଏବଂ ପ୍ରଜାମାନଙ୍କୁ ପ୍ରାୟ ୫୦୦ ପୁଟ୍ଟି (ପୁଟ୍ଟିକୁ ପ୍ରାୟ ୫ମହଣ) ବାଜିଧାନ ଯୋଗାଇଲେ । ସ୍ୱର୍ଗୀୟା ଭାରତେଶ୍ୱରୀ ଭିକ୍ଟୋରିଆଙ୍କ ସ୍ମୃତିରକ୍ଷା ଫଣ୍ଡ ନିମନ୍ତେ ଏକ ସହସ୍ର ଟଙ୍କା ପ୍ରଦାନ କରିଅଛନ୍ତି । ନୃପରାଜ ସିଂହ ଗଭର୍ଣ୍ଣମେଣ୍ଟଙ୍କୁ ଅର୍ଥବ୍ୟୟ ସାହାଯ୍ୟ ଦେଇ ଆପଣା ଇଲାକାରେ ଦଶ ଗୋଟି ସ୍କୁଲ ରଖିଥିଲେ । କେତେକ ବର୍ଷ ପରେ ସ୍କୁଲଟି ଉଠିଯିବାରୁ ନିଜ ବରପାଲିରେ ଗୋଟିଏ ଭର୍ଣ୍ଣାକ୍ୟୁଲର ମିଡ଼ଲସ୍କୁଲ ରଖିଲେ । ୧୮୭୯ଖ୍ରୀଷ୍ଟାବ୍ଦରେ ପୁରାତନ ସ୍କୁଲଗୃହ ଭାଙ୍ଗିଦେଇ ପ୍ରାୟ ଏକ ସହସ୍ର ଟଙ୍କା ବ୍ୟୟରେ ଗୋଟିଏ ନୂତନ ସ୍କୁଲଗୃହ ନିର୍ମାଣ କରିଦେଲେ । ୧୮୮୪ସାଲରେ ତିନିଶତ ଟଙ୍କା ବ୍ୟୟରେ ବାଳିକାସ୍କୁଲ ନିର୍ମାଣ କରିଦେଇ ବାଳିକାମାନଙ୍କ ଶିକ୍ଷା ନିମନ୍ତେ ବିଶେଷ ଦୃଷ୍ଟିରଖି ଲୋକମାନଙ୍କୁ ତହିଁପାଇଁ ଉତ୍ସାହିତ କରି ଆଦର୍ଶ ସ୍ୱରୂପ ଶିକ୍ଷାପ୍ରଦାନ ନିମନ୍ତେ ନିଜର ଦୁହିତାମାନଙ୍କୁ ସ୍କୁଲକୁ ପଠାଇଲେ । ଗୋଟିଏ ବ୍ରାଞ୍ଚ ସ୍କୁଲ ଆବଶ୍ୟକ ହେବାରୁ ୧୮୯୬ ସାଲରେ ବ୍ରାଞ୍ଚ ସ୍କୁଲଗୃହ ଗୋଟିଏ ନିର୍ମାଣ କରିଦେଲେ । ଏଥିରେ ମଧ୍ୟ ପ୍ରାୟ ତିନି ଶତ ଟଙ୍କା ଖର୍ଚ୍ଚ ହୋଇଅଛି । ସମ୍ବଲପୁରର ଡେପୁଟୀ କମିଶନର ମିଷ୍ଟର ମୁହାଦେବଙ୍କ ହସ୍ତରେ ନେଟିଭାକ୍ତ ସ୍କୁଲର ଭିତ୍ତିରେ ପ୍ରଥମ ଇଷ୍ଟକପାତ କରାଇଲେ । ନିଜର ପୁତ୍ରଙ୍କର ଓ ଅନ୍ୟାନ୍ୟ ବାଳକମାନଙ୍କର ଶିକ୍ଷା ନିମନ୍ତେ ଗୋଟିଏ ଇଂରେଜି ସ୍କୁଲ ୧୮୮୪ ସାଲରୁ ୧୮୯୬ ସାଲପର୍ଯ୍ୟନ୍ତ ରଖିଥିଲେ । ବାଳକମାନଙ୍କର ବ୍ୟାୟାମଶିକ୍ଷା ନିମନ୍ତେ ୧୭୯ ଟଙ୍କାର ଜିଲ୍ଲାନ ଯନ୍ତ୍ର ନିର୍ମାଣକରି ଦେଇଅଛନ୍ତି । ତହିଁ ନିମନ୍ତେ ଗଭର୍ଣ୍ଣମେଣ୍ଟ ଚିତ୍ରିତ ପଟାରେ ତାହାଙ୍କର ନାମ ଲେଖି ସ୍କୁଲର କାନ୍ଥରେ ଲଗାଇ ରଖିଅଛନ୍ତି । ମିଡ଼ଲସ୍କୁଲ ଗୃହ ସଂଲଗ୍ନରେ ଗୋଟିଏ ମନୋହର ଉଦ୍ୟାନ ବାର୍ଷିକ ୧୨୦ ଟଙ୍କା ବ୍ୟୟରେ ବହୁକାଳ ପର୍ଯ୍ୟନ୍ତ ରଖିଥିଲେ । ନୃପରାଜ ସିଂହ ବାଳକ ବାଳିକାମାନଙ୍କର ଶିକ୍ଷାପ୍ରଦାନର ଉତ୍ସାହ ନିମନ୍ତେ ସର୍ବଦା ନାନାପ୍ରକାର

ପୁରସ୍କାର ଦେଇ ଆସୁଅଛନ୍ତି । ଜିଲାର ଶିକ୍ଷକମାନଙ୍କର ବାର୍ଷିକ ସମିତିରେ ଉତ୍କୃଷ୍ଟ ବକ୍ତା ବା ଲେଖକଙ୍କୁ ପ୍ରତିବର୍ଷ ସ୍ୱର୍ଣ୍ଣ-ରୌପ୍ୟ ପଦକାଦି ପ୍ରଦାନ କରୁଅଛନ୍ତି । ଏହିସବୁ ସତ୍କାର୍ଯ୍ୟ ନିମନ୍ତେ ସ୍କୁଲ ଇନ୍‌ସ୍‌ପେକ୍‌ଟର ଜେନେରଲ ସାହେବ ପ୍ରତିବର୍ଷ ତାହାଙ୍କୁ ଭୂରି ଭୂରି ଧନ୍ୟବାଦ ପ୍ରଦାନ କରୁଅଛନ୍ତି । ଏତାଦୃଶ ନୃପରାଜ ସିଂହ ଅନେକ ଦରିଦ୍ର ଛାତ୍ରଙ୍କର ଉଚ୍ଚ-ଶିକ୍ଷାରେ ସହାନୁଭୂତି ପ୍ରଦର୍ଶନ କରିଥାନ୍ତି । ସମ୍ବଲପୁର ଯୁବକ ସମିତିର କ୍ଲବ ନିମନ୍ତେ ୫୦ ଟଙ୍କା ଦାନ କରିଅଛନ୍ତି । ସ୍କୁଲରେ ପଢ଼ିବାକୁ ଗଲେ ନୃପରାଜ ସିଂହ ସତ୍-କାର୍ଯ୍ୟରେ ସହାନୁଭୂତି ଦାନରେ କେବେ-ହେଲେ ପରାଙ୍‌ମୁଖ ନୁହନ୍ତି ।

ନୃପରାଜ ସିଂହ ବରପାଲି ବସତିକୁ ସୁଶୋଭିତ କରି ଲୋକଙ୍କର ସକଳ କଷ୍ଟ ଅସୁବିଧା ଦୂରକରିବା ନିମନ୍ତେ ଅତ୍ୟନ୍ତ ତତ୍ପର ଅଟନ୍ତି । ସେହିପରି କାର୍ଯ୍ୟମାନଙ୍କର ଅନେକ ଦରିଦ୍ରଙ୍କର ଉଦରପୋଷଣର ସହାୟତା କରିଥାନ୍ତି । ତାଙ୍କଦ୍ୱାରା ଓ ତାଙ୍କ ଦତ୍ତ ଉତ୍ସାହରେ ଅନ୍ୟାନ୍ୟ ଲୋକଙ୍କଦ୍ୱାରା ବରପାଲିରେ ନିମ୍ନଲିଖିତ ସାଧାରଣ ହିତକର କାର୍ଯ୍ୟମାନ ହୋଇଅଛି । ଯଥା:—

ନୃପରାଜ ସିଂହଙ୍କଦ୍ୱାରା ହୋଇଥିବା କାର୍ଯ୍ୟ ଓ ବ୍ୟୟର ଆନୁମାନିକ ସଂଖ୍ୟା:—

ଯୋଗୀମୁଣ୍ଡା ଜଳାଶୟର ପଙ୍କୋଦ୍ଧାର ଟ ୧୦୦୦୲

ବଡ଼କଟା ଓ ପୁରୁଣୀ ବନ୍ଧର ପଙ୍କୋଦ୍ଧାର ଟ ୭୦୦୲

ମନକଲେଶ୍ୱର ମନ୍ଦିରର ଜୀର୍ଣ୍ଣସଂସ୍କାର ଟ ୧୨୦୦୲

ମାତାଙ୍କ ନାମରେ ଜଗନ୍ନାଥ ମନ୍ଦିରର ମୁଖଶାଳା ନିର୍ମାଣ ଓ ମନ୍ଦିରର ଜୀର୍ଣ୍ଣସଂସ୍କାର ଟ ୧୨୦୦୲

ଜ୍ୟେଷ୍ଠ ଭ୍ରାତାଙ୍କ ନାମରେ ଗୋପାଳଜୀ ମହାପ୍ରଭୁଙ୍କର ମନ୍ଦିରନିର୍ମାଣ ଟ ୮୦୦୲

ଏହି ମନ୍ଦିର ନିକଟରେ ଗୋଟିଏ କୂପ ଟ ୨୦୦୲

ଯୋଗୀମୁଣ୍ଡା ଶିବମନ୍ଦିର ଇତ୍ୟାଦି ଟ ୮୦୦୲

ଅନ୍ୟାନ୍ୟଲୋକଦ୍ୱାରା ହୋଇଥିବା କାର୍ଯ୍ୟ:—

ବନମାଳୀ ମେହେରଦ୍ୱାରା ରାମେଶ୍ୱର ମନ୍ଦିର ଟ ୮୦୦୲

ବ୍ରାହ୍ମଣସମାଜର ସଂଗୃହୀତ ଅର୍ଥରେ କପିଳେଶ୍ୱର ଶିବମନ୍ଦିର ଟ ୯୦୦୲

ବ୍ରଜବାସୀ ପଣ୍ଡାଦ୍ୱାରା ନୀଳକଣ୍ଠେଶ୍ୱର ଶିବାଳୟ ଟ ୯୦୦୲

ମଧୁସୂଦନ ମେହେରଦ୍ୱାରା ଏହି ମନ୍ଦିରନିକଟ କୂପ ଟ ୨୦୦୲

ତୁଳସୀ ବେଉଷ୍ଟେଣୀଦ୍ୱାରା ରାମଚନ୍ଦ୍ରଙ୍କର ମନ୍ଦିର ଟ ୮୦୦୲

ଜଗନ୍ନାଥ ପଣ୍ଡାଦ୍ୱାରା ଜଳାଶୟ ଟ ୩୫୦୦୲

ଧନ ବହୁଆଦ୍ୱାରା ଜଳାଶୟ ଟ ୩୦୦୦୲

ରତ୍ନାକର ମେହେରଦ୍ୱାରା ଜଳାଶୟ ଟ ୩୦୦୦୲

ହରିହର ସାହୁଦ୍ୱାରା ଜଳାଶୟ ଟ ୩୦୦୦୲

ଉଦ୍ଧବ ମେହେର ଦତ୍ତ ଅର୍ଥରେ କୂପ ଇତ୍ୟାଦି ଟ ୨୦୦୲

ତେରଗୋଟି ପ୍ରାଚୀନ ଜଳାଶୟ ବରପାଲି ବସତିର ଚତୁର୍ଦ୍ଦିଗ ବେଷ୍ଟନ କରିଅଛି । ବର୍ଷା ଶେଷରେ ଗୋଟିଏ ନାଳକୁ ୩ । ୪ ସ୍ଥାନରେ ବାନ୍ଧି ଶୀତ ଓ ଗ୍ରୀଷ୍ମକାଳରେ ତହିଁର ଜଳ ବ୍ୟବହାର କରାଯାଇଥାଏ । ନୂତନ ଜଳାଶୟମାନ ବସନ୍ତ ରମଣୀର ବକ୍ଷ ଉପରେ ଅଳଂକାର ସ୍ୱରୂପ ହୋଇଅଛି ।

ନୃପରାଜସିଂହଙ୍କର ପ୍ରବର୍ତ୍ତନାରେ ହରିହର ସାହୁ (ପ୍ରଚଳିତ ନାମ ଧୁବା ଧମା ଗଣ୍ଡିଆ)

୨୫୦୦ ଟଙ୍କାରେ ବର୍ଗବାହାଲ ଗ୍ରାମର ଗଉନ୍ତି ( ଗ୍ରାମାଧ୍ୟକ୍ଷ ) ହେଇ ଗ୍ରାମର ସର୍ବପ୍ରକାର ଗଉନ୍ତି ଆୟ ଓ ଭୋଗରର ଉତ୍ପନ୍ନ ଧାନ ସହିତ ଦରିଦ୍ରମାନଙ୍କୁ ସଦାବ୍ରତ ଦେବା ନିମନ୍ତେ ଗୋପାଳଜୀ ମହାପ୍ରଭୁଙ୍କ ନାମରେ ଉତ୍ସର୍ଗ କରିଦେଇ-ଅଛନ୍ତି । ନିଜେ ନୃପରାଜ ସିଂହ ଭୋଗସର ପ୍ରାପ୍ୟ ରାଜସ୍ୱ ଗୁଣ୍ଡିଦେଇ ଗ୍ରାମର ରାଜସ୍ୱ ( ବର୍ତ୍ତମାନ ଟ ୧୧୧୯ ) ଜଗନ୍ନାଥ ମହାପ୍ରଭୁଙ୍କର ସର୍ବଖର୍ଚ୍ଚରେ ନିଯୋଜିତ କରିଅଛନ୍ତି ।

ବରପାଲି ବସତିର ଚତୁର୍ଦ୍ଦିଗ ନିବିଡ଼ ଆମ୍ରବନରେ ଦୃଷ୍ଟ ଥିଲା । କାଳକା ମଧ୍ୟରେ ବନ ନ ଥିବାରୁ ଚୁଲ୍ଲୀର ଉପଦ୍ରବରେ ଆମ୍ରବନ ଧ୍ୱଂସ ହୋଇଥିବାର ଦେଖି ନୃପରାଜ ସିଂହ ଗୋଟିଏ ନୂତନ ଆମ୍ର ଉଦ୍ୟାନ କରିଅଛନ୍ତି । ଏହି ଉଦ୍ୟାନରେ ବର୍ଷକୁ ପ୍ରାୟ ୧୨୦ ଟଙ୍କା ଲେଖାଏଁ ୭ । ୮ ବର୍ଷ ପର୍ଯ୍ୟନ୍ତ ଖର୍ଚ୍ଚ ହୋଇଅଛି । ୧୮୯୯ ସାଲରେ ଏହି ଉଦ୍ୟାନରେ "ହରିହର" ନାମରେ ଗୋଟିଏ ମେଳା ହୋଇଥିଲା । ତହିଁର ସମାଗତ ଲୋକସଂଖ୍ୟା ପ୍ରାୟ ୭୦ ହଜାର ବୋଲି ଲୋକେ ଅନୁମାନ କରିଥିଲେ । ତହିଁରେ ସର୍ବସାଧାରଣଙ୍କୁ ଏକଦିନ ଅନ୍ନଭୋଜନ ଦିଆଯାଇଥିଲା । ଲୋକଃ ମଧ୍ୟରେ ଦରିଦ୍ରସଂଖ୍ୟା ବେଶୀ ଥିଲା । କିନ୍ତୁ ଅନେକ ମଧ୍ୟବିତ୍ତ ଲୋକ ପ୍ରବାସ ଅନ୍ନ ଭୋଜନରେ ଭୋକ୍ତା ଶ୍ରେଣୀଭୁକ୍ତ ହୋଇଥିଲେ । ଭଦ୍ରଲୋକମାନଙ୍କୁ ସିଧା ଖର୍ଚ୍ଚ ଦିଆଯାଇଥିଲା । ଅନେକ ବସ୍ତ୍ରର ଅଭାବ ହୋଇଥିଲା । ଅନ୍ନଛତ୍ର ଓ ସିଧା ଖର୍ଚ୍ଚାଦି ପାଇଁ ଚାଉଳ ୫୦୦ ତମ୍ବା ( ତମ୍ବାକୁ ପ୍ରାୟ ଦୁଇମହଣ ), ଗୁଡ଼ ୧୨୩ ମାଟିଆ, ଚୁଡ଼ା ୧୮୭ ତମ୍ବା, ହୋମଦିଅ ଓ ଅନ୍ୟାନ୍ୟ ଖର୍ଚ୍ଚ ପାଇଁ ନଗଦ ଟ ୧୦୦୦୯ ସଂଗୃହୀତ ହୋଇଥିଲା । ସଂଗୃହୀତ ସମସ୍ତ ପଦାର୍ଥ ଖର୍ଚ୍ଚ ହୋଇଯାଇଥିବାରୁ ଉକ୍ତ ସଂଖ୍ୟା ପ୍ରତି ଦୃଷ୍ଟି କଲେ ପାଠକେ ସମାଗତ ଲୋକଙ୍କ ସଂଖ୍ୟା ଅନୁମାନ କରିପାରିବେ ।

ଏ ପ୍ରଦେଶରେ କେବଳ ସମ୍ବଲପୁର ନଗରରେ ଶୀତଳଷଷ୍ଠୀ ( ହରପାର୍ବତୀ ବିବାହ ) ଯାତ୍ରା ହେଉଥିଲା । ନୃପରାଜ ସିଂହ ନିଜର ପୁତ୍ର ଲାଲବାବୁ ମହେନ୍ଦ୍ର ସିଂହଙ୍କର ଜନ୍ମର ଆନନ୍ଦମୟ ଉତ୍ସବକୁ ଚିରସ୍ମରଣୀୟ କରିବା ନିମନ୍ତେ ୧୮୯୭ ଖ୍ରୀଷ୍ଟାବ୍ଦରୁ ବରପାଲିରେ ଉକ୍ତ ଯାତ୍ରା ସମାରୋହର ସହିତ ସମ୍ପାଦନ କରିଆସୁ-ଅଛନ୍ତି ।

ବରପାଲିରେ ୪ । ୫ ଜଣ ଦେଶୀୟ ଚିକିତ୍ସକ ଅଛନ୍ତି । ତହିଁ ବାହାରେ ନୃପରାଜ ସିଂହ ନିଷ୍କର ଭୂମି ପ୍ରଦାନ କରି ନିଜର ଏବଂ ସାଧାରଣଙ୍କର ସୁବିଧା ନିମନ୍ତେ ଆଉ ଜଣେ ବୈଦ୍ୟ ରଖିଅଛନ୍ତି । ନିଜେ ପ୍ରଧାନ ପ୍ରଧାନ କବିରାଜମାନଙ୍କର ଔଷଧ କଲିକତା, ବମ୍ବେ ପ୍ରଭୃତିରୁ ଆଣାଇ ବିତରଣ କରିବାଦ୍ୱାରା ବର୍ଷକୁ ୨।୩ ଶତ ଟଙ୍କା ଖର୍ଚ୍ଚ କରିଥାନ୍ତି । ବରପାଲିରେ ଗୋଟିଏ ଚିକିତ୍ସାଳୟ ସ୍ଥାପନ କରିବା ସଙ୍କଳ୍ପ ବହୁକାଳରୁ ପ୍ରକାଶ କରୁଅଛନ୍ତି । କିନ୍ତୁ ତାଙ୍କର ଆୟର ଅପ୍ରଚୁରତା ସେହି ସଙ୍କଳ୍ପ ଫଳବତୀ ହେବାକୁ ଦେଉ ନାହିଁ । ସୁତରାଂ ସେ ମନର କ୍ଷୋଭ ମନରେ ଲୀନ କରିବାକୁ ବାଧ୍ୟ ହେଉଅଛନ୍ତି । ବରପାଲିରେ ଗୋଟିଏ ଇଂରାଜୀ ମିଡ଼ିଲ ସ୍କୁଲ ସ୍ଥାପନ ନିମନ୍ତେ ମଧ୍ୟ ତାହାଙ୍କର ଚେଷ୍ଟା ବାରମ୍ବାର ପ୍ରତିହତ ହୋଇ ସୁଯୋଗ ଓ

ଶ୍ରୀଉଦୟପୁର ଅବେକ୍ଷା କରୁଅଛି । ଅନୁଦିନ ପୂର୍ବେ ଉଲ୍ଲିଖିତ ସ୍କୁଲ ଓ ଡିସ୍ପେନ୍ସାରୀ ସ୍ଥାପନ ନିମନ୍ତେ ସମ୍ବଲପୁରର ଡେପୁଟୀ କମିଶନର ଶ୍ରୀମାନ୍ ଡିକ୍ସନ୍ ସାହେବଙ୍କଠାରେ ନିଜର ଅଭିପ୍ରାୟ ବ୍ୟକ୍ତ କରିଥିଲେ । ସଦାଶୟ ଡିକ୍ସନ୍ ସାହେବ ତାଙ୍କୁ ଗୋଟିଏ ସ୍କିମ୍ ଦେଖାଇଥିଲେ । ପରେ ରାୟପୁରର ଶ୍ରୀମାନ୍ କମିଶନର ସାହେବ ନୃପରାଜ ସିଂହଙ୍କର ଉକ୍ତ ଅଭିପ୍ରାୟ ଅବଗତ ହୋଇ କୌଣସି ବିଶେଷ କାରଣରୁ ଅଭିପ୍ରେତ କାର୍ଯ୍ୟ କିଛିଦିନ ସ୍ଥଗିତ ରଖାଯିବା ଉପଦେଶ ପ୍ରଦାନ କରିଅଛନ୍ତି । ତଥାପି ନୃପରାଜ ସିଂହ ଆସନ୍ନ ଭବିଷ୍ୟତରେ ଚିରପୋଷିତ ସଙ୍କଳ୍ପ ସିଦ୍ଧ କରି କୀର୍ତ୍ତିମନ୍ଦିରରେ ପତାକା ଉଡ଼ାଇବେ ବୋଲି ବିଶ୍ୱାସ ହେଉଅଛି ।

ନୃପରାଜ ସିଂହ ଓଡ଼ିଶାରେ ଅକୃତକାର୍ଯ୍ୟ ହୋଇଥିଲେହେଁ ଉତ୍କଳ-ସାହିତ୍ୟ ରସିକତାଦ୍ୱାରା ସାହିତ୍ୟ-ରାଜ୍ୟରେ ଆସନ ସ୍ଥାପନ କରିଅଛନ୍ତି । ତାହାଙ୍କର କୃତ "ବଳରାମ ଦେବ" ଓ "ଆମୋଦ" ପୁସ୍ତକଦ୍ୱୟ ତାହାଙ୍କର ଉଜ୍ଜ୍ୱଳ ବାହୁ ଧରି ସେମାନେ ଆସନରେ ତାଙ୍କୁ ଅଧିକରୁ ଉନ୍ନତ ବସାଇଦେବେ । ମଧ୍ୟପ୍ରଦେଶର ଶିକ୍ଷାବିଭାଗର ଇନ୍‌ସପେକ୍ଟର ଜେନେରାଲ୍ ସାହେବଙ୍କର ତା ୭।୧।୧୯୦୦ ଖ୍ରୀ: ଲିଖିତ ୭୫୬ ନମ୍ବର ଚିଠିଦ୍ୱାରା "ଆମୋଦ" ଏ ପ୍ରଦେଶର ବିଦ୍ୟାଳୟମାନଙ୍କର ପୁରସ୍କାର ଓ ଲାଇବ୍ରେରୀ ପୁସ୍ତକ ମନୋନୀତ ହୋଇଅଛି । ସମ୍ବଲପୁର ଡେପୁଟୀ କମିଶନର ସାହେବ ମଧ୍ୟ ତାହା ପାଠ୍ୟପୁସ୍ତକ ମଧ୍ୟରେ ରଖାଯିବା ମନୋନୀତ କରିଥିଲେ । ଏତଦ୍ ବ୍ୟତୀତ ଉତ୍କଳ ସାହିତ୍ୟ ପତ୍ରରେ ନୃପରାଜ ସିଂହଙ୍କର କେତେକ କବିତା ପ୍ରକାଶିତ ହୋଇଅଛି । ସେ ଲେଖକମାନଙ୍କୁ ମଧ୍ୟ ପୁରସ୍କାର ଦେଇ ଉତ୍ସାହିତ କରିଥାନ୍ତି । ହିତୈଷିଣୀ ସମ୍ପାଦନ ଏବଂ ବିବିଧ ପୁସ୍ତକ ପ୍ରକାଶନ ହେତୁ ଅତ୍ୟନ୍ତ ପ୍ରୀତ ହୋଇ ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କୁ ଏବଂ ସ୍ଥାନୀୟ ଲେଖକଙ୍କର ଉତ୍ସାହ ବୃଦ୍ଧି ନିମନ୍ତେ ଏହି ପୁସ୍ତକର ଲେଖକଙ୍କୁ ନୃପରାଜସିଂହ ସ୍ୱତଃ ସାହାଯ୍ୟ କରି ସ୍ୱଜାତୀୟ ଗ୍ରାହକତାର ପରିଚୟ ପ୍ରଦାନ କରିଅଛନ୍ତି । ଉତ୍କଳଭ୍ରମଣ ପ୍ରଣେତା ଉତ୍କଳର କବି ସେନାପତି କହିଅଛନ୍ତି :—

"ଜୟ ନୃପରାଜ ସିଂହ ରାଜା ଦରପାଲି,
ତୁମ୍ଭର ସୁଖ୍ୟାତି କରୁ ନାହିଁ ଖାଲି ଖାଲି ।
ପାଣ୍ଡିତ୍ୟକବିତ୍ୱ ଏକେ ଜଣେ ରାଜଭୋଗ
ଏହାକୁ ବୋଲନ୍ତି ମଣିକାଞ୍ଚନର ଯୋଗ ।
ପ୍ରଜାଙ୍କ ଉନ୍ନତି ପାଇଁ କରନ୍ତି ଯତନ,
ଏହା ବିନା ଅଟେ ରାଜଧର୍ମ ସନାତନ ।"

ନୃପରାଜ ସିଂହ ଗୋପନରେ ଅଦ୍ଭୁତ କାର୍ଯ୍ୟ କରି ଲୋକନେତ୍ରକୁ ଚମତ୍କୃତା ପ୍ରଦର୍ଶନକାରୀ ନୁହନ୍ତି । ବାସ୍ତବରେ ସେ ଜଣେ ନିଷ୍ଠାପର ହିନ୍ଦୁ । ନିତ୍ୟ ଆନ୍ତରିକ ଭକ୍ତି ଓ ବିଶ୍ୱାସ ସହିତ ପ୍ରତ୍ୟହ ଶିବପୂଜା କରନ୍ତି । ଆଶ୍ୱିନ ମାସରେ ଯଥାବିଧି ଦେବୀପୂଜା କରନ୍ତି । ବ୍ରାହ୍ମଣମାନଙ୍କଠାରେ ବ୍ରାହ୍ମଣୋଚିତ ସଦ୍‌ଗୁଣ ନ ଦେଖିଲେ ଭର୍ତ୍ସନା ଛଳରେ ଉତ୍ତେଜିତ କରିଥାନ୍ତି । ନିର୍ବିଶେଷ ଭାବରେ କି ବ୍ରାହ୍ମଣ କି ଶୂଦ୍ର ସମସ୍ତଙ୍କର ଗୁଣଗ୍ରହଣ କରିଥାନ୍ତି । ପ୍ରାଚୀନ ଶାସ୍ତ୍ରରେ ତାହାଙ୍କର ବିଶ୍ୱାସସତ୍ତ୍ୱେ ସେ ଫଳ ଦର୍ଶନ ବିନା କାହାରି ଉକ୍ତିରେ ବଞ୍ଚିତ ହେବାର ଲୋକ ନୁହନ୍ତି । ତାହାଙ୍କର ଦେବକାର୍ଯ୍ୟରେ ଯେପରି ପ୍ରୀତି ଓ ଆସକ୍ତି ଅଛି, ଦେବତା ପ୍ରତି ସେପରି ଭକ୍ତି ଓ

ବିଶ୍ୱାସ ଅଛି । ସେ ତାଙ୍କ ଇଲାକାରେ ଥିବା ସମସ୍ତ ଦେବତାଙ୍କର ଭୋଗ ନିମନ୍ତେ ନିଷ୍କର ଭୂମି ଛାଡ଼ି ଦେଇଅଛନ୍ତି ।

ନୃପରାଜ ସିଂହ ଗବର୍ଣ୍ଣମେଣ୍ଟଙ୍କଠାରେ ଭକ୍ତି, ଜ୍ଞାତିମାନଙ୍କଠାରେ ଶ୍ରଦ୍ଧା ଓ ସ୍ନେହ, ବନ୍ଧୁମାନଙ୍କଠାରେ ସୌହାର୍ଦ୍ଦ୍ୟ, ପ୍ରଜାମାନଙ୍କଠାରେ ପୁତ୍ରବାତ୍ସଲ୍ୟ, ସାଧାରଣଙ୍କଠାରେ ସାରଲ୍ୟ ପ୍ରଦର୍ଶନ କରି ମିଷ୍ଟାଳାପଦ୍ୱାରା ସମସ୍ତଙ୍କର ପ୍ରୀତି ଆକର୍ଷଣ କରିଥାନ୍ତି । ଯେଉଁ ନୃପରାଜ ସିଂହ ଏକ ସମୟରେ ବିଶୁଦ୍ଧ ରାଜଆମୋଦରେ ମତ୍ତଥିବାର ଦେଖାଯାଇଥାନ୍ତି, ସେହି ନୃପରାଜ ସିଂହ ଅନ୍ୟ ସମୟରେ କୃଷିକ୍ଷେତ୍ରରେ କୃଷିର ତତ୍ତ୍ୱାବଧାନରେ ବ୍ୟସ୍ତ ଥିବାର ଦେଖାଯାନ୍ତି । ଯେଉଁ ନୃପରାଜ ସିଂହ ହସ୍ତୀପୃଷ୍ଠରେ ବସି ୩୪ ମାଇଲ ପଥ ଭ୍ରମଣ କରିବା ଶାନ୍ତିଜନକ ମନେକରିଥାନ୍ତି, ପ୍ରୟୋଜନ ପଡ଼ିଲେ ସେହି ନୃପରାଜ ସିଂହ ୧୦।୧୨ ମାଇଲ ପଥ କାର୍ଯ୍ୟବିନୋଦରେ ପଦବ୍ରଜରେ ଚାଲି ଆନନ୍ଦ ଅନୁଭବ କରିଥାନ୍ତି । ସ୍ଥୂଳତରେ ନୃପରାଜ ସିଂହ କର୍ମ୍ମବୀର ଶ୍ରେଣୀର ଜଣେ ଉପଯୁକ୍ତ ଲୋକ ଅଟନ୍ତି । ତାହାଙ୍କର ନିରଳସତା ନିରତିଶୟ ପ୍ରଶଂସନୀୟ ।

୧୯୧୧ ଖ୍ରୀଷ୍ଟାବ୍ଦରେ ନୃପରାଜ ସିଂହ ଟୋଟିଏ ଆକସ୍ମିକ ଭୟଙ୍କର କଳଙ୍କିତ ପଙ୍କରେ ନିକ୍ଷିପ୍ତ ହୋଇଥିଲେ । ତାଙ୍କ ନିମନ୍ତେ ରାଜା, ପ୍ରଜା, ଧନୀ, ଦରିଦ୍ର ଆବାଳ-ବୃଦ୍ଧ-ବନିତାଙ୍କ ମୁଖରେ ହାହାକାର ଧ୍ୱନି ଉଠିଯାଇଥିଲା । ତାହାଙ୍କର ସେହି ଦୁର୍ବିପାକ ଦର୍ଶନ ନିବନ୍ଧନରେ ଲୋକମାନେ ସ୍ତମ୍ଭିତ ହୋଇଯାଇଥିଲେ । କିନ୍ତୁ ନୃପରାଜ ସିଂହ ଅସାଧାରଣ ଧୈର୍ଯ୍ୟ, ସାହସ ଓ ପ୍ରବୀଣତା ବଳରେ ସେହି କଳଙ୍କପଙ୍କରୁ ଉତ୍ତୀର୍ଣ୍ଣ ହୋଇ ନିର୍ଦ୍ଦୋଷିତା ଜଳରେ ସେହି ସମସ୍ତ ପଙ୍କ ପ୍ରକ୍ଷାଳନ କରିଦେଲେ । ତାହାଙ୍କର ଯଶଃ-କାନ୍ତି-ପୂର୍ଣ୍ଣ କଳେବରରେ ବିନ୍ଦୁମାତ୍ର କଳଙ୍କ କାଳିମା ରହିପାରିଲା ନାହିଁ । ଏହି ବହୁବ୍ୟୟସାଧ୍ୟ କାର୍ଯ୍ୟରେ ନୃପରାଜ ସିଂହ ଯେତେ ବ୍ୟୟ କଲେ, ତାହା ଅଳ୍ପ ଅଳ୍ପ ବୋଲିବାକୁ ହେବ । ଏହା ତାହାଙ୍କର ଚିରାର୍ଜିତ ଲୋକପ୍ରିୟତାର ଫଳ ।

ନୃପରାଜ ସିଂହ ଜଣେ ଶ୍ରୀମାନ୍ ପରିଷ୍କାର ପରିଚ୍ଛନ୍ନ ଲୋକ ଅଟନ୍ତି । ସେ ରାଜସୁଲଭ ନବ୍ୟ ଦୋଷମାନଙ୍କରେ ଲିପ୍ତ ନୁହନ୍ତି । ରାୟ ରାଧାନାଥ ରାୟ ବାହାଦୁର ପ୍ରସଙ୍ଗକ୍ରମେ କହିଥିଲେ, "ବାମଣ୍ଡା ନରେଶ ସୁବଳ ଦେବ ଶିକ୍ଷାରୁ ବଞ୍ଚିତ ହୋଇ ବଢ଼ି ଯାଇଥିଲେ । ନୃପରାଜ ସିଂହଙ୍କର ପ୍ରତି ମଧ୍ୟ ଆମ୍ଭେ ସେହି ଉକ୍ତି ପ୍ରୟୋଗ କରୁଅଛୁଁ ।" ପ୍ରଶଂସିତ ମହାରାଜ ସୁବଳ ଦେବ ନୃପରାଜ ସିଂହଙ୍କ ପ୍ରତି ଅତ୍ୟନ୍ତ ଅନୁରକ୍ତ ଥିଲେ । ସେ ସ୍ୱଜନସମାଜରେ ତାହାଁର ଭୂରି ଭୂରି ନିଦର୍ଶନ ପ୍ରଦର୍ଶନ କରିଯାଇଅଛନ୍ତି । ନବୀନ ନରପତି ଶ୍ରୀମାନ୍ ସଚ୍ଚିଦାନନ୍ଦ ତ୍ରିଭୁବନ ଦେବ ମଧ୍ୟ ପିତାଙ୍କର ସବୁ ଗୁଣରେ ଉତ୍ତରାଧିକାର ଲାଭକରି ପ୍ରସଙ୍ଗ ସହିତ ନୃପରାଜ ସିଂହଙ୍କ ପ୍ରତି ଅନୁରାଗ ରଖିବା ଗୁଣକୁ ଦୃଢ଼ତର ଭାବରେ ଗ୍ରହଣ କରିଅଛନ୍ତି । ତାହାଁର ପ୍ରମାଣମାନ ଲକ୍ଷିତ ହୋଇଆସୁଅଛି । ସଜ୍ଜନର ଅନୁରାଗାକର୍ଷଣ ସୁଜନତା ଲକ୍ଷଣ ବୋଲି ଏଠାରେ ଏ କଥାର ଉଲ୍ଲେଖ ହେଲା ।

ନୃପରାଜ ସିଂହଙ୍କର ସତ୍କାର୍ଯ୍ୟର ପ୍ରଶଂସା ସମ୍ବାଦପତ୍ରରେ ମଧ୍ୟ ଅବିରଳ ନୁହେଁ । ପଣ୍ଡିତ ନୀଳମଣି ବିଦ୍ୟାରତ୍ନ "ସମ୍ବଲପୁର ହିତୈଷିଣୀ"ର ସମ୍ପାଦକ ଥିବା ସମୟରେ

ସତ୍‌କାର୍ଯ୍ୟସବୁର ଉଲ୍ଲେଖ କରି ସେ ଗଭର୍ଣ୍ଣମେଣ୍ଟଙ୍କ ରାଜାବାହାଦୁର ଉପାଧି ପାଇବାର ଯୋଗ୍ୟ ବୋଲି ମନ୍ତବ୍ୟ ପ୍ରକାଶ କରି ରାଜପୁରୁଷମାନଙ୍କର ମନୋଯୋଗ ଆକର୍ଷଣ କରିଥିଲେ । ତହିଁର ଫଳସ୍ୱରୂପ କିଛିଦିନ ପରେ ନୃପରାଜ ସିଂହ "ରାୟବାହାଦୁର" ଉପାଧି ଲାଭ କରିଅଛନ୍ତି । ଏହା ତାହାଙ୍କର ସଦନୁଷ୍ଠାନ ଓ ଦେଶର ରାଜଭକ୍ତିର ସୁନ୍ଦର ନିଦର୍ଶନ । ଉପାଧିଦାନ ଦରବାରରେ କମିଶନର ସାହେବଙ୍କ ନିକଟରେ ଡେପୁଟି କମିଶନର ମିଃ ଋଜର୍ସ ସାହେବ ତା ୨୦।୭।୧୯୦୧ ଖ୍ରୀଷ୍ଟାବ୍ଦରେ ସର୍ବ-ସମକ୍ଷରେ ନୃପରାଜ ସିଂହଙ୍କ ସମ୍ବନ୍ଧରେ ଯାହା କହିଥିଲେ, ତାହା ନିମ୍ନରେ ଲିଖିତ ହେଉଅଛି । ତଦ୍ୱାରା ଏହି ପୁସ୍ତକ-ଲେଖକର ବାକ୍ୟଗୁଡ଼ିକ ବହୁପରିମାଣରେ ସମର୍ଥିତ ହୋଇପାରିବ, ସନ୍ଦେହ ନାହିଁ ।

ସମ୍ବଲପୁର ଡେପୁଟି କମିଶନର ମିଃ ଋଜର୍ସ ସାହେବଙ୍କର ବକ୍ତୃତା :—

To

The Commissioner

Sir,

It is my privilege to introduce to you Rai Bahadur Lal Nripraj Sing Deo, in order that you may, as the representative of His Excellency the Governor-General, and of His Majesty the King of England and Emperor of India, confer on him the Sanad of Rai Bahadur, which title was given to him under the signature of Lord Curzon on January 1st, 1900.

Lal Nripraj Sing Deo succeeded to the Zamindary in 1860. Since then he has devoted all his time and energy to the improvement of his estate, the welfare of his rayats and the assistance of the Government. He has erected three schools, one for boys, one for girls and branch school and has almost every year received the thanks of the Inspector-General of Education, and of the Honourable the Chief Commissioner for his interest in the cause of education.

He supported many starving wanderer who came into his Illaka in the famine of 1897 and received the thanks of the supreme Government for this in 1898. In the famine of last year and during the census he also rendered material assistance.

Since 1875, the Zamindar has been Honorary Magistrate and has received respected praise for the efficient manner in which he discharged his duties. It is with pleasure, I notice that his son is following in the footsteps of his father.

Lal Nripraj Sing Deo is descended from Bikram Sing, son of the 4th Raja of Sambalpur. His family has always been distinguished for its loyalty to Government, and in 1858, the grand father of the present Zamindar received the thanks of the Governor-General for his services. The Zamindar's latest exhibition of loyalty consists in the promise of a subscription of Rs. 1000 to the memorial of her late gracious Majesty the Queen Victoria.

Bearing in mind all these good services of Lal Nripraj Sing Deo and his family, it is with much pleasure that I call him before you, Sir, to be invested with the Sanad of Rai Bahadur.

## ଅନୁବାଦ

ଅଦ୍ୟ ରାୟ ବାହାଦୁର ଲାଲ ନୃପରାଜ ସିଂହଦେବଙ୍କୁ ଏ ଉତ୍ସବକ୍ଷେତ୍ରରେ ଆପଣଙ୍କ ନିକଟରେ ଉପସ୍ଥିତ କରାଇ ଦେଉଅଛି କି ଆପଣ ତାଙ୍କୁ ମହାମାନ୍ୟ ଗଭର୍ଣ୍ଣର ଜେନେରାଲ ସାହେବ ବାହାଦୁରଙ୍କର ଓ ଇଂଲଣ୍ଡର ରାଜା ଓ ଭାରତସମ୍ରାଟଙ୍କର ପ୍ରତିନିଧି ସ୍ୱରୂପରେ ରାୟ ବାହାଦୁର ସନନ୍ଦ ଦେବେ, ଯେଉଁ ଉପାଧି ଲର୍ଡ଼ କର୍ଜନ ସାହେବଙ୍କଦ୍ୱାରା ତା ୧ ରିଖ ଜାନୁଆରୀ, ୧୯୦୦ ଖ୍ରୀଷ୍ଟାବ୍ଦରେ ମଞ୍ଜୁରିତ ହୋଇଅଛି ।

ନୃପରାଜ ସିଂହ ୧୮୬୯ ଖ୍ରୀଷ୍ଟାବ୍ଦରେ ଜମିଦାରୀ ପଦରେ ଅଭିଷିକ୍ତ ହେଲେ । ସେ ସେହିଦିନଠାରୁ ଆପଣାର ସମସ୍ତ ସମୟ ଓ ଉଦ୍ୟମ ଗଭର୍ଣ୍ଣମେଣ୍ଟଙ୍କର ସାହାଯ୍ୟରେ ଓ ଆପଣାର ପ୍ରଜାମାନଙ୍କର ହିତରେ ଏବଂ ଜମିଦାରୀର ଉନ୍ନତିରେ ବ୍ୟୟ କରିଅଛନ୍ତି । ସେ ୩ ଗୋଟି ସ୍କୁଲ ଆପଣାର ଖର୍ଚ୍ଚରେ କରି ଦେଇଅଛନ୍ତି । ଗୋଟିଏ ବାଳକମାନଙ୍କ ନିମନ୍ତେ, ଗୋଟିଏ ବାଳିକାମାନଙ୍କ ନିମନ୍ତେ ଓ ଗୋଟିଏ ବ୍ରାଞ୍ଚ ସ୍କୁଲ । ଏତଦ୍ଭିନ୍ନ ପ୍ରତିବର୍ଷ ଶିକ୍ଷା ବିଷୟରେ ମନଯୋଗ ଦେଉଥିବାରୁ ମହାମତର ଚିଫ୍ କମିଶନର ସାହେବ ବାହାଦୁରଙ୍କର ଏବଂ ଶିକ୍ଷାବିଭାଗର ଇନ୍‌ସପେକ୍ଟର ଜେନେରାଲ ସାହେବଙ୍କର ଧନ୍ୟବାଦଭାଜନ ହୋଇ ପ୍ରଶଂସାପତ୍ର ପାଇଅଛନ୍ତି । ୧୮୯୭ ସାଲର ସେ ଦୁର୍ଭିକ୍ଷରେ ତାଙ୍କ ଇଲାକାରେ ସମବେତ ହୋଇଥିବା ଅନ୍ୟସ୍ଥାନର କଙ୍ଗାଳମାନଙ୍କର ପ୍ରାଣରକ୍ଷା କଲେ । ଏ ବିଷୟରେ ତାଙ୍କୁ ୧୮୯୮ ସାଲରେ ଭାରତ ଗଭର୍ଣ୍ଣମେଣ୍ଟଙ୍କଠାରୁ ଧନ୍ୟବାଦ ପତ୍ର ମିଳିଅଛି । ଗତବର୍ଷ ଦୁର୍ଭିକ୍ଷରେ ଏବଂ ରିଲିଫ୍‌ସମ୍ପର୍କୀୟ ବିଷୟରେ ମଧ୍ୟ ସରକାରଙ୍କୁ ସହୃଦୟର ସାହାଯ୍ୟ ଦେଇଅଛନ୍ତି ।

ଜମିଦାର ସନ ୧୮୭୫ ସାଲଠାରୁ ଅନରେରି ମାଜିଷ୍ଟ୍ରେଟ କାର୍ଯ୍ୟ ଚଳାଇ ଆସୁଅଛନ୍ତି ଏବଂ ଏହି କାର୍ଯ୍ୟ ଉତ୍ତମରୂପେ କରିବା ବିଷୟରେ ବାରମ୍ବାର ପ୍ରଶଂସା ପ୍ରାପ୍ତ ହୋଇଅଛନ୍ତି । ଆନନ୍ଦର ବିଷୟ ଯେ ତାଙ୍କର ପୁତ୍ର ମଧ୍ୟ ପିତାଙ୍କର ଉତ୍ତମ ଆଦର୍ଶର ଅନୁକରଣ କରୁଅଛନ୍ତି ।

ଲାଲ ନୃପରାଜ ସିଂହଦେବ ସମ୍ବଲପୁର ଚତୁର୍ଥ ରାଜାଙ୍କ ପୁତ୍ର ବଳରାମ ସିଂହଙ୍କର ବଂଶଧର ଅଟନ୍ତି । ତାଙ୍କ ବଂଶର ରାଜଭକ୍ତିର ବିଷୟ ସର୍ବଦା ପ୍ରସିଦ୍ଧ ଅଛି । ୧୮୫୮ ସାଲରେ ବର୍ତ୍ତମାନ ଜମିଦାରଙ୍କର ପିତାମହ ରାଜଭକ୍ତି ବିଷୟରେ ଗଭର୍ଣ୍ଣମେଣ୍ଟଙ୍କଠାରୁ ଧନ୍ୟବାଦ ପାଇଅଛନ୍ତି ।

ଜମିଦାରଙ୍କର ରାଜଭକ୍ତିର ଆଉ ଗୋଟିଏ ନିଦର୍ଶନ ଏହି ଯେ ସେ ମହାମାନ୍ୟ ସ୍ୱର୍ଗବାସିନୀ ଭାରତେଶ୍ୱରୀଙ୍କର ସ୍ମୃତିରକ୍ଷା ନିମନ୍ତେ ୧୦୦୦ ଟଙ୍କା ଦେବାକୁ ପ୍ରସ୍ତୁତ ହୋଇଅଛନ୍ତି ।

ଲାଲ ନୃପରାଜ ସିଂହଙ୍କର ଓ ତାଙ୍କ ବଂଶର ଏହିସବୁ ଗୁଣ ସ୍ମରଣ କରି ମୁଁ ଅତ୍ୟନ୍ତ ଆନନ୍ଦର ସହିତ ତାଙ୍କୁ ଆପଣଙ୍କ ସମ୍ମୁଖରେ ଆହ୍ୱାନ କରୁଅଛି । ଇତି ।

## ଉପସଂହାର

ବଳରାମସିଂହ ବରପାଲି ଇଲାକାକୁ ଆପଣାର ପିତା ସମ୍ବଲପୁରର ରାଜା ବଳିଆର ସିଂହଙ୍କଠାରୁ ଭରଣପୋଷଣ ନିମନ୍ତେ ପାଇଥିଲେ । ତାଙ୍କର ବଂଶଧରମାନେ ସମ୍ବଲପୁରର ପରବର୍ତ୍ତୀ ରାଜାମାନଙ୍କଠାରୁ ନିଜର ଭରଣପୋଷଣର ଅପ୍ରଚୁରତା ପୂରଣ ନିମନ୍ତେ ନାନାପ୍ରକାର ସାହାଯ୍ୟ ମଧ୍ୟ ପାଉଥିଲେ । ସମ୍ପ୍ରତି ବରପାଲିର ଆୟବ୍ୟ

ପ୍ରାପ୍ତ ଭୂଖଣ୍ଡାଂଶ ନାନାପ୍ରକାରରେ ଗଭର୍ଣ୍ଣମେଣ୍ଟ ନେଇଅଛନ୍ତି । ଅବଶିଷ୍ଟ ଅର୍ଦ୍ଧରେ ବର୍ତ୍ତମାନ ଅଧୀଶ୍ୱରଙ୍କର ନିର୍ବାହ ହେବା କଥା । ତହିଁରେ ନୃପରାଜ ସିଂହ ମର୍ଯ୍ୟାଦାନୁରୂପ କାର୍ଯ୍ୟକରି ଚଳିପାରିବା କଷ୍ଟ । ତଥାପି ସେ ଔଦାର୍ଯ୍ୟର ବଶବର୍ତ୍ତୀ ହୋଇ ସ୍ୱକୀୟ ବ୍ୟୟସଙ୍କୋଚଦ୍ୱାରା ଦେଶହିତକର କାର୍ଯ୍ୟରେ ଅଜସ୍ର ଅର୍ଥ ବ୍ୟୟ କରୁଅଛନ୍ତି ଏବଂ ତାହାଙ୍କର ବଂଶବ୍ୟାପିନୀ ରାଜଭକ୍ତିକୁ ପରିପୁଷ୍ଟ କରିଅଛନ୍ତି । ତହିଁର ପୁରସ୍କାର ସ୍ୱରୂପ "ରାଜବାହାଦୂର" ଉପାଧିଦ୍ୱାରା ସମ୍ମାନିତ ହୋଇଅଛନ୍ତି । ତାହାଙ୍କର ସଦିଚ୍ଛା ସବୁ କାର୍ଯ୍ୟରେ ପରିଣତ ହୋଇପାରିଲେ ତାହାଙ୍କର ସମ୍ମାନ ନିଃସନ୍ଦେହ ଅଧିକତର ବର୍ଦ୍ଧିତ ହେବ । କିନ୍ତୁ ଏତେକାଳରେ ତାହାଙ୍କର ଔଦାର୍ଯ୍ୟପୂର୍ଣ୍ଣ ସତ୍କାର୍ଯ୍ୟର ଫଳ ଶେଷ ହେବନାହିଁ । ସେ ସର୍ବକର୍ମଫଳପ୍ରଦ ପରମେଶ୍ୱରଙ୍କଠାରୁ ଅବଶ୍ୟ ଅନନ୍ତ ଅତୁଳ ଫଳଲାଭକରି କୃତକୃତ୍ୟ ହେବେ । (ସେ ପୁତ୍ରପୌତ୍ରାଦି ସହିତ ସୁଖସ୍ୱାସ୍ଥ୍ୟ ଭୋଗୀ ଚିରଜୀବୀ ହୁଅନ୍ତୁ ଏବଂ ତାହାଙ୍କର ପରବର୍ତ୍ତୀ ଜୀବନ ପରୋପକାରସାଧନାରେ ନିଯୁକ୍ତ ଥାଉ । ତାଙ୍କର ପୁଣ୍ୟଦ୍ୱାରା ନୟାଗଡ଼ର ଗୌରବ ରକ୍ଷିତ ହେଉ — ଜଗଦୀଶ୍ୱରଙ୍କଠାରେ ଏହା ହିଁ ଅନ୍ତିମ ପ୍ରାର୍ଥନା) ।

# ପୁରାଣକବି ଫକୀରମୋହନ

ଉତ୍କଳର ଜାତୀୟ-ଜୀବନ-ସଂଗ୍ରାମର ସେନାପତି ମହାତ୍ମା ଫକୀରମୋହନ ନିଜ ଜୀବନର ଶେଷମୁହୂର୍ତ୍ତ ପର୍ଯ୍ୟନ୍ତ ଅକ୍ଳାନ୍ତ କର୍ତ୍ତବ୍ୟପାଳନରେ ପ୍ରବୃତ୍ତ ଥାଇ ଶରୀର-ପାତ କରି ସ୍ୱର୍ଗାରୋହଣ କରିଅଛନ୍ତି । ତାହାଙ୍କ ଶୋକରେ ଉତ୍କଳର ବନ୍ଧୁ-ବୃନ୍ଦଙ୍କର ଶୋକାଶ୍ରୁ ଜଳରେ ବନ୍ୟାବୃଷ୍ଟି ହେଉଅଛି । ତେଣୁ ସ୍ୱର୍ଗରୁ ଦେବଦେହଧାରୀ ରାଧାନାଥ ଓ ମଧୁସୂଦନ ଅର୍ଦ୍ଧପଥକୁ ଆସି ତାହାଙ୍କ ହସ୍ତଦ୍ୱୟ ଧରି, ସାଦର ଅଭ୍ୟର୍ଥନା କରି, ପୁଷ୍ପମୟ ବିମାନରେ ବସାଇ ଜ୍ୟୋତିର୍ମୟଙ୍କୁ ଦେଖା ପାଉଅଛନ୍ତି । ମନୁଷ୍ୟଜୀବନରେ ଯାହା ବାଞ୍ଛନୀୟ, ସୁଦେହ, ଦୀର୍ଘାୟୁ ଓ ଦୁର୍ଲ୍ଲଭ, ଫକୀର-ମୋହନ ତାହା ଲାଭ କରିଅଛନ୍ତି । ତଥାପି ସେ ଉତ୍କଳରେ ଆଜି ନାହାନ୍ତି, ଏ କଥା କହିବାକୁ ମନ ବଳୁ ନାହିଁ, ଲେଖନୀ ଚଳୁ ନାହିଁ । ଆଶା ବୋଲୁଅଛି, ସେ ଅଛନ୍ତି; ନୈରାଶ୍ୟ କହୁଅଛି, ନାହାନ୍ତି ।

ଆଶା—କାହିଁକି ନାହାନ୍ତି ? ସେ ତିରୋଭାବ କରୁଥିବାର କି ତୁମେ ଦେଖିଅଛ ?

ନୈରାଶ୍ୟ—ଯେପରି ଶୁଣୁଅଛି ସେ ନାହାନ୍ତି, ତାଙ୍କୁ ଆଉ ତାଙ୍କ ଗୃହରେ ଦେଖିପାରିବୁ ନାହିଁ ।

ଆଶା—ଯେଉଁ ବନ୍ଧୁଙ୍କ ଗୃହକୁ ଯାଉଁ ସେ ନିଜ ଗୃହରେ ନ ଥିଲେ ମାତ୍ରକେ ସେ ଆଉ ନାହାନ୍ତି ବୋଲିଯିବ ?

ନୈରାଶ୍ୟ—ତୁମେ ପତ୍ର ଲେଖିଲେ ସେ ଉତ୍ତର ଦେବେ ନାହିଁ ।

ଆଶା—ଯେଉଁମାନେ ପତ୍ରର ଉତ୍ତର ଦିଅନ୍ତି ନାହିଁ, ସେମାନେ ତେବେ ମୃତ ?

ନୈରାଶ୍ୟ—ସେ ଆଉ ଉତ୍କଳର ଉପ-କାରାର୍ଥ କୌଣସି କାର୍ଯ୍ୟ କରିପାରିବେ ନାହିଁ ।

ଆଶା—ଅନେକ ଲୋକ ତ ଦେଶର ଉପକାର କରିପାରନ୍ତି ନାହିଁ, ଅଥଚ ଜୀବିତ ଥାଆନ୍ତି ।

ନୈରାଶ୍ୟ – ଜୀବନ ଥାଇ ସେହି ଜୀବନର କାର୍ଯ୍ୟ କିଛି ନ କରନ୍ତି, ସେମାନଙ୍କ ଜୀବନ ଥିଲେ ସୁଦ୍ଧା ନ ଥିଲା ପରି । କର୍ତ୍ତବ୍ୟଜ୍ଞାନ-ବର୍ଜିତ ଲୋକ ଓ ମୃତଲୋକର କୌଣସି ପ୍ରଭେଦ ନାହିଁ ।

ଆଶା—ଯେଉଁ ଲୋକ ଜୀବିତ ଥାଇ ଦେଶର କିଛି ଉପକାର କଲା ନାହିଁ, ତାକୁ ଜୀବିତ ନ କହ; କିନ୍ତୁ ଯେଉଁ ଲୋକ ମରି ସୁଦ୍ଧା ଜାତିର ଉପକାର କରୁଅଛନ୍ତି, ସେ ଜୀବିତ ନୁହନ୍ତି କି ?

ନୈରାଶ୍ୟ—ଫକୀରମୋହନ ଆଉ ଦେଶର କି ଉପକାର କରିବେ ?

ଆଶା—ତୁମ୍ଭେ ଉପକାର ଲୋଡ଼ିଲେ ମିଳି ପାରିବ, ନ ଖାଇଲେ ତ କେହି ଗିଳାଇ ଦେଇପାରନ୍ତି ନାହିଁ ।

ନୈରାଶ୍ୟ—ଆଜ୍ଞା, ଆମ୍ଭେ ଉପକାର ଲୋଡ଼ୁଅଛୁ ।

ଆଶା—ଫକୀରମୋହନଙ୍କ ଜୀବନ ତାଙ୍କର ପୁସ୍ତକସମୁଦାୟରେ ବର୍ଣ୍ଣିତ ହୋଇ ରହି-ଅଛି । ସେ ତାଙ୍କ ଜୀବନକୁ ଘୋରି ଘୋରି ଶେଷ କରିଦେଇଅଛନ୍ତି । ସେ ଆମ୍ଭମାନଙ୍କ ସ୍ତୁତି ପିବାର ଲୋକ ନୁହନ୍ତି, କାହା ଛୁଡ଼ିଯାଇ ନାହାନ୍ତି । ସେ ଏଥିପୂର୍ବେ ରୋଗର ଅଧୀନ ଥିଲେ । ସମ୍ପ୍ରତି ଅନାମୟ । ତୁମ୍ଭେ ନିଜର ଉପକାର ନିମନ୍ତେ ଯାହା ପଢ଼ିବାକୁ ଇଚ୍ଛାକର, ସେହି ପୁସ୍ତକମାନେ କହିବେ । ତୁମ୍ଭ ଗ୍ରନ୍ଥରୁ ଅଧିକ ଉପକାର-ଜନକ କଥାମାନ କହିବେ । ତୁମ୍ଭେ କାହିଁକି, ତୁମ୍ଭ ଦେଶର ସମସ୍ତେ ସେଥିରେ କରି ଉପକୃତ ହୋଇପାରିବେ । କେହି ଲୋକ ତାଙ୍କ ସମସ୍ତ ପୁସ୍ତକର ଭାବ ନିଜ ଜୀବନରେ ପୂର୍ଣ୍ଣ କରିପାରିଲେ ସେହି ବ୍ୟକ୍ତିର ଜୀବନରେ ଫକୀରମୋହନଙ୍କ ଶକ୍ତିର ଆବିର୍ଭାବ ହେବ ।

ନୈରାଶ୍ୟ—ତେବେ ଆଉ ଶୋକ-ଦୁଃଖ କାହିଁକି ?

ଆଶା—ଯାହା ଜୀବନରେ ସେହି ଶକ୍ତିର ଆବିର୍ଭାବ ହୋଇପାରିବ, ଏପରି ଜଣେ ଲୋକ ଉତ୍କଳରେ ନାହାନ୍ତି । ତହିଁ ନିମନ୍ତେ ହିଁ ଶୋକ ଓ ଦୁଃଖ ।

ନୈରାଶ୍ୟ—ସେପରି ଲୋକ କି କୌଣସିକାଳେ ସମ୍ଭବ ହୋଇପାରନ୍ତି ?

ଆଶା—ପୂର୍ବରେ ଥିଲେ । ଦେଖ, ବ୍ୟାସଦେବ ଭାରତପ୍ରସିଦ୍ଧ ସମସ୍ତର ଲୋକ । ସେ ମହାଭାରତକୁ ଅତି ସଂକ୍ଷେପରେ ଲେଖିଥିଲେ । ପରେ ଅନ୍ୟାନ୍ୟ ଲୋକଙ୍କ ଜୀବନରେ ତାଙ୍କ ଶକ୍ତି ଆବର୍ତ୍ତିତ ହୋଇ ସେହି ମହାଭାରତକୁ ଏତେ ବୃହଦାକାର କରିଅଛି । ସେହିପରି ଭିନ୍ନ ଭିନ୍ନର ଆବର୍ତ୍ତିତ ହେବାଦ୍ୱାରା ଅଷ୍ଟାଦଶ ପୁରାଣ ଓ ଅନ୍ୟାନ୍ୟ ଅନେକ ଗ୍ରନ୍ଥ ଲିଖିତ ହୋଇଅଛି ।

ନୈରାଶ୍ୟ—ଜଣେ ବ୍ୟାସଦେବ କ'ଣ ସେ ସମସ୍ତ ଲେଖି ନାହାନ୍ତି ?

ଆଶା—ନା, ପୁରାଣମାନଙ୍କ ରଚନା ସମୟ ଯାହା ମହା ମହା ପଣ୍ଡିତମାନେ ନିରୂପଣ କରିଅଛନ୍ତି, ତାହା ଦେଖ ।

ଲିଙ୍ଗପୁରାଣ—୮ମ ଓ ୯ମ ଶତାବ୍ଦୀରେ,

ମାର୍କଣ୍ଡେୟପୁରାଣ—୯ ମ ଓ ୧୦ ମ ଶତାବ୍ଦୀରେ,

ବିଷ୍ଣୁପୁରାଣ—୧୦ମ ଶତାବ୍ଦୀରେ,

ବରାହପୁରାଣ—୧୨ଶ ଶତାବ୍ଦୀରେ,

ଭାଗବତପୁରାଣ—୧୩ଶ ଶତାବ୍ଦୀରେ,

ପଦ୍ମପୁରାଣ—୧୩ଶ ଓ ୧୬ଶ ଶତାବ୍ଦୀ ମଧ୍ୟରେ । ଅନ୍ୟାନ୍ୟ ପୁରାଣସବୁ ଏ ମଧ୍ୟରେ ।

ଖ୍ରୀଷ୍ଟଜନ୍ମର ପ୍ରାୟ ଦୁଇ ସହସ୍ର ବର୍ଷ ପୂର୍ବେ ବ୍ୟାସ ଥିଲେ । ସେ ଯେ ଦୁଇ ହଜାର ଷୋଳ ଶତ ବର୍ଷ ପର୍ଯ୍ୟନ୍ତ ଅର୍ଥାତ୍ ଯେତେବେଳେ ମୁସଲମାନରାଜତ୍ୱର ପ୍ରବଳ ପ୍ରତାପରେ ଭାରତବର୍ଷ ସନ୍ତ୍ରସ୍ତ ସେପର୍ଯ୍ୟନ୍ତ ଜଣେ ବ୍ୟାସ ବସି ପୁରାଣମାନ ଲେଖିଥିଲେ, ତାହା କି ସମ୍ଭବ ?

ନୈରାଶ୍ୟ—ଅଶ୍ୱତ୍ଥାମା ବଳିର୍ବ୍ୟାସୋ ହନୁମାଂଶ୍ଚ ବିଭୀଷଣଃ, କୃପଃ ପରଶୁରାମଶ୍ଚ ସପ୍ତୈତେ ଚିରଜୀବିନଃ । ବ୍ୟାସ ତ ଚିରଜୀବୀ, ସେ ଅଦ୍ୟାପି ଅଛନ୍ତି ।

ଆଶା—କେହି କେବେ ଦେଖିଅଛନ୍ତି କି ?

ନୈରାଶ୍ୟ—ସେ ତ ସ୍ୱର୍ଗାରୂଢ଼, ଦେଖା-ଦେବେ କପରି ?

ଆଶା—ଫକୀରମୋହନ ସ୍ୱର୍ଗାରୂଢ଼ ନ ହେବେ କାହିଁକି ? ତାଙ୍କର ପୁସ୍ତକସବୁ ତ ତାଙ୍କ ଜୀବନର ପ୍ରତ୍ୟକ୍ଷ ସାକ୍ଷ୍ୟ ।

ନୈରାଶ୍ୟ—ଏପରି ବୁଝିଲେ ଅବଶ୍ୟ ଫଳଲାଭ ଅଛି । ହା ଫକୀରମୋହନ ! ତୁମ୍ଭର ଜ୍ଞାନଜ୍ୟୋତିପୂର୍ଣ୍ଣ ପ୍ରଶାନ୍ତମୂର୍ତ୍ତି ଅବଲୋକନ କରି ମନପ୍ରାଣ ସ୍ନିଗ୍ଧ ଓ ପବିତ୍ର ହେଉଥିଲା, ତୁମ୍ଭର ସୁଧାମୟ ମଧୁରାଳାପ ଶୁଣି ପ୍ରାଣ ପୂର୍ଣ୍ଣ ହେଉଥିଲା । ତୁମ୍ଭେ ମନ୍ଦସ୍ମିତମୁଖେ ଉତ୍କଳରେ ପ୍ରତିଷ୍ଠିତ ଥାଇ ଜାତିର ମନପ୍ରାଣ ବୃଦ୍ଧି କରୁଥିଲ । ଆଜି ତୁମ୍ଭଙ୍କୁ ହରାଇ ଆଶା ଓ ନୈରାଶ୍ୟର ଅନବସ୍ଥା-ଜନିତ ବିବାଦରେ ହୃଦୟ କମ୍ପିତ ହେଉଅଛି । କି ମହତ୍ତ୍ୱ କ୍ଷତି ହୋଇଅଛି, ତାହା କଳନା କରିବାକୁ ବୁଦ୍ଧି ଅସମର୍ଥ ହୋଇ ପ୍ରାଣ ଅବସନ୍ନ ହୋଇପଡୁଅଛି । ଆମ୍ଭର ଜୀବନ ଅତି ସଙ୍କୀର୍ଣ୍ଣ । ତହିଁରେ ଆପଣଙ୍କର ପ୍ରଶସ୍ତ ଜୀବନର ଛାୟା ରଖିବାକୁ ସ୍ଥାନ ନାହିଁ । ତୁମ୍ଭେ ନାହିଁ, ଏ କଥା ପ୍ରାଣ ସହିପାରିବ ନାହିଁ । ତୁମ୍ଭେ ଦେଶର ନିଜ ଦୁହିତାଙ୍କୁ ସ୍ନେହରେ ପବିତ୍ର ଆଶ୍ରମ ତୁଲେ ପରିଗଣିତ କରିଥିଲ, ବୃଦ୍ଧ ହୋଇ ଯୁବକବୃନ୍ଦ ଉଠାଣିରେ ନୈତିକବଳରେ ବଳୀୟାନ କରୁଥିଲ, ବକ୍ତୃତାମଞ୍ଚରେ ଠିଆହୋଇ ଜଳଦଗମ୍ଭୀର ବାକ୍ୟରେ ସମସ୍ତଙ୍କୁ ଚମତ୍କୃତ କରୁଥିଲ, ରାଜା ନ ହୋଇ ରାଜଦୁର୍ଲ୍ଲଭ ଠାଣି, ଶକ୍ତି ଓ ବଦାନ୍ୟତାରେ ଉତ୍କଳ ସମ୍ମିଳନୀର ସଭାପତି ଆସନ ଅଳଙ୍କୃତ କରିଥିଲ, ତୁମ୍ଭର ସେହି ସମୁଜ୍ଜ୍ୱଳ ହୃଦୟସ୍ପର୍ଶିନୀ ମୂର୍ତ୍ତିକୁ ହୃଦୟାସନରେ ସ୍ଥାପନ କରି ନିତ୍ୟ ନିତ୍ୟ ଦେଖି ଦେଖି ତୁମ୍ଭର ଆଶୀର୍ବାଦ ପ୍ରାର୍ଥନା ଓ ଶକ୍ତି ଭିକ୍ଷା କରୁଅଛୁଁ ।

ଶ୍ରୀ ଗଙ୍ଗାଧର ମେହେର

# ସ୍ୱର୍ଗୀୟ କାଶୀନାଥ ପଣ୍ଡା

ଆଜି ସମ୍ବଲପୁର ଜିଲାର ଗୋଟିଏ ପଲ୍ଲୀଗ୍ରାମ ଏହି ଲହମ୍ବାରେ ଜଣେ ସ୍ୱର୍ଗୀୟ ମହାତ୍ମାଙ୍କର ପ୍ରତିକୃତି ଉନ୍ମୋଚନ ଉପଲକ୍ଷରେ ଜିଲ୍ଲାବାସୀ କେତେକ ବିଶିଷ୍ଟ ବ୍ୟକ୍ତିଙ୍କ ସହିତ ସାଧାରଣ ଲୋକଙ୍କୁ ନେଇ ଯେ ଗୋଟିଏ ସଭା ଆହୂତ ହୋଇଅଛି, ଏହା ଜିଲ୍ଲା ପକ୍ଷରେ ଗୋଟିଏ ସମ୍ପୂର୍ଣ୍ଣ ନୂତନ କଥା ବୋଲିଲେ ବୋଧହୁଏ ଅତ୍ୟୁକ୍ତି ହେବ ନାହିଁ । ଏହା ଆଧୁନିକ ସଭ୍ୟତାର ଗୋଟିଏ ଅପରିହାର୍ଯ୍ୟ ଅଙ୍ଗ ଅଟେ । ଏହି ସଭାରେ ସ୍ୱର୍ଗୀୟ ବ୍ୟକ୍ତିଙ୍କର ଜୀବନ କଥା କଥିତ ହେବା ଆବଶ୍ୟକ ବୋଧକରେଁ । ତାଙ୍କ ଜୀବନରେ ଯେ କି ବିଶେଷତ୍ୱ ଅଛି, ସହୃଦୟ ବ୍ୟକ୍ତିମାନେ ଅବଶ୍ୟ ତାହା ଅନୁଭବ କରିବେ ।

ଏହି ପ୍ରାବୃଟ୍-ପ୍ରବାହିଣୀ, ଶୈଳ-ବକ୍ଷୋଦ୍ଭବ ଚିତ୍ରମନ୍ଦାକିନୀ ଓଡ଼ିଶା-ନଦୀଙ୍କୁ କୋଳରେ ଧରି ଉତ୍କଳଶେଖର-ବହିଷ୍ଠା କରୁ ଦକ୍ଷିଣବାହିନୀ ଯୋଙ୍କନଦୀର ମଧ୍ୟସ୍ଥାନାବସ୍ଥିତ ଲହମ୍ବା ଗ୍ରାମର ଚତୁର୍ଥାଂଶବ୍ୟାପୀ ଆରଣ୍ୟକ ବ୍ରାହ୍ମଣ-କୁଳୋଦ୍ଭବ ବାସୁଦେବ ପଣ୍ଡାଙ୍କର ଏକମାତ୍ର ପୁତ୍ର ସ୍ୱର୍ଗୀୟ କାଶୀନାଥ ପଣ୍ଡାଙ୍କ ଏହା ପ୍ରତିକୃତି ଅଟେ । କାଶୀନାଥ ୧୮ ସାଲର ଶ୍ରାବଣ ଅମାବାସ୍ୟା ଦିନ ଜାତ ହେଲେ । ସେ ପାଠଶାଳାରେ ବର୍ଣ୍ଣଶିକ୍ଷା କରି ଓଡ଼ିଆ ଗ୍ରନ୍ଥପଞ୍ଜି, ସଂସ୍କୃତ ବ୍ୟାକରଣ ଓ ଅମରକୋଷାଦି ଅଧ୍ୟୟନ କରି ଚତୁର୍ଦ୍ଦଶ ବର୍ଷ ବୟସରେ ଝାମରସିଂ ଗ୍ରାମାଧିପତି ୮ ବାଞ୍ଛାବଟ ପଣ୍ଡାଙ୍କ ଭଗିନୀଙ୍କର ପାଣିଗ୍ରହଣ କଲେ ଓ ଊନବିଂଶ ବର୍ଷ ବୟସରେ ସର୍ବାଙ୍ଗ ପୁଷ୍ଟ ହେଲେ । ତହିଁର ଦୁଇ ବର୍ଷ ପରେ ତାଙ୍କ ପିତା ବାସୁଦେବ ପଣ୍ଡା ପରଲୋକ ଗମନ କରିବାରୁ ପରିବାରର ସମସ୍ତ ଭାର କାଶୀନାଥଙ୍କ ଉପରେ ପଡ଼ିଲା । ସେତେବେଳେ ତାଙ୍କର ପୈତୃକ ଭୂମି ୫୦ ଏକର ଓ ଟଙ୍କା ଏକ ସହସ୍ରରୁ ଅଧିକ ପୁଞ୍ଜି ନ ଥିଲା । ଏପରି ଅବସ୍ଥାରେ ଅନେକ ବ୍ୟକ୍ତି ଚିନ୍ତା-ବନ୍ଧନରେ ଆପଣା ଭୋଗବିଳାସର ପଥ ନିଷ୍କଣ୍ଟକ ହେବାର ଜ୍ଞାନ କରିଥାନ୍ତି । କିନ୍ତୁ କାଶୀନାଥଙ୍କ ଜୀବନଯାତ୍ରାପଥରେ ଗୋଟିଏ ମୂର୍ତ୍ତିମନ୍ତ ଚିନ୍ତା ଉପସ୍ଥିତ ହେଲା । ସେ ତହିଁରେ କାତର ନ ହୋଇ ଧୈର୍ଯ୍ୟର ସାହଚର୍ଯ୍ୟରେ ସେହି ପଥରେ ଅଗ୍ରସର ହେବାକୁ ଲାଗିଲେ । ସେ ଉତ୍ତରାଧିକାର

ନିଜେମ କୃଷି ଓ କୁସୀଦ କାର୍ଯ୍ୟରେ ଅଗ୍ରସର ଥିଲେ ଏବଂ ଦିନ ଦିନ ତହିଁର ଉନ୍ନତି କରିବାକୁ ଲାଗିଲେ । ତାଙ୍କର କୁସୀଦ କାର୍ଯ୍ୟ ଭୂମିଲାଭମୂଳକ ହେଲା । ଭୂମିଲାଭର ଆଶା ନ ଥିଲେ ସେ କାହାରିକୁ ଟଙ୍କା ଋଣ ଦେଉ ନ ଥିଲେ; କିନ୍ତୁ ମହାଜନ ଭୂମିଲାଭର ଆଶା ଦେଖିବାମାତ୍ରେ ନିଜ ହାତରେ ଟଙ୍କା ନ ଥିଲେ ଅନ୍ୟଠାରୁ ଋଣ ଗ୍ରହଣକରି ଋଣ ଦେଇ ସ୍ୱୋପାର୍ଜିତ ଅର୍ଥଦ୍ୱାରା ନିଜର ଅଧମର୍ଣ୍ଣତା ସତ୍ତ୍ୱର ଦୂର କରୁଥିଲେ । ତାଙ୍କର ଏହି ବ୍ୟାପାରର ଫଳମାନଙ୍କ ଅର୍ଥ ସମୃଦ୍ଧି ବୃଦ୍ଧି ହେବାକୁ ଲାଗିଲା । ତହିଁ ସଙ୍ଗେ ରାଜ୍ୟରେ, ରାଜଦ୍ୱାରରେ ଓ ସମାଜରେ ତାଙ୍କର ପ୍ରତିଷ୍ଠା ପ୍ରସାରିତ ହୋଇ-ଆସିଲା । କାଶୀନାଥ ଜୀବନ ଶେଷରେ ଆପଣାର ଉତ୍ତରାଧିକାରୀମାନଙ୍କୁ ପ୍ରାୟ ୫୦ ବର୍ଗମାଇଲ ଭୂମି ଓ ୫୦୦୦୦ ଟଙ୍କାର ଉତ୍ତମର୍ଣ୍ଣତା ଦେଇଯାଇଅଛନ୍ତି । ଅନ୍ୟାନ୍ୟ ଗୃହ ସମ୍ପତ୍ତି ଏଥିରୁ ଅନୁମେୟ । ପାଠକ, ଏଥର କାଶୀନାଥଙ୍କ ପୈତୃକ ଧନର ସହିତ ସ୍ୱୋପାର୍ଜିତ ଧନର ତୁଳନା କରି ଦେଖନ୍ତୁ ଏବଂ କୃଷି ଓ କୁସୀଦର ଲବ୍ଧ ଉପଲବ୍ଧି କରି କାଶୀନାଥଙ୍କ ବିଚକ୍ଷଣତା ବିଚାର କରନ୍ତୁ, ଅପିଚ ଯଦି ଉପଯୁକ୍ତ ମନେକରନ୍ତି ତାଙ୍କୁ ଥରେ ଧନ୍ୟବାଦ ପ୍ରଦାନ କରିବାରେ କୁଣ୍ଠିତ ହେବେ ନାହିଁ । କୃଷିକାର୍ଯ୍ୟରେ କାଶୀନାଥଙ୍କର ଅନୁରାଗ ଓ ପରିଶ୍ରମ ଅସାଧାରଣ । ସେ କୃଷିର ଉନ୍ନତି ନିମନ୍ତେ ବିପୁଳ ବ୍ୟୟ ଓ ନବ ନବ ଯନ୍ତ୍ର ନିର୍ମାଣ କରି ଲୋକମାନଙ୍କୁ ଚମତ୍କୃତ କରୁଥିଲେ । ସମ୍ବଲପୁର କୃଷିପ୍ରଦର୍ଶନୀରେ ସେସବୁ ଯନ୍ତ୍ରମାନ ଉପସ୍ଥାପିତ କରି ନିଜେ ଉପସ୍ଥିତ ଥାଇ ଦର୍ଶକମାନଙ୍କୁ ନବ ନବ କୃଷିଯନ୍ତ୍ରର ବ୍ୟବହାରବିଧି ଓ ଉପକାରିତା ବୁଝାଇ ଦେଉଥିଲେ, ଆଉ ଉଚ୍ଚ ପୁରସ୍କାର ଲାଭ କରି ପ୍ରଦର୍ଶନୀର କର୍ତ୍ତୃପକ୍ଷଙ୍କଦ୍ୱାରା ପ୍ରଶଂସିତ ହେଉଥିଲେ । ସେ ଏ ଜିଲ୍ଲାର କୃଷି ସମିତିର ପ୍ରଧାନ ସଭ୍ୟ ଥିଲେ । ସେହି ସୂତ୍ରରେ ରାୟପୁରର କୃଷି ପ୍ରଦର୍ଶନୀକୁ ଓ କଲିକତା କୃଷି ଶିଳ୍ପ ପ୍ରଦର୍ଶନୀକୁ ପ୍ରେରିତ ହୋଇ କୃଷି ବିଷୟରେ ଉନ୍ନତ ଜ୍ଞାନଲାଭ କରିଥିଲେ । ତାଙ୍କର ସେହି ଉପାର୍ଜିତ ଜ୍ଞାନ ସମିତିରେ ବ୍ୟାଖ୍ୟାତ ହେବାଦ୍ୱାରା ସଫଳତା ସାଧନ କରିଥିଲା ।

ତାଙ୍କର କୃଷିକ୍ଷେତ୍ର ମୁଖ୍ୟତଃ ତାଙ୍କ ଅଧିକାରରେଥିବା ୧୬ଖଣ୍ଡ ଗ୍ରାମରେ ଅଛି । ତଗୀଣ ଭଦରେ ଯେ କେତେକ ଗ୍ରାମରେ ଅଛି, ତାହା ଆମ୍ଭମାନଙ୍କର ସଂଖ୍ୟା କରିବାର ବିଷୟ ନୁହେ । କୌଣସି ଭୂମିରେ ତାଙ୍କର ସୁପର୍ଯ୍ୟବେକ୍ଷଣ ଓ ପରିଶ୍ରମକାରର ଅଭାବ ନାହିଁ । ଯେଉଁ ଯେଉଁ ଭୂମି ପୂର୍ବରେ ଅନୁର୍ବର ଥିଲା, କାଶୀନାଥଙ୍କ ହସ୍ତକୁ ଆସି ସେସବୁ ଶସ୍ୟଶାଳିନୀ ହୋଇଅଛନ୍ତି । ଲୋକେ ଧାନ ବୁଣି ଧାନ ଲାଭ କରୁଥିଲେ, କିନ୍ତୁ କାଶୀନାଥ ଟଙ୍କା ବୁଣି ଟଙ୍କା ଉପାର୍ଜନ କରୁଥିଲେ । ବିବିଧ ଶସ୍ୟପୂର୍ଣ୍ଣ କ୍ଷେତ୍ର, ସ୍ୱଚ୍ଛ କଲ୍ଲୋଳମାଳିନୀ ମଧୁ-ନାଦିନୀ କଲ୍ଲୋଳିନୀ, କୁମୁଦକହ୍ଲାରିକା କୁମୁଦଶତଶୋଭିତ ପୁଷ୍କରିଣୀ, ଫଳ-ପୁଷ୍ପୋପଚିତ ମନୋହର ପାଦପପୂର୍ଣ୍ଣ ବନ, ଉପବନ ବହୁ ପରିମାଣରେ କାଶୀନାଥଙ୍କର ସମ୍ପଦବର୍ଦ୍ଧନର ଅନୁକୂଳ ହୋଇଅଛନ୍ତି । ତାଙ୍କର ଅଧ୍ୟବସାୟଶୀଳ ହୃଦୟଲୋକ ପାର୍ଶ୍ୱବର୍ତ୍ତୀ କେଦାର-କୁଟୀରର ପୁରଦ୍ୱାର ପ୍ରତିଷ୍ଠ ମାର୍ତ୍ତଣ୍ଡ

କାରଣକୁ ଅଳଂକୃତ ଓ ମଧୁର ମଣ୍ଡିଥିଲା । ପ୍ରାକୃତକାଳୀନ ଶସ୍ୟର ଜମିଗୁଡ଼ିକ ରକମର ଉଚ୍ଛୃଙ୍ଖଳିତ ବାରିଧାରା ଓ ନିମ୍ନଦେଶର କର୍ଦ୍ଦମ ତାଙ୍କର କାର୍ଯ୍ୟକ୍ଷେତ୍ରର ପଥକୁ ଦୁର୍ଗମ କରୁ ନ ଥିଲା । ତାଙ୍କ ଅଧୀନରେ କୃଷି ଓ କୁସୀଦ ଜଗତର ସହାନୁଭୂତି ଆଧାର ପ୍ରଦାନ କରିବାପାଇଁ ନିଜ ନିଜର ଶକ୍ତି ବୃଦ୍ଧି କଲେ ।

କାଶୀନାଥଙ୍କ ସମସ୍ତ ସମୟ ଯେ କୃଷି ଓ କୁସୀଦରେ ବ୍ୟୟିତ ହେଉଥିଲା ଏପରି ନୁହେଁ, ସେ ଅବକାଶକୁ ବିଶେଷତଃ ରାତିର ଅଧିକାଂଶ ସମୟ ଶାସ୍ତ୍ରାଧ୍ୟୟନରେ ସଦ୍‌ବ୍ୟବହାର କରୁଥିଲେ । ତଦ୍ଦ୍ୱାରା ଭକ୍ତି ଓ ବିଶ୍ୱାସ ତାଙ୍କ ଜୀବନରାଜ୍ୟରେ ବିଚରଣ କରିବାକୁ ଲାଗିଲେ, ଆଉ ପାରିବାରିକ ଚିକିତ୍ସାର ପ୍ରୟୋଜନୀୟତା ତାଙ୍କୁ ଆୟୁର୍ବେଦରେ ପ୍ରବେଶ କରାଇଥିଲା । ସ୍ୱାମୀ ତୁଳସୀ ରାମାୟଣ ତାଙ୍କର ନିତ୍ୟ ପାଠ୍ୟ ଥିଲା ଏବଂ ତହିଁରେ ତାଙ୍କର ଅନୁରକ୍ତି ଓ ଆସକ୍ତି ଥିଲା ।

କଥିତ ହୋଇଅଛି ଯେ କାଶୀନାଥ ଏ ଜିଲ୍ଲାର କୃଷି ସମିତିର ପ୍ରଧାନ ସଭ୍ୟ ଥିଲେ । ଅଧିକନ୍ତୁ ସେ ଲୋକାଲ ବୋର୍ଡର ମହାଜନୀ ମେମ୍ବର ମଧ୍ୟ ଥିଲେ । ସେ ଯେ ଆଳସ୍ୟକୁ ନିଜର ଜୀବନ-ରାଜ୍ୟରୁ ନିର୍ବାସିତ କରି ପରିଶ୍ରମକୁ ଜୀବନର ଅଳଂକାର କରିଥିଲେ, ତାଙ୍କର ଉନ୍ନତି ଓ କାର୍ଯ୍ୟକଳାପ ତହିଁର ସାକ୍ଷ୍ୟ ପ୍ରଦାନ କରି ତାଙ୍କର ଧୀଶକ୍ତି ଓ ବିଚକ୍ଷଣତାର ପରିଚୟ ଦେଉଅଛନ୍ତି । ତାଙ୍କର ମଧୁମୟୀ ଭାଷା, ଲୋକପ୍ରୀତି ଓ ହିତାକାଂକ୍ଷା ସର୍ବଜନ ସୁବିଦିତ । ସେ ଦୁର୍ଭିକ୍ଷ ସମୟରେ ଅନେକ ଅନ୍ନକ୍ଲିଷ୍ଟ ବ୍ୟକ୍ତିଙ୍କର ପ୍ରାଣ ବଞ୍ଚାଇ ନିଜର ଦୟାର ନିଦର୍ଶନ ପ୍ରଦର୍ଶନ କରିଅଛନ୍ତି । ଲଛମାର ବିଦ୍ୟାଳୟଟି ତାଙ୍କର ବିଦ୍ୟାନୁରାଗର ମୂକସାକ୍ଷୀ । ତାଙ୍କ ନିର୍ମିତ କୂପ, ପୁଷ୍କରିଣୀ ଓ ମନ୍ଦିର ତାଙ୍କର ଧର୍ମଶୀଳତା ଓ କର୍ତ୍ତବ୍ୟନିଷ୍ଠାର ପ୍ରକୃଷ୍ଟ ପ୍ରମାଣ । ତାଙ୍କର ଧର୍ମଶୀଳତା ଅର୍ଥପ୍ରବଣତା ଓ କର୍ତ୍ତବ୍ୟ-ନିଷ୍ଠା ସ୍ୱଭାବସିଦ୍ଧ ଥିଲେ । ସେ ନିଷ୍ଫଳ ଖ୍ୟାତି, ଅଯଥା ଆଡ଼ମ୍ବର ଓ ଅହଂକାରିକ ସମ୍ମାନରେ ବୀତଶ୍ରଦ୍ଧ ଥିଲେ ।

ସେ ନିରଭିମାନୀ ଓ କୃତଜ୍ଞ ଥିବାର ଗୋଟିଏ ପ୍ରଧାନ ଉଦାହରଣ ଦେଖାଯାଏ ଯେ, ସେ ଅନେକ ଥର କହୁଥାନ୍ତି କି ଜରିମାନାବାସୀ ଧନବନ୍ଧୁ ଶିକାରୀ ତାଙ୍କର ବାଲ୍ୟବନ୍ଧୁ ଥିଲେ । ଧନବନ୍ଧୁଙ୍କର ଧୀମତ୍ତ୍ୱ ଓ ବିଚକ୍ଷଣତାରେ ତାଙ୍କର ଅନେକ ଉପକାର ହୋଇଅଛି । କାଶୀ-ନାଥଙ୍କ ସହିତ ଧନବନ୍ଧୁଙ୍କର ସୌହାର୍ଦ୍ଦ୍ୟ ଆଜୀବନ ଅବିଚ୍ଛିନ୍ନ ଥିଲା ।

କାଶୀନାଥଙ୍କ ଧର୍ମବିଶ୍ୱାସ ଅବଶ୍ୟ ପ୍ରଶଂସନୀୟ । ସେ ଧର୍ମଶାସ୍ତ୍ରାଧ୍ୟୟନକୁ ପାରତ୍ରିକ ପ୍ରଧାନ ସମ୍ବଳ ଜ୍ଞାନ କରୁଥିଲେ । କାଶୀନାଥ ବର୍ଷାକାଳର ଶ୍ରାବଣ ଅମାବାସ୍ୟାରେ ଜନ୍ମଗ୍ରହଣ କରି ନିଜର ଜୀବନରେ ସମ୍ପଦର ଶୁକ୍ଳପକ୍ଷ ଓ ସୁଖମୟ ଶୁଭ୍ର ଶରତ୍, ପରିଶ୍ରମଜନିତ କଷ୍ଟରୂପ ହେମନ୍ତ-ଶିଶିର ଭୋଗକରି ଶାନ୍ତି ରୂପ ବସନ୍ତକାଳରେ ସମ୍ବତ୍ ୧୯୬୮ ସାଲ ଚୈତ୍ର ତୃତୀୟାଦିନ ଇହଧାମ ତ୍ୟାଗ-କଲେ । ସେ ଜଣେ ଆଦର୍ଶ ପୁରୁଷ ଥିଲେ, ଏହା ମୁକ୍ତକଣ୍ଠରେ କହିବାକୁ କେହି କୁଣ୍ଠିତ ହେବେ ନାହିଁ ।

କାଶୀନାଥ ନିଜର ସମ୍ପତ୍ତିର ବୀଜ-ବପନ, ଫଳୋତ୍ପାଦନ ଓ ଫଳ ସଂଗ୍ରହ

କରି ଉକ୍ତ ବିଦ୍ୟାଳୟମାନଙ୍କୁ ସମ୍ପଦର ବସନ୍ତ ସମସ୍ତ ଦେଇଯାଇଅଛନ୍ତି । ତାଙ୍କର ଦୁଇ ପୁତ୍ର, ଶ୍ରୀ ବୃନ୍ଦାବନ ପଣ୍ଡା ଜ୍ୟେଷ୍ଠ ଓ ପୁରୁଷୋତ୍ତମ ପଣ୍ଡା କନିଷ୍ଠ । ସ୍ୱଦେଶାନୁରାଗୀ ଶ୍ରୀମାନ୍ ବ୍ରଜମୋହନ ପଣ୍ଡା ବୃନ୍ଦାବନଙ୍କର ଏକମାତ୍ର ପୁତ୍ର । ପୁରୁଷୋତ୍ତମ ପଣ୍ଡାଙ୍କର ଦୁଇଗୋଟି ପୁତ୍ର ଅଛନ୍ତି । ବୃନ୍ଦାବନ ବାବୁ ଅତି ଏକ୍ଷ ଅନୁଷ୍ଠାନବାଗ୍ମି ପିତୃଭକ୍ତିର ଦୃଷ୍ଟାନ୍ତସ୍ୱ ଦେଇଅଛନ୍ତି । ତାଙ୍କ ହୃଦୟରେ ପିତୃଭକ୍ତି କଣ୍ଠଭୂଷଣରୂପେ ଅଙ୍କୁରିତ ହୋଇଥିବାର ଅନୁଭୂତ ହେଉଅଛି । ତାହା କ୍ରମଶଃ ବର୍ଦ୍ଧିତ, ବଶାଳ ଓ ଶାଖାପ୍ରଦରୂପେ ନୟନଗୋଚର ହେବ ବୋଲି ଆଶା ହୁଏ । ସେ ଅନ୍ତ୍ୟାନ ପୂର୍ବ ସମ୍ବଲପୁର ଇଂରାଜୀ ହାଇସ୍କୁଲରେ ପିତାଙ୍କ ନାମରେ କୃଷି-ବିଷୟକ ଉତ୍କୃଷ୍ଟ ପ୍ରବନ୍ଧଲେଖକ ଛାତ୍ରଙ୍କୁ ୧୦ ଟଙ୍କାର ଓଡ଼ିଆ ପୁସ୍ତକ ପୁରସ୍କାର ଦେଉଅଛନ୍ତି । ସେହିପରି କୃଷି ବିଷୟରେ ଓଡ଼ିଶାର ଉତ୍କୃଷ୍ଟ ପ୍ରବନ୍ଧଲେଖକଙ୍କୁ ପ୍ରତିବର୍ଷ କାଶୀନାଥ ନାମଧେୟ ଗୋଟିଏ ସ୍ୱର୍ଣ୍ଣପଦକ ପୁରସ୍କାର ଦେବାର ଇଚ୍ଛା ପ୍ରକାଶ କରିଅଛନ୍ତି । ତହିଁର ବିଜ୍ଞାପନ ଶୀଘ୍ର ପ୍ରକାଶିତ ହେବ ।

ସମ୍ପ୍ରତି ସମ୍ବଲପୁର ସ୍ୱାଂଶୁନି ଦେଶରେ ନିରାଶ ସମସ୍ତ । ବର୍ଷା ଆଗତପ୍ରାୟ, ଏ ସମୟରେ ବୀଜ ବପନ ଏକାନ୍ତ ଆବଶ୍ୟକ । ଆଶା ଅଛି, ମାତୃଭୂମିର ସ୍ୱର୍ଗୀୟ ପରବର୍ତ୍ତନ ଦେଶରେ ବୃନ୍ଦାବନ ବାବୁଙ୍କର ଉଦ୍ଦେଶ୍ୟ ଆନୁକୂଲ୍ୟ ପ୍ରଦର୍ଶିତ ହେବ, ଯଦ୍ୱାରା ତାଙ୍କର ପିତାଙ୍କ ନାମ ଉତ୍କଳରେ ଅମର ରୂପେ ରହିବ । ଇତିହାସ ନିଜ ବକ୍ଷୋପରେ "କାଶୀନାଥ" ନାମ ସ୍ୱର୍ଣ୍ଣାକ୍ଷରରେ ବହିବ ।

ଶ୍ରୀ ଗଙ୍ଗାଧର ମେହେର

ତା ୭ ଅପ୍ରେଲ, ୧୯୧୭

# ଏହା କି ପୃଥିବୀର ଶବ୍ଦ ?*

ବାୟୁପୂର୍ଣ୍ଣ ସ୍ଥାନମଧ୍ୟରେ କୌଣସି ପଦାର୍ଥର ସଂଘର୍ଷଣ ହେଲେ ତହିଁର ଗୋଟିଏ ଶବ୍ଦ ହୁଏ । ଗୋଟିଏ ପକ୍ଷୀ ବାୟୁମଣ୍ଡଳରେ ଉଡ଼ିଲେ, ଖଣ୍ଡିଏ ଲୌହ ସବଳେ ନିକ୍ଷିପ୍ତ ହେଲେ ତହିଁର ଗୋଟିଏ ଶବ୍ଦ ହୁଏ । ଚଳିତ ବା କ୍ଷିପ୍ତ ପଦାର୍ଥ ଯେତେ ବଡ଼ ଥାଏ, ତହିଁର ଶବ୍ଦ ସେତେ ଅଧିକ ହୁଏ । ୨୫୦୦୦ ମାଇଲ ପରିଧି-ବିଶିଷ୍ଟ ପ୍ରକାଣ୍ଡ ପୃଥିବୀ ଯେ ପ୍ରବଳ ବେଗରେ ଅନନ୍ତ ଆକାଶମାର୍ଗରେ ନିୟତ ଗମନ କରୁଅଛି, ତହିଁର ଶବ୍ଦ ନାହିଁ ? ଏଥିର ଉତ୍ତରରେ ଏ କଥା କୁହାଯାଇ-ପାରେ ଯେ ସମସ୍ତ ଗଗନ ବାୟୁପୂର୍ଣ୍ଣ ନୁହେଁ, କେବଳ ପୃଥିବୀର ପୃଷ୍ଠରେ କେତେକ ଦୂର ବାୟୁ ଅଛି । ବାୟୁହୀନ ଅନନ୍ତ ବ୍ୟୋମରେ ପୃଥିବୀର ଗତି ହେଉ-ଥିବାରୁ କୌଣସି ଶବ୍ଦ ହୁଏ ନାହିଁ । ଏଥିରେ ମାନସ ପରିତୃପ୍ତ ହୁଏ ନାହିଁ । ପୁନଶ୍ଚ ପ୍ରଶ୍ନ କରିବାକୁ ହୁଏ କି ପୃଥିବୀ-ପୃଷ୍ଠସ୍ଥ ଉକ୍ତ ବାୟୁସାଗର କି ସେହି ପ୍ରକାଣ୍ଡ ବସ୍ତୁର ଅତ୍ୟନ୍ତ ଘର୍ଷଣରେ କିଞ୍ଚି-ମାତ୍ର ଶବ୍ଦ ଜାତ କରିବାକୁ ଯୋଗ୍ୟ ନୁହେଁ ? ଯଦି ପୃଥିବୀର ସେପରି ଶବ୍ଦ ହେଉଥାନ୍ତା, ତାହା କି ଆମ୍ଭମାନେ ଶୁଣିପାରନ୍ତୁ ନାହିଁ ?

କୌଣସି ନିର୍ଜନ ନିସ୍ତବ୍ଧ ସ୍ଥାନରେ ଅବା ଜନକୋଳାହଳଶୂନ୍ୟ ପ୍ରାନ୍ତରରେ ଏବଂ ସର୍ବଦା ସବୁସ୍ଥାନରେ ନିଶୀଥ ସମୟରେ ଯେ ଏକ ନିରବଚ୍ଛିନ୍ନ 'ସାଇଁ ସାଇଁ' ଶବ୍ଦ ଶ୍ରୁତିପଥରେ ପ୍ରବେଶ କରେ, ସେ ଶବ୍ଦ କାହାର ? ସୂକ୍ଷ୍ମ ଭାବରେ ଚିନ୍ତା କରି ଦେଖିଲେ ବୋଧହୁଏ ଯେପରି କୌଣସି ପ୍ରକାଣ୍ଡ ବସ୍ତୁ ଅବିଶ୍ରାନ୍ତ ଘୂରୁଅଛି । ତାହା ପୃଥିବୀର ଶବ୍ଦ ଅନୁମାନ କରି ପ୍ରଶ୍ନ-ସ୍ଥଳ ଉତ୍ତର ପାଇବା ଆଶାରେ ଏ ବିଷୟରେ ଥରେ ଜଣେ ବିଜ୍ଞ ବନ୍ଧୁଙ୍କୁ ପ୍ରଶ୍ନ କରିଥିଲି । ବନ୍ଧୁବରଙ୍କ ଉତ୍ତରରୁ ଜଣାଗଲା ଯେ କୌଣସି କୌଣସି ବ୍ୟକ୍ତି ତାହା ପୃଥିବୀର ଶବ୍ଦ ଥିବାର ଅନୁମାନ କରିଥାନ୍ତି; କିନ୍ତୁ ତାହା ମୀମାଂସା ନୁହେଁ, ଅନୁମାନ ମାତ୍ର । ବିଜ୍ଞ ପାଠକଗଣ, ଅନୁମାନ ବହୁ ହୃଦୟ-ଗାମୀ ହେଲେ ମୀମାଂସା ତୁଲ୍ୟ ହୋଇ-ଯାଏ । ଅତଏବ ପଚାରେଁ, ଏହା କି ପୃଥିବୀର ଶବ୍ଦ ?

ଶ୍ରୀ ଗଙ୍ଗାଧର ମେହେର

---

* ଉତ୍କଳ-ସାହିତ୍ୟ ୧୩୦୭ ସପ୍ତମ ସଂଖ୍ୟାରୁ ଉଦ୍ଧୃତ ।

# ଶିକ୍ଷିତ, ଅଶିକ୍ଷିତ ଓ ଶିକ୍ଷାଭିମାନୀ

*ପୃଥିବୀରେ ତିନି ଶ୍ରେଣୀର ମନୁଷ୍ୟ ଦେଖାଯାନ୍ତି—ଶିକ୍ଷିତ, ଅଶିକ୍ଷିତ ଓ ଶିକ୍ଷାଭିମାନୀ । ଶିକ୍ଷିତ ବ୍ୟକ୍ତି ମନୁଷ୍ୟଦେବତା । ଶିକ୍ଷିତ ବ୍ୟକ୍ତି ସତ୍କର୍ମରେ ନିରତ ଥାଇ ସତ୍ସଙ୍ଗରେ ଓ ସଦାଲାପରେ ପବିତ୍ର ଭାବରେ ଜୀବନଯାତ୍ରା ନିର୍ବାହ କରନ୍ତି; ଅତୀତ କାଳର ଘଟଣାବଳୀ, ଦେଶ ବିଦେଶର ରୀତିନୀତି ଓ ଜଗତର ନିୟମମାନ ଅବଗତ ହୋଇ ସ୍ୱଦେଶ ସହିତ ଜଗତର ଉନ୍ନତି ଚେଷ୍ଟାରେ ସତତ ରତ ଥାନ୍ତି । ତାଙ୍କ ଚକ୍ଷୁରେ ପୁଣ୍ୟପଥର ଆପାତ କଣ୍ଟକାପୂର୍ଣ୍ଣ ଦୂରତ୍ୱ ଏବଂ ଦୂରସ୍ଥିତ ସୁରମ୍ୟ ସୋପାନବିଶିଷ୍ଟ ମନୋହର ସୁଖମନ୍ଦିର ଆଉ ପାପପଥର ନିକଟସ୍ଥ କୋମଳ ସୁଖଶଯ୍ୟା ଓ ତତ୍ପରସ୍ଥଳସ୍ଥ ଯନ୍ତ୍ରଣା କଣ୍ଟକପୂର୍ଣ୍ଣ ଦୁଃଖାରଣ୍ୟ ଦୃଶ୍ୟ ହେଉଥାଏ । ସେ ସ୍ୱର୍ଗୀୟ ଦେବମାନଙ୍କର ଅତି ଭୟଙ୍କର ହୁଙ୍କାରରୂପ, ଅପର ଦେବୀମାନଙ୍କର ମୋହନମୂର୍ତ୍ତି ସନ୍ଦର୍ଶନ କରି ବିସ୍ମୟସମ୍ପନ୍ନ ଭକ୍ତିରସରେ ଅଭିଷିକ୍ତ ହେଉଥାନ୍ତି । ସୁରଶ୍ରୀଙ୍କର ଝଙ୍କାରବିନିନ୍ଦିତ ଅମୀୟ ସଙ୍ଗୀତ ଶ୍ରବଣ କରି ଆତ୍ମାକୁ ପବିତ୍ର ଓ ହୃଦୟକୁ ଆନନ୍ଦପୂର୍ଣ୍ଣ କରୁଥାନ୍ତି । ମଙ୍ଗଳମୟ ପରମେଶ୍ୱରଙ୍କ ମଙ୍ଗଳାଭିପ୍ରାୟ ଓ ପ୍ରକୃତ ଧର୍ମତତ୍ତ୍ୱ ଅବଗତ ହୋଇ ପବିତ୍ର ଧର୍ମ ଅବଲମ୍ବନରେ ଜଗଦୀଶ୍ୱରଙ୍କ ପ୍ରସାଦ ଲାଭ କରି ପୁଲକିତ ହେଉଥାନ୍ତି । ତାହାଙ୍କ ହୃଦୟ କ୍ଷମା, ଭକ୍ତି, ଦୟା, ସମାଜ ସେବା-କଲ୍ୟାଣର ବିହାରଭୂମି । ତାଙ୍କ ମତରେ ଶିକ୍ଷା ବିଦ୍ୟାଳୟରେ ଶେଷ ହୁଏ ନାହିଁ; ଶିକ୍ଷା ମନୁଷ୍ୟର ଜୀବନବ୍ୟାପୀ ମହାବ୍ରତ । ଜଗତ୍ ଶିକ୍ଷାଳୟ ଓ ପ୍ରକୃତି ନିତ୍ୟପଠନୀୟ ବିରାଟ ଗ୍ରନ୍ଥ । ପୃଥିବୀ ଅପେକ୍ଷା ଲକ୍ଷଗୁଣାଧିକ ଅତିବୃହତ୍ ଦ୍ରୁତଗାମୀ ଗ୍ରହାଦିଠାରୁ ବାଲୁକାକଣରେ ଲୋକାତୀତ ପରମାଣୁପର୍ଯ୍ୟନ୍ତ ଆଲୋଚନାର ବିଷୟ । ମାନବର ଦୃଷ୍ଟି ପରମାଣୁ ଅଂଶାଧିକ ଦେବର୍ଣ୍ଣ ଶିକ୍ଷାର ପ୍ରକୃତି ସମସ୍ତ ସୁବିଧା, ଅଧିକନ୍ତୁ ଯାହା କିଛି ଶିକ୍ଷା ଓ ଜ୍ଞାନଲାଭ ହୋଇପାରେ, ତଦ୍ଦ୍ୱାରା ନିଜ ଜୀବନର ସାର୍ଥକତା ସାଧନ କରିବା ମାନବର ପ୍ରଧାନ କର୍ତ୍ତବ୍ୟ । ସାହିତ୍ୟ-ସେବା ତାଙ୍କର ପ୍ରିୟବ୍ରତ ।

ସାହିତ୍ୟାନୁରାଗ ଈଶ୍ୱରଦତ୍ତ ପଦାର୍ଥ ଓ ଦୁଷ୍ପ୍ରାପ୍ୟ ଜୀବନର ଚିରସହଚର । ସାହିତ୍ୟାନୁରାଗ ବୁଦ୍ଧିଶୀଳମାନଙ୍କର ଜୀବନରେ ବାଲ୍ୟସଖା; କିନ୍ତୁ କରଦେଶ୍ୱର

* ଉତ୍କଳ-ସାହିତ୍ୟ ୧୩୦୭ ପ୍ରଥମ ସଂଖ୍ୟାରୁ ଉଦ୍ଧୃତ ।

ପାତ୍ରାପାତ୍ର ବିବେଚନା ନ କରି ବ୍ୟକ୍ତି-ବିଶେଷକୁ ତାହା ପ୍ରଦାନ କରିଥାନ୍ତି । ଶିକ୍ଷିତ ମଧ୍ୟରୁ ପ୍ରକୃତ ଜ୍ଞାନୀ ଅତି ଅଳ୍ପ । ଜ୍ଞାନୀ ଜ୍ଞାନକୁ କୋହିନୂରର ଅପେକ୍ଷା ଅଧିକ ମୂଲ୍ୟବାନ୍ ବୋଧକରନ୍ତି । ସେ ଜ୍ଞାନାଲୋକରେ ଜଗତକୁ ଆଲୋକମୟ ଦେଖନ୍ତି । ଜଳଦାଚ୍ଛନ୍ନ ତମୋମୟୀ ରଜନୀର ଅସୂର୍ଯ୍ୟଭେଦ୍ୟ ତମିସ୍ରରାଶି ତାଙ୍କ ଦୃଷ୍ଟିରୋଧ କରିପାରେ ନାହିଁ, ବରଂ ବିଚିତ୍ର ବିରାଟ ଦୃଶ୍ୟ ତାଙ୍କ ମାନସରେ ଉପସ୍ଥିତ କରି ଚିତ୍ତରଞ୍ଜନ କରେ । ଜ୍ଞାନୀ ଜ୍ଞାନ-ରଶ୍ମିରେ ଅନ୍ୱେଷଣ କରି ନିମେଷ ମଧ୍ୟରେ ବ୍ରହ୍ମାଣ୍ଡଦର୍ଶନରେ ସମର୍ଥ ହୁଅନ୍ତି । ତାଙ୍କ ହୃଦୟ ପର୍ବତ ତୁଲ୍ୟ ଉଚ୍ଚ, ସାଗର ତୁଲ୍ୟ ପ୍ରଶସ୍ତ ଓ ଗଭୀର । ତହିଁରେ ବହୁମୂଲ୍ୟ ରତ୍ନରାଜି ପୂର୍ଣ୍ଣ ହୋଇଥାନ୍ତି । ଯେଉଁ ରତ୍ନନିଚୟ ଯେ ଯେତେ ସଞ୍ଚୟ କରିପାରେ, ସେ ତାହା ଦେବାକୁ ପ୍ରସ୍ତୁତ; କିନ୍ତୁ ସଂଗ୍ରାହକ ଅତି ଦୁର୍ଲ୍ଲଭ । ଜ୍ଞାନୀ ସ୍ୱଗୁଣପ୍ରକାଶରେ ଯେପରି ସଙ୍କୁଚିତ ହୁଅନ୍ତି, ପରପ୍ରଶଂସାରେ ସେହିପରି ପ୍ରଫୁଲ୍ଲ ହୁଅନ୍ତି । ତାଙ୍କର ଚକ୍ଷୁ ଅବିକୃତ ଜ୍ଞାନାଞ୍ଜନରେ ପରିଷ୍କୃତ । ସେ ଗୋଟିଏ ପୁଷ୍ପର ସୌନ୍ଦର୍ଯ୍ୟ ଓ ସୌରଭରେ ଯେପରି ସମ୍ପ୍ରୀତ ହୁଅନ୍ତି, ଜଣେ ରତ୍ନାଳଙ୍କାରମଣ୍ଡିତ ଅଥଚ ହୃଦୟହୀନ ରାଜାଙ୍କର ସୌନ୍ଦର୍ଯ୍ୟରେ ତହିଁର ଶତାଂଶ ପ୍ରୀତିଲାଭ କରିପାରନ୍ତି ନାହିଁ । ଅଧୀନ ଲୋକ ପ୍ରତିବେଶୀ ଲୋକ ସ୍ୱାର୍ଥପର ସ୍ୱଭାବକୁ ସେ ବଡ଼ ବିଷମ ବୋଧ କରନ୍ତି ।

ଅଶିକ୍ଷିତ ବ୍ୟକ୍ତି ପ୍ରାୟଶଃ ନିକୃଷ୍ଟ କାର୍ଯ୍ୟରେ, ନିକୃଷ୍ଟ ସଙ୍ଗରେ, ନିକୃଷ୍ଟ ଭାବରେ କାଳହରଣ କରେ । ସେ ବର୍ତ୍ତମାନକାଳର ସ୍ୱଦେଶର ପ୍ରକୃତ ଦଶା ଅବଗତ ହେବାକୁ ଅକ୍ଷମ । ଶାରୀରିକ ପରିଶ୍ରମ, ଭୋଜନ ଓ ନିଦ୍ରା ତାହାର ପ୍ରଧାନ କାର୍ଯ୍ୟ । ତାହାର ଦୃଷ୍ଟି ଯେତିକି ଦୂର ଯାଏ, ସେ ତାହା ଜଗତର ଶେଷସୀମା ବୋଲି ବିଚାର କରେ । ସେ ନିନ୍ଦା-ପ୍ରଶଂସାଜ୍ଞାନ-ବର୍ଜ୍ଜିତ ହୋଇ ନିଜର ସୁବିଧା ଅନୁସାରେ କାର୍ଯ୍ୟ କରିବାରେ ଅକୁଣ୍ଠିତ । କୁତ୍ସିତ ଅଶ୍ଳୀଳ ଗାନ ତାହାର ପ୍ରାଣହର ସଙ୍ଗୀତ । ଗ୍ରାମ୍ୟ ଗୀତାବଳୀ ତାହାର ପ୍ରଧାନ ସାହିତ୍ୟ । ଅତି ଜଘନ୍ୟ ବେଶ୍ୟାନୃତ୍ୟାଦି ତାହାର ପ୍ରଧାନ ଦର୍ଶନୀୟ, ଦ୍ୟୂତକ୍ରୀଡ଼ା ପ୍ରଧାନ ଆମୋଦ । ତାହାର ହୃଦୟ ଅରଣ୍ୟ ତୁଲ୍ୟ ଦୁର୍ଗମ, କାମକ୍ରୋଧାଦି ଶ୍ୱାପଦସଙ୍କୁଳ । ତାହାର ଚକ୍ଷୁ ତିମିରାବୃତ । ସେହି ଚକ୍ଷୁରେ ହୀରା ଜିରା ସମାନ ପ୍ରତୀୟମାନ ହୁଏ ।

ଶିକ୍ଷାଭିମାନୀ ସତ୍ସଙ୍ଗ ଓ ସତ୍କାର୍ଯ୍ୟର ଛଳ ମାତ୍ର କରି, ଅସତ୍ ସଙ୍ଗ ଓ ଅସତ୍ କାର୍ଯ୍ୟରେ ଆସକ୍ତ ଥାଇ ଜୀବନ ନିର୍ବାହ କରେ, ବିଷ୍ଣୁନାମ ଜପ ଛଳରେ କୁଟମନ୍ତ୍ରଣା କରେ । ଦୁଇ ଚାରିଟା ଶ୍ଳୋକ କଣ୍ଠସ୍ଥ କରି ଖଣ୍ଡିଏ ବୃହଦାକାର ପୁସ୍ତକ ଧରି ଜଗତକୁ ପ୍ରତାରଣା କରିବା ତାହାର ଜୀବନ ବ୍ରତ । ତିନି ଚାରିଟା ଦୁର୍ବୋଧ ଶ୍ଳୋକରେ ସେ ଜଗଜ୍ଜୟ କରିବାକୁ ବସିଥାଏ । ଧନୀମାନଙ୍କର ଅଯଥା ପ୍ରଶଂସାଗାନରେ ସେ ସର୍ବଦା ବ୍ୟସ୍ତ । ସେ ପରପ୍ରଶଂସାରେ ଯେପରି କ୍ଷୁବ୍ଧ, ନିଜ ପ୍ରଶଂସାରେ ସେପରି ପ୍ରଫୁଲ୍ଲ ହୋଇଥାଏ—ଅନ୍ୟଦ୍ୱାରା ପ୍ରଶଂସିତ ହେବାକୁ ଅପେକ୍ଷା ନ କରି ନିଜେ ନିଜର ପ୍ରଶଂସାକରି ସୁଖୀ ହେଉଥାଏ; ଅନ୍ୟକୁ ନାନା ଧର୍ମପଥ ଦେଖାଇ ନିଜେ ଘୋର ପାପାଚରଣରେ ପ୍ରବୃତ୍ତ ଥାଏ । ତାହାର ହୃଦୟ ମିଥ୍ୟା, କପଟତା, କୁଟିଳତାଦି ରିପୁଗଣର ପ୍ରିୟ ନିବାସ । ତାହାମଧ୍ୟରେ

ତାହାର ଗୃହରେ ଜଗତର ଦୁର୍ଲଭ ଗ୍ରନ୍ଥ ସୁରକ୍ଷିତ, ବିଜ୍ଞାନଶାସ୍ତ୍ରନାୟକମାନେ ତାହାର କରାୟତ୍ତରେ, ତାହାର ପିତା ପୃଥିବୀର ଅଦ୍ୱିତୀୟ ପଣ୍ଡିତ, ତାହାର ପିତାମହର କଣ୍ଠରେ ସରସ୍ୱତୀ ନୃତ୍ୟ କରୁଥିଲେ । ଆଜି ଏକ ଶ୍ରେଣୀର ଶିକ୍ଷାଭିମାନୀଙ୍କ ମଧ୍ୟରେ କୌଣସି ପ୍ରକାର ବିଦ୍ୟାଳୟର ସାର୍ଟିଫିକେଟ୍ ଜଣେ ପାଇପାରିଲେ ଶିକ୍ଷା ଶେଷ, ଶବ୍ଦାଡ଼ମ୍ବର ଶିକ୍ଷାର ନିଦର୍ଶନ, ବେଶ ଭୂଷା ଭାଷାର ମିଶ୍ରଣରେ କଥା କହିବା, ମଦ୍ୟମାଂସାଦିଯୁକ୍ତ ସାହେବୀ ଭୋଜି ପ୍ରଧାନ ସଭ୍ୟତା । ଏମାନେ ଆପଣାକୁ ଜଗତରୁ ଅପେକ୍ଷା ମୂଲ୍ୟବାନ୍ ବୋଧ-କରନ୍ତି, ନିଜମତ ମଧ୍ୟରେ ସର୍ବସାର ପ୍ରାପ୍ତ କରିବାକୁ ସାହସ କରନ୍ତି । ଏମାନଙ୍କ ହୃଦୟ ଖର୍ଜୁର ପାଦପ ଭଳି ପ୍ରାଣଶୂନ୍ୟପ୍ରାୟ ଉଚ୍ଚ, ଅହଂକାରପୂର୍ଣ୍ଣ ବିଟପ, ଜ୍ଞାନ ଖର୍ଜୁରଫଳ ଭଳି ବାହ୍ୟଶୋଭା ସୁନ୍ଦର, ଅଭ୍ୟନ୍ତର ପାଷାଣବତ୍ କଠିନ । ସ୍ୱାର୍ଥ-ସାଧନ ଏମାନଙ୍କର ପ୍ରଧାନ ପନ୍ଥା—ସ୍ୱାର୍ଥ-ସାଧନ ବନ୍ଧୁତାର ଉଦ୍ଦେଶ୍ୟ ।

ଶିକ୍ଷାଗୌରବ କେବଳ ଜ୍ଞାନର ଅନୁଭବନୀୟ । ତାହା ଅଶିକ୍ଷିତ ଓ ଶିକ୍ଷାଭିମାନୀର ଅନୁଭବବର୍ତ୍ମରେ ଆବର୍ତ୍ତିତ ହେବାର ବହୁ ଦୂରେ । ଜ୍ଞାନ ସାମାନ୍ୟ ଦରିଦ୍ରଠାରୁ ଅତୁଳ ଐଶ୍ୱର୍ଯ୍ୟ-ଶାଳୀ ସମ୍ରାଟ୍ ପର୍ଯ୍ୟନ୍ତ ସମସ୍ତଙ୍କର ବିଷୟ ସମାଲୋଚନା କରିବାକୁ କ୍ଷମ । ପ୍ରକୃତି-ଦେବୀ ସମାଲୋଚିତ ହେବା ନିମନ୍ତେ ଜ୍ଞାନ ସମକ୍ଷରେ ଆପଣାର ବିଚିତ୍ର ଲୀଳା ଓ ପରମ ସୌନ୍ଦର୍ଯ୍ୟ ପ୍ରକାଶ କରୁଥାନ୍ତି । ଅଶିକ୍ଷିତ ବ୍ୟକ୍ତି ତାହା ଦେଖି ସୁଦ୍ଧା ଦେଖିପାରେ ନାହିଁ । ଶିକ୍ଷାଭିମାନୀ ତହିଁର ସ୍ପୃହା ସୁଦ୍ଧା ଦେଖିବାକୁ ଅସମର୍ଥ ।

ଶ୍ରୀ ଗଙ୍ଗାଧର ମେହେର

# ପରିଶିଷ୍ଟ

# *ବିରହବ୍ୟଥିତ ରାମ

(ଶାର୍ଦ୍ଦୂଳ ବିକ୍ରୀଡ଼ିତ ବୃତ୍ତ)

ବନେ ପ୍ରସ୍ରବ ମାଲ୍ୟବନ୍ତ ଶିଖରେ
ଥାଇ ତରୁମୂଳରେ
କାନ୍ତା-ବିରହ-ଶୋକ ଗଦ୍‌ଗଦ ସ୍ୱରେ
ବୋଲନ୍ତି ଆକୁଳରେ
କେତେ କଷ୍ଟ ରାଶି ଲେଖି ଥୋଇଛ ହେ
ଅଦୃଷ୍ଟରେ ମୋ ଭାଳରେ
ଦୁଃଖାବ୍ଧି-ଲହରୀରୁ ପାରି ହେବି କି
ଆଉ କେତେ କାଳରେ ।

ରାଜ୍ୟ ରାଜବିଭୂତିକି ତେଜି ଦେଲି
ପିତାଙ୍କ ଆଦେଶରେ
ବସିଲେ ନବପଞ୍ଚ ବର୍ଷ ରହିବି
ଘନେ ତାପସବେଶରେ
ବର୍ଷା ଶୀତ ନିଦାଘରେ ତରୁମୂଳେ
ଥାଇ ସଦା କ୍ଲେଶରେ
ଥାଏଁ ଚିତ୍ତବିନୋଦିନୀ ପ୍ରଣୟିନୀ
ସଙ୍ଗେ ମତ୍ତ ତୋଷରେ ।

ଆସିଥିଲେ ସୀତା ଶୀତାଂଶୁବଦନା
ମୋ ଚିତ୍ତ ଆହ୍ଲାଦନେ
ଭାଇ ଲକ୍ଷ୍ମଣ ମୋ ସ୍ନେହାଧୀନେ ରହି
ଥାନ୍ତି ସଦା ସେ ବନେ
ଆନନ୍ଦେ ଫଳମୂଳ ଭୋଜନ କରି
ବଞ୍ଚୁଥିଲୁଁ କାନନେ
ତାହା ମୋ ପ୍ରତିକି ଅସହ୍ୟ ହୋଇଲା
ବିଶ୍ୱସୃଜ ଯୋନି ମନେ ।

କେ ଆସି ପ୍ରିୟା ପତ୍ନୀକି କପଟେ ମୋ—
ଅଲକ୍ଷେ ନେଇଗଲା
ଆନନ୍ଦାତଳେ ମୋ କଣ୍ଠାଗ୍ନି ଏଣେ
କୁଳିଶ ବର୍ଷା କଲା
କାହାକୁ ଜଣାଇବି ମନୋଗତ କଥା
ମୋ ଦୁଃଖ କେ ବୁଝିବ
ଶାନ୍ତି ବାରିଦ ଶୋକତପ୍ତ ହୃଦରେ
ଆହ୍ଲାଦେ କେ ସିଞ୍ଚିବ ।

ହା ଶିରୀଷ ମୃଦୁକୋମଳାଙ୍ଗି ! ନଳିନୀ—
ନେତ୍ରି ! ଧର୍ମପତ୍ନୀନେ !
ହା ବିମ୍ବାଧରି ! ହା ଶକ୍ତିରସାଶ୍ରିନି !
ଦୁଃଖବଲ୍ଲୀଖଣ୍ଡନେ !
ହା ପ୍ରିୟେ ! ସ୍ମିତହାସିନି ! ସୁବଚନି !
ହା ପୂର୍ଣ୍ଣଚନ୍ଦ୍ରାନନେ !
ବନ୍ଧୁ ତୋ ବିନୁ ଶୋକ-ସିନ୍ଧୁଜଳରେ
ଭାସିଲି ମୁଁ କାନନେ ।

ହା ହା ସୁନ୍ଦରଦନ୍ତେ ! ଅଧରାସୁନ୍ଦରଦନ୍ତେ !
ହା ଭୂପତିନନ୍ଦନେ !
କେଉଁଠି ଲୁଚିଲି ! କି ମୃଦୁଳ ତନୁକୁ
ମଣ୍ଡିବି ମୁଁ ଚନ୍ଦନେ
ଭୂଷିବି କୁନ୍ତଳକୁ ସୁବାସ କୁସୁମ
ଗୁନ୍ଥି କରି ମାଳରେ
ଦେନ୍ତି ଗୈରିକବିନ୍ଦୁ ଦେବି କୁଙ୍କୁମେ
ଶ୍ରଦ୍ଧାରେ କା ଭାଲରେ ।

* ଏହି କବିତାଟି "ଅହଲ୍ୟାସ୍ତବ"ର ସମକାଳୀନ ଲେଖା; କିନ୍ତୁ କୌଣସି କାରଣରୁ ସମ୍ପୂର୍ଣ୍ଣ ହୋଇପାରି ନାହିଁ ।

ପ୍ରିୟେ ତୋ ମୁଖପଦ୍ମଶଦ୍ମଶୀଶନ୍ତ୍ର
ନବଶ୍ୟପୀୟୂଷକୁ
ତୃଷ୍ଣାର୍ତ୍ତରେ ନିତ୍ୟ ପାନ କରି ମୁଁ
ଅତୃପ୍ତ ଥିଲି ତୋଷକୁ
ଧାତା ମୋ ପ୍ରତି ତରୁ ବର୍ଣ୍ଣରଜନୀ
ସମ୍ପାଦିଲା କମ ଧିକ୍
କାହିଁ ସେ ମୁଖଚନ୍ଦ୍ର ଆଜି ଦେଖିବି
ଅଭାଗିତ ଦଗ୍ଧ ଖାଦକ୍ !

ଗଦ୍ଗଦ ସେଇଁ ଟବେ ଶବେ ମୃଦୁ ହସି
ବାଣୀ ଅନୁଗ୍ରହରେ
ବର୍ଷେ ସୁଖ ସୁଧାର ଧାର ସଘନେ
ସେ ମୋ ଶ୍ରୁତିମାର୍ଗରେ
ନମ୍ରାଗତ ବାହୁଲିକ ପଦତଳେ
ଥୋଇଥିଲି ଗର୍ବରେ
କୌତୁକନି ! ପ୍ରିୟେ ! ନବୀନ ଗମନେ
ଯେଣେ ତୋତେ ସଙ୍ଗରେ !

ଗୋଟିଏ ଶିରୀ ସୁନାଳ ବେଶ ସଘନେ
ଅସି ବସୁନ୍ଧରେ
ପଂକ୍ତିବଦ୍ଧ ବକାଳୀମାଳ ମୁକୁତା
ଲମ୍ବାଇ ଦେଇ ଗଳେ
ହରମ୍ଭ ଯେଣେ ହରନ୍ତ ବାସବଧନୁ
ଗର୍ଜ୍ଜେ ଗମ୍ଭୀର ସ୍ୱନେ
ବିଦ୍ୟୁତ୍ ବାଣ ପ୍ରହାରୁଛି ସେ ବିରହୀ
ଜନ୍ମଗଣି ନାଶନେ !

ଯୋଗୀଏ ରହିଲେଣି ଗୁହାଁ ସବୁଦ୍ୱେ
ଶିଖିଳାଇବୁ ବୃନ୍ଦରେ
ବାସ୍ତୀ ଦମ୍ପତି ଜୀବନେ ରହିଲେଣି
ସ୍ୱୀମନ୍ଦିରେ ଖଣ୍ଡରେ
କାଞ୍ଚି-ବୃତକ ବୃକ୍ଷଟି ବନସ୍ପତି —
ତାମ୍ବୁ କଣା ଆଶରେ
ଅନାହତ ମନେ ବୁଲନ୍ତି ଗଗନେ
ସ୍ୱପ୍ରେମ ଉଲ୍ଲାସରେ !

କାହିଁ ଶ୍ୟାମ ସୁପକ୍ୱ ଜମ୍ବୁ ଅଣନେ
ତୃପ୍ତି ଲଭି ଡାଳରେ
ଚୀତ୍କାର କରି ନିଜ ପ୍ରିୟା ସହିତରେ
ପ୍ରେମାବ୍ଧି କଲ୍ଲୋଳରେ
ନୈଦାଘାଗି ବକାଶ ଦେହକୁ ବାଳରେ
ଯେଣେ ପ୍ରିୟା ସଙ୍ଗରେ
ବୁଲନ୍ତି ଯୂଥ ଯୂଥ ହୋଇ ହରିଣେ
ଶ୍ୟାମାନ୍ତ କା ରଙ୍ଗରେ ।

ପ୍ରକୃତି ରମ୍ୟ ହରିତ କପିଶ ବେଶରେ
ଶୋଭେ କଦମ୍ବାବଳୀ
ନୂତନ କେତକୀ ପୁଷ୍ପ ବିକଶିତେ
ବାସିତ ଦିଙ୍ମଣ୍ଡଳୀ
କେତକେବେଳ ପ୍ରଫୁଲ୍ଲ ଶାପ ଉପରେ
କେତେବ ପୁଷ୍ପକୋଷରେ
କର୍ଣ୍ଣପ୍ରିୟ ମଧୁର ନାଦେ ବଳଯେ
ଷଟ୍‌ପାଦ ଆନନ୍ଦରେ ।

ଦିବ୍ୟାମେ ଶ୍ୱେତ ଉତ୍ପଳ ମଧ୍ୟରେ ବିକ୍ରତେ
ଯାନ୍ତି ସମୁଦ୍ର କରେ
ମୋଦେ ମାନସକୁ ଅଭିନ୍ନ-ହୃଦୟା
ଜାୟା ରଖି ପାଶରେ
ଅନ୍ୟ ସ୍ଥାନେ ସରୋବରେ ମୁକୁଳିତା
ଉତ୍ପାଟିବା ନିଷେଧରେ
ଦେଖିଲେ ସାରସଲକ୍ଷ୍ମଣା ସହିତରେ
ପ୍ରିୟେ ! ପ୍ରମୋହାନ୍ତରେ ।

ଟ୍ୱିବେ ଶିବକୂଟାଦ୍ରିମ ଏ ସମସ୍ତେ
ଥିଲି ମନୋଲ୍ଲାସରେ
ଥାନ୍ତି ସଙ୍ଗତେ ମୈଥିଳୀ ପ୍ରିୟତମା
ତୋଷନ୍ତି ଦଶାସ୍ୟରେ
ରାଜେନ୍ଦ୍ରାସନରେ ଥିଲି ନିଜ ସୁଖୀ
ସୌଖ୍ୟାବଳୀ ବସ୍ତୁରେ
ଏବେ ରୁଚି ଦ୍ୟୁତି କାଞ୍ଚିତାକୁ ଜଳନ୍ତି
ଚଣ୍ଡୀବ ତେଜେ ସ୍ମରି ।

କାନ୍ତା କାନ୍ତ ମୁକୁଳ ବର୍ତ୍ତୁଳ ଉଚ୍ଚ
ସୁବର୍ଣ୍ଣ ସିଂହାସନେ
ଥାଏ ଶାନ୍ତି ପ୍ରସନ୍ନ ଭାବୁକ ଗତ
ବନ୍ଦି-ଦୂତ ଗଣରଣି
ଅଦୂରେ ନାଚେ ମୟୂର ଚନ୍ଦ୍ରିକା ଟେକି
ଡାକୁକା ଗୀତ ଗାଉନେ
ବାୟୁ କଟକ ବଂଶୀ ବାଦନ କରେ
ଢକ୍କା ବଜାନ୍ତି ଘନେ ।

ଉର୍ଦ୍ଧ୍ୱରେ ଅମ୍ବରେ ବଜାନ୍ତି ଅଧରେ
ଚେଲିକା ବାଜା ଚେକ
ପ୍ରାତେ ଗାନ୍ତି ମଧୁର ଗୀତ କହୁଳ—
ପକ୍ଷୀ ସୁବେଦିତାଳିକେ
କାନ୍ତ ଜାନୁନସ୍ଥାସନ୍ତୁ ଚିହ୍ନ ହୋଇ
ଦୁଃଖ-ବେଷ୍ଟିତ ଦ୍ୱସ୍ତଙ୍କି
ଦେହ୍ନି ମେଘକମ୍ବଳ ବସ୍ତ୍ର ଭୂପରେ
ଅଛି ଏବେ ଶୁଆଇଛି ।

ସନ୍ଧ୍ୟାକାଳେ ଜନନୀ ସମାଦର କରି
ପୂଜା କରନ୍ତି ପଦେ
ବାଛି ବାନ ଦେବଙ୍କୁ ସମସ୍ତ ସନ୍ତତି
ଶିର୍ ଧରି ବପଦେ

ବର୍ଷାକାଳର ବାଣବନ୍ଦ ନକଳ—
ଶ୍ରେଣୀକ ଉଜ୍ଜାସର
ସେହ୍ନି ବନ୍ଦି ଶିଶିର ଆଗମ ଦେଖିଲେ
ଶାସ୍ତି ହୋଇ ନାଶଇ ।

ବେଶି ଅଭ୍ର-ଲହରୀ ଶୁଭ୍ର ଦୁଲୁତ
ଉତ୍ତୁଙ୍ଗ ଅଂଗଳା
ମଧ୍ୟେ ତାର ସୁବର୍ଣ୍ଣ ଖମ୍ବ ନବକରେ
ଲମ୍ବେ ମଣିମାଳିକା
ତେ ଝୁଲୁଥାନ୍ତି ପକ୍ଷୀ ପ୍ରିୟା ସଖୀଗଣେ
ପାଏଶ ସ୍ୱସଙ୍ଗୀତର
ମଞ୍ଜୁ ମନ୍ଦ ମୃଦଙ୍ଗ ନାଦ ସଙ୍ଗତେ
ବାଇ ଝଙ୍କା ଗୀତରେ ।

ଅଛି ଘୋର ନିବିଡ଼ କାନନ ଘନ—
ଶ୍ରେଣୀ ଭେଦ ମନରେ
ନାନା ଗୁଳ୍ମଲତାବୃତ ଫଣୀ-ମଣି—
ଜାଙ୍ଗଲମାନ କନ୍ଦରେ
ହୁଏ ଘୋର ପ୍ରତିଧ୍ୱନିତ ଯହିଁରେ—
ଶାର୍ଦ୍ଦୂଳ-ହସ୍ତି-ଧ୍ୱନି
ସେଠାରେ ପ୍ରେମଦାମେ ବନ୍ଧ ହୋଇ ମୋ
ଥିଲି ଦୁଃଶୀଳାମଣି ।

( ଅସମ୍ପୂର୍ଣ୍ଣ )

## *ହିତବାଦୀର ନବ ବର୍ଷୋପଲକ୍ଷେ ଲିଖିତ

୧

ଆଜି ହିତବାଦୀର ଜନମ-ବାସର,
ଶୁଣି ତା ଜନକ-ବୃନ୍ଦ ନାଚନ୍ତି ଆନନ୍ଦ,
ରଥଯାତ୍ରା ଦିନ ଯଥା ଯାତ୍ରିକ ନିକର,
ଶ୍ରୀକ୍ଷେତ୍ରେ ନାଚନ୍ତି ହୋଇ ପ୍ରେମଗଦଗଦ ।
ହିତୈଷୀ ବାନ୍ଧବଗଣ ହିତବାଦୀର,
ଆସ ଯୋଗଦେବା ଜନ୍ମ-ବାସର ଉତ୍ସବେ,
ବସନ୍ତ ସମୟେ ଯଥା ମଳୟ ସମୀର,
ଆସି ମିଶିଯାଏ ନିଜ ସୁଖେ ତା ଗରବେ,
ଆସ ଧରି ନିଜ ନିଜ ଉପହାର ଘେନି,
କରିବା ମଙ୍ଗଳ ବିଧି ହରଷ ବଢ଼ାଇ ।

* ହିତବାଦୀ ପତ୍ରିକାର ପଞ୍ଚମ ବର୍ଷ ଆରମ୍ଭ ଉପଲକ୍ଷେ ଲିଖିତ । ସନ ୧୯୦୩ ସାଲ ।

୨

ଯେ ଜନଙ୍କୁ ଧନ୍ୟ ଜନ୍ମି ବ୍ରାହ୍ମଣ ମଣ୍ଡଳେ,
ବେଦହୀନ କଳେବରେ ବଞ୍ଚାଇ ଜୀବନ,
ଦିଶୁଅଛି ଆଜ ଶୁକ୍ଳ ଦିଗମ୍ବ ତଳରେ,
ଶାରଦୀୟ ଚନ୍ଦ୍ରମାର କୌମୁଦୀ ଯେସନ,
ଧାଣୀ କରୁ ଆସି ଏବେ ହିତକ ଦ୍ୱାରରେ
ପଡ଼ିଅଛି, ସେପରିକି ହୋଇଅଛି ଶେଷ;
ତଇଳ ଦଳବୀକ୍ର ବସନ ଦେହରେ
ନ ରଖି ଧରିଛି ରମ୍ୟ ଶୁଭ୍ର ମୁକ୍ତ ବେଶ;
ଗୁଡ଼ିଲାଣି ବାଲୋଚିତ ଖେଳ କଥାମାନ
ସାହିତ୍ୟ-ରସରେ ତାର ଲାଗିଲାଣି ଧ୍ୟାନ ।

୩

ଦେଶ ହିତ ପାଇଁ କରି ଜନମ ଗ୍ରହଣ,
ଧରିଅଛି ମାତୃଭୂମି ସେବା ମହାବ୍ରତ,
ବ୍ରତକଥା କହି କହି ଯାପିବ ଜୀବନ,
ଦେଶଭକ୍ତ ଗୁଣଗାନେ ହେବ ସଦା ରତ,
ପ୍ରଜା ପକ୍ଷ ଦେଶବନ୍ଧୁ ହେବ ରାଜଦ୍ୱାରେ
ପ୍ରଜା ସଙ୍ଗେ କରୁଥିବ ମିତ୍ର ଆଚରଣ,
ଧନୀଠାରୁ ଧନ ମାଗି ବିକାଶ ପ୍ରଚାରେ,
ଦରିଦ୍ର ଗୁଣୀଙ୍କି ଦେଇ କରିବ ପୋଷଣ,
ଆଶା ଅଛି ସୁ-ସାଧବୀ ହୋଇ ଅନାଦୃତ
ବୁଧଗଣ ସାହାଯ୍ୟରେ ହେବ ଉପକୃତ ।

୪

ଯାଉଛୁ ଅତୀତ ଯା ଯା ତୋହର ଲେଖାନାହିଁ
ଲେଖିଲେହିଁ ଆଜି କି ତୁ ହେବୁ କରାଗତ,
କିନ୍ତୁ ଯାହା ଯାହା ତବେ ଦେଇଛୁ ଶିକ୍ଷାକୁ,
ଆଜୁ ସତର୍କତା ନେଇଅଛି ଭବିଷ୍ୟତ;
ସେ ଯାଇଛି ଦୁଃଖ ତାର ଯାଇ ନାହିଁ ମନୁ,
ସୁଖଭୋଗୀ! ଦୁଃଖ ଆଜ ହୋଇ ନାହିଁ ଶେଷ,
ସୁଖ ଶେଷେ ଦୁଃଖ ସୁଖୀ ଗଣୁ ବା ନ ଗଣୁ;
ଦୁଃଖୀ କିନ୍ତୁ ପାଇଯାଇଅଛି ଉପଦେଶ,
ଦେଖାଇ ଯାଉଛୁ ଯେତେ ଯେତେ ଅନୁନୟ,
ନମୁନ୍ ଯାଉଛି ଦିନୁ ଭରିଛି ହୃଦୟ ।

୫

ସ୍ୱାଗତ ହେ ଭବିଷ୍ୟତ ସୁପ୍ରସନ୍ନ ଆସ,
ଶୁଭ୍ର ମୂର୍ତ୍ତିରେ କର ଭବେ ପଦାର୍ପଣ;
ଆମ୍ଭେମାନେ ଅଟୁଁ ତୋର ଦାସ ଅନୁଦାସ,
ଦାସବତ୍ସଳତା କର ହୃଦୟେ ପୋଷଣ,
ବିଜ୍ଞଙ୍କ ଆଦେଶ ଯାହା ଆସିଅଛୁ ଧରି,
ସେ ଜଣିବ ମନା ତୋହର ପାଳିବୁ ଅବଶ୍ୟ,
କିନ୍ତୁ "ବିଶ୍ୱ-କୃପାମୟ" ଏ କଥାକୁ ସ୍ମରି,
ଶାନ୍ତିମୟ ଶାସନରେ ସବେ କର ବଶ ।
କା' ପାଇଁ ଆଣିଛୁ ସୁଖ, କାହା ପାଇଁ ଦୁଃଖ;
କିନ୍ତୁ ସୁଖଲାଭ ଆଶେ ସମସ୍ତ ଉନ୍ମୁଖ ।

୬

ମହାମାରୀ ବସୁନ୍ଧରା ଅବିରତ ଶୋଷି,
କରାଇଛି ଭାରତକୁ ଅସ୍ଥି ଚର୍ମସାର,
ଛାଡ଼ିବୁ ନା ସେ ଦୁର୍ଭିକ୍ଷ ଲଭିଥିବୁ ପୋଷି,
ଦେଖ ଭାଇ ଭବପୁରେ ତୋର ଅଧିକାର;
ଏବେଶି ପୁଣି ଉନ୍ମାଦେ ବଳୁଛି ଜଠର
ଦୁଃଖର ଉପରେ ଦୁଃଖ ହୋଇଗଲେଣି ଲଦି,
ସହିବାକୁ ଶକ୍ତି ନାହିଁ କ୍ଷୀଣ ଭାରତର,
ଏ ଦୁଃଖ ବା ଏଥୁଁ ବଳି ଦୁଃଖ ଦେବୁ ଯଦି,
ଦୁଃଖ ଶେଷେ ସୁଖ ପରା ବିଧିର ବିଧାନ,
ଭାରତ-ଭାଗ୍ୟରେ କାହିଁ କେଉଁଅଛି ଆଜ !

୭

ଉତ୍କଳ ପାହୁଛି ନିଶା ହୋଇଛି ପ୍ରଭାତ,
ତନ୍ଦ୍ରା ମଳ ଉଠିଛନ୍ତି ଦେଶବାସୀଗଣ,
ଡାକୁଅଛି ଭବିଷ୍ୟତ ଟେକି ଲମ୍ବ ହାତ,
ଭବ-ନଭେ ଖେଳିଲଣି ଅରୁଣକିରଣ,
ନାହିଁ ତ ଅନ୍ଧାର ଆଜି ଦିଶିଲାଣି ପଥ,
ଅଶାରୂଢ଼ ବନ୍ଧୁଗଣ ହୋଇଁ ଅଗ୍ରସର,
ଶ୍ରାନ୍ତି ନ ବାଧିବ ପନ୍ଥ ମନୋହାରୀ ରଥ,
ଅଦୂରେ ପାଇବା ଲକ୍ଷ୍ମୀ ଶରଣୀ ନଗର,
ଦେଖ ଭାଇ ଆଗେ ଧାଇଁଛନ୍ତି ସାଥି ଗଣ,
ଏଥର ବଳାବ ନାହିଁ ମୁଦିବେ ନୟନ ।

# * ସ୍ତବାରମ୍ଭ

( ଶାର୍ଦ୍ଦୂଳ ବିକ୍ରୀଡ଼ିତ ବୃତ୍ତ )

ସୁର୍ଣ୍ଣମଣ୍ଡନ ହେ ଜଗତ୍ପତି ଦେବେଶ
ଭକ୍ତଙ୍କ ମୁକ୍ତି ଖଣି
ସଂସାରାର୍ଣ୍ଣବ ପାର କାରଣପଟୁ
କୈବର୍ତ୍ତଚୂଡ଼ାମଣି ।
ସାଧୁ ପାଳନ ଦୁଷ୍ଟ ନାଶକରଣେ
ସମ୍ଭୂତ ଏ ଭୂତଳେ
ତୁମ୍ଭ ଶ୍ରୀଚରଣା- ମ୍ବୁଜେ ରହୁ ସଦା
ଚଞ୍ଚଳ ମୋ ନିଶ୍ଚଳେ । ୧ ।
ଶିଖିବର୍ହଧୃତକେଶା ଗ୍ର କୋମଳ କର-
ମ୍ଭୋରୁହ ମଣ୍ଡିତ ଯେ
ତ୍ରୈଲୋକ୍ୟପାଳ ବନା- ଶୀଘ୍ର ଦୁରନ୍ତନ୍ତୀ
ସମ୍ପଦନ୍ତୁ ଜାତ ଯେ ।
ଘବନ୍ତ ନନ୍ଦି ବା- ସରେ ପ୍ରେମଭରେ
ଯେ ପାଦ ସେବାଶିଦେଲେ
ତୁମ୍ଭ ଶ୍ରୀଚରଣା- ମ୍ବୁଜେ ରହୁ ସଦା
ଚଞ୍ଚଳ ମୋ ନିଶ୍ଚଳେ । ୨ ।
ବ୍ରହ୍ମା ରୁଦ୍ର ସୁର- ବଶାଦ ବନ୍ଧୁଧେ
ଭକ୍ତିଭରେ ସାଦରେ
ଆଜ୍ଞାଧୀନ କୃତା- ଞ୍ଜଳି ହୋଇ ସଦା
ସେବନ୍ତି ଯା ପାଦରେ ।
ନତେବ୍ୟ ଶଙ୍ଖ ପତେ ତମନ୍ତ ନଗ୍ନତମ
ଚନ୍ଦ୍ରାର୍କ ଆଜ୍ଞାବହେ
ତୁମ୍ଭ ଶ୍ରୀଚରଣା- ମ୍ବୁଜେ ରହୁ ସଦା
ଚଞ୍ଚଳ ମୋ ନିଶ୍ଚଳେ । ୩ ।
ବ୍ରହ୍ମାଣ୍ଡୋଦ୍ଭବ ପାଳନାନ୍ତକର ହେ
ଆଗମ ତ୍ରିମୂର୍ତ୍ତି ଧର
ଦୁଃଖୀ-ଦୁଃଖେ ଭମିର ଦାରୁକ ଦସ୍ୟୁ-
ରବ୍ଧି ପ୍ରଦାତ୍ରୀ ହରି ।
ପଞ୍ଚୁ କଂସାରି ଶିଖଣ୍ଡ ଅବତେଜଲେ
ତୁମ୍ଭନ୍ତୁ କରୁଣା କଲେ
ତୁମ୍ଭ ଶ୍ରୀଚରଣା- ମ୍ବୁଜେ ରହୁ ସଦା
ଚଞ୍ଚଳ ମୋ ନିଶ୍ଚଳେ । ୪ ।
ଅପେ ସୂକ୍ଷ୍ମ ଅଚନ୍ତ୍ୟଗମ୍ୟ ମହିମା
ବ୍ରହ୍ମାଣ୍ଡରେ ବସ୍ତୁରେ
କୋଟି ସୂର୍ଯ୍ୟ ପ୍ରଭାସ୍ୱରୂପ ସଣାନଙ୍କ
ଇଚ୍ଛା ଜନ୍ମ ସଙ୍ଗରେ ।
ପତେ ମଗ୍ନ ମନ୍ତ୍ର ଅଗାଧ ଅକୂଳ
ମାୟା ପରସ୍ତାଂଜଳେ
ତୁମ୍ଭ ଶ୍ରୀଚରଣା- ମ୍ବୁଜେ ରହୁ ସଦା
ଚଞ୍ଚଳ ମୋ ନିଶ୍ଚଳେ । ୫ ।
ଯୋଗି ମାନସ ନେତ୍ରମମାନ ଧରଣୀ
କେଳକଣ୍ଡ ହଂସ ହେ
ଦୁଷ୍ଟାତ୍ମା ନିକର-ସ୍ତୂପ କର୍ଷଣ ନ୍ତୁଥ
ସଂହାର-ପରାୟଣ ହେ ।
ବେଦୋଦ୍ଧାରଣ କାରଣେ ମୀନରୂପେ
ସମୁଦ୍ର ଗିଳିଗଲେ
ତୁମ୍ଭ ଶ୍ରୀଚରଣା- ମ୍ବୁଜେ ରହୁ ସଦା
ଚଞ୍ଚଳ ମୋ ନିଶ୍ଚଳେ । ୬ ।
ଦାସେ ବଶଳତା ପ୍ରକାଶି ରଖ ହେ
କଣ୍ଠି ସଦା ବସ୍ତରେ
ପ୍ରହ୍ଲାଦେ ମଧବା ବିଭୂତିକ ଦେଇ
ସ୍ଥାପିଲ ଯେ ସ୍ୱର୍ଗରେ ।

* ବଙ୍କଙ୍କ ରଚିତ "ଅହଲ୍ୟାସ୍ତବ"ର ମୂଳଲେଖା ପଢ଼ିବା ପାଇଁ ପାଠକମାନଙ୍କର କୌତୂହଳ ଜାତ ହେଉଥିବାରୁ ତାହା ଏଠାରେ ଦିଆଗଲା ।

ସ୍ତମ୍ଭ କମ୍ପ ହେଲେ ହିରଣ୍ୟ କଶିପୁ
ଧ୍ୱଂସିଲ ବାହୁବଳେ
ତୁମ୍ଭ ଶ୍ରୀଚରଣ- ମୁକୁଳ ରହୁ ସଦା
ଚଞ୍ଚଳ ମୋ ନଶ୍ବରେ । ୭ ।

ଶ୍ରୀବକ୍ଷ ଉଦରେ ମହାଫଣି-ଫଣା
ମୌକ୍ତିକ ମଣ୍ଡିତରେ ।
ଶୋଭେ ତୁମ୍ଭ ନୟନ ଶରଦ ଚନ୍ଦ୍ର
କୌସ୍ତୁଭ ଭୂଷିତରେ
ମୁକ୍ତ ପୀୟୂଷ ବର୍ଷଇ ଅଧରରେ
ଅବାସ ନିର୍ଯ୍ୟାସରେ
ତୁମ୍ଭ ଶ୍ରୀଚରଣ- ମୁକୁଳ ରହୁ ସଦା
ଚଞ୍ଚଳ ମୋ ନଶ୍ବରେ । ୮ ।

କମ୍ବୁ ଚକ୍ର ଗଦାବ୍ଜ ଶୋଭଇ କରେ
ଚର୍ଚ୍ଚିତ ଅଙ୍ଗରେ
ବାଗ୍‌ଦେବୀ ରମଣୀସ୍ତ ଦେଶରେ ବସି
ଗାଏରେ ସଦାପାଶ୍ୱରେ ।
ତୋଷନ୍ତି ଶ୍ରୁତିକି ମଧୁ ସ୍ୱର ଝଙ୍କା
ବାଇ ସକୌତୁକରେ
ତୁମ୍ଭ ଶ୍ରୀଚରଣ- ମୁକୁଳ ରହୁ ସଦା
ଚଞ୍ଚଳ ମୋ ନଶ୍ବରେ । ୯ ।

ମାଧୁରୀମୟ ନୟନ ମେଘ ପଟଳୀ
ସଦ୍ଭୂତ ବିଦ୍ୟୁତରେ ।
ଚାରୁଚନ୍ଦ୍ର ଶଳନଖି ସୁରୁଚିର ତନୁ
ସୁଶ୍ରୀଭ ପୀତାମ୍ବରେ
ସୁରୁ ଅଙ୍ଗ ସୁବାସ- ରାଶି ବହନ୍ତି
ଆମୋଦ ଦିଗ ମଣ୍ଡଳେ
ତୁମ୍ଭ ଶ୍ରୀଚରଣ- ମୁକୁଳ ରହୁ ସଦା
ଚଞ୍ଚଳ ମୋ ନଶ୍ବରେ । ୧୦ ।

ଅନ୍ତର୍ଯ୍ୟାମୀ ଅନନ୍ତ ରୂପ ଗୁଣବାନ୍
ବ୍ୟାପିଛ ସଂସାରରେ
ସ୍ଥିତ ସର୍ବ ଦେହେ ସମାନ ରୂପରେ
ଚମ୍ପୂର ଅଦୃଶ୍ୟରେ ।
ଦେଖନ୍ତି ତବ ରୂପ ଜ୍ଞାନ-ନୟନେ
ଜ୍ଞାନୀ ସମାଧି ବଳେ
ତୁମ୍ଭ ଶ୍ରୀଚରଣ- ମୁକୁଳ ରହୁ ସଦା
ଚଞ୍ଚଳ ମୋ ନଶ୍ବରେ । ୧୧ ।

ଶାନ୍ତ ମୂର୍ତ୍ତି ମହା- ମହିମ ଭଗବାନ୍
ଆସିଲ ମୋ ଘରଂରେ
ମନୁଷ୍ୟାଚରଣେ ନୃପାତ୍ମଜ ରୂପେ
ଜନ୍ମି ମହୀତଳରେ ।
ପାପିତାବନ ଦୁରନ୍ତକ ରଖିଲ
ଏତଜ୍ଜଗନ୍ମଣ୍ଡଳେ
ତୁମ୍ଭ ଶ୍ରୀଚରଣ- ମୁକୁଳ ରହୁ ସଦା
ଚଞ୍ଚଳ ମୋ ନଶ୍ବରେ । ୧୨ ।

କୌଶଲ୍ୟା ଉଦରାବ୍ଧି ଜାତ ଧରଣୀ
ଅହ୍ଲାଦ ଚାନ୍ଦ୍ରପତି
ଲୋକେକନେତ୍ରଚକୋର ତୋଷଣପଟୁ
ଶାନ୍ତ ମୃଦୁ ମୂରତି ।
ଶୋଭିକର୍ଣ୍ଣ ବୃହସ୍କନ୍ଧ କବଚବନ୍ତ
ସ୍ୱର୍ଣ୍ଣ ପ୍ରଭ କୁଣ୍ଡଳେ ।
ତୁମ୍ଭ ଶ୍ରୀଚରଣ- ମୁକୁଳ ରହୁ ସଦା
ଚଞ୍ଚଳ ମୋ ନଶ୍ବରେ । ୧୩ ।

କୋଟି କାମ ଜିତ ସୁନ୍ଦର ତନୁ
କୋଦଣ୍ଡ ରାଜେ କରେ
ଶୋଭା କର୍ପୂର- ରକ୍ତ-ଚନ୍ଦନଲୁପ୍ତ ପ୍ରଚ-
ଣ୍ଡାଶୁଗ ଦକ୍ଷିଣରେ ।
ପାଳୀତ କ୍ଷତ୍ରିୟ ଧର୍ମ ଜଗଦ୍‌ଧର
ସମ୍ଭୂତ ଭୂମଣ୍ଡଳେ
ତୁମ୍ଭ ଶ୍ରୀଚରଣ- ମୁକୁଳ ରହୁ ସଦା
ଚଞ୍ଚଳ ମୋ ନଶ୍ବରେ । ୧୪ ।

ଧନ୍ୟା ଭାଗ୍ୟବତୀ ଏ କାଶ୍ୟପୀ ପୁଣି
ଧନ୍ୟା ଅଯୋଧ୍ୟାପୁରୀ
ବୈକୁଣ୍ଠାଶ୍ରମ ଶୋଭାରାଶି ଦେଖୁ
ହେଉଛି ଜଗଲକ୍ଷ୍ମୀ ଜିଣି
ପା ରେଣୁ ଶିର- ମଣ୍ଡନାର୍ଥ ସତତେ
ବୃନ୍ଦାରକ ଆଖଣ୍ଡଳେ
ତୁମ୍ଭ ଶ୍ରୀଚରଣ- ମୁକୁଳ ରହୁ ସଦା
ଚଞ୍ଚଳ ମୋ ନଶ୍ବରେ । ୧୫ ।

ଧନ୍ୟ କୋଶଳ- ରାଜପୁତ୍ରୀ ଶ୍ରୀମନ୍ତ
ନିତ୍ୟ ଧରନ୍ତି କୋଳରେ
ରାଜେନ୍ଦ୍ର ଅଜ ସୁତ ସ୍ୱପ୍ନେ ଦେଖି
ଆନନ୍ଦ କରନ୍ତି ଅନ୍ତରେ ।
ତୁମ୍ଭଙ୍କୁ ଲଭିଲେ କୁମାର ରୂପରେ
ତପସ୍ୟା ତପସ୍ୟା ଫଳେ
ତୁମ୍ଭ ଶ୍ରୀଚରଣ- ମୁଁ ତେଜ ରହୁ ସଦା
ଭକ୍ତିକି ମୋ ନିଶ୍ଚଳେ । ୧୬ ।

ଇନ୍ଦ୍ର ପୀରତ୍ତି ଦେଖି କୋପନପୁରେ
ସ୍ୱାମୀ କଲେ ଦୂଷିତା
ପାଷାଣୀ ହୋଇ ଏ କାନନେ ଥିଲା
ଶାପେ ହୋଇ ରାଗିତା ।
ପାଇଲା ନିଜ ମୂରତି ଦେଖିଲା
ପାଇ ସଙ୍ଗତି ବଳେ
ତୁମ୍ଭ ଶ୍ରୀଚରଣ- ମୁଁ ତେଜ ରହୁ ସଦା
ଭକ୍ତିକି ମୋ ନିଶ୍ଚଳେ । ୧୭ ।

ବ୍ରହ୍ମା ବାଞ୍ଛିଇ ଯେ ପଦାଙ୍କ ଧୂଳିକି
ଦୁର୍ଲଭ୍ୟ ଯୋଗିଜନେ
ରୁଦ୍ର ଶୋଭିତ ସାଗରେ ନିତ ଶଶି-
ଭୂଷା ଶିରେ ମଣ୍ଡନେ ।
ସାକ୍ଷାତ୍ ସେ ପଦଧୂଳିକି ମୁଁ ଲଭିଲି
ସ୍ୱାମୀ କରୁଣା ଫଳେ
ତୁମ୍ଭ ଶ୍ରୀଚରଣ- ମୁଁ ତେଜ ରହୁ ସଦା
ଭକ୍ତିକି ମୋ ନିଶ୍ଚଳେ । ୧୮ ।

ପ୍ରତ୍ୟକ୍ଷ ସୁରକଳ୍ପ ପାଦପ ପ୍ରଭୁ
ଦଣ୍ଡାୟମାନ ଅଗରେ
ଉଦ୍ଭାସିତ ହେଉଛି ଦର୍ଶନ କରି
ହର୍ଷେ ସୁଧା-ସାଗରେ ।

ଦେଖାଇ ଜନ୍ମ କୃତାର୍ଥ- ରଶ୍ମି ଭୂଷିତ
ପ୍ରଭୂଷଣ ଦୂରେ ଗଲେ
ତୁମ୍ଭ ଶ୍ରୀଚରଣ- ମୁଁ ତେଜ ରହୁ ସଦା
ଭକ୍ତିକି ମୋ ନିଶ୍ଚଳେ । ୧୯ ।

ହେ ଦୀନ ରଘୁବଂଶ ତିଳକ ମଣ୍ଡ-
ରାଜେନ୍ଦ୍ର ଚୂଡ଼ାମଣି
ହେ ଆମ୍ଭ କୃପା-ବୃଷ୍ଟିର ହେ ଜଗତ୍-
ବନ୍ଧ୍ୟାଭ ବୀର୍ଯ୍ୟରାଶି
ଆଶ୍ରୁ ଦଗ୍ଧ ହେବେ ନିଶାଚରଗଣେ
ଭର୍ତ୍ତୀଷଣ ସାଗରେ
ତୁମ୍ଭ ଶ୍ରୀଚରଣ- ମୁଁ ତେଜ ରହୁ ସଦା
ଭକ୍ତିକି ମୋ ନିଶ୍ଚଳେ । ୨୦ ।

ବାଲ୍ମୀକି କହିଲେ ଅଶେଷ ବଦନେ
ମାହାତ୍ମ୍ୟ ଯା ନ ସରେ
ବର୍ଣ୍ଣି ପାରିବି କି ଅବୋଧ ଯୁବତୀ
ସାମାନ୍ୟ ମୋ ଭାଷରେ ।
ଯେମା ହେଉ ମୋ ଜୀବନ୍ତ ସଦସୂତର
ଶ୍ରୀପଦକୋଟି ତଳେ
ତୁମ୍ଭ ଶ୍ରୀଚରଣ- ମୁଁ ତେଜ ରହୁ ସଦା
ଭକ୍ତିକି ମୋ ନିଶ୍ଚଳେ । ୨୧ ।

ସଦ୍ଗୁଣୀ ଜଗଦାନ୍ଦ- କନ୍ଦ ଶ୍ରୀପତି
ପୁଣ୍ଡରୀକାକ୍ଷ ହେ
ସାଧୁ ଗୋ ଦ୍ୱିଜ ଗଣ ଆର୍ତ୍ତିହର ହେ
ମୁକ୍ତି ମହାବୃକ୍ଷ ହେ ।
ପୁଣି ବର ଲଭନ୍ତି ଜୀବ ପତିତ
ଭକ୍ତି କରି ନିର୍ମଳେ
ତୁମ୍ଭ ଶ୍ରୀଚରଣ- ମୁଁ ତେଜ ରହୁ ସଦା
ଭକ୍ତିକି ମୋ ନିଶ୍ଚଳେ । ୨୨ ।

ମୁଦ୍ରାକର .

ଶ୍ରୀ ଉଦୟନାଥ ଷଡ଼ଙ୍ଗୀ

ସତ୍ୟବାଦୀ ପ୍ରେସ

କଟକ—୧

୧୯୭୨